# ବ୍ୟାକରଣଦର୍ପଣ

(ଯୁକ୍ତ ଦୁଇ ଶ୍ରେଣୀର ଆଧୁନିକ ଭାରତୀୟ ଭାଷା ଏବଂ
ଇଚ୍ଛାଧୀନ ସଂସ୍କୃତ ଶିକ୍ଷାର୍ଥୀଙ୍କ ନିମନ୍ତେ ଉଚ୍ଚ ମାଧ୍ୟମିକ
ଶିକ୍ଷା ପରିଷଦଙ୍କ ଦ୍ୱାରା ୨୦୧୨ ଏବଂ ପରବର୍ତ୍ତୀ
ପରୀକ୍ଷା ନିମନ୍ତେ ସ୍ୱୀକୃତ)


<u>ଲେଖକମଣ୍ଡଳୀ</u>

ପ୍ରଫେସର ଡକ୍ଟର ଗୋପାଳ କୃଷ୍ଣ ଦାଶ - ଅଧ୍ୟକ୍ଷ

ଡକ୍ଟର (ଶ୍ରୀମତୀ) କାଦମ୍ବିନୀ ଦାଶ

ଡକ୍ଟର ନିର୍ମଳ ସୁନ୍ଦର ମିଶ୍ର

ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର



ପ୍ରକାଶକ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ
ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର

# ବ୍ୟାକରଣ ଦର୍ପଣ




ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା,
ଭୁବନେଶ୍ୱର

# ବ୍ୟାକରଣଦର୍ପଣ

(ଯୁକ୍ତ ଦୁଇ ଶ୍ରେଣୀର ଆଧୁନିକ ଭାରତୀୟ ଭାଷା ଏବଂ ଇଚ୍ଛାଧୀନ ସଂସ୍କୃତ ଶିକ୍ଷାର୍ଥୀଙ୍କ ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ୨୦୧୨ ଏବଂ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ସ୍ୱୀକୃତ)


ଲେଖକମଣ୍ଡଳୀ

ପ୍ରଫେସର ଡକ୍ଟର ଗୋପାଳ କୃଷ୍ଣ ଦାଶ - ଅଧ୍ୟକ୍ଷ

ଡକ୍ଟର (ଶ୍ରୀମତୀ) କାଦମ୍ବିନୀ ଦାଶ

ଡକ୍ଟର ନିର୍ମଳ ସୁନ୍ଦର ମିଶ୍ର

ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର



ପ୍ରକାଶକ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ
ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର

# VYĀKARAṆADARPAṆA

**BOARD OF WRITERS**

Prof. Dr Gopal Krishna Dash, **Reviewer and Chairman**.
Professor (Retd.)P.G. Deptt. of Sanskrit, Utkal University.

**Members**

Dr. Smt. Kadambini Dash, Reader in Sanskrit,
S. B. Women's College, Cuttack
Dr. Nirmal Sundar Mishra, Reader in Sanskrit,
S.V.M. Auto. College, Jagatsinghpur
Sri Gopal Prasad Mohapatra, Lecturer in Sanskrit,
Ekamra College, Bhubaneswar

*Published by*
**Odisha State Bureau of Textbook Preparation and Production**, Pustak Bhavan, Bhubaneswar, Odisha, India
First Edition : 2008 / 5000 Copies
Revised & Enlarged Edition : 2013 / 5000 Copies
Reprint : 2017/5000 Copies

Publication No : 65
ISBN 81 - 8005 - 192 - 7
© Reserved by **The Odisha State Bureau of Textbook Preparation and Production, Bhubaneswar.**
No part of this publication may be reproduced in any form without the prior written permission of the Publisher.
Type Setting & Design by : M/s SAI DTP CENTRE, BBSR
Printed at : Jagannath Process (P) Ltd, Cuttack
Price : Rs. 82.00 (Rupees Eighty two only)

# ମୁଖବନ୍ଧ

ଭାରତ ଓ ବିଦେଶରେ ସଂସ୍କୃତର ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ପ୍ରଚଳିତ । ଓଡ଼ିଶାରେ ସଂସ୍କୃତର ଅଧ୍ୟୟନ ପ୍ରତି ବିଶେଷ ଆଦର ରହିଛି . ରାଜ୍ୟର ଉଚ୍ଚମାଧ୍ୟମିକ ସ୍ତରରେ +୨ ପାଠ୍ୟକ୍ରମରେ ଆଧୁନିକ ଭାରତୀୟ ଭାଷା ତଥା ଐଚ୍ଛିକବିଷୟ ଭାବେ ସଂସ୍କୃତର ପ୍ରଚଳନ ମହତ୍ତ୍ୱପୂର୍ଣ୍ଣ । ବିଦ୍ୟାର୍ଥୀ ମାନଙ୍କର ଆବଶ୍ୟକତା ପୂରଣ ନିମିତ୍ତ ଏକ ଉପାଦେୟ ବ୍ୟାକରଣ ପୁସ୍ତକର ଅଭାବ ଅନୁଭୂତ ହେଉଥିଲା । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅନୁମୋଦନ କ୍ରମେ 'ବ୍ୟାକରଣ ଦର୍ପଣ' ଅଭିଜ୍ଞ ଲେଖକ ଓ ସମ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଓଡ଼ିଶା ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରେରଣାରେ ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା ଏହି ପୁସ୍ତକ ପ୍ରକାଶନର ଗୁରୁଦାୟିତ୍ୱ ବହନ କରିଛି ।

ଏଥି ନିମିତ୍ତ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର କର୍ତ୍ତୃପକ୍ଷଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଅଛୁ । ଅଭିଜ୍ଞ ଲେଖକ ଓ ସମ୍ପାଦକ ମଣ୍ଡଳୀଙ୍କର ନିଷ୍ଠାପର ଉଦ୍ୟମ ଫଳରେ 'ବ୍ୟାକରଣ ଦର୍ପଣ'ର ନବୀନ ସଂସ୍କରଣ ପାଠକମାନଙ୍କ ନିକଟରେ ଉପସ୍ଥାପିତ । ସେଥିପାଇଁ ସେମାନଙ୍କୁ ସାଧୁବାଦ ଜଣାଉଛୁ ।

ଏହି ପୁସ୍ତକର ପ୍ରଚାର ଓ ପ୍ରସାର ହେବ ବୋଲି ଆଶାକରୁ ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ
ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ,
ଭୁବନେଶ୍ୱର

# ପ୍ରସ୍ତାବନା

ମୁଖଂ ବ୍ୟାକରଣଂ ସ୍ମୃତମ୍ । ଯେଉଁ ଭାଷା ଓ ବାଙ୍ମୟ ଯେତିକି ବିଶାଳ ଓ ବିଜ୍ଞାନ ସମ୍ମତ, ତାର ପ୍ରବାହ ସେତିକି ନିରନ୍ତର ଓ ନିରବଚ୍ଛିନ୍ନ । ସଂସ୍କୃତ ଭାଷା ବିଶ୍ୱରେ ତଥା ଭାରତ ବର୍ଷରେ ପ୍ରଚଳିତ ବହୁ ଭାଷାର ଏକ ବରିଷ୍ଠ ଉତ୍ସ । ତତ୍ସମ ଓ ତଦ୍ଭବ ଶବ୍ଦରାଶିର ବହୁଳ ପ୍ରୟୋଗ ତଥା ବହୁବିଧ ବିକାର ସଂସ୍କୃତକୁ ବିଶ୍ୱଭାଷାର ମର୍ଯ୍ୟାଦା ଦେଇଛି । ସଂସ୍କୃତ ଶବ୍ଦରାଶି ନାମ, ଆଖ୍ୟାତ, ନିପାତ ଓ ଉପସର୍ଗ କୁ ନେଇ ନିଜର ପରିଚୟ ପ୍ରତିଷ୍ଠା କରିଛି । ସୁବନ୍ତ ଓ ତିଙନ୍ତ ତଥା ଉଭୟ ସହ ସଂଯୋଜିତ ନିପାତ, ପ୍ରତ୍ୟୟ, ଆଗମ ଓ ବିକରଣ ସୁବ୍ୟବସ୍ଥିତ ଶବ୍ଦରାଶିକୁ ଏକ ସାଧୁରୂପ ପ୍ରଦାନ କରେ । ଭାଷାର ଐତିହାସିକ ଓ ତାତ୍ତ୍ୱିକ ସମ୍ବନ୍ଧ ବ୍ୟାକରଣ ସହିତ ଓତପ୍ରୋତ । ବ୍ୟାକରଣ ଅଧ୍ୟୟନ ଭାଷା ଅଧ୍ୟୟନର ଅନିବାର୍ଯ୍ୟ ଅଙ୍ଗ । ବ୍ୟାକରଣ ଭାଷା ନିର୍ମାଣ କରେ ନାହିଁ ବରଂ ଭାଷାର ସାଧୁତା ପ୍ରତିପାଦନ କରି ଅପଶବ୍ଦଠାରୁ ଭାଷାକୁ ଦୂରେଇ ରଖି ତା'ର ସଂସ୍କୃତ ରୂପ ଅବିକଳ ରଖିଥାଏ । ବ୍ୟାକରଣ ଭାଷାର ନିୟାମକ ନହୋଇ ଭାଷାର ସାବଲୀଳ ପ୍ରବାହକୁ ଏକ ମର୍ଯ୍ୟାଦା ଭିତରେ ବାନ୍ଧି ରଖେ ।

ସଂସ୍କୃତର ପ୍ରଭାବ ଓ ପ୍ରତିଷ୍ଠା ବିଷୟରେ ମହର୍ଷିମାନଙ୍କ ଠାରୁ ଆରମ୍ଭ କରି ଆଜିର ଗବେଷକମାନେ ପ୍ରଶସ୍ତିଗାନ କରିଛନ୍ତି । ବାକ୍ୟ ରଚନା ପ୍ରଣାଳୀରେ 'ଉଦ୍ଦେଶ୍ୟ ଓ ବିଧେୟ' ଏହି ବନ୍ଧନରୁ ସଂସ୍କୃତ ବହୁ ପରିମାଣରେ ମୁକ୍ତ । ରାମଃ ଗୃହଂ ଗଚ୍ଛତି । ଏହି ପଦମାନଙ୍କ ସ୍ଥିତି ପରିବର୍ତ୍ତନ କଲେ ମଧ୍ୟ ଅର୍ଥର ପରିବର୍ତ୍ତନ ହୁଏ ନାହିଁ । ସଂସ୍କୃତରେ କର୍ତ୍ତା, କ୍ରିୟା ଓ ବିଧେୟାଂଶ - ଏମାନଙ୍କର ଅର୍ଥଗତ ସମ୍ବନ୍ଧ ବାକ୍ୟରେ ଶବ୍ଦମାନଙ୍କର ପ୍ରସଙ୍ଗବଶ ଅନ୍ୱୟରୁ ଜଣାପଡ଼େ । ସଂସ୍କୃତର ଏହି ବୈଜ୍ଞାନିକତା ହିଁ ସଂସ୍କୃତକୁ ଅମର କରି ରଖିଛି ।

ଆରୋହକ୍ରମ ତଥା ଅବରୋହ କ୍ରମରେ ବହୁ ବ୍ୟାକରଣ ଗ୍ରନ୍ଥ ରଚିତ ହୋଇଛି । କେଉଁଠାରେ ବାକ୍ୟରେ ବିଶ୍ଳେଷଣ କରି ବର୍ଣ୍ଣ ସମାମ୍ନାୟକୁ ଚିହ୍ନିବାର ବ୍ୟବସ୍ଥା ହୋଇଛି ତ କେଉଁଠାରେ ବର୍ଣ୍ଣଠାରୁ ଆରମ୍ଭ କରି ପଦ-ବ୍ୟୁତ୍ପତ୍ତି ଦର୍ଶାଇ ବାକ୍ୟ ରଚନାର ବ୍ୟବସ୍ଥା କରାଯାଇଛି । ଅଷ୍ଟାଧ୍ୟାୟୀ- ତଥା ପ୍ରକ୍ରିୟାକ୍ରମରେ ବହୁ ପ୍ରସିଦ୍ଧ ଓ ବିଶାଳ ବ୍ୟାକରଣ ଗ୍ରନ୍ଥ ଥିଲେ ମଧ୍ୟ ବ୍ୟାକରଣ ମହୋଦଧିର ମନ୍ଥନର ଅମୃତଦୋହ ଏବେ ବି ଅସମାପ୍ତ । ପରୀକ୍ଷା ଓ ନିରୀକ୍ଷା ମଧ୍ୟରେ ସଂସ୍କୃତକୁ ଲୋକପ୍ରିୟ କରିବାପାଇଁ ବହୁ ମନୀଷୀ ସାଧନା ବଳରେ ଉପାଦେୟ ବ୍ୟାକରଣ ଗ୍ରନ୍ଥ ରଚନା କରିଛନ୍ତି । ଏହି ସବୁ ଗ୍ରନ୍ଥ ସ୍ୱ ସ୍ୱ ନବୀନ ବିମର୍ଶଦ୍ୱାରା ମହୀୟାନ୍ ।

ଓଡ଼ିଶା ରାଜ୍ୟରେ ଉଚ୍ଚମାଧ୍ୟମିକ +୨ ସ୍ତରରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପଦ୍ଧତିରେ ସଂସ୍କୃତ ଆଧୁନିକ ଭାରତୀୟ ଭାଷା ରୂପେ ସ୍ୱୀକୃତ । ଭାରତୀୟ ସଂବିଧାନର ଅଷ୍ଟମ ଅନୁଚ୍ଛେଦ ଅନୁସାରେ ଆଧୁନିକ ଭାରତୀୟ ଭାଷାବର୍ଗରେ ଏହା ମର୍ଯ୍ୟାଦା ଲାଭ କରିଅଛି । କଳା ଓ ବିଜ୍ଞାନରେ ଐଚ୍ଛିକ ବିଷୟ ରୂପରେ ଏହାର ସ୍ୱୀକୃତି ଅଭିନନ୍ଦନୀୟ । ଏ ଦିଗରେ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦର କର୍ତ୍ତୃପକ୍ଷଙ୍କର ଅନୁକୂଳ ପ୍ରୟାସ ଅବିସ୍ମରଣୀୟ । ଜାତୀୟ ପାଠ୍ୟକ୍ରମ ପରିକଳ୍ପନା - ୨୦୦୫ ରେ ପ୍ରଦତ୍ତ ମାର୍ଗ ଦର୍ଶନ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି । ଭାଷାର ବ୍ୟାବହାରିକତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ବ୍ୟାବହାରିକ ଭାଷାର ଉପାଦେୟତା ଉପଲବ୍ଧି କରାଯାଇ ଅନେକ ନୂତନ ବିଷୟ ଉପରେ ଆଲୋକପାତ କରାଯାଇଛି । ଏହା ପାଠକମାନଙ୍କର ଜିଜ୍ଞାସା ବଢ଼ାଇବାରେ ସାହାଯ୍ୟ କରିବ । ଭାଷା ଓ ସାହିତ୍ୟର ଉପାଦେୟ ତତ୍ତ୍ୱକୁ ନେଇ ଏହି ଗ୍ରନ୍ଥଟି ରଚିତ । ଏହା ଯଥାର୍ଥରେ ଦର୍ପଣ ପରି କାର୍ଯ୍ୟ କରିବ ବୋଲି ଆଶାକରି ଏହାର ନାମ 'ବ୍ୟାକରଣଦର୍ପଣ' ରଖାଯାଇଛି । ଛାତ୍ରଛାତ୍ରୀଙ୍କର ବୟସ, ତାଙ୍କର ଗ୍ରାହିକାଶକ୍ତି ଓ ଶିକ୍ଷଣୀୟତା ବିଷୟକୁ ଧ୍ୟାନରେ ରଖି ବ୍ୟାକରଣ ଗ୍ରନ୍ଥ ରଚିତ ହୋଇଛି ।

ସୂତ୍ରସହ ତାର ବିବରଣ, ପ୍ରଚଳିତ ଉଦାହରଣ ଓ ଜିଜ୍ଞାସାମୂଳକ ଅନୁଶୀଳନୀର ସମାବେଶ ଏହି ପୁସ୍ତକର କଳେବର ମଣ୍ଡନ କରିଛି । ଏହା ସର୍ବଶେଷ ଓ ସର୍ବଶ୍ରେଷ୍ଠ କୃତି ବୋଲି କହିବାର ଧୃଷ୍ଟତା ପ୍ରକାଶ କରୁନାହୁଁ । କିନ୍ତୁ ଏହି ପ୍ରୟାସକୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଏକ ପୃଥକ୍ ପଦଚିହ୍ନ ବୋଲି ଗ୍ରହଣ କଲେ ଶ୍ରମ ସାର୍ଥକ ମଣିବୁ ।

ଏହି ପୁସ୍ତକର ପ୍ରଥମ ସଂସ୍କରଣରେ ଶ୍ରମଦାନ ପୂର୍ବକ ଯେଉଁ ବିଦ୍ୱାନ ବୃନ୍ଦ ଏହାକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ପ୍ରତି ଆମେ କୃତଜ୍ଞତା ପ୍ରକଟ କରୁଅଛୁ । ସେମାନେ ହେଲେ ଡକ୍ଟର (ଶ୍ରୀମତୀ) ଶୈଳବାଳା ସେନାପତି, ଡକ୍ଟର ଦୀନବନ୍ଧୁ କର, ଡକ୍ଟର (ଶ୍ରୀମତୀ) କନକଲତା ଦେବୀ, ଡକ୍ଟର କ୍ଷିତୀଶ୍ୱର ଦାଶ, ଡକ୍ଟର କମଳ ଲୋଚନ କର, ଡକ୍ଟର ପତିତ ପାବନ ବାନାର୍ଜୀ ଏବଂ ଡକ୍ଟର (ଶ୍ରୀମତୀ) ମଞ୍ଜୁଶ୍ରୀ ତ୍ରିପାଠୀ ।

ନବୀନସଂସ୍କରଣରେ ଅଶୁଦ୍ଧି ସଂଶୋଧନ କରାଯାଇ ଛାତ୍ରୋପଯୋଗୀ ପ୍ରଶ୍ନାବଳୀ ସମେତ ଅନେକ ସୂତ୍ର ଓ ନବୀନ ବିଷୟ ପ୍ରଦତ୍ତ ।

ଏଦିଗରେ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରକାଶନ ଓ ପ୍ରଣୟନ ସଂସ୍ଥା କର୍ତ୍ତୃପକ୍ଷ ଅନୁକୂଳ ପଦକ୍ଷେପ ନେଇଥିବା ହେତୁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ ।

**ଲେଖକମଣ୍ଡଳୀ**

## ସଙ୍କେତ ସୂଚୀ

ଅଭି. - କାଳିଦାସ ବିରଚିତ ଅଭିଜ୍ଞାନଶାକୁନ୍ତଳମ୍

କୁମାର. - କାଳିଦାସ ବିରଚିତ କୁମାରସମ୍ଭବମ୍

ପା. - ପାଣିନି ବିରଚିତ ଅଷ୍ଟାଧ୍ୟାୟୀ

ମେଘ. - କାଳିଦାସ ବିରଚିତ ମେଘଦୂତମ୍

ରଘୁ. - କାଳିଦାସ ବିରଚିତ ରଘୁବଂଶମ୍

ବା. - କାତ୍ୟାୟନଙ୍କ ରଚିତ ବାର୍ତ୍ତିକ

ବିକ୍ର. - କାଳିଦାସ ବିରଚିତ ବିକ୍ରମୋର୍ବଶୀୟମ୍

ଶିଶୁ. - ମାଘ ବିରଚିତ ଶିଶୁପାଳବଧମ୍

# ସୂଚୀପତ୍ର


| କ୍ରମାଙ୍କ | ବିଷୟ | ପୃଷ୍ଠା |
|---|---|---|
| ୧. | ଭୂମିକା | ୧-୧୨ |
| ୨. | ବର୍ଣ୍ଣ ପ୍ରକରଣ | ୧୩-୨୪ |
| ୩. | ସନ୍ଧି ପ୍ରକରଣ | ୨୫-୬୦ |
| ୪. | ଅବ୍ୟୟ ପ୍ରକରଣ<br>(ଅବ୍ୟୟ, ଉପସର୍ଗ ଓ ନିପାତ) | ୬୧-୯୮ |
| ୫. | ଷତ୍ୱବିଧି ଓ ଣତ୍ୱବିଧି | ୯୯-୧୦୬ |
| ୬. | ବିଶେଷ୍ୟ - ବିଶେଷଣ | ୧୦୭-୧୧୨ |
| ୭. | ସୁବନ୍ତ ପ୍ରକରଣ | ୧୧୩-୧୭୮ |
| ୮. | ତିଙନ୍ତ ପ୍ରକରଣ | ୧୭୯-୨୬୦ |
| ୯. | ଣିଜନ୍ତ ପ୍ରକରଣ | ୨୬୧-୨୮୧ |
| ୧୦. | ସନନ୍ତ ପ୍ରକରଣ | ୨୮୨-୨୯୧ |
| ୧୧. | ଯଙନ୍ତ ପ୍ରକରଣ | ୨୯୨-୨୯୬ |
| ୧୨. | ଯଙ୍‌ଲୁଗନ୍ତ ଧାତୁ ପ୍ରକରଣ | ୨୯୭-୩୦୩ |
| ୧୩. | ନାମଧାତୁ ପ୍ରକରଣ | ୩୦୪-୩୧୦ |
| ୧୪. | ପରସ୍ମୈପଦ ଓ ଆତ୍ମନେପଦ ପ୍ରକ୍ରିୟା | ୩୧୧-୩୧୮ |
| ୧୫. | କୃଦନ୍ତ ପ୍ରକରଣ | ୩୧୯-୩୬୦ |
| ୧୬. | କାରକ ଓ ବିଭକ୍ତି ପ୍ରକରଣ | ୩୬୧-୪୦୮ |
| ୧୭. | ସମାସ ପ୍ରକରଣ | ୪୦୯-୪୬୮ |

| କ୍ରମାଙ୍କ | ବିଷୟ | ପୃଷ୍ଠା |
|---|---|---|
| ୧୮. | ତଦ୍ଧିତ ପ୍ରକରଣ | ୪୬୯-୪୮୪ |
| ୧୯. | ସ୍ତ୍ରୀ-ପ୍ରତ୍ୟୟ ପ୍ରକରଣ | ୪୮୫-୫୩୬ |
| ୨୦. | ଲିଙ୍ଗାନୁଶାସନ ଓ ବଚନ ପ୍ରକରଣ | ୫୩୭-୫୫୪ |
| ୨୧. | ବାଚ୍ୟ ପ୍ରକରଣ | ୫୫୫-୫୬୬ |
| ୨୨. | ସରଳ ଅନୁବାଦ ପ୍ରକ୍ରିୟା | ୫୬୭ -୫୭୨ |
| ୨୩. | ବ୍ୟାବହାରିକ ସଂସ୍କୃତ ପ୍ରକରଣ | ୫୭୩-୬୦୨ |
| ୨୪. | ଚିହ୍ନପ୍ରୟୋଗ ପ୍ରକରଣ | ୬୦୩-୬୨୮ |
| ୨୫. | ପତ୍ରଲିଖନ | ୬୨୯-୬୫୩ |
| ୨୬. | ଅନୁଚ୍ଛେଦ ସଂକ୍ଷିପ୍ତିକା | ୬୫୪-୬୬୦ |
| ୨୭. | ରୂଢ଼ିପ୍ରୟୋଗ ବା ଲୋକୋକ୍ତି | ୬୬୧-୬୭୨ |
| ୨୮. | ଛନ୍ଦଃ ପ୍ରକରଣ | ୬୭୩-୬୮୬ |
| ୨୯. | ଅଳଙ୍କାର ପ୍ରକରଣ | ୬୮୭-୭୦୦ |
| ୩୦. | ଅର୍ଥଗତ ପାର୍ଥକ୍ୟ | ୭୦୧-୭୧୮ |
| ୩୧. | ଶୁଦ୍ଧି ଅଶୁଦ୍ଧି ପ୍ରକରଣ | ୭୧୯-୭୩୦ |
| ୩୨. | ଧାତୁକୋଷ | ୭୩୧-୭୫୮ |


***

# ୧ - ଭୂମିକା

ଭାରତ ଓ ସଂସ୍କୃତର ସମ୍ବନ୍ଧ ନିରୂପଣ କରିବାକୁ ଐତିହାସିକଗଣ ବହୁ ଆୟାସସାଧ୍ୟ ପ୍ରୟାସ କରିଛନ୍ତି । ବିଶ୍ୱର ଭୌଗୋଳିକସ୍ଥିତିରେ ଭାରତବର୍ଷର ଅସ୍ତିତ୍ୱ ଯେପରି ପ୍ରାଚୀନ ସେପରି ମନୁଷ୍ୟର 'ବାକ୍'ର ସଂସ୍କୃତ ରୂପରେ ପ୍ରକାଶ ମଧ୍ୟ ସେହିପରି ପ୍ରାଚୀନ । ଦେବଲୋକ, ପିତୃଲୋକ ଓ ନରଲୋକରେ ଏହି ସଂସ୍କୃତ ଏକ ସଂଯୋଗ-ଭାଷା । *ସମ୍ + କୃ + କ୍ତ (କର୍ମଣି) = ସଂସ୍କୃତମ୍* । *(ସମ୍ପରିଭ୍ୟାଂ କରୋତୌ ଭୂଷଣେ - ପା. ୬.୧.୧୩୭)* । ସମ୍ ଓ ପରି ପରେ 'କୃ' ଧାତୁର ଭୂଷଣ ଅର୍ଥ ବୁଝାଇବା ପାଇଁ *ସୁଟ୍ (ସ୍)*ର ଆଗମ ହୁଏ ।

ଭାଷା ଦିବ୍ୟ ଓ ଅମୃତ । ଏହାକୁ ମଣିଷ ପାଖରେ ପହଞ୍ଚାଇବା ପାଇଁ ମୁନିଗଣ ତପସ୍ୟା କରିଛନ୍ତି । ପାଣିନି ପ୍ରଭୃତି ମୁନିଗଣ ଅବିରତ ସାଧନା ବଳରେ ଦିବ୍ୟବାଣୀକୁ ସୁରକ୍ଷିତ କରିବାପାଇଁ ବିଧି ବ୍ୟବସ୍ଥା କରିଛନ୍ତି । ଏଣୁ ଯଥାର୍ଥରେ କୁହାଯାଇଛି -

*ସଂସ୍କୃତଂ ନାମ ଦୈବୀ ବାକ୍ ଅନ୍ୱାଖ୍ୟାତା ମହର୍ଷିଭିଃ (ଦଣ୍ଡୀ, କାବ୍ୟାଦର୍ଶ)* ।

ପାଣିନି ପ୍ରଭୃତି ବିଦ୍ୟାଦର୍ଶନ ବଳରେ ଶବ୍ଦର ପ୍ରକୃତି, ପ୍ରତ୍ୟୟ ଆଦି ବିଭାଗକୁ ନିରୂପଣ କରି ଶିଷ୍ୟ ପରମ୍ପରା ମାଧ୍ୟମରେ ଅଦ୍ୟାବଧି ଏକ ବିଜ୍ଞାନ-ସମ୍ମତ ଧାରାକୁ ଉଜ୍ଜୀବିତ ରଖିଛନ୍ତି । ପାଣିନି ସୂତ୍ର ମାଧ୍ୟମରେ ଭାଷା ନିର୍ମାଣ ନ କରି ପ୍ରଚଳିତ ଭାଷାର ପରିମାର୍ଜିତ ରୂପକୁ ସୁରକ୍ଷିତ ରଖିବାରେ ବ୍ୟବସ୍ଥିତ ପଦ୍ଧତିର ଉଦ୍ଭାବନ କରିଛନ୍ତି । ସେହିପାଇଁ ସଂସ୍କୃତ ସୁରକ୍ଷିତ ରହିବା ସହ ତଦ୍ଭବ ଭାଷାର ଶବ୍ଦରାଶିକୁ ଅନେକାଂଶରେ ପ୍ରଭାବିତ କରିଛି । ବହୁ ଭାରତୀୟ ଭାଷା ଓ ଭାରତୀୟେତର ଭାଷା ସହ ସଂସ୍କୃତର ଭାଷାତତ୍ତ୍ୱଗତ ସମ୍ବନ୍ଧ ସଂସ୍କୃତକୁ ବିଶ୍ୱାୟନର ଆଦ୍ୟ ଧ୍ୱନି ରୂପେ ପ୍ରତିଷ୍ଠିତ କରିଅଛି ।

ସଂସ୍କୃତ ଦୁଇପ୍ରକାର । ବୈଦିକ ଓ ଲୌକିକ । ବେଦରେ ପ୍ରଚଳିତ ସଂସ୍କୃତ ବୈଦିକ ଓ ଲୋକରେ ପ୍ରଚଳିତ ଲୌକିକ । ଯେ କୌଣସି ଶାସ୍ତ୍ରୀୟ ତତ୍ତ୍ୱକୁ ଏହିପରି ଦୁଇ ରୂପ ଦେବାରେ ଗୌରବ ଅନୁଭବ କରାଯାଇଥାଏ । ଗୀତାରେ ପୁରୁଷୋତ୍ତମ ତତ୍ତ୍ୱକୁ ମଧ୍ୟ ସେପରି ମାନ୍ୟତା ଦିଆଯାଇଛି -

ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ (ଗୀତା, ପଞ୍ଚଦଶାଧ୍ୟାୟ)

ମନ୍ତ୍ର ସ୍ୱରୂପ, ନିତ୍ୟ ଓ ଅପୌରୁଷେୟ ଶବ୍ଦରାଶି ବେଦ । ଲୋକରେ ପ୍ରଚଳିତ ଇନ୍ଦ୍ରିୟାଦି ମାଧ୍ୟମରେ ବ୍ୟକ୍ତ ଅନିତ୍ୟ ଶବ୍ଦରାଶି ଲୌକିକ । ଏହି ଦ୍ୱିବିଧ ଶବ୍ଦରାଶିକୁ ଅପଶବ୍ଦରୁ ସୁରକ୍ଷିତ କରିବା ପାଇଁ ବ୍ୟାକରଣ ଏକ ମହତ୍ତ୍ୱପୂର୍ଣ୍ଣ ବେଦାଙ୍ଗରୂପେ ଭୂମିକା ନିର୍ବାହ କରିଆସୁଅଛି ।

ବ୍ୟାକରଣ *(ବି + ଆ - କୃ + ଲ୍ୟୁଟ୍ କରଣେ)* ପ୍ରକୃତି ପ୍ରତ୍ୟୟ ପ୍ରକୃତି ବିଭାଗ ମାଧ୍ୟମରେ ଶବ୍ଦର ବିଶ୍ଳେଷଣ କରେ । *ବ୍ୟାକ୍ରିୟନ୍ତେ ପ୍ରକୃତିପ୍ରତ୍ୟୟାଦିବିଭାଗେନ ଶବ୍ଦା ଅନେନ ଇତି ବ୍ୟାକରଣମ୍ / ବ୍ୟାକରଣଂ ନାମ ଅର୍ଥବିଶେଷମାଶ୍ରିତ୍ୟ ସ୍ୱରପ୍ରକୃତିପ୍ରତ୍ୟୟାଦୀନ୍ ବି - ବିଶେଷେଣ ଆ- ସମନ୍ତାତ୍ ବୈଦିକାନ୍ ଲୌକିକାନ୍ ଚ ଶବ୍ଦାନ୍ ବ୍ୟୁତ୍ପାଦୟତୀତି ତଥାଭୂତଃ ପାଣିନ୍ୟାଦିମହର୍ଷିପ୍ରଣୀତୋ ଗ୍ରନ୍ଥସମୂହଃ* । ବ୍ୟାକରଣକୁ ଶବ୍ଦାନୁଶାସନ କୁହାଯାଏ । ଏହାର ବିଚାର ପରିସର ମଧ୍ୟରେ ଅସାଧୁ, ସାଧୁ ଓ ଅପଶବ୍ଦ ଆସିଥାଏ । ସାଧନ ଅବସ୍ଥାରେ ପ୍ରକୃତି ପ୍ରତ୍ୟୟ ଯୋଗକରି ଶବ୍ଦବ୍ୟୁତ୍ପତ୍ତି ଦର୍ଶାଯାଇଥାଏ । ତାହା ଆଲୌକିକ ହୋଇଥିବାରୁ ବାକ୍ୟରେ ପ୍ରୟୋଗ କରାଯାଇପାରେ ନାହିଁ । ସିଦ୍ଧଶବ୍ଦ ପରେ 'ସୁପ୍' 'ତିଙ୍' ପ୍ରତ୍ୟୟ ଯୋଗ କରାଯାଇ ଯେଉଁ ଶବ୍ଦ ନିଷ୍ପନ୍ନ କରାଯାଏ, ତାହା ସାଧୁ ଓ ଲୌକିକ ଶବ୍ଦ ଏବଂ ଏହା ପଦ ନାମରେ ପରିଚିତ । ବ୍ୟାକରଣ ପ୍ରତିପାଦିତ ଶବ୍ଦରାଶି ଅନ୍ଧକାରରେ ଆଲୋକ ସଦୃଶ । କୁହାଯାଇଛି ଯେ -

*ଇଦମନ୍ଧତମଃ କୃତ୍ସ୍ନଂ ଜାୟେତ ଭୁବନତ୍ରୟମ୍ ।*
*ଯଦି ଶବ୍ଦାହ୍ୱୟଂ ଜ୍ୟୋତିରାସଂସାରଂ ନ ଦୀପ୍ୟତେ ।।*
*(ଦଣ୍ଡୀ, କାବ୍ୟାଦର୍ଶ)*

ବ୍ୟାକରଣର ଇତିହାସ ସିଂହାବଲୋକନ କଲେ ଜଣାଯାଏ ଯେ, ସକଳଶବ୍ଦର ପୁଙ୍ଖାନୁପୁଙ୍ଖ ବ୍ୟୁତ୍ପତ୍ତି ଦର୍ଶାଯାଇ ବ୍ୟାକରଣ ବିଚାର କରାଯାଉଥିଲା । ପରେ ଏହାକୁ ସୂତ୍ର ମଧ୍ୟରେ ବାନ୍ଧି ଏହାର ଏକ ନିର୍ଦ୍ଦିଷ୍ଟ ପରିସର ନିର୍ଦ୍ଧାରଣ କରାଗଲା । ସିନ୍ଧୁ ସଦୃଶ ବ୍ୟାକରଣକୁ ଉପାଦାନ ଗ୍ରହଣ କରି ସୂତ୍ରାତ୍ମକ ବିନ୍ଦୁରେ ପରିଣତ କରିଥିବା ମନୀଷୀ ପାଣିନିଙ୍କର ଅବଦାନ ଅବିସ୍ମରଣୀୟ । କଥିତ ଅଛି -

*ସମୁଦ୍ରବଦ୍ ବ୍ୟାକରଣଂ ମହେଶ୍ୱରେ*
*ତଦର୍ଦ୍ଧକୁମ୍ଭୋଦ୍ଧରଣଂ ବୃହସ୍ପତୌ ।*
*ତଦ୍‌ଭାଗଭାଗାଚ୍ଚ ଶତଂ ପୁରନ୍ଦରେ*
*କୁଶାଗ୍ରବିନ୍ଦୁତ୍ପତିତଂ ହି ପାଣିନୌ ।।*

ମାହେଶ୍ୱର ବ୍ୟାକରଣ ସାଗରତୁଲ୍ୟ । ବୃହସ୍ପତିଙ୍କଠାରେ ବ୍ୟାକରଣ ଅଧାମାଠିଆର ଜଳତୁଲ୍ୟ । ଇନ୍ଦ୍ରଙ୍କ ପାଖରେ ତା'ର ଶହେଭାଗରୁ ଭାଗେ ଥିଲା । କୁଶ ଅଗ୍ରରେ ଜଳବିନ୍ଦୁ ମାତ୍ର ପାଣିନି ବ୍ୟାକରଣ । ଏହି ବ୍ୟାକରଣ ବିଜ୍ଞାନ ସମ୍ମତ । ଏଥିରେ ବହୁପ୍ରାନ୍ତରେ ପ୍ରଯୁକ୍ତ ଶବ୍ଦର ସଂଗ୍ରହ ରହିଛି । ଏଥିରୁ ଲୋକ ବ୍ୟବହାର, ଧର୍ମ ଓ ସଂସ୍କୃତିର ପରିଚୟ ମିଳେ । ଏହି ବ୍ୟାକରଣର ଗରିମା ଗାନ କଲାବେଳେ କେହି କେହି ଏହାର କ୍ଲିଷ୍ଟତା ପ୍ରତି ଆକ୍ଷେପ କରନ୍ତି । ବ୍ୟାକରଣ ପ୍ରତି ବିମୁଖଭାବ ପ୍ରଦର୍ଶନ କରନ୍ତି । କାବ୍ୟରସିକଙ୍କ ଭାଷାରେ ଜୀବନକୁ ସରସ ସୁନ୍ଦର କରିବା ପାଇଁ କାବ୍ୟ ହିଁ ଏକମାତ୍ର ସାଧନ । ବ୍ୟାକରଣ ଜୀବନକୁ ଶୁଷ୍କ ଓ ନୀରସ କରିଦିଏ । ତେଣୁ ସେମାନେ ବ୍ୟାକରଣ ପ୍ରତି କଟାକ୍ଷ କରନ୍ତି ।

*ପଠନ୍ତୁ କତିଚିଦ୍ୱଦାତ୍ ଷ-ଫ-ଛ-ଠ-ଥେତି ବର୍ଣ୍ଣାନ୍ୱୟୋ*
*ଘଟୋ ଘଟୋ ଲଟାଟରେ ପଟୁ ଚଟୁ ବାକ୍ପାଟବାତ୍ /*
*ବୟଂ ବକୁଳମଞ୍ଜରୀରଜକମାଦମାଧ୍ୱୀଘରୋ -*
*ଲତାଗୃହବଲାଟିଭିର୍ଭର୍ଣିତିଭିଃ ପ୍ରମୋଦାମହେ //*

ଶଙ୍କରାଚାର୍ଯ୍ୟ ଜୀବନରେ ସତ୍ୟର ମାର୍ଗ ଉଦ୍ଘୋଟନ କରି ଶାବ୍ଦିକଙ୍କର ପ୍ରୟାସ ଜୀବନର ଗତିରେ ନିରର୍ଥକ ବୋଲି କହିଛନ୍ତି ।

ମୋହମୁଦ୍ଗରରେ ସେ ଦେଖାଇଛନ୍ତି ଯେ - *'ସମ୍ପ୍ରାପ୍ତେ ସନ୍ନିହିତେ କାଳେ ନହି ନହି ରକ୍ଷତି ଡୁକୃଞ୍ କରଣେ'* । ସେପରି ଭକ୍ତ ମଧ୍ୟ ଶାବ୍ଦିକଙ୍କୁ ଆକ୍ଷେପକରି କହିଛନ୍ତି - *'ବୈକୁଣ୍ଠସ୍ତବମାଶମା ରଚୟିତୁଂ ମିଥ୍ୟାଶ୍ରମାଃ ଶାବ୍ଦିକାଃ'* । ଏହିସବୁ ଉକ୍ତିରେ ଜୀବନଦର୍ଶନର ମାର୍ଗ ବାସ୍ତବ ହେଲେ ମଧ୍ୟ ବ୍ୟାକରଣ ଯେ, ତୁଚ୍ଛ, ନଗଣ୍ୟ ଓ ହେୟ ଏହା ମଧ୍ୟ କହିବା ହାସ୍ୟାସ୍ପଦ । ଶବ୍ଦଶାସ୍ତ୍ରର ଶକ୍ତି ରଜ୍ଜୁ ବିନା ଅରଣ୍ୟରେ ଇଚ୍ଛା ଅନୁସାରେ ବିଚରଣ କରୁଥିବା ଶବ୍ଦହସ୍ତୀଙ୍କୁ ବାନ୍ଧିବା ଅସମ୍ଭବ ।

*ଶବ୍ଦଶାସ୍ତ୍ରମନଧୀତ୍ୟ ଯଃ ପୁମାନ୍*
*ବକ୍ତୁମିଚ୍ଛତି ବଚଃ ସଭାନ୍ତରେ /*
*ବନ୍ଧୁମିଚ୍ଛତି ବନେ ମଦୋତ୍କଟଂ*
*ହସ୍ତିନଂ କମଳନାଳତନ୍ତୁନା //*

ଛଅଗୋଟି ବେଦାଙ୍ଗ ମଧ୍ୟରେ ମୁଖ ସଦୃଶ ବ୍ୟାକରଣର ଗୁରୁତ୍ୱ ଉପେକ୍ଷା କରାଯାଇ ନ ପାରେ । ବାକ୍ୟପଦୀୟରେ ବ୍ୟାକରଣର ପ୍ରଶସ୍ତିଗାନ କରାଯାଇଛି । ଯଥା -

*ଆସନ୍ନଂ ବ୍ରହ୍ମଣସ୍ତସ୍ୟ ତପସାମୁତ୍ତମଂ ତପଃ /*
*ପ୍ରଥମଂ ଛନ୍ଦସାମଙ୍ଗଂ ପ୍ରାହୁର୍ବ୍ୟାକରଣଂ ବୁଧାଃ //*

*ଅର୍ଥପ୍ରବୃତ୍ତିତତ୍ତ୍ୱାନାଂ ଶବ୍ଦ ଏବ ନିବନ୍ଧନମ୍ ।*
*ତତ୍ତ୍ୱାବବୋଧଃ ଶବ୍ଦାନାଂ ନାସ୍ତି ବ୍ୟାକରଣାଦୃତେ ।।*
*ତଦ୍ ଦ୍ୱାରମପବର୍ଗସ୍ୟ ବାଙ୍ମଳାନାଂ ଚିକିତ୍ସିତମ୍ ।*
*ପବିତ୍ରଂ ସର୍ବବିଦ୍ୟାନାମଧିବିଦ୍ୟଂ ପ୍ରକାଶତେ ।।*
*ଯଥାର୍ଥଜାତୟଃ ସର୍ବାଃ ଶବ୍ଦାକୃତିନିବନ୍ଧନାଃ ।*
*ତଥୈବ ଲୋକେ ବିଦ୍ୟାନାମେଷା ବିଦ୍ୟା ପରାୟଣମ୍ ।।*
*ଇଦମାଦ୍ୟଂ ପଦସ୍ଥାନଂ ସିଦ୍ଧିସୋପାନପର୍ବଣାମ୍ ।*
*ଇୟଂ ସା ମୋକ୍ଷମାର୍ଗାଣାମଜିହ୍ମା ରାଜପଦ୍ଧତିଃ ।।*

(ଭର୍ତ୍ତୃହରି, ବାକ୍ୟପଦୀୟ, ଆଗମକାଣ୍ଡ)

ବ୍ୟାକରଣର ପ୍ରୟୋଜନ - ପତଞ୍ଜଳି ମହାଭାଷ୍ୟର ପସ୍ପଶାହ୍ନିକରେ ବ୍ୟାକରଣର ପ୍ରୟୋଜନ ବିଷୟରେ ସୁଚିନ୍ତିତ ମତ ବ୍ୟକ୍ତ କରିଛନ୍ତି । '*ରକ୍ଷୋହାଗମଲଘ୍ୱସନ୍ଦେହାଃ ପ୍ରୟୋଜନମ୍*' । (୧) ରକ୍ଷା - ବେଦର ରକ୍ଷା କରିବା । ଲୋପ, ଆଗମ ତଥା ବର୍ଣ୍ଣ ବିକାରକୁ ଜାଣିଥିବା ବ୍ୟକ୍ତି ବେଦକୁ ସୁରକ୍ଷିତ ରଖିପାରିବ । ଭାଷାକ୍ଷେତ୍ରରେ ଏହା ମଧ୍ୟ ପ୍ରଯୋଜ୍ୟ । (୨) ଊହ - ଯଜ୍ଞରେ ମନ୍ତ୍ରମାନଙ୍କର ବିଭକ୍ତି ସବୁ କର୍ମକାଣ୍ଡର ପ୍ରକ୍ରିୟା ଅନୁସାରେ ପରିବର୍ତ୍ତନ କରିବାର ବିଚାରଶକ୍ତି । ଭାଷାକ୍ଷେତ୍ରରେ ମଧ୍ୟ ବ୍ୟକ୍ତିବିଶେଷ ଆବଶ୍ୟକତାକୁ ଦେଖି 'ସୁବନ୍ତ' ଓ 'ତିଙନ୍ତ' ବିଭକ୍ତିର ପ୍ରୟୋଗ କରିଥାଏ । (୩) ଆଗମ - ବେଦ ସ୍ୱୟଂ ବ୍ୟାକରଣ ଅଧ୍ୟୟନ ପ୍ରତି ଗୁରୁତ୍ୱ ଦେଇଛି । '*ଚତ୍ୱାରି ବାକ୍ ପରିମିତା ପଦାନି*' ଇତ୍ୟାଦି ବ୍ୟାକରଣଶାସ୍ତ୍ରକୁ ଆଗମର ମର୍ଯ୍ୟାଦା ଦେଇଛି । (୪) ଲଘୁ - ଲଘୁ ଉପାୟରେ ବ୍ୟାକରଣ ଦ୍ୱାରା ଶବ୍ଦଜ୍ଞାନ ହୋଇଥାଏ । (୫) ଅସନ୍ଦେହ - ମନ୍ତ୍ରର ଉଚ୍ଚାରଣ ତଥା ଅର୍ଥର ଜ୍ଞାନ ବଳରେ ସନ୍ଦେହର ନିରାକରଣ ହୋଇଥାଏ । ଲୌକିକ ଶବ୍ଦର ରୂପସିଦ୍ଧି ପ୍ରୟୋଗରେ ବ୍ୟାକରଣ ବିଶେଷ ସହାୟକ ।

**ବ୍ୟାକରଣ ଆଚାର୍ଯ୍ୟ ପରମ୍ପରା** - ବ୍ୟାକରଣ ପରମ୍ପରାରେ ବହୁ ଆଚାର୍ଯ୍ୟଙ୍କର ଉଲ୍ଲେଖ ମିଳେ । ସେମାନଙ୍କ ମଧ୍ୟରେ ଆଠଜଣ ପ୍ରମୁଖ ଆଚାର୍ଯ୍ୟ ରୂପେ ସ୍ୱୀକୃତ ।

ଇନ୍ଦ୍ରଶ୍ଚନ୍ଦ୍ରଃ କାଶକୃତ୍ସ୍ନାପିଶଲୀ ଶାକଟାୟନଃ ।
ପାଣିନ୍ୟମରଜୈନେନ୍ଦ୍ରା ଜୟନ୍ତ୍ୟଷ୍ଟାଦିଶାବ୍ଦିକାଃ ।।

ପାଣିନି ବହୁ ଆଚାର୍ଯ୍ୟଙ୍କର ମତକୁ ଉଦ୍ଧାର କରିଛନ୍ତି । କେଉଁଠାରେ ଆଚାର୍ଯ୍ୟଙ୍କର ନିର୍ଦ୍ଦିଷ୍ଟ ନାମୋଲ୍ଲେଖ କରିଥିବାବେଳେ କେଉଁଠାରେ ଦେଶବିଶେଷର ପ୍ରୟୋଗ ପ୍ରତି ସଂକେତ କରିଛନ୍ତି । ଯଥା -

ଆଚାର୍ଯ୍ୟ (ପା.୭.୩.୪୯), ଆପିଶଳି (ପା.୬.୧.୯୨), ଉଦୀଚାମ୍ (ପା. ୩.୪.୧୯), ଏକେଷାମ୍ (ପା.୮.୩.୧୦୪), କାଶ୍ୟପ (ପା. ୧.୨.୨୫), ଗାର୍ଗ୍ୟ (ପା.୭.୩.୯୯), ଗାଳବ (ପା.୬.୩.୬୧), ଚାକ୍ରବର୍ମଣ (ପା.୬.୧.୧୩), ପ୍ରାଚାମ୍ (ପା. ୩.୪.୧୮), ଭାରଦ୍ୱାଜ (ପା.୭.୨.୬୧), ଶାକଟାୟନ (ପା.୩.୪.୧୧୧), ଶାକଲ୍ୟ (ପା. ୧.୧.୧୬, ପା. ୮.୩.୧୯), ସେନକ (ପା. ୫.୪.୧୧୨), ସ୍ଫୋଟାୟନ (ପା.୬.୧.୧୨୧), ସର୍ବେଷାମ୍ (ପା.୭.୩.୯୯) । ଅଷ୍ଟାଧ୍ୟାୟୀରେ ଏହିପରି ଏକ ସମୃଦ୍ଧ ବ୍ୟାକରଣ ଆଚାର୍ଯ୍ୟ ପରମ୍ପରାର ପରିଚୟ ମିଳେ ।

**ପାଣିନି** - ପାଣିନିଙ୍କର ଅଷ୍ଟାଧ୍ୟାୟୀ ବ୍ୟାକରଣର ଏକ ମୁଖ୍ୟ ଗ୍ରନ୍ଥ । ଏଥିରେ ଆଠୋଟି ଅଧ୍ୟାୟ ରହିଛି । ପ୍ରତି ଅଧ୍ୟାୟରେ ଚାରୋଟି ଲେଖାଏଁ ପାଦ । ସମୁଦାୟ ସୂତ୍ର ସଂଖ୍ୟା ପ୍ରାୟ ୪୦୦୦ । ସାରସ୍ୱତ, ସିଦ୍ଧାନ୍ତଚନ୍ଦ୍ରିକା, ମୁଗ୍ଧବୋଧ, କଳାପ, ହରିନାମାମୃତ, ଚାନ୍ଦ୍ରକାରିକା, କ୍ରମଦୀଶ୍ୱରବ୍ୟାକରଣ ପ୍ରଭୃତି ବ୍ୟାକରଣ ଗ୍ରନ୍ଥ ବିଭିନ୍ନ ସ୍ଥାନରେ ପ୍ରଚଳିତ । ଏସବୁ ଲୌକିକ ଶବ୍ଦ ତଥା ବିଭିନ୍ନ ସମ୍ପ୍ରଦାୟାନୁକୂଳ ସଂଜ୍ଞାକୁ ନେଇ ରଚିତ । ପାଣିନିଙ୍କ ଅଷ୍ଟାଧ୍ୟାୟୀ ଦେଶକାଳ ଆଦି ସୀମାର ଊର୍ଦ୍ଧ୍ୱରେ । ଏଥିରେ ଉଭୟ ବୈଦିକ ଓ ଲୌକିକ

ଶବ୍ଦରାଶିର ବ୍ୟୁତ୍ପତ୍ତି ଓ ପ୍ରୟୋଗ ପ୍ରଦର୍ଶିତ । ପାଣିନିଙ୍କ ପିତାମହଙ୍କ ନାମ ଦେବଳ ଏବଂ ମାତାଙ୍କ ନାମ ଦାକ୍ଷୀ । ସେ ଦାକ୍ଷିପୁତ୍ର ରୂପେ ପରିଚିତ । ସେ ଶାଳାତୁରୀୟ । ଶାଳାତୁରସ୍ଥାନ ବର୍ତ୍ତମାନ ପାକିସ୍ଥାନ ଅନ୍ତର୍ଗତ ଲାହୋରର ନିକଟବର୍ତ୍ତୀ ଅଟେ । ପାଣିନି ଉପବର୍ଷଙ୍କର ଶିଷ୍ୟ ଓ କୌତ୍ସଙ୍କର ଗୁରୁ । ତାଙ୍କର ସମୟ ପ୍ରାୟ ଖ୍ରୀଷ୍ଟପୂର୍ବ ପଞ୍ଚମରୁ ସପ୍ତମ ଶତାବ୍ଦୀ ।

**କାତ୍ୟାୟନ** - ପାଣିନିଙ୍କ ସୂତ୍ର ଉପରେ କାତ୍ୟାୟନ ବାର୍ତ୍ତିକ ରଚନା କରିଛନ୍ତି । ଏହା ସୂତ୍ରର ପରିପୂରକ । ପ୍ରୟୋଜନ ଅନୁସାରେ ସୂତ୍ରରେ ପରିବର୍ତ୍ତନ ଓ ପରିବର୍ଦ୍ଧନ ଏଥିରେ କରାଯାଇଛି । ଖ୍ରୀଷ୍ଟପୂର୍ବ ପ୍ରାୟ ତୃତୀୟ ଶତକ କାତ୍ୟାୟନଙ୍କ ଆବିର୍ଭାବ କାଳ ।

**ପତଞ୍ଜଳି** - ପାଣିନି ବ୍ୟାକରଣର ବିଶାଳ ଭାଷ୍ୟଗ୍ରନ୍ଥର ପ୍ରଣେତା ମହର୍ଷି ପତଞ୍ଜଳି । ପାଣିନିଙ୍କ ସୂତ୍ର ଓ କାତ୍ୟାୟନଙ୍କ ବାର୍ତ୍ତିକର ଅସାଧାରଣ ବ୍ୟାଖ୍ୟା ଏହି ମହାଭାଷ୍ୟରେ ଦୃଷ୍ଟି ଗୋଚର ହୁଏ । ସେ ନିଜକୁ ଗୋଣିକା ପୁତ୍ର ଓ ଗୋନର୍ଦ୍ଦୀୟ ନାମରେ ଅଭିହିତ କରିଛନ୍ତି । ତାଙ୍କର ସମୟ ପ୍ରାୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକ । ପାଣିନି,କାତ୍ୟାୟନ ଓ ପତଞ୍ଜଳି ଏହି ତିନିଜଣଙ୍କୁ ଗୌରବ ପ୍ରଦାନ କରାଯାଇ ପାଣିନୀୟ ବ୍ୟାକରଣ ଶାସ୍ତ୍ରକୁ 'ତ୍ରିମୁନିବ୍ୟାକରଣମ୍' କୋଟି ସ୍ୱୀକାର କରାଯାଇଛି ।

## ପାରିଭାଷିକ ଶବ୍ଦାବଳୀ

୧. **ଉପଧା** - ଶବ୍ଦର ସର୍ବଶେଷ ବର୍ଣ୍ଣର ପୂର୍ବ ବର୍ଣ୍ଣକୁ ଉପଧା କୁହାଯାଏ । *(ଅଲୋଽନ୍ତ୍ୟାତ୍ ପୂର୍ବ ଉପଧା - ପା. ୧.୧.୬୫)* । ଯଥା - ରାଜନ୍ - ର 'ନ୍' ପୂର୍ବର 'ଅ' ଉପଧା ଅଟେ ।

୨. **କୃତ୍** - ଧାତୁ ପରେ ତିପ୍, ତସ୍ ଇତ୍ୟାଦି ତିଙ୍ ପ୍ରତ୍ୟୟକୁ ଛାଡି ଯେଉଁ ପ୍ରତ୍ୟୟ ଲାଗେ ତାକୁ କୃତ୍ ପ୍ରତ୍ୟୟ କୁହାଯାଏ । ଯଥା - କୃ + କ୍ତ୍ୱା = କୃତ୍ୱା ।

୩. **ଗୁଣ** - ଅଦେଙ୍ ଗୁଣଃ (ପା. ୧.୧.୨) - ଅ, ଏ, ଓ, ଗୁଣବର୍ଣ୍ଣ । ଋ ଓ ୠ ସ୍ଥାନରେ ଅର୍ ଏବଂ ଌ ସ୍ଥାନରେ ଅଲ୍ ହୁଏ । ଯଥା - ଗ୍ରୀଷ୍ମ+ଋତୁଃ

=ସ୍ୱାଗ୍ମୂର୍ତ୍ତିଃ । ଉପ + ଇନ୍ଦ୍ରଃ = ଉପେନ୍ଦ୍ରଃ । ଉତ + ଉପଦେଶଃ = ଉତୋପଦେଶଃ ।

୪. ଘ - ତରପ୍ ଓ ତମପ୍ ପ୍ରତ୍ୟୟକୁ ଘ କୁହାଯାଏ । *(ତରପ୍ତମପୌ ଘଃ - ପା.୧.୧.୨୨)* । ଯଥା - ପଟୁତର, ପଟୁତମ ।

୫. ଘି - 'ସଖି' ଶବ୍ଦକୁ ଛାଡି ହ୍ରସ୍ୱ ଇକାରାନ୍ତ ଓ ହ୍ରସ୍ୱ ଉକାରାନ୍ତ ଶବ୍ଦକୁ 'ଘି' କୁହାଯାଏ । *(ଶେଷୋ ଘ୍ୟସଖି - ପା.୧.୪.୭)* । ଯଥା - ମୁନି, ସାଧୁ ଇତ୍ୟାଦି । କିନ୍ତୁ ପତିଶବ୍ଦ ସମାସରେ ରହିଲେ ହିଁ ତା'ର ଘି ସଂଜ୍ଞା ହୁଏ । *(ପତିଃ ସମାସ ଏବ - ପା.୬.୧.୧୧୨)* ଯଥା - ସଭାପତି ।

୬. ଘୁ - ଦାପ୍ ଓ ଦୈପ୍ ଧାତୁକୁ ଛାଡି ସବୁ 'ଦାରୂପ' ଓ 'ଧାରୂପ' ଧାତୁର 'ଘୁ' ସଂଜ୍ଞା ହୁଏ । *(ଦାଧାଘ୍ୱଦାପ୍ - ପା.୧.୧.୨୦)* । ଉପସର୍ଗପରେ 'ଘୁ'ର ପରେ କି ପ୍ରତ୍ୟୟ ହୁଏ *(ଉପସର୍ଗେ ଘୋଃ କିଃ - ପା.୩.୩.୯୨)* । ଯଥା - ନି - ଧା + କି = ନିଧିଃ ।

୭. ଟି - କୌଣସି ଶବ୍ଦର ସର୍ବଶେଷ ସ୍ୱରବର୍ଣ୍ଣରୁ ଆରମ୍ଭକରି ତା'ପରର ଅଂଶକୁ 'ଟି' କୁହାଯାଏ । (ଅଚୋଽନ୍ତ୍ୟାଦି ଟି - ପା.୧.୧.୬୪) ।

ଯଥା - ରାଜନ୍ = ର୍ + ଆ + ଜ୍ + ଅ + ନ୍ । ଏଠାରେ ଅନ୍ତିମ ସ୍ୱର 'ଅ' ଠାରୁ ଆରମ୍ଭ କରି ଶେଷ ବର୍ଣ୍ଣ ପର୍ଯ୍ୟନ୍ତ ଶବ୍ଦଭାଗ ଯଥା - 'ଅନ୍' ଟି ଅଟେ ।

୮. ତଦ୍ଧିତ - କ୍ରିୟାବାଚକ ଭିନ୍ନ ମୂଳଶବ୍ଦରୁ ବା ପ୍ରାତିପଦିକ ପରେ ବିଭକ୍ତି ବ୍ୟତୀତ ଯେଉଁ ପ୍ରତ୍ୟୟ ହୁଏ ସେଗୁଡ଼ିକ ତଦ୍ଧିତ ପ୍ରତ୍ୟୟ । ଅପତ୍ୟ ପ୍ରଭୃତି ବହୁ ଅର୍ଥରେ ତଦ୍ଧିତ ପ୍ରତ୍ୟୟ ହୁଏ । ଯଥା - ଦଶରଥସ୍ୟ ଅପତ୍ୟଂ ପୁମାନ୍ - ଦାଶରଥିଃ । ସମାସାନ୍ତ ପ୍ରତ୍ୟୟ ଗୁଡ଼ିକ ତଦ୍ଧିତର ଅନ୍ତର୍ଭୁକ୍ତ ।

୯. ଧାତୁ - ଭୂବାଦୟୋ ଧାତବଃ *(ପା.୧.୩.୧)* । କ୍ରିୟାବାଚୀ ଭୂ ପ୍ରଭୃତି ଧାତୁନାମରେ ପରିଚିତ ।

୧୦. ନଦୀ - ଯେଉଁସବୁ ନିତ୍ୟ ସ୍ତ୍ରୀଲିଙ୍ଗ ଶବ୍ଦରେ 'ଈ' ଅଥବା 'ଊ' ଥାଏ

ତାହାର ନଦୀ ସଂଜ୍ଞା ହୁଏ । *(ଯୂସ୍ତ୍ର୍ୟାଖ୍ୟୌ ନଦୀ - ପା. ୧.୪.୩)* । ଯଥା - ଶ୍ରୀ, ବଧୂ ଇତ୍ୟାଦି ।

**୧୧.** ନିପାତ - ଚ, ବା, ହ, ବୈ ପ୍ରଭୃତି କେତେକ ଶବ୍ଦକୁ ନିପାତ କୁହାଯାଏ । *(ଚାଦୟୋଽସତ୍ତ୍ୱେ - ପା. ୧.୪.୫୭)* । ଅଦ୍ରବ୍ୟବାଚକ ଚ ପ୍ରଭୃତି ଗଣପାଠରେ ଉଲ୍ଲିଖିତ ଶବ୍ଦସବୁ ନିପାତ । *ପ୍ରାଗ୍ରୀଶ୍ୱରାନ୍ନିପାତାଃ (ପା. ୧.୪.୫୬)* ଠାରୁ *ଅଧିରୀଶ୍ୱରେ - (ପା.୧.୪.୯୭)* ପର୍ଯ୍ୟନ୍ତ ନିପାତରେ ଅଧିକାର ରହିଛି । ଏହି ନିପାତ ମଧ୍ୟରେ ଉପସର୍ଗ, ଗତି ଓ କର୍ମପ୍ରବଚନୀୟ ମଧ୍ୟ ଅନ୍ତର୍ଭୁକ୍ତ ।

**୧୨.** ନିପାତନ - ବ୍ୟାକରଣ ସୂତ୍ର ଅନୁସାରେ ପଦସିଦ୍ଧି ହୋଇ ନପାରିଲେ ତା'କୁ ନିପାତନ ଦ୍ୱାରା ସିଦ୍ଧ କରିବାକୁ ହେବ । ସେହି ପଦମାନଙ୍କୁ ସଂଗ୍ରହ କରି ଏକ 'ଗଣ' ମଧ୍ୟରେ ରଖିବାକୁ ହୁଏ ।

*ଧାତୁସାଧନକାଳାନାଂ ପ୍ରାପ୍ତ୍ୟର୍ଥଂ ନିୟମସ୍ୟ ଚ ।*
*ଅନୁବନ୍ଧବିକାରାଣାଂ ରୂଢ୍ୟର୍ଥଂ ଚ ନିପାତନମ୍ ॥*

ଯଥା - ମୟୂରବ୍ୟଂସକାଦୟଶ୍ଚ - ପା.୨.୧.୭୨ । ମୟୂରବ୍ୟଂସକ, ଉଚ୍ଚାବଚମ୍, ଅକିଞ୍ଚନଃ, ଚିନ୍ମାତ୍ରମ୍ ଆଦି 'ମୟୂରବ୍ୟଂସକାଦି' ଗଣଦ୍ୱାରା ନିପାତନ ସିଦ୍ଧ । ଏହିସବୁ ସାଧାରଣ ନିୟମରୁ ବହିର୍ଭୂତ ଓ ବ୍ୟତିକ୍ରମ ସ୍ଥଳ ।

**୧୩.** ନିଷ୍ଠା - କ୍ତ ଓ କ୍ତବତୁ ପ୍ରତ୍ୟୟ କୁ ନିଷ୍ଠା କୁହାଯାଏ । *(କ୍ତକ୍ତବତୂ ନିଷ୍ଠା - ପା. ୧.୧.୨୬)* ।

**୧୪.** ପରିଭାଷା - *ଅନିୟମେ ନିୟମକାରିଣୀ ପରିଭାଷା ।*

କେଉଁଠାରେ ସୂତ୍ରର ନିୟମ ଲାଗିବ, ତାକୁ ଯେ ନିୟମିତ କରେ ତାହା ହିଁ ପରିଭାଷା ।

*ଏକଦେଶସ୍ଥିତଃ ଶାସ୍ତ୍ରଭବନେ ଯାତି ଦୀପତାମ୍ ।*
*ପରିତୋ ବ୍ୟାପୃତାଂ ଭାଷାଂ ପରିଭାଷାଂ ପ୍ରଚକ୍ଷତେ ॥*

ଏକଦେଶରେ ଉଲ୍ଲିଖିତ ହୋଇଥିଲେ ମଧ୍ୟ ଏହା ପ୍ରୟୋଜନୀୟତା ଅନୁସାରେ ଯେଉଁଠାରେ ଆବଶ୍ୟକ ସେଠାରେ ଲାଗିବ । ଏହା ସକଳ ଶାସ୍ତ୍ରକୁ ଦୀପପରି ସମୁଦ୍ଭାସିତ କରେ ।

ସୌତ୍ରପରିଭାଷା, ନ୍ୟାୟସିଦ୍ଧାପରିଭାଷା ଓ ଜ୍ଞାପକସିଦ୍ଧାପରିଭାଷା ଏହିପରି ତିନିପ୍ରକାରର ପରିଭାଷା ଦୃଷ୍ଟିଗୋଚର ହୁଏ ।

**୧୫.** ପ୍ରକୃତି - ମୂଳ ଶବ୍ଦର ନାମ ପ୍ରକୃତି । ଏହା ଦୁଇ ପ୍ରକାର ଧାତୁ ଓ ପ୍ରାତିପଦିକ ।

**୧୬.** ପ୍ରତ୍ୟୟ - ପ୍ରକୃତି ପରେ ସାଧାରଣତଃ ପ୍ରତ୍ୟୟ ଲାଗେ । ପ୍ରତ୍ୟୟଃ *(ପା.୩.୧.୧), ପରଶ୍ଚ (ପା.୩.୧.୨)* । ଯଥା - ପଠ୍+ଘଞ୍ =ପାଠଃ । କିନ୍ତୁ ବହୁପଚ୍ଚ - ଈଷତ୍ ଊନ ଅର୍ଥରେ ବହୁଚ୍ ପ୍ରତ୍ୟୟ ହୁଏ; ଏହା ପୂର୍ବରେ ଲାଗେ ।

**୧୭.** ପ୍ରାତିପଦିକ - ଧାତୁ, ପ୍ରତ୍ୟୟ ଓ ପ୍ରତ୍ୟୟାନ୍ତ ଶବ୍ଦ ଅର୍ଥାତ୍ ବିଭକ୍ତିଯୁକ୍ତ ଶବ୍ଦ ବ୍ୟତିରିକ୍ତ ଅର୍ଥଯୁକ୍ତଶବ୍ଦ ସ୍ୱରୂପକୁ ପ୍ରାତିପଦିକ କୁହାଯାଏ । *(ଅର୍ଥବଦ-ଧାତୁରପ୍ରତ୍ୟୟଃ ପ୍ରାତିପଦିକମ୍ - ପା. ୧.୨.୪୫)* । କୃଦନ୍ତ, ତଦ୍ଧିତାନ୍ତ ଓ ସମାସ ମଧ୍ୟ ପ୍ରାତିପଦିକର ଅନ୍ତର୍ଭୁକ୍ତ *(କୃତ୍ତଦ୍ଧିତସମାସାଶ୍ଚ - ପା. ୧.୨.୪୬)* ।

ଯଥା - ରାମ - ପ୍ରାତିପଦିକ, ରାମଃ - ପଦ, ପାଚକ - କୃଦନ୍ତ, ଦାଶରଥି - ତଦ୍ଧିତାନ୍ତ, କୃଷ୍ଣଂ ଶ୍ରିତଃ = କୃଷ୍ଣଶ୍ରିତଃ - ସମାସ । ଅନର୍ଥକ ନିପାତର ମଧ୍ୟ ପ୍ରାତିପଦିକ ସଂଜ୍ଞା ହୁଏ *(ନିପାତସ୍ୟାନର୍ଥକସ୍ୟ ପ୍ରାତିପଦିକ ସଂଜ୍ଞା ବକ୍ତବ୍ୟା - ବାର୍ତ୍ତିକ)* ।

**୧୮.** ବୃଦ୍ଧି - ବୃଦ୍ଧିରାଦୈଚ୍ - *(ପା. ୧.୧.୧)* - ଆ, ଐ, ଔ ବୃଦ୍ଧିବର୍ଣ୍ଣ । ଅ ସ୍ଥାନରେ ଆ; ଇ, ଈ ଓ ଏ ସ୍ଥାନରେ ଐ; ଏବଂ ଉ, ଊ ଓ ଓ ସ୍ଥାନରେ ଔ ହେଲେ ବୃଦ୍ଧି ହୁଏ । ଋ ସ୍ଥାନରେ ଆର୍ ଓ ଌ ସ୍ଥାନରେ ଆଲ୍ ହୁଏ । ଯଥା -

କୃଷ୍ଣ + ଏକତ୍ୱମ୍ = କୃଷ୍ଣୈକତ୍ୱମ୍ । ଗଙ୍ଗା + ଓଘଃ = ଗଙ୍ଗୌଘଃ ।

ଶୀତ + ଋତଃ = ଶୀତାର୍ତ୍ତଃ ।

୧୯. ଭାଷ୍ୟ - *ସୂତ୍ରାର୍ଥୋ ବର୍ଣ୍ୟତେ ଯତ୍ର*
*ବାକ୍ୟୈଃ ସୂତ୍ରାନୁସାରିଭିଃ ।*
*ସ୍ୱପଦାନି ଚ ବର୍ଣ୍ୟନ୍ତେ*
*ଭାଷ୍ୟଂ ଭାଷ୍ୟବିଦୋ ବିଦୁଃ ॥*

ସୂତ୍ରର ଅନୁସରଣରେ ଯେଉଁଠାରେ ସୂତ୍ରର ଅର୍ଥ ବର୍ଣ୍ଣିତ ତଥା ସ୍ୱପଦର ମଧ୍ୟ ବ୍ୟାଖ୍ୟା କରାଯାଏ ଉକ୍ତ ବ୍ୟବସ୍ଥାକୁ ଭାଷ୍ୟ କୁହାଯାଏ ।

୨୦. ଭାଷିତପୁଂସ୍କ - ଯେଉଁ ଶବ୍ଦ ସ୍ତ୍ରୀଲିଙ୍ଗ ଓ ପୁଂଲିଙ୍ଗରେ ଗୋଟିଏ ଅର୍ଥ ପ୍ରକାଶ କରେ, ତାକୁ 'ଭାଷିତପୁଂସ୍କ' କହନ୍ତି । ଭାଷିତଃ ଉକ୍ତଃ ପୁମାନ୍ ଯେନ ତତ୍ ଭାଷିତପୁଂସ୍କମ୍ । ଯେଉଁ ଶବ୍ଦ ଗୋଟିଏ ଅର୍ଥରେ ନାନା ଲିଙ୍ଗରେ ପ୍ରଯୁକ୍ତ ହୁଏ, ତାହା ଭାଷିତପୁଂସ୍କ । ରୂପ + ବତ୍ - ରୂପବାନ୍ (ପୁଂଲିଙ୍ଗ), ରୂପବତୀ (ସ୍ତ୍ରୀଲିଙ୍ଗ), ରୂପବତ୍ (ନପୁଂସକ) । ଏହା ସାଧାରଣତଃ ବିଶେଷଣ ରୂପେ ପ୍ରଯୁକ୍ତ ହୋଇ ପୁଂବଦ୍ରୂପ ପ୍ରାପ୍ତ ହୁଏ । ରୂପବତୀ ଭାର୍ଯ୍ୟା ଯସ୍ୟ ସଃ = ରୂପବଦ୍ଭାର୍ଯ୍ୟଃ । (ବହୁବ୍ରୀହିସମାସ) । ପାଚିକା ସ୍ତ୍ରୀ = ପାଚକ ସ୍ତ୍ରୀ (କର୍ମଧା.) । ମହତୀ ନବମୀ = ମହାନବମୀ (କର୍ମଧା.) । ପାଚକଜାତୀୟ, ପାଚକଦେଶୀୟା ପ୍ରଭୃତି ମଧ୍ୟ ପୁଂବଦ୍ଭାବ ହୋଇଛି ।

୨୧. ବାର୍ତ୍ତିକ - *ଉକ୍ତାନୁକ୍ତଦୁରୁକ୍ତାର୍ଥବ୍ୟକ୍ତିକାରି ତୁ ବାର୍ତ୍ତିକମ୍ ।*

ସୂତ୍ରରେ ଯାହା କୁହାହୋଇଛି, ଯାହା କୁହାହୋଇପାରିନାହିଁ, ଯାହା ଦୋଷଯୁକ୍ତ ବା ଦୁର୍ବୋଧ, ତା'ର ପରିଷ୍କରଣ ଯାହାଦ୍ୱାରା ହୁଏ, ତାକୁ ବାର୍ତ୍ତିକ କୁହାଯାଏ ।

୨୨. ସତ୍ - ଶତୃ, ଶାନଚ୍ ପ୍ରତ୍ୟୟକୁ ସତ୍ କୁହାଯାଏ । *(ତୌ ସତ୍ - ପା.୩.୨.୧୨୭)* ।

୨୩. ସମ୍ପ୍ରସାରଣ - *ଇଗ୍ ଯଣଃ ସମ୍ପ୍ରସାରଣମ୍ (ପା. ୧.୧.୪୫)* ।

ଯ, ବ, ର, ଲ ସ୍ଥାନରେ ଇ, ଉ, ଋ, ଌ ହେବାକୁ ସମ୍ପ୍ରସାରଣ କୁହାଯାଏ । ଯଥା - ଯଜ୍ - ଇଜ୍ୟତେ ।

୨୪. ସୂତ୍ର - *ଅଳ୍ପାକ୍ଷରମସନ୍ଦିଗ୍ଧଂ ସାରବଦ୍ ବିଶ୍ୱତୋ ମୁଖମ୍ ।*

*ଅସ୍ତୋଭମନବଦ୍ୟଂ ଚ ସୂତ୍ରଂ ସୂତ୍ରବିଦୋ ବିଦୁଃ ॥*

ଅଳ୍ପାକ୍ଷରଯୁକ୍ତ, ସନ୍ଦେହରହିତ, ସାରଯୁକ୍ତ, ସର୍ବତ୍ର ପ୍ରୟୋଗ ଯୋଗ୍ୟ, ସ୍ପଷ୍ଟ ଓ ନିର୍ଦ୍ଦୋଷ ନିୟମକୁ ସୂତ୍ର କୁହାଯାଏ ।

ଏହିପରି ଅନେକ ଉପାଦେୟ ପାରିଭାଷିକ ଶବ୍ଦ ବ୍ୟାକରଣଶାସ୍ତ୍ରକୁ ସମୃଦ୍ଧ କରିଛି । ପ୍ରଚଳିତ ସୂତ୍ରରେ ନିର୍ଦ୍ଦିଷ୍ଟ ପ୍ରକରଣମାନଙ୍କରେ ପ୍ରକରଣ ଅନ୍ତର୍ଗତ ପାରିଭାଷିକ ଶବ୍ଦ ଓ ସରଳ ବିବରଣ ପରେ ପାଣିନୀୟ ସୂତ୍ର ଦିଆଯାଇଛି । ଏହା ବ୍ୟାକରଣକୁ ବୁଝିବାରେ ସହାୟକ ହେବ ।

ବ୍ୟାକରଣ ବେଦାଙ୍ଗ ଦୃଷ୍ଟିରୁ ମୁଖ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । ଏହାର ଗୁରୁତ୍ୱ ରହିଛି । ଏହାକୁ ଲୋକପ୍ରିୟ କରିବା ଏକ ମୁଖ୍ୟ ଉଦ୍ଦେଶ୍ୟ । ଭାଷା ଓ ବାଙ୍ମୟର ବ୍ୟାବହାରିକ ଦିଗପ୍ରତି ଦୃଷ୍ଟି ଦିଆଯାଇ ପ୍ରସ୍ତୁତ ପୁସ୍ତକରେ ପ୍ରାୟୋଗିକ ବ୍ୟାକରଣ ସହ ସାଧାରଣ ଭାବେ ପ୍ରଚଳିତ ବ୍ୟାକରଣ ବହିର୍ଭୂତ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ବ୍ୟାକରଣ ନିୟମସହ ଅନୁବାଦ ପଦ୍ଧତି, ଛନ୍ଦଃ, ଅଳଙ୍କାର, ଅର୍ଥଭେଦ, ଶୁଦ୍ଧିପ୍ରୟୋଗ, ପତ୍ରଲିଖନ, ବ୍ୟାବହାରିକ ସଂସ୍କୃତ ଆଦି ନବୀନ ବିଷୟରାଜି ସଂଯୋଜିତ ହୋଇଥିବା ହେତୁ 'ବ୍ୟାକରଣଦର୍ପଣ' ସ୍ୱ ନାମ ସାର୍ଥକ କରିବ ବୋଲି ଆସ୍ଥା ରହିଛି ।

***

# ୨- ବର୍ଣ୍ଣ ପ୍ରକରଣ

ଶବ୍ଦ ପ୍ରୟୋଗ ହୁଏ ଅର୍ଥବୋଧ ପାଇଁ । ଉଚ୍ଚାରିତ ଶବ୍ଦରେ ଏକ ବା ଅନେକ ଧ୍ୱନି ନିର୍ଦ୍ଦିଷ୍ଟ କ୍ରମରେ ରହିଥିବାର ଦେଖାଯାଏ । ଯେଉଁ ଧ୍ୱନି ବା ଧ୍ୱନିସମଷ୍ଟି ଅର୍ଥପ୍ରକାଶ କରେ ତାହାକୁ ଶବ୍ଦ କହନ୍ତି । 'କମଳ' ଶବ୍ଦ ଉଚ୍ଚାରଣ କଲେ - କ୍+ଅ+ମ୍+ଅ+ଳ୍+ଅ-ଏହି ଛଅଟି ଧ୍ୱନି ଯଥାକ୍ରମେ ଉଚ୍ଚାରିତ ହୁଅନ୍ତି । ଏହି ଧ୍ୱନିକୁ ଅକ୍ଷର କୁହାଯାଏ । ଏହାକୁ ପ୍ରକାଶ କରିବା ପାଇଁ ବିଭିନ୍ନ ଚିହ୍ନର କଳ୍ପନା କରାଯାଇଛି । ଉକ୍ତ ଚିହ୍ନକୁ ବର୍ଣ୍ଣ କୁହାଯାଏ । ଅକ୍ଷର ଓ ବର୍ଣ୍ଣ ସମାନାର୍ଥକ ରୂପେ ମଧ୍ୟ ସ୍ୱୀକୃତ । (*ଅକ୍ଷରଂ ନ କ୍ଷରଂ ବିଦ୍ୟାତ୍ / ନ କ୍ଷୀୟତେ ନ କ୍ଷରତୀତି ବାଽକ୍ଷରମ୍ / ଅକ୍ଷୋତେର୍ବା ସରୋଽକ୍ଷରମ୍ / ବର୍ଣ୍ଣଂ ବାହୁ- ମହାଭାଷ୍ୟ, ଦ୍ୱିତୀୟାହ୍ନିକ*) । କିନ୍ତୁ ଉଭୟମଧ୍ୟରେ ସୂକ୍ଷ୍ମ ଭେଦ ରହିଛି । କେହି କେହି ସ୍ୱରବର୍ଣ୍ଣକୁ ଅକ୍ଷର କହନ୍ତି ।

ଏହି ବର୍ଣ୍ଣରାଶି ତିନିଭାଗରେ ବିଭକ୍ତ କରାଯାଇପାରେ, ଯଥା -

(କ) ସ୍ୱର (ଖ) ବ୍ୟଞ୍ଜନ (ଗ) ଅଯୋଗବାହ ।

## (କ) ସ୍ୱରବର୍ଣ୍ଣ

ସ୍ୱରବର୍ଣ୍ଣ ତିନିପ୍ରକାର । ୧. ହ୍ରସ୍ୱସ୍ୱର, ୨. ଦୀର୍ଘସ୍ୱର, ୩. ପ୍ଲୁତସ୍ୱର ।

**(୧) ହ୍ରସ୍ୱସ୍ୱର - ଅ ଇ ଉ ଋ ଌ**

**(୨) ଦୀର୍ଘସ୍ୱର- ଆ ଈ ଊ ୠ ଏ ଐ ଓ ଔ**

ଆଖିପଲକ ପଡ଼ିବାକୁ ଯେତିକି ସମୟ ଲାଗେ ତାକୁ ଏକମାତ୍ରା କୁହାଯାଏ (*ଚକ୍ଷୁର୍ନିମେଷକାଳସ୍ତୁ ମାତ୍ରା ପ୍ରକୀର୍ତ୍ତିତା*) । ହ୍ରସ୍ୱସ୍ୱରର ଉଚ୍ଚାରଣକାଳ ଏକ ମାତ୍ରା । ଦୀର୍ଘସ୍ୱରର ଦୁଇମାତ୍ରା । ପ୍ଲୁତସ୍ୱରର ତିନି ମାତ୍ରା ।

*ଏକମାତ୍ରୋ ଭବେଦ୍ଧ୍ରସ୍ୱୋ ଦ୍ୱିମାତ୍ରୋ ଦୀର୍ଘ ଉଚ୍ୟତେ ।*

*ତ୍ରିମାତ୍ରସ୍ତୁ ପ୍ଲୁତୋ ଜ୍ଞେୟୋ ବ୍ୟଞ୍ଜନଂ ଚାର୍ଦ୍ଧମାତ୍ରକମ୍ ।।*

ପ୍ଲୁତସ୍ୱରର ବର୍ଣ୍ଣକୁ ଆ୩ ଏପରି ଲିପିରେ ଦର୍ଶାଯାଇଥାଏ । ସାଧାରଣତଃ ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର ବର୍ଣ୍ଣମାଳାରେ ଉପଲବ୍ଧ ।

**ସ୍ୱରବର୍ଣ୍ଣମାଳା -(୧୩)** ଅ ଆ ଇ ଈ ଉ ଊ ଋ ୠ ଌ ଏ ଐ ଓ ଔ ।

**ହ୍ରସ୍ୱସ୍ୱର** - ଅ, ଇ, ଉ, ଋ, ଌ । ଏମାନଙ୍କର ଉଚ୍ଚାରଣରେ ଏକମାତ୍ରା (କାଳ) ଲାଗେ ।

ଏହି ପାଞ୍ଚୋଟିକୁ ସମାନାକ୍ଷର କୁହାଯାଏ । ଏହା ମୌଳିକ ସ୍ୱରବର୍ଣ୍ଣ (ଅ ଇ ଉ ଋ ଌ ସମାନାଃ) ।

**ଦୀର୍ଘସ୍ୱର** - ଆ, ଈ, ଊ, ୠ, ଏ, ଐ, ଓ, ଔ ଏମାନଙ୍କ ଉଚ୍ଚାରଣରେ ଦୁଇମାତ୍ରା (କାଳ) ଲାଗେ ।

**ସନ୍ଧ୍ୟକ୍ଷର** - ଦୀର୍ଘସ୍ୱର ମଧ୍ୟରୁ ଏ, ଐ, ଓ, ଔ, - ଏହି ଚାରୋଟିକୁ ସନ୍ଧ୍ୟକ୍ଷର କୁହାଯାଏ । କାରଣ ଏଥିରେ ସ୍ୱରର ମିଶ୍ରଣ ହୋଇଛି ।

ଯଥା - ଅଆ+ଇଈ =ଏ, ଅଆ+ଏ =ଐ, ଅଆ+ଉଊ = ଓ, ଅଆ+ଓ=ଔ।

ସ୍ୱୟମ୍ ଉଚ୍ଚାରିତ ହେଉଥିବାରୁ ଏମାନଙ୍କୁ ସ୍ୱର କୁହାଯାଏ । ( *ସ୍ୱୟଂ ରାଜନ୍ତେ ଇତି ସ୍ୱରାଃ - ମହାଭାଷ୍ୟ, ପତଞ୍ଜଳି ।*)

## (ଖ) ବ୍ୟଞ୍ଜନବର୍ଣ୍ଣ

ଶବ୍ଦକୁ ସାର୍ଥକ କରିବାରେ ବ୍ୟଞ୍ଜନବର୍ଣ୍ଣ ଆବଶ୍ୟକ । ଉଚ୍ଚାରଣ ପ୍ରକ୍ରିୟାରେ ଏହା ସ୍ୱରବର୍ଣ୍ଣଉପରେ ନିର୍ଭରଶୀଳ । ବ୍ୟଞ୍ଜୟନ୍ତି ପ୍ରକଟାନ୍ କୁର୍ବନ୍ତି ଅର୍ଥାନ୍ ଇତି ବ୍ୟଞ୍ଜନାନି (ଉବ୍ବଟ, ଋକ୍ପ୍ରାତିଶାଖ୍ୟ)

ବ୍ୟଞ୍ଜନମନ୍ୱକ୍ ଅନ୍ୱକ୍ନାମ ଅନୁଗଚ୍ଛତି ଅକସ୍ତୁଣମ୍ ଇତି । ସ୍ୱୟଂ ରାଜତେ ଇତ୍ୟାଭାଦି ଗୁଣୈଃ ଇତି ସ୍ୱରାଃ ।

ଦୁର୍ବଳସ୍ୟ ଯଥା ରାଷ୍ଟ୍ରଂ ହରତେ ବଳବାନ୍ନୃପଃ ।

ଦୁର୍ବଳଂ ବ୍ୟଞ୍ଜନଂ ତଦ୍ବତ୍ ହରତେ ବଳବାନ୍ ସ୍ୱରାଃ ।।

(ଯାଜ୍ଞବଲ୍କ୍ୟଶିକ୍ଷା, ୧୧୧)

| | |
|---|---|
| କ ଖ ଗ ଘ ଙ | ଯ ର ଳ ବ |
| ଚ ଛ ଜ ଝ ଞ | ଶ ଷ ସ ହ |
| ଟ ଠ ଡ ଢ ଣ | |
| ତ ଥ ଦ ଧ ନ | |
| ପ ଫ ବ ଭ ମ | |

ସ୍ପର୍ଶବର୍ଣ୍ଣ - (ବର୍ଗୀୟ ବର୍ଣ୍ଣ)-

'କ' ଠାରୁ 'ମ' ପର୍ଯ୍ୟନ୍ତ ୨୫ଟି ସ୍ପର୍ଶ ବର୍ଣ୍ଣ ଅଟନ୍ତି ।

ସ୍ପର୍ଶବର୍ଣ୍ଣ ପାଞ୍ଚ ବର୍ଗରେ ବିଭକ୍ତ ଯଥା -

କ - ବର୍ଗ (କୁ) - କ, ଖ, ଗ, ଘ, ଙ

ଚ - ବର୍ଗ (ଚୁ) - ଚ, ଛ, ଜ, ଝ, ଞ

ଟ - ବର୍ଗ (ଟୁ) - ଟ, ଠ, ଡ, ଢ, ଣ

ତ - ବର୍ଗ (ତୁ) - ତ, ଥ, ଦ, ଧ, ନ

ପ - ବର୍ଗ (ପୁ) - ପ, ଫ, ବ, ଭ, ମ

ଏହି ବର୍ଗ କ୍ରମଶଃ କୁ, ଚୁ, ଟୁ, ତୁ, ପୁ ଭାବେ ପରିଚିତ । ଏହି ବର୍ଣ୍ଣ ବ୍ୟତିରିକ୍ତ ଅନ୍ୟ ବର୍ଣ୍ଣ ଅବର୍ଗୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ । ଅବର୍ଗୀୟବର୍ଣ୍ଣ ଦୁଇଭାଗରେ ବିଭକ୍ତ ; ଯଥା - ୧. ଅନ୍ତଃସ୍ଥ ୨. ଉଷ୍ମ ।

**ଅନ୍ତଃସ୍ଥବର୍ଣ୍ଣ** - ଯ,ର,ଲ,ବ - ଏହି ଚାରୋଟିକୁ ଅନ୍ତଃସ୍ଥ ବର୍ଣ୍ଣ କୁହାଯାଏ । ସ୍ପର୍ଶ ଓ ଉଷ୍ମ ବର୍ଣ୍ଣର ମଝିରେ (ଅନ୍ତଃ) ରହୁଥିବାରୁ ଏହାକୁ ଅନ୍ତଃସ୍ଥ ବୋଲି କୁହାଯାଏ । କେହି କେହି ଏହି ବର୍ଣ୍ଣକୁ ଅର୍ଦ୍ଧସ୍ୱର (Semivowel) ବୋଲି କହନ୍ତି । କାରଣ, ସ୍ୱରବର୍ଣ୍ଣର ମିଶ୍ରଣରେ ଏହି ବର୍ଣ୍ଣ ହୋଇଥାଏ ।

ଯଥା - ଇ/ଈ+ଅ=ଯ, ଉ/ଊ+ଅ=ବ, ଋ/ୠ+ଅ=ର, ଌ+ଅ=ଲ ।

ବ୍ୟଞ୍ଜନ ହୋଇଥିଲେ ମଧ୍ୟ ଏହି ବର୍ଣ୍ଣ ସ୍ୱରରେ ସମ୍ପ୍ରସାରିତ ହୁଅନ୍ତି (ଇଗ୍ ଯଣଃ ସମ୍ପ୍ରସାରଣମ୍) ।

ଯ ⟶ ଇ

ବ ⟶ ଉ

ର ⟶ ଋ

ଲ ⟶ ଌ

ଓଡ଼ିଆ ଲିପିରେ ଅନ୍ତଃସ୍ଥ ଯ ଦୁଇପ୍ରକାର ଲେଖାଯାଏ ; ଯଥା - ଯ ଏବଂ ୟ । ଦେବନାଗରୀରେ କେବଳ य ଲେଖାଯାଏ । ବେଦରେ ୟ ର ପ୍ରୟୋଗ ଦେଖାଯାଏ । ଯଥା - **य़** । ଓଡ଼ିଆରେ ଳ ଓ ଲ ଦୁଇଟି ଲିପି ପ୍ରଚଳିତ । ଦେବନାଗରୀରେ ळ ଓ ल ଏହି ଦୁଇଟି ଲିପି ଲେଖାଯାଏ । ପ୍ରଚଳିତ ଓଡ଼ିଆ ଲିପିରେ ବର୍ଗ୍ୟ ବ ଏବଂ ଅନ୍ତଃସ୍ଥ ବ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ ନାହିଁ । ଏଣୁ ଅନ୍ତଃସ୍ଥ ବ କୁ ବ ଏହିପରି ଦର୍ଶାଯାଇଛି । ଦେବନାଗରୀରେ ବର୍ଗ୍ୟ ବ = ब, ଅନ୍ତଃସ୍ଥ ବ = व ।

**ଉଷ୍ମବର୍ଣ୍ଣ** - ଯେଉଁ ବର୍ଣ୍ଣ ଉଚ୍ଚାରିତ ହେଲେ ମୁଖ ଗହ୍ୱରରୁ ବାୟୁ (ଉଷ୍ମା) ନିର୍ଗତ ହୁଏ ତାହାକୁ ଉଷ୍ମବର୍ଣ୍ଣ କୁହାଯାଏ (*ଉଷ୍ମା ବାୟୁସ୍ତତ୍ ପ୍ରଧାନା ବର୍ଣ୍ଣା ଉଷ୍ମାଣଃ - ଉକ୍ତପ୍ରାତିଶାଖ୍ୟ*) ।

ଶ, ଷ, ସ, ହ - ଏହି ଚାରୋଟି ଉଷ୍ମବର୍ଣ୍ଣ ।

## (ଗ) ଅଯୋଗବାହ

ଏହି ବର୍ଣ୍ଣମାନଙ୍କର ସ୍ୱରଧର୍ମ ଓ ବ୍ୟଞ୍ଜନଧର୍ମ ରହିଛି । ଯେଉଁ ବର୍ଣ୍ଣମାନେ ଅକାରାଦି ବର୍ଣ୍ଣସହ ସଂଯୁକ୍ତ ହୋଇ ନିଜର ଏକ ପୃଥକ୍ ସତ୍ତାକୁ ବହନ କରନ୍ତି ସେମାନଙ୍କୁ ଅଯୋଗବାହ କୁହାଯାଏ (*ଅକାରାଦିନା ବର୍ଣ୍ଣସମାମ୍ନାୟେ ତେ ସଂହିତାଃ ସନ୍ତଃ ଯେ ବହନ୍ତି ଆତ୍ମଲାଭଂ ତେ ଅଯୋଗବାହାଃ - ଇତ୍ୟର୍ଥ*) । ବିସର୍ଜନୀୟ-ଜିହ୍ୱାମୂଳୀୟୋପଧ୍ମାନୀୟାନୁସ୍ୱାର ନାସିକ୍ୟଯମାଃ ଅଯୋଗବାହାଃ । ଅବିଦ୍ୟମାନଃ ଯୋଗଃ ପ୍ରତ୍ୟାହାରେଷୁ ଯେଷାଂ ତେ ଅଯୋଗାଃ । ପ୍ରତ୍ୟାହାରସମ୍ବନ୍ଧଶୂନ୍ୟାଃ ଇତ୍ୟର୍ଥଃ । ବାହୟନ୍ତି ନିର୍ବାହୟନ୍ତି ଶବ୍ଦାଦିପ୍ରୟୋଗମ୍ ଇତି ବାହାଃ । ଅଯୋଗାଶ୍ଚ ତେ ବାହାଶ୍ଚ- ଅଯୋଗବାହାଃ, କର୍ମଧାରୟ । ଅଯୋଗବାହ; ଯଥା -

ଅନୁସ୍ୱାର - ଂ, କଂ

ଅନୁନାସିକ (ଚନ୍ଦ୍ରବିନ୍ଦୁ) - ଁ , କଁ

ବିସର୍ଗ - ଃ, କଃ

ବିସୃଜତି ବିବିଧରୂପାଣି ଓକାରାଦୀନି ଇତି ବିସର୍ଗଃ ।

ଜିହ୍ୱାମୂଳୀୟ - × କ,×ଖ, କ ଓ ଖ ପୂର୍ବରୁ ଥିବା ଅର୍ଦ୍ଧବିସର୍ଗ ସଦୃଶ ବର୍ଣ୍ଣ ।

ଉପଧ୍ମାନୀୟ - ×ପ,×ଫ, ପ ଓ ଫ ପୂର୍ବରୁ ଥିବା ଅର୍ଦ୍ଧବିସର୍ଗ ସଦୃଶ ବର୍ଣ୍ଣ ।

ଯମ - ଯମ ଶବ୍ଦର ଅର୍ଥ ଯାଆଁଳା । ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥବର୍ଣ୍ଣ ପରେ ପଞ୍ଚମ ବର୍ଣ୍ଣ ରହିଲେ ମଝିରେ ପୂର୍ବସଦୃଶ ବର୍ଣ୍ଣର ଆବିର୍ଭାବ ଘଟେ, ଯାହାକୁ ଯମବର୍ଣ୍ଣ କୁହାଯାଏ; ଯଥା- କକ୍ନ, ଖଖ୍ନ, ଗଗ୍ନ, ଘଘ୍ନ ।

ସାଧାରଣ ଭାବେ ସ୍ୱରବର୍ଣ୍ଣ -୧୩ । ବ୍ୟଞ୍ଜନବର୍ଣ୍ଣ - କ ଠାରୁ ହ ପର୍ଯ୍ୟନ୍ତ ୩୩ + ଂ, ଃ, ଁ = ୩୬ । ଏହିପରି ୪୯ଟି ବର୍ଣ୍ଣ ସାଧାରଣ ଭାବେ ସ୍ୱୀକୃତ । ଜିହ୍ୱାମୂଳୀୟ, ଉପଧ୍ମାନୀୟ ଓ ଯମ ବର୍ଣ୍ଣର ବିଶେଷ ପ୍ରଚଳନ ନାହିଁ ।

କେହି କେହି ସ୍ୱରବର୍ଣ୍ଣକୁ ୧୬ ମାତୃକାବର୍ଣ୍ଣ ରୂପେ ଗ୍ରହଣ କରନ୍ତି । ଯଥା - ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, (ୡ - ଦୀର୍ଘ ଌକାର ତନ୍ତ୍ରମତରେ ସ୍ୱୀକୃତ ଅଟେ କିନ୍ତୁ, ପାଣିନୀୟ ବର୍ଣ୍ଣମାଳାରେ ଏହା ନାହିଁ । ତାଙ୍କ ମତରେ 'ଌତ୍ୟ ଦୀର୍ଘୋନାସ୍ତି') । ଏ, ଐ, ଓ, ଔ, ଅଂ, ଅଃ, ଅଁ ।

ବ୍ୟଞ୍ଜନ କ ଠାରୁ ହ - ୩୩; ଏହିପରି ୪୯ଟି ବର୍ଣ୍ଣ ପ୍ରଚଳିତ । ବର୍ତ୍ତମାନ ଌ ବର୍ଣ୍ଣର ପ୍ରଚଳନ ଦୁର୍ଲଭ ।

**ପାଣିନୀୟ ବର୍ଣ୍ଣସମାମ୍ନାୟ** - ପାଣିନି ପ୍ରସିଦ୍ଧ ଅଷ୍ଟାଧ୍ୟାୟୀ ଗ୍ରନ୍ଥର ପ୍ରଣେତା । ସେ ମହେଶ୍ୱର ପରମ୍ପରାରୁ ବର୍ଣ୍ଣରାଶି ଗ୍ରହଣ କରି ଚଉଦଟି ସୂତ୍ରରେ ବର୍ଣ୍ଣାଇଛନ୍ତି । ଏହା ମାହେଶ୍ୱରସୂତ୍ର ନାମରେ ପରିଚିତ ।

।୧। ଅଇଉଣ୍ ।୨। ଋଌକ୍ ।୩। ଏଓଙ୍ ।୪। ଐଔଚ୍
।୫। ହୟ(ଯ)ବରଟ୍ ।୬। ଲଣ୍ ।୭। ଞମଙଣନମ୍
।୮। ଝଭଞ୍ ।୯। ଘଢଧଷ୍ ।୧୦। ଜବଗଡଦଶ୍
।୧୧। ଖଫଛଠଥଚଟତବ୍ ।୧୨। କପୟ୍ ।୧୩। ଶଷସର୍
।୧୪। ହଲ୍

ଏହି ୧୪ଟି ସୂତ୍ର ମଧ୍ୟରୁ ଯେ କୌଣସି ସୂତ୍ରର ଅନ୍ତ୍ୟବର୍ଣ୍ଣ ଛଡ଼ା ଅନ୍ୟବର୍ଣ୍ଣକୁ ଆଦିବର୍ଣ୍ଣ ରୂପେ ଗ୍ରହଣ କରାଯାଇ ଉକ୍ତ ବର୍ଣ୍ଣସହ ଯେ କୌଣସି ସୂତ୍ରର ଅନ୍ତ୍ୟବର୍ଣ୍ଣକୁ ନେଇ ଏକ ସଂଜ୍ଞା ଗ୍ରହଣ କରାଯାଇଥାଏ । ବର୍ଣ୍ଣକୁ ସଂକ୍ଷେପରେ ବୁଝାଇବା ପାଇଁ ଏହି ବ୍ୟବସ୍ଥା ସ୍ୱୀକୃତ । ଅଇଉଣ୍ ସୂତ୍ରର ଆଦି ଅକ୍ଷର ଅ ଏହାର ଅନ୍ତ୍ୟ ଅକ୍ଷର ଣ୍ ଉଭୟକୁ ମିଶାଇ ଅଣ୍ ସଂଜ୍ଞା ବା ଅଣ୍ ପ୍ରତ୍ୟାହାର । ଏହାଦ୍ୱାରା ଅଇଉ ଏହି ତିନୋଟି ବର୍ଣ୍ଣକୁ ବୁଝାଯିବ । ଏଥିରେ ଅନ୍ତ୍ୟବର୍ଣ୍ଣକୁ ମିଶାଯାଏ ନାହିଁ । ଏହାକୁ ପ୍ରତ୍ୟାହାର କୁହାଯାଏ । ଏହିପରି ସମୁଦାୟ ୪୨ଟି ପ୍ରତ୍ୟାହାର ଗୃହୀତ । ଯଥା -

ଏଙ୍ । ଯଞ୍ । ଅଣ୍ । ଛବ୍ । ଅଚ୍ ।

ଝଷ୍ । ଭଷ୍ । ଅକ୍ । ଇକ୍ । ଉକ୍ । ଅଣ୍ ।

ଇଣ୍ । ଯଣ୍ । ଅମ୍ । ଯମ୍ । ଙମ୍ । ଅଚ୍ । ଇଚ୍ ।

ଏଚ୍ । ଐଚ୍ । ଯୟ୍ । ମୟ୍ । ଝୟ୍ । ଖୟ୍ । ଚୟ୍ ।

ଯର୍ । ଝର୍ । ଖର୍ । ଚର୍ । ଶର୍ ।। ଅଶ୍ । ହଶ୍ ।

ବ(ୱ)ଶ୍ । ଝଶ୍ । ଜଶ୍ । ବଶ୍ । ଅଲ୍ । ହଲ୍ । ବ(ୱ)ଲ୍ ।

ରଲ୍ । ଝଲ୍ । ଶଲ୍ ।

ପ୍ରଥମ ଅଣ୍ - ଅଣ୍ ପ୍ରତ୍ୟାହାରରୁ ଅଇଉଣ୍ ର ପ୍ରଥମ ଅ ଏବଂ ଲଣ୍‌ର ଶେଷ ଣ୍ ଏହିଭଳି ଗ୍ରହଣ କରାଯାଇ ସମସ୍ତ ସ୍ୱରବର୍ଣ୍ଣ ଯଥା ଅ, ଇ, ଉ, ଋ, ଌ ଏ ଓ ଐ ଔ (ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ) ତଥା ଅର୍ଦ୍ଧସ୍ୱର ଯଥା ହ ଯ ବ ର ଲ ବର୍ଣ୍ଣମାନ ଗୃହୀତ ହୋଇଥାଏ । (*ଅଣୁଦିତ୍ ସବର୍ଣ୍ଣସ୍ୟ ଚାପ୍ରତ୍ୟୟଃ- ଅ. ୧. ୧. ୬୯*) । ସୂତ୍ରସ୍ଥଳେ ଏହି 'ଅଣ୍' ର ଗ୍ରହଣ ହୁଏ । ଅନ୍ୟତ୍ର ଏହାର ପ୍ରୟୋଗ ନାହିଁ ।

ଦ୍ୱିତୀୟ ଅଣ୍ - ଅଇଉ । ଏହା ଅନ୍ୟତ୍ର ଗୃହୀତ ହୁଏ । ଏହା ବ୍ୟତୀତ 'ର' ପ୍ରତ୍ୟାହାର (ର,ଲ) ବର୍ଣ୍ଣପାଇଁ ଗୃହୀତ । ଞମ୍ ପ୍ରତ୍ୟାହାରକୁ ମଧ୍ୟ କେହି କେହି ମାନନ୍ତି । ଏପରି ଦୁଇଟି ମିଶାଇଲେ ୪୪ ପ୍ରତ୍ୟାହାର ସ୍ୱୀକୃତ ।

## ବର୍ଣ୍ଣମାନଙ୍କର ଉଚ୍ଚାରଣସ୍ଥାନ

୧. ଅକୁହବିସର୍ଜନୀୟାନାଂ କଣ୍ଠଃ । ୨. ଇଚୁୟଶାନାଂ ତାଳୁ ।

୩. ଋଟୁରଷାଣାଂ ମୂର୍ଦ୍ଧା । ୪. ଌତୁଲସାନାଂ ଦନ୍ତାଃ ।

୫. ଉପୂପଧ୍ମାନୀୟାନାମୋଷ୍ଠୌ । ୬. ଏଦୈତୋଃ କଣ୍ଠତାଳୁ ।

୭. ଓଦୌତୋଃ କଣ୍ଠୋଷ୍ଠମ୍ । ୮. ବ (ୱ) କାରସ୍ୟ ଦନ୍ତୋଷ୍ଠମ୍ ।

| ସ୍ଥାନ | ସ୍ୱର | ବର୍ଗୀୟବ୍ୟଞ୍ଜନ | ଅବର୍ଗୀୟବ୍ୟଞ୍ଜନ | | ବର୍ଣ୍ଣମାଳାନାମ |
|---|---|---|---|---|---|
| | | | ଅନ୍ତଃସ୍ଥ | ଉଷ୍ମ | |
| କଣ୍ଠ | ଅ,ଆ | କ୍ଖ୍ଗ୍ଘ୍ଙ୍ | | ହ୍, ଃ | କଣ୍ଠ୍ୟ |
| ତାଳୁ | ଇ,ଈ | ଚ୍ଛ୍ଜ୍ଝ୍ଞ୍ | ଯ୍/ୟ୍ | ଶ୍ | ତାଳବ୍ୟ |
| ମୂର୍ଦ୍ଧା | ଋ,ୠ | ଟ୍ଠ୍ଡ୍ଢ୍ଣ୍ | ର୍/ଳ୍ | ଷ୍ | ମୂର୍ଦ୍ଧନ୍ୟ |
| ଦନ୍ତ | ଌ | ତ୍ଥ୍ଦ୍ଧ୍ନ୍ | ଲ୍ | ସ୍ | ଦନ୍ତ୍ୟ |
| ଓଷ୍ଠ | ଉ,ଊ | ପ୍ଫ୍ବ୍ଭ୍ମ୍ | - | ×ପ, ×ଫ | ଓଷ୍ଠ୍ୟ |
| କଣ୍ଠ-ତାଳୁ | ଏ,ଐ | - | - | - | କଣ୍ଠତାଳବ୍ୟ |
| କଣ୍ଠ-ଓଷ୍ଠ | ଓ,ଔ | - | - | - | କଣ୍ଠୋଷ୍ଠ୍ୟ |
| ଦନ୍ତ-ଓଷ୍ଠ | | - | ବ(ୱ) | - | ଦନ୍ତୋଷ୍ଠ୍ୟ |
| ନାସିକା | - | ଙ୍ଞ୍ଣ୍ନ୍ମ୍ | - | ଅନୁସ୍ୱାର | ନାସିକ୍ୟ |
| ଜିହ୍ୱାମୂଳ | - | - | - | ×କ,×ଖ | ଜିହ୍ୱାମୂଳୀୟ |

## ବର୍ଣ୍ଣମାନଙ୍କର ପ୍ରଯତ୍ନ

ବର୍ଣ୍ଣୋଚ୍ଚାରଣର ଚେଷ୍ଟାକୁ ପ୍ରଯତ୍ନ ବୋଲି କୁହାଯାଏ । ଏହି ପ୍ରଯତ୍ନ ଦୁଇପ୍ରକାରର; ଯଥା ଆଭ୍ୟନ୍ତର ପ୍ରଯତ୍ନ ଓ ବାହ୍ୟ ପ୍ରଯତ୍ନ । ବର୍ଣ୍ଣମାନଙ୍କର ଉଚ୍ଚାରଣ ସମୟରେ ଜିହ୍ୱାର ପ୍ରମୁଖ ଭୂମିକା ରହିଛି । ଗୋଟିଏ ବର୍ଣ୍ଣର ଉଚ୍ଚାରଣ ପାଇଁ ଜିହ୍ୱାର ଯେକୌଣସି ଅଂଶକୁ ମୁଖ ଗହ୍ୱର ମଧ୍ୟରେ ଥିବା ବିଭିନ୍ନ ସ୍ଥାନମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ସ୍ଥାନକୁ ସ୍ପର୍ଶ କରାଇବାକୁ ପଡ଼ିଥାଏ । ଏହି ପ୍ରକାର ଚେଷ୍ଟାକୁ ଆଭ୍ୟନ୍ତର ପ୍ରଯତ୍ନ କୁହାଯାଏ । ଏହା ପାଞ୍ଚ ପ୍ରକାରର ଅଟେ; ଯଥା - ସ୍ପୃଷ୍ଟ, ଈଷତ୍ ସ୍ପୃଷ୍ଟ, ଈଷଦ୍ ବିବୃତ, ବିବୃତ ଓ ସଂବୃତ ।

## ଆଭ୍ୟନ୍ତର ପ୍ରଯତ୍ନ

| | | |
|---|---|---|
| ସ୍ପୃଷ୍ଟ | କ୍,ଖ୍,ଗ୍,ଘ୍,ଙ୍ | ବର୍ଗ୍ୟ / ବର୍ଗୀୟ ବ୍ୟଞ୍ଜନ |
| | ଚ୍,ଛ୍,ଜ୍,ଝ୍,ଞ୍ | |
| | ଟ୍,ଠ୍,ଡ୍,ଢ୍,ଣ୍ | |
| | ତ୍,ଥ୍,ଦ୍,ଧ୍,ନ୍ | |
| | ପ୍,ଫ୍,ବ୍,ଭ୍,ମ୍ | |
| ଈଷତ୍ସ୍ପୃଷ୍ଟ | ଯ୍,ର୍,ଲ୍,ବ୍ | ଅନ୍ତଃସ୍ଥ / ଅନ୍ତଃସ୍ଥା |
| ବିବୃତ | ଅ,ଇ,ଉ,ଋ,ଌ | ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ ସ୍ୱରବର୍ଣ୍ଣ |
| | ଏ,ଐ,ଓ,ଔ | |
| | ଶ୍,ଷ୍,ସ୍,ହ୍ | ଉଷ୍ମବର୍ଣ୍ଣ |
| ସଂବୃତ | ହ୍ରସ୍ୱ 'ଅ' ଉଚ୍ଚାରଣ କାଳରେ | |
| | ସନ୍ଧିପ୍ରଭୃତିରେ ଏହା ବିବୃତ । | |

## ବାହ୍ୟ ପ୍ରଯତ୍ନ

| | | |
|---|---|---|
| ବିବାର | କ୍ ଚ୍,ଟ୍,ତ୍,ପ୍ | ବର୍ଗର ପ୍ରଥମ ବର୍ଣ୍ଣ |
| ଶ୍ୱାସ | ଖ୍,ଛ୍,ଠ୍,ଥ୍,ଫ୍ | ଦ୍ୱିତୀୟ ବର୍ଣ୍ଣ |
| ଅଘୋଷ | ଶ୍,ଷ୍,ସ୍, ଃ (ବିସର୍ଗ) | |
| | ⨯ କ, ⨯ ପ | |
| ସଂବାର | ହ୍,ଯ୍,ବ୍,ର୍,ଲ୍ | |
| ନାଦ | ଙ୍,ମ୍,ଙ୍,ଣ୍,ନ୍ | |
| | ଝ୍,ଭ୍,ଘ୍,ଢ୍,ଧ୍ | |
| ଘୋଷ | ଜ୍,ବ୍,ଗ୍,ଡ୍,ଦ୍ | |
| | ଂ (ଅନୁସ୍ୱାର) | |

| | | |
|---|---|---|
| ଅଳ୍ପପ୍ରାଣ | କ୍, ଚ୍, ଟ୍, ତ୍, ପ୍ | ବର୍ଗର ପ୍ରଥମବର୍ଣ୍ଣ |
| | ଗ୍, ଜ୍, ଡ୍, ଦ୍, ବ୍ | ବର୍ଗର ତୃତୀୟବର୍ଣ୍ଣ |
| | ଙ୍, ଞ୍, ଣ୍, ନ୍, ମ୍ | ବର୍ଗର ପଞ୍ଚମବର୍ଣ୍ଣ |
| | ଯ୍, ବ୍, ର୍, ଳ୍ | ଅନ୍ତଃସ୍ଥ ବର୍ଣ୍ଣ |
| ମହାପ୍ରାଣ | ଖ୍, ଛ୍, ଠ୍, ଥ୍, ଫ୍ | ବର୍ଗର ଦ୍ୱିତୀୟବର୍ଣ୍ଣ |
| | ଘ୍, ଝ୍, ଢ୍, ଧ୍, ଭ୍ | ବର୍ଗର ଚତୁର୍ଥବର୍ଣ୍ଣ; |
| | ଶ୍, ଷ୍, ସ୍, ହ୍ | ଉଷ୍ମବର୍ଣ୍ଣ |
| | ଅନୁସ୍ୱାର, ବିସର୍ଗ, × କ, × ପ | |

**ବାଗ୍‌ଯନ୍ତ୍ର ବା ଭାଷଣାବୟବ :**

ଧ୍ୱନିର ମୂଳମନ୍ତ୍ର ହେଉଛି ବାୟୁ । ଫୁସ୍‌ଫୁସ୍ ଭିତରୁ ଯେଉଁ ପ୍ରଶ୍ୱାସ ପବନ ମୁଖରନ୍ଧ୍ର ଦେଇ ବାହାରକୁ ଆସେ ସେହି ପବନ ବାଗ୍‌ଯନ୍ତ୍ର ଭିତରେ ନାନା ଭାବରେ ଆଘାତପ୍ରାପ୍ତ ହୋଇ ଧ୍ୱନିରେ ପରିଣତ ହୁଏ । ଧ୍ୱନି କେଉଁଠି କିପରି ଭାବରେ ଆଘାତପ୍ରାପ୍ତ ହୁଏ ତାହା ଜାଣିବା ପାଇଁ ବାଗ୍‌ଯନ୍ତ୍ରର ବିଭିନ୍ନ ବିଭାଗ ସହିତ ପ୍ରଥମେ ପରିଚିତ ହେବା ଉଚିତ ।



୧. ଓଷ୍ଠ

୨. ଦନ୍ତ

୩. ବର୍ତ୍ସ (ଦନ୍ତମୂଳ)

୪. କଠିନ ତାଳୁ

୫. କୋମଳ (ନିମ୍ନ) ତାଳୁ

୬. ଅଳିଜିହ୍ୱା ବା ଘଟିକା

୭. ଜିହ୍ୱାଗ୍ର

୮. ଜିହ୍ୱାଫଳକ

୯. ଜିହ୍ୱା ମଧ୍ୟ

୧୦. ଜିହ୍ୱା ପଶ୍ଚାତ୍

୧୧. ଉପାଲି ଜିହ୍ୱା ବା ଗଳଗହ୍ୱର

୧୨. ସ୍ୱରଯନ୍ତ୍ରାବରଣ

୧୩. ସ୍ୱରତନ୍ତ୍ରୀର ସ୍ଥାନ

୧୪. ଶ୍ୱାସନଳୀ

୧୫. ନାସାରନ୍ଧ୍ର

## ଅନୁଶୀଳନୀ

୧. ବର୍ଣ୍ଣଃ କତିବିଧଃ ? (ଦ୍ୱିବିଧଃ, ତ୍ରିବିଧଃ, ଚତୁର୍ବିଧଃ)
ଶୁଦ୍ଧମ୍ ଉତ୍ତରଂ ନିରୂପୟତ ।

୨. ସ୍ୱରବର୍ଣ୍ଣଃ କତିବିଧଃ ? (ଦ୍ୱିବିଧଃ, ତ୍ରିବିଧଃ, ଚତୁର୍ବିଧଃ)
ଶୁଦ୍ଧମ୍ ଉତ୍ତରଂ ନିରୂପୟତ ।

୩. ଅ, ଇ, ଏ, ଉ, ଓ, ଋ - ଏତେଷୁ କେ ହ୍ରସ୍ୱସ୍ୱରାଃ,
କେ ଚ ଦୀର୍ଘସ୍ୱରାଃ ?

୪. ଏ, ଐ, ଓ, ଔ - ଏତେଷାଂ କଃ ପରିଚୟଃ ।
(ଅର୍ଦ୍ଧସ୍ୱରାଃ, ସନ୍ଧ୍ୟକ୍ଷରାଣି, ପ୍ଲୁତସ୍ୱରାଃ)

୫. କମଳମ୍ - ଅତ୍ର ଏବଂ ବର୍ଣ୍ଣାଃ ସନ୍ତି ଯଥା - କ୍ ଅ ମ୍ ଅ ଳ୍ ଅ ମ୍
ତଥୈବ ଅଧୋନିର୍ଦ୍ଦିଷ୍ଟାନାଂ ବର୍ଣ୍ଣବିନ୍ୟାସଂ କୁରୁତ - ବାରିଧିଃ,
ଭୁବନମ୍, କ୍ରିୟା, ବର୍ଣ୍ଣଃ, ବ୍ୟଞ୍ଜନମ୍ ।

୬. କେ ପଞ୍ଚ ମୌଳିକସ୍ୱରାଃ ? ତେଷାଂ କିଂ ନାମାନ୍ତରମ୍ ଅସ୍ତି ?

୭. ବର୍ଗୀୟବର୍ଣ୍ଣାଃ କତି ? (୧୬,୨୦,୨୫)

୮. 'ଌ' ଇତି ଅନେନ କେ ବର୍ଣ୍ଣାଃ ସୂଚ୍ୟନ୍ତେ ?

***

# ୩ - ସନ୍ଧି ପ୍ରକରଣ

ସନ୍ଧି ଶବ୍ଦର ଅର୍ଥ ମିଳନ । ବ୍ୟାକରଣଶାସ୍ତ୍ରରେ ପରସ୍ପର ସନ୍ନିହିତ ଦୁଇଟି ବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ । *(ପରଃ ସନ୍ନିକର୍ଷଃ ସଂହିତା- ପା.୧.୪.୧୦୯ / ବର୍ଣ୍ଣାନାମତିଶୟିତଃ ସନ୍ନିଧିଃ ସଂହିତାସଂଜ୍ଞଃ ସ୍ୟାତ୍)*। ସନ୍ଧିର ଅନ୍ୟ ନାମ ସଂହିତା । ସନ୍ଧି କରାଯାଉଥିବା ଦୁଇ ବର୍ଣ୍ଣ ମଧ୍ୟରେ ଅନ୍ୟ କୌଣସି ତୃତୀୟ ବର୍ଣ୍ଣର ଅବସ୍ଥିତି ନ ଥାଏ । ତେଣୁ ସର୍ବଦା ବ୍ୟବଧାନ ରହିତ ଅର୍ଥାତ୍ ଅତ୍ୟନ୍ତ ସମୀପବର୍ତ୍ତୀ ଦୁଇଟି ବର୍ଣ୍ଣ ମଧ୍ୟରେ ହିଁ ସନ୍ଧି ହୋଇଥାଏ ।

ଉଚ୍ଚାରଣଗତ ସୁବିଧା, ଶ୍ରୁତିମଧୁରଭାବର ଆନୟନ ଏବଂ ବର୍ଣ୍ଣସଂକୋଚନ ହିଁ ସନ୍ଧିର ଉଦ୍ଦେଶ୍ୟ । ଏ କଥା ସତ୍ୟ ଯେ ଭାଷାରେ ସମସ୍ତ ସ୍ଥଳରେ ସନ୍ଧି ବାଧ୍ୟତାମୂଳକ ନୁହେଁ ।

*ସଂହିତୈକପଦେ ନିତ୍ୟା ନିତ୍ୟା ଧାତୂପସର୍ଗୟୋଃ /*
*ନିତ୍ୟା ସମାସେ ବାକ୍ୟେ ତୁ ସା ବିବକ୍ଷାମପେକ୍ଷତେ //*

ଏଠାରେ ସଂହିତା ଶବ୍ଦର ଅର୍ଥ ସନ୍ଧି ।

ପଦରଚନାରେ ତିନୋଟି ସ୍ଥଳରେ ସନ୍ଧି ବାଧ୍ୟତାମୂଳକ; ଯଥା -

୧. ଏକପଦରେ -

ଗୈ + ଅକଃ = ଗାୟକଃ । ଭୋ + ଅତି = ଭବତି ।

୨. ଧାତୁ ଓ ତାର ପୂର୍ବସ୍ଥିତ ଉପସର୍ଗ ମଧ୍ୟରେ -

ଅପ + ଈକ୍ଷତେ =ଅପେକ୍ଷତେ । ଅଭି + ଅସ୍ୟତି = ଅଭ୍ୟସ୍ୟତି ।

୩. ସମାସରେ -

କୁଶ + ଆସନମ୍ = କୁଶାସନମ୍ । ଗଣ + ଈଶଃ = ଗଣେଶଃ ।

ମାତ୍ର, ବାକ୍ୟରଚନାରେ ସନ୍ଧି ବକ୍ତାର ଇଚ୍ଛା ଉପରେ ନିର୍ଭର କରେ । ବକ୍ତା ଚାହିଁଲେ ସନ୍ଧି କରିପାରେ, ନ କରି ବି ପାରେ । ଯଥା -

(କ) *ଅଶୋକୋ ଗଚ୍ଛତି । ଅଶୋକଃ ଗଚ୍ଛତି ।*

(ଖ) *ରାମସ୍ୟ ଆଗମନଂ ପ୍ରଜାନାମ୍ ଆହ୍ଲାଦଜନକମ୍ ।*

*ରାମସ୍ୟାଗମନଂ ପ୍ରଜାନାମାହ୍ଲାଦଜନକମ୍ ।*

ସନ୍ଧିର ସମ୍ୟକ୍ ଜ୍ଞାନ ନ ଥିଲେ ପ୍ରାଚୀନ ଗ୍ରନ୍ଥ ଅଧ୍ୟୟନ କରି ହୃଦୟଙ୍ଗମ କରିବା ସମ୍ଭବପର ହୁଏ ନାହିଁ । ସନ୍ଧିର କେତେକ ପ୍ରଧାନ ନିୟମ ନିଶ୍ଚିତ ରୂପେ ଶିକ୍ଷଣୀୟ ।

ସନ୍ଧି କରିବା ଫଳରେ କେତେବେଳେ ଦୁଇଟି ବର୍ଣ୍ଣର କେବଳ ମିଳନ ହୁଏ, କେତେବେଳେ ପୂର୍ବବର୍ଣ୍ଣର, କେତେବେଳେ ପରବର୍ଣ୍ଣର ବା କେତେବେଳେ ଉଭୟ ବର୍ଣ୍ଣର ପରିବର୍ତ୍ତନ ମଧ୍ୟ ହୋଇଥାଏ । ସ୍ଥଳ ବିଶେଷରେ କୌଣସି ବର୍ଣ୍ଣର କୌଣସି ପରିବର୍ତ୍ତନ ମଧ୍ୟ ହୁଏ ନାହିଁ । ଏହାକୁ ପ୍ରକୃତିଭାବ କୁହାଯାଏ । ଯଥା -

**ସନ୍ଧିରେ ପୂର୍ବବର୍ଣ୍ଣର ପରିବର୍ତ୍ତନ -**

ଆକୃତି + ଆଦି = ଆକୃତ୍ୟାଦି । ଚିତ୍ + ମୟଃ = ଚିନ୍ମୟଃ ।

**ସନ୍ଧିରେ ପରବର୍ଣ୍ଣର ପରିବର୍ତ୍ତନ -**

ଉତ୍ + ସ୍ଥାନମ୍ = ଉତ୍ଥାନମ୍ । ବନେ + ଅତ୍ର = ବନେଽତ୍ର ।

**ସନ୍ଧିରେ ଉଭୟ ବର୍ଣ୍ଣର ପରିବର୍ତ୍ତନ -**

ମହା + ଋଷିଃ = ମହର୍ଷିଃ

**ସନ୍ଧିରେ ପ୍ରକୃତିଭାବ -**

କୃଷ୍ଣ ! + ଆଗଚ୍ଛ = କୃଷ୍ଣ ଆଗଚ୍ଛ

ସ୍ଥଳବିଶେଷରେ ସନ୍ଧି କରାଯାଉଥିବା ଦୁଇ ବର୍ଣ୍ଣ ମଧ୍ୟରେ ଏକ ନୂତନ ବର୍ଣ୍ଣର ମଧ୍ୟ ଆଗମ ହୋଇଥାଏ ।

ବୃକ୍ଷ + ଛାୟା = ବୃକ୍ଷଚ୍ଛାୟା (ଚ୍ + ଛ = ଚ୍ଛ)

ଏଠାରେ ଏକ ନୂତନ ବର୍ଣ୍ଣ 'ଚ୍'ର ଆଗମନ ହୋଇଅଛି ।

**ସନ୍ଧି କେତେ ପ୍ରକାର ?**

ସନ୍ଧି ତିନି ପ୍ରକାରର ଅଟେ; ଯଥା - ୧. ସ୍ୱରସନ୍ଧି ୨. ବ୍ୟଞ୍ଜନସନ୍ଧି ୩. ବିସର୍ଗସନ୍ଧି ।

### (୧) ସ୍ୱରସନ୍ଧି ବା ଅଚ୍‌ସନ୍ଧି

ସ୍ୱରବର୍ଣ୍ଣ ସହ ସ୍ୱରବର୍ଣ୍ଣର ମିଳନକୁ 'ସ୍ୱରସନ୍ଧି' କୁହାଯାଏ । ଯେତେବେଳେ ସ୍ୱରବର୍ଣ୍ଣ ସହିତ ସ୍ୱରବର୍ଣ୍ଣ ମିଶି ଗୋଟିଏ ବା ଦୁଇଟିଯାକ ସ୍ୱରର ବିକାର ଘଟେ, ସେତେବେଳେ ତାକୁ 'ସ୍ୱରସନ୍ଧି' ବା 'ଅଚ୍‌ସନ୍ଧି' କୁହାଯାଏ ।

ନର + ଅଧିପଃ = ନରାଧିପଃ । ମୁନି + ଇନ୍ଦ୍ରଃ = ମୁନୀନ୍ଦ୍ରଃ ।

ତବ + ଇଦମ୍ = ତବେଦମ୍ । ପୋ + ଅନଃ = ପବନଃ ।

ଯଦି + ଅପି = ଯଦ୍ୟପି । ନଦୀ + ଅମ୍ବୁ = ନଦ୍ୟମ୍ବୁ ।

ପିତୃ + ଆଳୟଃ = ପିତ୍ରାଳୟଃ ।

**ସ୍ୱରସନ୍ଧିର ଭେଦ**

ସ୍ୱରସନ୍ଧି ଆଠ ପ୍ରକାରର; ଯଥା - କ) ଦୀର୍ଘସନ୍ଧି ଖ) ଗୁଣସନ୍ଧି ଗ) ବୃଦ୍ଧିସନ୍ଧି ଘ) ଯଣ୍‌ସନ୍ଧି ଙ) ଅୟାଦିସନ୍ଧି ଚ) ପୂର୍ବରୂପସନ୍ଧି ଛ) ପରରୂପସନ୍ଧି ଜ) ପ୍ରକୃତିଭାବ ।

**(କ) ଦୀର୍ଘସନ୍ଧି**

ଅ ଇ ଉ ଋ ବର୍ଣ୍ଣ ସହ ସମାନ ସ୍ୱରବର୍ଣ୍ଣ ସଂଯୁକ୍ତ ହେଲେ ଉଭୟଙ୍କ ମିଳନରେ ଗୋଟିଏ ଦୀର୍ଘସ୍ୱରର ସୃଷ୍ଟି ହୋଇଥାଏ । ଅର୍ଥାତ୍ ଯେତେବେଳେ ହ୍ରସ୍ୱ ଅଥବା ଦୀର୍ଘ ଅ, ଇ, ଉ, ଋ ସହ ଯଥାକ୍ରମେ ଅ, ଇ,ଉ, ଋ ମିଳିତ ହୁଅନ୍ତି, ସେତେବେଳେ ଦୁଇଟିଯାକ ସ୍ୱର ସ୍ଥାନରେ ଗୋଟିଏ ଦୀର୍ଘ ବର୍ଣ୍ଣର ଉତ୍ପତ୍ତି ଘଟିଥାଏ *(ଅକଃ ସବର୍ଣ୍ଣେ ଦୀର୍ଘଃ-ପା. ୬/୧/୧୦୧)* ।

ଅ, ଆ

୧. ଅ + ଅ = ଆ

ଏକ + ଅକ୍ଷରଃ = ଏକାକ୍ଷରଃ । ଦୈତ୍ୟ + ଅରିଃ = ଦୈତ୍ୟାରିଃ ।

ଶଶ + ଅଙ୍କଃ = ଶଶାଙ୍କଃ ।

୨. ଅ + ଆ = ଆ

କମଳ + ଆଳୟଃ = କମଳାଳୟଃ । ତବ + ଆଜ୍ଞା = ତବାଜ୍ଞା ।

ରତ୍ନ + ଆକରଃ = ରତ୍ନାକରଃ ।

୩. ଆ + ଅ = ଆ

ତଥା + ଅପି = ତଥାପି । ଦୟା + ଅର୍ଣ୍ଣବଃ = ଦୟାର୍ଣ୍ଣବଃ ।

୪. ଆ + ଆ = ଆ

ଗଦା + ଆଘାତଃ = ଗଦାଘାତଃ ।

ଚିକିତ୍ସା + ଆଳୟଃ = ଚିକିତ୍ସାଳୟଃ ।

ଇ, ଈ

୧. ଇ + ଇ = ଈ

ଅଭି + ଇଷ୍ଟଃ = ଅଭୀଷ୍ଟଃ । କବି + ଇନ୍ଦ୍ରଃ = କବୀନ୍ଦ୍ରଃ ।

୨. ଇ + ଈ = ଈ

କପି + ଈଶଃ = କପୀଶଃ । କବି + ଈଶଃ = କବୀଶଃ ।

୩. ଈ + ଇ = ଈ

ଦେବୀ + ଇୟମ୍ = ଦେବୀୟମ୍ । ମହତୀ + ଇଚ୍ଛା = ମହତୀଚ୍ଛା ।

୪. ଈ + ଈ = ଈ

ନଦୀ + ଈଶଃ = ନଦୀଶଃ । ମହୀ + ଈଶଃ = ମହୀଶଃ ।

ଉ, ଊ

୧. ଉ + ଉ = ଊ

ଗୁରୁ + ଉପଦେଶଃ = ଗୁରୂପଦେଶଃ ।

ପ୍ରଭୁ + ଉକ୍ତିଃ = ପ୍ରଭୂକ୍ତିଃ । ଭାନୁ + ଉଦୟଃ = ଭାନୂଦୟଃ ।

ଲଘୁ + ଉପଦେଶଃ = ଲଘୂପଦେଶଃ ।

୨. ଉ + ଊ = ଊ

ତନୁ + ଊର୍ଦ୍ଧ୍ୱମ୍ = ତନୂର୍ଦ୍ଧ୍ୱମ୍ । ଲଘୁ + ଊର୍ମିଃ = ଲଘୂର୍ମିଃ ।

୩. ଊ + ଉ = ଊ

ବଧୂ + ଉକ୍ତିଃ = ବଧୂକ୍ତିଃ । ବଧୂ + ଉତ୍ସବଃ = ବଧୂତ୍ସବଃ ।

୪. ଊ + ଊ = ଊ

ଚମୂ (ସେନା) + ଊର୍ଜ୍ଜଃ(ଶକ୍ତି) = ଚମୂର୍ଜ୍ଜଃ ।

ଭୂ + ଊର୍ଦ୍ଧ୍ୱମ୍ = ଭୂର୍ଦ୍ଧ୍ୱମ୍ ।

ଋ, ୠ

୧. ଋ ବା ୠ + ଋ ବା ୠ = ୠ

ପିତୃ + ଋଣମ୍ = ପିତୄଣମ୍ । ମାତୃ + ଋଣମ୍ = ମାତୄଣମ୍ ।

୨. ଋ + ଌ = ୠ

ହୋତୃ + ଌକାରଃ = ହୋତୄକାରଃ *(ଋଌବର୍ଣ୍ଣଯୋର୍ମିଥଃ ସାବର୍ଣ୍ୟଂ ବାଚ୍ୟମ୍ - ବାର୍ତ୍ତିକମ୍ ।)*

**ଅପବାଦ ସ୍ଥଳ**

ବ୍ୟାକରଣ ପ୍ରୟୋଗରେ ପ୍ରଚଳିତ ବିଧିକୁ ବାଧା ଦେଇ ଯେଉଁ ବିଧିର ଆରମ୍ଭ କରାଯାଏ, ତାହାକୁ ଅପବାଦ କୁହାଯାଏ । *(ଅପୋଦ୍ୟତେ ବାଧ୍ୟତେ ଅନେନ ଇତି ଅପବାଦଃ । ଯେନ ନାପ୍ରାପ୍ତେ ଯୋ ବିଧିରାରଭ୍ୟତେ ସ*

*ତଥାପଠାତ୍ -ସିଦ୍ଧାନ୍ତକୌମୁଦୀର ବାଳମନୋରମା ଟୀକା)* । ପ୍ରୟୋଗ ସିଦ୍ଧିପାଇଁ ଏହି ନୂତନ ନିୟମ୍ ଗୁଡିକର ଉପାଦେୟତା ସ୍ୱୀକୃତ । ଯଥା -

କର୍କ +ଅନ୍ଧୁଃ = କର୍କନ୍ଧୁଃ (ଅନ୍ଧୁ=କୂପ) । କୁଳ + ଅଟା = କୁଳଟା ।

ମାର୍ତ +ଅଣ୍ଡଃ = ମାର୍ତ୍ତଣ୍ଡଃ । ଶକ + ଅନ୍ଧୁଃ = ଶକନ୍ଧୁଃ ।

*(ଶକନ୍ଧ୍ୱାଦିଷୁ ପରରୂପଂ ବାଚ୍ୟମ୍ (ବାର୍ତ୍ତିକମ୍)*

ସାର + ଅଙ୍ଗଃ =ସାରଙ୍ଗଃ । ସୀମ + ଅନ୍ତଃ = ସୀମନ୍ତଃ ।

*(ସୀମନ୍ତଃ କେଶବେଶେ, ସୀମାନ୍ତୋଽନ୍ୟ ।)*

ବ୍ୟତିକ୍ରମର ଅନ୍ୟ ଉଦାହରଣ -

ଲାଙ୍ଗଳ + ଈଷା = ଲାଙ୍ଗଳୀଷା ।

ପତତ୍ + ଅଞ୍ଜଳିଃ = ପତଞ୍ଜଳିଃ । ମନସ୍ + ଈଷା = ମନୀଷା ।

## (ଖ) ଗୁଣସନ୍ଧି

ଅ, ଏ, ଓ - ଏହି ତିନୋଟି ସ୍ୱରବର୍ଣ୍ଣକୁ ଗୁଣ କୁହାଯାଏ *(ଅଦେଙ୍ଗୁଣଃ- ପା. ୧.୧.୨; ଅଦେଙ୍ ଚ ଗୁଣସଂଜ୍ଞଃ ସ୍ୟାତ୍ )* । ଅ କିମ୍ବା ଆ ପରେ ହ୍ରସ୍ୱ କିମ୍ବା ଦୀର୍ଘ ସ୍ୱର (ଇ, ଈ, ଉ, ଊ, ଋ, ୠ, ଌ) ଥିଲେ ସନ୍ଧି ହୋଇ ଯଥାକ୍ରମେ ଏ, ଓ, ଅର୍, ଅଲ୍ ଆଦେଶ ହୋଇଯାଏ । ଅ, ଏ, ଓ ଗୁଣବର୍ଣ୍ଣ ହୋଇଥିବାରୁ ଏହି ସନ୍ଧିର ନାମ ଗୁଣସନ୍ଧି ଅଟେ ।

୧. ଅ + ଇ = ଏ

*(ଆଦ୍‌ଗୁଣଃ - ପା. ୬.୧.୮୭ ; ଅବର୍ଣାଦଚି ପରେ ପୂର୍ବପରୟୋ ରେକୋ ଗୁଣ ଆଦେଶଃ ସ୍ୟାତ୍ ସଂହିତାୟାମ୍ ) ।*

ଉପ + ଇନ୍ଦ୍ରଃ = ଉପେନ୍ଦ୍ରଃ, ଗଜ + ଇନ୍ଦ୍ରଃ = ଗଜେନ୍ଦ୍ରଃ

୨. ଅ + ଈ = ଏ

କୁମୁଦ + ଈଶଃ = କୁମୁଦେଶଃ । ଗଣ + ଈଶଃ = ଗଣେଶଃ ।

୧୦. ଆ + ଋ = ଅର୍

ବର୍ଷା + ଋତୁଃ = ବର୍ଷର୍ତ୍ତୁଃ । ମହା + ଋଦ୍ଧିଃ = ମହର୍ଦ୍ଧିଃ ।

ମହା + ଋଷିଃ = ମହର୍ଷିଃ । ରାଜା + ଋଷିଃ = ରାଜର୍ଷିଃ ।

୧୧. ଅ + ଌ = ଅଲ୍

ତବ + ଌକାରଃ = ତବଲ୍କାରଃ ।

ମମ + ଌକାରଃ = ମମଲ୍କାରଃ ।

୧୨. ଆ + ଌ = ଅଲ୍

ମାଲା + ଌକାରଃ = ମାଲଲ୍କାରଃ ।

ଶାଲା + ଌକାରଃ = ଶାଲଲ୍କାରଃ ।

ସଂସ୍କୃତ ଭାଷାରେ 'ଌ'କାରର ପ୍ରୟୋଗ କ୍ୱଚିତ୍ ପରିଦୃଷ୍ଟ ହୁଏ ।

ଅପବାଦ

ଅକ୍ଷ + ଊହିନୀ = ଅକ୍ଷୌହିଣୀ ।

*(ଅକ୍ଷାଦୂହିନ୍ୟାମୁପସଂଖ୍ୟାନମ୍ - ବାର୍ତ୍ତିକମ୍ ।)*

ଉପ + ଋଚ୍ଛତି = ଉପାର୍ଚ୍ଛତି ।

ଦୁଃଖ + ଋତଃ = ଦୁଃଖାର୍ତ୍ତଃ/ଦୁଃଖାର୍ତଃ (ତୃତୀୟା ତତ୍ପୁରୁଷଃ)

*(ଋତେ ଚ ତୃତୀୟାସମାସେ - ବାର୍ତ୍ତିକମ୍ ।)*

ପିପାସା + ଋତଃ = ପିପାସାର୍ତ୍ତଃ ।

ପ୍ର + ଊଢଃ = ପ୍ରୌଢଃ । ପ୍ର + ଋଚ୍ଛତି = ପ୍ରାର୍ଚ୍ଛତି ।

ବୃଦ୍ଧ + ଋଷିଃ = ବୃଦ୍ଧର୍ଷିଃ, ବୃଦ୍ଧଋଷିଃ ।

ସୁଖ + ଋତଃ = ସୁଖାର୍ତ୍ତଃ । ସ୍ୱ + ଈରଃ = ସ୍ୱୈରଃ ।

## (ଗ) ବୃଦ୍ଧିସନ୍ଧି

ଅ କିମ୍ବା ଆ ସହ ଏ କିମ୍ବା ଐ ର ସନ୍ଧି ହେଲେ ଦୁଇଟିଯାକ ବର୍ଣ୍ଣ ମିଶି ଐ ହୁଅନ୍ତି । ସେହିଭଳି ଅ କିମ୍ବା ଆ ସହିତ ଓ କିମ୍ବା ଔ ର ସନ୍ଧି ହେଲେ ଦୁଇଟି ଯାକ ବର୍ଣ୍ଣ ମିଳିତ ହୋଇ ଔ ହୋଇଥାନ୍ତି । *(ବୃଦ୍ଧିରେଚି -ପା. ୬.୧.୮୮; ଆଦେଚି ପରେ ବୃଦ୍ଧିରେକାଦେଶଃ ସ୍ୟାତ୍ )* । ଆ, ଐ ଏବଂ ଔ ବର୍ଣ୍ଣକୁ ବୃଦ୍ଧି ବୋଲି କୁହାଯାଏ । *(ବୃଦ୍ଧିରାଦୈଚ୍ - ପା. ୧. ୧. ୧; ଆଦୈଚ୍ ବୃଦ୍ଧିସଂଜ୍ଞଃ ସ୍ୟାତ୍ ।)* ତେଣୁ, ଏହି ସନ୍ଧିକୁ ବୃଦ୍ଧିସନ୍ଧି ଆଖ୍ୟା ଦିଆଯାଇଅଛି ।

୧. ଅ + ଏ = ଐ

ଅଦ୍ୟ + ଏବ = ଅଦ୍ୟୈବ । ଏକ + ଏକମ୍ = ଏକୈକମ୍ ।

୨. ଆ + ଏ = ଐ

ଅଧୁନା + ଏବ = ଅଧୁନୈବ । ତଥା + ଏତତ୍ = ତଥୈତତ୍ ।

ଯଦା + ଏବ = ଯଦୈବ ।

୩. ଅ + ଐ = ଐ

ଇନ୍ଦ୍ର + ଐରାବତୌ = ଇନ୍ଦ୍ରୈରାବତୌ ।

ଗଣ + ଐକ୍ୟମ୍ = ଗଣୈକ୍ୟମ୍ ।

ତବ + ଐଶ୍ୱର୍ଯ୍ୟମ୍ = ତବୈଶ୍ୱର୍ଯ୍ୟମ୍ ।

ମତ + ଐକ୍ୟମ୍ = ମତୈକ୍ୟମ୍ ।

୪. ଆ + ଐ = ଐ

ତଥା + ଐଶ୍ୱର୍ଯ୍ୟମ୍ = ତଥୈଶ୍ୱର୍ଯ୍ୟମ୍ ।

ଧାରା + ଐକ୍ୟମ୍ = ଧାରୈକ୍ୟମ୍ ।

ମହା + ଐଶ୍ୱର୍ଯ୍ୟମ୍ = ମହୈଶ୍ୱର୍ଯ୍ୟମ୍ ।

ସଦା + ଐକ୍ୟମ୍ = ସଦୈକ୍ୟମ୍ ।

୫. ଅ + ଓ = ଔ

ଜଳ + ଓଘଃ = ଜଳୌଘଃ । ଦୁଗ୍ଧ + ଓଦନମ୍ = ଦୁଗ୍ଧୌଦନମ୍ ।

ଭବ + ଓଷଧିଃ = ଭବୌଷଧିଃ ।

୬. ଆ + ଓ = ଔ

ମହା + ଓଷଧିଃ = ମହୌଷଧିଃ । ବିଦ୍ୟା + ଓକଃ = ବିଦ୍ୟୌକଃ ।

୭. ଅ + ଔ = ଔ

ଚିତ୍ତ + ଔଦାର୍ଯ୍ୟମ୍ = ଚିତ୍ତୌଦାର୍ଯ୍ୟମ୍ ।

ତବ + ଔତ୍ସୁକ୍ୟମ୍ = ତବୌତ୍ସୁକ୍ୟମ୍ ।

ଧନ + ଔତ୍ସୁକ୍ୟମ୍ = ଧନୌତ୍ସୁକ୍ୟମ୍ ।

୮. ଆ + ଔ = ଔ

ମହା + ଔଦାର୍ଯ୍ୟମ୍ = ମହୌଦାର୍ଯ୍ୟମ୍ ।

ମହା + ଔଷଧମ୍ = ମହୌଷଧମ୍ ।

୯. ଅ + ଋ = ଆର୍ (ନିର୍ଦ୍ଦିଷ୍ଟ ସ୍ଥଳ)

ପ୍ର + ଋଚ୍ଛତି = ପ୍ରାର୍ଚ୍ଛତି । *(ଉପସର୍ଗାଦୃତି ଧାତୌ-ପା.୬.୧.୯୦)*

ତୃତୀୟା -ତତ୍ପୁରୁଷ ସମାସ କରାଯାଇଥିବା ଅକାରାନ୍ତପଦ ସହ ଋତ ଶବ୍ଦର ସନ୍ଧି ହେଲେ ଅ ଏବଂ ଋ ସ୍ଥାନରେ ଆର୍ ହୋଇଯାଏ ।

ଦୁଃଖ + ଋତଃ = ଦୁଃଖାର୍ତଃ । ସୁଖ + ଋତଃ = ସୁଖାର୍ତଃ ।

ଶୀତ + ଋତଃ = ଶୀତାର୍ତଃ ।

ଅପବାଦ

ପ୍ର + ଏଜତେ = ପ୍ରେଜତେ (ପରରୂପମ୍) ।

ଉପ + ଓଷତି = ଉପୋଷତି (ପରରୂପମ୍) ।

*(ଏଙି ପରରୂପମ୍-ପା.୬.୧.୯୩)*

ଅଧର + ଓଷ୍ଠଃ = ଅଧରୋଷ୍ଠଃ, ଅଧରୌଷ୍ଠଃ ।

ବିମ୍ବ + ଓଷ୍ଠଃ =ବିମ୍ବୋଷ୍ଠଃ, ବିମ୍ବୌଷ୍ଠଃ ।

ସ୍ଥୂଳ + ଓତୁଃ = ସ୍ଥୂଳୋତୁଃ, ସ୍ଥୂଳୌତୁଃ ।

(ଘ) ଯଣ୍‌ସନ୍ଧି

ଇ, ଈ, ଉ, ଊ, ଋ, ୠ, ଌ ସହିତ କୌଣସି ଅସବର୍ଣ୍ଣ ସ୍ୱରର ସନ୍ଧି ହେଲେ ଏହି ସ୍ୱରମାନଙ୍କ ସ୍ଥାନରେ ଯଥାକ୍ରମେ ୟ୍, ବ୍, ର୍, ଲ୍ ଆଦେଶ ହୋଇଥାଏ । *(ଇକୋ ଯଣଚି - ପା. ୬.୧.୭୭; ଇକଃ ସ୍ଥାନେ ଯଣ୍ ସ୍ୟାଦଚି ସଂହିତାୟାଂ ବିଷୟେ ।)*

ଇକ୍ - ଇ,ଈ, ଉ, ଊ, ଋ, ୠ, ଌ

ଯଣ୍ - ୟ୍, ବ୍, ର୍ ଲ୍

ଅଚ୍ - ସମସ୍ତ ସ୍ୱର ବର୍ଣ୍ଣ

*ସବର୍ଣ୍ଣବର୍ଜେ ସ୍ୱରବର୍ଣ୍ଣେ ପରେ ସତି ଇ ବର୍ଣ୍ଣସ୍ଥାନେ ୟ୍, ଉ ବର୍ଣ୍ଣସ୍ଥାନେ ବ୍, ଋ ବର୍ଣ୍ଣସ୍ଥାନେ ର୍, ଌ ବର୍ଣ୍ଣସ୍ଥାନେ ଲ୍ ଭବତି ।*

| | | | | | |
|---|---|---|---|---|---|
| ପୂର୍ବପଦର ଅନ୍ତ୍ୟ ସ୍ୱର | ଇକ୍ = | ଇ,ଈ | ଉ,ଊ | ଋ,ୠ | ଌ |
| ପରିବର୍ତ୍ତିତ ବ୍ୟଞ୍ଜନ | ଯଣ୍ = | ୟ୍ | ବ୍ | ର୍ | ଲ୍ |

**୧. ଇ + ଅସମାନବର୍ଣ୍ଣ (ଇ, ଈ ଭିନ୍ନ ଅନ୍ୟସ୍ୱର) = ୟ୍ + ଅସମାନବର୍ଣ୍ଣ**

ଅତି + ଅଧିକମ୍ = ଅତ୍ୟଧିକମ୍

(ଅତ୍ +ଇ + ଅଧିକମ୍ = ଅତ୍ +ୟ୍ + ଅଧିକମ୍) ।

ଅତି + ଅନ୍ତମ୍ = ଅତ୍ୟନ୍ତମ୍ ।

ଅଭି + ଆଗତଃ = ଅଭ୍ୟାଗତଃ ।

ଅତି + ଆଚାରଃ = ଅତ୍ୟାଚାରଃ ।

ପ୍ରତି + ଉପକାରଃ = ପ୍ରତ୍ୟୁପକାରଃ ।

(ପ୍ରତ୍ + ଇ + ଉପକାରଃ = ପ୍ରତ୍ + ଯ୍ + ଉପକାରଃ) ।

ଅତି + ଊର୍ଦ୍ଧ୍ୱମ୍ = ଅତ୍ୟୂର୍ଦ୍ଧ୍ୱମ୍ ।

ଇତି + ଋଷିଃ = ଇତ୍ୟୃଷିଃ ।

(ଇତ୍ + ଇ + ଋଷିଃ = ଇତ୍ + ଯ୍ + ଋଷିଃ) ।

ପ୍ରତି + ଏକମ୍ = ପ୍ରତ୍ୟେକମ୍ ।

(ପ୍ରତ୍ + ଇ + ଏକମ୍ = ପ୍ରତ୍ + ଯ୍ +ଏକମ୍) ।

ଯଦି + ଏବମ୍ = ଯଦ୍ୟେବମ୍ ।

ସନ୍ଧି + ଅକ୍ଷରମ୍ = ସନ୍ଧ୍ୟକ୍ଷରମ୍ ।

ଇତି + ଆକର୍ଣ୍ଣ୍ୟ = ଇତ୍ୟାକର୍ଣ୍ଣ୍ୟ ।

(ଇତ୍ + ଇ+ ଆକର୍ଣ୍ଣ୍ୟ = ଇତ୍ + ଯ୍ + ଆକର୍ଣ୍ଣ୍ୟ) ।

ମୁନି + ଐକ୍ୟମ୍ = ମୁନ୍ୟୈକ୍ୟମ୍ ।

(ମୁନ୍ + ଇ + ଐକ୍ୟମ୍ = ମୁନ୍ + ଯ୍ + ଐକ୍ୟମ୍) ।

ଦଧି + ଓଦନମ୍ = ଦଧ୍ୟୋଦନମ୍ ।

(ଦଧ୍ + ଇ + ଓଦନମ୍ = ଦଧ୍ +ଯ୍ + ଓଦନମ୍) ।

ଇତି + ଔଦାର୍ଯ୍ୟମ୍ = ଇତ୍ୟୌଦାର୍ଯ୍ୟମ୍ ।

(ଇତ୍ +ଇ + ଔଦାର୍ଯ୍ୟମ୍ = ଇତ୍ +ଯ୍ + ଔଦାର୍ଯ୍ୟମ୍) ।

ଇ ବର୍ଣ୍ଣ ର ସହ ଯୁକ୍ତ ଥିଲେ ର୍ ରେଫ ହୋଇ ଯକାରର ଶୀର୍ଷକୁ ଉଲଟେଇକନ୍ୟାୟରେ ଚାଲିଯାଏ ଏବଂ ବିକଳ୍ପରେ ଯକାରର ଦ୍ୱିତ୍ୱ ହୋଇଥାଏ ।

ପରି + ଆଲୋଚନା = ପର୍ଯ୍ୟାଲୋଚନା, ପର୍ଯ୍ୟ୍ୟାଲୋଚନା ।

ବାରି + ଓଘଃ = ବାର୍ଯ୍ୟୋଘଃ, ବାର୍ଯ୍ୟ୍ୟୋଘଃ ।

୨. ଇ + ଅସମାନବର୍ଣ୍ଣ (ଇ,ଈ ଭିନ୍ନ ଅନ୍ୟସ୍ୱର) ଯ୍ + ଅସମାନବର୍ଣ୍ଣ

ନଦୀ +ଅମ୍ବୁ = ନଦ୍ୟମ୍ବୁ ।

(ନଦ୍ + ଈ + ଅମ୍ବୁ = ନଦ୍ +ଯ୍ +ଅମ୍ବୁ) ।

ଜେ + ଅତି = ଜୟତି । ନେ + ଅନମ୍ = ନୟନମ୍ ।

ଶେ + ଅନମ୍ = ଶୟନମ୍ ।

୨. ଓ + କୌଣସି ସ୍ୱରବର୍ଣ୍ଣ = ଅବ୍ + ସେହି ସ୍ୱରବର୍ଣ୍ଣ

ଭୋ + ଅତି = ଭବତି (ଭ୍ + ଓ + ଅତି = ଭ୍ + ଅବ୍ + ଅତି) ।

ଭୋ + ଅନମ୍ = ଭବନମ୍ । ପୋ + ଅନଃ = ପବନଃ ।

ପୋ + ଇତ୍ରମ୍ = ପବିତ୍ରମ୍ । ଗୋ + ଏଷଣା = ଗବେଷଣା ।

୩. ଐ + କୌଣସି ସ୍ୱରବର୍ଣ୍ଣ = ଆୟ୍ + ସେହି ସ୍ୱରବର୍ଣ୍ଣ

ଗୈ + ଅକଃ = ଗାୟକଃ ।

ନୈ + ଅକଃ = ନାୟକଃ (ନ୍ + ଐ + ଅକଃ = ନ୍ + ଆୟ୍ + ଅକଃ) ।

ଗ୍ଲୈ + ଅତି = ଗ୍ଲାୟତି ।

୪. ଔ + କୌଣସି ସ୍ୱରବର୍ଣ୍ଣ = ଆବ୍ + ସେହି ସ୍ୱରବର୍ଣ୍ଣ

ପୌ + ଅକଃ = ପାବକଃ (ପ୍ + ଔ + ଅକଃ = ପ୍ + ଆବ୍ + ଅକଃ) ।

ଭୌ + ଅକଃ = ଭାବକଃ । ଭୌ + ଉକଃ = ଭାବୁକଃ ।

(ଭ୍ + ଔ + ଉକଃ = ଭ୍ + ଆବ୍ + ଉକଃ) ।

ନୌ + ଇକଃ = ନାବିକଃ (ନ୍ + ଆବ୍ + ଇକଃ) ।

କୌଣସି ପଦର ଅନ୍ତରେ ୟ୍ / ବ୍ ଥିଲେ ,ଏବଂ ତାର ଠିକ୍ ପୂର୍ବରୁ ଅ / ଆ ଥିଲେ ଏବଂ ପରେ ଅଶ୍ (= ସମସ୍ତ ସ୍ୱରବର୍ଣ୍ଣ, ହ୍, ୟ୍, ର୍, ଲ୍, ବ୍, ବର୍ଗର ୩ୟ, ୪ର୍ଥ ବା ୫ମ ବର୍ଣ୍ଣ) ଥିଲେ ୟ୍ ଏବଂ ବ୍ ବିକଳ୍ପରେ ଲୋପ ପାଇଯାଏ । ଏହି ଲୋପ ସନ୍ଧିକର୍ମର ଉଲ୍ଲଙ୍ଘନ ଅଟେ ।

ହରେ + ଇହ = ହରୟିହ (ହର୍ +ଅୟ୍ +ଇହ) ।

*(ଲୋପଃ ଶାକଲ୍ୟସ୍ୟ - ପା.୮.୩.୧୯; ଶାକଲ୍ୟମୁନିଙ୍କ ମତ ଅନୁସାରେ ଏହି ଲୋପ ହୋଇଥାଏ ।)*

ହର୍ + ଅୟ୍ + ଇହ = ହର୍ + ଅ + ଇହ = ହର ଇହ । ହରୟିହ ଅପେକ୍ଷା 'ହର  ଇହ'ର ଭାଷାରେ ଅଧିକ ପ୍ରୟୋଗ ଦେଖାଯାଏ ।

ଖେଳେ + ଇଚ୍ଛା = ଖେଳ ଇଚ୍ଛା / ଖେଳୟିଚ୍ଛା ।

ଅସ୍ୟୈ + ଇମାନି = ଅସ୍ୟା ଇମାନି / ଅସ୍ୟାୟିମାନି ।

ବିଷ୍ଣୋ + ଇହ = ବିଷ୍ଣ ଇହ / ବିଷ୍ଣବିହ ।

ତସ୍ମୈ + ଅଦଦାତ୍ = ତସ୍ମା ଅଦଦାତ୍ (ତସ୍ମ୍ + ଆ + ଅଦଦାତ୍) । ତସ୍ମାୟଦଦାତ୍ (ତସ୍ମ୍ + ଐ + ଅଦଦାତ୍ = ତସ୍ମ୍ + ଆୟ୍ + ଅଦଦାତ୍) ।

ଦ୍ୱୌ + ଅପି = ଦ୍ୱା ଅପି / ଦ୍ୱାବପି ।

ତେ + ଆଗଚ୍ଛନ୍ତି = ତ ଆଗଚ୍ଛନ୍ତି / ତୟାଗଚ୍ଛନ୍ତି ।

ଗୁରୋ + ଆରାହି = ଗୁର ଆରାହି / ଗୁରବାରାହି ।

ଆସନେ + ଉପବିଷ୍ଟଃ = ଆସନ ଉପବିଷ୍ଟଃ / ଆସନୟୁପବିଷ୍ଟଃ ।

କ୍ଷଣେ + ଏବ = କ୍ଷଣ ଏବ / କ୍ଷଣୟେବ ।

ଦରିଦ୍ରେ + ଔଦାର୍ଯ୍ୟମ୍ = ଦରିଦ୍ର ଔଦାର୍ଯ୍ୟମ୍ / ଦରିଦ୍ରୟୌଦାର୍ଯ୍ୟମ୍ ।

ଅରଣ୍ୟେ + ଔଷଧମ୍ = ଅରଣ୍ୟ ଔଷଧମ୍ / ଅରଣ୍ୟୟୌଷଧମ୍ ।

**ଅପବାଦ**

ଯଦି ପୂର୍ବପଦର ଅନ୍ତରେ ଓ / ଔ ଥାଏ ଏବଂ ଉତ୍ତର ପଦରେ ଏଭଳି ଏକ ପ୍ରତ୍ୟୟ ବ୍ୟବହୃତ ହୋଇଥାଏ, ଯାହାର ଆଦି ବର୍ଣ୍ଣ ଯ୍ ହୋଇଥାଏ, ତେବେ ଓ / ଔ ସ୍ଥାନରେ ଯଥାକ୍ରମେ ଅବ୍, ଆବ୍ ଆଦେଶ ଆସିବ । *(ବାନ୍ତୋ ଯି ପ୍ରତ୍ୟୟେ - ପା.୬.୧.୭୯; ଯକାରାଦୌ ପ୍ରତ୍ୟୟେ ପରେ ଓଦୌତୋରବ୍ ଆବ୍ ଏତୌ ସ୍ତଃ ।)*

ଗୋ + ଯତ୍ = ଗବ୍ୟମ୍ । ନୌ + ଯତ୍ = ନାବ୍ୟମ୍ ।

ଗୋ + ୟୂତିଃ = ଗବ୍ୟୂତିଃ (ଦୁଇ କୋଶ) ।

ଅୟାଦି ସନ୍ଧିରେ ପୂର୍ବପଦର ଅନ୍ତରେ ଆସୁଥିବା ଏ ସ୍ଥାନରେ ଅୟ୍ ହୁଏ । ମାତ୍ର, ଉକ୍ତ ଏକାରାନ୍ତ ପଦ ଯଦି ଦ୍ୱିବଚନ ହୋଇଥିବ, ତେବେ ଏ ସ୍ଥାନରେ ଅୟ୍ ଆଦେଶ ହେବ ନାହିଁ ।

ଫଳେ + ଆନୟତଃ = ଫଳେ ଆନୟତଃ ।

ଏଠାରେ ଦୁଇଟି ଫଳ ବୁଝାଉଥିବାରୁ ପ୍ରକୃତିଭାବ ହୋଇଗଲା ।

## (ବ) ପୂର୍ବରୂପସନ୍ଧି

ପୂର୍ବପଦର ଅନ୍ତରେ ଏ ଅଥବା ଓ ଆଉ ପରପଦର ଆଦିରେ ଯଦି ହ୍ରସ୍ୱ ଅ ଆସେ, ତେବେ ସନ୍ଧିରେ ପୂର୍ବରୂପ ଏ ଅଥବା ଓ ଏକାଦେଶ (ଗୋଟିକର ଆଦେଶ) ହୁଏ । (*ଏଙଃ ପଦାନ୍ତାଦତି - ପା. ୬.୧.୧୦୯; ପଦାନ୍ତାଦେଙୋଽତି ପରେ ପୂର୍ବରୂପମେକାଦେଶଃ ସ୍ୟାତ୍ )।*

ଏଙ୍ - ଏ, ଓ । ଅତ୍ - ଅ ।

ଏ + ଅ = ଏ । ଓ + ଅ = ଓ ।

ପୂର୍ବରୂପ ସ୍ଥିର ରହେ । ପୂର୍ବରୂପ ହେବା ଫଳରେ ସେହି ଅ ପୂର୍ବପଦର ଅନ୍ତିମ ସ୍ୱରରେ କୌଣସି ପ୍ରକାର ପରିବର୍ତ୍ତନ ନ କରି ମିଶିଯାଏ । ଏହା ଜାଣିବା ପାଇଁ କେବଳ ଖଣ୍ଡ ଅକାର ଽ ରୂପେ ପ୍ରଦର୍ଶିତ ହୁଏ ।

୧. ଏ + ଅ

କେ + ଅତ୍ର = କେଽତ୍ର (ଅୟାଦି ସନ୍ଧି ହେଲା ନାହିଁ ।)

ଫଳେ + ଅତ୍ର = ଫଳେଽତ୍ର ।

୨. ଓ + ଅ

ବିଷ୍ଣୋ + ଅବ = ବିଷ୍ଣୋଽବ । ପ୍ରଭୋ + ଅତ୍ର = ପ୍ରଭୋଽତ୍ର ।

**ଅପବାଦ**

୧. ଗୋ ଶବ୍ଦପରେ ଅ ସଂଯୁକ୍ତ ହେଲେ ବିକଳ୍ପରେ ପୂର୍ବରୂପ ହୋଇଥାଏ । ଯେଉଁଠାରେ ପୂର୍ବରୂପ ହୁଏ ନାହିଁ, ସେଠାରେ ପ୍ରକୃତିଭାବ ହିଁ

ହେବ । ଅର୍ଥାତ୍ ସେଠାରେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ ଯଥା-

ଗୋ + ଅଗ୍ରମ୍ = ଗୋଽଗ୍ରମ୍ / ଗୋ ଅଗ୍ରମ୍ ।

୨. ପ୍ରାଚୀନ ବୈୟାକରଣ ସ୍ଫୋଟାୟନଙ୍କ ମତ ଅନୁଯାୟୀ ଗୋଶବ୍ଦ ପରେ ଅ ପୂର୍ବପଦ ଥିବା ଶବ୍ଦ ସଂଯୁକ୍ତ ହେଲେ (ଗୋ = ଗ୍ + ଓ) ଓ ସ୍ଥାନରେ ବିକଳ୍ପରେ ଅବଙ୍ (ଅବ) ଆଦେଶ ହୋଇଥାଏ । ( *ଅବଙ୍ ସ୍ଫୋଟାୟନସ୍ୟ - ପା. ୬.୧.୧୨୩ ; ଅଚି ପରେ ପଦାନ୍ତେ ଗୋରବଙ୍ ବା ସ୍ୟାତ୍ ।)* ଯେଉଁଠାରେ ଅବଙ୍ ହେବନାହିଁ ସେଠାରେ ପୂର୍ବରୂପ ବା ପ୍ରକୃତିଭାବ ହିଁ ହେବ ।

ଯଥା - ଗୋ + ଅଗ୍ରମ୍ = ଗବାଗ୍ରମ୍ / ଗୋଽଗ୍ରମ୍ / ଗୋ ଅଗ୍ରମ୍ ।

୩. 'ଗୋ' ଶବ୍ଦପରେ ଇନ୍ଦ୍ରଶବ୍ଦ ସଂଯୁକ୍ତ ହେଲେ ସେଠାରେ ନିତ୍ୟ ଅବଙ୍ (ଅବ) ଆଦେଶ ହୋଇଥାଏ । ଯଥା -

ଗୋ + ଇନ୍ଦ୍ରଃ = ଗବେନ୍ଦ୍ରଃ ।

## (ଛ) ପରରୂପସନ୍ଧି

ଅକାରାନ୍ତ ଉପସର୍ଗ ପରେ ଯଦି ଏପରି ଏକ ଧାତୁର ସଂଯୋଗ ଘଟେ ଯାହାର ଆଦି ବର୍ଣ୍ଣ ଏ ଅଥବା ଓ ହୋଇଥାଏ, ତେବେ ଉଭୟ ସ୍ଥାନରେ କ୍ରମାନୁଯାୟୀ ପରରୂପ ଏ ଏବଂ ଓ ହିଁ ହୁଏ ।.( *ଏଙି ପରରୂପମ୍ - ପା. ୬.୧.୯୪ / ଆଦୁପସର୍ଗାଦେଙାଦୌ ଧାତୌ ପରେ ପରରୂପମେକାଦେଶଃ ସ୍ୟାତ୍ ) /* (ଏଙ୍ = ଏ, ଓ) ଯଥା-

ପ୍ର + ଏଷୟତି = ପ୍ରେଷୟତି ।

ଅବ + ଓଷତି = ଅବୋଷତି ।

## (ଜ) ପ୍ରକୃତିଭାବ

ଯେଉଁ ସ୍ଥଳରେ ନିୟମାନୁଯାୟୀ ସନ୍ଧି ହୋଇ ବର୍ଣ୍ଣପରିବର୍ତ୍ତନ ହୋଇପାରନ୍ତା, ମାତ୍ର ସେଠାରେ ଯଦି ବର୍ଣ୍ଣପରିବର୍ତ୍ତନ ହୁଏ ନାହିଁ, ତାକୁ

ପ୍ରକୃତିଭାବ କୁହାଯାଏ । ପ୍ରକୃତିଭାବର ଅର୍ଥ ପରିବର୍ତ୍ତନ ବିନା ବର୍ଣ୍ଣ ସ୍ୱଭାବରେ ରହିବା । ସନ୍ଧିଯୋଗ୍ୟ ବର୍ଣ୍ଣରେ ବର୍ଣ୍ଣ ପରିବର୍ତ୍ତନ ଅଥବା ବିକୃତି ନ କରି ସେମାନଙ୍କର ପ୍ରକୃତିଭାବ ଅର୍ଥାତ୍ ଯେପରି ଅବସ୍ଥାରେ ଅଛନ୍ତି ସେହିପରି ସ୍ୱାଭାବିକଭାବେ ରଖିବା ।

୧. ଦ୍ୱିବଚନାନ୍ତ ଈକାରାନ୍ତ ଊକାରାନ୍ତ ବା ଏକାରାନ୍ତ ପଦର ପରବର୍ତ୍ତୀ ବର୍ଣ୍ଣ କୌଣସି ସ୍ୱରବର୍ଣ୍ଣ ହୋଇଥିଲେ ସେଠାରେ ବର୍ଣ୍ଣ ପରିବର୍ତ୍ତନ ନ ହୋଇ ପ୍ରକୃତିଭାବ ହୋଇଥାଏ । *(ଈଦୂଦେଦ୍ଦ୍ୱିବଚନଂ ପ୍ରଗୃହ୍ୟମ୍ - ପା.୧.୧.୧୧; ଈଦୂଦେତଂ ଦ୍ୱିବଚନଂ ପ୍ରଗୃହ୍ୟସଂଜ୍ଞଂ ସ୍ୟାତ୍ ।)*

ଈତ୍ - ଈ । ଊତ୍ - ଊ । ଏତ୍ - ଏ ।

ଯଥା - ହରୀ + ଆଗତୌ = ହରୀ ଆଗତୌ ।

ଏହି ଉଦାହରଣରେ ଇ + ଆ = ଯଣ୍ ସନ୍ଧି ନ ହୋଇ ଅର୍ଥାତ୍ ହରୀ ଦ୍ୱିବଚନାନ୍ତ ପଦ ହୋଇଥିବାରୁ ବର୍ଣ୍ଣ ପରିବର୍ତ୍ତନ ନ ହୋଇ ପ୍ରକୃତି ଭାବ ହୋଇ ପୂର୍ବଭଳି ହରୀ ଆଗତୌ ରହିଗଲା । ସେହିଭଳି -

ଗଙ୍ଗେ + ଅମୂ = ଗଙ୍ଗେ ଅମୂ ।

ଫଲେ + ଅବପତତଃ = ଫଲେ ଅବପତତଃ ।

ଲତେ + ଅସିଞ୍ଚନ୍ = ଲତେ ଅସିଞ୍ଚନ୍ ।

ଧେନୂ + ଆଗଚ୍ଛତଃ = ଧେନୂ ଆଗଚ୍ଛତଃ ।

ସାଧୂ + ଆଗଚ୍ଛତାମ୍ = ସାଧୂ ଆଗଚ୍ଛତାମ୍ ।

କବୀ + ଇମୌ = କବୀ ଇମୌ ।

ପଚେତେ + ଇମୌ =ପଚେତେ ଇମୌ ।

ବିଷ୍ଣୂ + ଇମୌ = ବିଷ୍ଣୂ ଇମୌ ।

ଗିରୀ + ଏତୌ = ଗିରୀ ଏତୌ ।

ସେବେତେ + ଏତୌ = ସେବେତେ ଏତୌ ।

ଏହି ଉଦାହରଣ ଗୁଡ଼ିକରେ ସନ୍ଧି ହେତୁ ବର୍ଣ୍ଣ ପରିବର୍ତ୍ତନ ନ ହୋଇ ପ୍ରକୃତିଭାବ ହୋଇଗଲା ।

୨. ଅଦସ୍ ଶବ୍ଦର ଅମୀ ଅଥବା ଅମୂ ରୂପର କୌଣସି ସ୍ୱରବର୍ଣ୍ଣ ହୋଇଥିବା ପରପଦର ପୂର୍ବବର୍ଣ୍ଣ ସହିତ ସନ୍ଧି କରାଗଲେ ସେଠାରେ ମଧ୍ୟ ପ୍ରକୃତିଭାବ ହୋଇଯାଏ । (*ଅଦସୋ ମାତ୍ - ପା. ୧.୧.୧୨ ; ଅସ୍ମାତ୍ ପରାବୋଦୂତୌ ପ୍ରଗୃହ୍ୟୌ ସ୍ତଃ*) । ଯଥା -

ଅମୀ + ଅଗ୍ନୟଃ = ଅମୀ ଅଗ୍ନୟଃ ।

ଅମୀ + ଅଶ୍ୱାଃ = ଅମୀ ଅଶ୍ୱାଃ ।

ଅମୂ + ଅଶ୍ୱୌ = ଅମୂ ଅଶ୍ୱୌ ।

ଅମୀ + ଅତ୍ର = ଅମୀ ଅତ୍ର ।

୩. ଓକାରାନ୍ତ ଅବ୍ୟୟପଦ ପରେ ସ୍ୱରବର୍ଣ୍ଣ ଥିଲେ ତାହା ମଧ୍ୟ ପ୍ରକୃତିଭାବ ହୋଇଥାଏ । ଯଥା -

ଅହୋ + ଈଶାଃ = ଅହୋ ଈଶାଃ ।

ଏଠାରେ ଅୟାଦିସନ୍ଧି ହୋଇଥାନ୍ତା , ମାତ୍ର ତାହା ହେଲା ନାହିଁ ।

୪. ଏକ ସ୍ୱର ବିଶିଷ୍ଟ ଅବ୍ୟୟ (ଇ, ଉ ପ୍ରଭୃତି) ସହିତ ଆ ବ୍ୟତିରିକ୍ତ ଅନ୍ୟ କୌଣସି ସ୍ୱର ଥିବା ପରପଦର ମଧ୍ୟ ପ୍ରଗୃହ୍ୟ ସଂଜ୍ଞା ହୋଇଥାଏ । ଯଥା -

ଇ + ଇନ୍ଦ୍ରଃ = ଇ ଇନ୍ଦ୍ରଃ । ଉ + ଉମେଶଃ = ଉ ଉମେଶଃ ।

ଆ + ଏବଂ ନୁ ମନ୍ୟସେ = ଆ ଏବଂ ନୁ ମନ୍ୟସେ ।

ଆ + ଏବଂ କିଲ ତତ୍ = ଆ ଏବଂ କିଲ ତତ୍ ।

ଏହି ସବୁ ଉଦାହରଣରେ ବର୍ଣ୍ଣପରିବର୍ତ୍ତନର ଅଭାବ ଘଟିଲା ।

୫. ସମ୍ବୋଧନରେ ଦୂରରୁ ଆହ୍ୱାନ କଲେ ପ୍ଲୁତସ୍ୱର (ତ୍ରିମାତ୍ରିକ)ର ପ୍ରୟୋଗ ହୋଇଥାଏ । ଏଭଳି ପ୍ଲୁତସ୍ୱର ସହ ସନ୍ଧି ହେଲେ ସେଠାରେ ମଧ୍ୟ

ପ୍ରକୃତିଭାବ ରୂପ ନେଇଥାଏ । ଯଥା -

ଦେବ$^{୩}$ + ଆଗଚ୍ଛ =ଦେବ$^{୩}$ ଆଗଚ୍ଛ ।

କୃଷ୍ଣ$^{୩}$ + ଆୟାହି = କୃଷ୍ଣ$^{୩}$ ଆୟାହି ।

ଉଭୟତ୍ର ଦୀର୍ଘସନ୍ଧି ପାଉଥିଲେ ମଧ୍ୟ ସନ୍ଧି କରାଗଲା ନାହିଁ । ସେହିଭଳି -

ହରେ$^{୩}$ + ଅାଗଚ୍ଛ = ହରେ$^{୩}$ ଆଗଚ୍ଛ ।

୬. ସମ୍ବୋଧନରେ ଓକାରାନ୍ତ ଶବ୍ଦର ବିକଳ୍ପରେ ପ୍ରକୃତିଭାବ ହୋଇଥାଏ । ଯଥା -

ବିଷ୍ଣୋ + ଇତି = ବିଷ୍ଣୋ ଇତି / ବିଷ୍ଣବିତି (ଅବ୍ ଆଦେଶ) / ବିଷ୍ଣ ଇତି ('ବ'କାର ଲୋପ) ।

୭. ମୟ୍ (ମ୍) ପରେ ସନ୍ଧିରେ ଉଞର 'ଉ' ର 'ବ୍' ହୋଇଯାଏ । ବିକଳ୍ପରେ ପରେ ଅଚ୍ ରହେ, ଦ୍ୱିତୀୟ ପକ୍ଷରେ ପ୍ରକୃତିଭାବ ହୁଏ; ଯଥା -

କିମ୍ + ଉ + ଉକ୍ତମ୍ = କିମ୍ୱୁକ୍ତମ୍ / କିମୁ ଉକ୍ତମ୍ ।

**ସ୍ୱରସନ୍ଧିର ପ୍ରମୁଖ ରୂପ**

୧. ଦୀର୍ଘ ସନ୍ଧି ଅ + ଅ = ଆ

ଇ + ଇ = ଈ

ଉ + ଉ = ଊ

ଋ + ଋ = ୠ

୨. ଗୁଣସନ୍ଧି ଅ + ଇ = ଏ

ଅ + ଉ = ଓ

୩. ବୃଦ୍ଧିସନ୍ଧି ଅ + ଏ = ଐ

ଅ + ଓ = ଔ

୪. ଯଣ୍‌ସନ୍ଧି

| | | | |
|---|---|---|---|
| ଇ | ଉ | ଋ | ଌ |
| ଯ | ବ | ର | ଲ |

୫. ଅୟାଦିସନ୍ଧି

| | | | |
|---|---|---|---|
| ଏ | ଓ | ଐ | ଔ |
| ଅୟ୍ | ଅବ୍ | ଆୟ୍ | ଆବ୍ |

## (୨) ବ୍ୟଞ୍ଜନସନ୍ଧି ବା ହଲ୍‌ସନ୍ଧି

ବ୍ୟଞ୍ଜନବର୍ଣ୍ଣର ଯଦି କୌଣସି ସ୍ୱରବର୍ଣ୍ଣ କିମ୍ବା ବ୍ୟଞ୍ଜନବର୍ଣ୍ଣ ସହ ସଂଯୋଗ ଘଟେ ତେବେ ତାକୁ ବ୍ୟଞ୍ଜନସନ୍ଧି ବା ହଲ୍ ସନ୍ଧି କୁହାଯାଏ । ଏହା ବହୁବିଧ ଅଟେ । ଯଥା -

କ) ଶ୍ଚୁତ୍ୱସନ୍ଧି ଖ) ଷ୍ଟୁତ୍ୱସନ୍ଧି ଗ) ଜଶ୍‌ତ୍ୱସନ୍ଧି ଘ) ଅନୁନାସିକସନ୍ଧି
ଙ) ଲତ୍ୱସନ୍ଧି ଚ) ଚର୍ତ୍ତ୍ୱସନ୍ଧି ଛ) ଛତ୍ୱସନ୍ଧି ଜ) ଅନୁସ୍ୱାରସନ୍ଧି
ଝ) ଙମୁଟ୍‌ସନ୍ଧି ଞ) ବିଶିଷ୍ଟତ୍ୱସନ୍ଧି ।

### କ) ଶ୍ଚୁତ୍ୱସନ୍ଧି

ସ କାର ଏବଂ ତ ବର୍ଗର କୌଣସି ବର୍ଣ୍ଣ ସହ ଯଦି ଶ କାର ଏବଂ ଚ ବର୍ଗର କୌଣସି ବର୍ଣ୍ଣର ସଂଯୋଗ ଘଟେ, ତେବେ ତାହା ଶ କାର ଏବଂ ଚ ବର୍ଗର ବର୍ଣ୍ଣରେ ପରିଣତ ହୋଇଥାଏ । *(ସ୍ତୋଃ ଶ୍ଚୁନା ଶ୍ଚୁଃ - ପା. ୮.୪.୪୦; ସକାରତବର୍ଗୟୋଃ ଶକାରଚବର୍ଗାଭ୍ୟାଂ ଯୋଗେ ଶକାରଚବର୍ଗୌ ସ୍ତଃ ।)*

### ସାଧାରଣ ନିୟମ

ପୂର୍ବପଦର ଅନ୍ତ୍ୟବର୍ଣ୍ଣ - ସ୍ ତ୍ ଥ୍ ଦ୍ ଧ୍ ନ୍ ପରେ
ପରପଦର ଆଦିବର୍ଣ୍ଣ - ଶ୍ ଚ୍ ଛ୍ ଜ୍ ଝ୍ ଞ୍ ଥିଲେ
ପୂର୍ବପଦର ଅନ୍ତ୍ୟବର୍ଣ୍ଣରେ - ଶ୍ ଚ୍ ଛ୍ ଜ୍ ଝ୍ ଞ୍ ମଧ୍ୟରୁ ସ୍ଥାନ ଅନୁସାରେ ପରିବର୍ତ୍ତନ ହେବ ।

ଉଦାହରଣ -

ରାମସ୍ + ଶେତେ = ରାମଶ୍ଶେତେ ।
ମନସ୍ + ଶାନ୍ତିଃ = ମନଶ୍ଶାନ୍ତିଃ ।
ଉତ୍ + ଚିନୋତି = ଉଚ୍ଚିନୋତି । ତତ୍ + ଚିତ୍ରମ୍ = ତଚ୍ଚିତ୍ରମ୍ ।
ତତ୍ + ଛତ୍ରମ୍ = ତଚ୍ଛତ୍ରମ୍ । ସତ୍ + ଜନଃ = ସଜ୍ଜନଃ ।
ତଦ୍ + ଜାୟତେ = ତଜ୍ଜାୟତେ । ତତ୍ + ଜାଲମ୍ = ତଜ୍ଜାଲମ୍ ।
କଃ (କସ୍) + ଚିତ୍ = କଶ୍ଚିତ୍ ।
ରାମସ୍ + ଚିନୋତି = ରାମଶ୍ଚିନୋତି ।
ଉଦ୍ + ଜ୍ୱଳଃ = ଉଜ୍ଜ୍ୱଳଃ । ଯଜ୍ + ନଃ = ଯଜ୍ଞଃ ।

### ଅପବାଦ

ଶ ପରେ ଯଦି ତବର୍ଗର ବର୍ଣ୍ଣ ଥାଏ ତେବେ ତାର ଚ ବର୍ଗ ହୁଏ ନାହିଁ *(ଶାତ୍ - ପା.୮.୪.୪୪)*। ଯଥା -

ବିଶ୍ + ନଃ = ବିଶ୍ନଃ । ପ୍ରଶ୍ + ନଃ = ପ୍ରଶ୍ନଃ ।

### (ଖ) ଷ୍ଟୁତ୍ୱସନ୍ଧି

ପୂର୍ବପଦର ଅନ୍ତ୍ୟରେ ଯଦି 'ସ୍' ଅଥବା 'ତ'ବର୍ଗର କୌଣସି ବ୍ୟଞ୍ଜନବର୍ଣ୍ଣ ଥାଏ ଏବଂ ପରପଦର ଆଦିରେ 'ଷ୍' ଅଥବା 'ଟ'ବର୍ଗର କୌଣସି ବ୍ୟଞ୍ଜନ ବର୍ଣ୍ଣ ଥାଏ, ତେବେ ସନ୍ଧି ହେଲେ 'ସ୍' ଏବଂ 'ତ' ବର୍ଗ

ସ୍ଥାନରେ 'ଷ' ଏବଂ 'ଟ'ବର୍ଗ ଆଦେଶ ହୁଏ (*ଷ୍ଟୁନା ଷ୍ଟୁଃ (ପା. ୮.୪.୪୧) ଷୋଃ ଷ୍ଟୁନା ଯୋଗେ ଷ୍ଟୁଃ ସ୍ୟାତ୍ )* ।

ଯଥା -

ରାମସ୍ + ଷଷ୍ଠଃ = ରାମଷ୍ଷଷ୍ଠଃ ।

କୃଷ୍ଣସ୍ + ଟୀକତେ = କୃଷ୍ଣଷ୍ଟୀକତେ ।

କୃଷ୍ + ତଃ = କୃଷ୍ଟଃ । ତତ୍ + ଟୀକା = ତଟ୍ଟୀକା ।

ଚକ୍ରିନ୍ + ଢୌକସେ = ଚକ୍ରିଣ୍ଢୌକସେ ।

ଇଷ୍ + ତଃ = ଇଷ୍ଟଃ । ଉଦ୍ + ଡୀନଃ = ଉଡ୍ଡୀନଃ ।

ତଦ୍ + ଡମରୁଃ = ତଡ୍ଡମରୁଃ । ଷଷ୍ + ଥଃ = ଷଷ୍ଠଃ ।

ଅପବାଦ

୧. ପୂର୍ବପଦର ଅନ୍ତିମ ଟ ବର୍ଗ ପରେ 'ନ୍' ବ୍ୟତୀତ ତ-ବର୍ଗର ବର୍ଣ୍ଣ ଅଥବା 'ସ୍' ଯଦି ଥାଏ,ତେବେ ସେ ସ୍ଥଳରେ ଟ-ବର୍ଗ ହୁଏ ନାହିଁ । ଯଥା -

ଷଟ୍ + ସନ୍ତଃ = ଷଟ୍ସନ୍ତଃ । ଷଟ୍ + ତେ = ଷଟ୍ତେ ।

୨. ଯଦି ଟ-ବର୍ଗ ପରେ ନାମ୍, ନବତି, ନଗରୀ ଶବ୍ଦ ଆସେ, ତେବେ ଷ୍ଟୁତ୍ୱର ନିଷେଧ ହୁଏ ନାହିଁ । ଅର୍ଥାତ୍ ଏପରି ସ୍ଥଳେ 'ନ୍'ର 'ଣ୍' ହୋଇଯାଏ । ଯଥା -

ଷଡ୍ + ଣାମ୍ = ଷଣ୍ଣାମ୍ ।

ଏହି ଣତ୍ୱ କେତେକ ସ୍ଥାନରେ ବିକଳ୍ପରେ ହୋଇଥାଏ ।

ଯଥା -

ଷଡ୍ + ନବତିଃ = ଷଣ୍ଣବତିଃ / ଷଡ୍ଣବତିଃ ।

ଷଡ୍ + ନଗର୍ଯ୍ୟଃ = ଷଣ୍ଣଗର୍ଯ୍ୟଃ ଷଡ୍ଣଗର୍ଯ୍ୟଃ ।

୩. ପୂର୍ବପଦର ଅନ୍ତରେ ତବର୍ଗ ଥିଲେ ଏବଂ ପରପଦର ଆଦିରେ 'ଷ୍' ଥିଲେ ତବର୍ଗ ସ୍ଥାନରେ ଟ ବର୍ଗ ହୁଏ ନାହିଁ । ଯଥା -

ସନ୍ + ଷଷ୍ଠଃ = ସନ୍ଷଷ୍ଠଃ ।

## (ଗ) ଜଶ୍ତ୍ୱସନ୍ଧି

ପୂର୍ବପଦର ଅନ୍ତରେ ଯଦି 'ଝଲ୍' ଅର୍ଥାତ୍ କୌଣସି ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ଉଷ୍ମ (ଶ, ଷ, ସ, ହ) ବର୍ଣ୍ଣ ଥାଇ ଯେ କୌଣସି ବର୍ଣ୍ଣ ସହ ସନ୍ଧି ହୁଏ, ତେବେ ସେମାନଙ୍କର 'ଜଶ୍' ଅର୍ଥାତ୍ ନିଜ ବର୍ଗର ତୃତୀୟ ବର୍ଣ୍ଣ ହୋଇଥାଏ । *(ଝଲାଂ ଜଶୋଽନ୍ତେ - ପା.୮.୨.୩୯)* ।

'ଷ'କାର ସ୍ଥାନରେ ସ୍ଥାନସାମ୍ୟ ହେତୁ 'ଡ୍' କାର ହୋଇଯାଏ । ବର୍ଗର ତୃତୀୟ ବର୍ଣ୍ଣ ନିଜ ନିଜ ବର୍ଗର ଅନ୍ତର୍ଗତ ହିଁ ହେବ ।

ଉଦାହରଣ -

| | |
|---|---|
| ଅଚ୍ + ଅନ୍ତଃ = ଅଜନ୍ତଃ | ଚ୍ → ଜ୍ |
| ସୁପ୍ + ଅନ୍ତଃ = ସୁବନ୍ତଃ | ପ୍ → ବ୍ |
| ଦିକ୍ + ଅମ୍ବରଃ = ଦିଗମ୍ବରଃ | କ୍ → ଗ୍ |
| ଜଗତ୍ + ଈଶଃ = ଜଗଦୀଶଃ | ତ୍ → ଦ୍ |
| ଷଟ୍ + ଆନନଃ = ଷଡାନନଃ | ଟ୍ → ଡ୍ |
| ବୃହତ୍ + ରଥଃ = ବୃହଦ୍ରଥଃ | ତ୍ → ଦ୍ |
| ସତ୍ + ଆଚାରଃ = ସଦାଚାରଃ | ତ୍ → ଦ୍ |
| ଚିତ୍ + ଆନନ୍ଦଃ = ଚିଦାନନ୍ଦଃ | ତ୍ → ଦ୍ |
| ଜଗତ୍ + ବନ୍ଧୁଃ = ଜଗଦ୍‌ବନ୍ଧୁଃ | ତ → ଦ୍ |
| ମହତ୍ + ଧନମ୍ = ମହଦ୍ଧନମ୍ | ତ୍ → ଦ୍ |
| ଚିତ୍ + ରୂପମ୍ = ଚିଦ୍ରୂପମ୍ | ତ୍ → ଦ୍ |
| ପୃଥକ୍ + ଉଚ୍ୟତେ = ପୃଥଗୁଚ୍ୟତେ | କ୍ → ଗ୍ |

ଅପବାଦ

୧. ଯଦି 'ଝଲ୍' (ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ ତଥା 'ଶ ଷ ସ ହ') ପଦର ଅନ୍ତରେ ନ ରହି ପଦ ମଝିରେ ରହେ, ଏବଂ ତା ପରେ ଝଶ୍ (ବର୍ଗର ତୃତୀୟ ବା ଚତୁର୍ଥ ବର୍ଣ୍ଣ) ଆଏ, ତେବେ ସନ୍ଧି ହେଲେ 'ଝଲ୍'ର 'ଜଶ୍' (ବର୍ଗର ତୃତୀୟ ବର୍ଣ୍ଣ) ହିଁ ଆଦେଶ ହୋଇଯାଏ । କେତେକ ସ୍ଥଳରେ 'ଝଲ୍' ସ୍ଥାନରେ ବର୍ଗର ଚତୁର୍ଥ ବର୍ଣ୍ଣ ତୃତୀୟ ବର୍ଣ୍ଣରେ ପରିଣତ ହୋଇଯାଏ । *(ଝଲାଂ ଜଶ୍ ଝଶି - ପା.୮.୪.୫୩)* । ଉଦାହରଣ -

ଲଭ୍ + ଧଃ = ଲବ୍ଧଃ ଭ୍ ⟶ ବ୍

ସିଧ୍ + ଧଃ = ସିଦ୍ଧଃ ଧ୍ ⟶ ଦ୍

ବୁଧ୍ + ଧଃ = ବୁଦ୍ଧଃ ଧ୍ ⟶ ଦ୍

୨. ବର୍ଗର ପ୍ରଥମ ଚାରୋଟି ବର୍ଣ୍ଣ ପରେ ଯଦି 'ହ୍' ଆସେ, ତେବେ 'ହ୍'ର ବିକଳ୍ପରେ ସେହି ବର୍ଗର ଚତୁର୍ଥ ବର୍ଣ୍ଣ ଆସିଯାଏ ଏବଂ ପ୍ରଥମ ବର୍ଣ୍ଣ ନିଜ ବର୍ଗର ତୃତୀୟ ବର୍ଣ୍ଣ ହୋଇଯାଏ । *(ଝୟୋ ହୋଽନ୍ୟତରସ୍ୟାମ୍ - ପା.୮.୪.୬୨)* । ଯଥା -

ବାକ୍ + ହରିଃ = ବାଗ୍‌ଘରିଃ (କ୍ ⟶ ଗ୍, ହ୍ ⟶ ଘ) / ବାଗ୍‌ହରିଃ ।

ତତ୍ + ହିତମ୍ = ତଦ୍ଧିତମ୍ (ତ୍ ⟶ ଦ୍, ହ୍ ⟶ ଧ) / ତଦ୍‌ହିତମ୍ ।

## (ଘ) ଅନୁନାସିକସନ୍ଧି

କବର୍ଗ, ଚବର୍ଗ, ଟବର୍ଗ, ତବର୍ଗ, ପବର୍ଗ ଯ,ବ,ଳ ଓ ଶ, ଷ, ସ ପରେ ଯଦି କୌଣସି ଅନୁନାସିକ ବର୍ଣ୍ଣ ଆସେ ତେବେ ତାର ବିକଳ୍ପରେ ନିଜ ବର୍ଗର ପଞ୍ଚମ ବର୍ଣ୍ଣ ଆସିଥାଏ, ଅର୍ଥାତ୍ ଅନୁନାସିକ ବର୍ଣ୍ଣ ସ୍ଥାନରେ ତୃତୀୟ ତଥା ପଞ୍ଚମ ଏହିପରି ଦୁଇଟିଯାକ ବର୍ଣ୍ଣ ହୋଇଥାଏ। *(ଯରୋଽନୁନାସିକେଽନୁନାସିକୋ ବା - ପା.୮.୪.୪୫)* । ଯଥା -

ଦିକ୍ + ନାଗଃ = ଦିଙ୍ନାଗଃ / ଦିଗ୍ନାଗଃ ।

ଷଟ୍ + ମାସାଃ = ଷଣ୍ମାସାଃ / ଷଡ୍ମାସାଃ ।

ଜଗତ୍ + ନାଥଃ = ଜଗନ୍ନାଥଃ / ଜଗଦ୍ନାଥଃ ।

ଏତତ୍ + ମୁରାରିଃ = ଏତନ୍ମୁରାରିଃ / ଏତଦ୍ମୁରାରିଃ ।

**ଅପବାଦ**

'ମୟ' ଏବଂ 'ମାତ୍ର' ପରେ ରହିଥିଲେ କେବଳ ପଞ୍ଚମ ବର୍ଣ୍ଣ ନିତ୍ୟ ହୋଇଯାଏ । *(ପ୍ରତ୍ୟୟେ ଭାଷାୟାଂ ନିତ୍ୟମ୍)* ଯଥା -

ତତ୍ + ମୟମ୍ = ତନ୍ମୟମ୍ (ମୟଟ୍ ପ୍ରତ୍ୟୟ) ।

ବାକ୍ + ମାତ୍ରମ୍ = ବାଙ୍ମାତ୍ରମ୍ (ମାତ୍ରଚ୍ ପ୍ରତ୍ୟୟ) ।

## (ଙ) ଲତ୍ୱସନ୍ଧି

ଯଦି ପୂର୍ବପଦର ଅନ୍ତିମ ବର୍ଣ୍ଣ ତ ବର୍ଗର ହୋଇଥାଏ ଏବଂ ପରପଦର ଆଦି ବର୍ଣ୍ଣ 'ଲ' ହୁଏ ତେବେ ସନ୍ଧିରେ ପୂର୍ବ ତବର୍ଗର ବର୍ଣ୍ଣ ସ୍ଥାନରେ ମଧ 'ଲ୍' ହୋଇଯାଏ । (*ତୋର୍ଲି - ପା . ୮. ୪. ୬୦ / ତବର୍ଗସ୍ୟ ଲକାରେ ପରେ ପରସବର୍ଣ୍ଣଃ ସ୍ୟାତ୍*) । ଯଦି 'ନ୍' ଥାଏ ତେବେ ଅନୁନାସିକ (ଚନ୍ଦ୍ରବିନ୍ଦୁ) ଏବଂ 'ଲ୍' ର ପ୍ରୟୋଗ ହୁଏ ।

ଉଦାହରଣ -

ବିଦ୍ୟୁତ୍ + ଲତା = ବିଦ୍ୟୁଲ୍ଲତା । ତତ୍ + ଲୟଃ = ତଲ୍ଲୟଃ ।

ତତ୍ + ଲୀନଃ = ତଲ୍ଲୀନଃ । ଉତ୍ + ଲେଖଃ = ଉଲ୍ଲେଖଃ ।

ବିଦ୍ୱାନ୍ + ଲିଖତି = ବିଦ୍ୱାଁଲ୍ଲିଖତି । ମହାନ୍ + ଲାଭଃ = ମହାଁଲ୍ଲାଭଃ ।

## (ଚ) ଚର୍ତ୍ୱସନ୍ଧି

୧. ପୂର୍ବପଦର ଅନ୍ତରେ ଝଲ୍ (ଝ, ଭ, ଘ, ଢ, ଧ, ଜ, ବ, ଗ, ଡ, ଦ, ଖ, ଫ, ଛ, ଠ, ଥ, ଚ, ଟ, ତ, କ, ପ ଅର୍ଥାତ୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥବର୍ଣ୍ଣ ଓ ଶ, ଷ, ସ, ହ) ଥିଲେ ଏବଂ ପରପଦର ଆଦିରେ ଖର୍

(ଖ, ଫ, ଛ, ଠ, ଥ, ଚ, ଟ, ତ, କ, ପ, ଶ, ଷ, ସ) ବର୍ଣ୍ଣ ଥିଲେ ସନ୍ଧିରେ ଝଲ୍‌ବର୍ଣ୍ଣ ସ୍ଥାନରେ ଚର୍ (ଚ, ଟ, ତ, କ, ପ, ଶ, ଷ, ସ) ବର୍ଣ୍ଣ ଆସିଯାଏ, ଅର୍ଥାତ୍, ସଂଯୋଗରେ ସେହି ବର୍ଗର ପ୍ରଥମ ଅକ୍ଷର ହିଁ ଆସେ । *(ଖରି ଚ - ପା. ୮.୪.୫୫; ଖରି ଜେଂ ଚୋ ସୂତ୍ର) ।*

ଉଦାହରଣ -

ଉଦ୍ + ସ୍ଥାନମ୍ = ଉତ୍ଥାନମ୍ । ଉଦ୍ + ସ୍ତମ୍ଭନମ୍ = ଉତ୍ତମ୍ଭନମ୍ ।

ସୁହୃଦ୍ + କ୍ରୀଡ଼ତି = ସୁହୃତ୍ କ୍ରୀଡ଼ତି । ଦିଗ୍ + ପାଳଃ = ଦିକ୍‌ପାଳଃ ।

ଶରଦ୍ + ସୁ = ଶରତ୍ସୁ । ବିପଦ୍ + ସୁ = ବିପତ୍ସୁ ।

୨. ହ୍ରସ୍ୱ ସ୍ୱର ପରେ 'ଛ୍' ଥିଲେ ଛ ପୂର୍ବରୁ ତୁକ୍ 'ତ୍'ର ଆଗମ ହୋଇ ତାହା 'ଚ୍' ହୁଏ । *(ଛେ ଚ - ପା. ୬.୧.୭୩)* । ଉଦାହରଣ -

ବୃକ୍ଷ + ଛାୟା = ବୃକ୍ଷ + ତ୍ + ଛାୟା ~ ବୃକ୍ଷ + ଚ୍ + ଛାୟା = ବୃକ୍ଷଚ୍ଛାୟା । ସ୍ୱ + ଛନ୍ଦଃ = ସ୍ୱଚ୍ଛନ୍ଦଃ ।

୩. ପଦାନ୍ତ ଦୀର୍ଘ ପରେ 'ଛ୍' ଥିଲେ 'ଛ୍' ପୂର୍ବରୁ 'ଚ୍' ବିକଳ୍ପରେ ଯୋଡ଼ି ଦିଆଯାଏ । ( *ପଦାନ୍ତାଦ୍ ବା - ପା. ୬.୧.୭୬ / ଦୀର୍ଘାତ୍ ପଦାନ୍ତାଦ୍ଛେ ପରେ ତୁକ୍ ବା ସ୍ୟାତ୍* ) ।

ଉଦାହରଣ -

ଲତା + ଛାୟା = ଲତାଚ୍ଛାୟା / ଲତାଛାୟା ।

ଲକ୍ଷ୍ମୀ + ଛାୟା = ଲକ୍ଷ୍ମୀଚ୍ଛାୟା / ଲକ୍ଷ୍ମୀଛାୟା ।

## (ଛ) ଛତ୍ୱସନ୍ଧି

ଯଦି ପୂର୍ବପଦର ଅନ୍ତରେ 'ଝୟ୍' (ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ) ବର୍ଣ୍ଣ ପରେ 'ଶ୍' ଥାଏ ଏବଂ ତାପରେ 'ଅଟ୍' (ସମସ୍ତ ସ୍ୱର ବର୍ଣ୍ଣ ଏବଂ ଯ, ର, ବ, ହ,) ବର୍ଣ୍ଣ ମଧ୍ୟରୁ କୌଣସି ଗୋଟିଏ ବର୍ଣ୍ଣଥାଏ ତେବେ ସେହି 'ଶ୍' ସ୍ଥାନରେ 'ଛ୍' ହୋଇଯାଏ । ( *ଶଶ୍ଛୋଽଟି - ପା.*

*୮.୪.୬୩ ପଦାନ୍ତାଦ୍ଝୟଃ ପରସ୍ୟ ଶସ୍ୟ ଛୋ ବା ଅଟି)* । ଯଥା-

ତତ୍ + ଶିବଃ = ତଚ୍ଛିବଃ ।

**ଅପବାଦ**

ଛତ୍ୱସନ୍ଧିରେ 'ଶ୍' ପରେ ଅମ୍ (ସମସ୍ତ ସ୍ୱର ବର୍ଣ୍ଣ ଙ, ଞ, ଣ, ନ, ମ, ତଥା ଯ, ର, ଲ, ବ, ହ) ଥିଲେ ବିକଳ୍ପରେ 'ଶ୍'ର 'ଛ୍' ହୁଏ ।

ଉଦାହରଣ -

ତତ୍ + ଶିବଃ = ତଚ୍ଛିବଃ / ତଚ୍ଶିବଃ ।

ସତ୍ + ଶୀଳଃ = ସଚ୍ଛୀଳଃ / ସଚ୍ଶୀଳଃ ।

ଏତତ୍ + ଶ୍ରୁତ୍ୱା = ଏତଚ୍ଛ୍ରୁତ୍ୱା / ଏତଚ୍ଶ୍ରୁତ୍ୱା ।

ତତ୍ + ଶ୍ଲୋକେନ = ତଚ୍ଛ୍ଲୋକେନ / ତଚ୍ଶ୍ଲୋକେନ ।

**(ଳ) ଅନୁସ୍ୱାରସନ୍ଧି**

୧. ପଦାନ୍ତ 'ନ୍' ପରେ 'ତ୍' କିମ୍ବା 'ଥ୍' ଥିଲେ 'ନ୍' ସ୍ଥାନରେ ଅନୁସ୍ୱାର ସହ 'ସ୍' ହୋଇଯାଏ । ଯଥା -

ଅସ୍ମିନ୍ + ତଡ଼ାଗେ = ଅସ୍ମିଂସ୍ତଡ଼ାଗେ ।

ଭଗବାନ୍ +ତାରୟ = ଭଗବାଂସ୍ତାରୟ ।

ଚକ୍ରିନ୍ + ତ୍ରାୟସ୍ୱ = ଚକ୍ରିଂସ୍ତ୍ରାୟସ୍ୱ ।

୨. ପଦ ମଧ୍ୟରେ ଥିବା 'ନ୍' ଏବଂ 'ମ୍' ପରେ ବର୍ଣ୍ଣମାନଙ୍କ ପୂର୍ବରୁ ବର୍ଣ୍ଣ ତଥା ଶ, ଷ, ସ, ହ, ମଧ୍ୟରୁ କୌଣସି ବର୍ଣ୍ଣ ଥିଲେ ନ୍ ଏବଂ ମ୍ ଅନୁସ୍ୱାର ହୋଇଯାଏ । *(ନଶ୍ଚାପଦାନ୍ତସ୍ୟ ଝଲି - ପା. ୮.୩.୨୪)* । ଯଥା -

ଯଶାନ୍ + ସି = ଯଶାଂସି ।   ମନ୍ + ସ୍ୟତେ = ମଂସ୍ୟତେ ।

୩. ପଦାନ୍ତ 'ନ୍' ପରେ 'ଚ୍' ବା 'ଛ୍' ଥିଲେ 'ନ୍' ସ୍ଥାନରେ ଉଭୟ ଅନୁସ୍ୱାର ଏବଂ 'ଶ୍' ହୁଏ । ଉଦାହରଣ -

କସ୍ମିନ୍ + ଚିତ୍ = କସ୍ମିଂଶ୍ଚିତ୍ । ବାଳକାନ୍ + ଚ = ବାଳକାଂଶ୍ଚ ।

ବିଦ୍ୱାନ୍ + ଛାତ୍ରଃ = ବିଦ୍ୱାଂଶ୍ଛାତ୍ରଃ ।

୪. ପଦାନ୍ତ 'ନ୍' ପରେ 'ଟ୍' କିମ୍ବା 'ଠ୍' ଥିଲେ ଅନୁସ୍ୱାର ଏବଂ 'ଷ୍' ହୋଇଯାଏ । ଯଥା -

ମହାନ୍ + ଟଙ୍କାରଃ = ମହାଂଷ୍ଟଙ୍କାରଃ ।

ଦେବାନ୍ + ଟୀକସ୍ୱ = ଦେବାଂଷ୍ଟୀକସ୍ୱ ।

୫. ସମ୍, ପୁମ୍ ଏବଂ କାନ୍ ର ମ୍, ନ୍ ସ୍ଥାନରେ ଅନୁସ୍ୱାର ପରେ 'ସ୍' ହୋଇଯାଏ । ବିକଳ୍ପରେ ଅନୁସ୍ୱାର ସ୍ଥାନରେ ଚନ୍ଦ୍ରବିନ୍ଦୁ ଆସେ ।

ଉଦାହରଣ -

ପୁମ୍ + କୋକିଳଃ = ପୁଂସ୍କୋକିଳଃ / ପୁଁସ୍କୋକିଳଃ ।

ସମ୍ + କର୍ତ୍ତା = ସଂସ୍କର୍ତ୍ତା / ସଁସ୍କର୍ତ୍ତା ।

କାନ୍ + କାନ୍ = କାଂସ୍କାନ୍ / କାଁସ୍କାନ୍ ।

୬. ପଦାନ୍ତ 'ମ୍' ପରେ କୌଣସି ବ୍ୟଞ୍ଜନ ବର୍ଣ୍ଣ ଥିଲେ ତାହା ଅନୁସ୍ୱାରରେ ପରିଣତ ହୋଇଯାଏ । *(ମୋଽନୁସ୍ୱାରଃ - ପା. ୮.୩.୨୩)* ।

ଉଦାହରଣ -

ହରିମ୍ + ବନ୍ଦେ = ହରିଂ ବନ୍ଦେ ।

ମଧୁରମ୍ + ହସତି = ମଧୁରଂ ହସତି ।

ସତ୍ୱରମ୍ + ଯାତି = ସତ୍ୱରଂ ଯାତି ।

୭. ଅପଦାନ୍ତ ଅନୁସ୍ୱାର ପରେ ଯୟ୍ (ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ ଏବଂ ଯ୍, ର୍, ଲ୍, ବ୍ ) ବର୍ଣ୍ଣ ମଧ୍ୟରୁ କୌଣସି ଗୋଟିଏ ବର୍ଣ୍ଣ ଥିଲେ ଅନୁସ୍ୱାରର ଆଗରେ ଥିବା ବର୍ଣ୍ଣର ବର୍ଗର ପଞ୍ଚମ ଅକ୍ଷର (ପରସବର୍ଣ୍ଣ) ହୋଇଯାଏ । *(ଅନୁସ୍ୱାରସ୍ୟ ଯୟି ପରସବର୍ଣ୍ଣଃ - ପା. ୮.୪.୫୮)* ।

ଉଦାହରଣ -

ଅଂ + କଃ = ଅଙ୍କଃ । ପ୍ରେଂ + ଖଣମ୍ = ପ୍ରେଙ୍ଖଣମ୍ ।

ଅଂ + ଗମ୍ = ଅଙ୍ଗମ୍ ।

## ଅପବାଦ

ପଦାନ୍ତ ସ୍ଥାନରେ ହେଉଥିବା ଅନୁସ୍ୱାର ପରେ ଯଦି କୌଣସି ବର୍ଗର କୌଣସି ବର୍ଣ୍ଣ ଆସେ, ତେବେ ତା ଅନୁସାରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ବିକଳ୍ପରେ ହୋଇଯାଏ । *(ବା ପଦାନ୍ତସ୍ୟ - ପା. ୮.୪.୫୯)* । ଯଥା -

ଅୟମ୍ + ତ୍ରାୟତେ = ଅୟଂ ତ୍ରାୟତେ / ଅୟନ୍ତ୍ରାୟତେ ।

ଅୟମ୍ + ପାତି = ଅୟଂ ପାତି / ଅୟମ୍ପାତି ।

ଅୟମ୍ + ବୁଧ୍ୟତେ = ଅୟଂ ବୁଧତେ / ଅୟମ୍ବୁଧତେ ।

ନଦୀମ୍ + ତରତି = ନଦୀଂ ତରତି / ନଦୀନ୍ତରତି ।

ସମ୍ + ଗଚ୍ଛଧ୍ୱମ୍ = ସଂ ଗଚ୍ଛଧ୍ୱମ୍ / ସଙ୍ଗଚ୍ଛଧ୍ୱମ୍ ।

ପୁଷ୍ପମ୍ + ଚିନୋତି = ପୁଷ୍ପଂ ଚିନୋତି / ପୁଷ୍ପଞ୍ଚିନୋତି ।

ତ୍ୱମ୍ + ଚଳସି = ତ୍ୱଂ ଚଳସି / ତ୍ୱଞ୍ଚଳସି ।

## (୯) ଙମୁଟ୍‌ସନ୍ଧି

ପୂର୍ବପଦର ଅନ୍ତରେ ହ୍ରସ୍ୱ ସ୍ୱର ପରେ ଯଦି ଙମ୍ (ଙ୍, ଣ୍, ନ୍) ମଧ୍ୟରୁ କୌଣସି ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ଥାଏ, ଏବଂ ପରପଦର ଆଦିରେ କୌଣସି ସ୍ୱରବର୍ଣ୍ଣ ଥାଏ, ତେବେ ସନ୍ଧି ହେଲେ ଙ୍, ଣ୍, ନ୍ ର ଦ୍ୱିତ୍ୱ ହୋଇଯାଏ । (*ଙମୋ ହ୍ରସ୍ୱାଦଚି ଙମୁଣ୍ନିତ୍ୟମ୍ - ପା. ୮.୩.୩୨ / ହ୍ରସ୍ୱାତ୍ ପରୋ ଯୋ ଙମ୍ ତଦନ୍ତଂ ଯତ୍ ପଦଂ ତସ୍ମାତ୍ ପରସ୍ୟାଚୋ ନିତ୍ୟଂ ଙମୁଡାଗମଃ ସ୍ୟାତ୍) ।*

ଉଦାହରଣ -

କୁର୍ବନ୍ + ଅସ୍ତି = କୁର୍ବନ୍ନସ୍ତି । ଖାଦନ୍ + ଅପି = ଖାଦନ୍ନପି ।

କୁର୍ବନ୍ + ଏବ = କୁର୍ବନ୍ନେବ । ତସ୍ମିନ୍ + ଏବ = ତସ୍ମିନ୍ନେବ ।

ଭବାନ୍ + ଅପି = ଭବାନପି । - ଏଠାରେ 'ନ୍' ପୂର୍ବରୁ ହ୍ରସ୍ୱ ସ୍ୱର ନ ଥିବାରୁ 'ନ୍' ର ଦ୍ୱିତ୍ୱ ହେଲା ନାହିଁ । ସେହିପରି -

ଦେବାନ୍ + ଅପି = ଦେବାନପି ।

ବୁଦ୍ଧିମାନ୍ + ଅୟମ୍ = ବୁଦ୍ଧିମାନୟମ୍ ।

## (ଝ) ବିଶିଷ୍ଟରୁତ୍ୱସନ୍ଧି

ପୂର୍ବପଦର ଅନ୍ତରେ 'ନ୍' ଥିଲେ ଏବଂ ପରପଦର ଆଦିରେ ଛବ୍ (ଛ, ଠ, ଥ, ଚ, ଟ, ତ) ବର୍ଣ୍ଣ ଥିଲେ 'ନ୍' ର ରୁ = ବିସର୍ଗ = ସ୍ ହୋଇଯାଏ । ଏହା ସହିତ 'ନ୍' ର ପୂର୍ବ ବର୍ଣ୍ଣ ଉପରେ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁର ପ୍ରୟୋଗ କରାଯାଇଥାଏ । *ଏହି ନିୟମ 'ପ୍ରଶାନ୍' ଶବ୍ଦ ବ୍ୟତୀତ ଅନ୍ୟ ସମସ୍ତ ନକାରାନ୍ତ ଶବ୍ଦ ପାଇଁ ପ୍ରଯୁଜ୍ୟ । (ନଶ୍ଛବ୍ୟପ୍ରଶାନ୍ -ପା. ୮.୩.୭ । ଅମ୍ପରେ ଛବି ନକାରାନ୍ତସ୍ୟ ପଦସ୍ୟ ରୁଃ ସ୍ୟାତ୍ । ନ ତୁ ପ୍ରଶାନ୍ଶବ୍ଦସ୍ୟ ।)* ଯଥା -

ଚକ୍ରିନ୍ + ତ୍ରାୟସ୍ୱ = ଚକ୍ରିଁସ୍ତ୍ରାୟସ୍ୱ ।

ପତନ୍ + ତରୁଃ = ପତଂସ୍ତରୁଃ ।

କସ୍ମିନ୍ + ଚିତ୍ = କସ୍ମିଂଶ୍ଚିତ୍ ।

## (୩) ବିସର୍ଗସନ୍ଧି

ବିସର୍ଗ ପରେ ଅଚ୍ (ସ୍ୱର) ବା ହଲ୍ (ବ୍ୟଞ୍ଜନ) ବର୍ଣ୍ଣ ଆସି ସଂଯୋଗ କରାଗଲେ ବିସର୍ଗର ବିକାର ଘଟି ଯେଉଁ ସନ୍ଧି ହୁଏ ତାକୁ ବିସର୍ଗସନ୍ଧି କୁହାଯାଏ । 'ସ୍' ଏବଂ 'ର୍' ସ୍ଥାନରେ ବିସର୍ଗ ହୁଏ । 'ସ୍' ସ୍ଥାନୀୟ ବିସର୍ଗକୁ 'ସଜାତ' ଏବଂ 'ର୍' ସ୍ଥାନୀୟ ବିସର୍ଗକୁ 'ରଜାତ' ବିସର୍ଗ କୁହାଯାଏ ।

୧. ସଜାତ - ମନସ୍ = ମନଃ, ରାମଃ, (ରାମ+ସୁ), ହରିଃ, ଗୋବିନ୍ଦଃ, ଗୋପାଳଃ ପ୍ରଭୃତି ।

୨. ରକାରାନ୍ତ - ପ୍ରାତର୍ = ପ୍ରାତଃ, ପୁନର୍ = ପୁନଃ ପ୍ରଭୃତି ବିଭିନ୍ନ ସ୍ୱର ବା ବ୍ୟଞ୍ଜନର ସଂଯୋଗଦ୍ୱାରା ବିସର୍ଗର ପରିବର୍ତ୍ତନ ଶ୍, ଷ୍, ସ୍, ର୍, ଉ ଅଥବା ଯ୍ ଲୋପ ଦ୍ୱାରା ହୋଇଥାଏ । କେତେକ ସ୍ଥଳରେ ବିସର୍ଗ ନିଜେ ଅପରିବର୍ତ୍ତିତ ରହେ ।

## କ) ବିସର୍ଗର 'ସ'ରୂପ

ବିସର୍ଗ ପରେ ଖର୍ (ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଏବଂ ଶ,ଷ,ସ) ବର୍ଣ୍ଣ ରହିଲେ ବିସର୍ଗ 'ସ୍' ହୋଇଯାଏ । (*ବିସର୍ଜନୀୟସ୍ୟ ସଃ - ପା. ୮.୩.୩୪ / ଖରି ବିସର୍ଜନୀୟସ୍ୟ ସଃ ସ୍ୟାତ୍*)/ ପରପଦର ଆଦିବର୍ଣ୍ଣ ତ, ଥ, ସ୍ ହୋଇଥିଲେ ବିସର୍ଗ ନିତ୍ୟ 'ସ୍' ହୁଏ; ଚ, ଛ,ଶ ହୋଇଥିଲେ ସେହି 'ସ୍' ସ୍ଥାନରେ 'ଶ୍' ଏବଂ ଟ, ଠ, ଷ ହୋଇଥିଲେ 'ସ୍' ସ୍ଥାନରେ 'ଷ୍' ହୁଏ । କ, ଖ, ପ, ଫ ଥିଲେ ବିସର୍ଗ ରହେ । ଯଥା -

କଃ + କରୋତି = କଃ କରୋତି / କ ⨯ କରୋତି ।

ବିଷ୍ଣୁଃ +ତ୍ରାତା = ବିଷ୍ଣୁସ୍ତ୍ରାତା । ହରିଃ + ଟିକୋତି = ହରିଷ୍ଟିକୋତି ।

ଧନୁସ୍ + ଟଙ୍କାରଃ = ଧନୁଷ୍ଟଙ୍କାରଃ ।

**ଅପବାଦ**

୧. ପୂର୍ବପଦର ଅନ୍ତରେ ଥିବା ବିସର୍ଗ ପରେ ଖର୍ ପ୍ରତ୍ୟାହାରର ବର୍ଣ୍ଣ ଥିଲେ ଓ ସେହି ବର୍ଣ୍ଣ ସହ ସଂଯୁକ୍ତ ହୋଇ ଶ, ଷ, ସ ଥିଲେ ବିସର୍ଗ ସ୍ଥାନରେ ସ୍ ହୁଏ ନାହିଁ । ଯଥା -

କଃ + ତ୍ସରୁଃ = କଃ ତ୍ସରୁଃ ।

୨. ବିସର୍ଗ ପରେ ପାଶ, କଳ୍ପ, କ, କାମ୍ୟ ଶବ୍ଦ ଥିଲେ ବିସର୍ଗର 'ସ୍' ହୁଏ । ଯଥା -

ପୟଃ + ପାଶମ୍ = ପୟସ୍ପାଶମ୍ । ଯଶଃ +କଳ୍ପମ୍ = ଯଶସ୍କଳ୍ପମ୍ ।

୩. ଅବ୍ୟୟ ରହିତ ହ୍ରସ୍ୱ 'ଅ' ପରେ ସମାସରେ କୃ, କମ୍, କଂସ, କୁମ୍ଭ, ପାତ୍ର, କୁଶା, କର୍ଣ୍ଣୀ ଶବ୍ଦ ଥିଲେ ବିସର୍ଗର ନିତ୍ୟ 'ସ୍' ହୁଏ ଯଥା -

ଅୟଃ + କାରଃ = ଅୟସ୍କାରଃ । ଅୟଃ + କାମଃ = ଅୟସ୍କାମଃ ।

୪. ଦୁଇଥର, ତିନିଥର, ଚାରିଥର, ପ୍ରଭୃତି ଅର୍ଥରେ ଦ୍ୱିଃ, ତ୍ରିଃ, ଚତୁଃ ଶବ୍ଦର ପ୍ରୟୋଗ କରାଗଲେ ଏହି ଶବ୍ଦପରେ କ୍, ଖ୍, ପ୍, ଫ୍ ରେ ଆରମ୍ଭ ହେଉଥିବା କ୍ରିୟା ଥିଲେ ବିସର୍ଗ ସ୍ଥାନରେ ବିକଳ୍ପରେ ବିସର୍ଗ ବା 'ସ୍' ବା 'ଷ୍' ହୋଇଥାଏ ।

ଉଦାହରଣ -

ଦ୍ୱିଃ + କଥୟତି = ଦ୍ୱିଃ କଥୟତି / ଦ୍ୱିସ୍କଥୟତି / ଦ୍ୱିଷ୍କଥୟତି ।

ତ୍ରିଃ + ଖାଦତି = ତ୍ରିଃ ଖାଦତି / ତ୍ରିସ୍ଖାଦତି / ତ୍ରିଷ୍ଖାଦତି ।

ଚତୁଃ + ପତତି = ଚତୁଃ ପତତି / ଚତୁସ୍ପତତି / ଚତୁଷ୍ପତତି ।

ଚତୁଃ + ଫଳତି = ଚତୁଃ ଫଳତି / ଚତୁସ୍ଫଳତି / ଚତୁଷ୍ଫଳତି ।

୫. ସର୍ପିଃ ଶବ୍ଦ ପୂର୍ବରୁ କୌଣସି ପଦ ନଥାଇ ସର୍ପିଃ ଶବ୍ଦର କୁଣ୍ଡିକା ଶବ୍ଦ ସହ ସମାସ ହେଲେ ବିସର୍ଗ ର 'ଷ୍' ହୁଏ । ଯଥା -

ସର୍ପିଃ + କୁଣ୍ଡିକା = ସର୍ପିଷ୍କୁଣ୍ଡିକା ।

୬. ଇସ୍ ଏବଂ ଉସ୍ ରେ ଥିବା 'ସ୍' ର କବର୍ଗ ବା ପବର୍ଗ ପରପଦରେ ଥାଇ ସନ୍ଧି ହେଲେ ବିକଳ୍ପରେ ଷ୍ ହୁଏ । 'ଷ୍' ଅଭାବ ପକ୍ଷରେ ବିସର୍ଗ ରହେ । ଯଥା -

ସର୍ପିଃ + କରୋତି = ସର୍ପିଷ୍କରୋତି / ସର୍ପିଃ କରୋତି ।

ଧନୁଃ + ପତତି = ଧନୁଷ୍ପତତି / ଧନୁଃ ପତତି ।

୭. ତିରସ୍ ଶବ୍ଦ ପରେ କ୍, ଖ୍, ପ୍, ଫ୍, ଆସିଲେ ବିସର୍ଗର ବିକଳ୍ପରେ 'ସ୍' ହୁଏ । ଯଥା -

ତିରଃ + କରୋତି = ତିରସ୍କରୋତି / ତିରଃ କରୋତି ।

୮. ବିସର୍ଗରେ ଥିବା ଅକ୍ଷରରେ 'ଇ' ବା 'ଉ' ର ମାତ୍ରା ଥିଲେ ଏବଂ ପର ପଦର ଆଦିରେ କବର୍ଗ, ପବର୍ଗ ଥିଲେ ବିସର୍ଗର 'ଷ୍' ହୁଏ । ମାତ୍ର, ସେହି ବିସର୍ଗ ପ୍ରତ୍ୟୟର ଅନ୍ତରେ ନଥିବା ଆବଶ୍ୟକ ।

ଉଦାହରଣ -

ନିଃ + କ୍ରାନ୍ତଃ = ନିଷ୍କ୍ରାନ୍ତଃ । ଆବିଃ + କୃତମ୍ = ଆବିଷ୍କୃତମ୍ ।

ବହିଃ + କାରଃ = ବହିଷ୍କାରଃ । ହବିଃ + ପାତ୍ରମ୍ = ହବିଷ୍ପାତ୍ରମ୍ ।

ଦୁଃ + ଫଳମ୍ = ଦୁଷ୍ଫଳମ୍ ।

୯. କବର୍ଗ, ପବର୍ଗ ପରେ ଥିଲେ ନମସ୍ ଶବ୍ଦର ବିସର୍ଗ ବିକଳ୍ପରେ ଏବଂ ପୁରସ୍ ଶବ୍ଦର ନିତ୍ୟ 'ସ୍' ହୁଏ । ଯଥା -

ନମଃ + କରୋତି = ନମସ୍କରୋତି / ନମଃ କରୋତି ।

ପୁରଃ + କରୋତି = ପୁରସ୍କରୋତି ।

## (ଖ) ବିସର୍ଗର 'ସ୍' 'ଶ୍' 'ଷ୍' ରୂପ

ପୂର୍ବ ପଦରେ ବିସର୍ଗ ଥିଲେ ଏବଂ ପରପଦର ଆଦିରେ ଶର୍ ପ୍ରତ୍ୟାହାର (ଶ୍, ଷ୍, ସ୍, ) ଥିଲେ ବିସର୍ଗର ବିକଳ୍ପରେ 'ସ୍' ହୋଇଥାଏ । ( *ବା ଶରି -ପା.୮.୩.୩୬ / ଶରି ପରେ ବିସର୍ଜନୀୟସ୍ୟ ବିସର୍ଜନୀୟ ଏବ ବା ସ୍ୟାତ୍ ।*) ଉକ୍ତ 'ସ୍' ସ୍ଥାନ ଭେଦରେ ଶ୍, ଷ୍ ମଧ୍ୟ ହୁଏ । ଯଥା -

ମୁନିଃ + ଶେତେ = ମୁନିଶ୍ଶେତେ / ମୁନିଃ ଶେତେ ।

ହରିଃ + ଶେତେ = ହରିଶ୍ଶେତେ / ହରିଃ ଶେତେ ।

ମାମକଃ + ସାରମେୟଃ = ମାମକସ୍ସାରମେୟଃ / ମାମକଃ ସାରମେୟଃ ।

## ଗ) ବିସର୍ଗର 'ସ୍'ର 'ରୁ' ରୂପ

ପଦର ଅନ୍ତିମ 'ସ୍' ର ତଥା ସଜୁଷ୍ ଶବ୍ଦର 'ଷ୍' ର 'ରୁ' ହୋଇଯାଏ । ଏହି 'ରୁ' ର 'ଉ' ଲୋପ ପାଇ କେବଳ 'ର୍' ରହେ । ଏହି 'ର୍' ପରବର୍ତ୍ତୀ ସ୍ୱର ବା ବ୍ୟଞ୍ଜନରେ ମିଶିଯାଏ ଯଦି ସେହି ବ୍ୟଞ୍ଜନବର୍ଣ୍ଣ

ବର୍ଗର ଦ୍ୱିତୀୟ, ତୃତୀୟ ବା ପଞ୍ଚମ ବର୍ଣ୍ଣ ହୋଇଥାଏ । (ସସଜୁଷୋ ରୁଃ -
ପା. ୮.୨.୬୬ । ଉଚ୍ଚାରଣ ବେଳେ ବିସର୍ଜନୀୟର ରୁ ହେବ) ।

ଉଦାହରଣ -

ମୁନିଃ + ଅୟମ୍ = ମୁନିରୟମ୍ । ହରିଃ + ଅବଦତ୍ = ହରିରବଦତ୍ ।

ପିତୁଃ + ଇଚ୍ଛା = ପିତୁରିଚ୍ଛା । ଗୌଃ + ଗଚ୍ଛତି = ଗୌର୍ଗଚ୍ଛତି ।

ହରେଃ + ଦ୍ରବ୍ୟମ୍ = ହରେର୍ଦ୍ରବ୍ୟମ୍ ।

(ଘ) 'ରୁ' ର ସ୍ୱର ସହ 'ଉ' ରୂପ

ଯଦି ପରପଦର ଆଦିବର୍ଣ୍ଣ ହ୍ରସ୍ୱ 'ଅ' କାର ଥାଏ, ତେବେ ପୂର୍ବପଦର ଅନ୍ତରେ ଥିବା ହ୍ରସ୍ୱ 'ଅ' ଅକ୍ଷର ପରେ (ବିସର୍ଗ = ସ୍ = ରୁ) 'ରୁ' ର 'ଉ' ହୋଇଯାଏ । ଏହାପରେ 'ଉ' ର ଗୁଣ ହୋଇ 'ଓ' ହୁଏ ଏବଂ 'ଅ'ର ପୂର୍ବରୂପ ହୋଇଯାଏ । (*ଅତୋ ରୋରପ୍ଲୁତାଦପ୍ଲୁତେ - ପା.୬.୧.୧୧୩*) ।

ଉଦାହରଣ -

ଅତଃ + ଅହମ୍ = ଅତୋଽହମ୍ ।

ଉଚିତଃ + ଅବସରଃ = ଉଚିତୋଽବସରଃ ।

(ଙ) 'ରୁ'ର ବ୍ୟଞ୍ଜନ ସହ 'ଉ' ରୂପ

ଯଦି ପରପଦର ଆଦିରେ ହଶ୍ (ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଣ୍ଣ ତଥା ହ, ୟ, ବ, ର, ଲ,) ବର୍ଣ୍ଣ ଥାଏ, ତେବେ ପୂର୍ବପଦର ଅନ୍ତରେ ଥିବା ହ୍ରସ୍ୱ 'ଅ' ଅକ୍ଷର ପରେ (ବିସର୍ଗ = ସ୍ = ରୁ) 'ରୁ'ର 'ଉ' ହୋଇଯାଏ । (*ହଶି ଚ - ପା. ୬.୧.୧୧୪*) ।

ଯଦି ପରପଦର ଆଦିରେ 'ଅ' ଥାଏ ବା କୌଣସି ବ୍ୟଞ୍ଜନ ବର୍ଣ୍ଣ ଥାଏ, ତେବେ 'ରୁ' ର 'ଉ' ହୁଏ । 'ଉ' ର ଗୁଣ ହୋଇ 'ଓ' ହୋଇଯାଏ ।

ଉଦାହରଣ -

ସୁରେଶଃ + ଗଚ୍ଛତି = ସୁରେଶୋ ଗଚ୍ଛତି ।

ମେଘଃ + ଗର୍ଜତି = ମେଘୋ ଗର୍ଜତି ।

ମନଃ + ଜଃ = ମନୋଜଃ । ଯଶଃ + ଦା = ଯଶୋଦା ।

ସ୍ମରାମଃ + ବୟମ୍ = ସ୍ମରାମୋ ବୟମ୍ ।

ଗୋପାଳଃ + ବ୍ରବୀତି = ଗୋପାଳୋ ବ୍ରବୀତି ।

ମନଃ + ରଥଃ = ମନୋରଥଃ । ମନଃ + ହରମ୍ = ମନୋହରମ୍ ।

**(ଚ) 'ରୁ'ର 'ଯ୍' ରୂପ**

ଭୋଃ, ଭଗୋଃ, ଅଘୋଃ ଶବ୍ଦ ଏବଂ 'ଅ' ଅଥବା 'ଆ' ପରେ ବିସର୍ଗ ଥିଲେ ଏବଂ ପରପଦର ଆଦିବର୍ଣ୍ଣ ଅଶ୍ (ସମସ୍ତ ସ୍ୱରବର୍ଣ୍ଣ, ହ, ଯ, ବ, ର, ଲ, ବର୍ଗର ତୃତୀୟ, ଚତୁର୍ଥ ଓ ପଞ୍ଚମ) ବର୍ଣ୍ଣ ଥିଲେ ବିସର୍ଗର ଯଥାକ୍ରମେ ସ୍ = ରୁ = ଯ୍ ହୋଇଯାଏ । ପରପଦରେ ସ୍ୱର ଥିଲେ ଯ୍ ର ବିକଳ୍ପରେ ଲୋପ ହୁଏ । (*ଭୋଭଗୋ ଅଘୋ ଅପୂର୍ବସ୍ୟ ଯୋଽଶି - ପା. ୮.୩.୧୭ ତଥା ଲୋପଃ ଶାକଲ୍ୟସ୍ୟ - ପା. ୮.୩.୧୯; ଅବର୍ଣ୍ଣପୂର୍ବୟୋଃ ପଦାନ୍ତୟୋର୍ଯ୍ୱୟୋର୍ଲୋପୋଽଶି ପରେ*) । 'ଯ୍' ଲୋପ ପରେ ପୁଣି ଗୁଣସନ୍ଧି ହୁଏ ନାହିଁ । ବ୍ୟଞ୍ଜନବର୍ଣ୍ଣ ପରପଦରେ ଥିଲେ ନିତ୍ୟ ଲୋପ ହୋଇଥାଏ । (*ହଲି ସର୍ବେଷାମ୍ - ପା. ୮.୩.୨୨ । ଭୋଭଗୋଅଘୋ ଅପୂର୍ବସ୍ୟ ଲଘୁଲଘୁଚାରଣସ୍ୟ ଯକାରସ୍ୟ ଲୋପଃ ସ୍ୟାଦ୍ଧଲି ସର୍ବେଷାଂ ମତେନ*) । ଉଦାହରଣ -

କୃଷ୍ଣଃ + ଆୟାତି = କୃଷ୍ଣୟ୍ + ଆୟାତି = କୃଷ୍ଣ ଆୟାତି ।

କୁତଃ + ଆଗଚ୍ଛସି = କୁତ ଆଗଚ୍ଛସି ।

ଚନ୍ଦ୍ରଃ + ଉଦେତି = ଚନ୍ଦ୍ର ଉଦେତି ।

ପୁରୁଷଃ + ଈକ୍ଷତେ = ପୁରୁଷ ଈକ୍ଷତେ ।

ବାଳାଃ + ଆଗଚ୍ଛନ୍ତି = ବାଳା ଆଗଚ୍ଛନ୍ତି ।

ଜନାଃ + ଅବଦନ୍ = ଜନା ଅବଦନ୍ ।

ନରାଃ + ହସନ୍ତି = ନରା ହସନ୍ତି ।

ଲଳନାଃ + ଲଜ୍ଜନ୍ତେ = ଲଳନା ଲଜ୍ଜନ୍ତେ ।

ଅଶ୍ୱାଃ + ଧାବନ୍ତି = ଅଶ୍ୱା ଧାବନ୍ତି ।

ସଜ୍ଜନାଃ + ବଦନ୍ତି = ସଜ୍ଜନା ବଦନ୍ତି ।

(ଛ) 'ନ୍' ର 'ର୍' ରୂପ

ପରପଦର ଆଦିରେ ସୁପ୍ ନଥିଲେ ଅହନ୍ ଶବ୍ଦର 'ନ୍' ର 'ର୍' ହୋଇଯାଏ । (*ରୋଽସୁପି -ପା. ୮.୨.୬୯ । ଅହ୍ନୋ ରେଫାଦେଶଃ ସ୍ୟାନ୍ନ ତୁ ସୁପି*) । ଉଦାହରଣ -

ଅହନ୍ + ଅହଃ = ଅହରହଃ । ଅହନ୍ + ଗଣଃ = ଅହର୍ଗଣଃ ।

ଅହନ୍ + ଭାତି = ଅହର୍ଭାତି । କିନ୍ତୁ ପର ପଦରେ ସୁପ୍ ଥିଲେ,

ଅହନ୍ + ସୁ = ଅହଃସୁ । ଅହନ୍ + ଭ୍ୟାମ୍ = ଅହୋଭ୍ୟାମ୍ ଏପରି ହେବ ।

ଅପବାଦ

୧. ଅହର୍, ଗୀର୍, ଧୁର୍ ପ୍ରଭୃତି ଶବ୍ଦ ପରେ ପତି ପ୍ରଭୃତି ଶବ୍ଦ ଥିଲେ ଅହର୍ ପ୍ରଭୃତି ଶବ୍ଦର 'ର୍' ର ବିକଳ୍ପରେ 'ର୍' ହୁଏ । 'ର୍'ର ଅଭାବରେ ବିସର୍ଗର ବା ଉପଧ୍ମାନୀୟର ପ୍ରୟୋଗ କରାଯାଏ । (ଅହରାଦୀନାଂ ପତ୍ୟାଦିଷୁ ବା ରେଫଃ) । ଯଥା -

ଅହର୍ + ପତିଃ = ଅହର୍ପତିଃ / ଅହଃପତିଃ / ଅହ ×ପତିଃ ।

ଗୀର୍ + ପତିଃ = ଗୀର୍ପତିଃ / ଗୀଃପତିଃ / ଗୀ × ପତିଃ ।

ଧୁର୍ + ପତିଃ = ଧୂର୍ପତିଃ / ଧୂଃପତିଃ । ଧୂ × ପତିଃ ।

୨. ରୂପ, ରାତ୍ରି, ରଥନ୍ତର ଶବ୍ଦ ଯଦି ପରପଦରେ ରହେ ତେବେ ଅହନ୍ ଶବ୍ଦର 'ନ୍'ର 'ରୁ' ହୁଏ । 'ରୁ' ର 'ଉ' ଏବଂ 'ଅ' ର 'ଓ' ହୁଏ । (ରୂପରାତ୍ରି ରଥନ୍ତରେଷୁ ରୁତ୍ୱଂ ବାଚ୍ୟମ୍) । ଯଥା -

ଅହନ୍ + ରୂପମ୍ = ଅହୋରୂପମ୍ ।

ଅହନ୍ + ରାତ୍ରଃ = ଅହୋରାତ୍ରଃ ।

ଅହନ୍ + ରଥନ୍ତରମ୍ = ଅହୋରଥନ୍ତରମ୍ ।

**(୩) 'ର୍' ର ଲୋପ, ପୂର୍ବ 'ଅଣ୍' ର ଦୀର୍ଘତ୍ୱ**

ଯଦି ପୂର୍ବ ପଦର ଅନ୍ତରେ 'ଢ୍', 'ର୍' ଥାଏ ଏବଂ ପରପଦର ଆଦିରେ ମଧ୍ୟ 'ଢ୍', 'ର୍' ରେ ଆରମ୍ଭ ହୋଇଥିବା ପଦ ଥାଏ, ତେବେ ପ୍ରଥମ 'ଢ୍', 'ର୍' ର ଲୋପ ହୋଇଯାଏ ଏବଂ 'ଢ୍' ଓ 'ର୍' ର ଲୋପ ପରେ ଏହାର ପୂର୍ବ ଅଣ୍ (ଅ, ଇ, ଉ) ଦୀର୍ଘ ହୋଇଯାଏ । *(ରୋ ରି - ପା. ୮.୩.୧୪ । ରେଫସ୍ୟ ରେଫେ ପରେ ଲୋପଃ ସ୍ୟାତ୍ । ଢ୍ରଲୋପେ ପୂର୍ବସ୍ୟ ଦୀର୍ଘୋଽଣଃ - ପା.୬.୩.୧୧୧ । ଢ୍ରେଫୌ ଲୋପୟତୋତି ତଥା, ତସ୍ମିନ୍ ବର୍ଣ୍ଣେଽଥ ଢକାରରେଫାତ୍ମକେ ପରେ ପୂର୍ବସ୍ୟାଣୋ ଦୀର୍ଘଃ ସ୍ୟାତ୍ ।)*

ଉଦାହରଣ - ପୁନର୍ + ରମତେ = ପୁନାରମତେ ।

ହରିର୍ + ରମ୍ୟଃ = ହରୀରମ୍ୟଃ । ନିର୍ + ରବଃ = ନୀରବଃ ।

*ଭୋଜନାନ୍ତେ ପିବେତ୍ତକ୍ରଂ ଦିବସାନ୍ତେ ପୟଃ ପିବେତ୍ ।*
*ନିଶାନ୍ତେ ଚ ପିବେଦ୍ବାରି ତ୍ରିଭୀ ରୋଗୋ ନ ଜାୟତେ ।।*

**(୪) ସୁଲୋପ**

୧. ଯଦି ପରପଦର ଆଦିରେ କୌଣସି ବ୍ୟଞ୍ଜନବର୍ଣ୍ଣ ଥିବ ତେବେ ଏତଦ୍ ଏବଂ ତଦ୍ ଶବ୍ଦର ପ୍ରଥମା ଏକବଚନରେ 'ଏଷଃ' ଏବଂ 'ସଃ' ର ବିସର୍ଗ ଲୋପ ହୁଏ । *(ଏତତ୍ତଦୋଃ ସୁଲୋପୋଽକୋରନଞ୍ସମାସେ ହଲି - ପା.୬.୧.୧୩୨)* । ମାତ୍ର, ଏଷକଃ, ସକଃ, ଅସଃ, ଅନେଷଃ ଶବ୍ଦର ବିସର୍ଗର ଲୋପ ହୁଏ ନାହିଁ । ଉଦାହରଣ -

ଏଷଃ + ବିଷ୍ଣୁଃ = ଏଷ ବିଷ୍ଣୁଃ । ସଃ + ଦେବଃ = ସ ଦେବଃ ।

୨. ପରପଦର ଆଦିରେ ଯେ କୌଣସି ସ୍ୱର ଥିଲେ ମଧ୍ୟ ବିସର୍ଗର ଲୋପରେ ଯଦି ପାଦପୂରଣ ହୋଇଥାଏ, ତେବେ 'ସସ୍'ର 'ସୁ' ଲୋପ ହୋଇଯାଏ । *(ସୋଽଚି ଲୋପେ ଚେତ୍ ପାଦପୂରଣମ୍ - ପା.୬.୧.୧୩୪)* । ଉଦାହରଣ -

ସସ୍ + ଏଷଃ = ସ+ ଏଷଃ=ସୈଷଃ ।

ସମ୍ପୂର୍ଣ୍ଣ ଶ୍ଳୋକଟି ନିମ୍ନରେ ଦିଆଗଲା -

*ସୈଷ ଦାଶରଥୀ ରାମଃ ସୈଷ ରାଜା ଯୁଧିଷ୍ଠିରଃ ।*
*ସୈଷ କର୍ଣ୍ଣୋ ମହାଦାନୀ ସୈଷ ଭୀମୋ ମହାବଳଃ ॥*

**ଅପବାଦ**

ପାଦପୂର୍ତ୍ତି ସ୍ଥଳରେ 'ସଃ'ର ସୁଲୋପ ବିଧାନ ନିମିତ୍ତ ନିୟମ ଥିଲେ ମଧ୍ୟ ସ୍ଥଳେ ସ୍ଥଳେ ଏହା କାର୍ଯ୍ୟକାରୀ ହୁଏ ନାହିଁ । ଯଥା -

*ସୋଽହମାଜନ୍ମଶୁଦ୍ଧାନାମ୍ (ରଘୁବଂଶମ୍ - ପ୍ରଥମସର୍ଗ)*

ଏଠାରେ ବିସର୍ଗର ଲୋପ ନ ହୋଇ ମଧ୍ୟ ପାଦପୂରଣ ହୋଇଅଛି ।

***

## ଅନୁଶୀଳନୀ

୧. **ସନ୍ଧିବିଚ୍ଛେଦଃ କାର୍ଯ୍ୟଃ -**

ପୂର୍ଣ୍ଣେନ୍ଦୁଃ, ଅହର୍ଗଣଃ, ଦେବୋଽର୍ଚ୍ଚ୍ୟଃ, ନମସ୍କରୋତି, ହରିସ୍ଫୁରତି, ଜାନନ୍ନପି, ତଚ୍ଛରୀରମ୍, ଅଙ୍କଃ, ଜଗଲ୍ଲୀନମ୍, ସନ୍ନିଧାନମ୍, ପ୍ରାଗୁକ୍ତମ୍, ସଜ୍ଜନଃ, ଗଜାଗ୍ରମ୍, ଯଦ୍ୟେବମ୍, ମଧ୍ୱସ୍ତି, ନୈକମ୍, ସପ୍ତର୍ଷିଃ, ସ୍ୱଭାବୋକ୍ତିଃ, ସୂକ୍ତମ୍, କମଳାକରଃ, ଦେବେନ୍ଦ୍ରଃ, କୃଷ୍ଣୈକା, ବିଭକ୍ତ୍ୟର୍ଥାଃ. ଦେବ୍ୟୁବାଚ, ରାତ୍ରାବାଗତଃ, ତାବେତୌ, ଗଚ୍ଛନ୍ନପତତ୍, ରାମସୀତା, ଦୁଣ୍ଡରତି, ବିଷ୍ଣୁଶ୍ଶେତେ, ତଲ୍ଲୟଃ, ତଚ୍ଛିବଃ, ଭବଦୁକ୍ତମ୍, ବାଗୀଶଃ, ଦିଗ୍ଗଜାଃ, ସର୍ବେଽପି, ଅତ୍ୟୋତମ୍, ଇତ୍ୟାଦିଃ ,ନୈନମ୍, ମୈନମ୍, ହିତୋପଦେଶଃ, ତବୈବ, ତେନୈବ, ସନ୍ଧ୍ୟକ୍ଷରମ୍, ଗତାବିମୌ, ଭ୍ୱାଦିଃ, ଶିବୋଽର୍ଚ୍ଚ୍ୟଃ, କତିଚିଜ୍ଜନାଃ, ଷଷ୍ଠଃ, ଭରତି, ସୁହୃଦ୍, ଏଷ ମୃଗଃ, ହତା ଗଜାଃ, ଇତା ବେପତେ, ଚୌରା ହରନ୍ତି, ଦେବ ଇବାତ, ଅଳୋଽନ୍ତ୍ୟସ୍ୟ, ଗୁରୁର୍ବ୍ରହ୍ମା, ପତ୍ୟୁର୍ଗୃହମ୍, ଦୁର୍ଗମଃ, ଅଗ୍ନିର୍ଜ୍ୱଳତି, ପୁନରତ୍ର, ସୂର୍ଯୋଽପି, ପ୍ରାଜ୍ଞା, ଶ୍ରୁତ୍ୱୈବ, ନଦୀଚ୍ଛାୟା, ଶୁଭାସ୍ତେ, ପଠଂଶ୍ଛାତ୍ରଃ, ବିଦ୍ୟାନନ୍ଦଃ ।

୨. **ସନ୍ଧିବିଚ୍ଛେଦଃ କ୍ରିୟତାମ୍ -**

**ସାରଥୀନାହ୍ୱୟାମଃ । ଶରୀରମଳଙ୍କାରୈର୍ଭୂଷୟତି । କସ୍ୟୈତାନି** ପୁସ୍ତକାନି ? ବିପଦ୍ୟୁକ୍ତିଃ ଶ୍ରୂୟତେ ସଦ୍ଭିଃ । ପଙ୍କେ ପତିତାଂ ଧେନୁମୁଦ୍ଧରତି । କୋଽତ୍ରାଗତଃ ? ଭୃତ୍ୟଂ କ୍ରୋଧାଦ୍ରାମସ୍ତାଡୟତି । ରାମଃ କପିଭିର୍ଜୟତି ରାବଣମ୍ । ଶୋକେନ କୌଶିକୋଽସ୍ମି । ସିଂହୋ ନଖୈର୍ଗଜାନ୍ ଦାରୟତି । କବୟଃ ଶ୍ଲୋକୈର୍ନୃପଂ ବର୍ଣ୍ଣୟନ୍ତି । ହରେରୁଦ୍ୟାମଃ ଶ୍ଲାଘ୍ୟଃ । ଜ୍ଞାନାତ୍ସୁଖଂ ଜାୟତେ । ବାରାଣାଂ ନିଧିରୁଦଧିଃ । ପ୍ରାତେ ସୂର୍ଯ୍ୟୋ ପ୍ରକାଶକୋ ଭବତି । କାସାରେ କମଳାନ୍ୟୁଦ୍ଭବନ୍ତି । ରାମଃ ସୀତୟା ସହ ଗୋଦାବର୍ଯ୍ୟାସ୍ତୀରେଽରମତ । ସାଧବୋ ମୃତ୍ୟୋର୍ଭୟଂ ନ ଗଣୟନ୍ତି ।

ପଶୁଷ୍ୱପି କୃତଜ୍ଞତା ଦୃଶ୍ୟତେ । ଗୋପୋ ଧେନୂ ରକ୍ଷତି । ଲୋକେନ ବୃକ୍ଷିଶ୍ଚଲତି । ନଦ୍ୟାସ୍ତୀରେ ଚିରଂ ବିହୃତ୍ୟୋଟଙ୍କଂ ନିଦ୍ରୁରା ସୀତା । ନୃପଚେରାଦେଶଃ ଲ୍ଲିୟତେ । ରକ୍ଷିଷ୍ୟା ପନ୍ୟୁଷ୍ଟତା । ଦେବାନାମର୍ଚ୍ଚନମାରଭେ । ଆପନେଭ୍ୟ ଭକ୍ଷିଷ୍ୟତ୍ୟୋଚାର୍ଯ୍ୟଃ । କରେଣୋଦ୍ଧୃଯନ୍ତ୍ରାନ୍ ହରିଃ । ରାମୋ ବର୍ଦ୍ଧିତେ । କା ତବ କାନ୍ତା କସ୍ତେ ପୁତ୍ରଃ ସଂସାରୋଽୟମତୀବ ବିଚିତ୍ରଃ ।

ଗ. ରେଖାରୂଢ଼ାନାଂ ପଦାନାଂ ସନ୍ଧିବିଚ୍ଛେଦଃ କାର୍ଯ୍ୟଃ -

ଗଣେଶମାଦ୍ୟଂ ପ୍ରଣମାମି ଦେବମ୍ ।

ଦଧ୍ୟୋଦନଂ ଖାଦତି ରାମଚନ୍ଦ୍ରଃ ।

ସଦୈବାଭିମାନଧନା ହି ମାନିନଃ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।

ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ।

ଅହନ୍ୟହନି ଭୂତାନି ଗଚ୍ଛନ୍ତୀହ ଯମାଳୟମ୍ ।

ନାଭିଷେକୋ ନ ସଂସ୍କାରଃ ସିଂହସ୍ୟ କ୍ରିୟତେ ବନେ ।

ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ।

ଦର୍ଶିତାବାଞ୍ଜନଂ ନତଃ ।

ତେଽପି ମାମେବ କୌନ୍ତେୟ ଯଜନ୍ତି ବିଧିପୂର୍ବକମ୍ ।

ସ୍ୱାଗତଂ ବଦତି ସମ୍ପ୍ରତି ସାରି[illegible]ୟମ୍ ।

ନିନ୍ଦନ୍ତୁ ନୀତିନିପୁଣା ଯଦି ବା ସ୍ତୁବନ୍ତୁ
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ ।
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।।

ଯୋଽନ୍ତଃ ପ୍ରବିଶ୍ୟ ମମ ବାଚମିମାଂ ପ୍ରସୁପ୍ତାଂ
ସଂଜୀବୟତ୍ୟଖିଳଶକ୍ତିଧରଃ ସ୍ୱଧାମ୍ନା ।
ଅନ୍ୟାଂଶ୍ଚ ହସ୍ତଚରଣଶ୍ରବଣତ୍ୱଗାଦୀନ୍
ପ୍ରାଣାନ୍ନମୋ ଭଗବତେ ପୁରୁଷାୟ ତୁଭ୍ୟମ୍ ।
ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା ।
ଶାନ୍ତାକାରଂ ଭୁଜଗଶୟନଂ ପଦ୍ମନାଭଂ ସୁରେଶମ୍ ।
ଦେବି ପ୍ରପନ୍ନାର୍ତ୍ତିହରେ ପ୍ରସୀଦ ପ୍ରସୀଦ ମାତର୍ଜଗତୋଽଖିଳସ୍ୟ ।
ପ୍ରସୀଦ ବିଶ୍ୱେଶ୍ୱରି ପାହି ବିଶ୍ୱଂ ତ୍ୱମୀଶ୍ୱରୀ ଦେବି ଚରାଚରସ୍ୟ ।।

୪. ସନ୍ଧିଃ କ୍ରିୟତାମ୍ -

| | | |
|---|---|---|
| ବାଣୀ + ଈଶଃ, | ବଧୂ + ଉତ୍ସବଃ, | ଦୟା + ଅର୍ଣ୍ଣବଃ, |
| ମହା + ଉଦଧିଃ, | ବିଦ୍ୟା + ଅର୍ଥୀ, | ହରିଃ + ଅତିଷ୍ଠତ, |
| ମନଃ + ଉଦ୍ୟାନମ୍, | ରାଜ୍ଞଃ + ଇଚ୍ଛା, | ମହା + ଅର୍ଣ୍ଣବଃ, |
| ତସ୍ମିନ୍ + ଉପବନେ, | ଅଂ + ଚିତଃ, | ତତ୍ + ଲୀନଃ, |
| ଦିକ୍ + ନାଗଃ, | ଉତ୍ + ଦେଶ୍ୟମ୍, | ଦିକ୍ + ଈଶଃ, |
| ବିଷ୍ + ନୁଃ, | ତତ୍ + ଜାଲମ୍, | ଗତେ + ଅପି, |
| ଅନୁ + ଏଷଣମ୍, | ଅନୁ + ଅୟଃ, | ରାମଃ + ଦାଶରଥିଃ, |
| ବୃକ୍ଷଃ + ଛାଦୟତି, | ପିତୃ + ଆଦେଶଃ, | ପତନ୍ + ଚକ୍ଷୁଃ, |
| ଉତ୍ + ଲେଖଃ, | ଧିକ୍ + ମୂର୍ଖମ୍, | ଦିକ୍ + ଅଙ୍ଗନା, |
| ଦିକ୍ + ଅନ୍ତଃ, | ଗଙ୍ଗା + ଓଘଃ, | ମନସ୍ + ରଥଃ, |
| ସତ୍ + ଚିତ୍, | ମହତୀ + ଇଚ୍ଛା, | ବର୍ଷା + ଋତୁଃ, |
| ପ୍ରାତଃ + ଏବ, | ମୀନାଃ + ତରନ୍ତି, | ସଃ + ଅସ୍ତି, |
| ଶଶ + ଅଙ୍କଃ, | ନରାଃ + ଯାନ୍ତି, | ପୁତ୍ରଃ + ଆଗଚ୍ଛତି, |

ସନ୍ + ଅଶ୍ୱଃ, ପଶ୍ୟନ୍ + ଅପି, ଭବାନ୍ + ଅପି,
ଷଟ୍ + ମୁଖଃ, ଅପ୍ + ଜଃ, ଚିତ୍ + ଆନନ୍ଦଃ,
ମତ୍ + ଟୀକା, ଉତ୍ + ବିନୋତି, ପର୍ବତେ+ ଅସ୍ମିନ୍,
ଗୋ + ଏଷଣା, ପ୍ରତି + ଏକମ୍, ଅଭି + ଉଦୟଃ,
ମତି + ଅନୁସାରମ୍, ମଧୁ + ଅରି, ମୁହୁଃ + ମୁହୁଃ ।

୪. ବନ୍ଧନୀମଧ୍ୟାଦୁପଯୁକ୍ତଂ ପଦଂ ଚିତ୍ୱା ରିକ୍ତସ୍ଥାନାନି ପୂରୟତ -

କବି + ଈଶ୍ୱରଃ = ------ (କବେଶ୍ୱରଃ / କବୀଶ୍ୱରଃ)
କପି + ଈଶଃ = ------ (କପେଶଃ / କପୀଶଃ)
ଦେବ + ଇନ୍ଦ୍ରଃ = ------ (ଦେବିନ୍ଦ୍ରଃ / ଦେବେନ୍ଦ୍ରଃ)
ମହା + ଋଷିଃ = ------ (ମହର୍ଷିଃ / ମହାର୍ଷିଃ)
ବର୍ଷା + ଋତୁଃ = ------ (ବର୍ଷାର୍ତୁଃ / ବର୍ଷର୍ତୁଃ)
ସୁ + ଆଗତମ୍ = ------ (ସବାଗତମ୍ / ସ୍ୱାଗତମ୍)
କପି + ଈଶ୍ୱରଃ = ------ (କପେଶ୍ୱରଃ / କପୀଶ୍ୱରଃ)
କୃପୀ + ଆୟାତି = ------ (କୃପୟାୟାତି / କୃପାୟାତି)
ଚିତ୍ + ଆନନ୍ଦଃ = ------ (ଚିଦାନନ୍ଦଃ / ଚିତାନନ୍ଦଃ)
ବହିଃ +ଗମନମ୍ = ------ (ବହିଃଗମନମ୍ / ବହିର୍ଗମନମ୍)
ସୂର୍ଯ୍ୟଃ + ଉଦେତି = ------ (ସୂର୍ଯ୍ୟାବୁଦେତି / ସୂର୍ଯ୍ୟ ଉଦେତି)
ମନଃ + ରଥଃ = ------ (ମନଃରଥଃ / ମନୋରଥଃ)
ମୟୂରଃ + ନୃତ୍ୟତି = ------ (ମୟୂରନ୍ନୃତ୍ୟତି/ମୟୂରୋ ନୃତ୍ୟତି)
ଭବତ୍ + ଚରଣେଷୁ =------ (ଭବଚ୍ଚରଣେଷୁ /ଭବଦରଣେଷୁ)
ନିଃ + ସ୍ୱଃ = ------ (ନିସ୍ୱଃ / ନିଃସ୍ୱଃ)

୬. କ) 'ରମା'ଶବ୍ଦେନ ସହ ଅଧୋଦତ୍ତପଦାନାଂ ସଂଯୋଗଃ କାର୍ଯ୍ୟଃ-

ଯଥା - : ରମା + ଈଶଃ = ରମେଶଃ ।

ଔଦାର୍ଯ୍ୟମ୍, ଓଷଧିଃ, ଐଶ୍ୱର୍ଯ୍ୟମ୍, ଏକତ୍ୱମ୍ ।

ଖ) 'ବଧୂ'ଶବ୍ଦେନ ସହ ଅଧୋଲିଖିତଶବ୍ଦାନାଂ ସନ୍ଧିଃ କ୍ରିୟତାମ୍ -

ଅଙ୍କଃ, ଔତ୍ସୁକ୍ୟମ୍, ଏଷା, ଭକ୍ତିଃ, ଈଷମ୍, ଆଶା ।

୭. ସଂଶୋଧନଂ କାର୍ଯ୍ୟମ୍ -

ସୋ ବଦତି । ରବିର୍ରାଜତେ । ମହାନୃଷିଃ । ପୁନୋଽପି ।
ବିଦ୍ୱାଂତରତି । କୁର୍ବନାସୀତ୍ । ବିଦ୍ୱଦ୍ୱସୁ । ଷଟ୍‌ବସନ୍ତି ।
କୁତରାଗତଃ ? ବୃହଦ୍‌ଲୋକମ୍ । କିମ୍କରଃ । ଏଷୋ ଆଗଚ୍ଛତି ।
ଭାନୁଦୟଃ । ବାଡୌକା । ବାଗ୍ଦଃ । ସୋ ଅହମ୍ । ବିପଦ୍‌କାଳମ୍ ।

୮. ରିକ୍ତସ୍ଥାନଂ ପୂରୟତ -

ଯଥା + ----- = ଯଥୋଚିତମ୍ । ---- + ଉକ୍ତିଃ = ହିତୋକ୍ତିଃ ।
---- + ----- = ସଦାଚାରଃ । ବାକ୍ + ରମା = ----- ।
ମହତ୍ +----- = ମହଦ୍ବଳମ୍ । ---- + ଚରିତ୍ରମ୍ = ସଚ୍ଚରିତ୍ରମ୍ ।
ତତ୍ + ----= ତଚ୍ଛ୍ରୁତମ୍ । ଶରତ୍ + ଚନ୍ଦ୍ରଃ = -------- ।
ନିର୍ + ------ = ନୀରସମ୍ । ମହା + ଓଜଃ = -------- ।
------- + ଅପି = ବାର୍ଯ୍ୟପି । ବଧୂ + ------ = ବଧ୍ୱାଜ୍ଞା ।
----- + ରମାଃ = ଶମ୍ଭୁରମାଃ । ଷଟ୍ + ---- = ଷଡ୍‌ଦେବାଃ ।
ବୃହତ୍ + ରଥଃ = ----- । ----- + ବନ୍ଧୁଃ = ଜଗଦ୍ବନ୍ଧୁଃ ।
----- + ରବଃ = ନୀରବଃ । ପାଦ + ----- = ପାଦୋଦୁଃ ।
----- + ଋଷିଃ = ମହର୍ଷିଃ । ଉପ + ---- = ଉପୈଧତେ ।

୯. ଯଥାସମ୍ଭବଂ ସନ୍ଧିଂ କୃତ୍ୱା ସୁରଭିରା ଅନୂଦ୍ୟତାମ୍ -

ତୁମେ ମନଇଚ୍ଛା ଧନ ପାଇଥିଲ । ଏହା ଶୁଣି ସେମାନେ ହସିଲେ । ପୁରୀରେ ସୂର୍ଯ୍ୟଙ୍କର ଉଦୟ ଦର୍ଶନୀୟ । ମୋର ଏହା ମତ । ଆଜି ମୋର ଜନ୍ମ ସଫଳ ହେଲା । ସେ ପ୍ରତିଦିନ ସିନେମା ଦେଖନ୍ତି । ପିତାଙ୍କର ଆଦେଶ ପୁତ୍ରର ଗ୍ରହଣୀୟ । ବଶିଷ୍ଠ ଜଣେ ମହାନ୍ ଋଷି ଥିଲେ । ତୁମେମାନେ କାହିଁକି ଏଣେତେଣେ ବୁଲୁଛ ? ଆପଣ କ'ଣ ଲେଖୁଛନ୍ତି ? ପୁରୋହିତ କୁଶ ଆସନରେ ବସିଛନ୍ତି । ବଣର ଔଷଧ ରୋଗୀର ପଥ୍ୟ ଅଟେ । ବିଶ୍ୱାମିତ୍ର ଜଣେ ରାଜା ଓ ଋଷି ଥିଲେ । ଏହି ଛାତ୍ରଟି ନବମ ଶ୍ରେଣୀରେ ପଢୁଥିଲା । ସେ ମଧ୍ୟ ଆମର ବନ୍ଧୁ ଅଟନ୍ତି । ଆପଣ କେଉଁଠାରୁ ଆସିଲେ ? ଗୁରୁ କହିଲେ, "ତୁମର ବୁଦ୍ଧି ନାହିଁ " । ମାଆଙ୍କର ଅନୁମତି ବିନା ସେ କେଉଁଆଡ଼େ ଯାଏ ନାହିଁ । ସକାଳୁ ହିଁ ଶଯ୍ୟା ତ୍ୟାଗ କରିବା ଉଚିତ୍ । ଦିନରାତି ଖୁବ୍ ପରିଶ୍ରମ କର ।

***

# ୪ - ଅବ୍ୟୟପ୍ରକରଣ

## (ଅବ୍ୟୟ, ଉପସର୍ଗ ଓ ନିପାତ)

### ୪.୧. ଅବ୍ୟୟ

୧. **ଅବ୍ୟୟ** - 'ଅବ୍ୟୟ' ଏକ ପ୍ରକାରର ଶବ୍ଦ, ଯାହାର କୌଣସି ପରିବର୍ତ୍ତନ ହୁଏ ନାହିଁ । ଅର୍ଥାତ୍, ଏହା ସର୍ବଦା ଏକ ରୂପରେ ଯଥା ତଥା ଭାବରେ ପ୍ରଯୁକ୍ତ ହୁଏ । ଅତଏବ ଯେଉଁ ଶବ୍ଦ ରୂପର ତିନି ଲିଙ୍ଗରେ, ସବୁ ବିଭକ୍ତିରେ ଓ ତିନି ବଚନରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ତାହାକୁ ଅବ୍ୟୟ ପଦ କୁହାଯାଏ ।

*'ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ ।*
*ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟମ୍' ।।*

ଉଦାହରଣ : ଅଦ୍ୟ, ପ୍ରାତଃ, ମିଥ୍ୟା, ଯଥା, ତଥା ଇତ୍ୟାଦି ।

**୨. ଅବ୍ୟୟରୁ ବିହିତ ଆପ୍ ଓ ସୁପ୍‌ର ଲୋପ ହୁଏ ।**

*(ଅବ୍ୟୟାଦାପ୍ ସୁପଃ - ପା. ୨.୪.୮୨)* । ଯଥା - ଅଧିହରି, ଯଥାଶକ୍ତି । ଏଠାରେ ଅଧିହରି + ସୁ ହୋଇ ସୁ (ସୁପ୍)ର ଲୁକ୍ ହୋଇଛି ।

**୩. ସ୍ୱରାଦିଗଣୀୟ ଶବ୍ଦ ଓ ନିପାତ ସଂଜ୍ଞକ ଶବ୍ଦ ଅବ୍ୟୟ ସଂଜ୍ଞକ ।**

*(ସ୍ୱରାଦି ନିପାତମବ୍ୟୟମ୍ - ପା. ୧.୧.୩୭)* । ଯଥା -

**ସ୍ୱର୍** (ସ୍ୱର୍ଗ) - ଧାର୍ମିକାଃ ସ୍ୱର୍ଗଚ୍ଛନ୍ତି ।

**ଅନ୍ତଃ** (ମଧ୍ୟରେ) - ସର୍ବେଷାମନ୍ତଃ ଈଶ୍ୱରୋ ବିରାଜତେ ।

**ପ୍ରାତଃ** (ସକାଳେ) - ପ୍ରାତଃ ଛାତ୍ରାଃ ବିଦ୍ୟାଳୟଂ ଗଚ୍ଛନ୍ତି ।

**ପୁନର୍, ପୁନଃ** (ବାରମ୍ବାର) - ପୁନରପି ଜନନଂ ପୁନରପି ମରଣମ୍ ।

**ଉଚ୍ଚୈସ୍, ଉଚ୍ଚୈଃ** (ଉଚ୍ଚରେ) - ରମା ଉଚ୍ଚୈଃ ଗାୟତି ।

**ନୀଚୈସ୍, ନୀଚୈଃ** (ତଳ) - ପାପାଃ ନୀଚୈଃ ଗଚ୍ଛନ୍ତି ।

ଶନୈଃ (ଧୀରେ ଧୀରେ) - ପ୍ରକୃତିର୍ମୃତ୍ୟବେ ଶନୈଃ ଶନୈଃ ।

ଋତେ (ବ୍ୟତୀତ) - ଧର୍ମମ୍ ଋତେ କୁତୋ ମୋକ୍ଷଃ ।

ଯୁଗପତ୍ (ଏକସମୟରେ) - ପୂର୍ଣ୍ଣିମାୟାଂ ଯୁଗପଦେବ ସୂର୍ଯ୍ୟାଚନ୍ଦ୍ରୌ ସମୁପସ୍ଥିତୌ ।

ଆରାତ୍ (ଦୂର, ସମୀପ) - ଆରାତ୍ ବନାତ୍ ଗ୍ରାମଃ ।

ପୃଥକ୍(ଭିନ୍ନ) -ମାନବା ଦାନବା ଦେବା ଏତେ ସନ୍ତି - ପୃଥକ୍ ପୃଥକ୍ ।

ହ୍ୟଃ (ଗତକାଲି) - ହ୍ୟଃ ସଃ ଭୁବନେଶ୍ୱରମାଗଚ୍ଛତ୍ ।

ଶ୍ୱଃ (ଆସନ୍ତାକାଲି) - ଶ୍ୱଃ ମମ ବିଦ୍ୟାଳୟସ୍ୟ ବାର୍ଷିକୋତ୍ସବଃ ।

ଦିବା (ଦିନ) - ଦିବା ମା ସ୍ୱାପ୍ସୀଃ । ଦିବା ନ ଶୟୀତ ।

ସାୟମ୍ (ସନ୍ଧ୍ୟାକାଳ) - ସାୟଂ ପ୍ରାର୍ଥନା କରଣୀୟା ।

ଚିରମ୍ (ବହୁକାଳ) - କୀର୍ତ୍ତିଃ ଚିରଂ ତିଷ୍ଠତି ।

ତୂଷ୍ଣୀମ୍ (ଚୁପଚାପ୍) - ତୂଷ୍ଣୀଂ ଭବ ।

ବହିଃ (ବାହାରେ) - ଗ୍ରାମାତ୍ ବହିଃ ଶସ୍ୟକ୍ଷେତ୍ରାଣି ସନ୍ତି ।

ନିକଷା (ନିକଟରେ) - ମନ୍ଦିରଂ ନିକଷା ପୁଷ୍ପବୃକ୍ଷାଃ ସନ୍ତି ।

ବୃଥା (ନିରର୍ଥକ) - କଳହଂ ବୃଥା ମା କୁରୁ ।

ନକ୍ତମ୍ (ରାତି) - ନକ୍ତଂ ଦଧି ମା ପିବ ।

ଅନ୍ତରା (ମଝିରେ) - ଜଗନ୍ନାଥଂ ବଳଭଦ୍ରଂ ଚ ଅନ୍ତରା ସୁଭଦ୍ରା ବିରାଜତେ ।

ଅନ୍ତରେଣ (ବିନା) - ସୁଗମନ୍ତରେଣ ବ୍ୟାକରଣସ୍ୟ ନୋଚ୍ଚାର୍ଯ୍ୟସ୍ତେ ।

ସହସା (ଆକସ୍ମିକ, ହଠାତ୍) - ସହସା ବିଦଧୀତ ନ କ୍ରିୟାମ୍ ।

ବିନା,ନାନା (ବ୍ୟତୀତ) - ଶ୍ରମଂ ବିନା ନାନା ବା ଫଳଂ ନୋପଲଭ୍ୟତେ ।

ସ୍ୱାହା (ଦେବତାଙ୍କ ଉଦ୍ଦେଶ୍ୟରେ ଦାନ) - ଅଗ୍ନୟେ ସ୍ୱାହା ।

ସ୍ୱଧା (ପିତୃ ପୁରୁଷ ଉଦ୍ଦେଶ୍ୟରେ ଦାନ) - ପିତୃଭ୍ୟଃ ସ୍ୱଧା ।

**୪. କେତେକ ତଦ୍ଧିତାନ୍ତ ଅବ୍ୟୟପଦ**

*(ତଦ୍ଧିତଶ୍ଚାସର୍ବବିଭକ୍ତିଃ - ପା. ୧.୧.୩୮)* । ଯେଉଁ ତଦ୍ଧିତାନ୍ତରୁ ସବୁ ବିଭକ୍ତି ଲାଗିପାରେ ନାହିଁ ତାକୁ ତଦ୍ଧିତାନ୍ତ ଅବ୍ୟୟ କହନ୍ତି । ଯଥା -

ପରିତଃ (ଚାରିପାଖରେ) - ଦୁର୍ଗଂ ପରିତଃ ପରିଖା ବିଦ୍ୟତେ ।

ଅଭିତଃ (ଆଗରେ) - ଶିକ୍ଷକମ୍ ଅଭିତଃ ଛାତ୍ରାଃ ତିଷ୍ଠନ୍ତି ।

ସର୍ବତଃ (ସବୁଆଡ଼େ) - ଗ୍ରାମଂ ସର୍ବତଃ ବୃଷ୍ଟିରଭବତ୍ ।

ଉଭୟତଃ (ଦୁଇପାଖରେ)- ମାର୍ଗମ୍ ଉଭୟତଃ ବୃକ୍ଷାଃ ଶୋଭନ୍ତେ ।

ସର୍ବତ୍ର (ସବୁଆଡେ, ସବୁଠାରେ)- ସାଧବୋ ନହି ସର୍ବତ୍ର ବର୍ତ୍ତନ୍ତେ ।

ଏକତ୍ର (ଏକାଠି) - ଛାତ୍ରା ଏକତ୍ର ପଠନ୍ତି ।

ପରତ୍ର (ପରଲୋକରେ) - ଧର୍ମଂ ବିନା ପରତ୍ରାପି ନ ସୁଖମ୍ ।

ଅମୁତ୍ର (ଇହଲୋକରେ)- ଅମୁତ୍ର ଜନାଃ ଯୋଗସାଧନଂ କୁର୍ବନ୍ତି ।

ଅତ୍ର (ଏହିଠାରେ, ଏହିଠାକୁ) - ଅତ୍ରାଗଚ୍ଛ ।

ଯତ୍ର (ଯେଉଁଠାରେ) - ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।

ତତ୍ର (ସେଠାରେ) - ସଃ (କଟକେ) ତତ୍ର ତିଷ୍ଠତି ।

କୁତ୍ର (କେଉଁଠାରେ) - ତ୍ୱଂ କୁତ୍ର ଗଚ୍ଛସି ?

କ୍ୱ, କୁହ (କେଉଁଠାରେ) - କ୍ୱ ଜନ୍ମଭୂମିଃ ଭବତଃ ?

ଇହ (ଏଠାରେ) - ଇହ ସଜ୍ଜନା ଧର୍ମମାଚରନ୍ତି ।

ଅତଃ (ଏଣୁ) - ଯତୋ ବିଦ୍ୱାନ୍ ଅତଃ ପୂଜ୍ୟଃ ।

କୁତଃ (କେଉଁଠାରୁ ) - କୁତଃ ସମାଗତଃ ତ୍ୱମ୍ ?

ତତଃ (ତେଣୁ) - ତତଃ ସୋଽବଦତ୍ ।

ଯତଃ (ଯେହେତୁ) - ଯତସ୍ତ୍ୱମାଗତୋଽସି ତଦେବ ମମ ପରମମ୍ ।

ଇତଃ (ଏହିଠାରୁ) - ଇତଃ ତ୍ୱଂ କୁତ୍ର ନ ଗଚ୍ଛ ।

ଅନ୍ୟଦା, ଅନ୍ୟର୍ହି (ଅନ୍ୟଦିନରେ) - ତ୍ୱମ୍ ଅନ୍ୟଦା, ଅନ୍ୟର୍ହି ଆଗଚ୍ଛ ।

କଦା, କର୍ହି (କେତେବେଳେ) - ତ୍ୱଂ କଦା / କର୍ହି ଆଗମିଷ୍ୟସି ?

ଯଦା, ଯର୍ହି (ଯେତେବେଳେ) - ଯଦା / ଯର୍ହି ତ୍ୱମ୍ ଆଗମିଷ୍ୟସି, ତଦା / ତର୍ହି ଅହଂ ଗମିଷ୍ୟାମି ।

ତଦା, ତର୍ହି, ତଦାନୀମ୍ (ସେତେବେଳେ) - ଯଦା ନାଟକଂ ଭବିଷ୍ୟତି, ତଦା / ତର୍ହି / ତଦାନୀମ୍ ଅହଂ ଗମିଷ୍ୟାମି ।

ଇଦାନୀମ୍ / ଅଧୁନା (ବର୍ତ୍ତମାନ) - ଇଦାନୀମ୍ / ଅଧୁନା / ଏତର୍ହି ପ୍ରାୟଶଃ ସର୍ବେ ଯୋଗାଭ୍ୟାସଂ କୁର୍ବନ୍ତି ।

ସର୍ବଥା (ସର୍ବତୋଭାବେ) - ରାମଃ ସର୍ବଥା ସୁଶାସକଃ ଆସୀତ୍ ।

ଅନ୍ୟଥା (ଏହା ନହେଲେ) - ରାଜକାର୍ଯ୍ୟଂ ସାଧୟ, ଅନ୍ୟଥା ଦଣ୍ଡାଦେଶଂ ଭବିଷ୍ୟତି ।

ଉଭୟଥା (ଉଭୟ ପ୍ରକାର) - ସଃ ଉଭୟଥା ଗାୟକଃ ବାଦକଶ୍ଚ ।

ଯଥା ତଥା ( ଯେପରି, ସେହିପରି)- ଯଥା ବୀଜଂ ତଥାଙ୍କୁରଃ ।

କଥମ୍ (କିପରି, କାହିଁକି) - କଥଂ ସମାଗତା ଏବ ଭବତଃ ?

ଇତ୍ଥମ୍ (ଏହିପରି) - ଇତ୍ଥମ୍ କାର୍ଯ୍ୟଂ କୁରୁ, ଯେନ ପ୍ରଶଂସିତଃ ଭବିଷ୍ୟସି ।

ଏକଧା (ଏକପ୍ରକାରର) - ସଜ୍ଜନସ୍ୟ ବଚନଂ କାର୍ଯ୍ୟଂ ଚ ଏକଧା ଭବତି ।

ଦ୍ୱିଧା (ଦୁଇପ୍ରକାର) - ଦ୍ୱିଧା ବଚନାତ୍ ସଂଶୟଃ ଭବତି ।

ସହସ୍ରଧା (ହଜାରପ୍ରକାର) - ସହସ୍ରଧା ଭବତି ମେ ମନଃ ।

ପଞ୍ଚକୃତ୍ୱଃ (ପାଞ୍ଚଥର) - ଶିଶୁଃ ରାତ୍ରୌ ପଞ୍ଚକୃତ୍ୱଃ ଅକ୍ରନ୍ଦତ୍ ।

ସପ୍ତକୃତ୍ୱଃ (ସାତଥର)-ଶିଶୁଃ ଦିବସସ୍ୟ ସପ୍ତକୃତ୍ୱଃ ଦୁଗ୍ଧଂ ପିବତି ।

ଦ୍ୱିଃ (ଦୁଇଥର) -ଦେବଦତ୍ତଃ ବର୍ଷସ୍ୟ ଦ୍ୱିଃ ପୁରୀଂ ଯାତି ।

ତ୍ରିଃ (ତିନିଥର)- ଋଷୟଃ ଦିବସସ୍ୟ ତ୍ରିଃ ସ୍ୱାଧ୍ୟାୟଂ କୁର୍ବନ୍ତି ।

ଚତୁଃ (ଚାରିଥର)- ସଃ ଦିବସସ୍ୟ ଚତୁଃ ଖାଦତି ।

ଅଲମ୍ (ଭୂଷଣ, ପର୍ଯ୍ୟାପ୍ତି, ଶକ୍ତି, ବାରଣ ) -

ଭୂଷଣ ଅର୍ଥରେ - ବିଦ୍ୟା ମନୁଷ୍ୟମ୍ ଅଲଙ୍କରୋତି ।

ପର୍ଯ୍ୟାପ୍ତି / ସାମର୍ଥ୍ୟ / ଶକ୍ତି ଅର୍ଥରେ - ମଲ୍ଲୋ ମଲ୍ଲାୟ ଅଲମ୍ ।

ବାରଣ / ବୃଥା ଅର୍ଥରେ - ବିବାଦେନ ଅଲମ୍ ।

ମିଥ୍ୟା (ମିଛ) - ବ୍ରହ୍ମସତ୍ୟଂ ଜଗନ୍ମିଥ୍ୟା ।

ପୁରା (ପୂର୍ବକାଳରେ) - ଆସୀତ୍ ପୁରା ଦଶରଥୋ ନାମ ରାଜା ।

ଅଭୀକ୍ଷ୍ଣମ୍ (ବାରମ୍ବାର) - ମାତା ପୁତ୍ରମଭୀକ୍ଷ୍ଣଂ ସ୍ମରତି ।

**ସହ, ସମମ୍, ସାକମ୍, ସାର୍ଦ୍ଧମ୍** (ସହ) -

କ୍ଷାରେଣ ସହ / ସମମ୍ / ସାକମ୍ / ସାର୍ଦ୍ଧମ୍ କ୍ଷୀରଂ ନ ଭକ୍ଷୟେତ୍ ।

ନମସ୍ (ନମସ୍କାର) - ଗୁରବେ ନମଃ ।

ଧିକ୍ (ନିନ୍ଦା) - ମୂର୍ଖଂ ଧିକ୍ ।

**ମାଙ୍, ମା** (ନିଷେଧ) - ମା କୁରୁ ଧନଜନଯୌବନଗର୍ବମ୍ ।

**୫. ଯାହାର ଲିଙ୍ଗ, ସଂଖ୍ୟା ଓ କାରକ ଥାଏ, ତାହା ଦ୍ରବ୍ୟ ସଂଜ୍ଞକ ।** *(ଲିଙ୍ଗ - ସଂଖ୍ୟା - କାରକାନ୍ୱିତଂ ଦ୍ରବ୍ୟମ୍)* । ଚାଦିଗଣୀୟ ଶବ୍ଦଗୁଡ଼ିକ ଅଦ୍ରବ୍ୟ ବାଚକ ହୋଇଥିବାରୁ ସେଗୁଡ଼ିକ ଅବ୍ୟୟ (ନିପାତ) ସଂଜ୍ଞକ । *(ଚାଦୟୋଽସତ୍ତ୍ୱେ - ପା.୧.୪.୫୭)* ।

ଚ (ଓ, ଏବମ୍) - ଗୁରୁଃ ଶିଷ୍ୟଶ୍ଚ ହିମାଳୟଂ ଗଚ୍ଛତଃ ।

ବା (ବିକଳ୍ପ) - ଅଦ୍ୟ ରାମଃ କୃଷ୍ଣୋ ବା ଆଗମିଷ୍ୟତି ।

ଏବ (କେବଳ) - ଶିଷ୍ୟାଣାଂ ଗୁରୁଃ ଏବ ଗତିଃ ।

ଏବମ୍ (ଏହିପରି) - ହୃଷୀକେଶଃ ଏବମୁବାଚ ।

ନୂନମ୍ (ନିଶ୍ଚୟ) - ସଃ ନୂନଂ ତତ୍ର ଗମିଷ୍ୟତି ।

ଶଶ୍ୱତ୍ (ସର୍ବଦା) - ଆତ୍ମା ତୁ ଶଶ୍ୱତ୍ ନିତ୍ୟଃ ।

ଯାବତ୍ (ଯେତେ) - ଯାବଦଧୀତଂ ତାବତ୍ ବିସ୍ମୃତମ୍ ।

ତାବତ୍ (ତେବେ) - ଭବସ୍ତାବଦାଗମ୍ୟତାମ୍ ।

(ସେତେବେଳେ) - ଯାବନ୍ନୃପସ୍ତାବଦସ୍ମିଃ ।

ଖଳୁ -

(କ) ଖଳୁ (ନିଶ୍ଚୟ) - ମାର୍ଗେ ପଦାନି ଖଳୁ ତେ ବିଷମା ଭବନ୍ତି । *(ଅଭିଜ୍ଞାନ.)* ।

(ଖ) (ଅନୁନୟ ବିନୟ ଅର୍ଥରେ) - ନ ଖଳୁ ନ ଖଳୁ ବାଣଃ-
ସନ୍ନିପାତ୍ୟୋଽୟମସ୍ମିନ୍ । *(ଅଭିଜ୍ଞାନ.)* ।

(ଗ) (ପଚାରିବା ଅର୍ଥରେ) - ନ ଖଳୁ ତାମଭିକ୍ରୁଦ୍ଧୋ ଗୁରୁଃ । *(ବିକ୍ରମୋ.)*

ଅଥ - *(ମଙ୍ଗଳାନନ୍ତରାରମ୍ଭପ୍ରଶ୍ନକାର୍ତ୍ସ୍ନ୍ୟେଷ୍ୱଥ)*

(କ) (ମଙ୍ଗଳ ଓ ଆରମ୍ଭ ଅର୍ଥରେ) ଅଥାତୋ ଧର୍ମ-ଜିଜ୍ଞାସା ।
ଅଥ ଯୋଗାନୁଶାସନମ୍ ।

(ଖ) (ପଶ୍ଚାତ୍ ଅର୍ଥରେ) - ଅଥ ନୃପଃ ପ୍ରଭାତେ ନଗରଂ ପ୍ରତି ପ୍ରସ୍ଥିତଃ ।

(ଗ) (ପ୍ରଶ୍ନପଚାରିବା ଅର୍ଥରେ) - ଅଥ ତତ୍ରଭବତୀ କିମାଖ୍ୟସ୍ୟ
ରାଜର୍ଷେଃ ପତ୍ନୀ ? (ଅଭିଜ୍ଞାନ.) ।

(ଘ) (ଯଦି, ତାହେଲେ) - ଅଥ କୌତୂହଳମାବେଦୟାମି ।

(ଙ) (ସମ୍ପୂର୍ଣ୍ଣତା ଅର୍ଥରେ) ଅଥ ଧର୍ମଂ ବ୍ୟାଖ୍ୟାସ୍ୟାମଃ ।

(ଚ) (ସନ୍ଦେହ ପ୍ରକାଶ କରିବା ଅର୍ଥରେ)- ଶବ୍ଦୋ ନିତ୍ୟୋଽଥାନିତ୍ୟଃ ।

ଇବ (ପରି) - ଦୁର୍ଜନଃ ସର୍ପଃ ଇବ ଭୟଙ୍କରଃ ।

କୁତ୍ର (କେଉଁଠାରେ, କେଉଁଠାକୁ) - କୁତ୍ର ନିବାସଃ ଶ୍ରୀମତାମ୍ ?

୬. ପ୍ରାଦିଗଣୀୟ (ଉପସର୍ଗବାଚକ) ଶବ୍ଦ ଗୁଡ଼ିକ ଅବ୍ୟୟ (ନିପାତ) ସଂଜ୍ଞକ ।

(କ) *(ପ୍ରାଦୟଃ ପା. ୧.୪.୫୮)* । ଯଥା - ପ୍ର, ପରା, ଅପ, ସମ୍, ଅନୁ,

ଅବ, ନିସ୍, ନିର୍, ଦୁସ୍, ଦୁର୍, ବି, ଆଙ୍, ନି, ଅଧି, ଅପି, ଅତି, ସୁ, ଉତ୍, ଅଭି, ପ୍ରତି, ପରି, ଉପ ।

(ଖ) କ୍ରିୟାଯୋଗ ହେଲେ 'ପ୍ର' ଆଦି ଅବ୍ୟୟ ପଦଗୁଡ଼ିକୁ ଉପସର୍ଗ କୁହାଯାଏ । *(ଉପସର୍ଗାଃ କ୍ରିୟାଯୋଗେ - ପା.୧.୪.୫୯ । ପ୍ରାଦୟଃ କ୍ରିୟାଯୋଗେ ଉପସର୍ଗସଂଜ୍ଞାଃ ଗତିସଂଜ୍ଞାଶ୍ଚ ସ୍ୟୁଃ) ।*

(ଗ) ଲୌକିକ ସଂସ୍କୃତରେ ଉପସର୍ଗ ଗୁଡ଼ିକ ଧାତୁପୂର୍ବେ ବ୍ୟବହୃତ ହୁଅନ୍ତି *(ତେ ପ୍ରାଗ୍‌ଧାତୋଃ - ପା. ୧.୪.୮୦ । ଉପସର୍ଗାଃ ଧାତୋଃ ପ୍ରାକ୍ ପ୍ରଯୁଜ୍ୟାଃ) ।*

(ଘ) ଉପସର୍ଗ ଦ୍ୱାରା ଧାତୁର ଅର୍ଥରେ ପରିବର୍ତ୍ତନ ଘଟେ । *(ଉପସର୍ଗେଣ ଧାତ୍ୱର୍ଥୋ ବଳାଦନ୍ୟତ୍ର ନୀୟତେ । ପ୍ରହାରାହାରସଂହାରବିହାରପରିହାରବତ୍) ।*

ଯଥା - ଗମ୍ = ଗଚ୍ଛତି (ଯାଉଛି) ।

ଆଙ୍ + ଗମ୍ = ଆଗଚ୍ଛତି (ଆସୁଛି) ।
ନିର୍ + ଗମ୍ = ନିର୍ଗଚ୍ଛତି (ବାହାରିଯାଉଛି) ।
ପ୍ର + ଗମ୍ = ପ୍ରଗଚ୍ଛତି (ମରିଯାଉଛି) ।
ଉପ + ଗମ୍ = ଉପଗଚ୍ଛତି (ନିକଟକୁ ଯାଉଛି) ।
ଅଧି + ଗମ୍ = ଅଧିଗଚ୍ଛତି (ପାଉଛି) ।

ହୃ = ହରତି (ନେଉଛି) ।

ପ୍ର + ହୃ = ପ୍ରହରତି (ପ୍ରହାର କରୁଛି) ।
ଆ + ହୃ = ଆହରତି (ସଂଗ୍ରହ କରୁଛି) ।
ସଂ + ହୃ = ସଂହରତି (ଧ୍ୱଂସ କରିଦେଉଛି) ।
ବି + ହୃ = ବିହରତି (ଆନନ୍ଦରେ ବୁଲୁଛି) ।
ପରି + ହୃ = ପରିହରତି (ତ୍ୟାଗ କରୁଛି) ।

୭. କୃଦନ୍ତ ଅବ୍ୟୟପଦ - କ୍ତ୍ୱା, ଲ୍ୟପ୍, ତୁମୁନ୍ ଓ ଣମୁଲ୍ ପ୍ରତ୍ୟୟାନ୍ତ ପଦ ଅବ୍ୟୟ ଅଟେ । (*କୃନ୍ମେଜନ୍ତଃ - ପା. ୧.୧.୩୯* ) / ମ୍ କାରାନ୍ତ, ଏ, ଓ, ଐ, ଔ ଶେଷରେ ଥିବା କୃଦନ୍ତ / (*କ୍ତ୍ୱାତୋସୁନ୍ କସୁନଃ - ପା.୧.୧.୪୦* )। କ୍ତ୍ୱା, ତୋସୁନ୍ ଏବଂ କସୁନ୍ ପ୍ରତ୍ୟୟାନ୍ତ ଅବ୍ୟୟ ।

ଗତ୍ୱା (ଯାଇ) - ଛାତ୍ରାଃ ବିଦ୍ୟାଳୟଂ ଗତ୍ୱା ପଠନ୍ତି ।

ବିଲୋକ୍ୟ (ଦେଖି) - ଶିଶୁଃ ଚନ୍ଦ୍ରଂ ବିଲୋକ୍ୟ ହସତି ।

ପଠିତୁମ୍ (ପଢ଼ିବାକୁ) - ଛାତ୍ରାଃ ବିଦ୍ୟାଳୟଂ ପଠିତୁଂ ଗଚ୍ଛନ୍ତି ।

ସ୍ମାରଂସ୍ମାରମ୍ (ମନେପକାଇ)- ସ୍ମାରଂ ସ୍ମାରଂ ସ୍ୱଗୃହଚରିତଂ ଦାସ୍ୟଭୂତୋ ମୁରାରିଃ ।

୮. *ଅବ୍ୟୟୀଭାବଶ୍ଚ - ପା. ୧.୧.୪୧* -

ଅବ୍ୟୟୀଭାବ ସମାସ ମଧ୍ୟ ଅବ୍ୟୟପଦ ଅଟେ । ଯଥା -

ଉପକୂଳମ୍, ପ୍ରତିଦିନମ୍, ଯଥାଶକ୍ତି, ଦୁର୍ଭିକ୍ଷମ୍, ଅଧ୍ୟାତ୍ମମ୍ ଇତ୍ୟାଦି ।

୯. *କେତେକ ପ୍ରଚଳିତ ଅବ୍ୟୟପଦ* -

ଯଦି, ଚେତ୍ (ଯେବେ) - ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ ।

ନ ଚେତ୍ ସମାୟାତି ସୁହୃଦ୍ ତ୍ୱଂ ସ୍ୱୟମେବ ତଦନ୍ତିକଂ ଯାହି ।

ଅପି (ମଧ୍ୟ, ପ୍ରଶ୍ନ) ରାମେଣ ସହ ସୀତା ଅପି ବନମଗଚ୍ଛତ୍ ।

ଅପି ଛାତ୍ରାଃ ବ୍ୟାକରଣଂ ପଠନ୍ତି ?

ତତ୍ର-ତତ୍ର (ସ୍ଥାନେ ସ୍ଥାନେ) - ଗାବଃ ତତ୍ର ତତ୍ର ବିଚରନ୍ତି ।

କଦା (କେତେବେଳେ) - ସଃ କଦା ଆଗମିଷ୍ୟତି ?

ଅଥ କିମ୍, ବାଢମ୍ (ହଁ, ସ୍ୱୀକୃତି) -

ଗୁରୁଃ - ଅପି ବେଦାର୍ଥଂ ବୁଧ୍ୟସେ ?

ଶିଷ୍ୟଃ - ଅଥ କିମ୍ (ବାଢମ୍) ।

ପଶ୍ଚାତ୍ (ପଛରେ) - ପ୍ରାକ୍ ଜଗନ୍ନାଥଂ ପଶ୍ୟ, ପଶ୍ଚାତ୍ ମହାପ୍ରସାଦଂ ଲପ୍ସ୍ୟସେ ।

ଭୋଃ, ହେ (ସମ୍ବୋଧନ) - ହେ ହରେ ! ତ୍ରାୟସ୍ୱ ମାମ୍ ।

ସକୃତ୍ (ଥରେ) - ସକୃତ୍ କନ୍ୟା ପ୍ରଦୀୟତେ ।

ଅସକୃତ୍ (ବାରଂବାର) - ଅସକୃତ୍ ବିଦ୍ୟା ଅଭ୍ୟସନୀୟା ।

ଇତସ୍ତତଃ (ଏଣେତେଣେ) - ଇତସ୍ତତଃ ମା ଭ୍ରମ ।

ମୁହୁସ୍ (ବାରମ୍ବାର) - ମୁହୁର୍ମୁହୁଃ ପଶ୍ୟତି ପୁତ୍ରମମ୍ବା ।

ଅଧୁନା, ଇଦାନୀମ୍, ସମ୍ପ୍ରତି, ସାମ୍ପ୍ରତମ୍ (ବର୍ତ୍ତମାନ) -
ଅଧୁନା / ଇଦାନୀମ୍ / ସମ୍ପ୍ରତି / ସାମ୍ପ୍ରତମ୍ ସର୍ବତ୍ର ଶିକ୍ଷା ପ୍ରସରତି ।

ଐଷମଃ (ଏ-ବର୍ଷ) - ଐଷମଃ ବନ୍ୟା ନ ଅଭବତ୍ ।

ଇତି (କ) (ଅଧିକାରବୋଧ ଅର୍ଥରେ) - ପିବେତି ସ ପୂଜ୍ୟଃ ।

(ଖ) (କଥାଟିକୁ ବୁଝାଇବା ଅର୍ଥରେ) -
କ୍ରମାଦମୁଂ ନାରଦ ଇତ୍ୟବୋଧି ସଃ । *(ଶିଶୁ.)*

(ଗ) (କଥାଟିର ସମାପ୍ତି ଅର୍ଥରେ) - ପୃଥିବ୍ୟାପସ୍ତେଜୋବାୟ୍ୱାକାଶ-
କାଳୋ-ଦିଗାତ୍ମ-ମନାଂସି ଇତି ଦ୍ରବ୍ୟାଣି ।

(ଘ) (କାରଣ ନିର୍ଦ୍ଦେଶ ଅର୍ଥରେ) - ପୁରାଣମିତ୍ୟେବ ନ ସାଧୁ ସର୍ବମ୍ । *(ମାଳବି.)*

(ଙ) (ଏହିପରି ଅର୍ଥରେ) - ଇତ୍ୟୁକ୍ତବନ୍ତଂ ପରିରଭ୍ୟ ଦୋର୍ଭ୍ୟାମ୍ । *(କିରାତ.)*

(ଚ) (ନିମ୍ନଲିଖିତ ଅର୍ଥରେ) - ରାମାଭିଧାନୋ ହରିରିତ୍ୟୁବାଚ । *(ରଘୁ.)*

(ଛ) (ଉଦାହରଣ ଦେବା ଅର୍ଥରେ) - ଗୌଃ ଶୁକ୍ଲଶ୍ଚଲୋ ଡିତ୍ଥ ଇତ୍ୟାଦୌ *(କାବ୍ୟପ୍ର.)*

କିଲ -(କ) ବାସ୍ତବ ଅର୍ଥରେ) - ଅର୍ହତି କିଲ ଅପରାଧୀ ତାଡନମ୍ ।

(ଖ) (ଖବର ଦେବା ଅର୍ଥରେ) - ବଭୂବ ଯୋଗୀ କିଲ କାର୍ତ୍ତବୀର୍ଯ୍ୟଃ ।

(ଗ) (ଆଶାକରିବା ଅର୍ଥରେ) - ପାର୍ଥଃ କିଲ ବିଜେଷ୍ୟତେ ।

(ଘ) (ମିଥ୍ୟା ଅର୍ଥରେ) - ପ୍ରସହ୍ୟ ସିଂହଃ କିଲ ତାଂ ଚକର୍ଷ ।(ରଘୁ)

ହି - (କ) (କାରଣ ନିର୍ଦ୍ଦେଶ ଅର୍ଥରେ) - ଅଗ୍ନିରିହାସ୍ତି ଧୂମୋ ହି ଦୃଶ୍ୟତେ ।

(ଖ) (ଉଦାହରଣ ରୂପରେ) -

ସହସ୍ରଗୁଣମୁତ୍ସ୍ରଷ୍ଟୁମାଦତ୍ତେ ହି ରସଂ ରବିଃ । (ରଘୁ)

(ଗ) (ନିଶ୍ଚୟ ହେବା ଅର୍ଥରେ) - ନ ହି କମଳିନୀଂ ଦୃଷ୍ଟ୍ୱା ଗ୍ରାହମବେକ୍ଷତେ ମତଙ୍ଗଜଃ । *(ମାଳବି.)*

(ଘ) (କେବଳ ଅର୍ଥରେ) - ମୂଢୋ ହି ମଦନେନାଯାସ୍ୟତେ ।

ନନୁ - (କ) (ପ୍ରଶ୍ନ କରିବା ଅର୍ଥରେ)- ନନୁ ସମାପ୍ତକୃତ୍ୟୋ ଗୌତମଃ । *(ମାଳବି.)*

(ଖ) (କୃପା କରିବା ଅର୍ଥରେ) - ନନୁ ମାଂ ପ୍ରାପୟ ପତ୍ୟୁରନ୍ତିକମ୍ ।

(ଗ) (ଅବଧାରଣ ଅର୍ଥରେ) - ନନୁ ଭବାନଗ୍ରତୋ ମେ ବର୍ତ୍ତତେ ।

(ଘ) (ସମ୍ବୋଧନ ଅର୍ଥରେ) - ନନୁ ମୂର୍ଖାଃ ପଠିତମେବ ଯୁଷ୍ମାଭିସ୍ତତ୍କାଣ୍ଡେ ।

ନୂନମ୍ - (ନିଶ୍ଚୟ ଅର୍ଥରେ) - ସ ନୂନଂ ତବ ପାଶାନ୍ ଛେତ୍ସ୍ୟତି ।

ନାମ (କ) - (ନାମ ଅର୍ଥରେ) - ଦଶରଥୋ ନାମ ରାଜା ଆସୀତ୍ ।

(ଖ) (ନିଶ୍ଚୟ ଅର୍ଥରେ) - ମୟା ନାମ ଜିତମ୍ । *(ବେଣୀ.)*

(ଗ) (ଛଦ୍ମବେଶ ଅର୍ଥରେ) - କୃତାନ୍ତକୋ ନାମ ଭୂତ୍ୱା । *(ଦଶକୁ.)*

(ଘ) (ଆଶ୍ଚର୍ଯ୍ୟ ଅର୍ଥରେ) - ଅନ୍ଧୋ ନାମ ପର୍ବତମାରୋହତି ।

(ଙ) (କ୍ରୋଧ ବା ନିନ୍ଦା ଅର୍ଥରେ) - କିଂ ନାମ ବିସ୍ଫୁରନ୍ତି ଶସ୍ତ୍ରାଣି । *(ଉତ୍ତର.)*

(ଚ) (ସମ୍ଭାବନା ଅର୍ଥରେ) - ତ୍ୱୟା ନାମ ମୁନିର୍ବିମାନ୍ୟଃ । *(ଶକୁ.)*

**ଇତ** - (ଅତିଶୟ ଅର୍ଥରେ) - ତ୍ୱଂ ପୁରୀଂ ଗମିଷ୍ୟସି ଇତ ଭୁବନେଶ୍ୱରମ୍ ।

**ହନ୍ତ** - (କ) (ହର୍ଷ, ଆଶ୍ଚର୍ଯ୍ୟ ଅର୍ଥରେ) - ହନ୍ତ ପ୍ରବୃତ୍ତଂ ସଂଗୀତକମ୍ ।
(ଆହା ! ସଙ୍ଗୀତ ଆରମ୍ଭହୋଇଗଲାଣି)

(ଖ) (ବିଷାଦ ଅର୍ଥରେ) - ହନ୍ତ ଧିକ୍ ମାମଧନ୍ୟାମ୍ ।

(ଗ) (ବାକ୍ୟର ଆରମ୍ଭରେ) - ହନ୍ତ ତେ କଥୟିଷ୍ୟାମି । (ଆଚ୍ଛା / ହେଉ, ତୁମକୁ କହିବି ।)

**ଅଦ୍ୟତ୍ୱେ** (ଆଜିକାଲି) - ଅଦ୍ୟତ୍ୱେ ସଂଗଣକଯନ୍ତ୍ରାଣି (Computers) ବହୁପ୍ରଚଳନଂ ଦୃଶ୍ୟତେ ।

**ପରଶ୍ୱଃ** (ପରଦିନ day after tomorrow )
ପରଶ୍ୱଃ ବୟଂ ତତ୍ର ଗମିଷ୍ୟାମଃ ।

**ଅଚିରାତ୍** (ଶୀଘ୍ର) - ନୀଳମେଘାଶ୍ରିତା ବିଦ୍ୟୁତ୍ ଅଚିରାତ୍ ଶୋଭତେ ।

**ଅଜସ୍ରମ୍** (କ୍ରମାଗତଭାବରେ) - ଅଜସ୍ରଂ ବୃଷ୍ଟିଃ ଅଭବତ୍ ।

**ଅନିଶମ୍** (ଦିନରାତି) - ଛାତ୍ରଃ ଅନିଶଂ ପରିଶ୍ରମଂ କରୋତି ।

**ସଂତତମ୍, ସତତମ୍** (ସଦା) - ସର୍ବେ ସଂତତଂ ସତତଂ ବା ସ୍ୱକର୍ତ୍ତବ୍ୟେ ନିରତାଃ ଭବେୟୁଃ ।

**ଅନ୍ୟେଦ୍ୟୁଃ** (ଅନ୍ୟଦିନ) - ଅନ୍ୟେଦ୍ୟୁଃ ତେ ତତ୍ର ଗମିଷ୍ୟନ୍ତି ।

**ସୁଷ୍ଠୁ** (ଭଲଭାବରେ) - ଅୟଂ ବାଳକଃ ସୁଷ୍ଠୁ ପଠତି ।

**ଭୂୟଃ** (ପୁନର୍ବାର) - ଭୂୟଃ ଭୂୟୋ ନମାମ୍ୟହମ୍ ।

**ପ୍ରତ୍ୟୁତ** (ବିପରୀତ) - ତବ ମତମ୍ ଅସ୍ତୁ ନ ସାଧକଂ ପ୍ରତ୍ୟୁତ ବାଧକମ୍ ।

**ପରମ୍** (ପରନ୍ତୁ) - ସଃ ମୁଖରଃ ପରଂ ଯଥାର୍ଥଂ ବଦତି ।

ଦିଷ୍ଟ୍ୟା (ସୌଭାଗ୍ୟବଶତଃ) - ଦିଷ୍ଟ୍ୟା ରୋଗାତ୍ ମୁକ୍ତଃ ଭବାନ୍ ।

କୃତଂ (ନିଷେଧ) - କୃତଂ ତ୍ୱୟା ତପୋବନମ୍ ଉପବନମ୍ ।

ଆବିସ୍ (ପ୍ରକାଶ ଭାବରେ) - କଲମ୍ବସ୍ ଆମେରିକାମ୍ ଆବିଷ୍କୃତବାନ୍ ।

ତିରସ୍ (ନିନ୍ଦା କରିବା) - ମୂର୍ଖଃ ପଣ୍ଡିତଂ ତିରସ୍କରୋତି ।

(ବକ୍ରଭାବରେ) - ସର୍ପଃ ତିରୋଗଚ୍ଛତି ।

(ଅନ୍ତର୍ଦ୍ଧାନ) - ଇତି ଉକ୍ତ୍ୱା ଜଳଦେବତା ତିରୋହିତା ଅଭବତ୍ ।

ନୁ (ସଂଶୟମିଶ୍ରିତ ପ୍ରଶ୍ନ) - ସ୍ୱପ୍ନୋ ନୁ ମାୟା ନୁ ।

**୧୦. କେତେକ ଅବ୍ୟୟର ପରିଚୟ ନିମ୍ନରେ ପ୍ରଦତ୍ତ ହେଲା -**

| | | |
|---|---|---|
| ଅଦ୍ୟ | - | ଆଜି |
| ଅହହ | - | ଦୁଃଖସୂଚକ |
| ଅୟି | - | କୋମଳ ସମ୍ବୋଧନ |
| ଅରେ,ଅୟେ | - | ସମ୍ବୋଧନ |
| ଅକସ୍ମାତ୍ | - | ହଠାତ୍ |
| ଅଗ୍ରେ | - | ଆଗରେ |
| ଅନୁ | - | ପଛରେ |
| ଅନନ୍ତରମ୍ | - | ପରେ |
| ଅତଏବ | - | ସେଥିପାଇଁ |
| ଅଦ୍ଧା | - | ଠିକ୍ - ଠିକ୍ |
| ଅଧଃ | - | ତଳେ |
| ଅନ୍ତରା /ଅନ୍ତରେଣ | - | ବିନା, ମଧ୍ୟରେ |
| ଅସ୍ତୁ | - | ହେଉ, ହେଉ |
| ଅସାମ୍ପ୍ରତମ୍ | - | ଅନୁଚିତ |

| | | |
|---|---|---|
| ଅତୀବ, ନିତରାମ୍ | - | ଅତ୍ୟନ୍ତ |
| ଅପି ଚ | - | ଆହୁରି ମଧ୍ୟ |
| ଅନ୍ୟତ୍ର | - | ଅନ୍ୟସ୍ଥାନରେ |
| ଅଙ୍ଗ | - | ଶ୍ରୀମାନ୍ |
| ଅନୁପଦମ୍,ଅନ୍ୱକ୍ | - | ପଛରେ |
| ଅହହ | - | ଅଦ୍ଭୁତ, ଦୁଃଖ |
| ଅହୋ | - | ବିସ୍ମୟ |
| ଅବଶ୍ୟମ୍ | - | ନିଶ୍ଚୟ |
| ଆ | - | ପର୍ଯ୍ୟନ୍ତ, ଠାରୁ |
| ଆମ୍ | - | ହଁ |
| ଆଃ | - | ଘୃଣା, ଆନନ୍ଦ,କୋପ,ପୀଡା |
| ଆଶୁ | - | ଶୀଘ୍ର |
| ଇତିକୃତ୍ୱା | - | ତେଣୁକରି |
| ଈଷତ୍ | - | ଅଳ୍ପ |
| ଉପରି | - | ଉପରେ |
| ଉତ୍ତରେଦ୍ୟୁଃ | - | ଅନ୍ୟଦିନ |
| ଉତାହୋ / ଉତ | - | ଅଥବା |
| ଋତେ | - | ବିନା |
| ଏତର୍ହି | - | ଏହି ସମୟ |
| ଏକପଦେ | - | ଏକାଠି |
| ଏକୈକଶଃ | - | ଗୋଟି ଗୋଟି ହୋଇ |
| ଐଷମଃ | - | ଏହିବର୍ଷ |

| | | |
|---|---|---|
| କର୍ହିଚିତ୍ | - | କୌଣସି ସମୟ |
| କଦାଚିତ୍ | - | କେଉଁଠି |
| କିଞ୍ଚିତ୍ | - | କ'ଣ |
| କସ୍ୟଚିତ୍ | - | କାହାର |
| କଥଂ କଥମପି | - | କେମିତି କେମିତି / ଅତିକଷ୍ଟରେ |
| କଥଂନୁ | - | କିପରି |
| କାମମ୍ | - | ମାନିନେବା |
| କିଞ୍ଚ | - | ଆହୁରି ମଧ୍ୟ |

କିମ୍ ଶବ୍ଦର ରୂପ (କଃ, କସ୍ୟ, କ୍ୱ, କଦା ଇତ୍ୟାଦି) ସହିତ 'ଚନ' ଓ ଚିତ୍ ର ପ୍ରୟୋଗ ହୁଏ ।

| | | |
|---|---|---|
| କୃଚ୍ଛ୍ରାତ୍ | - | କଠିନ ଭାବରେ |
| କ୍ୱଚିତ୍ | - | କେଉଁଠି |
| ଚିରମ୍, ଚିରେଣ, ଚିରାୟ, ଚିରାତ୍, ଚିରସ୍ୟ | - | ବହୁକାଳ |
| ଚନ | | |
| ଚିତ୍ | - | ଅନିର୍ଦ୍ଦିଷ୍ଟ |
| ଝଟିତ୍, ତତ୍କ୍ଷଣମ୍ | - | ଶୀଘ୍ର |
| ଜାତୁ | - | ସମ୍ଭବପର |
| ତୂଷ୍ଣୀମ୍ | - | ଶାନ୍ତି |

ଝଟିତି - ଶୀଘ୍ର
ତତଃ - ପରେ
ତଥାହି - ଯେପରି କି
ତଦାନୀମ୍ - ସେହି ସମୟରେ
ତଦାପ୍ରଭୃତି - ସେବେଠାରୁ
ତୁ, ପରମ୍,ପରନ୍ତୁ - କିନ୍ତୁ
ତୂଷ୍ଣୀମ୍ - ଚୁପ୍ ରହିବା
ଦୋଷା - ରାତିରେ
ଦ୍ରାକ୍ } - ଶୀଘ୍ର
ଧିକ୍ } - ଗାଳିଦେବା / ନିନ୍ଦାକରିବା
ନ
ନୋ - ନିଷେଧ
ନକ୍ତମ୍ - ରାତି
ନାନା - ଅନେକ / ବିନା
ନୂନମ୍ - ନିଶ୍ଚୟ
ନିତାନ୍ତମ୍ - ସବୁପ୍ରକାରେ
ନୋଚେତ୍ - ନହେଲେ
ପରସ୍ପରମ୍ - ଉଭୟଙ୍କ ମଧ୍ୟରେ
ପରେଦ୍ୟୁଃ - ପରଦିନ
ପରୁତ୍ - ଗତବର୍ଷ
ପରାରି - ବିଗତବର୍ଷ ( ଗତବର୍ଷର ପୂର୍ବବର୍ଷ)
ପ୍ରକାମମ୍ - ବହୁତ

ପ୍ରସହ୍ୟ - ବଳପୂର୍ବକ
ପ୍ରତି - ଆଡକୁ
ପୁରସ୍ତାତ୍ /ପୁରଃ /ପୁରତଃ - ଆଗରେ
ପୃଥକ୍ - ଭିନ୍ନ
ବତ୍ - ସମାନ / ପରି
ବହୁଧା - ବହୁପ୍ରକାରରେ
ବା - କିମ୍ବା
ବାଢମ୍ - ସମ୍ମତି
ଭବତୁ - ଆଚ୍ଛା / ହେଉ
ଭୃଶମ୍ - ଅଧିକ / ବାରମ୍ବାର
ଭୋଃ - ସମ୍ବୋଧନ
ମିଥଃ - ପରସ୍ପର
ମୁଧା - ବ୍ୟର୍ଥ
ମୁହୁର୍ମୁହୁଃ - ବାରମ୍ବାର
ମୃଷା - ମିଥ୍ୟା
ଯଥାଶକ୍ତି - ଶକ୍ତି ଅନୁସାରେ
ଯଦା-କଦା - କେବେ କେବେ
ଯଦୈବ - ଯେବେଠାରୁ
ଯଦି - ଯେବେ
ଯାବତ୍ - ପର୍ଯ୍ୟନ୍ତ
ରହସି - ଏକାନ୍ତରେ
ଶଶ୍ୱତ୍ - ସର୍ବଦା

ସପଦି - ଶୀଘ୍ର

ସମୀଚୀନମ୍ - ଉଚିତ

ସର୍ବଥା - ସବୁପ୍ରକାର

ସମ୍ୟକ୍ - ଭଲ ଭାବରେ

ସର୍ବଦା - ସବୁବେଳେ

ସହସା - ହଠାତ୍

ସତତମ୍ / ସନ୍ତତମ୍ / ସଦା - ସବୁବେଳେ

ସଦ୍ୟଃ / ସପଦି - ତତ୍କାଳରେ

ସମନ୍ତାତ୍ - ଚାରିଆଡେ

ସମୟା - ସମୀପ

ସାକ୍ଷାତ୍ - ପ୍ରତ୍ୟକ୍ଷ, ତୁଲ୍ୟ

ସାଧୁ - ଠିକ୍

ସାଧୁ-ସାଧୁ - ବାଃ ବାଃ

ସ୍ୱସ୍ତି - ମଙ୍ଗଳ

ସ୍ୱୟମ୍ - ନିଜେ

ସ୍ୱୈରମ୍ - ମନଇଚ୍ଛା

ହନ୍ତ - ଆନନ୍ଦ, ଅନୁକମ୍ପା, ଦୁଃଖ

ହି - ହେତୁ, ନିଶ୍ଚୟ

କ୍ଷିପ୍ରମ୍ - ଶୀଘ୍ର

୧୦. ଚ, ବା, ତୁ, ହି, ଏବ, ଇବ, ଖଲୁ, ନାମ, କିଲ, ନୁ ପ୍ରଭୃତି ଅବ୍ୟୟଗୁଡିକ ବାକ୍ୟର ଆଦ୍ୟରେ ବ୍ୟବହୃତ ହୁଅନ୍ତି ନାହିଁ ।

## ଅନୁଶୀଳନୀ

୧. ଅଧଃସ୍ଥନମବ୍ୟୟପଦସମୂହଂ ବାକ୍ୟେଷୁ ବ୍ୟବହରତ ।

ଚେତ୍, ମୁହୁଃ, ଏବ, ଇତେ, ତୂଷ୍ଣୀମ୍, ଅନ୍ତରା, ଅନ୍ତରେଣ, ଇତର, ଅକସ୍ମାତ୍, କୁତ୍ରଚିତ୍, ଖଲୁ, ପ୍ରତ୍ୟୁତ, ସାର୍ଦ୍ଧମ୍, ମିଥଃ, ନକ୍ତମ୍, ହ୍ୟଃ ।

୨. ନିମ୍ନଲିଖିତାନାମବ୍ୟୟପଦାନାମ୍ ଅର୍ଥାନ୍ ନିରୂପୟତ ।

ଇତସ୍ତତଃ, ଅଧୁନା, କ୍ୱ, ଉପରି, ତଥାହି, ତୂଷ୍ଣୀମ୍, ବିନା, ଅଳମ୍, ପ୍ରାୟଃ, ସାଧୁ-ସାଧୁ, ସମୟା, ଭୂୟଃ, ଶ୍ୱଃ, ଶଶ୍ୱତ୍, ସାମ୍ପ୍ରତମ୍, ନନୁ ।

୩. ନିମ୍ନଲିଖିତାନାମର୍ଥାନାମ୍ ଅବ୍ୟୟପଦାନି ଲିଖତ ।

ବହୁତ, ବର୍ତ୍ତମାନ, ଶୀଘ୍ର, ଆଜିକୁ, ସକାଳେ, ପରସ୍ପର ମଧ୍ୟରେ, ଅନେକ, ପ୍ରାୟଃ, ହଁ, ଯେତେବେଳେ, ସେହିପରି, ସାଥିରେ, ଚାରିଆଡ଼େ, କାରଣ, ପଢ଼ିବାକୁ, ଏବର୍ଷ, ବାରମ୍ବାର, ଏହାପରେ, ପରି, ସ୍ଥାନେ-ସ୍ଥାନେ, କେତେବେଳେ ।

୪. ଏକପଦେନ ଅର୍ଥଂ ପ୍ରକାଶୟତ ।

ଏକସ୍ମିନ୍ ସ୍ଥାନେ, ଅସ୍ମିନ୍ ସ୍ଥାନେ, ତସ୍ମାତ୍ ସ୍ଥାନାତ୍, ସର୍ବସ୍ମିନ୍ କାଳେ, କସ୍ମିନ୍ କାଳେ, କସ୍ମାତ୍ ସ୍ଥାନାତ୍, ଏତସ୍ମାତ୍ ହେତୋଃ, ଅନେନ ପ୍ରକାରେଣ, କେନ ପ୍ରକାରେଣ, ଅସ୍ମିନ୍ ବର୍ଷେ, ତ୍ରୀନ୍ ବାରାନ୍, ଶତ୍‌ବାରାନ୍, ତ୍ରିସ୍ତ୍ରଃ ବିଧାଃ ।

୫. ଅବ୍ୟୟପଦସ୍ୟ ସ୍ୱରୂପଂ ନିରୂପୟତ ।

6. _ã ÖMûY _VZô ◉ ÿd_\ ô ÔK\ ûC_i MÖôrKô ÔÜ ø « ô

7. C_i ùMÖ ] ÆZβô_ e à □ôZ AZôC\ ÿ e ûYøi ÑdZ ô

8. ï ÕûgÿÜ d -

ମିଥ୍ୟାଂ ନ ବଦ । ବୃଥୟା କାଳକ୍ଷେପଂ ନ କୁରୁ ।

ନକ୍ତେ ଦଧି ନ ଭକ୍ଷୟେତ୍ । ପ୍ରାତେ ଭ୍ରମଣଂ ସ୍ୱାସ୍ଥ୍ୟକରମ୍ ।

ସଃ ଦୃଷ୍ଟଃ ତିଷ୍ଠତି । ସର୍ବେଭ୍ୟଃ ସ୍ୱସ୍ତି ଭବେତ୍ ।

ଦିବାୟାଂ ଶୟନଂ ମା କୁରୁ ।

୯. ସଂସ୍କୃତଭାଷୟା ଅନୂଦ୍ୟତାମ୍ -

(କ) ଗୋବିନ୍ଦ ଓ ଗୋପାଳ କାଲି ଗାଁକୁ ଯିବେ ।

(ଖ) ଆମ ଗାଁର ନିକଟରେ ଗୋଟିଏ ନଦୀ ଅଛି ।

(ଗ) ମୁଁ ନିଶ୍ଚୟ ତୁମକୁ ଖଣ୍ଡିଏ ବହି ଦେବି ।

(ଘ) ତୁମେ ଯଦି ଏହିପରି ପଢିବ ତାହାହେଲେ ପରୀକ୍ଷାରେ ଫଳ ଭଲ ହେବ ନାହିଁ ।

(ଙ) ପୂର୍ବ କାଳରେ ଅଯୋଧ୍ୟାରେ ଦଶରଥ ନାମରେ ଜଣେ ରାଜା ଥିଲେ ।

(ଚ) ତୁମେ କାହିଁକି ପ୍ରତିଦିନ ଡେରିକରି ସ୍କୁଲକୁ ଆସୁଅଛ ?

(ଛ) ବିରାଡି ଆସ୍ତେ ଆସ୍ତେ ଯାଇ ମୂଷାଟିକୁ ଧରିପକାଇଲା ।

(ଜ) ଏହାପରେ ସମସ୍ତେ ଘରକୁ ଗଲେ ।

(ଝ) ଛାତ୍ରମାନେ ସକାଳେ ଓ ସଞ୍ଜବେଳେ ଈଶ୍ୱରଙ୍କୁ ସ୍ମରଣ କରିବା ଉଚିତ୍ ।

(ଞ) କହି କହି ଲାଭ ନାହିଁ ।

***

## ୪.୨. ଉପସର୍ଗ

ଉପସର୍ଗ ଏକପ୍ରକାର ଅବ୍ୟୟ ଯାହାର ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ । ଉପସର୍ଗଗୁଡ଼ିକ କୌଣସି ଧାତୁର ଅବ୍ୟବହିତ ପୂର୍ବରେ ସଂଯୁକ୍ତ ହୋଇ ଅର୍ଥଗତ ବୈଶିଷ୍ଟ୍ୟ ଆଣିଥାନ୍ତି । *(ତେ ପ୍ରାଗ୍ ଧାତୋଃ - ପା.୧.୪.୮୦ ଉପସର୍ଗାଃ ଧାତୋଃ ପ୍ରାକ୍ ପ୍ରୟୋକ୍ତବ୍ୟାଃ)* । କେବଳ ଧାତୁ ପୂର୍ବରୁ ହିଁ ଏଗୁଡ଼ିକ ପ୍ରଯୁକ୍ତ ହୋଇଥାନ୍ତି । କ୍ରିୟାବିନା ଏଗୁଡ଼ିକ ଉପସର୍ଗ ସଂଜ୍ଞା ଲାଭ କରିପାରନ୍ତି ନାହିଁ । *(ଉପସର୍ଗାଃ କ୍ରିୟାଯୋଗେ - ପା.୧.୪.୫୯)* ।

**ଉପସର୍ଗର କାର୍ଯ୍ୟ**

*ଧାତ୍ୱର୍ଥଂ ବାଧତେ କଶ୍ଚିତ୍କଶ୍ଚିତ୍ତମନୁବର୍ତ୍ତତେ /*
*ବିଶିନଷ୍ଟି ତମେବାର୍ଥମୁପସର୍ଗଗତିସ୍ତ୍ରିଧା //*

ଉପସର୍ଗ ଧାତୁର ଅର୍ଥକୁ ବାଧା ଦିଅନ୍ତି । ଧାତୁର ଅର୍ଥକୁ ଅନୁକରଣ କରନ୍ତି । ସେହି ଅର୍ଥକୁ ବୈଶିଷ୍ଟ୍ୟଯୁକ୍ତ କରନ୍ତି । ଏହିଭଳି ଉପସର୍ଗର ତିନି ପ୍ରକାର ଉପାଦେୟତା ରହିଛି । ଯଥା - 'ଜି' ଧାତୁର ଅର୍ଥ ଜୟ କରିବା, କିନ୍ତୁ ପରାଜି = ପରାଜିତ କରିବା । ସେହିଭଳି ଭୂ = ହେବା ।
ଅଭିଭୂ = ହରାଇବା । କୃଷ୍ = ଟାଣିବା । ପ୍ରକୃଷ୍ = ଜୋରରେ ଟାଣିବା । ଗମ୍ = ଯିବା । ଅନୁଗମ୍ = ପଛେପଛେ ଯିବା ।

ଉପ + ସୃଜ୍ ର ଅର୍ଥ ସେହି ଶବ୍ଦାଂଶ ଯାହାକି ଶବ୍ଦର ମୂଳ ଅର୍ଥକୁ ଅଳଙ୍କୃତ, ପରିବର୍ତ୍ତିତ ବା ସଂପୃକ୍ତ କରେ । ଉପସର୍ଗ = ଉପ + ସୃଜ୍ + ଘଞ୍

*ଉପସର୍ଗେଣ ଧାତ୍ୱର୍ଥୋ ବଳାଦନ୍ୟତ୍ର ନୀୟତେ /*
*ପ୍ରହାରାହାରସଂହାରବିହାରପରିହାରବତ୍ //*

ପ୍ର + ହୃ = ପ୍ରହାର କରିବା - ସୈନ୍ୟାଃ ଅସିଭିଃ ଶତ୍ରୁନ୍ ପ୍ରହରନ୍ତି ।

ଆ + ହୃ = ଭୋଜନ କରିବା - ଫଳାନ୍ୟେବାହାରସ୍ତପସ୍ୱିନାମ୍ ।

ସମ୍ + ହୃ = ମାରିବା - ବନେ ରାମଃ ବହୂନ୍ ରାକ୍ଷସାନ୍ ସମହରତ୍ ।

ବି + ହୃ = ବିହାର କରିବା - ସ କ୍ରୀଡୋଦ୍ୟାନେ ବିହରତି ।

ପରି + ହୃ = ତ୍ୟାଗ କରିବା - ଅସତ୍ୟଂ ପରିହର ।

ଏ ସବୁ ଉଦାହରଣରେ ଏକମାତ୍ର ଧାତୁ 'ହୃ'ର ପ୍ରୟୋଗ କରାଯାଇଛି । 'ହୃ' ଧାତୁର ଅର୍ଥ ହରଣ କରିବା । ମାତ୍ର ଭିନ୍ନ ଭିନ୍ନ ଉପସର୍ଗର ପ୍ରୟୋଗରେ ମୂଳ ଅର୍ଥ ବଦଳି ଯାଇଅଛି । ଉପସର୍ଗ ପ୍ରୟୋଗଦ୍ୱାରା ଭାଷା ସରଳ, ସରସ ତଥା ଆକର୍ଷଣୀୟ ହୋଇଥାଏ । ଏହାର ପ୍ରୟୋଗଦ୍ୱାରା ମୂଳତଃ ଥିବା ଅକର୍ମକ ଧାତୁ ସକର୍ମକରେ ପରିଣତ ହୋଇଥାଏ । ଯଥା - ଅକର୍ମକ 'ଭୂ ସତ୍ତାୟାମ୍' ଧାତୁ ପୂର୍ବରୁ 'ଅନୁ' ଉପସର୍ଗ ଯୋଗହେଲେ ତାହା ସକର୍ମକ ହୋଇଥାଏ । ରାମଃ ସୀତାବିରହଜଂ ଦୁଃଖମନୁଭବତି । ସେହିପରି ବେଳେ ବେଳେ ଉପସର୍ଗହେତୁ ଆତ୍ମନେପଦୀ ଧାତୁ ପରସ୍ମୈପଦୀ ଏବଂ ପରସ୍ମୈପଦୀ ଧାତୁ ଆତ୍ମନେପଦୀ ହୋଇଥାଏ । ଯଥା - 'ରମ୍' ଧାତୁର ମୂଳରୂପ ଆତ୍ମନେପଦୀ । ମାତ୍ର 'ବି' ଉପସର୍ଗଯୋଗରେ ଏହା ପରସ୍ମୈପଦୀ ହୋଇଥାଏ । ବିରମତି । ଏହିପରି 'ଜି' ଧାତୁ ମୂଳତଃ ପରସ୍ମୈପଦୀ, କିନ୍ତୁ 'ବି' ଏବଂ 'ପରା' ଉପସର୍ଗ ଯୋଗରେ ଏହା ଆତ୍ମନେପଦୀ ହୋଇଥାଏ । ବିଜୟତେ । ପରାଜୟତେ ।

**ଉପସର୍ଗ ସଂଖ୍ୟା**

ଉପସର୍ଗ ସଂଖ୍ୟା ୨୨ । ସେଗୁଡ଼ିକ ହେଲା - ପ୍ର, ପରା, ଅପ, ସମ୍, ଅନୁ, ଅବ, ନିସ୍, ନିର୍, ଦୁସ୍, ଦୁର୍, ବି, ଆଙ୍, ନି, ଅଧି, ଅପି, ଅତି, ସୁ, ଉତ୍, ଅଭି, ପ୍ରତି, ପରି, ଉପ ।

## ଉପସର୍ଗ ଏବଂ ପ୍ରତ୍ୟୟ

ଉପସର୍ଗ ଧାତୁର ପୂର୍ବରେ ଏବଂ ପ୍ରତ୍ୟୟ ଧାତୁ ପଛରେ ସଂଯୁକ୍ତ ହୋଇ ଅର୍ଥପରିବର୍ତ୍ତନରେ ସାହାଯ୍ୟ କରିଥାନ୍ତି । ଯଥା - ଆ + ଯା + ତି = ଆୟାତି । ଏଠାରେ 'ଆ' ଉପସର୍ଗ, 'ଯା' ଧାତୁ ଏବଂ 'ତି' ପ୍ରତ୍ୟୟ ଅଟେ ।

### ସୋପସର୍ଗଧାତୁପ୍ରୟୋଗ

| ଉପସର୍ଗ + ଧାତୁ | ଅର୍ଥ | ପ୍ରୟୋଗ |
|---|---|---|
| ପ୍ର + ଅର୍ଥ୍ | - ପ୍ରାର୍ଥନା କରିବା | - ଭକ୍ତଃ ସ୍ୱର୍ଗଂ ପ୍ରାର୍ଥୟତେ । |
| ପ୍ର + ଚର୍ | - ପ୍ରଚାରିତ ହେବା | - ଭାରତୀ ଗାଥା ଲୋକେଷୁ ପ୍ରଚରିଷ୍ୟତି । |
| ପ୍ର + ଭୂ | - ସମର୍ଥ ହେବା | - ଭଗବାନ୍ ସର୍ବଂ କର୍ତ୍ତୁଂ ପ୍ରଭବତି । |
| ପରା + ଜି | - ହାରିଯିବା | - ଶତ୍ରୁନ୍ ପରାଜୟତେ । |
| ପରା + ଭୂ | - ପୀଡ଼ା ଦେବା | - ଜ୍ଞାନୀ ମୂର୍ଖଂ ପରାଭବତି । |
| ଅପ + ଇ | - ଦୂର ହେବା | - ଉଦିତେ ଚନ୍ଦ୍ରମସି ଅନ୍ଧକାରଃ ଅପୈତି । |
| ଅପ + କୃ | - ଖରାପ କରିବା | - ଅପକରୋତି ଦୁରାତ୍ମା । |
| ଅପ + କ୍ରମ୍ | - ଦୂରେଇଯିବା | - ସ ନଗରାତ୍ ଅପକ୍ରାମତି । |
| ଅପ + ହୃ | - ଚୋରାଇନେବା | - ଚୌରଃ ଧନମପହରତି । |
| ସମ୍ + ଗମ୍ | - ମିଶିବା | - ଦମୟନ୍ତୀ ସଖୀଭିଃ ସଙ୍ଗଚ୍ଛତେ । |
| ସମ୍ + ଦିଶ୍ | - ସନ୍ଦେଶ ଦେବା | - ସ ପୁତ୍ରଂ ସନ୍ଦିଶତି । |
| ସମ୍ + ଭୂ | - ଜନ୍ମ ନେବା | - ସମ୍ଭବାମି ଯୁଗେ ଯୁଗେ । |
| ଅନୁ + ଇ | - ପଛରେ ଯିବା | - ସେବକଃ ସ୍ୱାମିନମନ୍ୱେତି । |
| ଅନୁ + ଗମ୍ | - ପଛେ ପଛେ ଯିବା | - ଅନୁଗଚ୍ଛ ମାମ୍ । |

ଅନୁ + ଜ୍ଞା - ମାନାଇବା - ଅନୁନୟତି ସୁତଂ ସ୍ୱଂ ରୋଷପୂର୍ଣ୍ଣଂ ହି ମାତା ।

ଅବ + ଇ - ଜାଣିବା - ଅବେହି ମାଂ କିଙ୍କରମଷ୍ଟମୂର୍ତ୍ତେଃ ।

ଅବ + ଗମ୍ - ବୁଝିବା - ନ କିଞ୍ଚିଦପ୍ୟବଗଚ୍ଛାମି ।

ଅବ + ଜ୍ଞା - ଅନାଦର କରିବା - ଅବଜାନାସି ମାମ୍ ।

ଅବ + ମନ୍ - ଅନାଦର କରିବା - ନାବମନ୍ୟେତ ନିର୍ଦ୍ଧନମ୍ ।

ଅବ + ସ୍ଥା - ରହିବା - ନାହଂ ତତ୍ରାବସ୍ଥାସ୍ୟେ ।

ନିସ୍ + କ୍ରମ୍ - ବାହାରିବା - ସର୍ବେ ନିଷ୍କ୍ରାନ୍ତାଃ ।

ନିସ୍ + ତୃ - ପାରହେବା - ଦୁଃଖୋଦଧେଃ ନିସ୍ତରତି ପୁଣ୍ୟାତ୍ମା ।

ନିର୍ + ଅସ୍ - ଦୂର କରିବା - ସଃ ଦୁଃଖଂ ନିରସ୍ୟତି ।

ନିର୍ + ଗମ୍ - ବାହାରିଯିବା - ମାଣବକଃ ଗୃହାନ୍ନିର୍ଗତଃ ।

ନିର୍ + ଦିଶ୍ - ବତାଇବା - ଗୁହ୍ୟଂ ମନ୍ତ୍ରଂ ନ ନିର୍ଦ୍ଦିଶେତ୍ ।

ଦୁସ୍ + ସହ୍ - କଠିନ - ବଚସ୍ତେ ଦୁଃସହମେବ ।

ଦୁସ୍ + ସ୍ଥା - ଖରାପ ଅବସ୍ଥାହେବା - ଦୁଃସ୍ଥିତିଂ ଯାନ୍ତି ମୂଢ଼ାଃ ।

ଦୁର୍ + ଗମ୍ - କଷ୍ଟରେ ଯିବା ସମ୍ଭବ - ଦାଶରଥୀ ରାମୋ ଦୁର୍ଗମଂ ବନମଗାତ୍ ।

ବି + ଆପ୍ - ବ୍ୟାପିବା - ବ୍ୟାପ୍ନୋତି ଗଗନଂ ରଜଃ ।

ବି + ଜି - ବିଶେଷ ରୂପେ - ରାମୋ ରାଜମଣିଃ ସଦା ବିଜୟତେ ।

ବି + ଧା - କରିବା - ସହସା ବିଦଧୀତ ନ କ୍ରିୟାମ୍ ।

ବି + ଗମ୍ - ଦୂର ହେବା - ବିରମତି ଖଳୁ ପାପାତ୍ ପାପଭୀରୁଃ ସଦୈବ ।

ବି + ବଦ୍ - କଳହ କରିବା - ଖଳାଃ ପରସ୍ପରଂ ବିବଦନ୍ତେ ।

ଆ + କ୍ରମ୍ - ଗତି କରିବା - ରବିଃ ଆକାଶମାକ୍ରମତେ ।

ଆ + ଚର୍ - ବ୍ୟବହାର ଦେଖାଇବା - ସର୍ବଦା ଧର୍ମମାଚରେତ୍ ।

ଆ + ଦିଶ୍ - ଆଦେଶ ଦେବା - ଗୁରୁଃ ଶିଷ୍ୟମାଦିଶତି ।

ଆ + ପଦ୍ - ଆସି ପଡ଼ିବା - ଆପତନ୍ତି ହି ଦୁଃଖାନି ଭାଗ୍ୟଦୋଷାଦ୍ଦାତେନ ।

ଆ + ମନ୍ତ୍ର - ନିମନ୍ତ୍ରଣ କରିବା - ବ୍ରାହ୍ମଣମାମନ୍ତ୍ରୟେ ।

ଆ + ସଦ୍ - ଲାଭ କରିବା - ନଳଃ କନକହଂସମାସସାଦ ।

ନି + ପତ୍ - ପଡ଼ିବା - ବୃକ୍ଷାତ୍ ପତ୍ରଂ ନିପତତି ।

ନି + ସଦ୍ - ରହିବା - ଗୃହେ ସୁଖଂ ନିଷୀଦତି ।

ଅଧି + ଆସ୍ - ବସିବା - ରୋଗୀ ଖଟ୍ୱାମଧ୍ୟାସ୍ତେ ।

ଅଧି + କୃ - ଅଧିକାର କରିବା - ପଣ୍ଡିତଃ ସ୍ୱଂ ବିଷୟମଧିକରୋତି ।

ଅଧି + ବସ୍ - ବାସକରିବା - ଅଧିବସତି ସୁରେଶଃ ସ୍ୱର୍ଗଲୋକଂ ସୁଖେନ ।

ଅଧି + ସ୍ଥା - ବାସ କରିବା - ପିତା ଗୃହମ୍ ଅଧିତିଷ୍ଠତି ।

ଅପି + ଧା - ଘୋଡ଼ାଇ ଦେବା - ସଃ ଦୋଷାନ୍ ଅପିଦଧାତି ।

ଅତି + କ୍ରମ୍ - ବିତାଇ ଦେବା - ଯୌବନମତିଚକ୍ରାମ ।

ଅତି + ଚର୍ - ବିରୁଦ୍ଧାଚରଣ କରିବା - ସଃ ଗୁରୂନ୍ ଅତିଚରତି ।

ସୁ + କୃ - ସହଜ ହେବା - କାର୍ଯ୍ୟମେତତ୍ ସୁକରମେବ ।

ସୁ + ଚୂର୍ଣ୍ଣ - ଭଲରୂପେ ଚୂର୍ଣ୍ଣକରିବା - ବୈଦ୍ୟଃ ଭେଷଜଂ ସୁଚୂର୍ଣ୍ଣୟତି ।

ଉତ୍ + ଇ - ଉଦୟ ହେବା - ସବିତା ଉଦେତି ।

ଉତ୍ + ଗମ୍ - ଉପରକୁ ଉଠିବା - ଭୂମେର୍ବୀଜମୁଦ୍‌ଗଚ୍ଛତି ।

ଉତ୍ + ଚର୍ - ଉଚ୍ଚାରଣ କରିବା - ଧର୍ମବିତ୍ ଧର୍ମମୁଚ୍ଚରତେ ।

| | | |
|---|---|---|
| ଉତ୍ + ତୃ | - ପାର ହେବା | - ନଦୀମୁତ୍ତରେତ୍ ଗଜଃ । |
| ଉତ୍ + ପତ୍ | - ଉଡ଼ିବା | - ଖଗାଃ ବିହାୟସମୁତ୍ପତନ୍ତି । |
| ଉତ୍ + ସ୍ଥା | - ଉଠିବା | - ଉତ୍ତିଷ୍ଠୋତ୍ତିଷ୍ଠ ଗୋବିନ୍ଦ ! ଉତ୍ତିଷ୍ଠ ଗରୁଡ଼ଧ୍ୱଜ ! |
| ଅଧି + ଅଧ୍ | - ଘୋଷିବା | - ବାଳକଃ ପାଠମଧ୍ୟେତି । |
| ଅଭି + ଇ | - ପାଖକୁ ଯିବା | - ଅଧ୍ୟାୟମଭ୍ୟେତି ସଦୈବ ନିତ୍ୟମ୍ । |
| ଅଭି + ଗମ୍ | - ପାଖକୁ, ଆଡ଼କୁ | - ସ ଉଦ୍ୟାନମଭିଗଚ୍ଛତି । |
| ଅଭି + ଧା | - କହିବା | - ସୂକ୍ତିମଭିଦଧାତି ଧୀମାନ୍ । |
| ପ୍ରତି + ଇ | - ବିଶ୍ୱାସ କରିବା | - ସ ମୟି ନ ପ୍ରତ୍ୟେତି । |
| ପ୍ରତି + ଈକ୍ଷ | - ପ୍ରତୀକ୍ଷା କରିବା | - କ୍ଷଣଂ ପ୍ରତୀକ୍ଷସ୍ୱ । |
| ପ୍ରତି + କୃ | - ଉପାୟ କରିବା | - ଆଗତଂ ତୁ ଭୟଂ ବୀକ୍ଷ୍ୟ ପ୍ରତିକୁର୍ଯ୍ୟାଦ୍ ଯଥୋଚିତମ୍ । |
| ପ୍ରତି + ଗମ୍ | - ଫେରିବା | - ରାବଣଃ ଲଙ୍କାଂ ପ୍ରତିଗଚ୍ଛତି । |
| ପ୍ରତି + ପଦ୍ | - ପାଳନ କରିବା | - ଶକୁନ୍ତଳେ ! ଆଦେଶଂ ପ୍ରତିପଦ୍ୟସ୍ୱ । |
| ପ୍ରତି + ବଦ୍ | - ଉତ୍ତର ଦେବା | - ଗୁରୁଂ ପ୍ରତ୍ୟବଦତ୍ ଶିଷ୍ୟଃ । |
| ପରି + ଚର୍ | - ସେବା କରିବା | - ଭୃତ୍ୟାଃ ନୃପଂ ପରିଚରନ୍ତି । |
| ପରି + ତ୍ୟଜ୍ | - ସଂପୂର୍ଣ୍ଣ ରୂପେ | - ଅସତ୍ୟଂ ପରିତ୍ୟଜ । |
| ପରି + ଣୀ | - ବିବାହ କରିବା | - ନଳଃ ଦମୟନ୍ତୀଂ ପରିଣିନାୟ । |
| ଉପ + ଆସ୍ | - ପୂଜା କରିବା | - ଶୈବାଃ ଶିବମୁପାସତେ । |
| ଉପ + ଇ | - ପ୍ରାପ୍ତହେବା | - ଉଦ୍‌ଯୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀଃ । |
| ଉପ + କୃ | - ଉପକାର କରିବା | - ଶିଷ୍ୟଃ ଗୁରୋଃ ଉପାକରୋତ୍ । |

ଉପ + ଚର୍ - ସେବାକରିବା - ଲକ୍ଷ୍ମଣଃ ଅହୋରାତ୍ରଂ ରାମମୁପଚଚାର ।

ଉପ + ବିଶ୍ - ବସିବା - ନରେଶଃ ସିଂହାସନମୁପବିଶତି ।

ଏକ ସଙ୍ଗେ ଏକାଧିକ ଉପସର୍ଗ ମଧ୍ୟ ଗୋଟିଏ ସ୍ଥାନରେ ପ୍ରୟୋଗ କରାଯାଇପାରେ ଯଥା - ପ୍ରତ୍ୟାଗଚ୍ଛତି = ପ୍ରତି + ଆ + ଗମ୍, ପର୍ଯ୍ୟାଲୋଚନମ୍ = ପରି + ଆ + ଲୁଚ୍, ପ୍ରତ୍ୟବଧାନମ୍ = ପ୍ରତି + ଅବ + ଧା, ବିପ୍ରକୃଷ୍ଟମ୍ = ବି + ପ୍ର + କୃଷ୍, ବ୍ୟବହାରଃ = ବି + ଅବ + ହୃ, ସମାହରତି = ସମ + ଆଙ୍ + ହୃ ।

## ଅନୁଶୀଳନୀ

୧. ଉପସର୍ଗସ୍ୟ କା ପରିଭାଷା ?

୨. ଉପସର୍ଗାନ୍ ପ୍ରଦର୍ଶୟ -

ସଙ୍ଗଚ୍ଛତେ, ସମାଗଚ୍ଛତି, ଉଭିଷତି, ଅପହରତି, ପ୍ରତ୍ୟାଗଚ୍ଛତି, ଉପକରୋତି, ପ୍ରସ୍ଥାତବ୍ୟମ୍, ଆହାରଃ, ବିରମତି, ଦୁଃସହମ୍, ଅପୈତି, ଉପୈତି, ଅନୁଯାତି ।

୩. ବାକ୍ୟରଚନଂ କାର୍ଯ୍ୟମ୍ -

ଉପ, ନିସ୍, ଆଙ୍, ଅଧି, ପ୍ରତି, ଦୁର, ସମ୍ ।

***

## ୪.୩. ନିପାତ

ବ୍ୟାକରଣ ପ୍ରକ୍ରିୟା ଅନୁଯାୟୀ ଯାହାର ସୃଷ୍ଟିହୋଇ ନଥାଏ ତାହା ହିଁ ନିପାତ । ନିପାତ ସକାଶେ ବ୍ୟାକରଣର ନିୟମ କାମ କରେ ନାହିଁ, ମାତ୍ର ଏ ଭଳି ଶବ୍ଦ ଭାଷାରେ ପ୍ରୟୋଗ କରାଯାଉଥିବାରୁ ବ୍ୟାକରଣ ତାକୁ ଗ୍ରହଣ କରି ନେଇଅଛି । ଯଥା - ଚ, ଖଲୁ, ବା, ତୁ, ଅହୋ, ଅଥ, ଇବ । ଏଗୁଡ଼ିକ ମଧ୍ୟ ଅବ୍ୟୟ ଅଟନ୍ତି । ଅବ୍ୟୟ ମଧ୍ୟରେ ନିପାତ, ଉପସର୍ଗ, ଗତି ଓ କର୍ମପ୍ରବଚନୀୟ ରହିଛି । ନିପାତ ମଧ୍ୟରେ ନିପାତ, ଉପସର୍ଗ, ଗତି ଓ କର୍ମପ୍ରବଚନୀୟ ମଧ୍ୟ ଗୃହୀତ । ନିପାତ ସାର୍ଥକ ବୋଲି ଯାସ୍କଙ୍କର ମତ । ଏହା ଜାତ୍ୟାଦି ଅର୍ଥ ବୁଝାଏ ନାହିଁ । ଏହା ଅଦ୍ରବ୍ୟ ବାଚକ । ଏହାର ଲିଙ୍ଗ, ସଂଖ୍ୟା ମଧ୍ୟ ନାହିଁ ; କିନ୍ତୁ, ବହୁ ଅର୍ଥର ପ୍ରକାଶରେ ସହାୟତା କରୁଥିବାରୁ ନିପାତ ଗୃହୀତ । *(ଉଚ୍ଚାବଚେଷୁ ଅର୍ଥେଷୁ ନିପତନ୍ତି ଅବ୍ୟୟବିଶେଷାଃ ଏବ ବାଦଯୋ ନିପାତାଃ)* ।

### କର୍ମପ୍ରବଚନୀୟ

ଯେଉଁ ଅବ୍ୟୟ ଦେଖିବାକୁ ଉପସର୍ଗ ଭଳି, ମାତ୍ର ଉପସର୍ଗ ପରି ଧାତୁର ପୂର୍ବରେ ବ୍ୟବହୃତ ନହୋଇ ସ୍ୱତନ୍ତ୍ର ଭାବେ ବ୍ୟବହୃତ ହୁଏ ଏବଂ ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରେ ତାକୁ 'କର୍ମପ୍ରବଚନୀୟ' କୁହାଯାଏ । କର୍ମ ପ୍ରୋକ୍ତବନ୍ତଃ କର୍ମପ୍ରବଚନୀୟାଃ ।

*କ୍ରିୟାୟା ଦ୍ୟୋତକୋ ନାୟଂ ସମ୍ବନ୍ଧସ୍ୟ ନ ବାଚକଃ ।*

*ନାପି କ୍ରିୟାପଦାକ୍ଷେପୀ ସମ୍ବନ୍ଧସ୍ୟ ତୁ ଭେଦକଃ ।। (ବାକ୍ୟପଦୀୟମ୍)*

ଏହି କର୍ମପ୍ରବଚନୀୟ ଗୁଡ଼ିକ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହୋଇଥାନ୍ତି । ଉଦାହରଣ ସ୍ୱରୂପ -

ମାନବାଃ ସୁରାନ୍ ଅନୁ ।

ଏଠାରେ ନିକୃଷ୍ଟ ଅର୍ଥରେ 'ଅନୁ' କର୍ମପ୍ରବଚନୀୟର ପ୍ରୟୋଗ କରାଯାଇଅଛି । ଏହିପରି ଉପ, ପ୍ରତି, ପରି ପ୍ରଭୃତି କର୍ମପ୍ରବଚନୀୟ ନିର୍ଦ୍ଦିଷ୍ଟ ଅର୍ଥରେ ଭାଷାରେ ବ୍ୟବହୃତ ହୋଇଥାନ୍ତି । କର୍ମପ୍ରବଚନୀୟ ଯୋଗରେ ଦ୍ୱିତୀୟା, ପଞ୍ଚମୀ, ସପ୍ତମୀ ପ୍ରଭୃତି ଭିନ୍ନ ଭିନ୍ନ ବିଭକ୍ତିର ପ୍ରୟୋଗ ହୋଇଥାଏ ।

## ଅନୁଶୀଳନୀ

୧. ବାକ୍ୟେଷୁ ବ୍ୟବହରତ -

ପୁରଃ, ପରିତଃ, ଯୁଗପତ୍, ଅଲମ୍, କୁତ୍ର, କୁତଃ, କୃତେ, ନକ୍ତମ୍, ସକୃତ୍, ମୃଷା, ଆରାତ୍, ସହସା, ସୁଷ୍ଠୁ, ନୂନମ୍, ପୁନଃ, ଅହୋ, ଅନ୍ୟଥା, ଆମ୍, ନକ୍ତନ୍ଦିବମ୍, ହ୍ୟଃ, ଇତସ୍ତତଃ ।

***

# ୫ - ଷତ୍ୱବିଧି ଓ ଣତ୍ୱବିଧି

## ଷତ୍ୱବିଧି

ସଂସ୍କୃତଭାଷାରେ କେତେକ ପରିସ୍ଥିତିରେ ଦନ୍ତ୍ୟ 'ସ୍' ମୂର୍ଦ୍ଧନ୍ୟ 'ଷ୍' ରୂପେ ପରିବର୍ତ୍ତିତ ହୋଇଥାଏ । ଏହାକୁ 'ଷତ୍ୱ'ବିଧି କୁହାଯାଏ ।

୧. ଅ ଓ ଆ ବ୍ୟତୀତ ଅନ୍ୟ ସ୍ୱରବର୍ଣ୍ଣ ତଥା କ-ବର୍ଗ ପରେ 'ସ୍'ର 'ଷ୍' ହୁଏ । 'ଅ, ଆ' ବ୍ୟତୀତ ଅନ୍ୟ ସ୍ୱରବର୍ଣ୍ଣ ଓ ପ୍ରତ୍ୟୟର 'ସ୍' ମଝିରେ ଅନ୍ତଃସ୍ଥ ବର୍ଣ୍ଣ (ଯ୍, ବ୍, ର୍, ଲ୍) ହ ଅଥବା କ-ବର୍ଗ ଆସୁଥିଲେ ବି ପ୍ରତ୍ୟୟର 'ସ୍'କାରର 'ଷ' ଆଦେଶ ହୁଏ । ଅନୁସ୍ୱାର, ବିସର୍ଗ ଏବଂ ଶ୍, ଷ୍, ସ୍ - ର ବ୍ୟବଧାନ ଥିଲେ ମଧ୍ୟ 'ସ୍'ର 'ଷ୍' ଆଦେଶ ହୁଏ । *(ଅପଦାନ୍ତସ୍ୟ ମୂର୍ଦ୍ଧନ୍ୟଃ-ପା. ୮.୩.୫୫; ଇଣ୍‌କୋଃ - ପା. ୮.୩.୫୭; ଆଦେଶ ପ୍ରତ୍ୟୟଯୋଃ - ପା. ୮.୩.୫୯)* । ଯଥା -

ମୁନି + ସୁ = ମୁନିଷୁ । ଧନୂଂ + ସି = ଧନୂଂଷି ।

ଚତୁର୍ + ସୁ = ଚତୁର୍ଷୁ । ଆୟୁ + ସ୍ + ସୁ = ଆୟୁଃଷୁ ।

ବାକ୍ + ସୁ = ବାକ୍ଷୁ । ଅନ୍ୟେ + ସାମ୍ = ଅନ୍ୟେଷାମ୍ ।

ହବୀଂଷି, ଆଶୀଃଷୁ, ଆୟୁଃଷୁ, ଚକ୍ଷୁଃଷୁ ..... ଇତ୍ୟାଦି ।

୨. କିନ୍ତୁ ପ୍ରତ୍ୟୟସ୍ଥ ଦନ୍ତ୍ୟ ସ୍ କାରର ମୂର୍ଦ୍ଧନ୍ୟାଦେଶ ହୁଏ ନାହିଁ । ଯଥା- ଅଗ୍ନିସାତ୍, ନଦୀସାତ୍ *(ସାତ୍‌ପଦାଦ୍ୟୋଃ - ପା. ୮.୩.୧୧୧)* ।

୩. ଟବର୍ଗର ପୂର୍ବରେ ସ୍ଥିତ ଦନ୍ତ୍ୟସକାରର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା - କଷ୍ଟମ୍, ଦୃଷ୍ଟିଃ ।

୪. ସୁ, ବି, ନିର୍ ଏବଂ ଦୁର୍ ଉପସର୍ଗ ପରସ୍ଥିତ 'ସମ'ଶବ୍ଦର ଦନ୍ତ୍ୟ 'ସ୍'ର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା - ସୁଷମଃ, ବିଷମଃ, ନିଃଷମଃ, ଦୁଃଷମଃ ।

ଅମ୍ବ, ଗୋ, ଭୂମି, ଅଙ୍ଗୁ, ଦିବି, ଦ୍ୱି, ତ୍ରି ଏବଂ ଅଗ୍ନିଶବ୍ଦ ପରସ୍ଥିତ ସ୍ଥର ('ସ'ର) ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ଅମ୍ବଷ୍ଠଃ, ଗୋଷ୍ଠମ୍, ଭୂମିଷ୍ଠଃ, ଅଙ୍ଗୁଷ୍ଠଃ, ଦିବିଷ୍ଠଃ, ଦ୍ୱିଷ୍ଠଃ, ତ୍ରିଷ୍ଠଃ, ଅଗ୍ନିଷ୍ଠଃ ।

୫. ମାତୃ ଏବଂ ପିତୃ ଶବ୍ଦ ପରସ୍ଥିତ ସ୍ୱସୃ ଶବ୍ଦର ପ୍ରଥମ ଦନ୍ତ୍ୟ ସ୍ କାରର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ମାତୃଷ୍ୱସା, ପିତୃଷ୍ୱସା । କିନ୍ତୁ ବିଭକ୍ତି ଯୁକ୍ତ ହେଲେ ବିକଳ୍ପରେ ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ମାତୁଃଷ୍ୱସା / ମାତୁଃସ୍ୱସା ପିତୁଃଷ୍ୱସା / ପିତୁଃସ୍ୱସା ।

୬. 'ଯୁଧି' ଶବ୍ଦୋତ୍ତର 'ସ୍ଥିର' ଶବ୍ଦର ମୂର୍ଦ୍ଧନ୍ୟାଦେଶ ହୁଏ, ଯଥା - ଯୁଧିଷ୍ଠିରଃ । ସମାସ କ୍ଷେତ୍ରରେ ଅଙ୍ଗୁଳିଶବ୍ଦ ପରସ୍ଥିତ ସଙ୍ଗ ଶବ୍ଦର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା - ଅଙ୍ଗୁଳିଷଙ୍ଗୀ ଯବାଗୁଃ ।

କେତେକ ଶବ୍ଦର ସ୍ୱାଭାବିକ ରୂପେ 'ଷ' ଥାଏ, ଯଥା -

ଋଷଭ୍ କୋଷ ଇଷୁଯୋଷିତ୍ ଭୂଷଣଂ ବିଷମୋଷଧିଃ ।
ଉତ୍କର୍ଷୋ ଦର୍ଷଣଂ ହର୍ଷଃ ଷୋଡଶଃ ଷଣ୍ଢ ଭଷଣମ୍ ।।
ଅମର୍ଷୋ ଦୂଷଣଂ ଶ୍ଳେଷୋ ଦୋଷା ଦ୍ୱେଷଃ ଷଡାନନଃ ।
ପରୁଷଃ ପୁରୁଷଃ ଶ୍ଳେଷ୍ମା ପୁଷ୍ପଂ ଭୀଷ୍ମୋ ବିଭୀଷଣଃ ।।
ବିଷୟୋ ମୂଷିକୋ ମେଷୋ ମହିଷୋ ଘୋଷଣା ବୃଷଃ ।
ବର୍ଷା ବିଶେଷଂ ଭାଷୋଷ୍ମା ପୌଷ ଆଷାଢ଼ ଔଷଧମ୍ ।।
ପ୍ରଦୋଷଃ ଧର୍ଷୟଃ ପ୍ରେଷ୍ୟାଶୋଷଣଂ ପୋଷଣଂ ଭିଷକ୍ ।
ଭାଷଣଂ ଶୋଷଣଂ ଶେଷଃ କଷାୟଃ ନିକଷାଽନିଶମ୍ ।।

ଭଷା ତୁଷାରଃ ପାଷାଣଃ କାଷାୟଶ୍ଚ ତତଃ ପରମ୍ ।

ଗଣ୍ଡୂଷଃ କଲ୍ମଷଂ ଶଷ୍ପଂ ସ୍ୱତଃ ଷତ୍ୱମିମେ ଗତାଃ ।।

୭. 'ଷୋ'ପଦେଶ ଧାତୁମାନଙ୍କର ଦ୍ୱିତ୍ୱ ହେଉଥିଲେ 'ଇ' ଓ 'ଉ' ପରେ ଥିବା ଦ୍ୱିତୀୟ 'ସ୍' ମୂର୍ଦ୍ଧନ୍ୟ 'ଷ୍' ରୂପେ ପରିବର୍ତ୍ତିତ ହୁଏ । ଯଥା -

ସିଷେଚ, ସିଷେଧ, ସୁଷାବ, ସିଷେବେ ଇତ୍ୟାଦି ।

## ଣତ୍ୱବିଧି

ସଂସ୍କୃତଭାଷାରେ କେତେକ ସ୍ଥଳରେ 'ନ୍' 'ଣ୍' ରୂପେ ପରିବର୍ତ୍ତିତ ହୁଏ । ଏହି 'ନ୍'ର 'ଣ୍' ରୂପେ ପରିବର୍ତ୍ତନକୁ ଣତ୍ୱ ବିଧାନ ବା 'ଣତ୍ୱ' ବିଧି କୁହାଯାଏ ।

୧. ଋ, ୠ, ର୍, ଷ୍ - ଏହି ଚାରିଗୋଟି ବର୍ଣ୍ଣପରେ ଆସୁଥିବା ଦନ୍ତ୍ୟ 'ନ' ମୂର୍ଦ୍ଧନ୍ୟ 'ଣ' ରୂପେ ପରିବର୍ତ୍ତିତ ହୁଏ । *(ରଷାଭ୍ୟାଂ ନୋ ଣଃ ସମାନପଦେ - ପା. ୮.୪.୧ / ଋବର୍ଣ୍ଣାଚ୍ଚେତି ବକ୍ତବ୍ୟମ୍ - ବାର୍ତ୍ତିକମ୍)* । ଯଥା -

ଋ + ନ = ଋଣମ୍, ତୃ + ନମ୍ = ତୃଣମ୍ ।
ୠ + ନ = ପିତୄ + ନାମ୍ = ପିତୄଣାମ୍ ।
ର୍ + ନ = ପୂର୍ + ନମ୍ = ପୂର୍ଣ୍ଣମ୍ ।
ଷ୍ + ନ = କୃଷ୍ + ନଃ = କୃଷ୍ଣଃ ।

୨. ସ୍ୱରବର୍ଣ୍ଣ, କବର୍ଗ, ପବର୍ଗ, ଯ୍, ବ୍, ର୍, ହ୍ ଏବଂ ଅନୁସ୍ୱାରର ବ୍ୟବଧାନ ଥିଲେ ମଧ୍ୟ ଦନ୍ତ୍ୟ 'ନ୍' ମୂର୍ଦ୍ଧନ୍ୟ 'ଣ୍' ରେ ପରିବର୍ତ୍ତିତ ହୁଏ । *( ଅଟ୍କୁପ୍ୱାଙ୍ନୁମ୍ ବ୍ୟବାୟେଽପି - ପା. ୮.୪.୨)* । ଯଥା -

ମୂର୍ + ଖ + ଏନ = ମୂର୍ଖେଣ ।
ର୍ + ଅ + ଯ୍ + ଏନ = ରଯେଣ ।
ବୃ + ଂ + ହ୍ + ଅ + ନମ୍ = ବୃଂହଣମ୍

୩. କିନ୍ତୁ ପଦାନ୍ତସ୍ଥିତ 'ନ୍' ର ମୂର୍ଦ୍ଧନ୍ୟ 'ଣ୍'ରୂପେ ପରିବର୍ତ୍ତନ ହୁଏ ନାହିଁ । *(ପଦାନ୍ତସ୍ୟ- ପା. ୮.୪.୩୭)* । ଯଥା -

ନର + ଆ + ନ୍ = ନରାନ୍ ।

ପିତୃ + ନ୍ = ପିତୃନ୍ ।    ବୃକ୍ଷ + ଆ + ନ୍ = ବୃକ୍ଷାନ୍ ।

୪. ତ, ଥ, ଦ, ଧ, ପ ଏବଂ ଲ ପରେ 'ନ୍' କାର ଆସୁଥିଲେ 'ଣ୍' ରୂପେ ପରିବର୍ତ୍ତିତ ହୁଏ ନାହିଁ । ଯଥା -

କୃତନମ୍, ଗ୍ରନ୍ଥନମ୍, କ୍ଷୁଭ୍ନାତି, କ୍ରନ୍ଦନମ୍, ରନ୍ଧନମ୍ ।

୫. ଗୋଟିଏ ପଦରେ ଋ/ର/ର୍/ଷ୍ ଥାଇ ଅନ୍ୟପଦରେ 'ନ୍' ଥିଲେ ମୂର୍ଦ୍ଧନ୍ୟାଦେଶ ହୁଏ ନାହିଁ । ତ୍ରିନେତ୍ରଃ, ସର୍ବନାମ, ମୁଦ୍ରାଙ୍କନମ୍, ନରନାଥଃ, ଋଭୁନେତ୍ରା, ଭୃଙ୍ଗନାଦଃ । *(ପଦବ୍ୟବାୟେଽପି- ପା. ୮.୪.୩୮)* ।

କିନ୍ତୁ ପରପଦରେ ଯଦି ସମସ୍ତ ପଦ ପରେ ବିଭକ୍ତି ଜାତ 'ନ୍' ଅଥବା ରେଫ ପ୍ରତ୍ୟୟ ଯୁକ୍ତ ନକାରାନ୍ତ ଶବ୍ଦରହେ ତାହାହେଲେ ବିକଳ୍ପରେ ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ପ୍ରଭାବେଣ / ପ୍ରଭାବେନ । ହରିଭାବିଣା / ହରିଭାବିନା ।

୬. ଏକସ୍ୱର ବିଶିଷ୍ଟ ଅଥବା କବର୍ଗଯୁକ୍ତ ଶବ୍ଦ ପରେ ଥିଲେ ନିତ୍ୟ ମୂର୍ଦ୍ଧନ୍ୟାଦେଶ ହୁଏ । ଶ୍ରୀକାମେଣ / ନଗରଗାମିଣୀ ...*(ପ୍ରାତିପଦିକାନ୍ତ ନୁମ୍ ବିଭକ୍ତିଷୁ ଚ- ପା. ୮.୪.୧୧)* ।

୭. କିନ୍ତୁ ପକ୍ୱ, ଯୁବନ୍ ଓ ଅହନ୍ ଶବ୍ଦକ୍ଷେତ୍ରରେ ହୁଏ ନାହିଁ । *(ଯୁବାଦୀନାଂ ପ୍ରତିଷେଧୋ ବକ୍ତବ୍ୟଃ - ବା.)* । ଯଥା -

ପରିପକ୍ୱେନ, କ୍ଷତ୍ରିୟଯୁନା, ଦୀର୍ଘାହ୍ନ ।

୮. ଟ ବର୍ଗର ପୂର୍ବରେ ଥିବା ନ୍ ର ଣ୍ କାର ରୂପେ ପରିବର୍ତ୍ତନ ହୁଏ ।
ଯଥା - କଣ୍ଟକଃ, କଣ୍ଠଃ, ଦଣ୍ଡଃ, କୁଣ୍ଠିଃ ।

୯. ଦୁଇ କିମ୍ବା ତିନିସ୍ୱର ବିଶିଷ୍ଟ ବୃକ୍ଷବାଚକ ଓ ଓଷଧିବାଚକ ଶବ୍ଦ ପରସ୍ଥିତ 'ବନ' ଶବ୍ଦର ବିକଳ୍ପରେ ଣତ୍ୱ ବିଧାନ ହୋଇଥାଏ । ଯଥା -

ଲୋଧ୍ରବନମ୍ / ଲୋଧ୍ରବଣମ୍ । ମନ୍ଦାରବନମ୍ / ମନ୍ଦାରବଣମ୍ ।
ରମ୍ଭାବନମ୍ / ରମ୍ଭାବଣମ୍ ।

୧୦. କିନ୍ତୁ ଅଗ୍ରେ, ଶର, ଇକ୍ଷୁ, ପ୍ଲକ୍ଷ, ଆମ୍ର ଏବଂ ଖଦିର ଶବ୍ଦର ପର ସ୍ଥିତ 'ବନ'ର ନିତ୍ୟ ଣତ୍ୱବିଧି ହୁଏ । ଯଥା -

ଅଗ୍ରେବଣମ୍, ଶରବଣମ୍, ଇକ୍ଷୁବଣମ୍, ପ୍ଲକ୍ଷବଣମ୍, ଆମ୍ରବଣମ୍, ଖଦିରବଣମ୍ ।

୧୧. ଅନ୍ୟପଦସ୍ଥିତ ର, ଋ, ୠ, ଷ୍ କାର ପରସ୍ଥିତ ପାନର ବିକଳ୍ପରେ ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

କ୍ଷୀରପାଣମ୍ / କ୍ଷୀରପାନମ୍ । ବିଷପାଣମ୍ / ବିଷପାନମ୍ ।

୧୨. ପୂର୍ବପଦର ଅନ୍ତରେ ମୂର୍ଦ୍ଧନ୍ୟ ଷ୍ କାର ଥିଲେ ପରବର୍ତ୍ତୀପଦର ଣତ୍ୱବିଧାନ ହୁଏ ନାହିଁ । ***(ଷାତ୍ ପଦାନ୍ତାତ୍- ପା. ୮.୪.୩୫)*** । ଯଥା -

ନିଷ୍ପାନମ୍, ହବିଷ୍ପାନମ୍, ନିଷ୍ପାନେନ, ଆୟୁଷ୍ପାନେନ ।

୧୩. ପ୍ର, ପୂର୍ବ, ଅପର ପ୍ରଭୃତି ଶବ୍ଦର ପରେ ଥିବା 'ଅହ୍ନ'ର, ପର, ପାର, ଉତ୍ତର, ରାମ, ଚାନ୍ଦ୍ର, ଓ ନାର ଶବ୍ଦ ପରସ୍ଥିତ ଅୟନ ଶବ୍ଦର ତଥା ଅଗ୍ର ଏବଂ ଗ୍ରାମଶବ୍ଦ ପରସ୍ଥିତ 'ନୀ'ର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ପ୍ରାହ୍ଣଃ, ଅପରାହ୍ଣଃ, ପୂର୍ବାହ୍ଣଃ, ପରାୟଣମ୍, ପାରାୟଣମ୍, ଉତ୍ତରାୟଣମ୍, ରାମାୟଣମ୍, ଚାନ୍ଦ୍ରାୟଣମ୍, ନାରାୟଣଃ, ଅଗ୍ରଣୀଃ, ଗ୍ରାମଣୀଃ ।

୧୪. ବୟୋବାଚୀ ଅର୍ଥରେ ତ୍ରି ଏବଂ ଚତୁର୍ ପରବର୍ତ୍ତୀ ହାୟନ ଶବ୍ଦର ଣତ୍ୱବିଧି ହୁଏ । ଯଥା -

ତ୍ରିହାୟଣୋ ବତ୍ସଃ (ତିନିବର୍ଷର ବାଛୁରୀ) । ଚତୁର୍ହାୟଣୀ ଗୌଃ (ଚାରିବର୍ଷିଆ ଗାଈ) ।

୧୫. ଶୂର୍ପ ଶବ୍ଦର ପରବର୍ତ୍ତୀ ନଖ ଶବ୍ଦର ତଥା ପ୍ର, ଦ୍ରୁ, ଖର ଏବଂ ବାର୍ଧ୍ରୀ ଶବ୍ଦପରବର୍ତ୍ତୀ 'ନସ୍' ଶବ୍ଦର ମୂର୍ଦ୍ଧନ୍ୟାଦେଶ ହୁଏ । ଯଥା -

ଶୂର୍ପଣଖା, ପ୍ରଣସଃ, ଦ୍ରୁଣସଃ, ଖରଣସଃ, ବାର୍ଧ୍ରୀଣସଃ ।

୧୬. ଗିରିନଦୀ ପ୍ରଭୃତି କେତେ କ୍ଷେତ୍ରରେ ବିକଳ୍ପରେ ମୂର୍ଦ୍ଧନ୍ୟାଦେଶ ହୁଏ । *(ଗିରିନଦ୍ୟାଦୀନାଂ ବା- ବାର୍ତ୍ତିକ)* । ଯଥା -

ଗିରିନଦୀ / ଗିରିଣଦୀ । ସ୍ୱର୍ଣ୍ଣଦୀ / ସ୍ୱର୍ନଦୀ ।

ଗିରିଣିତମ୍ବଃ / ଗିରିନିତମ୍ବଃ । ଗିରିଣଦ୍ଧମ୍ / ଗିରିନଦ୍ଧମ୍ ।

୧୭. ସ୍ୱଭାବତଃ କେତେକ ଶବ୍ଦ 'ଣ୍' ଯୁକ୍ତ ହୋଇଥାଆନ୍ତି । ଯଥା -

 କଙ୍କଣଂ କିଙ୍କିଣୀ କୋଣଃ କଣିକା କାକିଣୀ କଣଃ ।
କଲ୍ୟାଣଂ କୁଣପଃ କାଣଃ କଫୋଣିର୍ନିକୁଣଃ କିଣଃ ।।
ନିର୍ବାଣୋ ନିକ୍ୱଣଃ କ୍ୱାଣୋ ଲାବଣ୍ୟଂ ଗଣିକାଗଣଃ ।
ମତ୍କୁଣଃ ଶୋଣିତଂ ଶୋଣଃ ପଣ୍ୟଂ ପୁଣ୍ୟଂ ପଣୋ ମଣିଃ ।।
ବାଣିଜ୍ୟଂ ବିପଣିଃ ଶାଣୋ ବଣିଗାପଣ ଲକ୍ଷଣଃ ।
ବାଣୋ ବୀଣା ଘୁଣୋ ବେଣୁସ୍ତୂଣଃ ସ୍ଥାଣୁଃ ଫଣା ଫଣୀ ।।
ପଣବୋ ଲବଣଂ ଶୋଣୀ ଗଣକୋଽଣୁ ର୍ଗୁଣଃ କୁଣିଃ
ମାଣିକ୍ୟଂ ପକ୍ୱଣୋ ବେଣୀ ପାଣିରେଣ ସ୍ତଥୈବ ଚ ।
ଭାଣୀ ବାଣୀ ସ୍ୱତୋ ହ୍ୟେତେ ଶବ୍ଦା ଣତ୍ୱଂ ପ୍ରପେଦିରେ ।।

## ଅନୁଶୀଳନୀ

୧. ସଂଶୋଧନଂ କୁରୁତ ।

କ) ଗୃହସ୍ୟ ପରିଷ୍କାରଃ ସଦା କରଣୀୟଃ ।

ଖ) ମୁନିଷୁ ନାରଦଃ ଶ୍ରେଷ୍ଠଃ ଭକ୍ତଃ ।

ଗ) ଶିଷ୍ୟାଃ ସାୟଂ ଯଜ୍ଞକାଷ୍ଠମାନାୟ ଆଶ୍ରମଂ ପ୍ରତି ଆଗତବନ୍ତଃ ।

ଘ) ସନ୍ଦୀପନିଃ ତମ୍ ଅନ୍ୱିସ୍ୟ ତତ୍ରାଗତଃ ।

ଙ) ସର୍ପଂ ଦୃଷ୍ଟ୍ୱା ସ ଭୀତଃ ।

ଚ) ଧନୁଷ୍ଟଙ୍କାରଃ ଭୟାନକୋ ରୋଗଃ ଅସ୍ତି ।

ଛ) ଅର୍ଥଶ୍ୟ ପୁରୁଷୋ ଦାଶୋ ଦାଷସ୍ତ୍ୱର୍ଥୋ ନ କଶ୍ୟଚିତ୍ ।

ଜ) ବିସମପ୍ୟମୃତଂ କ୍ୱଚିଦ୍ ଭବେଦମୃତଂ ବା ବିଶମୀଶ୍ୱରେଚ୍ଛୟା ।

ଝ) ପିବନ୍ତ୍ୟେବୋଦକଂ ଗାବୋ ମଣ୍ଡୁକେଷୁ ରୁଦତ୍ସ୍ୱପି ।

ଞ) ନାଗ୍ନିଷ୍ଟୃ ପ୍ୟତି କାସ୍ଥାନାଂ ନାପଗାନାଂ ମହୋଦଧିଃ ।

୨. ସଂଶୋଧନଂ କୁରୁତ ।

କ) ଲତାଣଂ ଶୋଭା ଅତୀବ ମନୋହର ।

ଖ) ଦେଶରକ୍ଷଣଂ ଦେଶନିବାସିଣାଂ ପ୍ରଥମଂ କର୍ତ୍ତବ୍ୟମ୍ ।

ଗ) ଭ୍ରାତୃନାଂ କଳହଃ ନ ସୁଖାବହଃ ।

ଘ) ଶୂର୍ପଣଖା ରାବଣସ୍ୟ ଭଗିନୀ ଆସୀତ୍ ।

ଙ) ଅବହେଳାୟାଃ ପରିନାମଃ ଭୟଙ୍କରଃ ।

୩. ରିକ୍ତସ୍ଥାନପୂର୍ତ୍ତିଂ 'ନ-ଣ୍'ମଧ୍ୟୟୋଃ ସମୀଚୀନବର୍ଣ୍ଣଦ୍ୱାରା କୁରୁତ ।

(କ) ଭାଷ- ମ୍ (ଖ) ସରୋଜେ-

(ଗ) ରାମଚନ୍ଦ୍ରେ- (ଘ) ବିଶ୍ୱସ- ୀୟମ୍

(ଙ) ସମୁଦ୍ରେ- (ଚ) ବୃକ୍ଷା-ି

(ଛ) ମହାରାଜେ- (ଜ) ଦ୍ରବ୍ୟା- ାମ୍

(ଝ) ପ୍ରଧା-ମ୍ । (ଞ) ପ୍ରଲାପେ- ।

***

# ୬ - ବିଶେଷ୍ୟ ଓ ବିଶେଷଣ

ବିଶେଷ୍ୟସ୍ୟ ହି ଯଲ୍ଲିଙ୍ଗଂ ବିଭକ୍ତିବଚନେ ଚ ଯେ ।
ତାନି ସର୍ବାଣି ଯୋଜ୍ୟାନି ବିଶେଷଣପଦେଷ୍ୱପି ।।

ଓଡ଼ିଆରେ ବିଶେଷଣ ପଦ ଅପରିବର୍ତ୍ତିତ ଭାବରେ ବ୍ୟବହୃତ ହୁଏ, କେବଳ ସମୟ ସମୟରେ ବିଶେଷ୍ୟାନୁସାରେ ଲିଙ୍ଗ ଗ୍ରହଣ କରିଥାଏ । ଯଥା - ସୁନ୍ଦରୀ ନାରୀ । କିନ୍ତୁ ସଂସ୍କୃତରେ ବିଶେଷ୍ୟରେ ଯେଉଁ ଲିଙ୍ଗ, ବିଭକ୍ତି ଓ ବଚନ ହୁଏ, ବିଶେଷଣପଦର ମଧ୍ୟ ସେହି ଲିଙ୍ଗ, ବିଭକ୍ତି ଏବଂ ବଚନ ହୁଏ ' ବିଶେଷଣ ପଦଟି ସର୍ବଦା ବିଶେଷ୍ୟର ଅଧୀନ । ଯଥା -

(ଲିଙ୍ଗ) ବୁଢ଼ାଲୋକ = ବୃଦ୍ଧଃ ନରଃ । ବୁଢ଼ୀ ସ୍ତ୍ରୀ = ବୃଦ୍ଧା ନାରୀ ।
(ବଚନ) ପ୍ରିୟପୁତ୍ର = ପ୍ରିୟଃ ପୁତ୍ରଃ । ପ୍ରିୟ ପୁତ୍ରମାନେ = ପ୍ରିୟାଃ ପୁତ୍ରାଃ ।
(ବିଭକ୍ତି) ବଳବାନ୍ ଲୋକ = ବଳବାନ୍ ଜନଃ । ବଳବାନ୍ ଲୋକଙ୍କୁ = ବଳବନ୍ତଂ ଜନମ୍ । ବଳବାନ୍ ଲୋକର = ବଳବତଃ ଜନସ୍ୟ ।

୧. ଦୁଇଟି ଏକବଚନାନ୍ତ ବିଶେଷ୍ୟ ପଦର ବିଶେଷଣ ପଦ ଦ୍ୱିବଚନାନ୍ତ ହୁଏ । ଯଥା -

ରାମ ଓ ହରି ଦୁହେଁଯାକ ବୁଦ୍ଧିମାନ୍ = ବୁଦ୍ଧିମନ୍ତୌ ରାମୋ ହରିଶ୍ଚ ।

୨. ବହୁବଚନାନ୍ତ ବା ଏକାଧିକ ଦ୍ୱିବଚନ ବିଶେଷ୍ୟ ପଦର ବିଶେଷଣ ବହୁବଚନାନ୍ତ ହୁଏ ଏବଂ ଏକବଚନାନ୍ତ ଅନେକ ବିଶେଷ୍ୟ ପଦର ବିଶେଷଣ ପଦ ମଧ୍ୟ ବହୁବଚନାନ୍ତ ହୋଇଥାଏ । ଯଥା -

ତୁମେମାନେ ବଳବାନ୍ = ଯୂୟଂ ବଳବନ୍ତଃ । ତୁମେ ଦୁହେଁ, ଆମେ ଦୁହେଁ ମଧ୍ୟ ବଳବାନ୍ = ଯୁବାଂ ଆବାଂ ଚ ବଳବନ୍ତଃ । ହରି, ରାମ, ଓ ଶ୍ୟାମ ବଳବାନ୍ = ହରିଃ, ରାମଶ୍ଚ ଶ୍ୟାମଶ୍ଚ ବଳବନ୍ତଃ ।

୩. ଗୋଟିଏ ବିଶେଷଣ ପଦ ଭିନ୍ନ ଭିନ୍ନ ଲିଙ୍ଗର ବିଶେଷ୍ୟପଦମାନଙ୍କର ବିଶେଷଣ ହେଲେ (ଅର୍ଥାତ୍ ବିଶେଷ୍ୟମାନଙ୍କର ମଧ୍ୟରେ ଗୋଟିଏ ପୁଂଲିଙ୍ଗ, ଗୋଟିଏ ସ୍ତ୍ରୀଲିଙ୍ଗ ଏବଂ ଅପରଟି କ୍ଳୀବଲିଙ୍ଗ ହେଲେ) ବିଶେଷଣଟି ସର୍ବଦା କ୍ଳୀବଲିଙ୍ଗ ହୁଏ । ଯଥା -

ବନେଷୁ ବୃକ୍ଷାଃ, ଲତାଃ, ପତ୍ରାଣି, ପୁଷ୍ପାଣି, ଫଳାନି ଚ ମୟା ମନୋହରାଣି ଦୃଷ୍ଟାନି ।

୪. ବିଶେଷ୍ୟମାନଙ୍କ ମଧ୍ୟରେ କ୍ଳୀବଲିଙ୍ଗର ପଦ ନଥିଲେ ଅର୍ଥାତ୍ ବିଶେଷ୍ୟଗୁଡିକ ଯଦି ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ହୁଅନ୍ତି, ତେବେ ବିଶେଷଣ ପୁଂଲିଙ୍ଗ ହେବ । ଯଥା -

ମଗଧର ରାଜା ଓ ରାଣୀ ଦୁହେଁଯାକ ବଦାନ୍ୟ ଥିଲେ = ମଗଧାନାଂ ରାଜା ରାଜ୍ଞୀ ଚ ବଦାନ୍ୟୌ ଆସ୍ତାମ୍ । (ଏଠାରେ ବିଶେଷ୍ୟ ମଧ୍ୟରୁ ଗୋଟିଏ ପୁଂଲିଙ୍ଗ, ଅପରଟି ସ୍ତ୍ରୀଲିଙ୍ଗ ଥିବାରୁ ବିଶେଷଣ ପୁଂଲିଙ୍ଗ ହେଲା । ଏକବଚନାନ୍ତ ୨ଟି ବିଶେଷ୍ୟ ପଦର ବିଶେଷଣ ହୋଇଥିବାରୁ ଦ୍ୱିବଚନାନ୍ତ ମଧ୍ୟ ହେଲା) ।

୫. ବିଶେଷ୍ୟ ଭିନ୍ନ ଭିନ୍ନ ଲିଙ୍ଗର ହେଲେ ବିଶେଷଣ ସର୍ବଦା ପ୍ରଥମରେ କ୍ଳୀବ, ନଚେତ୍ ପୁଂଲିଙ୍ଗ ହୋଇଥାଏ । ଯଥା -

ସେହିପରି ମୁଁ ଓ ଦେବୀ ମଧ୍ୟ ଏ ଦୁଇ ଜଣଙ୍କର ପକ୍ଷପାତୀ = ପକ୍ଷପାତିନୌ ଅନୟୋରହଂ ଦେବୀ ଚ (ପୁଂଲିଙ୍ଗ ଦ୍ୱିବଚନ ହେଲା) । ସୁକୋମଳ ଲତା ଓ ପତ୍ରଗୁଡ଼ିଏ ଆଣ = ସୁକୋମଳାନି ଲତାଃ ପତ୍ରାଣି ଚ ଆନୟ । ଏଠାରେ ବିଶେଷ୍ୟ ମଧ୍ୟରେ କ୍ଳୀବଲିଙ୍ଗ ଥିବାରୁ ବିଶେଷଣ କ୍ଳୀବଲିଙ୍ଗ ବହୁବଚନାନ୍ତ ହେଲା ।

୬. ଅପବାଦ (ସର୍ବତ୍ର ଏହି ନିୟମ ଲାଗେ ନାହିଁ) । ସ୍ଥଳେ ସ୍ଥଳେ ବିଶେଷଣଟି ନିକଟବର୍ତ୍ତୀ ବିଶେଷ୍ୟର ଲିଙ୍ଗ ଓ ବଚନ ଗ୍ରହଣ କରିଥାଏ । ଯଥା-

ଯସ୍ୟ ବୀର୍ଯ୍ୟେଣ କୃତିନୋ ବୟଂ ଚ ଭୁବନାନି ଚ = ଯାହାଙ୍କ ବାହୁବଳରେ ଆମ୍ଭେମାନେ ଓ ଭୁବନସବୁ ମଧ୍ୟ କୃତକାର୍ଯ୍ୟ ହେଉଅଛୁ । ଏଠାରେ ନିୟମାନୁସାରେ କ୍ଲୀବଲିଙ୍ଗ ହେବାର କଥା; କିନ୍ତୁ ତାହା ନ ହୋଇ ନିକଟବର୍ତ୍ତୀ ବିଶେଷ୍ୟ ଅନୁସାରେ ପୁଂଲିଙ୍ଗ ହୋଇଅଛି ।

୭. ସ୍ତ୍ରୀଲିଙ୍ଗ ଶବ୍ଦ ପରେ ଜନ ବା ଲୋକପ୍ରକୃତି ଶବ୍ଦ ଥିଲେ ତାହା ପୁଂଲିଙ୍ଗ ହୁଏ, ସୁତରାଂ ତାହାର ବିଶେଷଣ ପୁଂଲିଙ୍ଗ ହୁଏ । ଯଥା -

ସାଧ୍ଵୀ ସ୍ତ୍ରୀଲୋକମାନେ - ସାଧବଃ ନାରୀଜନାଃ ବା ସ୍ତ୍ରୀଲୋକାଃ ।

୮. ଅବ୍ୟୟ ପଦର ବିଶେଷଣ କ୍ଲୀବଲିଙ୍ଗ ଓ ଏକବଚନାନ୍ତ ହୁଏ । ଯଥା-
ସୁନ୍ଦର ପ୍ରାତଃ କାଳ = ଶୋଭନଂ ପ୍ରାତଃ । ମିଛ କହିବ ନାହିଁ = ମିଥ୍ୟା ନ ବକ୍ତବ୍ୟମ୍ ।

୯. ବିଶେଷଣକୁ ପ୍ରଧାନତଃ ଛଅ ଭାଗରେ ବିଭକ୍ତ କରାଯାଇପାରେ । ଯଥା -

(କ) ଗୁଣବାଚକ ବିଶେଷଣ - ନୀଳ ଆକାଶ = ନୀଳଂ ନଭଃ ।
ରକ୍ତପଦ୍ମ = ରକ୍ତଂ ପଦ୍ମମ୍ ।
ବଡ଼ ଶିମିଳି ଗଛ - ବିଶାଳଃ ଶାଲ୍ମଳୀତରୁଃ ।

(ଖ) ପରିମାଣବାଚକ ବିଶେଷଣ - କମ୍ ପାଣି = ଅଳ୍ପଂ ଜଳମ୍ ।
ବେଶି ଧନ = ପ୍ରଚୁରଂ ଧନମ୍ । ବେଶି ଦୁଧ = ପ୍ରଚୁରଂ ଦୁଗ୍ଧମ୍ । ଅନେକ ଗଛ = ବହବସ୍ତରବଃ । ଅନେକ ନଈରୁ = ଅନେକାଭ୍ୟଃ ନଦୀଭ୍ୟଃ ।

(ଗ) ସଂଖ୍ୟାବାଚକ ବିଶେଷଣ - ଏହି ବିଶେଷଣଟି ଦୁଇ ଭାଗରେ ବିଭକ୍ତ
(୧) ସଂଖ୍ୟାବୋଧକ । ଯଥା -

ଗୋଟିଏ ପିଲା = ଏକଃ ବାଳକଃ । ଦୁଇଟି ସ୍ତ୍ରୀଲୋକ = ଦ୍ଵେ ନାର୍ଯ୍ୟୌ । ତିନୋଟି ଆମ୍ବ = ତ୍ରୀଣି ଆମ୍ରାଣି । ଚାରୋଟି ଗାଈ = ଚତସ୍ରଃ ଧେନବଃ ।

(ଗ) ପୂରଣବାଚକ ଯଥା -

ପ୍ରଥମ ପିଲା = ପ୍ରଥମଃ ବାଳକଃ । ଦ୍ୱିତୀୟ ବହି = ଦ୍ୱିତୀୟଂ ପୁସ୍ତକମ୍ । ତୃତୀୟଃ, ଚତୁର୍ଥଃ, ପଞ୍ଚମଃ, ଷଷ୍ଠଃ, ସପ୍ତମଃ, ଅଷ୍ଟମଃ, ନବମଃ, ଦଶମଃ ଇତ୍ୟାଦି ।

(ଘ) ବସ୍ତୁ ବା ବ୍ୟକ୍ତିବୋଧକ ବିଶେଷଣ ଯଥା -

ଏହି ପିଲା = ଅୟଂ ବାଳକଃ । ଏହି ବହିଗୁଡ଼ିକ = ଇମାନି ପୁସ୍ତକାନି । ସେହି ପୋଖରୀରେ - ତସ୍ୟାଂ ପୁଷ୍କରିଣ୍ୟାମ୍ । ସେହି ଫୁଲଗୁଡ଼ିକ = ଅମୂନି ପୁଷ୍ପାଣି ।

(ଙ) ଦୁଇଜଣ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ବିଶେଷଣ ପରେ 'ତର' ବା 'ଈୟସ୍' ପ୍ରତ୍ୟୟ ହୁଏ । 'ତର' ପ୍ରତ୍ୟୟାନ୍ତ ଶବ୍ଦର ରୂପ ପୁଂଲିଙ୍ଗରେ ନର, ସ୍ତ୍ରୀଲିଙ୍ଗରେ ଲତା ଏବଂ କ୍ଳୀବଲିଙ୍ଗରେ ଫଳ ଶବ୍ଦ ପରି ହୁଏ; କିନ୍ତୁ 'ଈୟସ୍' ପ୍ରତ୍ୟୟାନ୍ତ ଶବ୍ଦର ରୂପ ପୁଂଲିଙ୍ଗରେ ମହୀୟସ୍, ସ୍ତ୍ରୀଲିଙ୍ଗରେ ନଦୀ ଏବଂ କ୍ଳୀବଲିଙ୍ଗରେ ମନସ୍ ଶବ୍ଦ ପରି ହୁଏ । ଯଥା -

ଲଳିତା ବିଶାଖା ମଧ୍ୟରେ ଲଳିତା ବେଶି ପ୍ରିୟ - ଲଳିତାବିଶାଖୟୋଃ ଲଳିତା ପ୍ରିୟତରା ବା ପ୍ରେୟସୀ ।

(ଚ) ଅନେକଙ୍କ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ 'ତମ' ଓ 'ଇଷ୍ଠ' ପ୍ରତ୍ୟୟ ହୁଏ । 'ତମ' ଓ 'ଇଷ୍ଠ' ପ୍ରତ୍ୟୟାନ୍ତ ଶବ୍ଦର ରୂପ ପୁଂଲିଙ୍ଗରେ ନର, ସ୍ତ୍ରୀଲିଙ୍ଗରେ ଲତା ଏବଂ କ୍ଳୀବଲିଙ୍ଗରେ ଫଳ ଶବ୍ଦ ପରି ହୁଏ । ଯଥା -

ତୁମେ ଆମମାନଙ୍କ ମଧ୍ୟରେ ହାଲୁକା- ତ୍ୱଂ ଅସ୍ମାକଂ ଲଘୁତମଃ ବା ଲଘିଷ୍ଠଃ । ଗୋପୀଙ୍କ ମଧ୍ୟରେ ରାଧା କୃଷ୍ଣଙ୍କର ବେଶି ପ୍ରିୟ ଥିଲେ - ଗୋପୀଷୁ ରାଧା କୃଷ୍ଣସ୍ୟ ପ୍ରିୟତମା ବା ପ୍ରେଷ୍ଠା ଆସୀତ୍ । ଇଚ୍ଛାନୁସାରେ 'ତର' ବା 'ଈୟସ୍', 'ତମ' ବା 'ଇଷ୍ଠ' ବ୍ୟବହାର କରାଯାଇପାରେ । ତଥାପି ନିମ୍ନୋକ୍ତ ପ୍ରଚଳିତ କେତେକ 'ଈୟସ୍' ଓ 'ଇଷ୍ଠ' ପ୍ରତ୍ୟୟାନ୍ତ ପଦ ମାନେ ରଖିବା ଉଚିତ -

| | | |
|---|---|---|
| ଅଳ୍ପ | କନୀୟସ୍, ଅଳ୍ପୀୟସ୍ | କନିଷ୍ଠ,ଅଳ୍ପିଷ୍ଠ |
| ଉରୁ | ବରୀୟସ୍ | ବରିଷ୍ଠ |
| କୃଶ | କ୍ରଶୀୟସ୍ | କ୍ରଶିଷ୍ଠ |
| ଗୁରୁ | ଗରୀୟସ୍ | ଗରିଷ୍ଠ |
| ଦୀର୍ଘ | ଦ୍ରାଘୀୟସ୍ | ଦ୍ରାଘିଷ୍ଠ |
| ଦୂର | ଦବୀୟସ୍ | ଦବିଷ୍ଠ |
| ଦୃଢ଼ | ଦ୍ରଢ଼ୀୟସ୍ | ଦ୍ରଢ଼ିଷ୍ଠ |
| ପଟୁ | ପଟୀୟସ୍ | ପଟିଷ୍ଠ |
| ପୃଥୁ | ପ୍ରଥୀୟସ୍ | ପ୍ରଥିଷ୍ଠ |
| ପ୍ରଶସ୍ୟ | ଶ୍ରେୟସ୍; ଜ୍ୟାୟସ୍ | ଶ୍ରେଷ୍ଠ, ଜ୍ୟେଷ୍ଠ |
| ପ୍ରିୟ | ପ୍ରେୟସ୍ | ପ୍ରେଷ୍ଠ |
| ମୃଦୁ | ମ୍ରଦୀୟସ୍ | ମ୍ରଦିଷ୍ଠ |
| ବୃଦ୍ଧ | ବର୍ଷୀୟସ୍, ଜ୍ୟାୟସ୍ | ବର୍ଷିଷ୍ଠ, ଜ୍ୟେଷ୍ଠ |
| ଯୁବନ୍ | ଯବୀୟସ୍ | ଯବିଷ୍ଠ |
| ଲଘୁ | ଲଘୀୟସ୍ | ଲଘିଷ୍ଠ |
| ବହୁ | ଭୂୟସ୍ | ଭୂୟିଷ୍ଠ |
| ବହୁଳ | ବଂହୀୟସ୍ | ବଂହିଷ୍ଠ |
| ସ୍ଥିର | ସ୍ଥେୟସ୍ | ସ୍ଥେଷ୍ଠ |
| ସ୍ଥୂଳ | ସ୍ଥବୀୟସ୍ | ସ୍ଥବିଷ୍ଠ |
| କ୍ଷୁଦ୍ର | କ୍ଷୋଦୀୟସ୍ | କ୍ଷୋଦିଷ୍ଠ |

(ଛ) ବିଶେଷଣ ପରେ ଉତ୍କର୍ଷ ବା ଅପକର୍ଷ ବୁଝାଇଲେ 'ତର' ଓ 'ତମ' ମଧ୍ୟ ହୁଏ । ଉତ୍କଳ ଭାଷା ପରି ସଂସ୍କୃତରେ 'ତର' ଓ 'ତମ' ପ୍ରତ୍ୟୟାନ୍ତ ପଦ ନିଷ୍ପନ୍ନ ହୁଏ । ଯଥା - ମଧୁରତର, ମଧୁରତମ ।

(ଜ) ସର୍ବନାମ ଶବ୍ଦ ବିଶେଷଣ ରୂପରେ ବ୍ୟବହୃତ ହେଲେ ବିଶେଷଣ ପରି ବିଶେଷ୍ୟାନୁସାରେ ସେମାନଙ୍କର ଲିଙ୍ଗ, ବଚନ ଓ ବିଭକ୍ତି ହୋଇଥାଏ, ଯଥା - ସେହି ଲୋକ = ସଃ ନରଃ । ସେହି ସ୍ତ୍ରୀ = ସା ନାରୀ ।

## ଅନୁଶୀଳନୀ

୧. ଅନୁବାଦଂ କୁରୁତ -

ସୁନ୍ଦର ପକ୍ଷୀଗୁଡ଼ିଏ । ସାହସୀ ଲୋକଟାଏ । ତେଙ୍ଗା ବାଳକ ଦ୍ୱାରା । ଗରିବ ବାଳିକାକୁ । ବଣୁଆ ପଶୁଗୁଡ଼ାକ । ଚାରି ବେଦ । ଦୁଇଜଣ ଦୁର୍ବଳ ଶିଶୁ । ପିଲାଙ୍କ ଭିତରେ ମଧୁ ବେଶୀ ବୁଦ୍ଧିମାନ୍ । ସୂର୍ଯ୍ୟ ଚନ୍ଦ୍ରଠାରୁ ଖୁବ୍ ବଡ଼ । ତୁମ ଭାଇଟି ମୋ ଭାଇ ଅପେକ୍ଷା ବେଶୀ ଭାରୀ । ରାମ ଶ୍ୟାମଠାରୁ ସାନ । ସବା ବଡ଼ ଭାଇର ବହି । ବିଶାଖା ଓ ଲଳିତାର ବୁଦ୍ଧି ଅତି ପ୍ରଖର । ସୀତା ଓ ରାମ ଦୁହେଁଯାକ ଭାରୀ ଉଦାର ।

୨. ସଂଶୋଧନଂ କୁରୁତ -

ଉଜ୍ଜ୍ୱଳ ନକ୍ଷତ୍ରାଣି । ସୁଖୀ ନରାଃ । ସୁଶୀଳା ବାଳିକାଭିଃ । ସୁଶୀଲୋ ବାଳକୈଃ । ବିଦ୍ୱାନ୍ ରାଜ୍ଞୀ । ବିଦୁଷୀ ନାର୍ଯ୍ୟା । ମହାନ୍ ଗିରେଃ । ଘନ ବନୈଃ । ବୃହତ୍ ବୃକ୍ଷାନ୍ । ରାମଃ ଗୋପାଳସ୍ୟ ବୁଦ୍ଧିମାନ୍ । ପର୍ବତେଷୁ ସୁମେରୁଃ ଉନ୍ନତତରଃ । ରାଜା ରାଜ୍ଞୀ ଚ ପ୍ରସନ୍ନେ । ସୂର୍ଯ୍ୟଃ ଚନ୍ଦ୍ରାତ୍ ବୃହତ୍ । ସମାନା ହି ଅସ୍ମାକଂ ବୟଃ ବିଦ୍ୟା ବିତ୍ତଂ ଚ ।

୩. ପ୍ରଦତ୍ତୈଃ ବିଶେଷ୍ୟପଦୈଃ ସହ ବିଶେଷଣପଦାନି ସଂଯୋଜୟତ-

ରାତ୍ରୀ, ଅଶ୍ୱେନ, ତରୁଣମ୍, ସରିତ୍ସୁ, ଅଶ୍ୱେନ, ଦୁର୍ଯ୍ୟୋଧନାୟ, ବୃକ୍ଷଃ, ରାଜ୍ଞାମ୍, ପୁତ୍ର୍ୟାସ୍ତେ, ସମୁଦ୍ରଃ, ନଦୀ, କଳେବରଃ, ଅପାମ୍, ଗୋଷ୍ଠୁ, ବୁଦ୍ଧିଃ, ମାତୃଷୁ, ଖାଦିକା, ନୌଭିଃ, ମଧୁନି, ନାରୀମ୍, ପୁଷ୍ପେଭ୍ୟଃ, ଲତାଭିଃ, ସ୍ତ୍ରୀଲୋକମ୍, ଆତପେଷୁ, ବର୍ଷାସୁ ।

***

# ୭ - ସୁବନ୍ତ ପ୍ରକରଣ

'ସୁପ୍' ଅଛି ଅନ୍ତ ବା ଶେଷରେ ଯାହାର ତାହା ହିଁ ସୁବନ୍ତ । ମୂଳ ଶବ୍ଦ ପ୍ରକୃତି ବା ପ୍ରାତିପଦିକରୁ ସାତୋଟି ବିଭକ୍ତି ହୁଏ । ଯଥା - ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ । ପ୍ରତ୍ୟେକ ବିଭକ୍ତିର ତିନୋଟି ବଚନ ରହିଛି । ଯଥା - ଏକବଚନ, ଦ୍ୱିବଚନ ଓ ବହୁବଚନ ।

ସମସ୍ତ ବିଭକ୍ତି ଓ ବଚନ ପାଇଁ ମୋଟରେ ଏକୋଇଶଗୋଟି ପ୍ରତ୍ୟୟ ରହିଥାଏ । ସେଥିମଧ୍ୟରୁ ପ୍ରଥମାବିଭକ୍ତିର ଏକ ବଚନପାଇଁ ଉଦ୍ଦିଷ୍ଟ 'ସୁ'ରୁ 'ସୁ' ଏବଂ ସପ୍ତମୀବିଭକ୍ତିର ବହୁବଚନପାଇଁ ଉଦ୍ଦିଷ୍ଟ 'ସୁପ୍'ରୁ 'ପ୍' ଏହିଭଳି ସମସ୍ତ ବିଭକ୍ତି ଓ ବଚନଗୁଡ଼ିକପାଇଁ ଉଦ୍ଦିଷ୍ଟ ପ୍ରତ୍ୟାହାର (ବା ସଂକେତ)କୁ 'ସୁପ୍' ବୋଲି କୁହାଯାଏ । ସମସ୍ତ ଶବ୍ଦରୂପର ଶେଷରେ ଏହି ସୁପ୍ ପ୍ରଯୋଗ ହୋଇଥିବାରୁ ସେଗୁଡ଼ିକୁ ସୁବନ୍ତ ବୋଲି କହନ୍ତି ।

**ବିଭକ୍ତି, କାରକ ଏବଂ ତାର ଚିହ୍ନ :**

| ବିଭକ୍ତି | କାରକ / କାରଣ | ଚିହ୍ନ |
|---|---|---|
| ପ୍ରଥମା | କର୍ତ୍ତା | ଟିଏ, ଟି, ଟାଏ, ଗୁଡ଼ିକ, ଗୁଡ଼ାକ |
| ଦ୍ୱିତୀୟା | କର୍ମ | କୁ, ଙ୍କୁ, ମାନଙ୍କୁ |
| ତୃତୀୟା | କରଣ | ରେ, ଦ୍ୱାରା, ଦେଇ |
| ଚତୁର୍ଥୀ | ସମ୍ପ୍ରଦାନ | କୁ ମାନଙ୍କୁ (ଦାନାର୍ଥେ) ପାଇଁ, ନିମନ୍ତେ, ସକାଶେ |
| ପଞ୍ଚମୀ | ଅପାଦାନ | ରୁ, ଠାରୁ, ମାନଙ୍କଠାରୁ |
| ଷଷ୍ଠୀ | ସମ୍ବନ୍ଧ | ର, ଙ୍କର, ମାନଙ୍କର |
| ସପ୍ତମୀ | ଅଧିକରଣ | ରେ, ଠାରେ, ମାନଙ୍କଠାରେ |
| ସମ୍ବୋଧନ ପ୍ରଥମା | - | ରେ, ଅରେ, ହେ, ଆହେ । |

ଉପର୍ଯ୍ୟୁକ୍ତ ଚିହ୍ନଗୁଡିକ ଉଦ୍ଦେଶ୍ୟରେ ପ୍ରତ୍ୟୟଗୁଡିକ ନିର୍ଦ୍ଦିଷ୍ଟ ଶବ୍ଦର ପରେ ଯୋଗ କରାଯାଇ ସଂସ୍କୃତରେ ଶବ୍ଦରୂପର ରଚନା କରାଯାଇଥାଏ । ଏଗୁଡିକ ଶବ୍ଦ ସାଙ୍ଗରେ ଲାଗିବା ସଙ୍ଗେ ସଙ୍ଗେ ଶବ୍ଦର ରୂପ ମଧ୍ୟ ବଦଳିଯାଏ ।

## ଶବ୍ଦରୂପ (ସୁବନ୍ତ)

ସଂସ୍କୃତରେ କେବଳ ପ୍ରକୃତି ବା କେବଳ ପ୍ରତ୍ୟୟର ପ୍ରୟୋଗ ହୁଏ ନାହିଁ । ପ୍ରକୃତି ଓ ପ୍ରତ୍ୟୟ ଯୋଗରେ ନିଷ୍ପନ୍ନ ଶବ୍ଦ ବିଭକ୍ତ୍ୟନ୍ତ ହେଲେ ତାର ପ୍ରୟୋଗ ହୁଏ । *(ନ କେବଳା ପ୍ରକୃତିଃ ପ୍ରୟୋକ୍ତବ୍ୟା ନାପି ପ୍ରତ୍ୟୟଃ । ଅପଦଂ ନ ପ୍ରଯୁଞ୍ଜୀତ (ମହାଭାଷ୍ୟ)* ।

ପଦର ନିଷ୍ପତ୍ତି ପାଇଁ ଶବ୍ଦ-ପ୍ରକୃତିରୁ ସୁପ୍ (ସୁ-ଔ-ଜସ୍ ପ୍ରଭୃତି) ଓ ଧାତୁ ପ୍ରକୃତିରୁ ତିଙ୍ (ତିପ୍, ତସ୍, ଝି ପ୍ରଭୃତି)ର ପ୍ରୟୋଗ ହୁଏ । *(ସୁପ୍ତିଙନ୍ତଂ ପଦମ୍ - ପା.୧.୪.୧୪)* । ସୁପ୍ ଓ ତିଙ୍ ପ୍ରତ୍ୟୟକୁ ବିଭକ୍ତି କୁହାଯାଏ । *(ବିଭକ୍ତିଶ୍ଚ - ପା.୧.୪.୧୦୪ । ଙ୍ୟାପ୍ ପ୍ରାତିପଦିକାତ୍ - ପା.୪.୧.୧)* । ବିଭକ୍ତି ଓ ବଚନମାନଙ୍କରେ ଶବ୍ଦ-ପ୍ରକୃତିରୁ ବ୍ୟବହୃତ ହେଉଥିବା ସୁପ୍ ଇତ୍ୟାଦି ନିମ୍ନରେ ପ୍ରଦର୍ଶିତ ହେଲା ।

### ବିଭକ୍ତି ଓ ବଚନର ସ୍ୱରୂପ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସୁ=ସ୍ | ଔ | ଜସ୍ (ଅଃ) |
| ଦ୍ୱିତୀୟା | ଅମ୍ | ଔଟ୍ (ଔ) | ଶସ୍ (ଅଃ) |
| ତୃତୀୟା | ଟା=ଆ | ଭ୍ୟାମ୍ | ଭିସ୍=ଭିଃ |
| ଚତୁର୍ଥୀ | ଙେ=ଏ | ଭ୍ୟାମ୍ | ଭ୍ୟସ୍ |
| ପଞ୍ଚମୀ | ଙସି=ଅସ୍ | ଭ୍ୟାମ୍ | ଭ୍ୟସ୍ |
| ଷଷ୍ଠୀ | ଙସ୍=ଅସ୍ (ସ୍ୟ) | ଓସ୍=ଓଃ (ୟୋଃ) | ଆମ୍ |
| ସପ୍ତମୀ | ଙି=ଇ (ଏ) | ଓସ୍=ଓଃ (ୟୋଃ) | ସୁପ୍ (ସୁ,ଷୁ) |
| ସମ୍ବୋଧନ | ସୁ=ସ୍ (୦) | ଔ | ଜସ୍ (ଅଃ) |

ଶବ୍ଦରୂପ ଦୁଇପ୍ରକାରରେ ଯଥା - ୧. ଅଜନ୍ତ /ସ୍ୱରାନ୍ତ (ଅଚ୍ ବା ସ୍ୱର ଅନ୍ତ ବା ଶେଷରେ ଯାହାର ଅଛି ସେହି) ୨. ହଳନ୍ତ / ବ୍ୟଞ୍ଜନାନ୍ତ (ହଲ୍ ବା ବ୍ୟଞ୍ଜନଗୁଡ଼ିକ ଶେଷରେ ଅଛି ଯାହାର ସେହି) ।

ସମ୍ବୋଧନ ପ୍ରଥମା ବିଭକ୍ତିର ଅନ୍ତର୍ଗତ । ଏହାର ଏକବଚନ ରୂପ ପ୍ରଥମା ବିଭକ୍ତି ରୂପ ଠାରୁ ଟିକିଏ ଭିନ୍ନ ।

ନିମ୍ନରେ ଉଦାହରଣ ସ୍ୱରୂପ ଦେବ ଶବ୍ଦ, ତହିଁରୁ ହେଉଥିବା ବିଭକ୍ତି ସୁପ୍ ପ୍ରତ୍ୟୟ, ଉକ୍ତ ପ୍ରତ୍ୟୟ ଯୋଗରେ ହେଉଥିବା ବିଭିନ୍ନ ଶବ୍ଦରୂପ ଓ ସେମାନଙ୍କ ଅର୍ଥ ପ୍ରଦତ୍ତ ହେଲା -

**ଦେବ (ଦେବତା) - 'ଅ' କାରାନ୍ତ (ଯେଉଁ ଶବ୍ଦ ଉଚ୍ଚାରଣ କଲେ ଶେଷରେ 'ଅ'କାର ଆସେ) ପୁଂଲିଙ୍ଗ**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ୧ମା | ଦେବ+ସୁ=ଦେବଃ | ଦେବ+ଔ=ଦେବୌ | ଦେବ+ଜସ୍=ଦେବାଃ |
| | ଜଣେ ଦେବ | ଦୁଇଜଣ ଦେବ | ଦେବମାନେ |
| ୨ୟା | ଦେବ+ଅମ୍=ଦେବମ୍ | ଦେବ+ଔଟ୍=ଦେବୌ | ଦେବ+ଶସ୍=ଦେବାନ୍ |
| | ଜଣେ ଦେବଙ୍କୁ | ଦୁଇଜଣ ଦେବଙ୍କୁ | ଦେବମାନଙ୍କୁ |
| ୩ୟା | ଦେବ+ଟା=ଦେବେନ | ଦେବ+ଭ୍ୟାମ୍=ଦେବାଭ୍ୟାମ୍ | ଦେବ+ଭିସ୍=ଦେବୈଃ |
| | ଜଣେ ଦେବଙ୍କଦ୍ୱାରା | ଦୁଇଜଣ ଦେବଙ୍କଦ୍ୱାରା | ଦେବମାନଙ୍କଦ୍ୱାରା |
| ୪ର୍ଥୀ | ଦେବ+ଙେ=ଦେବାୟ | ଦେବ+ଭ୍ୟାମ୍=ଦେବାଭ୍ୟାମ୍ | ଦେବ+ଭ୍ୟସ୍=ଦେବେଭ୍ୟଃ |
| | ଜଣେ ଦେବଙ୍କୁ(ଦାନାର୍ଥେ) | ଦୁଇଜଣ ଦେବଙ୍କୁ | ଦେବମାନଙ୍କୁ |
| ୫ମୀ | ଦେବ+ଙସି=ଦେବାତ୍ | ଦେବ+ଭ୍ୟାମ୍=ଦେବାଭ୍ୟାମ୍ | ଦେବ+ଭ୍ୟସ୍=ଦେବେଭ୍ୟଃ |
| | ଜଣେ ଦେବଙ୍କଠାରୁ | ଦୁଇଜଣ ଦେବଙ୍କଠାରୁ | ଦେବମାନଙ୍କଠାରୁ |
| ୬ଷ୍ଠୀ | ଦେବ+ଙସ୍=ଦେବସ୍ୟ | ଦେବ+ଓସ୍=ଦେବୟୋଃ | ଦେବ+ଆମ୍=ଦେବାନାମ୍ |
| | ଜଣେ ଦେବଙ୍କର | ଦୁଇଜଣ ଦେବଙ୍କର | ଦେବମାନଙ୍କର |

| | | |
|---|---|---|
| ୭ମୀ ଦେବ+ଙି=ଦେବେ | ଦେବ+ଓସ୍=ଦେବୟୋଃ | ଦେବ+ସୁପ୍=ଦେବେଷୁ |
| ଜଣେ ଦେବଙ୍କଠାରେ | ଦୁଇଜଣ ଦେବଙ୍କଠାରେ | ଦେବମାନଙ୍କଠାରେ |
| ସମ୍ବୋଧନ ଦେବ+ସୁ=ଦେବ | ଦେବ+ଔ=ଦେବୌ | ଦେବ+ଜସ୍=ଦେବାଃ |
| ହେ ଦେବ! | ହେ ଦେବଦ୍ୱୟ! | ହେ ଦେବବୃନ୍ଦ! |

୧. କେତେକ 'ଅ'କାରାନ୍ତ ପୁଂଲିଙ୍ଗ ଶବ୍ଦ – ନର, ଅସୁର, ବାଳ, ବାଳକ, ଛାତ୍ର, ଅଧ୍ୟାପକ, ବିଦ୍ୟାଳୟ, କପୋତ, ଅଶ୍ୱ, ଗଜ, ଜନ, କାକ, ରକ୍ଷକ, ପାଠକ, ନୃପ, ମୂଷିକ, ମାର୍ଜାର, ଭୃତ୍ୟ, ଅନଳ, କୁକ୍କୁର, ଶୁକ, ପିକ, ମୟୂର, ବ୍ୟାଧ, କର, ଘଟ, ବକ, ଅନିଳ, ବୁଧ, ସର୍ପ, ଭୁଜଙ୍ଗ, ଖଗ, ବିହଗ, ରଜକ, ପାଚକ, ସୁଦ (ରୋଷେଇଆ), ତୁରଙ୍ଗ, ହସ୍ତ, ନାପିତ, ପାଦ, ଦର୍ପଣ, କୂପ, ମନୁଷ୍ୟ, ମାନବ, ବୃଷଭ, ଶୃଗାଳ, ମାତୁଳ, ବାୟସ (କାଉ), ସ୍ରଷ୍ଟା, ଲୌହକାର, ସ୍ୱର୍ଣ୍ଣକାର, ଭୂପ, ବିଡାଳ, ସାରମେୟ (କୁକ୍କୁର), ପୁତ୍ର, ସୁତ, ପର୍ବତ, ମେଘ, ସମୁଦ୍ର, ଗୁଣ, କେଶ, ଦନ୍ତ, କର୍ଣ୍ଣ, ନଖ, ମାସ, ଦିବସ, ରସ, ତରଙ୍ଗ, ପାକ, ମନ୍ତ୍ର, କିରଣ, ଜୟ, ବିନୟ, ଆନନ୍ଦ, ଯନ୍ତ୍ର, ଯଜ୍ଞ, ଭାର, ଆକାଶ, ପୁରସ୍କାର, ପ୍ରଶ୍ନ, ମୂର୍ଖ, ସିଂହ, ବୃକ୍ଷ, ଗ୍ରାମ, ରୋଗ, ଧର୍ମ, ରଥ, ମିତ୍ର (ସୂର୍ଯ୍ୟ), ଈଶ୍ୱର, ନର୍ତ୍ତକ, ଗାୟକ, ଦେବର, ପଣ୍ଡିତ, ପବନ, ସନ୍ତାନ, ପୂର୍ବାହ୍ଣ, ଅପରାହ୍ଣ, ଶୋକ, ମାର୍ଗ, ଯାଗ ଆଦି ଅକାରାନ୍ତ ପୁଂଲିଙ୍ଗ ଶବ୍ଦ ଅଟେ । ଏହି ଶବ୍ଦମାନଙ୍କର ରୂପ 'ଦେବ' ଶବ୍ଦର ରୂପ ପରି ହେବ ।

ଶିକ୍ଷକ, ବୃକ୍ଷ, ମାର୍ଗ, ରୋଗ, ହାର, ଗ୍ରାମ, ରାମ .......... ପ୍ରଭୃତି ଶବ୍ଦର ତୃତୀୟା ଏକବଚନ ଓ ଷଷ୍ଠୀ ବହୁବଚନରେ 'ନ' ସ୍ଥାନରେ 'ଣ' ହୁଏ ।

ଦାର (ପତ୍ନୀ), ପ୍ରାଣ, ଲାଜ, (ଖିଆ) ଓ ଅକ୍ଷତ (ଅରୁଆଚାଉଳ) ଶବ୍ଦ ନିତ୍ୟ ବହୁବଚନାନ୍ତ । ଯଥା – ଦାରାଃ, ଦାରାନ୍, ଦାରୈଃ, ଦାରେଭ୍ୟଃ, ଦାରେଭ୍ୟଃ, ଦାରାଣାମ୍, ଦାରେଷୁ । ପ୍ରାଣ, ଲାଜ ଓ ଅକ୍ଷତ ଶବ୍ଦର ରୂପ ଏହିପରି ।

'ଗୃହ' ଶବ୍ଦ ପୁଂଲିଙ୍ଗ ଓ କ୍ଲୀବଲିଙ୍ଗ । ପୁଂଲିଙ୍ଗ ଗୃହଶବ୍ଦ ନିତ୍ୟ ବହୁବଚନାନ୍ତ । ଯଥା - ଗୃହାଃ, ଗୃହାନ୍, ଗୃହୈଃ, ଗୃହେଭ୍ୟଃ, ଗୃହେଭ୍ୟଃ, ଗୃହାଣାମ୍, ଗୃହେଷୁ । (*ଗୃହାଃ ପତ୍ନ୍ୟାଂ ଚ ବେଶ୍ମନି*) ।

କୃଦନ୍ତ, ତଦ୍ଧିତାନ୍ତ ଓ ସମସ୍ତପଦ ଅକାରାନ୍ତ ପୁଂଲିଙ୍ଗ ହୋଇଥିଲେ ଦେବ ଶବ୍ଦ ପରି ରୂପ ପ୍ରାପ୍ତ ହୁଅନ୍ତି ।

### ୨. 'ଆ' କାରାନ୍ତ - ସୋମପା (ସୋମରସପାନକାରୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସୋମପାଃ | ସୋମପୌ | ସୋମପାଃ |
| ଦ୍ୱିତୀୟା | ସୋମପାମ୍ | ସୋମପୌ | ସୋମପଃ |
| ତୃତୀୟା | ସୋମପା | ସୋମପାଭ୍ୟାମ୍ | ସୋମପାଭିଃ |
| ଚତୁର୍ଥୀ | ସୋମପେ | ସୋମପାଭ୍ୟାମ୍ | ସୋମପାଭ୍ୟଃ |
| ପଞ୍ଚମୀ | ସୋମପଃ | ସୋମପାଭ୍ୟାମ୍ | ସୋମପାଭ୍ୟଃ |
| ଷଷ୍ଠୀ | ସୋମପଃ | ସୋମପୋଃ | ସୋମପାମ୍ |
| ସପ୍ତମୀ | ସୋମପି | ସୋମପୋଃ | ସୋମପାସୁ |
| ସମ୍ବୋଧନ | ସୋମପାଃ | ସୋମପୌ | ସୋମପାଃ |

ବିଶ୍ୱପା (ବିଶ୍ୱପାଳକ), ମଧୁପା (ମଦ୍ୟପ), ଶଙ୍ଖଧ୍ମା (ଶଙ୍ଖବଜାଳି) ଓ ଗୋପା (ଗାଈଜଗୁଆଳ) ପ୍ରଭୃତି ଶବ୍ଦର ରୂପ ସୋମପା ଶବ୍ଦର ରୂପ ପରି ।

### ୩. ହ୍ରସ୍ୱ 'ଇ'କାରାନ୍ତ ପୁଂଲିଙ୍ଗ ଶବ୍ଦ
### ମୁନି (ମନନଶୀଳ, ବେଦାଦିଶାସ୍ତ୍ରର ଅବଗନ୍ତା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମୁନିଃ | ମୁନୀ | ମୁନୟଃ |
| ଦ୍ୱିତୀୟା | ମୁନିମ୍ | ମୁନୀ | ମୁନୀନ୍ |
| ତୃତୀୟା | ମୁନିନା | ମୁନିଭ୍ୟାମ୍ | ମୁନିଭିଃ |
| ଚତୁର୍ଥୀ | ମୁନୟେ | ମୁନିଭ୍ୟାମ୍ | ମୁନିଭ୍ୟଃ |
| ପଞ୍ଚମୀ | ମୁନେଃ | ମୁନିଭ୍ୟାମ୍ | ମୁନିଭ୍ୟଃ |

| | | | |
|---|---|---|---|
| ଷଷ୍ଠୀ | ମୁନେଃ | ମୁନ୍ୟୋଃ | ମୁନୀନାମ୍ |
| ସପ୍ତମୀ | ମୁନୌ | ମୁନ୍ୟୋଃ | ମୁନିଷୁ |
| ସମ୍ବୋଧନ | ମୁନେ | ମୁନୀ | ମୁନୟଃ |

ନିଧି, ଜଳଧି, ଜମ୍ବୁଧି, ବିଧି, ଅଗ୍ନି, କପି, ଗିରି, ରବି, ହରି, କବି, ଋଷି ପ୍ରଭୃତି ହ୍ରସ୍ୱ ଇକାରାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ମୁନିଶବ୍ଦର ରୂପ ପରି ହେବ । ଦାଶରଥି ଆଦି ତଦ୍ଧିତାନ୍ତ ପଦ ତଥା ସ୍ଥିରବୁଦ୍ଧି ଆଦି ବହୁବ୍ରୀହି ସମାସ ନିଷ୍ପନ୍ନପଦର ରୂପ ମଧ୍ୟ ମୁନି ଶବ୍ଦର ରୂପପରି ହେବ । ପତି *(ପତିଃ ସମାସ ଏବ - ପା. ୧.୪.୮)* ଶବ୍ଦ ପରେ ଆଉ ସମାସ ହୋଇଥିଲେ 'ମୁନି' ପରି ରୂପ ହେବ । ଯଥା- ସଭାପତି, ମହାପତି, ଶ୍ରୀପତି, ଅଧିପତି ଇତ୍ୟାଦି । ଗିରି ଶବ୍ଦର ଷଷ୍ଠୀ ଓ ସପ୍ତମୀ ଦ୍ୱିବଚନରେ **'ଗିର୍ଯ୍ୟୋଃ'** ହୁଏ ।

### ସଖି (ବନ୍ଧୁ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସଖା | ସଖାୟୌ | ସଖାୟଃ |
| ଦ୍ୱିତୀୟା | ସଖାୟମ୍ | ସଖାୟୌ | ସଖୀନ୍ |
| ତୃତୀୟା | ସଖ୍ୟା | ସଖିଭ୍ୟାମ୍ | ସଖିଭିଃ |
| ଚତୁର୍ଥୀ | ସଖ୍ୟେ | ସଖିଭ୍ୟାମ୍ | ସଖିଭ୍ୟଃ |
| ପଞ୍ଚମୀ | ସଖ୍ୟୁଃ | ସଖିଭ୍ୟାମ୍ | ସଖିଭ୍ୟଃ |
| ଷଷ୍ଠୀ | ସଖ୍ୟୁଃ | ସଖ୍ୟୋଃ | ସଖୀନାମ୍ |
| ସପ୍ତମୀ | ସଖ୍ୟୌ | ସଖ୍ୟୋଃ | ସଖିଷୁ |
| ସମ୍ବୋଧନ | ସଖେ | ସଖାୟୌ | ସଖାୟଃ |

### ପତି (ପ୍ରଭୁ, ସ୍ୱାମୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପତିଃ | ପତୀ | ପତୟଃ |
| ଦ୍ୱିତୀୟା | ପତିମ୍ | ପତୀ | ପତୀନ୍ |

| | | | |
|---|---|---|---|
| ତୃତୀୟା | ପତ୍ୟା | ପତିଭ୍ୟାମ୍ | ପତିଭିଃ |
| ଚତୁର୍ଥୀ | ପତ୍ୟେ | ପତିଭ୍ୟାମ୍ | ପତିଭ୍ୟଃ |
| ପଞ୍ଚମୀ | ପତ୍ୟୁଃ | ପତିଭ୍ୟାମ୍ | ପତିଭ୍ୟଃ |
| ଷଷ୍ଠୀ | ପତ୍ୟୁଃ | ପତ୍ୟୋଃ | ପତୀନାମ୍ |
| ସପ୍ତମୀ | ପତ୍ୟୌ | ପତ୍ୟୋଃ | ପତିଷୁ |
| ସମ୍ବୋଧନ | ପତେ | ପତୀ | ପତୟଃ |

'ପତି'ଶବ୍ଦର ଅନ୍ୟ ଶବ୍ଦ ସହ ସମାସ ହେଲେ ଅର୍ଥାତ୍ 'ଭୂପତି' 'ମହୀପତି' ପ୍ରଭୃତି ଶବ୍ଦର ରୂପ 'ମୁନି' ଶବ୍ଦର ରୂପ ପରି ହେବ ।

କତି (କେତେ) ଶବ୍ଦ ବହୁତ ଅର୍ଥକୁ ବୁଝାଏ । ଅତଏବ ନିତ୍ୟ ବହୁବଚନାନ୍ତ । ଯଥା - କତି, କତି, କତିଭିଃ, କତିଭ୍ୟଃ, କତିଭ୍ୟଃ, କତୀନାମ୍, କତିଷୁ ଏବଂ ହେ କତି । ଯତି ଓ ତତି ଶବ୍ଦର ରୂପ ଏହିପରି ହେବ ।

## ୪. ଦୀର୍ଘ 'ଈ'କାରାନ୍ତ ପୁଂଲିଙ୍ଗଶବ୍ଦ

### ସୁଧୀ (ସୁବୁଦ୍ଧିମାନ୍, ପଣ୍ଡିତ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସୁଧୀଃ | ସୁଧିୟୌ | ସୁଧିୟଃ |
| ଦ୍ୱିତୀୟା | ସୁଧିୟମ୍ | ସୁଧିୟୌ | ସୁଧିୟଃ |
| ତୃତୀୟା | ସୁଧିୟା | ସୁଧୀଭ୍ୟାମ୍ | ସୁଧୀଭିଃ |
| ଚତୁର୍ଥୀ | ସୁଧିୟେ | ସୁଧୀଭ୍ୟାମ୍ | ସୁଧୀଭ୍ୟଃ |
| ପଞ୍ଚମୀ | ସୁଧିୟଃ | ସୁଧୀଭ୍ୟାମ୍ | ସୁଧୀଭ୍ୟଃ |
| ଷଷ୍ଠୀ | ସୁଧିୟଃ | ସୁଧିୟୋଃ | ସୁଧିୟାମ୍ |
| ସପ୍ତମୀ | ସୁଧିୟି | ସୁଧିୟୋଃ | ସୁଧୀଷୁ |
| ସମ୍ବୋଧନ | ସୁଧୀଃ | ସୁଧିୟୌ | ସୁଧିୟଃ |

ସୁଶ୍ରୀ (ସୁନ୍ଦର) ଶବ୍ଦର ରୂପ ସୁଧୀ ଶବ୍ଦର ରୂପ ପରି ହୁଏ ।

### ସଖୀ (ମିତ୍ରତା ଇଚ୍ଛାକରୁଥିବା / *ସଖାସମ୍ମିଚ୍ଛତୀତି*)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସଖା | ସଖାୟୌ | ସଖାୟଃ |
| ଦ୍ୱିତୀୟା | ସଖାୟମ୍ | ସଖାୟୌ | ସଖ୍ୟଃ |
| ତୃତୀୟା | ସଖ୍ୟା | ସଖୀଭ୍ୟାମ୍ | ସଖୀଭିଃ |
| ଚତୁର୍ଥୀ | ସଖ୍ୟେ | ସଖୀଭ୍ୟାମ୍ | ସଖୀଭ୍ୟଃ |
| ପଞ୍ଚମୀ | ସଖ୍ୟୁଃ | ସଖୀଭ୍ୟାମ୍ | ସଖୀଭ୍ୟଃ |
| ଷଷ୍ଠୀ | ସଖ୍ୟୁଃ | ସଖ୍ୟୋଃ | ସଖ୍ୟାମ୍ |
| ସପ୍ତମୀ | ସଖ୍ୟୌ | ସଖ୍ୟୋଃ | ସଖୀଷୁ |
| ସମ୍ବୋଧନ | ସଖା | ସଖାୟୌ | ସଖାୟଃ |

### ସଖୀ (*ଖେନସହ ଅଗ୍ରୀତି ସଖ୍ୟ ସଖମିଚ୍ଛତୀତି*)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସଖୀଃ | ସଖ୍ୟୌ | ସଖ୍ୟଃ |
| ଦ୍ୱିତୀୟା | ସଖ୍ୟମ୍ | ସଖ୍ୟୌ | ସଖ୍ୟଃ |
| ତୃତୀୟା | ସଖ୍ୟା | ସଖୀଭ୍ୟାମ୍ | ସଖୀଭିଃ |
| ସପ୍ତମୀ | ସଖ୍ୟି | ସଖ୍ୟୋଃ | ସଖୀଷୁ |
| ସମ୍ବୋଧନ | ସଖୀ | ସଖ୍ୟୌ | ସଖ୍ୟଃ |

ଅନ୍ୟସମସ୍ତ ବିଭକ୍ତିର ରୂପ ଉପର୍ଯ୍ୟୁକ୍ତ ସଖୀ ଶବ୍ଦପରି ହୋଇଥାଏ । ଏହିଭଳି ସୁଖୀ, ସୁତୀ (ପୁତ୍ର ଇଚ୍ଛା କରୁଛି ଯେ) ଇତ୍ୟାଦିଙ୍କର ରୂପ ମଧ୍ୟ ସଖୀ ଶବ୍ଦଭଳି ହୋଇଥାଏ ।

### ୫. ହ୍ରସ୍ୱ 'ଉ'କାରାନ୍ତ ପୁଂଲିଙ୍ଗଶବ୍ଦ

### ସାଧୁ (ସଜ୍ଜନ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସାଧୁଃ | ସାଧୂ | ସାଧବଃ |
| ଦ୍ୱିତୀୟା | ସାଧୁମ୍ | ସାଧୂ | ସାଧୂନ୍ |

| | | | |
|---|---|---|---|
| ତୃତୀୟା | ସାଧୁନା | ସାଧୁଭ୍ୟାମ୍ | ସାଧୁଭିଃ |
| ଚତୁର୍ଥୀ | ସାଧବେ | ସାଧୁଭ୍ୟାମ୍ | ସାଧୁଭ୍ୟଃ |
| ପଞ୍ଚମୀ | ସାଧୋଃ | ସାଧୁଭ୍ୟାମ୍ | ସାଧୁଭ୍ୟଃ |
| ଷଷ୍ଠୀ | ସାଧୋଃ | ସାଧ୍ୱୋଃ | ସାଧୂନାମ୍ |
| ସପ୍ତମୀ | ସାଧୌ | ସାଧ୍ୱୋଃ | ସାଧୁଷୁ |
| ସମ୍ବୋଧନ | ସାଧୋ | ସାଧୂ | ସାଧବଃ |

ଶମ୍ଭୁ, ବାୟୁ, ହେତୁ, ସେତୁ, ଶତ୍ରୁ, ବିଧୁ, ଋତୁ, କ୍ରତୁ (ଯଜ୍ଞ), ଗୁରୁ (ଶିକ୍ଷକ), ଭାନୁ (ସୂର୍ଯ୍ୟ), ଶିଶୁ, ବିଷ୍ଣୁ, ମଧୁ (ବସନ୍ତ) ପ୍ରଭୃତି ହ୍ରସ୍ୱ ଉକାରାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ସାଧୁ ଶବ୍ଦର ରୂପ ପରି ହେବ ।

ଅସୁ (ପ୍ରାଣ) ଶବ୍ଦ ନିତ୍ୟ ବହୁବଚନାନ୍ତ । ଯଥା - ଅସବଃ, ଅସୂନ୍, ଅସୁଭିଃ, ଅସୁଭ୍ୟଃ, ଅସୁଭ୍ୟଃ, ଅସୂନାମ୍, ଅସୁଷୁ, ଅସବଃ । ମାତ୍ର ତରୁ, ମେରୁ ଓ ଗୁରୁ ପ୍ରଭୃତି ଶବ୍ଦର ଷଷ୍ଠୀ ଓ ସପ୍ତମୀ ଦ୍ୱିବଚନରେ ତର୍ବୋଃ ପ୍ରଭୃତି ହୁଏ ।

### ୬. ଦୀର୍ଘ 'ଊ'କାରାନ୍ତ ପୁଂଲିଙ୍ଗଶବ୍ଦ

### ସ୍ୱୟମ୍ଭୂ (ବ୍ରହ୍ମା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସ୍ୱୟମ୍ଭୂଃ | ସ୍ୱୟମ୍ଭୁବୌ | ସ୍ୱୟମ୍ଭୁବଃ |
| ଦ୍ୱିତୀୟା | ସ୍ୱୟମ୍ଭୁବମ୍ | ସ୍ୱୟମ୍ଭୁବୌ | ସ୍ୱୟମ୍ଭୁବଃ |
| ତୃତୀୟା | ସ୍ୱୟମ୍ଭୁବା | ସ୍ୱୟମ୍ଭୂଭ୍ୟାମ୍ | ସ୍ୱୟମ୍ଭୂଭିଃ |
| ଚତୁର୍ଥୀ | ସ୍ୱୟମ୍ଭୁବେ | ସ୍ୱୟମ୍ଭୂଭ୍ୟାମ୍ | ସ୍ୱୟମ୍ଭୂଭ୍ୟଃ |
| ପଞ୍ଚମୀ | ସ୍ୱୟମ୍ଭୁବଃ | ସ୍ୱୟମ୍ଭୂଭ୍ୟାମ୍ | ସ୍ୱୟମ୍ଭୂଭ୍ୟଃ |
| ଷଷ୍ଠୀ | ସ୍ୱୟମ୍ଭୁବଃ | ସ୍ୱୟମ୍ଭୁବୋଃ | ସ୍ୱୟମ୍ଭୁବାମ |
| ସପ୍ତମୀ | ସ୍ୱୟମ୍ଭୁବି | ସ୍ୱୟମ୍ଭୁବୋଃ | ସ୍ୱୟମ୍ଭୂଷୁ |
| ସମ୍ବୋଧନ | ସ୍ୱୟମ୍ଭୂଃ | ସ୍ୱୟମ୍ଭୁବୌ | ସ୍ୱୟମ୍ଭୁବଃ |

ଆତ୍ମଭୂ (ବ୍ରହ୍ମା,ପୁତ୍ର), ମନୋଭୂ(କନ୍ଦର୍ପ),ପ୍ରତିଭୂ(ମଧ୍ୟସ୍ଥ)ପ୍ରଭୃତି ଏହିପରି ।

## ୭. 'ଋ'କାରାନ୍ତ ପୁଂଲିଙ୍ଗଶବ୍ଦ

### ଦାତୃ (ଦାତା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଦାତା | ଦାତାରୌ | ଦାତାରଃ |
| ଦ୍ୱିତୀୟା | ଦାତାରମ୍ | ଦାତାରୌ | ଦାତୄନ୍ |
| ତୃତୀୟା | ଦାତ୍ରା | ଦାତୃଭ୍ୟାମ୍ | ଦାତୃଭିଃ |
| ଚତୁର୍ଥୀ | ଦାତ୍ରେ | ଦାତୃଭ୍ୟାମ୍ | ଦାତୃଭ୍ୟଃ |
| ପଞ୍ଚମୀ | ଦାତୁଃ | ଦାତୃଭ୍ୟାମ୍ | ଦାତୃଭ୍ୟଃ |
| ଷଷ୍ଠୀ | ଦାତୁଃ | ଦାତ୍ରୋଃ | ଦାତୄଣାମ୍ |
| ସପ୍ତମୀ | ଦାତରି | ଦାତ୍ରୋଃ | ଦାତୃଷୁ |
| ସମ୍ବୋଧନ | ଦାତଃ | ଦାତାରୌ | ଦାତାରଃ |

ଧାତୃ, ବିଧାତୃ, କର୍ତ୍ତୃ, ଜେତୃ, ହନ୍ତୃ, ଛେତ୍ତୃ, ଦ୍ରଷ୍ଟୃ, ଶ୍ରୋତୃ, ନପ୍ତୃ ଓ ନେତୃ ସ୍ରଷ୍ଟୃ, ସବିତୃ, ଭର୍ତ୍ତୃ, ପ୍ରଣେତୃ ପ୍ରଭୃତି ଶବ୍ଦର ରୂପ ଦାତୃ ଶବ୍ଦରୂପ ପରି ହେବ ।

### ପିତୃ (ପିତା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପିତା | ପିତରୌ | ପିତରଃ |
| ଦ୍ୱିତୀୟା | ପିତରମ୍ | ପିତରୌ | ପିତୄନ୍ |
| ତୃତୀୟା | ପିତ୍ରା | ପିତୃଭ୍ୟାମ୍ | ପିତୃଭିଃ |
| ଚତୁର୍ଥୀ | ପିତ୍ରେ | ପିତୃଭ୍ୟାମ୍ | ପିତୃଭ୍ୟଃ |
| ପଞ୍ଚମୀ | ପିତୁଃ | ପିତୃଭ୍ୟାମ୍ | ପିତୃଭ୍ୟଃ |
| ଷଷ୍ଠୀ | ପିତୁଃ | ପିତ୍ରୋଃ | ପିତୄଣାମ୍ |
| ସପ୍ତମୀ | ପିତରି | ପିତ୍ରୋଃ | ପିତୃଷୁ |
| ସମ୍ବୋଧନ | ପିତଃ | ପିତରୌ | ପିତରଃ |

ଭ୍ରାତୃ, ଜାମାତୃ, ଦେବୃ (ଦିଅର) ଶବ୍ଦର ରୂପ ପିତୃଶବ୍ଦର ରୂପ ପରି ହୁଏ । ନୃଶବ୍ଦ ପିତୃଶବ୍ଦପରି ରୂପ ହେଲେ ମଧ୍ୟ ଷଷ୍ଠୀ ବିଭକ୍ତି ବହୁବଚନରେ ନୃଣାମ୍ ଏବଂ ନୄଣାମ୍ ଏହିପରି ଦୁଇପ୍ରକାର ପ୍ରଚଳନ ଶୁଦ୍ଧ ବୋଲି ଗୃହୀତ ହୁଏ ।

### ନୃ (ନର)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ନା | ନରୌ | ନରଃ |
| ଦ୍ୱିତୀୟା | ନରମ୍ | ନରୌ | ନୃନ୍ |
| ତୃତୀୟା | ନ୍ରା | ନୃଭ୍ୟାମ୍ | ନୃଭିଃ |

ଅନ୍ୟସବୁ ପିତୃ ଶବ୍ଦ ରୂପ ପରି । କିନ୍ତୁ ଷଷ୍ଠୀ ବହୁବଚନରେ - ନୃଣାମ୍ ଓ ନୃଣାମ୍ ପ୍ରଚଳନ ଶୁଦ୍ଧ ।

### ୮. 'ଐ'କାରାନ୍ତ ପୁଂଲିଙ୍ଗଶବ୍ଦ

### ରୈ (ଧନ)ସ୍ତ୍ରୀ ଲିଙ୍ଗରେ ମଧ୍ୟ ଏକାପରି ରୂପ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ରାଃ | ରାୟୌ | ରାୟଃ |
| ଦ୍ୱିତୀୟା | ରାୟମ୍ | ରାୟୌ | ରାୟଃ |
| ତୃତୀୟା | ରାୟା | ରାଭ୍ୟାମ୍ | ରାଭିଃ |
| ଚତୁର୍ଥୀ | ରାୟେ | ରାଭ୍ୟାମ୍ | ରାଭ୍ୟଃ |
| ପଞ୍ଚମୀ | ରାୟଃ | ରାଭ୍ୟାମ୍ | ରାଭ୍ୟଃ |
| ଷଷ୍ଠୀ | ରାୟଃ | ରାୟୋଃ | ରାୟାମ୍ |
| ସପ୍ତମୀ | ରାୟି | ରାୟୋଃ | ରାସୁ |
| ସମ୍ବୋଧନ | ରାଃ | ରାୟୌ | ରାୟଃ |

### ୯. 'ଓ'କାରାନ୍ତ ପୁଂଲିଙ୍ଗଶବ୍ଦ

### ଗୋ (ବୃଷଭ ବା ବଳଦ, କିରଣ, ଇନ୍ଦ୍ରିୟ ଇତ୍ୟାଦି)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗୌଃ | ଗାବୌ | ଗାବଃ |
| ଦ୍ୱିତୀୟା | ଗାମ୍ | ଗାବୌ | ଗାଃ |
| ତୃତୀୟା | ଗବା | ଗୋଭ୍ୟାମ୍ | ଗୋଭିଃ |
| ଚତୁର୍ଥୀ | ଗବେ | ଗୋଭ୍ୟାମ୍ | ଗୋଭ୍ୟଃ |
| ପଞ୍ଚମୀ | ଗୋଃ | ଗୋଭ୍ୟାମ୍ | ଗୋଭ୍ୟଃ |
| ଷଷ୍ଠୀ | ଗୋଃ | ଗବୋଃ | ଗବାମ୍ |
| ସପ୍ତମୀ | ଗବି | ଗବୋଃ | ଗୋଷୁ |
| ସମ୍ବୋଧନ | ଗୌଃ | ଗାବୌ | ଗାବଃ |

## ୧୦. ଅଜନ୍ତ/ସ୍ୱରାନ୍ତ ସ୍ତ୍ରୀଲିଙ୍ଗ (ବିଶେଷ୍ୟ ଓ ବିଶେଷଣ)ଶବ୍ଦ

### 'ଆ'କାରାନ୍ତ - ଲତା

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଲତା | ଲତେ | ଲତାଃ |
| ଦ୍ୱିତୀୟା | ଲତାମ୍ | ଲତେ | ଲତାଃ |
| ତୃତୀୟା | ଲତୟା | ଲତାଭ୍ୟାମ୍ | ଲତାଭିଃ |
| ଚତୁର୍ଥୀ | ଲତାୟୈ | ଲତାଭ୍ୟାମ୍ | ଲତାଭ୍ୟଃ |
| ପଞ୍ଚମୀ | ଲତାୟାଃ | ଲତାଭ୍ୟାମ୍ | ଲତାଭ୍ୟଃ |
| ଷଷ୍ଠୀ | ଲତାୟାଃ | ଲତୟୋଃ | ଲତାନାମ୍ |
| ସପ୍ତମୀ | ଲତାୟାମ୍ | ଲତୟୋଃ | ଲତାସୁ |
| ସମ୍ବୋଧନ | ଲତେ | ଲତେ | ଲତାଃ |

ବିଦ୍ୟା, ମୁଦ୍ରା, ଦେବତା, ମେଧା, ଚିନ୍ତା, ଲଜ୍ଜା, ଯାଚଞ୍ଚା, ଅମ୍ବା, କଥା, ଶ୍ରଦ୍ଧା, ଜିଗୀଷା, ବୁଭୁକ୍ଷା, ତୃଷ୍ଣା, କୃତ୍ରିମା, ପଶ୍ଚିମା, ପଟିକ୍କା, ଗଙ୍ଗା, ନର୍ମଦା, ବନ୍ଧ୍ୟା, ମାୟା, ଭାଷା, କବିତା ପ୍ରଭୃତି ଆକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ଲତା ଶବ୍ଦ ରୂପ ପରି ।

ଅମ୍ବା (ମା) ଶବ୍ଦର ରୂପ ଲତା ଶବ୍ଦର ରୂପ ପରି ହେଲେ ମଧ୍ୟ ସମ୍ବୋଧନରେ ଅମ୍ବେ ନ ହୋଇ ଅମ୍ବ ହୁଏ । ବର୍ଷା , ସମା (ବର୍ଷ) ଓ ସିକତା (ବାଲି) ଶବ୍ଦ ନିତ୍ୟ ବହୁବଚନାନ୍ତ; ଯଥା - ବର୍ଷାଃ, ବର୍ଷାଃ, ବର୍ଷାଭିଃ, ବର୍ଷାଭ୍ୟଃ, ବର୍ଷାଭ୍ୟଃ, ବର୍ଷାଣାମ୍, ବର୍ଷାସୁ, ବର୍ଷାଃ ।

## ୧୧. ହ୍ରସ୍ୱ 'ଇ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ

### ମତି (ବୁଦ୍ଧି)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମତିଃ | ମତୀ | ମତୟଃ |
| ଦ୍ୱିତୀୟା | ମତିମ୍ | ମତୀ | ମତୀଃ |
| ତୃତୀୟା | ମତ୍ୟା | ମତିଭ୍ୟାମ୍ | ମତିଭିଃ |

| | | | |
|---|---|---|---|
| ଚତୁର୍ଥୀ | ମତ୍ୟୈ,ମତୟେ | ମତିଭ୍ୟାମ୍ | ମତିଭ୍ୟଃ |
| ପଞ୍ଚମୀ | ମତ୍ୟାଃ,ମତେଃ | ମତିଭ୍ୟାମ୍ | ମତିଭ୍ୟଃ |
| ଷଷ୍ଠୀ | ମତ୍ୟାଃ,ମତେଃ | ମତ୍ୟୋଃ | ମତୀନାମ୍ |
| ସପ୍ତମୀ | ମତ୍ୟାମ୍,ମତୌ | ମତ୍ୟୋଃ | ମତିଷୁ |
| ସମ୍ବୋଧନ | ମତେ | ମତୀ | ମତୟଃ |

ଗତି, ବୁଦ୍ଧି, ଭୂମି, ସ୍ଥିତି, ଜାତି, ଭୂତି, ହାନି, ରାତ୍ରି, କୀର୍ତ୍ତି, ପ୍ରାପ୍ତି, ଶାନ୍ତି, ପ୍ରୀତି, ନୀତି, ଶ୍ରୁତି, ଭକ୍ତି, ଶକ୍ତି, ଅବନି ପ୍ରଭୃତି ହ୍ରସ୍ୱ 'ଇ'କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ମତି ଶବ୍ଦ ରୂପ ପରି ହେବ ।

## ୧୨. ଦୀର୍ଘ 'ଈ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ

### ନଦୀ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ନଦୀ | ନଦ୍ୟୌ | ନଦ୍ୟଃ |
| ଦ୍ୱିତୀୟା | ନଦୀମ୍ | ନଦ୍ୟୌ | ନଦୀଃ |
| ତୃତୀୟା | ନଦ୍ୟା | ନଦୀଭ୍ୟାମ୍ | ନଦୀଭିଃ |
| ଚତୁର୍ଥୀ | ନଦ୍ୟୈ | ନଦୀଭ୍ୟାମ୍ | ନଦୀଭ୍ୟଃ |
| ପଞ୍ଚମୀ | ନଦ୍ୟାଃ | ନଦୀଭ୍ୟାମ୍ | ନଦୀଭ୍ୟଃ |
| ଷଷ୍ଠୀ | ନଦ୍ୟାଃ | ନଦ୍ୟୋଃ | ନଦୀନାମ୍ |
| ସପ୍ତମୀ | ନଦ୍ୟାମ୍ | ନଦ୍ୟୋଃ | ନଦୀଷୁ |
| ସମ୍ବୋଧନ | ନଦି | ନଦ୍ୟୌ | ନଦ୍ୟଃ |

ଦେବୀ, ନାରୀ, ଗୌରୀ, ପତ୍ନୀ, ବାଣୀ, ସତୀ, କୁମାରୀ, ରମଣୀ, ଧରଣୀ, ପାର୍ବତୀ, ଜନନୀ, ଶ୍ରୀମତୀ, ଗୁଣବତୀ, ପ୍ରେୟସୀ, ରୂପବତୀ, ଗଚ୍ଛନ୍ତୀ, ପଠନ୍ତୀ, ଇଚ୍ଛତୀ, କୁର୍ବତୀ, ଦଦତୀ, ଲକ୍ଷ୍ମୀ, ରାଜ୍ଞୀ, ଗୁର୍ବୀ ଓ ଯୁବତୀ, ଶ୍ରେଣୀ, ଅବନୀ ପ୍ରଭୃତି ଶବ୍ଦର ରୂପ ନଦୀ ଶବ୍ଦର ରୂପ ପରି ହେବ ।

ନଦୀ ଶବ୍ଦର ରୂପରେ ଯେଉଁ, ଯେଉଁ ସ୍ଥାନରେ 'ଦ୍ୟ' ହୋଇଛି ସେହି ସେହି ସ୍ଥାନରେ 'ଗୌରୀ' ଓ 'ନାରୀ' ପ୍ରଭୃତି ଶବ୍ଦର ରୂପରେ 'ଦ୍ୟଃ' ନ ହୋଇ 'ର୍ଯ୍ୟ' ହେବ ।

ଇଦୃଶୀ, ତାଦୃଶୀ, ଯାଦୃଶୀ, ମାଦୃଶୀ, ତ୍ୱାଦୃଶୀ, ଭବାଦୃଶୀ, ଭବତୀ ପ୍ରଭୃତି ଶବ୍ଦର ରୂପ ମଧ୍ୟ ନଦୀ ଶବ୍ଦର ରୂପ ପରି ହେବ ।

ତରୀ (ନୌକା), ତନ୍ତ୍ରୀ (ବୀଣାତାର), ହ୍ରୀ (ଲଜ୍ଜା), ଧୀ (ବୁଦ୍ଧି), ଶ୍ରୀ ଓ ଲକ୍ଷ୍ମୀ ଶବ୍ଦର ରୂପ ନଦୀ ଶବ୍ଦର ରୂପ ପରି ହେଲେ ମଧ୍ୟ ପ୍ରଥମା ବିଭକ୍ତି ଏକବଚନରେ 'ସୁ'ର ଲୋପ ହୁଏ ନାହିଁ । ଯଥା - ତରୀଃ, ତନ୍ତ୍ରୀଃ, ଲକ୍ଷ୍ମୀଃ ।

*ଅବୀ-ତନ୍ତ୍ରୀ-ତରୀ-ଲକ୍ଷ୍ମୀ-ହ୍ରୀ-ଧୀ-ଶ୍ରୀଣାମୁଣାଦିଷୁ ।*
*ସମାନାମପି ଶବ୍ଦାନାଂ ସୁଲୋପୋ ନ କଦାଚନ ॥*

**ସ୍ତ୍ରୀ (ସ୍ତ୍ରୀ ଲୋକ, ଭାର୍ଯ୍ୟା)**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସ୍ତ୍ରୀ | ସ୍ତ୍ରିୟୌ | ସ୍ତ୍ରିୟଃ |
| ଦ୍ୱିତୀୟା | ସ୍ତ୍ରିୟମ୍, ସ୍ତ୍ରୀମ୍ | ସ୍ତ୍ରିୟୌ | ସ୍ତ୍ରିୟଃ, ସ୍ତ୍ରୀଃ |
| ତୃତୀୟା | ସ୍ତ୍ରିୟା | ସ୍ତ୍ରୀଭ୍ୟାମ୍ | ସ୍ତ୍ରୀଭିଃ |
| ଚତୁର୍ଥୀ | ସ୍ତ୍ରିୟୈ | ସ୍ତ୍ରୀଭ୍ୟାମ୍ | ସ୍ତ୍ରୀଭ୍ୟଃ |
| ପଞ୍ଚମୀ | ସ୍ତ୍ରିୟାଃ | ସ୍ତ୍ରୀଭ୍ୟାମ୍ | ସ୍ତ୍ରୀଭ୍ୟଃ |
| ଷଷ୍ଠୀ | ସ୍ତ୍ରିୟାଃ | ସ୍ତ୍ରିୟୋଃ | ସ୍ତ୍ରୀଣାମ୍ |
| ସପ୍ତମୀ | ସ୍ତ୍ରିୟାମ୍ | ସ୍ତ୍ରିୟୋଃ | ସ୍ତ୍ରୀଷୁ |
| ସମ୍ବୋଧନ | ସ୍ତ୍ରି | ସ୍ତ୍ରିୟୌ | ସ୍ତ୍ରିୟଃ |

## ୧୩. ହ୍ରସ୍ୱ 'ଉ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ

### ଧେନୁ (ଗାଈ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଧେନୁଃ | ଧେନୂ | ଧେନବଃ |
| ଦ୍ୱିତୀୟା | ଧେନୁମ୍ | ଧେନୂ | ଧେନୂଃ |
| ତୃତୀୟା | ଧେନ୍ୱା | ଧେନୁଭ୍ୟାମ୍ | ଧେନୁଭିଃ |
| ଚତୁର୍ଥୀ | ଧେନ୍ୱୈ, ଧେନବେ | ଧେନୁଭ୍ୟାମ୍ | ଧେନୁଭ୍ୟଃ |
| ପଞ୍ଚମୀ | ଧେନ୍ୱାଃ,ଧେନୋଃ | ଧେନୁଭ୍ୟାମ୍ | ଧେନୁଭ୍ୟଃ |
| ଷଷ୍ଠୀ | ଧେନ୍ୱାଃ,ଧେନୋଃ | ଧେନ୍ୱୋଃ | ଧେନୂନାମ୍ |
| ସପ୍ତମୀ | ଧେନ୍ୱାମ୍, ଧେନୌ | ଧେନ୍ୱୋଃ | ଧେନୁଷୁ |
| ସମ୍ବୋଧନ | ଧେନୋ | ଧେନୂ | ଧେନବଃ |

ତନୁ (ଶରୀର ଅର୍ଥରେ), ରଜ୍ଜୁ (ଦଉଡି), ଚଞ୍ଚୁ (ଥଣ୍ଟ), ରେଣୁ (ଧୂଳି) ପ୍ରଭୃତି ଶବ୍ଦର ରୂପ ଧେନୁ ଶବ୍ଦର ରୂପ ପରି । ରେଣୁ ଏବଂ ହନୁ ଶବ୍ଦଦ୍ୱୟର ରୂପ ପୁଂଲିଙ୍ଗରେ ମଧ୍ୟ ସାଧୁଭଳି ହୁଏ ।

## ୧୪. ଦୀର୍ଘ 'ଊ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ

### ବଧୂ (ବୋହୂ, ସ୍ତ୍ରୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବଧୂଃ | ବଧ୍ୱୌ | ବଧ୍ୱଃ |
| ଦ୍ୱିତୀୟା | ବଧୂମ୍ | ବଧ୍ୱୌ | ବଧୂଃ |
| ତୃତୀୟା | ବଧ୍ୱା | ବଧୂଭ୍ୟାମ୍ | ବଧୂଭିଃ |
| ଚତୁର୍ଥୀ | ବଧ୍ୱୈ | ବଧୂଭ୍ୟାମ୍ | ବଧୂଭ୍ୟଃ |
| ପଞ୍ଚମୀ | ବଧ୍ୱାଃ | ବଧୂଭ୍ୟାମ୍ | ବଧୂଭ୍ୟଃ |

| | | | |
|---|---|---|---|
| ଷଷ୍ଠୀ | ବଧ୍ୱାଃ | ବଧ୍ୱୋଃ | ବଧୂନାମ୍ |
| ସପ୍ତମୀ | ବଧ୍ୱାମ୍ | ବଧ୍ୱୋଃ | ବଧୂଷୁ |
| ସମ୍ବୋଧନ | ବଧୁ | ବଧ୍ୱୌ | ବଧ୍ୱଃ |

ଶ୍ୱଶ୍ରୂ (ଶାଶୁ), ପ୍ରସୂ (ମାତା), ଚମୂ (ସେନା), ଚଞ୍ଚୁ, ଅଲାବୂ (ଲାଉ), ତନୂ (ଶରୀର), ଜମ୍ବୂ (ଜାମୁକୋଳି), କର୍କନ୍ଧୂ (ବରକୋଳି) ଏବଂ ରଜ୍ଜୁ ପ୍ରଭୃତି ଊକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ବଧୂଶବ୍ଦ ରୂପ ପରି ହେବ ।

### ଭୂ (ପୃଥିବୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଭୂଃ | ଭୁବୌ | ଭୁବଃ |
| ଦ୍ୱିତୀୟା | ଭୁବମ୍ | ଭୁବୌ | ଭୁବଃ |
| ତୃତୀୟା | ଭୁବା | ଭୂଭ୍ୟାମ୍ | ଭୂଭିଃ |
| ଚତୁର୍ଥୀ | ଭୁବୈ, ଭୁବେ | ଭୂଭ୍ୟାମ୍ | ଭୂଭ୍ୟଃ |
| ପଞ୍ଚମୀ | ଭୁବାଃ, ଭୁବଃ | ଭୂଭ୍ୟାମ୍ | ଭୂଭ୍ୟଃ |
| ଷଷ୍ଠୀ | ଭୁବାଃ, ଭୁବଃ | ଭୁବୋଃ | ଭୂନାମ୍, ଭୁବାମ୍ |
| ସପ୍ତମୀ | ଭୁବାମ୍, ଭୁବି | ଭୁବୋଃ | ଭୂଷୁ |
| ସମ୍ବୋଧନ | ଭୂଃ | ଭୁବୌ | ଭୁବଃ |

## ୧୫. ହ୍ରସ୍ୱ 'ଋ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ

### ମାତୃ (ମା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମାତା | ମାତରୌ | ମାତରଃ |
| ଦ୍ୱିତୀୟା | ମାତରମ୍ | ମାତରୌ | ମାତୄଃ |
| ତୃତୀୟା | ମାତ୍ରା | ମାତୃଭ୍ୟାମ୍ | ମାତୃଭିଃ |

| | | | |
|---|---|---|---|
| ଚତୁର୍ଥୀ | ମାତ୍ରେ | ମାତୃଭ୍ୟାମ୍ | ମାତୃଭ୍ୟଃ |
| ପଞ୍ଚମୀ | ମାତୁଃ | ମାତୃଭ୍ୟାମ୍ | ମାତୃଭ୍ୟଃ |
| ଷଷ୍ଠୀ | ମାତୁଃ | ମାତ୍ରୋଃ | ମାତୃଣାମ୍ |
| ସପ୍ତମୀ | ମାତରି | ମାତ୍ରୋଃ | ମାତୃଷୁ |
| ସମ୍ବୋଧନ | ମାତଃ | ମାତରୌ | ମାତରଃ |

ଦୁହିତୃ (ଝିଅ), ଯାତୃ (ଯାଆ) ନନାନ୍ଦୃ (ନଣନ୍ଦ)ଶବ୍ଦର ରୂପ ମାତୃଶବ୍ଦର ରୂପ ପରି । ସ୍ୱସୃ (ଭଉଣୀ) ଶବ୍ଦର ରୂପ ଦାତୃ ଶବ୍ଦର ରୂପପରି; କିନ୍ତୁ ଦ୍ୱିତୀୟା ବହୁବଚନରେ ସ୍ୱସୃଃ । ଏହିପରି ମାତୃଷ୍ୱସୃ(ମାଉସୀ) ଓ ପିତୃଷ୍ୱସୃ (ପିଉସୀ) ରୂପ ହୁଏ ।

### ୧୬. 'ଓ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ ଗୋ (ଗାଈ)

(ଗୋ ଶବ୍ଦର ରୂପ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ସମାନ)

### ୧୭. 'ଔ'କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦ: ନୌ (ନୌକା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ନୌଃ | ନାବୌ | ନାବଃ |
| ଦ୍ୱିତୀୟା | ନାବମ୍ | ନାବୌ | ନାବଃ |
| ତୃତୀୟା | ନାବା | ନୌଭ୍ୟାମ୍ | ନୌଭିଃ |
| ଚତୁର୍ଥୀ | ନାବେ | ନୌଭ୍ୟାମ୍ | ନୌଭ୍ୟଃ |
| ପଞ୍ଚମୀ | ନାବଃ | ନୌଭ୍ୟାମ୍ | ନୌଭ୍ୟଃ |
| ଷଷ୍ଠୀ | ନାବଃ | ନାବୋଃ | ନାବାମ୍ |
| ସପ୍ତମୀ | ନାବି | ନାବୋଃ | ନୌଷୁ |
| ସମ୍ବୋଧନ | ନୌଃ | ନାବୌ | ନାବଃ |

## ୧୮. ଅଜନ୍ତ / ସ୍ୱରାନ୍ତ କ୍ଳୀବଲିଙ୍ଗଶବ୍ଦ

### 'ଅ'କାରାନ୍ତ - ଫଳ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଫଳମ୍ | ଫଳେ | ଫଳାନି |
| ଦ୍ୱିତୀୟା | ଫଳମ୍ | ଫଳେ | ଫଳାନି |
| ତୃତୀୟା | ଫଳେନ | ଫଳାଭ୍ୟାମ୍ | ଫଳୈଃ |
| ଚତୁର୍ଥୀ | ଫଳାୟ | ଫଳାଭ୍ୟାମ୍ | ଫଳେଭ୍ୟଃ |
| ପଞ୍ଚମୀ | ଫଳାତ୍ | ଫଳାଭ୍ୟାମ୍ | ଫଳେଭ୍ୟଃ |
| ଷଷ୍ଠୀ | ଫଳସ୍ୟ | ଫଳୟୋଃ | ଫଳାନାମ୍ |
| ସପ୍ତମୀ | ଫଳେ | ଫଳୟୋଃ | ଫଳେଷୁ |
| ସମ୍ବୋଧନ | ଫଳ | ଫଳେ | ଫଳାନି |

ଜଳ, ଧନ, ବନ, ଜ୍ଞାନ,ସୁଖ, ଦୁଃଖ, ମିତ୍ର (ବନ୍ଧୁ), ନକ୍ଷତ୍ର, ପତ୍ର, ପୁଷ୍ପ, କଳତ୍ର (ସ୍ତ୍ରୀ), ଅପତ୍ୟ (ସନ୍ତାନ), ଗମନ, ରୋଦନ, ପାଣ୍ଡିତ୍ୟ, ମଙ୍ଗଳ, ଗତ, ସ୍ଥିତ, କର୍ତ୍ତବ୍ୟ, ପ୍ରଭୃତି ଶବ୍ଦର ରୂପ ଫଳ ଶବ୍ଦର ରୂପ ପରି ।

## ୧୯. ହ୍ରସ୍ୱ 'ଇ'କାରାନ୍ତ କ୍ଳୀବଲିଙ୍ଗଶବ୍ଦ

### ବାରି (ଜଳ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବାରି | ବାରିଣୀ | ବାରୀଣି |
| ଦ୍ୱିତୀୟା | ବାରି | ବାରିଣୀ | ବାରୀଣି |
| ତୃତୀୟା | ବାରିଣା | ବାରିଭ୍ୟାମ୍ | ବାରିଭିଃ |
| ଚତୁର୍ଥୀ | ବାରିଣେ | ବାରିଭ୍ୟାମ୍ | ବାରିଭ୍ୟଃ |

| | | | |
|---|---|---|---|
| ପଞ୍ଚମୀ | ବାରିଣଃ | ବାରିଭ୍ୟାମ୍ | ବାରିଭ୍ୟଃ |
| ଷଷ୍ଠୀ | ବାରିଣଃ | ବାରିଣୋଃ | ବାରୀଣାମ୍ |
| ସପ୍ତମୀ | ବାରିଣି | ବାରିଣୋଃ | ବାରିଷୁ |
| ସମ୍ବୋଧନ | ବାରେ, ବାରି | ବାରିଣୀ | ବାରୀଣି |

### ଅକ୍ଷି (ଆଖି)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅକ୍ଷି | ଅକ୍ଷିଣୀ | ଅକ୍ଷୀଣି |
| ଦ୍ୱିତୀୟା | ଅକ୍ଷି | ଅକ୍ଷିଣୀ | ଅକ୍ଷୀଣି |
| ତୃତୀୟା | ଅକ୍ଷ୍ଣା | ଅକ୍ଷିଭ୍ୟାମ୍ | ଅକ୍ଷିଭିଃ |
| ଚତୁର୍ଥୀ | ଅକ୍ଷ୍ଣେ | ଅକ୍ଷିଭ୍ୟାମ୍ | ଅକ୍ଷିଭ୍ୟଃ |
| ପଞ୍ଚମୀ | ଅକ୍ଷ୍ଣଃ | ଅକ୍ଷିଭ୍ୟାମ୍ | ଅକ୍ଷିଭ୍ୟଃ |
| ଷଷ୍ଠୀ | ଅକ୍ଷ୍ଣଃ | ଅକ୍ଷ୍ଣୋଃ | ଅକ୍ଷ୍ଣାମ୍ |
| ସପ୍ତମୀ | ଅକ୍ଷ୍ଣି, ଅକ୍ଷଣି | ଅକ୍ଷ୍ଣୋଃ | ଅକ୍ଷିଷୁ |
| ସମ୍ବୋଧନ | ଅକ୍ଷେ, ଅକ୍ଷି | ଅକ୍ଷିଣୀ | ଅକ୍ଷୀଣି |

ଅସ୍ଥି (ହାଡ), ସକ୍ଥି (ଜଙ୍ଘ), ଦଧି (ଦହି) ଶବ୍ଦର ରୂପ ଅକ୍ଷି ଶବ୍ଦର ରୂପ ପରି ହେବ ।

## ୨୦. ହ୍ରସ୍ୱ 'ଉ'କାରାନ୍ତ କ୍ଳୀବଲିଙ୍ଗଶବ୍ଦ

### ମଧୁ (ମହୁ, ମଦ୍ୟ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମଧୁ | ମଧୁନୀ | ମଧୂନି |
| ଦ୍ୱିତୀୟା | ମଧୁ | ମଧୁନୀ | ମଧୂନି |

| | | | |
|---|---|---|---|
| ତୃତୀୟା | ମଧୁନା | ମଧୁଭ୍ୟାମ୍ | ମଧୁଭିଃ |
| ଚତୁର୍ଥୀ | ମଧୁନେ | ମଧୁଭ୍ୟାମ୍ | ମଧୁଭ୍ୟଃ |
| ପଞ୍ଚମୀ | ମଧୁନଃ | ମଧୁଭ୍ୟାମ୍ | ମଧୁଭ୍ୟଃ |
| ଷଷ୍ଠୀ | ମଧୁନଃ | ମଧୁନୋଃ | ମଧୂନାମ୍ |
| ସପ୍ତମୀ | ମଧୁନି | ମଧୁନୋଃ | ମଧୁଷୁ |
| ସମ୍ବୋଧନ | ମଧୁ,ମଧୋ | ମଧୁନୀ | ମଧୂନି |

ବସ୍ତୁ, ଜାନୁ, ଅମ୍ବୁ, ଅଶ୍ରୁ, ଶ୍ମଶ୍ରୁ (ଦାଢ଼ି), ଜତ୍ରୁ, ଜତୁ (କାନ୍ଧର ସନ୍ଧି) ତନୁ, ଗୁରୁ, ଲଘୁ, ଦାରୁ (କାଠ), ତାଲୁ, ସାନୁ (ପର୍ବତ ଶିଖର) ପ୍ରଭୃତି ଉକାରାନ୍ତ କ୍ଲୀବଲିଙ୍ଗାନ୍ତ ଶବ୍ଦର ରୂପ ମଧୁ ଶବ୍ଦର ରୂପ ପରି ହେବ ।

## ୨୧. 'ଋ'କାରାନ୍ତ କ୍ଲୀବଲିଙ୍ଗଶବ୍ଦ

### କର୍ତ୍ତୃ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କର୍ତ୍ତୃ | କର୍ତ୍ତୃଣୀ | କର୍ତ୍ତୃଣି |
| ଦ୍ୱିତୀୟା | କର୍ତ୍ତୃ | କର୍ତ୍ତୃଣୀ | କର୍ତ୍ତୃଣି |
| ତୃତୀୟା | କର୍ତ୍ତ୍ରା/କର୍ତ୍ତୃଣା | କର୍ତ୍ତୃଭ୍ୟାମ୍ | କର୍ତ୍ତୃଭିଃ |
| ଚତୁର୍ଥୀ | କର୍ତ୍ତ୍ରେ/କର୍ତ୍ତୃଣେ | କର୍ତ୍ତୃଭ୍ୟାମ୍ | କର୍ତ୍ତୃଭ୍ୟଃ |
| ପଞ୍ଚମୀ | କର୍ତ୍ତୁଃ/କର୍ତ୍ତୃଣଃ | କର୍ତ୍ତୃଭ୍ୟାମ୍ | କର୍ତ୍ତୃଭ୍ୟଃ |
| ଷଷ୍ଠୀ | କର୍ତ୍ତୁଃ/କର୍ତ୍ତୃଣଃ | କର୍ତ୍ତ୍ରୋଃ/କର୍ତ୍ତୃଣୋଃ | କର୍ତ୍ତୃଣାମ୍ |
| ସପ୍ତମୀ | କର୍ତ୍ତୃଣି/କର୍ତ୍ତରି | କର୍ତ୍ତ୍ରୋଃ/କର୍ତ୍ତୃଣୋଃ | କର୍ତ୍ତୃଷୁ |
| ସମ୍ବୋଧନ | କର୍ତ୍ତୃ/କର୍ତ୍ତଃ | କର୍ତ୍ତୃଣୀ | କର୍ତ୍ତୃଣି |

ଦାତୃ, ଧାତୃ, ଜ୍ଞାତୃ, ନେତୃ, ହର୍ତ୍ତୃ ଓ ପକ୍ତୃ (ପାଚକ) ପ୍ରଭୃତି ସମସ୍ତ ଋକାରାନ୍ତ କ୍ଲୀବଲିଙ୍ଗ ଶବ୍ଦର ରୂପ କର୍ତ୍ତୃଶବ୍ଦର ରୂପପରି ହେବ ।

### ୨୨. ହଳନ୍ତ ପୁଂଲିଙ୍ଗଶବ୍ଦ - 'ଚ୍'କାରାନ୍ତ

### ଜଳମୁଚ୍ (ମେଘ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଜଳମୁକ୍ | ଜଳମୁଚୌ | ଜଳମୁଚଃ |
| ଦ୍ୱିତୀୟା | ଜଳମୁଚମ୍ | ଜଳମୁଚୌ | ଜଳମୁଚଃ |
| ତୃତୀୟା | ଜଳମୁଚା | ଜଳମୁଗ୍‌ଭ୍ୟାମ୍ | ଜଳମୁଗ୍‌ଭିଃ |
| ଚତୁର୍ଥୀ | ଜଳମୁଚେ | ଜଳମୁଗ୍‌ଭ୍ୟାମ୍ | ଜଳମୁଗ୍‌ଭ୍ୟଃ |
| ପଞ୍ଚମୀ | ଜଳମୁଚଃ | ଜଳମୁଗ୍‌ଭ୍ୟାମ୍ | ଜଳମୁଗ୍‌ଭ୍ୟଃ |
| ଷଷ୍ଠୀ | ଜଳମୁଚଃ | ଜଳମୁଚୋଃ | ଜଳମୁଚାମ୍ |
| ସପ୍ତମୀ | ଜଳମୁଚି | ଜଳମୁଚୋଃ | ଜଳମୁକ୍ଷୁ |
| ସମ୍ବୋଧନ | ଜଳମୁକ୍ | ଜଳମୁଚୌ | ଜଳମୁଚଃ |

ପ୍ରାଚ୍, ପ୍ରତ୍ୟଚ୍, ଉଦଚ୍, ଅବାଚ୍ ଓ ତିର୍ଯ୍ୟଚ୍ ପ୍ରଭୃତି ଭିନ୍ନ ସମସ୍ତ ଚକାରାନ୍ତ ଶବ୍ଦର ରୂପ ଏହିପରି ।

### ପ୍ରାଞ୍ଚ୍ / ପ୍ରାଚ୍ - ପୂର୍ବ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପ୍ରାଙ୍ | ପ୍ରାଞ୍ଚୌ | ପ୍ରାଞ୍ଚଃ |
| ଦ୍ୱିତୀୟା | ପ୍ରାଞ୍ଚମ୍ | ପ୍ରାଞ୍ଚୌ | ପ୍ରାଚଃ |
| ସମ୍ବୋଧନ | ପ୍ରାଙ୍ | ପ୍ରାଞ୍ଚୌ | ପ୍ରାଞ୍ଚଃ |

ଅନ୍ୟ ବିଭକ୍ତି ମାନଙ୍କରେ ଜଳମୁଚ୍ ଶବ୍ଦପରି । ଅବାଚ୍ (ଦକ୍ଷିଣ) ଶବ୍ଦର ରୂପ ଏହିପରି ।

### ପ୍ରତ୍ୟଞ୍ଚ୍ / ପ୍ରତ୍ୟଚ୍ - ପଶ୍ଚିମ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପ୍ରତ୍ୟଙ୍ | ପ୍ରତ୍ୟଞ୍ଚୌ | ପ୍ରତ୍ୟଞ୍ଚଃ |
| ଦ୍ୱିତୀୟା | ପ୍ରତ୍ୟଞ୍ଚମ୍ | ପ୍ରତ୍ୟଞ୍ଚୌ | ପ୍ରତୀଚଃ |
| ତୃତୀୟା | ପ୍ରତୀଚା | ପ୍ରତ୍ୟଗ୍ଭ୍ୟାମ୍ | ପ୍ରତ୍ୟଗ୍ଭିଃ |
| ଚତୁର୍ଥୀ | ପ୍ରତୀଚେ | ପ୍ରତ୍ୟଗ୍ଭ୍ୟାମ୍ | ପ୍ରତ୍ୟଗ୍ଭ୍ୟଃ |
| ପଞ୍ଚମୀ | ପ୍ରତୀଚଃ | ପ୍ରତ୍ୟଗ୍ଭ୍ୟାମ୍ | ପ୍ରତ୍ୟଗ୍ଭ୍ୟଃ |
| ଷଷ୍ଠୀ | ପ୍ରତୀଚଃ | ପ୍ରତୀଚୋଃ | ପ୍ରତୀଚାମ୍ |
| ସପ୍ତମୀ | ପ୍ରତୀଚି | ପ୍ରତୀଚୋଃ | ପ୍ରତ୍ୟକ୍ଷୁ |
| ସମ୍ବୋଧନ | ପ୍ରତ୍ୟଙ୍ | ପ୍ରତ୍ୟଞ୍ଚୌ | ପ୍ରତ୍ୟଞ୍ଚଃ |

### ଉଦଞ୍ଚ୍ / ଉଦଚ୍ - ଉତ୍ତର

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଉଦଙ୍ | ଉଦଞ୍ଚୌ | ଉଦଞ୍ଚଃ |
| ଦ୍ୱିତୀୟା | ଉଦଞ୍ଚମ୍ | ଉଦଞ୍ଚୌ | ଉଦୀଚଃ |
| ତୃତୀୟା | ଉଦୀଚା | ଉଦଗ୍ଭ୍ୟାମ୍ | ଉଦଗ୍ଭିଃ |
| ଚତୁର୍ଥୀ | ଉଦୀଚେ | ଉଦଗ୍ଭ୍ୟାମ୍ | ଉଦଗ୍ଭ୍ୟଃ |
| ପଞ୍ଚମୀ | ଉଦୀଚଃ | ଉଦଗ୍ଭ୍ୟାମ୍ | ଉଦଗ୍ଭ୍ୟଃ |
| ଷଷ୍ଠୀ | ଉଦୀଚଃ | ଉଦୀଚୋଃ | ଉଦୀଚାମ୍ |
| ସପ୍ତମୀ | ଉଦୀଚି | ଉଦୀଚୋଃ | ଉଦକ୍ଷୁ |
| ସମ୍ବୋଧନ | ଉଦଙ୍ | ଉଦଞ୍ଚୌ | ଉଦଞ୍ଚଃ |

## ତିର୍ଯ୍ୟଞ୍ଚ୍ / ତିର୍ଯ୍ୟଚ୍ (ବକ୍ର, ପଶୁପକ୍ଷୀ)

| | | | |
|---|---|---|---|
| ପ୍ରଥମା | ତିର୍ଯ୍ୟଙ୍ | ତିର୍ଯ୍ୟଞ୍ଚୌ | ତିର୍ଯ୍ୟଞ୍ଚଃ |
| ଦ୍ୱିତୀୟା | ତିର୍ଯ୍ୟଞ୍ଚମ୍ | ତିର୍ଯ୍ୟଞ୍ଚୌ | ତିରଶ୍ଚଃ |
| ତୃତୀୟା | ତିରଶ୍ଚା | ତିର୍ଯ୍ୟଗ୍ଭ୍ୟାମ୍ | ତିର୍ଯ୍ୟଗ୍ଭିଃ |
| ଚତୁର୍ଥୀ | ତିରଶ୍ଚେ | ତିର୍ଯ୍ୟଗ୍ଭ୍ୟାମ୍ | ତିର୍ଯ୍ୟଗ୍ଭ୍ୟଃ |
| ପଞ୍ଚମୀ | ତିରଶ୍ଚଃ | ତିର୍ଯ୍ୟଗ୍ଭ୍ୟାମ୍ | ତିର୍ଯ୍ୟଗ୍ଭ୍ୟଃ |
| ଷଷ୍ଠୀ | ତିରଶ୍ଚଃ | ତିର୍ଯ୍ୟଶ୍ଚୋଃ | ତିରଶ୍ଚାମ୍ |
| ସପ୍ତମୀ | ତିରଶ୍ଚି | ତିରଶ୍ଚୋଃ | ତିର୍ଯ୍ୟକ୍ଷୁ |
| ସମ୍ବୋଧନ | ତିର୍ଯ୍ୟଙ୍ | ତିର୍ଯ୍ୟଞ୍ଚୌ | ତିର୍ଯ୍ୟଞ୍ଚଃ |

ଅନ୍ୱଚ୍ (ଅନୁଗାମୀ) ଓ ସମ୍ୟଚ୍ (ଯଥାର୍ଥ) ଶବ୍ଦର ରୂପ ଏହିପରି; କେବଳ ଦ୍ୱିତୀୟାର ବହୁବଚନଠାରୁ ସ୍ୱରବର୍ଣ୍ଣାଦି ବିଭକ୍ତି ପରେ ଯଥାକ୍ରମେ ଅନୂଚ୍ ଓ ସମୀଚ୍ ହୁଏ ।

## ୨୩. ହଳନ୍ତ ପୁଂଲିଙ୍ଗଶବ୍ଦ - 'କ୍'କାରାନ୍ତ

### ବଣିକ୍ (ବେପାରୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବଣିକ୍ | ବଣିଜୌ | ବଣିଜଃ |
| ଦ୍ୱିତୀୟା | ବଣିଜମ୍ | ବଣିଜୌ | ବଣିଜଃ |
| ତୃତୀୟା | ବଣିଜା | ବଣିଗ୍ଭ୍ୟାମ୍ | ବଣିଗ୍ଭିଃ |
| ଚତୁର୍ଥୀ | ବଣିଜେ | ବଣିଗ୍ଭ୍ୟାମ୍ | ବଣିଗ୍ଭ୍ୟଃ |
| ପଞ୍ଚମୀ | ବଣିଜଃ | ବଣିଗ୍ଭ୍ୟାମ୍ | ବଣିଗ୍ଭ୍ୟଃ |
| ଷଷ୍ଠୀ | ବଣିଜଃ | ବଣିଜୋଃ | ବଣିଜାମ୍ |
| ସପ୍ତମୀ | ବଣିଜି | ବଣିଜୋଃ | ବଣିକ୍ଷୁ |
| ସମ୍ବୋଧନ | ବଣିକ୍ | ବଣିଜୌ | ବଣିଜଃ |

ଭିଷକ୍ (ବୈଦ୍ୟ), ଋତ୍ୱିକ୍ (ଯାଜ୍ଞିକ), ଓ ଭୂଭୁଜ୍ (ରାଜା) ପ୍ରଭୃତି ଶବ୍ଦର ରୂପ ବଣିକ୍ ଶବ୍ଦର ରୂପ ପରି ହେବ । ଋତ୍ୱିକ୍ ର ପ୍ରଥମା ଏକବଚନ ଏବଂ ସମ୍ବୋଧନ ଏକବଚନରେ ଋତ୍ୱିକ୍ ଏବଂ ଋତ୍ୱିଗ୍ ହୋଇପାରେ ।

### ସମ୍ରାଜ୍ (ରାଜା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସମ୍ରାଟ୍ | ସମ୍ରାଜୌ | ସମ୍ରାଜଃ |
| ଦ୍ୱିତୀୟା | ସମ୍ରାଜମ୍ | ସମ୍ରାଜୌ | ସମ୍ରାଜଃ |
| ତୃତୀୟା | ସମ୍ରାଜା | ସମ୍ରାଡ୍‌ଭ୍ୟାମ୍ | ସମ୍ରାଡ୍‌ଭିଃ |
| ଚତୁର୍ଥୀ | ସମ୍ରାଜେ | ସମ୍ରାଡ୍‌ଭ୍ୟାମ୍ | ସମ୍ରାଡ୍‌ଭ୍ୟଃ |
| ପଞ୍ଚମୀ | ସମ୍ରାଜଃ | ସମ୍ରାଡ୍‌ଭ୍ୟାମ୍ | ସମ୍ରାଡ୍‌ଭ୍ୟଃ |
| ଷଷ୍ଠୀ | ସମ୍ରାଜଃ | ସମ୍ରାଜୋଃ | ସମ୍ରାଜାମ୍ |
| ସପ୍ତମୀ | ସମ୍ରାଜି | ସମ୍ରାଜୋଃ | ସମ୍ରାଟ୍‌ସୁ |
| ସମ୍ବୋଧନ | ସମ୍ରାଟ୍ | ସମ୍ରାଜୌ | ସମ୍ରାଜଃ |

ଦେବରାଜ୍ (ଇନ୍ଦ୍ର) ଶବ୍ଦର ରୂପ ସମ୍ରାଜ୍ ଶବ୍ଦର ରୂପ ପରି ହେବ ।

### ୨୪. ହଲନ୍ତ ପୁଂଲିଙ୍ଗଶବ୍ଦ 'ତ୍'କାରାନ୍ତ

### ଭୂଭୃତ୍ (ରାଜା, ପର୍ବତ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଭୂଭୃତ୍ | ଭୂଭୃତୌ | ଭୂଭୃତଃ |
| ଦ୍ୱିତୀୟା | ଭୂଭୃତମ୍ | ଭୂଭୃତୌ | ଭୂଭୃତଃ |
| ତୃତୀୟା | ଭୂଭୃତା | ଭୂଭୃଦ୍ଭ୍ୟାମ୍ | ଭୂଭୃଦ୍ଭିଃ |
| ଚତୁର୍ଥୀ | ଭୂଭୃତେ | ଭୂଭୃଦ୍ଭ୍ୟାମ୍ | ଭୂଭୃଦ୍ଭ୍ୟଃ |
| ପଞ୍ଚମୀ | ଭୂଭୃତଃ | ଭୂଭୃଦ୍ଭ୍ୟାମ୍ | ଭୂଭୃଦ୍ଭ୍ୟଃ |

| | | | |
|---|---|---|---|
| ଷଷ୍ଠୀ | ଭୂଭୃତଃ | ଭୂଭୃତୋଃ | ଭୂଭୃତାମ୍ |
| ସପ୍ତମୀ | ଭୂଭୃତି | ଭୂଭୃତୋଃ | ଭୂଭୃତ୍ସୁ |
| ସମ୍ବୋଧନ | ଭୂଭୃତ୍ | ଭୂଭୃତୌ | ଭୂଭୃତଃ |

ଶତ୍ରୁଜିତ୍, କର୍ମକୃତ୍, ମରୁତ୍, ମହୀଭୃତ୍, ବୃହତ୍, ଜଗତ୍, ଦଦତ୍, ଶାସତ୍, ଜାଗ୍ରତ୍, ବିଶ୍ରୁତ୍, ବିଦ୍ୟୁତ୍, ବିପଶ୍ଚିତ୍(ପଣ୍ଡିତ), ଗ୍ରନ୍ଥକୃତ୍ ଓ ବିଶ୍ୱଜିତ୍ ପ୍ରଭୃତି ପୁଂଲିଙ୍ଗ ଶବ୍ଦଗୁଡ଼ିକର ରୂପ ଭୂଭୃତ୍ ଶବ୍ଦ ପରି ହେବ ।

## (ଶତୃପ୍ରତ୍ୟୟାନ୍ତ) ଗଚ୍ଛତ୍ (ଯାଉ ଯାଉ, ଯାଉଥିବା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗଚ୍ଛନ୍ | ଗଚ୍ଛନ୍ତୌ | ଗଚ୍ଛନ୍ତଃ |
| ଦ୍ୱିତୀୟା | ଗଚ୍ଛନ୍ତମ୍ | ଗଚ୍ଛନ୍ତୌ | ଗଚ୍ଛତଃ |
| ତୃତୀୟା | ଗଚ୍ଛତା | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭିଃ |
| ଚତୁର୍ଥୀ | ଗଚ୍ଛତେ | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭ୍ୟଃ |
| ପଞ୍ଚମୀ | ଗଚ୍ଛତଃ | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭ୍ୟଃ |
| ଷଷ୍ଠୀ | ଗଚ୍ଛତଃ | ଗଚ୍ଛତୋଃ | ଗଚ୍ଛତାମ୍ |
| ସପ୍ତମୀ | ଗଚ୍ଛତି | ଗଚ୍ଛତୋଃ | ଗଚ୍ଛତ୍ସୁ |
| ସମ୍ବୋଧନ | ଗଚ୍ଛନ୍ | ଗଚ୍ଛନ୍ତୌ | ଗଚ୍ଛନ୍ତଃ |

ଧାବତ୍, ହସତ୍, ଗାୟତ୍, ପଶ୍ୟତ୍, ରୁଦତ୍, ପଠିଷ୍ୟତ୍, କରିଷ୍ୟତ୍, ଭବିଷ୍ୟତ୍, ପଠତ୍, ଚଳତ୍, କୁର୍ବତ୍, ଜିଘ୍ରତ୍, ତିଷ୍ଠତ୍, ବିକାର୍ଣତ୍, ପ୍ରାୟତ୍, ଦାସ୍ୟତ୍ ଓ ଜାଗରିଷ୍ୟତ୍ ପ୍ରଭୃତି ଶତୃ (ଅତ୍) ପ୍ରତ୍ୟୟାନ୍ତ ଓ ବୃହତ୍ ଶବ୍ଦର (ପୁଂଲିଙ୍ଗରେ) ରୂପ ଗଚ୍ଛତ୍ ଶବ୍ଦର ରୂପ ପରି ହେବ ।

### ମହତ୍ (ମହାନ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମହାନ୍ | ମହାନ୍ତୌ | ମହାନ୍ତଃ |
| ଦ୍ୱିତୀୟା | ମହାନ୍ତମ୍ | ମହାନ୍ତୌ | ମହତଃ |

ଅନ୍ୟ ବିଭକ୍ତିଗୁଡ଼ିକରେ 'ଗଚ୍ଛତ୍' ଶବ୍ଦର ରୂପପରି ହେବ ।

### ବୁଦ୍ଧିମତ୍ (ବୁଦ୍ଧିମାନ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବୁଦ୍ଧିମାନ୍ | ବୁଦ୍ଧିମନ୍ତୌ | ବୁଦ୍ଧିମନ୍ତଃ |
| ଦ୍ୱିତୀୟା | ବୁଦ୍ଧିମନ୍ତମ୍ | ବୁଦ୍ଧିମନ୍ତୌ | ବୁଦ୍ଧିମତଃ |

ଅନ୍ୟ ବିଭକ୍ତିଗୁଡ଼ିକରେ 'ଗଚ୍ଛତ୍' ଶବ୍ଦ ପରି ରୂପ ହେବ ।

ଶ୍ରୀମତ୍, ଧୀମତ୍, ଧୀମତ୍, ମତିମତ୍, ଗତିମତ୍, କୀର୍ତ୍ତିମତ୍, ହନୁମତ୍ ପ୍ରଭୃତି ମତୁପ୍ (ମତ୍) ପ୍ରତ୍ୟୟାନ୍ତ, ଲକ୍ଷ୍ମୀବତ୍, ଗୁଣବତ୍, ରୂପବତ୍, ସତ୍ୟବତ୍, ଭବତ୍, ଭଗବତ୍, ଧନବତ୍ ପ୍ରଭୃତି ବତୁପ୍ (ବତ୍) ପ୍ରତ୍ୟୟାନ୍ତ, ଯାବତ୍, ତାବତ୍, କିୟତ୍, ଇୟତ୍, ଏତାବତ୍ ପ୍ରଭୃତି ବତୁ (ବତ୍) ପ୍ରତ୍ୟୟାନ୍ତ, କୃତବତ୍, ଗତବତ୍, ଭୁକ୍ତବତ୍, ପ୍ରଭୃତି କ୍ତବତୁ (ତବତ୍) ପ୍ରତ୍ୟୟାନ୍ତ ଶବ୍ଦର ରୂପ ପୁଲିଙ୍ଗରେ 'ବୁଦ୍ଧିମତ୍' ଶବ୍ଦର ରୂପପରି ହେବ ।

### ୨୫. ହଳନ୍ତ ପୁଲିଙ୍ଗଶବ୍ଦ 'ଦ୍'କାରାନ୍ତ

### ସୁହୃଦ୍ (ବନ୍ଧୁ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସୁହୃତ୍ | ସୁହୃଦୌ | ସୁହୃଦଃ |
| ଦ୍ୱିତୀୟା | ସୁହୃଦମ୍ | ସୁହୃଦୌ | ସୁହୃଦଃ |
| ତୃତୀୟା | ସୁହୃଦା | ସୁହୃଦ୍ଭ୍ୟାମ୍ | ସୁହୃଦ୍ଭିଃ |

| | | | |
|---|---|---|---|
| ଚତୁର୍ଥୀ | ସୁହୃଦେ | ସୁହୃଦ୍ଭ୍ୟାମ୍ | ସୁହୃଦ୍ଭ୍ୟଃ |
| ପଞ୍ଚମୀ | ସୁହୃଦଃ | ସୁହୃଦ୍ଭ୍ୟାମ୍ | ସୁହୃଦ୍ଭ୍ୟଃ |
| ଷଷ୍ଠୀ | ସୁହୃଦଃ | ସୁହୃଦୋଃ | ସୁହୃଦାମ୍ |
| ସପ୍ତମୀ | ସୁହୃଦି | ସୁହୃଦୋଃ | ସୁହୃତ୍ସୁ |
| ସମ୍ବୋଧନ | ସୁହୃତ୍ | ସୁହୃଦୌ | ସୁହୃଦଃ |

ଦୁର୍ହୃଦ୍ (ଶତ୍ରୁ), ସଭାସଦ୍ (ସଭ୍ୟ), ଦିବିଷଦ୍ (ଦେବତା), ଗୋତ୍ରଭିଦ୍ ଓ ଜ୍ୟୋତିର୍ବିଦ୍ ପ୍ରଭୃତି ଶବ୍ଦର ରୂପ 'ସୁହୃଦ୍' ଶବ୍ଦର ରୂପ ପରି ହେବ ।

## ୨୬. ହଳନ୍ତ ପୁଲିଙ୍ଗଶବ୍ଦ 'ନ୍'କାରାନ୍ତ

### ମହିମନ୍ (ମହତ୍ତ୍ୱ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମହିମା | ମହିମାନୌ | ମହିମାନଃ |
| ଦ୍ୱିତୀୟା | ମହିମାନମ୍ | ମହିମାନୌ | ମହିମ୍ନଃ |
| ତୃତୀୟା | ମହିମ୍ନା | ମହିମଭ୍ୟାମ୍ | ମହିମଭିଃ |
| ଚତୁର୍ଥୀ | ମହିମ୍ନେ | ମହିମଭ୍ୟାମ୍ | ମହିମଭ୍ୟଃ |
| ପଞ୍ଚମୀ | ମହିମ୍ନଃ | ମହିମଭ୍ୟାମ୍ | ମହିମଭ୍ୟଃ |
| ଷଷ୍ଠୀ | ମହିମ୍ନଃ | ମହିମ୍ନୋଃ | ମହିମ୍ନାମ୍ |
| ସପ୍ତମୀ | ମହିମ୍ନି,ମହିମନି | ମହିମ୍ନୋଃ | ମହିମସୁ |
| ସମ୍ବୋଧନ | ମହିମନ୍ | ମହିମାନୌ | ମହିମାନଃ |

ଲଘିମନ୍, ଗରିମନ୍, ପ୍ରେମନ୍, ଭୂମିମନ୍, ଓ ମୂର୍ଦ୍ଧନ୍ ପ୍ରଭୃତି କେତେକ 'ନ୍'କାରାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ମହିମନ୍ ଶବ୍ଦର ରୂପ ପରି ।

## ଆତ୍ମନ୍ (ଆତ୍ମା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଆତ୍ମା | ଆତ୍ମାନୌ | ଆତ୍ମାନଃ |
| ଦ୍ୱିତୀୟା | ଆତ୍ମାନମ୍ | ଆତ୍ମାନୌ | ଆତ୍ମନଃ |
| ତୃତୀୟା | ଆତ୍ମନା | ଆତ୍ମଭ୍ୟାମ୍ | ଆତ୍ମଭିଃ |
| ଚତୁର୍ଥୀ | ଆତ୍ମନେ | ଆତ୍ମଭ୍ୟାମ୍ | ଆତ୍ମଭ୍ୟଃ |
| ପଞ୍ଚମୀ | ଆତ୍ମନଃ | ଆତ୍ମଭ୍ୟାମ୍ | ଆତ୍ମଭ୍ୟଃ |
| ଷଷ୍ଠୀ | ଆତ୍ମନଃ | ଆତ୍ମନୋଃ | ଆତ୍ମନାମ୍ |
| ସପ୍ତମୀ | ଆତ୍ମନି | ଆତ୍ମନୋଃ | ଆତ୍ମସୁ |
| ସମ୍ବୋଧନ | ଆତ୍ମନ୍ | ଆତ୍ମାନୌ | ଆତ୍ମାନଃ |

ବ୍ରହ୍ମନ୍, ଅଶ୍ମନ୍ (ପଥର), ପରମାତ୍ମନ୍, ଧର୍ମାତ୍ମନ୍, ଜୀବାତ୍ମନ୍, ଦ୍ୱିଜନ୍ମନ୍, ଯଜ୍ୱନ୍, ପାପ୍ମନ୍, କୃଷ୍ଣବର୍ତ୍ମନ୍ ପ୍ରଭୃତି ଅନ୍-ଭାଗାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ଆତ୍ମନ୍ ଶବ୍ଦର ରୂପ ପରି ହୋଇଥାଏ ।

## ରାଜନ୍ (ରାଜା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ରାଜା | ରାଜାନୌ | ରାଜାନଃ |
| ଦ୍ୱିତୀୟା | ରାଜାନମ୍ | ରାଜାନୌ | ରାଜ୍ଞଃ |
| ତୃତୀୟା | ରାଜ୍ଞା | ରାଜଭ୍ୟାମ୍ | ରାଜଭିଃ |
| ଚତୁର୍ଥୀ | ରାଜ୍ଞେ | ରାଜଭ୍ୟାମ୍ | ରାଜଭ୍ୟଃ |
| ପଞ୍ଚମୀ | ରାଜ୍ଞଃ | ରାଜଭ୍ୟାମ୍ | ରାଜଭ୍ୟଃ |
| ଷଷ୍ଠୀ | ରାଜ୍ଞଃ | ରାଜ୍ଞୋଃ | ରାଜ୍ଞାମ୍ |
| ସପ୍ତମୀ | ରାଜ୍ଞି, ରାଜନି | ରାଜ୍ଞୋଃ | ରାଜସୁ |
| ସମ୍ବୋଧନ | ରାଜନ୍ | ରାଜାନୌ | ରାଜାନଃ |

## ଯୁବନ୍ (ଯୁବକ)

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯୁବା | ଯୁବାନୌ | ଯୁବାନଃ |
| ଦ୍ବିତୀୟା | ଯୁବାନମ୍ | ଯୁବାନୌ | ଯୂନଃ |
| ତୃତୀୟା | ଯୂନା | ଯୁବଭ୍ୟାମ୍ | ଯୁବଭିଃ |
| ଚତୁର୍ଥୀ | ଯୂନେ | ଯୁବଭ୍ୟାମ୍ | ଯୁବଭ୍ୟଃ |
| ପଞ୍ଚମୀ | ଯୂନଃ | ଯୁବଭ୍ୟାମ୍ | ଯୁବଭ୍ୟଃ |
| ଷଷ୍ଠୀ | ଯୂନଃ | ଯୂନୋଃ | ଯୂନାମ୍ |
| ସପ୍ତମୀ | ଯୂନି | ଯୂନୋଃ | ଯୁବସୁ |
| ସମ୍ବୋଧନ | ଯୁବନ୍ | ଯୁବାନୌ | ଯୁବାନଃ |

## ପଥିନ୍ (ବାଟ)

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପନ୍ଥାଃ | ପନ୍ଥାନୌ | ପନ୍ଥାନଃ |
| ଦ୍ବିତୀୟା | ପନ୍ଥାନମ୍ | ପନ୍ଥାନୌ | ପଥଃ |
| ତୃତୀୟା | ପଥା | ପଥିଭ୍ୟାମ୍ | ପଥିଭିଃ |
| ଚତୁର୍ଥୀ | ପଥେ | ପଥିଭ୍ୟାମ୍ | ପଥିଭ୍ୟଃ |
| ପଞ୍ଚମୀ | ପଥଃ | ପଥିଭ୍ୟାମ୍ | ପଥିଭ୍ୟଃ |
| ଷଷ୍ଠୀ | ପଥଃ | ପଥୋଃ | ପଥାମ୍ |
| ସପ୍ତମୀ | ପଥି | ପଥୋଃ | ପଥିଷୁ |
| ସମ୍ବୋଧନ | ପନ୍ଥାଃ | ପନ୍ଥାନୌ | ପନ୍ଥାନଃ |

## ଶ୍ୱନ୍ (କୁକୁର)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଶ୍ୱା | ଶ୍ୱାନୌ | ଶ୍ୱାନଃ |
| ଦ୍ୱିତୀୟା | ଶ୍ୱାନମ୍ | ଶ୍ୱାନୌ | ଶୁନଃ |
| ତୃତୀୟା | ଶୁନା | ଶ୍ୱଭ୍ୟାମ୍ | ଶ୍ୱଭିଃ |
| ଚତୁର୍ଥୀ | ଶୁନେ | ଶ୍ୱଭ୍ୟାମ୍ | ଶ୍ୱଭ୍ୟଃ |
| ପଞ୍ଚମୀ | ଶୁନଃ | ଶ୍ୱଭ୍ୟାମ୍ | ଶ୍ୱଭ୍ୟଃ |
| ଷଷ୍ଠୀ | ଶୁନଃ | ଶୁନୋଃ | ଶୁନାମ୍ |
| ସପ୍ତମୀ | ଶୁନି | ଶୁନୋଃ | ଶ୍ୱସୁ |
| ସମ୍ବୋଧନ | ଶ୍ୱନ୍ | ଶ୍ୱାନୌ | ଶ୍ୱାନଃ |

## ଗୁଣିନ୍ (ଗୁଣବାନ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗୁଣୀ | ଗୁଣିନୌ | ଗୁଣିନଃ |
| ଦ୍ୱିତୀୟା | ଗୁଣିନମ୍ | ଗୁଣିନୌ | ଗୁଣିନଃ |
| ତୃତୀୟା | ଗୁଣିନା | ଗୁଣିଭ୍ୟାମ୍ | ଗୁଣିଭିଃ |
| ଚତୁର୍ଥୀ | ଗୁଣିନେ | ଗୁଣିଭ୍ୟାମ୍ | ଗୁଣିଭ୍ୟଃ |
| ପଞ୍ଚମୀ | ଗୁଣିନଃ | ଗୁଣିଭ୍ୟାମ୍ | ଗୁଣିଭ୍ୟଃ |
| ଷଷ୍ଠୀ | ଗୁଣିନଃ | ଗୁଣିନୋଃ | ଗୁଣିନାମ୍ |
| ସପ୍ତମୀ | ଗୁଣିନି | ଗୁଣିନୋଃ | ଗୁଣିଷୁ |
| ସମ୍ବୋଧନ | ଗୁଣିନ୍ | ଗୁଣିନୌ | ଗୁଣିନଃ |

ପାପିନ୍, କରିନ୍, କେଶରିନ୍, ହସ୍ତିନ୍, ରୋଗିନ୍, ଧନିନ୍, ତପସ୍ୱିନ୍, ଯଶସ୍ୱିନ୍,ଯୋଗିନ୍, ସତ୍ୟବାଦିନ୍, ଏକାକିନ୍, ମେଧାବିନ୍, ଓ ପ୍ରାଣିନ୍,

ମତିନ୍, ମନସ୍ୱିନ୍, ପ୍ରଭୃତି 'ଇନ୍' ଭାଗାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ଗୁଣିନ୍ ଶବ୍ଦର ରୂପ ପରି ।

### ୨୭. ହଲନ୍ତ ପୁଂଲିଙ୍ଗଶବ୍ଦ 'ସ୍'କାରାନ୍ତ

#### ବିଦ୍ୱସ୍ (ପଣ୍ଡିତ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବିଦ୍ୱାନ୍ | ବିଦ୍ୱାଂସୌ | ବିଦ୍ୱାଂସଃ |
| ଦ୍ୱିତୀୟା | ବିଦ୍ୱାଂସମ୍ | ବିଦ୍ୱାଂସୌ | ବିଦୁଷଃ |
| ତୃତୀୟା | ବିଦୁଷା | ବିଦ୍ୱଦ୍ଭ୍ୟାମ୍ | ବିଦ୍ୱଦ୍ଭିଃ |
| ଚତୁର୍ଥୀ | ବିଦୁଷେ | ବିଦ୍ୱଦ୍ଭ୍ୟାମ୍ | ବିଦ୍ୱଦ୍ଭ୍ୟଃ |
| ପଞ୍ଚମୀ | ବିଦୁଷଃ | ବିଦ୍ୱଦ୍ଭ୍ୟାମ୍ | ବିଦ୍ୱଦ୍ଭ୍ୟଃ |
| ଷଷ୍ଠୀ | ବିଦୁଷଃ | ବିଦୁଷୋଃ | ବିଦୁଷାମ୍ |
| ସପ୍ତମୀ | ବିଦୁଷି | ବିଦୁଷୋଃ | ବିଦ୍ୱତ୍ସୁ |
| ସମ୍ବୋଧନ | ବିଦ୍ୱନ୍ | ବିଦ୍ୱାଂସୌ | ବିଦ୍ୱାଂସଃ |

#### 'ସ୍'କାରାନ୍ତ - ବେଧସ୍ (ବ୍ରହ୍ମା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବେଧାଃ | ବେଧସୌ | ବେଧସଃ |
| ଦ୍ୱିତୀୟା | ବେଧସମ୍ | ବେଧସୌ | ବେଧସଃ |
| ତୃତୀୟା | ବେଧସା | ବେଧୋଭ୍ୟାମ୍ | ବେଧୋଭିଃ |
| ଚତୁର୍ଥୀ | ବେଧସେ | ବେଧୋଭ୍ୟାମ୍ | ବେଧୋଭ୍ୟଃ |
| ପଞ୍ଚମୀ | ବେଧସଃ | ବେଧୋଭ୍ୟାମ୍ | ବେଧୋଭ୍ୟଃ |
| ଷଷ୍ଠୀ | ବେଧସଃ | ବେଧସୋଃ | ବେଧସାମ୍ |

| | | | |
|---|---|---|---|
| ସପ୍ତମୀ | ବେଧସି | ବେଧସୋଃ | ବେଧଃସୁ |
| ସମ୍ବୋଧନ | ବେଧଃ | ବେଧସୌ | ବେଧସଃ |

ଚନ୍ଦ୍ରମସ୍, ପୁରୋଧସ୍, (ପୁରୋହିତ), ପ୍ରଚେତସ୍ (ବରୁଣ), ଦୁର୍ମେଧସ୍, ଦୁଷ୍ଟମନସ୍, ତ୍ରିଶିରସ୍, ପ୍ରଭୃତି ଶବ୍ଦର ରୂପ ବେଧସ୍ ଶବ୍ଦର ରୂପ ପରି ହେବ ।

### ଗରୀୟସ୍ (ଅଧିକଭାରୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗରୀୟାନ୍ | ଗରୀୟାଂସୌ | ଗରୀୟାଂସଃ |
| ଦ୍ୱିତୀୟା | ଗରୀୟାଂସମ୍ | ଗରୀୟାଂସୌ | ଗରୀୟସଃ |
| ତୃତୀୟା | ଗରୀୟସା | ଗରୀୟୋଭ୍ୟାମ୍ | ଗରୀୟୋଭିଃ |
| ଚତୁର୍ଥୀ | ଗରୀୟସେ | ଗରୀୟୋଭ୍ୟାମ୍ | ଗରୀୟୋଭ୍ୟଃ |
| ପଞ୍ଚମୀ | ଗରୀୟସଃ | ଗରୀୟୋଭ୍ୟାମ୍ | ଗରିୟୋଭ୍ୟଃ |
| ଷଷ୍ଠୀ | ଗରୀୟସଃ | ଗରୀୟସୋଃ | ଗରୀୟସାମ୍ |
| ସପ୍ତମୀ | ଗରୀୟସି | ଗରୀୟସୋଃ | ଗରୀୟଃସୁ |
| ସମ୍ବୋଧନ | ଗରୀୟନ୍ | ଗରୀୟାଂସୌ | ଗରୀୟାଂସଃ |

ଜ୍ୟାୟସ୍, ଶ୍ରେୟସ୍, ପ୍ରେୟସ୍, ଲଘୀୟସ୍, କନୀୟସ୍, ବର୍ଷୀୟସ୍ ଓ ମହୀୟସ୍ ପ୍ରଭୃତି ଈୟସୁନ୍ (ଈୟସ୍) ପ୍ରତ୍ୟୟାନ୍ତ - ପୁଂଲିଙ୍ଗ ଶବ୍ଦର ରୂପ ଗରୀୟସ୍ ଶବ୍ଦର ରୂପ ପରି ।

## ୨୮. ହଳନ୍ତ ପୁଂଲିଙ୍ଗ 'ଶ'କାରାନ୍ତ

### ଏତାଦୃଶ୍ - (ଏଭଳି)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଏତାଦୃକ୍, ଏତାଦୃଗ୍ | ଏତାଦୃଶୌ | ଏତାଦୃଶଃ |
| ଦ୍ୱିତୀୟା | ଏତାଦୃଶମ୍ | ଏତାଦୃଶୌ | ଏତାଦୃଶଃ |

| | | | |
|---|---|---|---|
| ତୃତୀୟା | ଏତାଦୃଶା | ଏତାଦୃଗ୍‌ଭ୍ୟାମ୍ | ଏତାଦୃଗ୍‌ଭିଃ |
| ଚତୁର୍ଥୀ | ଏତାଦୃଶେ | ଏତାଦୃଗ୍‌ଭ୍ୟାମ୍ | ଏତାଦୃଗ୍‌ଭ୍ୟଃ |
| ପଞ୍ଚମୀ | ଏତାଦୃଶଃ | ଏତାଦୃଗ୍‌ଭ୍ୟାମ୍ | ଏତାଦୃଗ୍‌ଭ୍ୟଃ |
| ଷଷ୍ଠୀ | ଏତାଦୃଶଃ | ଏତାଦୃଶୋଃ | ଏତାଦୃଶାମ୍ |
| ସପ୍ତମୀ | ଏତାଦୃଶି | ଏତାଦୃଶୋଃ | ଏତାଦୃକ୍ଷୁ |
| ସମ୍ବୋଧନ | ଏତାଦୃକ୍, ଏତାଦୃଗ୍ | ଏତାଦୃଶୌ | ଏତାଦୃଶଃ |

ଈଦୃଶ୍, ଯାଦୃଶ୍, ମାଦୃଶ୍, ତାଦୃଶ୍, ଭବାଦୃଶ୍, କୀଦୃଶ୍, ଅନ୍ୟାଦୃଶ୍ ଓ ମର୍ମଦୃଶ୍ ପ୍ରଭୃତି ପୁଂଲିଙ୍ଗ ଶବ୍ଦମାନଙ୍କର ରୂପ ଏତାଦୃଶ୍ ଶବ୍ଦର ରୂପ ପରି ହେବ ।

### ୨୯. ହଲନ୍ତ (ବ୍ୟଞ୍ଜନାନ୍ତ) ସ୍ତ୍ରୀଲିଙ୍ଗ 'ଚ୍'କାରାନ୍ତ

### ବାଚ୍ (ବାଣୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବାକ୍, ବାଗ୍ | ବାଚୌ | ବାଚଃ |
| ଦ୍ୱିତୀୟା | ବାଚମ୍ | ବାଚୌ | ବାଚଃ |
| ତୃତୀୟା | ବାଚା | ବାଗ୍‌ଭ୍ୟାମ୍ | ବାଗ୍‌ଭିଃ |
| ଚତୁର୍ଥୀ | ବାଚେ | ବାଗ୍‌ଭ୍ୟାମ୍ | ବାଗ୍‌ଭ୍ୟଃ |
| ପଞ୍ଚମୀ | ବାଚଃ | ବାଗ୍‌ଭ୍ୟାମ୍ | ବାଗ୍‌ଭ୍ୟଃ |
| ଷଷ୍ଠୀ | ବାଚଃ | ବାଚୋଃ | ବାଚାମ୍ |
| ସପ୍ତମୀ | ବାଚି | ବାଚୋଃ | ବାକ୍ଷୁ |
| ସମ୍ବୋଧନ | ବାକ୍, ବାଗ୍ | ବାଚୌ | ବାଚଃ |

ତ୍ୱଚ୍ (ଚର୍ମ) ଓ ରୁଚ୍ (ଦୀପ୍ତି) ପ୍ରଭୃତି ଶବ୍ଦର ରୂପ ବାଚ୍ ଶବ୍ଦର ରୂପ

ପରି ।

### ୩୦. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ଜ୍' କାରାନ୍ତ

ସ୍ରଜ୍ (ମାଳା) - ସ୍ରକ୍, ସ୍ରଜୌ, ସ୍ରଜଃ ଇତ୍ୟାଦି । ରୁଜ୍ ପ୍ରଭୃତି ସ୍ତ୍ରୀଲିଙ୍ଗ ଜକାରାନ୍ତ ଶବ୍ଦର ରୂପ ବଣିକ୍ ଶବ୍ଦପରି ।

### ୩୧. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ତ୍' କାରାନ୍ତ

ସରିତ୍ (ନଦୀ), ଯୋଷିତ୍ (ସ୍ତ୍ରୀ) ବିଦ୍ୟୁତ୍, ତଡ଼ିତ୍, ହରିତ୍ (ଦିଗ), ସମିତ୍ (ଯୁଦ୍ଧ) ପ୍ରଭୃତି 'ତ୍'କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ଭୂଭୃତ୍ ଶବ୍ଦର ରୂପ ପରି ହେବ ।

### ୩୨. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ଦ୍' କାରାନ୍ତ

ସମ୍ପଦ୍ (ସମ୍ପଦ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସମ୍ପତ୍ | ସମ୍ପଦୌ | ସମ୍ପଦଃ |
| ଦ୍ୱିତୀୟା | ସମ୍ପଦମ୍ | ସମ୍ପଦୌ | ସମ୍ପଦଃ |
| ତୃତୀୟା | ସମ୍ପଦା | ସମ୍ପଦ୍ଭ୍ୟାମ୍ | ସମ୍ପଦ୍ଭିଃ |
| ଚତୁର୍ଥୀ | ସମ୍ପଦେ | ସମ୍ପଦ୍ଭ୍ୟାମ୍ | ସମ୍ପଦ୍ଭ୍ୟଃ |
| ପଞ୍ଚମୀ | ସମ୍ପଦଃ | ସମ୍ପଦ୍ଭ୍ୟାମ୍ | ସମ୍ପଦ୍ଭ୍ୟଃ |
| ଷଷ୍ଠୀ | ସମ୍ପଦଃ | ସମ୍ପଦୋଃ | ସମ୍ପଦାମ୍ |
| ସପ୍ତମୀ | ସମ୍ପଦି | ସମ୍ପଦୋଃ | ସମ୍ପତ୍ସୁ |
| ସମ୍ବୋଧନ | ସମ୍ପତ୍ | ସମ୍ପଦୌ | ସମ୍ପଦଃ |

ବିପଦ୍, ଆପଦ୍, ସଂସଦ୍, ପରିଷଦ୍, ଉପନିଷଦ୍, ସଂବିଦ୍, (ଜ୍ଞାନ) ମୁଦ୍ (ଆନନ୍ଦ), ଶରଦ୍ (ବର୍ଷ ଓ ଋତୁବିଶେଷ), ଦୃଷଦ୍ (ପଥର) ପ୍ରତିପଦ୍ ପ୍ରଭୃତି ଦ୍କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ସୁହୃଦ୍ ତଥା ସମ୍ପଦ୍ ଶବ୍ଦର ରୂପପରି ।

## ୩୩. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ଧ୍' କାରାନ୍ତ

ବୀରୁଧ୍ (ଲତା) - ବୀରୁତ୍, ବୀରୁଧୌ, ବୀରୁଧଃ ଇତ୍ୟାଦି । ସେହିଭଳି କ୍ଷୁଧ୍, ସମିଧ୍ ପ୍ରଭୃତି ସମସ୍ତ ଧକାରାନ୍ତ ଶବ୍ଦର ରୂପ ସୁହୃଦ୍ ଶବ୍ଦପରି ।

## ୩୪. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ପ୍' କାରାନ୍ତ

### ଅପ୍ (ଜଳ) - ବହୁବଚନାନ୍ତ

ପ୍ରଥମା - ଆପଃ, ଦ୍ୱିତୀୟା - ଅପଃ, ତୃତୀୟା - ଅଦ୍ଭିଃ, ଚତୁର୍ଥୀ - ଅଦ୍ଭ୍ୟଃ,ପଞ୍ଚମୀ - ଅଦ୍ଭ୍ୟଃ, ଷଷ୍ଠୀ - ଅପାମ୍, ସପ୍ତମୀ - ଅପ୍ସୁ, ସମ୍ବୋଧନ - ଆପଃ ।

## ୩୫. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ଶ୍' କାରାନ୍ତ

### ଦିଶ୍ (ଦିଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଦିକ୍, ଦିଗ | ଦିଶୌ | ଦିଶଃ |
| ଦ୍ୱିତୀୟା | ଦିଶମ୍ | ଦିଶୌ | ଦିଶଃ |
| ତୃତୀୟା | ଦିଶା | ଦିଗ୍‌ଭ୍ୟାମ୍ | ଦିଗ୍‌ଭିଃ |
| ଚତୁର୍ଥୀ | ଦିଶେ | ଦିଗ୍‌ଭ୍ୟାମ୍ | ଦିଗ୍‌ଭ୍ୟଃ |
| ପଞ୍ଚମୀ | ଦିଶଃ | ଦିଗ୍‌ଭ୍ୟାମ୍ | ଦିଗ୍‌ଭ୍ୟଃ |
| ଷଷ୍ଠୀ | ଦିଶଃ | ଦିଶୋଃ | ଦିଶାମ୍ |
| ସପ୍ତମୀ | ଦିଶି | ଦିଶୋଃ | ଦିକ୍ଷୁ |
| ସମ୍ବୋଧନ | ଦିକ୍, ଦିଗ୍ | ଦିଶୌ | ଦିଶଃ |

ଦୃଶ୍ (ନେତ୍ର, ଦର୍ଶନ ଓ ବୁଦ୍ଧି) ଯାଦୃଶ୍, ତାଦୃଶ୍, ଭବଦୃଶ୍, ପ୍ରଭୃତି 'ଶ୍'କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ସ୍ତ୍ରୀଲିଙ୍ଗ 'ଦିଶ୍' ତଥା ପୁଂଲିଙ୍ଗ 'ଏତାଦୃଶ୍' ଶବ୍ଦର ରୂପପରି ।

'ଅସ୍'ଭାଗାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦ ଯଥା - ପ୍ରଶସ୍ତମନସ୍, ଉଦାରମନସ୍ ଓ ସୁଚେତସ୍ ପ୍ରଭୃତି ଶବ୍ଦମାନଙ୍କର ରୂପ 'ଚନ୍ଦ୍ରମସ୍' ଶବ୍ଦ ରୂପ ପରି ହେବ । ମାତ୍ର ଅପ୍ (ଜଳ) ସୁମନସ୍ (ପୁଷ୍ପ) ଓ ଦିବୌକସ୍ (ଦେବ) ପ୍ରଭୃତି ଶବ୍ଦଗୁଡ଼ିକ କେବଳ ବହୁବଚନାନ୍ତ । ଅପ୍ସରସ୍ (ସ୍ୱର୍ଗର ନର୍ତ୍ତକୀ) ଶବ୍ଦର ରୂପ ବେଧସ୍ ଶବ୍ଦର ରୂପ ପରି ହେବ । କେଉଁଠି କେଉଁଠି ଏହାର ବହୁବଚନାନ୍ତ ପ୍ରୟୋଗ କେବଳ ଦେଖାଯାଏ ।

*(ଅପ୍ସରସ୍ - 'ସ୍ତ୍ରିୟାଂ ବହୁଷ୍ୱପ୍ସରସଃ' ଇତି ଅମରକୋଷେ । ମାତ୍ର "ସ୍ତ୍ରିୟାଂ ବହୁଷ୍ୱପ୍ସରସଃ ବାହୁଳକାଦ୍ଦେ ଅପ୍ସରସ୍ ଅପି" ଇତି ଶବ୍ଦାର୍ଣ୍ଣବେ ଏବଂ, "ମାତା ମେ ମେନକା ନାମ ବ୍ରହ୍ମଯୋନିର୍ବରାପ୍ସରାଃ ଇତି "ମହାଭାରତେ", ଏଣୁ ଅପ୍ସରସ୍ ଶବ୍ଦ ବିଷୟରେ ବିଭିନ୍ନ ମତ ଓ ପ୍ରୟୋଗ ଥିବାରୁ ଉକ୍ତ ଶବ୍ଦ କେବଳ ବହୁବଚନାନ୍ତ ନୁହେଁ) ।*

## ୩୬. ବ୍ୟଞ୍ଜନାନ୍ତ ସ୍ତ୍ରୀଲିଙ୍ଗ 'ସ୍' କାରାନ୍ତ

### ଆଶିସ୍ (ଆଶୀର୍ବାଦ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଆଶୀଃ | ଆଶିଷୌ | ଆଶିଷଃ |
| ଦ୍ୱିତୀୟା | ଆଶିଷମ୍ | ଆଶିଷୌ | ଆଶିଷଃ |
| ତୃତୀୟା | ଆଶିଷା | ଆଶୀର୍ଭ୍ୟାମ୍ | ଆଶୀର୍ଭିଃ |
| ଚତୁର୍ଥୀ | ଆଶିଷେ | ଆଶୀର୍ଭ୍ୟାମ୍ | ଆଶୀର୍ଭ୍ୟଃ |
| ପଞ୍ଚମୀ | ଆଶିଷଃ | ଆଶୀର୍ଭ୍ୟାମ୍ | ଆଶୀର୍ଭ୍ୟଃ |
| ଷଷ୍ଠୀ | ଆଶିଷଃ | ଆଶିଷୋଃ | ଆଶିଷାମ୍ |
| ସପ୍ତମୀ | ଆଶିଷି | ଆଶିଷୋଃ | ଆଶୀଃଷୁ |
| ସମ୍ବୋଧନ | ଆଶୀଃ | ଆଶିଷୌ | ଆଶିଷଃ |

## ସୁମନସ୍ (ଫୁଲ) ବହୁବଚନାନ୍ତ

ପ୍ରଥମା - ସୁମନସଃ, ଦ୍ୱିତୀୟା - ସୁମନସଃ, ତୃତୀୟା - ସୁମନୋଭିଃ, ଚତୁର୍ଥୀ- ସୁମନୋଭ୍ୟଃ, ପଞ୍ଚମୀ - ସୁମନୋଭ୍ୟଃ, ଷଷ୍ଠୀ - ସୁମନସାମ୍, ସପ୍ତମୀ - ସୁମନଃସୁ, ସମ୍ବୋଧନ - ସୁମନସଃ ।

## ୩୭. ହଳନ୍ତ (ବ୍ୟଞ୍ଜନାନ୍ତ) କ୍ଲୀବଲିଙ୍ଗ ଶବ୍ଦ

### ତ୍ କାରାନ୍ତ - ମହତ୍ (ମହାନ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମହତ୍ | ମହତୀ | ମହାନ୍ତି |
| ଦ୍ୱିତୀୟା | ମହତ୍ | ମହତୀ | ମହାନ୍ତି |
| ତୃତୀୟା | ମହତା | ମହଦ୍ଭ୍ୟାମ୍ | ମହଦ୍ଭିଃ |
| ଚତୁର୍ଥୀ | ମହତେ | ମହଦ୍ଭ୍ୟାମ୍ | ମହଦ୍ଭ୍ୟଃ |
| ପଞ୍ଚମୀ | ମହତଃ | ମହଦ୍ଭ୍ୟାମ୍ | ମହଦ୍ଭ୍ୟଃ |
| ଷଷ୍ଠୀ | ମହତଃ | ମହତୋଃ | ମହତାମ୍ |
| ସପ୍ତମୀ | ମହତି | ମହତୋଃ | ମହତ୍ସୁ |
| ସମ୍ବୋଧନ | ମହତ୍ | ମହତୀ | ମହାନ୍ତି |

### ଜଗତ୍

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଜଗତ୍ | ଜଗତୀ | ଜଗନ୍ତି |
| ଦ୍ୱିତୀୟା | ଜଗତ୍ | ଜଗତୀ | ଜଗନ୍ତି |
| X | X | X | X |
| ସମ୍ବୋଧନ | ଜଗତ୍ | ଜଗତୀ | ଜଗନ୍ତି |

'ଜଗତ୍' ଶବ୍ଦର ରୂପ ଅନ୍ୟ ବିଭକ୍ତି ଗୁଡିକରେ (ତୃତୀୟାରୁ ସପ୍ତମୀ ପର୍ଯ୍ୟନ୍ତ) 'ମହତ୍' ଶବ୍ଦରୂପ ପରି ହୁଏ । 'ବିଶତ୍' ଓ 'ମତୁପ୍' ପ୍ରତ୍ୟୟାନ୍ତ କ୍ଳୀବଲିଙ୍ଗ ଶବ୍ଦଗୁଡିକର ରୂପ ଜଗତ୍ ଶବ୍ଦପରି ହୁଏ । ବୃହତ୍, ମହତ୍, ଗୁଣବତ୍, କୃତବତ୍ ପ୍ରଭୃତି କେତେକ ତକାରାନ୍ତ କ୍ଳୀବଲିଙ୍ଗ ଶବ୍ଦର ରୂପ 'ଜଗତ୍' ଶବ୍ଦର ରୂପ ପରି ହୁଏ ।

### ଗଚ୍ଛତ୍

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗଚ୍ଛତ୍ | ଗଚ୍ଛନ୍ତୀ | ଗଚ୍ଛନ୍ତି |
| ଦ୍ୱିତୀୟା | ଗଚ୍ଛତ୍ | ଗଚ୍ଛନ୍ତୀ | ଗଚ୍ଛନ୍ତି |
| X | X | X | X |
| ସମ୍ବୋଧନ | ଗଚ୍ଛତ୍ | ଗଚ୍ଛନ୍ତୀ | ଗଚ୍ଛନ୍ତି |

'ଗଚ୍ଛତ୍' ଶବ୍ଦର ରୂପ ଅନ୍ୟ ବିଭକ୍ତି ଗୁଡିକରେ (ତୃତୀୟାଠାରୁ ସପ୍ତମୀ ପର୍ଯ୍ୟନ୍ତ) ପୁଂଲିଙ୍ଗ 'ଗଚ୍ଛତ୍' ଶବ୍ଦରୂପ ପରି ହୁଏ । ଭ୍ୱାଦି ଓ ଦିବାଦିଗଣ ପଠିତ ଧାତୁରୁ ଣିଜନ୍ତ ଓ ସନନ୍ତ ଧାତୁରୁ ଏବଂ ନାମଧାତୁରୁ ବର୍ତ୍ତମାନ କାଳରେ ହୋଇଥିବା ଶତୃପ୍ରତ୍ୟୟାନ୍ତ ନିଷ୍ପନ୍ନ ଭବତ୍, ଦୀବ୍ୟତ୍, ତିଷ୍ଠତ୍ ପ୍ରଭୃତି କ୍ଳୀବଲିଙ୍ଗ ଶବ୍ଦର ରୂପ 'ଗଚ୍ଛତ୍' ଶବ୍ଦ ରୂପ ଭଳି ହେବ ।

### ଶ୍ରୀମତ୍

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଶ୍ରୀମତ୍ | ଶ୍ରୀମତୀ | ଶ୍ରୀମନ୍ତି |
| ଦ୍ୱିତୀୟା | ଶ୍ରୀମତ୍ | ଶ୍ରୀମତୀ | ଶ୍ରୀମନ୍ତି |
| X | X | X | X |
| ସମ୍ବୋଧନ | ଶ୍ରୀମତ୍ | ଶ୍ରୀମତୀ | ଶ୍ରୀମନ୍ତି |

'ଶ୍ରୀମତ୍' ଶବ୍ଦର ରୂପ ବିଭକ୍ତି ଗୁଡ଼ିକରେ (ତୃତୀୟା ବିଭକ୍ତିଠାରୁ ସପ୍ତମୀ ବିଭକ୍ତି ପର୍ଯ୍ୟନ୍ତ) ଜଗତ୍ ଶବ୍ଦର ରୂପପରି ହେବ ।

ଦଦତ୍

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଦଦତ୍ | ଦଦତୀ | ଦଦନ୍ତି / ଦଦତି |
| /ଦ୍ୱିତୀୟା | ଦଦତ୍ | ଦଦତୀ | ଦଦନ୍ତି |
| X | X | X | X |
| ସମ୍ବୋଧନ | ଦଦତ୍ | ଦଦତୀ | ଦଦନ୍ତି |

'ଦଦତ୍' ଶବ୍ଦର ରୂପ ଅନ୍ୟ ବିଭକ୍ତି ଗୁଡ଼ିକରେ (ତୃତୀୟା ରୁ ସପ୍ତମୀ ବିଭକ୍ତି ପର୍ଯ୍ୟନ୍ତ) ଜଗତ୍ ଶବ୍ଦର ରୂପପରି ହେବ । ହ୍ବାଦିଗଣୀୟ ଧାତୁରୁ ଓ ଜକ୍ଷ୍, ଜାଗୃ, ଦରିଦ୍ରା, ଶାସ୍, ଚକାସ୍ ଧାତୁରୁ ବର୍ତ୍ତମାନ କାଳରେ ହୋଇଥିବା ଶତୃପ୍ରତ୍ୟୟାନ୍ତ ନିଷ୍ପନ୍ନ ଜୁହ୍ୱତ୍ ଓ ଜକ୍ଷତ୍ (ଖାଇଥିବା) ପ୍ରଭୃତି ଶବ୍ଦର ରୂପ ଦଦତ୍ ଶବ୍ଦର ରୂପ ପରି ।

ଭବତ୍

| | | | |
|---|---|---|---|
| ପ୍ରଥମା | ଭବତ୍ | ଭବନ୍ତୀ | ଭବନ୍ତି |

ଦ୍ୱିତୀୟା ବିଭକ୍ତି ଓ ସମ୍ବୋଧନରେ ପ୍ରଥମା-ବିଭକ୍ତିର ରୂପ ପରି ଓ ଅନ୍ୟ ବିଭକ୍ତିରେ ଜଗତ୍ ଶବ୍ଦର ରୂପ ପରି ହୁଏ ।

ତୁଦାଦିଗଣୀୟ ଧାତୁରୁ ଦରିଦ୍ରା ଭିନ୍ନ ଅଦାଦିଗଣ ପଠିତ ଆକାରାନ୍ତ ଧାତୁରୁ ବର୍ତ୍ତମାନକାଳରେ ହୋଇଥିବା ଶତୃପ୍ରତ୍ୟୟଦ୍ୱାରା ନିଷ୍ପନ୍ନ ଏବଂ ଯେ କୌଣସି ଧାତୁର ଭବିଷ୍ୟତ୍ କାଳରେ ହୋଇଥିବା ଶତୃପ୍ରତ୍ୟୟ ଦ୍ୱାରା ନିଷ୍ପନ୍ନ ତୁଦତ୍, ଯାତ୍, ଭବିଷ୍ୟତ୍, ଦରିଦ୍ରାସ୍ୟତ୍, ଦାସ୍ୟତ୍, କରିଷ୍ୟତ୍ ଓ କାରୟିଷ୍ୟତ୍ ପ୍ରଭୃତି କ୍ଳୀବଲିଙ୍ଗ ଶବ୍ଦର ରୂପ ଭବତ୍ ଶବ୍ଦ ରୂପ ପରି ହେବ ।

## ୩୮. ହଳନ୍ତ (ବ୍ୟଞ୍ଜନାନ୍ତ) କ୍ଳୀବଲିଙ୍ଗ 'ନ୍'କାରାନ୍ତ

### ନାମନ୍ (ନାମ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ନାମ | ନାମନୀ, ନାମ୍ନୀ | ନାମାନି |
| ଦ୍ୱିତୀୟା | ନାମ | ନାମନୀ, ନାମ୍ନୀ | ନାମାନି |
| ତୃତୀୟା | ନାମ୍ନା | ନାମଭ୍ୟାମ୍ | ନାମଭିଃ |
| ଚତୁର୍ଥୀ | ନାମ୍ନେ | ନାମଭ୍ୟାମ୍ | ନାମଭ୍ୟଃ |
| ପଞ୍ଚମୀ | ନାମ୍ନଃ | ନାମଭ୍ୟାମ୍ | ନାମଭ୍ୟଃ |
| ଷଷ୍ଠୀ | ନାମ୍ନଃ | ନାମ୍ନୋଃ | ନାମ୍ନାମ୍ |
| ସପ୍ତମୀ | ନାମ୍ନି, ନାମନି | ନାମ୍ନୋଃ | ନାମସୁ |
| ସମ୍ବୋଧନ | ନାମ, ନାମନ୍ | ନାମନୀ, ନାମ୍ନୀ | ନାମାନି |

ବ୍ୟୋମନ୍ (ଆକାଶ), ଲୋମନ୍, ଧାମନ୍ (ଗୃହ, ପ୍ରଭା, ଶକ୍ତି) ଓ ପ୍ରେମନ୍ ଶବ୍ଦର କ୍ଳୀବଲିଙ୍ଗରେ ନାମନ୍ ଶବ୍ଦର ରୂପ ପରି ।

### କର୍ମନ୍ (କାର୍ଯ୍ୟ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କର୍ମ | କର୍ମଣୀ | କର୍ମାଣି |
| ଦ୍ୱିତୀୟା | କର୍ମ | କର୍ମଣୀ | କର୍ମାଣି |
| ତୃତୀୟା | କର୍ମଣା | କର୍ମଭ୍ୟାମ୍ | କର୍ମଭିଃ |
| ଚତୁର୍ଥୀ | କର୍ମଣେ | କର୍ମଭ୍ୟାମ୍ | କର୍ମଭ୍ୟଃ |
| ପଞ୍ଚମୀ | କର୍ମଣଃ | କର୍ମଭ୍ୟାମ୍ | କର୍ମଭ୍ୟଃ |
| ଷଷ୍ଠୀ | କର୍ମଣଃ | କର୍ମଣୋଃ | କର୍ମଣାମ୍ |
| ସପ୍ତମୀ | କର୍ମଣି | କର୍ମଣୋଃ | କର୍ମସୁ |
| ସମ୍ବୋଧନ | କର୍ମ, କର୍ମନ୍ | କର୍ମଣୀ | କର୍ମାଣି |

ବ୍ରହ୍ମନ୍, ଚର୍ମନ୍, ବେଶ୍ମନ୍ (ଗୃହ), ଜନ୍ମନ୍, ବର୍ତ୍ମନ୍(ବାଟ), ମର୍ମନ୍, ବର୍ମନ୍ (ସାଞ୍ଜୁ) ଓ ଭସ୍ମନ୍ ଶବ୍ଦର ରୂପ 'କର୍ମନ୍' ଶବ୍ଦର ରୂପ ପରି ହେବ ।

### ଅହନ୍ (ଦିନ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅହଃ | ଅହ୍ନୀ, ଅହନୀ | ଅହାନି |
| ଦ୍ୱିତୀୟା | ଅହଃ | ଅହ୍ନୀ, ଅହନୀ | ଅହାନି |
| ତୃତୀୟା | ଅହ୍ନା | ଅହୋଭ୍ୟାମ୍ | ଅହୋଭିଃ |
| ଚତୁର୍ଥୀ | ଅହ୍ନେ | ଅହୋଭ୍ୟାମ୍ | ଅହୋଭ୍ୟଃ |
| ପଞ୍ଚମୀ | ଅହ୍ନଃ | ଅହୋଭ୍ୟାମ୍ | ଅହୋଭ୍ୟଃ |
| ଷଷ୍ଠୀ | ଅହ୍ନଃ | ଅହ୍ନୋଃ | ଅହ୍ନାମ୍ |
| ସପ୍ତମୀ | ଅହ୍ନି, ଅହନି | ଅହ୍ନୋଃ | ଅହଃସୁ, ଅହସ୍ସୁ |
| ସମ୍ବୋଧନ | ଅହଃ | ଅହ୍ନୀ, ଅହନି | ଅହାନି |

### ୩୯. ହଲନ୍ତ (ବ୍ୟଞ୍ଜନାନ୍ତ) କ୍ଲୀବଲିଙ୍ଗ ଶବ୍ଦ

### 'ସ୍'କାରାନ୍ତ - ଯଶସ୍ (ଯଶ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯଶଃ | ଯଶସୀ | ଯଶାଂସି |
| ଦ୍ୱିତୀୟା | ଯଶଃ | ଯଶସୀ | ଯଶାଂସି |
| ତୃତୀୟା | ଯଶସା | ଯଶୋଭ୍ୟାମ୍ | ଯଶୋଭିଃ |
| ଚତୁର୍ଥୀ | ଯଶସେ | ଯଶୋଭ୍ୟାମ୍ | ଯଶୋଭ୍ୟଃ |
| ପଞ୍ଚମୀ | ଯଶସଃ | ଯଶୋଭ୍ୟାମ୍ | ଯଶୋଭ୍ୟଃ |
| ଷଷ୍ଠୀ | ଯଶସଃ | ଯଶସୋଃ | ଯଶସାମ୍ |
| ସପ୍ତମୀ | ଯଶସି | ଯଶସୋଃ | ଯଶଃସୁ |
| ସମ୍ବୋଧନ | ଯଶଃ | ଯଶସୀ | ଯଶାଂସି |

ପୟସ୍, ବୟସ୍, ରଜସ୍, ତମସ୍, ସରସ୍, ତପସ୍, ମନସ୍, ଚେତସ୍, ନଭସ୍ (ଆକାଶ), ସ୍ରୋତସ୍, ବାସସ୍, ଶିରସ୍, ଅମ୍ଭସ୍ ଓ ଅର୍ଣ୍ଣସ୍ (ଜଳ) ପ୍ରଭୃତି ଶବ୍ଦର ରୂପ ଯଶସ୍ ଶବ୍ଦର ରୂପ ପରି ।

## ହବିସ୍ (ଘୃତ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ହବିଃ | ହବିଷୀ | ହବୀଂଷି |
| ଦ୍ୱିତୀୟା | ହବିଃ | ହବିଷୀ | ହବୀଂଷି |
| ତୃତୀୟା | ହବିଷା | ହବିର୍ଭ୍ୟାମ୍ | ହବିର୍ଭିଃ |
| ଚତୁର୍ଥୀ | ହବିଷେ | ହବିର୍ଭ୍ୟାମ୍ | ହବିର୍ଭ୍ୟଃ |
| ପଞ୍ଚମୀ | ହବିଷଃ | ହବିର୍ଭ୍ୟାମ୍ | ହବିର୍ଭ୍ୟଃ |
| ଷଷ୍ଠୀ | ହବିଷଃ | ହବିଷୋଃ | ହବିଷାମ୍ |
| ସପ୍ତମୀ | ହବିଷି | ହବିଷୋଃ | ହବିଃଷୁ /ହବିଷ୍ଷୁ |
| ସମ୍ବୋଧନ | ହବିଃ | ହବିଷୀ | ହବୀଂଷି |

ଜ୍ୟୋତିସ୍ (ତେଜ) ଓ ସର୍ପିସ୍ (ଘୃତ) ଶବ୍ଦର ରୂପ ଏହିପରି ।

## ଧନୁସ୍ (ଧନୁ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଧନୁଃ | ଧନୁଷୀ | ଧନୂଂଷି |
| ଦ୍ୱିତୀୟା | ଧନୁଃ | ଧନୁଷୀ | ଧନୂଂଷି |
| ତୃତୀୟା | ଧନୁଷା | ଧନୁର୍ଭ୍ୟାମ୍ | ଧନୁର୍ଭିଃ |
| ଚତୁର୍ଥୀ | ଧନୁଷେ | ଧନୁର୍ଭ୍ୟାମ୍ | ଧନୁର୍ଭ୍ୟଃ |
| ପଞ୍ଚମୀ | ଧନୁଷଃ | ଧନୁର୍ଭ୍ୟାମ୍ | ଧନୁର୍ଭ୍ୟଃ |
| ଷଷ୍ଠୀ | ଧନୁଷଃ | ଧନୁଷୋଃ | ଧନୁଷାମ୍ |

| | | | |
|---|---|---|---|
| ସପ୍ତମୀ | ଧନୁଷି | ଧନୁଷୋଃ | ଧନୁଃଷୁ |
| ସମ୍ବୋଧନ | ଧନୁଃ | ଧନୁଷୀ | ଧନୂଂଷି |

ଚକ୍ଷୁସ୍, ଆୟୁସ୍ ଓ ବପୁସ୍ ପ୍ରଭୃତି ଶବ୍ଦମାନଙ୍କର ରୂପ ଧନୁସ୍ ଶବ୍ଦର ରୂପ ପରି ହୋଇଥାଏ ।

## ୪୦. ସର୍ବନାମ

### ସର୍ବ(ସବୁ, ସମସ୍ତ) - ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବଃ | ସର୍ବୌ | ସର୍ବେ |
| ଦ୍ୱିତୀୟା | ସର୍ବମ୍ | ସର୍ବୌ | ସର୍ବାନ୍ |
| ତୃତୀୟା | ସର୍ବେଣ | ସର୍ବାଭ୍ୟାମ୍ | ସର୍ବୈଃ |
| ଚତୁର୍ଥୀ | ସର୍ବସ୍ମୈ | ସର୍ବାଭ୍ୟାମ୍ | ସର୍ବେଭ୍ୟଃ |
| ପଞ୍ଚମୀ | ସର୍ବସ୍ମାତ୍ | ସର୍ବାଭ୍ୟାମ୍ | ସର୍ବେଭ୍ୟଃ |
| ଷଷ୍ଠୀ | ସର୍ବସ୍ୟ | ସର୍ବୟୋଃ | ସର୍ବେଷାମ୍ |
| ସପ୍ତମୀ | ସର୍ବସ୍ମିନ୍ | ସର୍ବୟୋଃ | ସର୍ବେଷୁ |
| ସମ୍ବୋଧନ | ସର୍ବ | ସର୍ବୌ | ସର୍ବେ |

### ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବା | ସର୍ବେ | ସର୍ବାଃ |
| ଦ୍ୱିତୀୟା | ସର୍ବାମ୍ | ସର୍ବେ | ସର୍ବାଃ |
| ତୃତୀୟା | ସର୍ବୟା | ସର୍ବାଭ୍ୟାମ୍ | ସର୍ବାଭିଃ |
| ଚତୁର୍ଥୀ | ସର୍ବସ୍ୟୈ | ସର୍ବାଭ୍ୟାମ୍ | ସର୍ବାଭ୍ୟଃ |
| ପଞ୍ଚମୀ | ସର୍ବସ୍ୟାଃ | ସର୍ବାଭ୍ୟାମ୍ | ସର୍ବାଭ୍ୟଃ |
| ଷଷ୍ଠୀ | ସର୍ବସ୍ୟାଃ | ସର୍ବୟୋଃ | ସର୍ବାସାମ୍ |
| ସପ୍ତମୀ | ସର୍ବସ୍ୟାମ୍ | ସର୍ବୟୋଃ | ସର୍ବାସୁ |
| ସମ୍ବୋଧନ | ସର୍ବେ | ସର୍ବେ | ସର୍ବାଃ |

### କ୍ଲୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବମ୍ | ସର୍ବେ | ସର୍ବାଣି |
| ଦ୍ୱିତୀୟା | ସର୍ବମ୍ | ସର୍ବେ | ସର୍ବାଣି |
| ସମ୍ବୋଧନ | ସର୍ବ | ସର୍ବେ | ସର୍ବାଣି |

ଅନ୍ୟ ବିଭକ୍ତିମାନଙ୍କରେ ପୁଂଲିଙ୍ଗ ସର୍ବ ଶବ୍ଦର ରୂପ ପରି ହେବ ।

ବିଶ୍ୱ (ସମସ୍ତ), ସ୍ୱ (ଆତ୍ମୀୟ), ସମ (ସମସ୍ତ) ଶବ୍ଦର ରୂପ ସର୍ବଶବ୍ଦର ରୂପ ପରି ହେବ । ଇତର, ଅନ୍ୟ, ଅନ୍ୟତର, କତର, କତମ, ଏକତମ, ଏକତର ଶବ୍ଦର ରୂପ **ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ** ସର୍ବଶବ୍ଦର ରୂପ ପରି । କିନ୍ତୁ **କ୍ଲୀବଲିଙ୍ଗରେ** ପ୍ରଥମା, ଦ୍ୱିତୀୟା ଓ ସମ୍ବୋଧନ ଏକବଚନରେ ଇତରତ୍, ଅନ୍ୟତ୍, ଅନ୍ୟତରତ୍, କତରତ୍, କତମତ୍, ଏକତମତ୍, ହୁଏ । 'ସର୍ବ' ଶବ୍ଦର ତିନି ବଚନରେ (ପୁଂ-ପ୍ରଥମା) ବ୍ୟବହାର ଯଥା - (୧) ନହି ସର୍ବଃ ସର୍ବଂ ବେତ୍ତି । (୨) ସର୍ବୌ ବାନର-ରାକ୍ଷସ-ରାଜୌ ହତୌ । (୩) ସର୍ବେ ଛାତ୍ରାଃ ପଠନ୍ତି ।

### ଉଭ (ଦୁଇ)

### ପୁଂଲିଙ୍ଗ - ନିତ୍ୟ ଦ୍ୱିବଚନାନ୍ତ

ପ୍ରଥମା - ଉଭୌ, ଦ୍ୱି-ଉଭୌ, ତୃ-ଉଭାଭ୍ୟାମ୍, ଚ - ଉଭାଭ୍ୟାମ୍, ପ-ଉଭାଭ୍ୟାମ୍, ଷ-ଉଭୟୋଃ, ସ- ଉଭୟୋଃ, ସମ୍ବୋ- ହେ ଉଭୌ ।

### ଉଭ - (ଦୁଇ)

### ସ୍ତ୍ରୀଲିଙ୍ଗ, ନପୁଂସକ ଲିଙ୍ଗ - ସମାନରୂପ ।

ପ୍ର-ଉଭେ, ଦ୍ୱି- ଉଭେ, ତୃ- ଉଭାଭ୍ୟାମ୍, ଚ- ଉଭାଭ୍ୟାମ୍, ପ - ଉଭାଭ୍ୟାମ୍, ଷ- ଉଭୟୋଃ, ସ- ଉଭୟୋଃ, ସମ୍ବୋ - ହେ ଉଭେ । (ଦେବ ଶବ୍ଦ ପରି ରୂପ) ।

## ଉଭୟ - ପୁଂଲିଙ୍ଗ (ଦୁଇ ଅବୟବ ବିଶିଷ୍ଟ)

ଅକାରାନ୍ତ - ଏହାର ଦ୍ୱିବଚନ ନାହିଁ ।

| ବିଭକ୍ତି | ଏକବଚନ | ବହୁବଚନ |
|---|---|---|
| ପ୍ର - | ଉଭୟଃ | ଉଭୟେ |
| ଦ୍ୱି - | ଉଭୟମ୍ | ଉଭୟାନ୍ |
| ତୃ - | ଉଭୟେନ | ଉଭୟୈଃ |
| ଚ - | ଉଭୟସ୍ମୈ | ଉଭୟେଭ୍ୟଃ |
| ପ - | ଉଭୟସ୍ମାତ୍-ଦ୍ | ଉଭୟେଭ୍ୟଃ |
| ଷ - | ଉଭୟସ୍ୟ | ଉଭୟେଷାମ୍ |
| ସ - | ଉଭୟସ୍ମିନ୍ | ଉଭୟେଷୁ |
| ସମ୍ବୋ | ହେ ଉଭୟ | ହେ ଉଭୟେ |

( ସର୍ବ ଶବ୍ଦ ରୂପ ପରି)

## ଉଭୟ(ନପୁଂସକଲିଙ୍ଗ)

ଏହାର ଦ୍ୱିବଚନ ନାହିଁ ।

| | | |
|---|---|---|
| ପ୍ର - | ଉଭୟମ୍ | ଉଭୟାନି |
| ଦ୍ୱି - | ଉଭୟମ୍ | ଉଭୟାନି |
| ତୃ - | ଉଭୟେନ | ଉଭୟୈଃ |
| ଚ - | ଉଭୟସ୍ମୈ | ଉଭୟେଭ୍ୟଃ |
| ପ - | ଉଭୟସ୍ମାତ୍-ଦ୍ | ଉଭୟେଭ୍ୟଃ |
| ଷ - | ଉଭୟସ୍ୟ | ଉଭୟେଷାମ୍ |
| ସ - | ଉଭୟସ୍ମିନ୍ | ଉଭୟେଷୁ |
| ସମ୍ବୋ - | ହେ ଉଭୟ | ହେ ଉଭୟାନି |

### ଅନ୍ୟ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅନ୍ୟତ୍ (ଦ୍) | ଅନ୍ୟେ | ଅନ୍ୟାନି |
| ଦ୍ୱିତୀୟା | ଅନ୍ୟତ୍ (ଦ୍) | ଅନ୍ୟେ | ଅନ୍ୟାନି |
| ସମ୍ବୋଧନ | ଅନ୍ୟତ୍ (ଦ୍) | ଅନ୍ୟେ | ଅନ୍ୟାନି |

ଅନ୍ୟ ବିଭକ୍ତିରେ ସର୍ବ ଶବ୍ଦର କ୍ଳୀବଲିଙ୍ଗ ରୂପପରି ହୁଏ । ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ଯଥାକ୍ରମେ ସର୍ବ ଶବ୍ଦର ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ରୂପପରି ହୋଇଥାଏ ।

**ଅନ୍ୟତର**, ଇତର ଓ ଡତର ପ୍ରତ୍ୟୟାନ୍ତ ଯଥା - କତର, ଯତର, ପ୍ରଭୃତି । ଡତମ ପ୍ରତ୍ୟୟାନ୍ତ ଯଥା - କତମ, ଯତମ ପ୍ରଭୃତି ଶବ୍ଦର ରୂପ କ୍ଳୀବଲିଙ୍ଗରେ **ଅନ୍ୟଦ୍** ଶବ୍ଦର ରୂପ ପରି ଏବଂ ଏକତର ଶବ୍ଦର ରୂପ ସର୍ବ ଶବ୍ଦର ରୂପ ପରି ହେବ । କିନ୍ତୁ ପ୍ରଥମା ଓ ଦ୍ୱିତୀୟାରେ କତରତ୍, କତରେ, କତରାଣି ଇତ୍ୟାଦି ଏବଂ କତମତ୍, କତମେ, କତମାନି ଇତ୍ୟାଦି ହେବ ।

### ପୂର୍ବ (ପୁଂଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ପୂର୍ବଃ | ପୂର୍ବୌ | ପୂର୍ବେ, ପୂର୍ବାଃ |
| ଦ୍ୱିତୀୟା | ପୂର୍ବମ୍ | ପୂର୍ବୌ | ପୂର୍ବାନ୍ |
| ତୃତୀୟା | ପୂର୍ବେଣ | ପୂର୍ବାଭ୍ୟାମ୍ | ପୂର୍ବୈଃ |
| ଚତୁର୍ଥୀ | ପୂର୍ବସ୍ମୈ | ପୂର୍ବାଭ୍ୟାମ୍ | ପୂର୍ବେଭ୍ୟଃ |
| ପଞ୍ଚମୀ | ପୂର୍ବସ୍ମାତ୍, ପୂର୍ବାତ୍ | ପୂର୍ବାଭ୍ୟାମ୍ | ପୂର୍ବେଭ୍ୟଃ |
| ଷଷ୍ଠୀ | ପୂର୍ବସ୍ୟ | ପୂର୍ବୟୋଃ | ପୂର୍ବେଷାମ୍ |
| ସପ୍ତମୀ | ପୂର୍ବସ୍ମିନ୍, ପୂର୍ବେ | ପୂର୍ବୟୋଃ | ପୂର୍ବେଷୁ |
| ସମ୍ବୋଧନ | ପୂର୍ବ | ପୂର୍ବୌ | ପୂର୍ବେ, ପୂର୍ବାଃ |

ସ୍ତ୍ରୀଲିଙ୍ଗରେ ପୂର୍ବା ଶବ୍ଦର ରୂପ ସର୍ବା ଶବ୍ଦର ରୂପ ପରି ଓ କ୍ଳୀବଲିଙ୍ଗରେ ପୂର୍ବଶବ୍ଦର ରୂପ ୧ମା, ୨ୟା, ଓ ସମ୍ବୋଧନରେ କ୍ଳୀବଲିଙ୍ଗ ସର୍ବଶବ୍ଦର ରୂପ ପରି ଓ ଅନ୍ୟ ବିଭକ୍ତିରେ ପୁଂଲିଙ୍ଗ ପୂର୍ବଶବ୍ଦର ରୂପ ପରି ।

ପର, ଅବର, ଦକ୍ଷିଣ, ଉତ୍ତର, ଅପର, ଆତ୍ମାର୍ଥକ ଓ ଆତ୍ମୀୟାର୍ଥକ 'ସ୍ୱ' (*ସ୍ୱ - 'ସ୍ୱ'ଶବ୍ଦ ଆତ୍ମା ଓ ଜ୍ଞାତି ଅର୍ଥରେ ପୁଂଲିଙ୍ଗ, ଆତ୍ମୀୟ ଅର୍ଥରେ ତିନିଲିଙ୍ଗ, ଧନ ଅର୍ଥରେ ପୁଂଲିଙ୍ଗ ଓ କ୍ଳୀବଲିଙ୍ଗ ।*) ଏବଂ 'ଅନ୍ତର' [*ଅନ୍ତର - 'ଅନ୍ତର' ଶବ୍ଦ ବାହ୍ୟ ଓ ପରିଧାନଯୋଗ୍ୟ ଅର୍ଥକୁ ବୁଝାଏ । ଯଥା - ଅନ୍ତରେ, ଅନ୍ତରାଃ ଗୃହାଃ -ବାହ୍ୟାଃ ଇତ୍ୟର୍ଥଃ (ବାହାରଘର) । ଅନ୍ତରେ, ଅନ୍ତରାଃ ଶାଟକାଃ - ପରିଧାନୀୟାଃ ଇତ୍ୟର୍ଥଃ (ପିନ୍ଧିବା ଯୋଗ୍ୟ ବସ୍ତ୍ର ।*] ଶବ୍ଦର ରୂପ ପୁଂଲିଙ୍ଗ ଏବଂ କ୍ଳୀବଲିଙ୍ଗରେ ପୂର୍ବ ଶବ୍ଦର ରୂପ ପରି ଓ ସ୍ତ୍ରୀଲିଙ୍ଗରେ ପୂର୍ବାଶବ୍ଦର ରୂପ ପରି ।

## ତଦ୍ (ସେ) ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସଃ | ତୌ | ତେ |
| ଦ୍ୱିତୀୟା | ତମ୍ | ତୌ | ତାନ୍ |
| ତୃତୀୟା | ତେନ | ତାଭ୍ୟାମ୍ | ତୈଃ |
| ଚତୁର୍ଥୀ | ତସ୍ମୈ | ତାଭ୍ୟାମ୍ | ତେଭ୍ୟଃ |
| ପଞ୍ଚମୀ | ତସ୍ମାତ୍ | ତାଭ୍ୟାମ୍ | ତେଭ୍ୟଃ |
| ଷଷ୍ଠୀ | ତସ୍ୟ | ତୟୋଃ | ତେଷାମ୍ |
| ସପ୍ତମୀ | ତସ୍ମିନ୍ | ତୟୋଃ | ତେଷୁ |

**(ଦ୍ରଷ୍ଟବ୍ୟ- ତଦ୍, ଏତଦ୍, କିମ୍, ଯଦ୍, ଇଦମ୍, ଅଦସ୍, ଯୁଷ୍ମଦ୍ ଓ ଅସ୍ମଦ୍ ଶବ୍ଦର ସମ୍ବୋଧନ ନାହିଁ ।)**

## ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସା | ତେ | ତାଃ |
| ଦ୍ୱିତୀୟା | ତାମ୍ | ତେ | ତାଃ |
| ତୃତୀୟା | ତୟା | ତାଭ୍ୟାମ୍ | ତାଭିଃ |
| ଚତୁର୍ଥୀ | ତସ୍ୟୈ | ତାଭ୍ୟାମ୍ | ତାଭ୍ୟଃ |
| ପଞ୍ଚମୀ | ତସ୍ୟାଃ | ତାଭ୍ୟାମ୍ | ତାଭ୍ୟଃ |
| ଷଷ୍ଠୀ | ତସ୍ୟାଃ | ତୟୋଃ | ତାସାମ୍ |
| ସପ୍ତମୀ | ତସ୍ୟାମ୍ | ତୟୋଃ | ତାସୁ |

### କ୍ଳୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ତତ୍ | ତେ | ତାନି |
| ଦ୍ୱିତୀୟା | ତତ୍ | ତେ | ତାନି |

(ଅନ୍ୟ ବିଭକ୍ତିମାନଙ୍କରେ ରୂପ ପୁଂଲିଙ୍ଗ 'ତଦ୍'ଶବ୍ଦ ଭଳି ହେବ ।)

## ଯଦ୍ (ଯେ, ଯାହା)

### ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯଃ | ଯୌ | ଯେ |
| ଦ୍ୱିତୀୟା | ଯମ୍ | ଯୌ | ଯାନ୍ |
| ତୃତୀୟା | ଯେନ | ଯାଭ୍ୟାମ୍ | ଯୈଃ |
| ଚତୁର୍ଥୀ | ଯସ୍ମୈ | ଯାଭ୍ୟାମ୍ | ଯେଭ୍ୟଃ |
| ପଞ୍ଚମୀ | ଯସ୍ମାତ୍ | ଯାଭ୍ୟାମ୍ | ଯେଭ୍ୟଃ |
| ଷଷ୍ଠୀ | ଯସ୍ୟ | ଯୟୋଃ | ଯେଷାମ୍ |
| ସପ୍ତମୀ | ଯସ୍ମିନ୍ | ଯୟୋଃ | ଯେଷୁ |

### ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯା | ଯେ | ଯାଃ |
| ଦ୍ୱିତୀୟା | ଯାମ୍ | ଯେ | ଯାଃ |
| ତୃତୀୟା | ଯୟା | ଯାଭ୍ୟାମ୍ | ଯାଭିଃ |
| ଚତୁର୍ଥୀ | ଯସ୍ୟୈ | ଯାଭ୍ୟାମ୍ | ଯାଭ୍ୟଃ |
| ପଞ୍ଚମୀ | ଯସ୍ୟାଃ | ଯାଭ୍ୟାମ୍ | ଯାଭ୍ୟଃ |
| ଷଷ୍ଠୀ | ଯସ୍ୟାଃ | ଯୟୋଃ | ଯାସାମ୍ |
| ସପ୍ତମୀ | ଯସ୍ୟାମ୍ | ଯୟୋଃ | ଯାସୁ |

### କ୍ଳୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯତ୍ | ଯେ | ଯାନି |
| ଦ୍ୱିତୀୟା | ଯତ୍ | ଯେ | ଯାନି |

ଅନ୍ୟ ବିଭକ୍ତିମାନଙ୍କରେ ପୁଂଲିଙ୍ଗ ଯଦ୍ ଶବ୍ଦପରି ରୂପ ହେବ ।

## ଏତଦ୍ (ଏହା)

### ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଏଷଃ | ଏତୌ | ଏତେ |
| ଦ୍ୱିତୀୟା | ଏତମ୍, ଏନମ୍ | ଏତୌ, ଏନୌ | ଏତାନ୍, ଏନାନ୍ |
| ତୃତୀୟା | ଏତେନ, ଏନେନ | ଏତାଭ୍ୟାମ୍ | ଏତୈଃ |
| ଚତୁର୍ଥୀ | ଏତସ୍ମୈ | ଏତାଭ୍ୟାମ୍ | ଏତେଭ୍ୟଃ |
| ପଞ୍ଚମୀ | ଏତସ୍ମାତ୍ | ଏତାଭ୍ୟାମ୍ | ଏତେଭ୍ୟଃ |
| ଷଷ୍ଠୀ | ଏତସ୍ୟ | ଏତୟୋଃ, ଏନୟୋଃ | ଏତେଷାମ୍ |
| ସପ୍ତମୀ | ଏତସ୍ମିନ୍ | ଏତୟୋଃ, ଏନୟୋଃ | ଏତେଷୁ |

ଏନମ୍ - ଏତଦ୍ ଶବ୍ଦର ସ୍ଥଳବିଶେଷରେ 'ଏନ' ରୂପ ହେଲା । କୌଣସି ବ୍ୟକ୍ତି ବିଷୟରେ ପ୍ରଥମଥର ପାଇଁ କହିଲେ ଏହି ରୂପ ହୁଏ ନାହିଁ । କିନ୍ତୁ ତା ବିଷୟରେ ପୁଣିଥରେ କହିଲେ 'ଏନ' ରୂପ ହୁଏ । ଯଥା - 'ଏତଂ ଜନଂ ପଶ୍ୟ । ଏଠାରେ 'ଏନଂ' କହିବା ଭୁଲ୍ । କିନ୍ତୁ *ଅଙ୍ଗଂ* ବଧ୍ୱାଗେ, 'ଏନଂ ପଶ୍ୟ' କହିଲେ ଠିକ୍ ହେବ ।

### ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଏଷା | ଏତେ | ଏତାଃ |
| ଦ୍ୱିତୀୟା | ଏତାମ୍, ଏନାମ୍ | ଏତେ, ଏନେ | ଏତାଃ, ଏନାଃ |
| ତୃତୀୟା | ଏତୟା, ଏନୟା | ଏତାଭ୍ୟାମ୍ | ଏତାଭିଃ |
| ଚତୁର୍ଥୀ | ଏତସ୍ୟୈ | ଏତାଭ୍ୟାମ୍ | ଏତାଭ୍ୟଃ |
| ପଞ୍ଚମୀ | ଏତସ୍ୟାଃ | ଏତାଭ୍ୟାମ୍ | ଏତାଭ୍ୟଃ |
| ଷଷ୍ଠୀ | ଏତସ୍ୟାଃ | ଏତୟୋଃ, ଏନୟୋଃ | ଏତାସାମ୍ |
| ସପ୍ତମୀ | ଏତସ୍ୟାମ୍ | ଏତୟୋଃ, ଏନୟୋଃ | ଏତାସୁ |

### କ୍ଲୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଏତତ୍ | ଏତେ | ଏତାନି |
| ଦ୍ୱିତୀୟା | ଏତତ୍, ଏନତ୍ | ଏତେ, ଏନେ | ଏତାନି, ଏନାନି |

ଅନ୍ୟ ବିଭକ୍ତିମାନଙ୍କରେ ପୁଂଲିଙ୍ଗ ଏତଦ୍ ଶବ୍ଦର ରୂପ ପରି ହେବ ।

## କିମ୍ (କିଏ, କଣ)

### ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କଃ | କୌ | କେ |
| ଦ୍ୱିତୀୟା | କମ୍ | କୌ | କାନ୍ |
| ତୃତୀୟା | କେନ | କାଭ୍ୟାମ୍ | କୈଃ |
| ଚତୁର୍ଥୀ | କସ୍ମୈ | କାଭ୍ୟାମ୍ | କେଭ୍ୟଃ |
| ପଞ୍ଚମୀ | କସ୍ମାତ୍ | କାଭ୍ୟାମ୍ | କେଭ୍ୟଃ |
| ଷଷ୍ଠୀ | କସ୍ୟ | କୟୋଃ | କେଷାମ୍ |
| ସପ୍ତମୀ | କସ୍ମିନ୍ | କୟୋଃ | କେଷୁ |

### ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କା | କେ | କାଃ |
| ଦ୍ୱିତୀୟା | କାମ୍ | କେ | କାଃ |
| ତୃତୀୟା | କୟା | କାଭ୍ୟାମ୍ | କାଭିଃ |
| ଚତୁର୍ଥୀ | କସ୍ୟୈ | କାଭ୍ୟାମ୍ | କାଭ୍ୟଃ |
| ପଞ୍ଚମୀ | କସ୍ୟାଃ | କାଭ୍ୟାମ୍ | କାଭ୍ୟଃ |
| ଷଷ୍ଠୀ | କସ୍ୟାଃ | କୟୋଃ | କାସାମ୍ |
| ସପ୍ତମୀ | କସ୍ୟାମ୍ | କୟୋଃ | କାସୁ |

### କ୍ଲୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | କିମ୍ | କେ | କାନି |
| ଦ୍ବିତୀୟା | କିମ୍ | କେ | କାନି |

ଅନ୍ୟ ବିଭକ୍ତିମାନଙ୍କରେ ପୁଂଲିଙ୍ଗ ପରି ରୂପ ହେବ ।

## ଇଦମ୍ (ଏହି)

### ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅୟମ୍ | ଇମୌ | ଇମେ |
| ଦ୍ବିତୀୟା | ଇମମ୍, ଏନମ୍ | ଇମୌ, ଏନୌ | ଇମାନ୍, ଏନାନ୍ |
| ତୃତୀୟା | ଅନେନ, ଏନେନ | ଆଭ୍ୟାମ୍ | ଏଭିଃ |
| ଚତୁର୍ଥୀ | ଅସ୍ମୈ | ଆଭ୍ୟାମ୍ | ଏଭ୍ୟଃ |
| ପଞ୍ଚମୀ | ଅସ୍ମାତ୍ | ଆଭ୍ୟାମ୍ | ଏଭ୍ୟଃ |
| ଷଷ୍ଠୀ | ଅସ୍ୟ | ଅନୟୋଃ, ଏନୟୋଃ | ଏଷାମ୍ |
| ସପ୍ତମୀ | ଅସ୍ମିନ୍ | ଅନୟୋଃ, ଏନୟୋଃ | ଏଷୁ |

### ସ୍ତ୍ରୀଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଇୟମ୍ | ଇମେ | ଇମାଃ |
| ଦ୍ବିତୀୟା | ଇମାମ୍, ଏନାମ୍ | ଇମେ, ଏନେ | ଇମାଃ, ଏନାଃ |
| ତୃତୀୟା | ଅନୟା, ଏନୟା | ଆଭ୍ୟାମ୍ | ଆଭିଃ |
| ଚତୁର୍ଥୀ | ଅସ୍ୟୈ | ଆଭ୍ୟାମ୍ | ଆଭ୍ୟଃ |
| ପଞ୍ଚମୀ | ଅସ୍ୟାଃ | ଆଭ୍ୟାମ୍ | ଆଭ୍ୟଃ |
| ଷଷ୍ଠୀ | ଅସ୍ୟାଃ | ଅନୟୋଃ, ଏନୟୋଃ | ଆସାମ୍ |
| ସପ୍ତମୀ | ଅସ୍ୟାମ୍ | ଅନୟୋଃ, ଏନୟୋଃ | ଆସୁ |

### କ୍ଲୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଇଦମ୍ | ଇମେ | ଇମାନି |
| ଦ୍ୱିତୀୟା | ଇଦମ୍, ଏନତ୍ | ଇମେ, ଏନେ | ଇମାନି, ଏନାନି |

ଅନ୍ୟ ବିଭକ୍ତିମାନଙ୍କରେ ରୂପ ପୁଂଲିଙ୍ଗ ଭଳି ହେବ ।

(ଏନମ୍ - ପୁନରୁକ୍ତି ବୁଝାଇଲେ ଇଦମ୍ ଓ ଏତଦ୍ ଶବ୍ଦର ଦ୍ୱିତୀୟା ଓ ତୃତୀୟା ବିଭକ୍ତିର ଏକବଚନରେ ଏବଂ ଷଷ୍ଠୀ ଓ ସପ୍ତମୀ ବିଭକ୍ତିର ଦ୍ୱିବଚନରେ ପକ୍ଷେ 'ଏନ' ଆଦେଶ ହୁଏ ।

ଯେଉଁ ବ୍ୟକ୍ତି ବିଷୟରେ ପ୍ରଥମେ କିଛି କୁହାଯାଇଥାଏ, ଯଦି ତାହା ବିଷୟରେ ପରେ ଅନ୍ୟ କିଛି କହିବାକୁ ହୁଏ ତେବେ ପୁଂଲିଙ୍ଗରେ 'ଏନମ୍', ସ୍ତ୍ରୀଲିଙ୍ଗରେ 'ଏନାମ୍' ଏବଂ କ୍ଲୀବଲିଙ୍ଗରେ 'ଏନତ୍' ପ୍ରଭୃତିର ପ୍ରୟୋଗ ହୁଏ । )

### ଅଦସ୍ (ସେ) ପୁଂଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅସୌ | ଅମୂ | ଅମୀ |
| ଦ୍ୱିତୀୟା | ଅମୁମ୍ | ଅମୂ | ଅମୂନ୍ |
| ତୃତୀୟା | ଅମୁନା | ଅମୂଭ୍ୟାମ୍ | ଅମୀଭିଃ |
| ଚତୁର୍ଥୀ | ଅମୁଷ୍ମୈ | ଅମୂଭ୍ୟାମ୍ | ଅମୀଭ୍ୟଃ |
| ପଞ୍ଚମୀ | ଅମୁଷ୍ମାତ୍ | ଅମୂଭ୍ୟାମ୍ | ଅମୀଭ୍ୟଃ |
| ଷଷ୍ଠୀ | ଅମୁଷ୍ୟ | ଅମୁୟୋଃ | ଅମୀଷାମ୍ |
| ସପ୍ତମୀ | ଅମୁଷ୍ମିନ୍ | ଅମୁୟୋଃ | ଅମୀଷୁ |

### (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅସୌ | ଅମୂ | ଅମୂଃ |
| ଦ୍ୱିତୀୟା | ଅମୂମ୍ | ଅମୂ | ଅମୂଃ |
| ତୃତୀୟା | ଅମୁୟା | ଅମୂଭ୍ୟାମ୍ | ଅମୂଭିଃ |
| ଚତୁର୍ଥୀ | ଅମୁଷ୍ୟୈ | ଅମୂଭ୍ୟାମ୍ | ଅମୂଭ୍ୟଃ |

| | | | |
|---|---|---|---|
| ପଞ୍ଚମୀ | ଅମୁଷ୍ୟାଃ | ଅମୂଭ୍ୟାମ୍ | ଅମୂଭ୍ୟଃ |
| ଷଷ୍ଠୀ | ଅମୁଷ୍ୟାଃ | ଅମୁୟୋଃ | ଅମୂଷାମ୍ |
| ସପ୍ତମୀ | ଅମୁଷ୍ୟାମ୍ | ଅମୁୟୋଃ | ଅମୂଷୁ |

### କ୍ଲୀବଲିଙ୍ଗ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅଦଃ | ଅମୂ | ଅମୂନି |
| ଦ୍ୱିତୀୟା | ଅଦଃ | ଅମୂ | ଅମୂନି |

(ଅନ୍ୟ ବିଭକ୍ତିମାନଙ୍କରେ ପୁଂଲିଙ୍ଗ ପରି ରୂପ ହେବ ।)

## ୪୧. ତିନି ଲିଙ୍ଗରେ ସମାନ ରୂପ ବିଶିଷ୍ଟ ସର୍ବନାମ

### ଯୁଷ୍ମଦ୍ (ତୁ, ତୁମେ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ତ୍ୱମ୍ | ଯୁବାମ୍ | ଯୂୟମ୍ |
| ଦ୍ୱିତୀୟା | ତ୍ୱାମ୍, ତ୍ୱା | ଯୁବାମ୍, ବାମ୍ | ଯୁଷ୍ମାନ୍, ବଃ |
| ତୃତୀୟା | ତ୍ୱୟା | ଯୁବାଭ୍ୟାମ୍ | ଯୁଷ୍ମାଭିଃ |
| ଚତୁର୍ଥୀ | ତୁଭ୍ୟମ୍, ତେ | ଯୁବାଭ୍ୟାମ୍, ବାମ୍ | ଯୁଷ୍ମଭ୍ୟମ୍, ବଃ |
| ପଞ୍ଚମୀ | ତ୍ୱତ୍ | ଯୁବାଭ୍ୟାମ୍ | ଯୁଷ୍ମତ୍ |
| ଷଷ୍ଠୀ | ତବ, ତେ | ଯୁବୟୋଃ, ବାମ୍ | ଯୁଷ୍ମାକମ୍, ବଃ |
| ସପ୍ତମୀ | ତ୍ୱୟି | ଯୁବୟୋଃ | ଯୁଷ୍ମାସୁ |

### ଅସ୍ମଦ୍ (ମୁଁ, ଆମେ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅହମ୍ | ଆବାମ୍ | ବୟମ୍ |
| ଦ୍ୱିତୀୟା | ମାମ୍, ମା | ଆବାମ୍, ନୌ | ଅସ୍ମାନ୍, ନଃ |
| ତୃତୀୟା | ମୟା | ଆବାଭ୍ୟାମ୍ | ଅସ୍ମାଭିଃ |

| | | | |
|---|---|---|---|
| ଚତୁର୍ଥୀ | ମହ୍ୟମ୍, ମେ | ଆବାଭ୍ୟାମ୍, ନୌ | ଅସ୍ମଭ୍ୟମ୍, ନଃ |
| ପଞ୍ଚମୀ | ମତ୍ | ଆବାଭ୍ୟାମ୍ | ଅସ୍ମତ୍ |
| ଷଷ୍ଠୀ | ମମ, ମେ | ଆବୟୋଃ, ନୌ | ଅସ୍ମାକମ୍,ନଃ |
| ସପ୍ତମୀ | ମୟି | ଆବୟୋଃ | ଅସ୍ମାସୁ |

ତେ, ମେ, ବାମ୍, ନୌ, ନଃ, ବଃ, ତ୍ୱା, ଓ ମା -ଏହି ପଦଗୁଡ଼ିକ ବାକ୍ୟର ଆଦ୍ୟରେ; ଚ, ବା, ଏବ ଓ ହା,ଏହି ଅବ୍ୟୟ ଯୋଗରେ ଏବଂ ସମ୍ବୋଧନ ପଦର ଠିକ୍ ପରେ ବ୍ୟବହୃତ ହୁଏ ନାହିଁ । ଉଦାହରଣ -

୧. ବାକ୍ୟର ଆଦ୍ୟରେ; ଯଥା - ତବ ଗୃହଂ କୁତ୍ର ବର୍ତ୍ତତେ ? ଏଠାରେ 'ତବ' ପରିବର୍ତ୍ତେ 'ତେ' ହେବ ନାହିଁ ।

୨. ଶ୍ଳୋକର କୌଣସି ପାଦର ଆଦ୍ୟରେ; ଯଥା - ବିପନ୍ନାନାଂ ହରିସ୍ତାତ ମାଂ ରକ୍ଷେନ୍ନାସ୍ତି ସଂଶୟଃ । ଏଠାରେ 'ମାଂ' ପରିବର୍ତ୍ତେ 'ମା' ହେବ ନାହିଁ ।

୩. ଚ, ବା ଓ ଏବ ସହିତ ଯୋଗ ଥିଲେ, ଯଥା -

(କ) ଗୁରୁ ତବ ମମ ଚ ହିତକାରୀ । ଏଠାରେ 'ତେ', 'ମେ' ହେବ ନାହିଁ ।

(ଖ) ପିତା ତ୍ୱାଂ ମାଂ ବା ଆଦିଶେତ୍ । ଏଠାରେ'ତ୍ୱା' 'ମା' ହେବ ନାହିଁ ।

(ଗ) ଅସ୍ମିନ୍ ପୁସ୍ତକେ ମମ ଏବ ଅଧିକାରଃ ଅସ୍ତି, ନ ଅନ୍ୟସ୍ୟ । ଏଠାରେ 'ମେ' ହେବ ନାହିଁ।

୪. ଅଚାକ୍ଷୁଷ ଜ୍ଞାନକୁ ବୁଝାଉଥିବା ଧାତୁ ଯୋଗରେ; ଯଥା - ହେ ଭଗବନ୍! ଭକ୍ତଃ ମନସା ତବ ରୂପଂ ପଶ୍ୟତି ଧ୍ୟାୟତି ବା । ଏଠାରେ ପଶ୍ୟତି ଓ ଧ୍ୟାୟତି ଚାକ୍ଷୁଷ ଜ୍ଞାନକୁ ବୁଝାଉ ନାହିଁ । ତେଣୁ 'ତବ ରୂପଂ' ଏଠାରେ 'ତେ ରୂପଂ' ହେବ ନାହିଁ । ସଃ ତ୍ୱାଂ ତ୍ୱା ବା ଚକ୍ଷୁଷା ପଶ୍ୟତି । ଏଠାରେ 'ପଶ୍ୟତି' ଚାକ୍ଷୁଷ ଜ୍ଞାନକୁ ବୁଝାଉଥିବାରୁ 'ତ୍ୱାମ୍' ଏବଂ 'ତ୍ୱା' ଉଭୟର ପ୍ରୟୋଗ ହୋଇପାରେ ।

୫. ସମ୍ବୋଧନର ଠିକ୍ ପରେ; ଯଥା - ପିତଃ! ଅସ୍ମାନ୍ ରକ୍ଷ । ଏଠାରେ 'ନଃ' ହେବ ନାହିଁ, କିନ୍ତୁ ସମ୍ବୋଧନର ପୂର୍ବରେ ସମ୍ବୋଧନ ଭିନ୍ନ ଅନ୍ୟ କୌଣସି ପଦଥିଲେ ହୁଏ, ଯଥା - ସର୍ବଦା ରକ୍ଷ ଦେବ! ନଃ ।

୬. ସମ୍ବୋଧନ ପୂର୍ବରେ ଅନ୍ୟ ଗୋଟିଏ ସମ୍ବୋଧନ ଥିଲେ ହୁଏ ନାହିଁ; ଯଥା – ହେ ଶିବ ! ହେ ଶଙ୍କର ! ଅସ୍ମାନ୍ ପାହି । ଏଠାରେ 'ନଃ' ହେବ ନାହିଁ; କିନ୍ତୁ ବିଶେଷଣର ପୂର୍ବରେ ତାହାର ବିଶେଷ୍ୟ ଥିଲେ ଏବଂ ଉଭୟ ସମ୍ବୋଧନ ପଦ ହୋଇଥିଲେ ଉକ୍ତ ନିଷେଧ ବଳବତ୍ତର ହୁଏ ନାହିଁ;ଯଥା – ହରେ ଦୟାଳୋ ! ନଃ ପାହି । ଏଠାରେ 'ଦୟାଳୋ' ବିଶେଷଣ ପୂର୍ବରେ 'ହରେ' ଏହି ବିଶେଷ୍ୟ ଅଛି ଏବଂ ଉଭୟ ସମ୍ବୋଧନ ପଦ ଅଟନ୍ତି ।

## ସଂଖ୍ୟାବାଚକ ବିଶେଷଣ

## 'ଅ'କାରାନ୍ତ (ପୁଂଲିଙ୍ଗ)

## ଏକ (ନିତ୍ୟ ଏକବଚନାନ୍ତ)

'ଏକ' ଶବ୍ଦ ଏକବଚନାନ୍ତ, କିନ୍ତୁ କେହି କେହି ଅର୍ଥରେ ବହୁବଚନାନ୍ତ ହୁଏ; ତିନି ଲିଙ୍ଗରେ ରୂପ ସର୍ବ ଶବ୍ଦପରି । ଏକେ ବଦନ୍ତି - କେହି କହନ୍ତି ।

### ଦ୍ୱି (ଦୁଇ)- ଦ୍ୱିବଚନାନ୍ତ ପୁଂଲିଙ୍ଗ

ଦ୍ୱୌ, ଦ୍ୱୌ, ଦ୍ୱାଭ୍ୟାମ୍, ଦ୍ୱାଭ୍ୟାମ୍, ଦ୍ୱାଭ୍ୟାମ୍, ଦ୍ୱୟୋଃ, ଦ୍ୱୟୋଃ ।

### ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ

ଦ୍ୱେ, ଦ୍ୱେ, ଦ୍ୱାଭ୍ୟାମ୍,ଦ୍ୱାଭ୍ୟାମ୍,ଦ୍ୱାଭ୍ୟାମ୍, ଦ୍ୱୟୋଃ, ଦ୍ୱୟୋଃ ।

### ତ୍ରି - ତିନି (ତ୍ରି ଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ବହୁବଚନାନ୍ତ)

### ପୁଂଲିଙ୍ଗ

ତ୍ରୟଃ, ତ୍ରୀନ୍, ତ୍ରିଭିଃ, ତ୍ରିଭ୍ୟଃ, ତ୍ରିଭ୍ୟଃ, ତ୍ରୟାଣାମ୍, ତ୍ରିଷୁ ।

### ସ୍ତ୍ରୀଲିଙ୍ଗ

ତିସ୍ରଃ, ତିସ୍ରଃ, ତିସୃଭିଃ, ତିସୃଭ୍ୟଃ, ତିସୃଭ୍ୟଃ, ତିସୃଣାମ୍, ତିସୃଷୁ ।

### କ୍ଲୀବଲିଙ୍ଗ

ତ୍ରୀଣି, ତ୍ରୀଣି, ତ୍ରିଭିଃ, ତ୍ରିଭ୍ୟଃ, ତ୍ରିଭ୍ୟଃ, ତ୍ରୟାଣାମ୍, ତ୍ରିଷୁ ।

### ଚତୁର୍ - (ଚାରି) ପୁଂଲିଙ୍ଗ

ଚତ୍ୱାରଃ, ଚତୁରଃ, ଚତୁର୍ଭିଃ, ଚତୁର୍ଭ୍ୟଃ,ଚତୁର୍ଭ୍ୟଃ, ଚତୁର୍ଣାମ୍, ଚତୁର୍ଷୁ ।

### ସ୍ତ୍ରୀଲିଙ୍ଗ

ଚତସ୍ରଃ, ଚତସ୍ରଃ, ଚତସୃଭିଃ, ଚତସୃଭ୍ୟଃ, ଚତସୃଭ୍ୟଃ, ଚତସୃଣାମ୍, ଚତସୃଷୁ ।

### କ୍ଲୀବଲିଙ୍ଗ

ଚତ୍ୱାରି, ଚତ୍ୱାରି, ଚତୁର୍ଭିଃ, ଚତୁର୍ଭ୍ୟଃ, ଚତୁର୍ଭ୍ୟଃ, ଚତୁର୍ଣାମ୍, ଚତୁର୍ଷୁ ।

### ପଞ୍ଚନ୍ - ପାଞ୍ଚ

ପଞ୍ଚନ୍‌ଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦର ତିନି ଲିଙ୍ଗରେ ରୂପ ସମାନ ।

ପଞ୍ଚ, ପଞ୍ଚ, ପଞ୍ଚଭିଃ, ପଞ୍ଚଭ୍ୟଃ, ପଞ୍ଚଭ୍ୟଃ, ପଞ୍ଚାନାମ୍, ପଞ୍ଚସୁ ।

### ଷଷ୍ - ଛଅ

ଷଟ୍, ଷଟ୍, ଷଡ୍‌ଭିଃ, ଷଡ୍‌ଭ୍ୟଃ, ଷଡ୍‌ଭ୍ୟଃ, ଷଣ୍ଣାମ୍, ଷଟ୍‌ସୁ ।

### ଅଷ୍ଟନ୍ - ଆଠ

ଅଷ୍ଟୌ / ଅଷ୍ଟ, ଅଷ୍ଟୌ / ଅଷ୍ଟ, ଅଷ୍ଟାଭିଃ / ଅଷ୍ଟଭିଃ, ଅଷ୍ଟାଭ୍ୟଃ / ଅଷ୍ଟଭ୍ୟଃ, ଅଷ୍ଟାଭ୍ୟଃ / ଅଷ୍ଟଭ୍ୟଃ, ଅଷ୍ଟାନାମ୍, ଅଷ୍ଟସୁ / ଅଷ୍ଟାସୁ ।

ସପ୍ତନ୍, ନବନ୍, ଦଶନ୍, ଏକାଦଶନ୍, ଦ୍ୱାଦଶନ୍, ତ୍ରୟୋଦଶନ୍, ଚତୁର୍ଦ୍ଦଶନ୍, ପଞ୍ଚଦଶନ୍, ଷୋଡ଼ଶନ୍, ସପ୍ତଦଶନ୍ ଓ ଅଷ୍ଟାଦଶନ୍ ଶବ୍ଦର ରୂପ ପଞ୍ଚନ୍ ଶବ୍ଦପରି । ଦ୍ୱି ଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦର ସମ୍ବୋଧନ ରୂପ ପ୍ରଥମା ପରି ।

ଊନବିଂଶତି ପ୍ରଭୃତି ସମସ୍ତ ସଂଖ୍ୟାବାଚକ ଶବ୍ଦ ସର୍ବଦା ଏକବଚନାନ୍ତ ; କିନ୍ତୁ ଏମାନଙ୍କର ବିଶେଷ୍ୟ ବହୁବଚନାନ୍ତ ହୁଏ । ଏମାନଙ୍କ ମଧ୍ୟରୁ ଇକାରାନ୍ତଗୁଡ଼ିକର ମତି ଶବ୍ଦ ପରି ଓ ତ୍‌କାରାନ୍ତଗୁଡ଼ିକର ଭୂଭୃତ୍ ଶବ୍ଦପରି ଓ ଅକାରାନ୍ତଗୁଡ଼ିକର ପ୍ରାୟ ଫଳ ଶବ୍ଦପରି ରୂପ ହୁଏ । (ଇକାରାନ୍ତ ଓ ତକାରାନ୍ତ ଶବ୍ଦ ସ୍ତ୍ରୀଲିଙ୍ଗ ଏବଂ ଅକାରାନ୍ତ ଶବ୍ଦ ପ୍ରାୟ କ୍ଲୀବଲିଙ୍ଗ) ଯଥା, ବିଂଶତିଃ ବାଳକାଃ, ତ୍ରିଂଶତ୍ ବାଳିକାଃ, ନବତିଃ ଫଳାନି, ଶତଂ ଲତାଃ ଇତ୍ୟାଦି । କିନ୍ତୁ ଏମାନେ ଦ୍ୱିତ୍ୱ ଓ ବହୁତ୍ୱ ଅର୍ଥରେ ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ହୁଅନ୍ତି । ଯଥା- ଦ୍ୱେ ବିଂଶତୀ, ତ୍ରୀଣି ଶତାନି ଇତ୍ୟାଦି ।

ଉଦାହରଣ -

| ବିଭକ୍ତି | ଊନବିଂଶତି (୧୯) | ତ୍ରିଂଶତ୍ (୩୦) | ଶତ (୧୦୦) |
|---|---|---|---|
| ପ୍ରଥମା | ଊନବିଂଶତିଃ | ତ୍ରିଂଶତ୍ | ଶତମ୍ |
| ଦ୍ୱିତୀୟା | ଊନବିଂଶତିମ୍ | ତ୍ରିଂଶତମ୍ | ଶତମ୍ |
| ତୃତୀୟା | ଊନବିଂଶତ୍ୟା | ତ୍ରିଂଶତା | ଶତେନ |
| ଚତୁର୍ଥୀ | ଊନବିଂଶତ୍ୟୈ/ଊନବିଂଶତୟେ | ତ୍ରିଂଶତେ | ଶତାୟ |
| ପଞ୍ଚମୀ | ଊନବିଂଶତ୍ୟାଃ/ଊନବିଂଶତେଃ | ତ୍ରିଂଶତଃ | ଶତାତ୍ |
| ଷଷ୍ଠୀ | ଊନବିଂଶତ୍ୟାଃ/ଊନବିଂଶତେଃ | ତ୍ରିଂଶତଃ | ଶତସ୍ୟ |
| ସପ୍ତମୀ | ଊନବିଂଶତ୍ୟାମ୍/ଊନବିଂଶତୌ | ତ୍ରିଂଶତି | ଶତେ |
| ସମ୍ବୋଧନ | ଊନବିଂଶତେ | ତ୍ରିଂଶତ୍ | ଶତ |

ଊନବିଂଶତିଃ । ଏକୋନବିଂଶତିଃ, ବିଂଶତିଃ, ଏକବିଂଶତିଃ, ଦ୍ୱାବିଂଶତିଃ, ତ୍ରୟୋବିଂଶତିଃ, ଚତୁର୍ବିଂଶତିଃ, ପଞ୍ଚବିଂଶତିଃ, ଷଡ୍‌ବିଂଶତିଃ, ସପ୍ତବିଂଶତିଃ, ଅଷ୍ଟାବିଂଶତିଃ, ନବବିଂଶତିଃ । ଊନତ୍ରିଂଶତ୍, ତ୍ରିଂଶତ୍, ଏକତ୍ରିଂଶତ୍, ଦ୍ୱାତ୍ରିଂଶତ୍, ତ୍ରୟସ୍ତ୍ରିଂଶତ୍, ଚତୁସ୍ତ୍ରିଂଶତ୍, ପଞ୍ଚତ୍ରିଂଶତ୍, ଷଟ୍ତ୍ରିଂଶତ୍, ସପ୍ତତ୍ରିଂଶତ୍, ଅଷ୍ଟାତ୍ରିଂଶତ୍, ନବତ୍ରିଂଶତ୍ । ଊନଚତ୍ୱାରିଂଶତ୍, ଚତ୍ୱାରିଂଶତ୍, ଏକଚତ୍ୱାରିଂଶତ୍, ଦ୍ୱାଚତ୍ୱାରିଂଶତ୍ । ଦ୍ୱିଚତ୍ୱାରିଂଶତ୍, ତ୍ରୟଶ୍ଚତ୍ୱାରିଂଶତ୍ । ତ୍ରିଚତ୍ୱାରିଂଶତ୍, ଚତୁଶ୍ଚତ୍ୱାରିଂଶତ୍, ପଞ୍ଚଚତ୍ୱାରିଂଶତ୍, ଷଟ୍-ଚତ୍ୱାରିଂଶତ୍, ସପ୍ତଚତ୍ୱାରିଂଶତ୍, ଅଷ୍ଟାଚତ୍ୱାରିଂଶତ୍ । ଅଷ୍ଟଚତ୍ୱାରିଂଶତ୍, ନବଚତ୍ୱାରିଂଶତ୍ । ଊନପଞ୍ଚାଶତ୍, ପଞ୍ଚାଶତ୍, ଏକପଞ୍ଚାଶତ୍, ଦ୍ୱାପଞ୍ଚାଶତ୍ । ଦ୍ୱିପଞ୍ଚାଶତ୍, ତ୍ରୟଃପଞ୍ଚାଶତ୍ । ତ୍ରିପଞ୍ଚାଶତ୍, ଚତୁଃପଞ୍ଚାଶତ୍, ପଞ୍ଚପଞ୍ଚାଶତ୍, ଷଟ୍‌ପଞ୍ଚାଶତ୍, ସପ୍ତପଞ୍ଚାଶତ୍, ଅଷ୍ଟା(ଷ୍ଟ)ପଞ୍ଚାଶତ୍, ନବପଞ୍ଚାଶତ୍ । ଊନଷଷ୍ଟିଃ, ଷଷ୍ଟିଃ, ଏକଷଷ୍ଟିଃ, ଦ୍ୱା(ଦ୍ୱି)ଷଷ୍ଟିଃ, ତ୍ରୟଃ(ତ୍ରି)ଷଷ୍ଟିଃ, ଚତୁଃଷଷ୍ଟିଃ, ପଞ୍ଚଷଷ୍ଟିଃ, ଷଟ୍‌ଷଷ୍ଟିଃ, ସପ୍ତଷଷ୍ଟିଃ, ଅଷ୍ଟା(ଷ୍ଟ)ଷଷ୍ଟିଃ, ନବଷଷ୍ଟିଃ । ଊନସପ୍ତତିଃ, ସପ୍ତତିଃ, ଏକସପ୍ତତିଃ, ଦ୍ୱା(ଦ୍ୱି)ସପ୍ତତିଃ, ତ୍ରୟଃ

(ତ୍ରି)ସପ୍ତତିଃ, ଚତୁଃସପ୍ତତିଃ, ପଞ୍ଚସପ୍ତତିଃ, ଷଟ୍‌ସପ୍ତତିଃ, ସପ୍ତସପ୍ତତିଃ, ଅଷ୍ଟା(ଷ୍ଟ)ସପ୍ତତିଃ, ନବସପ୍ତତିଃ / ଊନାଶୀତିଃ, ଅଶୀତିଃ, ଏକାଶୀତିଃ, ଦ୍ୱ୍ୟଶୀତିଃ, ତ୍ର୍ୟଶୀତିଃ, ଚତୁରଶୀତିଃ, ପଞ୍ଚାଶୀତିଃ, ଷଡ଼ଶୀତିଃ, ସପ୍ତାଶୀତିଃ, ଅଷ୍ଟାଶୀତିଃ, ନବାଶୀତିଃ / ଊନନବତିଃ, ନବତିଃ,ଏକନବତିଃ, ଦ୍ୱା(ଦ୍ୱି)ନବତିଃ, ତ୍ରୟୋ(ତ୍ରି)ନବତିଃ, ଚତୁର୍ନବତିଃ, ପଞ୍ଚନବତିଃ, ଷଣ୍ଣବତିଃ, ସପ୍ତନବତିଃ, ଅଷ୍ଟା(ଷ୍ଟ)ନବତିଃ, ନବନବତିଃ / ଊନଶତମ୍, ଶତମ୍, ଏକାଧିକଂଶତମ୍, ଦ୍ୱ୍ୟଧିକଂଶତମ୍, ଇତ୍ୟାଦି । ସହସ୍ରମ୍, ଅୟୁତମ୍, ଲକ୍ଷମ୍, ନିୟୁତମ୍, କୋଟିଃ, ଅର୍ବୁଦମ୍ / ଅର୍ବୁଦଃ, ବୃନ୍ଦଃ, ଖର୍ବମ୍ / ଖର୍ବଃ, ନିଖର୍ବମ୍ / ନିଖର୍ବଃ, ଶଙ୍ଖଃ, ପଦ୍ମମ୍ / ପଦ୍ମଃ, ସାଗରଃ, ଅନ୍ତ୍ୟମ୍, ମଧ୍ୟମ୍, ପରାର୍ଦ୍ଧମ୍ ।

ଦ୍ରଷ୍ଟବ୍ୟ :-

୧. ଉକ୍ତ ସଂଖ୍ୟାବାଚକ ବିଶେଷଣଗୁଡିକ ଏକବଚନାନ୍ତ ହେଲେ ମଧ୍ୟ ଏମାନଙ୍କ ବିଶେଷ୍ୟଗୁଡିକ ବହୁବଚନାନ୍ତ ହୁଅନ୍ତି । ଯଥା - ବିଂଶତିଃ ବାଳକାଃ, ତ୍ରିଂଶତ୍ ଫଳାନି, ଶତମ୍ ଅଶ୍ୱାଃ, ଶତଂ ଗଜାଃ ଓ ପଞ୍ଚାଶତ୍ ବାଳିକାଃ ପ୍ରଭୃତି ।

ଉକ୍ତ ସଂଖ୍ୟାବାଚକ ବିଶେଷଣ ଗୁଡିକ ଦ୍ୱିତ୍ୱ (ଦୁଇଗୁଣ) କିମ୍ବା ବହୁତ୍ୱ (ବହୁଗୁଣ) ବୁଝାଇଲେ ସେହି ସଂଖ୍ୟାବାଚକ ଶବ୍ଦଗୁଡିକ ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ହୁଅନ୍ତି । ଯଥା - ଦ୍ୱେ ବିଂଶତୀ (ଦୁଇକୋଡ଼ି), ତିସ୍ରଃ ବିଂଶତୟଃ (ତିନିକୋଡ଼ି), ଦ୍ୱେ ଶତେ (ଦୁଇଶହ), ତ୍ରୀଣି ଶତାନି (ତିନିଶହ), ଚତ୍ୱାରି ଶତାନି (ଚାରିଶହ) ସହସ୍ରାଣି (ହଜାର ହଜାର) ଇତ୍ୟାଦି । ଆମ୍ରାଣି ଦ୍ୱେ ବିଂଶତୀ - (ଦୁଇକୋଡ଼ି ଅର୍ଥରେ) ଦ୍ୱେ ଶତେ (ଦୁଇଶହ) ଆମ୍ବ ଅର୍ଥରେ ।

ଅତଏବ, ଏହି ସଂଖ୍ୟାବାଚକ ଶବ୍ଦଗୁଡିକ ବିଶେଷଣ ଓ ବିଶେଷ୍ୟ ହୋଇ ବ୍ୟବହୃତ ହୁଅନ୍ତି ଏବଂ ନିଜ ନିଜ ନିର୍ଦ୍ଦିଷ୍ଟ ଲିଙ୍ଗକୁ ତ୍ୟାଗ କରନ୍ତି ନାହିଁ । ବିଶେଷଣ ହୋଇ ବ୍ୟବହୃତ ହେଲେ ନିତ୍ୟ ଏକବଚନାନ୍ତ (ବିଶେଷ୍ୟ ବହୁବଚନାନ୍ତ ଥିଲେ ମଧ୍ୟ) ଓ ବିଶେଷ୍ୟ ହୋଇ ବ୍ୟବହୃତ ହେଲେ ଏକବଚନାନ୍ତ, ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ହୁଅନ୍ତି । ଯଥା -

(କ) ବିଶେଷଣ ରୂପେ - ଏକୋନବିଂଶତିଃ ବାଳକାଃ, ଏକୋନବିଂଶତିଃ ବାଳିକାଃ, ଏକୋନବିଂଶତିଃ ପୁସ୍ତକାନି । ଚତ୍ୱାରିଂଶତା ବାଳକୈଃ, ଚତ୍ୱାରିଂଶତା ବାଳିକାଭିଃ, ଚତ୍ୱାରିଂଶତା ପୁସ୍ତକୈଃ । ଶତଂ ନୃପାଃ, ଶତଂ ନଦ୍ୟଃ, ଶତଂ ପୁସ୍ତକାଣି ଇତ୍ୟାଦି ।

(ଖ) ବିଶେଷ୍ୟରୂପେ - ବୃକ୍ଷାଣାମ୍ ଏକବିଂଶତିଃ, ସୈନ୍ୟାନାଂ ଶତମ୍, ଛାତ୍ରାଣାଂ ଦ୍ୱେ ବିଂଶତୀ, ମୁଦ୍ରାଣାଂ ଦ୍ୱେ ଶତେ,ବୃକ୍ଷାଣାଂ ତିସ୍ରଃ ବିଂଶତୟଃ, ଲତାନାଂ ତ୍ରୀଣି ଶତାନି ଇତ୍ୟାଦି ।

୨. 'ତ୍ରି' ଓ 'ଚତୁର୍' ଶବ୍ଦର ସ୍ତ୍ରୀଲିଙ୍ଗ ଷଷ୍ଠୀ ବହୁବଚନରେ 'ଣ' ହୁଏ ନାହିଁ । *(ନ ତିସୃଚତସ୍ରୋର୍ନାମି ଦୀର୍ଘଃ)* ।

୩. ତିନିଲିଙ୍ଗରେ ସମାନ ରୂପ ବିଶିଷ୍ଟ ସଂଖ୍ୟାବାଚକ ବିଶେଷଣ-

ପଞ୍ଚନ୍ ଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦମାନଙ୍କର ରୂପ ତିନିଲିଙ୍ଗରେ ସମାନ ଏବଂ ବହୁବଚନାନ୍ତ ।

| ବିଭକ୍ତି | ବହୁବଚନ | ବହୁବଚନ | ବହୁବଚନ |
|---|---|---|---|
| ପ୍ରଥମା | ପଞ୍ଚ | ଷଟ୍ | ଅଷ୍ଟୌ, ଅଷ୍ଟ |
| ଦ୍ୱିତୀୟା | ପଞ୍ଚ | ଷଟ୍ | ଅଷ୍ଟୌ, ଅଷ୍ଟ |
| ତୃତୀୟା | ପଞ୍ଚଭିଃ | ଷଡ୍ଭିଃ | ଅଷ୍ଟାଭିଃ, ଅଷ୍ଟଭିଃ |
| ଚତୁର୍ଥୀ | ପଞ୍ଚଭ୍ୟଃ | ଷଡ୍ଭ୍ୟଃ | ଅଷ୍ଟାଭ୍ୟଃ, ଅଷ୍ଟଭ୍ୟଃ |
| ପଞ୍ଚମୀ | ପଞ୍ଚଭ୍ୟଃ | ଷଡ୍ଭ୍ୟଃ | ଅଷ୍ଟାଭ୍ୟଃ, ଅଷ୍ଟଭ୍ୟଃ |
| ଷଷ୍ଠୀ | ପଞ୍ଚାନାମ୍ | ଷଣ୍ଣାମ୍ | ଅଷ୍ଟାନାମ୍ |
| ସପ୍ତମୀ | ପଞ୍ଚସୁ | ଷଟ୍ସୁ | ଅଷ୍ଟାସୁ, ଅଷ୍ଟସୁ |
| ସମ୍ବୋଧନ | ପଞ୍ଚ | ଷଟ୍ | ଅଷ୍ଟୌ, ଅଷ୍ଟ |

୪. 'ନ୍'କାରାନ୍ତ ସପ୍ତନ୍, ନବନ୍, ଦଶନ୍, ଏକାଦଶନ୍, ଦ୍ୱାଦଶନ୍, ତ୍ରୟୋଦଶନ୍, ଚତୁର୍ଦ୍ଦଶନ୍, ପଞ୍ଚଦଶନ୍, ଷୋଡ଼ଶନ୍, ସପ୍ତଦଶନ୍, ଓ ଅଷ୍ଟାଦଶନ୍ ଶବ୍ଦର ରୂପ ପଞ୍ଚନ୍ ଶବ୍ଦର ରୂପ ପରି ।

୫. ଏକଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ଶବ୍ଦଗୁଡ଼ିକ ବିଶେଷଣ ହୋଇ ବ୍ୟବହୃତ ହୁଅନ୍ତି; ଯଥା - ଏକଃ ବାଳକଃ, ଏକା ବାଳିକା, ଏକଂ ପୁସ୍ତକମ୍, ଦ୍ୱୌ ବାଳକୌ, ଦ୍ୱେ ବାଳିକେ, ଦ୍ୱେ ପୁସ୍ତକେ ଇତ୍ୟାଦି ।

୬. ଊନବିଂଶତି (୧୯)ଠାରୁ ପରାର୍ଦ୍ଧ (ଏକରେ ସତରଟି ଶୂନ) ପର୍ଯ୍ୟନ୍ତ ସମସ୍ତ ସଂଖ୍ୟାବାଚକ ଶବ୍ଦ ଏକବଚନାନ୍ତ । ସେଥିମଧ୍ୟରୁ କେତେକ ସ୍ତ୍ରୀଲିଙ୍ଗ, କେତେକ ପୁଂଲିଙ୍ଗ ଓ କେତେକ କ୍ଲୀବଲିଙ୍ଗ ।

୭. ତିନିଲିଙ୍ଗରେ ସମାନରୂପବିଶିଷ୍ଟ ପରିମାଣବାଚକ ବିଶେଷଣ-

କତି (କେତେ) ଶବ୍ଦ ବହୁବଚନାନ୍ତ । ପ୍ରଥମା ଓ ଦ୍ୱିତୀୟା ବିଭକ୍ତି ବ୍ୟତୀତ ଅନ୍ୟ ବିଭକ୍ତିରେ ମୁନି ଶବ୍ଦର ବହୁବଚନର ରୂପ ପରି ରୂପ କରାଯାଏ । ଯଥା - କତି, କତି, କତିଭିଃ, କତିଭ୍ୟଃ, କତିଭ୍ୟଃ କତୀନାମ୍, କତିଷୁ, କତି ।

୮. କେତେକ ସଂଖ୍ୟାବାଚକ ଓ ପୂରଣ ପ୍ରତ୍ୟୟାନ୍ତ ଶବ୍ଦର ବ୍ୟବହାର-

ଦୁଇଜଣ ପୁରୁଷ - ଦ୍ୱୌ ପୁରୁଷୌ । ଦ୍ୱିତୀୟ ପୁରୁଷ - ଦ୍ୱିତୀୟଃ ପୁରୁଷଃ ।
ତିନୋଟି କନ୍ୟା - ତିସ୍ରଃ କନ୍ୟାଃ । ତୃତୀୟ କନ୍ୟା - ତୃତୀୟା କନ୍ୟା ।
ଛଅଋତୁ - ଷଟ୍ ଋତବଃ । ଷଷ୍ଠ ଋତୁ - ଷଷ୍ଠଃ ଋତୁଃ ।
ସାତଦିନ - ସପ୍ତଦିନାନି । ସପ୍ତମ ଦିନ - ସପ୍ତମଂ ଦିନମ୍ ।
ନବଗ୍ରହ - ନବଗ୍ରହାଃ । ନବଗ୍ରହ - ନବମଃ ଗ୍ରହଃ ।
ଦଶମାସ - ଦଶମାସାଃ । ଦଶମ ମାସ - ଦଶମଃ ମାସଃ ।

୯. ଅନ୍ୟ କେତେକ ଶବ୍ଦର ବୈଶିଷ୍ଟ୍ୟ -

(କ) ବୃକ୍ଷକୁ ବୁଝାଇଲେ ବୃକ୍ଷବାଚକ ଶବ୍ଦ ପୁଂଲିଙ୍ଗ ଓ ଫଳ କିମ୍ବା ଫୁଲକୁ

ବୁଝାଇଲେ କ୍ଳୀବଲିଙ୍ଗ ହୁଏ । ଯଥା -

ଗୁବାକଃ (ଗୁଆଗଛ), ଗୁବାକମ୍ (ଗୁଆ) । ପାଟଳଃ (ଗୋଲାପଗଛ), ପାଟଳମ୍ (ଗୋଲାପଫୁଲ) ଇତ୍ୟାଦି ।

(ଖ) ସ୍ତ୍ରୀ, ନାରୀ ଓ ରମଣୀ ପ୍ରଭୃତି ଶବ୍ଦଶେଷରେ ଲୋକ କିମ୍ବା ଜନ ଶବ୍ଦ ଲାଗିଲେ ତାହା ପୁଂଲିଙ୍ଗ ହୁଏ । ଯଥା -

ଏତେ ସ୍ତ୍ରୀଜନାଃ । ଏତେ ସ୍ତ୍ରୀଲୋକାଃ ଇତ୍ୟାଦି ।

(ଗ) ଦେଶ ଓ ପ୍ରଦେଶବାଚକ ଶବ୍ଦ ପ୍ରାୟ ବହୁବଚନାନ୍ତ ହୁଏ । ଯଥା - 'ଉତ୍କଳାଃ' ଓ 'ବଙ୍ଗାଃ' ପ୍ରଭୃତି; କିନ୍ତୁ ଦେଶ ଓ ବିଷୟ ପ୍ରଭୃତି ଶବ୍ଦ ଯୋଗରେ ଏହା ଏକବଚନାନ୍ତ ହୁଏ । ଯଥା -

ମଗଧଦେଶେ, କଳିଙ୍ଗବିଷୟେ ଇତ୍ୟାଦି । *'ଦେଶବାଚକାଃ ପ୍ରାୟେଣ ବହୁବାଚକାଃ ।'*

(ଘ) ଗଣ, ସଂଘ, ସମୂହ ଓ ସମାଜ ପ୍ରଭୃତି ସମୂହବାଚକ ଶବ୍ଦ ବହୁତ୍ୱବୋଧକ ହେଲେ ମଧ୍ୟ ଏକବଚନାନ୍ତ ଓ ପୁଂଲିଙ୍ଗ ହୁଅନ୍ତି । ଯଥା -

ମାନବଗଣଃ, ଜାତିସଂଘଃ, ଓ ଛାତ୍ରସମାଜଃ ଇତ୍ୟାଦି ।

(ଙ) ଶରଣ, କାରଣ, ପ୍ରମାଣ, ପାତ୍ର, ଆସ୍ପଦ, ସ୍ଥାନ, ପଦ, ଭାଜନ, ନିଦାନ ଓ ମୂଳ ପ୍ରଭୃତି ଶବ୍ଦ ସର୍ବଦା କ୍ଳୀବଲିଙ୍ଗ ଓ ଏକବଚନାନ୍ତ ହୁଅନ୍ତି । ଏଗୁଡ଼ିକୁ 'ଅଜହଲ୍ଲିଙ୍ଗ' କୁହାଯାଏ । ଯଥା -

ଗୁଣାଃ ପୂଜାସ୍ଥାନମ୍ । ମାତା ଭକ୍ତିଭାଜନମ୍ ।

ଭବନ୍ତଃ ପ୍ରମାଣମ୍ । ସମ୍ପଦଃ ପଦମାପଦାମ୍ ....ଇତ୍ୟାଦି ।

***

## ଅନୁଶୀଳନୀ - ୧

୧. ଅଧସ୍ତନଶବ୍ଦାନାଂ ପ୍ରଥମାବହୁବଚନେ ରୂପାଣି ଲିଖତ ।

ରାଜନ୍, ଶ୍ରେୟସ୍, ହସ୍ତିନ୍, ବୁଦ୍ଧିମତ୍, ଗରିମନ୍ ।

୨. ଅଧସ୍ତନଶବ୍ଦାନାଂ ଦ୍ୱିତୀୟା ବହୁବଚନେ ରୂପାଣି ଲିଖତ ।

ଗୁରୁ , ନେତୃ, ଭୂପତି, ଦେବୃ ।

୩. ଅଧସ୍ତନଶବ୍ଦାନାଂ ତୃତୀୟା ଦ୍ୱିବଚନେ ରୂପାଣି ଲିଖତ ।

ଅକ୍ଷତ, ସଖି, ପତି, ଗଣପତି, କ୍ଷୁଧା, ଜାନୁ ।

୪. ଅଧସ୍ତନଶବ୍ଦାନାଂ ଚତୁର୍ଥ୍ୟେକବଚନେ ରୂପାଣି ଲିଖତ ।

ମାତୃ, ବୁଦ୍ଧି, ଜନନୀ, ବଧୂ, ସ୍ୱସୃ, ଧେନୁ, ଶ୍ରୀ, ଲକ୍ଷ୍ମୀ, ବିଦ୍ୟା ।

୫. ଅଧସ୍ତନଶବ୍ଦାନାଂ ପଞ୍ଚମ୍ୟେକବଚନେ ରୂପାଣି ଲିଖତ ।

ରୋଗିନ୍, ଗରୀୟସ୍, ପଥିନ୍, ଅଶ୍ମନ୍, ସଭାସଦ୍, ଦଦତ୍ ।

୬. ଅଧସ୍ତନଶବ୍ଦାନାଂ ଷଷ୍ଠିବହୁବଚନେ ରୂପାଣି ଲିଖତ ।

ବାରି, ଅସ୍ଥି, କର୍ତ୍ତୃ, ମିତ୍ର (କ୍ଲୀବେ), ବସ୍ତୁ, ପତ୍ର, ଜାନୁ ।

୭. ଅଧସ୍ତନଶବ୍ଦାନାଂ ସପ୍ତମ୍ୟେକବଚନେ ରୂପାଣି ଲିଖତ ।

ତପସ୍, ପ୍ରେମନ୍, ଲୋମନ୍, ଯଶସ୍, କିମ୍, ଇଦମ୍, ତଦ୍, ସର୍ବ, ଏତଦ୍, ଅଦସ୍, ଯୁଷ୍ମଦ୍ ।

୮. ପ୍ରାତିପଦିକଂ, ବିଭକ୍ତିଂ, ବଚନଂ ଚ ଲିଖତ ।

ଦେବରାଃ, ଦେବରାଃ; ନରାଃ, ନରାଃ; ବିଧୌ, ବିଧେ ।

ଦେବତାୟାଃ, ବୁଦ୍ଧ୍ୟାଃ, ଜନନୀଭିଃ, ବନ୍ଧୁନାମ୍, ଶ୍ୱଶ୍ରୂ, ସ୍ୱସୃଃ ।

୯. ସଂଶୋଧନଂ କୁରୁତ ।

ଭୂପତ୍ୟାଃ । ଅସ୍ଥୁମ୍ । ପ୍ରାଣେନ । ସୁହୃନା । ପିତୃନାମ୍ । ଅସ୍ତ୍ରିସ୍ୟ । ହରିନା । ଛାତ୍ରାନାମ୍ । ଭ୍ରାତାସ୍ୟ । ହେ ବିଷ୍ଣୁଃ । କୁମାରୀନାଂ ଲୀଳା । ଅମ୍ବେ ! ମାଂ ରକ୍ଷ । ଲକ୍ଷ୍ମୀ ଜଗନ୍ନାଥଂ ସେବତେ । ମମ ସ୍ୱସାରଃ କ୍ରୀଡନ୍ତି । ଲକ୍ଷ୍ମୀ ସାଗରସ୍ୟ ଦୁହିତା । କାକଃ ଚଞ୍ଚୁନା ଖାଦତି । ମହାନଦୀ ତରଙ୍ଗ ଚଳତି । ବଧେଃ ଭ୍ରାତା ଆଗଚ୍ଛତି । ହେ ମାତା ! ଅତ୍ର ଆଗଚ୍ଛ । ସରଳଯା ନୀତିନା । ଭ୍ରମରୋ ମଧୁଂ ପିବତି । ରାମଃ ଫଳାନ୍ ଆନୟତି । ବାରିଂ ବିନା ମନୁଷ୍ୟା ନ ଜୀବନ୍ତି । ଦଧିନଃ ଘୃତମ୍ ଉତ୍ପନ୍ନଂ ଭବତି । ମଧୁ ସହ ଔଷଧଂ ଭକ୍ଷୟ । ସର୍ବଦା ମଧୁରାନ୍ ବଚନାନ୍ ବଦ । ତୈଳଂ ବାତବ୍ୟାଧିନଃ ହର୍ତ୍ତା । ଧନୀନାଂ ବିପଶ୍ଚିତାନାଂ ଚ ସର୍ବତ୍ର ଆଦରଃ ଭବତି । କ୍ଷୁଧାର୍ତ୍ତାୟ ଅନ୍ନଂ ଦଦନ୍ ଅହମ୍ ଆନନ୍ଦଂ ଲଭେ । ଈଶ୍ୱରସ୍ୟ ମହିମାଂ ଜ୍ଞାତୁଂ ପ୍ରାଣୀନଃ ନ ସମର୍ଥାଃ । ସୁହୃଦାନାଂ ବଚନଂ ହିତକରମ୍ । ଗୁରୁଃ ପଠନ୍ତଃ ଛାତ୍ରାନ୍ ପ୍ରଶଂସତି । ଜ୍ୟୋତିର୍ବିଦାୟ ସନ୍ମାନଂ ପ୍ରଦର୍ଶୟ । ଶୁନଃ ଦନ୍ତାଃ ତୀକ୍ଷ୍ଣାଃ । ବିଦ୍ୱବସ୍ ନର ସର୍ବସ୍ଥାନେ ପୂଜାଂ ଲଭତେ । ଭୃତ୍ୟଃ ରାଜାଂ ପ୍ରଣମତି । ଗୋବିନ୍ଦଃ କନୀୟସେନ ଭ୍ରାତୃଣା ସହବିଦ୍ୟାଳୟଂ ଗଚ୍ଛତି । ସମ୍ରାଟଂ ପ୍ରଜାଃ ବଦନ୍ତି । ପଥେ ବୃକ୍ଷାଃ ସନ୍ତି । ବିଦ୍ୱାନାନାଂ ସର୍ବତ୍ର ଆଦରଃ ଭବତି । ଆତ୍ମୟାଃ ଉନ୍ନତିଂ କରୁ । ରୋଗିସ୍ୟ ସେବାଂ କୁରୁ । ସମ୍ପଦେ ଗର୍ବଂ ନ କୁରୁ । ଆପଦେଷୁ ଦୁର୍ଗାଂ ସ୍ମର । ସରିତାତ୍ ଯୋଷିଦଃ ଜଳମ୍ ଆନୟନ୍ତି । ଭଗବାନସ୍ୟ ଦୟା ମହାନ୍ । ବର୍ଷାସୁ ସରିତାନାଂ ଜଳମ୍ ଆବିଳମ୍ । ବିପଦାତ୍ ମିତ୍ରଂ ରକ୍ଷ । ଶିଶୁନାଂ ବାକ୍ ମଧୁରମ୍ । କୂପସ୍ୟ ଅପଃ ନିର୍ମଳାଃ ଭବନ୍ତି । ଅହଂ ପ୍ରତିଦିନଂ ଗବାଂ ପୟଂ ପିବାମି । କର୍ମଣାଂ ଫଳମ୍ ଅବଶ୍ୟଂ ଭୋକ୍ତବ୍ୟମ୍ । କଦାପି କର୍କଶଃ ବଚଃ ନ ବକ୍ତବ୍ୟଃ । ମାଧବସ୍ୟ ଗ୍ରାମେ ବହବଃ ସରସଃ ସନ୍ତି । ଯଶଃ ସ୍ଥାୟୀ ଭବତି । ଜୀବନଃ ସ୍ଥାୟୀ ନ ଭବତି ।

ଅମୀ ସ୍ତ୍ରିୟଃ ନଦୀଂ ଗଚ୍ଛନ୍ତି । ଅସ୍ୟ ଲତାୟାଃ ପୁଷ୍ପମୟମ୍ । ସର୍ବାଃ ବାଳକାଃ ବିଦ୍ୟାଳୟଂ ଗଚ୍ଛନ୍ତି । ଅୟଂ ଇମଂ ବ୍ୟାକରଣଂ ଅପଠତ । ଏତେ ରତ୍ନାନି ମୂଲ୍ୟବନ୍ତଃ । ଯୌ ବାଳିକେ ଆଗତେ । ତାଭ୍ୟାଂ ଶିକ୍ଷକଃ ଜ୍ଞାନଂ ଦଦାତି । ଅନ୍ୟଂ ଗୃହଂ ଗଚ୍ଛ । ଅସ୍ମିନ୍ ବିପଦି ମମ ଭଗବାନଃ ସହାୟଃ । ମମ ଦ୍ୱୌ ଲେଖନ୍ୟୌ । ପଞ୍ଚଃ ମୃଗାଃ ଧାବନ୍ତି । ଅସ୍ମାନି ପୁସ୍ତକାନି ଆନୟ । ବିଂଶତୟଃ ବାଳକାଃ କ୍ରୀଡନ୍ତି । ପୃଥିବ୍ୟାଂ ସପ୍ତାଃ ସମୁଦ୍ରାଃ ସନ୍ତି । ଦ୍ୱେ ପୁରୁଷୌ ଗଚ୍ଛତଃ । ତ୍ରିଣି ଫଳାନି ସନ୍ତି । ଚତ୍ୱାରଃ ନଦ୍ୟଃ ପ୍ରବହନ୍ତି । ତ୍ରୟଃ ଲେଖନ୍ୟଃ ଆନୟ । ଚତସୃଣଂ ବାଳକନାମ୍ ପୁସ୍ତକାନି ।

୧୦. ଅଧସ୍ତନପଦାନାଂ ଲିଙ୍ଗଂ ବଚନଂ ବିଭକ୍ତିଂ ଚ ଲିଖ -

ଯୋଷିତାମ୍, ଅକ୍ଷ୍ୟାଃ, ପ୍ରେୟସେ, ଦିଶଃ, ବିପଦ, ଇନ୍ଦୁଷେ ।

୧୧. ବନ୍ଧନୀମଧ୍ୟସ୍ଥଶବ୍ଦାନାମ୍ ଉପଯୁକ୍ତ ରୂପଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟ -

(କ) ------- ପ୍ରାନ୍ତରେ କ୍ରୀଡନ୍ତି । (ମିତ୍ର)

(ଖ) ମତ୍ସ୍ୟାଃ ------- ସନ୍ତରନ୍ତି । (ବାରି)

(ଗ) ------- ସହ ଔଷଧଂ ଭକ୍ଷୟ । (ମଧୁ)

(ଘ) ------- ଘୃତଂ ଉତ୍ପଦ୍ୟତେ । (ଦଧି)

(ଙ) ଅତ୍ର ------ ତିଷ୍ଠନ୍ତି । (ବିଦ୍ୱାନାଃ, ବିଦ୍ୱାଂସଃ, ବିଦୁଷଃ)

(ଚ) -------ଶୋଭା ଅପୂର୍ବା । (ବିଦ୍ୟୁତଃ, ବିଦ୍ୟୁତସ୍ୟ, ବିଦ୍ୟୁତେଃ)

(ଛ) ଅହଂ ---- ତଂ ଜାନାମି । (ଜନ୍ମାତ, ଜନ୍ମନି, ଜନ୍ମନଃ)

(ଜ) ------- ରାଜଧାନ୍ୟାଂ ସନ୍ତି । (ମନ୍ତ୍ରିଣଃ, ମନ୍ତ୍ରାଣଃ, ମନ୍ତ୍ରୟଃ)

(ଙ) ଶିବସ୍ୟ ------- ଚକ୍ଷୁଃ ଶୋଭତେ । (ଶିରେ, ଶିରସି, ଶିରସେ)

୧୩. ବନ୍ଧନୀମଧ୍ୟାତ୍ ଯୋଗ୍ୟଂ ପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟ -

(କେ, ଇମାଃ, ତସ୍ୟାଃ, ଇଦଂ, ଏତସ୍ମାତ, ଅସ୍ୟାଂ)

(କ) ---------- ନଦ୍ୟାଃ ଜଳମାବିଳମ୍ ।

(ଖ) ---------- ଆପଃ ନିର୍ମଳାଃ ।

(ଗ) --------- ଧନୂଃ ପଶ୍ୟ ।(ଘ) --------- ଧନିକଃ ଧନମାନୟ ।

(ଙ) ------- ଭ୍ରାତରଃ ଅତ୍ର ପଠନ୍ତି ।

୧୩. ଅଧସ୍ତନପଦାନି ପ୍ରଯୁଜ୍ୟ ବାକ୍ୟାନି ରଚୟତ -

ସମ୍ରାଟ୍, ଉପନିଷଦାମ୍, ବଣିଜଃ, ତଡିତଃ, ସଂସଦି,ଦିକ୍ଷୁ, ଶରଦି,
ବିଦୁଷାମ୍, ବିଦ୍ୟୁତା, ତଯା, ଅମୁତ, ଯୁଷ୍ମଭ୍ୟମ୍, କସ୍ୟାଃ, ଏନମ୍,
କଃ, କୌ, ଅନ୍ୟସ୍ମିନ୍, ଯୟୋଃ ।

୧୪. ପ୍ରଭେଦଂ ପ୍ରଦର୍ଶୟ -

ଅହ୍ନା - ଅହ୍ନି । ନାମ୍ନା - ନାମ୍ନି । ନରଃ - ନରାଃ ।
ମିତ୍ରମ୍ - ମିତ୍ରଃ । ମଧୁ - ମଧୂନି ।

୧୫. ତ୍ରିଷୁ ଲିଙ୍ଗେଷୁ ରୂପାଣି ଲିଖତ ।

ତ୍ରିଶବ୍ଦସ୍ୟ ପ୍ରଥମାୟାମ୍, ଚତୁର୍ ଶବ୍ଦସ୍ୟ ଷଷ୍ଠ୍ୟାମ୍,
ଏକଶବ୍ଦସ୍ୟ ଦ୍ୱିତୀୟାୟାମ୍, ଅଷ୍ଟନ୍, ଦ୍ୱି - ଏତୟୋଃ
ଶବ୍ଦୟୋଃ ପ୍ରଥମାୟାମ୍ ।

୧୭. ସଂସ୍କୃତେନ ଅନୁବଦତ -

କ) ଆଜି ପାଞ୍ଚଜଣ ଛାତ୍ର ନନ୍ଦନକାନନ ଗଲେ ।

ଖ) ସେମାନେ ଭୁବନେଶ୍ୱରରେ ତିନି ଦିନ ରହିବେ ।

ଗ) ସେମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟାକରଣ ପଢନ୍ତି ।

ଘ) ଅନ୍ୟ ତିନିଜଣଙ୍କର ସାହିତ୍ୟରେ ଜ୍ଞାନ ଅଛି ।

ଙ) ଚାରିଜଣ ବାଳିକା ଗୀତ ଗାଉଛନ୍ତି ।

ଚ) ତୁମେ ତିନୋଟି ଫଳ ଆଣ ।

ଛ) ଆଜି ତୁମଘରେ ଶହେଜଣ ଅତିଥି ଖାଇବେ ।

***

# ୮ - ତିଙନ୍ତ ପ୍ରକରଣ

ବାକ୍ୟଗଠନରେ କର୍ତ୍ତା, କର୍ମ ଏବଂ ଧାତୁ (କ୍ରିୟାପଦ) ରହିଥାଏ । ସଂସ୍କୃତଭାଷାରେ ଧାତୁ ସହିତ ସଂଯୁକ୍ତ ହେଉଥିବା ପ୍ରତ୍ୟୟଙ୍କୁ ତିଙ୍ ପ୍ରତ୍ୟୟ ବୋଲି କୁହାଯାଏ । ମୂଳଧାତୁରେ ତିଙ୍ ପ୍ରତ୍ୟୟ ଯୋଗହେବା ପରେ ତାହା କ୍ରିୟାପଦ (ତିଙନ୍ତ)ରେ ପରିଣତ ହୁଏ । ଏହି ତିଙ୍ ପ୍ରତ୍ୟୟ ଗୁଡ଼ିକର ସଂଖ୍ୟା ୧୮ ଅଟେ । ଯଥା -

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତିପ୍ | ତସ୍ | ଝି |
| ମଧ୍ୟମ ପୁରୁଷ | ସିପ୍ | ଥସ୍ | ଥ |
| ଉତ୍ତମ ପୁରୁଷ | ମିପ୍ | ବସ୍ | ମସ୍ |
| ପ୍ରଥମ ପୁରୁଷ | ତ | ଆତାମ୍ | ଝ |
| ମଧ୍ୟମ ପୁରୁଷ | ଥାସ୍ | ଆଥାମ୍ | ଧ୍ୱମ୍ |
| ଉତ୍ତମ ପୁରୁଷ | ଇଟ୍ | ବହି | ମହିଙ୍ |

ଆରମ୍ଭର 'ତି' ଠାରୁ ଅନ୍ତିମ୍ 'ଙ୍' ପର୍ଯ୍ୟନ୍ତ 'ତିଙ୍' ପ୍ରତ୍ୟାହାର ଅଟେ । ମୂଳଧାତୁରେ 'ତିଙ୍' ପ୍ରତ୍ୟୟ ଯୋଗହେଲେ କ୍ରିୟାପଦ ଗଠିତ ହୋଇଥାଏ । ଯଥା - ଭୂ+ତିପ୍ = ଭବତି, ପଠ୍+ତିପ୍ = ପଠତି, ଗମ୍+ତିପ୍ = ଗଚ୍ଛତି ।

## ଧାତୁମାନଙ୍କର ବିଭାଗ

ସଂସ୍କୃତରେ ଯେତେ ଧାତୁ ଅଛନ୍ତି ସେଗୁଡ଼ିକ ୩ ଭାଗରେ ବିଭକ୍ତ । (୧) ପରସ୍ମୈପଦୀ, (୨) ଆତ୍ମନେପଦୀ, (୩) ଉଭୟପଦୀ ।

**୧. ପରସ୍ମୈପଦୀ** - ପରସ୍ମୈପଦୀ ନାମକରଣରୁ ଜଣାଯାଏ ଯେ ଧାତୁ ବା କ୍ରିୟାର ଫଳ ପରପାଇଁ ବା ଅନ୍ୟପାଇଁ ଉଦ୍ଦିଷ୍ଟ । ଯଥା - *ବ୍ରାହ୍ମଣଃ ରାଜ୍ଞେ ଯଜତି ଅଥବା ପାଚକଃ ଅନ୍ନଂ ପଚତି* । ଉକ୍ତ ଦୁଇଟି ବାକ୍ୟରେ ଯଜ୍ଞକାର୍ଯ୍ୟ ଓ ପାକ କାର୍ଯ୍ୟ ଅନ୍ୟପାଇଁ ଉଦ୍ଦିଷ୍ଟ । ତେଣୁ ଉଭୟସ୍ଥାନରେ ପରସ୍ମୈପଦୀ ଧାତୁର ପ୍ରୟୋଗ କରାଯାଇଅଛି । 'ତିପ୍'ଠାରୁ 'ମସ୍' ପ୍ରତ୍ୟୟ ପର୍ଯ୍ୟନ୍ତ ପରସ୍ମୈପଦ ପ୍ରତ୍ୟୟ ।

**୨. ଆତ୍ମନେପଦୀ** - ଯେଉଁଠାରେ କ୍ରିୟାର ଫଳ କର୍ତ୍ତା ନିଜେ ଭୋଗକରେ ସେ ସ୍ଥାନରେ ଧାତୁ ଆତ୍ମନେପଦୀ ହୋଇଥାଏ । ଯଥା - *ସେବକଃ ସେବତେ* । ଏଠାରେ ସେବାକାର୍ଯ୍ୟ ସେବକର ସ୍ୱାର୍ଥନିମିତ୍ତ ଉଦ୍ଦିଷ୍ଟ । ଠିକ୍ ସେହିପରି *'ଫଳଂ ଲୋଟତେ'* - ଏଠାରେ ଲୁଟିବା କ୍ରିୟା ଫଳଖାଉଥିବା ବ୍ୟକ୍ତି ପାଇଁ ପ୍ରଯୁକ୍ତ । 'ତ' ଠାରୁ 'ମହିଙ୍' ପର୍ଯ୍ୟନ୍ତ ପ୍ରତ୍ୟୟ ଆତ୍ମନେପଦ ପ୍ରତ୍ୟୟ । *(ତଙାନାବାତ୍ମନେପଦମ୍ - ପା. ୧.୪.୧୦୦)* । ଶାନଚ୍ - ମଧ୍ୟ ଆତ୍ମନେପଦ ପ୍ରତ୍ୟୟ ।

**୩. ଉଭୟପଦୀ** - କେତେଗୁଡ଼ିଏ ଧାତୁ ମଧ୍ୟ ଉଭୟପଦୀ ହୋଇଥାନ୍ତି । କର୍ତ୍ତା ପରପାଇଁ ଏବଂ ନିଜପାଇଁ କାର୍ଯ୍ୟକଲେ କ୍ରିୟା ଉଭୟପଦୀ ହୋଇଥାଏ । ଯଥା - ମାତା ଅନ୍ନଂ ପଚତି, ରମା ଅନ୍ନଂ ପଚତେ ।

ଏ ସ୍ଥାନରେ ପ୍ରଥମ ବାକ୍ୟରେ ଥିବା ପଚତି କ୍ରିୟାଟି ଅନ୍ୟପାଇଁ ଉଦ୍ଦିଷ୍ଟ ହୋଇଥିବା ସ୍ଥଳେ ଦ୍ୱିତୀୟ ବାକ୍ୟରେ ଥିବା ସେହି ପଚ୍ ଧାତୁର ପଚତେ କ୍ରିୟାଟି ନିଜପାଇଁ ହୋଇଥିବା କାରଣରୁ କ୍ରିୟାପଦଟି ପ୍ରଥମବାକ୍ୟରେ ପରସ୍ମୈପଦୀ ଓ ଦ୍ୱିତୀୟ ବାକ୍ୟରେ ଆତ୍ମନେପଦୀ ହୋଇଅଛି । ତେଣୁ ପଚ୍ ଧାତୁଟି ଉଭୟପଦୀ ଧାତୁ । ଏହିଭଳି କିଛି ଉଭୟପଦୀ ଧାତୁ ମଧ୍ୟ ଅଛନ୍ତି । ପ୍ରକୃତରେ ଆତ୍ମନେପଦୀ, ପରସ୍ମୈପଦୀ ଓ ଉଭୟପଦୀ ରୂପେ ଧାତୁର ସଂଗ୍ରହ ଦେଖି ଚିହ୍ନିବାକୁ ହେବ ।

## ଗଣ

ସଂସ୍କୃତ ବ୍ୟାକରଣରେ ମୂଳଧାତୁମାନଙ୍କୁ ପ୍ରକାରଭେଦରେ ଦଶଗୋଟି ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଭାଗକୁ ଗଣ କୁହାଯାଏ । ମହର୍ଷି ପାଣିନି ଧାତୁପାଠରେ ଦଶଗୋଟି ଗଣର ଉଲ୍ଲେଖ କରିଛନ୍ତି । ଯଥା -

*ଭ୍ୱାଦ୍ୟଦାଦୀ ଜୁହୋତ୍ୟାଦିର୍ଦିବାଦିଃ ସ୍ୱାଦିରେବ ଚ ।*
*ତୁଦାଦିଶ୍ଚ ରୁଧାଦିଶ୍ଚ ତନ-କ୍ର୍ୟାଦି - ଚୁରାଦୟଃ ।।*

ଭ୍ୱାଦି, ଅଦାଦି, ଜୁହୋତ୍ୟାଦି, ଦିବାଦି, ସ୍ୱାଦି, ତୁଦାଦି, ରୁଧାଦି, ତନାଦି, କ୍ର୍ୟାଦି ଓ ଚୁରାଦିଗଣ । ଉକ୍ତ ଗଣଗୁଡ଼ିକର ଉଲ୍ଲେଖ କରାଯାଉଥିବାବେଳେ ସେଥିରେ ଆଦି ଶବ୍ଦର ପ୍ରୟୋଗ କରାଯାଇଛି । ଯଥା - ଭ୍ୱାଦି । ଭ୍ୱାଦିର ଅର୍ଥ ହେଲା ଭୂ ଧାତୁପରି ରୂପହେଉଥିବା ଅନ୍ୟାନ୍ୟ ଧାତୁଗୁଡ଼ିକ । ଉଦାହରଣ ସ୍ୱରୂପ - ସ୍ଥା, ପା, ଗମ୍, ବସ୍, ରୁହ୍, ପଠ୍, ହସ୍, ଖାଦ୍ ଆଦି ଧାତୁଗୁଡ଼ିକର ରୂପ ମଧ୍ୟ ଭୂ ଧାତୁପରି ହେବ ।

ଉକ୍ତ ୧୦ଗୋଟି ଗଣରେ ୨୧୧୫ଟି ଧାତୁ ରହିଛନ୍ତି । ଭ୍ୱାଦି, ଦିବାଦି, ତୁଦାଦି ଓ ଚୁରାଦି, ଏହି ୪ଗୋଟି ଗଣରେ ୧୮୭୬ ଧାତୁ ମାନଙ୍କର ଉଲ୍ଲେଖ ଥିବା ସ୍ଥଳେ ଅନ୍ୟ ଛଅଗୋଟି ଗଣରେ (ଅଦାଦି, ଜୁହୋତ୍ୟାଦି, ସ୍ୱାଦି, ରୁଧାଦି, ତନାଦି, କ୍ର୍ୟାଦି) ମାତ୍ର ୨୩୯ଟି ଧାତୁର ଉଲ୍ଲେଖ ଦେଖିବାକୁ ମିଳିଥାଏ ।

## ଲକାର

ସଂସ୍କୃତ ବ୍ୟାକରଣରେ କ୍ରିୟାର କାଳ 'ଲକାର' ନାମରେ ପରିଚିତ । ଏହି ଲକାର (୧୦) ଭାଗରେ ବିଭକ୍ତ । ଯଥା -

*ଲଟ୍ ବର୍ତ୍ତମାନେ, ଲେଟ୍ ବେଦେ, ଭୂତେ ଲୁଙ୍ ଲଙ୍ ଲିଟସ୍ତଥା ।*
*ବିଧ୍ୟାଶିଷୋସ୍ତୁ ଲିଙ୍ଲୋଟୌ ଲୁଟ୍ ଲୃ.' ଲୃଙ୍ ଚ ଭବିଷ୍ୟତେ ।।*

୧- ଲଟ୍, ୨- ଲିଟ୍, ୩ - ଲୁଟ୍ ୪- ଲୃଟ୍, ୫ - ଲେଟ୍, ୬ - ଲୋଟ୍, ୭ - ଲଙ୍, ୮- ଲିଙ୍, ୯ - ଲୁଙ୍, ୧୦ - ଲୃଙ୍ ।

ଉକ୍ତ ୧୦ଗୋଟି ଲକାର ମଧ୍ୟରୁ ଲେଟ୍ ଲକାରର ପ୍ରୟୋଗ ବେଦରେ ଦେଖାଯାଏ । କେବଳ ଲିଙ୍ ଲକାର ବିଧି ଏବଂ ଆଶିଷ ଅର୍ଥରେ ପ୍ରଯୁକ୍ତ । ଏ ସମସ୍ତର ଆଦିଅକ୍ଷର ଲ ଥିବା କାରଣରୁ ଏଗୁଡ଼ିକ ଲକାର ନାମରେ ଅଭିହିତ ।

୧. ବର୍ତ୍ତମାନେ ଲଟ୍ - ବର୍ତ୍ତମାନ କାଳରେ ଲଟ୍ ଲକାର - ବାଳକଃ ପଠତି ।

୨. ପରୋକ୍ଷେ ଲିଟ୍ - ପରୋକ୍ଷ ଅତୀତ କାଳରେ ଲିଟ୍ ଲକାର - ରାମଃ ବନଂ ଜଗାମ ।

୩. ଅନଦ୍ୟତନେ ଲୁଟ୍ - ଅନଦ୍ୟତନ ଭବିଷ୍ୟତକାଳ (ଶ୍ୱସ୍ତନ - ଆସନ୍ତାକାଲି)ରେ ଲୁଟ୍ ଲକାର - ଶ୍ୱଃ ନବୀନଃ ପୁରୀମାଗନ୍ତା ।

୪. ଭବିଷ୍ୟତି ଲୃଟ୍ - ସାମାନ୍ୟ ଭବିଷ୍ୟତ କାଳରେ ଲୃଟ୍ ଲକାର - ସଃ ଗ୍ରାମଂ ଗମିଷ୍ୟତି ।

୫. ବିଧ୍ୟାଦୌ ଲୋଟ୍ - ଅନୁଜ୍ଞା ବା ଆଦେଶାର୍ଥେ ଲୋଟ୍ ଲକାର - ସତ୍ୟଂ ବଦ, ଧର୍ମଂ ଚର ଇତ୍ୟାଦି ।

୬. ଅନଦ୍ୟତନେ ଭୂତେ ଲଙ୍ - ସାମାନ୍ୟ ଅତୀତକାଳରେ ଲଙ୍ ଲକାର - ସଃ ଗୃହମଗଚ୍ଛତ୍ ।

୭. ବିଧ୍ୟାଦୌ ଲିଙ୍ - (୧) ବିଧି, ଔଚିତ୍ୟ ବା ସମ୍ଭାବନା, ପ୍ରେରଣ, ନିମନ୍ତ୍ରଣ, ଆମନ୍ତ୍ରଣ, ସତ୍କାର ପୂର୍ବକ ବ୍ୟାପାର, ପ୍ରାର୍ଥନା ଅର୍ଥରେ ବିଧିଲିଙ୍ ଲକାର - ଶିଶୁଃ ଜଳଂ ପିବେତ୍ ।

ଆଶିଷି ଲିଙ୍ - (୨) ଆଶୀର୍ବାଦ ଓ ଶୁଭେଚ୍ଛାବଚନ ଅର୍ଥରେ ଆଶୀର୍ଲିଙ୍ ଲକାର - କନ୍ୟା ତେ ସୁଚିରଂ ଜୀବ୍ୟାତ୍ ।

୮. ଭୂତେ ଲୁଙ୍ - ନିକଟ ଅତୀତକାଳରେ ଲୁଙ୍ ଲକାର - ସଃ ଚନ୍ଦ୍ରମ୍ ଅଦ୍ରାକ୍ଷୀତ୍ ।

୯. ଭବିଷ୍ୟତି କ୍ରିୟାତିପତ୍ତୌ ଲୃଙ୍ - ହେତୁ ହେତୁମଦ୍‌ଭାବ ଅର୍ଥରେ ଲୃଙ୍ ଲକାର - *(ଲିଙ୍ ନିମିତ୍ତେ ଲୃଙ୍ କ୍ରିୟାତିପତ୍ତୌ - ପା. ୩.୩.୧୩୯)* । *ବୃଷ୍ଟିଃ ଅଭବିଷ୍ୟତ୍ ତର୍ହି ଧାନ୍ୟମ୍ ଅପତ୍ସ୍ୟତ* । *ଯଦି ଗୋପାଳଃ ଶରଣମ୍ ଅଗମିଷ୍ୟତ୍ ତର୍ହି ଜଳାତ୍ ନାରକ୍ଷିଷ୍ୟତ୍* ।

୧୦. ଲେଟ୍ ବେଦେ - କେବଳ ବେଦରେ ଏହି ଲକାରର ପ୍ରୟୋଗ ଦୃଶ୍ୟମାନ ।

ସାଧାରଣତଃ ପ୍ରୟୋଗ ଦୃଷ୍ଟିରୁ ୫ ଗୋଟି ଲକାରର ପ୍ରୟୋଗ ଦେଖିବାକୁ ମିଳେ । ଯଥା - ଲଟ୍, ଲୋଟ୍, ଲୃଟ୍, ଲଙ୍ ଓ ବିଧିଲିଙ୍ ଲକାର । ସାଧାରଣ ବାର୍ତ୍ତାଳାପ ବା ଲେଖନ କାର୍ଯ୍ୟ ଇତ୍ୟାଦିରେ ଏହି ପାଞ୍ଚ (୫) ଗୋଟି ଲକାରର ପ୍ରୟୋଗ ହିଁ କରାଯାଇଥାଏ ।

## ପୁରୁଷ

ସଂସ୍କୃତ ବ୍ୟାକରଣରେ ପୁରୁଷ ତ୍ରିବିଧ, ଯଥା - ପ୍ରଥମ ପୁରୁଷ, ମଧ୍ୟମ ପୁରୁଷ ଓ ଉତ୍ତମ ପୁରୁଷ ।

ପ୍ରଥମ ପୁରୁଷ - ଯୁଷ୍ମଦ୍ (ତୁମେ, ତୁମେମାନେ) ଓ ଅସ୍ମଦ୍ (ମୁଁ, ଆମେ) ଶବ୍ଦ ଭିନ୍ନ ଅନ୍ୟ ଯେ କୌଣସି ଶବ୍ଦ କର୍ତ୍ତାଥିଲେ କ୍ରିୟା ପ୍ରଥମ ପୁରୁଷ ହୋଇଥାଏ ।

ମଧ୍ୟମ ପୁରୁଷ - ଯୁଷ୍ମଦ୍ ଶବ୍ଦ (ତୁମେ, ତୁମେଦୁହେଁ, ତୁମେମାନେ) କର୍ତ୍ତାଥିଲେ କ୍ରିୟା ମଧ୍ୟମ ପୁରୁଷ ହୋଇଥାଏ ।

ଉତ୍ତମ ପୁରୁଷ - ଅସ୍ମଦ୍ ଶବ୍ଦ (ମୁଁ, ଆମେଦୁହେଁ, ଆମେମାନେ) କର୍ତ୍ତାଥିଲେ କ୍ରିୟା ଉତ୍ତମ ପୁରୁଷ ହୁଏ ।

ସଂସ୍କୃତ ବ୍ୟାକରଣରେ ତୃତୀୟ ପୁରୁଷର ଉଲ୍ଲେଖ ନାହିଁ । ଅନ୍ୟ ଭାଷାମାନଙ୍କରେ ଯାହାକୁ ଅନାଦର ଭାବେ ତୃତୀୟ ପୁରୁଷରୂପେ ପରିଚିତ କରାଯାଇଥାଏ ତାହା ସଂସ୍କୃତରେ ପ୍ରଥମପୁରୁଷ ଭାବରେ ସମ୍ମାନିତ ।

## ବଚନ

ସଂସ୍କୃତ ବ୍ୟାକରଣରେ କ୍ରିୟାପଦର ପ୍ରତ୍ୟେକ ପୁରୁଷ - ଏକବଚନ, ଦ୍ୱିବଚନ ଓ ବହୁବଚନ ଏହିଭଳି ତିନିଗୋଟି ବଚନରେ ବିଭକ୍ତ । ଅନ୍ୟ ଭାଷାମାନଙ୍କରେ ଦ୍ୱିବଚନର ପ୍ରୟୋଗ ନ ଥିବାବେଳେ ସଂସ୍କୃତଭାଷାରେ ଦ୍ୱିବଚନର ପ୍ରୟୋଗ କରାଯାଇଛି ଯାହାକି ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ ଯୁକ୍ତିଯୁକ୍ତ ଯେପରିକି ଏକରୁ ବହୁତ ହେବାପାଇଁ ଦୁଇର ଆବଶ୍ୟକତା ଅପରିହାର୍ଯ୍ୟ ।

ଉକ୍ତ ଲକାର ପୁରୁଷ ଓ ବଚନର ଆଧାରରେ ଧାତୁରୂପ ନିର୍ଦ୍ଧାରଣ ପୂର୍ବକ ବାକ୍ୟଗଠନ କରାଯାଇଥାଏ । ଉଦାହରଣ ସ୍ୱରୂପ କେବଳ ଲଟ୍ ଲକାରର ପ୍ରୟୋଗ ନିମ୍ନରେ ପ୍ରଦାନ କରାଯାଇଛି ।

ଏକବଚନ ଦ୍ୱିବଚନ ବହୁବଚନ

**ପ୍ରଥମପୁରୁଷ** ବାଳକଃ ସଂହିତାଂ ପଠତି । ତ୍ୱଂ କଟକଂ ଗଚ୍ଛସି । ଅହଂ ଗୁରୁଂ ପ୍ରଣମାମି ।

**ମଧ୍ୟମପୁରୁଷ** ବାଳକୌ ସଂହିତାଂ ପଠତଃ । ଯୁବାଂ କଟକଂ ଗଚ୍ଛଥଃ । ଆବାଂ ଗୁରୁଂ ପ୍ରଣମାବଃ ।

**ଉତ୍ତମ ପୁରୁଷ** ବାଳକାଃ ସଂହିତାଂ ପଠନ୍ତି । ଯୂୟଂ କଟକଂ ଗଚ୍ଛଥ । ବୟଂ ଗୁରୁଂ ପ୍ରଣମାମଃ ।

## ଲକାର ଗୁଡ଼ିକର ସଂକ୍ଷିପ୍ତ ରୂପ

## ପରସ୍ମୈପଦ

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତି | ତଃ | ଅନ୍ତି |
| ମଧ୍ୟମ ପୁରୁଷ | ସି | ଥଃ | ଥ |
| ଉତ୍ତମ ପୁରୁଷ | ମି | ବଃ | ମଃ |

## ୨. ଲିଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅ | ଅତୁଃ | ଉଃ |
| ମଧ୍ୟମ ପୁରୁଷ | (ଇ)ଥ | ଅଥୁଃ | ଅ |
| ଉତ୍ତମ ପୁରୁଷ | ଅ | (ଇ)ବ | (ଇ)ମ |

## ୩. ଲୁଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତା | ତାରୌ | ତାରଃ |
| ମଧ୍ୟମ ପୁରୁଷ | ତାସି | ତାସ୍ଥଃ | ତାସ୍ଥ |
| ଉତ୍ତମ ପୁରୁଷ | ତାସ୍ମି | ତାସ୍ୱଃ | ତାସ୍ମଃ |

## ୪. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସ୍ୟତି | ସ୍ୟତଃ | ସ୍ୟନ୍ତି |
| ମଧ୍ୟମ ପୁରୁଷ | ସ୍ୟସି | ସ୍ୟଥଃ | ସ୍ୟଥ |
| ଉତ୍ତମ ପୁରୁଷ | ସ୍ୟାମି | ସ୍ୟାବଃ | ସ୍ୟାମଃ |

## ୫. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତୁ | ତାମ୍ | ଅନ୍ତୁ |
| ମଧ୍ୟମ ପୁରୁଷ | ହି | ତମ୍ | ତ |
| ଉତ୍ତମ ପୁରୁଷ | ଆନି | ଆବ | ଆମ |

### ୬. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତ୍ | ତାମ୍ | ଅନ୍ |
| ମଧ୍ୟମ ପୁରୁଷ | ସ୍ (ଃ) | ତମ୍ | ତ |
| ଉତ୍ତମ ପୁରୁଷ | ଅମ୍ | ବ | ମ |

### ୭. ବିଧିଲିଙ୍ ଲକାର - ୧

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଇତ୍ | ଇତାମ୍ | ଇୟୁଃ |
| ମଧ୍ୟମ ପୁରୁଷ | ଇଃ | ଇତମ୍ | ଇତ |
| ଉତ୍ତମ ପୁରୁଷ | ଇୟମ୍ | ଇବ | ଇମ |

### ବିଧିଲିଙ୍ ଲକାର - ୨

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଯାତ୍ | ଯାତାମ୍ | ୟୁଃ |
| ମଧ୍ୟମ ପୁରୁଷ | ଯାଃ | ଯାତମ୍ | ଯାତ |
| ଉତ୍ତମ ପୁରୁଷ | ଯାମ୍ | ଯାବ | ଯାମ |

### ୮. ଆଶୀର୍ଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଯାତ୍ | ଯାସ୍ତାମ୍ | ଯାସୁଃ |
| ମଧ୍ୟମ ପୁରୁଷ | ଯାଃ | ଯାସ୍ତମ୍ | ଯାସ୍ତ |
| ଉତ୍ତମ ପୁରୁଷ | ଯାସମ୍ | ଯାସ୍ୱ | ଯାସ୍ମ |

### ୯. ଲୁଙ୍ ଲକାର - ୧

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତ୍ | ତାମ୍ | ଉଃ(ଅନ୍) |
| ମଧ୍ୟମ ପୁରୁଷ | ସ୍ (ଃ) | ତମ୍ | ତ |
| ଉତ୍ତମ ପୁରୁଷ | ଅମ୍ | ବ | ମ |

### ଲୁଙ୍ ଲକାର - ୨

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସୀତ୍ | ସ୍ତାମ୍ | ସୁଃ |
| ମଧ୍ୟମ ପୁରୁଷ | ସୀଃ | ସ୍ତମ୍ | ସ୍ତ |
| ଉତ୍ତମ ପୁରୁଷ | ସମ୍ | ସ୍ୱ | ସ୍ମ |

### ଲୁଙ୍ ଲକାର - ୩

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଈତ୍ | ଇଷ୍ଟାମ୍ | ଇଷୁଃ |
| ମଧ୍ୟମ ପୁରୁଷ | ଈଃ | ଇଷ୍ଟମ୍ | ଇଷ୍ଟ |
| ଉତ୍ତମ ପୁରୁଷ | ଇଷମ୍ | ଇଷ୍ୱ | ଇଷ୍ମ |

### ୧୦. ଲୃଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସ୍ୟତ୍ | ସ୍ୟତାମ୍ | ସ୍ୟନ୍ |
| ମଧ୍ୟମ ପୁରୁଷ | ସ୍ୟଃ | ସ୍ୟତମ୍ | ସ୍ୟତ |
| ଉତ୍ତମ ପୁରୁଷ | ସ୍ୟମ୍ | ସ୍ୟାବ | ସ୍ୟାମ |

### ୫. ଲୋଟ୍ ଲକାର

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତାମ୍ | ଇତାମ୍(ଆତାମ୍) | ଅନ୍ତାମ୍ (ଅତାମ୍) |
| ମଧ୍ୟମ ପୁରୁଷ | ସ୍ୱ | ଇଥାମ୍(ଆଥାମ୍) | ଧ୍ୱମ୍ |
| ଉତ୍ତମ ପୁରୁଷ | ଐ | ଆବହୈ | ଆମହୈ |

### ୬. ଲଙ୍ ଲକାର

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତ | ଇତାମ୍(ଆତାମ୍) | ଅନ୍ତ(ଅତ) |
| ମଧ୍ୟମ ପୁରୁଷ | ଥାଃ | ଇଥାମ୍(ଆଥାମ୍) | ଧ୍ୱମ୍ |
| ଉତ୍ତମ ପୁରୁଷ | ଇ | ବହି | ମହି |

### ୭. ବିଧିଲିଙ୍ ଲକାର

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଈତ | ଈୟାତାମ୍ | ଈରନ୍ |
| ମଧ୍ୟମ ପୁରୁଷ | ଈଥାଃ | ଈୟାଥାମ୍ | ଈଧ୍ୱମ୍ |
| ଉତ୍ତମ ପୁରୁଷ | ଈୟ | ଈବହି | ଈମହି |

### ୮. ଆଶୀର୍ଲିଙ୍ ଲକାର

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସୀଷ୍ଟ | ସୀୟାସ୍ତାମ୍ | ସୀରନ୍ |
| ମଧ୍ୟମ ପୁରୁଷ | ସୀଷ୍ଠାଃ | ସୀୟାସ୍ଥାମ୍ | ସୀଧ୍ୱମ୍ |
| ଉତ୍ତମ ପୁରୁଷ | ସୀୟ | ସୀବହି | ସୀମହି |

### ୯. ଲୁଙ୍ ଲକାର - ୧

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅତ | ଏତାମ୍ | ଅନ୍ତ |
| ମଧ୍ୟମ ପୁରୁଷ | ଅଥାଃ | ଏଥାମ୍ | ଅଧ୍ୱମ୍ |
| ଉତ୍ତମ ପୁରୁଷ | ଏ | ଆବହି | ଆମହି |

### ଲୁଙ୍ ଲକାର - ୨

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସ୍ତ | ସାତାମ୍ | ସତ |
| ମଧ୍ୟମ ପୁରୁଷ | ସ୍ଥାଃ | ସାଥାମ୍ | ଧ୍ୱମ୍ |
| ଉତ୍ତମ ପୁରୁଷ | ସି | ସ୍ୱହି | ସ୍ମହି |

### ଲୁଙ୍ ଲକାର - ୩

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଇଷ୍ଟ | ଇଷାତାମ୍ | ଇଷତ |
| ମଧ୍ୟମ ପୁରୁଷ | ଇଷ୍ଠାଃ | ଇଷାଥାମ୍ | ଇଧ୍ୱମ୍-ଇଢ୍ୱମ୍ |
| ଉତ୍ତମ ପୁରୁଷ | ଇଷି | ଇଷ୍ୱହି | ଇଷ୍ମହି |

### ୧୦. ଲୃଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସ୍ୟତ | ସ୍ୟେତାମ୍ | ସ୍ୟନ୍ତ |
| ମଧ୍ୟମ ପୁରୁଷ | ସ୍ୟଥାଃ | ସ୍ୟେଥାମ୍ | ସ୍ୟଧ୍ୱମ୍ |
| ଉତ୍ତମ ପୁରୁଷ | ସ୍ୟେ | ସ୍ୟାବହି | ସ୍ୟାମହି |

# ୧. ଭ୍ୱାଦି

## ୧.୧. ଭ୍ୱାଦିଗଣୀୟ ପରସ୍ମୈପଦୀ ଧାତୁରୂପ

## ଭୂ (ହେବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଭବତି | ଭବତଃ | ଭବନ୍ତି |
| ମଧ୍ୟମ ପୁରୁଷ | ଭବସି | ଭବଥଃ | ଭବଥ |
| ଉତ୍ତମ ପୁରୁଷ | ଭବାମି | ଭବାବଃ | ଭବାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଭବିଷ୍ୟତି | ଭବିଷ୍ୟତଃ | ଭବିଷ୍ୟନ୍ତି |
| ମଧ୍ୟମ ପୁରୁଷ | ଭବିଷ୍ୟସି | ଭବିଷ୍ୟଥଃ | ଭବିଷ୍ୟଥ |
| ଉତ୍ତମ ପୁରୁଷ | ଭବିଷ୍ୟାମି | ଭବିଷ୍ୟାବଃ | ଭବିଷ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଭବତୁ | ଭବତାମ୍ | ଭବନ୍ତୁ |
| ମଧ୍ୟମ ପୁରୁଷ | ଭବ | ଭବତମ୍ | ଭବତ |
| ଉତ୍ତମ ପୁରୁଷ | ଭବାନି | ଭବାବ | ଭବାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅଭବତ୍ | ଅଭବତାମ୍ | ଅଭବନ୍ |
| ମଧ୍ୟମ ପୁରୁଷ | ଅଭବଃ | ଅଭବତମ୍ | ଅଭବତ |
| ଉତ୍ତମ ପୁରୁଷ | ଅଭବମ୍ | ଅଭବାବ | ଅଭବାମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଭବେତ୍ | ଭବେତାମ୍ | ଭବେୟୁଃ |
| ମଧ୍ୟମ ପୁରୁଷ | ଭବେଃ | ଭବେତମ୍ | ଭବେତ |
| ଉତ୍ତମ ପୁରୁଷ | ଭବେୟମ୍ | ଭବେବ | ଭବେମ |

## ଗମ୍ (ଗମନକରିବା / ଯିବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଗଚ୍ଛତି | ଗଚ୍ଛତଃ | ଗଚ୍ଛନ୍ତି |
| ମଧ୍ୟମ ପୁରୁଷ | ଗଚ୍ଛସି | ଗଚ୍ଛଥଃ | ଗଚ୍ଛଥ |
| ଉତ୍ତମ ପୁରୁଷ | ଗଚ୍ଛାମି | ଗଚ୍ଛାବଃ | ଗଚ୍ଛାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଗମିଷ୍ୟତି | ଗମିଷ୍ୟତଃ | ଗମିଷ୍ୟନ୍ତି |
| ମଧ୍ୟମ ପୁରୁଷ | ଗମିଷ୍ୟସି | ଗମିଷ୍ୟଥଃ | ଗମିଷ୍ୟଥ |
| ଉତ୍ତମ ପୁରୁଷ | ଗମିଷ୍ୟାମି | ଗମିଷ୍ୟାବଃ | ଗମିଷ୍ୟାମଃ |

## ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଗଚ୍ଛତୁ | ଗଚ୍ଛତାମ୍ | ଗଚ୍ଛନ୍ତୁ |
| ମଧ୍ୟମ ପୁରୁଷ | ଗଚ୍ଛ | ଗଚ୍ଛତମ୍ | ଗଚ୍ଛତ |
| ଉତ୍ତମ ପୁରୁଷ | ଗଚ୍ଛାନି | ଗଚ୍ଛାବ | ଗଚ୍ଛାମ |

## ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅଗଚ୍ଛତ୍ | ଅଗଚ୍ଛତାମ୍ | ଅଗଚ୍ଛନ୍ |
| ମଧ୍ୟମ ପୁରୁଷ | ଅଗଚ୍ଛଃ | ଅଗଚ୍ଛତମ୍ | ଅଗଚ୍ଛତ |
| ଉତ୍ତମ ପୁରୁଷ | ଅଗଚ୍ଛମ୍ | ଅଗଚ୍ଛାବ | ଅଗଚ୍ଛାମ |

## ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଗଚ୍ଛେତ୍ | ଗଚ୍ଛେତାମ୍ | ଗଚ୍ଛେୟୁଃ |
| ମଧ୍ୟମ ପୁରୁଷ | ଗଚ୍ଛେଃ | ଗଚ୍ଛେତମ୍ | ଗଚ୍ଛେତ |
| ଉତ୍ତମ ପୁରୁଷ | ଗଚ୍ଛେୟମ୍ | ଗଚ୍ଛେବ | ଗଚ୍ଛେମ |

## ଦୃଶ୍ (ଦେଖିବା)

## ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଶ୍ୟତି | ପଶ୍ୟତଃ | ପଶ୍ୟନ୍ତି |
| ମଧ୍ୟମ ପୁରୁଷ | ପଶ୍ୟସି | ପଶ୍ୟଥଃ | ପଶ୍ୟଥ |
| ଉତ୍ତମ ପୁରୁଷ | ପଶ୍ୟାମି | ପଶ୍ୟାବଃ | ପଶ୍ୟାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଦ୍ରକ୍ଷ୍ୟତି | ଦ୍ରକ୍ଷ୍ୟତଃ | ଦ୍ରକ୍ଷ୍ୟନ୍ତି |
| ମଧ୍ୟମ ପୁରୁଷ | ଦ୍ରକ୍ଷ୍ୟସି | ଦ୍ରକ୍ଷ୍ୟଥଃ | ଦ୍ରକ୍ଷ୍ୟଥ |
| ଉତ୍ତମ ପୁରୁଷ | ଦ୍ରକ୍ଷ୍ୟାମି | ଦ୍ରକ୍ଷ୍ୟାବଃ | ଦ୍ରକ୍ଷ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଶ୍ୟତୁ | ପଶ୍ୟତାମ୍ | ପଶ୍ୟନ୍ତୁ |
| ମଧ୍ୟମ ପୁରୁଷ | ପଶ୍ୟ | ପଶ୍ୟତମ୍ | ପଶ୍ୟତ |
| ଉତ୍ତମ ପୁରୁଷ | ପଶ୍ୟାନି | ପଶ୍ୟାବ | ପଶ୍ୟାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅପଶ୍ୟତ୍ | ଅପଶ୍ୟତାମ୍ | ଅପଶ୍ୟନ୍ |
| ମଧ୍ୟମ ପୁରୁଷ | ଅପଶ୍ୟଃ | ଅପଶ୍ୟତମ୍ | ଅପଶ୍ୟତ |
| ଉତ୍ତମ ପୁରୁଷ | ଅପଶ୍ୟମ୍ | ଅପଶ୍ୟାବ | ଅପଶ୍ୟାମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଶ୍ୟେତ୍ | ପଶ୍ୟେତାମ୍ | ପଶ୍ୟେୟୁଃ |
| ମଧ୍ୟମ ପୁରୁଷ | ପଶ୍ୟେଃ | ପଶ୍ୟେତମ୍ | ପଶ୍ୟେତ |
| ଉତ୍ତମ ପୁରୁଷ | ପଶ୍ୟେୟମ୍ | ପଶ୍ୟେବ | ପଶ୍ୟେମ |

## ପା (ପିଇବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପିବତି | ପିବତଃ | ପିବନ୍ତି |
| ମଧ୍ୟମ ପୁରୁଷ | ପିବସି | ପିବଥଃ | ପିବଥ |
| ଉତ୍ତମ ପୁରୁଷ | ପିବାମି | ପିବାବଃ | ପିବାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପାସ୍ୟତି | ପାସ୍ୟତଃ | ପାସ୍ୟନ୍ତି |
| ମଧ୍ୟମ ପୁରୁଷ | ପାସ୍ୟସି | ପାସ୍ୟଥଃ | ପାସ୍ୟଥ |
| ଉତ୍ତମ ପୁରୁଷ | ପାସ୍ୟାମି | ପାସ୍ୟାବଃ | ପାସ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପିବତୁ | ପିବତାମ୍ | ପିବନ୍ତୁ |
| ମଧ୍ୟମ ପୁରୁଷ | ପିବ | ପିବତମ୍ | ପିବତ |
| ଉତ୍ତମ ପୁରୁଷ | ପିବାନି | ପିବାବ | ପିବାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅପିବତ୍ | ଅପିବତାମ୍ | ଅପିବନ୍ |
| ମଧ୍ୟମ ପୁରୁଷ | ଅପିବଃ | ଅପିବତମ୍ | ଅପିବତ |
| ଉତ୍ତମ ପୁରୁଷ | ଅପିବମ୍ | ଅପିବାବ | ଅପିବାମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପିବେତ୍ | ପିବେତାମ୍ | ପିବେୟୁଃ |
| ମଧ୍ୟମ ପୁରୁଷ | ପିବେଃ | ପିବେତମ୍ | ପିବେତ |
| ଉତ୍ତମ ପୁରୁଷ | ପିବେୟମ୍ | ପିବେବ | ପିବେମ |

## ପଠ୍ (ପଢ଼ିବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଠତି | ପଠତଃ | ପଠନ୍ତି |
| ମଧ୍ୟମ ପୁରୁଷ | ପଠସି | ପଠଥଃ | ପଠଥ |
| ଉତ୍ତମ ପୁରୁଷ | ପଠାମି | ପଠାବଃ | ପଠାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଠିଷ୍ୟତି | ପଠିଷ୍ୟତଃ | ପଠିଷ୍ୟନ୍ତି |
| ମଧ୍ୟମ ପୁରୁଷ | ପଠିଷ୍ୟସି | ପଠିଷ୍ୟଥଃ | ପଠିଷ୍ୟଥ |
| ଉତ୍ତମ ପୁରୁଷ | ପଠିଷ୍ୟାମି | ପଠିଷ୍ୟାବଃ | ପଠିଷ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଠତୁ | ପଠତାମ୍ | ପଠନ୍ତୁ |
| ମଧ୍ୟମ ପୁରୁଷ | ପଠ | ପଠତମ୍ | ପଠତ |
| ଉତ୍ତମ ପୁରୁଷ | ପଠାନି | ପଠାବ | ପଠାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅପଠତ୍ | ଅପଠତାମ୍ | ଅପଠନ୍ |
| ମଧ୍ୟମ ପୁରୁଷ | ଅପଠଃ | ଅପଠତମ୍ | ଅପଠତ |
| ଉତ୍ତମ ପୁରୁଷ | ଅପଠମ୍ | ଅପଠାବ | ଅପଠାମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଠେତ୍ | ପଠେତାମ୍ | ପଠେୟୁଃ |
| ମଧ୍ୟମ ପୁରୁଷ | ପଠେଃ | ପଠେତମ୍ | ପଠେତ |
| ଉତ୍ତମ ପୁରୁଷ | ପଠେୟମ୍ | ପଠେବ | ପଠେମ |

## ଶ୍ରୁ (ଶୁଣିବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଶୃଣୋତି | ଶୃଣୁତଃ | ଶୃଣ୍ୱନ୍ତି |
| ମଧ୍ୟମ ପୁରୁଷ | ଶୃଣୋଷି | ଶୃଣୁଥଃ | ଶୃଣୁଥ |
| ଉତ୍ତମ ପୁରୁଷ | ଶୃଣୋମି | ଶୃଣୁବଃ/ଶୃଣ୍ୱଃ | ଶୃଣୁମଃ/ଶୃଣ୍ମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଶ୍ରୋଷ୍ୟତି | ଶ୍ରୋଷ୍ୟତଃ | ଶ୍ରୋଷ୍ୟନ୍ତି |
| ମଧ୍ୟମ ପୁରୁଷ | ଶ୍ରୋଷ୍ୟସି | ଶ୍ରୋଷ୍ୟଥଃ | ଶ୍ରୋଷ୍ୟଥ |
| ଉତ୍ତମ ପୁରୁଷ | ଶ୍ରୋଷ୍ୟାମି | ଶ୍ରୋଷ୍ୟାବଃ | ଶ୍ରୋଷ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଶୃଣୋତୁ | ଶୃଣୁତାମ୍ | ଶୃଣ୍ୱନ୍ତୁ |
| ମଧ୍ୟମ ପୁରୁଷ | ଶୃଣୁ | ଶୃଣୁତମ୍ | ଶୃଣୁତ |
| ଉତ୍ତମ ପୁରୁଷ | ଶୃଣବାନି | ଶୃଣବାବ | ଶୃଣବାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅଶୃଣୋତ୍ | ଅଶୃଣୁତାମ୍ | ଅଶୃଣ୍ୱନ୍ |
| ମଧ୍ୟମ ପୁରୁଷ | ଅଶୃଣୋଃ | ଅଶୃଣୁତମ୍ | ଅଶୃଣୁତ |
| ଉତ୍ତମ ପୁରୁଷ | ଅଶୃଣବମ୍ | ଅଶୃଣୁବ/ଅଶୃଣ୍ୱ | ଅଶୃଣୁମ/ଅଶୃଣ୍ମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଶୃଣୁୟାତ୍ | ଶୃଣୁୟାତାମ୍ | ଶୃଣୁୟୁଃ |
| ମଧ୍ୟମ ପୁରୁଷ | ଶୃଣୁୟାଃ | ଶୃଣୁୟାତମ୍ | ଶୃଣୁୟାତ |
| ଉତ୍ତମ ପୁରୁଷ | ଶୃଣୁୟାମ୍ | ଶୃଣୁୟାବ | ଶୃଣୁୟାମ |

## ସ୍ଥା (ରହିବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତିଷ୍ଠତି | ତିଷ୍ଠତଃ | ତିଷ୍ଠନ୍ତି |
| ମଧ୍ୟମ ପୁରୁଷ | ତିଷ୍ଠସି | ତିଷ୍ଠଥଃ | ତିଷ୍ଠଥ |
| ଉତ୍ତମ ପୁରୁଷ | ତିଷ୍ଠାମି | ତିଷ୍ଠାବଃ | ତିଷ୍ଠାମଃ |

## ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ସ୍ଥାସ୍ୟତି | ସ୍ଥାସ୍ୟତଃ | ସ୍ଥାସ୍ୟନ୍ତି |
| ମଧ୍ୟମ ପୁରୁଷ | ସ୍ଥାସ୍ୟସି | ସ୍ଥାସ୍ୟଥଃ | ସ୍ଥାସ୍ୟଥ |
| ଉତ୍ତମ ପୁରୁଷ | ସ୍ଥାସ୍ୟାମି | ସ୍ଥାସ୍ୟାବଃ | ସ୍ଥାସ୍ୟାମଃ |

## ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତିଷ୍ଠତୁ | ତିଷ୍ଠତାମ୍ | ତିଷ୍ଠନ୍ତୁ |
| ମଧ୍ୟମ ପୁରୁଷ | ତିଷ୍ଠ | ତିଷ୍ଠତମ୍ | ତିଷ୍ଠତ |
| ଉତ୍ତମ ପୁରୁଷ | ତିଷ୍ଠାନି | ତିଷ୍ଠାବ | ତିଷ୍ଠାମ |

## ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅତିଷ୍ଠତ୍ | ଅତିଷ୍ଠତାମ୍ | ଅତିଷ୍ଠନ୍ |
| ମଧ୍ୟମ ପୁରୁଷ | ଅତିଷ୍ଠଃ | ଅତିଷ୍ଠତମ୍ | ଅତିଷ୍ଠତ |
| ଉତ୍ତମ ପୁରୁଷ | ଅତିଷ୍ଠମ୍ | ଅତିଷ୍ଠାବ | ଅତିଷ୍ଠାମ |

## ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ତିଷ୍ଠେତ୍ | ତିଷ୍ଠେତାମ୍ | ତିଷ୍ଠେୟୁଃ |
| ମଧ୍ୟମ ପୁରୁଷ | ତିଷ୍ଠେଃ | ତିଷ୍ଠେତମ୍ | ତିଷ୍ଠେତ |
| ଉତ୍ତମ ପୁରୁଷ | ତିଷ୍ଠେୟମ୍ | ତିଷ୍ଠେବ | ତିଷ୍ଠେମ |

## ୧.୨. ଭ୍ୱାଦିଗଣୀୟ ଆତ୍ମନେପଦୀ ଧାତୁରୂପ

### ଲଭ୍ (ଲାଭ କରିବା)

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଲଭତେ | ଲଭେତେ | ଲଭନ୍ତେ |
| ମଧ୍ୟମ ପୁରୁଷ | ଲଭସେ | ଲଭେଥେ | ଲଭଧ୍ୱେ |
| ଉତ୍ତମ ପୁରୁଷ | ଲଭେ | ଲଭାବହେ | ଲଭାମହେ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଲପ୍ସ୍ୟତେ | ଲପ୍ସ୍ୟେତେ | ଲପ୍ସ୍ୟନ୍ତେ |
| ମଧ୍ୟମ ପୁରୁଷ | ଲପ୍ସ୍ୟସେ | ଲପ୍ସ୍ୟେଥେ | ଲପ୍ସ୍ୟଧ୍ୱେ |
| ଉତ୍ତମ ପୁରୁଷ | ଲପ୍ସ୍ୟେ | ଲପ୍ସ୍ୟାବହେ | ଲପ୍ସ୍ୟାମହେ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଲଭତାମ୍ | ଲଭେତାମ୍ | ଲଭନ୍ତାମ୍ |
| ମଧ୍ୟମ ପୁରୁଷ | ଲଭସ୍ୱ | ଲଭେଥାମ୍ | ଲଭଧ୍ୱମ୍ |
| ଉତ୍ତମ ପୁରୁଷ | ଲଭୈ | ଲଭାବହୈ | ଲଭାମହୈ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅଲଭତ | ଅଲଭେତାମ୍ | ଅଲଭନ୍ତ |
| ମଧ୍ୟମ ପୁରୁଷ | ଅଲଭଥାଃ | ଅଲଭେଥାମ୍ | ଅଲଭଧ୍ୱମ୍ |
| ଉତ୍ତମ ପୁରୁଷ | ଅଲଭେ | ଅଲଭାବହି | ଅଲଭାମହି |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଲଭେତ | ଲଭେୟାତାମ୍ | ଲଭେରନ୍ |
| ମଧ୍ୟମ ପୁରୁଷ | ଲଭେଥାଃ | ଲଭେୟାଥାମ୍ | ଲଭେଧ୍ୱମ୍ |
| ଉତ୍ତମ ପୁରୁଷ | ଲଭେୟ | ଲଭେବହି | ଲଭେମହି |

## ୧.୩. ଉଭୟପଦୀ ଧାତୁ

## ନୀ (ନେବା, ବିତାଇବା) ପରସ୍ମୈପଦୀ ରୂପ

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟତି | ନୟତଃ | ନୟନ୍ତି |
| ମଧ୍ୟମ ପୁରୁଷ | ନୟସି | ନୟଥଃ | ନୟଥ |
| ଉତ୍ତମ ପୁରୁଷ | ନୟାମି | ନୟାବଃ | ନୟାମଃ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନେଷ୍ୟତି | ନେଷ୍ୟତଃ | ନେଷ୍ୟନ୍ତି |
| ମଧ୍ୟମ ପୁରୁଷ | ନେଷ୍ୟସି | ନେଷ୍ୟଥଃ | ନେଷ୍ୟଥ |
| ଉତ୍ତମ ପୁରୁଷ | ନେଷ୍ୟାମି | ନେଷ୍ୟାବଃ | ନେଷ୍ୟାମଃ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟତୁ | ନୟତାମ୍ | ନୟନ୍ତୁ |
| ମଧ୍ୟମ ପୁରୁଷ | ନୟ | ନୟତମ୍ | ନୟତ |
| ଉତ୍ତମ ପୁରୁଷ | ନୟାନି | ନୟାବ | ନୟାମ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅନୟତ୍ | ଅନୟତାମ୍ | ଅନୟନ୍ |
| ମଧ୍ୟମ ପୁରୁଷ | ଅନୟଃ | ଅନୟତମ୍ | ଅନୟତ |
| ଉତ୍ତମ ପୁରୁଷ | ଅନୟମ୍ | ଅନୟାବ | ଅନୟାମ |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟେତ୍ | ନୟେତାମ୍ | ନୟେୟୁଃ |
| ମଧ୍ୟମ ପୁରୁଷ | ନୟେଃ | ନୟେତମ୍ | ନୟେତ |
| ଉତ୍ତମ ପୁରୁଷ | ନୟେୟମ୍ | ନୟେବ | ନୟେମ |

## ଆତ୍ମନେପଦୀ ରୂପ

### ୧. ଲଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟତେ | ନୟେତେ | ନୟନ୍ତେ |
| ମଧ୍ୟମ ପୁରୁଷ | ନୟସେ | ନୟେଥେ | ନୟଧ୍ୱେ |
| ଉତ୍ତମ ପୁରୁଷ | ନୟେ | ନୟାବହେ | ନୟାମହେ |

### ୨. ଲୃଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନେଷ୍ୟତେ | ନେଷ୍ୟେତେ | ନେଷ୍ୟନ୍ତେ |
| ମଧ୍ୟମ ପୁରୁଷ | ନେଷ୍ୟସେ | ନେଷ୍ୟେଥେ | ନେଷ୍ୟଧ୍ୱେ |
| ଉତ୍ତମ ପୁରୁଷ | ନେଷ୍ୟେ | ନେଷ୍ୟାବହେ | ନେଷ୍ୟାମହେ |

### ୩. ଲୋଟ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟତାମ୍ | ନୟେତାମ୍ | ନୟନ୍ତାମ୍ |
| ମଧ୍ୟମ ପୁରୁଷ | ନୟସ୍ୱ | ନୟେଥାମ୍ | ନୟଧ୍ୱମ୍ |
| ଉତ୍ତମ ପୁରୁଷ | ନୟୈ | ନୟାବହୈ | ନୟାମହୈ |

### ୪. ଲଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅନୟତ | ଅନୟେତାମ୍ | ଅନୟନ୍ତ |
| ମଧ୍ୟମ ପୁରୁଷ | ଅନୟଥାଃ | ଅନୟେଥାମ୍ | ଅନୟଧ୍ୱମ୍ |
| ଉତ୍ତମ ପୁରୁଷ | ଅନୟେ | ଅନୟାବହି | ଅନୟାମହି |

### ୫. ବିଧିଲିଙ୍ ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ନୟେତ | ନୟେୟାତାମ୍ | ନୟେରନ୍ |
| ମଧ୍ୟମ ପୁରୁଷ | ନୟେଥାଃ | ନୟେୟାଥାମ୍ | ନୟେଧ୍ୱମ୍ |
| ଉତ୍ତମ ପୁରୁଷ | ନୟେୟ | ନୟେବହି | ନୟେମହି |

## ୧.୪. ଅନ୍ୟ ଭ୍ୱାଦିଗଣୀୟ ଧାତୁଗୁଡ଼ିକର ପ୍ରଥମପୁରୁଷ ଏକବଚନରେ ରୂପ

### ପରସ୍ମୈପଦୀ ରୂପ

| ଧାତୁ | ଲଟ୍ ଲକାର | ଲୃଟ୍ ଲକାର | ଲୋଟ୍ ଲକାର | ଲଙ୍ ଲକାର | ବିଧିଲିଙ୍ ଲକାର |
|---|---|---|---|---|---|
| ୧. ଅଟ୍ (ବୁଲିବା) - | ଅଟତି | ଅଟିଷ୍ୟତି | ଅଟତୁ | ଆଟତ୍ | ଅଟେତ୍ |
| ୨. ଅର୍ଚ୍ (ପୂଜାକରିବା) - | ଅର୍ଚତି | ଅର୍ଚିଷ୍ୟତି | ଅର୍ଚତୁ | ଆର୍ଚତ୍ | ଅର୍ଚେତ୍ |
| ୩. ଅବ୍ (ରକ୍ଷାକରିବା) - | ଅବତି | ଅବିଷ୍ୟତି | ଅବତୁ | ଆବତ୍ | ଅବେତ୍ |
| ୪. ଅର୍ହ୍ (ଯୋଗ୍ୟ) - | ଅର୍ହତି | ଅର୍ହିଷ୍ୟତି | ଅର୍ହତୁ | ଆର୍ହତ୍ | ଅର୍ହେତ୍ |
| ୫. ଈର୍ଷ୍ୟ (ଈର୍ଷ୍ୟାକରିବା) - | ଈର୍ଷ୍ୟତି | ଈର୍ଷିଷ୍ୟତି | ଈର୍ଷ୍ୟତୁ | ଐର୍ଷ୍ୟତ୍ | ଈର୍ଷ୍ୟେତ୍ |
| ୬. କୂଜ୍ (କୂଜନକରିବା) - | କୂଜତି | କୂଜିଷ୍ୟତି | କୂଜତୁ | ଅକୂଜତ୍ | କୂଜେତ୍ |
| ୭. କ୍ରନ୍ଦ୍ (କାନ୍ଦିବା) - | କ୍ରନ୍ଦତି | କ୍ରନ୍ଦିଷ୍ୟତି | କ୍ରନ୍ଦତୁ | ଅକ୍ରନ୍ଦତ୍ | କ୍ରନ୍ଦେତ୍ |
| ୮. କ୍ରୀଡ୍ (ଖେଳିବା) - | କ୍ରୀଡ଼ତି | କ୍ରୀଡ଼ିଷ୍ୟତି | କ୍ରୀଡ଼ତୁ | ଅକ୍ରୀଡ଼ତ୍ | କ୍ରୀଡ଼େତ୍ |
| ୯. ଖାଦ୍ (ଖାଇବା) - | ଖାଦତି | ଖାଦିଷ୍ୟତି | ଖାଦତୁ | ଅଖାଦତ୍ | ଖାଦେତ୍ |
| ୧୦. ଖେଲ୍ (ଖେଳିବା) - | ଖେଲତି | ଖେଲିଷ୍ୟତି | ଖେଲତୁ | ଅଖେଲତ୍ | ଖେଲେତ୍ |

| ଧାତୁ | ଲଟ୍ ଲକାର | ଲୃଟ୍ ଲକାର | ଲୋଟ୍ ଲକାର | ଲଙ୍ ଲକାର | ବିଧିଲିଙ୍ ଲକାର |
|---|---|---|---|---|---|
| ୧୧. ଗର୍ଜ୍ (ଗର୍ଜନକରିବା) - | ଗର୍ଜତି | ଗର୍ଜିଷ୍ୟତି | ଗର୍ଜତୁ | ଅଗର୍ଜତ୍ | ଗର୍ଜେତ୍ |
| ୧୨. ଗୈ (ଗାଇବା) - | ଗାୟତି | ଗାସ୍ୟତି | ଗାୟତୁ | ଅଗାୟତ୍ | ଗାୟେତ୍ |
| ୧୩. ଘ୍ରା (ଆଘ୍ରାଣ କରିବା) - | ଜିଘ୍ରତି | ଘ୍ରାସ୍ୟତି | ଜିଘ୍ରତୁ | ଅଜିଘ୍ରତ୍ | ଜିଘ୍ରେତ୍ |
| ୧୪. ଚର୍ (ଚରିବା,ବୁଲିବା)- | ଚରତି | ଚରିଷ୍ୟତି | ଚରତୁ | ଅଚରତ୍ | ଚରେତ୍ |
| ୧୫. ଜପ୍ (ଜପକରିବା) - | ଜପତି | ଜପିଷ୍ୟତି | ଜପତୁ | ଅଜପତ୍ | ଜପେତ୍ |
| ୧୬. ଜି (ଜୟକରିବା)- | ଜୟତି | ଜେଷ୍ୟତି | ଜୟତୁ | ଅଜୟତ୍ | ଜୟେତ୍ |
| ୧୭. ଜୀବ୍ (ବଞ୍ଚିବା) - | ଜୀବତି | ଜୀବିଷ୍ୟତି | ଜୀବତୁ | ଅଜୀବତ୍ | ଜୀବେତ୍ |
| ୧୮. ଜ୍ୱଲ୍ (ଜଳିବା) - | ଜ୍ୱଲତି | ଜ୍ୱଲିଷ୍ୟତି | ଜ୍ୱଲତୁ | ଅଜ୍ୱଲତ୍ | ଜ୍ୱଲେତ୍ |
| ୧୯. ତପ୍ (ତାପଦେବା) - | ତପତି | ତପ୍ସ୍ୟତି | ତପତୁ | ଅତପତ୍ | ତପେତ୍ |
| ୨୦. ତ୍ୟଜ୍ (ତ୍ୟାଗକରିବା) - | ତ୍ୟଜତି | ତ୍ୟକ୍ଷ୍ୟତି | ତ୍ୟଜତୁ | ଅତ୍ୟଜତ୍ | ତ୍ୟଜେତ୍ |
| ୨୧. ଦହ୍ (ଦହନକରିବା) - | ଦହତି | ଧକ୍ଷ୍ୟତି | ଦହତୁ | ଅଦହତ୍ | ଦହେତ୍ |
| ୨୨. ଧୈ (ଧ୍ୟାନକରିବା) - | ଧ୍ୟାୟତି | ଧ୍ୟାସ୍ୟତି | ଧ୍ୟାୟତୁ | ଅଧ୍ୟାୟତ୍ | ଧ୍ୟାୟେତ୍ |

| ଧାତୁ | ଲଟ୍ ଲକାର | ଲୃଟ୍ ଲକାର | ଲୋଟ୍ ଲକାର | ଲଙ୍ ଲକାର | ବିଧିଲିଙ୍ ଲକାର |
|---|---|---|---|---|---|
| ୨୩. ନମ୍ (ନମସ୍କାରକରିବା) - | ନମତି | ନଂସ୍ୟତି | ନମତୁ | ଅନମତ୍ | ନମେତ୍ |
| ୨୪. ନିନ୍ଦ୍ (ନିନ୍ଦାକରିବା) - | ନିନ୍ଦତି | ନିନ୍ଦିଷ୍ୟତି | ନିନ୍ଦତୁ | ଅନିନ୍ଦତ୍ | ନିନ୍ଦେତ୍ |
| ୨୫. ପଠ୍ (ପଢ଼ିବା) - | ପଠତି | ପଠିଷ୍ୟତି | ପଠତୁ | ଅପଠତ୍ | ପଠେତ୍ |
| ୨୬. ଫଲ୍ (ଫଳିବା) - | ଫଳତି | ଫଳିଷ୍ୟତି | ଫଳତୁ | ଅଫଳତ୍ | ଫଳେତ୍ |
| ୨୭. ଭଣ୍ (କହିବା) - | ଭଣତି | ଭଣିଷ୍ୟତି | ଭଣତୁ | ଅଭଣତ୍ | ଭଣେତ୍ |
| ୨୮. ଭ୍ରମ୍ (ବୁଲିବା) - | ଭ୍ରମତି | ଭ୍ରମିଷ୍ୟତି | ଭ୍ରମତୁ | ଅଭ୍ରମତ୍ | ଭ୍ରମେତ୍ |
| ୨୯. ରକ୍ଷ୍ (ରକ୍ଷାକରିବା) - | ରକ୍ଷତି | ରକ୍ଷିଷ୍ୟତି | ରକ୍ଷତୁ | ଅରକ୍ଷତ୍ | ରକ୍ଷେତ୍ |
| ୩୦. ଲପ୍ (କହିବା) - | ଲପତି | ଲପିଷ୍ୟତି | ଲପତୁ | ଅଲପତ୍ | ଲପେତ୍ |
| ୩୧. ବଦ୍ (କହିବା) - | ବଦତି | ବଦିଷ୍ୟତି | ବଦତୁ | ଅବଦତ୍ | ବଦେତ୍ |
| ୩୨. ବସ୍ (ବାସକରିବା) - | ବସତି | ବତ୍ସ୍ୟତି | ବସତୁ | ଅବସତ୍ | ବସେତ୍ |
| ୩୩. ହସ୍ (ହସିବା) - | ହସତି | ହସିଷ୍ୟତି | ହସତୁ | ଅହସତ୍ | ହସେତ୍ |

## ୧.୫. ଭ୍ୱାଦିଗଣୀୟ ଆତ୍ମନେପଦୀ ଧାତୁରୂପ

| ଧାତୁ | ଲଟ୍ ଲକାର | ଲୃଟ୍ ଲକାର | ଲୋଟ୍ ଲକାର | ଲଙ୍ ଲକାର | ବିଧିଲିଙ୍ ଲକାର |
|---|---|---|---|---|---|
| ୩୪. ସେବ୍ (ସେବାକରିବା) - | ସେବତେ | ସେବିଷ୍ୟତେ | ସେବତାମ୍ | ଅସେବତ | ସେବେତ |
| ୩୫. ଅୟ୍ (ଯିବା) - | ଅୟତେ | ଅୟିଷ୍ୟତେ | ଅୟତାମ୍ | ଆୟତ | ଅୟେତ |
| ୩୬. ଈକ୍ଷ୍ (ଦେଖିବା)- | ଈକ୍ଷତେ | ଈକ୍ଷିଷ୍ୟତେ | ଈକ୍ଷତାମ୍ | ଐକ୍ଷତ | ଈକ୍ଷେତ |
| ୩୭. କ୍ଷମ୍ (କ୍ଷମାକରିବା) - | କ୍ଷମତେ | କ୍ଷମିଷ୍ୟତେ/କ୍ଷଂସ୍ୟତେ | କ୍ଷମତାମ୍ | ଅକ୍ଷମତ | କ୍ଷମେତ |
| ୩୮. ଗାହ୍ (ଗାଧୋଇବା) - | ଗାହତେ | ଗାହିଷ୍ୟତେ | ଗାହତାମ୍ | ଅଗାହତ | ଗାହେତ |
କମ୍ପନ ଅର୍ଥରେ ଚଲ୍ ଧାତୁର ଉପଧାସ୍ଥିତ ଅକାରର ବୃଦ୍ଧି ହୁଏନାହିଁ; ମାତ୍ର ଶାସନ ପରିଚାଳନା ଅର୍ଥରେ ହୁଏ । ଯଥା -

(କ) ଚଲ୍ (କମ୍ପନ) - ଚଳି-ଚଳୟତି - ବାୟୁଃ ଲତାଂ ଚଳୟତି ।

(ଖ) ଚଲ୍ (ଶାସନପରିଚାଳନା) - ଚାଲି-ଚାଲୟତି-ନେତା ରାଜ୍ୟଂ ଚାଳୟତି ।

୯. ଣିଚ୍‌ପରେ ଥିଲେ ଉପସର୍ଗ (Preposition) ବିହୀନ (ଅନୁପସର୍ଗ) ଜ୍ୱଲ୍, ହ୍ୱଲ, ନମ୍, ବମ୍, ପ୍ରଭୃତି ଧାତୁମାନଙ୍କର ଉପଧାର ବିକଳ୍ପରେ (Optionally) ବୃଦ୍ଧିହୁଏ, ମାତ୍ର ଉପସର୍ଗଯୁକ୍ତ ହେଲେ ବୃଦ୍ଧିହୁଏ ନାହିଁ ।

ଜ୍ୱଲ - ହ୍ୱଲ - ହ୍ମଲ - ନମାମନୁପସର୍ଗାଦ୍ୱା (ଗଣସୂତ୍ର) ଏଷାଂ ମିତ୍ୱଂ ବା ।
ଯଥା -

(କ) ଉପସର୍ଗ ବିହୀନ -

ଜ୍ୱଲ୍ - ଜ୍ୱଲି ଜ୍ୱଲୟତି ଅଥବା ଜ୍ୱଲ୍ - ଜ୍ୱାଳି - ଜ୍ୱାଳୟତି ।

ହ୍ୱଲ୍ - ହ୍ୱଲୟତି / ହ୍ୱାଳୟତି ।

କମି - କମୟତି / କାମୟତି ।

ବମି - ବମୟତି / ବାମୟତି ।

(ଖ) ଉପସର୍ଗଯୁକ୍ତ -

ପ୍ର + ଜ୍ୱଲ୍ = ପ୍ରଜ୍ୱଳି - ପ୍ରଜ୍ୱଳୟତି ।

ବି + ହ୍ୱଲ୍ - ବିହ୍ୱଳି - ବିହ୍ୱଳୟତି ।

ପ୍ର + ନମ୍ - ପ୍ରଣମି - ପ୍ରଣମୟତି ।

ଅବ + ନମ୍ - ଅବନମି - ଅବନମୟତି ।

୧୦. ଣିଚ୍ ପରେ ଥିଲେ ଋ, ହ୍ରୀ ପ୍ରଭୃତି ଧାତୁ ପରେ ତଥା ଯା, ଗ୍ଲା ପ୍ରଭୃତି ଆକାରାନ୍ତ ଧାତୁପରେ ପୁକ୍ (ପ୍) ଆଗମ (anyment) ହୁଏ ।

*(ଅର୍ତ୍ତି-ହ୍ରୀ-ବ୍ଲୀ-ରୀ-କ୍ନୂୟୀ-କ୍ଷ୍ମାୟ୍ୟାତାଂ ପୁକ୍ ଣୌ - ପା.୭.୩.୩୬ । ଏଷାଂ ପୁକ୍ ସ୍ୟାଣ୍ଣୌ - ସି.କୌ.)* । ଯଥା -

ଋ + ଣିଚ୍ = ଅର୍ + ପୁକ୍ (ପ୍) +ଣିଚ୍ (ଇ) = ଅର୍ପି - ଅର୍ପୟତି । ହ୍ରୀ-ହ୍ରେପି, ଗ୍ଲା - ଗ୍ଲାପି, ଦା - ଦାପି ।

୧୧. ଣିଚ୍ ପରେ ଥିଲେ ପୁଗନ୍ତ ଓ ଲଘୂପଧ ଧାତୁର ଗୁଣହୁଏ ।

(ପୁଗନ୍ତ ଲଘୂପଧସ୍ୟ ଚ - ପା.୭.୩.୮୬ । *ପୁଗନ୍ତସ୍ୟ ଲଘୂପଧସ୍ୟ ଚେଗନ୍ତୋରୋ ଗୁଣଃ ସ୍ୟାତ୍ ସାର୍ବଧାତୁକାର୍ଦ୍ଧଧାତୁକୟୋଃ - ସି.କୌ.)* ।

ଯଥା - (କ) ପୁଗନ୍ତ - ଋ + ଣିଚ୍ = ଅର୍ + ପୁକ୍ (ପ୍) + ଣିଚ୍ (ଇ) = ଅର୍ପି - ଅର୍ପୟତି, ହ୍ରୀ - ହ୍ରେପି - ହ୍ରେପୟତି ।

(ଖ) ଲଘୂପଧ - ବୁଧ୍ + ଣିଚ୍ = ବୋଧି - ବୋଧୟତି ।

୧୨. ଣିଚ୍ ପରେ ଥିଲେ କ୍ରୀ, ଇଙ୍ ଓ ଜି ଧାତୁ ଆକାରାନ୍ତହୁଏ ଓ ପୁକ୍ (ପ୍) ଆଗମ ହୁଏ । ଯଥା -

*(କ୍ରୀଙ୍ଜୀନାଂ ଣୌ -ପା. ୬.୧.୪୮ । ଏଷାମେଚ ଆତ୍ ସ୍ୟାଣ୍ଣୌ)*। କ୍ରୀ+ଣିଚ୍(ଇ)= କ୍ରା +ପୁକ୍(ପ୍)+ଣିଚ୍(ଇ)= କ୍ରାପି- କ୍ରାପୟତି । ଅଧି

+ ଇଙ୍+ଣିଚ୍ (ଇ) = ଅଧାପି - ଅଧାପୟତି । ଜି +ଣିଚ୍ (ଇ) = ଜାପି - ଜାପୟତି ।

**୧୩.** ଣିଚ୍ ପରେ ଥିଲେ ହନ୍ ଧାତୁ ଘତ୍ ହୁଏ ।

ଯଥା - ହନ୍ + ଣିଚ୍ (ଇ) = ଘତ୍ + ଣିଚ୍ (ଇ) = ଘାତି - ଘାତୟତି ।

(ହୋହନ୍ତେର୍ଞ୍ଣିନ୍ନେଷୁ - ପା. ୭.୩.୫୪ । ହନସ୍ତୋଽଚିଣ୍ ଣଲୋଃ-ପା.୭.୩.୩୨)ଇତ୍ୟେଷୁକାରୋଃତାଦେଶଃ ସ୍ୟାତ୍- ଇତ୍ୟାଦି ।

**୧୪.** ଣିଚ୍ ପରେ ଥିଲେ ଗମନାର୍ଥକ ଇଣ୍ (ଇ) ଧାତୁ ଗମ୍ ହୋଇଯାଏ, କିନ୍ତୁ ଇଣ୍ (ଇ) ଧାତୁ ବୋଧନାର୍ଥକ ହେଲେ ଗମ୍ ହୁଏ ନାହିଁ ।

*(ଣୌ ଗମିରବୋଧନେ - ପା.୨.୪.୪୬, ଇଣୋଗମି ସାଖେ - ଣି.ଙ୍କୋ.)* । ଯଥା -

ଇଣ୍ + ଣିଚ୍ = ଗମ୍ +ଣିଚ୍ (ଇ) = ଗମି - ଗମୟତି ।

ପ୍ରତି + ଇଣ୍ (ଇ) = ପ୍ରତି + ଆୟି = ପ୍ରତ୍ୟାୟୟତି ।

**୧୫.** ଣିଚ୍ ପରେ ଥିଲେ "ରଭ୍" ଓ "ଲଭ୍" ଧାତୁର ଅନ୍ତ୍ୟସ୍ୱର ପରେ ନୁମ୍ (ନ୍) ଆଗମ ହୁଏ । *(ରଭେ ରଶବ୍ ଲିଟୋଃ - ପା. ୭.୧.୬୩, ଇତ୍ୟେକୁଁମ୍ ସ୍ୟାଦଚି ନ ତୁ ଶବ୍ଲିଟୋଃ, ଲଭେଶ୍ଚ - ପା. ୭.୧.୬୪)* ।
ଯଥା - -

ରଭ୍ + ଣିଚ୍(ଇ)=ରମ୍ଭୟତି । ଲଭ୍ + ଣିଚ୍(ଇ)= ଲମ୍ଭୟତି ।

**୧୬.** ଣିଚ୍ ପରେ ଥିଲେ ପ୍ରୟୋଜ୍ୟକର୍ତ୍ତା ଭୟ ଓ ବିସ୍ମୟର କାରଣ ହେଲେ "ଭୀ" ଧାତୁ ଭୀଷି ଓ ଭାପି ଏବଂ "ସ୍ମି" ଧାତୁ ସ୍ମାପି ହୁଏ ।

*(ଭିୟୋ ହେତୁ ଭୟେ ଷୁକ୍ - ପା. ୭.୩.୪୦, ଭୀ ଇ ଇତି ଛେଦଃ ପ୍ରଶ୍ଲିଷ୍ଟାତେ, ଇକାରାନ୍ତସ୍ୟ ଭିୟଃ ଷୁକ୍ ସ୍ୟାଣ୍ଣୌ ହେତୁ ଭୟେ । ବିଭେତେ ର୍ହେତୁଭୟେ - ପା. ୬.୧.୫୬, ବିଭେତେରେଚ ଆତ୍ବଂ ବା*

*ଣାବ୍ ପ୍ରଯୋଜକାଦ୍ଭୟଂଚେତ୍ - ସି.କୌ.)* । *ଭୀସ୍ମ୍ୟୋର୍ହେତୁଭୟେ - ପା. ୧.୩.୬୮ , ଆଭ୍ୟାଂ ଣ୍ୟନ୍ତାଭ୍ୟାମାତ୍ମନେପଦଂ ସ୍ୟାଦ୍ଧେତୋଶ୍ଚେଦ୍ଭୟସ୍ମୟୌ ସୂତ୍ରେ ଭୟଗ୍ରହଣଂ ଧାତୂପଲକ୍ଷଣମ୍ - ସି.କୌ.)*।

ଉଭୟଧାତୁ କେବଳ ଆତ୍ମନେପଦୀ ହୁଅନ୍ତି । ଯଥା -

କ) ଭୀ + ଷୁକ୍ (ଷ୍) + ଣିଚ୍ (ଇ) = ଭୀଷି = ଭୀଷୟତେ ।
ଭୀ + ପୁକ୍ (ପ୍) + ଣିଚ୍ (ଇ) = ଭାପି = ଭାପୟତେ ।
ଉଦାହରଣ - ବ୍ୟାଘ୍ରଃ ବାଳକଂ ଭୀଷୟତେ ଅଥବା ଭାପୟତେ ।

ଖ) ସ୍ମି + ପୁକ୍ (ପ୍) + ଣିଚ୍ (ଇ) = ସ୍ମାପି = ସ୍ମାପୟତେ ।
ଉଦାହରଣ - ଐନ୍ଦ୍ରଜାଲିକଃ ବାଳକାନ୍ ବିସ୍ମାପୟତେ ।

ମାତ୍ର କର୍ତ୍ତା ଭୟ ବା ବିସ୍ମୟର କାରଣ ନ ହୋଇଥିଲେ "ଭୀ" ଧାତୁ ଭାୟି ଓ "ସ୍ମି" ଧାତୁ ସ୍ମାୟି ହୋଇଥାଏ । ଯଥା -

କ) ଭୀ+ଣିଚ୍(ଇ) = ଭୈ+ଇ = ଭାୟ୍+ଇ = ଭାୟି-ଭାୟୟତି ।
ଉଦାହରଣ - ଗୀତା ଦଣ୍ଡେନ ଶିଶୁଂ ଭାୟୟତି । କୁଞ୍ଚିକୟା ଏନଂ ବିସ୍ମାୟୟତି ।

ଖ) ସ୍ମି+ଣିଚ୍(ଇ) = ସ୍ମୈ+ଇ = ସ୍ମାୟ୍+ଇ = ସ୍ମାୟି - ସ୍ମାୟୟତି ।
ଉଦାହରଣ - କୃଷ୍ଣଃ ବିଶ୍ୱରୂପେଣ ଅର୍ଜୁନଂ ବିସ୍ମାୟୟତି ।

୧୭. ଣିଚ୍ ପରେ ଥିଲେ "ରୁହ୍" ଧାତୁର ବିକଳ୍ପରେ "ପ"କାର ଅନ୍ତାଦେଶ ହୁଏ । ଯଥା -

(କ) ରୁହ୍ + ଣିଚ୍ (ଇ) = ରୋହି = ରୋହୟତି (ଆରୋହଣ କରାଉଛି) ।

(ଖ) ରୁହ୍ + ଣିଚ୍ (ଇ) = ରୁପି = ରୋପୟତି (ରୋପଣ କରୁଅଛି) ।

୧୮. ଣିଚ୍ ପରେ ଥିଲେ ଶୀ-ଛୋ-ଶୋ-ହ୍ୱେଞ୍-ବେଞ୍ ଏବଂ ପା ଧାତୁର ଯୁକ୍ ଆଗମ ହୁଏ । ଯଥା -

ଶା-ଣିଚ୍ (ଇ)=ଶା+ଯୁକ୍+ଣିଚ୍ (ଇ) = ଶାୟି - ଶାୟୟତି ।

ଛୋ = ଛାୟି = ଛାୟୟତି, ସୋ = ସାୟି-ସାୟୟତି, ହ୍ୱେ = ହ୍ୱାୟି-ହ୍ୱାୟୟତି, ବ୍ୟେ = ବ୍ୟାୟି-ବ୍ୟାୟୟତି, ବେ = ବାୟ-ବାୟୟତି, ପା(ପାନେ) = ପାୟି-ପାୟୟତି ।

ଉଦାହରଣ - ମାତା ଶିଶୁଂ ଦୁଗ୍ଧଂ ପାୟୟତି । *(ଣିଚ୍ ପୁକୋଽପବାଦୋ ଯୁକ୍ / ଶା-ଛା-ସା-ହ୍ୱା-ବ୍ୟା-ବେପା" ଯୁକ୍ ଣୌ - ପା. ୭.୩.୩୭ । ଣୌ ପରେ ପୁକୋଽପବାଦଃ - ସି.କୌ.)* ।

ମାତ୍ର ଣିଚ୍ ପରେ ଥିଲେ ପାଳନାର୍ଥକ "ପା" ଧାତୁ ପରେ "ଳ"ର ଆଗମ ହୁଏ । ଯଥା - ପା = ପାଳି-ପାଳୟତି ।

୧୯. ଣିଚ୍ ପରେ ଦୁଷ୍ ଧାତୁର ଉପଧାରେ ଊତ୍ ହୁଏ ।

ଯଥା - ଦୁଷ୍+ଣିଚ୍ (ଇ) = ଦୂଷି-ଦୂଷୟତି ।

ଚିତ୍ତବିକାର ଅର୍ଥରେ ଦୁଷ୍ର ଉପଧାର ବିକଳ୍ପରେ ଊତ୍ ହୁଏ ।

ଯଥା - ଦୁଷ୍ = ଦୋଷି - ଦୋଷୟତି ।

ଉଦାହରଣ - କାମଃ ଚିତ୍ତଂ ଦୂଷୟତି / ଦୋଷୟତି । *(ଦୋଷୋ ଣୌ-ପା. ୬.୪.୯୦ । ଦୁଷୋ ଣି ଦୁଷତେନମ୍ । ଦୁଷ୍ୟତେ ରୁପଧାୟା ଊତ୍ ସ୍ୟାତ୍ / ବା ଚିତ୍ତବିରାଗେ -ପା. ୬.୪.୯୧ । ଚିତ୍ତୋଽପ୍ରୀତୌ)*।

୨୦. ଣିଚ୍ ପରେ ଥିଲେ ବୈ (ଓବୈ) ଧାତୁର କମ୍ପନ ଅର୍ଥରେ ଜୁକ୍ ଆଗମ ହୁଏ । ଯଥା -

ଓବୈ ଶୋଷଣେ+ଣିଚ୍ (ଇ) = ବା+ଜୁକ୍+ଣିଚ୍ (ଇ) = ବାଜୟତି । ବିଧୂନନ (କମ୍ପନ) ଅର୍ଥ ନ ହେଲେ ଜୁକ୍ ଆଗମ ହୁଏ ନାହିଁ । ଯଥା - ବୈ-ବା+ଣିଚ୍ (ଇ) = ବାପୟତି ।

ଉଦାହରଣ - କେଶାନ୍ ବାପୟତି (ସୁଗନ୍ଧୀକରଣ ଅଥବା ଛେଦନ କରିବା ।*(ବୋ ବିଧୂନନେ ଜୁକ୍ - ପା. ୭.୩.୩୮ । ବାତେର୍ଜୁକ୍ ସ୍ୟାଣ୍ଣୌ କମ୍ପେଽର୍ଥେ - ସି.କୌ.)*।

୨୧. ଣିଚ୍ ପରେ ଥାଇ ଇହଲୋକରେ ଫଳପ୍ରାପ୍ତି ବୋଧକ "ସିଧ୍" ଧାତୁର ଉପଧା "ଇ"ର "ଆ" ହୁଏ । ଯଥା -

ସିଧ୍ + ଣିଚ୍ (ଇ) = ସାଧି - ସାଧୟତି ।

ଉଦାହରଣ - ଭିକ୍ଷୁଃ ଅନ୍ନଂ ସାଧୟତି ।

ମାତ୍ର, ପରଲୋକରେ ଫଳପ୍ରାପ୍ତି ବୁଝାଉଥିଲେ ଉପଧା "ଇ" ପୂର୍ବବତ୍ ରହେ । ଯଥା -

ସିଧ୍ + ଣିଚ୍ (ଇ) = ସେଧି - ସେଧୟତି ।

ଉଦାହରଣ - ଋଷିଃ ତପଃ ସେଧୟତି ।

୨୨. ଣିଚ୍ ପରେ ଥାଇ "ଗୈ" ଧାତୁର ଐକାର ସ୍ଥାନରେ "ଆ" ଆଦେଶ ହୁଏ ଏବଂ ଧାତୁ ପରେ ପ୍-ଆଗମନ ହୁଏ । ଯଥା -

ଗୈ + ଣିଚ୍ (ଇ) = ଗାପି - ଗାପୟତି ।

୨୩. ଣିଚ୍ ପରେ ଥାଇ ଆକାରାନ୍ତ ଧାତୁମାନଙ୍କ ପରେ ପ୍-ଆଗମ ହୁଏ । ଯଥା -

ଦା+ଣିଚ୍ (ଇ) =ଦାପି-ଦାପୟତି, ଧା = ଧାପି-ଧାପୟତି, ମା = ମାପି - ମାପୟତି, ଯା = ଯାପି - ଯାପୟତି, ସ୍ନା= ସ୍ନାପି - ସ୍ନାପୟତି ଇତ୍ୟାଦି ।

ମାତ୍ର "ସ୍ନା" ଧାତୁ ଆକାରସ୍ଥାନରେ ବିକଳ୍ପରେ "ଅ" ଆଦେଶ ହୋଇ "ପ୍"- ଆଦେଶ ହୁଏ । ଯଥା - ସ୍ନା=ସ୍ନାପି-ସ୍ନାପୟତି, ସ୍ନା=ସ୍ନପି-ସ୍ନପୟତି ।

୨୪. ଣିଚ୍ ପରେ ଜାଗୃ ଓ କୃ ଧାତୁର ଅନ୍ତ୍ୟସ୍ୱରର ଗୁଣ ହୁଏ । ଯଥା -

ଜାଗୃ + ଣିଚ୍ (ଇ) = ଜାଗରି -ଜାଗରୟତି, କୃ+ଣିଚ୍(ଇ) = କରି - କରୟତି ।

୨୫. ଣିଚ୍ ପରେ ପ୍ରୀ ଓ ଧୂ ଧାତୁର ବିକଳ୍ପରେ "ନ୍" ଆଗମ ହୁଏ । ଯଥା -

ପ୍ରୀ = ପ୍ରୀଣି - ପ୍ରୀଣୟତି ଅଥବା ପ୍ରୀ = ପ୍ରାୟି - ପ୍ରାୟୟତି ।

ଧୂ = ଧୂନି -ଧୂନୟତି ଅଥବା ଧୂ = ଧାବି - ଧାବୟତି ।

୨୬. ସ୍ଫୁରଧାତୁସ୍ଥିତ 'ଉ'ର ବିକଳ୍ପରେ "ଆ" ଆଦେଶ ହୁଏ । ଯଥା -

ସ୍ଫୁର = ସ୍ଫାରି - ସ୍ଫାରୟତି ଅଥବା ସ୍ଫୁର = ସ୍ଫୋରି - ସ୍ଫୋରୟତି ।

ନିମ୍ନରେ କେତେକ ଧାତୁର ଣିଜନ୍ତରେ ଲଟ୍-ଲଙ୍-ବିଧିଲିଙ୍ -ଲୋଟ୍ ଏବଂ ଲୃଟ୍ ଲକାରର ପ୍ରଥମପୁରୁଷ ଏକବଚନର ରୂପ ଦିଆଗଲା ।

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ଅଦ୍ | ଆଦୟତି | ଆଦୟତ୍ | ଆଦୟେତ୍ | ଆଦୟତୁ | ଆଦୟିଷ୍ୟତି |
| ଅଧି+ଇ | ଅଧ୍ୟାପୟତି | ଅଧ୍ୟାପୟତ୍ | ଅଧ୍ୟାପୟେତ୍ | ଅଧ୍ୟାପୟତୁ | ଅଧ୍ୟାପୟିଷ୍ୟତି |
| ଆପ୍ | ଆପୟତି | ଆପୟତ୍ | ଆପୟେତ୍ | ଆପୟତୁ | ଆପୟିଷ୍ୟତି |
| ଇଣ୍ | ଗମୟତି | ଅଗମୟତ୍ | ଗମୟେତ୍ | ଗମୟତୁ | ଗମୟିଷ୍ୟତି |
| ପ୍ରତି+ଇଣ୍ | ପ୍ରତ୍ୟାୟୟତି | ପ୍ରତ୍ୟାୟୟତ୍ | ପ୍ରତ୍ୟାୟୟେତ୍ | ପ୍ରତ୍ୟାୟୟତୁ | ପ୍ରତ୍ୟାୟୟିଷ୍ୟତି |
| ପ୍ର+ଇଷ୍ | ପ୍ରେଷୟତି | ପ୍ରୈଷୟତ୍ | ପ୍ରେଷୟେତ୍ | ପ୍ରେଷୟତୁ | ପ୍ରେଷୟିଷ୍ୟତି |
| ଋ | ଅର୍ପୟତି | ଅର୍ପୟତ୍ | ଅର୍ପୟେତ୍ | ଅର୍ପୟତୁ | ଅର୍ପୟିଷ୍ୟତି |
| କୃ | କାରୟତି | ଅକାରୟତ୍ | କାରୟେତ୍ | କାରୟତୁ | କାରୟିଷ୍ୟତି |
| କ୍ରମ୍ | କ୍ରମୟତି | ଅକ୍ରମୟତ୍ | କ୍ରମୟେତ୍ | କ୍ରମୟତୁ | କ୍ରମୟିଷ୍ୟତି |
| କ୍ରୀ | କ୍ରାପୟତି | ଅକ୍ରାପୟତ୍ | କ୍ରାପୟେତ୍ | କ୍ରାପୟତୁ | କ୍ରାପୟିଷ୍ୟତି |
| ଗମ୍ | ଗମୟତି | ଅଗମୟତ୍ | ଗମୟେତ୍ | ଗମୟତୁ | ଗମୟିଷ୍ୟତି |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ଗଣ୍ | ଗଣୟତି | ଅଗଣୟତ୍ | ଗଣୟେତ୍ | ଗଣୟତୁ | ଗଣୟିଷ୍ୟତି |
| ଗୈ | ଗାପୟତି | ଅଗାପୟତ୍ | ଗାପୟେତ୍ | ଗାପୟତୁ | ଗାପୟିଷ୍ୟତି |
| ଗ୍ରହ୍ | ଗ୍ରାହୟତି | ଅଗ୍ରାହୟତ୍ | ଗ୍ରାହୟେତ୍ | ଗ୍ରାହୟତୁ | ଗ୍ରାହୟିଷ୍ୟତି |
| ଘ୍ରା | ଘ୍ରାପୟତି | ଅଘ୍ରାପୟତ୍ | ଘ୍ରାପୟେତ୍ | ଘ୍ରାପୟତୁ | ଘ୍ରାପୟିଷ୍ୟତି |
| ଘଟ୍ | ଘଟୟତି | ଅଘଟୟତ୍ | ଘଟୟେତ୍ | ଘଟୟତୁ | ଘଟୟିଷ୍ୟତି |
| ଚଲ୍(କମ୍ପନ) | ଚଳୟତି | ଅଚଳୟତ୍ | ଚଳୟେତ୍ | ଚଳୟତୁ | ଚଳୟିଷ୍ୟତି |
| ଚଲ୍(ଶାସନେ) | ଚାଲୟତି | ଅଚାଲୟତ୍ | ଚାଲୟେତ୍ | ଚାଲୟତୁ | ଚାଲୟିଷ୍ୟତି |
| ଚି | ଚପୟତି/ଚାପୟତି | ଅଚପୟତ୍ | ଚପୟେତ୍ | ଚପୟତୁ | ଚପୟିଷ୍ୟତି |
| | ଚପୟତେ/ଚାପୟତେ | ଅଚପୟତ | ଚପୟେତ | ଚପୟତାମ୍ | ଚପୟିଷ୍ୟତେ |
| | ଚାୟୟତି | ଅଚାୟୟତ୍ | ଚାୟୟେତ୍ | ଚାୟୟତୁ | ଚାୟୟିଷ୍ୟତି |
| | ଚାୟୟତେ | ଅଚାୟୟତ | ଚାୟୟେତ | ଚାୟୟତାମ୍ | ଚାୟୟିଷ୍ୟତି |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ଚ୍ୟୁ - ଚ୍ୟାବୟତି, (ଅଚିଚ୍ୟବତ୍ / ଅଚୁଚ୍ୟବତ୍) ଇତ୍ୟାଦି । | | | | | |
| ଛିଦ୍ | ଛେଦୟତି | ଅଚ୍ଛେଦୟତ୍ | ଛେଦୟେତ୍ | ଛେଦୟତୁ | ଛେଦୟିଷ୍ୟତି |
| ଜନ୍ | ଜନୟତି | ଅଜନୟତ୍ | ଜନୟେତ୍ | ଜନୟତୁ | ଜନୟିଷ୍ୟତି |
| ଜାଗୃ | ଜାଗରୟତି | ଅଜାଗରୟତ୍ | ଜାଗରୟେତ୍ | ଜାଗରୟତୁ | ଜାଗରୟିଷ୍ୟତି |
| ଜି | ଜାପୟତି | ଅଜାପୟତ୍ | ଜାପୟେତ୍ | ଜାପୟତୁ | ଜାପୟିଷ୍ୟତି |
| ଜୃ | ଜରୟତି | ଅଜରୟତ୍ | ଜରୟେତ୍ | ଜରୟତୁ | ଜରୟିଷ୍ୟତି |
| ଜ୍ୱଲ୍ | ଜ୍ୱଲୟତି | ଅଜ୍ୱଲୟତ୍ | ଜ୍ୱଲୟେତ୍ | ଜ୍ୱଲୟତୁ | ଜ୍ୱଲୟିଷ୍ୟତି |
| | ଜ୍ୱାଲୟତି | ଅଜ୍ୱାଲୟତ୍ | ଜ୍ୱାଲୟେତ୍ | ଜ୍ୱାଲୟତୁ | ଜ୍ୱାଲୟିଷ୍ୟତି |
| ଜ୍ଞା | ଜ୍ଞପୟତି/ଜ୍ଞାପୟତି | ଅଜ୍ଞାପୟତ୍ | ଜ୍ଞାପୟେତ୍ | ଜ୍ଞାପୟତୁ | ଜ୍ଞାପୟିଷ୍ୟତି |
| ତ୍ୟଜ୍ | ତ୍ୟାଜୟତି | ଅତ୍ୟାଜୟତ୍ | ତ୍ୟାଜୟେତ୍ | ତ୍ୟାଜୟତୁ | ତ୍ୟାଜୟିଷ୍ୟତି |
| ତୃ | ତାରୟତି | ଅତାରୟତ୍ | ତାରୟେତ୍ | ତାରୟତୁ | ତାରୟିଷ୍ୟତି |
| ଦା | ଦାପୟତି | ଅଦାପୟତ୍ | ଦାପୟେତ୍ | ଦାପୟତୁ | ଦାପୟିଷ୍ୟତି |
| ଦୃଶ୍ | ଦର୍ଶୟତି | ଅଦର୍ଶୟତ୍ | ଦର୍ଶୟେତ୍ | ଦର୍ଶୟତୁ | ଦର୍ଶୟିଷ୍ୟତି |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ଧୂ | ଧୂନୟତି | ଅଧୂନୟତ୍ | ଧୂନୟେତ୍ | ଧୂନୟତୁ | ଧୂନୟିଷ୍ୟତି |
| ନୀ | ନାୟୟତି | ଅନାୟୟତ୍ | ନାୟୟେତ୍ | ନାୟୟତୁ | ନାୟୟିଷ୍ୟତି |
| ନଶ୍ | ନାଶୟତି | ଅନାଶୟତ୍ | ନାଶୟେତ୍ | ନାଶୟତୁ | ନାଶୟିଷ୍ୟତି |
| ନି+ଶମ୍(ଦର୍ଶନେ) | ନିଶାମୟତି | ନ୍ୟଶାମୟତ୍ | ନିଶାମୟେତ୍ | ନିଶାମୟତୁ | ନିଶାମୟିଷ୍ୟତି |
| (ଶ୍ରବଣେ) | ନିଶମୟତି | ନ୍ୟଶମୟତ୍ | ନିଶମୟେତ୍ | ନିଶମୟତୁ | ନିଶମୟିଷ୍ୟତି |
| ନୃତ୍ | ନର୍ତ୍ତୟତି | ଅନର୍ତ୍ତୟତ୍ | ନର୍ତ୍ତୟେତ୍ | ନର୍ତ୍ତୟତୁ | ନର୍ତ୍ତୟିଷ୍ୟତି |
| ନମ୍ | ନମୟତି | ଅନମୟତ୍ | ନମୟେତ୍ | ନମୟତୁ | ନମୟିଷ୍ୟତି |
| ନାମ୍ | ନାମୟତି | ଅନାମୟତ୍ | ନାମୟେତ୍ | ନାମୟତୁ | ନାମୟିଷ୍ୟତି |
| ପଚ୍ | ପାଚୟତି | ଅପାଚୟତ୍ | ପାଚୟେତ୍ | ପାଚୟତୁ | ପାଚୟିଷ୍ୟତି |
| ପଠ୍ | ପାଠୟତି | ଅପାଠୟତ୍ | ପାଠୟେତ୍ | ପାଠୟତୁ | ପାଠୟିଷ୍ୟତି |
| ପତ୍ | ପାତୟତି | ଅପାତୟତ୍ | ପାତୟେତ୍ | ପାତୟତୁ | ପାତୟିଷ୍ୟତି |
| ପା(ପାଳନେ) | ପାଳୟତି | ଅପାଳୟତ୍ | ପାଳୟେତ୍ | ପାଳୟତୁ | ପାଳୟିଷ୍ୟତି |
| ପା(ପାନେ) | ପାୟୟତି | ଅପାୟୟତ୍ | ପାୟୟେତ୍ | ପାୟୟତୁ | ପାୟୟିଷ୍ୟତି |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ପ୍ରଚ୍ଛ୍ | ପ୍ରଚ୍ଛୟତି | ଅପ୍ରଚ୍ଛୟତ୍ | ପ୍ରଚ୍ଛୟେତ୍ | ପ୍ରଚ୍ଛୟତୁ | ପ୍ରଚ୍ଛୟିଷ୍ୟତି |
| ପ୍ର+ବିଶ୍ | ପ୍ରବେଶୟତି | ପ୍ରାବେଶୟତ୍ | ପ୍ରବେଶୟେତ୍ | ପ୍ରବେଶୟତୁ | ପ୍ରବେଶୟିଷ୍ୟତି |
| ପ୍ରୀ | ପ୍ରୀଣୟତି | ଅପ୍ରୀଣୟତ୍ | ପ୍ରୀଣୟେତ୍ | ପ୍ରୀଣୟତୁ | ପ୍ରୀଣୟିଷ୍ୟତି |
| ବହ୍ | ବାହୟତି | ଅବାହୟତ୍ | ବାହୟେତ୍ | ବାହୟତୁ | ବାହୟିଷ୍ୟତି |
| ଦ୍ରୁ | ଦ୍ରାବୟତି | ଅଦ୍ରାବୟତ୍ | ଦ୍ରାବୟେତ୍ | ଦ୍ରାବୟତୁ | ଦ୍ରାବୟିଷ୍ୟତି |
| ପ୍ଲୁ | ପ୍ଲାବୟତି | ଅପ୍ଲାବୟତ୍ | ପ୍ଲାବୟେତ୍ | ପ୍ଲାବୟତୁ | ପ୍ଲାବୟିଷ୍ୟତି |
| ବ୍ରୂ, ବଚ୍ | ବାଚୟତି | ଅବାଚୟତ୍ | ବାଚୟେତ୍ | ବାଚୟତୁ | ବାଚୟିଷ୍ୟତି |
| ଭୀ | ଭାୟୟତି | ଅଭାୟୟତ୍ | ଭାୟୟେତ୍ | ଭାୟୟତୁ | ଭାୟୟିଷ୍ୟତି |
| | ଭୀଷୟତେ | ଅଭୀଷୟତ | ଭୀଷୟେତ | ଭୀଷୟତାମ୍ | ଭୀଷୟିଷ୍ୟତେ |
| | ଭାପୟତେ | ଅଭାପୟତ | ଭାପୟେତ | ଭାପୟତାମ୍ | ଭାପୟିଷ୍ୟତେ |
| ଭିଦ୍ | ଭେଦୟତି | ଅଭେଦୟତ୍ | ଭେଦୟେତ୍ | ଭେଦୟତୁ | ଭେଦୟିଷ୍ୟତି |
| ଭୁଜ୍ | ଭୋଜୟତି | ଅଭୋଜୟତ୍ | ଭୋଜୟେତ୍ | ଭୋଜୟତୁ | ଭୋଜୟିଷ୍ୟତି |
| ଭୂ | ଭାବୟତି | ଅଭାବୟତ୍ | ଭାବୟେତ୍ | ଭାବୟତୁ | ଭାବୟିଷ୍ୟତି |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଳୃଟ୍ |
|---|---|---|---|---|---|
| ମୃଜ୍ | ମାର୍ଜୟତି | ଅମାର୍ଜୟତ୍ | ମାର୍ଜୟେତ୍ | ମାର୍ଜୟତୁ | ମାର୍ଜୟିଷ୍ୟତି |
| ଯା | ଯାପୟତି | ଅଯାପୟତ୍ | ଯାପୟେତ୍ | ଯାପୟତୁ | ଯାପୟିଷ୍ୟତି |
| ରଞ୍ଜ୍(ମୃଗୟା) | ରଜୟତି | ଅରଜୟତ୍ | ରଜୟେତ୍ | ରଜୟତୁ | ରଜୟିଷ୍ୟତି |
| (ରଞ୍ଜନ) | ରଞ୍ଜୟତି | ଅରଞ୍ଜୟତ୍ | ରଞ୍ଜୟେତ୍ | ରଞ୍ଜୟତୁ | ରଞ୍ଜୟିଷ୍ୟତି |
| ରମ୍ | ରମୟତି | ଅରମୟତ୍ | ରମୟେତ୍ | ରମୟତୁ | ରମୟିଷ୍ୟତି |
| ରୁହ୍ | ରୋହୟତି | ଅରୋହୟତ୍ | ରୋହୟେତ୍ | ରୋହୟତୁ | ରୋହୟିଷ୍ୟତି |
| | ରୋପୟତି | ଅରୋପୟତ୍ | ରୋପୟେତ୍ | ରୋପୟତୁ | ରୋପୟିଷ୍ୟତି |
| ଲଭ | ଲମ୍ଭୟତି | ଅଲମ୍ଭୟତ୍ | ଲମ୍ଭୟେତ୍ | ଲମ୍ଭୟତୁ | ଲମ୍ଭୟିଷ୍ୟତି |
| ଲା | ଲାଳୟତି | ଅଲାଳୟତ୍ | ଲାଳୟେତ୍ | ଲାଳୟତୁ | ଲାଳୟିଷ୍ୟତି |
| ବି+ଲପ୍ | ବିଳାପୟତି | ବ୍ୟଲାପୟତ୍ | ବିଳାପୟେତ୍ | ବିଳାପୟତୁ | ବିଳାପୟିଷ୍ୟତି |
| ବିଶ୍ | ବେଶୟତି | ଅବେଶୟତ୍ | ବେଶୟେତ୍ | ବେଶୟତୁ | ବେଶୟିଷ୍ୟତି |
| ଶୀ | ଶାୟୟତି | ଅଶାୟୟତ୍ | ଶାୟୟେତ୍ | ଶାୟୟତୁ | ଶାୟୟିଷ୍ୟତି |
| ଶଦ୍ | ଶାତୟତି/ ଶାଦୟତି | | | | |

| ଧାତୁ | ଲଟ୍ | ଲଙ୍ | ବିଧିଲିଙ୍ | ଲୋଟ୍ | ଲୃଟ୍ |
|---|---|---|---|---|---|
| ବି+ସ୍ମି (କର୍ତ୍ତା ଭୟକାରଣ) ବିସ୍ମାପୟତେ (କର୍ତ୍ତା ଭୟକାରଣ ନ ହେଲେ ) ବିସ୍ମାୟୟତି । | | | | | |
| ଶ୍ରୁ | ଶ୍ରାବୟତି | ଅଶ୍ରାବୟତ୍ | ଶ୍ରାବୟେତ୍ | ଶ୍ରାବୟତୁ | ଶ୍ରାବୟିଷ୍ୟତି |
| ସ୍ଥା | ସ୍ଥାପୟତି | ଅସ୍ଥାପୟତ୍ | ସ୍ଥାପୟେତ୍ | ସ୍ଥାପୟତୁ | ସ୍ଥାପୟିଷ୍ୟତି |
| ସ୍ମି | ସ୍ମାପୟତି/ସ୍ମାୟୟତି | ଅସ୍ମାପୟତ୍ | ସ୍ମାପୟେତ୍ | ସ୍ମାପୟତୁ | ସ୍ମାପୟିଷ୍ୟତି |
| ସ୍ମୃ | ସ୍ମାରୟତି/ସ୍ମରୟତି | ଅସ୍ମାରୟତ୍ | ସ୍ମାରୟେତ୍ | ସ୍ମାରୟତୁ | ସ୍ମାରୟିଷ୍ୟତି |
| ସିଧ୍ (ଇହଲୋକେ ଫଳ ଲାଭେ) ସାଧୟତି (ସ୍ୱର୍ଗଲୋକେ ଫଳଲାଭେ) ସେଧୟତି | | | | | |
| ସ୍ଫୁର | ସ୍ଫୋରୟତି /ସ୍ଫାରୟତି | ଅସ୍ଫୋରୟତ୍ | ସ୍ଫୋରୟେତ୍ | ସ୍ଫୋରୟତୁ | ସ୍ଫୋରୟିଷ୍ୟତି |
| ସ୍ରୁ = | ସ୍ରାବୟତି | ଅସ୍ରାବୟତ୍ | ସ୍ରାବୟେତ୍ | ସ୍ରାବୟତୁ | ସ୍ରାବୟିଷ୍ୟତି |
| ହନ୍ | ଘାତୟତି | ଅଘାତୟତ୍ | ଘାତୟେତ୍ | ଘାତୟତୁ | ଘାତୟିଷ୍ୟତି |
| ହା | ହାପୟତି | ଅହାପୟତ୍ | ହାପୟେତ୍ | ହାପୟତୁ | ହାପୟିଷ୍ୟତି |
| ହୃ | ହାରୟତି | ଅହାରୟତ୍ | ହାରୟେତ୍ | ହାରୟତୁ | ହାରୟିଷ୍ୟତି |
| ଆ+ହ୍ୱେ | ଆହ୍ୱାୟୟତି | ଆହ୍ୱାୟୟତ୍ | ହ୍ୱାୟୟେତ୍ | ହ୍ୱାୟୟତୁ | ହ୍ୱାୟୟିଷ୍ୟତି |

## ଅନୁଶୀଳନୀ

୧. ଉଦାହରଣମନୁସୃତ୍ୟ ନିର୍ଦ୍ଦେଶାନୁସାରଂ ଶୂନ୍ୟସ୍ଥାନଂ ପୂରୟତ -

ଉଦାହରଣମ୍ -

ଶିଶୁଃ ଚନ୍ଦ୍ରଂ ପଶ୍ୟତି, ମାତା ଶିଶୁଂ ଚନ୍ଦ୍ରଂ -(ଦୃଶ୍+ଣିଚ୍) ଦର୍ଶୟତି ।

(କ) କୃଷ୍ଣଃ ଗ୍ରାମଂ ଗଚ୍ଛତି, ପିତା କୃଷ୍ଣଂ ଗ୍ରାମଂ ------ (ଗମ୍+ଣିଚ୍) ।

(ଖ) ଛାତ୍ରଃ ପୁସ୍ତକଂ ପଠତି, ଗୁରୁଃ ଛାତ୍ରଂ ପୁସ୍ତକଂ---- (ପଠ୍+ଣିଚ୍) ।

(ଗ) ଭୃତ୍ୟଃ ଅର୍ଥଂ ଗୃହ୍ଣାତି, ଗୃହସ୍ୱାମୀ ଭୃତ୍ୟମ୍ ଅର୍ଥଂ---(ଗ୍ରହ୍+ଣିଚ୍) ।

(ଘ) କ୍ଷେତ୍ରେ ବୃକ୍ଷାଃ ଜାୟନ୍ତେ, କ୍ଷେତ୍ରପତିଃ କ୍ଷେତ୍ରେ ବୃକ୍ଷାନ୍ ------ (ଜନ୍+ଣିଚ୍) ।

(ଙ) ଗୋବିନ୍ଦଃ ରଜ୍ଜୁଂ ଛିନତ୍ତି, ରଘୁଃ ଗୋବିନ୍ଦେନ ରଜ୍ଜୁଂ ------ (ଛିଦ୍+ଣିଚ୍) ।

୨. ଉଦାହରଣାନୁସାରଂ ସଂଶୋଧୟତ -

ଉଦାହରଣମ୍ - ଇନ୍ଦ୍ରଃ ମେଘୈଃ ବୃଷ୍ଟିଂ କରୟତି ।

ଇନ୍ଦ୍ରଃ ମେଘୈଃ ବୃଷ୍ଟିଂ କାରୟତି ।

(କ) ମାଧବଃ ଚୌରେଣ ସୁବର୍ଣ୍ଣଂ ହରୟତି ।

(ଖ) ଦେବୀଦୁର୍ଗା ସ୍ୱଶକ୍ତିଭିଃ ଦାନବାନ୍ ଅଘାତଦ୍ ।

(ଗ) ପୂଜକଃ ଭାଗବତଂ ଶ୍ରୁବୟିଷ୍ୟତି ।

(ଘ) ମାତା ଶିଶୁଂ ଶଯ୍ୟାୟାଂ ଶୟୟତି ।

(ଙ) ଶିକ୍ଷାବିଭାଗଃ ଛାତ୍ରେଭ୍ୟଃ ପୁସ୍ତକାନି ଦାପାୟତି ।

୩. ଅଧୋଲିଖିତାନି ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ -

ପ୍ରେଷୟତି, ଅର୍ପୟିଷ୍ୟତି, ଗ୍ରାହୟତୁ, ଅଗଣୟତ, ଜନୟତି ।

୪. ବନ୍ଧନୀମଧ୍ୟାତ୍ ଉପଯୁକ୍ତଂ ପଦଂ ନିରୂପୟତ -

(କ) ଗୁରୁଃ ଶିଷ୍ୟଂ ମନ୍ତ୍ରଂ ------ (ଜପୟତି, ଜାପୟତି, ଜପତି) ।

(ଖ) କପିକେତୁର୍ଦେବାନ୍ ଶତ୍ରୁବକ୍ଷସି ଅସ୍ତ୍ରଂ ------

(ଭିନତ୍ତି, ଭେଦୟତେ, ଭେଦୟତି) ।

(ଗ) ଶିକ୍ଷକଃ ଛାତ୍ରଂ ପାଠଂ ------ (ସ୍ମାରୟତ୍, ଅସ୍ମାରୟତ୍, ସସ୍ମାର) ।

(ଘ) ବଣିକ୍ ବିପ୍ରେଭ୍ୟୋ -----(ଭୋଜିଷ୍ୟତି,ଭୋଜିଷ୍ୟତି, ଭୋଜୟିଷ୍ୟତି)।

(ଙ) ଆଚାର୍ଯ୍ୟଃ ମାଣବକଂ ଗାୟତ୍ରୀଂ ------(ବଚତି,ବକ୍ତିୟତି,ବାଚୟତି)।

୫. ଏକପଦେନ ଅର୍ଥଂ ପ୍ରକାଶୟତ -

(କ) ଜ୍ଞନ୍ତଂ ପ୍ରେରୟତି ।

(ଖ) ନଶ୍ୟନ୍ତଂ ପ୍ରେରୟତ୍ ।

(ଗ) ପତନ୍ତଂ ପ୍ରେରୟିଷ୍ୟତି ।

(ଘ) ଭକ୍ଷୟନ୍ତଂ ପ୍ରେରୟନ୍ତୁ ।

(ଙ) ନୃତ୍ୟନ୍ତଂ ପ୍ରେରୟତ୍ ।

(୬) ଅର୍ଥଗତଂ ପାର୍ଥକ୍ୟଂ ପ୍ରଦର୍ଶୟତ -

ରଜୟତି - ରଞ୍ଜୟତି, ଚଳୟତି - ଚାଳୟତି, ବିସ୍ମାୟୟତି - ବିସ୍ମାପୟତେ, ଯାପୟତି - ଜାପୟତି, ପାୟୟତି - ପାଳୟତି, ଭାୟୟତି - ଭୀଷୟତେ, ନିଶାମୟତି - ନିଶମୟତି ।

***

## ୧୦- ସନନ୍ତ ପ୍ରକରଣ

୧. ଇଚ୍ଛାର୍ଥକ ଧାତୁ ଏବଂ ତା'ର କର୍ମସ୍ଥାନୀୟ ଧାତୁର କର୍ତ୍ତା ସମାନ ହୋଇଥିଲେ ଇଚ୍ଛାର୍ଥକ ଧାତୁର କର୍ମସ୍ଥାନୀୟ ଧାତୁରୁ ଇଚ୍ଛାର୍ଥରେ ବିକଳ୍ପରେ ସନ୍ ପ୍ରତ୍ୟୟ ହୁଏ । *( ଧାତୋଃ କର୍ମଣଃ ସମାନକର୍ତ୍ତୃକାଦିଚ୍ଛାୟାଂ ବା- ପା. ୩.୧.୭)* ।

ଯଥା - ଛାତ୍ରଃ ପଠିତୁମ୍ ଇଚ୍ଛତି / ପିପଠିଷତି (wishes to study) । ଉକ୍ତ ବାକ୍ୟରେ 'ଇଷ୍' ଧାତୁରୁ 'ଇଚ୍ଛତି' ପଦ ଏବଂ 'ପଠ୍' ଧାତୁରୁ 'ପଠିତୁମ୍' ପଦ ନିଷ୍ପନ୍ନ ହୋଇଛି । 'ଇଷ୍' ହେଉଛି ଇଚ୍ଛାର୍ଥକ ଧାତୁ । ଇଚ୍ଛାର୍ଥକ 'ଇଷ୍' ଧାତୁର କର୍ମସ୍ଥାନୀୟଧାତୁ 'ପଠ୍' ଏହି ଉଭୟ ଧାତୁର ଏକମାତ୍ର କର୍ତ୍ତା ହେଉଛି - 'ଛାତ୍ର' ।

ଏଣୁ ଉଭୟଧାତୁର କର୍ତ୍ତା ସମାନ ହୋଇଥିବା ହେତୁ - 'ପଠିତୁମ୍ ଇଚ୍ଛତି' ସ୍ଥାନରେ ବିକଳ୍ପରେ 'ପଠ୍' ଧାତୁରୁ ସନ୍ ପ୍ରତ୍ୟୟ ହୋଇ 'ପିପଠିଷତି' ହୋଇଅଛି । 'ପଠ୍' ଏକ ଧାତୁ, 'ପିପଠିଷ' (ପଠ୍ + ସନ୍) ମଧ୍ୟ ଏକ ଧାତୁ ଅଟେ । *( ସନାଦ୍ୟନ୍ତା ଧାତବଃ - ପା.୩.୧.୩୨)* ସନନ୍ତ ଧାତୁରୁ ପୁନର୍ବାର ସନ୍ (ସ) ପ୍ରତ୍ୟୟ ହୁଏ ନାହିଁ । ( ଇଚ୍ଛାସନ୍ନନ୍ତାତ୍ ପ୍ରତିଷେଧୋ ବକ୍ତବ୍ୟଃ (ବାର୍ତ୍ତିକଃ) ।

୨. 'ପିପଠିଷ','ଜିଗମିଷ' ପ୍ରଭୃତି ସନନ୍ତଧାତୁମାନଙ୍କର ରୂପ ଭ୍ୱାଦିଗଣୀୟଧାତୁମାନଙ୍କର ରୂପପରି ହୋଇଥାଏ ।

୩. ଆତ୍ମନେପଦୀ ଧାତୁ ସନନ୍ତ ହେଲେ ସେଥିରୁ ଆତ୍ମନେପଦ ପ୍ରତ୍ୟୟ ହୁଏ । ଯଥା -

ସେବ୍ + ସନ୍ (ସ) + ଶପ୍ (ଅ) + ତ (ତେ) = ସିସେବିଷତେ ।

ପରସ୍ମୈପଦୀ ଧାତୁ ସନନ୍ତ ହେଲେ ସେଥିରୁ ପରସ୍ମୈପଦ ପ୍ରତ୍ୟୟ ହୁଏ । *(ପୂର୍ବବତ୍ ସନଃ - ପା. ୧.୩.୬୨)* । ଯଥା -

ଗମ୍ + ସନ୍ (ସ) + ଶପ୍ (ଅ) + ତିପ୍ (ତି) = ଜିଗମିଷତି ।

୪. ଉଭୟପଦୀଧାତୁ ସନନ୍ତ ହେଲେ ସେଥିରୁ ଆତ୍ମନେପଦ ଏବଂ ପରସ୍ମୈପଦ ପ୍ରତ୍ୟୟ ହୋଇଥାଏ । ଯଥା -

କୃ - ଚିକୀର୍ଷତେ ଏବଂ ଚିକୀର୍ଷତି ।

୫. ଜ୍ଞା-ଶ୍ରୁ-ସ୍ମୃ-ଦୃଶ୍ ଧାତୁ ଗୁଡିକ ସନନ୍ତ ହେଲେ ସର୍ବଦା ଆତ୍ମନେପଦୀ ହୁଅନ୍ତି, ଯଥା -

ଜିଜ୍ଞାସତେ,ଶୁଶ୍ରୂଷତେ ସୁସ୍ମୂର୍ଷତେ ଏବଂ ଦିଦୃକ୍ଷତେ । *(ଜ୍ଞାଶ୍ରୁସ୍ମୃଦୃଶାଂ ସନଃ - ପା. ୧.୩.୫୭)* ।

କେତେକ ଧାତୁର ସନନ୍ତରୂପ ପାଇଁ କେତେକ ବିଶେଷନିୟମ ରହିଛି, ଯଥା -

(କ) ସନ୍ ପ୍ରତ୍ୟୟ ପୂର୍ବରେ 'ଇ' ଆଗମ ହେଲେ ଧାତୁର ଉପଧାସ୍ଥିତ ଲଘୁସ୍ୱରର ଗୁଣ ହୁଏ । ଯଥା -

ଶୁଭ୍ = ଶୁଶୋଭିଷତେ । ମାତ୍ର 'ଲିଖ୍ - ଧାତୁର ଲିଲିଖିଷତି ଏବଂ ଲିଲେଖିଷତି ହୁଏ ।

(ଖ) ରୁଦ୍, ବିଦ୍ ଏବଂ ମୁଷ୍ଧାତୁ ସ୍ଥିତ ଲଘୁସ୍ୱରର ଗୁଣ ହୁଏ ନାହିଁ । ଯଥା -

ରୁଦ୍ = ରୁରୁଦିଷତି, ବିଦ୍ = ବିବିଦିଷତି । ମୁଷ୍ = ମୁମୁଷିଷତି ।

(ଗ) ଗ୍ରହ୍ ଧାତୁ ପରେ 'ଇ' ହୁଏ ନାହିଁ । ଯଥା - ଗ୍ରହ୍ = ଜିଘୃକ୍ଷତି ।

(ଘ) ପ୍ରଚ୍ଛ୍ ଧାତୁର ପୃଚ୍ଛ୍ ଏବଂ ସ୍ୱପ୍ ଧାତୁର ସୁପ୍ ହୁଏ । ଯଥା -

ପ୍ରଚ୍ଛ୍ = ପିପୃଚ୍ଛିଷତି, ସ୍ୱପ୍ - ସୁଷୁପ୍ସତି ।

(ଙ) ଧାତୁର ଅନ୍ତ୍ୟସ୍ୱର ଦୀର୍ଘ ହୁଏ । ଯଥା -
ହ୍ରୁ = ଜୁହୂଷତି, ଚି = ଚିଚୀଷତି ।

(ଚ) ଧାତୁର ଅନ୍ତସ୍ଥିତ 'ଋ' ବର୍ଣ୍ଣସ୍ଥାନରେ 'ଈର୍' ହୁଏ । ଯଥା -
କୃ = ଚିକୀର୍ଷତି, ତୃ = ତିତୀର୍ଷତି, ତିତରୀଷତି ଇତ୍ୟାଦି ।

## ପିପଠିଷ୍ - ପରସ୍ମୈପଦୀ ଧାତୁର ରୂପ

### ଲଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପିପଠିଷତି | ପିପଠିଷତଃ | ପିପଠିଷନ୍ତି |
| ମଧ୍ୟମ ପୁରୁଷ | ପିପଠିଷସି | ପିପଠିଷଥଃ | ପିପଠିଷଥ |
| ଉତ୍ତମ ପୁରୁଷ | ପିପଠିଷାମି | ପିପଠିଷାବଃ | ପିପଠିଷାମଃ |

### ଲଙ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ଅପିପଠିଷତ୍ | ଅପିପଠିଷତାମ୍ | ଅପିପଠିଷନ୍ |
| ମଧ୍ୟମ ପୁରୁଷ | ଅପିପଠିଷଃ | ଅପିପଠିଷତମ୍ | ଅପିପଠିଷତ |
| ଉତ୍ତମ ପୁରୁଷ | ଅପିପଠିଷମ୍ | ଅପିପଠିଷାବ | ଅପିପଠିଷାମ |

### ବିଧିଲିଙ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ପିପଠିଷେତ୍ | ପିପଠିଷେତାମ୍ | ପିପଠିଷେୟୁଃ |
| ମଧ୍ୟମ ପୁରୁଷ | ପିପଠିଷେଃ | ପିପଠିଷେତମ୍ | ପିପଠିଷେତ |
| ଉତ୍ତମ ପୁରୁଷ | ପିପଠିଷେୟମ୍ | ପିପଠିଷେବ | ପିପଠିଷେମ |

### ଲୋଟ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ପିପଠିଷତୁ-ତାତ୍ | ପିପଠିଷତାମ୍ | ପିପଠିଷନ୍ତୁ |
| ମଧ୍ୟମ ପୁରୁଷ | ପିପଠିଷ-ତାତ୍ | ପିପଠିଷତମ୍ | ପିପଠିଷତ |
| ଉତ୍ତମ ପୁରୁଷ | ପିପଠିଷାଣି | ପିପଠିଷାବ | ପିପଠିଷାମ |

ଲୃଟ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ପିପଠିଷ୍ୟତି | ପିପଠିଷ୍ୟତଃ | ପିପଠିଷ୍ୟନ୍ତି |
| ମଧ୍ୟମ ପୁରୁଷ | ପିପଠିଷ୍ୟସି | ପିପଠିଷ୍ୟଥଃ | ପିପଠିଷ୍ୟଥ |
| ଉତ୍ତମ ପୁରୁଷ | ପିପଠିଷ୍ୟାମି | ପିପଠିଷ୍ୟାବଃ | ପିପଠିଷ୍ୟାମଃ |

## ଜିଜ୍ଞାସ୍ – ଆତ୍ମନେପଦୀ ଧାତୁର ରୂପ

ଲଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଜିଜ୍ଞାସତେ | ଜିଜ୍ଞାସେତେ | ଜିଜ୍ଞାସନ୍ତେ |
| ମଧ୍ୟମ ପୁରୁଷ | ଜିଜ୍ଞାସସେ | ଜିଜ୍ଞାସେଥେ | ଜିଜ୍ଞାସଧ୍ୱେ |
| ଉତ୍ତମ ପୁରୁଷ | ଜିଜ୍ଞାସେ | ଜିଜ୍ଞାସାବହେ | ଜିଜ୍ଞାସାମହେ |

ଲଙ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ଅଜିଜ୍ଞାସତ | ଅଜିଜ୍ଞାସେତାମ୍ | ଅଜିଜ୍ଞାସନ୍ତ |
| ମଧ୍ୟମ ପୁରୁଷ | ଅଜିଜ୍ଞାସଥାଃ | ଅଜିଜ୍ଞାସେଥାମ୍ | ଅଜିଜ୍ଞାସଧ୍ୱମ୍ |
| ଉତ୍ତମ ପୁରୁଷ | ଅଜିଜ୍ଞାସେ | ଅଜିଜ୍ଞାସାବହି | ଅଜିଜ୍ଞାସାମହି |

ବିଧିଲିଙ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ଜିଜ୍ଞାସେତ | ଜିଜ୍ଞାସେୟାତାମ୍ | ଜିଜ୍ଞାସେରନ୍ |
| ମଧ୍ୟମ ପୁରୁଷ | ଜିଜ୍ଞାସେଥାଃ | ଜିଜ୍ଞାସେୟାଥାମ୍ | ଜିଜ୍ଞାସେଧ୍ୱମ୍ |
| ଉତ୍ତମ ପୁରୁଷ | ଜିଜ୍ଞାସେୟ | ଜିଜ୍ଞାସେବହି | ଜିଜ୍ଞାସେମହି |

ଲୋଟ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ଜିଜ୍ଞାସତାମ୍ | ଜିଜ୍ଞାସେତାମ୍ | ଜିଜ୍ଞାସନ୍ତାମ୍ |
| ମଧ୍ୟମ ପୁରୁଷ | ଜିଜ୍ଞାସସ୍ୱ | ଜିଜ୍ଞାସେଥାମ୍ | ଜିଜ୍ଞାସଧ୍ୱମ୍ |
| ଉତ୍ତମ ପୁରୁଷ | ଜିଜ୍ଞାସୈ | ଜିଜ୍ଞାସାବହୈ | ଜିଜ୍ଞାସାମହୈ |

ଲୃଟ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ଜିଜ୍ଞାସିଷ୍ୟତେ | ଜିଜ୍ଞାସିଷ୍ୟେତେ | ଜିଜ୍ଞାସିଷ୍ୟନ୍ତେ |
| ମଧ୍ୟମ ପୁରୁଷ | ଜିଜ୍ଞାସିଷ୍ୟସେ | ଜିଜ୍ଞାସିଷ୍ୟେଥେ | ଜିଜ୍ଞାସିଷ୍ୟଧ୍ୱେ |
| ଉତ୍ତମ ପୁରୁଷ | ଜିଜ୍ଞାସିଷ୍ୟେ | ଜିଜ୍ଞାସିଷ୍ୟାବହେ | ଜିଜ୍ଞାସିଷ୍ୟାମହେ |

ଯେପରିକି ପାତୁମ୍ ଇଚ୍ଛା ପିପାସା (ପିଇବାର ଇଚ୍ଛା - (desire for drinking) ଏବଂ ପାତୁମ୍ ଇଚ୍ଛୁଃ ପିପାସୁଃ (ପିଇବାକୁ ଇଚ୍ଛୁକ - (desirous of drinking) ସେହିପରି, ପିପଠିଷା - ପିପଠିଷୁଃ ପ୍ରଭୃତି ରୂପ ହୋଇଥାଏ ।

କେତେକ ଧାତୁର ଲଟ୍‌ଲକାର ପ୍ରଥମପୁରୁଷ ଏକବଚନରେ ସନନ୍ତରୂପ-

୧. ଅଦ୍ - ଜିଘତ୍ସତି (ଅତ୍ତୁମ୍ ଇଚ୍ଛତି)
୨. ଆପ୍ - ଈପ୍ସତି
୩. ଇ - ଜିଗମିଷତି
୪. ଅଧି+ଇ - ଅଧିଜିଗାଂସତେ
୫. ପ୍ରତି+ଇ - ପ୍ରତୀଷିଷତି
୬. ଈଷ୍ - ଏଷିଷିଷତି
୭. ଈକ୍ଷ୍ - ଈଚିକ୍ଷିଷତେ
୮. ଉ - ଉଷିଷତି
୯. ଊର୍ଣ୍ଣୁ - ଊର୍ଣ୍ଣୁନୂଷତି
୧୦. ଋ - ଅରିରିଷତି
୧୧. ଋଧ୍ - ଈର୍ତ୍ସତି
୧୨. କୃ - ଚିକୀର୍ଷତି - ତେ
୧୩. କ୍ରମ୍ - ଚିକ୍ରମିଷତି
୧୪. କୁପ୍ - ଚୁକୁପିଷତି/ଚୁକୋପିଷତି
୧୫. କୃତ୍ - ଚିକୃତ୍ସତି / ଚିକର୍ତ୍ତିଷତି
୧୬. କୃଷ୍ - ଚିକୃକ୍ଷତି
୧୭. କ୍ଷିପ୍ - ଚିକ୍ଷିପ୍ସତି
୧୮. ଖାଦ୍ - ଚିଖାଦିଷତି
୧୯. ଖନ୍ - ଚିଖନିଷତି
୨୦. ଖ୍ୟା - ଚିଖ୍ୟାସତି
୨୧. ଗମ୍ - ଜିଗମିଷତି
୨୨. ସଂ+ଗମ୍ - ସଂଜିଗାଂସତେ
୨୩. ଗୃ - ଜିଗରିଷତି
୨୪. ଗୈ - ଜିଗାସତି
୨୫. ଗୁପ୍ - ଜୁଗୁପ୍ସତେ
୨୬. ଗୁହ୍ - ଜୁଘୁକ୍ଷତି -ତେ
୨୭. ଗଣ୍ - ଜିଗଣୟିଷତି
୨୮. ଗଦ୍ - ଜିଗଦିଷତି
୨୯. ଗ୍ରହ୍ - ଜିଘୃକ୍ଷତି
୩୦. ଗର୍ଜ୍ଜ - ଜିଗର୍ଜ୍ଜିଷତି
୩୧. ଗର୍ହ - ଜିଗର୍ହିଷତେ
୩୨. ଗୁପ୍ - ଜୁଗୁପ୍ସତି , ଜୁଗୁପିଷତି, ଜୁଗୋପିଷତି, ଜୁଗୋପାୟିଷତି

୩୩. ଗ୍ଲୁହୁ - ଜିଗ୍ଲୁହୁୟିଷତି, ଜିଗ୍ରୁହୁୟିଷତେ

୩୪. ଘ୍ରା - ଜିଘ୍ରାସତି     ୩୫. ଚର୍ - ଚିଚରିଷତି, ଚିଚଳିଷତି

୩୬. ଚି - ଚିଚୀଷତି / ତେ ଚିକୀଷତି / ତେ

୩୭. ଛିଦ୍ - ଚିଚ୍ଛିତ୍ସତି / ତେ     ୩୮. ଛଦ୍ - ଚିଚ୍ଛାଦୟିଷତି

୩୯. ଜନ୍ - ଜିଜନିଷତେ     ୪୦. ଜୀବ୍ - ଜିଜୀବିଷତି

୪୧. ଜପ୍ - ଜିଜପିଷତି     ୪୨. ଜଲ୍ପ - ଜିଜଳ୍ପିଷତି

୪୩. ଜାଗୃ - ଜଜାଗରିଷତି     ୪୪. ଜି - ଜିଗୀଷତି

୪୫. ଜ୍ୱଲ୍ - ଜିଜ୍ୱଳିଷତି     ୪୬. ଜ୍ଞପ୍ - ଜ୍ଞୀପ୍ସତି

୪୭. ଜ୍ଞାପ୍ - ଜିଜ୍ଞାପୟିଷତି     ୪୮. ଜ୍ଞା ଣିଚ୍ - ଜିଜ୍ଞପୟିଷତି

୪୯. ଜ୍ଞା - ଜିଜ୍ଞାସତି / ତେ     ୫୦. ଡୀ - ଡିଡୟିଷତେ

୫୧. ତନ୍ - ତିତାଂସତି / ତେ     ଉତ୍ + ଡୀ - ଉଡ୍ଡିଡୟିଷତେ
ତିତଂସତି ତେ, ତିତନିଷତି / ତେ

୫୨. ତିକ୍ - ତିତିକ୍ଷତେ     ୫୩. ତୃ - ତିତୀର୍ଷତି, ତିତରିଷତି, ତିତରୀଷତି

୫୪. ତୃଂହ୍ - ତିତୃକ୍ଷତି, ତିତୃଂହିଷତି     ୫୫. ତ୍ରୈ - ତିତ୍ରାସତେ

୫୬. ଦମ୍ଭ୍ - ଧିପ୍ସତି / ଧୀପ୍ସତି, ଦିଦମ୍ଭିଷତି     ୫୭. ଦଂଶ୍ - ଦିଦଂକ୍ଷତି

୫୮. ଦହ୍ - ଦିଧକ୍ଷତି     ୫୯. ଦା - ଦିତ୍ସତି / ତେ

୬୦. ଦୁହ୍ - ଦୁଧୁକ୍ଷତି / ତେ     ୬୧. ଦୃଶ୍ - ଦିଦୃକ୍ଷତେ

୬୨. ଦେ - ଦିତ୍ସତେ     ୬୩. ଦୋ - ଦିତ୍ସତି

୬୪. ଦିବ୍ - ଦୁଦ୍ୟୂଷତି, ଦିଦେବିଷତି     ୬୫. ଧା - ଧିତ୍ସତି / ତେ

୬୬. ଧାବ୍ - ଦିଧାବିଷତି / ତେ     ୬୭. ଧୃ - ଦିଧୀର୍ଷତି / ତେ

୬୮. ଧେ - ଧିତ୍ସତି     ୬୯. ଧ୍ୟୈ - ଦିଧ୍ୟାସତି

୭୦. ନମ୍ - ନିନଂସତି     ୭୧. ନଶ୍ - ନିନଙ୍କ୍ଷତି, ନିନଶିଷତି

୭୨. ନୀ - ନିନୀଷତି ୭୩. ନିନ୍ଦ୍ - ନିନିନ୍ଦିଷତି

୭୪. ନୃତ୍ - ନିନର୍ତିଷତି ୭୫. ପଚ୍ - ପିପକ୍ଷତି

୭୬. ପଠ୍ - ପିପଠିଷତି ୭୭. ପତ୍ - ପିତ୍ସତି , ପିପତିଷତି

୭୮. ପଦ୍ - ପିତ୍ସତେ ୭୯. ପା - ପିପାସତି

୮୦. ପୂ - ପିପବିଷତେ ୮୧. ପୂଜ୍ - ପୁପୂଜୟିଷତି

୮୨. ପ୍ରଚ୍ଛ୍ - ପିପୃଚ୍ଛିଷତି ୮୩. ବଧ୍ - ବୀଭତ୍ସତେ

୮୪. ବୁଧ୍ - ବୁବୁଧିଷତି / ତେ, ବୁବୋଧିଷତି / ତେ

୮୫. ବୁଧ୍ - ବୁଭୁତ୍ସତେ ୮୬. ବ୍ରୂ - ବିବକ୍ଷତି

୮୭. ଭକ୍ଷ୍ - ବିଭକ୍ଷୟିଷତି / ତେ ୮୮. ଭଜ୍ - ବିଭକ୍ଷତି

୮୯. ଭିଦ୍ - ବିଭିତ୍ସତି ୯୦. ଭୁଜ୍ - ବୁଭୁକ୍ଷତି

୯୧. ଭୂ - ବୁଭୂଷତି / ତେ ୯୨. ଭ୍ରମ୍ - ବିଭ୍ରମିଷତି

୯୩. ଭ୍ରସ୍ଜ - ବିଭର୍ଷତି ବିଭ୍ରକ୍ଷତି, ବିଭର୍ଜ୍ଜିଷତି, ବିଭ୍ରଜ୍ଜିଷତି

୯୪. ମସ୍ଜ - ମିମଙ୍କ୍ଷତି, ମିମଜ୍ଜିଷତି ୯୫. ମା - ମିତ୍ସତି

୯୬. ମି / ମା - ମିତ୍ସତି ୯୭. ମେ - ମିତ୍ସତେ

୯୮. ମାନ୍ - ମୀମାଂସତେ ୯୯. ମୁଚ୍ - ମୋକ୍ଷତେ, ମୁମୁକ୍ଷତି / ତେ

୧୦୦. ମୃ - ମୁମୂର୍ଷତି ୧୦୧. ମୃଜ୍ - ମିମୃକ୍ଷତି, ମିମାର୍ଜ୍ଜିଷତି

୧୦୨. ଯଜ୍ - ଯିୟକ୍ଷତି / ତେ ୧୦୩. ଯା - ଯିୟାସତି

୧୦୪. ଯୁ - ଯୁୟୂଷତି, ଯିଯବିଷତି

୧୦୫. ଯୁଧ୍ - ଯୁଯୁତ୍ସତେ ୧୦୬. ରକ୍ଷ୍ - ରିରକ୍ଷିଷତି

୧୦୭. ରଚ୍ - ରିରଚୟିଷତି / ତେ ୧୦୮. ରଭ୍ - ରିପ୍ସତେ

୧୦୯. ରାଧ୍ - ରିତ୍ସତି, ରିରାତ୍ସତି ୧୧୦. ରୁଦ୍ - ରୁରୁଦିଷତି

୧୧୧. ରୁଧ୍ - ରୁରୁତ୍ସତି / ତେ ୧୧୨. ଲଭ୍ - ଲିପ୍ସତେ

୧୧୩. ଲିଖ୍ - ଲିଲିଖିଷତି  ୧୧୪. ବଚ୍ - ବିବକ୍ଷତି
୧୧୫. ବଦ୍ - ବିବଦିଷତି  ୧୧୬. ବନ୍ଦ୍ - ବିବନ୍ଦିଷତେ
୧୧୭. ବସ୍ - ବିବତ୍ସତି  ୧୧୮. ବିଦ୍ - ବିବିଦିଷତି
୧୧୯. ଶକ୍ - ଶିକ୍ଷତି  ୧୨୦. ଶାନ୍ - ଶୀଶାଂସତି / ତେ
୧୨୧. ଶୀ - ଶିଶୟିଷତେ  ୧୨୨. ଶ୍ରୁ - ଶୁଶ୍ରୂଷତେ
୧୨୩. ସନ୍ - ସିସନିଷତି, ସିଷାସତି
୧୨୪. ସିବ୍ - ସୁସ୍ୟୂଷତି, ସିସେବିଷତି
୧୨୫. ସୃଜ୍ - ସିସୃକ୍ଷତି  ୧୨୬. ସ୍ତୁ - ତୁଷ୍ଟୂଷତି / ତେ
୧୨୭. ସ୍ମୃ- ସୁସ୍ମୂର୍ଷତେ  ୧୨୮. ସ୍ଥା - ତିଷ୍ଠାସତି
୧୨୯. ସ୍ୱପ୍ - ସୁଷୁପ୍ସତି  ୧୩୦. ସ୍ପୃଶ୍ - ପିସ୍ପୃକ୍ଷତି
୧୩୧. ସ୍ନିହ୍ - ସିସ୍ନିକ୍ଷତି, ସିସ୍ନିହିଷତି, ସିସ୍ନେହିଷତି
୧୩୨. ଶ୍ୱାୟୟ - ଶିଶ୍ୱାୟୟିଷ୍ୟତି, ଶୁଶାବୟିଷତି
୧୩୩. ସ୍ମାରୟ-ସୁସ୍ମାରୟିଷତି /ତେ ୧୩୪. ସ୍ୱାପୟ-ସୁଷ୍ୱାପୟିଷତି /ତେ
୧୩୫. ସ୍ୱାଦୟ-ସିସ୍ୱାଦୟିଷତି/ତେ ୧୩୬. ସ୍ୱେଦୟ୍ - ସିସ୍ୱେଦୟିଷତି
୧୩୭. ସାହୟ୍ - ସିସାହୟିଷତି  ୧୩୮. ହସ୍ - ଜିହସିଷତି
୧୩୯. ହନ୍ - ଜିଘାଂସତି  ୧୪୦. ହା - ଜିହାସତି
୧୪୧. ହି - ଜିଘୀଷତି  ୧୪୨. ହୃ - ଜିହୀର୍ଷତି
୧୪୩. ହୃଷ୍ - ଜିହର୍ଷିଷତି  ୧୪୪. ହ୍ୱାୟୟ - ଜୁହାବୟିଷତି

ଆଶଙ୍କା ଅର୍ଥରେ ମଧ୍ୟ ଧାତୁରୁ ସନ୍ ପ୍ରତ୍ୟୟ ହୁଏ । ଯଥା -
କୂଳଂ ପିପତିଷତି (ଶଙ୍କେ କୂଳଂ ପତିଷ୍ୟତି) ।
ଶ୍ୱା ମୁମୂର୍ଷତି (ଶଙ୍କେ ଶ୍ୱା ମରିଷ୍ୟତି) ।

## ଅନୁଶୀଳନୀ

୧. ଶୂନ୍ୟସ୍ଥାନଂ ପୂରୟତ -

କ) ଅହଂ ବେଦଂ ------ (ସ୍ମର୍ତ୍ତୁମ୍ ଇଚ୍ଛାମି) ।

ଖ) ହରିଃ ପୁସ୍ତକଂ ------ (ନେତୁମ୍ ଐଚ୍ଛତ୍) ।

ଗ) ରମା ଗ୍ରାମଂ ------ (ଗନ୍ତୁମ୍ ଇଚ୍ଛତି) ।

ଘ) ମାଧବଃ ଜଳଂ ------ (ପାତୁମ୍ ଇଚ୍ଛତୁ) ।

ଙ) ଗୀତା ମାତରଂ ------ (ଦ୍ରଷ୍ଟୁମ୍ ଇଚ୍ଛତି) ।

୨. ସଂଶୋଧନଂ କୁରୁତ -

କ) ଗୋପାଳଃ ଭୂଗୋଳଂ ଜିଜ୍ଞାସତି ।

ଖ) ଚୌରଃ ଧନଂ ଲିପ୍ସତି ।

ଗ) ବୟଂ ଗୀତାଂ ପିପଠିଷାମହେ ।

ଘ) ହରିଃ ନୌକୟା ନଦୀଂ ତିତୀର୍ଷତେ ।

ଙ) ଦସ୍ୟୁ ପଥିକଂ ଜିଘାଂସତେ ।

୩. ଅଧୋଲିଖିତପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ -

ବିବକ୍ଷତି, ଜିଜୀଷତି, ଚିକୀର୍ଷାମି, ଶିଶୟିଷେତେ, ବୁବୁଦିଷତି,

୪. ଏକପଦେନ ଅର୍ଥଂ ପ୍ରକାଶୟତ -

କ) ଦାତୁମ୍ ଇଚ୍ଛତି । ଖ) ପକ୍ତୁମ୍ ଇଚ୍ଛତି ।

ଗ) ପାତୁମ୍ ଇଚ୍ଛେତ୍ । ଘ) ତ୍ୟକ୍ତୁମ୍ ଇଚ୍ଛତୁ ।

ଙ) ସ୍ଥାତୁମ୍ ଐଚ୍ଛନ୍ ।

୫. ଅର୍ଥଗତଂ ପାର୍ଥକ୍ୟଂ ପ୍ରଦର୍ଶୟତ -

ଜୁଗୁପ୍ସତି - ଜିଘ୍ରାସତି; ଦିତ୍ସତି - ଧିତ୍ସତି; ଦିଦୃକ୍ଷତେ - ଦୁଧୁକ୍ଷତେ;

ଜିଜ୍ଞାସତେ - ଜିଘାଂସତି ; ବିଭକ୍ଷତି - ବୁଭୁକ୍ଷତି ।

୬. ବନ୍ଧନୀମଧ୍ୟାତ୍ ଉପଯୁକ୍ତପଦଂ ନିରୂପୟତ -

କ) ଗୀତା ସଙ୍ଗୀତଂ ---- । (ଜିଗାସତି, ଜିଗାସତେ, ଜିଘାଂସତି)

ଖ) ଧନିକଃ ଦରିଦ୍ରାୟ ବସ୍ତ୍ରଂ ---- । (ଦିତ୍ସତି, ଧିତ୍ସତି, ଧିପ୍ସତି)

ଗ) ରଘୁଃ ଅନ୍ନଂ ---- । (ଚିଖନିଷତେ, ଚିଖଦିଷତି, ଚିକ୍ଷୁଷତି)

ଘ) ମାଧବିକା ରାମାୟଣଂ ---- ।

(ଅଧିଜିଗମିଷତି, ଅଧିଜିଗାଂସତେ, ଅଧିଜିଘାଂସତି)

ଙ) ଛାତ୍ରଃ ଶିକ୍ଷକଂ ପ୍ରଶ୍ନଂ ---- ।

(ପିପାସତି, ପିପୃଚ୍ଛିଷତି, ବାଭସ୍ତେ)

***

# ୧୧ - ଯଙନ୍ତ ପ୍ରକରଣ

ପୌନଃପୁନ୍ୟ ଏବଂ ଭୃଶାର୍ଥ ଦ୍ୟୋତିତ ହେଲେ ଏକାଚ୍ ହଲାଦି ଧାତୁରୁ 'ଯଙ୍' ପ୍ରତ୍ୟୟ ହୁଏ *(ଧାତୋରେକାଚୋ ହଲାଦେଃ କ୍ରିୟା ସମଭିହାରେ ଯଙ୍ - ପା.୩.୧.୨୨)* । ବାରମ୍ବାର ଅଥବା ଅଧିକ (ଆତିଶଯ୍ୟ) କରିବା ଅର୍ଥରେ ଏହି ପ୍ରତ୍ୟୟ ହୋଇଥାଏ । ଯେଉଁ ଧାତୁରୁ ଯଙ୍ ପ୍ରତ୍ୟୟ ହେବ ତାହାର ଆଦିରେ ବ୍ୟଞ୍ଜନବର୍ଣ୍ଣ ଥିବ ଏବଂ ସେ ଧାତୁ ଏକସ୍ୱର ବର୍ଣ୍ଣ ବିଶିଷ୍ଟ ହୋଇଥିବ । ଯେପରି - 'ଈକ୍ଷ୍' ଓ 'ଇଷ୍' ପ୍ରଭୃତି ଧାତୁ ଏକସ୍ୱର ବିଶିଷ୍ଟ ହୋଇଥିଲେ ମଧ୍ୟ ଆଦିରେ ବ୍ୟଞ୍ଜନବର୍ଣ୍ଣ ନଥିବାରୁ ଏବଂ 'ଜାଗୃ' ତଥା 'ଗବେଷ୍' ପ୍ରଭୃତି ଧାତୁର ଆଦିରେ ବ୍ୟଞ୍ଜନବର୍ଣ୍ଣ ଥିଲେ ମଧ୍ୟ ତାହା ଏକସ୍ୱର ବିଶିଷ୍ଟ ହୋଇ ନଥିବାରୁ ସେଥିରୁ ଯଙ୍ ପ୍ରତ୍ୟୟ ହୁଏ ନାହିଁ । 'ଯଙ୍' - ବିକଳ୍ପରେ ହୁଏ ମାତ୍ର 'ଣିଚ୍' ଓ 'ସନ୍' ପ୍ରତ୍ୟୟ ପରି ସମସ୍ତ ଧାତୁରୁ ହୁଏ ନାହିଁ । 'ଯଙ୍' - ପ୍ରତ୍ୟୟାନ୍ତ ମଧ୍ୟ ଧାତୁ ହୁଏ ଏବଂ ଏହା ସର୍ବଦା ଆତ୍ମନେପଦୀ ହୁଏ । 'ଯଙ୍' ରୁ 'ଯ' ମାତ୍ର ଅବଶିଷ୍ଟ ରହେ । ଏଥିରେ ଧାତୁର ଦ୍ୱିତ୍ୱ ହୁଏ । ଦ୍ୱିତ୍ୱ ହେଲେ ପୂର୍ବପଦ (ଅଭ୍ୟାସ)ରେ ଅ ର ଆ ; ଇ - ଈ ର ଏ ; ଉ - ଊ ର ଓ ହୁଏ । ଯଥା - ନୀ - ନେନୀୟତେ, ଭୂ - ବୋଭୂୟତେ, ପଠ - ପାପଠ୍ୟତେ ।

## ଭୂ - ଧାତୁର ଯଙନ୍ତ ରୂପ

ପୁନଃପୁନଃ ଅତିଶୟେନ ଭବତି = ବୋଭୂୟତେ । (ଦ=ବର୍ଷ) ।

ଏହାର ରୂପ ଲଟ୍ ପ୍ରଭୃତି ଦଶଲକାରରେ ଏଠାରେ ପ୍ରଦର୍ଶିତ ।

### ଲଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭୂୟତେ | ବୋଭୂୟେତେ | ବୋଭୂୟନ୍ତେ |
| ମଧ୍ୟମ ପୁରୁଷ | ବୋଭୂୟସେ | ବୋଭୂୟେଥେ | ବୋଭୂୟଧ୍ୱେ |
| ଉତ୍ତମ ପୁରୁଷ | ବୋଭୂୟେ | ବୋଭୂୟାବହେ | ବୋଭୂୟାମହେ |

### ଲଙ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅବୋଭୂୟତ | ଅବୋଭୂୟେତାମ୍ | ଅବୋଭୂୟନ୍ତ |
| ମଧ୍ୟମ ପୁରୁଷ | ଅବୋଭୂୟଥାଃ | ଅବୋଭୂୟେଥାମ୍ | ଅବୋଭୂୟଧ୍ୱମ୍ |
| ଉତ୍ତମ ପୁରୁଷ | ଅବୋଭୂୟେ | ଅବୋଭୂୟାବହି | ଅବୋଭୂୟାମହି |

### ବିଧିଲିଙ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭୂୟେତ | ବୋଭୂୟେୟାତାମ୍ | ବୋଭୂୟେରନ୍ |
| ମଧ୍ୟମ ପୁରୁଷ | ବୋଭୂୟେଥାଃ | ବୋଭୂୟେୟାଥାମ୍ | ବୋଭୂୟେଧ୍ୱମ୍ |
| ଉତ୍ତମ ପୁରୁଷ | ବୋଭୂୟେୟ | ବୋଭୂୟେବହି | ବୋଭୂୟେମହି |

### ଲୋଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭୂୟତାମ୍ | ବୋଭୂୟେତାମ୍ | ବୋଭୂୟନ୍ତାମ୍ |
| ମଧ୍ୟମ ପୁରୁଷ | ବୋଭୂୟସ୍ୱ | ବୋଭୂୟେଥାମ୍ | ବୋଭୂୟଧ୍ୱମ୍ |
| ଉତ୍ତମ ପୁରୁଷ | ବୋଭୂୟୈ | ବୋଭୂୟାବହୈ | ବୋଭୂୟାମହୈ |

### ଲୃଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭୂୟିଷ୍ୟତେ | ବୋଭୂୟିଷ୍ୟେତେ | ବୋଭୂୟିଷ୍ୟନ୍ତେ |
| ମଧ୍ୟମ ପୁରୁଷ | ବୋଭୂୟିଷ୍ୟସେ | ବୋଭୂୟିଷ୍ୟେଥେ | ବୋଭୂୟିଷ୍ୟଧ୍ୱେ |
| ଉତ୍ତମ ପୁରୁଷ | ବୋଭୂୟିଷ୍ୟେ | ବୋଭୂୟିଷ୍ୟାବହେ | ବୋଭୂୟିଷ୍ୟାମହେ |

## କେତେକ ଧାତୁର ଯଙନ୍ତ - ଲଟ୍ - ପ୍ରଥମପୁରୁଷ - ଏକବଚନରୂପ

୧. ଅଟ୍-ଅଟାଟ୍ୟତେ - (ମହାଲତାଲିଆଅଟାଟ୍ୟତେ = କୁଟିଳମ୍ ଅଟତି) ।

୨. ଅଶ୍ - ଅଶାଶ୍ୟତେ
୩. ଋ - ଅରାର୍ଯ୍ୟତେ

୪. କୃ - ଚେକ୍ରୀୟତେ
୫. ଗମ୍ - ଜଙ୍ଗମ୍ୟତେ

୬. ଗୈ - ଜେଗୀୟତେ
୭. ଗ୍ରହ୍ - ଜରୀଗୃହ୍ୟତେ

୮. ଘ୍ରା - ଜେଘ୍ରୀୟତେ
୯. ଚର୍ - ଚଂଚୂର୍ଯ୍ୟତେ/ଚଞ୍ଚୂର୍ଯ୍ୟତେ

୧୦. ଜପ୍ - ଜଂଜପ୍ୟତେ
୧୧. ଜନ୍ - ଜାଜାୟତେ

୧୨. ଜ୍ୱଲ - ଜାଜ୍ୱଲ୍ୟତେ
୧୩. ଜନ୍ - ଜାଜାୟତେ

୧୪. ଜି - ଜେଜୀୟତେ
୧୫. ଜ୍ଞା - ଜାଜ୍ଞାୟତେ

୧୬. ଡୌକ୍ - ଡୋଡୌକ୍ୟତେ
୧୭. ତପ୍ - ତାତପ୍ୟତେ

୧୮. ଦଶ୍ - ଦନ୍ଦଶ୍ୟତେ
୧୯. ଦହ୍ - ଦନ୍ଦହ୍ୟତେ

୨୦. ଦା - ଦେଦୀୟତେ
୨୧. ଦୀପ୍ - ଦେଦୀପ୍ୟତେ

୨୨. ଦୃଶ୍ - ଦରୀଦୃଶ୍ୟତେ
୨୩. ଧେ - ଦେଧୀୟତେ

୨୪. ଧ୍ମା - ଦେଧ୍ମୀୟତେ
୨୫. ଧ୍ୱଂସ୍ - ଦନୀଧ୍ୱସ୍ୟତେ

୨୬. ନୀ - ନେନୀୟତେ
୨୭. ନୃତ୍ - ନରୀନୃତ୍ୟତେ

୨୮. ପଚ୍ - ପାପଚ୍ୟତେ
୨୯. ପତ୍ - ପନୀପତ୍ୟତେ

୩୦. ପଦ୍ - ପନୀପଦ୍ୟତେ
୩୧. ପା - ପେପୀୟତେ

୩୨. ପୂ - ପୋପୂର୍ଯ୍ୟତେ
୩୩. ପ୍ରଚ୍ଛ୍ - ପରୀପୃଚ୍ଛ୍ୟତେ

୩୪. ଫଲ୍ - ପମ୍ଫୁଲ୍ୟତେ
୩୫. ବୁଧ୍ - ବୋବୁଧ୍ୟତେ

୩୬. ଲୂ - ଲୋଲୂୟତେ ୩୭. ଧ୍ୱଂସ୍ - ଦନୀଧ୍ୱସ୍ୟତେ

୩୮. ଯମ୍ - ଯଂଯମ୍ୟତେ ୩୯. ରୁଦ୍ - ରୋରୁଦ୍ୟତେ

୪୦. ଲୁପ୍ - ଲୋଲୁପ୍ୟତେ ୪୧. ବଞ୍ଚ୍ - ବନୀବଞ୍ଚ୍ୟତେ

୪୨. ବ୍ରଜ୍ - ବାବ୍ରଜ୍ୟତେ ୪୩. ବ୍ୟଚ୍ - ବେବିଚ୍ୟତେ

୪୪. ବୃତ୍ - ବରୀବୃତ୍ୟତେ ୪୫. ବୃଧ୍ - ବରୀବୃଧ୍ୟତେ

୪୬. ଶୀ- ଶାଶୟ୍ୟତେ ୪୭. ଶାସ୍ - ଶେଶିଷ୍ୟତେ

୪୮. ସଦ୍ - ସାସଦ୍ୟତେ ୪୯. ସ୍ରଂସ୍ - ସନୀସ୍ରସ୍ୟତେ

୫୦. ସ୍କନ୍ଦ୍ - ଚନୀସ୍କନ୍ଦ୍ୟତେ ୫୧. ସିଚ୍ - ସେସିଚ୍ୟତେ

୫୨. ହନ୍ - ଜେଘ୍ନୀୟତେ

## ଅନ୍ୟକେତେକ ନିୟମ

*(ନିତ୍ୟଂ କୌଟିଲ୍ୟେ ଗତୌ - ପା. ୩.୧.୨୩)* ଗତ୍ୟର୍ଥକ ଧାତୁମାନଙ୍କ ମଧ୍ୟରୁ କୌଟିଲ୍ୟ ଅର୍ଥରେ 'ଯଙ୍' ପ୍ରତ୍ୟୟ ହୁଏ (ବାରମ୍ବାର ଅଥବା ଅତିଶୟ ଅର୍ଥରେ ନୁହେଁ) - କୁଟିଳଂ ବ୍ରଜତି = ବାବ୍ରଜ୍ୟତେ *(ଲୁପ - ସଦ - ଗର୍ହାୟାମ୍ - ପା. ୬.୧.୨୪)* ଲୁପ - ସଦ - ଚର - ଜପ - ଜଭ - ଦହ- ଦଶ୍ - ଗୃ ଧାତୁମାନଙ୍କର ଗର୍ହିତ ଅର୍ଥରେ 'ଯଙ୍' ହୁଏ । ଯଥା -

ଗର୍ହିତଂ ଲୁମ୍ପତି = ଲୋଲୁପ୍ୟତେ ।

### ଅନୁଶୀଳନୀ -

୧. ନିର୍ଦ୍ଦେଶାନୁସାରଂ ଶୂନ୍ୟସ୍ଥାନଂ ପୂରୟତ -

କ) ବାଳକାଃ ନିକଟଗ୍ରାମଂ ------ (ପୁନଃପୁନଃ ଗଚ୍ଛନ୍ତି) ।

ଖ) କୃଷ୍ଣଃ ଇତିହାସଂ ------ (ଅତିଶୟେନ ପଠିଷ୍ୟତି) ।

ଗ) ଅଗ୍ନିଃ ଯଜ୍ଞମଣ୍ଡପେ ------ (ଅତିଶୟେନ ଜ୍ୱଳତି) ।

ଘ) ପୁତ୍ରଃ ପିତରଂ ଦୁର୍ଗନ୍ଧବିଷୟେ -----(ପୁନଃପୁନଃ ବଦତି)

ଙ) ରୋଗୀ ଜଳଂ ------ (ଅତିଶୟେନ ପିବତି) ।

୨. ସଂଶୋଧନଂ କୁରୁତ -

କ) ସର୍ପଃ ଭୂତଲେ ଅଟେଟ୍ୟତି ।

ଖ) ରାଜା ଶତ୍ରୁନ୍ ଜେଜୀୟତେ ।

ଗ) ବାଳିକା ମଣ୍ଡପେ ନରୀନୃତ୍ୟତି ।

ଘ) ବୃକ୍ଷେ ପୁଷ୍ପାଣି ବରୀବୃତ୍ୟତେ ।

ଙ) ମାର୍ଗେ ପର୍ବତଃ ବରୀଦୃଶ୍ୟତି ।

୩. ଅଧୋଲିଖିତପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ -

ବୋଭୂୟତେ, ଜଂଜପ୍ୟତେ, ବରୀବୃଧତେ, ପଂଫୁଲ୍ୟତେ, ପେପୀୟତେ ।

୪. ଏକପଦେନ ଅର୍ଥଂ ପ୍ରକାଶୟତ -

କ) ପୁନଃ ପୁନଃ ଦାପ୍ୟତେ ।

ଖ) ଅତିଶୟେନ ସିଞ୍ଚତି ।

ଗ) ପୁନଃ ପୁନଃ ହନ୍ତି ।

ଘ) ଅତିଶୟେନ ରୋଦିତି ।

ଙ) ପୁନଃ ପୁନଃ ପଠତି ।

୫. ଅର୍ଥଗତଂ ପାର୍ଥକ୍ୟଂ ପ୍ରଦର୍ଶୟତ -

ନରୀନୃତ୍ୟତେ - ବରୀଦୃଶ୍ୟତେ ; ଦେଦୀୟତେ - ଦେଦୀପ୍ୟତେ;
ବରୀବୃତ୍ୟତେ - ବରୀବୃଧ୍ୟତେ ; ଜାଜାୟତେ - ଜାଜ୍ୱଲ୍ୟତେ ;
ନେନୀୟତେ - ପେପୀୟତେ ।

***

# ୧୨- ଯଙ୍‌ଲୁଗନ୍ତ ଧାତୁ ପ୍ରକରଣ

ପାଣିନିଙ୍କ ପ୍ରଣୀତ ଅଷ୍ଟାଧ୍ୟାୟୀରେ ଧାତୁ ସଂଜ୍ଞା ନିର୍ଦ୍ଧାରଣ ନିମନ୍ତେ ଦୁଇଟି ସୂତ୍ର ପ୍ରଦତ୍ତ ହୋଇଛି; ଯଥା- ଭୂବାଦୟୋ ଧାତବଃ- ପା.୧.୩.୧. ଏବଂ ସନାଦ୍ୟନ୍ତା ଧାତବଃ-ପା.୩.୧.୩୨ । ଏହାର ଆଧାରରେ ଧାତୁଗୁଡ଼ିକୁ ଦୁଇ ପ୍ରକାରର ବୋଲି କୁହାଯାଇପାରେ; ଯଥା - ଉପଦିଷ୍ଟ ଧାତୁ ଏବଂ ଅତିଦିଷ୍ଟ ଧାତୁ ବା ଧାତୁସାଧିତ ଧାତୁ । ଯେଉଁ ଧାତୁଗୁଡ଼ିକ ଧାତୁପାଠରେ ନିର୍ଦ୍ଦିଷ୍ଟ ହୋଇଛନ୍ତି ସେଗୁଡ଼ିକ ଉପଦିଷ୍ଟ ଧାତୁ ଅଟନ୍ତି; ଯଥା- ଭୂ, ଗମ୍,ପଠ୍,ଲଭ୍ ଇତ୍ୟାଦି । ଏଗୁଡ଼ିକୁ ପ୍ରତ୍ୟକ୍ଷ ଧାତୁ ମଧ୍ୟ କୁହାଯାଇଥାଏ । ଏଗୁଡ଼ିକର ରୂପ ଭବତି, ଗଚ୍ଛତି,ପଠତି, ଲଭତେ ଇତ୍ୟାଦି ଭଳି ହୋଇଥାଏ । ଏହି ସବୁ ଧାତୁମାନଙ୍କ ପାଇଁ ପା .୧.୩.୧ ସୂତ୍ରଟି ପ୍ରଯୋଜ୍ୟ । ପାଣିନିଙ୍କ ଧାତୁପାଠରେ ଏମାନଙ୍କର ସଂଖ୍ୟା ୧୯୪୪ ।

ଅତିଦିଷ୍ଟ ଧାତୁଗୁଡ଼ିକୁ ମୂଳ ଉପଦିଷ୍ଟ ଧାତୁ ଓ ମୂଳ ପ୍ରାତିପଦିକ ମାନଙ୍କରେ ପ୍ରତ୍ୟୟ ଯୋଗ କରି ନିର୍ମାଣ କରାଯାଇଥାଏ । ପୁନଶ୍ଚ ଏମାନଙ୍କୁ ଧାତୁ ସାଧିତ ଧାତୁ (ପ୍ରତ୍ୟୟାନ୍ତ ଧାତୁ) ଏବଂ ନାମ ସାଧିତ ଧାତୁ ଭେଦରେ ଦୁଇପ୍ରକାରରେ ଗଣନା କରାଯାଇପାରେ । ମୂଳଧାତୁମାନଙ୍କ ସହ ପ୍ରତ୍ୟୟ ଯୋଗକରି ଯେଉଁ ଧାତୁଗୁଡ଼ିକ ନିର୍ମିତ ହୋଇଥା'ନ୍ତି ସେଗୁଡ଼ିକୁ ଧାତୁ ସାଧିତ ଧାତୁ ବୋଲି କୁହାଯାଏ । ପାଣିନିଙ୍କ ୩.୧.୩୨ ସୂତ୍ରଟି ଏହିସବୁ ଧାତୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରତ୍ୟୟଗୁଡ଼ିକ ସନ୍, ଣିଚ୍, ଯଙ୍, ଯଙ୍‌ଲୁକ୍ ଇତ୍ୟାଦି ।

ମୂଳ ପ୍ରାତିପଦିକ ବା ନାମପ୍ରକୃତିକ ସୁବନ୍ତରୁ ଭିନ୍ନ ଭିନ୍ନ ଅର୍ଥରେ କ୍ୟଚ୍,କ୍ୟଷ୍,କ୍ୟଙ୍ ଇତ୍ୟାଦି ପ୍ରତ୍ୟୟ ଯୋଗ କରାଯାଇ ନିର୍ମିତ ହୋଇଥିବା ଧାତୁ ଗୁଡ଼ିକୁ ନାମଧାତୁ ବୋଲି କୁହାଯାଇଥାଏ । ( ଏହି ପୁସ୍ତକର ପରବର୍ତ୍ତୀ ପରିଚ୍ଛେଦରେ ଏହା ଆଲୋଚିତ) ।

ଏଠାରେ ମନେରଖିବାକୁ ହେବଯେ, ଏହି ଦୁଇପ୍ରକାରର ଧାତୁ ବ୍ୟତୀତ 'ସୌତ୍ରଧାତୁ' ବୋଲି ଅନ୍ୟ ଏକ ପ୍ରକାରର ଧାତୁ ମଧ୍ୟ ଦେଖାଯାଏ । କିନ୍ତୁ ସୂତ୍ରବ୍ୟତୀତ ଅନ୍ୟ କୌଣସିଠାରେ ଏମାନଙ୍କର ପ୍ରୟୋଗ ନ ଥିବାରୁ ଏଗୁଡ଼ିକର ନାମକରଣ ଏହିପରି କରାଯାଇଛି । ଉଦାହରଣ ସ୍ୱରୂପ **ପା.୭.୩.୯୫-ତୁ ରୁ ଷ୍ଟୁ ଶମ୍ୟମଃ ସାର୍ବଧାତୁକେ** (ତୁ-ରୁ-ଷ୍ଟୁ-ଶମି-ଅମ୍ ଷଷ୍ଠୀ ଏକ ବଚନ) । ଉପର୍ଯ୍ୟୁକ୍ତ ଧାତୁମାନେ ଏହି ସୂତ୍ର ବ୍ୟତୀତ ଅନ୍ୟ କୌଣସି ଠାରେ ସୂଚିତ ହୋଇ ନାହାନ୍ତି । ତେବେ ନିମ୍ନୋକ୍ତ ଭାବରେ ଧାତୁ ଗୁଡ଼ିକର ଶ୍ରେଣୀ ବିଭାଗ କରାଯାଇପାରେ-

ଧାତୁ
- ଉପଦିଷ୍ଟଧାତୁ
- ଅତିଦିଷ୍ଟ ଧାତୁ
  - ଧାତୁସାଧିତ ଧାତୁ (ସନ୍, ଣିଚ୍, ଯଙ୍, ଯଙ୍ ଲୁକ୍ ଇତ୍ୟାଦିରୁ ନିଷ୍ପନ୍ନ)
  - ନାମସାଧିତ ଧାତୁ (କ୍ୟଚ୍, କ୍ୟଷ୍,କ୍ୟ, କ୍ୟଙ୍, କାମ୍ୟଚ୍, ଣିଙ୍, ଣିଚ୍,କ୍ୱିପ୍ ପ୍ରଭୃତିରୁ ନିଷ୍ପନ୍ନ )
- ସୌତ୍ର ଧାତୁ

ଏବେ ଯଙ୍‌ଲୁକ୍ କଥା ବିଚାର କରାଯାଉ । ବ୍ୟାକରଣରେ 'ଲୁକ୍' ଶବ୍ଦର ଅର୍ଥ ପ୍ରତ୍ୟୟର ଅଦର୍ଶନ । ଅତଏବ 'ଯଙ୍' ପ୍ରତ୍ୟୟ ବିଧାନ ହୋଇ ପୁନଃ ଲୁକ୍ (ଲୋପ) ହୋଇ ମଧ୍ୟ ଧାତୁସହ ବ୍ୟବହୃତ ହେଲେ ଏହିପରି ଧାତୁକୁ ଯଙ୍ ଲୁକ୍ +ଅନ୍ତ ବା 'ଯଙ୍ ଲୁଗନ୍ତ' ଧାତୁ କୁହାଯାଏ । ପ୍ରଶ୍ନ ଉଠେ ଯେ ଧାତୁରେ ଯଙ୍ ପ୍ରତ୍ୟୟ ବ୍ୟବହୃତ ହୋଇ ପୁଣି ଲୋପ ହୁଏ କାହିଁକି ? ମୂଳରୁ ସେହି ପ୍ରତ୍ୟୟ ବ୍ୟବହୃତ ନ ହୋଇଥିଲେ କ'ଣ ଅସୁବିଧା ହୋଇଥାନ୍ତା ? ଏ ସମ୍ପର୍କରେ କୁହାଯାଇପାରେ ଯେ, ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଏହି ପ୍ରତ୍ୟୟର ପ୍ରୟୋଗ ହୋଇଥିଲେ ମଧ୍ୟ ପୁଣି ଲୋପ କରାଯାଏ । ସେଥିପାଇଁ ପାଣିନିଙ୍କର ଏକ ସୂତ୍ର ଅଛି । ସୂତ୍ରଟି ହେଲା - **ଯଙୋଽଚି ଚ -ପା.୨।୪।୭୪**
- 'ଅଚ୍' ପ୍ରତ୍ୟୟ ପରେ ଥିଲେ 'ଯଙ୍'ପ୍ରତ୍ୟୟର ଲୁକ୍ (ଲୋପ) ହେବ । 'ଚ'କାର ନିର୍ଦ୍ଦେଶ ଦ୍ୱାରା 'ଅଚ୍' ପ୍ରତ୍ୟୟ ନ ଥିଲେ ମଧ୍ୟ କେତେକ ସ୍ଥଳରେ 'ବହୁଳ' ଏହି ଲୁକ୍ ହୋଇପାରେ । 'ଅଚ୍' ପ୍ରତ୍ୟୟ ଯୋଗେ ଯଙ୍ଲୁକ୍ ଯଥା - ଗମ୍ + ଅଚ୍ (ଯଙ୍ଲୁକ୍) =ଜଙ୍ଗମଃ । ଚଲ୍ + ଅଚ୍ (ଯଙ୍ ଲୁକ୍ ) = ଚଞ୍ଚଲଃ । ଯଜ୍ + ଉକ (ଯଙ୍ଲୁକ୍ )=ଯାଜଜୂକଃ । ଦନ୍ଶ୍ +ଉକ୍ ( ଯଙ୍ଲୁକ୍) = ଦନ୍ଦଶୂକଃ । ବଦ୍ + ଉକ (ଯଙ୍ ଲୁକ୍ ) = ବାବଦୂକଃ ଇତ୍ୟାଦି ।

କୃଦନ୍ତ ବ୍ୟତୀତ କ୍ୱଚିତ୍ ଅନ୍ୟତ୍ର ମଧ୍ୟ ଯଙ୍ ଲୋପ ହୋଇଥାଏ । ଏଇ 'ଯଙ୍'ର ପ୍ରୟୋଗରେ ଧାତୁଟି ପରସ୍ମୈପଦୀ ହୁଏ ଏବଂ 'ଯଙ୍'ଟି ଲୋପହୁଏ (ଯଙ୍ ଲୁକ୍) । କେତେକ ବୈୟାକରଣଙ୍କ ମତରେ 'ଯଙ୍ ଲୁକ୍' କ୍ଷେତ୍ରରେ ଆତ୍ମନେପଦର ବ୍ୟବହାର ମଧ୍ୟ ହୋଇଥାଏ । 'ଯଙ୍

ଲୁକ୍' କ୍ଷେତ୍ରରେ ଧାତୁର ଯଥାରୀତି ଦ୍ୱିତ୍ୱ ହୁଏ। ଦ୍ୱିତ୍ୱ ହୋଇ ସେହି ଅଂଶର 'ଇ' ଏବଂ 'ଉ'ର ଗୁଣ ହୁଏ ଏବଂ 'ଅ'ର ଦୀର୍ଘ ହୁଏ। ସାଧାରଣତଃ ବୈଦିକ ପ୍ରୟୋଗରେ ଏହାର ଆଧିକ୍ୟ ଦେଖିବାକୁ ମିଳେ।

ଯଙ୍‌ଲୁଗନ୍ତର କେତୋଟି ବିଶିଷ୍ଟ ପ୍ରୟୋଗ ଲକ୍ଷଣୀୟ; ଯଥା -

କୃ - ଚର୍କର୍ତି, ଚର୍କରୀତି, ଚରିକର୍ତି, ଚରିକରୀତି, ଚରୀକର୍ତି, ଚରୀକରୀତି।

ଦନ୍ଶ୍ - ଦନ୍ଦଶୀତି, ଦନ୍ଦଂଶୀତି, ଦନ୍ଦଷ୍ଟି, ଦନ୍ଦଂଷ୍ଟି।

ଦା - ଦାଦାତି, ଦାଦେତି।

ବୃତ୍ - ବର୍ବର୍ତି, ବରିବର୍ତି, ବରୀବର୍ତି, ବର୍ବୃତୀତି, ବରୀବୃତୀତି।

ଭୂ - ବୋଭବୀତି, ବୋଭୋତି।

ହା - ଜାହାତି, ଜାହେତି।

ଲୌକିକ ସଂସ୍କୃତରେ ବାରମ୍ବାର ବା ଅତିଶୟ ବା ପୌନଃପୁନ୍ୟ ଅର୍ଥରେ ପାଣିନିଙ୍କ ସୂତ୍ର - ଧାତୋରେକାଚୋ ହଲାଦେଃ କ୍ରିୟାସମଭିହାରେ ଯଙ୍ (ପା.୩.୧.୨୨) ଅନୁଯାୟୀ 'ଏକାଚ୍' ଧାତୁମାନଙ୍କ ପରେ 'ଯଙ୍' ପ୍ରତ୍ୟୟ ଲାଗେ। ଏଣୁ 'ଭୂ' ଧାତୁରୁ 'ବୋଭୂୟତେ' ଇତ୍ୟାଦି ପଦ ମିଳିଥାଏ। କିନ୍ତୁ ଯଦି ଅଚ୍ ପ୍ରତ୍ୟୟ ପରେ ଥାଏ, ତେବେ 'ଯଙ୍' ପ୍ରତ୍ୟୟର ଲୁକ୍ ହୋଇ ଯଙ୍‌ଲୁଗନ୍ତ ପଦ ଯଥା - ବୋଭବୀତି ବା ବୋଭୋତି ପଦ ମିଳିଥାଏ।

ଏହି 'ଯଙ୍‌ଲୁଗନ୍ତ' କ୍ଷେତ୍ରରେ କେତେକ କାର୍ଯ୍ୟ ହୋଇପାରେ ନାହିଁ।

ଯଥା -

୧. 'ତିପ୍' ନିର୍ଦ୍ଦେଶ ଦ୍ୱାରା, ୨. 'ଶପ୍' ନିର୍ଦ୍ଦେଶ ଦ୍ୱାରା, ୩. 'ଅନୁବନ୍ଧ' ନିର୍ଦ୍ଦେଶ ଦ୍ୱାରା, ୪. 'ଗଣ' ନିର୍ଦ୍ଦେଶ ଦ୍ୱାରା, ୫. 'ଏକାଚ୍' ନିର୍ଦ୍ଦେଶ ଦ୍ୱାରା ଯେଉଁ କାର୍ଯ୍ୟମାନ ବିଧାନ ହୋଇଥାଏ ତାହା ହୁଏ ନାହିଁ । ଏଣୁ କୁହାଯାଇଛି-

ତିପା ଶପାଽନୁବନ୍ଧେନ ନିର୍ଦ୍ଦିଷ୍ଟଂ ଯଦ୍ ଗଣେନ ଚ ।
ଯତ୍ରୈକାଜ୍ ଗ୍ରହଣଂ ଚୈବ ପଞ୍ଚୈତାନି ନ ଯଙ୍ଲୁକି ॥

ଭୂ ଧାତୁରୁ ବୋଭୂ ବା ବୋଭବ୍ ଧାତୁ ହୋଇଥାଏ । ଏହି ଧାତୁର ରୂପ ଏହିପରି ହୁଏ -

## ଲଟ୍ ( ବର୍ତ୍ତମାନ କାଳ)

| ପ୍ରଥମ ପୁରୁଷ | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| | ବୋଭୋତି, ବୋଭବୀତି | ବୋଭୂତଃ | ବୋଭୁବତି |
| ମଧ୍ୟମ ପୁରୁଷ | ବୋଭୋଷି, ବୋଭବୀଷି | ବୋଭୂଥଃ | ବୋଭୂଥ |
| ଉତ୍ତମ ପୁରୁଷ | ବୋଭୋମି, ବୋଭବୀମି | ବୋଭୂବଃ | ବୋଭୂମଃ |

## ଲଙ୍ (ଅତୀତ କାଳ)

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅବୋଭୋତ୍, ଅବୋଭବୀତ୍ | ଅବୋଭୂତାମ୍ | ଅବୋଭବୁଃ |
| ମଧ୍ୟମ ପୁରୁଷ | ଅବୋଭୋଃ, ଅବୋଭବୀଃ | ଅବୋଭୂତମ୍ | ଅବୋଭୂତ |
| ଉତ୍ତମ ପୁରୁଷ | ଅବୋଭବମ୍ | ଅବୋଭୂବ | ଅବୋଭୂମ |

## ଲୋଟ୍ ( ଅନୁଜ୍ଞା, ଆଦେଶ )

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭୋତୁ, ବୋଭୋବୀତୁ | ବୋଭୂତାମ୍ | ବୋଭୁବତୁ |
| ମଧ୍ୟମ ପୁରୁଷ | ବୋଭୂହି | ବୋଭୂତମ୍ | ବୋଭୂତ |
| ଉତ୍ତମ ପୁରୁଷ | ବୋଭବାନି | ବୋଭବାବ | ବୋଭବାମ |

## ଲୁଟ୍ ଲକାର ( ଅନଦ୍ୟତନ ଭବିଷ୍ୟତ)

| | ଏକବଚନ | ଦ୍ବିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ବୋଭବିତା | ବୋଭବିତାରୌ | ବୋଭବିତାରଃ- ଇତ୍ୟାଦି |

## ଲୃଙ୍ ଲକାର (ଅତୀତ ଭବିଷ୍ୟତ / ସମ୍ଭାବନା ଅର୍ଥରେ)

| | | | |
|---|---|---|---|
| ପ୍ରଥମପୁରୁଷ | ଅବୋଭବିଷ୍ୟତ୍ | ଅବୋଭିଷ୍ୟତାମ୍ | ଅବୋଭିଷ୍ୟନ୍ - ଇତ୍ୟାଦି । |

## ଆଶୀର୍ଲିଙ୍

| | | | |
|---|---|---|---|
| ପ୍ରଥମ ପୁରୁଷ | ବୋଭୂୟାତ୍ | ବୋଭୂୟାସ୍ତାମ୍ | ବୋଭୂୟାସୁଃ- ଇତ୍ୟାଦି |

ଆତ୍ମନେପଦରେ ଏହି ଧାତୁଟିର ରୂପ ନିମ୍ନୋକ୍ତ ପ୍ରକାରର ଅଟେ ।

| କାଳ | ପ୍ରଥମ ପୁରୁଷ ଏକବଚନ | କର୍ମବାଚ୍ୟରେ ରୂପ |
|---|---|---|
| ଲଟ୍ | ବୋଭୂତେ | ବୋଭୂୟତେ |
| ଲଙ୍ | ଅବୋଭୂତ | ଅବୋଭୂୟତ |
| ଲୋଟ୍ | ବୋଭୂତାମ୍ | ବୋଭୂୟତାମ୍ |
| ବିଧିଲିଙ୍ | ବୋଭୁବୀତ | ବୋଭୂୟେତ |
| ଲିଟ୍ | ବୋଭବାଂଚକ୍ରେ | ବୋଭବାଂଚକ୍ରେ |
| ଲୁଟ୍ | ବୋଭବିତା | ବୋଭବିତା ବା ବୋଭାବିତା |
| ଏଲୁଟ୍ | ବୋଭବିଷ୍ୟତେ | ବୋଭବିଷ୍ୟତେ ବା ବୋଭାବିଷ୍ୟତେ |
| ଲୃଙ୍ | ଅବୋଭବିଷ୍ୟତ | ଅବୋଭବିଷ୍ୟତ ବା ଅବୋଭାବିଷ୍ୟତ |
| ଲୁଙ୍ | ଅବୋଭବିଷ୍ଟ | ଅବୋଭାବି |
| ଆଶୀର୍ଲିଙ୍ | ବୋଭବିଷୀଷ୍ଟ | ବୋଭବିଷୀଷ୍ଟ ବା ବୋଭାବିଷୀଷ୍ଟ |

***

# ୧୩ - ନାମଧାତୁ ପ୍ରକରଣ

ନାମ ବା ନାମପ୍ରକୃତିକ ସୁବନ୍ତରୁ ଭିନ୍ନଭିନ୍ନ ଅର୍ଥରେ କ୍ୟଚ୍ - କ୍ୟଙ୍ ପ୍ରଭୃତି ପ୍ରତ୍ୟୟ ଯୋଗକରି ତାହାକୁ ଧାତୁ କରିଦିଆଯାଏ । ଏହି ପ୍ରତ୍ୟୟଗୁଡ଼ିକ ବିକଳ୍ପରେ ହୁଏ । ଏହି ଧାତୁଗୁଡ଼ିକ ବିଶେଷ ବିଶେଷ ଅର୍ଥ ଦ୍ୟୋତିତ କରନ୍ତି । ଯଥା -

ଆତ୍ମନଃ ପୁତ୍ରମ୍ ଇଚ୍ଛତି = ପୁତ୍ରୀୟତି (ପୁତ୍ର+କ୍ୟଚ୍ (ଯ) = ପୁତ୍ରୀୟ (ନାମଧାତୁ); ପୁତ୍ରୀୟ+ ଲଟ୍ -ତି = ପୁତ୍ରୀୟତି (କ୍ରିୟାପଦ) ।

ଏହି କ୍ୟଚ୍ ପ୍ରଭୃତି ପ୍ରତ୍ୟୟ ଗୁଡ଼ିକ ବିକଳ୍ପରେ ହୁଅନ୍ତି । ଉକ୍ତ ପ୍ରତ୍ୟୟ ନ ହେବାସ୍ଥଳରେ ବିଗ୍ରହ ବାକ୍ୟର ପ୍ରୟୋଗ ହୁଏ । ପୁତ୍ରରୁ କ୍ୟଚ୍ = ପୁତ୍ରୀୟତି ଓ କ୍ୟଚ୍ ନ ହେଲେ - ଆତ୍ମନଃ ପୁତ୍ରମ୍ ଇଚ୍ଛତି - ରହେ ।

ନାମ (ପ୍ରାତିପଦିକ) ଅଥବା ସୁବନ୍ତ ଯେଉଁ ଧାତୁର ମୂଳ ତାହାକୁ 'ନାମଧାତୁ' କୁହାଯାଏ । ଯଥା -

ଅସ୍ମିନ୍ କାଳେ ରାମଃ କୃଷ୍ଣତି (କୃଷ୍ଣ+କ୍ୱିପ୍ +ତି ; କ୍ୱିପ୍ - ପ୍ରତ୍ୟୟର ଲୋପ - କୃଷ୍ଣ ଇବ ଆଚରତି - (ବିଗ୍ରହ) = କୃଷ୍ଣତି) ।

୧. କ୍ୟଚ୍ - (ଯ) -( *ସୁପଃ ଆତ୍ମନଃ କ୍ୟଚ୍ -ପା. ୩ .୧ .୮* )

(କ) ନିଜ ଇଚ୍ଛା ଅର୍ଥରେ - ଆତ୍ମନଃ ପୁତ୍ରମିଚ୍ଛତି = ପୁତ୍ରୀୟତି ।

- ଆତ୍ମନଃ ବସ୍ତ୍ରମିଚ୍ଛତି = ବସ୍ତ୍ରୀୟତି ।

- ଆତ୍ମନଃ ଅଶନମିଚ୍ଛତି = ଅଶନାୟତି ।

- ଆତ୍ମନଃ ଧନମିଚ୍ଛତି = ଧନୀୟତି ।

-ଆତ୍ମନଃ ଉଦକମିଚ୍ଛତି = ଉଦକୀୟତି ।

(ଖ) ଖାଇବା ପାଇଁ ଇଚ୍ଛା ଅର୍ଥରେ-ଅଶନଂଭୋକ୍ତୁମିଚ୍ଛତି= ଅଶନାୟତି ।

(ଗ) ଲୋଭ ଅର୍ଥରେ - ଧନମିଚ୍ଛତି = ଧନାୟତି ।

(ଘ) ତୃଷା ଅର୍ଥରେ - ଉଦକମିଚ୍ଛତି = ଉଦନ୍ୟତି ।

(ଙ) କରିବା ଅର୍ଥରେ - ନମଃ କରୋତି = ନମସ୍ୟତି ।

ତପଃ କରୋତି = ତପସ୍ୟତି ।

ବରିବଃ (ସେବାଂ)କରୋତି = ବରିବସ୍ୟତି ।

(ଚ) ଆଚରଣ ଅର୍ଥରେ - ପୁତ୍ରମିବ ଆଚରତି = ପୁତ୍ରୀୟତି ।

(କର୍ମବାଚକ ଉପମାନରୁ ଉତ୍ତର) ସଖାୟମିବ ଆଚରତି = ସଖୀୟତି ।

ରିପୁମିବ ଆଚରତି = ରିପୂୟତି ।

ପିତରମିବ ଆଚରତି = ପିତ୍ରୀୟତି ।

ମାତରମିବ ଆଚରତି = ମାତ୍ରୀୟତି

ଭ୍ରାତରମିବ ଆଚରତି = ଭ୍ରାତ୍ରୀୟତି ।

୨. କାମ୍ୟ - ନିଜର ଇଚ୍ଛା ଅର୍ଥ ବୁଝାଇଲେ -

ଆତ୍ମନଃ ପୁତ୍ରମିଚ୍ଛତି = ପୁତ୍ର କାମ୍ୟତି

ଆତ୍ମନଃ ଧନମିଚ୍ଛତି = ଧନ କାମ୍ୟତି

ଆତ୍ମନଃ ଯଶଃ ଇଚ୍ଛତି = ଯଶସ୍କାମ୍ୟତି ।

ଆତ୍ମନଃ ପୟଃ ଇଚ୍ଛତି = ପୟସ୍କାମ୍ୟତି ।

୩. ଣିଚ୍ -(ଇ) କରିବା ଅର୍ଥରେ -

ପବିତ୍ରଂ କରୋତି = ପବିତ୍ରୟତି । ଧବଳଂ କରୋତି = ଧବଳୟତି ।

(ଚ) ଉଦ୍‌ଗାର ପୂର୍ବକ ଚର୍ବଣ ଅର୍ଥରେ -

ରୋମନ୍ଥଂ ବର୍ତ୍ତୟତି = ରୋମନ୍ଥାୟତେ ।

୬. ଯ (ଯକ୍) - *(କଣ୍ଡ୍ୱାଦିଭ୍ୟୋ ଯକ୍ - ପା.୩.୧.୨୭)*

କଣ୍ଡୂ - କଣ୍ଡୂୟତି / ତେ । ଭିଷଜ୍ - ଭିଷଜ୍ୟତି ।

ମନ୍ତୁ - ମନ୍ତୂୟତି / ତେ । ଇଷୁଧ୍ - ଇଷୁଧ୍ୟତି ।

ବଲ୍‌ଗୁ - ବଲ୍‌ଗୂୟତି । ଗଦ୍ଗଦ୍ - ଗଦ୍ଗଦ୍ୟତି ।

ଅସୁ - ଅସୂୟତି / ତେ । କେଲା - କେଲାୟତି ।

ସପର୍ - ସପର୍ଯ୍ୟତି । ଖେଲା - ଖେଲାୟତି ।

ହୃଣୀ - ହୃଣୀୟତେ । ଲେଲା - ଲେଲାୟତି ।

ଇଷସ୍ - ଇଷସ୍ୟତି । ଅଗଦ - ଅଗଦ୍ୟତି ।

ମେଧା - ମେଧାୟତି । ଉରସ୍ - ଉରସ୍ୟତି ।

ସୁଖ - ସୁଖ୍ୟତି । ଦୁଃଖ - ଦୁଃଖ୍ୟତି ।

ରେଖା - ରେଖାୟତି । ପୟସ୍ - ପୟସ୍ୟତି ।

ମହୀ - ମହୀୟତେ । ତିରସ୍ - ତିରସ୍ୟତି ।

### ନାମଧାତୁ-ରୂପର ଉଦାହରଣ

**ଆତ୍ମନଃ ପୁତ୍ରମିଚ୍ଛତି = ପୁତ୍ର+କ୍ୟଚ୍ (ଯ) = ପୁତ୍ରୀୟ ଧାତୁ**

**ଲଟ୍‌ଲକାର**

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପୁତ୍ରୀୟତି | ପୁତ୍ରୀୟତଃ | ପୁତ୍ରୀୟନ୍ତି |
| ମଧ୍ୟମ ପୁରୁଷ | ପୁତ୍ରୀୟସି | ପୁତ୍ରୀୟଥଃ | ପୁତ୍ରୀୟଥ |
| ଉତ୍ତମ ପୁରୁଷ | ପୁତ୍ରୀୟାମି | ପୁତ୍ରୀୟାବଃ | ପୁତ୍ରୀୟାମଃ |

### ଲଙ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ଅପୁତ୍ରୀୟତ୍ | ଅପୁତ୍ରୀୟତାମ୍ | ଅପୁତ୍ରୀୟନ୍ |
| ମଧ୍ୟମ ପୁରୁଷ | ଅପୁତ୍ରୀୟଃ | ଅପୁତ୍ରୀୟତମ୍ | ଅପୁତ୍ରୀୟତ |
| ଉତ୍ତମ ପୁରୁଷ | ଅପୁତ୍ରୀୟମ୍ | ଅପୁତ୍ରୀୟାବ | ଅପୁତ୍ରୀୟାମ |

### ବିଧିଲିଙ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପୁତ୍ରୀୟେତ୍ | ପୁତ୍ରୀୟେତାମ୍ | ପୁତ୍ରୀୟେୟୁଃ |
| ମଧ୍ୟମ ପୁରୁଷ | ପୁତ୍ରୀୟେଃ | ପୁତ୍ରୀୟେତମ୍ | ପୁତ୍ରୀୟେତ |
| ଉତ୍ତମ ପୁରୁଷ | ପୁତ୍ରୀୟେୟମ୍ | ପୁତ୍ରୀୟେବ | ପୁତ୍ରୀୟେମ |

### ଲୋଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପୁତ୍ରୀୟତୁ / ତାତ୍ | ପୁତ୍ରୀୟତାମ୍ | ପୁତ୍ରୀୟନ୍ତୁ |
| ମଧ୍ୟମ ପୁରୁଷ | ପୁତ୍ରୀୟତାତ୍ | ପୁତ୍ରୀୟତମ୍ | ପୁତ୍ରୀୟତ |
| ଉତ୍ତମ ପୁରୁଷ | ପୁତ୍ରୀୟାଣି | ପୁତ୍ରୀୟାବ | ପୁତ୍ରୀୟାମ |

### ଲୃଟ୍

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପୁତ୍ରୀୟିଷ୍ୟତି | ପୁତ୍ରୀୟିଷ୍ୟତଃ | ପୁତ୍ରୀୟିଷ୍ୟନ୍ତି |
| ମଧ୍ୟମ ପୁରୁଷ | ପୁତ୍ରୀୟିଷ୍ୟସି | ପୁତ୍ରୀୟିଷ୍ୟଥଃ | ପୁତ୍ରୀୟିଷ୍ୟଥ |
| ଉତ୍ତମ ପୁରୁଷ | ପୁତ୍ରୀୟିଷ୍ୟାମି | ପୁତ୍ରୀୟିଷ୍ୟାବଃ | ପୁତ୍ରୀୟିଷ୍ୟାମଃ |

## ଅନୁଶୀଳନୀ

୧. ନିର୍ଦ୍ଦେଶମନୁସୃତ୍ୟ ଶୂନ୍ୟସ୍ଥାନଂ ପୂରୟତ -

କ) ଦଶରଥଃ ------ । (ଆତ୍ମନଃ ପୁତ୍ରମ୍ ଇଚ୍ଛତି)

ଖ) ଅନିତାଭଃ ------ । (କୃଷ୍ଣ ଇବ ଆଚରତି)

ଗ) ଗୋପବନ୍ଧୁଃ ------ । (ଆତ୍ମନଃ ଯଶଃ ଖିନ୍ନତ)

ଘ) ଗଙ୍ଗାଧରଃ ଦେବାନାଂ ସମୀପେ ------ । (ଭିକ୍ଷୁରିବ ଆଚରତି)

ଙ) ବଣିକ୍ ପ୍ରାସାଦେ ------ । (ସୁଖମନୁଭବତି)

୨. ସଂଶୋଧୟତ -

କ) ଯଦୁଃ ଶବ୍ଦାୟତି ।

ଖ) ସୁଗ୍ରୀବଃ ରାମଂ ସଖୀୟତେ ।

ଗ) ଗୋଲକଃ ଯଶସ୍ୟାମ୍ୟତେ ।

ଘ) ଶେଫାଲୀ ପ୍ରଭୃତୟଃ ଉଦକୀୟତି ।

ଙ) ପାକଶାଳାଃ ଧୂମାୟନ୍ତି ।

୩. ଅଧୋଲିଖିତପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ -

ପଣ୍ଡିତାୟତେ, ଚନ୍ଦ୍ରମାୟତେ, ପୁତ୍ରୀୟତି, ନମସ୍ୟତି, ଧନକାମ୍ୟତି ।

୪. ଏକପଦେନ ଅର୍ଥଂ ପ୍ରକାଶୟତ -

କ) ଆତ୍ମନଃ ବନ୍ଧୁମ୍ ଇଚ୍ଛତି ।

ଖ) କଳହଂ କରୋତି ।

ଗ) ଚର୍ବିତଂ ବସ୍ତୁ ଆକୃଷ୍ୟ ପୁନଃ ଚର୍ବତି ।

ଘ) ବାଷ୍ପମ୍ ଉଦ୍‌ବମତି ।

ଢ) ଆତ୍ମନଃ ସୁଖମ୍ ଇଚ୍ଛତି ?

୫. ଅର୍ଥଗତଂ ପାର୍ଥକ୍ୟଂ ପ୍ରଦର୍ଶୟତ -

ଉଦକୀୟତି - ଉଦନ୍ୟତି; ପୁତ୍ରୀୟତି - ପୁତ୍ରୀୟତେ ;

ଅଶନାୟତି - ଅଶନୀୟତି; ଧନାୟତି - ଧନୀୟତି ;

ବୈରାୟତେ - ମନ୍ଦାୟତେ ।

***

# ୧୪ - ପରସ୍ମୈପଦ ଓ ଆତ୍ମନେପଦ ପ୍ରକ୍ରିୟା

ପରସ୍ମୈପଦ ଓ ଆତ୍ମନେପଦ ଦୃଷ୍ଟିରୁ ଧାତୁମାନଙ୍କ ପରେ ଆସୁଥିବା ପ୍ରତ୍ୟୟମାନଙ୍କୁ ଦୁଇପ୍ରକାରରେ ବିଭାଜିତ କରାଯାଏ । ତିପ୍, ତସ୍, ଝି .... ମସ୍ ପ୍ରଭୃତି ପରସ୍ମୈପଦ ଏବଂ ତ, ଆତାମ୍, ଝ ....... ମହିଙ୍ ପ୍ରଭୃତି ଆତ୍ମନେପଦ ସୂଚକ ପ୍ରତ୍ୟୟ ଅଟନ୍ତି । ପର ପାଇଁ (ପରସ୍ମୈ) ଯେଉଁ କାର୍ଯ୍ୟ ସମ୍ପାଦିତ ହୁଏ ତାହାକୁ ପରସ୍ମୈପଦୀ ଏବଂ (ଆତ୍ମନେ) ନିଜ ପାଇଁ ଯେଉଁ କାର୍ଯ୍ୟ କରାଯାଏ ତାହାକୁ ଆତ୍ମନେପଦୀ ଧାତୁ କୁହାଯାଏ । ତେଣୁ 'ପଚତି' ଏବଂ 'ପଚତେ' କ୍ରିୟାଦ୍ୱୟ ଏକା ପଚ୍ ଧାତୁରୁ ନିଷ୍ପନ୍ନ ହେଲେ ମଧ୍ୟ ଅନ୍ୟପାଇଁ ରାନ୍ଧୁଛି ଏବଂ ନିଜ ପାଇଁ ରାନ୍ଧୁଛି ଏହି ଅର୍ଥଦ୍ୱୟକୁ ପ୍ରକାଶ କରନ୍ତି । ପ୍ରାରମ୍ଭିକ ଅବସ୍ଥାରେ କ୍ରିୟା ଫଳ କର୍ତ୍ତୃଗାମି ହେଲେ ଆତ୍ମନେପଦୀ ଏବଂ କର୍ତ୍ତୃ ଭିନ୍ନ ଅନ୍ୟଗାମୀ ହେଲେ ପରସ୍ମୈପଦୀ ଧାତୁମାନଙ୍କର ବ୍ୟବହାର ହେଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଭେଦ ଆଉ ରହିଲା ନାହିଁ । ଫଳରେ କେତେକ ଧାତୁ କେବଳ ପରସ୍ମୈପଦୀରୂପେ ଏବଂ ଆଉ କେତେକ କେବଳ ଆତ୍ମନେପଦୀ ରୂପେ ବ୍ୟବହୃତ ହେଲେ । କେତେକ ଧାତୁ ଉଭୟ ଆତ୍ମନେପଦୀ ଓ ପରସ୍ମୈପଦୀ ରୂପରେ ମଧ୍ୟ ବ୍ୟବହୃତ ହେବାର ଦେଖାଯାଏ ।

କେତେକ ଧାତୁ କେତେକ ନିର୍ଦ୍ଦିଷ୍ଟ ଅର୍ଥ ବୁଝାଇବାପାଇଁ ଆତ୍ମନେପଦୀ ପରସ୍ମୈପଦୀ ରୂପରେ ମଧ୍ୟ ବ୍ୟବହୃତ ହୁଅନ୍ତି, ଯଥା - କ୍ରମ୍ ଧାତୁର କ୍ରମତେ ଓ କ୍ରାମତି ଦୁଇ ପ୍ରକାରର ରୂପ ଦେଖାଯାଏ । କିନ୍ତୁ ଉତ୍ସାହ, ଅପ୍ରତିବନ୍ଧ ଏବଂ ବୃଦ୍ଧି ଅର୍ଥ ବୁଝାଇବା ପାଇଁ ଏହା କେବଳ ଆତ୍ମନେପଦୀ ରୂପେ ବ୍ୟବହୃତ ହୁଏ ।
*(ବୃତ୍ତିସର୍ଗତାୟନେଷୁ କ୍ରମଃ- ପା. ୧.୩.୩୮)* ଯଥା -

(କ) କ୍ଷେତ୍ରକର୍ଷଣାୟ କ୍ରମତେ (ଉତ୍ସହତେ) - ଜମି ଚାଷ କରିବା ପାଇଁ ଉଦ୍ୟତ ହେଉଛି ।

(ଖ) ଶାସ୍ତ୍ରେଷୁ କ୍ରମତେ ବୁଦ୍ଧିଃ - ଶାସ୍ତ୍ରମାନଙ୍କରେ ଏହାର ଗଭୀର ଅଭିନିବେଶ ଅଛି ।

(ଗ) ସତାଂ ଶ୍ରୀଃ କ୍ରମତେ - ସଜ୍ଜନ ମାନଙ୍କର ସୌଭାଗ୍ୟ ବୃଦ୍ଧିପ୍ରାପ୍ତ ହୁଏ ।

୧. ଗ୍ରହନକ୍ଷତ୍ରାଦି ଜ୍ୟୋତିଷ୍କମାନଙ୍କର ଊର୍ଦ୍ଧ୍ୱଗମନ ବୁଝାଇଲେ ଆ ଉପସର୍ଗପୂର୍ବକ କ୍ରମ୍ ଧାତୁ ଆତ୍ମନେପଦୀ ରୂପେ ବ୍ୟବହୃତ ହୁଏ *(ଆଙ ଉଦ୍‌ଗମନେ - ପା. ୧.୩.୪୦)* ଯଥା -

ଆକ୍ରମତେ ଭାନୁଃ - ସୂର୍ଯ୍ୟ ଆକାଶରେ ଊର୍ଦ୍ଧ୍ୱଗମନ କରୁଛନ୍ତି । *(ଜ୍ୟୋତିରୁଦ୍‌ଗମନେ ଇତି ବାଚ୍ୟମ୍)* ।

କିନ୍ତୁ ଜ୍ୟୋତିର୍ଭିନ୍ନ ଅନ୍ୟପଦାର୍ଥର ଊର୍ଦ୍ଧ୍ୱଗମନ ବୁଝାଇଲେ ପରସ୍ମୈପଦୀରୂପେ ବ୍ୟବହୃତ ହୁଅନ୍ତି । ଯଥା -

ଆକ୍ରାମତି ଧୂମଃ ଗଗନମ୍ - ଧୂଆଁ ଆକାଶକୁ ଉଠୁଛି ।

୨. ଆରମ୍ଭ ଅର୍ଥରେ ପ୍ର ଏବଂ ଉପ ଉପସର୍ଗପୂର୍ବକ / କ୍ରମ୍ ଧାତୁ ସର୍ବଦା ଆତ୍ମନେପଦୀ ରୂପେ ବ୍ୟବହୃତ ହୁଏ । *(ପ୍ରୋପାଭ୍ୟାଂ ସମର୍ଥାଭ୍ୟାମ୍ - ପା. ୧.୩.୪୨)* ଯଥା -

ଭୋକ୍ତୁଂ ପ୍ରକ୍ରମତେ / ଉପକ୍ରମତେ 'ସେ ଖାଇବାକୁ ଆରମ୍ଭ କରୁଛି ।

୩. ପାଦ ବିକ୍ଷେପ ଅର୍ଥରେ ବି ଉପସର୍ଗ ପୂର୍ବକ କ୍ରମଧାତୁ ଆତ୍ମନେପଦୀ ହୁଏ । *(ବେଃ ପାଦବିହରଣେ - ପା. ୧.୩.୪୦)* ଯଥା -

ସାଧୁ ବିକ୍ରମତେ ବାଜୀ - ଘୋଡା ସୁନ୍ଦର ଭାବରେ ପାଦପକାଇ ଚାଲୁଛି । କିନ୍ତୁ ବିକ୍ରାମତି ରାଜା । ରାଜା ନିଜର ପରାକ୍ରମ ପ୍ରକାଶ କରୁଛନ୍ତି ।

୪. ଆ, ଅନୁ ଏବଂ ପରି ଉପସର୍ଗପୂର୍ବକ କ୍ରୀଡ଼ ଧାତୁ ଆତ୍ମନେପଦୀ ହୁଏ । *(କ୍ରୀଡୋଽନୁସଂପରିଭ୍ୟଶ୍ଚ - ପା. ୧.୩.୨୧)* ଯଥା -

ଆକ୍ରୀଡତେ, ଅନୁକ୍ରୀଡତେ, ପରିକ୍ରୀଡତେ ବା ମାଣବକଃ - ଛାତ୍ରଟି ଖେଳୁଅଛି ।

୫. ସମ୍ ଉପସର୍ଗପୂର୍ବକ କ୍ରୀଡ୍ ଧାତୁର ଆତ୍ମନେପଦରେ ବ୍ୟବହାର ହୁଏ । *(ସମୋଽକୂଜନେ - ବା)* । ସଂକ୍ରୀଡନ୍ତେ *ମଣିଭିରମରପ୍ରାର୍ଥିତା ଯତ୍ର କନ୍ୟାଃ* । କିନ୍ତୁ କେଁ କଟର ଶବ୍ଦ ବା ଅବ୍ୟକ୍ତଧ୍ୱନି ଅର୍ଥରେ ପରସ୍ମୈପଦୀ ରୂପେ ବ୍ୟବହୃତ ହୁଏ । ଯଥା - ସଂକ୍ରୀଡତି ରଥଃ । ସଂକ୍ରୀଡନ୍ତି ବିହଗାଃ ।

୬. ମିଳନାର୍ଥ ବୁଝାଇଲେ ସମ୍ ପୂର୍ବକ ଗମ୍ ଧାତୁର ଆତ୍ମନେପଦୀରୂପେ ବ୍ୟବହାର ପରିଦୃଷ୍ଟ ହୁଏ *(ସମୋଗମ୍ୟୃଚ୍ଛିଭ୍ୟାମ୍ - ପା. ୧.୩.୨୯)* । *ଏତେ ଭଗବତ୍ୟୌ କଳିନ୍ଦକନ୍ୟାମନ୍ଦାକିନ୍ୟୌ ସଂଗଚ୍ଛେତେ* । କିନ୍ତୁ ସକର୍ମକ ରୂପେ ବ୍ୟବହୃତ ହେଲେ ପରସ୍ମୈପଦୀ ହୁଏ । ଯଥା-

ସଂଗଚ୍ଛତି ମିତ୍ରମ୍ - ବନ୍ଧୁ ସହ ମିଳିତ ହେଉଛି ।

୭. ସମ୍ ଉପସର୍ଗ ପୂର୍ବକ ଋଚ୍ଛଧାତୁ (ଋଚ୍ଛ) ବ୍ୟବହୃତ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା- ସମୃଚ୍ଛତେ ।

୮. ଉତ୍ ଉପସର୍ଗପୂର୍ବକ ଚର୍ ଧାତୁ ସକର୍ମକ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା - ଗୁରୁବଚନମ୍ ଉଚ୍ଚରତେ ଗୁରୁଙ୍କ କଥାକୁ ଉଚ୍ଚାରଣ କରୁଛି ।

୯. ଯାନେନ ସଞ୍ଚରତେ, ଅଶ୍ୱେନ ସଞ୍ଚରତେ ପ୍ରଭୃତି ପ୍ରୟୋଗ କ୍ଷେତ୍ରରେ ତୃତୀୟାବିଭକ୍ତ୍ୟନ୍ତ ପଦଯୋଗରେ ସମ୍ ପୂର୍ବକ ଚର୍ ଧାତୁର ଆତ୍ମନେପଦୀ ରୂପେ ବ୍ୟବହାର ହୋଇଛି ।

୧୦. ବି ଏବଂ ପରା ଉପସର୍ଗ ପୂର୍ବକ ଜିଧାତୁ ଆତ୍ମନେପଦୀ ହୁଏ । ଯଥା -

ବିଜୟତେ / ପରାଜୟତେ ଶତ୍ରୁନ୍ ।

୧୧. ଅକର୍ମକ କିମ୍ବା ସ୍ୱାଙ୍ଗକର୍ମକ ତପ୍ ଧାତୁ ଉତ୍ ଏବଂ ବି ଉପସର୍ଗ ଯୁକ୍ତ ହୋଇ ପ୍ରଯୁକ୍ତ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା -

ଉତ୍ତପତେ / ବିତପତେ ରବିଃ - ସୂର୍ଯ୍ୟ ଦେଦୀପ୍ୟମାନ ହେଉଛନ୍ତି ।

ଉତ୍ତପତେ ପାଣିମ୍ - ସେ ହାତ ସେକୁଛି ।

କିନ୍ତୁ ସ୍ୱାଙ୍ଗ କର୍ମକ ନହେଲେ ପରସ୍ମୈପଦୀ ହୁଏ । ଯଥା -

ବିତପତି ଭୂତଂ ସବିତା - ସୂର୍ଯ୍ୟ ପୃଥିବୀକୁ ବିଶେଷ ଭାବରେ ଉତ୍ତପ୍ତ କରୁଛନ୍ତି ।

୧୨. ଅପନୟନ ଅର୍ଥବୁଝାଇଲେ 'ବି'ଉପସର୍ଗପୂର୍ବକ ନୀ ଧାତୁର ଆତ୍ମନେପଦୀ ହୁଏ । ଯଥା - କ୍ରୋଧଂ ବିନୟତେ - କ୍ରୋଧ ଶମନ କରୁଛି ।

କିନ୍ତୁ କର୍ତ୍ତୃଗତ ଅପନୟନ ନ ହୋଇଥିଲେ ପରସ୍ମୈପଦୀ ହୁଏ । ଯଥା -

ଗୁରୋଃ କ୍ରୋଧଂ ବିନୟତି - ଗୁରୁଙ୍କର କ୍ରୋଧ ଶାନ୍ତି କରୁଛି ।

୧୩. ଆ-ଉପସର୍ଗ ପୂର୍ବକ ଯମ୍ ଧାତୁ ଅକର୍ମକ ହୋଇଥିଲେ ଆତ୍ମନେପଦୀ ହୋଇଥାଏ । ଯଥା -

ହସ୍ତମ୍ ଆଯଚ୍ଛତେ-ହାତଲମ୍ବାଉଛି । କିନ୍ତୁ ସକର୍ମକ କ୍ଷେତ୍ରରେ ଆତ୍ମନେପଦୀ ହୁଏ ନାହିଁ । ଯଥା - ଆଯଚ୍ଛତି କୂପାତ୍ ରଜ୍ଜୁମ୍ - କୂଅରୁ ଦଉଡ଼ି ଟାଣୁଛି । ସ୍ୱାଙ୍ଗ କର୍ମକ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା -

ଆଯଚ୍ଛତେ ପାଦମାତ୍ମୀୟମ୍ - ନିଜପାଦ ଲମ୍ବାଉଛି ।

୧୪. ବିବାହ ଅର୍ଥରେ ଉପ+ଯମ୍ ସର୍ବଦା ଆତ୍ମନେପଦୀ ହୁଏ । ଯଥା -

ମେନାଂ ବିଧିନା ଉପଯେମେ - ବିଧି ଅନୁସାରେ ମେନାଙ୍କୁ ବିବାହ କଲେ । ସୁଲକ୍ଷଣାଂ କନ୍ୟା ମୁପଯଚ୍ଛତେ - ସୁନ୍ଦର ଲକ୍ଷଣଯୁକ୍ତ କନ୍ୟାକୁ ବିବାହ କରୁଛି ।

୧୫. ବି, ଆ, ଏବଂ ପରିପୂର୍ବକ ରମ୍ ଧାତୁ ପରସ୍ମୈପଦୀ ହେଲାବେଳେ ଉପପୂର୍ବକ ରମ୍ ଧାତୁର ବିକଳ୍ପରେ ପରସ୍ମୈପଦୀ ହୁଏ । ଯଥା -

ବିରମତି ବିଷୟେଭ୍ୟଃ ଯୋଗୀ - ଯୋଗୀ ଉପଭୋଗରୁ ବିରତ ହୁଏ । ଆରମତି ଉଦ୍ୟାନେ - ଉଦ୍ୟାନରେ କ୍ରୀଡ଼ା/ଆନନ୍ଦ କରୁଛନ୍ତି । କିନ୍ତୁ ଉପରମତେ ଚିରମ୍ ନାତ୍ର ଶୀତା ଇତ୍ୟାଦୀଂଷ୍ଟ ।

୧୬. ମତଭେଦ ବା କଳହାର୍ଥରେ ବିପୂର୍ବକ ବଦ୍ଧାତୁ ଆତ୍ମନେପଦୀ ହୁଏ । ଯଥା - ତତ୍ତ୍ୱେ ବିବଦନ୍ତେ ମୁନୟଃ - ମୁନିମାନେ ତତ୍ତ୍ୱବିଷୟରେ ଏକମତ ନୁହନ୍ତି ।

୧୭. ସମ୍ ଏବ ପ୍ର ଉପସର୍ଗପୂର୍ବକ ବଦ୍ ଧାତୁ ମନୁଷ୍ୟମାନଙ୍କର ମିଳିତ ସ୍ପଷ୍ଟ ଶବ୍ଦୋଚ୍ଚାରଣ ଅର୍ଥରେ ଆତ୍ମନେପଦୀ ହୁଏ । ଯଥା -

ସମ୍ପ୍ରବଦନ୍ତେ ବିପ୍ରାଃ - ଏକାଠି ହୋଇ ବିପ୍ରମାନେ ମନ୍ତ୍ର ଉଚ୍ଚାରଣ କରୁଛନ୍ତି ।

୧୮. ଅନୁ ଉପସର୍ଗପୂର୍ବକ ବଦ୍ ଧାତୁ ଅକର୍ମକ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା -

ଗୁରୋରନୁବଦତେ ଶିଷ୍ୟଃ - ଶିଷ୍ୟ ଗୁରୁଙ୍କ କଥାକୁ ଉଚ୍ଚାରଣ କରୁଛି ।

୧୯. ନିନ୍ଦା ବା ତିରସ୍କାର ଅର୍ଥରେ ଅପ ଉପସର୍ଗପୂର୍ବକ ବଦ୍ ଧାତୁ ଆତ୍ମନେପଦୀ ହୁଏ । ଯଥା - ନ୍ୟାୟମପବଦତେ - ନିର୍ଣ୍ଣୟକୁ ନିନ୍ଦା କରୁଛି ।

୨୦. ସନ୍ଦେହାସ୍ପଦ ବିଷୟରେ ନିର୍ଣ୍ଣୟ ପାଇଁ ଅନ୍ୟର ପରାମର୍ଶ ନେବା ଅର୍ଥରେ ଉପପୂର୍ବକ ସ୍ଥା ଧାତୁ ଆତ୍ମନେପଦୀ ହୁଏ । ଯଥା -

ସଂଶଯ୍ୟ କର୍ଣ୍ଣାଦିଷୁ ତିଷ୍ଠତେ ଯଃ - କର୍ଣ୍ଣାଦିଙ୍କର ପରାମର୍ଶକୁ ସୁଯୋଧନ ସନ୍ଦିଗ୍ଧାର୍ଥରେ ନିର୍ଣ୍ଣୟ କରିବା ପାଇଁ ଅପେକ୍ଷା କରେ ।

୨୧. ଦେବପୂଜା, ମିଳନ, ସଙ୍ଗତିକରଣ ଏବଂ ମାର୍ଗଗମନ ଅର୍ଥରେ ଉପ ପୂର୍ବକ ସ୍ଥା ଧାତୁ ଆତ୍ମନେପଦୀ ହୁଏ । ଯଥା -

ବିଷ୍ଣୁମୁପତିଷ୍ଠତେ - ବିଷ୍ଣୁଙ୍କୁ ପୂଜା କରୁଛି । ଯମୁନାମୁପତିଷ୍ଠତେ ଗଙ୍ଗା - ଗଙ୍ଗା ଯମୁନା ସହ ମିଳିତ ହୋଇଛି । ସାଧୁମୁପତିଷ୍ଠତେ ସାଧୁଃ - ସାଧୁ ସହ ସାଧୁ ବନ୍ଧୁତା ବାନ୍ଧେ । ଅୟଂ ପନ୍ଥାଃ କାଶୀମୁପତିଷ୍ଠତେ - ଏହି ରାସ୍ତା କାଶୀକୁ ଯାଇଛି ।

୨୨. ପୂଜା ଅର୍ଥରେ ଉପ-ପୂର୍ବକ ସ୍ଥା ଧାତୁର ମଧ୍ୟ ଆତ୍ମନେପଦୀ ହୁଏ । ଯଥା -

ଗାୟତ୍ର୍ୟା ସୂର୍ଯ୍ୟମୁପତିଷ୍ଠତେ - ଗାୟତ୍ରୀ ମନ୍ତ୍ରଦ୍ୱାରା ସୂର୍ଯ୍ୟଙ୍କର ପୂଜା କରୁଛି ।

୨୩. ଧନଲିପ୍ସାର୍ଥରେ ବିକଳ୍ପରେ ଉପ ଉପସର୍ଗପୂର୍ବକ ସ୍ଥା ଧାତୁର ଆତ୍ମନେପଦୀ ହୁଏ । ଯଥା -

ଭିକ୍ଷୁଃ ଧନିନମୁପତିଷ୍ଠତେ / ଉପତିଷ୍ଠତି ବା - ଭିକ୍ଷୁକ ଧନିକ ଦୁଆରେ ଧନଲାଭ ଆଶାରେ ବସିରହିଛି ।

୨୪. ଅକର୍ମକ ଅର୍ଥରେ ଉପ ଉପସର୍ଗପୂର୍ବକ ସ୍ଥା ଧାତୁର ଆତ୍ମନେପଦୀ ହୁଏ । ଯଥା - ଭୋଜନବେଳା ଉପତିଷ୍ଠତେ - ଖାଇବା ସମୟ ହେଲା ବା ହୋଇଛି ।

୨୫. ସ୍ପର୍ଦ୍ଧା ବା ଯୁଦ୍ଧ ଅର୍ଥରେ ମଧ୍ୟ ଆ ଉପସର୍ଗପୂର୍ବକ ହ୍ୱେ ଧାତୁର ଆତ୍ମନେପଦୀ ହୁଏ । ଯଥା -

କୃଷ୍ଣଃ କଂସମାହ୍ୱୟତେ - ଯୁଦ୍ଧପାଇଁ କୃଷ୍ଣ କଂସକୁ ଆହ୍ୱାନ କରୁଛନ୍ତି ।

୨୬. ସ୍ୱାଙ୍ଗ କର୍ମ ଅର୍ଥରେ ଆ ଉପସର୍ଗକ ପୂର୍ବକ ହନ୍ ଧାତୁର ଆତ୍ମନେପଦୀ ହୁଏ । ଯଥା - ଆହତେ ସ୍ୱଂ ଶିରଃ - ନିଜ ମୁଣ୍ଡକୁ ବାଡାଉଛି ।

କିନ୍ତୁ ସ୍ୱାଙ୍ଗ କର୍ମ ହୋଇ ନ ଥିଲେ ପରସ୍ମୈପଦୀ ହୁଏ । ଯଥା -

ଆହନ୍ତି ଚୋରମ୍ - ଚୋରକୁ ପିଟୁଛନ୍ତି ।

୨୭. ଚିହ୍ନିବା ଅର୍ଥରେ ସମ୍ ଉପସର୍ଗ ପୂର୍ବକ ବିଦ୍ ଧାତୁ ଆତ୍ମନେପଦୀ ହୁଏ । ଯଥା - ପିତରୌ ଅପି ମାଂ ନ ପ୍ରତିସଂବିଦାତେ - ପିତାମାତା ମଧ୍ୟ ମୋତେ ଚିହ୍ନିପାରୁ ନାହାନ୍ତି ।

୨୮. ଆ ଉପସର୍ଗ ପୂର୍ବକ ଦା ଧାତୁ ଆତ୍ମନେପଦୀ ହୁଏ । ଯଥା - ବିଦ୍ୟାମାଦତ୍ତେ - ବିଦ୍ୟା ଗ୍ରହଣ କରୁଛି । କିନ୍ତୁ ବିସ୍ତାର ଅର୍ଥରେ ଏହା ପରସ୍ମୈପଦୀ ହୁଏ । ଯଥା - ମୁଖଂ ବ୍ୟାଦଦାତି ସିଂହଃ - ସିଂହ ପାଟି ମେଲାକରୁଛି ।

୨୯. ସମ୍ ଉପସର୍ଗ ପୂର୍ବକ ଶ୍ରୁ ଧାତୁ ଆତ୍ମନେପଦୀ ହୁଏ । ଯଥା -

ହିତାନ୍ନ ଯଃ ସଂଶୃଣୁତେ ସ କିଂ ପ୍ରଭୁଃ - ଯେ ହିତକଥା ନ ଶୁଣେ ସେ ମନ୍ଦ ପ୍ରଭୁ ।

୩୦. ଆହାର ଅନ୍ୱେଷଣ, ଅଥବା ବିଶ୍ରାମ ଉଦ୍ଦେଶ୍ୟରେ, ଭୂବିଲେଖନ ଅର୍ଥରେ ଚତୁଷ୍ପଦ ପ୍ରାଣୀ ଅଥବା ପକ୍ଷୀ କର୍ତ୍ତୃକ କୃ ଧାତୁ ଅପ ଉପସର୍ଗପୂର୍ବକ

ବ୍ୟବହୃତ ହୋଇଥିଲେ ଆତ୍ମନେପଦୀ ହୁଏ । ଯଥା -

ଅପସ୍କିରତେ ବୃଷଭଃ - ଷଣ୍ଢ ମାଟି ଖୋଳି କରୁଛି । ଅପସ୍କିରତେ ସାରମେୟଃ - କୁକୁର ମାଟିଖୋଳି ଶୋଇଛି ।

କିନ୍ତୁ ଅନ୍ୟ ଅର୍ଥରେ ଆତ୍ମନେପଦୀ ନ ହୋଇ ପରସ୍ମୈପଦୀ ହୁଏ । ଯଥା - ଅପକିରତି କୁସୁମମ୍ - ଫୁଲ ବିଛୁଛି ।

୩୧. ପ୍ରତିଜ୍ଞା ଅର୍ଥରେ ସମ୍ ପୂର୍ବକ ଗୃ ଧାତୁର ଆତ୍ମନେପଦୀ ହୁଏ । ଯଥା - ସଙ୍ଗିରତେ - ପ୍ରତିଜ୍ଞା କରୁଛି ।

୩୨. ବିଦାୟ ନେବା ଅର୍ଥରେ ପ୍ରଚ୍ଛ ଧାତୁ ଆତ୍ମନେପଦୀ ହୁଏ । ଯଥା - ଆପୃଚ୍ଛସ୍ୱ ପ୍ରିୟସଖମମୁମ୍ - ତୁମର ଏହି ପ୍ରିୟବନ୍ଧୁଙ୍କୁ ବିଦାୟ ଦିଅ ।

୩୩. ପାଳନ ଭିନ୍ନାର୍ଥରେ ଭୁଜ୍ ଆତ୍ମନେପଦୀ ହୁଏ । ଯଥା - ଓଦନଂ ଭୁଙ୍କ୍ତେ - ସେ ଭାତ ଖାଇଛି । କିନ୍ତୁ

ଭୁନକ୍ତି ସ୍ୱ ରାଜ୍ୟମ୍ - ନିଜରାଜ୍ୟ ପାଳନ କରୁଛି ।

୩୪. ସ୍ୱରାଦି ଓ ସ୍ୱରାନ୍ତ ଉପସର୍ଗପୂର୍ବକ ଯୁଜ୍ ଧାତୁ ଆତ୍ମନେପଦୀ ହୋଇଥାଏ । ଯଥା - ଉଦଯୁଙ୍କ୍ତେ, ପ୍ରଯୁଙ୍କ୍ତେ, ନିଯୁଙ୍କ୍ତେ, ଅନୁଯୁଙ୍କ୍ତେ, ଉପଯୁଙ୍କ୍ତେ । କିନ୍ତୁ ଯଜ୍ଞପାତ୍ର କର୍ମ ହୋଇଥିଲେ ଆତ୍ମନେପଦୀ ହୁଏ ନାହିଁ । ଯଥା - ସ୍ରୁଚଂ ପ୍ରଯୁନକ୍ତି - ସ୍ରୁଚର ପ୍ରୟୋଗ କରୁଛି ।

୩୫. ଅପଳାପ ଅର୍ଥରେ ଅପ ପୂର୍ବକ ଜ୍ଞା ଧାତୁର ଆତ୍ମନେପଦୀ ହୁଏ । ଯଥା - ଉକ୍ତମପଜାନୀତେ - କହିଥିବା କଥାକୁ ମାନୁନାହିଁ ।

୩୬. ଣିଜନ୍ତାବସ୍ଥାରେ ପ୍ରାୟଃ ସମସ୍ତ ଧାତୁ ପରସ୍ମୈପଦୀ ରୂପେ ପ୍ରଯୁକ୍ତ ହୁଅନ୍ତି । ଜ୍ଞା, ଶ୍ରୁ, ସ୍ମୃ ଏବଂ ଦୃଶ୍ ଧାତୁ ସନନ୍ତ ଅବସ୍ଥାରେ ଆତ୍ମନେପଦୀ ହୋଇଥାନ୍ତି । ଯଥା -

ଧର୍ମଂ ଜିଜ୍ଞାସତେ - ଧର୍ମ ବିଷୟରେ ଜାଣିବା ପାଇଁ ଇଚ୍ଛୁଛି । ଗୁରୁଂ ଶୁଶ୍ରୂଷତେ - ଗୁରୁଙ୍କ କଥା ବାରମ୍ବାର ଶୁଣୁଛି । ନଷ୍ଟଂ ସୁସ୍ମୂର୍ଷତେ - ହଜିଯାଇଥିବା

ବସ୍ତୁକୁ ବାରମ୍ବାର ଇଚ୍ଛାକରୁଛି / ମନେପକାଉଛି । ଚନ୍ଦ୍ରଂ ଦିଦୃକ୍ଷତେ - ଚନ୍ଦ୍ରଙ୍କୁ ବାରମ୍ବାର ଦେଖୁଛି ।

୩୭. କର୍ମବାଚ୍ୟ ଓ ଭାବବାଚ୍ୟରେ କ୍ରିୟା ସର୍ବଦା ଆତ୍ମନେପଦୀ ହୋଇଥାଏ । ଯଥା -

ତେନ ଗ୍ରାମଃ ଗମ୍ୟତେ (କର୍ମବାଚ୍ୟ) । ହରିଣା ଶଯ୍ୟତେ (ଭାବବାଚ୍ୟ) ।

## ଅନୁଶୀଳନୀ

୧. ସଂଶୋଧନଂ କୁରୁତ -

କ) ଶିଷ୍ୟାଃ ଶୁଶ୍ରୂଷତି ଗୁରୁମ୍ ।

ଖ) ଆସନାତ୍ ଉତ୍ତିଷ୍ଠତେ ହରିଃ ଗୁରୁଂ ଦୃଷ୍ଟ୍ୱା ।

ଗ) ଅଙ୍ଗଂ ପକ୍ଷଃ ପୁରାତ୍ପ୍ରତିଷ୍ଠତି ।

ଘ) ମୁଖଂ ବ୍ୟାଦଦାତି ବ୍ୟାଘ୍ରଃ ।

ଙ) ମୟୂରାଃ ଭୂମିମ୍ ଅପସ୍କିରତି ।

ଚ) ଶିକ୍ଷକମନୁକୁରୁତେ ଛାତ୍ରଃ ।

ଛ) କଟକଂ ନିକଷା ମହାନଦୀ ପ୍ରବହତେ ।

ଜ) ଶବ୍ଦଂ ନିତ୍ୟମାତିଷ୍ଠତି ଶାବ୍ଦିକାଃ ।

ଝ) ଗୁରୁବଚନଂ ନୋଚ୍ଚରତି ଛାତ୍ରଃ ।

ଞ) ତର୍କେ ବିବଦନ୍ତି ମୁନୟଃ ।

***

# ୧୫ - କୃଦନ୍ତ ପ୍ରକରଣ

ଧାତୁର ଉତ୍ତର ପ୍ରଯୁକ୍ତ ହେଉଥିବା *(ଧାତୋଃ -ପା. ୩.୧.୯୧)* ତିଙ୍ ଭିନ୍ନ ପ୍ରତ୍ୟୟକୁ କୃତ୍ କୁହାଯାଏ *(କୃଦତିଙ୍ -ପା.୩.୧.୬୩ )* । କୃତ୍ ପ୍ରତ୍ୟୟାନ୍ତ ଶବ୍ଦକୁ କୃଦନ୍ତ ପଦ କୁହାଯାଏ । କୃଦନ୍ତ ପଦ ପ୍ରାତିପଦିକ ସଂଜ୍ଞକ । *(କୃତ୍ତଦ୍ଧିତସମାସାଶ୍ଚ - ପା. ୧.୨.୪୬)* । ଯଥା -

ଗମ୍ + ଲ୍ୟୁଟ୍ = ଗମନମ୍ । ଏଠାରେ ଗମ୍ 'ଧାତୁ', ଲ୍ୟୁଟ୍ 'କୃତ୍' ପ୍ରତ୍ୟୟ ଓ ଗମନମ୍ କୃଦନ୍ତ ପଦ ।

ଣମୁଲ୍ (ଅମ୍), କ୍ତ୍ୱା (ତ୍ୱା) ପ୍ରଭୃତି କୃତ୍ ପ୍ରତ୍ୟୟ ଯୋଗରେ ନିଷ୍ପନ୍ନ ପଦ ଅବ୍ୟୟ ସଂଜ୍ଞକ । *( କୃନ୍ମେଜନ୍ତଃ -ପା. ୧.୧.୩୯)* ଯଥା -

ସ୍ମାରଂ ସ୍ମାରମ୍ (ସ୍ମୃ + ଣମୁଲ୍) । ସ୍ମୃତ୍ୱା ସ୍ମୃତ୍ୱା (ସ୍ମୃ +କ୍ତ୍ୱା) । ଗନ୍ତୁମ୍ (ଗମ୍+ତୁମୁନ୍) ।

ବିଭିନ୍ନ କାରକ ଓ ଭାବ ଅର୍ଥରେ ଧାତୁରୁ କୃତ୍ ପ୍ରତ୍ୟୟ ହୋଇଥାଏ । ଯଥା -

କର୍ତ୍ତା ଅର୍ଥରେ ଧାତୁରୁ କୃତ୍ - କାରକଃ (କୃ + ଣ୍ୱୁଲ୍ - ଅକ) ।
କର୍ତ୍ତା (କୃ+ତୃଚ୍), କରୋତି ଇତି ।

କର୍ମ ଅର୍ଥରେ - କର୍ତ୍ତବ୍ୟମ୍ (କୃ+ତବ୍ୟ) - କର୍ତ୍ତୁଂ ଯୋଗ୍ୟମ୍ ।

କରଣ ଅର୍ଥରେ - ଶ୍ରବଣମ୍ (ଶ୍ରୁ+ଲ୍ୟୁଟ୍ - ଅନ),ଶ୍ରୂୟତେ ଅନେନ ।

ସମ୍ପ୍ରଦାନ ଅର୍ଥରେ - ଦାନୀୟଃ (ବିପ୍ରଃ)-(ଦା+ଅନୀୟର୍) -
ଦୀୟତେ ଅସ୍ମୈ ।

ଅପାଦାନ ଅର୍ଥରେ-ଭୀମଃ (ଭୀ+ମକ-ମ)-ଭୀୟତେ ଯସ୍ମାତ୍ ।

ଅଧିକରଣ ଅର୍ଥରେ ଧାତୁରୁ କୃତ୍ - ଆସନମ୍ (ଆସ୍ + ଲ୍ୟୁଟ୍ - ଅନ)- ଆସ୍ୟତେ ଅସ୍ମିନ୍ ।

ଭାବ ଅର୍ଥରେ ଧାତୁରୁ କୃତ୍ - ପଠନମ୍ (ପଠ୍ + ଲ୍ୟୁଟ୍ - ଅନ) - ପଠ୍ୟତେ ଇତି ।

କୃତ୍ ପ୍ରତ୍ୟୟ ସାଧାରଣତଃ ଦୁଇଭାଗରେ ବିଭକ୍ତ - କୃତ୍ୟ ଓ କୃତ୍ । କୃତ୍ୟ ପ୍ରତ୍ୟୟ ତବ୍ୟ, ଅନୀୟର୍, ଯ (ଣ୍ୟତ୍, ଯତ୍, କ୍ୟପ୍) । ଏତଦ୍ ଭିନ୍ନ ଶତୃ, ଶାନଚ୍ ପ୍ରଭୃତି ହେଉଛନ୍ତି କୃତ୍ ପ୍ରତ୍ୟୟ ।

## (କ) କୃତ୍ୟ ପ୍ରତ୍ୟୟ

**କ.କ. (ତବ୍ୟ, ଅନୀୟର୍ / ଅନୀୟ)**

୧. ଧାତୁପରେ ତବ୍ୟ, ଅନୀୟର୍, (ଅନୀୟ) ପ୍ରଭୃତି କୃତ୍ୟ-ସଂଜ୍ଞକ ପ୍ରତ୍ୟୟ ଗୁଡିକ 'କୃତ୍'ର ଅନ୍ତର୍ଗତ । ଏହି ପ୍ରତ୍ୟୟାନ୍ତ ପଦ ବିଶେଷଣ ଓ ସମାପିକା କ୍ରିୟା ରୂପେ ବାକ୍ୟରେ ବ୍ୟବହୃତ ହୁଏ । ଏହି ପ୍ରତ୍ୟୟ ଭବିଷ୍ୟତ୍କାଳ, ଯୋଗ୍ୟତା, ଔଚିତ୍ୟ ଏବଂ ସାମର୍ଥ୍ୟ ଅର୍ଥରେ ବ୍ୟବହୃତ ହୋଇଥାଏ ।

୨. ସାଧାରଣତଃ ଅକର୍ମକ ଧାତୁରୁ ଭାବରେ ଓ ସକର୍ମକ ଧାତୁରୁ କର୍ମରେ କୃତ୍ୟ ପ୍ରତ୍ୟୟ ହୁଏ । ଯଥା -

ଆସ୍ + ତବ୍ୟ = ଆସିତବ୍ୟମ୍ । ଶୀଙ୍ + ତବ୍ୟ = ଶୟିତବ୍ୟମ୍ ।

ଶୀଙ୍ + ଅନୀୟର୍ = ଶୟନୀୟମ୍ । କୃ + ତବ୍ୟ = କର୍ତ୍ତବ୍ୟମ୍ ।

କୃ + ଅନୀୟର୍ (ଅନୀୟ) = କରଣୀୟମ୍ । ନୀ + ଯତ୍ = ନେୟମ୍ ।

ଶକ୍ + ଯତ୍ = ଶକ୍ୟମ୍ । କୃ + ଣ୍ୟତ୍ = କାର୍ଯ୍ୟମ୍ ।

ସ୍ତୁ + କ୍ୟପ୍ = ସ୍ତୁତ୍ୟମ୍ । ବିଦ୍ + କ୍ୟପ୍ + ଟାପ୍ (ସ୍ତ୍ରୀ ଲିଙ୍ଗେ) = ବିଦ୍ୟା ।

୩. କୃତ୍ୟ ପ୍ରତ୍ୟୟ ଅନ୍ୟ କାରକରେ ମଧ୍ୟ ହୁଏ *(କୃତ୍ୟଲ୍ୟୁଟୋ ବହୁଳମ୍ - ପା.୩.୩.୧୧୩ )* । ଯଥା - କରଣ କାରକରେ କୃତ୍ୟ -

କ୍ରୀଡ଼ତି ଅନେନ ଇତି କ୍ରୀଡନୀୟମ୍ (କ୍ରୀଡ୍ + ଅନୀୟର୍) । ସ୍ନାତି ଅନେନ ଇତି ସ୍ନାନୀୟମ୍ (ସ୍ନା + ଅନୀୟର୍) ।

ସମ୍ପ୍ରଦାନ କାରକରେ - ଦୀୟତେ ଅସ୍ମୈ ଇତି ଦାନୀୟଃ (ଦା + ଅନୀୟର୍) ।

ଅଧିକରଣ କାରକରେ - ଶେରତେ ଅସ୍ମିନ୍ ଇତି ଶୟନୀୟମ୍ (ଶୀଙ୍ + ଅନୀୟର୍) । ଶେରତେ ଅସ୍ୟାମ୍ ଇତି ଶଯ୍ୟା । (ଶୀ + କ୍ୟପ୍ + ଟାପ୍ (ସ୍ତ୍ରୀ ଲିଙ୍ଗେ) ।

୪. 'ପାରିବା' ଅର୍ଥରେ ଧାତୁରୁ କୃତ୍ୟ ପ୍ରତ୍ୟୟ ହୁଏ । *(ଶକିଲିଙ୍ ଚ - ପା. ୩.୩.୧୭୨)* । ଯଥା -

ତ୍ୱୟା ଅୟଂ ଭାରଃ ବୋଢ଼ବ୍ୟଃ, ବହନୀୟଃ, ବାହ୍ୟଃ ବା ତ୍ୱମ୍ ଇମଂ ଭାରଂ ବହେଃ ।

୫. 'ଯୋଗ୍ୟ' ଅର୍ଥରେ ଧାତୁରୁ କୃତ୍ୟ ପ୍ରତ୍ୟୟ ହୁଏ । *(ଅର୍ହେକୃତ୍ୟତୃଚଶ୍ଚ - ପା.୩.୩.୧୬୯)* । ଯଥା -

ଅୟଂ ଭାରଃ ତ୍ୱୟା ବୋଢ଼ବ୍ୟଃ, ବହନୀୟଃ, ବାହ୍ୟଃ ବା ତ୍ୱମ୍ ଇମଂ ଭାରଂ ବହେଃ (ତୁମେ ଏହି ଭାର ବହନ କରିବା ପାଇଁ ଯୋଗ୍ୟ) ବୋଢ଼ୁଂ ସମର୍ଥଃ ।

୬. ଅବଶ୍ୟ ଓ ଆଧମର୍ଣ୍ଣ୍ୟ ଅର୍ଥରେ ଧାତୁରୁ କୃତ୍ୟ ପ୍ରତ୍ୟୟ ହୁଏ ।*( କୃତ୍ୟାଶ୍ଚ -ପା. ୩.୩.୧୭୧)* । ଯଥା -

ସେବ୍ + ଅନୀୟର୍ (ଅନୀୟ) = ସେବନୀୟ । ସେବ୍ + ତବ୍ୟ = ସେବିତବ୍ୟ । ଶିଷ୍ୟୈଃ ଗୁରୁଃ ଅବଶ୍ୟଂ ସେବିତବ୍ୟଃ / ସେବନୀୟଃ / ସେବନୀୟମ୍ ବା । ତ୍ୱୟା ଧନଂ ଦାତବ୍ୟଂ ଦେୟଂ ବା ।

**କୃତ୍ୟପ୍ରତ୍ୟୟାନ୍ତ ଶବ୍ଦର ରୂପ**

ପୁଂଲିଙ୍ଗରେ 'ବାଳକ' ଶବ୍ଦପରି, ସ୍ତ୍ରୀଲିଙ୍ଗରେ 'ଲତା' ଶବ୍ଦପରି ଏବଂ କ୍ଲୀବଲିଙ୍ଗରେ 'ଫଳ' ଶବ୍ଦପରି କୃତ୍ୟପ୍ରତ୍ୟୟାନ୍ତ ଶବ୍ଦର ରୂପ ହୁଏ ।

ଯଥା - ପଠ୍ + ତବ୍ୟ = ପଠିତବ୍ୟ - ପୁଂ - ପଠିତବ୍ୟଃ, ସ୍ତ୍ରୀ - ପଠିତବ୍ୟା, କ୍ଲୀ - ପଠିତବ୍ୟମ୍ । ପଠ୍ +ଅନୀୟ = ପଠନୀୟ - ପୁଂ - ପଠନୀୟଃ, ସ୍ତ୍ରୀ - ପଠନୀୟା, କ୍ଲୀ - ପଠନୀୟମ୍ ଇତ୍ୟାଦି ।

**ସମାପିକା କ୍ରିୟାରୂପେ କର୍ମବାଚ୍ୟରେ**

କୃତ୍ୟ ପ୍ରତ୍ୟୟାନ୍ତପଦ କର୍ମବାଚ୍ୟରେ ସମାପିକା-କ୍ରିୟାରୂପେ ବ୍ୟବହୃତ ହେଲେ, କର୍ତ୍ତାର ତୃତୀୟା ବା ଷଷ୍ଠୀ ବିଭକ୍ତି ଏବଂ କର୍ମର ପ୍ରଥମା ବିଭକ୍ତି ହୁଏ । ଉକ୍ତ ପ୍ରତ୍ୟୟାନ୍ତ କ୍ରିୟାପଦର ଲିଙ୍ଗ, ବଚନ ଓ ବିଭକ୍ତି କର୍ମର ଅଧୀନ ହୁଏ । ଯଥା -

ତ୍ୱୟା / ତବ ଈଶ୍ୱରଃ ସ୍ତୋତବ୍ୟଃ / ସ୍ତବନୀୟଃ / ସ୍ତୁତ୍ୟଃ । ମୟା / ମମ ଗ୍ରାମଃ ଗନ୍ତବ୍ୟଃ / ଗମନୀୟଃ / ଗମ୍ୟଃ । ଭକ୍ତୈଃ / ଭକ୍ତାନାଂ ପୁରାଣଂ ଶ୍ରୋତବ୍ୟମ୍ / ଶ୍ରାବଣୀୟମ୍ / ଶ୍ରାବ୍ୟମ୍ । ସର୍ବୈଃ / ସର୍ବେଷାଂ ଗୀତା ପଠିତବ୍ୟା / ପଠନୀୟା / ପାଠ୍ୟା ।

**ବିଶେଷଣ ରୂପେ ବାକ୍ୟରେ ପ୍ରୟୋଗ**

କୃତ୍ୟପ୍ରତ୍ୟୟାନ୍ତ ପଦର ବିଶେଷଣ ରୂପେ ବାକ୍ୟରେ ପ୍ରୟୋଗ ହୋଇଥାଏ । ଯଥା - ଅହଂ ପାଠ୍ୟଂ (ପଠନୀୟଂ) ପୁସ୍ତକଂ କ୍ରୀଣାମି । ସଃ ପାନୀୟଂ ଜଳଂ ପିବତି । ବିପ୍ରାୟ ଦାତବ୍ୟଂ ପଦାର୍ଥଂ ଅନ୍ୟସ୍ମୈ କଥଂ ଦଦାସି ?

**ଭାବବାଚ୍ୟରେ**

କର୍ତ୍ତାର ତୃତୀୟା ବା ଷଷ୍ଠୀ ବିଭକ୍ତି ହୁଏ । କୃତ୍ୟ - ପ୍ରତ୍ୟୟାନ୍ତ କ୍ରିୟାପଦ କ୍ଲୀବଲିଙ୍ଗ ପ୍ରଥମାବିଭକ୍ତି ଏକବଚନାନ୍ତ ହୋଇ ରହେ । ଯଥା -

ଶିଶୁନା / ଶିଶୋଃ ହସିତବ୍ୟମ୍ / ହସନୀୟମ୍ / ହାସ୍ୟମ୍ । ବାଳକୈଃ / ବାଳକାନାଂ କ୍ରୀଡ଼ିତବ୍ୟମ୍ / କ୍ରୀଡନୀୟମ୍ ।

**କ.ଖ. ଣ୍ୟତ୍ ପ୍ରତ୍ୟୟ**

୧. କେବଳ ଋକାରାନ୍ତ ଓ ବ୍ୟଞ୍ଜନାନ୍ତ ଧାତୁର ପରେ 'ଣ୍ୟତ୍' ପ୍ରତ୍ୟୟ ହୁଏ *(ଋହଲୋର୍ଣ୍ୟତ୍ -ପା. ୩.୧.୧୨୪)* । ଏହି ପ୍ରତ୍ୟୟର ଅବଶିଷ୍ଟ 'ଯ' ରହେ । ଯଥା -

କୃ+ଣ୍ୟତ୍ =କାର୍ଯ୍ୟମ୍ । ବୃଷ୍+ଣ୍ୟତ୍ = ବର୍ଷ୍ୟମ୍ (ବୃଷ୍-ସେଚନ) ଧୃ+ଣ୍ୟତ୍ =ଧାର୍ଯ୍ୟମ୍ ଇତ୍ୟାଦି । ବ୍ୟଞ୍ଜନାନ୍ତ ଧାତୁ ଯଥା - ପଠ୍ +ଣ୍ୟତ୍ = ପାଠ୍ୟ - ଇଦଂ ମେ ପାଠ୍ୟମ୍ । ସେହିପରି, ଛିଦ୍ + ଣ୍ୟତ୍ = ଛେଦ୍ୟମ୍ । ତ୍ୟଜ୍ + ଣ୍ୟତ୍ = ତ୍ୟାଜ୍ୟମ୍ । ବହ୍ + ଣ୍ୟତ୍ = ବାହ୍ୟମ୍ । ପଚ୍ + ଣ୍ୟତ୍ = ପାକ୍ୟମ୍, ବହ୍ + ଣ୍ୟତ୍ =ବାହ୍ୟମ୍ । ଭିଦ୍ + ଣ୍ୟତ୍ = ଭେଦ୍ୟମ୍ । ଭାଷ୍ + ଣ୍ୟତ୍ = ଭାଷ୍ୟମ୍ । ଭୁଜ୍ + ଣ୍ୟତ୍ = ଭୋଜ୍ୟମ୍ / ଭୋଗ୍ୟମ୍ *(ଭୋଜ୍ୟଂ ଭକ୍ଷ୍ୟେ - ପା.୭.୩.୬୯)* । ଗ୍ରହ୍ + ଣ୍ୟତ୍ = ଗ୍ରାହ୍ୟମ୍, ଦହ୍ + ଣ୍ୟତ୍ = ଦାହ୍ୟମ୍ ।

୨. ବଚ୍ ଧାତୁ ଶବ୍ଦ ସଂଜ୍ଞାପରକ ହୋଇନଥିଲେ 'ଣ୍ୟତ୍' ପ୍ରତ୍ୟୟ ହୋଇଥାଏ । ଯଥା - ବଚ୍ + ଣ୍ୟତ୍ = ବାଚ୍ୟମ୍ । ଅନ୍ୟଥା ବାକ୍ୟମ୍ ହେବ । *(ବଚୋଽଶବ୍ଦସଂଜ୍ଞାୟାମ୍ -ପା. ୭.୩.୬୭)* ।

୩. ଶକ୍ୟ ଅର୍ଥରେ 'ଣ୍ୟତ୍' ପ୍ରତ୍ୟୟ ହୋଇଥାଏ । ଯଥା - ପ୍ରଯୋକ୍ତୁଂ ଶକ୍ୟଃ - ପ୍ରଯୋଜ୍ୟଃ । ନିଯୋକ୍ତୁଂ ଶକ୍ୟୋ - ନିଯୋଜ୍ୟୋ ଭୃତ୍ୟଃ । ପ୍ର - ଯୁଜ୍ + ଣ୍ୟତ୍ = ପ୍ରଯୋଜ୍ୟମ୍ । ନି - ଯୁଜ୍ + ଣ୍ୟତ୍ = ନିଯୋଜ୍ୟମ୍ *( ପ୍ରଯୋଜ୍ୟ -ନିନିଯୋଜ୍ୟୌ ଶକ୍ୟାର୍ଥେ -ପା.୭.୩.୬୮)* ।

୪. ଆଙ୍ ପୂର୍ବକ ସୁ, ଯୁ, ବପ୍, ରପ୍, ତ୍ରପ୍, ଓ ଚମ୍ ଧାତୁରୁ 'ଣ୍ୟତ୍' ପ୍ରତ୍ୟୟ ହୁଏ *(ଆସୁଯୁବପିରପିତ୍ରପିଚମଶ୍ଚ-ପା.୩.୧.୧୨୬)* / ଯଥା -

ଆ-ସୁ+ଣ୍ୟତ୍ = ଆସାବ୍ୟମ୍ । ଆ-ବପ୍+ ଣ୍ୟତ୍ = ଆବାପ୍ୟମ୍ । ଆ-ଚମ୍ + ଣ୍ୟତ୍ = ଆଚାମ୍ୟମ୍ ।

୫. ଅବଶ୍ୟମ୍ଭାବୀ ଅର୍ଥ ପ୍ରକାଶ କଲେ ଉବର୍ଣ୍ଣାନ୍ତ ଧାତୁରୁ 'ଣ୍ୟତ୍' ପ୍ରତ୍ୟୟ ହୋଇଥାଏ *(ଓରାବଶ୍ୟକେ - ପା.୩.୧.୧୨୫)* । ଯଥା -

ଲୂଞ୍ (ଛେଦନେ) + ଣ୍ୟତ୍ = ଲାବ୍ୟମ୍ । ପୂଞ୍ (ପାବନେ) + ଣ୍ୟତ୍ = ପାବ୍ୟମ୍ ।

**କ.ଗ. ଯତ୍ ପ୍ରତ୍ୟୟ**

୧. ସ୍ୱରବର୍ଣ୍ଣାନ୍ତ ଧାତୁର ପରେ ଯତ୍ ପ୍ରତ୍ୟୟ ହୁଏ । *(ଅଚୋ ଯତ୍ - ପା.୩.୩.୯୭)* । ଯଥା - ଚି+ଯତ୍ =ଚେୟମ୍, ଜି-ଜେୟମ୍, ନୀ-ନେୟମ୍, ଶ୍ରୁ-ଶ୍ରବ୍ୟମ୍ ।

୨. ଯତ୍ ପ୍ରତ୍ୟୟ ପରେ ଥିଲେ ଧାତୁର ଅନ୍ତସ୍ଥିତ ଆକାର ସ୍ଥାନରେ ଏକାର ହୁଏ *(ଈଦ୍ୟତି -ପା. ୬.୪.୬୫)* । ଯଥା - ଦା + ଯତ୍ = ଦେୟମ୍, ପା - ପେୟମ୍, ମା - ମେୟମ୍ । ଗ୍ଲୈ (ଗ୍ଲା) - ଗ୍ଲେୟମ୍, ଧେ (ଧା) - ଧେୟମ୍ ।

୩. ଉପଧାରେ ଥିବା 'ଅ'କାର 'ପ'ବର୍ଗାନ୍ତ ଧାତୁରୁ ଯତ୍ ପ୍ରତ୍ୟୟ ହୋଇଥାଏ *(ଅଲୋଽନ୍ତ୍ୟାତ୍ପୂର୍ବ ଉପଧା -ପା.୧.୧.୬୫ ଏବଂ ପୋରଦୁପଧାତ୍ -ପା.୩.୧.୯୮)* । ଯଥା - ଶପ୍ + ଯତ୍ = ଶପ୍ୟମ୍, ଲଭ୍ + ଯତ୍ = ଲଭ୍ୟମ୍ ।

୪. ଶକ୍ ଓ ସହ୍ ଧାତୁର ଯତ୍ ପ୍ରତ୍ୟୟ ହୁଏ ।*(ଶକି ସହୋଶ୍ଚ - ପା.୩.୧.୯୯)* । ଯଥା - ଶକ୍ + ଯତ୍ = ଶକ୍ୟମ୍, ସହ୍ + ଯତ୍ = ସହ୍ୟମ୍ ।

୪. ଉପସର୍ଗହୀନ ଗଦ୍, ମଦ୍, ଚର୍, ଓ ଯମ୍ ଧାତୁର ପରେ ଯତ୍ (ଯ) ହୁଏ *(ଗଦମଦଚରଯମଶ୍ଚାନୁପସର୍ଗେ - ପା.୩.୧.୧୦୦)* । ଯଥା -

ଗଦ୍ + ଯତ୍ = ଗଦ୍ୟମ୍, ମଦ୍ - ମଦ୍ୟମ୍, ଚର୍ - ଚର୍ଯ୍ୟମ୍ ।

୫. ' ବହ୍ ଧାତୁ (ବହନକରିବା)କରଣ ଅର୍ଥ ପ୍ରକାଶ କଲେ ଯତ୍ ପ୍ରତ୍ୟୟ ହୋଇଥାଏ *(ବହ୍ୟଂ କରଣମ୍ -ପା.୩.୧.୧୦୨)* । ଯଥା -

ବହନ୍ତି ଅନେନ ଇତି ବହ୍ୟଂ ଶକଟମ୍ । ବହ୍ + ଯତ୍ = ବହ୍ୟମ୍ । କରଣ ଅର୍ଥ ନ ଥିଲେ ଣ୍ୟତ୍ ହୁଏ । ଯଥା -

ବହ୍ + ଣ୍ୟତ୍ = ବାହ୍ୟମ୍ / ବୋଢ଼ବ୍ୟମ୍ ।

**କ.ଘ. କ୍ୟପ୍ ପ୍ରତ୍ୟୟ**

୧. ଇଣ୍, ଷ୍ଟୁ, ଶାସ୍, ବୃ, ଦୃ, ଜୁଷ୍, ଧାତୁର ପରେ 'କ୍ୟପ୍' ପ୍ରତ୍ୟୟ ହୁଏ *(ଏତିସ୍ତୁଶାସ୍ୱୃଦୃଜୁଷଃ କ୍ୟପ୍ -ପା.୩.୧.୧୦୯ ଏବଂ ହ୍ରସ୍ୱସ୍ୟ ପିତି କୃତି ତୁକ୍ - ପା.୬.୧.୭୧)* । ଏମାନଙ୍କ ପରେ ଯତ୍ ବା ଣ୍ୟତ୍ ହୁଏ ନାହିଁ । ଯଥା -

ଇଣ୍ + କ୍ୟପ୍ = ଇତ୍ୟ, ଷ୍ଟୁ + କ୍ୟପ୍ = ସ୍ତୁତ୍ୟ, ଶାସ୍ + କ୍ୟପ୍ = ଶିଷ୍ୟ । ବୃଞ୍ + କ୍ୟପ୍ = ବୃତ୍ୟ, ଆ-ଦୃ + କ୍ୟପ୍ = ଆଦୃତ୍ୟ । ଜୁଷ୍ + କ୍ୟପ୍ = ଜୁଷ୍ୟ ।

୨. ଭାବଅର୍ଥ ପ୍ରକାଶ କଲେ ବଦ୍ ଧାତୁରୁ ଉତ୍ତର କ୍ୟପ୍ ପ୍ରତ୍ୟୟ ହୁଏ *(ବଦଃ ସୁପି କ୍ୟପ୍ ଚ -ପା.୩.୧.୧୦୬)* । ଯଥା - ବ୍ରହ୍ମ - ବଦ୍ + କ୍ୟପ୍ = ବ୍ରହ୍ମୋଦ୍ୟମ୍ (ବ୍ରହ୍ମଣଃ ବଦନମ୍) । କିନ୍ତୁ ବ୍ରହ୍ମ ପୂର୍ବକ ବଦ୍ ଧାତୁରୁ ଯତ୍ ପ୍ରତ୍ୟୟ ହେଲେ ବ୍ରହ୍ମବଦ୍ୟ ପଦ ନିଷ୍ପନ୍ନ ହୁଏ (ବ୍ରହ୍ମ-ବଦ୍+ଯତ୍) । ପୁନଶ୍ଚ ବଦ୍ ଧାତୁ ପୂର୍ବରୁ ଉପସର୍ଗ ରହିଲେ 'ଣ୍ୟତ୍' ପ୍ରତ୍ୟୟ ହୋଇଥାଏ । ଯଥା - ଅନୁ - ବଦ୍ + ଣ୍ୟତ୍ = ଅନୁବାଦ୍ୟମ୍, ଅପ -ବଦ୍ + ଣ୍ୟତ୍ = ଅପବାଦ୍ୟମ୍ ।

୩. ଖନ୍ ଧାତୁରୁ 'କ୍ୟପ୍' ପ୍ରତ୍ୟୟ ହୋଇଥାଏ ଏବଂ ଧାତୁର ଅନ୍ତସ୍ଥିତ 'ନ୍'ର 'ଇ' ଆଦେଶ ହୁଏ *(ଇ ଚ ଖନଃ - ପା.୩.୧.୧୧୧)* । ଯଥା - ଖନ୍ + କ୍ୟପ୍ = ଖେୟମ୍ ।

୪. କ୍ଳୃପ୍ ଓ ବୃତ୍ ଧାତୁ ବ୍ୟତୀତ ଯେଉଁ ଧାତୁର ଉପଧା 'ଋ' ହୋଇଥାଏ ସେଠାରେ କ୍ୟପ୍ ପ୍ରତ୍ୟୟ ହୁଏ *(ଋଦୁପଧାଚ୍ଚାକ୍ଳୃପିଚୃତେଃ -ପା.୩.୧.୧୧୦)*। ଯଥା - ବୃତ୍ + କ୍ୟପ୍ = ବୃତ୍ୟମ୍ । ବୃଧ୍ + କ୍ୟପ୍ = ବୃଧ୍ୟମ୍ ।

କିନ୍ତୁ କ୍ଳୃପ୍ ଓ ବୃତ୍ ଧାତୁର ଣ୍ୟତ୍ ପ୍ରତ୍ୟୟ ହୁଏ । ଯଥା - କ୍ଳୃପ୍ + ଣ୍ୟତ୍ = କଳ୍ପ୍ୟମ୍, ବୃତ୍ + ଣ୍ୟତ୍ = ବର୍ତ୍ତ୍ୟମ୍ ।

୫. ଉପସର୍ଗ ହୀନ 'ଭୂ' ଧାତୁରୁ କ୍ୟପ୍ ପ୍ରତ୍ୟୟ ହୁଏ *(ଭୁବୋ ଭାବେ -ପା.୩.୧.୧୦୭)* । କିନ୍ତୁ ଉପସର୍ଗ ଦ୍ୱାରା ଯୁକ୍ତ ହୋଇଥିଲେ 'ଯତ୍' ପ୍ରତ୍ୟୟ ହୁଏ । ଯଥା -

ବ୍ରହ୍ମ - ଭୂ + କ୍ୟପ୍ = ବ୍ରହ୍ମଭୂୟମ୍ (ବ୍ରହ୍ମଣଃଭାବଃ) କିନ୍ତୁ

ପ୍ର - ଭୂ + ଯତ୍ = ପ୍ରଭବ୍ୟମ୍ ।

୬. ଦୁହ୍ ଓ ଗୁହ୍ ଧାତୁରୁ ବିକଳ୍ପରେ କ୍ୟପ୍ ପ୍ରତ୍ୟୟ ହୁଏ । ଯଥା -

ଦୁହ୍ + କ୍ୟପ୍ = ଦୁହ୍ୟମ୍ । ଗୁହ୍ + କ୍ୟପ୍ = ଗୁହ୍ୟମ୍ । କିନ୍ତୁ

ଦୁହ୍ + ଣ୍ୟତ୍ = ଦୋହ୍ୟମ୍ । ଗୁହ୍ + ଣ୍ୟତ୍ = ଗୋହ୍ୟମ୍ ।

**କତିପୟ କୃତ୍ୟ (ତବ୍ୟ ଓ ଅନୀୟ) ପ୍ରତ୍ୟୟାନ୍ତ ଶବ୍ଦ :-**

ଅସ୍ - ଭବିତବ୍ୟ, ଭବନୀୟ । କୃ - କର୍ତ୍ତବ୍ୟ, କରଣୀୟ ।

କ୍ରୀ - କ୍ରେତବ୍ୟ, କ୍ରୟଣୀୟ । କ୍ରୀଡ୍ - କ୍ରୀଡ଼ିତବ୍ୟ, କ୍ରୀଡ଼ନୀୟ ।

ଗମ୍ - ଗନ୍ତବ୍ୟ, ଗମନୀୟ । ଗ୍ରହ୍ - ଗ୍ରହୀତବ୍ୟ, ଗ୍ରହଣୀୟ ।

ଚି - ଚେତବ୍ୟ, ଚୟନୀୟ । ଚିନ୍ତ୍ - ଚିନ୍ତୟିତବ୍ୟ, ଚିନ୍ତନୀୟ ।

ଜି - ଜେତବ୍ୟ, ଜୟନୀୟ । ତ୍ୟଜ୍ - ତ୍ୟକ୍ତବ୍ୟ, ତ୍ୟଜନୀୟ ।

ଦହ୍ - ଦଗ୍ଧବ୍ୟ, ଦହନୀୟ । ଦୃଶ୍ - ଦ୍ରଷ୍ଟବ୍ୟ, ଦର୍ଶନୀୟ ।

ଦା - ଦାତବ୍ୟ, ଦାନୀୟ । ନୀ - ନେତବ୍ୟ, ନୟନୀୟ ।

ପଚ୍ - ପକ୍ତବ୍ୟ, ପଚନୀୟ । ପଠ୍ - ପଠିତବ୍ୟ, ପଠନୀୟ ।

ପ୍ରଚ୍ଛ୍ - ପ୍ରଷ୍ଟବ୍ୟ, ପ୍ରଚ୍ଛନୀୟ । ପା - ପାତବ୍ୟ, ପାନୀୟ ।

ପୂଜ୍ - ପୂଜୟିତବ୍ୟ, ପୂଜନୀୟ । ବୁଧ୍ - ବୋଦ୍ଧବ୍ୟ, ବୋଧନୀୟ ।

ବ୍ରୂ/ ବଚ୍ - ବକ୍ତବ୍ୟ, ବଚନୀୟ । ଭକ୍ଷ୍ - ଭକ୍ଷୟିତବ୍ୟ, ଭକ୍ଷଣୀୟ ।

ଭିଦ୍ - ଭେତ୍ତବ୍ୟ, ଭେଦନୀୟ । ଭୂ - ଭବିତବ୍ୟ, ଭବନୀୟ ।

ଭୁଜ୍ - ଭୋକ୍ତବ୍ୟ, ଭୋଜନୀୟ । ଭୀ - ଭେତବ୍ୟ, ଭୟନୀୟ ।

ମୁଚ୍ - ମୋକ୍ତବ୍ୟ, ମୋଚନୀୟ । ଯାଚ୍ - ଯାଚିତବ୍ୟ, ଯାଚନୀୟ ।

ରକ୍ଷ୍ - ରକ୍ଷିତବ୍ୟ, ରକ୍ଷଣୀୟ । ଲଭ୍ - ଲବ୍ଧବ୍ୟ, ଲଭନୀୟ ।

ଶୁଧ୍ - ଶୋଦ୍ଧବ୍ୟ, ଶୋଧନୀୟ । ଶୀ - ଶୟିତବ୍ୟ, ଶୟନୀୟ ।

ସହ୍ - ସହିତବ୍ୟ, (ସୋଢବ୍ୟ), ସହନୀୟ ।

ସ୍ନା - ସ୍ନାତବ୍ୟ, ସ୍ନାନୀୟ । ସ୍ମୃ - ସ୍ମର୍ତ୍ତବ୍ୟ, ସ୍ମରଣୀୟ ।

ହନ୍ - ହନ୍ତବ୍ୟ, ହନନୀୟ । ହୃ - ହର୍ତ୍ତବ୍ୟ, ହରଣୀୟ ।

କ୍ଷମ୍ - କ୍ଷନ୍ତବ୍ୟ, କ୍ଷମଣୀୟ ।

ଣ୍ୟତ୍ (ଯ) ପ୍ରତ୍ୟୟାନ୍ତ ଶବ୍ଦ -

କୃ - କାର୍ଯ୍ୟ । ପଚ୍ - ପାଚ୍ୟ । ପଠ୍ - ପାଠ୍ୟ । ବଚ୍ - ବାଚ୍ୟ ।

ଭୁଜ୍ - ଭୋଜ୍ୟ / ଭୋଗ୍ୟ । ରୁଜ୍ - ରୋଗ୍ୟ । ଯୁଜ୍ - ଯୋଗ୍ୟ ।

ଯତ୍ (ଯ) ପ୍ରତ୍ୟୟାନ୍ତ ଶବ୍ଦ -

ଗମ୍ - ଗମ୍ୟ । ଗୈ - ଗେୟ । ଜି - ଜେୟ । ଦା - ଦେୟ ।

ପା - ପେୟ । ଶକ୍ - ଶକ୍ୟ । ସହ୍ - ସହ୍ୟ । ଜ୍ଞା - ଜ୍ଞେୟ ।

କ୍ୟପ୍ ପ୍ରତ୍ୟୟାନ୍ତ ଶବ୍ଦ -

କୃ - କୃତ୍ୟ । ଭୃ - ଭୃତ୍ୟ । ସ୍ତୁ - ସ୍ତୁତ୍ୟ । ଶାସ୍ - ଶିଷ୍ୟ ।

କୃତ୍ୟ ପ୍ରତ୍ୟୟ ଯୋଗେ ଏକପଦୀକରଣ -

ପାତୁଂ ଯୋଗ୍ୟମ୍ - ପାତବ୍ୟମ୍, ପାନୀୟମ୍ ।

ପଠିତୁଂ ଯୋଗ୍ୟଃ - ପଠିତବ୍ୟଃ, ପଠନୀୟଃ ।

ଶ୍ରୋତୁଂ ଯୋଗ୍ୟା - ଶ୍ରୋତବ୍ୟା, ଶ୍ରବଣୀୟା ।

ଗନ୍ତୁମ୍ ଉଚିତଃ - ଗନ୍ତବ୍ୟଃ, ଗମନୀୟଃ ।

କର୍ତ୍ତୁମ୍ ଉଚିତମ୍ - କର୍ତ୍ତବ୍ୟମ୍, କରଣୀୟମ୍ ।

ପ୍ରୟୋକ୍ତୁଂ ଶକ୍ୟଃ - ପ୍ରୟୋକ୍ତ୍ୟଃ ।

ଭକ୍ଷିତୁଂ ଯୋଗ୍ୟମ୍ - ଭୋଜ୍ୟମ୍ ।

ବ୍ରହ୍ମଣଃ ଭାବଃ - ବ୍ରହ୍ମଣ୍ୟମ୍ ।

## (ଖ) ନିଷ୍ଠା

### ଖ.କ. (କ୍ତ) କ୍ତବତୁ (ତବତ୍)

### ୧. କ୍ତ (ତ) କ୍ତବତୁ (ତବତ୍)

ଏହି ପ୍ରତ୍ୟୟ ଦୁଇଟିକୁ 'ନିଷ୍ଠା' ପ୍ରତ୍ୟୟ କହନ୍ତି *(କ୍ତ କ୍ତବତୂ ନିଷ୍ଠା - ପା.୧.୧.୨୬ ଏବଂ ନିଷ୍ଠା -ପା.୩.୨.୧୦୨)* ।ଅତୀତକାଳ ଅର୍ଥରେ ଧାତୁପରେ ଏହି ପ୍ରତ୍ୟୟ ଦୁଇଟିର ପ୍ରୟୋଗ ହୋଇଥାଏ । ବାକ୍ୟରେ 'କ୍ତ' (ତ) ଓ 'କ୍ତବତୁ' (ତବତ୍) ପ୍ରତ୍ୟୟାନ୍ତ ପଦ ବିଶେଷଣ ଓ କ୍ରିୟାପଦରୂପେ ବ୍ୟବହୃତ ହୁଏ ।

୨. 'କ୍ତ' (ତ) ପ୍ରତ୍ୟୟାନ୍ତ ଶବ୍ଦର ରୂପ

'କ୍ତ' (ତ) ପ୍ରତ୍ୟୟାନ୍ତ ଶବ୍ଦର ରୂପ ପୁଂଲିଙ୍ଗରେ 'ବାଳକ' ଶବ୍ଦପରି, ସ୍ତ୍ରୀଲିଙ୍ଗରେ 'ଲତା' ଶବ୍ଦପରି ଏବଂ କ୍ଲୀବଲିଙ୍ଗରେ 'ଫଳ' ଶବ୍ଦପରି ରୂପ ହୁଏ । ଯଥା - ଗମ୍+କ୍ତ=ଗତ; ପୁଂ - ଗତଃ, ସ୍ତ୍ରୀ - ଗତା, କ୍ଲୀ - ଗତମ୍ । ଦୃଶ୍ + କ୍ତ = ଦୃଷ୍ଟ; ପୁଂ - ଦୃଷ୍ଟଃ, ସ୍ତ୍ରୀ - ଦୃଷ୍ଟା, କ୍ଲୀ - ଦୃଷ୍ଟମ୍ ଇତ୍ୟାଦି ।

୩. କ୍ତ (ତ) ପ୍ରତ୍ୟୟାନ୍ତ ଶବ୍ଦର ବ୍ୟବହାର

**କର୍ତ୍ତୃବାଚ୍ୟରେ** - ଗତ୍ୟର୍ଥ, ଅକର୍ମକ, ଶ୍ଲିଷ୍, ଶୀଙ୍, (ଶୀ) ସ୍ଥା, ଆସ୍, ବସ୍, ଜନ୍, ରୁହ୍, ଏବଂ ଜୄ ଧାତୁ ପରେ କର୍ତ୍ତୃବାଚ୍ୟରେ 'କ୍ତ' ପ୍ରତ୍ୟୟର ବ୍ୟବହାର କରାଯାଏ । *(ଗତ୍ୟର୍ଥାକର୍ମକଶ୍ଲିଷଶୀଙ୍ସ୍ଥା - ସବସଜନରୁହଜୀର୍ଯ୍ୟତିଭ୍ୟଶ୍ଚ - ପା.୩.୪.୭୨)* । ଯଥା -

ସଃ ଗ୍ରାମଂ ଗତଃ । ଲତା ବୃକ୍ଷମ୍ ଆଶ୍ଲିଷ୍ଟା । ଶିଶୁଃ ଶଯ୍ୟାୟାଂ ଶୟିତଃ । ରାମୋ ବନେ ସ୍ଥିତଃ । ସ ଆସନେ ଆସ୍ତଃ । ସୀତା ବାଲ୍ମୀକେଃ ଆଶ୍ରମେ ଉଷିତା । ବାନରଃ ବୃକ୍ଷମ୍ ଆରୂଢ଼ଃ । ଅହଂ ଧନଂ ପ୍ରାପ୍ତଃ ।

**କର୍ମବାଚ୍ୟରେ** - ସମସ୍ତ ସକର୍ମକ ଧାତୁପରେ 'କ୍ତ' ପ୍ରତ୍ୟୟର ବ୍ୟବହାର କରାଯାଏ । ଏହି କର୍ମବାଚ୍ୟରେ କର୍ତ୍ତାର ତୃତୀୟାବିଭକ୍ତି ଏବଂ କର୍ମର ପ୍ରଥମା ବିଭକ୍ତି ହୁଏ । କର୍ମପଦର ଲିଙ୍ଗ, ବିଭକ୍ତି ଓ ବଚନ ଅନୁଯାୟୀ 'କ୍ତ' ପ୍ରତ୍ୟୟାନ୍ତ କ୍ରିୟାପଦର ଲିଙ୍ଗ, ବିଭକ୍ତି ଓ ବଚନ ହୁଏ । ଯଥା -

ମୟା ଗ୍ରାମଃ ଗତଃ । ରାମେଣ ସୀତା ଦୃଷ୍ଟା । ଛାତ୍ରୈଃ ଅକ୍ଷରାଣି ଲିଖିତାନି ।

**ଭାବବାଚ୍ୟରେ** - ସମସ୍ତ ଅକର୍ମକ ଧାତୁପରେ ଭାବବାଚ୍ୟରେ 'କ୍ତ' ପ୍ରତ୍ୟୟ ହୋଇଥାଏ । ଭାବବାଚ୍ୟରେ କର୍ତ୍ତାର ତୃତୀୟାବିଭକ୍ତି ହୁଏ । 'କ୍ତ' ପ୍ରତ୍ୟୟାନ୍ତ କ୍ରିୟାପଦ କ୍ଲୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନାନ୍ତ ହୁଏ ।

ଯଥା - ବାଳକୈଃ ପ୍ରାନ୍ତରେ କ୍ରୀଡ଼ିତମ୍ । ଶିଶୁନା ଶଯ୍ୟାୟାଂ ଶୟିତମ୍ । ରାମେଣ ହସିତମ୍ । ବଳୀବର୍ଦ୍ଦେନ ନର୍ଦ୍ଦିତମ୍ ।

୪. ବିଶେଷଣରୂପେ 'କ୍ତ' ପ୍ରତ୍ୟୟାନ୍ତ ପଦର ବ୍ୟବହାର - ଆଗତେଭ୍ୟଃ ବ୍ରାହ୍ମଣେଭ୍ୟଃ ଭୋଜନଂ ଦେହି । ପଠିତଂ ବିଷୟଂ ପୁନଃ ପଠ । ବୃକ୍ଷାତ୍ ପତିତାନି ଫଳାନି ନ ମଧୁରାଣି । ତ୍ୱୟା କ୍ରୀତଂ ପୁସ୍ତକମ୍ ଅସ୍ତାପି । ତେନ ରୋପିତା ଲତା ବର୍ଦ୍ଧତେ । ରାମେଣ ଦତ୍ତଂ ବସ୍ତ୍ରଂ ଭିକ୍ଷୁକଃ ନୟତି ।

୫. ବର୍ତ୍ତମାନ କାଳରେ 'କ୍ତ' (ତ) ପ୍ରତ୍ୟୟ - କେତେକ କ୍ରିୟାର ବର୍ତ୍ତମାନ କାଳରେ ମଧ୍ୟ 'କ୍ତ' ପ୍ରତ୍ୟୟ ହୁଏ । କର୍ତ୍ତାଠାରେ ଷଷ୍ଠୀ ହୁଏ ଓ 'କ୍ତ' ପ୍ରତ୍ୟୟାନ୍ତପଦ କର୍ମର ଅଧୀନ ହୁଏ *(କ୍ତସ୍ୟ ଚ ବର୍ତ୍ତମାନେ-ପା.୨.୩.୬୭)* । ଯଥା - ଏତତ୍ ସର୍ବେଷାଂ ମତମ୍ । ଗୁରୁଃ ମମ ପୂଜିତଃ । ତବ ଇଦମ୍ ଅଭୀଷ୍ଟମ୍ ।

ଇଚ୍ଛାର୍ଥକ, ଜ୍ଞାନାର୍ଥକ ଓ ପୂଜାର୍ଥକ ଧାତୁ ପରେ ବର୍ତ୍ତମାନ - କାଳରେ 'କ୍ତ' ପ୍ରତ୍ୟୟ ହୁଏ *(ମତିବୁଦ୍ଧିପୂଜାର୍ଥେଭ୍ୟଶ୍ଚ - ପା. ୩.୨.୧୮୮)* । ଏହି 'କ୍ତ' ପ୍ରତ୍ୟୟାନ୍ତ ପଦର ପ୍ରୟୋଗରେ କର୍ତ୍ତାର ଷଷ୍ଠୀ ବିଭକ୍ତି ହୁଏ ଏବଂ କର୍ମର ପ୍ରଥମା ବିଭକ୍ତି ହୁଏ । କର୍ମ ନ ଥିଲେ 'କ୍ତ' ପ୍ରତ୍ୟୟାନ୍ତ ପଦ କ୍ଲୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନାନ୍ତ ହୁଏ । ଯଥା -

ଇଚ୍ଛାର୍ଥକ - ଇଦଂ ସର୍ବେଷାଂ ମତମ୍ (ମନ୍+କ୍ତ) ।

ଜ୍ଞାନାର୍ଥକ - ମନ୍ତ୍ରିଣଃ ପ୍ରଜାଦୁଃଖଂ ବୁଦ୍ଧମ୍ (ବୁଧ୍+କ୍ତ) ।

ପୂଜାର୍ଥକ - ବିଦ୍ୱାନ୍ ସର୍ବେଷାଂ ପୂଜିତଃ (ପୂଜ୍+କ୍ତ) ।

୬. 'କ୍ତବତୁ' (ତବତ୍) ପ୍ରତ୍ୟୟ

କର୍ତ୍ତୃବାଚ୍ୟରେ ଅତୀତକାଳରେ ସମସ୍ତ ଧାତୁ ପରେ 'କ୍ତବତୁ' (ତବତ୍) ପ୍ରତ୍ୟୟ ହୁଏ । 'କ୍ତବତୁ' ର ତବତ୍ ରହେ ।

୭. 'କ୍ତବତୁ' ପ୍ରତ୍ୟୟାନ୍ତଶବ୍ଦର ରୂପ

ପୁଂଲିଙ୍ଗରେ 'ଭବତ୍' ସ୍ତ୍ରୀଲିଙ୍ଗରେ 'ନଦୀ' ଏବଂ କ୍ଲୀବଲିଙ୍ଗରେ 'ଶ୍ରୀମତ୍' ଶବ୍ଦପରି ରୂପ ହୁଏ । ଯଥା - ଗମ୍ + କ୍ତବତୁ = ଗତବତ୍ ।

ପୁଂଲିଙ୍ଗରେ - ଗତବାନ୍, ଗତବନ୍ତୌ, ଗତବନ୍ତଃ ଇତ୍ୟାଦି ।

ସ୍ତ୍ରୀଲିଙ୍ଗରେ - ଗତବତୀ, ଗତବତ୍ୟୌ, ଗତବତ୍ୟଃ ।

କ୍ଲୀବଲିଙ୍ଗରେ - ଗତବତ୍, ଗତବତୀ, ଗତବନ୍ତି ।

ସେହିପରି, ଶ୍ରୁ + କ୍ତବତୁ = ଶ୍ରୁତବତ୍, ପା + କ୍ତବତୁ = ପୀତବତ୍ ।

ନୀ + କ୍ତବତୁ = ନୀତବତ୍, ହନ୍ + କ୍ତବତୁ = ହତବତ୍ ।

କୃ + କ୍ତବତୁ = କୃତବତ୍ ର ରୂପ ହୋଇଥାଏ ।

୮. 'କ୍ତବତୁ' ପ୍ରତ୍ୟୟାନ୍ତ ପଦ ସମାପିକା କ୍ରିୟାରୂପେ ଏବଂ କର୍ତ୍ତାର ବିଶେଷଣ ରୂପେ ବ୍ୟବହୃତ ହୁଏ । ସୁତରାଂ କର୍ତ୍ତା ଅନୁସାରେ କ୍ତବତୁ ପ୍ରତ୍ୟୟାନ୍ତ ଶବ୍ଦର ଲିଙ୍ଗ, ବଚନ ଓ ବିଭକ୍ତି ହୋଇଥାଏ । ଯଥା -

ରାମଃ ରାବଣଂ ହତବାନ୍ । ଦୁର୍ଗା ରାକ୍ଷସାନ୍ ହତବତୀ । ସିଂହଂ ମୃଗଂ ହତବତ୍ । ମାତା ଦୁହିତରମ୍ ଉକ୍ତବତୀ । ପଠିତବନ୍ତଃ ଛାତ୍ରାଃ ପୁରସ୍କାରଂ ପ୍ରାପ୍ତବନ୍ତଃ । ଧନଂ ଲବ୍ଧବନ୍ତଃ ଦରିଦ୍ରାଃ ସୁଖେନ କାଳଂ ନୟନ୍ତି । ସିଂହଂ ଗ୍ରାମଂ ଗତବତ୍ । କୁପିତବତ୍ୟୌ ବାଳିକାୟୈ କ୍ରୀଡନକଂ ଦେହି ।

୯. ଅତୀତକାଳରେ ଧାତୁରୂପ ମନେ ନଥିଲେ 'କ୍ତବତୁ' ପ୍ରତ୍ୟୟ ଦ୍ୱାରା ଅନୁବାଦ କରିବା ସୁବିଧାଜନକ ହୁଏ । ଯଥା-

ମୃଗଃ ବନେ ଅଶେତ ଅଥବା ମୃଗଃ ବନେ ଶୟିତବାନ୍ ।

ତେ ଧନମ୍ ଅଦଦୁଃ ଅଥବା ତେ ଧନଂ ଦତ୍ତବନ୍ତଃ ।

୧୦. 'କ୍ତ' ଓ 'କ୍ତବତୁ' ପ୍ରତ୍ୟୟ ଯଥାକ୍ରମେ କର୍ମ ଓ କର୍ତ୍ତୃବାଚ୍ୟରେ ହେଉଥିବାରୁ ଦୁଇ ପ୍ରତ୍ୟୟର ପରସ୍ପର ପରିବର୍ତ୍ତନ ଦ୍ୱାରା ବାଚ୍ୟ ପରିବର୍ତ୍ତନ ହୋଇଥାଏ । କର୍ତ୍ତୃବାଚ୍ୟରେ 'କ୍ତବତୁ' ପ୍ରତ୍ୟୟ ଥିଲେ ତାହା ସହଜରେ 'କ୍ତ' ପ୍ରତ୍ୟୟ ଦ୍ୱାରା କର୍ମ ଓ ଭାବବାଚ୍ୟରେ ପରିଣତ ହୁଏ । 'କ୍ତ' ପ୍ରତ୍ୟୟ ମଧ୍ୟ 'କ୍ତବତୁ' ପ୍ରତ୍ୟୟ ଦ୍ୱାରା କର୍ତ୍ତୃବାଚ୍ୟରେ ପରିଣତ ହୁଏ । କିନ୍ତୁ, କର୍ତ୍ତୃବାଚ୍ୟରେ କର୍ତ୍ତାଠାରେ ପ୍ରଥମା ଏବଂ କର୍ମଠାରେ ଦ୍ୱିତୀୟା ହୁଏ ଏବଂ କର୍ମବାଚ୍ୟରେ କର୍ତ୍ତାଠାରେ ତୃତୀୟା ଓ କର୍ମଠାରେ ପ୍ରଥମା ହୁଏ ଯଥା -

| କର୍ତ୍ତୃବାଚ୍ୟ | କର୍ମବାଚ୍ୟ |
|---|---|
| ଅହଂ ଚନ୍ଦ୍ରଂ ଦୃଷ୍ଟବାନ୍- | ମୟା ଚନ୍ଦ୍ରୋ ଦୃଷ୍ଟଃ । |
| କୁମ୍ଭକାରଃ ଘଟଂ କୃତବାନ୍- | କୁମ୍ଭକାରେଣ ଘଟଃ କୃତଃ । |

୧୧. 'କ୍ତ' ପ୍ରତ୍ୟୟ 'କ୍ତବତୁ' ପ୍ରତ୍ୟୟ ଦ୍ୱାରା କର୍ତ୍ତୃବାଚ୍ୟରେ ପରିଣତ- ଯଥା - ରାମେଣ ପ୍ରବାସେ ତବ କଥା ସ୍ମୃତା - ରାମଃ ପ୍ରବାସେ ତବ କଥାଂ ସ୍ମୃତବାନ୍ ।

୧୨. ସାଧାରଣଃ 'କ୍ତ' ପ୍ରତ୍ୟୟାନ୍ତ ଶବ୍ଦରେ ବତ୍ ଲଗାଇଲେ 'କ୍ତବତୁ' ପ୍ରତ୍ୟୟାନ୍ତ ଶବ୍ଦ ହୁଏ । ଏକପଦୀକରଣ - ଗମନଂ କୃତଃ = ଗତଃ, ଗମନଂ କୃତମ୍ = ଗତମ୍ । ଗମନଂ କୃତା = ଗତା । ଗମନଂ କୃତବାନ୍ = ଗତବାନ୍ । ଗମନଂ କୃତବତୀ = ଗତବତୀ ।

କେତେକ 'କ୍ତ' ଓ 'କ୍ତବତୁ' ପ୍ରତ୍ୟୟାନ୍ତ ଶବ୍ଦ -

| 'କ୍ତ' ପ୍ରତ୍ୟୟାନ୍ତ | 'କ୍ତବତୁ' ପ୍ରତ୍ୟୟାନ୍ତ |
|---|---|
| ଅର୍ଚ୍ଚ୍ + କ୍ତ = ଅର୍ଚ୍ଚିତ । | ଅର୍ଚ୍ଚ୍ + କ୍ତବତୁ = ଅର୍ଚ୍ଚିତବତ୍ । |

ସେହିପରି ଅର୍ଜ୍ = ଅର୍ଜିତ - ଅର୍ଜିତବତ୍ ।

ଅଦ୍ = ଜଗ୍ଧ - ଜଗ୍ଧବତ୍ । ଅର୍ପି = ଅର୍ପିତ -ଅର୍ପିତବତ୍ ।

ଗୁହ୍ = ଗୂଢ଼ - ଗୂଢ଼ବତ୍ । ଗ୍ରନ୍ଥ୍ = ଗ୍ରଥିତ - ଗ୍ରଥିତବତ୍ ।

ଗୈ = ଗୀତ - ଗୀତବତ୍ । କ୍ରୀ = କ୍ରୀତ - କ୍ରୀତବତ୍ ।

କୃ = କୃତ - କୃତବତ୍ । କ୍ରୀଡ୍ = କ୍ରୀଡିତ - କ୍ରୀଡିତବତ୍ ।

କୁର୍ଦ୍ = କୁର୍ଦ୍ଦିତ - କୁର୍ଦ୍ଦିତବତ୍ । କୁପ୍ = କୁପିତ - କୁପିତବତ୍ ।

କ୍ରୁଧ୍ = କ୍ରୁଦ୍ଧ - କ୍ରୁଦ୍ଧବତ୍ । ଚି = ଚିତ - ଚିତବତ୍ ।

ଜନ୍ = ଜାତ - ଜାତବତ୍ । ଜ୍ୱଲ୍ = ଜ୍ୱଳିତ - ଜ୍ୱଳିତବତ୍ ।

ଛିଦ୍ = ଛିନ୍ନ - ଛିନ୍ନବତ୍ । ଚିନ୍ତ୍ = ଚିନ୍ତିତ - ଚିନ୍ତିତବତ୍ ।

ତୃ = ତୀର୍ଣ୍ଣ - ତୀର୍ଣ୍ଣବତ୍ । ଦହ୍ = ଦଗ୍ଧ - ଦଗ୍ଧବତ୍ ।

ଦୃଶ୍ = ଦୃଷ୍ଟ - ଦୃଷ୍ଟବତ୍ । ଦା = ଦତ୍ତ - ଦତ୍ତବତ୍ ।

ଈକ୍ଷ୍ = ଈକ୍ଷିତ - ଈକ୍ଷିତବତ୍ । ଗ୍ରହ୍ = ଗୃହୀତ - ଗୃହୀତବତ୍

କମ୍ = କମିତ - କମିତବତ୍ । କଥ୍ = କଥିତ - କଥିତବତ୍

ଚେଷ୍ଟ୍ = ଚେଷ୍ଟିତ - ଚେଷ୍ଟିତବତ୍ ।

ତ୍ୟଜ୍ = ତ୍ୟକ୍ତ - ତ୍ୟକ୍ତବତ୍ । ଧା = ହିତ - ହିତବତ୍ ।

ନଶ୍ = ନଷ୍ଟ - ନଷ୍ଟବତ୍ । ନୀ = ନୀତ - ନୀତବତ୍ ।

ପଠ୍ = ପଠିତ - ପଠିତବତ୍ । ପା = ପୀତ - ପୀତବତ୍ ।

ବଦ୍ = ଉଦିତ - ଉଦିତବତ୍ । ବସ୍ = ଉଷିତ - ଉଷିତବତ୍ ।

ବପ୍ = ଉପ୍ତ - ଉପ୍ତବତ୍ । ବହ୍ = ଊଢ଼ - ଊଢ଼ବତ୍ ।

ବୁଧ୍ = ବୁଦ୍ଧ - ବୁଦ୍ଧବତ୍ । ବୃଧ୍ = ବୃଦ୍ଧ - ବୃଦ୍ଧବତ୍ ।

ବ୍ରୂ / ବଚ୍ = ଉକ୍ତ -ଉକ୍ତବତ୍ । ବ୍ୟଧ୍ = ବିଦ୍ଧ - ବିଦ୍ଧବତ୍ ।

ନଶ୍ = ନଷ୍ଟ - ନଷ୍ଟବତ୍ । ଦନ୍ଶ୍ = ଦଷ୍ଟ - ଦଷ୍ଟବତ୍ ।

ଦୀପ୍ = ଦୀପ୍ତ - ଦୀପ୍ତବତ୍ । ଭିଦ୍ = ଭିନ୍ନ - ଭିନ୍ନବତ୍ ।

*(ରଦାଭ୍ୟାଂ ନିଷ୍ଠାତୋ ନଃ ପୂର୍ବସ୍ୟ ଚ ଦଃ -ପା. ୮. ୨. ୪୨)*

ଭୂ /ଅସ୍ = ଭୂତ - ଭୂତବତ୍ । ଦୄ = ଦୀର୍ଣ୍ଣ - ଦୀର୍ଣ୍ଣବତ୍ ।

ଭଞ୍ଜ୍ = ଭଗ୍ନ - ଭଗ୍ନବତ୍ । ଭ୍ରମ୍ = ଭ୍ରାନ୍ତ -ଭ୍ରାନ୍ତବତ୍ ।

ଭ୍ର^þqþ = ଭ୍ରଷ୍ଟ - ଭ୍ରଷ୍ଟବତ୍ । ବନ୍ଧ୍ = ବଦ୍ଧ - ବଦ୍ଧବତ୍ ।

ଭୁଜ୍ = ଭୁଗ୍ନ - ଭୁଗ୍ନବତ୍ (ପାଳନେ) ।

*(ଓଦିତଶ୍ଚ - ପା.୮.୨. ୪୫) ।*

ଭୁଜ୍ = ଭୁକ୍ତ - ଭୁକ୍ତବତ୍ । ପଚ୍ = ପକ୍ୱ - ପକ୍ୱବତ୍ ।

*(ପଚୋ ବଃ - ପା.୮.୨. ୫୨) ।*

ମସ୍ଜ୍ = ମଗ୍ନ - ମଗ୍ନବତ୍ । ମା = ମିତ - ମିତବତ୍ ।

ଯାଚ୍ = ଯାଚିତ - ଯାଚିତବତ୍ । ଯୁଜ୍ = ଯୁକ୍ତ - ଯୁକ୍ତବତ୍ ।

ରଞ୍ଜ = ରକ୍ତ - ରକ୍ତବତ୍ । ନମ୍ = ନତ - ନତବତ୍ ।

ଶକ୍ = ଶକ୍ତ - ଶକ୍ତବତ୍ । ଶମ୍ = ଶାନ୍ତ - ଶାନ୍ତବତ୍ ।

ଶ୍ରମ୍ = ଶ୍ରାନ୍ତ - ଶ୍ରାନ୍ତବତ୍ । ଶ୍ରୁ = ଶ୍ରୁତ - ଶ୍ରୁତବତ୍ ।

ଶୁଭ୍ = ଶୋଭିତ - ଶୋଭିତବତ୍ । ଶୁଷ୍ = ଶୁଷ୍କ - ଶୁଷ୍କବତ୍ ।

*(ଶୁଷଃ କଃ -ପା. ୮.୨.୫୧)* ।

ଶାସ୍ = ଶିଷ୍ଟ - ଶିଷ୍ଟବତ୍ । ଧୂଞ୍ =(କମ୍ପନେ) - ଧୂନ - ଧୂନବତ୍ ।

ସହ୍ = ସୋଢ଼ - ସୋଢ଼ବତ୍ । ସିଧ୍ = ସିଦ୍ଧ - ସିଦ୍ଧବତ୍ ।

ସ୍ୱପ୍ = ସୁପ୍ତ - ସୁପ୍ତବତ୍ । ସୃଜ୍ = ସୃଷ୍ଟ - ସୃଷ୍ଟବତ୍ ।

ମୁହ୍ = ମୁଗ୍ଧ / ମୂଢ଼ - ମୁଗ୍ଧବତ୍ / ମୂଢ଼ବତ୍ ।

ଲିଖ୍ = ଲିଖିତ - ଲିଖିତବତ୍ । ଲିହ୍ = ଲୀଢ଼ - ଲୀଢ଼ବତ୍ ।

ଲୀ = ଲୀନ - ଲୀନବତ୍ । ଲୂଞ୍ = ଲୂନ - ଲୂନବତ୍ ।

*(ଲ୍ୱାଦିଭ୍ୟଃ -ପା. ୮. ୨. ୪୪)* ।

ହା = ହୀନ - ହୀନବତ୍ । ହ୍ୱେ = ହୂତ - ହୂତବତ୍ ।

ସିଚ୍ = ସିକ୍ତ - ସିକ୍ତବତ୍ । ସ୍ମି = ସ୍ମିତ - ସ୍ମିତବତ୍ ।

ଜ୍ଞା = ଜ୍ଞାତ - ଜ୍ଞାତବତ୍ । କ୍ଷମ୍ = କ୍ଷାନ୍ତ - କ୍ଷାନ୍ତବତ୍ ।

କ୍ଷିପ୍ - କ୍ଷିପ୍ତ - କ୍ଷିପ୍ତବତ୍ ।

## (ଗ) ଶତୃ (ଅତ୍) ଓ ଶାନଚ୍ (ଆନ, ମାନ ବା ଈନ)

ଶତୃ, ଶାନଚ୍ ପ୍ରଭୃତି ପ୍ରତ୍ୟୟ ହେଉଛନ୍ତି କୃତ୍ ପ୍ରତ୍ୟୟ; ବର୍ତ୍ତମାନ କାଳରେ ପରସ୍ମୈପଦୀ ଧାତୁରୁ ଶତୃ (ଅତ) ଓ ଆତ୍ମନେପଦୀ ଧାତୁର ଉତ୍ତର ଶାନଚ୍ (ଆନ) ପ୍ରତ୍ୟୟ ହୁଏ । କିନ୍ତୁ ଉଭୟପଦୀ ଧାତୁରୁ ଶତୃ ଓ ଶାନଚ୍ ଉଭୟ ହୁଏ । ଯଥା - ଗମ୍ + ଶତୃ = ଗଚ୍ଛତ୍ । ବୃତ୍ + ଶାନଚ୍ = ବର୍ତ୍ତମାନ । କୃ + ଶତୃ = କୁର୍ବତ୍ । କୃ + ଶାନଚ୍ = କୁର୍ବାଣ ।

ଶତୃ ଓ ଶାନଚ୍ ପ୍ରତ୍ୟୟ ଭବିଷ୍ୟତ କାଳରେ ଲୃଟ୍ ଲକାର ସ୍ଥାନରେ ବିକଳ୍ପରେ ହୁଏ । ଗମ୍ - ଗମିଷ୍ୟନ୍ । ଲଭ୍ - ଲପ୍ସ୍ୟମାନଃ ।

୧. ପ୍ରଥମା ଭିନ୍ନ ଅନ୍ୟବିଭକ୍ତିର ପ୍ରୟୋଗ ହେଲେ ଲଟ୍‌ର ଶତୃ ଓ ଶାନଚ୍ ହୁଏ । ଯଥା - ପଚନ୍ତଂ (ପଚ୍ + ଶତୃ) ଦେବଦତ୍ତଂ ପଶ୍ୟ । ପଚମାନଂ (ପଚ୍ + ଶାନଚ୍) ଦେବଦତ୍ତଂ ପଶ୍ୟ । ସେହିପରି, ପଚନ୍ / ପଚମାନଃ ଦେବଦତ୍ତଃ ପଶ୍ୟତି *(ଲଟଃ ଶତୃଶାନଚାବପ୍ରଥମାସମାନାଧିକରଣେ -ପା. ୩. ୨. ୧୨୪)* । ଲଟ୍ ଥିଲାବେଳେ ପୁନଃ ଲଟ୍ ଗ୍ରହଣ ହେତୁ ପ୍ରଥମା ସାମାନାଧିକରଣ୍ୟରେ ମଧ୍ୟ ଶତୃ, ଶାନଚ୍‌ର ପ୍ରୟୋଗ ହୁଏ ।

୨. ଜ୍ଞାନାର୍ଥକ ବିଦ୍ ଧାତୁର ଶତୃସ୍ଥାନରେ ବିକଳ୍ପରେ ବସୁ (ବସ୍) ହୁଏ । ଯଥା- ବିଦ୍ + ଶତୃ (ଅତ) = ବିଦତ୍, ବିଦ୍ୱସ୍ *(ବିଦେଃ ଶତୁର୍ବସୁଃ -ପା. ୭.୧.୩୬)* ।

୩. ଯେଉଁ ପରସ୍ମୈପଦୀ ଧାତୁମାନଙ୍କର 'ଲଟ୍' ଲକାର ପ୍ରଥମ ପୁରୁଷ ବହୁବଚନରେ 'ଅନ୍ତି' ବା 'ଅତି' ରୂପ ହୁଏ ; ସେହି 'ଅନ୍ତି' ବା 'ଅତି' ସ୍ଥାନରେ 'ଅତ୍' କଲେ ଶତୃ ପ୍ରତ୍ୟୟାନ୍ତ ଶବ୍ଦ ଗଠିତ ହୁଏ । ଯଥା -

ପଠ୍ - ପଠନ୍ତି - ପଠତ୍ । ଗମ୍ - ଗଚ୍ଛନ୍ତି - ଗଚ୍ଛତ୍ ।

ଦା - ଦଦତି - ଦଦତ୍ । ଦୃଶ୍ - ପଶ୍ୟନ୍ତି - ପଶ୍ୟତ୍ ।

ସ୍ଥା - ତିଷ୍ଠନ୍ତି - ତିଷ୍ଠତ୍ । ଭୀ - ବିଭ୍ୟତି - ବିଭ୍ୟତ୍ ।

୪. ପରସ୍ମୈପଦୀ ଧାତୁର ଲଟ୍‌ଲକାର ପ୍ରଥମପୁରୁଷ ବହୁବଚନରେ ଯେଉଁ ପଦ ନିଷ୍ପନ୍ନ ହୁଏ, ତହିଁରୁ 'ନ' ଏବଂ 'ଇ' ଛାଡ଼ିଦେଲେ ଅବଶିଷ୍ଟ ପଦଟି ଶତୃପ୍ରତ୍ୟୟାନ୍ତ ହୁଏ । ଯଥା -

ଦୃଶ୍ - ପଶ୍ୟନ୍ତି - ପଶ୍ୟତ୍ । ସେହିପରି, ଗମ୍ - ଗଚ୍ଛନ୍ତି - ଗଚ୍ଛତ୍ । ଶ୍ରୁ - ଶୃଣ୍ୱନ୍ତି -ଶୃଣ୍ୱତ୍ । ଜ୍ଞା - ଜାନନ୍ତି - ଜାନତ୍ ।

୫. ଶତୃ ଶାନଚ୍ ପ୍ରତ୍ୟୟାନ୍ତ ପଦ ସର୍ବଦା କର୍ତ୍ତାର ବିଶେଷଣ ହୁଏ ।

**ଶତୃପ୍ରତ୍ୟୟାନ୍ତ ଶବ୍ଦର ରୂପ** - ପୁଂଲିଙ୍ଗରେ ଗଚ୍ଛତ୍ ଓ ଭୂଭୃତ୍ ଶବ୍ଦପରି, ସ୍ତ୍ରୀଲିଙ୍ଗରେ ନଦୀ ଶବ୍ଦପରି ଏବଂ କ୍ଲୀବଲିଙ୍ଗରେ ଗଚ୍ଛତ୍ ଓ ଦଦତ୍ ଶବ୍ଦପରି ଶତୃପ୍ରତ୍ୟୟାନ୍ତ ଶବ୍ଦର ରୂପ ହୁଏ ।

୬. ଯେଉଁ ପରସ୍ମୈପଦୀ ଧାତୁମାନଙ୍କର ଲଟ୍‌ଲକାର ପ୍ରଥମପୁରୁଷ-ବହୁବଚନରେ 'ଅନ୍ତି' ରୂପ ହୁଏ । ଶତୃ ପ୍ରତ୍ୟୟ ପରେ ସେମାନଙ୍କର ଗଚ୍ଛତ୍ ଶବ୍ଦପରି ଏବଂ ଯେଉଁ ମାନଙ୍କର 'ଅତି' ରୂପ ହୁଏ, ସେମାନଙ୍କର ଭୂଭୃତ୍ ଓ ଦଦତ୍ ଶବ୍ଦପରି ରୂପ ହୁଏ ।

୭. ଯେଉଁ ପରସ୍ମୈପଦୀ ଧାତୁମାନଙ୍କର ଲଟ୍‌ଲକାର ପ୍ରଥମପୁରୁଷ ଏକବଚନରେ 'ଅତି' ରୂପ ନ ହୋଇ ଭିନ୍ନ ରୂପ ହୁଏ ସେମାନଙ୍କର ଶତୃ ପ୍ରତ୍ୟୟ ପରେ ସ୍ତ୍ରୀଲିଙ୍ଗରେ 'ଙୀପ୍' (ଈ) ପ୍ରତ୍ୟୟ ଯୋଗରେ 'ତୀ' ହୁଏ । ଯଥା - ଗମ୍ (ଗଚ୍ଛତି) ଗଚ୍ଛନ୍ - ଗଚ୍ଛନ୍ତୀ, ଦା (ଦଦାତି) ଦଦତ୍ - ଦଦତୀ । ସେହିପରି ଭୀ - ବିଭ୍ୟତ୍ - ବିଭ୍ୟତୀ, ଶାସ୍ - ଶାସତ୍ - ଶାସତୀ, କୃ - କୁର୍ବନ୍ - କୁର୍ବତୀ, ଶ୍ରୁ - ଶୃଣ୍ୱନ୍ - ଶୃଣ୍ୱତୀ ଇତ୍ୟାଦି ।

୮. କେତେକ ପରସ୍ମୈପଦୀ ଧାତୁ ନିଷ୍ପନ୍ନ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ ଗୋଟିଏ 'ନ୍' ର ଆଗମ ହୁଏ *(ଶପ୍ଶ୍ୟନୋର୍ନିତ୍ୟମ୍- ପା.୭.୧.୮୧)* । ଯଥା -

ପଶ୍ୟତ୍ - ପଶ୍ୟନ୍ତୀ, ଦୀବ୍ୟତ୍ - ଦୀବ୍ୟନ୍ତୀ, ନଶ୍ୟତ୍ - ନଶ୍ୟନ୍ତୀ ।

କତିପୟ ଶତୃପ୍ରତ୍ୟୟାନ୍ତ ଶବ୍ଦ -

କ୍ରୁଧ୍ - କ୍ରୁଧ୍ୟତ୍ । ଅସ୍ - ସତ୍ । ଇଷ୍ - ଇଚ୍ଛତ୍ ।
ଗମ୍ - ଗଚ୍ଛତ୍ । ଜି - ଜୟତ୍ । ନଶ୍ - ନଶ୍ୟତ୍ ।
ଗୈ - ଗାୟତ୍ । ଜୄ - ଜୀର୍ଯ୍ୟତ୍ । ପା - ପିବତ୍ ।
ଘ୍ରା - ଜିଘ୍ରତ୍ । ଜାଗୃ - ଜାଗ୍ରତ୍ । ପ୍ରଚ୍ଛ - ପୃଚ୍ଛତ୍ ।
ଚି - ଚିନ୍ୱତ୍ । ଦନ୍ଶ୍ - ଦଶତ୍ । ବ୍ୟଧ୍ - ବିଧ୍ୟତ୍ ।
ଛିଦ୍ - ଛିଦତ୍ । ଦୃଶ୍ - ପଶ୍ୟତ୍ । ଭୀ - ବିଭ୍ୟତ୍ ।
ଦିବ୍ - ଦୀବ୍ୟତ୍ । ଭୂ - ଭବତ୍ । ମୁଚ୍ - ମୁଞ୍ଚତ୍ ।
ରୁଦ୍ - ରୁଦତ୍ । ରୁଧ୍ - ରୁନ୍ଧତ୍ । ଶମ୍ - ଶାମ୍ୟତ୍ ।
ଶ୍ରୁ - ଶୃଣ୍ୱତ୍ । ସ୍ପୃଶ୍ - ସ୍ପୃଶତ୍ । ହନ୍ - ଘ୍ନତ୍ ।
ହୁ - ଜୁହ୍ୱତ୍ । ସ୍ଥା - ତିଷ୍ଠତ୍ ।

**ଶାନଚ୍ (ଆନ) ପ୍ରତ୍ୟୟ -**

ବର୍ତ୍ତମାନ କାଳରେ ଆତ୍ମନେପଦୀ ଧାତୁରୁ ଭାବର ଶାନଚ୍ ପ୍ରତ୍ୟୟ କଲେ ବିଶେଷଣପଦ ନିଷ୍ପନ୍ନ ହୁଏ । ଯଥା -

କ୍ରୀ + ଶାନଚ୍ (ଆନ) = ପୁଂ : କ୍ରୀଣାନଃ, ସ୍ତ୍ରୀ: କ୍ରୀଣାନା,
କ୍ଲୀ: କ୍ରୀଣାନମ୍ ।

ଲଭ୍ + ଶାନଚ୍ (ମାନ) = ପୁଂ:ଲଭମାନଃ, ସ୍ତ୍ରୀ : ଲଭମାନା,
କ୍ଲୀ : ଲଭମାନମ୍ ।

ଅସ୍ + ଶାନଚ୍ (ଈନ) = ପୁଂ : ଆସୀନଃ, ସ୍ତ୍ରୀ : ଆସୀନା,
କ୍ଲୀ : ଆସୀନମ୍ ।

୧. ଭ୍ୱାଦି, ତୁଦାଦି ଓ ଦିବାଦିଗଣୀୟ ଆତ୍ମନେପଦୀ ଧାତୁରେ ପରସ୍ଥିତ ଶାନଚ୍ ସ୍ଥାନରେ 'ମାନ' ହୁଏ, ଲଟ୍‌ଲକାର ପ୍ରଥମପୁରୁଷ ଏକବଚନରେ ଯେଉଁ ରୂପ ହୁଏ, ସେଥିରୁ 'ତେ' ପରିବର୍ତ୍ତରେ 'ମାନ' ଲଗାଇଲେ 'ଶାନଚ୍' ପ୍ରତ୍ୟୟାନ୍ତ ଶବ୍ଦ ନିଷ୍ପନ୍ନ ହୁଏ । ଯଥା -

ବୃତ୍ - ବର୍ତ୍ତତେ - ବର୍ତ୍ତମାନ, ବୃଧ୍ - ବର୍ଦ୍ଧତେ - ବର୍ଦ୍ଧମାନ, ଦୀପ୍ - ଦୀପ୍ୟତେ - ଦୀପ୍ୟମାନ ଇତ୍ୟାଦି ।

୨. ଏତଦ୍ ଭିନ୍ନ ଅନ୍ୟାନ୍ୟଗଣୀୟ ଧାତୁର କେବଳ ଲଟ୍ ଲକାର ପ୍ରଥମପୁରୁଷ ଦ୍ୱିବଚନରେ 'ତେ' ପରିବର୍ତ୍ତନରେ 'ନ' ଲଗାଇଲେ ଶାନଚ୍ ପ୍ରତ୍ୟୟାନ୍ତ ଶବ୍ଦ ନିଷ୍ପନ୍ନ ହୁଏ । ଯଥା -

କୃ - କୁର୍ବାତେ - କୁର୍ବାଣ । ଗ୍ରହ୍ - ଗୃହ୍ଣାତେ - ଗୃହ୍ଣାନ । ଶୀଙ୍ (ଶୀ) - ଶୟାତେ - ଶୟାନ । ଦା - ଦଦାତେ - ଦଦାନ । କ୍ରୀ - କ୍ରୀଣାତେ - କ୍ରୀଣାନ ।

୩. , ଯେଉଁ ଆତ୍ମନେପଦୀ ଧାତୁମାନଙ୍କର 'ଲଟ୍' ଲକାର ପ୍ରଥମପୁରୁଷ ଦ୍ୱିବଚନରେ 'ଏତେ' ରୂପ ହୁଏ, ସେହି 'ଏତେ' ସ୍ଥାନରେ 'ମାନ' କଲେ 'ଶାନଚ୍' ପ୍ରତ୍ୟୟାନ୍ତ ଶବ୍ଦ ଗଠିତ ହୁଏ । ଯଥା -

ଲଭ୍-ଲଭେତେ-ଲଭମାନ । ବୃତ୍-ବର୍ତ୍ତେତେ-ବର୍ତ୍ତମାନ ।

ସେବ୍-ସେବେତେ-ସେବମାନ । ଶୁଭ୍-ଶୋଭେତେ-ଶୋଭମାନ ।

ବାଧ୍-ବାଧେତେ-ବାଧମାନ । କମ୍ପ୍ -କମ୍ପେତେ-କମ୍ପମାନ ।

ବେପ୍ -ବେପେତେ-ବେପମାନ । ବ୍ୟଥ୍-ବ୍ୟଥେତେ-ବ୍ୟଥମାନ ।

୪. କର୍ମବାଚ୍ୟରେ ସମସ୍ତ ଧାତୁରୁ ଉତ୍ତର ଶାନଚ୍ ପ୍ରତ୍ୟୟ ହୁଏ ଏବଂ ସେହି 'ଶାନଚ୍' ସର୍ବଦା 'ମାନ'ରେ ପରିଣତ ହୁଏ ଓ ସମସ୍ତ ଧାତୁରୁ ଉତ୍ତର ଗୋଟିଏ 'ଯ'ର ଆଗମ ହୋଇଥାଏ । ଯଥା -

ଦୃଶ୍ - ଦୃଶ୍ୟମାନ, ନୀ - ନୀୟମାନ, କୃ -କ୍ରିୟମାଣ,

କ୍ରୀଡ଼୍ - କ୍ରୀଡ଼୍ୟମାନ, ହସ୍ - ହସ୍ୟମାନ ଇତ୍ୟାଦି ।

୫. ଶାନଚ୍ ପ୍ରତ୍ୟୟାନ୍ତ ଶବ୍ଦର ରୂପ - ପୁଂଲିଙ୍ଗରେ 'ବାଳକ' ଶବ୍ଦପରି, ସ୍ତ୍ରୀଲିଙ୍ଗରେ 'ଟାପ୍' (ଆ) ଯୋଗକରି 'ଲତା' ଶବ୍ଦପରି ଏବଂ କ୍ଳୀବଲିଙ୍ଗରେ 'ଫଳ' ଶବ୍ଦପରି 'ଶାନଚ୍' ପ୍ରତ୍ୟୟାନ୍ତ ଶବ୍ଦର ରୂପ ହୁଏ ।

**ଶବ୍ଦ ଓ ଶାନଚ୍ ପ୍ରତ୍ୟୟଯୋଗେ ଏକପଦୀକରଣ**

ଗମନଂ କୁର୍ବନ୍ = ଗଚ୍ଛନ୍ । ପଠନଂ କୁର୍ବତା = ପଠତା ।

ଗାନଂ କୁର୍ବତୀ = ଗାୟନ୍ତୀ । ଭ୍ରମଣଂ କୁର୍ବତଃ = ଭ୍ରମତଃ ।

ନୃତ୍ୟଂ କୁର୍ବତଃ = ନୃତ୍ୟତଃ । ଲାଭଂ କୁର୍ବନ୍ /କୁର୍ବାଣଃ=ଲଭମାନଃ ।

ସେବାଂ କୁର୍ବତ୍ସୁ /କୁର୍ବାଣେଷୁ = ସେବମାନେଷୁ ।

ହସ୍ତଂ କୁର୍ବନ୍ = ହସନ୍ । ସେବାଂ କୁର୍ବତୀ / କୁର୍ବାଣା = ସେବମାନା ।

ଚେତ୍ତୁଂ କୁର୍ବତୀ = ଚିନ୍ତନ୍ତୀ ।

**କେତେକ 'ଶାନଚ୍' ପ୍ରତ୍ୟୟାନ୍ତ ଶବ୍ଦ**

କମ୍ପ୍ - କମ୍ପମାନ । ତ୍ରୈ - ତ୍ରାୟମାଣ । ବୃଧ୍ - ବର୍ଦ୍ଧମାନ ।

ଭିକ୍ଷ୍ - ଭିକ୍ଷମାଣ । ଦୟ୍ - ଦୟମାନ । ମନ୍ - ମନ୍ୟମାନ ।

ଜନ୍ - ଜାୟମାନ । ବ୍ୟଥ୍ - ବ୍ୟଥମାନ । ମୃ - ମ୍ରିୟମାଣ ।

ହ୍ୱର୍ - ହ୍ୱରମାଣ । ବୃତ୍ - ବର୍ତ୍ତମାନ । ସ୍ପର୍ଦ୍ଧ୍ - ସ୍ପର୍ଦ୍ଧମାନ ।

ଯୁଧ୍ - ଯୁଧ୍ୟମାନ ।

ଉଭୟପଦୀ ଧାତୁରୁ ଶତୃ (ଅତ୍) ଓ ଶାନଚ୍ (ମାନ,ଆନ) ପ୍ରତ୍ୟୟ-

କ୍ରୀ- କ୍ରୀଣତ୍, କ୍ରୀଣାନ । ଧା - ଦଧତ୍, ଦଧାନ ।

କୃ - କୁର୍ବତ୍, କୁର୍ବାଣ । ନୀ - ନୟତ୍, ନୟମାନ ।

ଗ୍ରହ୍ - ଗୃହ୍ଣତ୍, ଗୃହ୍ଣାନ । ପଚ୍ - ପଚତ୍, ପଚମାନ ।

ଚି - ଚିନ୍ୱତ୍, ଚିନ୍ୱାନ । ଧାବ୍ - ଧାବତ୍, ଧାବମାନ ।

ଛିଦ୍ - ଛିନ୍ଦତ୍, ଛିନ୍ଦାନ । ଭୁ - ଭୁଞ୍ଜତ୍, ଭୁଞ୍ଜାନ ।

ତନ୍ - ତନ୍ୱତ୍, ତନ୍ୱାନ । ଜ୍ଞା - ଜାନତ୍, ଜାନାନ ।

ଦା - ଦଦତ୍, ଦଦାନ । ଦୁହ୍ - ଦୁହତ୍, ଦୁହାନ ।

## (ଘ) କ୍ତ୍ୱା (ତ୍ୱା) ଓ ଲ୍ୟପ୍ (ଯ) ପ୍ରତ୍ୟୟ

ଉଭୟ କ୍ରିୟାର କର୍ତ୍ତା ସମାନ (ଏକ) ହେଲେ ପ୍ରଥମେ ସମ୍ପନ୍ନ ହେଉଥିବା କ୍ରିୟାର ଧାତୁରୁ 'କ୍ତ୍ୱା' (ତ୍ୱା) ପ୍ରତ୍ୟୟ ହୁଏ *(ସମାନକର୍ତ୍ତୃକୟୋଃ ପୂର୍ବକାଳେ -ପା.୩.୪.୨୧)* । ଯଥା -

ସ୍ନାତ୍ୱା (ସ୍ନା+କ୍ତ୍ୱା) । ପୀତ୍ୱା (ପା+କ୍ତ୍ୱା), ଦତ୍ତ୍ୱା (ଦା+କ୍ତ୍ୱା) । ବାଳିକା ସ୍ନାତ୍ୱା ଗଚ୍ଛତି । ଛାତ୍ରଃ ଖାଦିତ୍ୱା ବିଦ୍ୟାଳୟଂ ଯାତି ।

୧. ଗୋଟିଏ କାର୍ଯ୍ୟ ସମାପ୍ତିର ଅବ୍ୟବହିତ ପରେ ଅନ୍ୟକ୍ରିୟାର ବ୍ୟବହାର ହେଲେ ସଂସ୍କୃତରେ 'କ୍ତ୍ୱା' ଓ 'ଲ୍ୟପ୍' ପ୍ରତ୍ୟୟ ହୁଏ । କିନ୍ତୁ ସର୍ବଦା ସମାପିକା ଓ ଅସମାପିକା କ୍ରିୟାର କର୍ତ୍ତା ଏକ ହେବା ଆବଶ୍ୟକ, 'କ୍ତ୍ୱା' ପ୍ରତ୍ୟୟାନ୍ତ ଶବ୍ଦ ଅସମାପିକା କ୍ରିୟାରୂପେ ପରିଗଣିତ ହୁଏ । ଯଥା - ଅହଂ ଖାଦିତ୍ୱା ଅତ୍ର ଉପବିଷ୍ଟଃ । ସ ଏତଦ୍ଭୁକ୍ତ୍ୱା ଗତଃ ।

୨. ନଞ୍ ଭିନ୍ନ ପ୍ର, ପରା ପ୍ରଭୃତି (ଉପସର୍ଗ) କିମ୍ବା ଉପପଦ (ନମସ୍, ପୁରସ୍.....) ଧାତୁ ପୂର୍ବରୁ ଥିଲେ କ୍ତ୍ୱା (ତ୍ୱା) ସ୍ଥାନରେ ଲ୍ୟପ୍ (ଯ) ହୁଏ । ମୂଳ ପ୍ରତ୍ୟୟ କ୍ତ୍ୱା କିନ୍ତୁ କେତେକ ସ୍ଥଳରେ କ୍ତ୍ୱା ସ୍ଥାନରେ ଲ୍ୟପ୍ ହୁଏ । *(ସମାସେଽନଞ୍‌ପୂର୍ବେ କ୍ତ୍ୱୋ ଲ୍ୟପ୍ - ପା.୭.୧.୩୭)* । ଯଥା - ବିଦ୍ୟାମ୍ ଅଭ୍ୟସ୍ୟ(ଅଭି-ଅସ୍+ଲ୍ୟପ୍), ପିତରୌ ପ୍ରଣମ୍ୟ (ପ୍ର-ନମ୍+ଲ୍ୟପ୍) । *(ଚ୍ୟ ଲ୍ୟପି -ପା.୬.୪.୩୮)* ।

ଉଦାହରଣ - ଗତ୍ୱା (ଗମ୍+କ୍ତ୍ୱା) - ଆ-ଗମ୍+ଲ୍ୟପ୍ (ଆଗମ୍ୟ / ଆଗତ୍ୟ) । ଜିତ୍ୱା (ଜି+କ୍ତ୍ୱା), ପରାଜିତ୍ୟ (ପରା-ଜି+ଲ୍ୟପ୍) । ନୀତ୍ୱା (ନୀ+କ୍ତ୍ୱା), ଅନୁନୀୟ (ଅନୁ-ନୀ+ଲ୍ୟପ୍) ।

୩. ସାଧାରଣତଃ 'କ୍ତ୍ୱା' ଓ 'ଲ୍ୟପ୍' ପ୍ରତ୍ୟୟାନ୍ତ ପଦଗୁଡ଼ିକ ଅବ୍ୟୟ । 'କ୍ତ' ପ୍ରତ୍ୟୟାନ୍ତ ପଦରେ 'ବା'(ୱ) ଲଗାଇଲେ 'କ୍ତ୍ୱା' ପ୍ରତ୍ୟୟାନ୍ତ ପଦ ହୋଇଥାଏ । ଯଥା - ଗତ - ଗତ୍ୱା, ହୃତ - ହୃତ୍ୱା, ଜ୍ଞାତ - ଜ୍ଞାତ୍ୱା ।

୪. ଲ୍ୟପ୍ ପ୍ରତ୍ୟୟରେ ଧାତୁର 'ଋ' ସ୍ଥାନରେ ଇର୍ ଏବଂ 'ପୃ' ପ୍ରଭୃତି ଧାତୁର 'ଋ' ସ୍ଥାନରେ ଉର୍ ହୁଏ । ଯଥା - ବି-ତୃ+ଲ୍ୟପ୍ = ବିତୀର୍ଯ୍ୟ । ବି-କୃ+ଲ୍ୟପ୍ = ବିକୀର୍ଯ୍ୟ, ପ୍ର-ପୃ+ଲ୍ୟପ୍ = ପ୍ରପୂର୍ଯ୍ୟ ।

୫. ଲ୍ୟପ୍ (ଯ) ପରେ ଥିଲେ ନମ୍, ଗମ୍, ରମ୍ ପ୍ରଭୃତି ମକାରାନ୍ତ ଧାତୁର ବିକଳ୍ପରେ 'ତ୍' ହୁଏ । ଯଥା - ପ୍ର - ନମ୍ + ଲ୍ୟପ୍ = ପ୍ରଣମ୍ୟ,ପ୍ରଣତ୍ୟ । ଆ - ଗମ୍ + ଲ୍ୟପ୍ = ଆଗମ୍ୟ, ଆଗତ୍ୟ । ବି - ରମ୍ + ଲ୍ୟପ୍ = ବିରମ୍ୟ, ବିରତ୍ୟ । ସମ୍ - ଯମ୍ + ଲ୍ୟପ୍ = ସଂଯମ୍ୟ, ସଂଯତ୍ୟ ।

କିନ୍ତୁ ହନ୍, ତନ୍ ପ୍ରଭୃତି ନକାରାନ୍ତ ଧାତୁର 'ନ୍' ସ୍ଥାନରେ ନିତ୍ୟରେ 'ତ୍' ହୁଏ । ଯଥା - ପ୍ର - ହନ୍ + ଲ୍ୟପ୍ = ପ୍ରହତ୍ୟ । ବି - ତନ୍ + ଲ୍ୟପ୍ = ବିତତ୍ୟ, ନି - ହନ୍ + ଲ୍ୟପ୍ = ନିହତ୍ୟ ।

୬. 'ଲ୍ୟପ୍' ପ୍ରତ୍ୟୟରେ ବଚ, ବଦ, ବସ୍, ବହ୍, ଓ ସ୍ୱପ୍ ଧାତୁର 'ବ' ସ୍ଥାନରେ 'ଉ' ହୁଏ ଏବଂ ଗ୍ରହ୍ ଓ ପ୍ରଚ୍ଛ୍ ଧାତୁର ଗୃହ ଓ ପୃଚ୍ଛ ହୁଏ ।

ଯଥା - ପ୍ର - ବଚ୍+ଲ୍ୟପ୍ = ପ୍ରୋଚ୍ୟ । ଅନୁ - ବଦ୍+ଲ୍ୟପ୍ = ଅନୂଦ୍ୟ, ସମ୍- ଗ୍ରହ୍+ଲ୍ୟପ୍ = ସଂଗୃହ୍ୟ ।

୭. ନିଷେଧାର୍ଥକ ଅଳମ୍ ଓ ଖଲୁ ଶବ୍ଦ ଯୋଗରେ ଧାତୁରୁ ପରେ 'କ୍ତ୍ୱା' ପ୍ରତ୍ୟୟ ହୁଏ *(ଅଳଂ ଖଲ୍ୱୋଃ ପ୍ରତିଷେଧୟୋଃ ପ୍ରାଚାଂକ୍ତ୍ୱା - ପା.୩.୪.୧୮)* । ଯଥା - ଅଳଂ ଭୁକ୍ତ୍ୱା (ଖାଅନାହିଁ) । ଖଲୁ କୃତ୍ୱା (କରନାହିଁ) ।

୮. ଧାତୁର ପୂର୍ବରେ ନଞ୍ ଥିଲେ 'କ୍ତ୍ୱା' ହୁଏ, କିନ୍ତୁ 'ଲ୍ୟପ୍' ହୁଏ ନାହିଁ । ଯଥା - ଅକୃତ୍ୱା, ଅଜ୍ଞାତ୍ୱା ।

'କ୍ତ୍ୱା' ପ୍ରତ୍ୟୟ ଯୋଗେ ଏକପଦୀକରଣ

| | | | |
|---|---|---|---|
| ପଠନାତ୍ ଅନନ୍ତରମ୍<br>ପଠନାତ୍ ପରମ୍<br>ପଠନଂ କୃତ୍ୱା<br>ପଠନଂ ସମାପ୍ୟ | } ପଠିତ୍ୱା । | ଗମନାତ୍ ଅନନ୍ତରମ୍<br>ଗମନାତ୍ ପରମ୍<br>ଗମନଂ କୃତ୍ୱା<br>ଗମନଂ ସମାପ୍ୟ | } ଗତ୍ୱା । |

## 'କ୍ତ୍ୱା' ପ୍ରତ୍ୟୟାନ୍ତ ଶବ୍ଦ

ଯେପରି ଅଦ୍ + କ୍ତ୍ୱା = ଜଗ୍ଧ୍ୱା, ସେହିପରି -

| | | |
|---|---|---|
| | ଦା - ଦତ୍ତ୍ୱା | ମନ୍ - ମତ୍ୱା |
| ଇଷ୍ - ଏଷିତ୍ୱା,ଇଷ୍ଟ୍ୱା | ଧୃ - ଧୃତ୍ୱା | ମୁଷ୍ - ମୁଷିତ୍ୱା |
| କୃ - କୃତ୍ୱା | ଧା - ହିତ୍ୱା | ମଥ୍ - ମଥିତ୍ୱା |

| | | |
|---|---|---|
| କ୍ରୀ - କ୍ରୀତ୍ୱା | ଧୈ - ଧୀତ୍ୱା | ଯଜ୍ - ଇଷ୍ଟ୍ୱା |
| କୁପ୍ - କୁପିତ୍ୱା | ସ୍ଥା - ସ୍ଥିତ୍ୱା | ଯାଚ୍ - ଯାଚିତ୍ୱା |
| କଥ୍ - କଥୟିତ୍ୱା | ପଚ୍ - ପକ୍ତ୍ୱା | ବୁଧ୍ - ବୁଦ୍ଧ୍ୱା |
| କୃଷ୍ - କୃଷ୍ଟ୍ୱା | ପଠ୍ - ପଠିତ୍ୱା | ରୁଦ୍ - ରୁଦିତ୍ୱା |
| କ୍ରୀଡ୍ - କ୍ରୀଡିତ୍ୱା | ପତ୍ - ପତିତ୍ୱା | ଭୁଜ୍ - ଭୁକ୍ତ୍ୱା |
| କ୍ରମ୍ - କ୍ରମିତ୍ୱା | ପୂ - ପୂତ୍ୱା / ପବିତ୍ୱା | ଶମ୍ - ଶମିତ୍ୱା, ଶାନ୍ତ୍ୱା |
| ଖନ୍ - ଖନିତ୍ୱା | ନମ୍ - ନତ୍ୱା | ଶୀ - ଶୟିତ୍ୱା |
| ଗମ୍ - ଗତ୍ୱା | ନୃତ୍ - ନର୍ତ୍ତିତ୍ୱା | ସିଚ୍ - ସିକ୍ତ୍ୱା |

ଗୁହ୍ - ଗୁହିତ୍ୱା, ଗୂହିତ୍ୱା, ଗୂଢ୍ୱା ।

ଗୁପ୍ - ଗୋପୟିତ୍ୱା, ଗୋପିତ୍ୱା, ଗୁପିତ୍ୱା, ଗୁପ୍ତ୍ୱା ।

| | | |
|---|---|---|
| ଗ୍ରହ୍ - ଗୃହୀତ୍ୱା | ନୀ - ନୀତ୍ୱା | ସୃଜ୍ - ସୃଷ୍ଟ୍ୱା |
| ଗ୍ରନ୍ଥ - ଗ୍ରଥିତ୍ୱା | ପୂଜ୍ - ପୂଜୟିତ୍ୱା | ସ୍ପୃଶ୍ - ସ୍ପୃଷ୍ଟ୍ୱା |
| ଗୈ - ଗୀତ୍ୱା | ପୂର୍ - ପୂରୟିତ୍ୱା | କ୍ଲିଶ୍ - କ୍ଲିଶିତ୍ୱା/କ୍ଲିଷ୍ଟ୍ୱା |
| ଘ୍ରା - ଘ୍ରାତ୍ୱା | ପ୍ରଚ୍ଛ୍ - ପୃଷ୍ଟ୍ୱା | ମିଲ୍ - ମିଲିତ୍ୱା, ମେଲିତ୍ୱା |
| ଚି - ଚିତ୍ୱା | ପା - ପୀତ୍ୱା | ହା - ହିତ୍ୱା |
| ଚିନ୍ତ -ଚିନ୍ତୟିତ୍ୱା | ବ୍ରୂ / ବଚ୍ - ଉକ୍ତ୍ୱା | ହନ୍ - ହତ୍ୱା |
| ଚୁର୍ - ଚୋରୟିତ୍ୱା | ବଦ୍ -ଉଦିତ୍ୱା | ହୃ - ହୃତ୍ୱା |
| ଜି - ଜିତ୍ୱା | ବସ୍ - ଉଷିତ୍ୱା | ଲିଖ୍ - ଲିଖିତ୍ୱା |
| ଦହ୍ - ଦଗ୍ଧ୍ୱା | ବହ୍ - ଊଢ୍ୱା | ସହ୍ - ସୋଢ୍ୱା |
| ଦନ୍ଶ - ଦଂଷ୍ଟ୍ୱା | ବ୍ୟଧ୍ - ବିଦ୍ଧ୍ୱା | ଲିହ୍ - ଲୀଢ୍ୱା |

ଦ୍ୱିଷ୍ - ଦ୍ୱିଷ୍ଟ୍ୱା

ବସ୍ - ବସିତ୍ୱା

ଭିଦ୍ - ଭିତ୍ୱା

ମୁଚ୍ - ମୁକ୍ତ୍ୱା

କ୍ଷିପ୍ - କ୍ଷିପ୍ତ୍ୱା

ଶାସ୍ - ଶାସିତ୍ୱା

କ୍ଷମ୍-କ୍ଷମିତ୍ୱା /କ୍ଷାନ୍ତ୍ୱା

ଭଞ୍ଜ - ଭଙ୍କ୍ତ୍ୱା

## ଲ୍ୟପ୍ ପ୍ରତ୍ୟୟ ଯୋଗେ ଏକପଦୀକରଣ

ସଂଗ୍ରହଣାତ୍ ଅନନ୍ତରମ୍
ସଂଗ୍ରହଣାତ୍ ପରମ୍
ସଂଗ୍ରହଂ କୃତ୍ୱା
} ସଂଗୃହ୍ୟ । (ସମ୍+ଗ୍ରହ+ଲ୍ୟପ୍)

ପ୍ରବେଶାତ୍ ଅନନ୍ତରମ୍
ପ୍ରବେଶାତ୍ ପରମ୍
ପ୍ରବେଶଂ କୃତ୍ୱା
} ପ୍ରବିଶ୍ୟ । (ପ୍ର-ବିଶ୍+ଲ୍ୟପ୍)

## 'ଲ୍ୟପ୍' ପ୍ରତ୍ୟୟାନ୍ତ ଶବ୍ଦ

ଅନୁ - ନୀ+ଲ୍ୟପ୍ = ଅନୁନୀୟ

ଅନୁ - ଭୂ = ଅନୁଭୂୟ

ଅନୁ - ବଦ୍ = ଅନୂଦ୍ୟ

ଅଧି - ଶୀ = ଅଧିଶଯ୍ୟ

ଅଧି - ବସ୍ = ଅଧ୍ୟୁଷ୍ୟ

ଅନୁ - ଜ୍ଞା = ଅନୁଜ୍ଞାୟ

ଅନୁ - ଇଷ୍ = ଅନ୍ୱିଷ୍ୟ

ଅଧି - ଇ = ଅଧୀତ୍ୟ

ଅଧି - ସ୍ଥା = ଅଧିଷ୍ଠାୟ

ଅତି - କ୍ରମ୍ = ଅତିକ୍ରମ୍ୟ

ଅପ - ସୃ = ଅପସୃତ୍ୟ

ଅଭି - ଧା = ଅଭିଧାୟ

ପ୍ର - ଦା = ପ୍ରଦାୟ

ପ୍ର - ବସ୍ = ପ୍ରୋଷ୍ୟ (ବାସକରି)

ପ୍ର - ମୁଚ୍ = ପ୍ରମୁଚ୍ୟ

ପ୍ର - ବସ୍ = ପ୍ରବସ୍ୟ

ପ୍ର - ମନ୍ଥ୍ = ପ୍ରମଥ୍ୟ

ପ୍ର - ଶଂସ୍ = ପ୍ରଶସ୍ୟ

ପ୍ରତି - ଜ୍ଞା = ପ୍ରତିଜ୍ଞାୟ

ବି - ଚିନ୍ତ୍ = ବିଚିନ୍ତ୍ୟ

ବି - ଜି = ବିଜିତ୍ୟ

ବି - ଜ୍ଞା = ବିଜ୍ଞାୟ

ବି - କ୍ରୀ = ବିକ୍ରୀୟ

ବି - ତନ୍ = ବିତତ୍ୟ

ଅପ - କୃ = ଅପକୃତ୍ୟ

ଆ - ଗମ୍ = ଆଗମ୍ୟ/ଆଗତ୍ୟ

ଆ - ଘ୍ରା = ଆଘ୍ରାୟ

ଆ - ଦା = ଆଦାୟ

ଆ - କୃଷ୍ = ଆକୃଷ୍ୟ

ଆ - ଦୃ = ଆଦୃତ୍ୟ

ଆ - ନୀ = ଆନାୟ

ଆ - ପ୍ରଚ୍ଛ = ଆପୃଚ୍ଛ୍ୟ

ଆ - ରୁହ୍ = ଆରୁହ୍ୟ

ଆ - ରଭ୍ = ଆରଭ୍ୟ

ଆ - ଲିଖ୍ = ଆଲିଖ୍ୟ

ଆ - ଶ୍ରି = ଆଶ୍ରିତ୍ୟ

ଆ - ହନ୍ = ଆହତ୍ୟ

ଆ - ହ୍ୱେ = ଆହୂୟ

ଆ - କ୍ରମ୍ = ଆକ୍ରମ୍ୟ

ନି - ଶମ୍+ଣିଚ୍ = ନିଶମ୍ୟ

ନି - ଗ୍ରହ୍ = ନିଗୃହ୍ୟ

ନି - ରୁଧ୍ = ନିରୁଧ୍ୟ

ନି - ଶ୍ୱସ୍ = ନିଶ୍ୱସ୍ୟ

ପ୍ର - ଣମ୍ = ପ୍ରଣମ୍ୟ/ପ୍ରଣତ୍ୟ

ପ୍ର - ଆପ୍ = ପ୍ରାପ୍ୟ

ବି - ଜପ୍+ଣିଚ୍ = ବିଜପ୍ୟ

ବି - ସ୍ମୃ = ବିସ୍ମାର୍ଯ୍ୟ

ବି - ହା = ବିହାୟ

ବି - ଧା = ବିଧାୟ

ବି - ଗମ୍ = ବିଗମ୍ୟ / ବିଗତ୍ୟ

ବି - ଲୋକ୍ = ବିଲୋକ୍ୟ

ବି - ସୃଜ୍ = ବିସୃଜ୍ୟ

ବି - ମୃଶ୍ = ବିମୃଶ୍ୟ

ପରା - ଭୂ = ପରାଭୂୟ

ପରା- ଜି = ପରାଜିତ୍ୟ

ପରି - ଧା = ପରିଧାୟ

ସମ୍ - ଗ୍ରହ୍ = ସଂଗୃହ୍ୟ

ସମ୍ - ତ୍ୟଜ୍ = ସନ୍ତ୍ୟଜ୍ୟ

ସମ୍ - ଭୂ = ସଂଭୂୟ

ସମ୍ - ରକ୍ଷ୍ - ସଂରକ୍ଷ୍ୟ

ସମ୍ - ସ୍କୃ = ସଂସ୍କୃତ୍ୟ

ସମ୍ - ଯମ୍ = ସଂଯମ୍ୟ, ସଂଯତ୍ୟ

ସମ୍ - ଧା = ସନ୍ଧାୟ

ସମ୍ - ଆପ୍ = ସମାପ୍ୟ

ସମ - ପୃଚ୍ଛ୍ = ସମ୍ପୃଚ୍ଛ୍ୟ

ପ୍ର - ନି-ପତ୍ = ପ୍ରଣିପତ୍ୟ
ପ୍ର - ହନ୍ = ପ୍ରହତ୍ୟ
ପ୍ର - ବିଶ୍ = ପ୍ରବିଶ୍ୟ
ପ୍ର - ସ୍ତୁ = ପ୍ରସ୍ତୁତ୍ୟ
ପ୍ର - ସ୍ଥା = ପ୍ରସ୍ଥାୟ
ପ୍ର - ହୃ = ପ୍ରହୃତ୍ୟ
ପ୍ର - ଗ୍ରହ୍ = ପ୍ରଗୃହ୍ୟ

ସମ୍ - ଉପ +ଇ = ସମୁପେତ୍ୟ
ସମ୍ - ଚି = ସଞ୍ଚିତ୍ୟ
ସମ୍ - ଚିନ୍ତ୍ = ସଞ୍ଚିନ୍ତ୍ୟ
ନିର୍ - ଈକ୍ଷ୍ = ନିରୀକ୍ଷ୍ୟ
ଉତ୍ - କୃ = ଉତ୍କୃତ୍ୟ
ପ୍ର - ଜି = ପ୍ରଜିତ୍ୟ

୯. ଲ୍ୟପ୍ (ଯ) ପରେ ଥିଲେ ହ୍ରସ୍ୱସ୍ୱର ପରବର୍ତ୍ତୀ ଣିଚ୍ (ଇ) ର 'ଅୟ' ହୁଏ *(ଲ୍ୟପିଲଘୁପୂର୍ବାତ୍ -ପା. ୬.୪.୫୬)* । ଯଥା -

ବି - ଗଣ୍ + ଣିଚ୍ + ଲ୍ୟପ୍ (ଯ) = ବି - ଗଣ+ଅୟ + ଯ = ବିଗଣଯ୍ୟ । ସେହିପରି ପ୍ର - ନମ୍ = ପ୍ରଣମଯ୍ୟ । ବି - ରମ୍ = ବିରମଯ୍ୟ, ବି - ରଚ୍ = ବିରଚଯ୍ୟ ।

## (ଙ) ତୁମୁନ୍ (ତୁମ୍) ପ୍ରତ୍ୟୟ

ଉଭୟ କ୍ରିୟାର କର୍ତ୍ତା ଏକ ହେଲେ ତନ୍ମଧ୍ୟରୁ ନିମିତ୍ତାର୍ଥବୋଧକ ଧାତୁରୁ ତୁମୁନ୍ (ତୁମ୍) ପ୍ରତ୍ୟୟ ହୁଏ । *(ସମାନକର୍ତ୍ତୃକେଷୁ ତୁମୁନ୍ -ପା.୩.୩.୧୫୮)* । ଯଥା -

ଛାତ୍ର ପଠିତୁଂ (ପଠ୍+ତୁମୁନ୍) ଗଚ୍ଛତି । ସ ଦ୍ରଷ୍ଟୁଂ (ଦୃଶ୍+ତୁମୁନ୍) ଯାତି ।

୧. ସମାପିକା କ୍ରିୟା ଏବଂ ତୁମନ୍ତକ କ୍ରିୟାର କର୍ତ୍ତା ଏକ ହେଲେ 'ତୁମ୍' ପ୍ରତ୍ୟୟ ହୁଏ । ତାହା ନହେଲେ 'ତୁମ୍' ପ୍ରତ୍ୟୟ ହୁଏ ନାହିଁ । ଉଦାହରଣ -

ସ ଗୃହଂ ଗନ୍ତୁଂ (ଗମ୍+ତୁମୁନ୍) କଥୟତି । ଏଠାରେ 'ଗନ୍ତୁଂ' ଓ 'କଥୟତି' କ୍ରିୟାଦ୍ୱୟରେ କର୍ତ୍ତା ଏକ ।

୨. ତୁମ୍ ପ୍ରତ୍ୟୟାନ୍ତ ପଦ ଅବ୍ୟୟ । ତାହାର କୌଣସି ପରିବର୍ତ୍ତନ ହୁଏ ନାହିଁ ।

୩. ସାଧାରଣତଃ 'ତ' ପ୍ରତ୍ୟୟାନ୍ତ ଶବ୍ଦର ଶେଷରେ 'ଉମ୍' ଲଗାଇଲେ ତୁମ୍ ପ୍ରତ୍ୟୟାନ୍ତ ପଦ ନିଷ୍ପନ୍ନ ହୁଏ ।

ଯଥା - ଯା + ତୁମ୍ = ଯାତୁମ୍ । ପା + ତୁମ୍ = ପାତୁମ୍ ।

୪. ଅଲମ୍ ପ୍ରଭୃତି ସମର୍ଥାର୍ଥକ ଶବ୍ଦଯୋଗରେ ମଧ୍ୟ 'ତୁମ୍' ପ୍ରତ୍ୟୟ ହୋଇଥାଏ । ଯଥା - ସ ପୃଥିବୀଂ ଶାସିତୁମ୍ ଅଲମ୍ ।

୫. ସ୍ୱରାନ୍ତଧାତୁର ଏବଂ ଯେଉଁ ଧାତୁର ଉପଧାରେ ହ୍ରସ୍ୱ ସ୍ୱର ଥାଏ, ତୁମୁନ୍ (ତୁମ୍) ପ୍ରତ୍ୟୟ ଯୋଗେ ସେହି ସ୍ୱରର ଗୁଣ ହୁଏ । ଯଥା -

ଜି+ତୁମ୍ =ଜେତୁମ୍, କୃ+ତୁମ୍ =କର୍ତ୍ତୁମ୍, କ୍ଷିପ୍+ତୁମ୍ =କ୍ଷେପ୍ତୁମ୍, ଶୁଚ୍+ ତୁମ୍ = ଶୋଚିତୁମ୍, ନୀ+ତୁମ୍ = ନେତୁମ୍ ।

୬. 'ମ'କାରାନ୍ତ ଧାତୁର 'ତୁମ୍' ପ୍ରତ୍ୟୟ ପରେ 'ମ'ର ଲୋପ ହୁଏ ନାହିଁ । ଯଥା - ଗମ୍ + କ୍ତ = ଗତ; କିନ୍ତୁ, ଗମ୍ + ତୁମୁନ୍ = ଗନ୍ତୁମ୍, ରମ୍ + କ୍ତ = ରତ; କିନ୍ତୁ, ରମ୍ + ତୁମୁନ୍ = ରନ୍ତୁମ୍ ।

୭. କାମ, ମନସ୍ ଶବ୍ଦ ପରେ ଥିଲେ 'ତୁମୁନ୍' ପ୍ରତ୍ୟୟ ସମ୍ବନ୍ଧୀ 'ମ'ର ଲୋପ ହୁଏ । ଯଥା -

ଗନ୍ତୁକାମଃ, ଅଧେତୁମନାଃ ଏଠାରେ 'ଗନ୍ତୁମ୍'ର 'ମ୍' ର ଲୋପ ହୋଇଅଛି । ସେହିପରି 'ଅଧେତୁଂ'ର ଅନୁସ୍ୱାର ଲୋପହୋଇଛି । (ତୁଂ କାମ ମନସୋରପି)

୮. ଇଚ୍ଛାର୍ଥକ ପଦ ଉପପଦ ହେଲେ ଧାତୁର ପରେ ତୁମୁନ୍ ପ୍ରତ୍ୟୟର ପ୍ରୟୋଗ ହୁଏ । ଯଥା -

ଜୀବିତୁମ୍ ଇଚ୍ଛତି, ଗନ୍ତୁଂ କାମୟତେ, ଅଧେତୁଂ ବାଞ୍ଛତି ।

୯. କାଳବାଚକ ଶବ୍ଦ ଉପପଦ ହେଲେ ଶକ୍ତ୍ୟର୍ଥକ ଶବ୍ଦଯୋଗରେ ଏବଂ ଜ୍ଞା ଓ ଆ - ରଭ୍ ପ୍ରଭୃତି ଧାତୁଯୋଗରେ ତୁମୁନ୍ ପ୍ରତ୍ୟୟ ହୁଏ *(କାଳ ସମୟ ବେଳାସୁ ତୁମୁନ୍ - ପା.୩.୩.୧୬୭)* । ଯଥା - ଗନ୍ତୁମ୍ ଅବସରଃ, ଜେତୁମ୍ ସମର୍ଥଃ, ଆରଭତେ ପଠିତୁମ୍, ଅର୍ହତି ଗନ୍ତୁମ୍, ଗନ୍ତୁଂ କାଳଃ ସମୟୋ ବେଳା ବା ।

ତୁମୁନ୍ ପ୍ରତ୍ୟୟଯୋଗେ ଏକପଦୀକରଣ

ପଠନଂ କର୍ତ୍ତୁମ୍ = ପଠିତୁମ୍, ଶ୍ରବଣଂ କର୍ତ୍ତୁମ୍ = ଶ୍ରୋତୁମ୍
ଗମନଂ କର୍ତ୍ତୁମ୍ - ଗନ୍ତୁମ୍, ଭ୍ରମଣଂ କର୍ତ୍ତୁମ୍ - ଭ୍ରମିତୁମ୍
ଭୋଜନଂ କର୍ତ୍ତୁମ୍ - ଭୋକ୍ତୁମ୍ ଇତ୍ୟାଦି ।

କେତେକ ତୁମୁନ୍ ପ୍ରତ୍ୟୟାନ୍ତ ଶବ୍ଦ

| | | |
|---|---|---|
| ଅଦ୍+ତୁମୁନ୍ = ଅତ୍ତୁମ୍ | ଇ - ଏତୁମ୍ | ଇଷ୍ - ଏଷିତୁମ୍ |
| କଥ୍ - କଥୟିତୁମ୍ | କୁପ୍ - କୋପିତୁମ୍ | କୃଷ୍ - କ୍ରଷ୍ଟୁମ୍ |
| କ୍ରୀଡ୍ - କ୍ରୀଡିତୁମ୍ | କ୍ରୀ - କ୍ରେତୁମ୍ | ଖନ୍ - ଖନିତୁମ୍ |
| ଗୁପ୍ - ଗୋପ୍ତୁମ୍ | ଗୈ - ଗାତୁମ୍ | ଗ୍ରହ୍ - ଗ୍ରହୀତୁମ୍ |
| ଚି - ଚେତୁମ୍ | ଛିଦ୍ - ଛେତ୍ତୁମ୍ | ଜୀବ୍ - ଜୀବିତୁମ୍ |
| ଜି - ଜେତୁମ୍ | ତ୍ୟଜ୍ - ତ୍ୟକ୍ତୁମ୍ | ତ୍ରୈ - ତ୍ରାତୁମ୍ |
| ଦା - ଦାତୁମ୍ | ଧ୍ୟୈ - ଧ୍ୟାତୁମ୍ | ନୀ - ନେତୁମ୍ |
| ନିନ୍ଦ୍ - ନିନ୍ଦିତୁମ୍ | ପଠ୍ - ପଠିତୁମ୍ | ପ୍ରଚ୍ଛ୍ - ପ୍ରଷ୍ଟୁମ୍ |
| ପଚ୍ - ପକ୍ତୁମ୍ | ବଚ୍ /ବ୍ରୂ - ବକ୍ତୁମ୍ | ବନ୍ଦ୍ - ବନ୍ଦିତୁମ୍ |
| ବନ୍ଧ୍ - ବନ୍ଧୁମ୍ | ଭକ୍ଷ୍ - ଭକ୍ଷୟିତୁମ୍ | ଭିଦ୍ - ଭେତ୍ତୁମ୍ |

| | | |
|---|---|---|
| ଭୁଜ୍ - ଭୋକ୍ତୁମ୍ | ବୁଧ୍ - ବୋଦ୍ଧୁମ୍ | ଭୂ - ଭବିତୁମ୍ |
| ମିଲ୍ -ମେଳିତୁମ୍ | ମୁଚ୍ - ମୋକ୍ତୁମ୍ | ମୃ - ମର୍ତ୍ତୁମ୍ |
| ଯଜ୍ - ଯଷ୍ଟୁମ୍ | ଯା - ଯାତୁମ୍ | ସ୍ଥା - ସ୍ଥାତୁମ୍ |
| ଦନ୍ଶ - ଦଂଷ୍ଟୁମ୍ | ସୃଜ୍ - ସ୍ରଷ୍ଟୁମ୍ | ଜ୍ଞା - ଜ୍ଞାତୁମ୍ |
| ଯୁଜ୍ - ଯୋକ୍ତୁମ୍ | ତୃ - ତରିତୁମ୍ /ତରୀତୁମ୍ | ରକ୍ଷ୍ - ରକ୍ଷିତୁମ୍ |
| ସ୍ପୃଶ୍ - ସ୍ପ୍ରଷ୍ଟୁମ୍ | ସ୍ୱପ୍ - ସ୍ୱପ୍ତୁମ୍ | ସ୍ତୁ - ସ୍ତୋତୁମ୍ |
| ହନ୍ - ହନ୍ତୁମ୍ | ହା - ହାତୁମ୍ | ହ୍ୱେ - ହ୍ୱାତୁମ୍ |
| ସିଚ୍ - ସେକ୍ତୁମ୍ | ଲଭ୍ - ଲବ୍ଧୁମ୍ | ଲିଖ୍ - ଲେଖିତୁମ୍ |
| ଗମ୍ - ଗନ୍ତୁମ୍ | ରୁଦ୍ - ରୋଦିତୁମ୍ | ନଶ୍-ନଷ୍ଟୁମ୍ |
| ସୃ - ସର୍ତ୍ତୁମ୍ | ଅସ୍ - ଭବିତୁମ୍ | ପରା-ଅୟ-ପଲାୟିତୁମ୍ । |

## (ଚ) କ୍ତିନ୍ (ତି) ପ୍ରତ୍ୟୟ

କର୍ତ୍ତୃଭିନ୍ନ କାରକରେ ଓ ଭାବାର୍ଥରେ ଧାତୁରୁ କ୍ତିନ୍ (ତି) ହୁଏ । ଉକ୍ତ କ୍ତିନ୍ (ତି) ପ୍ରତ୍ୟୟାନ୍ତ ପଦ ସ୍ତ୍ରୀଲିଙ୍ଗ *(ସ୍ତ୍ରିୟାଂ କ୍ତିନ୍ -ପା. ୩.୩.୯୪)* । ଉକ୍ତ ପ୍ରତ୍ୟୟ କଲେ ବିଶେଷ୍ୟ ପଦ ନିଷ୍ପନ୍ନ ହୁଏ । ଯଥା -

କୃ+କ୍ତିନ୍= କୃତି, ମନ୍ - ମତି, ନୀ - ନୀତି, ମୁଚ୍ - ମୁକ୍ତି,
ସ୍ତୁ - ସ୍ତୁତି, ଶମ୍ -ଶାନ୍ତି, ଯଜ୍ - ଇଷ୍ଟି, ଚି - ଚିତି,
ଆପ୍ - ଆପ୍ତି, ଦୀପ୍ - ଦୀପ୍ତି, ବଚ୍ - ଉକ୍ତି ।

### କେତେକ କ୍ତିନ୍ (ତି) ପ୍ରତ୍ୟୟାନ୍ତ ଶବ୍ଦ

କୃତ୍ - କୀର୍ତ୍ତି, କ୍ଲମ୍ - କ୍ଲାନ୍ତି, ଗମ୍ - ଗତି, ଗୈ - ଗୀତି ।
ଖ୍ୟା - ଖ୍ୟାତି, ଭଜ୍ - ଭକ୍ତି, ଭିଦ୍ - ଭିତ୍ତି, ଭ୍ରମ୍ - ଭ୍ରାନ୍ତି ।

ବୁଧ୍ - ବୁଦ୍ଧି, ବୃଷ୍ - ବୃଷ୍ଟି, ଦୃଶ୍ - ଦୃଷ୍ଟି, ତୃପ୍ - ତୃପ୍ତି ।

ପୁଷ୍ - ପୁଷ୍ଟି, ପ୍ରୀ - ପ୍ରୀତି, ରମ୍ - ରତି, କ୍ଷମ୍ - କ୍ଷତି ।

ଗ୍ଲୈ - ଗ୍ଲାନି, ହା - ହାନି, ସ୍ଥା - ସ୍ଥିତି, ଶକ୍ - ଶକ୍ତି ।

ସିଧ୍ - ସିଦ୍ଧି, ସ୍ମୃ - ସ୍ମୃତି, ଉପ - ସ୍ଥା - ଉପସ୍ଥିତି ।

ସମ୍ - ପଦ୍ - ସମ୍ପତ୍ତି, ଶ୍ରୁ - ଶ୍ରୁତି, ଶୁଧ୍ - ଶୁଦ୍ଧି ।

ମୁଚ୍ - ମୁକ୍ତି, ଭୀ - ଭୀତି, ମ୍ଲୈ - ମ୍ଲାନି, ଜ୍ୟା - ଜ୍ୟାନି ।

ବି -ପଦ୍ - ବିପତ୍ତି, ପ୍ରତି - ପଦ୍ - ପ୍ରତିପତ୍ତି, ଲଭ୍ - ଲବ୍ଧି ।

## (ଛ) ଲ୍ୟୁଟ୍ (ଅନ) ପ୍ରତ୍ୟୟ

ଭାବଅର୍ଥରେ ଧାତୁରୁ ଲ୍ୟୁଟ୍ (ଅନ) ପ୍ରତ୍ୟୟ ହୁଏ *(ଲ୍ୟୁଟ୍ ଚ - ପା.୩.୩.୧୧୫)* । ଯଥା - ହସ୍ + ଲ୍ୟୁଟ୍ =ହସନମ୍, ଗମ୍ - ଗମନମ୍ । ପ୍ର - ସ୍ଥା - ପ୍ରସ୍ଥାନମ୍ । ଭାବଅର୍ଥରେ ଲ୍ୟୁଟ୍ ପ୍ରତ୍ୟୟାନ୍ତ ଶବ୍ଦ କ୍ଲୀବଲିଙ୍ଗ ।

କରଣ ଓ ଅଧିକରଣ କାରକରେ ଧାତୁରୁ ଲ୍ୟୁଟ୍ (ଅନ) ହୁଏ । *(କରଣାଧିକରଣୟୋଶ୍ଚ -ପା.୩.୩.୧୧୭ / ହଲଶ୍ଚ -ପା.୩.୩.୧୨୧)* । ଯଥା - ଯାୟତେ ଅନେନ = ଯାନମ୍, ନୀୟତେ ଅନେନ = ନୟନମ୍ । ସେହିପରି, ଅଧିକରଣରେ ଶଯ୍ୟତେ ଅସ୍ମିନ୍ = ଶୟନମ୍, ସ୍ଥୀୟତେ ଅସ୍ମିନ୍ = ସ୍ଥାନମ୍ ।

ଲ୍ୟୁଟ୍ ପ୍ରତ୍ୟୟାନ୍ତ ଶବ୍ଦ

ଅଙ୍କ - ଅଙ୍କନମ୍, ଈକ୍ଷ୍ -ଈକ୍ଷଣମ୍, ଅଧି - ଇ - ଅଧ୍ୟୟନମ୍,

କୃ - କରଣମ୍, ଖଣ୍ଡ୍ - ଖଣ୍ଡନମ୍, ଗମ୍ - ଗମନମ୍,

ଗୈ - ଗାନମ୍, ଚଲ୍ - ଚଳନମ୍, ଚି -ଚୟନମ୍,

ଛିଦ୍ -ଛେଦନମ୍, ଦା -ଦାନମ୍, ପା -ପାନମ୍,

ଜ୍ଞା - ଜ୍ଞାନମ୍, ଦୃପ୍ - ଦର୍ପଣମ୍, ବି - ଧା - ବିଧାନମ୍,

ନୃତ୍ - ନର୍ତ୍ତନମ୍, ପତ୍ - ପତନମ୍, ମନ୍ - ମନନମ୍,
ମନ୍ଥ - ମନ୍ଥନମ୍, ରକ୍ଷ୍ - ରକ୍ଷଣମ୍, ଭକ୍ଷ୍ - ଭକ୍ଷଣମ୍,
ଭୁଜ୍ - ଭୋଜନମ୍, ଶୀ - ଶୟନମ୍, ସ୍ନା - ସ୍ନାନମ୍,
ସ୍ମୃ - ସ୍ମରଣମ୍, ଆ-ହ୍ୱେ-ଆହ୍ୱାନମ୍, ରୁଦ୍ - ରୋଦନମ୍,
ସାଧ୍ - ସାଧନମ୍, ଭୂଷ୍ - ଭୂଷଣମ୍, ହୃ - ହରଣମ୍,
ନୀ - ନୟନମ୍, ଶ୍ରୁ - ଶ୍ରବଣମ୍, ଚର୍ - ଚରଣମ୍ ।

## (ଢ) ଘଞ୍ (ଅ) ପ୍ରତ୍ୟୟ

ଭାବବାଚ୍ୟରେ ଧାତୁରୁ ଉତ୍ତର ଘଞ୍ (ଅ) ପ୍ରତ୍ୟୟ ହୁଏ । ଉକ୍ତ ପ୍ରତ୍ୟୟାନ୍ତ ଶବ୍ଦ ବିଶେଷ୍ୟ ଓ ପୁଂଲିଙ୍ଗ ବାଚକ ।

ଯଥା - ପଠ୍+ଘଞ୍ =ପାଠଃ, ଭୁଜ୍ = ଭୋଗଃ ।

କରଣ ଓ ଅଧିକରଣ କାରକରେ ଧାତୁରୁ ଘଞ୍ (ଅ) ହୁଏ ।

ଯଥା - ବିଦ୍+ଘଞ୍ = ବେଦଃ, ବନ୍ଧ୍+ଘଞ୍ = ବନ୍ଧଃ, ମୃଗ୍ = ମାର୍ଗଃ । ଅଧ୍ୟାୟ ଆଦି କୃଦନ୍ତ ପଦ ଘଞ୍ ପ୍ରତ୍ୟୟାନ୍ତ ।

ଯଥା - ଅଧି + ଇ + ଘଞ୍ = ଅଧ୍ୟାୟଃ, ନୀ + ଇ + ଘଞ୍ = ନ୍ୟାୟଃ, ସମ୍ + ହୃ + ଘଞ୍ = ସଂହାରଃ, ଆ + ଧୃ + ଘଞ୍ = ଆଧାରଃ ।

ଭାବ (କ୍ରିୟା) ଅର୍ଥରେ ଧାତୁରୁ ଘଞ୍ (ଅ) ହୁଏ (*ଭାବେ -ପା. ୩.୩.୧୮*) ।

ଯଥା - ପଚ୍ + ଘଞ୍ = ପାକଃ, ତ୍ୟଜ୍ + ଘଞ୍ = ତ୍ୟାଗଃ,

ରଞ୍ଜ୍ + ଘଞ୍ = ରାଗଃ ।

**କତିପୟ ଘଞ୍ ପ୍ରତ୍ୟୟାନ୍ତ ଶବ୍ଦ**

ଯୁଜ୍ - ଯୋଗ । ତପ୍ - ତାପ । ହନ୍ - ଘାତ ।

ତ୍ୟଜ୍ - ତ୍ୟାଗ । ଯଜ୍ - ଯାଗ । ଦହ୍ - ଦାହ ।

ଲଭ୍ - ଲାଭ । ନଶ୍ - ନାଶ । ସନ୍ଜ୍ - ସଙ୍ଗ ।

ଭୁଜ୍ - ଭୋଗ । ଶୁଚ୍ - ଶୋକ । ଲିଖ୍ - ଲେଖ ।

ବସ୍ - ବାସ । ପ୍ର + ସ୍ତୁ - ପ୍ରସ୍ତାବ । ବି-ସ୍ତୃ- ବିସ୍ତାର ।

ଅବ - ତୃ - ଅବତାର । ଉପ + ଅଧି + ଇ - ଉପାଧ୍ୟାୟ ।

## (ଙ) ଅଚ୍ (ଅ) ପ୍ରତ୍ୟୟ

ଇଣ୍‌ଧାତୁରୁ ତଥା ଇକାରାନ୍ତ ଧାତୁରୁ ଭାବ ଅର୍ଥରେ ଓ କର୍ତ୍ତୃଭିନ୍ନ କାରକରେ ଅଚ୍ (ଅ) ପ୍ରତ୍ୟୟ ହୁଏ *(ଏରଚ୍ -ପା.୩.୩.୫୬)* ।

ଯଥା - ଇ + ଅଚ୍ = ଅୟଃ, ଜି + ଅଚ୍ = ଜୟଃ,

ଚି - ଚୟଃ, ଭୀ - ଭୟମ୍ ।

## (ଞ) ଅପ୍ (ଅ) ପ୍ରତ୍ୟୟ

୧. ଋକାରାନ୍ତ ଓ ଉକାରାନ୍ତ ଧାତୁରୁ ଅପ୍ (ଅ) ହୁଏ । *(ଋଦୋରପ୍ - ପା. ୩.୩.୫୭)* । ଯଥା - କୄ +ଅପ୍ (ଅ) = କରଃ (କିରଣି ଅନେକ ଉଡି) ଶୄ - ଶରଃ । ସ୍ତୁ - ସ୍ତବଃ ।

୨. ଗ୍ରହ୍ ଆଦି ଧାତୁରୁ ମଧ୍ୟ ଅପ୍ (ଅ) ପ୍ରତ୍ୟୟର ପ୍ରୟୋଗ ହୁଏ । *(ଗ୍ରହବୃଦୃନିଶ୍ଚିଗମଶ୍ଚ -ପା.୩.୩.୫୮)* । ଗ୍ରହ୍+ଅପ୍= ଗ୍ରହଃ, ବୃଞ୍ - ବରଃ । ଦୃଙ୍ - ଦରଃ ।

୩. ଉପସର୍ଗ ରହିତ ସ୍ୱନ୍ ଓ ହସ୍ ଧାତୁରୁ ବିକଳ୍ପରେ ଅପ୍ ଓ ଘଞ୍

ହୁଏ *(ସ୍ୱନହସୋର୍ବା - ପା.୩.୩.୬୨)* । ଯଥା -

ସ୍ୱନ୍ - ସ୍ୱନଃ (ଅପ୍) । ସ୍ୱାନଃ (ଘଞ୍) । ହସ୍ - ହସଃ (ଅପ୍) । ହାସଃ (ଘଞ୍) ।

୪. ସମ୍, ଉପ୍, ନି ଏବଂ ବି ଉପସର୍ଗ ପରବର୍ତ୍ତୀ ଯମ୍ ଧାତୁରୁ ବିକଳ୍ପରେ ଅପ୍ (ଅ) ଓ ଘଞ୍ (ଅ) ହୁଏ *(ଯମଃ ସମୁପନିବିଷୁ ଚ -ପା.୩.୩.୬୩)* । ଯଥା -

ସମ୍ +ଯମ୍ + ଅପ୍ = ସଂଯମଃ । ସମ୍ + ଯମ୍ + ଘଞ୍ = ସଂଯାମଃ ।

ଉପ + ଯମ୍ + ଅପ୍ = ଉପଯମଃ । ଉପ + ଯମ୍ + ଘଞ୍ = ଉପଯାମଃ ।

ନି + ଯମ୍ + ଅପ୍ = ନିୟମଃ । ନି + ଯମ୍ + ଘଞ୍ = ନିୟାମଃ ।

### (ଟ) କ (ଅ) ପ୍ରତ୍ୟୟ

୧. ଇକାର ଉପଧାରେ ଥିଲେ ଜ୍ଞା, ପ୍ରୀ ଓ କୄ ଧାତୁରୁ ଉତ୍ତର କ (ଅ) ପ୍ରତ୍ୟୟ ହୁଏ *(ଇଗୁପଧଜ୍ଞାପ୍ରୀକିରଃ କଃ -ପା.୩.୧.୧୩୫)* । ଯଥା -

ବୁଧ୍ + କ = ବୁଧ, ଜ୍ଞା + କ = ଜ୍ଞ, ପ୍ରୀ + କ = ପ୍ରିୟ,
କୃଶ୍ + କ = କୃଶ, କ୍ଷିପ୍ + କ = କ୍ଷିପ ।

୨. ଉପସର୍ଗ ପୂର୍ବରେ ଥିଲେ ଆକାରାନ୍ତ ଧାତୁରୁ ଉତ୍ତର 'କ' ପ୍ରତ୍ୟୟ ହୁଏ *(ଆତଶ୍ଚୋପସର୍ଗେ - ପା.୨.୧.୧୩୬)* । ଯଥା -

ପ୍ର + ଜ୍ଞା + କ = ପ୍ରଜ୍ଞଃ (ପ୍ରକର୍ଷେଣ ଜାନାତି)

ସୁ + ଗ୍ଲା + କ = ସୁଗ୍ଲଃ (ସୁଷ୍ଠୁ ଗ୍ଲାୟତି)

୩. ଉପସର୍ଗ ପୂର୍ବରେ ନ ଥିଲେ ଓ କର୍ମ ଉପପଦ ହୋଇଥିଲେ, ଆକାରାନ୍ତ ଧାତୁରୁ ଉତ୍ତର ଅଣ୍ ନ ହୋଇ 'କ'ପ୍ରତ୍ୟୟ ହୁଏ *(ଆତୋଽନୁପସର୍ଗେ କଃ -ପା.୩.୨.୩)* । ଯଥା -

ଗୋ + ଦା + କ = ଗୋଦ, ସର୍ବ +ଜ୍ଞା + କ = ସର୍ବଜ୍ଞ,

ନୃ + ପା + କ = ନୃପ, ମଧୁ + ପା + କ = ମଧୁପ ।

୪. କର୍ମଭିନ୍ନ ସୁବନ୍ତ ଉପପଦ ଥିଲେ ସ୍ଥା ଧାତୁ ଓ ଅନ୍ୟ ଆକାରାନ୍ତ ଧାତୁ ପରେ 'କ'ପ୍ରତ୍ୟୟ ହୁଏ । (ସୁପି ସ୍ଥଃ-ପା. ୩.୨.୪) । ଯଥା -

ଦ୍ୱି+ପା+କ = ଦ୍ୱିପଃ (ଦ୍ୱାଭ୍ୟାଂ ପିବତି) ।

ସମ+ସ୍ଥା+କ = ସମସ୍ଥଃ (ସମେ ତିଷ୍ଠତି ଇତି) ।

ବିଷମ+ସ୍ଥା+କ = ବିଷମସ୍ଥଃ (ବିଷମେ ତିଷ୍ଠତି ଇତି) ।

## (ଠ) ଅଣ୍ (ଅ) ପ୍ରତ୍ୟୟ

କର୍ମ ଉପପଦ ହୋଇଥିଲେ ଧାତୁର ଉତ୍ତର ଅଣ୍ (ଅ) ପ୍ରତ୍ୟୟ ହୁଏ (*କର୍ମଣ୍ୟଣ୍ -ପା.୩.୨.୧*) । ଯଥା -

କୁମ୍ଭ+କୃ+ଅଣ୍ = କୁମ୍ଭକାରଃ (କୁମ୍ଭଂ କରୋତି ଇତି) ।

ତନ୍ତୁ+ବେ+ଅଣ୍ = ତନ୍ତୁବାୟଃ (ତନ୍ତୁଂ ବୟତି ଇତି) ।

## (ଡ) ଟ (ଅ) ପ୍ରତ୍ୟୟ

କର୍ମ ବା ଅଧିକରଣ ଉପପଦ ହୋଇଥିଲେ ଟ (ଅ) ପ୍ରତ୍ୟୟ ହୋଇଥାଏ (*ଚରେଷ୍ଟ -ପା.୩.୨.୧୬, ଭିକ୍ଷାସେନାଦାୟେଷୁ ଚ - ପା.୩.୨.୧୭*) । (*ପୁରୋଽଗ୍ରତୋଽଗ୍ରେଷୁ ସର୍ତେ - ପା.୩.୨.୧୮*) । ଯଥା -

କୁରୁ+ଚର୍+ଟ = କୁରୁଚରଃ (କୁରୁଷୁ ଚରତି ଇତି) ।

ବନେ+ଚର୍+ଟ = ବନେଚରଃ (ବନେ ଚରତି ଇତି) ।

ଦିବା+କୃ+ଟ = ଦିବାକରଃ । ଭାସ୍+କୃ+ଟ = ଭାସ୍କରଃ,

ଯଶସ୍+କୃ+ଟ = ଯଶସ୍କରଃ ।

ଭିକ୍ଷା+ଚର୍+ଟ = ଭିକ୍ଷାଚରଃ (ଭିକ୍ଷାଂ ଚରତି ଇତି) ।

ସେନା+ଚର୍+ଟ = ସେନାଚରଃ (ସେନା° ଚରତି ଇତି) ।

ସେନା° ପ୍ରବିଶତୀତ୍ୟର୍ଥଃ ।

ପୁରଃ+ସୃ+ଟ = ପୁରଃସରଃ (ପୁରଃ ସରତି ଇତି) ।

ଅଗ୍ରତଃ+ସୃ+ଟ = ଅଗ୍ରତଃସରଃ (ଅଗ୍ରତଃ ସରତି ଇତି) ।

ଅଗ୍ରେ+ସୃ+ଟ = ଅଗ୍ରେସରଃ (ଅଗ୍ରମ୍,ଅଗ୍ରେଣ,ଅଗ୍ରେ ବା ସରତି ଇତି) ।

## (କ) ଟକ୍ (ଅ) ପ୍ରତ୍ୟୟ

କର୍ମ ଉପପଦ ହୋଇଥିଲେ 'ଗୈ' ଓ 'ପା' ଧାତୁରୁ ଉତ୍ତର ଟକ୍ (ଅ) ପ୍ରତ୍ୟୟ ହୁଏ *(ଗାପୋଷ୍ଟକ୍ - ପା.୩.୨.୮)* । ଯଥା -

ସାମନ୍+ଗୈ+ଟକ୍ = ସାମଗଃ (ସାମ° ଗାୟତି ଇତି) ।

ସୁରା+ପା+ଟକ୍ = ସୁରାପଃ (ସୁରା° ପିବତି ଇତି) ।

## (ଖ) ଖଚ୍ (ଅ) ପ୍ରତ୍ୟୟ

୧. ବଦ୍ ଧାତୁ ପୂର୍ବରୁ ପ୍ରିୟ ଓ ବଶ ଥିଲେ ତହିଁରୁ ଉତ୍ତର ଖଚ୍ (ଅ) ପ୍ରତ୍ୟୟ ହୁଏ *(ପ୍ରିୟବଶେବଦଃ ଖଚ୍ -ପା. ୩.୨.୩୮)* । ଯଥା -

ପ୍ରିୟ+ବଦ୍+ଖଚ୍ = ପ୍ରିୟଂବଦଃ ।

ବଶ+ବଦ୍+ଖଚ୍ = ବଶଂବଦଃ ।

ଏତଦ୍ ଭିନ୍ନ ଅନ୍ୟରୁ 'ଖଚ୍' ପ୍ରତ୍ୟୟ ହୁଏ । *(ଦ୍ୱିଷତ୍ପରୟୋସ୍ତାପେଃ - ପା.୩.୨.୩୯)* । ଯଥା -

ଦ୍ୱିଷତ୍+ତାପି+ଖଚ୍ = ଦ୍ୱିଷନ୍ତପଃ ।

ପର°+ତାପି+ଖଚ୍ = ପରନ୍ତପଃ ।

*(ବାଚଂଯମପୁରନ୍ଦରୌଚ - ପା.୬.୩.୬୯)* ।

ବାଚ + ଯମ୍ +ଖଚ୍ =ବାଚଂଯମଃ ।

ପୁର୍+ଦାରି+ଖଚ୍ = ପୁରନ୍ଦରଃ ।

*(ବିଧ୍ୱରୁଷୋସ୍ତୁଦଃ - ପା.୩.୨.୩୫)* ।

ବିଧୁ+ତୁଦ୍+ଖଚ୍ = ବିଧୁନ୍ତୁଦଃ ।

ଅରୁମ୍+ତୁଦ୍+ଖଚ୍ = ଅରୁନ୍ତୁଦଃ ।

### (ଡ) 'ଡ' (ଅ) ପ୍ରତ୍ୟୟ

ଅନ୍ତ+ଗମ୍+ଡ = ଅନ୍ତଗଃ । ଅଧ୍ୱନ୍+ଗମ୍+ଡ = ଅଧ୍ୱଗଃ ।

ପାର+ଗମ୍+ଡ = ପାରଗଃ । ସର୍ବ+ଗମ୍+ଡ = ସର୍ବଗଃ ।

ଦୁର୍+ଗମ୍+ଡ = ଦୁର୍ଗଃ ।

*(ଅନ୍ତାତ୍ୟନ୍ତାଧ୍ୱଦୂରପାରସର୍ବାନନ୍ତେଷୁ ଡଃ - ପା.୩.୨.୪୮)* ।

ଉରସ୍+ଗମ୍+ଡ = ଉରଗଃ (ଉରସା ଗଚ୍ଛତି ଇତି),

ଉରଙ୍ଗଃ (ଡ-ଖଚ) ଉରଙ୍ଗମଃ (ଖଚ) ।

ବିହାୟସ୍+ଗମ୍+ଡ = ବିହଗଃ (ବିହାୟସା ଗଚ୍ଛତି ଇତି),

ବିହଙ୍ଗ (ଡ-ଖଚ) ବିହଙ୍ଗମଃ (ଖଚ) ।

ପତେନ ପକ୍ଷେଣ ଗଚ୍ଛତି - ପତଗଃ (ଡ), ପତଙ୍ଗଃ (ଡ-ଖଚ) ପତଙ୍ଗମଃ (ଖଚ) । ଭୁଜଂ ବକ୍ରଂ ଗଚ୍ଛତି - ଭୁଜଗଃ (ଡ), ଭୁଜଙ୍ଗଃ (ଡ-ଖଚ) । ଭୁଜଙ୍ଗମଃ (ଖଚ), ତୁରୟା ଗଚ୍ଛତି ତୁରଗଃ (ଡ), ତୁରଙ୍ଗଃ(ଡ-ଖଚ),ତୁରଙ୍ଗମଃ (ଖଚ) । ସପ୍ତମୀ ବା ପଞ୍ଚମୀ ବିଭକ୍ତ୍ୟନ୍ତ ପଦ, ଉପସର୍ଗ ପୂର୍ବରେ ରହିଲେ ଜନ୍ ଧାତୁରୁ ଡ ପ୍ରତ୍ୟୟ ହୁଏ । ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ଜନ୍ ରୁ ଡ ପ୍ରତ୍ୟୟ ହେବାର ଦେଖାଯାଏ ।

ସରସ୍+ଜନ୍+ଡ = ସରୋଜମ୍ (ସରସି ଜାୟତେ ଇତି)ବା ସରସିଜମ୍ ।

ଅଣ୍ଡ+ଜନ୍+ଡ = ଅଣ୍ଡଜଃ, ସ୍ୱେଦ+ଜନ୍+ଡ = ସ୍ୱେଦଜଃ ।

ନଞ୍+ଜନ୍+ଡ= ଅଜଃ, ଅନୁ+ଜନ୍+ଡ = ଅନୁଜଃ ।

ଦ୍ୱି+ଜନ୍+ଡ = ଦ୍ୱିଜଃ । ସେହିପରି ଅଙ୍ଗଜ, ପଙ୍କଜ, ମନୋଜ, ମନସିଜ ।

### (ଥ) କ୍ୱିପ୍ ପ୍ରତ୍ୟୟ

କର୍ମନ୍+କୃ+କ୍ୱିପ୍ = କର୍ମକୃତ୍, ପାପ+କୃ+କ୍ୱିପ୍ =ପାପକୃତ୍ ।

ପୁଣ୍ୟ+କୃ+କ୍ୱିପ୍ = ପୁଣ୍ୟକୃତ୍, ବ୍ରହ୍ମନ୍+ହନ୍+କ୍ୱିପ୍ = ବ୍ରହ୍ମହନ୍ ।

ବୃତ୍ର+ହନ୍+କ୍ୱିପ୍ = ବୃତ୍ରହନ୍, ଇନ୍ଦ୍ର+ଜି+କ୍ୱିପ୍ = ଇନ୍ଦ୍ରଜିତ୍ ।

ଭାଷା+ସ୍ପୃଶ୍+କ୍ୱିପ୍ = ଭାଷାସ୍ପୃକ୍ *(କ୍ୱିପ୍ ଚ - ପା. ୩.୨.୭୬)* ।

### (ଦ) ଣ୍ୱୁଲ୍ (ଅକ), ତୃଚ୍ ପ୍ରତ୍ୟୟ

କର୍ତ୍ତୃବାଚ୍ୟରେ ବର୍ତ୍ତମାନକାଳରେ ଣ୍ୱୁଲ୍ (ଅକ) ଓ ତୃଚ୍ (ତୃ) ପ୍ରତ୍ୟୟ ହୁଏ *(ଣ୍ୱୁଲ୍‌ତୃଚୌ -ପା.୩.୧.୧୩୩)* । ଯଥା -

କୃ+ଣ୍ୱୁଲ୍ = କାରକଃ । ପଚ୍ = ପାଚକଃ । କ୍ଷିପ୍ = କ୍ଷେପକଃ ।

ନୀ = ନାୟକଃ । ଦା = ଦାୟକଃ । ଗୈ = ଗାୟକଃ ।

ପାଳି = ପାଳକଃ । ସେହିପରି,

ଦା+ତୃଚ୍ = ଦାତୃ । ନୀ+ତୃଚ୍ = ନେତୃ । ଗମ୍ = ଗନ୍ତୃ ।

ହନ୍ = ହନ୍ତୃ । ଭୂ = ଭବିତୃ । ଜନି = ଜନୟିତୃ ।

ବିଦ୍ = ବେଦିତୃ । ଶ୍ରୁ =ଶ୍ରୋତୃ । ସ୍ତୁ = ସ୍ତୋତୃ ।

### (ଧ) 'ଡୁ' ପ୍ରତ୍ୟୟ

ବି+ଭୂ = ବିଭୁଃ । ପ୍ର+ଭୂ = ପ୍ରଭୁଃ । ଶମ୍+ଭୂ = ଶମ୍ଭୁଃ ।

### (ନ) ଣିନି ପ୍ରତ୍ୟୟ

କର୍ତ୍ତୃବାଚ୍ୟରେ ଧାତୁରୁ ପରେ 'ଣିନି' ପ୍ରତ୍ୟୟ ହୁଏ । ଯଥା -

ମନ୍ତ୍ର+ଣିନି(ଇନ୍) = ମନ୍ତ୍ରୀ । ସ୍ଥା = ସ୍ଥାୟୀ ।

ଦ୍ରୁହ୍ = ଦ୍ରୋହୀ । ଅଧି+କୃ = ଅଧିକାରୀ ।

ସମ୍+ସୃ = ସଂସାରୀ । ଅପ+ରାଧ୍ = ଅପରାଧୀ ।

ପ୍ର+ବସ୍ = ପ୍ରବାସୀ । ପ୍ରତି+ବଦ୍ = ପ୍ରତିବାଦୀ ।

ହନ୍ ଧାତୁରୁ ଅତୀତକାଳରେ କର୍ତ୍ତୃବାଚ୍ୟରେ 'ଣିନି' ହୁଏ । ଯଥା -

ପିତରଂ ହତବାନ = ପିତୃଘାତୀ (ପିତୃ+ହନ୍+ଣିନି), କୁମାରଂ ହତବାନ = କୁମାରଘାତୀ - *(କୁମାରଶୀର୍ଷୟୋର୍ଣିନିଃ -ପା.୩.୨.୫୧)* ।

ଭବିଷ୍ୟତକାଳ ଅର୍ଥରେ ଭୂ,ସ୍ଥା,ଗମ୍, ପ୍ରଭୃତି ଧାତୁରୁ କର୍ତ୍ତୃବାଚ୍ୟରେ 'ଣିନି' ହୁଏ । ଯଥା - ଭୂ+ଣିନି = ଭାବୀ । ସ୍ଥା = ସ୍ଥାୟୀ । ଗମ୍ = ଗାମୀ ।

## (ପ) ଉ ପ୍ରତ୍ୟୟ

ସନନ୍ତ, ଆଶଂସ, ଭିକ୍ଷ୍ ଧାତୁରୁ 'ଉ' ପ୍ରତ୍ୟୟ ହୁଏ । (ସନାଶଂସଭିକ୍ଷ ଉଃ -ପା-୩.୨.୧୬୮) ।ଯଥା -ଜ୍ଞା - ସନ୍ + ଉ -ଜିଜ୍ଞାସୁ । ସେହିପରି ପିପାସୁ, ବୁଭୁକ୍ଷୁ, ଚିକୀର୍ଷୁ, ବିବକ୍ଷୁ, ତିତୀର୍ଷୁ, ଦିତ୍ସୁ, ଜିଗୀଷୁ , ଆଶଂସୁ, ଭିକ୍ଷୁ।

## (ଫ) କି ପ୍ରତ୍ୟୟ

ଉପସର୍ଗ ଓ ଅନ୍ତର୍ ଶବ୍ଦପରେ ଦାରୂପ ଓ ଧାରୂପ ଧାତୁରୁ କି ପ୍ରତ୍ୟୟ ହୁଏ । ଯଥା - ଆ - ଦା+କି = ଆଦିଃ । ବି - ଧା + କି - ବିଧିଃ । ସେହିପରି ନିଧିଃ, ଆଧିଃ, ଉପାଧିଃ, ଅନ୍ତର୍ଦ୍ଧିଃ । କି ପ୍ରତ୍ୟୟାନ୍ତ ପୁଂଲିଙ୍ଗ ଅଟେ (ଉପସର୍ଗେ ଘୋଃ କିଃ-ପା.୩.୩.୯୨) ।

## (ବ) ଖଲ୍ ପ୍ରତ୍ୟୟ

ସୁ, ଦୁର୍, ଈଷତ୍ ପରବର୍ତ୍ତୀ 'ଆ'କାରାନ୍ତ ଧାତୁର କର୍ମବାଚ୍ୟରେ ଅନ ପ୍ରତ୍ୟୟ ହୁଏ । ଶାସ୍, ଯୁଧ୍, ଦୃଶ୍, ଧୃଷ୍, ମୃଷ୍ ଧାତୁପରେ ଖଲ୍ ଓ ଅନ ପ୍ରତ୍ୟୟ ହୁଏ । (ଆତୋଯୁଚ୍-ପା.୩.୩.୧୨୮), ଈଷଦ୍ ଦୁଃ ସୁଷୁ କୃଚ୍ଛ୍ରାକୃଚ୍ଛ୍ରାର୍ଥେଷୁ ଖଲ୍ -ପା.୩.୩.୧୨୬ ।

ଯଥା - ଦୁଷ୍ପାନଃ, ସୁଶାସଃ, ସୁଶାସନଃ, ଦୁର୍ଯୋଧଃ,ଦୁର୍ଯୋଧନଃ, ଅନ୍ୟାନ୍ୟ - ସୁକର ଓ ଦୁଷ୍କର ଇତ୍ୟାଦି ।

## (ଭ) ଲ୍ୟୁ, ଣିନି, ଅଚ୍ ପ୍ରତ୍ୟୟ

'ନନ୍ଦ୍' ପ୍ରକୃତିରୁ ଲ୍ୟୁ (ଅନ), 'ଗ୍ରହ୍' ପ୍ରକୃତିରୁ ଣିନି, 'ପଚ୍' ପ୍ରକୃତିରୁ ଅଚ୍ ପ୍ରତ୍ୟୟ ଲାଗେ । (ନନ୍ଦିଗ୍ରହିପଚାଦିଭ୍ୟୋଲ୍ୟୁଣିନ୍ୟଚଃ - ପା. ୩.୧.୧୩୪) । ଯଥା -

ନନ୍ଦୟତୀତି - ନନ୍ଦ୍ + ଲ୍ୟୁ (ଅନ) = ନନ୍ଦନଃ

ଜନମ୍ ଅର୍ଦୟତି ଇତି - ଜନ - ଅର୍ଦ୍ + ଲ୍ୟୁ = ଜନାର୍ଦ୍ଦନଃ

ସେହିପରି- ମଧୁସୂଦନଃ, ବିଭୀଷଣଃ, ଲବଣଃ ।

ଗ୍ରହ୍ + ଣିନି - ଗ୍ରାହୀ । ସ୍ଥା + ଣିନି - ସ୍ଥାୟୀ ।

ମନ୍ତ୍ + ଣିନି - ମନ୍ତ୍ରୀ । ବିଶ୍ + ଣିନି - ବିଶୟୀ ।

ବିଷ୍ + ଣିନି - ବିଷୟୀ । ସେହିଭଳି- ପରିଭାବୀ, ପରିଭବୀ ।

ପଚ୍ + ଅଚ୍ - ପଚଃ ।

**ଣିନି ତାଚ୍ଛୀଲ୍ୟେ -**

ଅଜାତ୍ୟର୍ଥରେ ସୁବନ୍ତ ଉପପଦରେ ଥିଲେ ତାଚ୍ଛୀଲ୍ୟ (ତତ୍‌ଶୀଳ - ତଚ୍ଛୀଳ, ତଚ୍ଛୀଳର ଭାବ, ତାଚ୍ଛୀଲ୍ୟ) ଦ୍ୟୋତିତ ହେଲେ ଧାତୁରୁ ଣିନି ପ୍ରତ୍ୟୟ ହୁଏ । ଯଥା -

ଉଷ୍ଣଭୋଜୀ, ଶୀତଭୋଜୀ ଇତ୍ୟାଦି ।

***

## ଅନୁଶୀଳନୀ

୧. ଏକପଦେନ ଅର୍ଥଂ ପ୍ରକାଶୟତ -

ଆଚରିତୁଂ ଯୋଗ୍ୟଃ, ଗନ୍ତୁଂ ଯୋଗ୍ୟା, କର୍ତ୍ତୁମ୍ ଉଚିତମ୍, ବୋଦ୍ଧୁଂ ସମର୍ଥଃ, ପାତୁମ୍ ଉଚିତମ୍, ବ୍ରହ୍ମଣଃ ବଦନମ୍, ବ୍ରହ୍ମଣଃ ହନନମ୍, ପଠିତୁଂ ଯୋଗ୍ୟମ୍ । ଶୟନଂ କୃତ୍ୱା, ଆଗମନଂ କୃତମ୍, ଗାନଂ କୃତବତୀ, ଭୋଜନଂ କୃତମ୍, ଶ୍ରବଣଂ କୃତବାନ୍, ଗମନଂ କୃତବନ୍ତଃ, ପଠନଂ କୃତ୍ୱା । ପ୍ରଦର୍ଶନାତ୍ ପରମ୍, ଆଗମନଂ କୃତ୍ୱା, ସଞ୍ଚୟାତ୍ ଅନନ୍ତରମ୍, ଅବଲୋକନାତ୍ ପରମ୍, ପ୍ରବାସାତ୍ ପରମ୍, ବିଜୟଂ କୃତ୍ୱା, ପ୍ରଦାନାତ୍ ଅନନ୍ତରମ୍, ଆରୋହଣାତ୍ ପରମ୍, ଅଭ୍ୟାସାତ୍ ଅନନ୍ତରମ୍, ପରୀକ୍ଷଣାତ୍ ପରମ୍, ସଂଯମନଂ କୃତ୍ୱା, ଅନୁକରଣଂ ସମାପ୍ୟ । ଭୋଜନଂ କର୍ତ୍ତୁମ୍, ତ୍ୟାଗଂ କର୍ତ୍ତୁମ୍, ଗ୍ରହଣଂ କର୍ତ୍ତୁମ୍, କ୍ରନ୍ଦନଂ କର୍ତ୍ତୁମ୍, ଆଦାନଂ କର୍ତ୍ତୁମ୍, ସ୍ମରଣଂ କର୍ତ୍ତୁମ୍, ପଳାୟନଂ କର୍ତ୍ତୁମ୍ ।

୨. ପ୍ରକୃତିଂ ପ୍ରତ୍ୟୟଞ୍ଚ ଦର୍ଶୟତ -

ପ୍ରଷ୍ଟବ୍ୟମ୍, ସୋଢବ୍ୟଃ, ସ୍ଥାନୀୟମ୍, କୃତ୍ୟଃ, ମଦ୍ୟମ୍, ଅନୁବାଦ୍ୟମ୍, ଶୟନୀୟଃ, ବକ୍ତବ୍ୟମ୍, ଗ୍ରହୀତବ୍ୟା, ଭେତବ୍ୟମ୍, ଭକ୍ଷୟିତବ୍ୟଃ, ଯୋଗ୍ୟଃ । ପ୍ରତ୍ୟାଗତଃ, ପ୍ରାପ୍ତଃ, ଅଭିହିତଃ, ଆସନ୍ନଃ, ଉକ୍ତଃ, ଭାଷିତଃ, ଉଦିତଃ, ଉପ୍ତଃ, ହିତବତ୍, ଲବ୍ଧବତ୍, ଭକ୍ତବତ୍, ତୀର୍ଣ୍ଣଃ, ନଷ୍ଟବତ୍, ପ୍ରହୃଷ୍ଟଃ, ଗୀତବନ୍ତଃ, ପ୍ରାପ୍ତବନ୍ତଃ, କଥିତବତୀ, ବିଶଷ୍ଟଃ, ଖିନ୍ନମ୍, ଶୁଷ୍କମ୍ । ବିସ୍ତାର୍ଯ୍ୟ, ଅଧିରୁହ୍ୟ, ପ୍ରୋଷ୍ୟ, ଅଧୀତ୍ୟ, ନିକ୍ଷିପ୍ୟ, ଉଦ୍ଧୃତ୍ୟ, ପ୍ରଣମ୍ୟ, ଉପେତ୍ୟ, ବିଜିତ୍ୟ, ବିକାର୍ଯ୍ୟ, ପ୍ରହୃତ୍ୟ, ବିମୃଶ୍ୟ, ପରାଭୂୟ । ଉଦିତୁମ୍, ବକ୍ତୁମ୍, ସ୍ମର୍ତ୍ତୁମ୍, ଦ୍ରଷ୍ଟୁମ୍, ପଳାୟିତୁମ୍, ଅତ୍ତୁମ୍, ଛେତ୍ତୁମ୍, ଏତୁମ୍, ତରୀତୁମ୍, ସ୍ରଷ୍ଟୁମ୍, ହାତୁମ୍, ବୋଦ୍ଧୁମ୍, କ୍ରଷ୍ଟୁମ୍, ଧାତୁମ୍, ମର୍ତ୍ତୁମ୍ ।

୩. ଅର୍ଥଗତପ୍ରଭେଦଂ ଦର୍ଶୟତ -

ପ୍ରଦାୟ - ଆଦାୟ, ପରିଧାୟ - ଅଭିଧାୟ, ସଂହୃତ୍ୟ - ସହୃତ୍ୟ, ନିଶମ୍ୟ - ନିଶାମ୍ୟ, ପ୍ରୋଷ୍ୟ - ପ୍ରବସ୍ୟ ।

***

# ୧୬ - କାରକ-ବିଭକ୍ତି ପ୍ରକରଣ

କାରକ – ବାକ୍ୟମଧ୍ୟରେ ଥିବା କ୍ରିୟାପଦ ସହ ଯେଉଁ ପଦମାନଙ୍କ ସାକ୍ଷାତ୍ ସମ୍ବନ୍ଧ ବା ଅନ୍ୱୟ ଥାଏ ସେମାନଙ୍କୁ କାରକ କହନ୍ତି *(କ୍ରିୟାନ୍ୱୟିତ୍ୱଂ କାରକତ୍ୱମ୍ ।)* । ଉଦାହରଣ ସ୍ୱରୂପ – ଦଶରଥସ୍ୟ ପୁତ୍ରଃ ରାମଃ ଶରେଣ ଯୁଦ୍ଧକ୍ଷେତ୍ରେ ରାବଣଂ ହତବାନ୍ । ଏହି ବାକ୍ୟରେ 'ହତବାନ୍' କ୍ରିୟାପଦ ସହ କର୍ତ୍ତା 'ରାମ' ପଦର ସମ୍ବନ୍ଧ ଥିବା ହେତୁ ଏହା କାରକ ଅଟେ । ସେହିପରି ଶର ଦ୍ୱାରା ରାବଣ ବଧ ହୋଇଥିବା ହେତୁ ଶର ମଧ୍ୟ କାରକ ଅଟେ । ଯୁଦ୍ଧକ୍ଷେତ୍ରରେ ରାବଣ ବଧ ଘଟିଥିବା ହେତୁ ଯୁଦ୍ଧକ୍ଷେତ୍ର ମଧ୍ୟ କାରକ ଅଟେ । କିନ୍ତୁ 'ଦଶରଥସ୍ୟ' ପଦ ହତବାନ୍ କ୍ରିୟାସହ ସାକ୍ଷାତ ରୂପରେ ସମ୍ପୃକ୍ତ ନଥିବା ହେତୁ ଏହା କାରକ ନୁହେଁ । 'ଦଶରଥସ୍ୟ'ପଦକୁ ସମ୍ବନ୍ଧ ପଦ କୁହାଯାଏ । କାରଣ ଏହାର ସମ୍ପର୍କ 'ହତବାନ୍' କ୍ରିୟାପଦ ସହ ନ ହୋଇ 'ପୁତ୍ର'ପଦ ସହ ରହିଅଛି । ଯାହା କ୍ରିୟା ସମ୍ପାଦନ କରେ ତାହାକୁ କାରକ କୁହାଯାଏ । *କରୋତି କ୍ରିୟାଂ ନିର୍ବର୍ତ୍ତୟତି ସମ୍ପାଦୟତି ଇତି କାରକମ୍ ।* କାରକ ଛଅ ପ୍ରକାରର- କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ କାରକ ।

*କର୍ତ୍ତା କର୍ମ ଚ କରଣଂ ସମ୍ପ୍ରଦାନଂ ତଥୈବ ଚ ।*
*ଅପାଦାନାଧିକରଣେ ଇତ୍ୟାହୁଃ କାରକାଣି ଷଟ୍ ।।*

କାରକ ପଦଗୁଡିକ କ୍ରିୟା ବା କାର୍ଯ୍ୟ ନିଷ୍ପତ୍ତିରେ ଭିନ୍ନ ଭିନ୍ନ ଭୂମିକା ତୁଲାଇ ଥାଆନ୍ତି । ଯେଉଁ କାରକ ଅନ୍ୟ ସମସ୍ତ କାରକର କାର୍ଯ୍ୟକୁ ନିୟନ୍ତ୍ରିତ କରେ କିନ୍ତୁ ନିଜେ ଅନ୍ୟକାହା ଦ୍ୱାରା ନିୟନ୍ତ୍ରିତ ହୁଏ ନାହିଁ ତାହାକୁ

କର୍ତ୍ତୃକାରକ କହନ୍ତି । କର୍ତ୍ତୃକାରକର କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସର୍ବାପେକ୍ଷା ପ୍ରାଧାନ୍ୟ ଥାଏ, ତେଣୁ "ସ୍ୱତନ୍ତ୍ରଃ କର୍ତ୍ତା" ବୋଲି କୁହାଯାଏ । କ୍ରିୟା ଦ୍ୱାରା ଯେଉଁ କାରକ କର୍ତ୍ତାର ଅତିଶୟ ଇପ୍ସିତ ତାହାକୁ କର୍ମ କାରକ କହନ୍ତି । କାର୍ଯ୍ୟ ସମ୍ପାଦନରେ ଯାହା ଅତିଶୟ ଉପକାରକ ତାହାକୁ କରଣ କାରକ କହନ୍ତି । ଯାହାପାଇଁ ବା ଯାହା ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଏ ସେହି କାରକକୁ ସମ୍ପ୍ରଦାନ କାରକ କହନ୍ତି । ଯେଉଁ ଅବଧି ବା ସ୍ଥାନରୁ ବିଚ୍ୟୁତି ବା ବିଚ୍ଛେଦ ଘଟେ ତାହାକୁ ଅପାଦାନ କାରକ ଏବଂ ଯେଉଁ ଆଧାରରେ କାର୍ଯ୍ୟ ସଂଘଟିତ ହୁଏ ତାହାକୁ ଅଧିକରଣ କାରକ କହନ୍ତି ।

ବିଭକ୍ତି - ବିଭକ୍ତି ଏହି କାରକ ସମ୍ବନ୍ଧକୁ ପ୍ରକାଶିତ କରେ । *(ସଂଖ୍ୟାକାରକବୋଧୟିତ୍ରୀ ବିଭକ୍ତିଃ ।)* ବିଭକ୍ତିର ସଂଜ୍ଞା କରିବାକୁ ଯାଇ କୁହାଯାଇଛି ଯେ ଏହା ପଦମାନଙ୍କର ସଂଖ୍ୟା ଅର୍ଥାତ୍ ପରିମାଣ ଏବଂ କାରକ ସମ୍ବନ୍ଧକୁ ବୁଝାଏ । ବିଭକ୍ତି ସାତ ପ୍ରକାରର । ଏମାନେ ହେଲେ- ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ । କାରକତତ୍ତ୍ୱ ବିଭକ୍ତି ଦ୍ୱାରା ପ୍ରକାଶିତ ହୁଏ । ତେଣୁ କାରକ ଓ ବିଭକ୍ତି ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ପାଣିନୀୟ ବ୍ୟାକରଣରେ କାରକ ବିଭକ୍ତି ନିର୍ଦ୍ଧାରଣ କ୍ରିୟାପଦ ଉପରେ ନିର୍ଭରଶୀଳ । କ୍ରିୟାଦ୍ୱାରା ଯଦି କାରକ ଗୁଡ଼ିକ ପ୍ରକାଶିତ ବା ଅଭିହିତ ହୋଇ ଥାଆନ୍ତି, ତାହେଲେ ସେମାନଙ୍କଠାରେ ପ୍ରଥମା ବିଭକ୍ତି ପ୍ରୟୋଗ କରାଯାଏ । ଏହାକୁ ଅଭିହିତେ ପ୍ରଥମା ବୋଲି କୁହାଯାଏ । କିନ୍ତୁ କ୍ରିୟା ପଦ ଦ୍ୱାରା କାରକ ଉକ୍ତ ବା ଅଭିହିତ ନ ହେଲେ ସେମାନଙ୍କଠାରେ ଦ୍ୱିତୀୟା ଠାରୁ ଆରମ୍ଭ କରି ସପ୍ତମୀ ପର୍ଯ୍ୟନ୍ତ ବିଭକ୍ତିର ପ୍ରୟୋଗ ହୋଇଥାଏ । ଉଦାହରଣ ସ୍ୱରୂପ ଏହି ବାକ୍ୟ ଦୁଇଟିକୁ ଦେଖାଯାଉ -

୧. ରାମଃ ଗ୍ରାମଂ ଗଚ୍ଛତି - କର୍ତ୍ତୃବାଚ୍ୟ ।

୨. ରାମେଣ ଗ୍ରାମଃ ଗମ୍ୟତେ - କର୍ମବାଚ୍ୟ ।

ପ୍ରଥମ ବାକ୍ୟରେ 'ଗଚ୍ଛତି' କ୍ରିୟାପଦଦ୍ୱାରା କର୍ତ୍ତା ଉକ୍ତ ହେବା ହେତୁ 'ଗଚ୍ଛତି' କ୍ରିୟାର କର୍ତ୍ତା 'ରାମ'ଠାରେ ପ୍ରଥମା ବିଭକ୍ତି ହୋଇଅଛି । କିନ୍ତୁ ଦ୍ୱିତୀୟ ବାକ୍ୟରେ 'ଗମ୍ୟତେ' କ୍ରିୟାଦ୍ୱାରା କର୍ମପଦ ଉକ୍ତ ହେବା ହେତୁ କର୍ମ 'ଗ୍ରାମ' ଠାରେ ପ୍ରଥମା ବିଭକ୍ତି ହେଲା । କର୍ତ୍ତା ପଦ ରାମ ସ୍ଥାନରେ ତୃତୀୟା ବିଭକ୍ତିର ପ୍ରୟୋଗ ହୋଇଅଛି । ଗୋଟିଏ ପଦର ସବୁ ବିଭକ୍ତିରେ ଉଦାହରଣ ଯଥା -

*ଶ୍ରୀରାମଃ ଶରଣଂ ସମସ୍ତଜଗତାଂ ରାମଂ ବିନା କା ଗତିଃ*
*ରାମେଣ ପ୍ରତିହନ୍ୟତେ କଳିମଳଂ ରାମାୟ ତୁଭ୍ୟଂ ନମଃ ।*
*ରାମାତ୍ ତ୍ରସ୍ୟତି କାଳଭୀମଭୁଜଗୋ ରାମସ୍ୟ ସର୍ବଂ ବଶେ*
*ରାମେ ଭକ୍ତିରଖଣ୍ଡିତା ଭବତୁ ମେ ରାମ ତ୍ୱମେବାଶ୍ରୟଃ ।।*

## ପ୍ରଥମା ବିଭକ୍ତି

ବାକ୍ୟରେ ଯିଏ କ୍ରିୟାସମ୍ପାଦନ ବା କାର୍ଯ୍ୟନିର୍ବାହ କରେ ତାହାକୁ କର୍ତ୍ତା କହନ୍ତି । ଅନ୍ୟାନ୍ୟ କାରକମାନଙ୍କର କ୍ରିୟା ବା କାର୍ଯ୍ୟ ନିଷ୍ପତ୍ତିରେ ବିଭିନ୍ନ ଭୂମିକା ଥିଲେ ସୁଦ୍ଧା ସେମାନେ କର୍ତ୍ତାର ଅଧୀନ ଅଟନ୍ତି । ଚୁଲ୍ଲୀ, ହାଣ୍ଡି, ତଣ୍ଡୁଳ, କାଷ୍ଠ ଓ ଅଗ୍ନି ଥିଲେ ସୁଦ୍ଧା ପାଚକର କାର୍ଯ୍ୟ ବିନା ରନ୍ଧନ କାର୍ଯ୍ୟ ହୋଇପାରେ ନାହିଁ । ଏଣୁ କାର୍ଯ୍ୟ କରିବାରେ ଯିଏ ସ୍ୱତନ୍ତ୍ର ତାହାକୁ କର୍ତ୍ତୃକାରକ କୁହାଯାଏ । *(ସ୍ୱତନ୍ତ୍ରଃ କର୍ତ୍ତା - ପା.୧.୪.୫୪)* ।

୧. ଯେକୌଣସି କାରକ ଅଭିହିତ *(ଅଭିଧାନଞ୍ଚପ୍ରାୟେଣ ତିଙ୍କୃତଦ୍ଧିତସମାସୈଃ । କ୍ୱଚିନ୍ନିପାତେନାଭିଧାନମ୍ ।)* ହୋଇଥିଲେ ପ୍ରଥମା ବିଭକ୍ତିର ପ୍ରୟୋଗ କରାଯାଏ । *ରାମଃ ବିଦ୍ୟାଳୟଂ ଗଚ୍ଛତି* - ଏହି ବାକ୍ୟରେ

ଗଚ୍ଛତି କ୍ରିୟାଦ୍ୱାରା କର୍ତ୍ତୃପଦ ଉକ୍ତ ବା ଅଭିହିତ ହୋଇଥିବା ହେତୁ କର୍ତ୍ତା ରାମ ସ୍ଥାନରେ ପ୍ରଥମା ବିଭକ୍ତି ହେଲା । ସେହିପରି *ପିତା ପୁତ୍ରଂ ବେଦଂ ପାଠୟତି*, ଏହି ବାକ୍ୟରେ ପ୍ରଯୋଜକ କର୍ତ୍ତା ପିତାଠାରେ ପ୍ରଥମା ବିଭକ୍ତି ଏବଂ ପ୍ରଯୋଜ୍ୟ କର୍ତ୍ତା ପୁତ୍ରଠାରେ ଦ୍ୱିତୀୟା ବିଭକ୍ତି ହୋଇଛି ।

୨. ପ୍ରାତିପଦିକ ବା ମୂଳ ଶବ୍ଦର ଅର୍ଥ ପ୍ରକାଶ କରିବା ପାଇଁ ପ୍ରଥମା ବିଭକ୍ତିର ପ୍ରୟୋଗ ହୋଇଥାଏ । ଦ୍ୱିତୀୟାଠାରୁ ଆରମ୍ଭ କରି ସପ୍ତମୀ ପର୍ଯ୍ୟନ୍ତ ବିଭକ୍ତି ଗୁଡିକ ପ୍ରାତିପଦିକାର୍ଥ ସହ ସଂଖ୍ୟା, କାରକତ୍ୱାଦି ଅର୍ଥ ପ୍ରକାଶ କରିଥାନ୍ତି । ଯଥା - ଗୌଃ, କାକଃ ଏହାକୁ ପ୍ରାତିପଦିକାର୍ଥମାତ୍ରେ *(ପ୍ରାତିପଦିକାର୍ଥଲିଙ୍ଗପରିମାଣବଚନମାତ୍ରେ ପ୍ରଥମା -ପା.୨.୩.୪୬ )* ବା ଅଭିଧେୟମାତ୍ରେ ପ୍ରଥମା ବୋଲି କୁହାଯାଏ । ଯେଉଁ ଅର୍ଥ ଅଭିହିତ ହୁଏ ତାହାକୁ ପ୍ରାତିପଦିକାର୍ଥ କୁହାଯାଏ । ଯାହାର ଲିଙ୍ଗ ନାହିଁ ଅର୍ଥାତ୍ ଅବ୍ୟୟ ବା ଯାହାର ଲିଙ୍ଗ ନିଶ୍ଚିତ ତାହାକୁ ପ୍ରାତିପଦିକାର୍ଥ କୁହାଯାଏ ।*ଅଲିଙ୍ଗା ନିୟତଲିଙ୍ଗାଶ୍ଚ ପ୍ରାତିପଦିକାର୍ଥମାତ୍ରେ ଇତ୍ୟସ୍ୟୋଦାହରଣମ୍* । ଯଥା - ଅବ୍ୟୟ ପଦ - ଉଚ୍ଚୈଃ, ନୀଚୈଃ । ଯାହାର ଲିଙ୍ଗରେ ପରିବର୍ତ୍ତନ ହୁଏ ନାହିଁ; ଯଥା - କୃଷ୍ଣଃ, ଶ୍ରୀଃ, ଜ୍ଞାନମ୍ ।

୩. ସମ୍ବୋଧନ ଅର୍ଥ ପ୍ରକାଶ ପାଇଲେ ପ୍ରଥମା ବିଭକ୍ତି ହୁଏ, ଯଥା - ହେ ରାମ! ଅତ୍ରାଗଚ୍ଛ । ରାମ ଏଠାକୁ ଆସ । ଅନ୍ୟମାନଙ୍କ ମଧ୍ୟରୁ ରାମର ଦୃଷ୍ଟି ଆକର୍ଷଣ କରି ଏଠାକୁ ଆସିବାକୁ କୁହାଯାଉଥିବାରୁ ରାମ ସମ୍ବୋଧନ ପଦ, ଏଣୁ ସେଠାରେ ପ୍ରଥମା ବିଭକ୍ତି ହେଲା । *(ସମ୍ବୋଧନେ ଚ - ପା.୨.୩.୪୭)* ।

୪. କର୍ମବାଚ୍ୟରେ କର୍ମ କ୍ରିୟାପଦ ଦ୍ୱାରା ଅଭିହିତ ହେଉଥିବା ହେତୁ କର୍ତ୍ତୃବାଚ୍ୟ ପରି କର୍ମଠାରେ ଦ୍ୱିତୀୟା ବିଭକ୍ତି ପ୍ରୟୋଗର ଅବସର ନ ଥାଏ । ଏଣୁ ଏପରି କ୍ଷେତ୍ରରେ ପ୍ରଥମା ବିଭକ୍ତିର ପ୍ରୟୋଗ କରାଯାଏ । *(ଅଭିହିତେ*

ବା *ଉକ୍ତେ କର୍ମଣି ପ୍ରଥମା* )। ଯଥା - ହରିଣା ବିଦ୍ୟାଳୟୋ ଗମ୍ୟତେ । ଏହି ବାକ୍ୟରେ ହରି କର୍ତ୍ତା ଓ ବିଦ୍ୟାଳୟ କର୍ମ ହୋଇଥିଲେ ମଧ୍ୟ 'ଗମ୍ୟତେ', କ୍ରିୟାପଦ ଦ୍ୱାରା କର୍ମ ଉକ୍ତ ହୋଇଥିବା ହେତୁ ବିଦ୍ୟାଳୟ ସ୍ଥାନରେ ଦ୍ୱିତୀୟା ବିଭକ୍ତି ନହୋଇ ପ୍ରଥମା ବିଭକ୍ତିର ପ୍ରୟୋଗ ହେଲା । ଏହିପରି କୃଦନ୍ତ, ତଦ୍ଧିତାନ୍ତ ଓ ସମାସ ଦ୍ୱାରା ମଧ୍ୟ ଅଭିଧାନ ହୋଇଥାଏ ।

କୃଦନ୍ତ - ଅନଭିହିତ କର୍ମ - ରାମଃ ବାଲିନଂ ହତବାନ୍ ।

ଉକ୍ତ ବା ଅଭିହିତ କର୍ମ - ରାମେଣ ବାଲୀ ହତଃ ।

ତଦ୍ଧିତ - ଶତେନ କ୍ରୀତଃ - ଶତ୍ୟଃ - 'ଶତ' ରୁ ଯତ୍ ତଦ୍ଧିତ ପ୍ରତ୍ୟୟ ହୋଇଛି । *କ୍ରୀତାତ୍ କରଣପୂର୍ବାତ୍* -(ପା.୪.୧.୫୦) ସୂତ୍ରଦ୍ୱାରା ତଦ୍ଧିତ 'ଯତ୍' ପ୍ରତ୍ୟୟ । ଏହାଦ୍ୱାରା କର୍ମ ଉକ୍ତ ହୋଇଛି ।

ସମାସ - ଅଭିହିତ କର୍ମ - ପ୍ରାପ୍ତଃ ଆନନ୍ଦଃ ଯଂ ସଃ = ପ୍ରାପ୍ତାନନ୍ଦଃ ।

୫. କେତେକ ନିପାତ ବା ଅବ୍ୟୟପଦ (ଇତି,ଏବ,ନାମ,ଅପି ପ୍ରଭୃତି) ଯୋଗରେ ପ୍ରଥମା ବିଭକ୍ତିର ପ୍ରୟୋଗ କରାଯାଏ ।

ଯଥା - ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂଛେତ୍ତୁମସାମ୍ପ୍ରତମ୍ ।

(ନିଜେ ବଢ଼ାଇଥିବା ବିଷବୃକ୍ଷକୁ ଛେଦନ କରିବା ଅନୁଚିତ ।)

ଏଠାରେ ଛେତ୍ତୁମ୍ କ୍ରିୟାପଦର କର୍ମ ବିଷବୃକ୍ଷ ହୋଇଥିଲେ ମଧ୍ୟ ସେଠାରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ନ ହୋଇ ଅସାମ୍ପ୍ରତମ୍ ଅବ୍ୟୟପଦ ଯୋଗୁଁ କର୍ମ ଅଭିହିତ ହେବାରୁ ପ୍ରଥମା ବିଭକ୍ତିର ପ୍ରୟୋଗ କରାଗଲା ।

*ବଦନ୍ତ୍ୟପର୍ଣେତି ଚ ତାଂ ପୁରାବିଦଃ* - ତାଙ୍କୁ ପୁରାଣତତ୍ତ୍ୱଜ୍ଞମାନେ ଅପର୍ଣ୍ଣା ବୋଲି କହିଲେ । *ରାମ ଇତି ବାଳକଂ ପଶ୍ୟ* - ରାମ ବୋଲି ଥିବା ପିଲାକୁ ଦେଖ । *କୋ ନାମ ଜାନାତି* - କିଏ ଜାଣେ ? *କ୍ରମାଦମୁଂ ନାରଦ ଇତ୍ୟବୋଧି ସଃ* - କ୍ରମଶଃ ଏହାଙ୍କୁ ସେ ନାରଦ ବୋଲି ଜାଣିଲେ । ଏପରି ପ୍ରୟୋଗକୁ ଅବ୍ୟୟ ଯୋଗେ ପ୍ରଥମା କୁହାଯାଏ ।

## ଅନୁଶୀଳନୀ - (ପ୍ରଥମା ବିଭକ୍ତି)

୧. ସଂଶୋଧନଂ କୁରୁତ -

(କ) ହେ ରାମଃ ଅତ୍ର ଆଗଚ୍ଛ ।

(ଖ) ଦଶରଥସ୍ୟ ରାମମ୍ ଇତି ପୁତ୍ରଂ ଦୃଷ୍ଟ୍ୱା ସର୍ବେ ସନ୍ତୁଷ୍ଟାଃ ଅଭବନ୍ ।

(ଗ) ରାମ ସୀତୟା ସହ ବିଦ୍ୟାଳୟଂ ଗଚ୍ଛତି ।

(ଘ) ସୀତା ଲତାମାହୂୟ ବଦତେ, ହେ ଲତା ପୁସ୍ତକଂ ମମ ଆନୟ ।

(ଙ) ଗୁରୁଃ ଶିଷ୍ୟାଃ ଜ୍ଞାନ-ମତି-ଲାଭ-ସେବା-ଶଙ୍କାନ୍ ପାଠୟାମାସ ।

୨. ବନ୍ଧନୀମଧ୍ୟସ୍ଥପଦେଭ୍ୟଃ ଉପଯୁକ୍ତପଦଂ ନିରୂପ୍ୟ ରିକ୍ତସ୍ଥାନଂ ପୂରୟତ ।

(କ) ଗୀତା ରମାଂ ଦୃଷ୍ଟ୍ୱା ହେ ---- ସତ୍ୱରମାଗମ୍ୟତାମିତି ଭଣତି ।

(ରମେ, ରମା, ରମାମ୍)

(ଖ) ମାତା ପୁତ୍ରାୟ କଥୟତି, ହେ ----- ବିଳମ୍ବଂ ମା କୁରୁ ।

(ପୁତ୍ରଃ, ପୁତ୍ରମ୍, ପୁତ୍ର)

(ଗ) ଅୟଂ ନିଜଃ ----- ବେତି (ପରଃ, ପର, ପରାମ୍) ଗଣନା ଲଘୁଚେତସାମ୍ । ଉଦାରଚରିତାନାଂ ତୁ ବସୁଧୈବ ----- ।

(କୁଟୁମ୍ବକାୟ, କୁଟୁମ୍ବକମ୍, କୁଟୁମ୍ବକେନ)

(ଘ) ଦୈବଂ ବିନା ନ ------ ଅପି ସହାୟକଃ ।

(କଃ,କମ୍, କୟା)

(ଙ) ଶାରଦାଂ ଗୁରୁଃ ପୃଚ୍ଛତି ହେ ---- କପୋତାଃ କୁତ୍ର ସନ୍ତି ?

(ଶାରଦେ, ଶାରଦାୟାମ୍, ଶାରଦୟା)

୩. ରେଖାଙ୍କିତାନାଂ ପଦାନାଂ ସକାରଣଂ ବିଭକ୍ତିନିରୂପଣଂ କୁରୁତ ।

(କ) ଉର୍ବଶୀ ସୁକୁମାରଂ ପ୍ରହରଣଂ ମହେନ୍ଦ୍ରସ୍ୟ ।

(ଖ) ବିଦ୍ୟା ଭୂଷଣଂ ସର୍ବସ୍ୟ ।

(ଗ) ଫେନୋପମଂ ଯୌବନମ୍ ।

(ଘ) ସର୍ବୈଃ ସତ୍କର୍ମ କରଣୀୟମ୍ ।

(ଙ) ହେ ସୀତେ ରମାମ୍ ଆହ୍ୱୟ ।

***

# ଦ୍ୱିତୀୟା ବିଭକ୍ତି

୧. କ୍ରିୟା ଦ୍ୱାରା କର୍ତ୍ତା ଯାହା ପାଇବାକୁ ଇଚ୍ଛାକରେ ତାହା କର୍ମ ଅଟେ *(କର୍ତ୍ତୁରୀପ୍ସିତତମଂ କର୍ମ - ପା.୧.୪.୪୯)* ଏବଂ ଏପରି କର୍ମ କ୍ରିୟାସହ ସମ୍ବନ୍ଧ ହେଲେ ତାହାକୁ କର୍ମକାରକ କୁହାଯାଏ । କର୍ମକାରକରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ହୁଏ । ଯଥା - ଗୋପାଳଃ ଅନ୍ନଂ ଖାଦତି - ଗୋପାଳ ଭାତ ଖାଉଛି ।

ଏହି ବାକ୍ୟରେ ଖାଇବା କ୍ରିୟାଦ୍ୱାରା ଅନ୍ନ ଉଦ୍ଦିଷ୍ଟ ବା ଇପ୍ସିତ ହେଉଥିବା ହେତୁ ତାହା କର୍ମକାରକ ଏବଂ ସେଠାରେ ଦ୍ୱିତୀୟା ବିଭକ୍ତି ହୋଇଛି । *(କର୍ମଣି ଦ୍ୱିତୀୟା - ପା.୨.୩.୨)* ।

୨. କୌଣସି କ୍ରିୟା ବା କାର୍ଯ୍ୟ କରାଯାଉଥିଲାବେଳେ କେତେକ ଅନିଚ୍ଛାକୃତ ବା ଅନୀପ୍ସିତ, ହେୟ ବା ଦ୍ୱେଷ୍ୟ କାର୍ଯ୍ୟ ମଧ୍ୟ ବାକ୍ୟରେ କ୍ରିୟାସହ ସମ୍ବନ୍ଧ ରଖୁଥିବା ହେତୁ ଏଗୁଡିକ କର୍ମକାରକ ରୂପେ ପରିଗଣିତ ହୁଅନ୍ତି ଏବଂ ଏମାନଙ୍କ ସ୍ଥାନରେ ମଧ୍ୟ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ କରାଯାଏ *(ତଥାଯୁକ୍ତଂ ଚାନୀପ୍ସିତମ୍ - ପା.୧.୪.୫୦)* ଯଥା -

*ଗ୍ରାମଂ ଗଚ୍ଛନ୍ ତୃଣଂ ସ୍ପୃଶତି*- ଗାଆଁକୁ ଗଲାବେଳେ ସେ ଘାସ ଛୁଉଁଛି । ଗ୍ରାମକୁ ଯିବାବେଳେ ଉଦାସୀନ ଭାବେ ଯେଉଁ ତୃଣସ୍ପର୍ଶ ହେଉଛି ତାହା ଅନୀପ୍ସିତ ବା ଅନଭିଳଷିତ କାର୍ଯ୍ୟ ହୋଇଥିବା ହେତୁ କର୍ତ୍ତାର ଇପ୍ସିତତମ ନୁହେଁ । ଏପରି ସ୍ଥଳେ ଦ୍ୱିତୀୟାବିଭକ୍ତିର ପ୍ରୟୋଗଗତ ସାଧୁତା ପାଇଁ ପାଣିନି ବ୍ୟବସ୍ଥା କରିଛନ୍ତି ।

*ଓଦନଂ ଭୁଞ୍ଜାନଃ ବିଷଂ ଭୁଙ୍କ୍ତେ*- ଭାତ ଖାଇଲାବେଳେ ସେ ବିଷ ଖାଉଛି । ଏଠାରେ ବିଷ ପ୍ରାଣହାରକ ପଦାର୍ଥ ହେତୁ ଦ୍ୱେଷ୍ୟ ବା ପରିତ୍ୟାଜ୍ୟ ଅଟେ । 'ଓଦନମ୍' ଅଭିଳଷିତ ପଦାର୍ଥ । ତେଣୁ 'ବିଷ' ଅନୀପ୍ସିତ ହେଲେ

ସୁଦ୍ଧା ଭକ୍ଷଣ କ୍ରିୟାଦ୍ୱାରା ସମରୂପେ ପରିବ୍ୟାପ୍ତ ହେବା ହେତୁ ସେଠାରେ ଦ୍ୱିତୀୟା ବିଭକ୍ତି ହେଲା ।

୩. ଦେଶବାଚୀ, କାଳବାଚୀ ଏବଂ ଗନ୍ତବ୍ୟ ଅଧ୍ୱ(ମାର୍ଗ)ବାଚୀ ଶବ୍ଦମାନଙ୍କର ଯୋଗରେ ଅକର୍ମକ ଧାତୁ ମଧ୍ୟ ସକର୍ମକ ରୂପେ ବ୍ୟବହୃତ ହେବା ଦେଖାଯାଏ *(ଅକର୍ମକଧାତୁଭିର୍ଯୋଗେ ଦେଶଃ କାଲୋ ଭାବୋ ଗନ୍ତବ୍ୟୋଽଧ୍ୱା ଚ କର୍ମସଂଜ୍ଞକ ଇତି ବାଚ୍ୟମ୍ - ବାର୍ତ୍ତିକ)* । ଯଥା -

ଦେଶ - **କୋଶଳାନ୍ ସ୍ୱପିତି** (କୋଶଳଦେଶରେ ଶୟନ କରିଛି/ରହିଛି) ।

କାଳ - **ବର୍ଷଂ ତିଷ୍ଠତି** (ବର୍ଷେହେଲା ରହିଛି ) ।

ଭାବ - **ଗୋଦୋହଂ ତିଷ୍ଠତି** (ଗାଈଦୁହିଁବା ସମୟ ପର୍ଯ୍ୟନ୍ତ ରହେ) ।

ମାର୍ଗ - **କ୍ରୋଶଂ ବର୍ତ୍ତତେ ଗିରିଃ** (କୋଶେ ପର୍ଯ୍ୟନ୍ତ ପର୍ବତ ବିସ୍ତୃତ ହୋଇଅଛି) ।

ଏହି ଉଦାହରଣମାନଙ୍କରେ କୋଶଳ - ଦେଶବାଚୀ ଶବ୍ଦ, ବର୍ଷମ୍- କାଳ ବା ସମୟବାଚୀ, ଗୋଦୋହ - ଭାବବାଚୀ, ଏବଂ କ୍ରୋଶ - ମାର୍ଗବାଚୀ ପଦ ହୋଇଥିବାହେତୁ ସ୍ୱପ୍, ସ୍ଥା ଓ ବୃତ୍ ଧାତୁ ଅକର୍ମକ ହୋଇଥିଲେ ମଧ୍ୟ ସକର୍ମକ ରୂପେ ବ୍ୟବହୃତ ହୋଇଛନ୍ତି । ଏଣୁ **କୋଶଳାନ୍, ବର୍ଷମ୍ ଗୋଦୋହମ୍, କ୍ରୋଶମ୍**ର କର୍ମସଂଜ୍ଞା ହୋଇଛି ।

୪. ଅଭି ଓ ନି ଉପସର୍ଗ ପୂର୍ବକ ବିଶ୍ ଧାତୁର ଏବଂ ଉପ, ଅନୁ, ଅଧି, ଆଙ୍ ଉପସର୍ଗ ପୂର୍ବକ ବସ୍ ଧାତୁର ଆଧାର ସ୍ଥାନରେ କର୍ମ ସଂଜ୍ଞା ହେବାର ମଧ୍ୟ ଦେଖାଯାଏ । *(ଅଭିନିବିଶଶ୍ଚ - ପା. ୧.୪.୪୭ । ଉପାନ୍ୱଧ୍ୟାଙ୍ବସଃ - ପା. ୧.୪.୪୮ )* ।

ଯଥା - ଗୋବିନ୍ଦଃ **ସନ୍ମାର୍ଗମ୍** ଅଭିନିବିଶତେ (ଗୋବିନ୍ଦ ଭଲବାଟରେ ଯାଉଛି) ।

**ବିଷ୍ଣୁ ବୈକୁଣ୍ଠମ୍** ଉପ/ ଅନୁ/ ଅଧି/ ଆ-ବସତି (ବିଷ୍ଣୁ ବୈକୁଣ୍ଠରେ ଅଛନ୍ତି) ।

ଏହି ଉଦାହରଣ ଗୁଡିକରେ ସନ୍ମାର୍ଗ ଏବଂ ବୈକୁଣ୍ଠ ଶବ୍ଦ କ୍ରିୟାର

ଆଧାର ହୋଇଥିଲେ ମଧ୍ୟ କର୍ମରୂପେ ବ୍ୟବହୃତ ହୋଇଛନ୍ତି । କିନ୍ତୁ ନ ଖାଇବା ଅର୍ଥରେ 'ଉପ' ଉପସର୍ଗପୂର୍ବକ ବସ୍ ଧାତୁର ପ୍ରୟୋଗ ହୋଇଥିଲେ ଆଧାରର କର୍ମସଂଜ୍ଞା ହୁଏ ନାହିଁ । *(ଅଭୁକ୍ତ୍ୟର୍ଥସ୍ୟ ନ - ବାର୍ତ୍ତିକ ପା.୧.୪.୪୮ )* ।

ଯଥା - *ଭିକ୍ଷୁକଃ ଗୃହେ ଉପବସତି* । ଭିକାରୀଟି ଘରେ ଉପବାସରେ ଅଛି, ଏଠାରେ ଖାଦ୍ୟାଭାବ ଜନିତ ଉପବାସ ଅର୍ଥ ପ୍ରତୀତ ହେଉଥିବାହେତୁ ଗୃହ ସ୍ଥାନରେ କର୍ମସଂଜ୍ଞା ହେଲାନାହିଁ ।

୫. ଅଧି ପୂର୍ବରେ ଥାଇ ଶୀଙ୍, ସ୍ଥା, ଆସ୍ - ଧାତୁମାନଙ୍କର ଆଧାର କର୍ମ ହେବ *(ଅଧିଶୀଙ୍ସ୍ଥାସାଂ କର୍ମ - ପା.୧.୪.୪୬)* । *ଅଧିଶେତେ / ଅଧିତିଷ୍ଠତି / ଅଧ୍ୟାସ୍ତେ ହରିଃ ବୈକୁଣ୍ଠମ୍* - ହରି ବୈକୁଣ୍ଠରେ ଅଛନ୍ତି ।

୬. ଗତ୍ୟର୍ଥକ, ବୁଦ୍ଧ୍ୟର୍ଥକ ଏବଂ ପ୍ରତ୍ୟବସାନାର୍ଥକ (ଭୋଜନାର୍ଥକ), ଶବ୍ଦକର୍ମକ ଏବଂ ଅକର୍ମକ ଧାତୁ ମାନଙ୍କର ପ୍ରେରଣାର୍ଥରେ ପ୍ରୟୋଗ କ୍ଷେତ୍ରରେ ଅଣିଜନ୍ତ ଅବସ୍ଥାର କର୍ତ୍ତା (ପ୍ରକୃତ କାର୍ଯ୍ୟ କରୁଥିବା ବ୍ୟକ୍ତି /ବସ୍ତୁ /ପଦାର୍ଥ) ଣିଜନ୍ତ ଅବସ୍ଥାରେ କର୍ମସଂଜ୍ଞା ପ୍ରାପ୍ତ ହୁଏ । *(ଗତିବୁଦ୍ଧିପ୍ରତ୍ୟବସାନାର୍ଥଶବ୍ଦକର୍ମାକର୍ମକାଣାମଣି କର୍ତ୍ତା ସ ଣୌ- ପା. ୧. ୪. ୫୨)* । ଯଥା - (କ) ହରିଃ ବ୍ୟାକରଣଂ ପଠତି, ଗୁରୁଃ ହରିଂ ବ୍ୟାକରଣଂ ପାଠୟତି । ପ୍ରକୃତ ବ୍ୟାକରଣ ପଠନ କାର୍ଯ୍ୟ ହରି କରୁଥିବାରୁ ଦ୍ୱିତୀୟବାକ୍ୟରେ ତାହାର କର୍ମସଂଜ୍ଞା ହୋଇ ଦ୍ୱିତୀୟା ବିଭକ୍ତି ହେଲା । ଗତି, ବୁଦ୍ଧି ପ୍ରଭୃତି ଧାତୁର ଅଣିଜନ୍ତର କର୍ତ୍ତା ଣିଜନ୍ତରେ କର୍ମ ହୁଏ । ଯଥା-

ରାମଃ ଗୃହଂ ଗଚ୍ଛତି - ପିତା ରାମଂ ଗୃହଂ ଗମୟତି ।

ରାମଃ ବ୍ୟାକରଣଂ ଜାନାତି - ଗୁରୁଃ ରାମଂ ବ୍ୟାକରଣଂ ଜ୍ଞାପୟତି ।

ରାମଃ ଅନ୍ନଂ ଭୁଙ୍କ୍ତେ - ମାତା ରାମମ୍ ଅନ୍ନଂ ଭୋଜୟତି ।

ରାମଃ ପୁସ୍ତକଂ ପଠତି - ଶିକ୍ଷକଃ ରାମଂ ପୁସ୍ତକଂ ପାଠୟତି ।

କଳଶଃ ଗୃହେ ଅସ୍ତି - ମାତା କଳଶଂ ଗୃହେ ଆସୟତି ।

| ଅଣିଜନ୍ତକର୍ତ୍ତା - | ଣିଜନ୍ତକର୍ମ - |
|---|---|
| (ଗତ୍ୟର୍ଥକ) - ଶତ୍ରବଃ ସ୍ୱର୍ଗମ୍ ଅଗଚ୍ଛନ୍ । | ଶତ୍ରୂନ୍ ଅଗମୟତ୍ ସ୍ୱର୍ଗମ୍ । |
| (ବୁଦ୍ଧ୍ୟର୍ଥକ) - ସ୍ୱେ ବେଦାର୍ଥମ୍ ଅବିଦୁଃ । | ସ୍ୱାନ୍ ବେଦାର୍ଥମ୍ ଅବେଦୟତ୍ । |
| (ପ୍ରତ୍ୟବସାନ - ଭୋଜନ ଅର୍ଥକ) - | |
| ଦେବାଃ ଅମୃତମ୍ ଆଶ୍ନନ୍ । | ଦେବାନ୍ ଅମୃତମ୍ ଆଶୟତ୍ । |
| (ଅଧ୍ୟୟନ ଅର୍ଥକ) - ବିଧିଃ ବେଦମ୍ ଅଧୈତ । | ବିଧିଂ ବେଦମ୍ ଅଧ୍ୟାପୟତ୍ । |
| ଅକର୍ମକ - ପୃଥ୍ୱୀ ସଲିଳେ ଆସ୍ତ । | ପୃଥ୍ୱୀଂ ସଲିଳେ ଆସୟତ୍ । |

*ଶତ୍ରୂନଗମୟତ୍ ସ୍ୱର୍ଗଂ ବେଦାର୍ଥଂ ସ୍ୱାନବେଦୟତ୍ ।*
*ଆଶୟଚ୍ଚାମୃତଂ ଦେବାନ୍ ବେଦମଧ୍ୟାପୟଦ୍ ବିଧିମ୍ ।*
*ଆସୟତ୍ ସଲିଳେ ପୃଥ୍ୱୀଂ ଯଃ ସ ମେ ଶ୍ରୀହରିର୍ଗତିଃ ।।*

ଯିଏ ଶତ୍ରୁମାନଙ୍କୁ ସ୍ୱର୍ଗକୁ ପଠାଇଥିଲେ, ସ୍ୱପକ୍ଷରେ ଥିବା ଋଷିଗଣଙ୍କୁ ବେଦର ଅର୍ଥ ବୁଝାଇଥିଲେ, ଦେବତାମାନଙ୍କୁ ଅମୃତ ଖୁଆଇଥିଲେ, ବ୍ରହ୍ମାଙ୍କୁ ବେଦର ତତ୍ତ୍ୱ ବୁଝାଇଥିଲେ ଏବଂ ଜଳ ଉପରେ ପୃଥିବୀକୁ ସ୍ଥାପନ କରାଇଥିଲେ ସେହି ଶ୍ରୀହରି ମୋର ଶରଣ ଅଟନ୍ତି । ଏହି ଉଦାହରଣଗୁଡ଼ିକରେ ଶତ୍ରବଃ, ସ୍ୱେ, ଦେବାଃ, ବିଧିଃ ଏବଂ ପୃଥ୍ୱୀ ଅଣିଜନ୍ତ ଅବସ୍ଥାର କର୍ତ୍ତା ଣିଜନ୍ତ ଅବସ୍ଥାରେ କର୍ମରୂପେ ବ୍ୟବହୃତ ହୋଇଛନ୍ତି ।

ଅକର୍ମକକ୍ରିୟା - ନିମ୍ନଲିଖିତ ଧାତୁ ଅକର୍ମକ ଅଟନ୍ତି -

*ଲଜ୍ଜାସତ୍ତାସ୍ଥିତିଜାଗରଣଂ ବୃଦ୍ଧିକ୍ଷୟଭୟଜୀବିତ ମରଣମ୍ ।*
*ମଜ୍ଜନନିଦ୍ରାରୋଦନବାସାଃ ସ୍ପର୍ଦ୍ଧାକମ୍ପନରୋଚନହାସାଃ ।*
*ଶୟନକ୍ରୀଡ଼ାରୁଚିଦୀପ୍ତ୍ୟର୍ଥା ଧାତବ ଏତେ କର୍ମଣି ନୋକ୍ତାଃ ।*

*(ଧାତୋରର୍ଥାନ୍ତରେ ବୃତ୍ତେ ଧାତ୍ୱର୍ଥେନୋପସଂଗ୍ରହାତ୍ ।*
*ପ୍ରସିଦ୍ଧେରବିବକ୍ଷାତଃ କର୍ମଣୋଽକର୍ମିକା କ୍ରିୟା ।।)*

ଧାତୁମାନଙ୍କର ଅର୍ଥରେ ପରିବର୍ତ୍ତନହେଲେ, ଧାତୁର ଅର୍ଥ ମଧ୍ୟରେ କର୍ମ ସମାବିଷ୍ଟ ହୋଇଥିଲେ ଏବଂ ଧାତୁର କର୍ମ ସୁପ୍ରସିଦ୍ଧ ହୋଇଥିଲେ ତଥା କର୍ମର ପରିପ୍ରକାଶ ଅଭୀଷ୍ଟ ହୋଇ ନ ଥିଲେ କ୍ରିୟା ଅକର୍ମକ ହୋଇଥାଏ । ଯଥା -

ନଦୀ ବହତି - 'ବହ୍' ର ଅର୍ଥ ପ୍ରାପଣ ବା ବହନ କରିବା ।
କିନ୍ତୁ ଏଠାରେ ଏହା 'ଚଳନ' ଅର୍ଥରେ ବ୍ୟବହୃତ ।

ଜୀବତି - ଜୀବନଂ ଜୀବତି - ଏଠାରେ କ୍ରିୟା ମଧ୍ୟରେ କର୍ମର
ସଂଗ୍ରହ ହୋଇ କେବଳ 'ଜୀବତି' ପ୍ରୟୋଗ ହୋଇଛି ।

ମେଘୋ ବର୍ଷତି - ଏହି କର୍ମର ପ୍ରସିଦ୍ଧି ହେତୁ ପ୍ରୟୋଗ ହୋଇନାହିଁ ।

ହିତାନ୍ନ ଯଃ ସଂଶୃଣୁତେ - କର୍ମର ଅବିବକ୍ଷା ହୋଇ ଅକର୍ମକ କ୍ରିୟା ହୋଇଛି ।

୭. କାଳ ବା ସମୟବାଚୀ ତଥା ଅଧ୍ୱନ୍ ବା ମାର୍ଗବାଚୀ ଶବ୍ଦରୁ ଅତ୍ୟନ୍ତସଂଯୋଗ ବା ନିରବଚ୍ଛିନ୍ନାର୍ଥ ପ୍ରକାଶ ପାଇଲେ ଦ୍ୱିତୀୟା ବିଭକ୍ତି ହୁଏ । *(କାଳାଧ୍ୱନୋରତ୍ୟନ୍ତସଂଯୋଗେ - ପା. ୨.୩.୫)* । ଯଥା - *ରମେଶଃ ପଞ୍ଚ ବର୍ଷାଣି ଅସ୍ମିନ୍ ବିଦ୍ୟାଳୟେ ଅପଠତ୍* । ରମେଶ ପଞ୍ଚବର୍ଷ ଏହି ବିଦ୍ୟାଳୟରେ ପଢ଼ିଥିଲା ।

*ସପ୍ତକ୍ରୋଶାନ୍ କୁଟିଳା ମହାନଦୀ ସପ୍ତକ୍ରୋଶାମ୍* । ସାତକୋଶିଆ-ଠାରେ ମହାନଦୀ ସାତକୋଶଯାଏଁ କୁଟିଳ ବା ସର୍ପିଳ ଗତିରେ ପ୍ରବାହିତ ହେଉଛି ।

୮. ତସ୍ ପ୍ରତ୍ୟୟ ଯୁକ୍ତ ଉଭ ଏବଂ ସର୍ବ, ଧିକ୍, ଦ୍ୱିରୁକ୍ତ ଉପରି, ଅଧି ଏବଂ ଅଧଃ ଶବ୍ଦର, ଅନ୍ତରା ଏବଂ ଅନ୍ତରେଣ ଯୋଗରେ ଯାହାର ସନ୍ନିକଟତା ପ୍ରକାଶପାଏ ତାହାଠାରେ ଦ୍ୱିତୀୟା ବିଭକ୍ତି ହୁଏ ।

(କ) *ଉଭସର୍ବତସୋଃ କାର୍ଯ୍ୟା ଧିଗୁପର୍ଯ୍ୟାଦିଷୁ ତ୍ରିଷୁ । ଦ୍ୱିତୀୟାମ୍ରେଡିତାନ୍ତେଷୁ ତତୋଽନ୍ୟତ୍ରାପି ଦୃଶ୍ୟତେ ।* ଯଥା -

ଉଭୟତଃ - ମାର୍ଗମୁଭୟତଃ ବୃକ୍ଷାଃ ସନ୍ତି (ରାସ୍ତାର ଉଭୟ ପାର୍ଶ୍ୱରେ ଗଛଗୁଡିକ ଅଛି) ।

ସର୍ବତଃ - କୃଷ୍ଣଂ ସର୍ବତଃ ଜନାଃ (କୃଷ୍ଣଙ୍କର ସବୁଆଡେ ଲୋକେ ଘେରି ରହିଛନ୍ତି) ।

ଧିକ୍ - ଧିକ୍ ମିଥ୍ୟାବାଦିନମ୍ (ମିଛକହୁଥିବା ଲୋକକୁ ଧିକ୍କାର) ।

(ଖ) *ଉପର୍ୟଧ୍ୟଧସଃ ସାମୀପ୍ୟେ - ପା. ୮.୧.୭ -*

ସାମୀପ୍ୟ ଅର୍ଥରେ ଉପରି, ଅଧି ଏବଂ ଅଧସ୍ ଆମ୍ରେଡିତ ବା ଦ୍ୱିରୁକ୍ତ ହୋଇଥାଏ । ସାମୀପ୍ୟ ଅର୍ଥ ପ୍ରକାଶ ନ ପାଇଲେ ଦ୍ୱିତୀୟା ନହୋଇ ଷଷ୍ଠୀ ବିଭକ୍ତି ହୁଏ । *ଉପର୍ଯ୍ୟୁପରି ସର୍ବେଷାମ୍ ଆଦିତ୍ୟ ଇବ ତେଜସା* (ପ୍ରତାପରେ ସୂର୍ଯ୍ୟଙ୍କ ପରି ସମସ୍ତଙ୍କ ଉପରେ) ।

ଉପର୍ଯ୍ୟୁପରି - ହିମାଳୟସ୍ୟ ପାଦଦେଶମ୍ ଉପର୍ଯ୍ୟୁପରି ଗୃହାଣି ଦୃଶ୍ୟନ୍ତେ । (ହିମାଳୟ ପାଦଦେଶରେ ଉପରକୁ ଉପର ଘର ଦେଖାଯାଏ) ।

ଅଧୋଽଧଃ - ଅଧୋଽଧଃ ଲୋକଂ ପାତାଳଃ (ମର୍ତ୍ତ୍ୟଲୋକର ତଳକୁତଳ ପାତାଳ) ।

ଅଧ୍ୟଧି - ବୃକ୍ଷମ୍ ଅଧ୍ୟଧି ବାନରାଃ (ଗଛ ଉପରେ ମାଙ୍କଡ଼) ।

ଅନ୍ୟତ୍ର - ଋତେ ଯୋଗେ ଦ୍ୱିତୀୟା ଯଥା - ଶ୍ରମମ୍ ଋତେ ବିଦ୍ୟା ନ ଭବତି । (ଶ୍ରମ ବିନା ବିଦ୍ୟା ହୁଏ ନାହିଁ ।)

(ଗ) *ଅନ୍ତରା ଓ ଅନ୍ତରେଣ ଯୋଗେ ଦ୍ୱିତୀୟା -*

ଅନ୍ତରା - ଗଙ୍ଗାଂ ଯମୁନାଂଚ ଅନ୍ତରା ପ୍ରୟାଗଃ ବର୍ତ୍ତତେ । (ପ୍ରୟାଗ (ସହର) ଗଙ୍ଗା ଓ ଯମୁନା ମଧ୍ୟରେ ଅଛି) ।

ଅନ୍ତରେଣ - ଶ୍ରମମ୍ ଅନ୍ତରେଣ ଫଳଂ ନ ଲଭ୍ୟତେ । (ଶ୍ରମ ବ୍ୟତୀତ ଫଳ ମିଳେ ନାହିଁ) ।

(ଘ) *ଅଭିତଃ ପରିତଃ ସମୟା ନିକଷା ହା ପ୍ରତି ଯୋଗେଽପି -*

ଅଭିତଃ, ପରିତଃ, ସମୟା, ନିକଷା, ହା ଏବଂ ପ୍ରତି ଶବ୍ଦ ଯୋଗରେ ମଧ୍ୟ ଦ୍ୱିତୀୟା ହୁଏ ।

ଅଭିତଃ- ପରିବାରଃ ପିତରମ୍ ଅଭିତଃ ତିଷ୍ଠତି ।
(ପରିବାର ପିତାଙ୍କ ସମ୍ମୁଖରେ ରହିଛି) ।

ପରିତଃ -ଚନ୍ଦ୍ରଂ ପରିତଃ ତାରକାଃ ଶୋଭନ୍ତେ ।
(ଚନ୍ଦ୍ର ଚାରିପାଖରେ ତାରାଗୁଡ଼ିକ ଶୋଭା ପାଉଛନ୍ତି) ।

ସମୟା / ନିକଷା - ଗ୍ରାମଂ ସମୟା/ ନିକଷା ନଦୀ ବହତି (ଗାଁପାଖରେ ନଈ ବହୁଛି) ।

ହା - ହା ହା ତଂ ପୁତ୍ରଂ ଯଃ ସ୍ୱପିତରଂ ନ ମାନୟତି ।
(ହାୟରେ ସେହି ପୁଅ ଯିଏକି ବାପାଙ୍କୁ ମାନେ ନାହିଁ) ।

ପ୍ରତି - ସନ୍ତାନଂ ପ୍ରତି ଜନନ୍ୟାଃ ସ୍ନେହଦୃଷ୍ଟିଃ ଅସ୍ତି ।
(ପିଲାଙ୍କ ପାଇଁ ମା'ର ସ୍ନେହ ଦୃଷ୍ଟି ଅଛି) ।

(ଙ) ଧିକ୍ ପଦ ପ୍ରୟୋଗରେ ପ୍ରଥମା ଏବଂ ସମ୍ବୋଧନର ପ୍ରୟୋଗ ମଧ୍ୟ ଦେଖାଯାଏ ।

ଯଥା - ଧିଗ୍ ଭଦ୍ରଂ ଦରିଦ୍ରତା, ଧିଗ୍ ଅର୍ଥାଃ କଷ୍ଟସଂଶ୍ରୟାଃ, ଧିକ୍ ମୂର୍ଖ ।
ହା ରାବଣଂ ଯଃ ପିତରୌ ଅବମନ୍ୟତେ ।
(ପିତାମାତାଙ୍କୁ ଅବମାନନା କରୁଥିବା ରାବଣଙ୍କୁ ଧିକ୍) ।

୯. ଏନପ୍ ପ୍ରତ୍ୟୟାନ୍ତ ଶବ୍ଦ ଯୋଗରେ ଯାହାର ନିକଟତ୍ୱ ପ୍ରକାଶ ପାଏ ତାହାଠାରେ ଦ୍ୱିତୀୟା ବିଭକ୍ତି ହୁଏ ।

ଯଥା - ନଗରଂ ନଗରସ୍ୟ ବା ଦକ୍ଷିଣେନ ରେଳପଥଃ ବିଦ୍ୟତେ ।
(ସହରର ଦକ୍ଷିଣରେ ରେଳପଥ ଯାଇଛି) ।
ତତ୍ରାଗାରଂ ଧନପତିଗୃହାନ୍ ଉତ୍ତରେଣାସ୍ମଦୀୟମ୍ (ମେଘଦୂତମ୍) ।
(ସେଠାରେ ଧନପତି କୁବେରଙ୍କ ମହଲର ଉତ୍ତରରେ ମୋ ଘର)

୧୦.(କ). *ଅକଥିତଞ୍ଚ - ପା. ୧. ୪. ୫୧-* ଦ୍ୱିକର୍ମକ ଧାତୁମାନଙ୍କ ପ୍ରୟୋଗ ସ୍ଥଳରେ ଅପାଦାନାଦି କାରକର ଅବିବକ୍ଷା ହେଲେ ଗୌଣ କର୍ମଠାରେ କର୍ମ ସଂଜ୍ଞା ହୋଇଥାଏ ।

*ଦୁହ୍-ଯାଚ୍-ପଚ୍-ଦଣ୍ଡ-ରୁଧି-ପ୍ରଚ୍ଛି-ଚି-ବ୍ରୂ-ଶାସୁ-ଜି-ମଥ୍-ମୁଷାମ୍ ।*
*କର୍ମଯୁକ୍ ସ୍ୟାଦକଥିତଂ ତଥା ସ୍ୟାନ୍ନୀହୃକୃଷ୍ୱହାମ୍ ।।*

ଯଥା - ଗୋପଃ ଗାଂ ପୟଃ ଦୋଗ୍ଧି (ଗଉଡ଼ ଗାଈ ଦୁହୁଁଛି) । ଏଠାରେ ଗୋଃ ଠାରେ ଆପାଦାନ କାରକର ଅବିବକ୍ଷା ହେତୁ ଗାମ୍ ହେଲା ।

ଭିକ୍ଷୁକଃ ଗୃହିଣୀମ୍ ଅନ୍ନଂ ଯାଚତେ / ଭିକ୍ଷତେ / ପ୍ରାର୍ଥୟତେ ।
(ଭିକାରିଟି ଗୃହିଣୀଙ୍କୁ ଭାତ ମାଗୁଛି ।)
ତଣ୍ଡୁଲାନ୍ ଓଦନଂ ପଚତି । (ଚାଉଳକୁ ଭାତ ରାନ୍ଧୁଛି)
ବିଚାରପତିଃ ଚୌରଂ ଶତଂ ଦଣ୍ଡୟତି ।
(ବିଚାରପତି ଚୋରକୁ ଶହେଟଙ୍କା ଜୋରିମାନା କରୁଛନ୍ତି )
ବ୍ରଜମବରୁଣଦ୍ଧି ଗାମ୍ । (ଗାଈମାନଙ୍କୁ ବ୍ରଜରେ ଭର୍ତ୍ତି କରୁଛି ।)
ରାମଂ ମାର୍ଗଂ ପୃଚ୍ଛତି । (ରାମକୁ ରାସ୍ତା ପଚାରୁଛି ।)
ଲତାଂ ଚିନୋତି ପୁଷ୍ପମ୍ । (ଲତାରୁ ଫୁଲ ତୋଳୁଛି ।)
ବ୍ରୂତେ ଶିଷ୍ୟଂ ଗୁରୁଃ ତତ୍ତ୍ୱମ୍ (ଗୁରୁ ଶିଷ୍ୟକୁ ତତ୍ତ୍ୱଜ୍ଞାନ କହୁଛନ୍ତି ।)
ଆଚାର୍ଯ୍ୟଃ ମାଣବକଂ ଧର୍ମଂ ଶାସ୍ତି ।
(ଆଚାର୍ଯ୍ୟ ଶିଷ୍ୟକୁ ଧର୍ମ ବିଷୟରେ ବତାଉଛନ୍ତି ।)
ଶତ୍ରୁଂ ଶତଂ ଜୟତି । (ଶତ୍ରୁଠାରୁ ଶହେ ଜିଣୁଛି)
କ୍ଷୀରସାଗରମମୃତଂ ମଥ୍ନାତି ।
(ଅମୃତ ପାଇଁ କ୍ଷୀର ସାଗରକୁ ମନ୍ଥନ କରୁଛନ୍ତି ।)
ସଃ ଗ୍ରାମମଜାଂ ନୟତି / ବହତି ବା ।
(ସେ ଗାଁକୁ ଛେଳିଟିକୁ ନେଉଛି ।)

ଚୌରଃ ଧନିକଂ ଧନମହରତ୍ ।

(ଚୋର ଧନିକଘରୁ ଧନ ଚୋରାଇନେଲା ।)

ଭୂତତ୍ତ୍ୱବିଦଃ ରତ୍ନଂ ଧରାଂ କୃଷନ୍ତି ।

(ଭୂତତ୍ତ୍ୱବିଦ୍‌ମାନେ ରତ୍ନ ପାଇଁ ମାଟି ଖୋଳନ୍ତି ।)

୧୧. କର୍ମପ୍ରବଚନୀୟଯୁକ୍ତେ ଦ୍ୱିତୀୟା -ପୂର୍ବକାଳୀନ କ୍ରିୟାପଦ ବ୍ୟବହୃତ ନହୋଇ ତତ୍‌ସଂଲଗ୍ନ ନିପାତର ବ୍ୟବହାର ଦ୍ୱାରା ଯଦି ପରକାଳୀନ କାର୍ଯ୍ୟ ସୂଚିତ ହୁଏ ଏପରି ଅବ୍ୟୟପଦକୁ କର୍ମପ୍ରବଚନୀୟ ପଦ କୁହାଯାଏ ଏବଂ ଏମାନଙ୍କର ପ୍ରୟୋଗରେ ପୂର୍ବକାଳୀନ ଅପ୍ରଯୁକ୍ତ କ୍ରିୟାପଦର କର୍ମଠାରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ କରାଯାଏ ।

ଯଥା - *ଜପମନୁ ପ୍ରାବର୍ଷତ୍* । ଜପାନୁଷ୍ଠାନ ଶେଷ ହେବାପରେ ବର୍ଷାହେଲା । *ଜପମନୁ ନିଶମ୍ୟ ପ୍ରାବର୍ଷତ୍* । ଏହି ବାକ୍ୟରେ ଅନୁ ନିଶମନ କ୍ରିୟାସହ ସଂପୃକ୍ତ ଏବଂ ଜପ ଏହାର କର୍ମ । ନିଶମ୍ୟ କ୍ରିୟା ଲୋପ ହୋଇ କେବଳ ଅନୁପଦ ରହିଛି । ଏଣୁ ଏହି କର୍ମ ପ୍ରବଚନୀୟ ପଦ 'ଅନୁ' ଯୋଗରେ କର୍ମ ଜପଠାରେ ଦ୍ୱିତୀୟା ବିଭକ୍ତି ହେଲା ।

ପୂର୍ବୋକ୍ତ ଉଦାହରଣରେ ଜପ-କାରଣ,ବୃଷ୍ଟି-କାର୍ଯ୍ୟ । ଅନୁ-କର୍ମପ୍ରବଚନୀୟ ଉଭୟ ମଧ୍ୟରେ କାର୍ଯ୍ୟ କାରଣ ସମ୍ବନ୍ଧକୁ ଦ୍ୟୋତିତ କରୁଛି। ଏହିପରି ଅବ୍ୟୟ (ନିପାତ) ମଧ୍ୟରେ ଗୃହୀତ କର୍ମପ୍ରବଚନୀୟ ନିର୍ଦ୍ଦିଷ୍ଟ ଅର୍ଥରେ ପ୍ରଯୁକ୍ତ ହୋଇଥାଏ ।

୧୨. *କ୍ରିୟାବିଶେଷଣେ ଦ୍ୱିତୀୟା* - କ୍ରିୟା ବିଶେଷଣ ପଦ ସ୍ଥାନରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ ଏପରି ପଦଗୁଡ଼ିକ କ୍ଲୀବଲିଙ୍ଗ ଏକବଚନରେ ବ୍ୟବହୃତ ହୁଏ । ଯଥା -

ଶୀଘ୍ରମାଗଚ୍ଛ । ମୃଗଃ ଦ୍ରୁତଂ ଧାବତି । ମନ୍ଦଂ ମନ୍ଦଂ ନୁଦତି ପବନଶ୍ଚାନୁକୂଲୋ ଯଥା ତ୍ୱାମ୍ (ମେଘଦୂତମ୍) ।

## ଅନୁଶୀଳନୀ (ଦ୍ୱିତୀୟା ବିଭକ୍ତି)

୧. ଅଧୋରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ -

(କ) ହସ୍ତୌ ପ୍ରକ୍ଷାଲ୍ୟ ଭୋଜନଂ କୁରୁତ ।

(ଖ) ଶିଶୁଃ ମାତରମ୍ ଅନୁ ଧାବତି ।

(ଗ) ସରଣିମ୍ ଉଭୟତଃ ବୃକ୍ଷାଃ ସନ୍ତି ।

(ଘ) ଧିକ୍ ତାନ୍ ଦର୍ଶକାନ୍, ନ କୋଽପି ପତିତଂ ଜନମୁତ୍ଥାପୟତି ।

(ଙ) ପ୍ରାନ୍ତରଂ ପରିତଃ ବାଳକାଃ ଖେଳନ୍ତି ।

(ଚ) ବିଦ୍ୟାଂ ବିନା ଧନଂ ନ ଲଭ୍ୟତେ ।

୨. ସଂଶୋଧନଂ କୁରୁତ -

(କ) ମାର୍ଗସ୍ୟ ଉଭୟତଃ ବୃକ୍ଷରୋପଣଂ କୁରୁତ ।

(ଖ) ଶିକ୍ଷକଃ ଛାତ୍ରଃ ପ୍ରଶ୍ନଂ ପୃଚ୍ଛତି ।

(ଗ) ସଦ୍‌ଭିଃ କୁର୍ବୀତ ସଂଗତିଃ ।

(ଘ) ଶିବଃ କୈଳାସେ ଅଧ୍ୟାସ୍ତେ, କ୍ଷୀରସମୁଦ୍ରେ ତୁ ବିଷ୍ଣୁଃ ।

(ଙ) ସଦା ସନ୍ମାର୍ଗେ ଅଭିନିବିଶେତ ।

୩. ବନ୍ଧନୀମଧ୍ୟସ୍ଥଶବ୍ଦସ୍ୟ ସମୀଚୀନଂ ବିଭକ୍ତି ପ୍ରୟୋଗଂ କୃତ୍ୱା ରିକ୍ତସ୍ଥାନପୂର୍ତ୍ତିଂ କୁରୁତ -

(କ) ସାବଧାନତୟା ------ ଲଙ୍ଘୟେତ୍ । (ମାର୍ଗ)

(ଖ) ଧିକ୍ ତଂ ------ । (କୁଚାଳକ)

(ଗ) କଟକନଗରୀମ୍ ------ ନଦ୍ୟୌ ସ୍ତଃ । (ଉଭୟ)

(ଘ) ତବ ------ ପ୍ରତି ମାର୍ଗଂ ଦର୍ଶୟ । (ଗୃହ)

(ଙ) ------ ଅଧୋଽଧଃ ଫଳାନି ଶୋଭନ୍ତେ । (ବୃକ୍ଷ)

(୪) ଅଧସ୍ତନପଦାନାଂ ବାକ୍ୟେଷୁ ବ୍ୟବହାରଂ କୁରୁତ ।

ନିକଷା, ହା, ଅଧ୍ୟଧି, ସର୍ବତଃ, ପରିତଃ, ଅଭିତଃ, ସମୟା, ଅନ୍ତରେଣ, ବିନା ।

***

# ତୃତୀୟା ବିଭକ୍ତି

୧. *ସାଧକତମଂ କରଣମ୍ - ପା.୧.୪.୪୨* - କାର୍ଯ୍ୟସିଦ୍ଧିରେ ପ୍ରକୃଷ୍ଟ ସହାୟକ କାରକକୁ କରଣ କାରକ କୁହାଯାଏ । ଅନ୍ୟାନ୍ୟ କାରକ ମାନଙ୍କର କାର୍ଯ୍ୟ ସାଧନ ପ୍ରତି ଭୂମିକା ଥିଲେ ମଧ୍ୟ ଯେଉଁ କାରକର ବ୍ୟାପାର ପରେ ଅଭିଲଷିତ କାର୍ଯ୍ୟ ସିଦ୍ଧି ହୋଇଥାଏ,ତାହାକୁ କରଣ କହିବା ସମୀଚୀନ । *କ୍ରିୟତେ ଅନେନ ଇତି କରଣମ୍* ।

୨. *କର୍ତୃକରଣୟୋସ୍ତୃତୀୟା - ପା.୨.୩.୧୮* - କର୍ତ୍ତା ଓ କରଣକାରକ ଅଭିହିତ ହେଉ ନଥିଲେ ତୃତୀୟା ବିଭକ୍ତିରେ ବ୍ୟବହୃତ ହୁଏ ।

ଯଥା - *ଗୋବିନ୍ଦଃ ଜଳେନ ମୁଖଂ ପ୍ରକ୍ଷାଳୟତି* (ଗୋବିନ୍ଦ ପାଣିରେ ମୁହଁ ଧୋଇଛି) ଏଠାରେ ଜଳ ପ୍ରକ୍ଷାଳନ କ୍ରିୟାର ପ୍ରକୃଷ୍ଟୋପକାରକ ହୋଇଥିବା ହେତୁ କରଣକାରକ ଅଟେ । ଏଣୁ ତୃତୀୟାବିଭକ୍ତିରେ ପ୍ରଯୁକ୍ତ ହୋଇଛି ।

*ମୟା ବିଦ୍ୟାଳୟୋ ଗମ୍ୟତେ* । *ଶିଶୁନା ହସ୍ୟତେ* । ଏଠାରେ ଯଥାକ୍ରମେ କର୍ମ ଓ ଭାବବାଚ୍ୟରେ ଅନୁକ୍ତ କର୍ତ୍ତାଠାରେ ତୃତୀୟାବିଭକ୍ତିର ପ୍ରୟୋଗ ହୋଇଅଛି ।

୩. *ଇତ୍ଥମ୍ଭୂତଲକ୍ଷଣେ - ପା.୨.୩.୨୧* - ଯେଉଁ ଲକ୍ଷଣ ବା ଚିହ୍ନଦ୍ୱାରା ବ୍ୟକ୍ତି, ବସ୍ତୁ ବା ପଦାର୍ଥର ଜ୍ଞାନ ହୁଏ ସେହି ଲକ୍ଷଣବାଚୀ ଶବ୍ଦର ତୃତୀୟା ବିଭକ୍ତିରେ ପ୍ରୟୋଗ ହୋଇଥାଏ ।

ଯଥା - *ଜଟାଭିଃ ତାପସୋଽୟମ୍* । (ଏ ଲୋକଟି ତପସ୍ୱୀ କାରଣ ତା'ମୁଣ୍ଡରେ ଜଟା ଅଛି । *ସ୍ୟୂତେନ ଛାତ୍ରଃ* । (ବ୍ୟାଗଧରିଥିବାରୁ ଏ ଛାତ୍ର ଅଟନ୍ତି / ହୋଇଥିବେ । *ସ୍ୱରେଣ ରାମମନୁହରତି* ।(ସ୍ୱରରେ ରାମର ସମାନ ଅଟେ)

୪. *ଯେନାଙ୍ଗବିକାରଃ - ପା. ୨. ୩. ୨୦* - ଶରୀରର କୌଣସି ଅଙ୍ଗର ବିକୃତି ଦ୍ୱାରା ବସ୍ତୁ / ବ୍ୟକ୍ତି ବା ପଦାର୍ଥର ଅଙ୍ଗବିକାର ବୁଝାଇଲେ ସେହି ଅଙ୍ଗବାଚକ ପଦର ତୃତୀୟା ବିଭକ୍ତିରେ ପ୍ରୟୋଗ କରାଯାଏ ।

ଯଥା - ଚକ୍ଷୁଷା କାଣଃ - ଆଖିରେ କଣା ।

ପାଦେନ ଖଞ୍ଜଃ - ପାଦରେ ଛୋଟା ।

ଶ୍ରୋତ୍ରାଭ୍ୟାଂ ବଧିରଃ - କାନଦୁଇଟିରେ ବଧିର ।

ଶିରସା ଖଲ୍ୱାଟଃ - ମୁଣ୍ଡରେ ଚନ୍ଦା ।

**୫.** *ହେତୌ - ପା. ୨.୩.୨୩* - କୌଣସି କାର୍ଯ୍ୟର ହେତୁ ବା ଉଦ୍ଦେଶ୍ୟବୋଧକ ଶବ୍ଦର ପ୍ରୟୋଗ ହୋଇଥିଲେ ସେଠାରେ ତୃତୀୟାବିଭକ୍ତି ହୁଏ । ଯଥା - *ଅଧ୍ୟୟନେନ ସ କଟକେ ତିଷ୍ଠତି* (ପଢିବାପାଇଁ ସେ କଟକରେ ରହିଛି) । କଟକ ବାସ ର ହେତୁ ବା ଉଦ୍ଦେଶ୍ୟ ହେଉଛି ଅଧ୍ୟୟନ, ଏଣୁ ଅଧ୍ୟୟନ ତୃତୀୟାନ୍ତ ହୋଇ ପ୍ରଯୁକ୍ତ ହୋଇଛି, ସେହିପରି *ବିଦ୍ୟୟା ଯଶୋ ପ୍ରାପ୍ୟତେ* (ବିଦ୍ୟାହେତୁ ଯଶ ମିଳେ) । *ବାକ୍‌ପାରୁଷ୍ୟେଣ କଳହୋ ଭବତି* । (କଡ଼ା କଥାଯୋଗୁଁ କଳି ଲାଗେ) ।

ହେତୁ ବା କାରଣ ବୋଧକ ଶବ୍ଦଠାରେ ତୃତୀୟା ହୁଏ । ଯଥା -

ପୁଣ୍ୟେନ ଦୃଷ୍ଟୋ ହରିଃ । ଶ୍ରମେଣ ଧନଂ ଭବତି ।

ବିଦ୍ୟୟା ବର୍ଦ୍ଧତେ ବୁଦ୍ଧିଃ । ବୃଦ୍ଧଃ ଶୀତେନ କମ୍ପତେ ।

**୬.** *ପ୍ରକୃତ୍ୟାଦିଭ୍ୟ ଉପସଂଖ୍ୟାନମ୍ (ବାର୍ତ୍ତିକ)- ପା.୨.୩.୧୮* - ପ୍ରକୃତି (ସ୍ୱଭାବ) ପ୍ରାୟ,ଗୋତ୍ର ପ୍ରଭୃତି ଶବ୍ଦମାନଙ୍କର ତୃତୀୟାନ୍ତ ହୋଇ ପ୍ରୟୋଗ କରାଯାଏ ।ଯଥା -

ପ୍ରକୃତ୍ୟା ଗବାଂ ପୟଃ ମଧୁରମ୍ । (ସ୍ୱଭାବତଃ ଗାଈକ୍ଷୀର ମିଠା) ।

ସମୁଦ୍ରଜଳଂ ପ୍ରକୃତ୍ୟା ଲବଣାକ୍ତଂ ଭବତି (ସ୍ୱଭାବରେ ସମୁଦ୍ରପାଣି ଲୁଣିଆ ଅଟେ) ।

ଗୋତ୍ରେଣ ଭାରଦ୍ୱାଜଃ (ଗୋତ୍ରରେ ସେ ଭାରଦ୍ୱାଜବଂଶୀୟ) ।

ସମେନ ଏତି / ବିଷମେଣ ଏତି (ସମଭାବରେ ଯାଉଛି / ବିଷମଭାବରେ ଯାଉଛି) ।

ପ୍ରକୃତି, ପ୍ରାୟ, ଗୋତ୍ର, ସମ, ବିଷମ, ଦ୍ୱିଦ୍ରୋଣ, ପଞ୍ଚକ, ସାହସ୍ର - ପ୍ରକୃତ୍ୟାଦିଗଣରେ ଅନ୍ତର୍ଭୁକ୍ତ ।

୭.(କ). *ସହଯୁକ୍ତେଽପ୍ରଧାନେ-ପା. ୨.୩.୧୯* - ସହ, ସାକମ୍, ସାର୍ଦ୍ଧମ୍, ସମମ୍, ପରି ସମାର୍ଥକ ନିପାତ / ଅବ୍ୟୟମାନଙ୍କର ପ୍ରୟୋଗ ହୋଇଥିଲେ ତତ୍ ସହ ସଂପୃକ୍ତ ପଦମାନଙ୍କର ତୃତୀୟାବିଭକ୍ତିର ପ୍ରୟୋଗ ହୋଇଥାଏ । ଯଥା - ପିତ୍ରା ସମଂ/ ସାର୍ଦ୍ଧଂ / ସହ / ସାକଂ ପୁତ୍ରଃ ଯାତି (ପିତାଙ୍କ ସହ ପୁଅ ଯାଉଛି) ।

(ଖ). ଏହି ପଦମାନଙ୍କର ସାକ୍ଷାତ୍ ପ୍ରୟୋଗ ହୋଇ ନ ଥିଲେ ମଧ୍ୟ ସହାର୍ଥ ପ୍ରକାଶ ପାଉଥିଲେ, ସଂପୃକ୍ତ ଶବ୍ଦମାନଙ୍କଠାରେ ପୂର୍ବପରି ତୃତୀୟା ବିଭକ୍ତି ହୁଏ । *( ବିନାଽପିତଦ୍‌ଯୋଗମ୍ )* - ସହ ନଥାଇ ସହାର୍ଥ ବୁଝାଇଲେ ମଧ୍ୟ ତୃତୀୟା ହୁଏ । ଯଥା - ମାତ୍ରା ଗଚ୍ଛତି ଶିଶୁଃ ।

ପିତ୍ରା ଗଚ୍ଛତି ପୁତ୍ରଃ । (ପୁଅ ବାପାଙ୍କ (ସହ) ଯାଉଛି ।)

୮. *ପୃଥଗ୍ ବିନାନାନାଭିସ୍ତୃତୀୟାଽନ୍ୟତରସ୍ୟାମ୍-ପା. ୨.୩.୩୨* -

ପୃଥଗ୍, ବିନା, ନାନା ଶବ୍ଦମାନଙ୍କର ପ୍ରୟୋଗ ହୋଇଥିଲେ ତତ୍ ସଂପୃକ୍ତ ଶବ୍ଦମାନଙ୍କର ଦ୍ୱିତୀୟା, ତୃତୀୟା, ପଞ୍ଚମୀ ବିଭକ୍ତିର ପ୍ରୟୋଗ ଦେଖାଯାଏ । ଯଥା -

ଜଳଂ / ଜଳେନ / ଜଳାତ୍ ପୃଥକ୍ / ବିନା / ନାନା ମତ୍ସ୍ୟାଃ ନ ଜୀବନ୍ତି (ଜଳରୁ ଅଲଗାହୋଇ ମାଛ ମାନେ ବଞ୍ଚନ୍ତି ନାହିଁ) ।

୯. *ଊନବାରଣପ୍ରୟୋଜନାର୍ଥୈଶ୍ଚ* - ଊନ ଏବଂ ଊନାର୍ଥକ ହୀନ, ରହିତ, ଶୂନ୍ୟ ପ୍ରଭୃତି ଶବ୍ଦ ଯୋଗରେ ତୃତୀୟାବିଭକ୍ତିର ପ୍ରୟୋଗ ଦେଖାଯାଏ । ଯଥା -

ରାମଃ ଗୋବିନ୍ଦାତ୍ ବିଦ୍ୟୟା ଊନଃ ଭବତି ।

(ରାମ ଗୋବିନ୍ଦଠାରୁ ପାଠରେ ଊଣା) ।

*ଶିଶୁନା ରହିତଂ / ହୀନଂ / ଶୂନ୍ୟଂ / ଗୃହଂ ନ ସୁଖକରମ୍* । (ପିଲା ନଥିବା ଘର ଭଲ ଲାଗେ ନାହିଁ )। *ନାସ୍ତି ମେ ଧନେନ ପ୍ରୟୋଜନମ୍* (ମୋର ଧନରେ ପ୍ରୟୋଜନ ନାହିଁ )। *ଚୌର୍ଯ୍ୟେଣ ଅଲମ୍* (ଚୋରି କରନାହିଁ) ।

*ବିଦ୍ୟାଂ ବିନା ଜୀବନେନ କିମ୍?* (ବିଦ୍ୟା ନ ଥିଲେ ଜୀବନ ଥାଇ କି ଲାଭ) ?

୧୦. *ଅପବର୍ଗେ ତୃତୀୟା-ପା.୨.୩.୬* - ଅପବର୍ଗଃ= ଫଳପ୍ରାପ୍ତି । ଅପବର୍ଗରେ ଫଳପ୍ରାପ୍ତି ବୁଝାଏ । କାର୍ଯ୍ୟସିଦ୍ଧି ବୁଝାଉଥିଲେ ତୃତୀୟାବିଭକ୍ତିର ପ୍ରୟୋଗ କରାଯାଏ । ଯଥା - *ମାସେନ ବ୍ୟାକରଣଂ ପଠିତବାନ୍* (ସେ ମାସକରେ ବ୍ୟାକରଣ ପାଠ ସାରିଦେଲା) ।

୧୧. କାଳ ଓ ମାର୍ଗ ବାଚକରେ ତୃତୀୟା ହୁଏ ।

ଯଥା - *ସପ୍ତଭିଃ ଦିବସୈଃ ନୀରୋଗଃ ଜାତଃ* । *କୁଟିଳେନ ମାର୍ଗେଣ ମା ଗଚ୍ଛ* । ଅନେନ ମାର୍ଗେଣ ଗଚ୍ଛ ।

## ଅନୁଶୀଳନୀ

୧. ଅଧୋଲିଖିତାନାଂ ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।

(କ) ଅନ୍ଧସ୍ୟ ଦର୍ପଣେନ କିମ୍ ?

(ଖ) ରାମେଣ ବାଣେନ ହତୋ ବାଲୀ ।

(ଗ) ଗୀତା ଦ୍ୱିଚକ୍ରିକାଯାନେନ ମହାବିଦ୍ୟାଳୟଂ ଯାତି ।

(ଘ) ସଦ୍ଭିଃ ସହ ସଙ୍ଗତିଂ କୁରୁ, ନାସଦ୍ଭିଃ ସମମ୍ ।

(ଙ) ଶୁଷ୍କୈର୍ବୃକ୍ଷୈଃ ବନରାଜୀ କଳିତା ଭବତି ।

(ଚ) ଧନେନ ହୀନଃ କୁତ୍ରାପି ଆଦରସ୍ୟ ପାତ୍ରଂ ନ ଭବତି ।

୨. ବନ୍ଧନୀଦତ୍ତଶବ୍ଦାନାଂ ସମୀଚୀନଂ ବିଭକ୍ତିପ୍ରୟୋଗଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।

(କ) ଶୁକାଃ (ଶୁକ)....... ସହ, କାକାଃ ....... (କାକ) ସହ, ବକାଃ (ବକ) ....... ସମଂ ହଂସାଃ ସହାବସ୍ଥାନଂ କାମୟନ୍ତେ ।

(ଖ) ପ୍ରଭୁଣାଂ (ଭୃତ୍ୟ) ........ ପ୍ରୟୋଜନମ୍, (ସଦ୍‌ଗ୍ରନ୍ଥ) ........ ପଣ୍ଡିତାନାମ୍ ଚ ।

(ଗ) (ବନ୍ୟଫଳ) ........ ମୁନିବରାଃ ଯାପୟନ୍ତି କାଳମ୍ ।

(ଘ) ତ୍ୱଂ କେନ (ମାର୍ଗ) ........ ଆଗତୋଽସି ?

(ଙ) ଗବାଂ ପୟଃ (ପ୍ରକୃତି) ........ ମଧୁରମ୍ ।

(ଚ) (ବେଣ୍ଟ) ........ ଜାୟତେ ରକ୍ଷା ।

୩. ସଂଶୋଧନଂ କୁରୁତ ।

(କ) ଚକ୍ଷୁଷି କାଣଃ ଭିକ୍ଷାଂ ଯାଚତେ ।

(ଖ) ଲଗୁଡେଷୁ ପ୍ରହୃତ୍ୟ ବ୍ୟାଘ୍ରଃ ମାରିତଃ ଗ୍ରାମବାସିଭିଃ ।

(ଗ) ଧନଂ ବିନା କିଂ ଜୀବନମ୍ ?

(ଘ) ଅୟଂ ବିଦ୍ୟାଳୟଃ, ଅଳଂ କୋଳାହଳମ୍ ।

(ଙ) ରାମଃ ଦାତ୍ରସ୍ୟ ଛିନତ୍ତି ପତ୍ରମ୍ ।

(ଚ) ପଞ୍ଚମୁଦ୍ରାସୁ ଲେଖନୀଂ କ୍ରୀତବାନ୍ ରାମଃ ।

***

## ଚତୁର୍ଥୀ ବିଭକ୍ତି

୧.(କ) *କର୍ମଣା ଯମଭିପ୍ରୈତି ସ ସମ୍ପ୍ରଦାନମ୍ - ପା.୧.୪.୩୨ / ଚତୁର୍ଥୀ ସମ୍ପ୍ରଦାନେ -ପା. ୨.୩.୧୩-* ଦାନକ୍ରିୟା ଦ୍ୱାରା କର୍ତ୍ତା ଯାହାକୁ ସନ୍ତୁଷ୍ଟ କରିବାକୁ ଚାହେଁ ଅର୍ଥାତ୍ କର୍ତ୍ତାର ଯେ ଅଭିପ୍ରେତ ତାହାର ସମ୍ପ୍ରଦାନ ସଂଜ୍ଞା ହୁଏ ଏବଂ ସମ୍ପ୍ରଦାନକାରକ ଅନୁକ୍ତ ହୋଇଥିଲେ ଚତୁର୍ଥୀବିଭକ୍ତିରେ ପ୍ରଯୁକ୍ତ ହୋଇଥାଏ । *ସମ୍ପ୍ରଦୀୟତେ ଅସ୍ମୈ ଇତି ସମ୍ପ୍ରଦାନମ୍ ।*

ଯଥା - ବିପ୍ରାୟ ଗାଂ ଦଦାତି, ବ୍ରାହ୍ମଣକୁ ଗୋଦାନ ଦେଉଛି ।

ଏଠାରେ ଦାନକ୍ରିୟାଦ୍ୱାରା ବିପ୍ରର ସନ୍ତୋଷବିଧାନ କରାଯାଉଥିବା ହେତୁ ତାହାର ସମ୍ପ୍ରଦାନ ସଂଜ୍ଞା ହେଲା । ଅନେକସମୟରେ ଦାନ ଗ୍ରହଣକାରୀ ସନ୍ତୋଷ ହେଉନଥିଲେ ମଧ୍ୟ କ୍ରିୟାର ଫଳ ତଦ୍‌ଗାମୀ ହେବା ହେତୁ ସମ୍ପ୍ରଦାନ ସଂଜ୍ଞା ହୋଇଥାଏ । ଯଥା - ଖଣ୍ଡିକୋପାଧ୍ୟାୟଃ ଶିଷ୍ୟାୟ ଚପେଟାଂ ଦଦାତି, (ଗାଗୀ ଉପାଧ୍ୟାୟ ଶିଷ୍ୟକୁ ଚାପୁଡ଼ା ଦେଲେ) ।

କିନ୍ତୁ ଦା ଧାତୁର ପ୍ରୟୋଗ ହୋଇଥିଲେ ମଧ୍ୟ ଯଦି ସ୍ୱସ୍ୱତ୍ୱ ନିବୃତ୍ତି ପୂର୍ବକ ପରସ୍ୱତ୍ୱାଧିକାର ଆରୋପିତ ହେଉ ନ ଥାଏ ତାହାହେଲେ ଚତୁର୍ଥୀ ନ ହୋଇ ଷଷ୍ଠୀବିଭକ୍ତିର ପ୍ରୟୋଗ କରାଯାଏ । ଯଥା - ରଜକସ୍ୟ ବସ୍ତ୍ରଂ ଦଦାତି (ଧୋବାକୁ (ସଫାକରିବା ପାଇଁ) ଲୁଗା ଦେଉଛି) ।

(ଖ) *କ୍ରିୟୟା ଯମଭିପ୍ରୈତି ସୋପି ସମ୍ପ୍ରଦାନମ୍ -ପା.୧.୪.୩୨* -(ବାର୍ତ୍ତିକ) ଅନେକ ସ୍ଥଳରେ ଦାନର ପ୍ରସଙ୍ଗ ନଥିଲେ ମଧ୍ୟ ଯଦି କୌଣସି କାର୍ଯ୍ୟ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି / ବସ୍ତୁ ବା ପଦାର୍ଥ ଉଦ୍ଦେଶ୍ୟରେ ସାଧିତ ହେଉଥାଏ ତାହାହେଲେ ସେହି ବ୍ୟକ୍ତି / ବସ୍ତୁ / ପଦାର୍ଥର ସମ୍ପ୍ରଦାନ ସଂଜ୍ଞା ହୁଏ । ଯଥା - ପତ୍ୟେ ଶେତେ (ପତିଙ୍କୁ ଅପେକ୍ଷାକରି ଶୋଇଛି) । ଅକର୍ମକ କ୍ରିୟାର ପ୍ରୟୋଗରେ ଏପରି ସମ୍ପ୍ରଦାନ କାରକ ହୁଏ ।

୨. *ତାଦର୍ଥ୍ୟେ ଚତୁର୍ଥୀ ବାଚ୍ୟା* -(ବାର୍ତ୍ତିକ)- ଯେଉଁ ଉଦ୍ଦେଶ୍ୟ ସାଧନ ପାଇଁ କାର୍ଯ୍ୟ କରାଯାଏ ସେହି ଉଦ୍ଦେଶ୍ୟବାଚୀ ଶବ୍ଦରୁ ଚତୁର୍ଥୀବିଭକ୍ତି ହୁଏ । ଯଥା - *ମୁକ୍ତୟେ ହରିଂ ଭଜତି* (ମୁକ୍ତି ପାଇବା ପାଇଁ ହରିଙ୍କୁ ଭଜୁଛି) । ସେହିପରି *ବାଳକଃ ନୂତନବସ୍ତ୍ରାୟ ରୁଦତି* (ନୂଆପେଣ୍ଟୁ ପାଇଁ ପିଲାଟି କାନ୍ଦୁଛି) । *ଆଭୂଷଣାୟ ସୁବର୍ଣ୍ଣମ୍* (ଅଳଙ୍କାର ପାଇଁ ସୁନା) । ଏଠାରେ ସୁବର୍ଣ୍ଣ ଆଭୂଷଣପାଇଁ ଉଦ୍ଦିଷ୍ଟ, ଏଣୁ ଚତୁର୍ଥୀ ହେଲା, କାରଣ ସୁବର୍ଣ୍ଣର ବିକାର ଆଭୂଷଣ ।

୩.(କ) *ଉତ୍ପାତେନ ଜ୍ଞାପିତେ ଚ* - (ବାର୍ତ୍ତିକ)-କୌଣସି ଉତ୍ପାତ ଅଶୁଭସଙ୍କେତ ବା ଘଟଣାର ସୂଚକ ହୋଇଥିଲେ ଉତ୍ପାତବାଚୀ ଶବ୍ଦଦ୍ୱାରା ଜ୍ଞାପିତ ଶବ୍ଦଠାରେ ଚତୁର୍ଥୀ ବିଭକ୍ତି ହୁଏ । ଯଥା - ବାତାୟ କପିଳା ବିଦ୍ୟୁତ୍ ଆତପାୟ ଅତିଲୋହିନୀ ।

(କପିଳ ବର୍ଣ୍ଣର ବିଜୁଳି ଝଞ୍ଜା ବାତର ସୂଚନା ଦିଏ ଏବଂ ଅତିଶୟ ରକ୍ତ ବର୍ଣ୍ଣର ବିଜୁଳି ପ୍ରଚଣ୍ଡ ସୂର୍ଯ୍ୟତାପର ସୂଚନା ପ୍ରଦାନ କରିଥାଏ ।)

(ଖ) *ହିତଯୋଗେ ଚ* - ହିତପଦ ଯୋଗରେ ଯାହାର ହିତ ହୁଏ ତାହା ସ୍ଥାନରେ ଚତୁର୍ଥୀ ହୁଏ । ଯଥା - ବାଳକାୟ ସୁଖଂ / ହିତଂ ଭବେତ, (ବାଳକର ମଙ୍ଗଳ ହେଉ) ।

(ଗ) *କ୍ଲୃପି ସମ୍ପଦ୍ୟମାନେ ଚ* -(ବାର୍ତ୍ତିକ)- ଭକ୍ତିର୍ଜ୍ଞାନାୟ କଳ୍ପତେ, ସମ୍ପଦ୍ୟତେ, ଜାୟତେ ବା ।

୪. *ରୁଚ୍ୟର୍ଥାନାଂ ପ୍ରୀୟମାଣଃ-ପା.୧.୪.୩୩* - ରୁଚ୍ୟର୍ଥକ ଧାତୁମାନଙ୍କର ପ୍ରୟୋଗରେ ପ୍ରସନ୍ନ ହେଉଥିବା ବ୍ୟକ୍ତି / ବସ୍ତୁ / ପଦାର୍ଥର ସମ୍ପ୍ରଦାନ ସଂଜ୍ଞା ହୁଏ । ଯଥା - *ଶିଶବେ ମୋଦକଂ ରୋଚତେ* (ପିଲାଟିକୁ ମିଠେଇ ଭଲଲାଗେ) । ଶିଶୁର ପ୍ରସନ୍ନତା ସାଧନ କରୁଥିବା ହେତୁ ମୋଦକର ସମ୍ପ୍ରଦାନ ସଂଜ୍ଞା ହେଲା ।

୫. *ସ୍ପୃହେରୀପ୍ସିତଃ-ପା.୧.୪.୩୬* - ସ୍ପୃହ୍ ଧାତୁର ପ୍ରୟୋଗ ହୋଇଥିଲେ ଈପ୍ସିତ ଅର୍ଥର ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀବିଭକ୍ତି ହୁଏ । ଯଥା - *ବାଳିକା ପୁଷ୍ପେଭ୍ୟଃ ସ୍ପୃହୟତି* । (ବାଳିକା ଫୁଲପାଇଁ ଇଚ୍ଛା ପ୍ରକାଶ କରୁଛି) ।

୬. କଥନାର୍ଥ ପ୍ରକାଶ କରୁଥିବା କଥ୍, ଶଂସ୍, ଚକ୍ଷ୍, ଖ୍ୟା ପ୍ରଭୃତି ଧାତୁମାନଙ୍କର ଅକଥିତ କାରକ କ୍ଷେତ୍ରରେ ତଥା ନିବେଦନାର୍ଥକ 'ନି' ଉପସର୍ଗ ପୂର୍ବକ ବିଦ୍ ଧାତୁର ପ୍ରୟୋଜ୍ୟ କର୍ତ୍ତାରେ ସମ୍ପ୍ରଦାନ ସଂଜ୍ଞା ହୋଇଥାଏ ।

ଯଥା - *ଯସ୍ମୈ ବ୍ରହ୍ମପାରାୟଣଂ ଜଗୌ* (ଯାହାକୁ ବେଦ ପଢାଇଲେ) । *ଆର୍ଯ୍ୟେ! କଥୟାମି ତେ ଭୂତାର୍ଥମ୍* (ଦେବି! ତୁମକୁ ସତ କହୁଛି) । *ଏତଦ୍ ଗୁରବେ ନିବେଦୟାମି* (ଏହା ଗୁରୁଙ୍କୁ ଜଣାଇଦେବି) ।

୭. *ଧାରେରୁତ୍ତମର୍ଣ୍ଣଃ -ପା.୧.୪.୩୫* - ପ୍ରେରଣାର୍ଥକ ଧୃଞ୍ ଧାତୁର ପ୍ରୟୋଗ ଉଧାର ବା କରଜ ନେବା ଅର୍ଥରେ ହୋଇଥିଲେ ଋଣ ପ୍ରଦାନକାରୀ ବା କରଜ ଦେଉଥିବା ବ୍ୟକ୍ତିର ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୁଏ । ଯଥା - *ରାମାୟ ଗୋବିନ୍ଦଃ ଶତଂ ଧାରୟତି* (ଗୋବିନ୍ଦ ରାମଠାରୁ ଶହେଟଙ୍କା ଧାର ନେଇଛି) ।

୮. ମନ୍ୟକର୍ମଣ୍ୟନାଦରେ ବିଭାଷାଽପ୍ରାଣିଷୁ-ପା.୨.୩.୧୭- ଅନାଦର ଅର୍ଥ ପ୍ରକାଶିତ ହେଉଥିଲେ ମନ୍ ଧାତୁର କର୍ମ ଯଦି ଅପ୍ରାଣିବାଚକ ପଦ ହୋଇଥାଏ ତାହାହେଲେ ବିକଳ୍ପରେ ଚତୁର୍ଥୀବିଭକ୍ତି ହୁଏ । ଯଥା - *ଧନବନ୍ତଂ ତୃଣଂ ତୃଣାୟ ବା ମନ୍ୟତେ ବିରକ୍ତଃ* (ସଂସାରତ୍ୟାଗୀ ଧନିଲୋକଙ୍କୁ ଖାତିରି କରେ ନାହିଁ) ।

**୯.(କ)** ***କ୍ରୁଧଦ୍ରୁହେର୍ଷ୍ୟାସୂୟାର୍ଥାନାଂ ଯଂ ପ୍ରତି କୋପଃ - ପା.୧.୪.୩୭*** -କ୍ରୁଧ୍, ଦ୍ରୁହ୍, ଈର୍ଷ୍ୟା, ଅସୂୟ୍ ଧାତୁମାନଙ୍କର ତଥା ଏମାନଙ୍କର ସମାର୍ଥକ ଧାତୁମାନଙ୍କର ପ୍ରୟୋଗରେ ଯାହା ଉପରେ କୋପ / କ୍ରୋଧ ପ୍ରକାଶ କରାଯାଏ

ତାହାଠାରେ ସମ୍ପ୍ରଦାନକାରକ ହୋଇ ଚତୁର୍ଥୀ ହୁଏ । ଯଥା -

ଶିକ୍ଷକଃ ଛାତ୍ରାୟ କ୍ରୁଧ୍ୟତି (ଶିକ୍ଷକ ଛାତ୍ରମାନଙ୍କ ଉପରେ ରାଗୁଛନ୍ତି) ।

ଦୁଷ୍ଟାଃ ଶିଷ୍ଟେଭ୍ୟୋ ଦ୍ରୁହ୍ୟନ୍ତି (ଦୁଷ୍ଟଲୋକ ଶିଷ୍ଟମାନଙ୍କୁ ଦ୍ରୋହ କରୁଛନ୍ତି) ।

କର୍ଣ୍ଣଃ ଅର୍ଜ୍ଜୁନାୟ ଈର୍ଷ୍ୟତି ସ୍ମ (କର୍ଣ୍ଣ ଅର୍ଜ୍ଜୁନଙ୍କୁ ଈର୍ଷ୍ୟା କରୁଥିଲେ) ।

କସ୍ମୈ ଅପି ମା ଅସୂୟ (କାହାକୁ ଅସୂୟା (ଗୁଣରୁ ଦୋଷ ବାହାର କରିବା) କରନାହିଁ) ।

(ଖ) *କ୍ରୁଧଦ୍ରୁହୋରୁପସୃଷ୍ଟୟୋଃ କର୍ମ - ପା. ୧.୪.୩୮* - କ୍ରୁଧ ଏବଂ ଦ୍ରୁହ୍ ଧାତୁ ପୂର୍ବରେ ଉପସର୍ଗ ଥିଲେ ଯାହା ପ୍ରତି କ୍ରୋଧ ବା ଦ୍ରୋହ କରାଯାଏ ତାହାର କର୍ମସଂଜ୍ଞା ହୁଏ ।

ଯଥା - *ପିତା କୁପଥଗାମିନଂ ପୁତ୍ରଂ ସଂକ୍ରୁଧ୍ୟତି* (କୁମାର୍ଗରେ ଯାଉଥିବା ପୁଅ ଉପରେ ବାପା ରାଗୁଛନ୍ତି) । ସାଧୁଃ କ୍ରୂରମଭିକ୍ରୁଧ୍ୟତି / ସଂଦ୍ରୁହ୍ୟତି (ସାଧୁ କ୍ରୂରବ୍ୟକ୍ତି ପ୍ରତି କ୍ରୋଧାନ୍ୱିତ (ଦ୍ରୋହଯୁକ୍ତ) ହେଉଛନ୍ତି) ।

୧୦. *ପରିକ୍ରୟଣେ ସମ୍ପ୍ରଦାନମନ୍ୟତରସ୍ୟାମ୍ - ପା. ୧.୪.୪୪* - ଭୃତ୍ୟା ନିୟତକାଳାବଧିସ୍ୱୀକରଣଂ ପରିକ୍ରୟଣମ୍ । ପରିକ୍ରୟଣ ଅର୍ଥରେ ଯାହା କରଣକାରକ ହୋଇଥାଏ ତାହାର ବିକଳ୍ପରେ ସମ୍ପ୍ରଦାନ ସଂଜ୍ଞା ହୁଏ । ଯଥା - *ଶତେନ / ଶତାୟ ବା ପରିକ୍ରୀତଃ* (ଶହେ ଟଙ୍କା ନେଇ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଭୋଟି /ବେତନରେ ବନ୍ଧାପଡ଼ିଛି) ।

୧୧.(କ) *ତୁମର୍ଥାଚ୍ଚ ଭାବବଚନାତ୍ - ପା. ୨.୩.୧୫* - ତୁମୁନ୍ ପ୍ରତ୍ୟୟ ଯୋଗରେ ଧାତୁର ଅର୍ଥ ପ୍ରକାଶ କରିବାପାଇଁ ଯେଉଁ ଭାବବାଚକ ସଂଜ୍ଞାପଦର ବ୍ୟବହାର ହୋଇଥାଏ ସେଥିରେ ଚତୁର୍ଥୀବିଭକ୍ତି ହୁଏ ।

ଯଥା - *ଦାନାୟ (ଦାତୁମ୍) ଧନମର୍ଜ୍ଜୟ* (ଦାନକରିବାପାଇଁ ଧନ ଅର୍ଜ୍ଜନ କର) । *ସ୍ନାନାୟ (ସ୍ନାତୁମ୍) ମହାନଦୀତଟଂ ଯାତି* (ଗାଧୋଇବା ପାଇଁ ମହାନଦୀ କୂଳକୁ ଯାଉଛି) ।

(ଖ) *କ୍ରିୟାର୍ଥୋପପଦସ୍ୟ ଚ କର୍ମଣି ସ୍ଥାନିନଃ ପା.୨.୩.୧୪* - ଯଦି ତୁମୁନ୍ ପ୍ରତ୍ୟୟାନ୍ତ ପଦର ସାକ୍ଷାତ୍ ପ୍ରୟୋଗ ନ ହୋଇ ଏହା ଉହ୍ୟ ରହେ, ତେବେ ଏହାର କର୍ମ ଠାରେ ଚତୁର୍ଥୀ ବିଭକ୍ତି ହୁଏ । ଯଥା - *ଫଳେଭ୍ୟଃ ଯାତି* (ଫଳାନି ଆହର୍ତ୍ତୁଂ ଯାତି) । *ଗୃହାୟ (ଗୃହଂ ଗନ୍ତୁଂ) ପ୍ରସ୍ଥିତଃ* (ଘର ଯିବା ପାଇଁ ପ୍ରସ୍ଥାନ କଲେ) । *ଗଣପତୟେ ନମସ୍କୃତ୍ୟ* (ଗଣପତିଂ ପ୍ରୀଣୟିତୁଂ ନମସ୍କୃତ୍ୟ) ଗଣପତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ନମସ୍କାର କରି) ।

୧୨. *ନମଃ ସ୍ୱସ୍ତି ସ୍ୱାହାସ୍ୱଧାଽଲଂ ବଷଡ୍‌ଯୋଗାଚ୍ଚ ପା.୨.୩.୧୬* - ନମଃ, ସ୍ୱସ୍ତି, ସ୍ୱାହା, ସ୍ୱଧା, ଅଳମ୍, ବଷଟ୍ ଶବ୍ଦଯୋଗରେ ଚତୁର୍ଥୀ ବିଭକ୍ତି ହୁଏ । ଯଥା - ଗୁରବେ *ନମଃ* । *ପ୍ରଜାଭ୍ୟଃ ସ୍ୱସ୍ତି* । *ଅଗ୍ନୟେ ସ୍ୱାହା* । ପିତୃଭ୍ୟଃ ସ୍ୱଧା । ଇନ୍ଦ୍ରାୟ ବଷଟ୍ । *ମଲ୍ଲୋ ମଲ୍ଲାୟ ଅଳମ୍* । (ମଲ୍ଲ ମଲ୍ଲ ପାଇଁ ପର୍ଯ୍ୟାପ୍ତ) ଏଣୁ ପର୍ଯ୍ୟାପ୍ତ୍ୟର୍ଥରେ ପ୍ରୟୋଗ ହେଉଥିବା ପ୍ରଭୁଃ, ସମର୍ଥଃ / ଶକ୍ତଃ ପ୍ରଭୃତି ପଦଯୋଗରେ ମଧ୍ୟ ଚତୁର୍ଥୀ ହୋଇଥାଏ ।

ଦୈତ୍ୟେଭ୍ୟୋ ବିଷ୍ଣୁଃ ପ୍ରଭୁଃ । (ସମର୍ଥଃ = ଶକ୍ତଃ) ।

(ରାକ୍ଷସ ମାନଙ୍କପାଇଁ ବିଷ୍ଣୁ ଉପଯୁକ୍ତ) ।

ବିଧିରପି ଯେଭ୍ୟଃ ନ ପ୍ରଭବତି ।

(ବିଧାତା ମଧ୍ୟ ଯେଉଁମାନଙ୍କର କିଛି କରିପାରନ୍ତି ନାହିଁ) ।

(ଖ) *ଉପପଦବିଭକ୍ତେଃ କାରକବିଭକ୍ତିର୍ବଳୀୟସୀ* - ନମଃ ପଦ ଯୋଗରେ ଚତୁର୍ଥୀ ହେଉଥିଲେ ମଧ୍ୟ ନମସ୍କରୋତି ପରି କ୍ରିୟାପଦର ପ୍ରୟୋଗ ହୋଇଥିଲେ ଦ୍ୱିତୀୟା ବିଭକ୍ତି ହୁଏ । ଯଥା- *ଲକ୍ଷ୍ମୀଂ ନମସ୍କରୋତି* । *ବ୍ରହ୍ମାଣଂ ନମସ୍କୁର୍ମଃ* । କିନ୍ତୁ ପ୍ରଣିପତ, ପ୍ରଣମ୍ ପ୍ରଭୃତି ଧାତୁଯୋଗରେ ଉଭୟର ପ୍ରୟୋଗ ଦେଖାଯାଏ । ଯଥା - *ପ୍ରଣମ୍ୟ ତ୍ରିଲୋଚନାୟ* । *ଧାତାରଂ ପ୍ରଣିପତ୍ୟ* । *ତସ୍ମୈ ପ୍ରଣିପତ୍ୟ ନଦୀ* । *ଗୁରବେ ପ୍ରଣାମମ୍ ଅକରବମ୍* ।

## ଅନୁଶୀଳନୀ

୧. ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିନିରୂପଣଂ କୁରୁତ ।

(କ) ସାଧୋଃ ଶିକ୍ଷା <u>ଗୁଣାୟ</u> ସମ୍ପଦ୍ୟତେ ନାସାଧୋଃ ।

(ଖ) ଉପଦେଶୋ ହି ମୂର୍ଖାଣାଂ <u>ପ୍ରକୋପାୟ</u> ନ <u>ଶାନ୍ତୟେ</u> ।

(ଗ) ଦୁଦୋହ ଗାଂ ସ <u>ଯଜ୍ଞାୟ</u> ।

(ଘ) ବଳଭଦ୍ର ସୁଭଦ୍ରାଭ୍ୟାଂ <u>ଜଗନ୍ନାଥାୟ</u> ତେ ନମଃ ।

(ଙ) ନମସ୍ତେ <u>ସତେ</u> <u>ତେ</u> <u>ଜଗତ୍କାରଣାୟ</u> ।

୨. ବନ୍ଧନୀବଦ୍ଧଶବ୍ଦାନାଂ ସମୀଚୀନଂ ବିଭକ୍ତିପ୍ରୟୋଗଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।

(କ) ଦାନଂ (ପୁଣ୍ୟ) ....... କଳ୍ପତେ ।

(ଖ) ବାୟୁ (ଶକଟ........) ବର୍ତ୍ତତେ ।

(ଗ) ପ୍ରାତଃଭ୍ରମଣଂ (ସ୍ୱାସ୍ଥ୍ୟ) ....... ହିତକରମ୍ ।

(ଘ) ପିତରୌ (ଶିଶୁ) ....... ସ୍ପୃହୟତଃ ।

(ଙ) ଶ୍ୱା (ମାର୍ଜାର.........) ଦ୍ରୁହ୍ୟତି ।

୩. ସଂଶୋଧନଂ କୁରୁତ ।

(କ) ତ୍ୱଂ ଗୁରୁଂ ସମର୍ପୟ ଆତ୍ମାନମ୍ ।

(ଖ) ଜ୍ଞାନିନଂ ନମଃ ।

(ଗ) ସର୍ବେ ଧନଂ ସ୍ପୃହୟତି ।

(ଘ) ଦରିଦ୍ରେଷୁ ଧନଂ ଦେହି ।

(ଙ) ଯଦ୍ ଭବନ୍ତଂ ରୋଚତେ ତଦେବ କରୁ ।

(ଚ) ଗଣପତୟେ ନମସ୍କରୋତି ।

***

## ପଞ୍ଚମୀ ବିଭକ୍ତି

୧. *ଧ୍ରୁବମପାୟେଽପାଦାନମ୍ - ଅପାଦାନେପଞ୍ଚମୀ - ପା. ୨.୩.୨୮, ପା. ୧.୪.୨୪ ।*

କୌଣସି ଧ୍ରୁବ ବା ବିଚ୍ଛେଦର ଅବଧି ହୋଇଥିବା ବସ୍ତୁଠାରୁ କୌଣସି ପଦାର୍ଥ ପୃଥକ୍ ହେଲେ ବିଚ୍ଛେଦ୍ୟ ବିଶ୍ଳେଷର ଅବଧିକୁ ଅପାଦାନ କୁହାଯାଏ । ଏବଂ ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ହୁଏ । ଯଥା - *ବୃକ୍ଷାତ୍ ଫଳାନି ପତନ୍ତି* (ଗଛରୁ ଫଳ ଝଡୁଛି) । *କୃଷ୍ଣଃ ଗ୍ରାମାତ୍ ଆୟାତି* (କୃଷ୍ଣ ଗାଁରୁ ଆସୁଅଛି) । ପତନ କ୍ରିୟାର କର୍ତ୍ତା 'ଫଳାନି' ଏବଂ ଆଗମନ କ୍ରିୟାର କର୍ତ୍ତା 'କୃଷ୍ଣ' ଯଥାକ୍ରମେ 'ବୃକ୍ଷ' ଏବଂ 'ଗ୍ରାମ'ଠାରୁ ଅଲଗା ହେଉଥିବା ହେତୁ ଅପାଦାନକାରକ ଅଟନ୍ତି । 'ବୃକ୍ଷ' ଏବଂ 'ଗ୍ରାମ' ଧ୍ରୁବ ଅର୍ଥାତ୍ ବିଶ୍ଳେଷର ଅବଧିଭୂତ ପଦାର୍ଥ ହୋଇଥିବା ହେତୁ ପଞ୍ଚମୀ ବିଭକ୍ତିରେ ପ୍ରଯୁକ୍ତ ହୋଇଛନ୍ତି । *ଅପାଦୀୟତେ ବିଶ୍ଳିଷ୍ୟତେ ଅସ୍ମାତ୍ ଇତି ଅପାଦାନମ୍ ।*

୨. **ଭୀତ୍ରାର୍ଥାନାଂ ଭୟହେତୁଃ - ପା. ୧.୪.୨୫ ।**

ଭୟାର୍ଥକ ଏବଂ ତ୍ରାଣାର୍ଥକ ଧାତୁମାନଙ୍କର ପ୍ରୟୋଗ ହୋଇଥିଲେ ଭୟ ଏବଂ ତ୍ରାଣର ହେତୁ ବା ମୂଳ କାରଣ ଠାରେ ଅପାଦାନ ହୋଇ ପଞ୍ଚମୀ ବିଭକ୍ତି ହୋଇଥାଏ ।

ଯଥା - **ଅସଜ୍ଜନାତ୍ କସ୍ୟ ଭୟଂ ନ ଜାୟତେ** (ଅସାଧୁ ଲୋକକୁ କିଏ ବା ନ ଡରେ) । **ସିଂହାତ୍ ସର୍ବେ ବିଭ୍ୟତି** (ସିଂହକୁ ସମସ୍ତେ ଡରନ୍ତି) ।

୩. **ଜୁଗୁପ୍ସାବିରାମ ପ୍ରମାଦାର୍ଥାନାମୁପସଂଖ୍ୟାନମ୍-ପା୧.୪.୨୪ (ବାର୍ତ୍ତିକ)**

ଯତୋ ଜୁଗୁପ୍ସା ତଦର୍ଥାନାଂ, ବିରାମାର୍ଥାନାଂ ଯତୋ ବିରତିଃ -

ଜୁଗୁପ୍ସା ବା ଘୃଣା, ବିରାମ, ପ୍ରମାଦ (ଅସାବଧାନତା) ଏବଂ ତତ୍ ସମାର୍ଥକ ଶବ୍ଦମାନଙ୍କର ପ୍ରୟୋଗରେ ଅପାଦାନ ହୋଇପଞ୍ଚମୀ ବିଭକ୍ତି ହୁଏ । ଯଥା - **ପାପାତ୍ ଜୁଗୁପ୍ସତେ ସାଧୁଃ** (ସାଧୁ ପାପକୁ ଘୃଣାକରେ) । **ପଠନାତ୍**

ବିରମତି ବାଳଃ (ପିଲାଟି ପଢ଼ିବାରୁ ବିରତ ହେଉଛି) । ଆଫଳୋଦୟାତ୍ କର୍ମଣଃ ନ ବିରତିଃ (ଫଳ ନ ମିଳିବା ପର୍ଯ୍ୟନ୍ତ କାମ ବନ୍ଦ କରିବା ଅନୁଚିତ) । ଧର୍ମାତ୍ ନ ପ୍ରମଦିତବ୍ୟମ୍ (ଧର୍ମକାର୍ଯ୍ୟରେ ଅସାବଧାନତା ସୁହାଏ ନାହିଁ) ।

୪. ବାରଣାର୍ଥାନାମୀପ୍ସିତଃ - ପା.୧.୪.୨୭ ।

ଅଭିଳଷିତ ବସ୍ତୁ, ବ୍ୟକ୍ତି ବା ପଦାର୍ଥ ଠାରୁ ଯାହାକୁ ବାରଣ କରାଯାଏ, ସେହି ବସ୍ତୁ / ପଦାର୍ଥ / ବ୍ୟକ୍ତିଠାରେ ଅପାଦାନ ହୋଇ ପଞ୍ଚମୀ ବିଭକ୍ତି ହୁଏ, ଯଥା - ଧାନ୍ୟେଭ୍ୟୋ ଗାଂ ବାରୟତି (ଧାନ ଖାଇବାରୁ ଗାଈକୁ ତଡିଦେଉଛି) । ଚଳଚ୍ଚିତ୍ରଦର୍ଶନାତ୍ ପୁତ୍ରଂ ବାରୟତି ପିତା ( ସିନେମା ଦେଖିବାକୁ ପୁଅକୁ ବାପା ମନା କରୁଛନ୍ତି) ।

୫. *ଆଖ୍ୟାତୋପଯୋଗେ - ପା.୧.୪.୨୯।* ଯାହାଠାରୁ ନିୟମପୂର୍ବକ ବିଦ୍ୟାଧ୍ୟୟନ କରାଯାଏ ଏପରି ଗୁରୁଙ୍କ ଠାରେ ଅପାଦାନ ସଂଜ୍ଞା ହୁଏ, ଯଥା - ଉପାଧ୍ୟାୟାତ୍ ଅଧୀତେ (ଉପାଧ୍ୟାୟଙ୍କ ଠାରୁ ପଢ଼ୁଛି) । କିନ୍ତୁ ନିୟମିତ ହୋଇ ନ ଥିଲେ ଅପାଦାନ ସଂଜ୍ଞା ହୁଏନାହିଁ, ଯଥା - ନଟସ୍ୟ ଗାଥାଂ ଶୃଣୋତି (ଅଭିନେତାଙ୍କର କଥା ଶୁଣୁଛି ।)

୬. ପରାଜେରସୋଢ଼ଃ - ପା. ୧.୪.୨୬ ।

ପରା ଉପସର୍ଗପୂର୍ବକ ଜି ଧାତୁର ପ୍ରୟୋଗ ହୋଇଥିଲେ ଯାହାକୁ ସହ୍ୟ କରି ହୁଏନାହିଁ ସେଠାରେ ଅପାଦାନ ସଂଜ୍ଞା ହୋଇଥାଏ । ଯଥା - ଅଧ୍ୟୟନାତ୍ ପରାଜୟତେ (ପଢ଼ିବାରେ ହେଳା କରୁଛି) । କିନ୍ତୁ ପରା-ଜି ହରାଇବା ଅର୍ଥରେ ପ୍ରଯୁକ୍ତ ହୋଇଥିଲେ ଯିଏ ପରାଜିତ ହୁଏ, ସେଠାରେ କର୍ମ ସଂଜ୍ଞା ହୁଏ । ଯଥା - ଶତ୍ରୂନ୍ ପରାଜୟତେ ସେନା (ସୈନ୍ୟବାହିନୀ ଶତ୍ରୁଙ୍କୁ ପରାସ୍ତ କରୁଛନ୍ତି) ।

୭. ଅନ୍ତର୍ଦ୍ଧୌୟେନାଦର୍ଶନମିଚ୍ଛତି - ପା. ୧.୪.୨୮ ।

ଯାହାର ଦର୍ଶନରୁ ନିଜକୁ ଲୁଚାଇବାର ପ୍ରୟାସ କରଯାଏ ତାହାର ଅପାଦାନ ସଂଜ୍ଞା ହୁଏ, ଯଥା - ପିତୁର୍ନିଲୀୟତେ ରାମଃ (ରାମ ବାପାଙ୍କୁ ଲୁଚୁଛି) ।

୮.(କ) ଜନିକର୍ତ୍ତୁଃ ପ୍ରକୃତିଃ - ପା. ୧.୪.୩୦ ।

ଜନ୍ ଧାତୁର ପ୍ରୟୋଗ ହୋଇଥିଲେ ଉତ୍ପତ୍ତି ବା ଆବିର୍ଭାବର ମୂଳକାରଣଠାରେ ଅପାଦାନ ସଂଜ୍ଞା ହୁଏ ଯଥା - କାମାତ୍ କ୍ରୋଧୋଽଭିଜାୟତେ (ଅଭିଳାଷରୁ କ୍ରୋଧ ଜାତ ହୁଏ) । ଗୋମୟାତ୍ ବୃଶ୍ଚିକାଃ ପ୍ରଜାୟନ୍ତେ (ଗୋବରରୁ କୃମି ଜାତ ହୁଏ) ।

(ଖ) ଭୁବଃ ପ୍ରଭବଃ - ପା. ୧.୪.୩୧ ।

ପ୍ରଭବ ବା ପ୍ରଥମ ଆବିର୍ଭାବ ସ୍ଥଳରେ ଭୂ ଧାତୁର ପ୍ରୟୋଗ କ୍ଷେତ୍ରରେ ଅପାଦାନ ସଂଜ୍ଞା ହୁଏ । ଯଥା - ହିମାଳୟାତ୍ ଗଙ୍ଗା ପ୍ରଭବତି, ଅମରକଣ୍ଟକାତ୍ ଚ ମହାନଦୀ । ହିମାଳୟରୁ ଗଙ୍ଗା ଏବଂ ଅମରକଣ୍ଟକ ପର୍ବତରୁ ମହାନଦୀ ବାହାରିଅଛି ।

୯. ଲ୍ୟବ୍‌ଲୋପେ କର୍ମଣ୍ୟଧିକରଣେ ଚ - (ବାର୍ତ୍ତିକ) ।

ଲ୍ୟପ୍ ପ୍ରତ୍ୟୟାନ୍ତ ପଦର ପ୍ରୟୋଗ ଲକ୍ଷ୍ୟ ଥିଲେ କର୍ମ ଏବଂ ଅଧିକରଣଠାରେ ପଞ୍ଚମୀ ବିଭକ୍ତି ହୁଏ । ଯଥା - ବଧୂଃ ଶ୍ୱଶୁରାତ୍ (ଶ୍ୱଶୁରଂ ବୀକ୍ଷ୍ୟ) ଜିହ୍ରେତି (ବୋହୂ ଶ୍ୱଶୁରଙ୍କୁ ଲାଜ କରୁଛି) । ଆସନାତ୍ (ଆସନେ ଉପବିଶ୍ୟ) ପ୍ରେକ୍ଷତେ ।

ପ୍ରଥମ ବାକ୍ୟରେ 'ବୀକ୍ଷ୍ୟ' ଲ୍ୟପ୍ ପ୍ରତ୍ୟୟାନ୍ତ ପଦଲୋପ ହୋଇଥିବା ହେତୁ ଏହାର କର୍ମ 'ଶ୍ୱଶୁର'ଠାରେ ଏବଂ ଦ୍ୱିତୀୟ ବାକ୍ୟରେ 'ଉପବିଶ୍ୟ' ଲ୍ୟପ୍ ପ୍ରତ୍ୟୟାନ୍ତ ପଦର ଲୋପହେତୁ ତାହାର ଆଧାର 'ଆସନ'ଠାରେ ପଞ୍ଚମୀ ହେଲା ।

**୧୦. ଯତଶ୍ଚାଧ୍ୱକାଳନିର୍ମାଣଂ ତତ୍ର ପଞ୍ଚମୀ, ତଦ୍‌ଯୁକ୍ତାଦଧ୍ୱନଃ ପ୍ରଥମାସପ୍ତମ୍ୟୌ, କାଳାତ୍ ସପ୍ତମୀ ଚ ବକ୍ତବ୍ୟା ।**

ଯେଉଁ ସ୍ଥାନ ବା ସମୟବାଚୀ ଶବ୍ଦଠାରୁ ଅନ୍ୟସ୍ଥାନ ବା ସମୟର ଦୂରତ୍ୱ ଦେଖାଯାଏ ସେହି ସ୍ଥାନ ବା କାଳବାଚୀ ଶବ୍ଦର ପଞ୍ଚମୀ ବିଭକ୍ତିରେ

ପ୍ରୟୋଗ ହୋଇଥାଏ । ସ୍ଥାନବାଚୀ ଶବ୍ଦଠାରେ ପ୍ରଥମା ଏବଂ ସପ୍ତମୀ ବିଭକ୍ତିର ବ୍ୟବହାର ମଧ୍ୟ ପରିଦୃଷ୍ଟ ହୁଏ, ଏବଂ କାଳବାଚୀ ପଦଠାରେ କେବଳ ସପ୍ତମୀ ବ୍ୟବହାର କରାଯାଏ ।

ଯଥା - କାର୍ତ୍ତିକ୍ୟାଃ ଆଗ୍ରହାୟଣୀ ମାସେ ।

କଟକାତ୍ ଭୁବନେଶ୍ୱରଂ ଦ୍ୱାଦଶକ୍ରୋଶାଃ / ଦ୍ୱାଦଶକ୍ରୋଶେଷୁ ।

୧୧. ପଞ୍ଚମୀ ବିଭକ୍ତେ - ପା.୨.୩.୪୨ ।

ଯାହାଠାରୁ ବିଭକ୍ତି ବା ଭେଦ ଦେଖାଯାଏ ସେଠାରେ ପଞ୍ଚମୀ ହୁଏ, ଯଥା - ଧନାତ୍ ଜ୍ଞାନଂ ବିଶିଷ୍ୟତେ (ଧନଠାରୁ ଜ୍ଞାନ ଶ୍ରେଷ୍ଠ) ।

ଗୋବିନ୍ଦାତ୍ ଗୋପାଳଃ ପଟୁତରଃ / ପଟୀୟାନ୍ (ଗୋବିନ୍ଦ ଠାରୁ ଗୋପାଳ ଦକ୍ଷ ଅଟେ) । ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ (ଅନ୍ୟର ଧର୍ମଠାରୁ ଯେତେ ଖରାପ ମନେ ହେଲେ ମଧ୍ୟ ନିଜଧର୍ମ ଶ୍ରେୟସ୍କର) ।

୧୨.(କ) ପଞ୍ଚମ୍ୟପାଙ୍ପରିଭିଃ - ପା. ୨.୩.୧୦, ଆଙ୍ ମର୍ଯ୍ୟାଦାବଚନେ - ପା. ୧.୪.୮୯ ।

(ମର୍ଯ୍ୟାଦା = ତେନ ବିନା । ଅଭିବିଧି = ତେନ ସହ ।) ଅପ, ଆଙ୍, ଏବଂ ପରି ଯୋଗେ ପଞ୍ଚମୀ ହୁଏ । ମର୍ଯ୍ୟାଦା ଓ ଅଭିବିଧି ଅର୍ଥରେ ଆଙ୍ ଯୋଗରେ ପଞ୍ଚମୀ ବିଭକ୍ତି ହୁଏ ।

ମର୍ଯ୍ୟାଦା - ଆ ମୁକ୍ତେଃ ସଂସାରଃ । (ମୁକ୍ତିକୁ ଛାଡି ସଂସାର) ।

ଅଭିବିଧୂ - ଆ ମୂଳାତ୍ ସର୍ବଂ ବୃତ୍ତାନ୍ତଂ କଥୟ ।

(ମୂଳରୁ ଆରମ୍ଭକରି ସବୁକଥା କୁହ) ।

ଆକୈଳାସାତ୍ ଗନ୍ତୁକାମୋଽହମ୍ ।

(କୈଳାସପର୍ଯ୍ୟନ୍ତ ଯିବାକୁ ଇଚ୍ଛାକରେ) ।

(ଖ) ଅପପରୀ ବର୍ଜନେ - ପା.୧.୪.୮୮ । ଅପ ତଥା ପରି ବର୍ଜନ ଅର୍ଥରେ ବ୍ୟବହୃତ ହୋଇଥାନ୍ତି । ଅପ, ପରି ବା ବିଷ୍ଣୋଃ ସଂସାରଃ (ଭଗବାନଙ୍କୁ ଛାଡ଼ି ଅନ୍ୟତ୍ର ସଂସାର) ।

ପରି ବନାତ୍ (ବନଂ ବର୍ଜୟିତ୍ୱା ଇତ୍ୟର୍ଥଃ) ବର୍ଷତି ମେଘଃ (ବନ ବ୍ୟତୀତ ସବୁଆଡ଼େ ମେଘ ବର୍ଷୁଛି ।

୧୩. ପ୍ରତିନିଧିପ୍ରତିଦାନେ ଚ ଯସ୍ମାତ୍ - ପା.୨.୩.୧୧

ପ୍ରତିନିଧି ଏବଂ ପ୍ରତିଦାନ ଅର୍ଥରେ ବ୍ୟବହୃତ ହେଉଥିବା ପ୍ରତି ଯୋଗରେ ପଞ୍ଚମୀ ବିଭକ୍ତି ହୋଇଥାଏ । ଯଥା - କୃଷ୍ଣଃ ଛାତ୍ରେଭ୍ୟଃ ପ୍ରତି (କୃଷ୍ଣ ଛାତ୍ରମାନଙ୍କର ପ୍ରତିନିଧି) । ତିଲେଭ୍ୟଃ ପ୍ରତିଯଚ୍ଛତି ମାଷାନ୍ (ରାଶି ବଦଳରେ ବିରି ଦେଉଛି) ।

୧୪. ବିଭାଷା ଗୁଣେଽସ୍ତ୍ରିୟାମ୍ - ପା.୨.୩.୨୫

କାରଣ ବା ହେତୁ ବୁଝାଉଥିବା ସ୍ତ୍ରୀଲିଙ୍ଗ ଭିନ୍ନ ଗୁଣବାଚକ ଶବ୍ଦର ତୃତୀୟା କିମ୍ବା ପଞ୍ଚମୀ ବିଭକ୍ତିରେ ପ୍ରୟୋଗ ହୋଇଥିଲାବେଳେ, ସ୍ତ୍ରୀଲିଙ୍ଗ ବାଚୀ ଶବ୍ଦର କେବଳ ତୃତୀୟା ବିଭକ୍ତିରେ ବ୍ୟବହାର ହୋଇଥାଏ ।

ଯଥା - ଜାଡ୍ୟେନ / ଜାଡ୍ୟାତ୍ ବା ବଦ୍ଧଃ (ମୂର୍ଖତାଯୋଗୁଁ ସେ ବନ୍ଧନରେ ପଡ଼ିଲା) ।

ବୁଦ୍ଧ୍ୟା ମୁକ୍ତଃ (ବୁଦ୍ଧି ଯୋଗୁଁ ସେ ମୁକ୍ତି ଲାଭ କଲା) ।

ଗୁଣବାଚକ ପଦ ନ ହୋଇଥିଲେ କେବଳ ତୃତୀୟାରେ ବ୍ୟବହାର କରାଯାଏ । ଯଥା - ଧନେନ କୁଲମ୍ । ବିଦ୍ୟୟା ଯଶଃ ଇତ୍ୟାଦି ।

୧୫. ଅନ୍ୟାରାଦିତରର୍ତେଦିକ୍ଶବ୍ଦାଞ୍ଚୂତ୍ତରପଦାଜାହିଯୁକ୍ତେ -
ପା. ୨.୩.୨୯ ।

ଅନ୍ୟ, ଆରାତ୍, ଇତର, ଋତେ, ଅଞ୍ଚୁ ପ୍ରତ୍ୟୟାନ୍ତ - ପ୍ରତ୍ୟକ୍, ଉଦକ୍ ଉଦୀଚ୍, ପ୍ରାକ୍, ଅବାକ୍ ଶବ୍ଦଯୋଗେ, ଆଚ୍ ପ୍ରତ୍ୟୟାନ୍ତ - ଦକ୍ଷିଣା, ଉତ୍ତରା ଆଦି ଶବ୍ଦଯୋଗେ, ତଥା ଆହି ପ୍ରତ୍ୟୟାନ୍ତ - ଦକ୍ଷିଣାହି, ଉତ୍ତରାହି ପ୍ରଭୃତି ଶବ୍ଦଯୋଗେ ପଞ୍ଚମୀ ବିଭକ୍ତି ହୋଇଥାଏ ।

ଯଥା - ରାମାତ୍ ଅନ୍ୟଃ / ଇତରଃ/ ଭିନ୍ନଃ କଃ ରାବଣଂ ହନ୍ତୁଂ ସମର୍ଥଃ । ଆରାତ୍ ବନାତ୍ (ବଣ ପାଖରେ) । ଜ୍ଞାନାତ୍ ଋତେ ନ ସୁଖମ୍ (ଜ୍ଞାନ ବିନା ସୁଖ ନାହିଁ) । ନଗରାତ୍ ପ୍ରାକ୍ ପ୍ରତୀକ୍ ବା ପର୍ବତଃ (ନଗର ପୂର୍ବରୁ ପର୍ବତ ଅଛି) । ଭାଦ୍ରପୂର୍ବାତ୍ ପୂର୍ବଃ ଶ୍ରାବଣଃ (ଶ୍ରାବଣ ମାସ ପରେ ଭାଦ୍ରବ ମାସ) । ଦକ୍ଷିଣା ନଗରାତ୍ ନଦୀ (ନଗରର ଦକ୍ଷିଣ ଦିଗରେ ନଦୀ ଅଛି) । ଗ୍ରାମାତ୍ ଦକ୍ଷିଣାହି ଦେବାଳୟଃ (ଗାଁ'ର ଦକ୍ଷିଣ ଦିଗରେ ମନ୍ଦିର ଅଛି) ।

ସେହିପରି - ପ୍ରଭୃତି, ବହିଃ ଇତ୍ୟାଦି ଶବ୍ଦଯୋଗେ ମଧ୍ୟ ପଞ୍ଚମୀ ହୋଇଥାଏ । ଯଥା - ଶୈଶବାତ୍ ପ୍ରଭୃତି / ଆରଭ୍ୟ ବା ସ୍ମରଣୀୟଃ ସଦା ହରିଃ (ପିଲାଦିନରୁ ହରିଙ୍କୁ ସ୍ମରଣ କରିବା ଉଚିତ) । ନଗରାତ୍ ବହିଃ ନଦୀ ବହତି । ଅସ୍ମାଦନନ୍ତରଂ କିଂ କରୋଷି (ଏହା ପରେ କ'ଣ କରିବ)? ମୁହୂର୍ତ୍ତାତ୍ ଊର୍ଦ୍ଧ୍ୱଂ ତିଷ୍ଠ (କ୍ଷଣକପାଇଁ ଉପରେ ରୁହ) ।

୧୬. ପୃଥଗ୍ବିନାନାନାଭିସ୍ତୃତୀୟାନ୍ୟତରସ୍ୟାମ୍ - ପା. ୨.୩.୩୨ ।

ପୃଥକ୍, ବିନା, ନାନା ପ୍ରଭୃତି ଶବ୍ଦଯୋଗେ ପଞ୍ଚମୀ, ତୃତୀୟା ଏବଂ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ହୋଇଥାଏ ।

ଶ୍ରମାତ୍ / ଶ୍ରମଂ / ଶ୍ରମେଣ ବା ବିନା ବିଦ୍ୟା ନ ସୁଲଭା (ପରିଶ୍ରମ ବିନା ବିଦ୍ୟା ସୁଲଭ ନୁହେଁ) ।

୧୭. ଦୂରାନ୍ତିକାର୍ଥେଭ୍ୟୋ ଦ୍ୱିତୀୟା ଚ - ପା.୨.୩.୩୫,
ଦୂରାନ୍ତିକାର୍ଥୈଃ ଷଷ୍ଠ୍ୟନ୍ୟତରସ୍ୟାମ୍ - ପା.୨.୩.୩୪ ।

ଦୂର ଏବଂ ଅନ୍ତିକାର୍ଥକ ଶବ୍ଦରୁ ଦ୍ୱିତୀୟା, ତୃତୀୟା, ପଞ୍ଚମୀ ଓ ସପ୍ତମୀ ବିଭକ୍ତିର ପ୍ରୟୋଗ ହୋଇଥାଏ ।

ଦୂର ଓ ଅନ୍ତିକାର୍ଥକ ଶବ୍ଦଯୋଗେ ପଞ୍ଚମୀ ବା ଷଷ୍ଠୀ ବିଭକ୍ତି ହୁଏ ।

ଯଥା- ନଗରାତ୍ ନଗରସ୍ୟ ବା ଦୂରଂ, ଦୂରେଣ, ଦୂରାତ୍, ଦୂରେ ବା ପର୍ବତଃ ବର୍ତ୍ତତେ (ସହରଠାରୁ ଦୂରରେ ପର୍ବତ ଅଛି) ।

ଗ୍ରାମସ୍ୟ ଗ୍ରାମାତ୍ ବା ଅନ୍ତିକମ୍, ଅନ୍ତିକେନ, ଅନ୍ତିକାତ୍, ଅନ୍ତିକେ ବା ନଦୀ ବହତି (ଗାଆଁ ନିକଟରେ ନଦୀ ବହି ଯାଉଛି) ।

## ଅନୁଶୀଳନୀ

୧. ଅଧୋରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।

(କ) ସଙ୍ଗାତ୍ ସଞ୍ଜାୟତେ କାମଃ ।

(ଖ) ସର୍ବଦ୍ରବ୍ୟେଷୁ ବିଦ୍ୟୈବ ଦ୍ରବ୍ୟମାହୁରନୁତ୍ତମମ୍ ।
ଅହାର୍ଯ୍ୟତ୍ୱାଦନର୍ଘ୍ୟତ୍ୱାଦକ୍ଷୟତ୍ୱାଚ୍ଚ ସର୍ବଦା ।।

(ଗ) ମତ୍ ଗୋପାଳଃ ଧାବନେ ପଟୀୟାନ୍ ।

(ଘ) ପର୍ବତେଭ୍ୟଃ ନିର୍ଝରାଃ ସ୍ରବନ୍ତି ।

(ଙ) ସର୍ପଃ ନକୁଳାତ୍ ବିଭେତି ।

୨. ବନ୍ଧନୀମଧ୍ୟେ ଲିଖିତଶବ୍ଦାନାଂ ସମୀଚୀନଂ ବିଭକ୍ତିପ୍ରୟୋଗଂ କୃତ୍ୱା ରିକ୍ତସ୍ଥାନାନି ପୂରୟତ ।

(କ) ମମ ପିତା (କଟକ) ....... ଆଗତବାନ୍ ।

(ଖ) ବାଳିକା ଦଶବାଦନକାଳେ ବିଦ୍ୟାଳୟଂ ପ୍ରତି (ଗୃହ).... ପ୍ରସ୍ଥିତା ।

(ଗ) (ପ୍ରକୋଷ୍ଠ) ....... ବହିଃ ଅବକରଂ ଦୂରେ କ୍ଷିପ ।

(ଘ) (ତ୍ୱଦ୍) ....... ଋତେ କୋଽପି ନ ମମ ସହାୟକଃ ।

(ଙ) (ଧର୍ମେନ୍ଦ୍ର) ........ବିନା ଇଦଂ କାର୍ଯ୍ୟଂ କେନାପି କୃତଂ ନ ସ୍ୟାତ୍ ।

(ଚ) ଶିଷ୍ୟଃ (ଗୁରୁ) ....... ଗଣିତବିଦ୍ୟାଂ ପଠତି ।

(ଛ) (ସ୍ୱାଧ୍ୟାୟ) ........ ମା ପ୍ରମଦିତବ୍ୟମ୍ ।

୩. ସଂଶୋଧନଂ କୁରୁତ ।

(କ) ଜ୍ୟେଷ୍ଠଃ ବୈଶାଖସ୍ୟ ପରଃ ମାସଃ ।

(ଖ) ସର୍ପଃ ନକୁଳଂ ବିଭେତି ।

(ଗ) ନଦ୍ୟାଂ ଦକ୍ଷିଣା ପର୍ବତଃ ବିଦ୍ୟତେ ।

(ଘ) ନଗରଂ ବହିଃ ଜଳପ୍ରପାତଃ ବିଦ୍ୟତେ ।

(ଙ) ବିନୟସ୍ୟ ଯାତି ପାତ୍ରତାମ୍ ।

(ଚ) ଭୋଜନଂ ପୂର୍ବଂ ମୁଖଂ ପ୍ରକ୍ଷାଳୟ ।

## ଷଷ୍ଠୀ ବିଭକ୍ତି

୧. **ଷଷ୍ଠୀ ଶେଷେ - ପା. ୨.୩.୫୦ ।**

*ଉକ୍ତାଦନ୍ୟଃ ଶେଷଃ* । କ୍ରିୟା ନିରୂପିତ କର୍ତ୍ତା, କର୍ମ ଆଦି ଅଭିହିତ ଓ ଅନଭିହିତ କାରକ କଥା କୁହାଯାଇଛି । ଏହା ବ୍ୟତୀତ ସ୍ୱସ୍ୱାମିଭାବାଦି ସମ୍ବନ୍ଧ କଥା କୁହାଯାଇ ନାହିଁ । ଏହିପରି ସମ୍ବନ୍ଧକୁ ଶେଷ କୁହାଯାଏ ଏବଂ ଏହି ଅର୍ଥରେ ଷଷ୍ଠୀବିଭକ୍ତିର ପ୍ରୟୋଗ ହୁଏ । ସମ୍ବନ୍ଧ ପଦମାନଙ୍କର ବାକ୍ୟରେ ଥିବା କ୍ରିୟାପଦ ସହ ସାକ୍ଷାତ୍ ସମ୍ବନ୍ଧ ନଥାଏ । ଉଦାହରଣ ସ୍ୱରୂପ - *ସ୍ମୃତଂ ମନୁଷ୍ୟାଣାଂ ଧର୍ମଃ । ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍ ?* ପ୍ରଥମ ବାକ୍ୟରେ 'ସ୍ମୃତଂ' ପଦର ସମ୍ବନ୍ଧ 'ମନୁଷ୍ୟାଣାଂ' ପଦ ସହ ଏବଂ ଦ୍ୱିତୀୟବାକ୍ୟରେ 'ଯସ୍ୟ' ପଦର 'ପ୍ରଜ୍ଞା' ପଦ ସହ ସମ୍ବନ୍ଧ ରହିଅଛି, ଏଣୁ ଏମାନଙ୍କର ଷଷ୍ଠୀ ବିଭକ୍ତି ହେଲା । ସ୍ୱସ୍ୱାମି ସମ୍ବନ୍ଧ - ରାଜ୍ଞଃ ପୁରୁଷଃ ।

ଜନ୍ୟଜନକସମ୍ବନ୍ଧ - ପିତୁଃ ପୁତ୍ରଃ ।

ଅବୟବାବୟବିସମ୍ବନ୍ଧ - ରାମସ୍ୟ କରଃ ।

ସ୍ଥାନ୍ୟାଦେଶସମ୍ବନ୍ଧ - ଅସ୍ତେର୍ଭୂଃ ।

ଏହିପରି ସମ୍ବନ୍ଧକୁ ଶେଷ ବୋଲି କୁହାଯାଏ ।

୨. **ଷଷ୍ଠୀ ହେତୁ ପ୍ରୟୋଗେ - ପା. ୨.୩.୨୬ ।**

ବାକ୍ୟରେ ହେତୁ ପଦର ପ୍ରୟୋଗ ସାକ୍ଷାତ୍ ରୂପେ ହୋଇ ହେତୁ ବା କାରଣ ରୂପୀ ଅର୍ଥ ପ୍ରତୀତ ହେଉଥିଲେ ଷଷ୍ଠୀ ବିଭକ୍ତି ହୁଏ । ଯଥା - ଅଧ୍ୟୟନସ୍ୟ ହେତୋଃ ଭୁବନେଶ୍ୱରେ ରାମଃ ତିଷ୍ଠତି (ପଢ଼ିବା କାରଣରୁ ରାମ ଭୁବନେଶ୍ୱରରେ ଅଛି) । ଏଠାରେ ଭୁବନେଶ୍ୱରରେ ରହିବାର କାରଣ ଅଧ୍ୟୟନ ହୋଇଥିବା ହେତୁ ଷଷ୍ଠୀବିଭକ୍ତି ହେଲା ।

୩. ସର୍ବନାମ୍ନସ୍ତୃତୀୟା ଚ - ପା.୨.୩.୨୭ ।

ହେତୁ ଶବ୍ଦସହ ଯଦି ସର୍ବନାମ ପଦମାନଙ୍କର ପ୍ରୟୋଗ ହୋଇଥାଏ ତେବେ ଉଭୟ ହେତୁବାଚୀ ଶବ୍ଦ ଏବଂ ସର୍ବନାମବାଚୀ ଶବ୍ଦରୁ ତୃତୀୟା, ଏବଂ ଷଷ୍ଠୀ ବିଭକ୍ତି ହୁଏ । ଯଥା - **କେନ ହେତୁନା / ହେତୋଃ / କସ୍ୟ କଟକମ୍ ଆଗତୋଽସି** (କାହିଁକି ଅଥବା କେଉଁ କାରଣ ପାଇଁ କଟକ ଆସିଛ) ?

୪. ନିମିତ୍ତପର୍ଯ୍ୟାୟପ୍ରୟୋଗେ ସର୍ବାସାଂ ପ୍ରାୟଦର୍ଶନମ୍ (ବାର୍ତ୍ତିକ)-

ନିମିତ୍ତ ବା କାରଣ ଏବଂ ତଦର୍ଥବାଚୀ ପର୍ଯ୍ୟାୟଶବ୍ଦ ଯୋଗରେ ସର୍ବନାମ ଏବଂ ନିମିତ୍ତବାଚକ ଶବ୍ଦଠାରେ ପ୍ରାୟଶଃ ପ୍ରଥମାଠାରୁ ସପ୍ତମୀ ପର୍ଯ୍ୟନ୍ତ ସମସ୍ତ ବିଭକ୍ତିର ପ୍ରୟୋଗ ଦେଖାଯାଏ । ଯଥା - **କୋ ହେତୁଃ / କଂ ହେତୁମ୍ / କେନ ହେତୁନା / କସ୍ମୈ ହେତବେ / କସ୍ମାତ୍ ହେତୋଃ / କସ୍ୟ ହେତୋଃ / କସ୍ମିନ୍ ହେତୌ** ।

**୫. ଷଷ୍ଠ୍ୟତସର୍ଥପ୍ରତ୍ୟୟେନ - ପା. ୨.୩.୩୦ ।**

ଅତସୁଚ୍ ପ୍ରତ୍ୟୟାନ୍ତ ଶବ୍ଦ ଯଥା - ଉତ୍ତରତଃ, ଦକ୍ଷିଣତଃ, ପୂର୍ବତଃ ପଶ୍ଚିମତଃ ଆଦି ତଥା ଉପରି, ଅଧଃ, ଅଗ୍ରେ, ଆଦୌ, ପୁରଃ ପ୍ରଭୃତି ପଦ ପ୍ରୟୋଗରେ ଯାହାର ସାମୀପ୍ୟ ପ୍ରକାଶ ପାଏ ତାହାଠାରେ ଷଷ୍ଠୀ ବିଭକ୍ତି ହୁଏ । ଯଥା - **ଗ୍ରାମସ୍ୟ ଦକ୍ଷିଣତଃ / ଉତ୍ତରତଃ ଶସ୍ୟକ୍ଷେତ୍ରାଣି ସନ୍ତି । ବୃକ୍ଷସ୍ୟ ଉପରି / ଅଗ୍ରେ ବାନରଃ । ଗୃହସ୍ୟ ଉପରି / ଅଗ୍ରେ / ପୁରଃ / ପଶ୍ଚାତ୍ ବା ନାରିକେଳବୃକ୍ଷଃ ବର୍ତ୍ତତେ । ଅପାଂଶୁଲାନାଂ ଧୁରି କୀର୍ତ୍ତନୀୟା ।** (ରଘୁବଂଶ) **ତସ୍ୟ ସ୍ଥିତ୍ୱା କଥମପି ପୁରଃ କୌତୁକାଧାନହେତୋଃ ।** (ମେଘଦୂତ)

୬. ଅଧୀଗର୍ଥଦୟେଶାଂ କର୍ମଣି - ପା.୨.୩.୫୨ ।

ଅଧି ଉପସର୍ଗପୂର୍ବକ ସ୍ମରଣାର୍ଥକ ଇକ୍ ଧାତୁ, ଦୟ ଧାତୁ ଏବଂ ଈଶ ଧାତୁର ପ୍ରୟୋଗ ହୋଇଥିଲେ କର୍ମଠାରେ ଷଷ୍ଠୀ ବିଭକ୍ତି ହୋଇଥାଏ । ଯଥା - **ମାତୁଃ ସ୍ମରତି ଶିଶୁଃ** (ପିଲାଟି ମାଆକୁ ମନେପକାଉଛି) । **ଘୃତସ୍ୟ ଦୟନମ୍**-

ଘିଅର ଦାନ । ଘୃତସ୍ୟ ଭକ୍ଷଣମ୍ - ଘିଅର ଉପଭୋଗ । ଗାତ୍ରାଣାମ୍ ଅନୀଶୋଽହମ୍ (ମୋର ଶରୀର ଆଉ ମୋ ବଶରେ ନାହିଁ) ।

୭. କର୍ତ୍ତୃକର୍ମଣୋଃ କୃତି - ପା. ୨.୩.୬୫ ।

କୃଦନ୍ତଶବ୍ଦଯୋଗରେ କର୍ତ୍ତା ବା କର୍ମଠାରେ ଷଷ୍ଠୀ ବିଭକ୍ତି ହୁଏ, ଯଥା- କାଳସ୍ୟ କୁଟିଳା ଗତିଃ, ଶିଶୂନାଂ ରୁଦନମ୍, ସାଫଲ୍ୟସ୍ୟ ଅବାପ୍ତିଃ, ରାକ୍ଷସାନାଂ ବଧଃ, ପଶୂନାଂ ରକ୍ଷା, କଳଙ୍କସ୍ୟ ଆରୋପଃ ।

୮. ଉଭୟପ୍ରାପ୍ତୌ କର୍ମଣି - ପା. ୨.୩.୬୬ ।

କର୍ତ୍ତା ଓ କର୍ମ ଦୁହିଁଙ୍କଠାରେ ଷଷ୍ଠୀ ବିଭକ୍ତି ପ୍ରାପ୍ତିର ସମ୍ଭାବନା ହେଲେ କେବଳ କର୍ମଠାରେ ଷଷ୍ଠୀ ବିଭକ୍ତି ହୁଏ । କର୍ତ୍ତାଠାରେ ଅନୁକ୍ତେ କର୍ତ୍ତରି ତୃତୀୟା ହୁଏ । ଯଥା- ରାଜ୍ଞା ଧନସ୍ୟ ଦାନମ୍ । ଗୋପେନ ଗବାଂ ଦୋହଃ ।

୯. ଶେଷେ ବିଭାଷା (ବାର୍ତ୍ତିକ) -

କୌଣସି କୌଣସି ସ୍ଥଳରେ କର୍ତ୍ତାଠାରେ ବିକଳ୍ପ ଷଷ୍ଠୀ ବିଭକ୍ତି ହୁଏ । ଯଥା - କୁମ୍ଭକାରେଣ କୁମ୍ଭକାରସ୍ୟ ବା ଘଟସ୍ୟ କୃତିଃ । ଶିଶୁନା ଶିଶୋର୍ବା ଚନ୍ଦ୍ରସ୍ୟ ଦିଦୃକ୍ଷା । ଶବ୍ଦାନାମନୁଶାସନମ୍ ଆଚାର୍ଯ୍ୟେଣ ଆଚାର୍ଯ୍ୟସ୍ୟ ବା ।

୧୦. ନ ଲୋକାଽବ୍ୟୟନିଷ୍ଠାଖଲର୍ଥତୃନାମ୍ - ପା. ୨.୩.୬୯ ।

ଲ+ଉ+ଉକ+ଅବ୍ୟୟ+ନିଷ୍ଠା+ଖଲର୍ଥ+ତୃନାମ୍ । ଲ - ଶତୃପ୍ରଭୃତି ପ୍ରତ୍ୟୟ ଯଥା - ନ ଶତ୍ରାଦୌ - ଶତୃ, ଶାନଚ, କ୍ୱସୁ, କାନଚ, ସ୍ୟତୃ ଓ ସ୍ୟମାନ ପ୍ରତ୍ୟୟାନ୍ତ ପଦ ଯୋଗରେ ଷଷ୍ଠୀ ବିଭକ୍ତି ହୁଏନାହିଁ । ଯଥା - ଶତୃ - ଜଳଂ ପିବନ୍, ଶାନଚ୍ - ଧନଂ ଲଭମାନଃ, କ୍ୱସୁ - ବନଂ ଜଗ୍ମିବାନ୍, କାନଚ୍ - ଗ୍ରନ୍ଥଃ ବଦଦାନଃ, ସ୍ୟତୃ - ଗ୍ରାମଂ ଗମିଷ୍ୟନ୍, ସ୍ୟମାନ - ଧନଂ ଦାସ୍ୟମାନଃ ।

ଉ - ହରିଂ ଦିଦୃକ୍ଷୁଃ, ଅଳଙ୍କରିଷ୍ଣୁର୍ବା । ଉକ - ଦୈତ୍ୟାନ୍ ଘାତୁକୋ ହରିଃ । କମେରନିଷେଧଃ - ଲକ୍ଷ୍ମ୍ୟାଃ କାମୁକୋ ହରିଃ । ଅବ୍ୟୟ - କୃଦବ୍ୟୟ-ଜଗତ୍ ସୃଷ୍ଟ୍ୱା, ସୁଖଂ କର୍ତ୍ତୁମ୍ । ନିଷ୍ଠା - ବିଷ୍ଣୁନା ହତା ଦୈତ୍ୟାଃ । ଦୈତ୍ୟାନ୍ ହତବାନ୍ ବିଷ୍ଣୁଃ । ଖଲର୍ଥ - ଈଷତ୍କରଃ ପ୍ରପଞ୍ଚୋ ହରିଣା । ତୃନ୍ - କର୍ତ୍ତା ଲୋକାନ୍ ।

ତୃଚ୍ ପ୍ରତ୍ୟୟାନ୍ତ ଯୋଗେ ଷଷ୍ଠୀ ହୁଏ । ଯଥା - ଜଗତଃ କର୍ତ୍ତା ହରିଃ ।

**୧୧. ଯତଶ୍ଚ ନିର୍ଦ୍ଧାରଣମ୍ - ପା.୨.୩.୪୧ ।**

ଜାତି ଗୁଣକ୍ରିୟାସଂଜ୍ଞାଭିଃ ସମୁଦାୟାତ୍ ଏକଦେଶସ୍ୟ ପୃଥକ୍ କରଣଂ ନିର୍ଦ୍ଧାରଣମ୍ (ବୃତ୍ତିଃ) ।

ସମୁଦାୟ ମଧ୍ୟରୁ କୌଣସି ବ୍ୟକ୍ତି, ବସ୍ତୁ ବା ପଦାର୍ଥର ଉତ୍କର୍ଷ ଦେଖାଇ ଅଲଗା କରାଯିବାକୁ ନିର୍ଦ୍ଧାରଣ କୁହାଯାଏ ଏବଂ ଏହି ଅର୍ଥରେ ଷଷ୍ଠୀ ଓ ସପ୍ତମୀର ପ୍ରୟୋଗ ପରିଦୃଷ୍ଟ ହୁଏ ।

ଯଥା - କବୀନାଂ କବିଷୁ ବା କାଳିଦାସଃ ଶ୍ରେଷ୍ଠଃ (କବିମାନଙ୍କ ମଧ୍ୟରେ କାଳିଦାସ ଶ୍ରେଷ୍ଠ) । ଉତ୍କଳୀୟନଦୀଷୁ ଉତ୍କଳୀୟନଦୀନାମ୍ ବା ମହାନଦୀ ଦୀର୍ଘତମା (ଓଡ଼ିଶାର ନଦୀମାନଙ୍କ ମଧ୍ୟରେ ମହାନଦୀ ସବୁଠାରୁ ବଡ) । **ଗଚ୍ଛତାଂ / ଗଚ୍ଛତ୍ସୁ** ବା ଧାବନ୍ ଦ୍ରୁତତମଃ । (ଚାଲୁଥିବା ଲୋକମାନଙ୍କ ଠାରୁ ଦଉଡ଼ିବା ଲୋକ ଦ୍ରୁତଗତିରେ ଯାଏ) ।

**୧୨. ଷଷ୍ଠୀ ଚାନାଦରେ - ପା.୨.୩.୩୮ ।**

ଯାହାକୁ ଅବଜ୍ଞା ବା ଅନାଦର କରି କୌଣସି କାର୍ଯ୍ୟ କରାଯାଏ ତାହାଠାରେ ଷଷ୍ଠୀ କିମ୍ବା ସପ୍ତମୀ ବିଭକ୍ତି ହୁଏ । ଯଥା - **ନିବାରୟତୋଽପି-ପିତୁଃ** / ନିବାରୟତ୍ୟପି ପିତରି ରମେଶଃ ପଠନଂ ପରିତ୍ୟଜ୍ୟ ଗତବାନ୍, (ବାପା ମନା କରୁଥିଲେ ସୁଦ୍ଧା ରମେଶ ପାଠ ପଢ଼ା ଛାଡ଼ି ପଳାଇଲା) ।

**୧୩. ତୁଲ୍ୟାର୍ଥୈରତୁଲୋପମାଭ୍ୟାଂ ତୃତୀୟାନ୍ୟତରସ୍ୟାମ୍ - ପା.୨.୩.୭୨ ।**

ତୁଲା ଏବଂ ଉପମା ପଦ-ବର୍ଜିତ ତୁଲ୍ୟାର୍ଥକ ତୁଲ୍ୟ, ସଦୃଶ, ସମ, ସକାଶ ପ୍ରଭୃତି ଶବ୍ଦଯୋଗରେ ତୃତୀୟା କିମ୍ବା ଷଷ୍ଠୀର ପ୍ରୟୋଗ ହୋଇଥାଏ । ଯଥା - **କୃଷ୍ଣସ୍ୟ କୃଷ୍ଣେନ** ବା ସମଃ, ତୁଲ୍ୟଃ ସଦୃଶଃ ଦେବୋ ନାସ୍ତି (କୃଷ୍ଣଙ୍କ

ପରି ହେବ ନାହିଁ) । ଯୋଗ୍ୟ, ଉଚିତ, ଅନୁରୂପ, ଉପଯୁକ୍ତ ପ୍ରଭୃତି ଅର୍ଥପ୍ରକାଶ କରୁଥିବା ବିଶେଷଣ ପଦ ସହ ପ୍ରାୟଃ ଷଷ୍ଠୀର ପ୍ରୟୋଗ ହୋଇଥାଏ । ସଖେ ପୁଣ୍ଡରୀକ ନୈତଦନୁରୂପଂ ଭବତଃ (ବନ୍ଧୁ ପୁଣ୍ଡରୀକ ଏହା ତୁମପାଇଁ ଯୋଗ୍ୟ ନୁହେଁ)। ଅନୁକରଣ ଅର୍ଥରେ ବ୍ୟବହୃତ ଅନୁ ଉପସର୍ଗପୂର୍ବକ କୃ ଧାତୁର କର୍ମରେ ଷଷ୍ଠୀ ହେବା ଦେଖାଯାଏ । ଯଥା - ଚତୋଽନୁକୁର୍ଯ୍ୟାତ୍ ତସ୍ୟାଃ ସ୍ମିତସ୍ୟ (ତାହାର ସ୍ମିତ ହାସକୁ ଅନୁକରଣ କରିବା ସମ୍ଭବ ହୁଅନ୍ତା କି) ।

୧୪. କ୍ତସ୍ୟ ଚ ବର୍ତ୍ତମାନେ - ପା.୨.୩.୬୭ ।

ବର୍ତ୍ତମାନ କାଳଅର୍ଥରେ କ୍ତ ପ୍ରତ୍ୟୟାନ୍ତ ଶବ୍ଦ ପ୍ରୟୋଗ ହୋଇଥିଲେ ଷଷ୍ଠୀ ବିଭକ୍ତି ହୁଏ । ମନ୍ତ୍ରିଣାଂ ମତଃ ରାମଃ (ରାମଙ୍କୁ ମନ୍ତ୍ରୀ ମାନନ୍ତି) । ରାଜ୍ଞାଂ ମତଃ / ବୁଦ୍ଧଃ / ପୂଜିତଃ ପୁରୋଧାଃ (ରାଜା ପୁରୋହିତଙ୍କୁ ପୂଜା କରନ୍ତି) ।

*(ଅଧିକରଣବାଚିନଶ୍ଚ - ପା.୨.୩.୬୮)* । ଅଧିକରଣରେ ହୋଇଥିବା କ୍ତ ପ୍ରତ୍ୟୟାନ୍ତ ଯୋଗେ ଷଷ୍ଠୀ ହୁଏ । ଇଦମ୍ ଏଷାମ୍ ଆସିତଂ, ଶୟିତଂ, ଗତଂ, ଭୁକ୍ତଂ ବା ।

୧୫. କୃତ୍ୟାନାଂ କର୍ତ୍ତରି ବା - ପା.୨.୩.୭୧ ।

କୃତ୍ୟପ୍ରତ୍ୟୟାନ୍ତ (ତବ୍ୟ, ଅନୀୟ, ଯତ୍, ଣ୍ୟତ୍, ଣ୍ୟତ୍, କ୍ୟପ୍) ଶବ୍ଦଯୋଗରେ କର୍ତ୍ତାରେ ତୃତୀୟା କିମ୍ବା ଷଷ୍ଠୀ ହୁଏ । ଯଥା - ପିତା ମମ / ମୟା ବା ପୂଜ୍ୟଃ (ପିତା ମୋର ପୂଜ୍ୟ ଅଟନ୍ତି) । ନ ବଞ୍ଚନୀୟାଃ ପ୍ରଭବୋଽନୁଜୀବିଭିଃ (ସେବକମାନେ ପ୍ରଭୁମାନଙ୍କୁ ଠକିବା ଅନୁଚିତ) । ମମ ଇଦଂ କର୍ତ୍ତବ୍ୟମ୍ । ତବ ତତ୍ରୋ ଦର୍ଶନୀୟଃ । ରାଜ୍ଞଃ ଧନଂ ଦେୟମ୍ । ପକ୍ଷେ ତୃତୀୟା ।

୧୬. କୃତ୍ୱୋଽର୍ଥପ୍ରୟୋଗେ କାଲେଽଧିକରଣେ -

କୃତ୍ୱସୁଚ୍ ଓ ସୁଚ୍ ପ୍ରତ୍ୟୟ ହୋଇଥିବା ଦ୍ୱିଃ, ତ୍ରିଃ, ପଞ୍ଚକୃତ୍ୱଃ ଏବଂ

ଅଷ୍ଟକୃତ୍ୱଃ ଆଦି ଶବ୍ଦମାନଙ୍କ ଯୋଗରେ ସମୟବାଚୀ ଶବ୍ଦ ଅଧିକରଣ ଅର୍ଥରେ ପ୍ରୟୋଗ ହେଉଥିଲେ ଷଷ୍ଠୀବିଭକ୍ତି ହୁଏ । ଯଥା - ଦ୍ୱିରହ୍ନୋ ରମେଶଃ ଭୁଙ୍‌କ୍ତେ (ଦିନରେ ରମେଶ ଦୁଇଥର ଖାଏ) । ଶତକୃତ୍ୱସ୍ତବୈକସ୍ୟା ସ୍ମରତ୍ୟହ୍ନୋ ରଘୂତ୍ତମଃ (ରଘୁଶ୍ରେଷ୍ଠ ଶ୍ରୀରାମ ଏକାକୀ ତୁମକୁ ଦିନରେ ଶହେଥର ମନେ ପକାନ୍ତି) ।

**୧୭. ଜାସିନିପ୍ରହଣନାଟକ୍ରାଥପିଷାଂ ହିଂସାୟାମ୍ - ପା.୨.୩.୫୬ ।**

ହିଂସାର୍ଥକ ଜସ୍ (ଣିଜନ୍ତ) ନି ଏବଂ ପ୍ର ଉପସର୍ଗ ପୂର୍ବକ ହନ୍ ଧାତୁ, କ୍ରଥ୍ (ଣିଜନ୍ତ), ନଟ୍ (ଣିଜନ୍ତ) ତଥା ପିଷ୍ ଧାତୁ ମାନଙ୍କର ପ୍ରୟୋଗ କ୍ଷେତ୍ରରେ ସେମାନଙ୍କ କର୍ମସ୍ଥଳରେ ଷଷ୍ଠୀ ହୁଏ ।

ଯଥା - ନିଜୌଜସୋଜ୍ଜାସୟିତୁଂ ଜଗଦ୍‌ଦ୍ରୁହାମ୍ (ମାଘ) । (ନିଜ ଶକ୍ତି ବଳରେ ଜଗତର ଅମଙ୍ଗଳ କରୁଥିବା ବ୍ୟକ୍ତିମାନଙ୍କୁ ସମୂଳୋତ୍ପାଟନ କରିବା ପାଇଁ) । ଅପରାଧିନଃ ନିହନ୍ତୁଂ / ପ୍ରହନ୍ତୁଂ / ପ୍ରଣିହନ୍ତୁଂ ବା (ଅପରାଧିମାନଙ୍କୁ ମାରିବା ପାଇଁ) । କ୍ରମେଣ ପେଷ୍ଟୁଂ ଭୁବନଦ୍ୱିଷାମପି (ଜଗତର ଦ୍ରୋହାଚରଣ କରୁଥିବା ଲୋକମାନଙ୍କୁ ନାଶ କରିବା ପାଇଁ) ।

**୧୮. ବା ସ୍ମରଣାର୍ଥଦୟେଶାଂ କର୍ମଣି -**

ସ୍ମରଣାର୍ଥ, ଦୟ୍ ଓ ଈଶ୍ ଧାତୁର କର୍ମଠାରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ । ଯଥା - ପୁତ୍ରଃ ମାତୁଃ ମାତରଂ ବା ସ୍ମରତି । ଦାତା ଦରିଦ୍ରସ୍ୟ ଦରିଦ୍ରଂ ବା ଦୟତେ । ପିତା ପୁତ୍ରସ୍ୟ ପୁତ୍ରଂ ବା ଈଷ୍ଟେ ।

**୧୯. ବ୍ୟବହୃପଣୋଃ ସମର୍ଥୟୋଃ - ପା.୨.୩.୫୭ ।**

ବ୍ୟବହୃ ଏବଂ ପଣ ଧାତୁଦ୍ୱୟ ବାଜି ଲଗାଇବା ବା ଜୁଆ ଖେଳରେ ପଣ ଅର୍ଥରେ ବ୍ୟବହୃତ ହେଉଥିଲେ ସେମାନଙ୍କ କର୍ମରେ ଷଷ୍ଠୀ ବିଭକ୍ତି ହୁଏ । ଯଥା - ଶତସ୍ୟ ବ୍ୟବହରଣଂ ପଣନଂ ବା (ଶହେଟଙ୍କା ବାଜି ଲାଗିଛି) ।

ପ୍ରାଣାନାମପଣିଷ୍ଟାସୌ (ସେ ଜୀବନକୁ ପଣ /ବାଜିରେ ଲଗାଇଛି) ।

୨୦. ଦିବସ୍ତଦର୍ଥସ୍ୟ - ପା.୨.୩.୫୮ ।

ଦିବ୍ ଧାତୁ ଉପଯୁକ୍ତ ବାଜି ବା ଜୁଆଖେଳରେ ପଣ ଲାଗିବା ଅର୍ଥରେ ବ୍ୟବହୃତ ହୋଇଥିଲେ ତାହାର କର୍ମରେ ଷଷ୍ଠୀ ହୁଏ ।

ଶତସ୍ୟ ଦୀବ୍ୟତି (ଶହେ ଟଙ୍କା ବାଜି ଲଗାଇ ଖେଳୁଛି) ।

୨୧. ପ୍ରିୟ, ବଲ୍ଲଭ ତଥା ତଦର୍ଥକ ଶବ୍ଦଯୋଗରେ ଷଷ୍ଠୀ ହୁଏ । ଯଥା - କାୟଃ କସ୍ୟ ନ ବଲ୍ଲଭଃ (ଶରୀର କାହାର ପ୍ରିୟ ନୁହେଁ) । ପ୍ରାଣେଭ୍ୟୋଽପି ପ୍ରିୟା ସୀତା ରାମସ୍ୟାସୀନ୍ନ ସଂଶୟଃ (ରାମଙ୍କ ଜୀବନଠାରୁ ବଳି ସୀତା ପ୍ରିୟ ଥିଲେ ଏଥିରେ ସନ୍ଦେହ ନାହିଁ) ।

୨୨. ବିଶେଷ ଓ ଅନ୍ତରାଦି ଶବ୍ଦଯୋଗରେ ମଧ୍ୟ ଷଷ୍ଠୀ ବିଭକ୍ତିର ପ୍ରୟୋଗ ଦେଖାଯାଏ । ଯଥା - ତବ ମମ ଚ ସମୁଦ୍ରପଲ୍ୱଲୟୋରିବାନ୍ତରମ୍ (ତୁମ ମୋ ମଧ୍ୟରେ ସମୁଦ୍ର ଓ ଗଡିଆ ପରି ପାର୍ଥକ୍ୟ) ।

୨୩. ତୃପ୍ତ୍ୟର୍ଥାନାଂ ବିଭାଷା କରଣେ -

ତୃପ୍ତ୍ୟର୍ଥ ପଦ ଯୋଗରେ କରଣ କାରକରେ ଷଷ୍ଠୀବିଭକ୍ତି ହୁଏ । ପକ୍ଷେ ତୃତୀୟା । ଯଥା - ଅଗ୍ନିଃ କାଷ୍ଠାନାଂ କାଷ୍ଠୈଃ ବା ନ ତୃପ୍ୟତି । ଅପାଂ ହି ତୃପ୍ତାୟ ନ ବାରିଧାରା । ସ୍ୱାଦୁଃ ସୁଗନ୍ଧିଃ ସ୍ୱଦତେ ତୁଷାରା ।

❖❖❖

## ଅନୁଶୀଳନୀ

୧. ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।

(କ) ଶରୀରସ୍ୟ ଗୁଣାନାଞ୍ଚ ଦୂରମତ୍ୟନ୍ତମନ୍ତରମ୍ ।

(ଖ) କଚ୍ଚିଦ୍ ଭର୍ତ୍ତୁଃ ସ୍ମରସି ସୁଭଗେ ତ୍ୱଂ ହି ତସ୍ୟ ପ୍ରିୟେତି ।

(ଗ) କୋଽତି ଭାରଃ ସମର୍ଥାନାଂ କିଂ ଦୂରଂ ବ୍ୟବସାୟିନାମ୍ ।

(ଘ) ଖାଦତଃ ଶିଶୋଃ ପିଷ୍ଟକଖଣ୍ଡଂ କାକଃ ଅପାହରତ୍ ।

(ଙ) ପୁତ୍ରସ୍ୟ ସମଃ କଃ ପ୍ରିୟଃ ?

୨. ବନ୍ଧନୀମଧ୍ୟସ୍ଥାନାଂ ଶବ୍ଦାନାଂ ସମୀଚୀନଂ ବିଭକ୍ତିପ୍ରୟୋଗଂ କୃତ୍ୱା ରିକ୍ତସ୍ଥାନଂ ପୂରୟତ ।

(କ) (ଶିଶୁ) ........ ସ୍ମିତଂ ହାସ୍ୟଂ ପିତ୍ରୋଃ ଆନନ୍ଦକରମ୍ ।

(ଖ) (ଶତ) ....... ବ୍ୟବହରଣେନ ସହସ୍ରସ୍ୟ ପ୍ରାପ୍ତିଃ ସ୍ୟାଦିତି ଦ୍ୟୂତକାଃ କଥୟନ୍ତି ।

(ଗ) ବିପଦି (ମାତୃ) ....... ସ୍ମରଣଂ ଆପଦ୍ ହରତି ।

(ଘ) (ଅଧ୍ୟୟନ) ........ ହେତୋଃ ସ ବାରାଣସୀଂ ଗତବାନ୍ ।

(ଙ) (ଗୌଃ) ........ କୃଷ୍ଣା ବହୁକ୍ଷୀରା ।

(ଚ) (ମାତୃ) ........ ସ୍ମରତି ବାଳଃ ମୁହୁର୍ମୁହୁଃ ।

୩. ସଂଶୋଧନଂ କୁରୁତ ।

(କ) ବ୍ୟଜନମ୍ ଅଧଃ ବାଳଃ ଶେତେ ।

(ଖ) ଶ୍ୱାନଂ ବିଡାଳଃ ବିଭେତି ।

(ଗ) ଗୀତାଂ ଶ୍ରବଣେନ ପୁଣ୍ୟଂ ଭବତି ।

(ଘ) ବ୍ୟାକରଣଂ ପଠନଂ କଷ୍ଟକରଂ ନ ଭବତି ।

(ଙ) ଗ୍ରାମମ୍ ଅଭିତମ୍ ଉପବନଂ ବିଦ୍ୟତେ ।

## ସପ୍ତମୀ ବିଭକ୍ତି

୧. ଆଧାରୋଽଧିକରଣମ୍ - ପା.୧.୪.୪୫, ସପ୍ତମ୍ୟଧିକରଣେ ଚ - ପା.୨.୩.୩୬ ।

କ୍ରିୟାର ଆଧାରକୁ ଅଧିକରଣ କୁହାଯାଏ । ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ । ଔପଶ୍ଲେଷିକ, ବୈଷୟିକ ଏବଂ ଅଭିବ୍ୟାପକ ଭେଦରେ ଆଧାର ତିନି ପ୍ରକାରର ।

ଆଧେୟ ସହ ଭୌତିକ ସଂଶ୍ଲେଷ ଥିଲେ ତାହା ଔପଶ୍ଲେଷିକ ଆଧାର । ଯଥା - କଟେ ଆସ୍ତେ (ମସିଣା ଉପରେ ବସିଛି) । ଏଠାରେ ଉପବେଶନକାରୀ କଟ (ମସିଣା) କୁ ସ୍ପର୍ଶ କରୁଅଛି ଏଣୁ ଭୌତିକ ସଂଶ୍ଳେଷଣ (Physical Contact) ସ୍ପଷ୍ଟ ।

ଆଧାର ସହ ଆଧେୟର ବ୍ୟାପ୍ୟ-ବ୍ୟାପକ ସଂଶ୍ଲେଷ ଥିଲେ ତାହା ବୈଷୟିକ ଆଧାର । ଯଥା - ମୋକ୍ଷେ ଇଚ୍ଛା ଅସ୍ତି । ଏଠାରେ ଇଚ୍ଛାର ମୋକ୍ଷରେ ବିଲୀନ ହେବା କଥା ବୁଝାଏ ।

ଯଦି ଆଧେୟ ଆଧାରର ସର୍ବତ୍ର ପରିବ୍ୟାପ୍ତ ହୋଇଥାଏ ଅର୍ଥାତ୍ ବ୍ୟାପ୍ୟ ବ୍ୟାପକ ସମ୍ବନ୍ଧ ଥାଏ, ତାହାକୁ ଅଭିବ୍ୟାପକ ଆଧାର କୁହାଯାଏ । ତିଳେଷୁ ତୈଳମ୍ । ତୈଳ (ଆଧେୟ) ତିଳର ସର୍ବତ୍ର ପରିବ୍ୟାପ୍ତ ହୋଇଥିବା ହେତୁ ଏହା ଅଭିବ୍ୟାପକ ଶ୍ରେଣୀୟ ଅଟେ । ଏହି ତ୍ରିବିଧ ଆଧାରକୁ ବୁଝାଉଥିବା ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ । ଅଧିକ୍ରିୟତେ ଅସ୍ମିନ୍ ଇତି ଅଧିକରଣମ୍ ।

୨. କ୍ତସ୍ୟେନ୍ ବିଷୟସ୍ୟ କର୍ମଣ୍ୟୁପସଂଖ୍ୟାନମ୍ - (ବାର୍ତ୍ତିକ)

କ୍ତ ପ୍ରତ୍ୟୟାନ୍ତ ଶବ୍ଦ ଇନ୍ ପ୍ରତ୍ୟୟଯୁକ୍ତ ହୋଇ ପ୍ରଯୁକ୍ତ ହୋଇଥିଲେ ଏହାର କର୍ମଠାରେ ସପ୍ତମୀ ବିଭକ୍ତି ହୋଇଥାଏ । ଯଥା - ଅଧୀତୀ ବ୍ୟାକରଣେ (ବ୍ୟାକରଣ ଅଧ୍ୟୟନ କରିଅଛି) ।

୩. ସାଧ୍ୱସାଧୁପ୍ରୟୋଗେ ଚ - (ବାର୍ତ୍ତିକ)

ସାଧୁ ଏବଂ ଅସାଧୁ ଶବ୍ଦର ପ୍ରୟୋଗରେ ସପ୍ତମୀ ବିଭକ୍ତି ହୁଏ । ଯଥା - **ମାତରି ସାଧୁଃ କୃଷ୍ଣଃ, ମାତୁଳେ ଽସାଧୁଃ** । (କୃଷ୍ଣ ମାତାଙ୍କ ପ୍ରତି ସଦ୍‌ବ୍ୟବହାର ଏବଂ ମାତୁଳ ପ୍ରତି ଅସଦ୍‌ବ୍ୟବହାର କରିଥିଲେ) ।

୪. ନିମିତ୍ତାତ୍ କର୍ମଯୋଗେ -(ବାର୍ତ୍ତିକ)

ଯେଉଁ ଫଳ ପ୍ରାପ୍ତି ପାଇଁ କୌଣସି କାର୍ଯ୍ୟ କରାଯାଏ ଯଦି ଉକ୍ତ ଫଳ ଉକ୍ତ କର୍ମସହ ସଂଯୁକ୍ତ ହୋଇଥାଏ, ତାହାହେଲେ ସେଠାରେ ସପ୍ତମୀ ବିଭକ୍ତି ହୁଏ । ଯଥା - *ଚର୍ମଣି ଦ୍ୱୀପିନଂ ହନ୍ତି, ଦନ୍ତୟୋର୍ହନ୍ତି କୁଞ୍ଜରମ୍ ।*

*କେଶେଷୁ ଚମରୀଂ ହନ୍ତି, ସୀମ୍ନି ପୁଷ୍କଲକୋ ହତଃ ॥*

(ଚମଡ଼ା ପାଇଁ ବାଘ, ଦାନ୍ତ ପାଇଁ ହାତୀ, ବାଳ ପାଇଁ ଚମରୀ ଗାଈ ଏବଂ ମୃଗନାଭି ପାଇଁ କସ୍ତୁରୀ ମୃଗ ମରାଯାଏ) । ସୀମା - ଅଣ୍ଡକୋଷ ।

୫. ଯସ୍ୟ ଚ ଭାବେନ ଭାବଲକ୍ଷଣମ୍ - ପା.୨.୩.୩୭ ।

ଯେଉଁ ଭାବ ବା କ୍ରିୟା ଦ୍ୱାରା ପରବର୍ତ୍ତି କାର୍ଯ୍ୟର ସୂଚନା ମିଳେ ସେହି ପୂର୍ବୋକ୍ତ ଭାବବାଚୀ ଶବ୍ଦଠାରେ ସପ୍ତମୀ ବିଭକ୍ତି ହୋଇଥାଏ । ଯଥା - **ସୂର୍ଯ୍ୟେ ଉଦିତେ କମଳଂ ପ୍ରସ୍ଫୁଟତି** (ସୂର୍ଯ୍ୟ ଉଦୟରେ ପଦ୍ମ ଫୁଟେ) । **ବସନ୍ତେ ସମୁପସ୍ଥିତେ ପିକାଃ କୂଜନ୍ତି** (ବସନ୍ତ ଆସିଲେ କୋଇଲି ରାବେ) । ଏଠାରେ ସୂର୍ଯ୍ୟୋଦୟ ଦ୍ୱାରା ପଦ୍ମର ପ୍ରସ୍ଫୁଟନ ଏବଂ ବସନ୍ତର ସମୁପସ୍ଥାନ ଯୋଗୁଁ ପିକର କୂଜନ ସୂଚିତ ହେଲା । ଏଣୁ ଉଭୟରୁ ସପ୍ତମୀ ବିଭକ୍ତି ହୋଇଛି ।

ସେହିପରି- **ଗୋଷୁ ଦୁହ୍ୟମାନାସୁ ଗତଃ, ଦୁଗ୍ଧାସୁ ଆଗତଃ** (ଗାଈ ଦୁହାଁ ହେଉଥିବା ବେଳେ ଗଲା ଏବଂ ଦୁହାଁ ଶେଷ ହେଲାବେଳେ ଫେରି ଆସିଲା) ।

୬. ସପ୍ତମୀପଞ୍ଚମ୍ୟୌ କାରକମଧ୍ୟେ - ପା. ୨.୩.୭ ।

ସମୟ ଏବଂ ମାର୍ଗର ଅନ୍ତର ବୁଝାଉଥିବା ଶବ୍ଦମାନଙ୍କର ପଞ୍ଚମୀ ଓ ସପ୍ତମୀ ବିଭକ୍ତିରେ ପ୍ରୟୋଗ କରାଯାଏ, ଯଥା - **ଅଦ୍ୟ ଭୁକ୍ତ୍ୱା ରାମଃ ତ୍ର୍ୟହେ ତ୍ର୍ୟହାଦ୍ ବା ଭୋକ୍ତା** (ଆଜି ଖାଇ ତିନିଦିନ ପରେ ରାମ ଖାଇବ) । ଅୟଂ

କ୍ରୋଶେ କ୍ରୋଶାଦ୍ ବା ଲକ୍ଷ୍ୟଂ ବିଧ୍ୟେତ୍ (ଏକ କୋଶ ଦୂରରେଥିବା ଲକ୍ଷ୍ୟ ସ୍ଥଳକୁ ଉଭୟେ ବିଦ୍ଧ କରିପାରେ) ।

୭. ଆୟୁକ୍ତକୁଶଳାଭ୍ୟାଂ ଚାସେବାୟାମ୍ - ପା.୨.୩.୪୦,
ସାଧୁନିପୁଣାଭ୍ୟାମର୍ଚ୍ଚାୟାଂ ସପ୍ତମ୍ୟପ୍ରତେଃ - ପା.୨.୩.୪୩ ।

ସଂଲଗ୍ନାର୍ଥକ ଯୁକ୍ତ, ବ୍ୟାପୃତ ତତ୍ପର ପ୍ରଭୃତି ଶବ୍ଦ ତଥା ଚତୁରାର୍ଥକ ସାଧୁ କୁଶଳ, ନିପୁଣ, ଦକ୍ଷ, ପଟୁ, ପ୍ରବୀଣ, ପ୍ରଭୃତି ଶବ୍ଦ ଯୋଗରେ ସପ୍ତମୀ ବିଭକ୍ତି ହୋଇଥାଏ । କାର୍ଯ୍ୟେ ବ୍ୟାପୃତଃ / ଲଗ୍ନଃ / ତତ୍ପରଃ । ଶାସ୍ତ୍ରେ ନିପୁଣଃ / ଦକ୍ଷଃ / ପ୍ରବୀଣଃ / ପଟୁଃ ।

୮. ସ୍ନିହ, ଅଭିଳଷ, ଅନୁରଞ୍ଜ ପ୍ରଭୃତି ସ୍ନେହାସକ୍ତି ଅନୁରାଗାଦି ଅର୍ଥବୋଧକ ଶବ୍ଦଯୋଗରେ ସପ୍ତମୀ ହୁଏ । ଯଥା - ଶିଶୌ ଅସ୍ମିନ୍ ସ୍ନିହ୍ୟତି ମେ ମନଃ (ଏ ପିଲାଟି ପ୍ରତି ଶ୍ରଦ୍ଧା ବା ସ୍ନେହ) । ନ ତାପସକନ୍ୟାୟାଂ ଶକୁନ୍ତଳାୟାଂ ମେ ଅଭିଳାଷଃ (ଶକୁନ୍ତଳା) । ଦେବେ ଚନ୍ଦ୍ରଗୁପ୍ତେ ଦୃଢମନୁରକ୍ତାଃ ପ୍ରକୃତୟଃ (ମୁଦ୍ରାରାକ୍ଷସ) । ମାତା ପୁତ୍ରେ ବିଶ୍ୱସିତି । ଗୁରୌ ମମ ଶ୍ରଦ୍ଧା ଅସ୍ତି । ଈଶ୍ୱରେ ମେ ପରାଭକ୍ତିଃ । ପରାନୁରକ୍ତିରୀଶ୍ୱରେ ।

୯. ଯୁଜ୍ ଧାତୁ ଯୋଗରେ ସପ୍ତମୀ ହୋଇଥାଏ । ନୈତତ୍ ତ୍ୱୟି ଯୁଜ୍ୟତେ । ସମ୍ଭାବ୍ୟତେ ତ୍ରୈଲୋକ୍ୟସ୍ୟାପି ପ୍ରଭୁତ୍ୱଂ ତ୍ୱୟି ଯୁଜ୍ୟତେ ।

୧୦. କାର୍ଯ୍ୟବାଚୀ ଶବ୍ଦ ଯୋଗରେ କାରଣବାଚକ ଶବ୍ଦରେ ସପ୍ତମୀ ହୁଏ । ଶୁକନାସନାମ୍ନି ମନ୍ତ୍ରିଣି ରାଜ୍ୟଭାରମାରୋପ୍ୟ ସ ଯୌବନସୁଖ ମନୁବଭୂବ । ଯୋଗ୍ୟସଚିବେ ନ୍ୟସ୍ତଃ ସମସ୍ତଭାରଃ.... ଇତ୍ୟାଦି ।

୧୧. ଫିଙ୍ଗିବା ବା ଆକ୍ରମଣ କରିବା ଅର୍ଥରେ ପ୍ରଯୁକ୍ତ ହେଉଥିବା କ୍ଷିପ୍, ମୁଚ୍, ଅସ୍ ପ୍ରଭୃତି ଧାତୁ ଯୋଗରେ ଯାହା ଉପରେ ଫିଙ୍ଗା ବା ଆକ୍ରମଣ କରାଯାଏ ତାହାର ସପ୍ତମୀ ହୁଏ । ଯଥା - ମୃଗେଷୁ ଶରାନ୍ ମୁମୁକ୍ଷୋଃ । ନ ଖଲୁ ନ ଖଲୁ ବାଣଃ ସନ୍ନିପାତ୍ୟୋଽୟମସ୍ମିନ୍ ।

୧୨. ସପ୍ତମୀ ଅବଚ୍ଛେଦେ - ଅବଚ୍ଛେଦ (ଅର୍ଥାତ୍ ଶରୀରର କୌଣସି ଅଙ୍ଗକୁ ପୃଥକ୍ ଭାବରେ ଗ୍ରହଣ କରିବା) ବୁଝାଇଲେ ଦ୍ୱିତୀୟା ବିଭକ୍ତି ନ ହୋଇ ସପ୍ତମୀ ବିଭକ୍ତି ହୁଏ । ଯଥା - ଗୃହୀତ ଇବ କେଶେଷୁ ମୃତ୍ୟୁନା ଧର୍ମମାଚରେତ୍ । କାପିତଃ କ୍ଷପଣକାନ୍ ଶିରସି ଅତାଡ଼ୟତ୍ ।

## ମିଶ୍ର ବିଭକ୍ତି

୧. ପୃଥକ୍, ନାନା ଓ ବିନାଯୋଗରେ ୨ୟା, ୩ୟା ଓ ପଞ୍ଚମୀ ବିଭକ୍ତି ହୁଏ; କିନ୍ତୁ ଋତେ ଯୋଗରେ ୨ୟା ଓ ୫ମୀ ହୁଏ ।

୨. ଦକ୍ଷିଣେନ ଓ ଉତ୍ତରେଣ ପ୍ରଭୃତି ଏନପ୍-ପ୍ରତ୍ୟୟାନ୍ତ ପଦଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୩. ଫଳପ୍ରାପ୍ତି ନ ବୁଝାଇଲେ କାଳ ଓ ମାର୍ଗବାଚକ ଶବ୍ଦଠାରେ ବ୍ୟାପ୍ତ୍ୟର୍ଥେ ୨ୟା ହୁଏ, କିନ୍ତୁ ଫଳପ୍ରାପ୍ତି ବୁଝାଇଲେ ଅପବର୍ଗେ ୩ୟା ହୁଏ ।

୪. ସାଧାରଣତଃ ପ୍ରତି ଯୋଗରେ ୨ୟା ହୁଏ, କିନ୍ତୁ ପ୍ରତିନିଧି ଓ ପ୍ରତିଦାନ ବାଚକ ପ୍ରତି ଯୋଗରେ ୫ମୀ ହୁଏ ।

୫. ବାରଣାର୍ଥକ ଅଲମ୍ ଯୋଗରେ ୩ୟା ଓ ସମର୍ଥାର୍ଥକ ଅଲମ୍ ଯୋଗରେ ୪ର୍ଥୀ ହୁଏ ।

୬. ଗମନାର୍ଥକ ଓ କଥନାର୍ଥକ ଧାତୁ ପ୍ରୟୋଗରେ ପ୍ରାୟ ୨ୟା ଓ ୪ର୍ଥୀ ହୁଏ ।

୭. ତୁଲ୍ୟାର୍ଥକ ଓ ତୃପ୍ତ୍ୟର୍ଥକ ପଦଯୋଗରେ ୩ୟା ଓ ୬ଷ୍ଠୀ ହୁଏ; କିନ୍ତୁ ତୁଳା ଓ ଉପମା ଶବ୍ଦ ଯୋଗରେ କେବଳ ୬ଷ୍ଠୀ ହୁଏ ।

୮. ପ୍ରସିତ ଓ ଉତ୍ସୁକ ଶବ୍ଦ ଯୋଗରେ ୩ୟା ଓ ୭ମୀ ହୁଏ ।

୯. ହେତ୍ୱର୍ଥରେ ୩ୟା ଓ ୫ମୀ ହୁଏ, କିନ୍ତୁ ସ୍ତ୍ରୀଲିଙ୍ଗ ଶବ୍ଦଠାରେ କେବଳ ୩ୟା ହୁଏ । ହେତୁବାଚକ ଶବ୍ଦ ପ୍ରଯୁକ୍ତ ଥିଲେ ସାଧାରଣ ଶବ୍ଦଠାରେ ୬ଷ୍ଠୀ ଓ ସର୍ବନାମ ଶବ୍ଦଠାରେ ୩ୟା ଓ ୬ଷ୍ଠୀ ହୁଏ ।

୧୦. ତବ୍ୟ, ଅନୀୟ ପ୍ରଭୃତି କୃତ୍ୟପ୍ରତ୍ୟୟ ପଦ ଯୋଗରେ କର୍ତ୍ତାଠାରେ ୩ୟା ଓ ୬ଷ୍ଠୀ ହୁଏ ।

୧୧. ସ୍ମରଣାର୍ଥ, ଦୟ୍ ଓ ଈଶ୍ ଧାତୁ ଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୧୨. ଆଶୀର୍ବାଦାର୍ଥକ ଶବ୍ଦ ଯୋଗରେ ୪ର୍ଥୀ ଓ ୬ଷ୍ଠୀ ହୁଏ, କିନ୍ତୁ ସ୍ୱସ୍ତି ଯୋଗରେ କେବଳ ଚତୁର୍ଥୀ ହୁଏ ।

୧୩. ନିମିତ୍ତାର୍ଥରେ ୪ର୍ଥୀ ହୁଏ; କିନ୍ତୁ କର୍ମ ସହିତ ଅବୟବାଦି ସମ୍ବନ୍ଧ ଥିଲେ ୭ମୀ ହୁଏ ।

୧୪. କ୍ରୁଧ୍ ଓ ଦ୍ରୁହ୍ ଧାତୁ ଯୋଗରେ ୪ର୍ଥୀ ହୁଏ ; କିନ୍ତୁ ତାହା ପୂର୍ବରେ ଉପସର୍ଗ ଥିଲେ ୨ୟା ହୁଏ ।

୧୫. ଦୂରାର୍ଥ ଓ ନିକଟାର୍ଥ ଶବ୍ଦ ଯୋଗରେ ୫ମୀ ଓ ୬ଷ୍ଠୀ ହୁଏ; କିନ୍ତୁ ସମୟା ଓ ନିକଷା ଯୋଗରେ ୨ୟା ଓ ଆରାତ୍ ଯୋଗରେ କେବଳ ୫ମୀ ହୁଏ । ଦୂର ଏବଂ ଅନ୍ତିକାର୍ଥକ ଶବ୍ଦରୁ ୨ୟା, ୩ୟା ଓ ପଞ୍ଚମୀ ହୁଏ । ଉଦାହରଣ ଗ୍ରାମସ୍ୟ / ଗ୍ରାମାତ୍ ବା ଦୂରଂ / ଦୂରେଣ / ଦୂରାତ୍ ବା ଦେବାଳୟଃ ଅସ୍ତି ।

୧୬. ନିର୍ଦ୍ଧାରଣାର୍ଥରେ, ଅନାଦରାର୍ଥରେ ଏବଂ ସ୍ୱାମିନ୍, ସାକ୍ଷିନ୍ ପ୍ରଭୃତି ଶବ୍ଦ ଯୋଗରେ ୬ଷ୍ଠୀ ଓ ୭ମୀ ହୁଏ ।

୧୭. ନିମିତ୍ତ ପର୍ଯ୍ୟାୟ ଯୋଗରେ ପ୍ରାୟ ସବୁ ବିଭକ୍ତିରେ ପ୍ରୟୋଗ ହୁଏ । ଯଥା – କିଂ ନିମିତ୍ତମ୍, କେନ ନିମିତ୍ତେନ, କସ୍ମୈ ନିମିତ୍ତାୟ, କସ୍ମାତ୍ ନିମିତ୍ତାତ୍, କସ୍ୟ ନିମିତ୍ତସ୍ୟ, କସ୍ମିନ୍ ନିମିତ୍ତେ ।

୧୮. ଦିବ୍ ଧାତୁ ଯୋଗେ ଦ୍ୱିତୀୟା ତୃତୀୟା ହୁଏ । ଅକ୍ଷୈଃ ଅକ୍ଷାନ୍ ବା ଦୀବ୍ୟତି । କିନ୍ତୁ ଦିବ୍ ଧାତୁ ଉପସର୍ଗଯୁକ୍ତ ହେଲେ ଦ୍ୱିତୀୟା ଓ ଷଷ୍ଠୀ ହୁଏ । ଶତସ୍ୟ ଶତଂ ବା ପ୍ରତିଦୀବ୍ୟତି ।

୧୯. ଅନାଦରଭାବ ବୁଝାଇଲେ ମନ୍ୟଧାତୁର ପ୍ରୟୋଗରେ ଦ୍ୱିତୀୟା ଓ ଚତୁର୍ଥୀ ହୁଏ । ନ ତ୍ୱାଂ ତୃଣଂ ତୃଣାୟ ବା ମନ୍ୟେ ।

୨୦. ହୃ ଓ କୃ ଧାତୁର ଣିଜନ୍ତପ୍ରୟୋଗରେ ଦ୍ୱିତୀୟା ଓ ତୃତୀୟା ହୁଏ, ହାରୟତି କାରୟତି ବା ଭୃତ୍ୟଂ ଭୃତ୍ୟେନ ବା କଟମ୍ ।

## ଅନୁଶୀଳନୀ

୧. ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।

(କ) କ୍ରୂରେ ନ କୋଽପି ଅନୁରଜ୍ୟତେ ।

(ଖ) କ୍ଷମା ଶତ୍ରୌ ଚ ମିତ୍ରେ ଚ ଯତୀନାମେବ ଭୂଷଣମ୍ ।

(ଗ) ଉପକାରିଷୁ ଯଃ ସାଧୁଃ ସାଧୁତ୍ୱେ ତସ୍ୟ କୋ ଗୁଣଃ ।

(ଘ) ବୁଦ୍ଧିମତ୍ସୁ ନରାଃ ଶ୍ରେଷ୍ଠା ନରେଷୁ ବ୍ରହ୍ମବାଦିନଃ ।

(ଙ) ଲତାୟାଂ ସୁପୁଷ୍ପିତାୟାଂ ଭ୍ରମରାଣାଂ ସମାଗମଃ ।

(ଚ) ବ୍ୟାକରଣେ ଅଧୀତୀ ରାମଃ ପୂର୍ଣ୍ଣଂ ତିଷ୍ଠତି ।

୨. ବନ୍ଧନ୍ୟନ୍ତର୍ଗତଶବ୍ଦାନାଂ ସମୀଚୀନଂ ବିଭକ୍ତିପ୍ରୟୋଗଂ କୃତ୍ୱା ରିକ୍ତସ୍ଥାନଂ ପୂରୟତ ।

(କ) ଦଶା (ରଞ୍ଜନ) ......... ସୀତା ।

(ଖ) ଗୋବିନ୍ଦଃ (ରାମ) ....... ଭ୍ରାତୃବତ୍ ସ୍ନିହ୍ୟତି ।

(ଗ) ମମ ମନଃ (ଗଣିତ) ....... ନ ରମତେ ।

(ଘ) (କେଶ) ...... ଗୃହୀତ୍ୱା ଜନାଃ ଚୌରଂ ତାଡିତବନ୍ତଃ ।

(ଙ) (ଆପତ୍କାଳ)........ ତୁ ସମ୍ପ୍ରାପ୍ତେ ଯନ୍ମିତ୍ରଂ ମିତ୍ରମେବ ତତ୍ ।

(ଚ) ଆତ୍ମବତ୍ (ସର୍ବଭୂତ) ..... ଯଃ ପଶ୍ୟତି ସଃ ପଣ୍ଡିତଃ ।

୩. ସଂଶୋଧୟତ ।

(କ) ସୈନିକଃ ଚୌରଂ କଣ୍ଠଂ ଧୃତ୍ୱା ଅନୟତ୍ ,

(ଖ) ଉଦରଂ ନ ତାଡୟିତବ୍ୟମ୍ ।

(ଗ) ହସ୍ତଂ ଧୃତ୍ୱା କ୍ଷମାଂ ଯାଚିତବାନ୍ ।

(ଘ) ଭୀମଃ ରାକ୍ଷସଂ ହସ୍ତାଭ୍ୟାଂ ଶିରଃ ତାଡିତବାନ୍ ।

(ଙ) ରାମଃ ବାହନଚାଳନଂ କୁଶଳଃ ।

(ଚ) ଧନିକଂ ଜନାନାମନୁରାଗଃ ନାସ୍ତି ।

(ଛ) ବାୟୁଯାନାରୋହଣଂ ରମାସ୍ୟ ବଳବତୀ ଇଚ୍ଛା ।

(ଜ) ଶତ୍ରୁଂ ପରାଜିତଂସୈନିକାଃ ପ୍ରତ୍ୟାଗତବନ୍ତଃ ।

***

# ୧୭ - ସମାସ ପ୍ରକରଣ

ସମାସ - ସମ୍+ଅସ୍+ଘଞ୍ = ସମାସ, ସଂକ୍ଷେପ । *ସମସନମ୍ ଏକପଦୀଭବନମ୍ ସମାସଃ / ସମସ୍ୟତେ ଅନେକପଦମ୍ ଇତି ସମାସଃ /* ସମାସରେ ପଦମାନଙ୍କର ବ୍ୟବସ୍ଥା ଦୁଇପ୍ରକାର ଦେଖିବାକୁ ମିଳେ । (୧) ଅନେକ ପଦକୁ ଏକ ପଦରେ ପ୍ରକାଶ କରିବା । ଏକପଦକୁ ଅନେକ ପଦ ମିଳିତ ହୋଇ ପ୍ରକାଶ କରିବା । (୨) ଅନେକ ପଦ ମିଳିତ ହୋଇ ଏକ ପଦରେ ପରିଣତ ହୋଇଥିଲେ ସେହି ପଦମାନଙ୍କୁ ପୃଥକ୍ କରି ବାକ୍ୟରେ ଦର୍ଶାଇବା । ଯଥା - ଦେଶସ୍ୟ ସେବକଃ - ଦେଶସେବକଃ, ରାଜ୍ଞଃ ପୁରୁଷଃ - ରାଜପୁରୁଷଃ । ଦେଶସେବକଃ, ରାଜପୁରୁଷଃ - ଏଠାରେ ଅନେକ ପଦ ମିଳିତ ହୋଇ ଏକ ପଦରେ ପରିଣତ ହୋଇଛନ୍ତି । ଦେଶସ୍ୟ ସେବକଃ, ରାଜ୍ଞଃ ପୁରୁଷଃ, ଏଠାରେ ମିଳିତପଦକୁ ପୃଥକ୍ କରି ବାକ୍ୟରେ ଦର୍ଶାଯାଇଛି । ବାକ୍ୟରେ ଦର୍ଶାଇଲେ ଉକ୍ତ ବାକ୍ୟକୁ ବିଗ୍ରହ କୁହନ୍ତି । ଏହାକୁ ବ୍ୟାସବାକ୍ୟ ମଧ୍ୟ କୁହାଯାଏ । ବିଗ୍ରହ କାହାକୁ କୁହନ୍ତି ? *ବୃତ୍ତ୍ୟର୍ଥାବବୋଧକଂ ବାକ୍ୟଂ ବିଗ୍ରହଃ* । ବୃତ୍ତିର ଅର୍ଥକୁ ବୁଝାଇବା ପାଇଁ ଯେଉଁ ବାକ୍ୟ ପ୍ରଯୁକ୍ତ ହୁଏ, ତାକୁ ବିଗ୍ରହ କୁହନ୍ତି । ଦେଶସେବକଃ - ବୃତ୍ତି ବା ସମାସ । ଏଠାରେ ଦେଶ ଓ ସେବକ ଉଭୟର ସ୍ୱ ଅର୍ଥ ପୃଥକ୍ । ଉଭୟ ମିଳିତ ହୋଇ ଏକ ପଦରେ ମିଳିତାର୍ଥ ପ୍ରକାଶ କରନ୍ତି ।

ବୃତ୍ତି କାହାକୁ କୁହନ୍ତି ? *ପରାର୍ଥାଭିଧାନଂ ବୃତ୍ତିଃ* । ସ୍ୱାର୍ଥଛଡ଼ା ଅନ୍ୟ ଅର୍ଥକୁ ପ୍ରକାଶ କରିବାକୁ ବୃତ୍ତି କୁହାଯାଏ । ବୃତ୍ତି କେତେ ପ୍ରକାର ? ପଞ୍ଚ ପ୍ରକାର । *କୃତ୍ତଦ୍ଧିତ - ସମାସୈକଶେଷସନାଦ୍ୟନ୍ତଧାତୁରୂପାଃ ପଞ୍ଚ ବୃତ୍ତୟଃ* ।

୧. କୃତ୍ - କୁମ୍ଭକାରଃ - କୁମ୍ଭଂ କରୋତି ଏହି ଅର୍ଥରେ କୁମ୍ଭସ୍ୟ କାର (କୃ + ଅଣ୍) ଏହି ବିଗ୍ରହ ଗ୍ରହଣ କରାଯାଏ। କୁମ୍ଭ ଓ କାର ଦୁଇଟି ପଦ ମିଳିତ ହୋଇ କୁମ୍ଭକାର ହୁଏ । ଏହାର ଅର୍ଥ କୁମ୍ଭାର । ଏହା କୁମ୍ଭ ଓ କାର ଏହି ଦୁଇ ପଦର ଅର୍ଥଠାରୁ ଭିନ୍ନ । କୁମ୍ଭକାରଃ - ବୃତ୍ତି । କୁମ୍ଭସ୍ୟ କାରଃ (କୁମ୍ଭ ଙସ୍ କାର) - ବିଗ୍ରହ ।

୨. ତଦ୍ଧିତ - ଦଶରଥସ୍ୟ ଅପତ୍ୟଂ ପୁମାନ୍, ଦଶରଥ + ଅପତ୍ୟାର୍ଥେ ଇଞ୍ = ଦାଶରଥିଃ । ଦାଶରଥିଃ- ବୃତ୍ତି । ଦଶରଥସ୍ୟ ଅପତ୍ୟଂ ପୁମାନ୍ - ବିଗ୍ରହ ।

୩. ସମାସ - ବ୍ୟାସ ବା ବିଗ୍ରହ - ଦେଶସ୍ୟ ସେବକଃ, ସମାସ ବା ବୃତ୍ତି - ଦେଶସେବକଃ ।

୪. ଏକଶେଷ - ଯେଉଁଠାରେ ଦୁଇଟି ସୁବନ୍ତ ମଧ୍ୟରୁ ଗୋଟିଏ ଅବଶିଷ୍ଟ ରୁହେ ତାହାକୁ ଏକଶେଷ କୁହନ୍ତି । ବିଗ୍ରହ - ମାତା ଚ ପିତା ଚ, ବୃତ୍ତି - ପିତରୌ ।

୫. ସନାଦ୍ୟନ୍ତଧାତୁ - 'ସନ୍'ଠାରୁ ଆରମ୍ଭ କରି 'କମେର୍ଣିଙ୍' ପର୍ଯ୍ୟନ୍ତ ପ୍ରତ୍ୟୟ ଅନ୍ତରେ ଥାଇ ଯାହା ନିଷ୍ପନ୍ନ ହୁଏ ତାହାକୁ ସନାଦ୍ୟନ୍ତ ଧାତୁ କୁହାଯାଏ। ଏଥିରେ ସନ୍, ଆୟ, ଯଙ୍, କାମ୍ୟଚ୍ ପ୍ରଭୃତି ପ୍ରତ୍ୟୟ ଅନ୍ତର୍ଭୁକ୍ତ । ବିଗ୍ରହ - ଗନ୍ତୁମ୍ ଇଚ୍ଛତି, ବୃତ୍ତି - ଜିଗମିଷତି, ବିଗ୍ରହ - ପୁନଃ ପୁନଃ ପଠତି, ବୃତ୍ତି - ପାପଠ୍ୟତେ, ବିଗ୍ରହ - ଆତ୍ମନଃ ପୁତ୍ରମ୍ ଇଚ୍ଛତି, ବୃତ୍ତି - ପୁତ୍ରକାମ୍ୟତି।

### କେତେକ ସ୍ମରଣୀୟ ବିଷୟ

୧. ଏଠାରେ ମନେ ରଖିବାକୁ ହେବ ଯେ, ଏକଶେଷରେ ସମାସ ପରି କାର୍ଯ୍ୟ ହେଉଥିଲେ ମଧ୍ୟ ଏହା ସମାସ ଅନ୍ତର୍ଗତ ନୁହେଁ । ଏହା ପୃଥକ୍ ବୃତ୍ତି । କେହି କେହି ଏହାକୁ ପରେ ଦ୍ୱନ୍ଦ୍ୱ ସମାସ ମଧ୍ୟରେ ଗ୍ରହଣ କରିଛନ୍ତି । *(ଲଘୁସିଦ୍ଧାନ୍ତକୌମୁଦୀ)* ।

୨. ପୂର୍ବୋକ୍ତ ପାଞ୍ଚଟି କ୍ଷେତ୍ରରେ ଏକପଦରେ ପ୍ରକାଶ କରିବା ବିଧିକୁ ବୃତ୍ତି

କୁହାଯାଏ । କେବଳ ସମାସରେ ଏକ ପଦରେ ପ୍ରକାଶ କରିବାକୁ ବୃତ୍ତି ବା ସମାସ ବା ସମସ୍ତପଦ କୁହାଯାଇ ପାରେ ।

୩. ବିଗ୍ରହ ଓ ବ୍ୟାସବାକ୍ୟ ସମସ୍ତଙ୍କ ପାଇଁ ପ୍ରଯୋଜ୍ୟ ନୁହେଁ। ପୂର୍ବୋକ୍ତ ପାଞ୍ଚଟି ପାଇଁ ପ୍ରଯୁକ୍ତ ବାକ୍ୟକୁ ବିଗ୍ରହ କୁହାଯାଏ । ସମସ୍ତପଦର ବିଶ୍ଳେଷଣାତ୍ମକ ବାକ୍ୟକୁ ବ୍ୟାସବାକ୍ୟ ବା ବିଗ୍ରହ କୁହାଯାଏ ।

୪. ସମାସ ଓ ବ୍ୟାସବାକ୍ୟ କେବଳ ସମାସ କ୍ଷେତ୍ରରେ ପ୍ରଚଳିତ ବୃତ୍ତି ଓ ବିଗ୍ରହର ନାମାନ୍ତର ମାତ୍ର ।

୫. ନିତ୍ୟ ସମାସ - ଯେଉଁଠାରେ ବିଗ୍ରହ ନଥାଏ ବା ସ୍ୱପଦରେ ବିଗ୍ରହ ହୋଇପାରେ ନାହିଁ, ତାହାକୁ ନିତ୍ୟ ସମାସ କୁହାଯାଏ । ଅବିଗ୍ରହଃ ଅସ୍ୱପଦବିଗ୍ରହଃ ବା ନିତ୍ୟସମାସଃ ।

ଅବିଗ୍ରହ ନିତ୍ୟସମାସ - କୃଷ୍ଣସର୍ପଃ - ଏଠାରେ ବିଗ୍ରହ ବାକ୍ୟ ନାହିଁ । ବିଗ୍ରହ ଗ୍ରହଣ କଲେ ଅର୍ଥ ଭିନ୍ନ ହୋଇଯିବ। ଅସ୍ୱପଦବିଗ୍ରହ ନିତ୍ୟ ସମାସ - ଯେଉଁଠାରେ ସମାସ ବା ବୃତ୍ତି ଭିନ୍ନ ଓ ତାର ବିଗ୍ରହରେ ଥିବା ସମସ୍ୟମାନ ପଦ ଭିନ୍ନ ସେଠାରେ ଅସ୍ୱପଦବିଗ୍ରହ ନିତ୍ୟସମାସ ହୁଏ ।

ଯଥା - ବିଗ୍ରହଃ - ଅନ୍ୟଃ ଗ୍ରାମଃ ।

ବୃତ୍ତି - ଗ୍ରାମାନ୍ତରମ୍ ।

ବିଗ୍ରହଃ - ଦେବାୟ ଇଦମ୍ (ନୈବେଦ୍ୟମ୍) ।

ବୃତ୍ତି - ଦେବାର୍ଥମ୍ ।

କିନ୍ତୁ ସ୍ୱପଦ ବିଗ୍ରହଃ - କୃଷ୍ଣଂ ଶ୍ରିତଃ । ବୃତ୍ତି - କୃଷ୍ଣଶ୍ରିତଃ ।

ବ୍ୟାଘ୍ରାତ୍ ଭୟମ୍ - ବ୍ୟାଘ୍ରଭୟମ୍ ।

## ସମାସ ଭେଦ

ସମାସ ଦୁଇ ପ୍ରକାର (୧) କେବଳ ସମାସ (ସାମାନ୍ୟ ସମାସ) (୨) ବିଶେଷ ସମାସ ।

**୧. କେବଳ ସମାସ** - ଯେତେବେଳେ ସମାସର ନିର୍ଦ୍ଦିଷ୍ଟ ସଂଜ୍ଞା (ତତ୍ପୁରୁଷ ଅବ୍ୟୟୀଭାବ ପ୍ରଭୃତି) ନିର୍ଦ୍ଧାରଣ କରି ହୁଏନି ଅଥଚ ସମାସ ହୋଇଥାଏ, ସେତେବେଳେ ଉକ୍ତ ସମାସକୁ କେବଳ ସମାସ ବା ସୁପସୁପା ସମାସ କୁହାଯାଏ । ଯଥା - ପୂର୍ବଂ ଭୂତଃ - ଭୂତପୂର୍ବଃ ।

ଏହାର ଦୃଷ୍ଟାନ୍ତ ବିରଳ । ଟୀକା ବା ବ୍ୟାଖ୍ୟା କାଳରେ ଉକ୍ତ ସମାସ ନିର୍ଦ୍ଧାରିତ କରାଯାଏ ।

**୨. ବିଶେଷ ସମାସ** - ଏହା ଚାରି ପ୍ରକାର ।

(କ) ଅବ୍ୟୟୀ ଭାବ (ଖ) ତତ୍ପୁରୁଷ (ଗ) ଦ୍ୱନ୍ଦ୍ୱ (ଘ) ବହୁବ୍ରୀହି ।

ସମାସ ସାଧାରଣତଃ ଦୁଇଟି ସୁବନ୍ତ ପଦ ମଧ୍ୟରେ ହୋଇଥାଏ । ପ୍ରଥମ ପଦକୁ ପୂର୍ବପଦ, ଦ୍ୱିତୀୟ ପଦକୁ ଉତ୍ତର ପଦ କୁହାଯାଏ । ଏଣୁ ନିର୍ଦ୍ଦିଷ୍ଟ ପଦାର୍ଥର ଗୁରୁତ୍ୱ ଦୃଷ୍ଟିରୁ ସମାସକୁ ଚାରି ଭାଗରେ ବିଭକ୍ତ କରାଯାଇଛି ।

**୨.୧ ପ୍ରାୟ ପୂର୍ବ ପଦାର୍ଥ ପ୍ରଧାନ ଅବ୍ୟୟୀଭାବ** - ପୂର୍ବ ପଦର ଅର୍ଥ ପ୍ରଧାନ ଥିଲେ ଅବ୍ୟୟୀଭାବ ହୁଏ । ଯଥା - ଉପକୂଳମ୍ - କୂଳସ୍ୟ ସମୀପମ୍ (ବିଗ୍ରହ) । ଏଠାରେ 'ଉପ' ଏହି ପୂର୍ବପଦର ସାମୀପ୍ୟାର୍ଥ ପ୍ରଧାନ । ଏହା ଏକ ଅବ୍ୟୟ ପଦ । ଏଥିରେ ସମାସଟି ମଧ୍ୟ ଅବ୍ୟୟ ହୋଇଥାଏ । 'ପ୍ରାୟ' କହିବାର ଉଦ୍ଦେଶ୍ୟ ଯେ, ଏଥିରେ କିଛି ବ୍ୟତିକ୍ରମ ଦୃଷ୍ଟ ହୁଏ, । ସୁପ୍ରତି, ଉନ୍ମତ୍ତଗଙ୍ଗମ୍ - ପ୍ରଭୃତି ଉଦାହରଣରେ ପୂର୍ବପଦାର୍ଥ ପ୍ରଧାନ ନୁହେଁ ।

**୨.୨ ପ୍ରାୟ ଉତ୍ତରପଦାର୍ଥପ୍ରଧାନ ତତ୍ ପୁରୁଷ** - ଉତ୍ତର (ଶେଷ) ପଦାର୍ଥ ପ୍ରଧାନ ହୋଇଥିଲେ ତତ୍ପୁରୁଷ ହୁଏ । କୃଷ୍ଣଂଶ୍ରିତଃ - କୃଷ୍ଣଶ୍ରିତଃ - ଉତ୍ତର ପଦ 'ଶ୍ରିତଃ' ଏଠାରେ ପ୍ରଧାନ ।

## ଅବ୍ୟୟୀଭାବ ସମାସ

୧.୧ ଅବ୍ୟୟ ପୂର୍ବପଦ ସମାସ - *ପ୍ରାୟେଣ ପୂର୍ବପଦାର୍ଥ-ପ୍ରଧାନୋଽବ୍ୟୟୀଭାବଃ* । ଅବ୍ୟୟୀଭାବ ସମାସରେ ପ୍ରାୟ ପୂର୍ବ ପଦାର୍ଥ ପ୍ରଧାନ । ଯଥା - କୃଷ୍ଣସ୍ୟ ସମୀପମ୍ - ଉପକୃଷ୍ଣମ୍ - ଏହିପଦରେ ସମୀପାର୍ଥକ ଅବ୍ୟୟ 'ଉପ' ପ୍ରଧାନ । ଅବ୍ୟୟୀ ଭାବ ସମାସରେ ପ୍ରାୟ ପୂର୍ବପଦରେ ଅବ୍ୟୟ ରହେ । ଅବ୍ୟୟୀଭାବ ସମାସରେ ସମସ୍ତପଦ ଅବ୍ୟୟ ହୁଏ । *(ଅବ୍ୟୟଂ ବିଭକ୍ତି - ସମୀପ - ସମୃଦ୍ଧି - ବ୍ୟୃଦ୍ଧ୍ୟର୍ଥାଭାବାତ୍ୟୟାଽସମ୍ପ୍ରତି - ଶବ୍ଦପ୍ରାଦୁର୍ଭାବ - ପଶ୍ଚାଦ୍-ଯଥାଽନୁପୂର୍ବ୍ୟ-ଯୌଗପଦ୍ୟ - ସାଦୃଶ୍ୟ - ସମ୍ପତ୍ତି - ସାକଲ୍ୟାଽନ୍ତବଚନେଷୁ - ପା୨.୧.୬.)* ।

୧.୧.୧ ବିଭକ୍ତି ଅର୍ଥରେ ଅବ୍ୟୟର ସମାସ ହୁଏ । ସପ୍ତମୀ ବିଭକ୍ତ୍ୟର୍ଥରେ 'ଅଧି' ଅବ୍ୟୟର ସମାସ ହୁଏ । ଯଥା -

ହରୌଇତି - ଅଧିହରି, ଗୃହେ ଇତି ଅଧିଗୃହମ୍, ଆତ୍ମନି ଇତି ଅଧ୍ୟାତ୍ମମ୍ ।

୧.୧.୨ ସମୀପ ଅର୍ଥରେ 'ଉପ' ଅବ୍ୟୟର ସମାସ -

କୂଳସ୍ୟ ସମୀପମ୍ - ଉପକୂଳମ୍ । କୃଷ୍ଣସ୍ୟ ସମୀପମ୍ - ଉପକୃଷ୍ଣମ୍ । ଗଙ୍ଗାୟାଃ ସମୀପମ୍ - ଉପଗଙ୍ଗମ୍ । ମୁନେଃ ସମୀପମ୍ - ଉପମୁନି । ଗୋଃ ସମୀପମ୍ - ଉପଗୁ । ଗିରେଃ ସମୀପମ୍ - ଉପଗିରି, ଉପଗିରମ୍ । ନଦ୍ୟାଃ ସମୀପମ୍ - ଉପନଦି, ଉପନଦମ୍ ।

ଅବ୍ୟୟୀଭାବ ସମାସ ଶେଷରେ ଗିରି ପଦ ଥିଲେ ତାର ଦୁଇ ପ୍ରକାର ରୂପ ହୁଏ । ସେହିପରି ନଦୀ ଶବ୍ଦ ପରେ ଥିଲେ ମଧ୍ୟ ଦୁଇପ୍ରକାର ରୂପହୁଏ ।

୧.୧.୩ ସମୃଦ୍ଧି ଅର୍ଥରେ ସୁ / ସମ୍-

ମଦ୍ରାଣାଂ ସମୃଦ୍ଧିଃ - ସୁମଦ୍ରମ୍, ସମଦ୍ରମ୍ । ଉତ୍କଳାନାଂ ସମୃଦ୍ଧିଃ - ସୁତ୍କଳମ୍ । କଳିଙ୍ଗାନାଂ ସମୃଦ୍ଧିଃ - ସୁକଳିଙ୍ଗମ୍ । ଭାରତାନାଂ ସମୃଦ୍ଧିଃ - ସୁଭାରତମ୍ ।

୧.୧.୪ ବ୍ୟୃଦ୍ଧି (ବି+ଋଦ୍ଧି, ବିଗତା ଋଦ୍ଧି) ଅର୍ଥରେ ଦୁର୍ -

ଯବନାନାଂ ବ୍ୟୃଦ୍ଧିଃ - ଦୁର୍ଯବନମ୍ । ତୃଣାନାଂ ବ୍ୟୃଦ୍ଧିଃ - ଦୁର୍ତୃଣମ୍ । ଭାଗ୍ୟାନାଂ ବ୍ୟୃଦ୍ଧିଃ - ଦୁର୍ଭାଗ୍ୟମ୍ ।

୧.୧.୫ ଅଭାବ (ଅତ୍ୟନ୍ତ ଅଭାବ) ଅର୍ଥରେ ନିର୍ /ଦୁର୍ -

ମକ୍ଷିକାଣାମ୍ ଅଭାବଃ - ନିର୍ମକ୍ଷିକମ୍ । ଜନାନାମ୍ ଅଭାବଃ - ନିର୍ଜନମ୍ । ଜଳସ୍ୟ ଅଭାବଃ - ନିର୍ଜଳମ୍ । ସନ୍ଦେହସ୍ୟ ଅଭାବଃ - ନିଃସନ୍ଦେହମ୍ । ଭିକ୍ଷାୟାଃ ଅଭାବଃ - ଦୁର୍ଭିକ୍ଷମ୍ ।

୧.୧.୬ ଅତ୍ୟୟ (ଧ୍ୱଂସ) ଅର୍ଥରେ ଅତି -

ହିମସ୍ୟ ଅତ୍ୟୟଃ - ଅତିହିମମ୍ । ଯୌବନସ୍ୟ ଅତ୍ୟୟଃ - ଅତିଯୌବନମ୍ । ଗ୍ରୀଷ୍ମସ୍ୟ ଅତ୍ୟୟଃ - ଅତିଗ୍ରୀଷ୍ମମ୍ ।

୧.୧.୭ ଅସମ୍ପ୍ରତି (ଅଯୌକ୍ତିକ / ଅନୁଚିତ) ଅର୍ଥରେ ଅତି -

ନିଦ୍ରା ସମ୍ପ୍ରତି ନ ଯୁଜ୍ୟତେ - ଅତିନିଦ୍ରମ୍ । ସେହିପରି - ଅତିପଲାୟନମ୍, ଅତିଶୟନମ୍ ।

୧.୧.୮ ଶବ୍ଦପ୍ରାଦୁର୍ଭାବ (ଶବ୍ଦର ପ୍ରକାଶ) ଅର୍ଥରେ ଇତି -

ହରିଶବ୍ଦସ୍ୟ ପ୍ରକାଶଃ - ଇତିହରି । ସେହିପରି- ଇତିରାମମ୍, ଇତିବିଷ୍ଣୁ ।

୧.୧.୯ ପଶ୍ଚାତ୍ ଅର୍ଥରେ 'ଅନୁ'-

ବିଷ୍ଣୋଃ ପଶ୍ଚାତ୍ - ଅନୁବିଷ୍ଣୁ । ରଥସ୍ୟ ପଶ୍ଚାତ୍ - ଅନୁରଥମ୍ । ସେହିପରି- ଅନୁଶକଟମ୍ , ଅନୁଜନକମ୍ ।

୧.୧.୧୦ 'ଯଥା' ଅର୍ଥରେ ଅବ୍ୟୟୀଭାବ -

ଯଥା ର ଅର୍ଥ ଚାରିପ୍ରକାର - ଯୋଗ୍ୟତା,ବୀପ୍ସା, ପଦାର୍ଥାନତିବୃତ୍ତି, ସାଦୃଶ୍ୟ ।

ଯୋଗ୍ୟତା ଅର୍ଥରେ -

ରୂପସ୍ୟ ଯୋଗ୍ୟମ୍ - ଅନୁରୂପମ୍, ଗୁଣସ୍ୟ ଯୋଗ୍ୟମ୍ - ଅନୁଗୁଣମ୍ ।

'ବୀପ୍ସା' ଅର୍ଥରେ - (ବି-ଆପ୍+ସନ୍+ଟାପ୍)-

କାର୍ତ୍ସ୍ନ୍ୟେନ ବ୍ୟାପ୍ତୁମିଚ୍ଛା - ବୀପ୍ସା, ବ୍ୟାପ୍ତି ଅର୍ଥରେ । ଦିନଂ ଦିନଂ (ପ୍ରତି) - ପ୍ରତିଦିନମ୍, ସେହିପରି ପ୍ରତିଗୃହମ୍, ପ୍ରତିଗ୍ରାମମ୍, ପ୍ରତିବର୍ଷମ୍, ପ୍ରତ୍ୟେକମ୍, ପ୍ରତିଦ୍ୱାରମ୍, ପ୍ରତ୍ୟହମ୍ ।

'ପଦାର୍ଥାନତିବୃତ୍ତି' ଅର୍ଥରେ -

ପଦାର୍ଥର ଅନତିକ୍ରମ, ବା ଅନୁଲ୍ଲଘଂନ ଅର୍ଥରେ । ଶକ୍ତିମ୍ ଅନତିକ୍ରମ୍ୟ - ଯଥାଶକ୍ତି । ସେହିପରି ଯଥାରୁଚି, ଯଥାକାଳମ୍, ଯଥାକ୍ରମମ୍, ଯଥାନିୟମମ୍, ଯଥାଶାସ୍ତ୍ରମ୍, ଯଥେଷ୍ଟମ୍, ଯଥାବିଧି ।

'ସାଦୃଶ୍ୟ' ଅର୍ଥରେ -

ହରେଃ ସାଦୃଶ୍ୟମ୍ - ସହରି, ସାଦୃଶ୍ୟ ଅର୍ଥରେ 'ସହ'ର ସମାସ ହୁଏ । 'ସହ'ର 'ସ' ଆଦେଶ ହୁଏ । *(ଅବ୍ୟୟୀଭାବେ ଚାଽକାଲେ- ପା.୬.୩.୮)* । ଏଠାରେ ମୁଖ୍ୟ ସାଦୃଶ୍ୟରେ ସମାସ ହୁଏ ।

**୧.୧.୧୧** ଆନୁପୂର୍ବ୍ୟ ଅର୍ଥରେ 'ଅନୁ'ର ସମାସ ।

ଆନୁପୂର୍ବ୍ୟ-କ୍ରମ । ଜ୍ୟେଷ୍ଠସ୍ୟ ଆନୁପୂର୍ବ୍ୟେଣ - ଅନୁଜ୍ୟେଷ୍ଠମ୍ ।

**୧.୧.୧୨** 'ଯୌଗପଦ୍ୟ' ଅର୍ଥରେ 'ସହ' (ସ)ର ସମାସ ।

ଯୌଗପଦ୍ୟ - ଏକ ସମୟରେ ଘଟିବା ଅର୍ଥରେ ଯଥା - ଚକ୍ରେଣ ଯୁଗପତ୍ - ସଚକ୍ରମ୍ । ଅବ୍ୟୟୀଭାବ ସମାସରେ 'ସହ' ର 'ସ' ଆଦେଶ ହୁଏ । କିନ୍ତୁ, କାଳବାଚକ ଶବ୍ଦ ସହ ସମାସ ହେଲେ 'ସହ'ର 'ସ' ହୁଏ ନାହିଁ । ଯଥା - ପୂର୍ବାହ୍ଣେନ ଯୁଗପତ୍ - ସହପୂର୍ବାହ୍ଣମ୍ ।

**୧.୧.୧୩** ସାଦୃଶ୍ୟ (ଗୌଣସାଦୃଶ୍ୟ) ଅର୍ଥରେ 'ସହ'ର ସମାସ ।

ଯଥା - ସଖ୍ୟା ସଦୃଶଃ = ସସଖି ।

**୧.୧.୧୪** ସମ୍ପତ୍ତି (ଆତ୍ମଭାବ) ଅର୍ଥରେ 'ସହ' -

ଯଥା - କ୍ଷତ୍ରାଣାଂ ସମ୍ପତ୍ତିଃ - ସକ୍ଷତ୍ରମ୍ । ସମ୍ପତ୍ତି - ଧନସମ୍ପତ୍ତିକୁ ବୁଝାଏ ନାହିଁ । ଏହା ସ୍ୱଭାବ ଅର୍ଥରେ ଗୃହୀତ ।

୧.୧.୧୫ ସାକଲ୍ୟ (ସକଳର ଭାବ) ଅର୍ଥରେ ସହ (ସ)-

ତୃଣମ୍ ଅପି ଅପରିତ୍ୟଜ୍ୟ ଅତ୍ତି -ସତୃଣମ୍ । ଏହା ଏକ ରୂଢ଼ି ପ୍ରୟୋଗ । ପତ୍ରରେ ଯାହା ପରିବେଷଣ କରାଗଲା, ସେ ସବୁ ଖାଇଲା । ଏହି ଅର୍ଥ ଏଠାରେ ଉଦ୍ଦିଷ୍ଟ ।

୧.୧.୧୬ ଅନ୍ତ (ପର୍ଯ୍ୟନ୍ତ) ଅର୍ଥରେ 'ସହ' ଅବ୍ୟୟର ସମାସ ।

ଅଗ୍ନି (ଗ୍ରନ୍ଥ) ପର୍ଯ୍ୟନ୍ତମ୍ ଅଧୀତେ - ସାଗ୍ନି ।

୧.୧.୧୭ ଅବଧାରଣ (ଏତିକି ପରିମାଣର ବୋଲି ନିର୍ଦ୍ଦିଷ୍ଟ ହେବା) ଅର୍ଥରେ ଯାବତ୍‌ର ସମାସ ହୁଏ ।

ଯାବନ୍ତଃ ଶ୍ଲୋକାଃ -(ତାବନ୍ତଃ ଅଚ୍ୟୁତ ପ୍ରଣାମାଃ) ଯାବଚ୍ଛ୍ଲୋକମ୍, ଯାବନ୍ତି ନାମାନି (ତାବନ୍ତଃ ହରି ପ୍ରଣାମାଃ) ଯାବନ୍ନାମମ୍ । *(ଯାବଦବଧାରଣେ -ପା.୨.୧.୮)* ।

୧.୧.୧୮ ମର୍ଯ୍ୟାଦା (ତେନ ବିନା), ଅଭିବିଧି (ତେନ ସହ) ଅର୍ଥରେ 'ଆଙ୍'ର ସମାସ ବିକଳ୍ପରେ ହୁଏ ।

ମର୍ଯ୍ୟାଦା - ଆ ମୁକ୍ତେଃ - ଆମୁକ୍ତି (ସଂସାରଃ) । ଅଭିବିଧି - ଆ ବାଲେଭ୍ୟଃ - ଆବାଲମ୍ (ହରିଭକ୍ତିଃ) । ଏଠାରେ ସମାସ ହୁଏ । ପକ୍ଷେ ସମାସ ନ ହୋଇ ବାକ୍ୟ ରହେ । ଯଥା - ବାକ୍ୟ - ଆ ମୁକ୍ତେଃ, ସମାସ - ଆମୁକ୍ତି । ବାକ୍ୟ - ଆ ବାଲେଭ୍ୟଃ ; *ସମାସ - ଆବାଲମ୍ । (ଆଙ୍ ମର୍ଯ୍ୟାଦାଭିବିଧ୍ୟୋଃ - ପା.୨.୧.୧୩)* ।

୧.୧.୧୯ ଆଭିମୁଖ୍ୟ ଦ୍ୟୋତକ 'ଅଭି' ଓ 'ପ୍ରତି'ର ଲକ୍ଷଣ ଅର୍ଥାତ୍ ଚିହ୍ନବାଚୀ ପଦସହ ସମାସ ହୁଏ । ଏହା ମଧ୍ୟ ବିକଳ୍ପରେ ହୁଏ । ପକ୍ଷେ ସମାସ । ପକ୍ଷେ ବାକ୍ୟ । ଯଥା - ବାକ୍ୟ - ଅଗ୍ନିମ୍ ଅଭି, (ସମାସ-) ଅଥବା ଅଭ୍ୟଗ୍ନି ଶଲଭାଃ ପତନ୍ତି । ଅଗ୍ନିଂ ପ୍ରତି ଅଥବା ପ୍ରତ୍ୟଗ୍ନି ଶଲଭାଃ ପତନ୍ତି । *(ଲକ୍ଷଣେନାଭିପ୍ରତୀ ଆଭିମୁଖ୍ୟେ )* ।

**୧.୧.୨୦** ପଞ୍ଚମ୍ୟନ୍ତ ସହ - ଅପ, ପରି , ବହିସ୍ ଏହି ତିନୋଟିର ଓ ଅଞ୍ଚୁ ଅନ୍ତର ବିକଳ୍ପରେ ଅବ୍ୟୟୀଭାବ ହୁଏ ।

ଅପବିଷ୍ଣୁ ସଂସାରଃ, ଅପବିଷ୍ଣୋଃ, ପରିବିଷ୍ଣୁ, ପରିବିଷ୍ଣୋଃ, ପ୍ରାଗ୍‌ବନମ୍- ପ୍ରାଗ୍‌ବନାତ୍, ବହିର୍ବନମ୍ - ବହିର୍ବନାତ୍ ।

**୧.୨ ଅବ୍ୟୟୋତ୍ତରପଦ ସମାସ** - ମାତ୍ରାର୍ଥେ ଅର୍ଥାତ୍ ଲେଶ ପରିମାଣ ଅର୍ଥରେ 'ପ୍ରତି' ଅବ୍ୟୟର ସମାସ ।

ଶାକସ୍ୟ ଲେଶଃ - ଶାକପ୍ରତି *(ସୁପ୍ ପ୍ରତିନା ମାତ୍ରାର୍ଥେ - ପା.୨.୧.୯)* ।

**୧.୩. ଅବ୍ୟୟ ପଦ ରହିତ ଅବ୍ୟୟୀଭାବ**

**୧.୩.୧** ତିଷ୍ଠଦ୍‌ଗୁ ପ୍ରଭୃତି - ଏହି ଅବ୍ୟୟୀଭାବ ନିପାତନସିଦ୍ଧ ।

ତିଷ୍ଠନ୍ତି ଗାବଃ ଯସ୍ମିନ୍ କାଳେ - ତିଷ୍ଠଦ୍‌ଗୁ (ଗାଈ ଦୁହାଁ ହେବା ସମୟ) ଆୟତ୍ୟଃ ଗାବଃ ଯସ୍ମିନ୍ କାଳେ - ଆୟତୀଗବମ୍ (ଗାଈ ଫେରିବା ଅର୍ଥାତ୍ ଗୋଧୂଳି (ସନ୍ଧ୍ୟା) ସମୟ । *(ତିଷ୍ଠଦ୍‌ଗୁପ୍ରଭୃତୀନି ଚ - ପା.୨.୧.୧୭)* ।

**୧.୩.୨** 'ପାରେ' 'ମଧ୍ୟେ' ଯୋଗରେ ଅବ୍ୟୟୀଭାବ ସମାସ ।

ପାର ଓ ମଧ୍ୟ ଶବ୍ଦର ସମାସ ହେଲେ ଅବ୍ୟୟୀଭାବ ସମାସରେ ଉଭୟ ଯଥାକ୍ରମେ 'ପାରେ' ଓ ମଧ୍ୟେ ହୁଅନ୍ତି । ଗଙ୍ଗାୟାଃ ପାରମ୍ - ପାରେଗଙ୍ଗମ୍, ଗଙ୍ଗାୟାଃ ମଧ୍ୟମ୍ - ମଧ୍ୟେଗଙ୍ଗମ୍, ଏଠାରେ ବିକଳ୍ପରେ ଷଷ୍ଠୀ ତତ୍ ପୁରୁଷ ମଧ୍ୟ ହୁଏ । ଯଥା - ଗଙ୍ଗାପାରମ୍, ଗଙ୍ଗା ମଧ୍ୟମ୍ ।

ଅନ୍ୟ ଏକ ବିକଳ୍ପରେ ସମାସ ନ ହୋଇ ବାକ୍ୟ ମଧ୍ୟ ହୁଏ । ଯଥା - ଗଙ୍ଗାୟାଃ ପାରମ୍, ଗଙ୍ଗାୟାଃ ମଧ୍ୟମ୍ ।

## ୧.୪ ଅବ୍ୟୟୀଭାବର ବିଶେଷ ନିୟମ

| ନିୟମ | ପ୍ରତ୍ୟୟ | ଉଦାହରଣ |
|---|---|---|
| ୧. ଅବ୍ୟୟୀଭାବ ଅନ୍ତରେ | | କୂଳସ୍ୟ ସମୀପମ୍ - ଉପକୂଳମ୍ |
| କ). ଅକାରାନ୍ତ ବା ଆକାରାନ୍ତ ଶବ୍ଦ ଅକାରାନ୍ତ ନପୁଂସକ ଏକବଚନ ହୁଏ ।<br>ଶେଷରେ 'ଅମ୍' ହୁଏ । | | ଶାଳାୟାଃ ସମୀପମ୍ - ଉପଶାଳମ୍ |
| ଖ) ଇକାରାନ୍ତ ବା ଈ କାରାନ୍ତ ଶବ୍ଦ ବାରିଶବ୍ଦ ପରି ନପୁଂସକ ଏକ ବଚନ । | | ଶକ୍ତିମ୍ ଅନତିକ୍ରମ୍ୟ - ଯଥାଶକ୍ତି<br>ଆ କନ୍ୟାକୁମାରୀଭ୍ୟଃ - ଆକନ୍ୟାକୁମାରି |
| ଗ) ଉକାରାନ୍ତ ବା ଊ କାରାନ୍ତ ଓକାରାନ୍ତ ବା ଔକାରାନ୍ତ ଶବ୍ଦ ମଧୁଶବ୍ଦପରି ନପୁଂସକ ଏକବଚନ ହେବ । | | ବସ୍ତୂନାମ୍ ଅଭାବଃ - ନିର୍ବସ୍ତୁ<br>ବଧୂଂବଧୂଂ ପ୍ରତି - ପ୍ରତିବଧୁ<br>ଗୋଃ ସମୀପମ୍ - ଉପଗୁ<br>ନାବଃ ସମୀପେ - ଉପନୁ |
| ଘ) ଋକାରାନ୍ତ ଶବ୍ଦ ଋକାରାନ୍ତ ନପୁଂସକ ଏକବଚନ ପରି ରୂପହୁଏ ।<br>ସୂତ୍ର - ହ୍ରସ୍ୱୋ ନପୁଂସକେ ପ୍ରାତିପଦିକସ୍ୟ - ପା. ୧.୨.୪୭, ଗୋସ୍ତ୍ରିୟୋରୁପସର୍ଜନସ୍ୟ - ପା. ୧.୨.୪୮ । | | କର୍ତ୍ତାରଂ କର୍ତ୍ତାରଂ ପ୍ରତି - ପ୍ରତିକର୍ତ୍ତୃ । |

| ନିୟମ | ପ୍ରତ୍ୟୟ | ଉଦାହରଣ |
|---|---|---|
| ୨. ଅବ୍ୟୟୀଭାବରେ 'ଅନ୍' ଅନ୍ତରେ ଥିଲେ ସମାସାନ୍ତ ଟଚ୍ (ଅ) ପ୍ରତ୍ୟୟ ହୁଏ । ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ନିତ୍ୟ ଟଚ୍ ପ୍ରତ୍ୟୟ ହୁଏ । ନପୁଂସକ ଲିଙ୍ଗରେ ବିକଳ୍ପରେ ଟଚ୍ ପ୍ରତ୍ୟୟ ହୁଏ ।<br>ସୂତ୍ର -<br>*ଅନଶ୍ଚ- ପା. ୫.୪.୧୦୮*<br>*ନସ୍ତଦ୍ଧିତେ-ପା.୬.୪.୧୪୪*<br>*ନପୁଂସକାଦନ୍ୟତରସ୍ୟାମ୍ - ପା.୫.୪.୧୦୯ /* 'ଅନ୍' ଲୋପହୋଇ 'ଟଚ୍'ର ଅ ଯୋଗ କରାଯାଏ । ତା ପରେ ଅକାରାନ୍ତ ନପୁଂସକ ଏକବଚନ ହୋଇ 'ଅମ୍' ଲାଗେ । | ଟଚ୍ (ଅ) | ରାଜ୍ଞଃ ସମୀପମ୍-ଉପରାଜମ୍<br>ଉପ+ରାଜନ୍+ଟଚ୍(ଅ)<br>ଉପ + ରାଜ୍ (ଅନ୍)+ଅ<br>ଉପ+ରାଜ୍+ଅ<br>ଉପରାଜ + ଅମ୍ = ଉପରାଜମ୍ ।<br>ସେହିପରି : ସୀମ୍ନଃ ସମୀପେ = ଉପସୀମମ୍ । ଚର୍ମଣଃ ସମୀପେ = ଉପଚର୍ମମ୍ ଅଥବା ଉପଚର୍ମ । |

| | | |
|---|---|---|
| ୩. ଅବ୍ୟୟୀଭାବ ସମାସର ଅନ୍ତରେ ଝୟ୍ ପ୍ରତ୍ୟାହାରର ବର୍ଣ୍ଣ ଥିଲେ ବିକଳ୍ପରେ ସମାସାନ୍ତ 'ଟଚ୍' ପ୍ରତ୍ୟୟ ହୁଏ । | ଟଚ୍ (ଅ) | ସମିଧଃ ସମୀପମ୍ ଉପ - ସମିଧ୍+ଟଚ୍(ଅ) ଉପସମିଧମ୍, ଟଚ୍ ନ ଲାଗିଲେ ଉପସମିତ୍ । |
| ୪. ଅବ୍ୟୟୀ ଭାବରେ ସମାସ ଅନ୍ତରେ ଶରତ୍ ପ୍ରଭୃତି ଥିଲେ ସମାସାନ୍ତ 'ଟଚ୍' ପ୍ରତ୍ୟୟ ଲାଗେ। ଶରଦ୍, ବିପାଶ୍, ଅନସ୍, ମନସ୍, ଉପାନହ୍, ଅନଡୁହ୍, ଦିବ୍, ହିମବତ୍, ଦିଶ୍, ଦୃଶ୍, ବିଶ୍, ଚେତସ୍, ଚତୁର୍, ତଦ୍, ଯଦ୍, କିୟତ୍ । | ଟଚ୍ (ଅ) | ଶରଦଃ ସମୀପମ୍ - ଉପଶରଦମ୍ । ସେହିପରି ଅଧିମନସମ୍, ଉପଦିଶମ୍ । |
| *ସୂ- ଅବ୍ୟୟୀଭାବେ ଶରତ୍ପ୍ରଭୃତିଭ୍ୟଃ ପା.୫.୪.୧୦୭ / ଜରାୟା ଜରସ୍ ଚ (ବାର୍ତ୍ତିକମ୍) /* | ଟଚ୍ (ଅ) | ଜରାୟାଃ ସମୀପମ୍ - ଉପ+ଜରା ଉ ପ + ଜ ର ସ୍ + ଅ , ଉ ପ ଜ ର ସ୍ + ଅ , ଉ ପ ଜ ର ସ + ଅ ମ୍ , ଉପଜରସମ୍ । |

| | | |
|---|---|---|
| ୫. ନଦୀ, ପୌର୍ଣ୍ଣମାସୀ, ଆଗ୍ରହାୟଣୀ ପଦ ଅବ୍ୟୟୀଭାବ ଅନ୍ତରେ ଥିଲେ ବିକଳ୍ପରେ ସମାସାନ୍ତ 'ଟଚ୍' ପ୍ରତ୍ୟୟ ଲାଗେ । ସୂ.ନଦୀପୌର୍ଣ୍ଣମାସ୍ୟାଗ୍ରହାୟଣୀଭ୍ୟଃ-୫.୪.୧୧୦ | ବିକଳ୍ପରେ ଟଚ୍ (ଅ) | ନଦ୍ୟାଃସମୀପମ୍, ଟଚ୍ ନହେଲେ = ଉପନଦି, ଟଚ୍ ଲାଗିଲେ ଉପନଦମ୍ । ଉପ+ପୌର୍ଣ୍ଣମାସୀ = ଉପପୌର୍ଣ୍ଣମାସି, ଉପପୌର୍ଣ୍ଣମାସମ୍ ଉପ+ଆଗ୍ରହାୟଣୀ - ଉପାଗ୍ରହାୟଣି, ଉପାଗ୍ରହାୟଣମ୍ । |
| ୬. ଅବ୍ୟୟୀଭାବ ଅନ୍ତରେ 'ଗିରି' ଥିଲେ ବିକଳ୍ପରେ 'ଟଚ୍' ହୁଏ। ସୂ.ଗିରେଶ୍ଚସେନକସ୍ୟ ୫.୪.୧୧୨ | ବିକଳ୍ପରେ ଟଚ୍ | ଉପ+ଗିରି=ଉପଗିରି, ଉପଗିରମ୍ । |
| ୭. ପ୍ରତି, ପର, ସମ୍ ଓ ଅନୁ ପରେ ଅକ୍ଷି ଶବ୍ଦ ଥିଲେ ସମାସାନ୍ତ ଟଚ୍ (ପ୍ରତିପରସମନୁଭ୍ୟୋଽକ୍ଷ୍ଣଃ) | ଟଚ୍ | ଅକ୍ଷିପ୍ରତି - ପ୍ରତି+ଅକ୍ଷି+ଅ ପ୍ରତ୍ୟକ୍ଷମ୍ । ଅକ୍ଷ୍ଣୋଃ ପରମ୍ - ପର+ଅକ୍ଷି+ଅ ପରୋକ୍ଷମ୍ ('ର'ର ଓକାର ନିପାତନସିଦ୍ଧ) ଅକ୍ଷ୍ଣୋଃ ସମୀପମ୍ ,ସମ୍- ଅକ୍ଷି+ଅ = ସମକ୍ଷମ୍ । |

## ୨. ତତ୍ପୁରୁଷ ସମାସ

ପ୍ରାୟେଣ ଉତ୍ତରପଦାର୍ଥପ୍ରଧାନଃ ତତ୍ପୁରୁଷଃ । ଏହାର ପ୍ରଥମପଦ ବିଶେଷଣ ହୁଏ । ଉତ୍ତର ପଦ ବିଶେଷ୍ୟ ହୁଏ । ବିଶେଷ୍ୟ (ଉତ୍ତର ପଦ) ଏହି ସମାସରେ ପ୍ରଧାନ ।

ତତ୍ ପୁରୁଷ ଚାରିପ୍ରକାର :

୨.୧. ସାମାନ୍ୟ ତତ୍ପୁରୁଷ - (ବ୍ୟଧିକରଣ ତତ୍ପୁରୁଷ)

୨.୨. କର୍ମଧାରୟ - ସମାନାଧିକରଣ ତତ୍ପୁରୁଷ

୨.୩. ଦ୍ୱିଗୁ

୨.୪. ନଞ୍‌ପ୍ରଭୃତି

### ୨.୧ ସାମାନ୍ୟ ତତ୍ପୁରୁଷ (ବ୍ୟଧିକରଣ ତତ୍ ପୁରୁଷ)

| ନାମ | ବିଗ୍ରହ | ସମାସ |
|---|---|---|
| ୧. ଦ୍ୱିତୀୟା ତତ୍ ପୁରୁଷ | ଗୃହଂ ଗତଃ | ଗୃହଗତଃ |
| ୨. ତୃତୀୟା ତତ୍ ପୁରୁଷ | ନଖୈଃ ଭିନ୍ନଃ | ନଖଭିନ୍ନଃ |
| ୩. ଚତୁର୍ଥୀ ତତ୍ ପୁରୁଷ | ଗୋଭ୍ୟଃ ହିତମ୍ | ଗୋହିତମ୍ |
| ୪. ପଞ୍ଚମୀ ତତ୍ ପୁରୁଷ | ବ୍ୟାଘ୍ରାତ୍ ଭୟମ୍ | ବ୍ୟାଘ୍ରଭୟମ୍ |
| ୫. ଷଷ୍ଠୀ ତତ୍ ପୁରୁଷ | ଦେଶସ୍ୟ ସେବକଃ | ଦେଶସେବକଃ |
| ୬. ସପ୍ତମୀ ତତ୍ ପୁରୁଷ | କାର୍ଯ୍ୟେ କୁଶଳଃ | କାର୍ଯ୍ୟକୁଶଳଃ |
| ୭. ପ୍ରଥମା (ପୂର୍ବପଦ) ତତ୍ ପୁରୁଷ - ଏକଦେଶି ସମାସ (ଭିନ୍ନ ବିଭକ୍ତି ଭିନ୍ନ ଏକପ୍ରକାରରେ) | ପୂର୍ବଂ କାୟସ୍ୟ | ପୂର୍ବକାୟଃ |

**ସାମାନ୍ୟ ତତ୍ ପୁରୁଷ** - ଯେଉଁ ତତ୍ପୁରୁଷ ସମାସରେ ଦୁଇପଦର ବିଭକ୍ତି ଭିନ୍ନଥିବ -ଏବଂ ଉଭୟ ଭିନ୍ନଦ୍ରବ୍ୟବାଚକ ହୋଇଥିବେ ସେଠାରେ ବ୍ୟଧିକରଣ ତତ୍ପୁରୁଷ ହୁଏ । ଭିନ୍ନବିଭକ୍ତିକତ୍ୱଂ ଚ ଭିନ୍ନଦ୍ରବ୍ୟବାଚିତ୍ୱଂ ଚ ବ୍ୟଧିକରଣତ୍ୱମ୍ - ବି-ଭିନ୍ନ, ଅଧିକରଣ-ଆଧାର, ଦ୍ରବ୍ୟ ।

## ୨.୧.୧. ଦ୍ୱିତୀୟା ତତ୍ପୁରୁଷ

(କ) ଶ୍ରିତ, ଅତୀତ, ପତିତ, ଗତ, ଅତ୍ୟସ୍ତ, ପ୍ରାପ୍ତ, ଆପନ୍ନ ଶବ୍ଦ ସହ ଦ୍ୱିତୀୟା ବିଭକ୍ତ୍ୟନ୍ତର ସମାସ ହେଲେ ଦ୍ୱିତୀୟାତତ୍ ପୁରୁଷ ହୁଏ । *(ଦ୍ୱିତୀୟା ଶ୍ରିତାତୀତ ପତିତ ଗତାତ୍ୟସ୍ତ ପ୍ରାପ୍ତାପନ୍ନୈଃ - ପା.୨.୧.୨୪) । ଗମ୍ୟାଦୀନାମୁପସଂଖ୍ୟାନମ୍ (ବା)* ।

| | |
|---|---|
| କୃଷ୍ଣଂ ଶ୍ରିତଃ - କୃଷ୍ଣଶ୍ରିତଃ । | ଶାଳାଂ ପ୍ରାପ୍ତଃ - ଶାଳାପ୍ରାପ୍ତଃ । |
| ଦୁଃଖମ୍ ଅତୀତଃ - ଦୁଃଖାତୀତଃ । | କଷ୍ଟମ୍ ଆପନ୍ନଃ - କଷ୍ଟାପନ୍ନଃ । |
| କୂପଂ ପତିତଃ - କୂପପତିତଃ । | ଗ୍ରାମଂ ଗମୀ - ଗ୍ରାମଗମୀ । |
| ଗ୍ରାମଂଗତଃ - ଗ୍ରାମଗତଃ । | ଅନ୍ନଂ ବୁଭୁକ୍ଷୁଃ - ଅନ୍ନବୁଭୁକ୍ଷୁଃ । |

(ଖ) ପ୍ରାପ୍ତ ଓ ଆପନ୍ନର ଦ୍ୱିତୀୟା ସହ ସମାସ ହେଲେ ଉଭୟର ପ୍ରଥମସ୍ଥାନରେ ପ୍ରୟୋଗ ହୁଏ । ଯଥା ଜୀବନଂ ପ୍ରାପ୍ତଃ - ପ୍ରାପ୍ତଜୀବନଃ, କଷ୍ଟମ୍ ଆପନ୍ନଃ - ଆପନ୍ନକଷ୍ଟଃ । *(ପ୍ରାପ୍ତାପନ୍ନେ ଦ୍ୱିତୀୟୟା- ପା.୨.୨.୪)* । କାଳ ବାଚକ ଦ୍ୱିତୀୟାନ୍ତର 'କ୍ତ' ପ୍ରତ୍ୟୟାନ୍ତ ସହ ସମାସ ହୁଏ । *(କାଳାଃ -ପା. ୨.୧.୨୮)* । ଯଥା - ମାସଂ ପ୍ରମିତଃ ।

(ଗ) ଅତ୍ୟନ୍ତ ସଂଯୋଗରେ କାଳ ବାଚୀ ଦ୍ୱିତୀୟାନ୍ତର ସୁବନ୍ତସହ ସମାସହୁଏ । ଯଥା-ମୁହୂର୍ତ୍ତଂ ସୁଖମ୍ - ମୁହୂର୍ତ୍ତସୁଖମ୍ । *(ଅତ୍ୟନ୍ତ ସଂଯୋଗେ ଚ-ପା. ୨.୧.୨୯)* ।

## ୨.୧.୨. ତୃତୀୟା ତତ୍ପୁରୁଷ

କ) ତୃତୀୟା କର୍ତ୍ତରି ବା ତୃତୀୟାନ୍ତ କରଣକାରକର କୃଦନ୍ତ ସହ ସମାସ ହୁଏ ।
*(କର୍ତ୍ତୃକରଣେ କୃତା ବହୁଳମ୍ -ପା.୨.୧.୩୨)* ।

କର୍ତ୍ତରି ତୃତୀୟା+କୃଦନ୍ତ -

ହରିଣା ତ୍ରାତଃ - ହରିତ୍ରାତଃ, ବିଶ୍ୱନାଥେନ ରଚିତମ୍ -
ବିଶ୍ୱନାଥରଚିତମ୍ ।

କରଣେ ତୃତୀୟା + କୃଦନ୍ତ -

ନଖୈଃ ଭିନ୍ନଃ - ନଖଭିନ୍ନଃ, ପରଶୁନା ଛିନ୍ନଃ - ପରଶୁଛିନ୍ନଃ ।

ଖ) ତୃତୀୟାନ୍ତପଦର ପୂର୍ବ-ସଦୃଶ-ସମ-ଊନାର୍ଥ - କଳହ -ନିପୁଣ-ମିଶ୍ର(ସଂମିଶ୍ର) - ଶ୍ଲକ୍ଷ୍ଣ-ଅବର ଶବ୍ଦ ସହ ସମାସ ହୁଏ *(ପୂର୍ବସଦୃଶସମୋନାର୍ଥକଲହନିପୁଣମିଶ୍ରଶ୍ଲକ୍ଷ୍ଣୈଃ - ପା.୨.୧.୩୧, ବା - ଅବରସ୍ୟୋପସଂଖ୍ୟାନମ୍)* ।

ମାସେନ ପୂର୍ବଃ - ମାସପୂର୍ବଃ । ମାତ୍ରା ସଦୃଶଃ - ମାତୃସଦୃଶଃ ।

ପିତ୍ରା ସମଃ - ପିତୃସମଃ । ଧାନ୍ୟେନ ଊନମ୍ - ଧାନ୍ୟୋନମ୍ ।

ଧାନ୍ୟେନ ବିକଳମ୍ - ଧାନ୍ୟବିକଳମ୍ । ବାଚା କଳହଃ - ବାକ୍‌କଳହଃ ।

ଆଚାରେଣ ନିପୁଣଃ-ଆଚାରନିପୁଣଃ । ଆଚାରେଣ କୁଶଳଃ - ଆଚାରକୁଶଳଃ ।

ଗୁଡେନ ମିଶ୍ରଃ - ଗୁଡ଼ମିଶ୍ରଃ । ଗୁଡେନ ସଂମିଶ୍ରଃ - ଗୁଡ଼ସଂମିଶ୍ରଃ ।

ଆଚାରେଣ ଶ୍ଲକ୍ଷ୍ଣଃ - ଆଚାରଶ୍ଲକ୍ଷ୍ଣଃ । ମାସେନ ଅବରଃ - ମାସାବରଃ ।

ଗ) ସଂସ୍କାରଦ୍ରବ୍ୟ ଦଧିପ୍ରଭୃତିର ଅନ୍ନ ସହ, ମିଶ୍ରୀକରଣର ଗୁଡ଼ାଦିର ଭକ୍ଷ୍ୟାଦିକ ସହ ସମାସ ହୁଏ । *(ଅନ୍ନେନ ବ୍ୟଞ୍ଜନମ୍ -ପା.୨.୧.୩୪;*

*ଉପେୟେଣ ମିଶ୍ରୀକରଣମ୍ -ପା.୨.୧.୩୫)* । ଯଥା -

ଦଧ୍ନା ଓଦନଃ - ଦଧ୍ୟୋଦନଃ, ଗୁଡେନ ଧାନାଃ - ଗୁଡଧାନାଃ (ଧାନା-ସ୍ତ୍ରୀଲିଙ୍ଗ-ଭୃଷ୍ଟଯବ) ।

## ୨.୧.୩. ଚତୁର୍ଥୀ ତତ୍ପୁରୁଷ

ଚତୁର୍ଥ୍ୟନ୍ତ ପଦର ତଦର୍ଥ, ଅର୍ଥ, ବଳି, ହିତ, ସୁଖ ଓ ରକ୍ଷିତ ସହିତ ସମାସ ହେଲେ ଚତୁର୍ଥୀ ତତ୍ ପୁରୁଷ ହୁଏ । *(ଚତୁର୍ଥୀ ତଦର୍ଥାର୍ଥ-ବଳି-ହିତ-ସୁଖ-ରକ୍ଷିତୈଃ-ପା.୨.୧.୩୩)* ।

(କ) ଚତୁର୍ଥୀ-ତଦର୍ଥ (ଚତୁର୍ଥ୍ୟନ୍ତ ପଦରେ ଥିବା ପଦାର୍ଥ ପାଇଁ ଯାହା ଉଦ୍ଦିଷ୍ଟ। ଯୂପାୟ ଦାରୁ - ଯୂପଦାରୁ । ଯୂପ-ଚତୁର୍ଥ୍ୟନ୍ତ । ଦାରୁରୁ ଯୂପ (ବଳିକାଠ) ତିଆରି ହୁଏ । ଚତୁର୍ଥ୍ୟନ୍ତ ବିକୃତି, ଦାରୁ-ପ୍ରକୃତି । ଯେଉଁଠାରେ ଏହିପରି ପ୍ରକୃତି ବିକୃତି ଭାବ ସମ୍ବନ୍ଧ ଥିବ ସେଠାରେ ସେଠାରେ ଚତୁର୍ଥୀ ତତ୍ପୁରୁଷ ହୁଏ । ସେହିପରି କୁଣ୍ଡଳାୟ ସୁବର୍ଣ୍ଣମ୍ - କୁଣ୍ଡଳ ସୁବର୍ଣ୍ଣମ୍ । (ସୁବର୍ଣ୍ଣ ପ୍ରକୃତି, କୁଣ୍ଡଳ ବିକୃତି) । ଅନ୍ୟତ୍ର ଯଦି କେବଳ ତଦର୍ଥ (ତାହାପାଇଁ) ଏହିପରି ଭାବ ଥାଏ ସେଠାରେ ଚତୁର୍ଥୀ ତତ୍ ପୁରୁଷ ହେବନାହିଁ । ଯଥା ଅଶ୍ୱପାଇଁ ଘାସ - ଏଠାରେ 'ଅଶ୍ୱାୟ ଘାସଃ' ନହୋଇ 'ଅଶ୍ୱସ୍ୟ ଘାସଃ' - ଅଶ୍ୱଘାସଃ - ଷଷ୍ଠୀ ତତ୍ ପୁରୁଷ ହେବ । ସେହିପରି, ଗୁରୋଃ ଦକ୍ଷିଣା - ଗୁରୁଦକ୍ଷିଣା ।

(ଖ) ଚତୁର୍ଥ୍ୟନ୍ତ+ଅର୍ଥ -ଅର୍ଥଶବ୍ଦ ସହ ଚତୁର୍ଥ୍ୟନ୍ତର ନିତ୍ୟସମାସ ହୁଏ, ଏହା ବିଶେଷ୍ୟର ଲିଙ୍ଗ ଗ୍ରହଣ କରିଥାଏ । *(ବା - ଅର୍ଥେନ ନିତ୍ୟସମାସୋ ବିଶେଷ୍ୟଲିଙ୍ଗତା ଚେତି ବକ୍ତବ୍ୟମ୍)* ।

ବାଳକାୟ ଅୟମ୍ - ବାଳକାର୍ଥଃ (ସୂପଃ) ।

ଦେବାୟ ଇୟମ୍ - ଦେବାର୍ଥା (ମାଳା) ।

ବାଳକାୟ ଇଦମ୍ - ବାଳକାର୍ଥମ୍ (ପୟଃ) ।

(ଗ) ବଳି ପ୍ରଭୃତି ଯୋଗେ ଚତୁର୍ଥୀ ତତ୍ ପୁରୁଷ ।

ଭୂତେଭ୍ୟଃ ବଳିଃ - ଭୂତବଳିଃ । ଗୋଭ୍ୟଃ ହିତମ୍ - ଗୋହିତମ୍ ।

ଗୋଭ୍ୟଃ ସୁଖମ୍ - ଗୋସୁଖମ୍ । ଗୋଭ୍ୟଃ ରକ୍ଷିତମ୍ - ଗୋରକ୍ଷିତମ୍ ।

### ୨.୧.୪. ପଞ୍ଚମୀ ତତ୍ପୁରୁଷ

(କ) ପଞ୍ଚମୀ ବିଭକ୍ତ୍ୟନ୍ତ ପଦର ଭୟ, ଭୀତ, ଭୀତି, ଭୀ ଏହି ପଦମାନଙ୍କ ସହ ସମାସ ହେଲେ ପଞ୍ଚମୀ ତତ୍ ପୁରୁଷ ହୁଏ । *(ପଞ୍ଚମୀ ଭୟେନ - ପା.୨.୧.୩୭ ବା - ଭୟ-ଭୀତ-ଭୀତିଭିରିତି ବାଚ୍ୟମ୍)* ।

ଚୋରାତ୍ ଭୟମ୍ - ଚୋରଭୟମ୍ । ବ୍ୟାଘ୍ରାତ୍ ଭୀତଃ - ବ୍ୟାଘ୍ରଭୀତଃ ।

ବୃକାତ୍ ଭୀତିଃ - ବୃକଭୀତିଃ । ସର୍ପାତ୍ ଭୀଃ - ସର୍ପଭୀଃ ।

ଏହି ପଦମାନଙ୍କ ମଧ୍ୟରୁ ଯେ କୌଣସି ପଦ ସହ ସମାସ ହୁଏ । କିନ୍ତୁ ଚୋରାତ୍ ରକ୍ଷିତଃ = ଚୋରରକ୍ଷିତଃ, ବ୍ୟାଘ୍ରାତ୍ ତ୍ରାତଃ - ବ୍ୟାଘ୍ରତ୍ରାତଃ - ଏପରି ସମାସ ହେବ ନାହିଁ । ଗ୍ରାମାତ୍ ନିର୍ଗତଃ - ଗ୍ରାମନିର୍ଗତଃ, ଅଧର୍ମାତ୍ ଜୁଗୁପ୍ସୁଃ - ଅଧର୍ମଜୁଗୁପ୍ସୁଃ - ଏପରି ସ୍ଥଳରେ ସମାସ ହୋଇପାରେ ବୋଲି ଭାଷ୍ୟକାରଙ୍କ ମତ ।

(ଖ) ପଞ୍ଚମ୍ୟନ୍ତପରେ କେତେକ ନିର୍ଦ୍ଦିଷ୍ଟପଦ ଯଥା - ଅପେତ, ଅପୋଢ଼, ମୁକ୍ତ, ପତିତ, ଅପତ୍ରସ୍ତ ପଦମାନଙ୍କ ସହ ସମାସ ହୁଏ । *(ଅପେତାପୋଢ-ମୁକ୍ତ-ପତିତାପତ୍ରସ୍ତୈରଳ୍ପଶଃ-ପା.୨.୧.୩୮)* । ଏହି ପ୍ରୟୋଗ ଗୁଡ଼ିକ ରୂଢ଼ି ପ୍ରୟୋଗ ।

ସୁଖାତ୍ ଅପେତଃ - ସୁଖାପେତଃ । ସ୍ୱର୍ଗାତ୍ ପତିତଃ - ସ୍ୱର୍ଗପତିତଃ ।

କଳ୍ପନାୟା ଅପୋଢଃ - କଳ୍ପନାପୋଢଃ । ତରଙ୍ଗାତ୍ ଅପତ୍ରସ୍ତଃ - ତରଙ୍ଗାପତ୍ରସ୍ତଃ । ଚକ୍ରାତ୍ ମୁକ୍ତଃ -ଚକ୍ରମୁକ୍ତଃ ।

* ସବୁ ସ୍ଥଳରେ ଏପରି ସମାସ ହୁଏ ନାହିଁ । ଯଥା -

ପ୍ରାସାଦାତ୍ ପତିତଃ - ପ୍ରାସାଦପତିତଃ । ଏଥିରେ ବାସ୍ତବ ପତନ କ୍ଷେତ୍ରରେ ସମାସ ହୁଏନାହିଁ ।

(ଗ) ପଞ୍ଚମ୍ୟନ୍ତ ସ୍ତୋକ, ଅନ୍ତିକ, ଦୂରାର୍ଥକ, କୃଚ୍ଛ୍ର ପଦମାନଙ୍କର 'କ୍ତ' ପ୍ରତ୍ୟୟାନ୍ତସହ ସମାସ ହୁଏ । ଏଠାରେ ପଞ୍ଚମୀ ବିଭକ୍ତିର ଅଲୁକ୍ ହୁଏ । *(ସ୍ତୋକାନ୍ତିକଦୂରାର୍ଥକୃଚ୍ଛ୍ରାଣି କ୍ତେନ - ପା.୨.୧.୩୯, ପଞ୍ଚମ୍ୟାଃ ସ୍ତୋକାଦିଭ୍ୟଃ -ପା.୬.୩.୨)* ।

ସ୍ତୋକାତ୍ ମୁକ୍ତଃ - ସ୍ତୋକାନ୍ମୁକ୍ତଃ । ଅନ୍ତିକାତ୍ ଆଗତଃ - ଅନ୍ତିକାଦାଗତଃ ।

ଦୂରାତ୍ ଆଗତଃ - ଦୂରାଦାଗତଃ । କୃଚ୍ଛ୍ରାତ୍ ଆଗତଃ - କୃଚ୍ଛ୍ରାଦାଗତଃ ।

(ଘ) ପଞ୍ଚମ୍ୟନ୍ତ ଶତଶବ୍ଦ ଓ ସହସ୍ର ଶବ୍ଦର 'ପର' ସହ ସମାସ ହୁଏ । *(ବା-ଶତସହସ୍ରୌ ପରେଣେତି ବକ୍ତବ୍ୟମ୍)* । ଯଥା -

ଶତାତ୍ ପରେ - ପରଃଶତାଃ । ସହସ୍ରାତ୍ ପରେ - ପରଃସହସ୍ରାଃ ।

* ରାଜଦନ୍ତାଦିଗଣରେ 'ଶତ','ସହସ୍ର' ଶବ୍ଦ ଦୁଇଟି ଗ୍ରହଣ ହେତୁ ସେମାନଙ୍କର ପରନିପାତ ହୁଏ ଓ ସୁଟ୍ ଆଗମ ହୁଏ ।

### ୨.୧.୫. ଷଷ୍ଠୀ ତତ୍ପୁରୁଷ

(କ) ଷଷ୍ଠ୍ୟନ୍ତ ପଦର ସୁବନ୍ତ ସହ ସମାସ ହୁଏ । *(ଷଷ୍ଠୀ- ପା. ୨.୨.୮)* ଯଥା - ଦେଶସ୍ୟ ସେବକଃ - ଦେଶସେବକଃ । ରାଜ୍ଞଃ ପୁରୁଷଃ - ରାଜପୁରୁଷଃ ।

(ଖ) ଯାଜକାଦି ସହ ଷଷ୍ଠୀର ସମାସ ହୁଏ । *(ଯାଜକାଦିଭିଶ୍ଚ -ପା. ୨.୨.୯)* ।

ଯାଜକ, ପୂଜକ, ପରିଚାରକ, ପରିବେଷକ, ସ୍ନାତକ, ଅଧ୍ୟାପକ, ଉତ୍ସାଦକ, ହୋତୃ, ପୋତୃ, ଭର୍ତ୍ତୃ(ପତି), ରଥଗଣକ ଓ ପତିଗଣକ - ଯାଜକାଦି ମଧ୍ୟରେ ଅନ୍ତର୍ଭୁକ୍ତ ।

ଉଦାହରଣ : ବ୍ରାହ୍ମଣସ୍ୟ ଯାଜକଃ - ବ୍ରାହ୍ମଣଯାଜକଃ, ଦେବପୂଜକଃ, ରାଜପରିଚାରକଃ ଇତ୍ୟାଦି ।

(ଗ) କୃଦନ୍ତ ଯୋଗେ ଷଷ୍ଠୀର ସମାସ ହୁଏ । *(ବା-କୃଦ୍‌ଯୋଗା ଚ ଷଷ୍ଠୀ ସମସ୍ୟତେ)* - ଦେବସ୍ୟ ପୂଜନମ୍ - ଦେବପୂଜନମ୍ ।

(ଘ) ନିର୍ଦ୍ଧାରଣରେ ଷଷ୍ଠୀର ସମାସ ହୁଏ ନାହିଁ । *(ନ ନିର୍ଦ୍ଧାରଣେ -ପା. ୨.୨.୧୦)* ।

ଉଦାହରଣ : ନୃଣାଂ ବ୍ରାହ୍ମଣଃ ଶ୍ରେଷ୍ଠଃ । କିନ୍ତୁ 'ତର' ପ୍ରତ୍ୟୟାନ୍ତ ଗୁଣବାଚୀ ଶବ୍ଦ ସହ ଷଷ୍ଠୀର ସମାସ ହୁଏ ଓ 'ତର' ଲୋପ ହୁଏ । *(ବା - ଗୁଣାତରେଣ ତରଲୋପଶ୍ଚେତି ବକ୍ତବ୍ୟମ୍)* ।

ଉଦାହରଣ : ସର୍ବେଷାଂ ଶ୍ୱେତତରଃ - ସର୍ବଶ୍ୱେତଃ, ସର୍ବେଷାଂ ମହତ୍ତରଃ - ସର୍ବମହାନ୍ ।

(ଙ) ପ୍ରତିପଦବିଧାନରେ ହୋଇଥିବା ଷଷ୍ଠୀର ସମାସ ହୁଏ ନାହିଁ । *(ପ୍ରତିପଦବିଧାନା ଷଷ୍ଠୀ ନ ସମସ୍ୟତେ ଇତି ବାଚ୍ୟମ୍)* - ସର୍ପିଷୋ ଜ୍ଞାନମ୍ ।

(ଚ) ପୂରଣାର୍ଥକ ପ୍ରତ୍ୟୟଯୋଗେ ନିଷ୍ପନ୍ନ ଶବ୍ଦ, ଗୁଣବାଚକ ଶବ୍ଦ, ସୁହିତ (ତୃପ୍ତି *ଅର୍ଥ ଥିବା ଶବ୍ଦ,)* ଶତୃ ଓ ଶାନଚ୍ (ସତ୍) ପ୍ରତ୍ୟୟାନ୍ତ ଶବ୍ଦ, କୃଦନ୍ତ ଅବ୍ୟୟ, ଓ ତବ୍ୟ ପ୍ରତ୍ୟୟାନ୍ତ ସମାନାଧିକରଣ ଶବ୍ଦ ସହ ଷଷ୍ଠୀର ସମାସ ହୁଏ ନାହିଁ । *(ପୂରଣଗୁଣ-ସୁହିତାର୍ଥ-ସଦବ୍ୟୟ-ତବ୍ୟ-ସମାନାଧିକରଣେନ -ପା. ୨.୨.୧୧)* । ଉଦାହରଣ -

୧. ପୂରଣାର୍ଥକ - ସତାଂ ଷଷ୍ଠଃ ।

୨. ଗୁଣବାଚକ - କାକସ୍ୟ କାର୍ଷ୍ଣ୍ୟମ୍ ।

୩. ସୁହିତାର୍ଥକ (ତୃପ୍ତ୍ୟର୍ଥକ) - ଫଳାନାଂ ସୁହିତଃ, ଫଳାନାଂ ତୃପ୍ତଃ । କିନ୍ତୁ ତୃତୀୟା ସମାସ ହେବ । ଯଥା - ଫଳୈଃ ତୃପ୍ତଃ - ଫଳ ତୃପ୍ତଃ ।

୪. ଶତୃ, ଶାନଚ୍ (ସତ) - ଦ୍ୱିଜସ୍ୟ କୁର୍ବନ୍, ଦ୍ୱିଜସ୍ୟ କୁର୍ବାଣଃ (କିଙ୍କର)।

୫. କୃଦନ୍ତ ଅବ୍ୟୟ - ବ୍ରାହ୍ମଣସ୍ୟ କୃତ୍ୱା ।

୬. ବ୍ରାହ୍ମଣସ୍ୟ କର୍ତ୍ତବ୍ୟମ୍ । କିନ୍ତୁ ଯଦି ସମାସ ହୋଇଥାଏ ତେବେ ତାହାକୁ 'ତବ୍ୟତ୍' ପ୍ରତ୍ୟୟାନ୍ତ ବୋଲି ଧରିବାକୁ ହେବ । ଯଥା - ସ୍ୱସ୍ୟ କର୍ତ୍ତବ୍ୟମ୍ -ସ୍ୱକର୍ତ୍ତବ୍ୟମ୍ ।

୭. ସମାନାଧିକରଣ - ତକ୍ଷକସ୍ୟ ସର୍ପସ୍ୟ ।

(ଛ) ପୂଜାର୍ଥକ 'କ୍ତ' ପ୍ରତ୍ୟୟାନ୍ତ ସହ ଷଷ୍ଠୀବିଭକ୍ତ୍ୟନ୍ତର ସମାସ ହୁଏ ନାହିଁ ।*(କ୍ତେନ ଚ ପୂଜାୟାମ୍ -ପା. ୨.୨.୧୨) । ମତିବୁଦ୍ଧି-ପୂଜାର୍ଥେଭ୍ୟଶ୍ଚ - ପା.୩.୨.୧୮୮)* । ଉଦାହରଣ -

ରାଜ୍ଞାଂ ମତଃ, ବୁଦ୍ଧଃ, ପୂଜିତଃ ବା ।

(ଜ) ଅଧିକରଣ ବାଚକ କ୍ତ ପ୍ରତ୍ୟୟାନ୍ତ ସହ ଷଷ୍ଠ୍ୟନ୍ତର ସମାସ ହୁଏ ନାହିଁ। *(ଅଧିକରଣବାଚିନା ଚ - ପା.୨.୨.୧୩)* । ଉଦାହରଣ -

ଇଦମ୍ ଏଷାମ୍ ଆସିତଂ, ଗତଂ, ଭୁକ୍ତଂ ବା ।

(ଝ) *ଉଭୟପ୍ରାପ୍ତୌ କର୍ମଣି - ପା.୨.୩.୬୬* ସୂତ୍ର ଅନୁସାରେ ଷଷ୍ଠୀ ବିଭକ୍ତି ହୋଇଥିଲେ ତାର ସମାସ ହେବନାହିଁ । *କର୍ମଣି ଚ -ପା. ୨.୨.୧୪)* । ଉଦାହରଣ-

ଆଶ୍ଚର୍ଯ୍ୟୋ ଗବାଂ ଦୋହଃ ଅଗୋପେନ ।

(ଞ) କର୍ତ୍ତରି 'ତୃଚ୍' 'ଅକ' ପ୍ରତ୍ୟୟଯୋଗେ ହୋଇଥିବା ଷଷ୍ଠୀ ବିଭକ୍ତ୍ୟନ୍ତର ସମାସ ହେବନାହିଁ । *(ତୃଜକାଭ୍ୟାଂ କର୍ତ୍ତରି -ପା. ୨.୨.୧୫)* ।

୧. କର୍ତ୍ତରି ତୃଚ୍ - ଅପାଂ ସ୍ରଷ୍ଟା, ବଜ୍ରସ୍ୟ ଭର୍ତ୍ତା । ପତ୍ୟର୍ଥକ ଭର୍ତ୍ତୃ ଶବ୍ଦର ଯାଜକାଦିଗଣରେ ସମାସ ହୁଏ । ଭୁବଃ ଭର୍ତ୍ତା-ଭୂଭର୍ତ୍ତା । ତ୍ରିଭୁବନସ୍ୟ ବିଧାତା - ତ୍ରିଭୁବନବିଧାତା । ଏହା ଶେଷ ଷଷ୍ଠୀରେ ସମାସ ।

୨. ଅଜ - ଓଦନସ୍ୟ ପାଚକଃ ।

(ଟ) ଷଷ୍ଠୀ ତତ୍ ପୁରୁଷର କେତେକ ବିଶେଷ ନିୟମ / ବ୍ୟତିକ୍ରମ

| ନିୟମ | ପ୍ରତ୍ୟୟ | ଉଦାହରଣ |
|---|---|---|
| ୧) ଗୁଣାର୍ଥ ସହ ଷଷ୍ଠୀ ନିଷେଧ ସବୁସ୍ଥଳରେ ଲାଗେ ନାହିଁ । (ବ୍ୟତିକ୍ରମ) ବସ୍ତୁତଃ ଏହି ଦୃଷ୍ଟାନ୍ତ ଗୁଣବାଚକ ଶବ୍ଦ ନୁହନ୍ତି ଏସବୁ ଭାବ ପ୍ରତ୍ୟୟାନ୍ତ ଶବ୍ଦ । | | ଅର୍ଥସ୍ୟ ଗୌରବମ୍ - ଅର୍ଥଗୌରବମ୍<br>ବୁଦ୍ଧେଃ ମାନ୍ଦ୍ୟମ୍ - ବୁଦ୍ଧିମାନ୍ଦ୍ୟମ୍ |
| ୨) କୃଦନ୍ତ ଅବ୍ୟୟ ସହ ଷଷ୍ଠୀ ସମାସ ହୁଏ ନାହିଁ । କିନ୍ତୁ ଅନ୍ୟ ଅବ୍ୟୟର ଷଷ୍ଠୀ ସମାସ ହୁଏ । | | ବୃକ୍ଷସ୍ୟ ଉପରି - ବୃକ୍ଷୋପରି |
| ୩) ରାଜନ୍, ଅହନ୍, ସଖି ଶବ୍ଦ ଅନ୍ତରେ ଥିଲେ ତତ୍ପୁରୁଷରେ ସମାସାନ୍ତ ଟଚ୍ (ଅ) ପ୍ରତ୍ୟୟ ଲାଗେ । *(ରାଜାହଃ ସଖିଭ୍ୟ- ଷ୍ଟଚ୍-ପା. ୫.୪.୯୧)* | ଟଚ୍ (ଅ) | କଳିଙ୍ଗାନାଂ ରାଜା - କଳିଙ୍ଗରାଜଃ<br>କୃଷ୍ଣସ୍ୟ ସଖା - କୃଷ୍ଣସଖଃ |

| ନିୟମ | ପ୍ରତ୍ୟୟ | ଉଦାହରଣ |
|---|---|---|
| ଋକ୍, ପୁର, ଅପ୍, ଧୁର୍, ପଥିନ୍ ଏହିସବୁ ଅନ୍ତରେ ଥିଲେ ସମାସାନ୍ତ 'ଅ' ପ୍ରତ୍ୟୟ ହୁଏ । ଅକ୍ଷରେ ଥିବା 'ଧୁର୍'ରୁ ଏହି ପ୍ରତ୍ୟୟ ଲାଗେନାହିଁ । *(ଋକ୍‌ପୂରବ୍‌ଧୂଃ-ପଥାମାନକ୍ଷେ- ପା.୫.୪.୭୪) ।* | ଅ | ବିଷ୍ଣୋଃ ପୂଃ - ବିଷ୍ଣୁପୁରମ୍<br>ସଖ୍ୟୁଃ ପନ୍ଥାଃ -ସଖିପଥଃ<br>ରାଜ୍ଞଃ ଧୂଃ - ରାଜଧୁରା<br>କିନ୍ତୁ<br>ଅକ୍ଷଧୂଃ -ଏଠାରେ 'ଅ' ପ୍ରତ୍ୟୟ ଲାଗିନାହିଁ । |

## ୨.୧.୬. ସପ୍ତମୀ ତତ୍ପୁରୁଷ

**(କ)** ଶୌଣ୍ଡ (ଚତୁର), ଧୂର୍ତ୍ତ, କିତବ (ଶଠ), ପ୍ରବୀଣ, ସଂବୀତ (ଭୂଷିତ), ଅନ୍ତର, ଅଧି, ପଟୁ, ପଣ୍ଡିତ, କୁଶଳ, ଚପଳ, ନିପୁଣ - ଏହି ଶବ୍ଦ ମାନଙ୍କ ମଧ୍ୟରୁ ଯେକୌଣସି ଶବ୍ଦ ସହ ସପ୍ତମ୍ୟନ୍ତର ସମାସ ହୁଏ । *(ସପ୍ତମୀ ଶୌଣ୍ଡୈଃ -ପା. ୨.୧.୪୦)* । ଉଦାହରଣ -

ଅକ୍ଷେଷୁ ଶୌଣ୍ଡଃ - ଅକ୍ଷଶୌଣ୍ଡଃ । ଅକ୍ଷେଷୁ ଧୂର୍ତ୍ତଃ - ଅକ୍ଷଧୂର୍ତ୍ତଃ ।
ଦ୍ୟୂତେ କିତବଃ - ଦ୍ୟୂତକିତବଃ । ଶାସ୍ତ୍ରେ ପ୍ରବୀଣଃ - ଶାସ୍ତ୍ରପ୍ରବୀଣଃ ।
ବେଦେ ପଣ୍ଡିତଃ - ବେଦପଣ୍ଡିତଃ । କାବ୍ୟେ କୁଶଳଃ - କାବ୍ୟକୁଶଳଃ ।
କାର୍ଯ୍ୟେ ଚପଳଃ - କାର୍ଯ୍ୟଚପଳଃ ।

**(ଖ)** ସପ୍ତମ୍ୟନ୍ତ ଶବ୍ଦର ସିଦ୍ଧ, ଶୁଷ୍କ, ପକ୍ୱ ଓ ବନ୍ଧ ଏହି ଶବ୍ଦ ମାନଙ୍କ ସହ ସମାସ ହୁଏ । *(ସିଦ୍ଧ-ଶୁଷ୍କ-ପକ୍ୱ-ବନ୍ଧୈଶ୍ଚ -ପା.୨.୧.୪୧)* । ଉଦାହରଣ -

କାଶ୍ୟାଂ ସିଦ୍ଧଃ - କାଶୀସିଦ୍ଧଃ । ଆତପେ ଶୁଷ୍କଃ - ଆତପଶୁଷ୍କଃ ।

କଟାହେ ପକ୍ୱଃ - କଟାହ ପକ୍ୱଃ (କଟାହ - କଡ଼େଇ) ।

ଚକ୍ରେ ବନ୍ଧଃ -ଚକ୍ରବନ୍ଧଃ ।

(ଗ) ଧ୍ୱାଙ୍କ୍ଷ ବା ତଦର୍ଥକ ଶବ୍ଦ ସହ ସପ୍ତମ୍ୟନ୍ତର ସମାସ ହୁଏ । ଏହା କେବଳ ନିନ୍ଦା ଅର୍ଥକୁ ବୁଝାଇବା ପାଇଁ ହୁଏ । *(ଧ୍ୱାଙ୍କ୍ଷେଣ କ୍ଷେପେ - ପା.୨.୧.୪୨; ବା - ଧ୍ୱାଙ୍କ୍ଷେଣେତ୍ୟର୍ଥଗ୍ରହଣମ୍)* । ଧ୍ୱାଙ୍କ୍ଷ - କାକ ।

ଉଦାହରଣ - ତୀର୍ଥେ ଧ୍ୱାଙ୍କ୍ଷଃ - ତୀର୍ଥଧ୍ୱାଙ୍କ୍ଷଃ (ଲୋଲୁପ) ।

ତୀର୍ଥେ କାକଃ - ତୀର୍ଥକାକଃ (ଲୋଲୁପ, ଠକ) ।

### ୨.୧.୭. ପ୍ରଥମା (ପୂର୍ବପଦ) ତତ୍ପୁରୁଷ

(କ) ଅବୟବୀ (ଏକଦେଶୀ) ଏକତ୍ୱ ସଂଖ୍ୟା ବିଶିଷ୍ଟ ହୋଇଥିଲେ ଏକଦେଶ (ଅବୟବ) ବାଚକ ପୂର୍ବ, ଅପର, ଅଧର, ଉତ୍ତର ଏହି ଶବ୍ଦମାନଙ୍କ ସହ ଷଷ୍ଠ୍ୟନ୍ତର ସମାସ ହୁଏ । ଏହା ଷଷ୍ଠୀତତ୍ପୁରୁଷର ବ୍ୟତିକ୍ରମ । ଏଠାରେ ପ୍ରଥମାନ୍ତ ପୂର୍ବରେ ଲାଗେ । ଷଷ୍ଠ୍ୟନ୍ତ ଉତ୍ତର ପଦରେ ରହେ । ଏବଂ ସମସ୍ତ ପଦ ପ୍ରଥମାନ୍ତ ହୁଏ । *(ପୂର୍ବାପରାଧରୋତ୍ତରମେକଦେଶି - ନୈକାଧିକରଣେ - ପା.୨.୨.୧)* । ଯଥା -

ପୂର୍ବଂ କାୟସ୍ୟ - ପୂର୍ବକାୟଃ । ଅପରଂ କାୟସ୍ୟ - ଅପରକାୟଃ ।

(ଖ) ଅବୟବୀ ବହୁବଚନ ହେଲେ ସମାସ ହୁଏ ନାହିଁ । ଯଥା -

ପୂର୍ବଃ ଛାତ୍ରାଣାମ୍ ।

(ଗ) ସକଳ ଏକ ଦେଶର 'ଅହନ୍' ସହ ସମାସ ହୁଏ । ଯଥା -

ମଧ୍ୟମ୍ ଅହ୍ନଃ -ମଧ୍ୟାହ୍ନଃ । ପୂର୍ବମ୍ ଅହ୍ନଃ - ପୂର୍ବାହ୍ଣଃ ।

ଅପରମ୍ ଅହ୍ନଃ - ଅପରାହ୍ଣଃ । ସାୟଃ ଅହ୍ନଃ - ସାୟାହ୍ନଃ ।

(ଘ) ସବୁ ଏକଦେଶର କାଳ ସହ ସମାସ ହୁଏ । ଯଥା -

ମଧ୍ୟଂ ରାତ୍ରେଃ - ମଧ୍ୟରାତ୍ରଃ ।

### ୨.୨. କର୍ମଧାରୟ (ସମାନାଧିକରଣ ତତ୍ପୁରୁଷ)

ତତ୍ପୁରୁଷସମାସରେ ପଦ ଦୁଇଟି ସମାନ ବିଭକ୍ତ୍ୟନ୍ତ (ପ୍ରଥମା ବିଭକ୍ତ୍ୟନ୍ତ) ଓ ଏକ ଦ୍ରବ୍ୟବାଚକ ହେଲେ ଉକ୍ତ ତତ୍ ପୁରୁଷକୁ କର୍ମଧାରୟ କୁହାଯାଏ । *(ତତ୍ ପୁରୁଷଃ ସମାନାଧିକରଣଃ କର୍ମଧାରୟଃ - ପା.୧.୨.୪୨)* ।

| ପ୍ରକାର / ଭେଦ | ବିଗ୍ରହ | ସମାସ |
|---|---|---|
| ୧. ବିଶେଷଣପୂର୍ବପଦ | ନୀଳମ୍ ଉତ୍ପଳମ୍ | ନୀଳୋତ୍ପଳମ୍ |
| ୨. ବିଶେଷଣୋତ୍ତରପଦ | ବୈୟାକରଣଃ ଖସୂଚିଃ | ବୈୟାକରଣଖସୂଚିଃ |
| ୩. ବିଶେଷଣୋଭୟପଦ | ଭୀମଃ କାନ୍ତଃ | ଭୀମକାନ୍ତଃ |
| ୪. ବିଶେଷ୍ୟୋଭୟପଦ | ରାମଃ କୃଷ୍ଣଃ | ରାମକୃଷ୍ଣଃ |
| ୫. ଉପମାନପୂର୍ବପଦ | ଘନଃ ଇବ ଶ୍ୟାମଃ | ଘନଶ୍ୟାମଃ |
| ୬. ଉପମାନୋତ୍ତରପଦ | ପୁରୁଷଃବ୍ୟାଘ୍ର ଇବ | ପୁରୁଷବ୍ୟାଘ୍ରଃ |
| ୭. ଅବଧାରଣାପୂର୍ବପଦ | ବିଦ୍ୟା ଏବ ସାଗରଃ | ବିଦ୍ୟାସାଗରଃ |
| ୮. ସମ୍ଭାବନାପୂର୍ବପଦ | ବଟଃ ଇତି ବୃକ୍ଷଃ | ବଟ ବୃକ୍ଷଃ |
| ୯. ଉତ୍ତର ପଦଲୋପ | ଶାକପ୍ରିୟଃ ପାର୍ଥିବଃ | ଶାକପାର୍ଥିବଃ |
| ୧୦. ମୟୂର ବ୍ୟଂସକାଦି ନିପାତନସିଦ୍ଧ | ଅନ୍ୟଃ ଗ୍ରାମଃ | ଗ୍ରାମାନ୍ତରମ୍ |

## ୨.୨.୧. ବିଶେଷଣପୂର୍ବପଦ

ବିଶେଷଣବାଚକ ସୁବନ୍ତର ବିଶେଷ୍ୟବାଚକ ସୁବନ୍ତ ସହ ବହୁଳଭାବରେ ସମାସ ହୁଏ । ଭେଦ୍ୟଂ ବିଶେଷ୍ୟମ୍, ଭେଦକଂ ବିଶେଷଣମ୍ । *(ବିଶେଷଣଂ ବିଶେଷ୍ୟେଣ ବହୁଳମ୍ -ପା. ୨.୧.୫୭)* ।

ଏହା ଚାରିପ୍ରକାର ହୋଇପାରେ -

| ପୂର୍ବପଦ | ଉତ୍ତରପଦ |
|---|---|
| ବିଶେଷଣ | ବିଶେଷ୍ୟ |
| ବିଶେଷ୍ୟ | ବିଶେଷଣ |
| ବିଶେଷଣ | ବିଶେଷଣ |
| ବିଶେଷ୍ୟ | ବିଶେଷ୍ୟ |

ବିଶେଷଣ-ପୂର୍ବ-ପଦର ଉଦାହରଣ - ନୀଳମ୍ ଉତ୍ପଳମ୍ - ନୀଳୋତ୍ପଳମ୍ ।

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. ପୂର୍ବକାଳ, ଏକ, ସର୍ବ, ଜରତ୍, ପୁରାଣ, ନବ, କେବଳ - ଏହି ସୁବନ୍ତପଦ ମାନଙ୍କର ସମାନାଧିକରଣ ସୁବନ୍ତ ସହ ସମାସ ହୁଏ । *(ପୂର୍ବ କାଳୈକ - ସର୍ବ - ଜରତ୍ - ପୁରାଣ - ନବ- କେବଳାଃ ସମାନାଧିକରଣେନ -ପା. ୨.୧.୪୯) ।* | ପୂର୍ବଂ ସ୍ନାତଃ ପଶ୍ଚାତ୍ ଅନୁଲିପ୍ତଃ<br>ଏକଃ ପୁରୁଷଃ<br>ସର୍ବେ ଦେବାଃ<br>ଜରନ୍ତଃ ନୈୟାୟିକାଃ<br>ପୁରାଣାଃ ମୀମାଂସକାଃ<br>ନବଃ ପାଠକଃ<br>କେବଳଃ ବୈୟାକରଣଃ | ସ୍ନାତାନୁଲିପ୍ତଃ<br>ଏକପୁରୁଷଃ<br>ସର୍ବଦେବାଃ<br>ଜରନ୍ନୈୟାୟିକାଃ<br>ପୁରାଣମୀମାଂସକାଃ<br>ନବପାଠକଃ<br>କେବଳବୈୟାକରଣଃ |
| ୨. ପୂର୍ବ, ଅପର, ପ୍ରଥମ, ଚରମ, ଜଘନ୍ୟ, ସମାନ, ମଧ୍ୟ, ମଧ୍ୟମ, ବୀର - ଏହି ଶବ୍ଦମାନଙ୍କର ସମାନାଧିକରଣ ସହ ସମାସ ହୁଏ । *(ପୂର୍ବାଽପର-ପ୍ରଥମ-ଚରମ-ଜଘନ୍ୟ-ସମାନ-ମଧ୍ୟ-ମଧ୍ୟମ-ବୀରାଶ୍ଚ - ପା. ୨.୧.୫୮) ।* ଅପର-ଅର୍ଦ୍ଧ - ଅପର ସ୍ଥାନରେ 'ପଶ୍ଚ' ହୁଏ । *(ଅପରସ୍ୟାର୍ଦ୍ଧେ ପଶ୍ଚଭାବୋ ବକ୍ତବ୍ୟଃ - ବା)* | ପୂର୍ବଃ ପୁରୁଷଃ<br>ଅପରଃ ଅଧ୍ୟାପକଃ<br>ଅପରଃ ଅର୍ଦ୍ଧଃ<br>ପ୍ରଥମଃ ପୁରୁଷଃ<br>ଚରମଃ ଅବୟବଃ<br>ଜଘନ୍ୟଃ ଶ୍ଳୋକଃ | ପୂର୍ବପୁରୁଷଃ<br>ଅପରାଧ୍ୟାପକଃ<br>ପଶ୍ଚାର୍ଦ୍ଧଃ<br>ପ୍ରଥମପୁରୁଷଃ<br>ଚରମାବୟବଃ<br>ଜଘନ୍ୟଶ୍ଳୋକଃ |

| ନିୟମ | ବିଗ୍ରହ | ସମାସ |
|---|---|---|
| ୩. ସନ୍, ମହତ୍, ପରମ, ଉତ୍ତମ, ଉତ୍କୃଷ୍ଟ- ଏମାନଙ୍କର 'ପୂଜ୍ୟମାନ' ସହ ସମାସ ହୁଏ । (ସନ୍-ମହତ୍-ପରମୋତ୍କୃଷ୍ଟାଃ ପୂଜ୍ୟମାନୈଃ-ପା. ୨.୧.୬୧) । | ସମାନଃ ମାସଃ | ସମାନମାସଃ |
| | ମଧ୍ୟଂ ହ୍ନମ୍ | ମଧ୍ୟହ୍ନମ୍ |
| | ମଧ୍ୟମଃ ମାର୍ଗଃ | ମଧ୍ୟମମାର୍ଗଃ |
| | ବୀରଃ ପୁରୁଷଃ | ବୀରପୁରୁଷଃ |
| | ସନ୍ ବୈଦ୍ୟଃ | ସଦ୍‌ବୈଦ୍ୟଃ |
| | ମହାନ୍ ପୁରୁଷଃ | ମହାପୁରୁଷଃ |
| | ପରମଃ ପୁରୁଷଃ | ପରମପୁରୁଷଃ |
| | ଉତ୍ତମଃ ପୁରୁଷଃ | ଉତ୍ତମପୁରୁଷଃ |
| | ଉତ୍କୃଷ୍ଟଃ ବୈଦ୍ୟଃ | ଉତ୍କୃଷ୍ଟବୈଦ୍ୟଃ |
| ୪. ଦିକ୍ ଓ ସଂଖ୍ୟାର ସମାନାଧିକରଣ ସହ ସମାସ ହୁଏ । ଏହା କେବଳ ସଂଜ୍ଞା ଅର୍ଥ ପାଇଁ ପ୍ରଯୁକ୍ତ । | ପୂର୍ବା ଇଷୁକାମଶମୀ | ପୂର୍ବେଷୁକାମଶମୀ |
| | ସପ୍ତ ଋଷୟଃ | ସପ୍ତର୍ଷୟଃ |
| ୫. ବ୍ୟତିକ୍ରମ - ସଂଜ୍ଞା ଅର୍ଥ ନ ବୁଝାଇଲେ ମଧ୍ୟ ସଂଖ୍ୟାର ସମାସ ହୁଏ । ଉକ୍ତ ସ୍ଥଳରେ ଶାକପାର୍ଥିବାଦି ସମାସରେ ଗ୍ରହଣ କରିବାକୁ ହେବ । ଯଥା- ନବରସରୁଚିରାମ୍, ତ୍ରିଲୋକନାଥେନ, ଷୋଡ଼ଶପଦାର୍ଥାନାମ୍ ଇତ୍ୟାଦି । | ନବସଂଖ୍ୟାକାଃ ରସାଃ | ନବରସାଃ |
| | ତ୍ର୍ୟବୟବଃ ଲୋକଃ | ତ୍ରିଲୋକଃ |
| | ଷୋଡ଼ଶ ସଂଖ୍ୟାକାଃ ପଦାର୍ଥାଃ | ଷୋଡ଼ଶପଦାର୍ଥାଃ |

### ଗ ୨.୨.୨. ବିଶେଷଣୋତ୍ତରପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. କୁତ୍ସିତାନି କୁତ୍ସନୈଃ, *ପା.୨.୧.୫୩ ।* | ବୈୟାକରଣଃ ଖସୂଚିଃ | ବୈୟାକରଣ ଖସୂଚିଃ |
| କୁତ୍ସ୍ୟମାନାନି କୁତ୍ସନୈଃ ସମସ୍ୟନ୍ତେ । | ମୀମାଂସକଃ ଦୁର୍ଦ୍ଦୁରୂଢଃ | ମୀମାଂସକଦୁର୍ଦ୍ଦୁରୂଢଃ |
| ୨. *ପ୍ରଶଂସାବଚନୈଶ୍ଚ* – *ପା.୨.୧.୬୬ ।* | ପୁରୁଷଃ ପ୍ରଶସ୍ତଃ | ପୁରୁଷମତଲ୍ଲିକା |
| | ପଣ୍ଡିତଃ ପ୍ରଶସ୍ତଃ | ପଣ୍ଡିତପ୍ରକାଣ୍ଡମ୍ |
| ପ୍ରଶଂସା ବଚନୈଃ ଜାତିଃ ସମସ୍ୟତେ । | ଗୌଃ ପ୍ରଶସ୍ତା | ଗୋମତଲ୍ଲିକା |
| | ବିଦ୍ୱାନ୍ ପ୍ରଶସ୍ତଃ | ବିଦ୍ୱତଲ୍ଲଜଃ |

### ୨.୨.୩ ବିଶେଷଣୋଭୟପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. କ୍ତେନ ନଞ୍‌ବିଶିଷ୍ଟେନାନଞ୍ *-ପା.୨.୧.୬୦ ।* | କୃତମ୍ ଅକୃତମ୍ | କୃତାକୃତମ୍ |
| ଅନଞ୍‌କ୍ତାନ୍ତଂ ନଞ୍‌ବିଶିଷ୍ଟେନ କ୍ତାନ୍ତେନ ସମସ୍ୟତେ | ଭୁକ୍ତମ୍ ଅଭୁକ୍ତମ୍ | ଭୁକ୍ତାଭୁକ୍ତମ୍ |
| | ପୀତମ୍ ଅପୀତମ୍ | ପୀତାପୀତମ୍ |
| | ଉଦିତମ୍ ଅନୁଦିତମ୍ | ଉଦିତାନୁଦିତମ୍ |
| ଏତଦ୍‌ବ୍ୟତିରିକ୍ତ ବିଶେଷଣ + ବିଶେଷଣ | ଘନଃ ଅଘନଃ | ଘନାଘନଃ |
| | କୃତମ୍ ଅପକୃତମ୍ | କୃତାପକୃତମ୍ |
| | ଗତଂ ପ୍ରତ୍ୟାଗତମ୍ | ଗତପ୍ରତ୍ୟାଗତମ୍ |
| | ଯାତମ୍ ଅନୁଯାତମ୍ | ଯାତାନୁଯାତମ୍ |
| | ଭାମଃ କାରଃ | ଭାମକାରଃ |

### ୨.୨.୪. ବିଶେଷଣୋଭୟପଦ

ଉଦାହରଣ – ରାମଶ୍ଚାସୌ କୃଷ୍ଣଶ୍ଚେତି-ରାମକୃଷ୍ଣଃ ।

### ୨.୨.୫. ଉପମାନପୂର୍ବପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| **୧. *ଉପମାନାନି ସାମାନ୍ୟବଚନୈଃ* *ପା. ୨.୧.୫୫* ।** | ଘନ ଇବ ଶ୍ୟାମଃ | ଘନଶ୍ୟାମଃ |
| ଉପମାନବାଚି ସୁବନ୍ତ ସମାନ୍ୟ ବଚନୈଃ ସମାସରେ, ଘନ- ଉପମାନ; ସାଧାରଣଧର୍ମ- ଶ୍ୟାମ; ଇବ- ବାଚକଶବ୍ଦ; ପ୍ରସିଦ୍ଧ ପଦାର୍ଥ - ଉପମାନ; ତୁଳନୀୟ ପଦାର୍ଥ - ଉପମେୟ; ଉପମୀୟତେ ଅନେନ ଇତି ଉପମାନମ୍ । | ବଜ୍ରମ୍ ଇବ କଠୋରମ୍<br>କୁସୁମମିବ କୋମଳମ୍ | ବଜ୍ରକଠୋରମ୍<br>କୁସୁମକୋମଳମ୍ |

### ୨.୨.୬. ଉପମାନୋତ୍ତରପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. ଉପମିତଂ ବ୍ୟାଘ୍ରାଦିଭିଃ ସାମାନ୍ୟାପ୍ରୟୋଗେ-ପା. ୨.୧.୫୬ ।<br>ବ୍ୟାଘ୍ର, ସିଂହ, ଋକ୍ଷ,ଋଷଭ, ହସ୍ତୀ, ପୁଣ୍ଡରୀକ, ବଲାହକ, ଇତ୍ୟାଦି ବ୍ୟାଘ୍ରାଦି ଗଣ ।<br>ଏଠାରେ ବ୍ୟାଘ୍ରାଦିଗଣରେ ଥିବା ପଦସହ ଉପମେୟର ସମାସ ହୁଏ । ସାଧାରଣ ଧର୍ମର ପ୍ରୟୋଗ ହୁଏନାହିଁ । ପୁରୁଷବ୍ୟାଘ୍ରଃ ଶୂରଃ - ଏପରି ପ୍ରୟୋଗ ହେବନାହିଁ । | ପୁରୁଷଃ ବ୍ୟାଘ୍ରଃ ଇବ<br>ପୁରୁଷଃ ସିଂହଃ ଇବ<br>ପଣ୍ଡିତଃ ପୁଣ୍ଡରୀକଃ ଇବ<br>ମୁଖଂ ପଦ୍ମମ୍ ଇବ | ପୁରୁଷବ୍ୟାଘ୍ରଃ<br>ପୁରୁଷସିଂହଃ<br>ପଣ୍ଡିତପୁଣ୍ଡରୀକଃ<br>ମୁଖପଦ୍ମମ୍ |
| ବୃନ୍ଦାରକ ନାଗକୁଞ୍ଜରୈଃ ପୂଜ୍ୟମାନମ୍-ପା. ୨.୧.୬୨ । ସାମାନ୍ୟ ଧର୍ମ ପ୍ରୟୋଗ ହେଲେ ମଧ୍ୟ ଏହି ତିନୋଟି ସହ ସମାସ ହେବ । ଯଥା- ବଳବାନ୍, କପିକୁଞ୍ଜରଃ । | ଗୌଃ ବୃନ୍ଦାରକଃ ଇବ<br>ପୁରୁଷଃ ନାଗଃ ଇବ<br>କପିଃ କୁଞ୍ଜରଃ ଇବ | ଗୋବୃନ୍ଦାରକଃ<br>ପୁରୁଷନାଗଃ<br>କପିକୁଞ୍ଜରଃ |

## ୨.୨.୭. ଅବଧାରଣାପୂର୍ବପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. ବିଶେଷଣଂ ବିଶେଷ୍ୟେଣ ବହୁଳମ୍-ପା. ୨.୧.୫୭ । | ବିଦ୍ୟା ଏବ ସାଗରଃ | ବିଦ୍ୟାସାଗରଃ |
| ଅବଧାରଣା ସୂଚାଇବା ପାଇଁ ବିଶେଷଣ ପରେ 'ଏବ' ଦିଆଯାଇଥାଏ କିନ୍ତୁ, ଏହାର ସମାସ ହୁଏ ନାହିଁ । | ଗୁରୁଃ ଏବ ଦେବଃ<br>ତପଃ ଏବ ଧନମ୍ | ଗୁରୁଦେବଃ<br>ତପୋଧନମ୍ |

## ୨.୨.୮. ସମ୍ଭାବନାପୂର୍ବପଦ

| ନିୟମ | ବିଗ୍ରହ | ସମାସ |
|---|---|---|
| ୧. ବିଶେଷଣଂ ବିଶେଷ୍ୟେଣ ବହୁଳମ୍-ପା. ୨.୧.୫୭ । ସଂଜ୍ଞାଶବ୍ଦ ବିଶେଷଣ । ବିଗ୍ରହ ବାକ୍ୟରେ ବିଶେଷଣ ପରେ 'ଇତି' ପଦ ଲଗାଯାଇଥାଏ । ଏହାକୁ ଶାକପାର୍ଥିବାଦି ସମାସ ମଧ୍ୟରେ ଗ୍ରହଣ କରାଯାଇପାରେ। | ବଟଃ ଇତି ବୃକ୍ଷଃ<br>ଅଯୋଧ୍ୟା ଇତି ନଗରୀ<br>ଆମ୍ରଃ ଇତି ବୃକ୍ଷଃ<br>ହିମାଳୟଃ ଇତି ପର୍ବତଃ | ବଟବୃକ୍ଷଃ<br>ଅଯୋଧ୍ୟାନଗରୀ<br>ଆମ୍ରବୃକ୍ଷଃ<br>ହିମାଳୟପର୍ବତଃ |

## ୭.୨.୯ ଉତ୍ତରପଦ ଲୋପ

*ଶାକପାର୍ଥିବାଦୀନାଂସିଦ୍ଧୟେ ଉତ୍ତରପଦଲୋପସ୍ୟୋପସଂଖ୍ୟାନମ୍ (ବାର୍ତ୍ତିକ)* । ସମାସ ଦୁଇପଦ ମଧ୍ୟରେ ହୁଏ । ଯଦି ପୂର୍ବ ସମସ୍ତ ପଦରେ ଦୁଇଟି ପଦ ଥାଏ ସେଥିରେ ଦ୍ୱିତୀୟ ପଦକୁ ଉତ୍ତର ପଦ କୁହାଯାଏ । ଯଥା-

ଶାକପ୍ରିୟଃ ପାର୍ଥିବଃ ।

ପ୍ରଥମ ପଦରେ - 'ଶାକପ୍ରିୟଃ' ରେ 'ପ୍ରିୟଃ' ଉତ୍ତର ପଦ ।

ଏହି ଉତ୍ତର ପଦର ଲୋପହୋଇ ଶାକପ୍ରିୟଃ ପାର୍ଥିବଃ = ଶାକପାର୍ଥିବଃ ହୁଏ । କେହି କେହି ମଧ୍ୟରେ ଥିବା 'ପ୍ରିୟ' ପଦର ଲୋପ ହେତୁ ଏହାକୁ ମଧ୍ୟମ ପଦ ଲୋପ ମଧ୍ୟ କହନ୍ତି ।

ଦେବପୂଜକଃ ବ୍ରାହ୍ମଣଃ - ଦେବବ୍ରାହ୍ମଣଃ ।

ଦ୍ୱ୍ୟଧିକା ବିଂଶତିଃ - ଦ୍ୱାବିଂଶତିଃ ।

ଷୋଡ଼ଶସଂଖ୍ୟାକାଃ ପଦାର୍ଥାଃ - ଷୋଡ଼ଶପଦାର୍ଥାଃ ।

ତ୍ରୟବୟବଃ ଲୋକଃ - ତ୍ରିଲୋକଃ ।

(ତ୍ରିଲୋକନାଥଃ ପିତୃସଦ୍ମଗୋଚରଃ- କୁମାରସମ୍ଭବମ୍) ।

ଦ୍ୱିଗୁଣିତଂ ଶତମ୍ - ଦ୍ୱିଶତମ୍ (୨୦୦) ।

ଏପରି ସ୍ଥଳେ ଶତଦ୍ୱୟମ୍ / ଦ୍ୱିଶତୀ ଅଧିକ ପ୍ରଚଳିତ ।

ଦ୍ୱ୍ୟଧିକଂ ଶତମ୍ - ଦ୍ୱିଶତମ୍ (୧୦୨) ।

ଦ୍ୱ୍ୟଧିକାଃ ଦଶ - ଦ୍ୱାଦଶ ।

## ୭.୨.୧୦ ମୟୂରବ୍ୟଂସକାଦି

ଏହା ନିପାତନସିଦ୍ଧ ସମାସ । ସମାସ ସୂତ୍ରରେ ସିଦ୍ଧ ନହେଲେ ମୟୂରବ୍ୟଂସକାଦି ଗଣରେ ତା'ର ଗ୍ରହଣ ହୁଏ । *(ମୟୂରବ୍ୟଂସକାଦୟଶ୍ଚ - ପା. ୨.୧.୭୨) ଅବିହିତଲକ୍ଷଣୋ ତତ୍ପୁରୁଷୋ ମୟୂରବ୍ୟଂସକାଦିଷୁ ଦ୍ରଷ୍ଟବ୍ୟଃ / (କାଶିକା)* । ଯଥା -

ମୟୂରଃ ବ୍ୟଂସକଃ (ଧୂର୍ତ୍ତଃ) - ମୟୂରବ୍ୟଂସକଃ । କିନ୍ତୁ ବ୍ୟଂସକ-ମୟୂରଃ ହେବ ନାହିଁ । ଏପରି ବ୍ୟତିକ୍ରମ ହେତୁ ଏହାକୁ ନିପାତନସିଦ୍ଧ ବୋଲି ନିଆଯାଇଅଛି । ମୟୂରବ୍ୟଂସକାଦିଗଣର ଅନ୍ୟାନ୍ୟ ଉଦାହରଣ -

ଉଦକ୍ ଚ ଅବାକ୍ ଚ - ଉଚ୍ଚାବଚମ୍ (ଉଚ୍ଚନୀଚ) । ନିଶ୍ଚିତଂ ଚ ପ୍ରଚିତଂ ଚ - ନିଶ୍ଚପ୍ରଚମ୍ । ନାସ୍ତି କିଞ୍ଚନ ଯସ୍ୟ - ଅକିଞ୍ଚନଃ । ନାସ୍ତି କୁତଃ ଭୟଂ ଯସ୍ୟ - ଅକୁତୋଭୟଃ । ଅନ୍ୟଃ ରାଜା - ରାଜାନ୍ତରମ୍ । ଚିତ୍ ଏବ - ଚିନ୍ମାତ୍ରମ୍ । ଯା ଇଚ୍ଛା - ଯଦୃଚ୍ଛା । କାମ୍ବୋଜମୁଣ୍ଡଃ, ଶାର୍ଙ୍ଗରବମିଶ୍ରାଃ, ପ୍ରାତର୍ଦୋହଃ, ପ୍ରାତରାଶଃ, ହସ୍ତେଗୃହ୍ୟ ଇତ୍ୟାଦି । ଅଶ୍ନୀତ ପିବତ ଇତ୍ୟେବଂ ସତତଂ ଯତ୍ର ଅଭିଧୀୟତେ ସା ଅଶ୍ନୀତପିବତା *(ଆଖ୍ୟାତମାଖ୍ୟାତେନ କ୍ରିୟାସାତତ୍ୟେ-ଗଣସୂତ୍ର)* । ଅନ୍ୟାନ୍ୟ -

ପଚତ ଭୃଜ୍ଜତ ଇତ୍ୟେବଂ ସତତଂ ଯତ୍ରାଭିଧୀୟତେ ସା ପଚତଭୃଜ୍ଜତା । ଖାଦତ ମୋଦତ ଇତ୍ୟେବଂ ସତତଂ ଯତ୍ରାଭିଧୀୟତେ ସା ଖାଦତମୋଦତା । ଏହି ଈଢ଼ ଇତି ଯସ୍ମିନ୍ କର୍ମଣି ତତ୍ ଏହୀଢମ୍ (ଏହୀଢ଼ାଦୟୋଽନ୍ୟପଦାର୍ଥେ) ଜହି ଜୋଡ଼ଂ ଜହି ଜୋଡ଼ମ୍ ଇତି ଆଭୀକ୍ଷ୍ଣ୍ୟେନ ଯଃ ଆହ ସ ଜହିଜୋଡ଼ଃ, ସେହିପରି ଜହିସ୍ତମ୍ବଃ ।

## ୨.୩. ଦ୍ୱିଗୁ ସମାସ

ସଂଖ୍ୟା ଶବ୍ଦ ପୂର୍ବରେ ରହିଲେ ଦ୍ୱିଗୁ ସମାସ ହୁଏ । *(ସଂଖ୍ୟାପୂର୍ବୋ ଦ୍ୱିଗୁଃ-ପା. ୨.୧.୫୨)* ସଂଖ୍ୟା ବାଚକ ପରେ ସୁବନ୍ତ ସହ ସମାସ ହୁଏ । ଏହି ସମାସ ତିନି ପ୍ରକାର ହୋଇଥାଏ । ୧. ତଦ୍ଧିତାର୍ଥବିଷୟେ ୨. ଉତ୍ତର ପଦେ ପରତଃ, ୩. ସମାହାରେ ବାଚ୍ୟେ । *(ସୂତ୍ର - ତଦ୍ଧିତାର୍ଥୋତ୍ତରପଦ ସମାହାରେ ଚ-ପା. ୨.୧.୫୧)* । ଦ୍ୱିଗୁ ସମାସ ତିନି ପ୍ରକାରର ।

୨.୩.୧- ତଦ୍ଧିତାର୍ଥ ଦ୍ୱିଗୁ

୨.୩.୨- ଉତ୍ତର ପଦ ଦ୍ୱିଗୁ

୨.୩.୩- ସମାହାର ଦ୍ୱିଗୁ

'ଦ୍ୱିଗୁ' ଶବ୍ଦ ସୂଚାଉଛି ଯେ, ଯେଉଁ ସମାସର ପୂର୍ବପଦ ସଂଖ୍ୟାବାଚକ ତାହା ଦ୍ୱିଗୁସମାସ । କିନ୍ତୁ ଏହାର ବ୍ୟତିକ୍ରମ ମଧ୍ୟ ଦୃଷ୍ଟ ହୁଏ । ଯଥା- ପଞ୍ଚ ଗାବଃ ଯସ୍ୟ ସ- ପଞ୍ଚଗୁଃ = ବହୁବ୍ରୀହି । ଦ୍ୱୌ ଚ ଦଶ ଚ ଦ୍ୱାଦଶ = ଦ୍ୱନ୍ଦ୍ୱ, ଦ୍ୱୌ ବା ତ୍ରୟୋ ବା ଦ୍ୱିତ୍ରାଃ = ବହୁବ୍ରୀହି । ଅଷ୍ଟାଧିକା ବିଂଶତିଃ - ଅଷ୍ଟାବିଂଶତିଃ = କର୍ମଧାରୟ । ସଂଖ୍ୟା ପୂର୍ବପଦ କର୍ମଧାରୟ କେବଳ ସଂଜ୍ଞାକୁ ହିଁ ବୁଝାଏ । ଯଥା ସପ୍ତ ଋଷୟଃ - ସପ୍ତର୍ଷୟଃ । ଏହା ନିର୍ଦ୍ଦିଷ୍ଟ ସପ୍ତଋଷିଙ୍କୁ ବୁଝାଏ । ଯେ କୌଣସି ସପ୍ତଋଷିଙ୍କ ପାଇଁ ଏହାର ପ୍ରୟୋଗ ହେବ ନାହିଁ ।

### ୨.୩.୧. ତଦ୍ଧିତାର୍ଥ ଦ୍ୱିଗୁ

ଷଣ୍ଣାଂ ମାତୃଣାମ୍ ଅପତ୍ୟଂ ପୁମାନ୍ - ଷାଣ୍ମାତୁରଃ ।

ଦ୍ୱୟୋଃ ମାତ୍ରୋଃ ଅପତ୍ୟମ୍ ପୁମାନ୍ - ଦ୍ୱୈମାତୁରଃ ।

ପଞ୍ଚସୁ କପାଳେଷୁ ସଂସ୍କୃତଃ - ପଞ୍ଚକପାଳଃ (ପୁରୋଡାଶଃ) । ଷାଣ୍ମାତୁର ତଦ୍ଧିତାନ୍ତ ଶବ୍ଦପାଇଁ ପୂର୍ବରୁ ଷଟ୍ ଓ ମାତୃର ଦ୍ୱିଗୁ ସମାସ ହୋଇ ତହିଁରୁ 'ଅଣ୍' ପ୍ରତ୍ୟୟ ଲାଗି ଷାଣ୍ମାତୁର ସିଦ୍ଧ ହୋଇଛି ।

### ୨.୩.୨. ଉତ୍ତରପଦ ଦ୍ୱିଗୁ

ପଞ୍ଚଗାବଃ ଧନଂ ଯସ୍ୟ ସଃ - ପଞ୍ଚଗାବଧନଃ ।

ଦ୍ୱେ ଅହନୀ ପ୍ରିୟେ ଯସ୍ୟ ସଃ - ଦ୍ୱ୍ୟହ୍ନପ୍ରିୟଃ ।

ପଞ୍ଚ ସଖାୟଃ ପ୍ରିୟାଃ ଯସ୍ୟ - ପଞ୍ଚସଖପ୍ରିୟଃ ।

*(ଗୋରତଦ୍ଧିତଲୁକି- ପା. ୫.୪.୯୨, ୮୧)* ।

### ୨.୩.୩. ସମାହାର ଦ୍ୱିଗୁ

ପଞ୍ଚାନାଂ ବଟାନାଂ ସମାହାରଃ - ପଞ୍ଚବଟୀ ।

ତ୍ରୟାଣାଂ ଲୋକାନାଂ ସମାହାରଃ - ତ୍ରିଲୋକୀ ।

ପଞ୍ଚାନାଂ ପାତ୍ରାଣାଂ ସମାହାରଃ - ପଞ୍ଚପାତ୍ରମ୍ । ପଞ୍ଚପାତ୍ରୀ ହେବ ନାହିଁ ।

ତ୍ରୟାଣାଂ ଭୁବନାନାଂ ସମାହାରଃ - ତ୍ରିଭୁବନମ୍ ।

ଚତୁର୍ଣ୍ଣାଂ ଯୁଗାନାଂ ସମାହାରଃ - ଚତୁର୍ଯୁଗମ୍ ।

ସପ୍ତାନାମ୍ ଅହ୍ନାଂ ସମାହାରଃ - ସପ୍ତାହଃ ।

ଦ୍ୱୟୋଃ ଅହ୍ନୋଃ ସମାହାରଃ - ଦ୍ୱ୍ୟହଃ ।

ତିସୃଣାଂ ରାତ୍ରୀଣାଂ ସମାହାରଃ - ତ୍ରିରାତ୍ରମ୍ ।

#### ସମାହାର ଦ୍ୱିଗୁରେ ସ୍ମରଣୀୟ ବିଷୟ

(କ) ସମାହାର ଦ୍ୱିଗୁ ଏକ ବଚନ ହୁଏ । *(ଦ୍ୱିଗୁରେକବଚନମ୍ - ପା.୨.୪.୧)* ।

(ଖ) ସମାହାର ଦ୍ୱିଗୁ ତଥା ଦ୍ୱନ୍ଦ୍ୱ ନପୁଂସକଲିଙ୍ଗ ହୁଏ । *(ସ ନପୁଂସକମ୍ - ପା. ୨.୪.୧୭)* । ଯଥା-ପଞ୍ଚଗବମ୍,ଦନ୍ତୋଷ୍ଠମ୍ ।

(ଗ) ଦ୍ୱିଗୁରେ 'ଅହଃ' ଶବ୍ଦ ପୁଂଲିଙ୍ଗ ହୁଏ । *(ରାତ୍ରାହ୍ନାହାଃ ପୁଂସି - ପା. ୨.୪.୨୯)* । ଯଥା-ସପ୍ତାହଃ,ଦ୍ୱ୍ୟହଃ । କିନ୍ତୁ ପୁଣ୍ୟ ଓ ସୁଦିନ ପରେ ଥିବା ଅହନ୍ ଶବ୍ଦର କ୍ଳୀବଲିଙ୍ଗ ହେବ । ପୁଣ୍ୟାହମ୍,ସୁଦିନାହମ୍ ।

(ଘ) କିନ୍ତୁ ଅକାରାନ୍ତ ଦ୍ୱିଗୁର ପ୍ରାୟ ଈକାରାନ୍ତ ସ୍ତ୍ରୀଲିଙ୍ଗ ହୁଏ । *(ଦ୍ୱିଗୋଃ - ପା.୪.୧.୨୧, ଙୀପ୍ )*।ଯଥା-ପଞ୍ଚବଟୀ, ଅଷ୍ଟାଧ୍ୟାୟୀ,ସପ୍ତଶତୀ,ଷଟ୍‌ପଦୀ ଇତ୍ୟାଦି । ଅକାର ଶବ୍ଦାନ୍ତ ଦ୍ୱିଗୁ ସ୍ତ୍ରୀ ଲିଙ୍ଗ ହୁଏ ।

ଅକାରାନ୍ତୋତ୍ତରପଦୋ ଦ୍ୱିଗୁଃ ସ୍ତ୍ରିୟାମିଷ୍ଟଃ । (ବାର୍ତ୍ତିକ) ବା୧୧-

ବକ୍ତଃ ସିଦ୍ଧାନିଷ୍କଃ । ଯଥା -ପଞ୍ଚମୂଳୀ, ପଞ୍ଚଖଟ୍ୱୀ, ପଞ୍ଚଖଟ୍ୱମ୍ ।

ତ୍ରୟାଣାଂ ଫଳାନାଂ ସମାହାରଃ - ତ୍ରିଫଳା (*ଅଜାଦ୍ୟତଷ୍ଟାପ୍ - ପା. ୪.୧.୪* । 'ଅଜା' ଆଦିରେ ପଠିତ ହୋଇଥିବାରୁ ତ୍ରିଫଳା ଆକାରାନ୍ତ) ।

(ଙ) ପାତ୍ରାଦିଗଣରେ ଥିବା ଶବ୍ଦମାନଙ୍କର ଦ୍ୱିଗୁ ସମାସରେ ନପୁଂସକ ଲିଙ୍ଗ ହୁଏ । ଯଥା- ପଞ୍ଚପାତ୍ରମ୍, ତ୍ରିଭୁବନମ୍, ଚତୁର୍ଯୁଗମ୍ । *ପାତ୍ରାଦ୍ୟନ୍ତାଶ୍ଚ ନ (ବାର୍ତ୍ତିକ)* ।

(ଚ) ରାତ୍ରିଶବ୍ଦ ଦ୍ୱିଗୁସମାସରେ ଅକାରାନ୍ତ ହୁଏ । କିନ୍ତୁ ଏହା ନପୁଂସକ ଲିଙ୍ଗ ହୁଏ । ଯଥା - ପଞ୍ଚରାତ୍ରମ୍ - *ସଂଖ୍ୟାପୂର୍ବଂ ରାତ୍ରଂ କ୍ଲୀବମ୍ (ଗଣସୂତ୍ର)* ।

## ୭.୪. ନଞ୍ ପ୍ରକୃତି

### ୭.୪.୧. ନଞ୍ ସମାସ

ନଞ୍ (ନ)ର ସୁବନ୍ତ ସହ ସମାସ ହୁଏ ।

ନ ବିଘ୍ନଃ - ଅବିଘ୍ନଃ । ନ ସନ୍ଦେହଃ - ଅସନ୍ଦେହଃ ।

ନ ଅଶ୍ୱଃ - ଅନଶ୍ୱଃ । ନ ପନ୍ଥାଃ - ଅପନ୍ଥାଃ / ଅପଥମ୍ ।

(କ) *ପଥୋ ବିଭାଷା - ପା. ୫.୪.୭୨* । 'ପଥିନ୍' ରୁ ବିକଳ୍ପରେ ସମାସାନ୍ତ ହୁଏ । ସମାସାନ୍ତ 'ଅ' ପ୍ରତ୍ୟୟହୋଇ ଅପଥଂ ନପୁଂସକମ୍ 'ନଞ୍'ର ସମାସ ହେଲେ 'ନ୍ + ଅ' ରୁ 'ନ' ଲୋପ ହୁଏ । 'ଅ' ରହେ । 'ନ' ପରେ ସ୍ୱରବର୍ଣ୍ଣ ଥିଲେ ପ୍ରଥମେ (ନ ଲୋପୋ ନଞଃ) ଦ୍ୱାରା ନ ଲୋପ । ତାପରେ ନୁଟ୍ ଆଗମ ହୁଏ ।

(ଖ) ତସ୍ମାନ୍ନୁଡଚି - ପା.୬.୩.୭୪ । ଯଥା -

ନ+ଅଶ୍ୱଃ / ଅ+ଅଶ୍ୱଃ / ଅ-ନ୍+ଅଶ୍ୱଃ = ଅନଶ୍ୱଃ । ସେହିପରି ଅନିଚ୍ଛା । ନ+ଏକଧା - ନୈକଧା - ଏଠାରେ ନଞ୍ ସମାସ ହୋଇନାହିଁ । ଏଠାରେ 'ନ'ର ସମାସ ହୋଇଛି । 'ନଞ୍' ଓ 'ନ' ଦୁଇଟି ଅବ୍ୟୟ । ନଞ୍ ର ସମାସ ହେଲେ 'ନଞ୍ ସମାସ' ।'ନ'ର ସମାସ ହେଲେ ସୁପସୁପା ସମାସ ।

## ୨.୪.୨. କୁଗତିପ୍ରାଦୟଃ ପା.୨.୨.୧୮

### ୨.୪.୨.୧. କୁସମାସ

କୁତ୍ସିତଃ ପୁରୁଷ - କୁପୁରୁଷଃ / କାପୁରୁଷଃ । (*ବିଭାଷା ପୁରୁଷେ- ପା.୬.୩.୧୦୬*) । କୁତ୍ସିତମ୍ ଅନ୍ନମ୍-କଦନ୍ନମ୍, କୁତ୍ସିତଃ ଅଶ୍ୱଃ - କଦଶ୍ୱଃ । ଏହା ନିତ୍ୟ ସମାସ ।(*କୋଃକତତ୍ପୁରୁଷେଽଚି - ପା.୬. ୩.୧୦୧*) ।

### ୨.୪.୨.୨. ଗତି ସମାସ

ଗତି ସଂଜ୍ଞକ ପଦର ସମର୍ଥପଦ ସହ ସମାସ ହୁଏ । (*ଗତିଶ୍ଚ - ପା. ୧.୪.୬୦*) ବଳରେ କେତେକ ଅବ୍ୟୟ ପଦ (ନିପାତ)କୁ ଗତି ସଂଜ୍ଞାମଧ୍ୟରେ ଗ୍ରହଣ କରାଯାଇଛି । ଏହା ଅସ୍ୱପଦବିଗ୍ରହ ନିତ୍ୟ ସମାସ । ଉରୀକୃତ୍ୟ, ଉରରୀକୃତ୍ୟ, ଶୁକ୍ଲୀକୃତ୍ୟ, ପଟପଟାକୃତ୍ୟ, ଖାଟ୍କୃତ୍ୟ, ସତ୍କୃତ୍ୟ, ଅସତ୍କୃତ୍ୟ, ଅଳଂକୃତ୍ୟ, ପୁରସ୍କୃତ୍ୟ, ଅସ୍ତଂଗତ୍ୟ, ତିରୋଭୂୟ, ହସ୍ତେକୃତ୍ୟ (ପରିଣୀୟ), ପାଣୌକୃତ୍ୟ (ପରିଣୀୟ), ତିରସ୍କୃତ୍ୟ, ଉପାଜେକୃତ୍ୟ (ଦୁର୍ବଳସ୍ୟ ବଳମ୍ ଆଧାୟ), ସାକ୍ଷାତ୍କୃତ୍ୟ, ଉରସିକୃତ୍ୟ, ମନସିକୃତ୍ୟ (ନିଶ୍ଚିତ୍ୟ), ଜୀବିକାକୃତ୍ୟ, ଉପନିଷତ୍କୃତ୍ୟ ।

### ୨.୪.୨.୩. - ପ୍ରାଦି ସମାସ

ଶୋଭନଃ ପୁରୁଷଃ - ସୁପୁରୁଷଃ । ପ୍ରଗତଃ ଆଚାର୍ଯ୍ୟଃ - ପ୍ରାଚାର୍ଯ୍ୟଃ । (*ପ୍ରାଦୟୋ ଗତାଦ୍ୟର୍ଥେ ପ୍ରଥମୟା*) ଅତିକ୍ରାନ୍ତଃ ମାଳାମ୍ - ଅତିମାଳଃ, (*ଅତ୍ୟାଦୟଃ କ୍ରାନ୍ତାଦ୍ୟର୍ଥେ ଦ୍ୱିତୀୟୟା*) ଅବକ୍ରୁଷ୍ଟଃ କୋକିଲୟା - ଅବକୋକିଳଃ (*ଅବାଦୟଃ କ୍ରୁଷ୍ଟାଦ୍ୟର୍ଥେ ତୃତୀୟୟା*) ।

ପରିଗ୍ଲାନଃ ଅଧ୍ୟୟନାୟ - ପର୍ଯ୍ୟଧ୍ୟୟନଃ (*ପର୍ଯ୍ୟାଦୟଃ ଗ୍ଲାନାଦ୍ୟର୍ଥେ ଚତୁର୍ଥ୍ୟା*) । ନିଷ୍କ୍ରାନ୍ତଃ କୌଶାମ୍ବ୍ୟାଃ - ନିଷ୍କୌଶାମ୍ବିଃ (*ନିରାଦୟଃ କ୍ରାନ୍ତାଦ୍ୟର୍ଥେ ପଞ୍ଚମ୍ୟା*) । ଅତିକ୍ରାନ୍ତା ଶ୍ୱାନମ୍ - ଅତିଶ୍ୱୀ । (*ଅତେଃ ଶୁନଃ - ପା. ୫.୮.୮୦*) । ସମାସାନ୍ତ ଟଚ୍, ସ୍ତ୍ରୀପ୍ରତ୍ୟୟେ ଙୀପ୍ (ଟିଡ୍ଢାଣ) ।

### ୨.୪.୩. ଉପପଦ ସମାସ

ଉପପଦର ସମର୍ଥପଦସହ ସମାସ ହୁଏ । ଉପପଦ ସମାସରେ ପୂର୍ବପଦକୁ ଉପପଦ କୁହାଯାଏ । ଏହା ନିତ୍ୟ ସମାସ । ଏହା ତିଙନ୍ତ ସମାସ ନୁହେଁ । *(ଉପପଦମତିଙ୍ - ପା. ୨.୨.୧୭)* । *(ତତ୍ରୋପପଦଂ ସପ୍ତମୀସ୍ଥମ୍ - ପା. ୩.୧.୯୨)* ।

କୁମ୍ଭଂ କରୋତି - କୁମ୍ଭକାରଃ । କୁମ୍ଭ (କର୍ମ) - କୃ+ଅଣ୍ - *(କର୍ମଣ୍ୟଣ୍ - ପା. ୩.୨.୧ )*।

କର୍ମ ଉପପଦରେ ଥିଲେ ଧାତୁରୁ କର୍ତ୍ତୃବାଚ୍ୟରେ ଅଣ୍ ପ୍ରତ୍ୟୟ ହୁଏ । କୁମ୍ଭଂ କରୋତି - ଏଠାରେ 'କୁମ୍ଭ' କର୍ମ । ତଦ୍‌ବାଚକ ଦ୍ୱିତୀୟାନ୍ତ 'କୁମ୍ଭମ୍' ଉପପଦ । ଏହିପରି ଉପପଦ ପୂର୍ବପଦରେ ରହି ସମାସହେଲେ ଉପପଦ ସମାସ ହୁଏ ।

କୁମ୍ଭଂ କରୋତି - କୁମ୍ଭକାରଃ । ନିଶାଂ କରୋତି - ନିଶାକରଃ ।

ତୂଳଂ ପରିମାର୍ଷ୍ଟି - ତୂଳପରିମୃଜଃ । ବଶଂ ବଦତି - ବଶଂବଦଃ ।

ଶଯ୍ୟାୟାଃ ଉତ୍‌ଥାୟମ୍ - ଶଯ୍ୟୋତ୍‌ଥାୟମ୍ ।

## ୩. ଦ୍ୱନ୍ଦ୍ୱ ସମାସ

ଅନେକ ସୁବନ୍ତ 'ଚ' ଅର୍ଥରେ ରହି ସମାସ ହେଲେ ଦ୍ୱନ୍ଦ୍ୱ ସମାସ ହୁଏ । *(ଚାର୍ଥେ ଦ୍ୱନ୍ଦ୍ୱଃ - ପା.୨.୨.୨୯)* । 'ଚ'ର ଚାରୋଟି ଅର୍ଥ ।

(କ) ସମୁଚ୍ଚୟ (ଖ) ଅନ୍ୱାଚୟ (ଗ) ଇତରେତରଯୋଗ (ଘ) ସମାହାର ।

**(କ) ସମୁଚ୍ଚୟ** - ପରସ୍ପର ନିରପେକ୍ଷ ଅନେକର ଏକ କ୍ରିୟା ସହ ଅନ୍ୱୟ । ଈଶ୍ୱରଂ ଭଜସ୍ୱ । ଗୁରୁଂ ଭଜସ୍ୱ । ଈଶ୍ୱରଂ ଗୁରୁଂ ଚ ଭଜସ୍ୱ । 'ଭଜସ୍ୱ' କ୍ରିୟା ଏକ । ତାହା ସହ 'ଈଶ୍ୱର' ଓ 'ଗୁରୁ'ଙ୍କର ସମ୍ବନ୍ଧ । ଏଠାରେ ଉଭୟ ନିରପେକ୍ଷ ।

(ଖ) ଅନ୍ୱାଚୟ - ଯେଉଁଠି ଗୋଟିକର ଅନ୍ୟ ସହ ଆନୁଷଙ୍ଗିକ ଭାବେ ସମ୍ବନ୍ଧ ହୁଏ ସେଠାରେ ଅନ୍ୱାଚୟ ହୁଏ । ଭିକ୍ଷାମଟ ଗାଂ ଚାନୟ । ଭିକ୍ଷା କର ଓ ତା ମଧ୍ୟରେ ଗାଈକୁ ଆଣ । ଗାଈ ଆଣିବା କାର୍ଯ୍ୟ ଭିକ୍ଷା କରିବା ସହ ଆନୁଷଙ୍ଗିକଭାବେ ଅନ୍ୱିତ । ଏହି ଦୁଇଟି କ୍ଷେତ୍ରରେ ସମାସ ହୋଇପାରିବ ନାହିଁ ।

(ଗ) ଇତରେତରଯୋଗ - ପରସ୍ପର ସାପେକ୍ଷ ପଦମାନଙ୍କର ମିଳିତ ଭାବେ ସମ୍ବନ୍ଧ । ଧବଖଦିରୌ ଛିନ୍ଧି । ଏଠାରେ ଏକଦା ଧବ ଓ ଖଦିରର ଛେଦନ ହେଉଥିବାରୁ ପରସ୍ପର ଯୋଗ ରହିଲା । ନିରପେକ୍ଷତ୍ୱ ରହିଲା ନାହିଁ । ଏ କ୍ଷେତ୍ରରେ ସମାସ ହେବ ।

(ଘ) ସମାହାର - *ସମୂହଃ ସମାହାରଃ* - ଯଥା ସଂଜ୍ଞାପରିଭାଷମ୍ ।

### ୩.୧. ଇତରେତର ଦ୍ୱନ୍ଦ୍ୱ

ହରିଶ୍ଚ ହରଶ୍ଚ - ହରିହରୌ । ହ୍ରସ୍ୱ ଇକାରାନ୍ତ ବା ହ୍ରସ୍ୱ ଉକାରାନ୍ତର ଉପସର୍ଜନ ସଂଜ୍ଞା ହୁଏ ଓ ପୂର୍ବନିପାତ ହୁଏ । *(ଦ୍ୱନ୍ଦ୍ୱେ ଘି - ପା.୨.୨.୩୨)* ।

ହରିଶ୍ଚ ହରଶ୍ଚ ଗୁରୁଶ୍ଚ - ହରିହରଗୁରବଃ ।

ହରିଗୁରୁହରାଃ - *ଅନେକପ୍ରାପ୍ତୌ ଏକତ୍ର ନିୟମୋଽନିୟମଃ ଶେଷେ (ବାର୍ତ୍ତିକ)* ।

ଈଶଶ୍ଚ କୃଷ୍ଣଶ୍ଚ - ଈଶକୃଷ୍ଣୌ । ଅଦନ୍ତ ମଧ୍ୟରେ ସମାସ ହେଲେ 'ଅଜାଦି'ର ପୂର୍ବନିପାତ ହୁଏ । *(ଅଜାଦ୍ୟଦନ୍ତମ୍ - ପା.୨.୨.୩୩)* ।

ବହୁ ଅଦନ୍ତର ସମାସ ହେଲେ ଏ ନିୟମ ଲାଗିବ ନାହିଁ । *(ବହୁଷ୍ୱନିୟମଃ - ବା.)* । ଅଶ୍ୱଶ୍ଚ ରଥଶ୍ଚ ଇନ୍ଦ୍ରଶ୍ଚ - ଅଶ୍ୱରଥେନ୍ଦ୍ରାଃ । ଇନ୍ଦ୍ରାଶ୍ୱରଥାଃ । ଇନ୍ଦ୍ରଶ୍ଚ ଅଗ୍ନିଶ୍ଚ - ଇନ୍ଦ୍ରାଗ୍ନୀ । ଦ୍ୱନ୍ଦ୍ୱେଘି ଓ 'ଅଜାଦ୍ୟଦନ୍ତମ୍' ସୂତ୍ର ଏକାଠି ପାଇଲେ 'ଅଜାଦ୍ୟଦନ୍ତ' ଲାଗିବ । *(ଘ୍ୟନ୍ତାଦଜାଦ୍ୟଦନ୍ତଂ ବିପ୍ରତିଷେଧେନ - ବା.)* । ଶିବଶ୍ଚ କେଶବଶ୍ଚ ଶିବକେଶବୌ - ଦୁଇଟି ମଧ୍ୟରେ ଯେଉଁଥିରେ ଅଳ୍ପ ସ୍ୱରବର୍ଣ୍ଣ ଥିବ; ତା'ର ପୂର୍ବନିପାତ ହେବ ।

*(ଅଲ୍ପାଚ୍‌ତରମ୍ - ପା.୨.୨.୩୪)* । ଯଥା -

ଧବଶ୍ଚ ଖଦିରଶ୍ଚ - ଧବଖଦିରୌ ।

ହେମନ୍ତଶ୍ଚ ଶିଶିରଶ୍ଚ ବସନ୍ତଶ୍ଚ - ହେମନ୍ତଶିଶିରବସନ୍ତାଃ ।

କୃତ୍ତିକା ଚ ରୋହିଣୀ ଚ - କୃତ୍ତିକାରୋହିଣ୍ୟୌ ।

ଋତୁ, ନକ୍ଷତ୍ରମାନେ ସମାନାକ୍ଷର ବିଶିଷ୍ଟ ଥିଲେ କ୍ରମାନୁସାରେ ରହିବେ । *(ଋତୁ ନକ୍ଷତ୍ରାଣାଂ ସମାକ୍ଷରାଣାମାନୁପୂର୍ବ୍ୟେଣ - ବାର୍ତ୍ତିକ)* ।

ମାତା ଚ ପିତା ଚ - ମାତାପିତରୌ । ଯୁଧିଷ୍ଠିରଶ୍ଚ ଅର୍ଜୁନଶ୍ଚ - ଯୁଧିଷ୍ଠିରାର୍ଜୁନୌ । ଦୁଇଟି ମଧ୍ୟରୁ ଯେ ଅଭ୍ୟର୍ହିତ, ତା'ର ପୂର୍ବନିପାତ ହୁଏ । (ଅଭ୍ୟର୍ହିତଞ୍ଚ - ବାର୍ତ୍ତିକ) ।

## ୩.୨. - ସମାହାର ଦ୍ୱନ୍ଦ୍ୱ

ସଂଜ୍ଞାଶ୍ଚ ପରିଭାଷାଶ୍ଚ ଏତାସାଂ ସମାହାରଃ - ସଂଜ୍ଞାପରିଭାଷମ୍, ଘଟଶ୍ଚ ପଟଶ୍ଚ ଅନୟୋଃ ସମାହାରଃ - ଘଟପଟମ୍ । ସମାହାର ଦ୍ୱନ୍ଦ୍ୱ ନିତ୍ୟ ଏକବଚନାନ୍ତ ହୁଏ । ଏହା ମଧ୍ୟ ନପୁଂସକ ହୁଏ । ସମାହାର ନ ବୁଝାଇଲେ ଇତରେତର ଯୋଗେ ସମାସ ହେଲେ *(ପରବଲ୍ଲିଙ୍ଗଂ ଦ୍ୱନ୍ଦ୍ୱ ତତ୍ପୁରୁଷୟୋଃ- ପା.୨.୩.୨୬)* ଦ୍ୱାରା ଲିଙ୍ଗ ପରଶବ୍ଦ ପରି ହେବ । ବଚନ ମଧ୍ୟ ଆବଶ୍ୟକତା ଅନୁସାରେ ହେବ ।

## ୩.୩. - ନିତ୍ୟ ସମାହାର ଦ୍ୱନ୍ଦ୍ୱ

ପାଣୀ ଚ ପାଦୌ ଚ ଏତେଷାଂ ସମାହାରଃ - ପାଣିପାଦମ୍ । ମାର୍ଦ୍ଦଙ୍ଗିକାଶ୍ଚ ପାଣବିକାଶ୍ଚ ଏତେଷାଂ ସମାହାରଃ - ମାର୍ଦ୍ଦଙ୍ଗିକପାଣବିକମ୍ । ରଥିକାଶ୍ଚ ଅଶ୍ୱାରୋହାଶ୍ଚ - ରଥିକାଶ୍ୱାରୋହମ୍ । ପ୍ରାଣ୍ୟଙ୍ଗ, ତୂର୍ଯ୍ୟାଙ୍ଗ ଓ ସେନାଙ୍ଗର ଦ୍ୱନ୍ଦ୍ୱ ସମାସ ହେଲେ ନିତ୍ୟ ଏକବଚନାନ୍ତ ହୁଏ । *(ଦ୍ୱନ୍ଦ୍ୱଶ୍ଚ ପ୍ରାଣିତୂର୍ଯ୍ୟସେନାଙ୍ଗାନାମ୍ - ପା.୨.୪.୨)* ।

ଧାନାଶ୍ଚ ଶଷ୍କୁଲ୍ୟଶ୍ଚ ଏତାସାଂ ସମାହାରଃ - ଧାନାଶଷ୍କୁଲି । ପ୍ରାଣୀ ବ୍ୟତୀତ ଦ୍ରବ୍ୟ ଜାତିର ସମାସ ହେଲେ ନିତ୍ୟ ଏକବଚନାନ୍ତ ହୁଏ ।

(ଜାତିରପ୍ରାଣିନାମ୍ - ପା. ୨.୪.୬) ।

ଯୂକାଶ୍ଚ ଲିକ୍ଷାଶ୍ଚ ଏତାସାଂ ସମାହାରଃ - ଯୂକାଲିକ୍ଷମ୍, କ୍ଷୁଦ୍ରଜନ୍ତୁଙ୍କର ସମାହାର ଦ୍ୱନ୍ଦ୍ୱରେ ଏକବଚନ ହୁଏ । *(କ୍ଷୁଦ୍ରଜନ୍ତବଃ - ପା.୨.୪.୮)* ।

ଅହିଶ୍ଚ ନକୁଳଶ୍ଚ ଅନୟୋଃ ସମାହାରଃ - ଅହିନକୁଳମ୍ । କାକଶ୍ଚ ଉଲୂକଶ୍ଚ ଅନୟୋଃ ସମାହାରଃ - କାକୋଲୂକମ୍ । ଯେଉଁମାନଙ୍କର ଶାଶ୍ୱତ ବିରୋଧ ଅଛି ସେମାନଙ୍କର ସମାହାର ଦ୍ୱନ୍ଦ୍ୱରେ ଏକ ବଚନ ହୁଏ । *(ଯେଷାଂ ଚ ବିରୋଧଃ ଶାଶ୍ୱତିକଃ - ପା.୨.୪.୯)* ।

ଗାବଶ୍ଚ ଅଶ୍ୱାଶ୍ଚ ଏତେଷାଂ ସମାହାରଃ - ଗବାଶ୍ୱମ୍ । ପୁତ୍ରଶ୍ଚ ପୌତ୍ରଶ୍ଚ ଅନୟୋଃ ସମାହାରଃ-ପୁତ୍ରପୌତ୍ରମ୍ । ଦାସୀ ଚ ଦାସଶ୍ଚ ଅନୟୋଃ ସମାହାରଃ - ଦାସୀଦାସମ୍ । *(ଗବାଶ୍ୱପ୍ରଭୃତୀନି ଚ - ପା.୨.୪.୧୧)* ।

*(ରାଜଦନ୍ତାଦିଷୁ ପରମ୍ - ପା.୨.୨.୩୧)* । ଦନ୍ତାନାମ୍ ରାଜା - ରାଜଦନ୍ତଃ । ଧର୍ମାଦିଷ୍ୱନିୟମଃ - ଅର୍ଥଧର୍ମୌ, ଧର୍ମାର୍ଥୌ । ଜାୟା ଚ ପତିଶ୍ଚ - ଦମ୍ପତୀ, ଜମ୍ପତୀ, ଜାୟାପତୀ । ମାତା ଚ ପିତା ଚ - ମାତା ପିତରୌ *(ଆନଙ୍ଋତୋ ଦ୍ୱନ୍ଦ୍ୱେ - ପା. ୬.୩.୨୫)* । ମିତ୍ରଶ୍ଚ ବରୁଣଶ୍ଚ - ମିତ୍ରା ବରୁଣୌ *(ଆନଙ୍, ଦେବତା ଦ୍ୱନ୍ଦ୍ୱେ ଚ - ପା. ୬.୩.୨୬)* ।

### ୩.୪ ଏକଶେଷ ସମାସ

ଏହାକୁ ପୃଥକ୍ ସମାସ ରୂପେ ଦର୍ଶାଯାଇଥାଏ । କେହି ଏହାକୁ ଦ୍ୱନ୍ଦ୍ୱ ସମାସରେ ଅନ୍ତର୍ଭୁକ୍ତ କରିଥାନ୍ତି । (ଲଘୁ ସିଦ୍ଧାନ୍ତ କୌମୁଦୀ) । ଦୁଇଟି ପଦର ସମାସ ହେଲେ ଗୋଟିଏ ଅବଶିଷ୍ଟ ରହେ । ଏହା ଏକ ବୈକଳ୍ପିକ ବିଧି ।

ପିତା ମାତ୍ରା - (ପା ୧.୨.୭୦) -ମାତ୍ରା ସହୋକ୍ତୌ ପିତା ବା ଶିଷ୍ୟତେ । ମାତା ଚ ପିତା ଚ ପିତରୌ, ମାତାପିତରୌ ବା ।

**ପୁମାନ୍ ସ୍ତ୍ରିୟା (ପା ୧.୨.୬୭)** ହଂସୀ ଚ ହଂସଶ୍ଚ - ହଂସୌ ।

**ଶ୍ୱଶୁରଃ ଶ୍ୱଶ୍ରା (୧.୨.୭୧)** - ଶ୍ୱଶ୍ରୂଶ୍ଚ ଶ୍ୱଶୁରଶ୍ଚ - ଶ୍ୱଶୁରୌ, ଶ୍ୱଶ୍ରୂଶ୍ୱଶୁରୌ ।

## ୪. ବହୁବ୍ରୀହି

ପ୍ରାୟ ଅନ୍ୟ ପଦାର୍ଥ ପ୍ରଧାନ ବହୁବ୍ରୀହି । ଅନେକ ପ୍ରଥମାନ୍ତ ପଦ ସମାସ ହୋଇ ଅନ୍ୟ (ସମସ୍ୟମାନ ପଦ ବ୍ୟତିରିକ୍ତ) ପଦାର୍ଥକୁ ବୁଝାଇଲେ ବହୁବ୍ରୀହି ହୁଏ । *(ଶେଷୋ ବହୁବ୍ରୀହିଃ - ପା.୨.୨.୨୩)* । ଦ୍ୱିତୀୟାଠାରୁ ସପ୍ତମୀ ପର୍ଯ୍ୟନ୍ତ ସମାସ ହେବା କଥା ତତ୍ପୁରୁଷରେ କୁହାଯାଇଛି । କିନ୍ତୁ ପ୍ରଥମାନ୍ତର ସମାସ କଥା କୁହାଯାଇ ନଥିବାରୁ ତାହା ବଳିପଡ଼ିଲା ଅର୍ଥାତ୍ 'ଶେଷ' ଅଟେ । ଅନେକ ପ୍ରଥମାନ୍ତର ଅନ୍ୟ ପଦାର୍ଥରେ ସମାସହେଲେ ବହୁବ୍ରୀହି ହୁଏ । *(ଅନେକମନ୍ୟପଦାର୍ଥେ- ପା. ୨.୨.୨୪)* ।

ବହୁବ୍ରୀହିର ଭେଦକୁ ନିମ୍ନପ୍ରକାରେ ଦେଖାଯାଇପାରେ -

୧. ସମାନାଧିକରଣ ବହୁବ୍ରୀହି
୨. ବ୍ୟଧିକରଣ ବହୁବ୍ରୀହି
୩. ସଂଖ୍ୟୋତ୍ତର ପଦ
୪. ସଂଖ୍ୟୋଭୟପଦ
୫. ସହପୂର୍ବପଦ
୬. ବ୍ୟତିହାର ଲକ୍ଷଣ
୭. ଦିଗନ୍ତରାଳ ଲକ୍ଷଣ
୮. ନଞ୍ ବହୁବ୍ରୀହି
୯. ପ୍ରାଦି ବହୁବ୍ରୀହି
୧୦. ଉପମାନ ପୂର୍ବପଦ

### ୪.୧. - ସମାନାଧିକରଣ ବହୁବ୍ରୀହି

ପ୍ରାପ୍ତମ୍ ଉଦକଂ ଯଂ ସଃ - ପ୍ରାପ୍ତୋଦକଃ (ଗ୍ରାମଃ) ।
ଊଢଃ ରଥଃ ଯେନ ସଃ - ଊଢରଥଃ (ଅନଡ୍ୱାନ୍) ।
ଉପହୃତଃ ପଶୁଃ ଯସ୍ମୈ ସଃ - ଉପହୃତପଶୁଃ (ରୁଦ୍ରଃ) ।
ଉଦ୍ଧୃତମ୍ ଓଦନଂ ଯସ୍ୟାଃ ସା - ଉଦ୍ଧୃତୌଦନା (ସ୍ଥାଲୀ) ।
ପୀତମ୍ ଅମ୍ବରଂ ଯସ୍ୟ ସଃ - ପୀତାମ୍ବରଃ (ହରିଃ) ।
ବୀରାଃ ପୁରୁଷାଃ ଯସ୍ମିନ୍ ସଃ - ବୀରପୁରୁଷକଃ (ଗ୍ରାମଃ) ।

ପ୍ରପତିତାନି ପର୍ଣାନି ଯସ୍ୟ ସଃ – ପ୍ରପତିତପର୍ଣଃ / ପ୍ରପର୍ଣଃ (ବୃକ୍ଷଃ) ।

(ପ୍ରାଦିଭ୍ୟୋ ଧାତୁଜସ୍ୟ ବାଚ୍ୟୋ ବା ଚୋତ୍ତରପଦଲୋପଃ) ।

ଅବିଦ୍ୟମାନଃ ପୁତ୍ରଃ ଯସ୍ୟ ସଃ – ଅବିଦ୍ୟମାନପୁତ୍ରଃ / ଅପୁତ୍ରଃ ।

(ନଞୋଽସ୍ତ୍ୟର୍ଥାନାଂ ବାଚ୍ୟୋ ବା ଚୋତ୍ତରପଦଲୋପଃ) ।

ଦୁଇଟି ସ୍ତ୍ରୀବାଚକ ପଦକୁ ନେଇ ବହୁବ୍ରୀହି ସମାସ ହେଲେ କେତେକ ନିର୍ଦ୍ଦିଷ୍ଟ ସ୍ଥଳରେ ପୂର୍ବରେ ଥିବା ସ୍ତ୍ରୀବାଚକ ଶବ୍ଦର ପୁଂବଦ୍ଭାବ ହୁଏ ।

ଏଥିରେ କେତେକ ମନେରଖିବା କଥା –

୧. ପୂର୍ବରେ ଥିବା ସ୍ତ୍ରୀବାଚକ ଶବ୍ଦ ଭାଷିତପୁଂସ୍କ ହୋଇଥିବ । ଭାଷିତଃ ପୁମାନ୍ ଯସ୍ମିନ୍ ଅର୍ଥେ ସ ଭାଷିତପୁଂସ୍କଃ । ଯେଉଁ ଶବ୍ଦ ନିତ୍ୟ ସ୍ତ୍ରୀଲିଙ୍ଗ ନୁହେଁ, ତାହାର ପୁଂଲିଙ୍ଗରେ ରୂପ ଯଦି ଥାଏ, ତେବେ ତାକୁ 'ଭାଷିତପୁଂସ୍କ' କୁହାଯିବ । ଯଥା – ଚିତ୍ରା, ଏହାର ପୁଂଲିଙ୍ଗରେ ଚିତ୍ରଃ । ରୂପବତୀ – ପୁଂଲିଙ୍ଗ ରୂପବତ୍ । ଚିତ୍ରା ଗାବଃ ଯସ୍ୟ ସଃ – ଚିତ୍ରଗୁଃ । ରୂପବତୀ ଭାର୍ଯ୍ୟା ଯସ୍ୟ ସଃ – ରୂପବଦ୍ଭାର୍ଯ୍ୟଃ ।

୨. ପୂର୍ବ ଭାଷିତପୁଂସ୍କ ସ୍ତ୍ରୀବାଚକ ଶବ୍ଦ ଊକାରାନ୍ତ ହୋଇ ନଥିବା ଆବଶ୍ୟକ । ଯଥା – 'ଊକାରାନ୍ତ' ହୋଇଥିଲେ ପୁଂବଦ୍ଭାବ ହେବ ନାହିଁ ।

ବାମୋରୂ ଭାର୍ଯ୍ୟା ଯସ୍ୟ ସଃ – ବାମୋରୂଭାର୍ଯ୍ୟଃ ।

୩. ଉତ୍ତର ପଦରେ ଥିବା ସ୍ତ୍ରୀବାଚକ ଶବ୍ଦ ସମାନାଧିକରଣ ହୋଇଥିବ ।

୪. ଉତ୍ତର ପଦର ସ୍ତ୍ରୀବାଚକ ଶବ୍ଦ ପୂରଣୀପ୍ରିୟାଦିଗଣରେ ଥିଲେ ପୂର୍ବ ସ୍ତ୍ରୀବାଚକ ଶବ୍ଦର ପୁଂବଦ୍ଭାବ ହେବ ନାହିଁ ।

ଦ୍ରଷ୍ଟବ୍ୟ ସୂତ୍ର – *ସ୍ତ୍ରିୟାଃ ପୁଂବଦ୍ଭାଷିତପୁଂସ୍କାଦନୂଙ୍*

*ସମାନାଧିକରଣେ ସ୍ତ୍ରିୟାମପୂରଣୀପ୍ରିୟାଦିଷୁ – ପା.୬.୩.୩୪* ।

ଉଦାହରଣ ଯଥା -

ଚିତ୍ରା ଗାବଃ ଯସ୍ୟ ସଃ - ଚିତ୍ରଗୁଃ । 'ଚିତ୍ର' ଭାଷିତପୁଂସ୍କ ଏଣୁ ପୁଂବଦ୍‌ଭାବ ହେଲା । 'ଗୋ'ର ହ୍ରସ୍ୱ । *(ଗୋସ୍ତ୍ରିୟୋରୁପସର୍ଜନସ୍ୟ)* ।

ଗଙ୍ଗା ଭାର୍ଯ୍ୟା ଯସ୍ୟ ସଃ - ଗଙ୍ଗାଭାର୍ଯ୍ୟଃ । 'ଗଙ୍ଗା' ଭାଷିତ ପୁଂସ୍କ ହୋଇ ନଥିବାରୁ ପୁଂବଦ୍‌ଭାବ ହୋଇନାହିଁ । ପାଚିକା ଭାର୍ଯ୍ୟା ଯସ୍ୟ ସଃ - ପାଚିକାଭାର୍ଯ୍ୟଃ । 'କ' ଉପଧାରେ ଥିବା ସ୍ତ୍ରୀବାଚକ ଶବ୍ଦର ପୁଂବଦ୍‌ଭାବ ହେବ ନାହିଁ । *(ନ କୋପଧାୟାଃ - ପା. ୬.୩.୩୭)* ।

ସୁକେଶୀ ଭାର୍ଯ୍ୟା ଯସ୍ୟ ସଃ - ସୁକେଶୀଭାର୍ଯ୍ୟଃ । ସ୍ୱାଙ୍ଗାତ୍ ଯ ଇକାରଃ ତଦନ୍ତା ସ୍ତ୍ରୀ ନ ପୁଂବତ୍ । *(ସ୍ୱାଙ୍ଗାଚ୍ଚେତଃ - ପା.୬.୩.୪୦)* ।

୫. ପୂରଣୀପ୍ରିୟାଦିଗଣ ସ୍ତ୍ରୀବାଚକ ଶବ୍ଦ ପରେ ଥିଲେ ପୁଂବଦ୍‌ଭାବ ହେବନାହିଁ । ଯଥା - କଲ୍ୟାଣୀ ପ୍ରିୟା ଯସ୍ୟ ସଃ - କଲ୍ୟାଣୀପ୍ରିୟଃ ।

ଦୃଢ଼ା ଭକ୍ତିଃ ଯସ୍ୟ ସଃ - ଦୃଢ଼ାଭକ୍ତିଃ । (ଭକ୍ତି ଶବ୍ଦ ପ୍ରିୟାଦିଗଣରେ ଥିବାରୁ ପୂର୍ବରେ 'ଦୃଢା'ର ପୁଂଭାବ ହେବନାହିଁ ।

ଦୃଢ଼ଭକ୍ତିଃ - ଏଠାରେ ଦୃଢ଼ଂ ଭକ୍ତିଃ ଯସ୍ୟ ସଃ, ଏହିପରି ବିଗ୍ରହ କରିବାକୁ ହେବ ।

ପୂରଣୀ - କଲ୍ୟାଣୀ ପଞ୍ଚମୀ ଯାସାଂ ରାତ୍ରୀଣାଂ ତାଃ - କଲ୍ୟାଣୀପଞ୍ଚମାଃ (ରାତ୍ରୟଃ) । ପଞ୍ଚମୀ ଶବ୍ଦରୁ ଅପ୍ ପ୍ରତ୍ୟୟ ହୋଇଛି । ସ୍ତ୍ରୀ ପ୍ରମାଣୀ ଯସ୍ୟ ସଃ - ସ୍ତ୍ରୀପ୍ରମାଣଃ, ପ୍ରମାଣୀ + ଅପ୍ । *(ସୂତ୍ର - ଅପ୍‌ପୂରଣୀ ପ୍ରମାଣ୍ୟୋଃ - ପା. ୫.୪.୧୧୬)* ।

୬. ବହୁବ୍ରୀହି ସମାସରେ ସ୍ୱାଙ୍ଗବାଚକ ସକ୍ଥି ଓ ଅକ୍ଷି ଶବ୍ଦ ଶେଷରେ ଥିଲେ ଷଚ୍ ପ୍ରତ୍ୟୟ ହେବ । ଷିତ୍ ପ୍ରତ୍ୟୟ ହୋଇଥିବାରୁ ସ୍ତ୍ରୀଲିଙ୍ଗରେ 'ଙୀଷ୍' ପ୍ରତ୍ୟୟ ହେବ ।

(ସୂତ୍ର - ବହୁବ୍ରୀହୌ ସକ୍ଥ୍ୟକ୍ଷ୍ଣୋଃ ସ୍ୱାଙ୍ଗାତ୍ ଷଚ୍ - ପା. ୫.୪.୧୧୩ । ଷିଦ୍ ଗୌରାଦିଭ୍ୟଶ୍ଚ - ପା. ୪.୧.୪୧ / ଙୀଷ୍)

ଉଦାହରଣ - ଦୀର୍ଘେ ସକ୍ଥିନୀ ଯସ୍ୟ ସଃ - ଦୀର୍ଘସକ୍ଥଃ ।

ଜଳଜେ ଇବ ଅକ୍ଷିଣୀ ଯସ୍ୟାଃ ସା- ଜଳଜାକ୍ଷୀ ।

ସ୍ୱାଙ୍ଗବାଚକ ନ ହେଲେ ଷଚ୍ ପ୍ରତ୍ୟୟ ହେବ ନାହିଁ ।

ଯଥା - ଦୀର୍ଘସକ୍ଥି ଶକଟମ୍ । ସ୍ଥୂଳାକ୍ଷା ବେଣୁଯଷ୍ଟିଃ ।

*(ଅକ୍ଷ୍ଣୋଽଦର୍ଶନାତ୍ - ପା. ୫.୪.୭୬ / ଅଚ୍)* ।

ଦ୍ରଷ୍ଟବ୍ୟ -

(କ) ଦ୍ୱି ଓ ତ୍ରି ପରେ ବହୁବ୍ରୀହି ସମାସରେ ମୂର୍ଦ୍ଧନ୍ ଶବ୍ଦ ରହିଲେ 'ଷ' ପ୍ରତ୍ୟୟ ହୁଏ । *(ଦ୍ୱିତ୍ରିଭ୍ୟାଂ ଷ ମୂର୍ଧ୍ନଃ - ପା. ୫.୪.୧୧୫)* । ଯଥା - ଦ୍ୱିମୂର୍ଦ୍ଧଃ । ତ୍ରିମୂର୍ଦ୍ଧଃ ।

(ଖ) ଅନ୍ତର୍ ଓ ବହିସ୍ ପରେ ଲୋମ ଶବ୍ଦ ଥିଲେ 'ଅପ୍' ପ୍ରତ୍ୟୟ ଲାଗେ । *(ଅନ୍ତର୍ବହିର୍ଭ୍ୟାଂ ଚ ଲୋମ୍ନଃ - ପା. ୫.୪.୧୧୭)* । ଅନ୍ତର୍ଲୋମଃ । ବହିର୍ଲୋମଃ ।

(ଗ) ହସ୍ତୀ ପ୍ରଭୃତି ପଦକୁ ଛାଡି ଅନ୍ୟ ଉପମାନ ପଦ ପୂର୍ବରେ ଥିଲେ ବହୁବ୍ରୀହି ସମାସରେ 'ପାଦ'ର ଅନ୍ତ୍ୟବର୍ଣ୍ଣ ଲୋପହେବ । ବ୍ୟାଘ୍ରସ୍ୟ ଇବ ପାଦୌ ଯସ୍ୟ - ବ୍ୟାଘ୍ରପାତ୍ । ହସ୍ତୀ ପ୍ରଭୃତି ପୂର୍ବରେ ଥିଲେ ଲୋପ ହେବନାହିଁ । ଯଥା -ହସ୍ତିପାଦଃ, କୁସୁଲପାଦଃ । *(ପାଦସ୍ୟଲୋପୋଽହସ୍ତ୍ୟାଦିଭ୍ୟଃ - ପା. ୫. ୪.୧୩୮)* ।

(ଘ) ସଂଖ୍ୟା ଓ ସୁ ପୂର୍ବରେ ଥିଲେ 'ପାଦ'ର ଲୋପ ହେବ । *(ସଂଖ୍ୟାସୁପୂର୍ବସ୍ୟ-ପା. ୫.୪.୧୪୦)* । ଯଥା -ଦ୍ୱିପାତ୍ । ସୁପାତ୍ ।

(ଙ) ଉଦ୍, ବି ପରେ କାକୁଦର ଲୋପ ହେବ । *(ଉଦ୍‌ବିଭ୍ୟାଂ କାକୁଦସ୍ୟ - ପା. ୫.୪.୧୪୮)* । ଉତ୍‌କାକୁତ୍, ବିକାକୁତ୍ ।

(ଚ) ପୂର୍ଣ୍ଣ ପରେ କାକୁଦର ବିକଳ୍ପରେ ଲୋପହେବ । *(ପୂର୍ଣ୍ଣାଦ୍ ବିଭାଷା - ପା.୫.୪.୧୪୯)* । ପୂର୍ଣ୍ଣକାକୁତ୍ । ପୂର୍ଣ୍ଣକାକୁଦଃ ।

(ଛ) ସୁ ଓ ଦୁର୍ ପରେ ହୃଦୟ ର ହୃଦ୍ ଭାବ ହୁଏ *(ସୁହୃଦ୍‌ଦୁର୍ହୃଦୌ ମିତ୍ରାମିତ୍ରୟୋଃ - ପା. ୫.୪.୧୫୦)* ସୁହୃତ୍ ମିତ୍ରମ୍ । ଦୁର୍ହୃତ୍ ଅମିତ୍ରଃ ।

## ୪.୨. ବ୍ୟଧିକରଣ ବହୁବ୍ରୀହି

ବୀଣା ପାଣୌ ଯସ୍ୟାଃ ସା - ବୀଣାପାଣିଃ ।

ଶଙ୍ଖଃ ପାଣୌ ଯସ୍ୟ ସଃ - ଶଙ୍ଖପାଣିଃ ।

ଭାଲେ ଚନ୍ଦ୍ରଃ ଯସ୍ୟ ସଃ - ଭାଲଚନ୍ଦ୍ରଃ ।

ଚନ୍ଦ୍ରଃ ମୌଳୌ ଯସ୍ୟ ସଃ - ଚନ୍ଦ୍ରମୌଳିଃ ।

କଣ୍ଠେ କାଳଃ ଯସ୍ୟ ସଃ - କଣ୍ଠେକାଳଃ (ଅଲୁକ୍ ସମାସ) ।

## ୪.୩. ସଂଖ୍ୟୋତ୍ତରପଦ

ଅବ୍ୟୟ, ଆସନ୍ନ, ଅଦୂର, ଅଧିକ ଶବ୍ଦର ସଂଖ୍ୟେୟାର୍ଥକ ସଂଖ୍ୟାଶବ୍ଦ ସହ ସମାସ ହୁଏ । *(ସଂଖ୍ୟୟାଽବ୍ୟୟାଽସନ୍ନାଽଦୂରାଧିକସଂଖ୍ୟାଃ ସଂଖ୍ୟେୟେ - ପା.୨.୨.୨୫)* । ସଂଖ୍ୟୋତ୍ତର ପଦ ସମାସ ବହୁବଚନାନ୍ତ ହୁଅନ୍ତି ।

ସଂଖ୍ୟେୟରେ ବହୁବ୍ରୀହି ସମାସ ହେଲେ ଡଚ୍ ପ୍ରତ୍ୟୟ ହୁଏ । *(ବହୁବ୍ରୀହୌ ସଂଖ୍ୟେୟେ ଡଜବହୁଗଣାତ୍ - ପା. ୫.୪.୭୩)* । ବିଂଶତି ଶବ୍ଦ ପରେ ଡିତ୍ ପ୍ରତ୍ୟୟ ଥିଲେ ବିଂଶତିର 'ତି'ର ଲୋପ ହୁଏ । *(ତି ବିଂଶତେର୍ଡିତି - ପା. ୬.୪.୧୪୨)* ।

ଦଶାନାଂ ସମୀପେ ଯେ ସନ୍ତି ତେ - ଉପଦଶାଃ ।

ବିଂଶତେଃ ସମୀପେ ଯେ ସନ୍ତି ତେ - ଉପବିଂଶାଃ ।

ତ୍ରିଂଶତଃ ସମୀପେ ଯେ ସନ୍ତି ତେ - ଉପତ୍ରିଂଶାଃ ।

ଶତସ୍ୟ ସମୀପେ ଯେ ସନ୍ତି ତେ - ଉପଶତାଃ ।

ପଞ୍ଚବିଂଶତେଃ ଆସନ୍ନାଃ - ଆସନ୍ନପଞ୍ଚବିଂଶାଃ ।

ତ୍ରିଂଶତଃ ଅଦୂରାଃ - ଅଦୂରତ୍ରିଂଶାଃ ।

ପଞ୍ଚାଶତଃ ଅଧିକାଃ - ଅଧିକପଞ୍ଚାଶାଃ ।

### ୪.୪. ସଂଖ୍ୟୋଭୟପଦ ବହୁବ୍ରୀହି

ଦ୍ୱୌ ବା ତ୍ରୟୋ ବା - ଦ୍ୱିତ୍ରାଃ ।

ତ୍ରୟଃ ବା ଚତ୍ୱାରଃ ବା - ତ୍ରିଚତୁରାଃ ।

ପଞ୍ଚ ବା ଷଡ୍ ବା - ପଞ୍ଚଷାଃ ।

### ୪.୫. ସହପୂର୍ବପଦଃ

ତୃତୀୟାନ୍ତ ସହ 'ସହ'ର ସମାସ ହୁଏ । ବହୁବ୍ରୀହି ସମାସରେ 'ସହ'ର ବିକଳ୍ପରେ 'ସ' ହୁଏ । *(ତେନ ସହେତି ତୁଲ୍ୟଯୋଗେ - ପା.୨.୨.୨୮, ବୋପସର୍ଜନସ୍ୟ - ପା. ୬.୩.୮୨)* । ପୁତ୍ରେଣ ସହ ବର୍ତ୍ତମାନଃ ସହପୁତ୍ରଃ / ସପୁତ୍ରଃ । ପରିବାରେଣ ସହ ବର୍ତ୍ତମାନଃ - ସହପରିବାରଃ / ସପରିବାରଃ । କର୍ମଣା ସହ ବର୍ତ୍ତମାନଃ - ସକର୍ମକଃ ।

### ୪.୬. ବ୍ୟତିହାର ଲକ୍ଷଣ ବହୁବ୍ରୀହି

ଗ୍ରହଣ ବିଷୟରେ ସରୂପ ସପ୍ତମ୍ୟନ୍ତ ପଦର ତଥା ପ୍ରହରଣ ବିଷୟରେ ସରୂପ ତୃତୀୟାନ୍ତପଦର କର୍ମ ବ୍ୟତିହାର ଅର୍ଥରେ ବହୁବ୍ରୀହି ସମାସ ହୁଏ । କର୍ମବ୍ୟତିହାର = ବିନିମୟ ।

ବ୍ୟତିହାର ଲକ୍ଷଣ ସମାସ ହେଲେ ସବୁ ଉଦାହରଣ ଅବ୍ୟୟ ପଦ ହୁଏ ।

କେଶେଷୁ କେଶେଷୁ ଗୃହୀତ୍ୱା ଇଦଂ ଯୁଦ୍ଧଂ ପ୍ରବୃତ୍ତମ୍ - କେଶାକେଶି ।

ବାହୌ ବାହୌ ଗୃହୀତ୍ୱା ଇଦଂ ଯୁଦ୍ଧଂ ପ୍ରବୃତ୍ତମ୍ - ବାହୂବାହବି ।

ଦଣ୍ଡୈଃ ଦଣ୍ଡୈଃ ପ୍ରହୃତ୍ୟ ଇଦଂ ଯୁଦ୍ଧଂ ପ୍ରବୃତ୍ତମ୍ - ଦଣ୍ଡାଦଣ୍ଡି ।

ସେହିପରି ହସ୍ତାହସ୍ତି ।

ମୁଷ୍ଟିଭିଃ ମୁଷ୍ଟିଭିଃ ପ୍ରହୃତ୍ୟ ଇଦଂ ଯୁଦ୍ଧଂ ପ୍ରବୃତ୍ତମ୍ - ମୁଷ୍ଟାମୁଷ୍ଟି ।

ଅନ୍ୟେଷାମପିଦୃଶ୍ୟତେ - ଦ୍ୱାରା ଦୀର୍ଘ ।

*(ଇଚ୍‌କର୍ମବ୍ୟତିହାରେ - ପା.୫.୪.୧୨୭)* । ଇଚ୍ ।

## ୪.୭. ଦିଗନ୍ତରାଳ ଲକ୍ଷଣ

ଦିଗମାନଙ୍କର ନାମ ଓ ଅନ୍ତରାଳ ବୁଝାଇଲେ ସମାସ ହୁଏ । *(ଦିଙ୍‌ନାମାନ୍ୟନ୍ତରାଳେ - ପା.୨.୨.୨୬)* । ଦକ୍ଷିଣସ୍ୟାଃ ପୂର୍ବସ୍ୟାଶ୍ଚ ଦିଶୋ ଯଦନ୍ତରାଳମ୍ - ଦକ୍ଷିଣପୂର୍ବା । ପୂର୍ବସ୍ୟାଃ ଉତ୍ତରସ୍ୟାଃ ଚ ଦିଶୋ ଯଦନ୍ତରାଳମ୍ - ପୂର୍ବୋତ୍ତରା । (ଆଗ୍ନେୟୀ ଦିକ୍) ଐଶାନୀ । ଉତ୍ତରସ୍ୟାଃ ପଶ୍ଚିମାୟାଃ ଚ ଦିଶୋ ଯଦନ୍ତରାଳମ୍ - ଉତ୍ତରପଶ୍ଚିମା (ବାୟବୀ) । ପଶ୍ଚିମାୟାଃ ଦକ୍ଷିଣସ୍ୟାଃ ଚ ଦିଶୋ ଯଦନ୍ତରାଳମ୍ - ପଶ୍ଚିମ ଦକ୍ଷିଣା(ନୈର୍ଋତୀ) ।

## ୪.୮. ନଞ୍ ବହୁବ୍ରୀହି

*ନଞୋଽସ୍ତ୍ୟର୍ଥାନାଂ ବାଚ୍ୟୋ ବା ଚୋତ୍ତରପଦଲୋପଃ ।*

ଅବିଦ୍ୟମାନଃ ପୁତ୍ରଃ ଯସ୍ୟ ସଃ - ଅପୁତ୍ରଃ / ଅବିଦ୍ୟମାନପୁତ୍ରଃ ।

ଅବିଦ୍ୟମାନମ୍ ଅପତ୍ୟଂ ଯସ୍ୟ ସଃ - ଅନପତ୍ୟଃ ।

ଅବିଦ୍ୟମାନା ପ୍ରଜା ଯସ୍ୟ ସଃ - ଅପ୍ରଜାଃ (ଅସିଚ୍ ପ୍ରତ୍ୟୟ) ।

ଅବିଦ୍ୟମାନା ମେଧା ଯସ୍ୟ ସଃ - ଅମେଧାଃ (ଅସିଚ୍) ।

*(ନିତ୍ୟମସିଚ୍ ପ୍ରଜାମେଧୟୋଃ - ପା. ୫.୪.୧୨୨)* ।

## ୪.୯. ପ୍ରାଦି ବହୁବ୍ରୀହି

*ପ୍ରାଦିଭ୍ୟୋ ଧାତୁଜସ୍ୟ ବାଚ୍ୟୋ ବା ଚୋତ୍ତରପଦଲୋପଃ ।*

ନିର୍ଗତା ଦୟା ଯସ୍ମାତ୍ - ନିର୍ଦୟଃ । ଉଦ୍‌ଗତଃ ଗନ୍ଧଃ ଯସ୍ୟ ସଃ - ଉଦ୍‌ଗନ୍ଧିଃ । ଗନ୍ଧ+ଇତ୍ । *(ଗନ୍ଧସ୍ୟେଦୁତ୍ ପୂତି ସୁସୁରଭିଭ୍ୟଃ - ପା.୫.୪.୧୩୫)* ।

ଶୋଭନଃ ଗନ୍ଧଃ ଯସ୍ୟ ସଃ - ସୁଗନ୍ଧିଃ ।

ଶୋଭନୌ ପାଦୌ ଯସ୍ୟ ସଃ - ସୁପାଦ୍ ।

*(ସଂଖ୍ୟା ସୁ ପୂର୍ବସ୍ୟ - ପା. ୫.୪.୧୪୦) ।*

ଶୋଭନାଃ ଦନ୍ତାଃ ଯସ୍ୟାଃ ସା - ସୁଦତୀ ।

*(ବୟସି ଦନ୍ତସ୍ୟ ଦତୃ - ପା.୫.୪.୧୪୧)* । ସଂଖ୍ୟାସୁପୂର୍ବସ୍ୟ ଦନ୍ତସ୍ୟ ଦତୃ (ଦତ) ଇତ୍ୟାଦେଶଃ ଭବତି ବୟସି ଗମ୍ୟମାନେ ।

ଶୋଭନାଃ ଦନ୍ତାଃ ଯସ୍ୟ ସ - ସୁଦନ୍ ।

ଉନ୍ନତା ନାସିକା ଯସ୍ୟ ସଃ - ଉନ୍ନସଃ ।

*(ଉପସର୍ଗାଚ୍ଚ - ପା.୫.୪.୧୧୯)* । *ପ୍ରାଦେର୍ଯୋ ନାସିକାଶବ୍ଦ ତଦନ୍ତାତ୍ ବହୁବ୍ରୀହେଃ ଅଚ୍, ନାସିକାୟାଃ ନସାଦେଶଶ୍ଚ ।*

### ୫.୧୦. ଉପମାନପୂର୍ବପଦ

ସପ୍ତମ୍ୟନ୍ତ ସହିତ ଓ ଉପମାନସହିତ ସମସ୍ତ ପଦର ଅନ୍ୟପଦସହ ସମାସ ହୁଏ । ବିଗ୍ରହ ଅବସ୍ଥାରେ ପୂର୍ବପଦ ସମସ୍ତ ଥାଏ ।

ଏହି ସମସ୍ତ ପୂର୍ବ ପଦରେ ଉତ୍ତର ପଦର ଲୋପ ହୁଏ ।

*ସପ୍ତମ୍ୟୁପମାନ ପୂର୍ବ ପଦସ୍ୟୋତ୍ତରପଦଲୋପଶ୍ଚ (ବା) ।*

କଣ୍ଠେ କାଳଃ ଯସ୍ୟ ସଃ - କଣ୍ଠେକାଳଃ ।

ଗଜାନନମ୍ ଇବ ଆନନଂ ଯସ୍ୟ ସଃ - ଗଜାନନଃ ।

ଉଷ୍ଟ୍ରମୁଖମ୍ ଇବ ମୁଖଂ ଯସ୍ୟ ସଃ - ଉଷ୍ଟ୍ରମୁଖଃ ।

ପୁଣ୍ଡରୀକେ ଇବ ଅକ୍ଷିଣୀ ଯସ୍ୟ ସଃ - ପୁଣ୍ଡରୀକାକ୍ଷଃ ।

କୁଣ୍ଡମ୍ ଇବ ଊଧଃ ଯସ୍ୟାଃ ସା - କୁଣ୍ଡୋଧ୍ନୀ (ଗୌଃ) ।

ଘଟଃ ଇବ ଊଧଃ ଯସ୍ୟାଃ ସା - ଘଟୋଧ୍ନୀ (ଗୌଃ) ।

*(ଊଧସୋଽନଙ୍ - ପା.୫.୪.୧୩୧), ବହୁବ୍ରୀହେରୂଧସୋ ଙୀଷ୍ - ପା. ୪.୧.୨୫) ଦ୍ୱାରା ଙୀଷ୍ ପ୍ରତ୍ୟୟ ହୁଏ ।*

## ବହୁବ୍ରୀହି ପ୍ରତ୍ୟୟ ନିୟମ

| ଶବ୍ଦ | ନିୟମ | ପ୍ରତ୍ୟୟ | ବିଗ୍ରହ-ସମାସ |
|---|---|---|---|
| ୧.ଧର୍ମ | ଧର୍ମାଦନିଚ୍ କେବଳାତ୍<br>ପା.୫.୪.୧୨୪ | ଅନିଚ୍<br>(ଅନ) | ଦୃଷ୍ଟଃ ଧର୍ମଃ<br>ଯେନ ସଃ<br>ଦୃଷ୍ଟଧର୍ମା |
| ୨.ବ୍ୟତିହାରଲକ୍ଷଣ | ଇଚ୍‌କର୍ମବ୍ୟତିହାରେ<br>ପା.୫.୪.୧୨୭ | ଇଚ୍<br>(ଇ) | କେଶାକେଶି<br>ଦଣ୍ଡାଦଣ୍ଡି |
| ୩.ଧନୁଃଶବ୍ଦ | ଧନୁଷଶ୍ଚ<br>ପା.୫.୪.୧୩୨ | ଅନଙ୍<br>(ଅନ) | ଶାର୍ଙ୍ଗଂ ଧନୁଃ ଯସ୍ୟ<br>ସଃ-ଶାର୍ଙ୍ଗଧନ୍ୱା<br>ଶାର୍ଙ୍ଗଧନ୍ୱା |
| ୪. ଜାୟାଶବ୍ଦ | ଜାୟାୟା ନିଙ୍<br>ପା.୫.୪.୧୩୪ | ନିଙ୍<br>(ନି) | ଯୁବତିଃ ଜାୟା ଯସ୍ୟ<br>ସଃ, ଯୁବଜାନିଃ |
| ୫. ଗନ୍ଧ | ଗନ୍ଧସ୍ୟେଦୁତ୍<br>ପୂତିସୁସୁରଭିଭ୍ୟଃ<br>ପା.୫.୪.୧୩୫ | <br>ଇତ୍<br>(ଇ) | <br>ସୁଗନ୍ଧିଃ,<br>ସୁରଭିଗନ୍ଧିଃ |
| | ଅଳ୍ପାଖ୍ୟାୟାମ୍<br>ପା.୫.୪.୧୩୬ | ଇତ୍<br>(ଇ) | ଘୃତସ୍ୟ ଗନ୍ଧଃ(ଲେଶଃ)<br>ଯସ୍ମିନ୍ତତ୍ -ଘୃତଗନ୍ଧି |
| | ଉପମାନାଚ୍ଚ<br>ପା.୫.୪.୧୩୭ | ଇତ୍<br>(ଇ) | ମତ୍ସ୍ୟଗନ୍ଧ ଇବ ଗନ୍ଧ<br>ଯସ୍ୟାଃ ସା ମତ୍ସ୍ୟଗନ୍ଧି |

| ଶବ୍ଦ | ନିୟମ | ପ୍ରତ୍ୟୟ | ବିଗ୍ରହ-ସମାସ |
|---|---|---|---|
| ୬. ପାଦ | ପାଦସ୍ୟ ଲୋପୋଽ-ହସ୍ତ୍ୟାଦିଭ୍ୟଃ ପା. ୫.୪.୧୩୮ | ଲୋପ | ବ୍ୟାଘ୍ରପାତ୍ |
| | ସଂଖ୍ୟାସୁପୂର୍ବସ୍ୟ ପା. ୫.୪.୧୪୦ | ଲୋପ | ଦ୍ୱିପାତ୍, ସୁପାତ୍ |
| ୭. ଈକାରାନ୍ତ, ଊକାରାନ୍ତ, ଋକାରାନ୍ତ | ନଦ୍ୟୃତଶ୍ଚ ପା. ୫.୪.୧୫୩ | କପ୍ (କ) | ନଦୀମାତା ଯସ୍ୟ ସଃ ନଦୀମାତୃକଃ ତୀର୍ଣ୍ଣଦେବୀକଃ, |
| ୮. ଅବଶିଷ୍ଟ ଶବ୍ଦ | ଶେଷାଦ୍ ବିଭାଷା ମହାଯଶାଃ ପା. ୫.୪.୧୫୪ | କପ୍ (କ) | ଦୃଷ୍ଟବିଧିକଃ ମହାଯଶସ୍କଃ |
| ୯. ଆକାରାନ୍ତ | ଆପୋଽନ୍ୟତରସ୍ୟାମ୍ ପା. ୭.୪.୧୫ | କପ୍ ହ୍ରସ୍ୱ | ବହୁମାଳାକଃ ବହୁମାଳକଃ କପ୍ ଅଭାବରେ ବହୁମାଳଃ । |

କେତେକ ନିପାତନସିଦ୍ଧ ସମାସର ଦୃଷ୍ଟାନ୍ତ । ଯଥା -ଦ୍ୱନ୍ଦ୍ୱ- ସାର୍ପୁଷୌ । ଧେନ୍ୱନଡୁହୌ । ଋକ୍‌ସାମେ । ବାଙ୍‌ମନସେ । ଅକ୍ଷିଣୀ ଚ ଭ୍ରୁବୌ ଚ ଅକ୍ଷିଭ୍ରୁବମ୍ । ଦାରାଶ୍ଚ ଗାବଶ୍ଚ ଦାରଗବମ୍ । ନକ୍ତଂ ଚ ଦିବା ଚ ନକ୍ତନ୍ଦିବମ୍ । ରାତ୍ରୌ ଚ ଦିବା ଚ ରାତ୍ରିନ୍ଦିବମ୍ । ଅହନି ଚ ଦିବା ଚ ଅହର୍ଦିବମ୍ । ତତ୍ପୁରୁଷ- ନିଶ୍ଚିତଂ ଶ୍ରେୟଃ ନିଃଶ୍ରେୟସମ୍ । ପୁରୁଷସ୍ୟାୟୁଃ -ପୁରୁଷାୟୁଷମ୍ । ଦ୍ୱିଗୁ – ଦ୍ୱ୍ୟାୟୁଷମ୍, ତ୍ର୍ୟାୟୁଷମ୍ ।

## ଅନୁଶୀଳନୀ

**୧. ସମସ୍ତପଦାନି ପ୍ରଦର୍ଶୟତ -**

ଦୁଃଖମ୍ ଅତୀତଃ । ମୁକ୍ତୟେ ଇଦମ୍ । ଅଙ୍ଗାନାଂ ରାଜା । ମହତୀ ନବମୀ । ଅନ୍ୟଃ ବାରଃ । ବୃକ୍ଷାଣାଂ ଛେଦକଃ । ରାଜ୍ଞଃ ସଭା । ରକ୍ଷସାଂ ସଭା । ନ ଅଶ୍ୱଃ । ବନସ୍ୟ ଅଗ୍ରେ । ରାଜ୍ଞଃ ପରିଚାରକଃ । ଦଶଭିଃ ଗୋଭିଃ କ୍ରୀତଃ । ପ୍ରିୟଃ ସଖା ତେନ । ଶାକପ୍ରିୟଃ ପାର୍ଥିବଃ । ତ୍ର୍ୟଧିକା ଅଶୀତିଃ । ହସ୍ତିନଶ୍ଚ ଅଶ୍ୱାଶ୍ଚ । ରଥିକଶ୍ଚ ଅଶ୍ୱାରୋହଶ୍ଚ । ଇକ୍ଷୂଣାଂ ଛାୟା । ନାସ୍ତି ମେଧା ଯେଷାଂ ତେ । ପଞ୍ଚ ବା ଷଟ୍ ବା । ରୂପବତୀ ଭାର୍ଯ୍ୟା ଯସ୍ୟ ତସ୍ମୈ । ଉଦୟନାତ୍ ପ୍ରାକ୍ । ଅଧିଜ୍ୟଂ ଧନୁଃ ଯସ୍ୟ ତମ୍ । ନରଃ ସିଂହ ଇବ । କୁତ୍ସିତଃ ସଖା । ହରେଃ ସାଦୃଶ୍ୟମ୍ । ମେଖଳାପର୍ଯ୍ୟନ୍ତମ୍ । ସହସ୍ରାତ୍ ପରେ । ଗଙ୍ଗାୟାଃ ମଧ୍ୟମ୍ । ତମସା ଆଚ୍ଛନ୍ନା । ପୀତା ସୁରା ଯେନ ତମ୍ । ଜାୟା ଚ ପତିଶ୍ଚ । ମାତା ଚ ପିତା ଚ । ଯୁବତିଃ ଜାୟା ଯସ୍ୟ ତସ୍ମିନ୍ । ନିର୍ମଳା ନଦୀ ଯସ୍ମିନ୍ ସଃ । ଅଗ୍ନିଶ୍ଚ ବରୁଣଶ୍ଚ । ଆତ୍ମାନମ୍ ଅଧିକୃତ୍ୟ ।

**୨. ସବିଗ୍ରହଂ ସମାସନାମାନି ଲିଖତ -**

ଦର୍ଶଭୋତଃ । ଗୋହିତମ୍ । ମାତୃସଦୃଶୀ । ଶୟିତୋତ୍ଥିତଃ । ପୟଃପାନମ୍ । କବିଶ୍ରେଷ୍ଠଃ । ଶୈଳୋନ୍ନତଃ । କୁଣ୍ଡଳହିରଣ୍ୟମ୍ । ତନ୍ମାହମ୍ । ଦ୍ୱ୍ୟହଃ । ମଧ୍ୟରାତ୍ରଃ । ବିଦ୍ୟାରତ୍ନମ୍ । ମହଭୁଜଃ । ସ୍ଥାନାନ୍ତରମ୍ । ଯଥାଜ୍ଞାନମ୍ । ସପତ୍ନୀ । ସତୃଣମ୍ । ଦୃଷ୍ଟଗଙ୍ଗଃ । ପୂର୍ବୋତ୍ତରା । ଲକ୍ଷ୍ମୀକାନ୍ତଃ । ଦନ୍ତୋଷ୍ଠମ୍ । ତିଷ୍ଠଦ୍ଗୁ । ଶ୍ୱାପଦଃ । ଅପର୍ଣ୍ଣା । ଚତୁଷ୍ପଥମ୍ । କଦୁଷ୍ଣଃ । ଦେବବ୍ରାହ୍ମଣଃ । ନିଃଶ୍ରେୟସମ୍ । ଜଗତ୍କର୍ତ୍ତା । ଅହଂପୂର୍ବିକା । ଭୋଗାପବର୍ଗମ୍ । କୃତବିଦ୍ୟଃ । ବ୍ରୀହିଯବମ୍ । ପଞ୍ଚବଟୀ । ପାତପ୍ରତିବନ୍ଧଃ । ଦ୍ୱିତ୍ରାଃ । ଗଙ୍ଗାଶୋଣମ୍ । ଯଦୃଚ୍ଛା ।

୩. ଉପଯୁକ୍ତାନି କାରଣାନି ନିର୍ଦ୍ଦିଶ୍ୟ ସମାସସ୍ଥଳେଷୁ ସଂଶୋଧନଂ କୁରୁତ-

ଈଶ୍ୱରୋ ତ୍ରିଭୁବନାନାଂ ପାଳକଃ । ଅସ୍ୟାଂ ପିଶାଚସଭାୟାଂ କଃ ସ୍ଥାସ୍ୟତି ? ରାଜସଖାୟଂ ରାଜାନମିବ ଅପଶ୍ୟତ୍ । ଚତୁର୍ବ୍ରାହ୍ମଣାନାମନ୍ତ୍ରୟିତ୍ୱା ଭୋଜୟ । ଦେବରାଜାନଂ ପୁରସ୍କୃତ୍ୟ ଦେବା ବ୍ରହ୍ମାଣମୁପଗତାଃ । ପ୍ରିୟସଖା ମେ କୁତ୍ର ଗତଃ ? କୋକିଳ କାକୟୋଃ ବର୍ଣ୍ଣେ ପ୍ରଭେଦୋ ନାସ୍ତି । ତବ ସାହାଯ୍ୟଂ କର୍ତ୍ତୁଂ ଯଥାଶକ୍ତିନା ଚେଷ୍ଟିଷ୍ୟେ । ରାଜପଥି କୋଳାହଳଃ ଶ୍ରୂୟତେ । ମମ ଜାମାତାପୁତ୍ର ଏକସ୍ମିନ୍ନେବ ବିଦ୍ୟାଳୟେ ପଠତି । ମନ୍ଦମେଧାଃ ଜନାଃ ନ କିମପି କର୍ତ୍ତୁଂ ସମର୍ଥା ଭବନ୍ତି । ସୂର୍ଯ୍ୟଚନ୍ଦ୍ରମସୋରପି ଗ୍ରହପୀଡ଼ନଂ ଭବତି ।

୪. ଭେଦାନ୍ ଦର୍ଶୟତ -

ଭଗ୍ନତମାନଃ - ଭଗ୍ନତମାନଃ । ମହାଶ୍ରୟଃ - ମହଦାଶ୍ରୟଃ । ଦ୍ୱ୍ୟହଃ - ଦ୍ୱ୍ୟହ୍ନଃ । ସୁନ୍ଦରାବୁଦ୍ଧିଃ - ସୁନ୍ଦରବୁଦ୍ଧିଃ । ବାୟୁସଖଃ - ବାୟୁସଖା । ପୂର୍ବରାତ୍ରିଃ - ପୂର୍ବରାତ୍ରଃ । ସୁଗନ୍ଧିଃ - ସୁଗନ୍ଧଃ । ଦ୍ୱିଦନ୍ - ଦ୍ୱିଦନ୍ତଃ । ଦେବାନାମ୍ପ୍ରିୟଃ - ଦେବପ୍ରିୟଃ ।

୫. ଅଧୋଲିଖିତେଷୁ ବାକ୍ୟେଷୁ ରେଖାଙ୍କିତପଦାନାଂ ସମାସମ୍ ଅଥବା ବିଗ୍ରହଂ ପ୍ରଦର୍ଶୟତ -

୧. ମାନବଜୀବନମ୍ ଚତୁର୍ଷୁ ଆଶ୍ରମେଷୁ ବିଭକ୍ତମ୍ ।

୨. ବ୍ରହ୍ମଚର୍ଯ୍ୟାଶ୍ରମେ ଶିକ୍ଷାୟାଃ ଗ୍ରହଣେ ସ୍ତ୍ରୀପୁରୁଷାଣାଂ ସମାନଃ ଅଧିକାରଃ ଆସୀତ୍ ।

୩. ଗୃହସ୍ଥାଶ୍ରମେ ଜନାଃ ଯଥାଶକ୍ତି ଧନମ୍ ଅନ୍ନମ୍ ଚ ଦତ୍ତ୍ୱା ଅନ୍ୟେଷାମ୍ ଆଶ୍ରମବାସିନାଂ ପୋଷଣଂ କୁର୍ବନ୍ତି ସ୍ମ ।

୪. କୋଽପି ଜନଃ ତତ୍ର ଅଶିକ୍ଷିତଃ ନ ଆସୀତ୍ ।

୫. ବିଦ୍ୟାଳୟେ ଅଧ୍ୟାପକଃ ଛାତ୍ରାନ୍ ପାଠୟତି ।

୬. ଶିକ୍ଷକଃ ପ୍ରତିଦିନମ୍ ଅଭ୍ୟାସାର୍ଥଂ ଗୃହପାଠଂ ଦଦାତି ।

୭. ଗୁରୁଃ ପାପଂ ଚ ପୁଣ୍ୟଂ ଚ ବୋଧୟତି ।

୮. ତ୍ୟାଗୀ ଜନଃ ନୂନଂ ମହାତ୍ମା ଅସ୍ତି ।

୯. ସାମ୍ପ୍ରତିକେ କାଳେ ପ୍ରତିନଗରଂ ରାମଲୀଳାୟାଃ ଆୟୋଜନଂ ଭବତି ।

୧୦. ତତ୍ର ରାମଚରିତଂ ରଙ୍ଗମଞ୍ଚେ ପ୍ରଦର୍ଶ୍ୟତେ ।

୧୧. ମୁଖ୍ୟୋତ୍ସବଃ ବିଜୟାଦଶମ୍ୟାଂ ତିଥୌ ଭବତି । ଯତଃ ରାମଃ ଦଶାନନଂ ତଦ୍ଦିବସେ ଜୟତି ସ୍ମ ।

୧୨. ମମ ଗୃହସ୍ୟ ସମୀପମ୍ ଆମ୍ରବୃକ୍ଷଃ ଅସ୍ତି ।

୧୩. ବାଲା ଚ ବୃଦ୍ଧାଃ ଚ ତସ୍ୟ ଛାୟାୟାମ୍ ଉପବିଶନ୍ତି ।

୧୪. ତେ ବୃକ୍ଷଚ୍ୟୁତାନି ଫଳାନି ସ୍ୱସ୍ୱ ଗୃହଂ ନୟନ୍ତି ।

୧୫. ପକ୍ୱାମ୍ରାଣି ସର୍ବେଭ୍ୟଃ ରୋଚନ୍ତେ ।

୧୬. ଏତତ୍ ନିର୍ଜନଂ ବନମ୍ ଅସ୍ତି ।

୧୭. ଅସ୍ମିନ୍ ଆଶ୍ରମେ ମୁନୟଃ ସମାଧୌ ରତାଃ ସନ୍ତି ।

୧୮. ସମନ୍ତାତ୍ ହରିଦ୍ବୃକ୍ଷାଃ ଶୋଭନ୍ତେ ।

୧୯. ଅତ୍ରୈବ ପୀତାମ୍ବରସ୍ୟ ଦେବାଳୟଃ ଅସ୍ତି ।

୨୦. ଯମୁନାୟାଃ ସମୀପଂ ଦିଲ୍ଲୀନଗରୀ ବିରାଜତେ ।

୨୧. ସିଂହଭୀତଃ ବାଳଃ କମ୍ପତେ ।

୨୨. ମୁନିଃ ଉପଗ୍ରାମମ୍ ବସତି ।

୨୩. ଦୈବରକ୍ଷିତଃ ନ ନଶ୍ୟତି ।

୨୪. ସରୋବରେ ନୀଳୋତ୍ପଳମ୍ ବିକସିତମ୍ ।

୨୫. ବିଦ୍ୟାହୀନାଃ ପଶୁଭିଃ ସମାନାଃ ।

୨୬. ଏଷଃ <u>ରାଜପୁତ୍ରଃ</u> ଆଗଚ୍ଛତି ।

୨୭. ବୃକ୍ଷେ <u>ଚପଳାଃ ବାନରାଃ</u> କୂର୍ଦ୍ଦନ୍ତି ।

୨୮. ସଃ <u>ଭାସବିରଚିତଂ</u> ନାଟକଂ ପଠତି ।

୨୯. ଇଦଂ ଦୃଶ୍ୟ ଚ[illegible]ଷ <u>ପ୍ରତ୍ୟକ୍ଷମ୍</u> ।

୩୦. <u>କୃଷ୍ଣାନ୍ ମେଘାନ୍</u> ଦୃଷ୍ଟ୍ୱା ମୟୂରାଃ ନୃତ୍ୟନ୍ତି ।

୩୧. ସଃ ପ୍ରାତଃ <u>ସୂର୍ଯ୍ୟଦର୍ଶନମ୍</u> କରୋତି ।

୩୨. ଅହମ୍ <u>ମାତାପିତରୌ</u> ବନ୍ଦେ ।

୩୩. ହରିଦ୍ୱାରଂ <u>ଗଙ୍ଗାୟାଃ ସମୀପମ୍</u> ଅସ୍ତି ।

୩୪. ବ୍ୟାୟାମେନ ଜନଃ <u>ଦୀର୍ଘାୟୁଃ</u> ଭବତି ।

୩୫. <u>ଦଇବିଲଃ</u> ଜନଃ ଯଶସ୍ୱୀ ଭବତି ।

୩୬. <u>ଜ୍ଞାନସ୍ୟ ଅର୍ଜନେନ</u> ମନସି ଶାନ୍ତିଃ ଅନୁଭୂୟତେ ।

୩୭. <u>ମହତାମ୍ ଜନାନାମ୍</u> ସଂଗତିଃ ଉପକାରିକା ଭବତି ।

୩୮. <u>କୃଷ୍ଣବର୍ଣ୍ଣା</u> କୋକିଳା କୂଜତି ।

୩୯. ସଂସାରେ ସର୍ବେ ଏବ <u>ମର୍ତ୍ତ୍ୟସ୍ୱଭାବାଃ</u> ସନ୍ତି ।

୪୦. ଗାବଃ <u>ପତିତପତ୍ରାଣି</u> ଖାଦନ୍ତି ।

୪୧. <u>କୁମ୍ଭକାରଃ</u> କୁମ୍ଭଂ ନିର୍ମାତି ।

୪୨. ରାମଃ <u>ଅନୁମୃଗମ୍</u> ଅଧାବତ୍ ।

୪୩. ମୟୂରଃ <u>ପକ୍ଷିଣାଂରାଜା</u> ବର୍ତ୍ତତେ ।

୪୪. ମଞ୍ଚେ ଏକା <u>ଲଘୁନାଟିକା</u> ଭବତି ।

୪୫. <u>କୃତବିବରଃ</u> ମୂଷିକଃ ବିଳେ ନିବସତି ।

୪୬. <u>ମହାବାହୁଃ</u> ଅର୍ଜୁନଃ ଅଦ୍ୱିତୀୟଃ ବୀରଃ ।

୪୭. ହରିଣା ରକ୍ଷିତଃ ଜନଃ ମୁକ୍ତିଂ ଲଭତେ ।

୪୮. କାଳସ୍ୟ କୁଟିଳାଗତିଃ ଭବତି ।

୪୯. ନାଟକଂ ସୁଖାନ୍ତଂ ଭବତି ।

୫୦. ଶ୍ରମେଣ ଶିଶୋଃ କରଚରଣଂ ନ ପ୍ରସରତି ।

୫୧. କୁମାରସମ୍ଭବମ୍ କାଳିଦାସବିରଚିତମ୍ ଅସ୍ତି ।

୫୨. ଆକାଶେ ସହସ୍ରାଂଶୁଃ ବର୍ତ୍ତତେ ।

୫୩. ଭକ୍ତଃ ଗୃହୀତକୁସୁମଃ ମନ୍ଦିରଂ ଗଚ୍ଛତି ।

୫୪. ଜନ୍ତୁଶାଳାୟାମ୍ ପଶବଃ ପକ୍ଷିଣଃ ଚ ସନ୍ତି ।

୫୫. ଈଶ୍ୱରଭକ୍ତୋ ବିଫଳକାମଃ ନ ଭବତି ।

୬. ଉଚିତେନ ସମସ୍ତପଦେନ ଶୂନ୍ୟସ୍ଥାନଂ ପୂରୟ -

୧. ______ ଧନଂ ଯଚ୍ଛତି । (ନିର୍ଧନାୟ, ନିର୍ଧନମ୍)

୨. ବିଦ୍ୟାଳୟଂ ______ ଆଗଚ୍ଛ । (ଯଥାସମୟମ୍, ଯଥାସମୟେନ)

୩. ______ବୃକ୍ଷଃ କଦାପି ନ ଛେତ୍ତବ୍ୟଃ । (ଶୀତଳଚ୍ଛାୟା, ଶୀତଳଚ୍ଛାୟଃ)

୪. ______ ଆଗଚ୍ଛତଃ । (ରାମଲକ୍ଷ୍ମଣ, ରାମଲକ୍ଷ୍ମଣୌ)

୫. ______ ରକ୍ଷା କର୍ତ୍ତବ୍ୟା । (ଶରଣାଗତସ୍ୟ, ଶରଣାଗତମ୍)

୬. ଯତ୍ର ତ୍ରୟଃ ପନ୍ଥାନଃ ମିଳନ୍ତି, ତତ୍ ______ କଥ୍ୟତେ ।
(ତ୍ରିପଥଃ, ତ୍ରିପଥମ୍)

୭. ଅସ୍ମାଭିଃ ______ କାର୍ଯ୍ୟଂ କର୍ତ୍ତବ୍ୟମ୍ । (ଯଥାଶକ୍ତି, ଯଥାଶକ୍ତିମ୍)

୮. ଗଣେଶବନ୍ଦନାୟଂ କାର୍ଯ୍ୟଂ ______ ଭବତି । (ନିର୍ବିଘ୍ନମ୍, ନିର୍ବିଘ୍ନଃ)

୯. ଆନନ୍ଦେନ ସା ରମଣୀ ______ ଅଭବତ୍ ।
(ବିକସିତବଦନା, ବିକସିତବଦନୀ)

୧୦. ଦେବେନ୍ଦ୍ରଃ ______ ଶିବାଳୟଂ ଗଚ୍ଛତି ।

(ପ୍ରତିସୋମବାସରମ୍, ପ୍ରତିସୋମବାସରେ)

୧୧. ନୀଲଃ କଣ୍ଠଃ ଯସ୍ୟ ସଃ ______ କଥ୍ୟତେ । (ନୀଳକଣ୍ଠମ୍, ନୀଳକଣ୍ଠଃ)

୧୨. ______ କ୍ଷାଳୟିତ୍ୱା ଭୋଜନଂ କରୁ । (ପାଣିପାଦମ୍, ପାଣିପାଦୌ)

୧୩. ଅସ୍ମାକଂ ବିଦ୍ୟାଳୟେ ______ ଅଭବତ୍ ।

(ମହୋତ୍ସବଃ, ମହାନୁତ୍ସବଃ)

୧୪. ନଦୀ ସନ୍ନିଧେ ଏକଃ ______ ଗ୍ରାମଃ ଶୋଭତେ ।

(ବହୁଜନଃ, ବହୁଜନାଃ)

୧୫. ପକ୍ଷିଣାଂ ______ ଶ୍ରୁତ୍ୱା ମନଃ ପ୍ରସୀଦତି ।

(ମଧୁରରବେଣ, ମଧୁରରବମ୍)

୧୬. ସନ୍ୟାସୀ ଜନଃ ______ ଅସ୍ତି । (ତପୋଧନଃ, ତପୋଧନମ୍)

୧୭. ସପ୍ତାନାମ୍ ଅହ୍ନାଂ ସମାହାରଃ ______ କଥ୍ୟତେ ।

(ସପ୍ତାହଃ, ସପ୍ତାହମ୍ )

୧୮. ଶରୀରମ୍ ପ୍ରଥମଂ ______ । (ଧର୍ମସାଧନମ୍, ଧର୍ମସାଧନଃ)

୧୯. ______ ଦଣ୍ଡମ୍ ଅର୍ହତି । (କୃତପାପଃ, କୃତପାପମ୍)

୨୦. ଏତାଦୃଶଃ ମହାପୁରୁଷଃ ______ ନାସ୍ତି । (ତ୍ରିଭୁବନେ, ତ୍ରିଭୁବନେଷୁ)

୨୧. ______ ବେଦାନ୍ତସ୍ୟ ପ୍ରଚାରଃ କୃତଃ । (ଜଗଦ୍‌ଗୁରୁଃ, ଜଗଦ୍‌ଗୁରୁଣା)

୨୨. ଅୟଂ ______ ବୃକ୍ଷଃ ଅସ୍ତି । (ପତିତପର୍ଣ୍ଣଃ, ପତିତପର୍ଣ୍ଣମ୍)

୨୩. ରାମଃ ______ ଅଧାବତ୍ । (ଅନୁମୃଗଃ, ଅନୁମୃଗମ୍)

୨୪. ମହିଳାଃ ______ ସନ୍ତି । ( ମଣ୍ଡନପ୍ରିୟାଃ, ପ୍ରିୟମଣ୍ଡନାଃ)

୨୫. ଅସ୍ମିନ୍ ବିଦ୍ୟାଳୟେ ଛାତ୍ରାଃ ______ ସନ୍ତି । (କୃତଶ୍ରମାଃ,କୃତଶ୍ରମାନ୍)

୨୬. ସୁଭଦ୍ରା ______ ଅସ୍ତି । (କମଳନୟନା, କମଳନୟନା)

୨୭. ଶିଷ୍ୟ ______ ପଠତି । (ଅଷ୍ଟାଧ୍ୟାୟମ୍, ଅଷ୍ଟାଧ୍ୟାୟୀମ୍)

୨୮. ______ ରାଜ୍ଞଃ ଦାନଶୀଳତାଂ ପରୀକ୍ଷିତୁଂ ସମାଗତଃ ।
(ଦେବାଧିପତିଃ, ଦେବାଧିପତିନା)

୨୯. ଗୁରୁଃ ଶିଷ୍ୟାୟ ______ ଯଚ୍ଛତି । (ବିଦ୍ୟାଧନମ୍, ବିଦ୍ୟାଧନଃ)

୩୦. ଶିବସ୍ୟ ଅପରଂ ନାମ ______ ବର୍ତ୍ତତେ । (ପିନାକପାଣିଃ, ପିନାକପାଣିମ୍)

୭. ସ୍ତମ୍ଭମେଳନଂ କୁରୁତ ।

| କ | ଖ |
|---|---|
| ପାଣୀ ଚ ପାଦୌ ଚ | ତ୍ରିଫଳା |
| ରାଧିକୟା ସହ ଇତି | ପ୍ରତ୍ୟକ୍ଷମ୍ |
| ନିର୍ଗତଂ ଧନଂ ଯସ୍ମାତ୍ ସଃ | ଅନୁତମ୍ |
| ଅକ୍ଷିଣୀ ଅକ୍ଷିଣୀ ପ୍ରତି | ବାକ୍କଳହଃ |
| ନ ଋତମ୍ | ଉପନଦମ୍ |
| ନଦ୍ୟାଃ ସମୀପମ୍ | କାପୁରୁଷଃ |
| କୁତ୍ସିତଃ ପୁରୁଷଃ | କୁଣ୍ଡଳସୁବର୍ଣ୍ଣମ୍ |
| ବାଚା କଳହଃ | ନିର୍ଧନଃ |
| କୁଣ୍ଡଳାୟ ସୁବର୍ଣ୍ଣମ୍ | ସରାଧିକଃ |
| ତ୍ରୟାଣାଂ ଫଳାନାଂ ସମାହାରଃ | ପାଣିପାଦମ୍ |

***

# ୧୮ - ତଦ୍ଧିତ ପ୍ରକରଣ

ଧାତୁ ସହ ସଂଯୁକ୍ତ ହେଉଥିବା ପ୍ରତ୍ୟୟକୁ କୃତ୍ ପ୍ରତ୍ୟୟ ଏବଂ ପ୍ରାତିପଦିକ ସହ ସଂଯୁକ୍ତ ପ୍ରତ୍ୟୟକୁ ତଦ୍ଧିତ ପ୍ରତ୍ୟୟ କୁହାଯାଏ । ତେଭ୍ୟଃ ହିତାଃ = ତଦ୍ଧିତାଃ । ଏହି ପ୍ରତ୍ୟୟ ଗୁଡ଼ିକ ପ୍ରୟୋଗ ବିଧିରେ ହିତକାରକ ଅଟନ୍ତି । କୃତ୍‌ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକୁ 'କୃଦନ୍ତ' ଏବଂ ତଦ୍ଧିତପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକୁ 'ତଦ୍ଧିତାନ୍ତ' କୁହାଯାଏ । ତଦ୍ଧିତ ପ୍ରତ୍ୟୟ ଗୁଡ଼ିକ ସଂଜ୍ଞା, ସର୍ବନାମ ଏବଂ ବିଶେଷଣ ଶବ୍ଦସହ ସଂଯୁକ୍ତ ହୋଇ ବିଶେଷଣର କାର୍ଯ୍ୟ କରିଥାନ୍ତି । ଭିନ୍ନ ଭିନ୍ନ ଅର୍ଥରେ ଏହି ପ୍ରତ୍ୟୟଗୁଡ଼ିକ ପ୍ରାତିପଦିକରେ ଯୁକ୍ତ ହୋଇଥାନ୍ତି । ସଂସ୍କୃତ ବ୍ୟାକରଣରେ ବହୁସଂଖ୍ୟକ ତଦ୍ଧିତ ପ୍ରତ୍ୟୟର ବର୍ଣ୍ଣନା ତଥା ପ୍ରୟୋଗ ପରିଦୃଷ୍ଟ ହୁଏ ।

ଏଠାରେ ଅତ୍ୟନ୍ତ ଉପଯୋଗୀ କେତେକ ତଦ୍ଧିତ ପ୍ରତ୍ୟୟ ବିଷୟରେ ଧାରଣା ଦିଆଗଲା ।

### ଅପତ୍ୟାର୍ଥେ ଅଣ୍ = ଅ

ପୁତ୍ରସ୍ୟ ଅପତ୍ୟଂ ପୁମାନ୍ = ପୁତ୍ର + ଅଣ୍ = ପୌତ୍ରଃ

ପୃଥାୟାଃ ଅପତ୍ୟଂ ପୁମାନ୍ = ପୃଥା + ଅଣ୍ = ପାର୍ଥଃ

ରଘୋରପତ୍ୟଂ ପୁମାନ୍ = ରଘୁ + ଅଣ୍ = ରାଘବଃ

ମନୋର୍ଗୋତ୍ରାପତ୍ୟଂ ପୁମାନ୍ = ମନୁ + ଅଣ୍ = ମାନବଃ

ବସିଷ୍ଠସ୍ୟ ଗୋତ୍ରାପତ୍ୟଂ ପୁମାନ୍ = ବସିଷ୍ଠ + ଅଣ୍ = ବାସିଷ୍ଠଃ

### କାଳାର୍ଥେ ଅଣ୍ = ଅ

ପୁଷ୍ୟେଣ ଯୁକ୍ତମ୍ ଅହଃ = ପୁଷ୍ୟ + ଅଣ୍ = ପୌଷମ୍

ଚିତ୍ରୟା ଯୁକ୍ତଃ ମାସଃ = ଚିତ୍ରା + ଅଣ୍ = ଚୈତ୍ରଃ

**ବିକାରାର୍ଥେ ଅଣ୍ = ଅ**

ସୁବର୍ଣ୍ଣସ୍ୟ ବିକାରଃ = ସୁବର୍ଣ୍ଣ + ଅଣ୍ = ସୌବର୍ଣ୍ଣମ୍

ରଜତସ୍ୟ ବିକାରଃ = ରଜତ + ଅଣ୍ = ରାଜତମ୍

**ରକ୍ତାର୍ଥେ ଅଣ୍ = ଅ**

କଷାୟେଣ ରକ୍ତଂ ବସ୍ତ୍ରମ୍ = କଷାୟ + ଅଣ୍ = କାଷାୟମ୍

ମଞ୍ଜିଷ୍ଠୟା ରକ୍ତଂ ବସ୍ତ୍ରମ୍ = ମଞ୍ଜିଷ୍ଠା + ଅଣ୍ = ମାଞ୍ଜିଷ୍ଠମ୍

**ସମୂହାର୍ଥେ ଅଣ୍ = ଅ**

*(ତସ୍ୟ ସମୂହଃ - ପା. ୪.୨.୩୭)*

କାକାନାଂ ସମୂହଃ = କାକ + ଅଣ୍ = କାକମ୍

ବକାନାଂ ସମୂହଃ = ବକ + ଅଣ୍ = ବାକମ୍

**ସମ୍ବନ୍ଧାର୍ଥେ ଅଣ୍ = ଅ**

ଦେବସ୍ୟ ଅୟମ୍ = ଦେବ + ଅଣ୍ = ଦୈବଃ

ନିଶାୟାଃ ଇଦମ୍ = ନିଶା + ଅଣ୍ = ନୈଶମ୍

ଇନ୍ଦ୍ରସ୍ୟ ଅୟମ୍ = ଇନ୍ଦ୍ର + ଅଣ୍ = ଐନ୍ଦ୍ରଃ

**ଅବୟବାର୍ଥେ ଅଣ୍ = ଅ**

ମୟୂରସ୍ୟ ଅବୟବଃ = ମୟୂର + ଅଣ୍ = ମାୟୂରଃ

ପିପ୍ପଳସ୍ୟ ଅବୟବଃ = ପିପ୍ପଳ + ଅଣ୍ = ପୈପ୍ପଳଃ

**ଶୈଷିକ ଅଣ୍ = ଅ**

ଶ୍ରବଣେନ ଶ୍ରୂୟତେ = ଶ୍ରବଣ + ଅଣ୍ = ଶ୍ରାବଣଃ

ଚକ୍ଷୁଷା ଗୃହ୍ୟତେ = ଚକ୍ଷୁଷ୍ + ଅଣ୍ = ଚାକ୍ଷୁଷମ୍

**ଅପତ୍ୟାର୍ଥେ ଇଞ୍ = ଇ**

ଇଞ୍ ର 'ଞ୍'ର ଲୋପ ହୋଇ କେବଳ 'ଇ' ରହେ । *(ଅତ ଇଞ୍ - ପା. ୪.୧.୯୫ । ଅକାରାନ୍ତଂ ଯତ୍ ପ୍ରାତିପଦିକଂ ତତ୍ପ୍ରକୃତିକାତ୍ ଷଷ୍ଠ୍ୟନ୍ତାତ୍ ଇଞ୍ ସ୍ୟାଦପତ୍ୟେଽର୍ଥେ )।*

ଦଶରଥସ୍ୟ ଅପତ୍ୟଂ ପୁମାନ୍ = ଦଶରଥ + ଇଞ୍ = ଦାଶରଥିଃ

ଦକ୍ଷସ୍ୟ ଅପତ୍ୟଂ ପୁମାନ୍ = ଦକ୍ଷ + ଇଞ୍ = ଦାକ୍ଷିଃ

ଉଡୁଲୋମ୍ନଃ ଅପତ୍ୟଂ ପୁମାନ୍ = ଉଡୁଲୋମନ୍+ଇଞ୍=ଔଡୁଲୋମିଃ

*(ବାହ୍ୱାଦିଭ୍ୟଶ୍ଚ - ପା.୪.୧.୯୬)* ।

ଦ୍ରୋଣସ୍ୟ ଅପତ୍ୟଂ ପୁମାନ୍ = ଦ୍ରୋଣ + ଇଞ୍ = ଦ୍ରୌଣିଃ

ସୁମିତ୍ରାୟାଃ ଅପତ୍ୟଂ ପୁମାନ୍ = ସୁମିତ୍ରା + ଇଞ୍ = ସୌମିତ୍ରିଃ

ସଞ୍ଜାତାର୍ଥେ ଇତଚ୍ = ଇତ୍

ତାରକାଃ ସଞ୍ଜାତାଃ ଅସ୍ୟ = ତାରକା + ଇତଚ୍ = ତାରକିତମ୍

ପୁଷ୍ପାଣି ସଞ୍ଜାତାନି ଅସ୍ୟ = ପୁଷ୍ପ + ଇତଚ୍ = ପୁଷ୍ପିତଃ

ଦୁଃଖଂ ସଞ୍ଜାତମ୍ ଅସ୍ମିନ୍ = ଦୁଃଖ + ଇତଚ୍ = ଦୁଃଖିତଃ

ଅସ୍ୟାସ୍ତ୍ୟର୍ଥେ ଇନି = ଇନ୍

ଦଣ୍ଡଃ ଅସ୍ୟ ଅସ୍ତି = ଦଣ୍ଡ + ଇନି = ଦଣ୍ଡିନ୍

ଧନମ୍ ଅସ୍ୟ ଅସ୍ତି = ଧନ + ଇନି = ଧନିନ୍

ସୁଖମ୍ ଅସ୍ୟ ଅସ୍ତି = ସୁଖ + ଇନି = ସୁଖିନ୍

ଯୋଗଃ ଅସ୍ୟ ଅସ୍ତି = ଯୋଗ + ଇନି = ଯୋଗିନ୍

ରୋଗଃ ଅସ୍ୟ ଅସ୍ତି = ରୋଗ + ଇନି = ରୋଗିନ୍

ଜ୍ଞାନମ୍ ଅସ୍ୟ ଅସ୍ତି = ଜ୍ଞାନ + ଇନି = ଜ୍ଞାନିନ୍

ଭାବେ ଇମନିଚ୍ = ଇମନ୍

ପୃଥୋଃ ଭାବଃ = ପୃଥୁ + ଇମନିଚ୍ = ପ୍ରଥିମା

ମୃଦୋଃ ଭାବଃ = ମୃଦୁ + ଇମନିଚ୍ = ମ୍ରଦିମା

ଶୁକ୍ଳସ୍ୟ ଭାବଃ = ଶୁକ୍ଳ + ଇମନିଚ୍ = ଶୁକ୍ଳିମା

**ସମ୍ବନ୍ଧାର୍ଥେ ଖଞ୍ = ଈନ**

ଗ୍ରାମ + ଖଞ୍ = ଗ୍ରାମୀଣଃ

ନବ + ଖଞ୍ = ନବୀନଃ

କୁଳ + ଖଞ୍ = କୁଳୀନଃ

**ଜାତାର୍ଥେ ଘ = ଇୟ**

ରାଷ୍ଟ୍ର + ଘ = ରାଷ୍ଟ୍ରିୟଃ

**ଅଭୂତତଦ୍ଭାବେ ଚ୍ୱି = ଈ**

କୃ, ଭୂ ଏବଂ ଅସ୍ ଧାତୁ ପୂର୍ବରୁ 'ଚ୍ୱି'ପ୍ରତ୍ୟୟ ଯୋଗ କରାଯାଏ ।

ଅଶୁକ୍ଳଃ ଶୁକ୍ଳଃ ଭୂତଃ - ଶୁକ୍ଳୀଭୂତଃ

ଅପୁତ୍ରଃ ପୁତ୍ରଃ ସମ୍ପଦ୍ୟତେ, ତଂ ତଥା କରୋତି = ପୁତ୍ରୀକରୋତି

କୃଷ୍ଣ + ଚ୍ୱି + କ୍ରିୟତେ = କୃଷ୍ଣୀକ୍ରିୟତେ

**ହିତାର୍ଥେ ଯତ୍ = ଯ, ଛ = ଈୟ**

ହବିଷେ ହିତମ୍ = ହବିଷ୍ + ଯତ୍ = ହବିଷ୍ୟମ୍

ଗୋଭ୍ୟଃ ହିତମ୍ = ଗୋ + ଯତ୍ = ଗବ୍ୟମ୍

ବସ୍ତ୍ରେଭ୍ୟଃ ହିତମ୍ = ବସ୍ତ୍ର + ଛ = ବସ୍ତ୍ରୀୟମ୍

**ସମ୍ବନ୍ଧାର୍ଥେ ଛ = ଈୟ**

*(ବୃଦ୍ଧାଚ୍ଛଃ - ପା. ୪.୨.୧୧୪)* ।

ଏତଦ୍ + ଛ = ଏତଦୀୟଃ । ଯୁଷ୍ମଦ୍ + ଛ = ଯୁଷ୍ମଦୀୟଃ ।

ଭବତ୍ + ଛ = ଭବଦୀୟଃ । ଅସ୍ମଦ୍ + ଛ = ଅସ୍ମଦୀୟଃ ।

ଯଦ୍ + ଛ = ଯଦୀୟଃ । ତଦ୍ + ଛ = ତଦୀୟଃ ।

### ଭବାର୍ଥେ ଠକ୍ / ଠଞ୍ = ଇକ

ମାସେ ଭବଃ = ମାସ + ଠକ୍ / ଠଞ୍ = ମାସିକଃ

ବର୍ଷେ ଭବଃ = ବର୍ଷ + ଠକ୍ = ବାର୍ଷିକଃ

### ଅସ୍ୟାସ୍ତ୍ୟର୍ଥେ ଠନ୍ = ଇକ

ଦଣ୍ଡଃ ଅସ୍ୟ ଅସ୍ତି = ଦଣ୍ଡ + ଠନ୍ = ଦଣ୍ଡିକଃ

ଧନମ୍ ଅସ୍ୟ ଅସ୍ତି = ଧନ + ଠନ୍ = ଧନିକଃ

ମାୟା ଅସ୍ୟ ଅସ୍ତି = ମାୟା + ଠନ୍ = ମାୟିକଃ

ବ୍ରୀହି ଅସ୍ୟ ଅସ୍ତି = ବ୍ରୀହି + ଠନ୍ = ବ୍ରୀହିକଃ

### ଅପତ୍ୟାର୍ଥେ ଢକ୍ = ଏୟ

ଅତ୍ରେଃ ଅପତ୍ୟଂ ପୁମାନ୍ = ଅତ୍ରି + ଢକ୍ = ଆତ୍ରେୟଃ

କୁନ୍ତ୍ୟାଃ ଅପତ୍ୟଂ ପୁମାନ୍ = କୁନ୍ତୀ + ଢକ୍ = କୌନ୍ତେୟଃ

ବିନତାୟାଃ ଅପତ୍ୟଂ ପୁମାନ୍ = ବିନତା + ଢକ୍ = ବୈନତେୟଃ

କନ୍ୟା କ୍ଷେତ୍ରରେ ବ୍ୟତିକ୍ରମ -

କନ୍ୟାରୁ ଅଣ୍ ପ୍ରତ୍ୟୟ, କନ୍ୟାର କନୀନ ଆଦେଶ ।

କନ୍ୟାୟାଃ ଅପତ୍ୟଂ ପୁମାନ୍ = କାନୀନଃ (ବ୍ୟାସ ଓ କର୍ଣ୍ଣ)

### ଅପତ୍ୟାର୍ଥେ ଣ୍ୟତ୍ = ଯ

ଗର୍ଗସ୍ୟ ଗୋତ୍ରାପତ୍ୟଂ ପୁମାନ୍ = ଗର୍ଗ + ଣ୍ୟତ୍ = ଗାର୍ଗ୍ୟଃ

ଚଣକସ୍ୟ ଅପତ୍ୟଂ ପୁମାନ୍ = ଚଣକ + ଣ୍ୟତ୍ = ଚାଣକ୍ୟଃ

ଦିତେଃ ଅପତ୍ୟଂ ପୁମାନ୍ = ଦିତି + ଣ୍ୟତ୍ = ଦୈତ୍ୟଃ

ଅଦିତେଃ ଅପତ୍ୟ ପୁମାନ୍ = ଅଦିତି + ଣ୍ୟତ୍ = ଆଦିତ୍ୟଃ

### ଭବାର୍ଥକ ଟ୍ୟୁ = ତନ, ଖ = ଈନ

ପୁରା ଭବମ୍ = ପୁରା + ଟ୍ୟୁ = ପୁରାତନମ୍

ଅଦ୍ୟ ଭବମ୍ = ଅଦ୍ୟ + ଟ୍ୟୁ = ଅଦ୍ୟତନମ୍

ସାୟଂ ଭବମ୍ = ସାୟମ୍ + ଟ୍ୟୁ = ସାୟନ୍ତନମ୍

ଚିରଂ ଭବମ୍ = ଚିରମ୍ + ଟ୍ୟୁ = ଚିରନ୍ତନମ୍

ପ୍ରାକ୍ ଭବମ୍ = ପ୍ରାକ୍ + ଖ = ପ୍ରାଚୀନମ୍

### ଭବାର୍ଥକ ତଲ୍ = ତା

ଗୁରୋଃ ଭାବଃ = ଗୁରୁ + ତଲ୍ = ଗୁରୁତା

ଲଘୋଃ ଭାବଃ = ଲଘୁ + ତଲ୍ = ଲଘୁତା

ବିଦୁଷଃ ଭାବଃ = ବିଦ୍ୱସ୍ + ତଲ୍ = ବିଦ୍ୱତ୍ତା

ମୂର୍ଖସ୍ୟ ଭାବଃ = ମୂର୍ଖ + ତଲ୍ = ମୂର୍ଖତା

### ସମୂହାର୍ଥେ ତଲ୍ = ତା, ଅଣ୍ (ଅ)

ସମୂହ ଅର୍ଥରେ ଗ୍ରାମ, ଜନ ଶବ୍ଦରେ ଏହି ପ୍ରତ୍ୟୟ ବ୍ୟବହୃତ ହୁଏ ।

ଗ୍ରାମାଣାଂ ସମୂହଃ = ଗ୍ରାମ + ତଲ୍ = ଗ୍ରାମତା

ଜନାନାଂ ସମୂହଃ = ଜନ + ତଲ୍ = ଜନତା

ଭିକ୍ଷାଣାଂ ସମୂହଃ = ଭିକ୍ଷା + ଅଣ୍ = ଭୈକ୍ଷମ୍

### ପଞ୍ଚମୀବିଭକ୍ତ୍ୟର୍ଥେ ତସିଲ୍ = ତଃ

ଉଭୟ + ତସିଲ୍ = ଉଭୟତଃ । ଅସ୍ମଦ୍ + ତସିଲ୍ = ଅସ୍ମତ୍ତଃ

କସ୍ମାତ୍ ଇତି = କିମ୍ + ତସିଲ୍ = କୁତଃ

ଯସ୍ମାତ୍ ଇତି = ଯଦ୍ + ତସିଲ୍ = ଯତଃ

ତସ୍ମାତ୍ ଇତି = ତଦ୍ + ତସିଲ୍ = ତତଃ

ଏତଦ୍ + ତସିଲ୍ = ଅତଃ । ଇଦମ୍ + ତସିଲ୍ = ଇତଃ

ଆଦି + ତସିଲ୍ = ଆଦିତଃ । ପରି + ତସିଲ୍ = ପରିତଃ

ସର୍ବ + ତସିଲ୍ = ସର୍ବତଃ ।

## ଭବାର୍ଥେ ତ୍ୟକ୍ = ତ୍ୟ

ପଶ୍ଚାତ୍ ଭବଃ = ପଶ୍ଚାତ୍ + ତ୍ୟକ୍ = ପାଶ୍ଚାତ୍ୟଃ

ଦକ୍ଷିଣ + ତ୍ୟକ୍ = ଦାକ୍ଷିଣାତ୍ୟଃ

ପୁରସ୍ + ତ୍ୟକ୍ = ପୌରସ୍ତ୍ୟଃ

## ସପ୍ତମୀବିଭକ୍ତ୍ୟର୍ଥେ ତ୍ରଲ୍ = ତ୍ର

ସମସ୍ତ ତ୍ରଲ୍ ପ୍ରତ୍ୟୟାନ୍ତ ପଦ ଅବ୍ୟୟ ଅଟନ୍ତି, ଏଗୁଡିକ ସପ୍ତମୀ-ବିଭକ୍ତିଦ୍ୟୋତକ ଅଟନ୍ତି ।

ସର୍ବ + ତ୍ରଲ୍ = ସର୍ବତ୍ର । କିମ୍ + ତ୍ରଲ୍ = କୁତ୍ର

ଇଦମ୍ + ତ୍ରଲ୍ = ଅତ୍ର । ଯଦ୍ + ତ୍ରଲ୍ = ଯତ୍ର

ବହୁ + ତ୍ରଲ୍ = ବହୁତ୍ର

## ଭାବାର୍ଥେ ତ୍ୱ

ଲଘୋଃ ଭାବଃ = ଲଘୁ + ତ୍ୱ = ଲଘୁତ୍ୱମ୍

ଗୁରୋଃ ଭାବଃ = ଗୁରୁ + ତ୍ୱ = ଗୁରୁତ୍ୱମ୍

ଶିଶୋଃ ଭାବଃ = ଶିଶୁ + ତ୍ୱ = ଶିଶୁତ୍ୱମ୍

ମହତଃ ଭାବଃ = ମହତ୍ + ତ୍ୱ = ମହତ୍ତ୍ୱମ୍

ଦେବସ୍ୟ ଭାବଃ = ଦେବ + ତ୍ୱ = ଦେବତ୍ୱମ୍

## ପ୍ରକାରାର୍ଥେ ଥାଲ୍ = ଥା

ସର୍ବୈଃ ପ୍ରକାରୈଃ ଇତି = ସର୍ବ + ଥାଲ୍ = ସର୍ବଥା

ଯେନ ପ୍ରକାରେଣ ଇତି = ଯଦ୍ + ଥାଲ୍ = ଯଥା

ତେନ ପ୍ରକାରେଣ ଇତି = ତଦ୍ + ଥାଲ୍ = ତଥା

ଅନ୍ୟେନ ପ୍ରକାରେଣ ଇତି = ଅନ୍ୟ + ଥାଲ୍ = ଅନ୍ୟଥା

### କାଳାର୍ଥେ ଦା / ଦାନୀମ୍

ସର୍ବ + ଦା = ସର୍ବଦା । ଏକ + ଦା = ଏକଦା

ଅନ୍ୟ + ଦା = ଅନ୍ୟଦା । କିମ୍ + ଦାନୀମ୍ = କଦାନୀମ୍

ଯଦ୍ + ଦାନୀମ୍ = ଯଦାନୀମ୍ । ତଦ୍ + ଦାନୀମ୍ = ତଦାନୀମ୍

ଇଦମ୍ + ଦାନୀମ୍ = ଇଦାନୀମ୍ ।

### ଈଷଦସମାପ୍ତ୍ୟର୍ଥେ ଦେଶ୍ୟ / ଦେଶୀୟର୍ / କଳ୍ପପ୍ (କଳ୍ପ)

ଈଷଦ୍ ଊନଃ ବିଦ୍ୱାନ୍ = ବିଦ୍ୱତ୍ + ଦେଶ୍ୟ = ବିଦ୍ୱଦ୍ଦେଶ୍ୟଃ

ଈଷଦ୍ ଊନଃ ବିଦ୍ୱାନ୍ = ବିଦ୍ୱତ୍ + ଦେଶୀୟର୍ = ବିଦ୍ୱଦ୍ଦେଶୀୟଃ

ଈଷଦ୍ ଊନଃ ବିଦ୍ୱାନ୍ = ବିଦ୍ୱତ୍ + କଳ୍ପପ୍ = ବିଦ୍ୱତ୍କଳ୍ପଃ

### ପ୍ରକାରାର୍ଥେ ଧା

କତି ପ୍ରକାରାଃ = କତି + ଧା = କତିଧା

ବହୁ + ଧା = ବହୁଧା । ଦ୍ୱି + ଧା = ଦ୍ୱିଧା

ତ୍ରି + ଧା = ତ୍ରିଧା । ଶତ + ଧା = ଶତଧା

### ଅସ୍ୟ ଅସ୍ମିନ୍ ବା ଅସ୍ତି ଅର୍ଥରେ ମତୁପ୍ = ମତ୍

ଗାବଃ ଅସ୍ୟ ସନ୍ତି = ଗୋ + ମତୁପ୍ = ଗୋମାନ୍

ବୁଦ୍ଧିଃ ଅସ୍ୟ ଅସ୍ମିନ୍ ବା ଅସ୍ତି = ବୁଦ୍ଧି + ମତୁପ୍ = ବୁଦ୍ଧିମାନ୍

ଶ୍ରୀଃ ଅସ୍ୟ ଅସ୍ମିନ୍ ବା ଅସ୍ତି = ଶ୍ରୀ + ମତୁପ୍ = ଶ୍ରୀମାନ୍

କୀର୍ତ୍ତିଃ ଅସ୍ୟ ଅସ୍ତି = କୀର୍ତ୍ତି + ମତୁପ୍ = କୀର୍ତ୍ତିମାନ୍

ଧୀଃ ଅସ୍ୟ ଅସ୍ତି = ଧୀ + ମତୁପ୍ = ଧୀମାନ୍

ଆୟୁଃ ଅସ୍ୟ ଅସ୍ତି = ଆୟୁସ୍ + ମତୁପ୍ = ଆୟୁଷ୍ମାନ୍

### ବିକାରାର୍ଥେ ମୟଟ୍ = ମୟ

କାଷ୍ଠସ୍ୟ ବିକାରଃ = କାଷ୍ଠ + ମୟଟ୍ = କାଷ୍ଠମୟମ୍

ମୃଦୋଃ ବିକାରଃ = ମୃଦ୍ + ମୟଟ୍ = ମୃଣ୍ମୟମ୍,ମୃନ୍ମୟମ୍

ଲୌହସ୍ୟ ବିକାରଃ = ଲୌହ + ମୟଟ୍ = ଲୌହମୟମ୍

ହିରଣ୍ୟସ୍ୟ ବିକାରଃ = ହିରଣ୍ୟ + ମୟଟ୍ = ହିରଣ୍ମୟମ୍

**ପ୍ରାଚୁର୍ଯ୍ୟାର୍ଥେ ମୟଟ୍ = ମୟ**

ଜଳେନ ବ୍ୟାପ୍ତମ୍ = ଜଳ + ମୟଟ୍ = ଜଳମୟମ୍

ଅନ୍ନଂ ପ୍ରଚୁରଂ ଯସ୍ମିନ୍ = ଅନ୍ନ + ମୟଟ୍ = ଅନ୍ନମୟମ୍

**ପରିମାଣାର୍ଥେ ମାତ୍ରଚ୍ = ମାତ୍ର**

ହସ୍ତଃ ପ୍ରମାଣମ୍ (ପରିମାଣମ୍) ଅସ୍ୟ = ହସ୍ତ + ମାତ୍ରଚ୍ = ହସ୍ତମାତ୍ରମ୍

ତାଳଃ ପ୍ରମାଣମ୍ ଅସ୍ୟ = ତାଳ + ମାତ୍ରଚ୍ = ତାଳମାତ୍ରମ୍

ମୁଷ୍ଟିଃ ପ୍ରମାଣମ୍ ଅସ୍ୟ = ମୁଷ୍ଟି + ମାତ୍ରଚ୍ = ମୁଷ୍ଟିମାତ୍ରମ୍

**ଯୋଗ୍ୟାର୍ଥେ ଯତ୍ = ଯ**

ବଧମ୍ ଅର୍ହତି ଇତି = ବଧ୍ + ଯତ୍ = ବଧ୍ୟଃ

ଅର୍ଘମ୍ ଅର୍ହତି ଇତି = ଅର୍ଘ୍ + ଯତ୍ = ଅର୍ଘ୍ୟଃ

ଦଣ୍ଡମ୍ ଅର୍ହତି ଇତି = ଦଣ୍ଡ୍ + ଯତ୍ = ଦଣ୍ଡ୍ୟଃ

ଭେଦମ୍ ଅର୍ହତି ଇତି = ଭେଦ + ଯତ୍ = ଭେଦ୍ୟଃ

**ବତୁପ୍ = ବତ୍**

ଏତତ୍ ପରିମାଣମ୍ ଅସ୍ୟ = ଏତତ୍ + ବତୁପ୍ = ଏତାବତ୍

ତତ୍ ପରିମାଣମ୍ ଅସ୍ୟ (ପୁମାନ୍)= ତତ୍ + ବତୁପ୍ = ତାବାନ୍

ଯତ୍ ପରିମାଣମ୍ ଅସ୍ୟ = ଯତ୍ + ବତୁପ୍ = ଯାବାନ୍

**ଅସ୍ତ୍ୟର୍ଥେ ମତୁପ୍ ,ବତୁପ୍**

ଧନମ୍ ଅସ୍ୟ ଅସ୍ତି = ଧନ + ବତୁପ୍ = ଧନବାନ୍

ଲକ୍ଷ୍ମୀଃ ଅସ୍ୟ ଅସ୍ତି = ଲକ୍ଷ୍ମୀ + ବତୁପ୍ = ଲକ୍ଷ୍ମୀବାନ୍

ବିଦ୍ୟା ଅସ୍ୟ ଅସ୍ମିନ୍ ବା ଅସ୍ତି = ବିଦ୍ୟା + ବତୁପ୍ = ବିଦ୍ୟାବାନ୍

ଜ୍ଞାନମସ୍ତି ଅସ୍ୟାଃ ଇତି ଜ୍ଞାନବତୀ, ଜ୍ଞାନମସ୍ତି ଯସ୍ୟ ତତ୍ ଜ୍ଞାନବତ୍ ।

ବଳମସ୍ତି ଅସ୍ୟ = ବଳ + ବତୁପ୍ = ବଳବାନ୍

### ଅସ୍ୟାସ୍ତ୍ୟର୍ଥେ ବିନ୍ = ଇନ୍

ମେଧା ଅସ୍ୟ ଅସ୍ତି = ମେଧା + ବିନ୍ = ମେଧାବୀ

ମାୟା ଅସ୍ୟ ଅସ୍ତି = ମାୟା + ବିନ୍ = ମାୟାବୀ

### 'ତତ୍ର ଭବଃ' ଅର୍ଥରେ ବୁଞ୍ = ଅକ

ଧୂମେ ଭବଃ = ଧୂମ + ବୁଞ୍ = ଧୌମକଃ

ତୀର୍ଥେ ଭବଃ = ତୀର୍ଥ + ବୁଞ୍ = ତୈର୍ଥକଃ

### ଭାବାର୍ଥେ ଷ୍ୟଞ୍ = ଯ

ଶୁକ୍ଳସ୍ୟ ଭାବଃ = ଶୁକ୍ଳ + ଷ୍ୟଞ୍ = ଶୌକ୍ଲ୍ୟମ୍

ମଧୁରସ୍ୟ ଭାବଃ = ମଧୁର + ଷ୍ୟଞ୍ = ମାଧୁର୍ଯ୍ୟମ୍

ଦୃଢସ୍ୟ ଭାବଃ = ଦୃଢ + ଷ୍ୟଞ୍ = ଦାର୍ଢ୍ୟମ୍

ଜଡସ୍ୟ ଭାବଃ = ଜଡ + ଷ୍ୟଞ୍ = ଜାଡ୍ୟମ୍

### ସ୍ୱରୂପପରିବର୍ତ୍ତନାର୍ଥେ ସାତି = ସାତ୍

କୌଣସି ବସ୍ତୁର ସ୍ୱରୂପ ପରିବର୍ତ୍ତନ ବୁଝାଇବାକୁ ଏହି ପ୍ରତ୍ୟୟର ପ୍ରୟୋଗ କରାଯାଏ ।

ସର୍ବଂ ଜ୍ଞାନମ୍ ଆତ୍ମା ସମ୍ପଦ୍ୟତେ = ଆତ୍ମସାତ୍ ଭବତି

କୃତ୍ସ୍ନଂ ଶସ୍ତ୍ରମ୍ ଅଗ୍ନିଃ ସମ୍ପଦ୍ୟତେ = ଅଗ୍ନିସାତ୍ ଭବତି

### କାଳାର୍ଥେ ହିଲ୍ = ହିଁ

ଏତସ୍ମିନ୍ କାଳେ = ଇଦମ୍ + ହିଲ୍ = ଏତର୍ହି

ତସ୍ମିନ୍ କାଳେ = ତଦ୍ + ହିଲ୍ = ତର୍ହି

କସ୍ମିନ୍ କାଳେ = କିମ୍ + ର୍ହିଲ୍ = କର୍ହି

ଯସ୍ମିନ୍ କାଳେ = ଯତ୍ + ର୍ହିଲ = ଯର୍ହି

**ତାରତମ୍ୟବୋଧକ ତଦ୍ଧିତପ୍ରତ୍ୟୟ ତରପ୍, ତମପ୍, ଈୟସୁନ୍ ଏବଂ ଇଷ୍ଠନ୍**

ଦୁଇଟି ମଧ୍ୟରେ ଯଦି ଗୋଟିକର ଗୁଣ ଅନ୍ୟଠାରୁ ନ୍ୟୂନ ଅଥବା ଅଧିକ ଥାଏ, ତେବେ ତୁଳନାତ୍ମକ ପ୍ରତ୍ୟୟ ପ୍ରୟୋଗ କରାଯାଏ । ଦୁଇରୁ ଅଧିକ ମଧ୍ୟରେ ଗୋଟିକର ସର୍ବାଧିକ ବା ସର୍ବନ୍ୟୂନ ଗୁଣ ଥିଲେ ସେ ସ୍ଥାନରେ ଅତିଶୟବାଚକ ପ୍ରତ୍ୟୟ ପ୍ରୟୋଗ କରାଯାଏ ।

**ଦୁଇଟି ମଧ୍ୟରେ ତରପ୍ -**

ଅୟମ୍ ଅନୟୋଃ ଅତିଶୟେନ ପଟୁଃ = ପଟୁ + ତରପ୍ = ପଟୁତରଃ

ରାମଃ ଗୋପାଳାତ୍ ପଟୁତରଃ । ଅନୟୋଃ ଅଶ୍ୱୟୋଃ ଅୟଂ କୃଷ୍ଣତରଃ; ଦ୍ରୁତତରଃ = ଦ୍ରୁତ + ତରପ୍ = ଦ୍ରୁତତରଃ ।

**ଦୁଇରୁ ଅଧିକ - ତମପ୍ -**

ଅୟମ୍ ଏଷାମ୍ / ଏଷୁ ଅତିଶୟେନ ଲଘୁଃ = ଲଘୁ + ତମପ୍ = ଲଘୁତମଃ । ସର୍ବେ ଏବ ଇମେ ବୃକ୍ଷାଃ ଉଚ୍ଚାଃ, ପରମ୍ ଅୟଂ ବୃକ୍ଷଃ ସର୍ବେଷୁ ଲଘୁତମଃ । ଗଜଃ ସର୍ବେଷୁ ପଶୁଷୁ ସ୍ଥୂଳତମଃ । ଏହିଭଳି -

ପାଚକତରଃ, ପାଚକତମଃ, କୁମାରତରଃ, କୁମାରତମଃ ପ୍ରଭୃତି ।

ତରପ୍ ଓ ତମପ୍ ସ୍ଥାନରେ ଯଥାକ୍ରମେ ଈୟସୁନ୍ ଏବଂ ଇଷ୍ଠନ୍ ପ୍ରତ୍ୟୟ ପ୍ରୟୋଗ କରାଯାଏ । ଈୟସୁନ୍ ରୁ ଈୟସ୍ ଏବଂ ଇଷ୍ଠନ୍ ରୁ ଇଷ୍ଠ ରହେ । ଏହି ପ୍ରତ୍ୟୟଗୁଡ଼ିକ ପ୍ରାଣୀ ହେଉ ବା ପଦାର୍ଥ ହେଉ, ତାହାର ଉତ୍କର୍ଷ ବା ଅପକର୍ଷ ବୁଝାଇଥାନ୍ତି ।

ଅଳ୍ପ - ଅଳ୍ପୀୟସ୍ - ଅଳ୍ପିଷ୍ଠ । କ୍ଷୁଦ୍ର - କ୍ଷୋଦୀୟସ୍ - କ୍ଷୋଦିଷ୍ଠ ।

କ୍ଷିପ୍ର - କ୍ଷେପୀୟସ୍ - କ୍ଷେପିଷ୍ଠ । ବହୁଳ - ବଂହୀୟସ୍ - ବଂହିଷ୍ଠ ।

ଦୃଢ - ଦ୍ରଢୀୟସ୍ - ଦ୍ରଢିଷ୍ଠ । ବହୁ - ଭୂୟସ୍ - ଭୂୟିଷ୍ଠ ।

ଦୀର୍ଘ - ଦ୍ରାଘୀୟସ୍ - ଦ୍ରାଘିଷ୍ଠ । ସ୍ଥିର - ସ୍ଥେୟସ୍ ସ୍ଥେଷ୍ଠ ।

ପ୍ରିୟ - ପ୍ରେୟସ୍ - ପ୍ରେଷ୍ଠ । ମହତ୍ - ମହୀୟସ୍ - ମହିଷ୍ଠ ।

ବୃଦ୍ଧ - ଜ୍ୟାୟସ୍ - ଜ୍ୟେଷ୍ଠ ଅଥବା ବର୍ଷୀୟସ୍ - ବର୍ଷିଷ୍ଠ ।

ଯୁବନ୍ - ଯବୀୟସ୍ - ଯବିଷ୍ଠ ଅଥବା କନୀୟସ୍ - କନିଷ୍ଠ ।

ଗୁରୁ - ଗରୀୟସ୍ - ଗରିଷ୍ଠ । ସ୍ଥୂଳ - ସ୍ଥବୀୟସ୍ - ସ୍ଥବିଷ୍ଠ ।

ଈୟସ୍ ଅନ୍ତଥିବା ପଦଟି ସ୍ତ୍ରୀଲିଙ୍ଗରେ ଈକାରାନ୍ତ ରୂପ ହୁଏ ।

ଯଥା - ଗରୀୟସୀ, ନପୁଂସକଲିଙ୍ଗରେ ଗରୀୟଃ ହୋଇଥାଏ ।

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।

ତଦଧୀତେ ତଦ୍ବେଦ -

ଅଣ୍, ଠକ୍, ବୁନ୍

ବ୍ୟାକରଣମ୍ ଅଧୀତେ ବେଦ = ବ୍ୟାକରଣ + ଅଣ୍ = ବୈୟାକରଣଃ

ନ୍ୟାୟମ୍ ଅଧୀତେ ବେଦ = ନ୍ୟାୟ + ଠକ୍ = ନୈୟାୟିକଃ

ମୀମାଂସାମ୍ ଅଧୀତେ ବେଦ = ମୀମାଂସା + ବୁନ୍ = ମୀମାଂସକଃ

ପିତୃବ୍ୟ, ମାତୁଳ, ମାତାମହ, ପିତାମହ = ଏମାନେ ନିପାତନସିଦ୍ଧ ।

ପିତୁଃ ଭ୍ରାତା = ପିତୃବ୍ୟଃ । ମାତୁଃ ଭ୍ରାତା = ମାତୁଳଃ ।

ମାତୁଃ ପିତା = ମାତାମହଃ । ପିତୁଃ ପିତା = ପିତାମହଃ ।

### ସାଽସ୍ୟ ଦେବତା - ଅଣ୍, ଣ୍ୟ

ଇନ୍ଦ୍ରଃ ଦେବତା ଅସ୍ୟ - ଇନ୍ଦ୍ର + ଅଣ୍ = ଐନ୍ଦ୍ରମ୍ (ହବିଃ)

ପଶୁପତିଃ ଦେବତା ଅସ୍ୟ = ପଶୁପତି + ଅଣ୍ = ପାଶୁପତମ୍ (ଅସ୍ତ୍ରମ୍)

ବୃହସ୍ପତିଃ ଦେବତା ଅସ୍ୟ = ବୃହସ୍ପତି + ଣ୍ୟ = ବାର୍ହସ୍ପତ୍ୟମ୍ ।

ବାୟୁ + ଯତ୍ = ବାୟବ୍ୟମ୍ ।

ବେତନେନ ଜୀବତି = ବେତନ + ଠକ୍ = ବୈତନିକଃ ।

## ଅନୁଶୀଳନୀ

୧. ଅଧୋଦତ୍ତପଦାନାଂ ମୂଳଶବ୍ଦଂ ତଦ୍ଧିତପ୍ରତ୍ୟୟଞ୍ଚ ଲିଖତ -

ପ୍ରାଚୀନଃ, ଯଶସ୍ୱୀ, ଦାଶରଥିଃ, ଦୈତ୍ୟଃ, ପାଣ୍ଡବଃ, କକୁଦ୍ମାନ୍, ଶିଖାବାନ୍, ଗୁରୁକଳ୍ପଃ, ଦୈବମ୍, ଶାରୀରମ୍, ମାହିଷମ୍, ଭବଦୀୟଃ, ଜ୍ୟେଷ୍ଠଃ, କୌରବ୍ୟଃ, ମାଧୁର୍ଯ୍ୟମ୍, ଭସ୍ମସାତ୍, ଗରୀୟସୀ, ତପସ୍ୱିନ୍, ଜ୍ଞାନବତୀ, ରାଗବତୀ, ଭୈବ୍ୟଃ, ଗ୍ରାମୀଣଃ, ମୁଷ୍ଟିମାତ୍ରମ୍, ଅନ୍ନମୟଃ, ବୁଦ୍ଧିମାନ୍, ଦ୍ୱିଧା, ତଦାନୀମ୍, ଯଥା, ପ୍ରଭୁତ୍ୱମ୍, ଅମୁତ୍ର, ପାଶ୍ଚାତ୍ୟଃ, ଇତଃ, ଜନତା, ସାୟନ୍ତନମ୍, ବାର୍ଷିକଃ, ତଦୀୟଃ, ମାରୁତିଃ, ଅଣିମା, ହସ୍ତୀ, ମୁଦ୍ରିତମ୍, ଚାକ୍ଷୁଷମ୍, ମେଧାବୀ ।

୨. ତଦ୍ଧିତପ୍ରତ୍ୟୟଂ ବ୍ୟବହୃତ୍ୟ ଏକପଦୀକୁରୁତ -

ରଘୋଃ ଅପତ୍ୟଂ ପୁମାନ୍ । କୁମାରସ୍ୟ ଭାବଃ । ମାସେ ଭବଃ । ବେତନେନ ଜୀବତି । ପର୍ବତସ୍ୟ ଅପତ୍ୟଂ ସ୍ତ୍ରୀ । ଶର୍କରାୟାଃ ବିକାରଃ । ଯଦୋଃ ଅପତ୍ୟଂ ପୁମାନ୍ । ଭୂତଂ ପୂର୍ବଂ ଯସ୍ମିନ୍ ତତ୍ । ମହତଃ ଭାବଃ । ଧନମ୍ ଅସ୍ୟ ଅସ୍ତି । ତ୍ରିଂଶତା ଯୁକ୍ତଃ ମାସଃ । କଷାୟେଣ ରକ୍ତଂ ବସ୍ତ୍ରମ୍ । ଦଣ୍ଡଃ ଅସ୍ୟ ଅସ୍ତି । ଗୋଭ୍ୟଃ ହିତମ୍ । ତେନ ପ୍ରକାରେଣ ଇତି । ଯଜ୍ଞଃ ଅସ୍ୟ ଅସ୍ତି । ଭେଦମ୍ ଅର୍ହତି ।

୩. ବନ୍ଧନୀମଧ୍ୟାତ୍ ଉପଯୁକ୍ତଂ ପ୍ରତ୍ୟୟଂ ଚିତ୍ୱା ଶୂନ୍ୟସ୍ଥାନଂ ପୂରୟତ -

ଧନ + ----- = ଧନିକଃ (ଧା, ମାତୃଚ୍, ଠନ୍, ତ୍ୱ)

ବସିଷ୍ଠ + ----- = ବାସିଷ୍ଠଃ (ଇ, ତୁଲ୍, ମତୁପ୍, ଅଣ୍)

ନିଶା + ----- = ନୈଶମ୍ (ଯତ୍, ବିନ୍, ଣ୍ୟତ୍, ଅଣ୍)

ଅର୍ଥ + ----- = ଅର୍ଥିନ୍ (ଇଷ୍ଠନ୍, ତରପ୍, ଇନି, ଅଣ୍)

ଗୋ + ------ = ଗବ୍ୟମ୍ (ଛ, ତଲ୍, ଯତ୍, ତରପ୍)

ପ୍ରଭୁ + ------ = ପ୍ରଭୁତା (ଠନ୍, ଅଣ୍, ତଲ୍, ଛ)

କିମ୍ + ------ = କୁତଃ (ତସିଲ୍, ବତୁପ୍, ମତୁପ୍, ମୟଟ୍)

ସର୍ବ + ------ = ସର୍ବତ୍ର (ତ୍ରଲ୍, ତଲ୍, ଛ, ଇନି)

ପଟୁ + ------ = ପଟୁତ୍ୱମ୍ (ଇଷ୍ଠନ୍, ତ୍ୱ, ତ୍ୟପ୍, ଣ୍ୟତ୍)

କିମ୍ + ------ = କଦାନୀମ୍ (ଧା, ଦାନୀମ୍, ଇନି, ଇଷ୍ଠନ୍)

ଦ୍ୱି + ------ = ଦ୍ୱିଧା (ତ୍ୱ, ଯତ୍, ଧା, ମତୁପ୍)

ପିତୃ + ------ = ପିତୃମତ୍ (ମତୁପ୍, ତସିଲ୍, ଛ, ଅଣ୍)

ଘୃତ + ------ =ଘୃତମୟଃ (ମାତ୍ରଚ୍, ମତୁପ୍, ମୟଟ୍, ଅଣ୍)

ହସ୍ତ + ------=ହସ୍ତମାତ୍ରମ୍ (ଧା, ବିନ୍, ତରପ୍, ମାତ୍ରଚ୍)

ରାଜନ୍ + ------ = ରାଜନ୍ୟଃ (ଯତ୍, ତ୍ରଲ୍, ତଲ୍, ଛ, ଅଣ୍)

ଲକ୍ଷ୍ମୀ + ------ = ଲକ୍ଷ୍ମୀବାନ୍ (ଧା, ବତୁପ୍, ବିନ୍, ତ୍ୱ)

ମାୟା + ------ = ମାୟାବୀ (ବତୁପ୍, ବିନ୍, ଠନ୍, ଅଣ୍)

ଅଦିତି + ------= ଆଦିତ୍ୟଃ (ତସିଲ୍, ତରପ୍, ତଲ୍, ଣ୍ୟବ)

ମଧୁର + ------ = ମାଧୁର୍ଯ୍ୟମ୍ (ଷ୍ୟଞ୍, ଯତ୍, ବିନ୍, ବତୁପ୍)

ପ୍ରିୟ + ------ = ପ୍ରେଷ୍ଠଃ (ଇନି, ଛ, ଇଷ୍ଠନ୍, ତରପ୍,)

କ୍ଷୁଦ୍ର + ------ = କ୍ଷୋଦୀୟଃ (ଈୟସୁନ୍, ଯତ୍, ତ୍ୱ, ଛ,)

ଲଘୁ + ------ =ଲଘୁତରଃ (ବତୁପ୍, ମତୁପ୍, ତରପ୍, ଠନ୍)

ସୁଖ + ------ = ସୁଖୀ (ଇନି, ତ୍ୱ, ବିନ୍, ଇଷ୍ଠନ୍)

ଧର୍ମ + ------ = ଧାର୍ମିକଃ (ମୟଟ୍, ତ୍ରଲ୍, ଛ, ଠକ୍)

୪. ସଂଶୋଧନଂ କ୍ରିୟତାମ୍ -

ସର୍ବେଷୁ ବାଳକେଷୁ ନରହରିଃ ଜନୀୟାନ୍ । ଉଦ୍‌ଯୋଗିନଃ ସର୍ବଦା ଲକ୍ଷ୍ମୀମନ୍ତଃ । ରାମଃ ବଳରାମାତ୍ ବଳବତମଃ । ବିନ୍ଧ୍ୟପର୍ବତଃ ହିମାଳୟାତ୍ ନାତେମଃ । କୁତ୍ର ଗଚ୍ଛସି ?

୫. ରିକ୍ତସ୍ଥାନଂ ପୂରୟତ -

| | |
|---|---|
| ବସିଷ୍ଠ + ------ = ବାସିଷ୍ଠଃ । | ------ + ଇନ୍ = ପାପିନ୍ । |
| ମୃଦୁ + ଇମନିଚ୍ = ------ । | ଦ୍ରୋଣ + ------ = ଦ୍ରୌଣିଃ । |
| କବି + ------ = କବିକଳ୍ପଃ । | ------ + ------ = ରାଷ୍ଟ୍ରିୟଃ । |
| ସ୍ୱସୃ + ------ = ସ୍ୱସ୍ରୀୟଃ । | ଅତ୍ରି + ------ = ଆତ୍ରେୟଃ । |
| ଗଣକ + ଣ୍ୟତ୍ = ------ । | ଲଘୁ + ------ = ଲଘୁତା । |
| ------ + ତସିଲ୍ = ଉଭୟତଃ । | ପୁରସ୍ + ------ = ପୌରସ୍ତ୍ୟଃ । |
| ------ + ଯତ୍ = ଅର୍ଘ୍ୟଃ । | ମେଧା + ------ = ମେଧାବୀ । |
| ------ + ଷ୍ୟଞ୍ = ଜାଡ୍ୟମ୍ । | ------ + ଧା = ପଞ୍ଚଧା । |
| ପଞ୍ଚ + ------ = ପଞ୍ଚମାତ୍ରମ୍ । | ଭଗ + ------ = ଭଗବାନ୍ । |
| ବିଦ୍ୱସ୍ + ଦେଶୀୟର୍ = ------ । | ସର୍ବ + ଥା = ------ । |
| ଶିଶୁ + ------ = ଶିଶୁତ୍ୱମ୍ । | ସର୍ବ + ------ = ସର୍ବତ୍ର । |

୬. ଅର୍ଥଗତପାର୍ଥକ୍ୟଂ ଦର୍ଶୟ -

ଅର୍ଥୀ, ଅର୍ଥବାନ୍ । ହସ୍ତୀ, ହସ୍ତବାନ୍ । ଜ୍ୟାୟାନ୍, ଜ୍ୟେଷ୍ଠଃ । ଦୁଃଖୀ, ଦୁଃଖବାନ୍ । ଗ୍ରାମତ୍ୱମ୍, ଗ୍ରାମତା । ସର୍ବତଃ, ସର୍ବଥା । ଅତ୍ର , ଅତଃ । ଭୂୟସ୍ , ଭୂୟିଷ୍ଠମ୍ ।

୭. ଯଥାସମ୍ଭବଂ ତଦ୍ଧିତାନ୍ତପଦଂ ବ୍ୟବହୃତ୍ୟ ସୁରଭିରା ଅନୂଦ୍ୟତାମ୍ -

ରାମ ବାଳକମାନଙ୍କ ମଧ୍ୟରେ ବୁଦ୍ଧିଆ । ଜ୍ଞାନଥିବା ଲୋକ ସବୁଠାରେ ପୂଜା ପାଇଥାଏ । ଧନଥିବା ଲୋକକୁ ସମସ୍ତେ ଈର୍ଷ୍ୟା କରିଥାନ୍ତି । ଆଜି ରାତିରେ ଆକାଶ ତାରାରେ ବ୍ୟାପ୍ତ ଅଟେ । ଏହି ପାପୀ ଦଣ୍ଡର ଯୋଗ୍ୟ ଅଟେ । ଧନରେ ଯୁକ୍ତ ପୁରୁଷ ସୁଖ ଅନୁଭବ କରିଥାଏ । ସୁମିତ୍ରାଙ୍କ ପୁଅ ରାମଙ୍କଠାରୁ ସାନ । ବସୁଦେବଙ୍କ ପୁତ୍ର ଶ୍ରୀକୃଷ୍ଣ ପୃଥାଙ୍କ ପୁତ୍ରକୁ ଉପଦେଶ ଦେଇଥିଲେ । ଶିବଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ ପର୍ବତର କନ୍ୟା ତପସ୍ୟା କରିଥିଲେ । ଦଶରଥଙ୍କ ପୁତ୍ର ଏବଂ ଅଦିତିଙ୍କ ପୁତ୍ର କଳହ କରୁଥିଲେ । ନାରାୟଣ ଅଂଶୁମାନ୍ ଅପେକ୍ଷା ବୟସରେ ବଡ଼ । ଜନକକନ୍ୟାଙ୍କର ବନବାସ ଯୋଗ ଥିଲା । ନନ୍ଦିନୀ ଝିଅମାନଙ୍କ ମଧ୍ୟରେ ଅଧିକ ସୁନ୍ଦରୀ । ସେମାନଙ୍କ ମଧ୍ୟରେ ବିଷ୍ଣୁ ହିଁ ବୁଦ୍ଧିମାନ୍ ଅଟେ । ସୁନୀତି ସୁରୁଚିଙ୍କଠାରୁ ଅଧିକ ଗୁଣସମ୍ପନ୍ନ ଥିଲେ । ପୁଅ କଟକରୁ ଚିଠି ଲେଖିଛି । ସେ ତୁମ ବାପ ଭଳି ଅଟନ୍ତି ।

***

# ୧୯ - ସ୍ତ୍ରୀ-ପ୍ରତ୍ୟୟ ପ୍ରକରଣ

୧. ପ୍ରତ୍ୟୟ - *'ପ୍ରତ୍ୟାୟୟତୀତି ପ୍ରତ୍ୟୟଃ'* ଏବଂ *'ପ୍ରତୀୟତେ ବିଧୀୟତ ଇତି ପ୍ରତ୍ୟୟଃ'* । ଅର୍ଥାତ୍ ଯାହା ବୋଧ କରାଏ ଏବଂ ଯାହା ବିଧାନ ବା ନିର୍ମାଣ କରାଏ ତାହା ପ୍ରତ୍ୟୟ ଅଟେ । ଧାତୁ ଏବଂ ତଜ୍ଜନିତ ଶବ୍ଦ ଅଥବା ପ୍ରାତିପଦିକ ପରେ ପଦନିର୍ମାଣ ନିମନ୍ତେ ଯୋଗ କରାଯାଉଥିବା ବିଭକ୍ତି ବା ଚିହ୍ନକୁ ପ୍ରତ୍ୟୟ କୁହାଯାଏ । ଏଗୁଡ଼ିକ ସାଧାରଣତଃ ମୂଳ ପ୍ରକୃତି (ଧାତୁ ବା ପ୍ରାତିପଦିକ)ର ପରେ ହିଁ ଯୁକ୍ତ ହୋଇଥାନ୍ତି; (*ପ୍ରତ୍ୟୟଃ-ପା. ୩.୧.୧ । ପରଶ୍ଚ- ପା.୩.୧.୨ ।*) ଯଥା - ରାମ + ଜସ୍ = ରାମାଃ, ପଠ୍ + ତିପ୍ = ପଠତି ଇତ୍ୟାଦି । ଏଠାରେ 'ରାମ' ଏବଂ 'ଗମ୍'କୁ ପ୍ରକୃତି ଭାବରେ ଓ 'ଜସ୍' ଏବଂ 'ତିପ୍'କୁ ପ୍ରତ୍ୟୟ ଭାବରେ ଗ୍ରହଣ କରାଯାଏ । ପ୍ରତ୍ୟୟମାନଙ୍କର ପ୍ରକାରଭେଦ ନିମ୍ନ ସାରଣୀରୁ ଜାଣିହୁଏ ।

ପ୍ରତ୍ୟୟ

- ୧ ପୂର୍ବ ପ୍ରତ୍ୟୟ (ଅ+ଗଚ୍ଛତ୍=ଅଗଚ୍ଛତ)
- ୨ ମଧ୍ୟ ପ୍ରତ୍ୟୟ (ଛିଦ୍+ନ+ଦ୍+ତି=ଛିନତ୍ତି)
- ୩ ପର ପ୍ରତ୍ୟୟ (ପଠ୍+ତି=ପଠତି)

ପର ପ୍ରତ୍ୟୟ

- ପ୍ରକୃତି - ନିର୍ମାଣକ - ପ୍ରତ୍ୟୟ (ମୂଳ ପ୍ରକୃତି ସହ ଯୁକ୍ତ ହୋଇ ନୂତନ ପ୍ରକୃତି ନିର୍ମାଣ କରନ୍ତି ।)
- ପଦ ନିର୍ମାଣକ ପ୍ରତ୍ୟୟ (ମୂଳ ପ୍ରକୃତି ଓ ଏଥିରୁ ନିର୍ମିତ ନୂତନ ପ୍ରକୃତି ପରେ ଯୁକ୍ତ ହୋଇ ପଦ ନିର୍ମାଣ କରନ୍ତି ।)

ପ୍ରକୃତି ନିର୍ମାଣକ ପ୍ରତ୍ୟୟ

କୃତ୍ ପ୍ରତ୍ୟୟ
(ମୂଳ ଧାତୁ ସହ ଯୁକ୍ତ ହୋଇ ପ୍ରକୃତି ନିର୍ମାଣ କରୁଥିବା ପ୍ରତ୍ୟୟ ।)

ତଦ୍ଧିତ ପ୍ରତ୍ୟୟ
(ମୂଳ ପ୍ରାତିପଦିକ ସହ ଯୁକ୍ତହୋଇ ପ୍ରକୃତି ନିର୍ମାଣ କରୁଥିବା ପ୍ରତ୍ୟୟ ।)

ପଦ ନିର୍ମାଣକ ପ୍ରତ୍ୟୟ

ସୁପ୍ ପ୍ରତ୍ୟୟ
(ମୂଳ ପ୍ରାତିପଦିକ ଓ ବ୍ୟୁତ୍ପନ୍ନ ପ୍ରାତିପଦିକମାନଙ୍କ ସହ ଯୁକ୍ତ ହୋଇ ପଦ ନିର୍ମାଣ କରୁଥିବା ପ୍ରତ୍ୟୟ ।)

ତିଙ୍ ପ୍ରତ୍ୟୟ
(ମୂଳଧାତୁ ଓ ବ୍ୟୁତ୍ପନ୍ନ ଧାତୁମାନଙ୍କ ସହ ଯୁକ୍ତ ହୋଇ ପଦ ନିର୍ମାଣ କରୁଥିବା ପ୍ରତ୍ୟୟ ।)

ଉପର୍ଯ୍ୟୁକ୍ତ ପ୍ରତ୍ୟୟଗୁଡ଼ିକ ବ୍ୟତୀତ ଅନ୍ୟଏକ ପ୍ରକାରର ପ୍ରତ୍ୟୟ ସ୍ତ୍ରୀଲିଙ୍ଗର ନିର୍ମାଣ କରିଥା'ନ୍ତି, ସେଗୁଡ଼ିକ ସ୍ତ୍ରୀ-ପ୍ରତ୍ୟୟ ଭାବରେ ପରିଚିତ । ଅତଏବ ସମୁଦାୟ ପାଞ୍ଚ - ପ୍ରକାରର ପ୍ରତ୍ୟୟ ଉପଲବ୍ଧ ହୁଅନ୍ତି : ଯଥା - (କ) ସୁପ୍ ପ୍ରତ୍ୟୟ, (ଖ) ତିଙ୍ ପ୍ରତ୍ୟୟ, (ଗ) କୃତ୍ ପ୍ରତ୍ୟୟ, (ଘ) ତଦ୍ଧିତ ପ୍ରତ୍ୟୟ ଏବଂ (ଙ) ସ୍ତ୍ରୀ ପ୍ରତ୍ୟୟ ।

**୨. ସ୍ତ୍ରୀ ପ୍ରତ୍ୟୟର ଆବଶ୍ୟକତା କ'ଣ ?**

ସଂସ୍କୃତ ଭାଷାରେ ଶବ୍ଦଗୁଡ଼ିକ ଲିଙ୍ଗ ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ ଯଥା - (କ) ଅଲିଙ୍ଗ ଓ (ଖ) ଲିଙ୍ଗଯୁକ୍ତ । କେତେକ ଅବ୍ୟୟୀଭାବ ସମାସ ନିଷ୍ପନ୍ନ ପଦକୁ ଛାଡି ଅନ୍ୟ ସମସ୍ତ ଅବ୍ୟୟ ଅଲିଙ୍ଗ ଶବ୍ଦ ଅଟନ୍ତି । ତଦ୍ଭିନ୍ନ ଅନ୍ୟଶବ୍ଦମାନ ଲିଙ୍ଗଯୁକ୍ତ ଅଟନ୍ତି । ଲିଙ୍ଗଯୁକ୍ତ ଶବ୍ଦମାନ ପୁନଃ ନିୟତ ଲିଙ୍ଗଯୁକ୍ତ ଏବଂ ଅନିୟତ ଲିଙ୍ଗ ଯୁକ୍ତ (ଯଥା - ସୁନ୍ଦର ଇତ୍ୟାଦି ପ୍ରାୟତଃ

ବିଶେଷଣ ଶବ୍ଦ) ଏହିପରି ଦୁଇଭାଗରେ ବିଭକ୍ତ । ପୁନଃ, ନିୟତ ଲିଙ୍ଗଯୁକ୍ତ ଶବ୍ଦମାନେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଏବଂ ନପୁଂସକ ଲିଙ୍ଗ ଭେଦରେ ତିନି ଭାଗରେ ବିଭକ୍ତ । ସ୍ତ୍ରୀଲିଙ୍ଗ ବାଚୀ ଶବ୍ଦଗୁଡ଼ିକ ମଧ୍ୟରୁ କେତେକ ଶବ୍ଦ ମୂଳରୁ ବା ନିତ୍ୟ ସ୍ତ୍ରୀ-ଲିଙ୍ଗ ଅଟନ୍ତି । ଯଥା - ଲତା, ମାତୃ, ଧେନୁ ଇତ୍ୟାଦି । କିନ୍ତୁ ସ୍ତ୍ରୀଲିଙ୍ଗାନ୍ତ ଅନେକ ଶବ୍ଦ ମୂଳତଃ ସ୍ତ୍ରୀଲିଙ୍ଗାନ୍ତ ନୁହଁନ୍ତି । ଶାରୀରିକ ଭେଦର ଆଧାରରେ ଭାଷାରେ ଲିଙ୍ଗ ବ୍ୟବସ୍ଥା ସବୁବେଳେ ସମ୍ଭବ ହୋଇ ନଥିବାରୁ ଭାଷାର ଏହି ଅଭାବକୁ ପୂରଣ କରିବାକୁ ଶବ୍ଦରେ ସ୍ତ୍ରୀ-ପ୍ରତ୍ୟୟ ଯୋଗକରାଯାଇ ସ୍ତ୍ରୀଲିଙ୍ଗବାଚୀ ଶବ୍ଦ ନିର୍ମାଣ କରାଯାଏ । (ଙ୍ୟାପ୍ ପ୍ରାତିପଦିକାତ୍ - ପା.୪.୧.୧ । ସ୍ତ୍ରିୟାମ୍ - ପା.୪.୧.୩ ) ।



ଗ. ସ୍ତ୍ରୀ-ପ୍ରତ୍ୟୟ - ସ୍ତ୍ରୀ-ପ୍ରତ୍ୟୟ ଗୁଡ଼ିକ ଗଣପଠିତ ଶବ୍ଦ, କେତେକ ବିଶେଷ ଶବ୍ଦ, ନିର୍ଦ୍ଦିଷ୍ଟ 'ଇତ୍' ଥିବା ପ୍ରାତିପଦିକ, କୌଣସି ସ୍ୱତନ୍ତ୍ର ଅର୍ଥର ବାଚକ ଏବଂ କୌଣସି ଶବ୍ଦର ଶେଷରେ ଥିବା ବିଶେଷ ଶବ୍ଦରୁ ହୋଇଥାନ୍ତି । ଏହି ପ୍ରତ୍ୟୟଗୁଡ଼ିକର ଏକ ବୈଶିଷ୍ଟ୍ୟ ହେଉଛି ଯେ, ଏମାନଙ୍କ ସାହାଯ୍ୟରେ ବର୍ଣ୍ଣ ପରିବର୍ତ୍ତନ ଓ ଅନ୍ୟାନ୍ୟ ପ୍ରତ୍ୟୟର ଆଗମନ ନିତ୍ୟ ଓ ବିକଳ୍ପ ବ୍ୟବସ୍ଥାରେ ହୋଇଥାଏ । ସ୍ତ୍ରୀ-ପ୍ରତ୍ୟୟଗୁଡ଼ିକ, ଯଥା- ଟାପ୍, ଡାପ୍, ଚାପ୍, ଙୀପ୍, ଙୀଷ୍, ଙୀନ୍ ଓ ଊଙ୍ ଅଟନ୍ତି ।

## (କ) ଟାପ୍ ପ୍ରତ୍ୟୟ (=ଆ)- (ଟ୍ ଇତ୍, ପ୍ ଇତ୍)

### ୧. ଅଜାଦ୍ୟତଷ୍ଟାପ୍ - ପା.୪.୧.୪ ।

ଅଜାଦି (ଅଜ ଆଦି ପ୍ରାତିପଦିକ ଏବଂ ଅକାରାନ୍ତ ପ୍ରାତିପଦିକର ପରେ ସ୍ତ୍ରୀ ଲିଙ୍ଗରେ ଟାପ୍ *(ଟ୍ -ଏବଂ ପ୍ ଇତ୍ (ଲୋପ) ହୋଇ ଆ ରହେ ।)* ହୁଏ । ଯଥା = ଅଜ - ଅଜା, କୋକିଳ - କୋକିଳା, ଜ୍ୟେଷ୍ଠ - ଜ୍ୟେଷ୍ଠା, ମଧ୍ୟମ - ମଧ୍ୟମା, କୃଶ -କୃଶା, ଏଡ଼କ (ମେଷ) - ଏଡ଼କା, ଅଶ୍ୱ - ଅଶ୍ୱା, ଚଟକ - ଚଟକା, ମୂଷିକ - ମୂଷିକା ଇତ୍ୟାଦି । ଏହି ଶବ୍ଦ ସବୁ ଜାତିବାଚକ ହୋଇଥିବାରୁ *ଜାତେରସ୍ତ୍ରୀବିଷୟାଦଯୋପଧାତ୍ - ପା.୪.୧.୬୩* ଦ୍ୱାରା ଙୀଷ୍ ହୋଇଥାଆନ୍ତା । ଗଣପାଠରେ ଅଜା ଆଦି ଟାପ୍ ପ୍ରତ୍ୟୟାନ୍ତ ରୂପେ ପାଠ କରାଯାଇ ଥିବାରୁ ଅଜାଦି ଗଣରୁ ଟାପ୍ ପ୍ରତ୍ୟୟ ବିଧାନ କରାଗଲା ।

### ୨. ସମ୍ଭସ୍ତ୍ରାଜିନଶଣପିଣ୍ଡେଭ୍ୟଃ ଫଲାତ୍ (ପ୍ରତିଷେଧଃ)- (ବାର୍ତ୍ତିକ) -

ସମ୍, ଭସ୍ତ୍ର, ଅଜିନ, ଶଣ ଏବଂ ପିଣ୍ଡ ଶବ୍ଦର ପରେ ଫଳ ଶବ୍ଦ ଥିଲେ ଉଭୟରେ ଟାପ୍ ହେବ । (ପାକକର୍ଣ୍ଣପର୍ଣ୍ଣପୁଷ୍ପଫଳମୂଳବାଳୋତ୍ତରପଦାଚ୍ଚ- ପା.୪.୧.୬୪ ) ଇତ୍ୟାଦି ସୂତ୍ର ଦ୍ୱାରା ଆସୁଥିବା 'ଙୀଷ୍' ଇତ୍ୟାଦି ନ ହୋଇ 'ଟାପ୍' ହେବ । ଯଥା - ସମ୍ଫଳା, ଭସ୍ତ୍ରଫଳା *(ଙ୍ୟାପୋଃ ସଂଜ୍ଞାଛନ୍ଦସୋର୍ବହୁଳମ୍ - ପା.୬.୩.୬୨* ଦ୍ୱାରା ଭସ୍ତ୍ରାର ହ୍ରସ୍ୱ), ଅଜିନଫଳା, ଶଣଫଳା ଏବଂ ପିଣ୍ଡଫଳା ।

୩. ସଦଚ୍‌କାଣ୍ଡ ପ୍ରାନ୍ତଶତୈକେଭ୍ୟଃ ପୁଷ୍ପାତ୍ (ପ୍ରତିଷେଧଃ) (ବାର୍ତ୍ତିକ)-

'ସତ୍, ଅଚ୍ (ନ-କାର ଲୋପ ହୋଇଛି ଯାହାର) ଅର୍ଥାତ୍ ଅଞ୍ଚ୍-ପ୍ରାଚ୍, ପ୍ରତ୍ୟଚ୍), କାଣ୍ଡ, ପ୍ରାନ୍ତ, ଶତ ଏବଂ ଏକ ଶବ୍ଦର ପରେ ପୁଷ୍ପ ଶବ୍ଦ ଥିଲେ 'ଟାପ୍' ହେବ । ଏଠାରେ ମଧ୍ୟ ପାକ କର୍ଣ୍ଣ.... ଇତ୍ୟାଦି ପ୍ରଯୁକ୍ତ ଙୀଷକୁ ବାଧାଦେଇ 'ଟାପ୍' ହୋଇଛି, ଅତଏବ, ସତପୁଷ୍ପା (ସନ୍ତି ପୁଷ୍ପାଣି ଯସ୍ୟାଃ) ପ୍ରାକପୁଷ୍ପା (ପ୍ରାଞ୍ଚି ପୁଷ୍ପାଣି ଯସ୍ୟାଃ), ପ୍ରତ୍ୟକପୁଷ୍ପା, କାଣ୍ଡପୁଷ୍ପା, ପ୍ରାନ୍ତପୁଷ୍ପା, ଶତପୁଷ୍ପା, ଏକପୁଷ୍ପା ଇତ୍ୟାଦି ସିଦ୍ଧ ହେଉଛି ।

୪. ଶୂଦ୍ରା ଚାମହତ୍‌ପୂର୍ବା ଜାତିଃ (ବାର୍ତ୍ତିକ) -

ମହତ୍ ଶବ୍ଦ ଆଗରେ (ପୂର୍ବରେ) ନଥାଇ ଜାତିବାଚକ ଶୂଦ୍ର ଶବ୍ଦର 'ଟାପ୍' ପ୍ରତ୍ୟୟ ହୋଇଥାଏ । ଶୂଦ୍ର - ଶୂଦ୍ରା (ଶୂଦ୍ର ଜାତିର ସ୍ତ୍ରୀ) କିନ୍ତୁ ଶୂଦ୍ରର ସ୍ତ୍ରୀ - ଶୂଦ୍ରୀ ଏବଂ ମହାଶୂଦ୍ରରୁ ମହାଶୂଦ୍ରା ।

୫. ମୂଳାନ୍ନଞଃ (ବାର୍ତ୍ତିକ)-

ନିଷେଧାର୍ଥକ ନଞ ଶବ୍ଦ 'ମୂଳ' ଶବ୍ଦର ପୂର୍ବରେ ଥିଲେ 'ଟାପ୍' ହୁଏ; ଯଥା - ଅମୂଳ - ଅମୂଳା ।

୬. ଟାବୃଚି - (ପା. ୪.୧.୯ )

ଋଚ୍ (ଋ) ବାଚ୍ୟ ହେଉଥିଲେ 'ପାଦ' ଶବ୍ଦରୁ 'ଟାପ୍' ପ୍ରତ୍ୟୟ ହୋଇଥାଏ । ଯଥା - ଦ୍ୱିପଦା ଋକ୍ । ଏକପଦା ଋକ୍ ।

୭. ପ୍ରତ୍ୟୟସ୍ଥାତ୍ କାତ୍ ପୂର୍ବସ୍ୟାତ ଇଦାପ୍ୟସୁପଃ- (ପା.୭.୩.୪୪)

ସ୍ତ୍ରୀଲିଙ୍ଗ 'ଆପ୍' ପ୍ରତ୍ୟୟ ପରେ ଥିଲେ ଏବଂ ସେହି 'ଆପ୍' 'ସୁପ୍'ର ପରବର୍ତ୍ତୀ ନ ହୋଇଥିଲେ 'କ' କାରର ପୂର୍ବବର୍ତ୍ତୀ ଅ-କାର ସ୍ଥାନରେ ଇ-କାର ହୋଇଥାଏ । ଯଥା - ସର୍ବିକା, କାରିକା ଇତ୍ୟାଦି । କିନ୍ତୁ ସର୍ବ-ଶବ୍ଦର ଉତ୍ତରରେ 'ଟାପ୍' ହୁଏ; ଯଥା - ସର୍ବ-ସର୍ବା । ଏହାପରେ *ଅବ୍ୟୟ ସର୍ବନାମ୍ନାମକଚ୍ ପ୍ରାକ୍ ଟେଃ - ପା.୫.୩.୭୧* ଇତ୍ୟାଦି ସୂତ୍ରରେ

ସର୍ବ+ଅକଚ୍ = ସର୍ବକ (*ଅଚୋଽନ୍ତ୍ୟାଦି ଟି - ପା.୧.୧.୬୪* ବଳରେ ଏହା ସିଦ୍ଧ ହୋଇଛି) । ଏହି ଅବସ୍ଥାରେ କ-କାରର ପୂର୍ବବର୍ତ୍ତୀ ଅକାରର 'ଇ' ହୋଇ ସର୍ବିକା ଶବ୍ଦ ଆସୁଅଛି । ଏହିପରି କୃ+ଣ୍ୱୁଲ୍ -ଏକାଦେଶ (*ଅଚୋଞ୍ଣିତି - ପା.୭.୨.୧୧୫* ସୂତ୍ରଦ୍ୱାରା) ଋ କାରର ବୃଦ୍ଧି, ରପରତ୍ୱ = କାରକ । କାରକ+ଟାପ୍ = କାରକା ; କିନ୍ତୁ 'ର' ର 'ଅ' ସ୍ଥାନରେ 'ଇ' କରି ବର୍ତ୍ତମାନ ସୂତ୍ର ଅନୁସାରେ- କାରିକା । ଅନ୍ୟ ଦୃଷ୍ଟାନ୍ତ, ପାଚକ - ପାଚିକା, ସେବକ - ସେବିକା, ଶିକ୍ଷକ - ଶିକ୍ଷିକା ଇତ୍ୟାଦି ।

**୮. ମାମକନରକୟୋରୁପସଂଖ୍ୟାନମ୍ (ବାର୍ତ୍ତିକ) -**

ମାମକ ଏବଂ ନରକ ଏହି ଦୁଇ ଶବ୍ଦ 'କ' ପ୍ରତ୍ୟୟ ଜାତ ନୁହେଁ । ଏହାକୁ ମଧ୍ୟ ଗ୍ରହଣ କରାଯାଇ ଟାପ୍ ଲାଗି ମାମିକା, ନରିକା( ନରାନ୍ କାରୟତି ଇତି = ନରିକା) -ସ୍ତ୍ରୀପ୍ରତ୍ୟୟାନ୍ତ ଶବ୍ଦ ନିଷ୍ପନ୍ନ ହେବ ।

**୯. ତ୍ୟକ୍ତ୍ୟପୋଶ୍ଚ (ବାର୍ତ୍ତିକ) -**

ତ୍ୟକ୍ ଏବଂ ତ୍ୟପ୍ ପ୍ରତ୍ୟୟ ଯୋଗରେ 'ପ୍ରତ୍ୟୟସ୍ଥାତ୍ ......' ଇତ୍ୟାଦି ସୂତ୍ରଦ୍ୱାରା ଇ-ତ୍ୱ ହୁଏ; ଅର୍ଥାତ୍ ଅ-ସ୍ଥାନରେ ଇ-ହେବ ; ଯଥା - ଦାକ୍ଷିଣାତ୍ୟିକା,ଇହତ୍ୟିକା ।

**୧୦. ନ ଯାସୟୋଃ (ପା.-୭.୩.୪୫) -**

ଯଦ୍ ଏବଂ ତଦ୍ ଶବ୍ଦର ପରେ "ପ୍ରତ୍ୟୟସ୍ଥାତ୍------" ଇତ୍ୟାଦି ଦ୍ୱାରା ଅ-ସ୍ଥାନରେ ଇ-ହେବ ନାହିଁ ; ଯଥା-ଯକା, ସକା, ଯକାମ୍, ତକାମ୍ ।

ଦ୍ରଷ୍ଟବ୍ୟ - 'ଯା' ଏବଂ 'ସା' ଏହି ଦୁଇଟିର ଷଷ୍ଠୀ ଦ୍ୱିବଚନରେ 'ଯାସୟୋଃ' । ଏହା ପରିବର୍ତ୍ତେ 'ଯତ୍ତଦୋଃ' କହିବା ଉଚିତ ଥିଲା । *ନାତ୍ର କୃତଟାପୋଃ ପ୍ରଯୋଜକଯୋର୍ନିର୍ଦ୍ଦେଶଃ ଯଚ୍ଛବ୍ଦୋଽପି ତେନ ବିବକ୍ଷିତମିତି ଭାଷ୍ୟେ ସ୍ପଷ୍ଟମ୍ (ବାଳମନୋରମା)* ।

୧୧. ତ୍ୟକନଶ୍ଚ ନିଷେଧଃ (ବାର୍ତ୍ତିକ) -

ତ୍ୟକନ୍ ପ୍ରତ୍ୟୟ କ୍ଷେତ୍ରରେ କିନ୍ତୁ "ପ୍ରତ୍ୟୟସ୍ଥାତ୍" ଇତ୍ୟାଦି ସୂତ୍ର ଦ୍ୱାରା ଇ-କାର ହେବନାହିଁ ; ଯଥା - ଅଧିତ୍ୟକା, ଉପତ୍ୟକା ଇତ୍ୟାଦି ।

୧୨. ଆଶିଷି ବୁନଶ୍ଚ ନ (ବାର୍ତ୍ତିକ) -

ଆଶୀର୍ବାଦ ଅର୍ଥରେ 'ବୁନ୍' ପ୍ରତ୍ୟୟର ଯେଉଁ ଅକାଦେଶ ହୁଏ, ସେହି ଅକାରର "ପ୍ରତ୍ୟୟସ୍ଥାତ୍ ------" ଇତ୍ୟାଦି ସୂତ୍ରଦ୍ୱାରା ଇ-କାର ହେବନାହିଁ ; ଯଥା = ଜୀବକ-ଜୀବକା, ଭବକ-ଭବକା ଇତ୍ୟାଦି ।

୧୩. ଉତ୍ତରପଦଲୋପେ ନ (ବାର୍ତ୍ତିକ) -

ଉତ୍ତରପଦ ଲୋପ ହେଲେ ଉଲ୍ଲିଖିତ ଇ-କାର ହେବନାହିଁ ; ଯଥା - ଦେବଦତ୍ତିକା କିନ୍ତୁ (ଦେବଦତ୍ତର ଉତ୍ତର ପଦ 'ଦତ୍ତ' ଲୋପହେଲେ ଇ-କାର ନହୋଇ) 'ଦେବକା' ହେବ ।

୧୪. କ୍ଷିପକାଦୀନାଂ ଚ ନ (ବାର୍ତ୍ତିକ) -

କ୍ଷିପକା ପ୍ରଭୃତି ଶବ୍ଦରେ "ପ୍ରତ୍ୟୟସ୍ଥାତ୍ ......" ଇତ୍ୟାଦି ସୂତ୍ରଦ୍ୱାରା ବିହିତ ଇ-କାର ହେବନାହିଁ ; ଯଥା - କ୍ଷିପକା, ଧ୍ରୁବକା, କନ୍ୟକା, ଚଟକା, ଚରକା, ସେବକା, କରକା, ଅବକା, ଲହକା, ଅଳକା, ଏଡ଼କା ଇତ୍ୟାଦି । କ୍ଷିପକାଦି ଗଣ ଆକୃତିଗଣ ଅଟେ ।

ଦ୍ରଷ୍ଟବ୍ୟ - ଗଣପାଠରେ କ୍ଷିପକା, ଧ୍ରୁବକା ଇତ୍ୟାଦି ସ୍ତ୍ରୀଲିଙ୍ଗ ରୂପରେ ହିଁ ପାଠ କରାଯାଇଛି ।

୧୫. ତାରକା ଜ୍ୟୋତିଷି (ବାର୍ତ୍ତିକ) -

ତାରକ ଶବ୍ଦ ନକ୍ଷତ୍ରଶାସ୍ତ୍ର ଅର୍ଥରେ ତାରକା ହୋଇଥାଏ ; ଅନ୍ୟଥା ଇ-କାର ଆଗମହୋଇ ଅନ୍ୟ ସମସ୍ତ ଅର୍ଥରେ ତାରିକା ହୁଏ । ତାରକା = ନକ୍ଷତ୍ର, ତାରିକା = ରକ୍ଷାକର୍ତ୍ତ୍ରୀ ।

୧୬. ବର୍ଣ୍ଣକା ତାନ୍ତବେ (ବାର୍ତ୍ତିକ) -

ବର୍ଣ୍ଣକ ଶବ୍ଦ 'ତନ୍ତୁବିକାର' ଅର୍ଥରେ ବର୍ଣ୍ଣକା ହୁଏ, କିନ୍ତୁ ଅନ୍ୟାର୍ଥରେ ବର୍ଣ୍ଣିକା (ରଙ୍ଗ ତୂଳିକା) ହୋଇଥାଏ ।

୧୭. ବର୍ତ୍ତିକା ଶକୁନୌ ପ୍ରାଚାମ୍ (ବାର୍ତ୍ତିକ) -

ପକ୍ଷୀ ଅର୍ଥରେ ବର୍ତ୍ତିକ ଶବ୍ଦର ପୂର୍ବାଞ୍ଚଳରେ ବର୍ତ୍ତକା (ମାଈ ବତକ) ପ୍ରୟୋଗ ହେଉଥିବାବେଳେ ଉତ୍ତରାଞ୍ଚଳରେ ବର୍ତ୍ତିକା ବୋଲି ପ୍ରଯୁକ୍ତ ହୁଏ ।

୧୮. ଅଷ୍ଟକା ପିତୃଦେବତ୍ୟେ (ବାର୍ତ୍ତିକ) -

'ପିତୃ ଏବଂ ଦେବତାଙ୍କ ପାଇଁ' ଏହି ଅର୍ଥରେ ଅଷ୍ଟକା । ଅନ୍ୟାର୍ଥରେ ଅଷ୍ଟିକା ବୋଲି ପ୍ରୟୋଗ କରାଯାଏ ।

୧୯. ସୂତକାପୁତ୍ରିକାବୃନ୍ଦାରକାଣାଂ ବେତି ବକ୍ତବ୍ୟମ୍ (ବାର୍ତ୍ତିକ) -

ବେତି ଅର୍ଥାତ୍ ବା + ଅ + ଇତି (ବାର୍ତ୍ତିକ) । ଅତଏବ ଏଗୁଡ଼ିକର ବିକଳ୍ପ ରୂପ ମିଳେ, ଯଥା - ସୂତକ - ସୂତକା ଏବଂ ସୂତିକା । ପୁତ୍ରକ - ପୁତ୍ରକା ଏବଂ ପୁତ୍ରିକା, ବୃନ୍ଦାରକ (ଦେବ) - ବୃନ୍ଦାରକା ଏବଂ ବୃନ୍ଦାରିକା ହୁଏ ।

୨୦. ଉଦୀଚାମାତଃ ସ୍ଥାନେ ଯକପୂର୍ବାୟାଃ (ପା. ୭.୩.୪୬)-

(ଉତ୍ତରାଞ୍ଚଳବାସୀଙ୍କ ମତରେ) ଯ ଏବଂ କ ଯାହାର ପୂର୍ବରେ ଥାଏ ଏପରି ସ୍ତ୍ରୀ ପ୍ରତ୍ୟୟରେ ଆ-କାର ସ୍ଥାନରେ ଥିବା ଅ-କାରର ବିକଳ୍ପରେ ଇ-କାର ହୁଏ ଯଦି ପରେ କ ଏବଂ ଆପ୍ ପ୍ରତ୍ୟୟ ଏବଂ 'କ' ଥାଏ ।

ଦ୍ରଷ୍ଟବ୍ୟ - ଏଠାରେ 'ଉଦୀଚାମ୍' ପଦଟି କେବଳ ଉତ୍ତରାଞ୍ଚଳ ଦେଶୀୟ ପରିବର୍ତ୍ତେ 'ବିକଳ୍ପରେ' ବୋଲି ଗ୍ରହଣ କରିବାକୁ ହେବ ।

ଉଦାହରଣ - ଆର୍ଯ୍ୟା + କ = ଆର୍ଯ୍ୟକ, ଆର୍ଯ୍ୟକ + ଟାପ୍ = ଆର୍ଯ୍ୟକା ଏବଂ ଆର୍ଯ୍ୟିକା । ଚଟକା + କ = ଚଟକକ, ଚଟକକ + ଟାପ୍ = ଚଟକକା ଏବଂ ଚଟକିକା ।

*"ଆର୍ଯ୍ୟାଣବାତ୍ ସ୍ୱାର୍ଥେ କ-ପ୍ରତ୍ୟୟେ ଯକାରସ୍ୟ 'କେଽଣଃ' ଇତି ହ୍ରସ୍ୱଃ । ପ୍ରକଣ୍ଠାପି ଆର୍ଯ୍ୟିକା । ଅତ୍ର ଯକାର-ଦକାରସ୍ୟ ଆକାର ସ୍ଥାନିକତ୍ୱାଦିତ୍ୱ ବିକଳ୍ପ । 'ପ୍ରତ୍ୟୟସ୍ଥାତ୍' ଇତି ନିତ୍ୟସ୍ୟ ଇତ୍ୱସ୍ୟାପବାଦଃ ।"*

ଦ୍ରଷ୍ଟବ୍ୟ - ଧାତୁ ଶେଷରେ ଥିବା ଯ ଏବଂ କ ସ୍ଥାନରେ କିନ୍ତୁ ନିତ୍ୟ (ସବୁବେଳେ) ଇ-କାର ହୁଏ । *(ଧାତ୍ୱନ୍ତଯକୋସ୍ତୁ ନିତ୍ୟମ୍ (ବାର୍ତ୍ତିକ))* ।

ଯଥା - ସୁନୟିକା, ସୁପାଚିକା ଇତ୍ୟାଦି ।

୨୧. ଭସ୍ତ୍ରୈଷାଜାଜ୍ଞାଦ୍ୱାସ୍ୱା ନଞ୍ପୂର୍ବାଣାମପି (ପା.୭.୩.୪୭)-

ଭସ୍ତ୍ରା (କମାରଭାତିପାଇଁ ପବନଦିଆ), ଏଷା, ଅଜା, ଜ୍ଞା, ଦ୍ୱା, ସ୍ୱା - ଏ ସବୁ କ-ପ୍ରତ୍ୟୟାନ୍ତ ହେଲେ, ଏ ସବୁରେ ଥିବା ଆ-କାର ସ୍ଥାନରେ ଜାତ ଅ-କାରର ବିକଳ୍ପରେ ଇ-କାର ହେବ, ଯଥା -

ଭସ୍ତ୍ରା + କା + ଟାପ୍ = ଭସ୍ତ୍ରକା / ଭସ୍ତ୍ରିକା ; ଏଷା = ଏଷକା / ଏଷିକା ; ଜ୍ଞା = ଜ୍ଞକା / ଜ୍ଞିକା ; ଦ୍ୱେ = ଦ୍ୱକେ / ଦ୍ୱିକେ ; ନିଃସ୍ୱା = ନିଃସ୍ୱକା / ନିଃସ୍ୱିକା ଇତ୍ୟାଦି ।

ନଞ୍ ପୂର୍ବରେ ଥିଲେ ମଧ୍ୟ ଅନୁରୂପ କାର୍ଯ୍ୟ ହେବ ; ଯଥା - ଅଭସ୍ତ୍ରକା, ଅଭସ୍ତ୍ରିକା ।

୨୨. ଅଭାଷିତପୁଂସ୍କାଚ୍ଚ (ପା. ୭.୩.୪୮) -

ଅଭାଷିତପୁଂସ୍କ ଶବ୍ଦରେ ଆ-କାର ସ୍ଥାନରେ ଜାତ ଅ-କାରର ବିକଳ୍ପରେ ଇ-କାର ହେବ । ଯଥା = ଗଙ୍ଗକା - ଗଙ୍ଗିକା ।

ବହୁବ୍ରୀହି ସମାସରେ ଭାଷିତପୁଂସ୍କ ହେଲେ ସେଥିରୁ ନିତ୍ୟରେ 'ଇ' ହେବ । ଯଥା = ଅଖଟ୍ୱା - ଅଖଟ୍ୱିକା । ବହୁବ୍ରୀହେର୍ଭାଷିତପୁଂସ୍କତ୍ୱାତ୍ ତତୋ ବିହିତସ୍ୟ ନିତ୍ୟମ୍ । ଉକ୍ତ ପୁଂସ୍କରୁ କ ପୂର୍ବରୁ ନିତ୍ୟ ଇତ୍ୱ । ଶୁଭ୍ର - ଶୁଭ୍ରା / ଶୁଭ୍ରିକା ।

## (ଖ) ଙୀପ୍ ପ୍ରତ୍ୟୟ

୧. ଋନ୍ନେଭ୍ୟୋ ଙୀପ୍ (ପା. ୪.୧.୫)-

ଋ-କାରାନ୍ତ ଏବଂ ନ୍-କାରାନ୍ତ ଶବ୍ଦର ପରେ ଙୀପ୍ ହୁଏ । ଯଥା -

(ଋ-କାରାନ୍ତ) = କର୍ତ୍ତୃ - କର୍ତ୍ତ୍ରୀ, ଦାତୃ - ଦାତ୍ରୀ, ଜନୟିତୃ - ଜନୟିତ୍ରୀ, କ୍ରୋଷ୍ଟୃ - କ୍ରୋଷ୍ଟ୍ରୀ ଇତ୍ୟାଦି ।

(ନ୍-କାରାନ୍ତ) = ମଘବନ୍ - ମଘୋନୀ, ମଘବତ୍ - ମଘବତୀ, ଦଣ୍ଡିନ୍ - ଦଣ୍ଡିନୀ, ଗୁଣିନ୍ - ଗୁଣିନୀ, ରାଜନ୍ - ରାଜ୍ଞୀ, ଶ୍ୱନ୍ - ଶୁନୀ ।

କିନ୍ତୁ ଯୁବନ୍ ଶବ୍ଦର ଯୁବତି ହୁଏ । *(ଯୂନସ୍ତିଃ - ପା.୪.୧.୭୭* ସୂତ୍ରବଳରେ) । ପାଣିନୀୟ ବ୍ୟାକରଣ ଅନୁସାରେ ଏହା ତଦ୍ଧିତ ପ୍ରତ୍ୟୟ ଅଟେ । କିନ୍ତୁ 'ଯୁ' ଧାତୁରୁ ଶତୃ ପ୍ରତ୍ୟୟ କଲେ ଯୁବତ, ଯୁବତ୍ + ଙୀପ୍ = ଯୁବତୀ ହୁଏ ।

ଦ୍ରଷ୍ଟବ୍ୟ - ଅନୁପସର୍ଜ୍ଜନ (ସମାସରେ ପ୍ରୟୋଗ ନହୋଇ ମୁଖ୍ୟ) ଯୁବନ୍ ଶବ୍ଦ ଠାରେ ଏହା ପ୍ରଯୋଜ୍ୟ, ଉପସର୍ଜ୍ଜନ (ସମାସରେ ପ୍ରୟୋଗ ହୋଇ ଗୌଣ ହେବା) ଠାରେ ବହବଃ ଯୁବାନଃ ଯସ୍ୟାଂ ସା = 'ବହୁଯୁବା' ହୁଏ ।

୨. ଉଗିତଶ୍ଚ (ପା. ୪.୧.୬) -

'ଉକ୍' (ଉ, ଋ ଏବଂ ଌ) ଯେଉଁ ଶବ୍ଦର ଶେଷରେ 'ଇତ୍' (ଲୋପ) ହେଉଥିବ, ଏହି ପ୍ରତ୍ୟୟାନ୍ତ ଶବ୍ଦର ଉତ୍ତରରେ ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ ।

ଯଥା - ବିଦ୍ୱସ୍ (କ୍ୱସୁ) - ବିଦୁଷୀ, ଭବତ୍ (ଶତୃ) - ଭବନ୍ତୀ, ଭବତ୍ (ଭା+ଡ଼ବତୁ) - ଭବତୀ, ପଚତ୍ (ଶତୃ) ପଚନ୍ତୀ, ସତ୍ - ସତୀ, ଶ୍ରେୟସ୍ (ଈୟସୁନ୍) - ଶ୍ରେୟସୀ, ବର୍ଷୀୟସ୍ - ବର୍ଷୀୟସୀ, ବଳବତ୍ (ମତୁପ୍) - ବଳବତୀ, ଶ୍ରୀମତ୍ - ଶ୍ରୀମତୀ, ଯାବତ୍ (ବତୁପ୍) - ଯାବତୀ, ତାବତ୍ (ବତୁପ୍) - ତାବତୀ, ଇୟତ୍ (ବତୁପ୍) - ଇୟତୀ, ଗତବତ୍ (କ୍ତବତୁ) ଗତବତୀ ଇତ୍ୟାଦି ।

ଦ୍ରଷ୍ଟବ୍ୟ - ଧାତୋଶ୍ଚେଦୁଗିତ୍ କାର୍ଯ୍ୟଂ ତର୍ହ୍ୟଞ୍ଚତେରେବ - ଅଞ୍ଚୁ ବ୍ୟତିରିକ୍ତ ଧାତୁର ଉ-କାର ଇତ୍ (ଲୋପ) ହେଲେ ଙୀପ୍ ହେବନି ।

ଯଥା - ଉଖାସ୍ରତ୍ = (ଉଖା = କୁଣ୍ଡୀ) ଉଖାୟାଃ ସ୍ରଂସତେ ଇତି ।

ଧାତୁ - ସ୍ରଂସୁ ; ଉଖା + ସ୍ରଂସୁ + କ୍ୱିପ୍ । ଅଞ୍ଚୁଧାତୁ ହେଲେ ଙୀପ୍ ହେବ । ଯଥା - ପ୍ରାଚୀ, ପ୍ରତୀଚୀ । ପ୍ର + ଅଞ୍ଚୁ + କ୍ୱିନ୍ (ଋତ୍ୱିଗ୍ ....) 'ଅନିଦିତାମ୍......' - ଇତି ନ-ଲୋପଃ, ତତଃ ଙୀପ୍, ତତଃ 'ଅଚଃ' ଇତି ଅ-କାର ଲୋପଃ, '*ଚୌ - ପା. ୬.୩.୧୩୮*' ଇତି ଦୀର୍ଘଃ = ପ୍ରାଚୀ ।

(କ) ଶପ୍ଶ୍ୟନୋର୍ନିତ୍ୟମ୍ (ପା. ୭.୧.୮୧) -

ଭ୍ୱାଦି ଏବଂ ଦିବାଦି ଧାତୁର ଶତୃ ପ୍ରତ୍ୟୟାନ୍ତ ଶବ୍ଦର ଉତ୍ତର ନିତ୍ୟ (ସବୁବେଳେ) ନ-କାର ଆଗମ ହୁଏ । ଯଥା = ଗଚ୍ଛତ୍ - ଗଚ୍ଛନ୍ତୀ, ଦୀବ୍ୟତ୍ - ଦୀବ୍ୟନ୍ତୀ । ଚୁରାଦି, ଣିଜନ୍ତ, ସନନ୍ତ, ଏବଂ ନାମ-ଧାତୁର ରୂପ ଭ୍ୱାଦିଗଣୀୟ ଧାତୁଭଳି ହୋଇଥାଏ । ଅତଏବ ସେହିକ୍ଷେତ୍ରରେ ନ-କାର ଆଗମ ହେବ । ଚିନ୍ତୟତ୍ - ଚିନ୍ତୟନ୍ତୀ, ପୁତ୍ରୀୟତ୍ - ପୁତ୍ରୀୟନ୍ତୀ, ଚିକୀର୍ଷତ୍ - ଚିକୀର୍ଷନ୍ତୀ ଇତ୍ୟାଦି ।

(ଖ) ଆଚ୍ଛୀନଦ୍ୟୋର୍ନୁମ୍ (ପା.୭.୧.୮୦) -

(ସୂତ୍ରର ପଦ - ଆତ୍, ଶୀ, ନଦ୍ୟୋଃ, ନୁମ୍ ।)

ଦ୍ରଷ୍ଟବ୍ୟ - *(ନପୁଂସକାଚ୍ଚ - ପା.୭.୧.୧୯)* କ୍ଲୀବଲିଙ୍ଗ ପ୍ରଥମାର ଏବଂ ଦ୍ୱିତୀୟାର ଦ୍ୱିବଚନ ଔ (ଶୀ = ଔଙ୍ ବିଭକ୍ତି ପ୍ରତ୍ୟୟ ବିଭକ୍ତି ସ୍ଥାନରେ ଆସେ) । କ୍ଲୀବଲିଙ୍ଗ ଔ ବିଭକ୍ତିରେ ଏବଂ ସ୍ତ୍ରୀଲିଙ୍ଗ ଈ-ପ୍ରତ୍ୟୟରେ ଅ-ବର୍ଣ୍ଣାନ୍ତ (ଯେଉଁ ଶବ୍ଦର ଶେଷରେ ଅବର୍ଣ୍ଣ ଥିବ) ଶବ୍ଦ ପରେ ଶତୃ ପ୍ରତ୍ୟୟାନ୍ତ ଶବ୍ଦକୁ ଉତ୍ତର ବିକଳ୍ପରେ ନ-କାର ଆଗମ ହୁଏ । ଯଥା = ତୁଦତ୍ - ତୁଦତୀ / ତୁଦନ୍ତୀ, ଇଚ୍ଛତ୍ - ଇଚ୍ଛତୀ / ଇଚ୍ଛନ୍ତୀ, ଯାତ୍ - ଯାତୀ / ଯାନ୍ତୀ ଇତ୍ୟାଦି ।

୩. ବନୋ ର ଚ (ପା. ୪.୧.୭) -

ବନ୍ ପ୍ରତ୍ୟୟ ପରେ ଥିଲେ, ତା'ର ଉତ୍ତର ସ୍ତ୍ରୀଲିଙ୍ଗ ଙୀପ୍ ହେବ ଏବଂ ବନ୍-ର 'ନ୍' ସ୍ଥାନରେ 'ର୍' ହେବ । (ବନ୍ = ବନିପ୍, କ୍ୱନିପ୍, ଙ୍ୱନିପ୍ - ଏହି ତିନି ଗୋଟି ।) ଯଥା = ପାରଦୃଶ୍ୱନ୍ - ପାରଦୃଶ୍ୱରୀ, ବହୁଦୃଶ୍ୱନ୍ - ବହୁଦୃଶ୍ୱରୀ, ଶର୍ବନ୍ - ଶର୍ବରୀ, (ସୁତ୍ୱାନମତିକ୍ରାନ୍ତା) ଅତିସୁତ୍ୱରୀ,ସେହିଭଳି ଅତିଧୀବରୀ ।

(କ) ବନୋ ନ ହଶ ଇତି ବକ୍ତବ୍ୟମ୍ (ବାର୍ତ୍ତିକ) -

ହଶନ୍ତ ଧାତୁର ଉତ୍ତର ବିହିତ ବନ୍ -ର ସ୍ଥାନରେ କିନ୍ତୁ ଙୀପ୍ କିମ୍ବା ନ-ସ୍ଥାନରେ ର ହେବନାହିଁ । ଅବାବା । 'ଉଣ୍ ଅପନୟନେ' ବନିପ୍ ; 'ବିଡ୍‌ବନୋଃ -' ଇତ୍ୟାତ୍ୱମ୍ । ଯଥା = ରାଜଯୁଧ୍ୱା (ରାଜାନଂ ଯୋଧିତବତୀ; କ୍ୱନିପ୍ ।

(ଖ) ବହୁବ୍ରୀହୌ ବା (ବାର୍ତ୍ତିକ) -

ବହୁବ୍ରୀହି ସମାସ ହେଲେ ବିକଳ୍ପରେ ହେବ । ଯଥା - ବହୁଧୀବରୀ / ବହୁଧୀବା (ବହବଃ ଧୀବାନଃ ଯସ୍ୟାଃ) ।

୪. ପାଦୋଽନ୍ୟତରସ୍ୟାମ୍ (ପା. ୪.୧.୮) -

କୃତସମାସାନ୍ତ ପାଦ୍ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀପ୍ ଓ ଟାପ୍ ହେବ । ଯଥା = ଦ୍ୱିପାଦ୍ / ତ୍ - ଦ୍ୱିପଦୀ, ତ୍ରିପାଦ୍ / ତ୍ - ତ୍ରିପାଦୀ, ଚତୁଷ୍ପାଦ୍ / ତ୍ - ଚତୁଷ୍ପଦୀ ।

ଦ୍ରଷ୍ଟବ୍ୟ - ଙୀପ୍ ହେଲେ ପାଦ୍ ଶବ୍ଦର ପଦ୍ ଆଦେଶ ହୁଏ - *ପାଦଃ ପଦ୍ - ପା. ୬.୪.୧୩୦* ଅନୁସାରେ ଦ୍ୱିପଦୀ ।

(କ) ଟାବୃଚି (ପା. ୪.୧.୯) -

ଋକ୍ ମନ୍ତ୍ରର ପାଦକୁ ବୁଝାଇଲେ ସବୁବେଳେ (ନିତ୍ୟ) ଟାପ୍ ହୁଏ । ଦ୍ୱିପଦା ଋକ୍ । ଏକପଦା ।

୫. ମନଃ (ପା.୪.୧.୧୧) -

ମନ୍ ଭାଗାନ୍ତ (ଯେଉଁ ଶବ୍ଦର ଶେଷଭାଗ ବା ଅଂଶରେ ମନ୍ ଥିବ) ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ଙୀପ୍ ହେବ ନାହିଁ ।

୬. ଅନୋ ବହୁବ୍ରୀହେଃ (ପା. ୪.୧.୧୨) -

ଅନ୍‌ଭାଗାନ୍ତ ବହୁବ୍ରୀହି ସମାସ ନିଷ୍ପନ୍ନ ଶବ୍ଦରୁ ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ ନାହିଁ । ଯଥା - ବହୁଯଜ୍ୱା ।

୭. ଡାବୁଭାଭ୍ୟାମନ୍ୟତରସ୍ୟାମ୍ (ପା. ୪.୧.୧୩) -

*ମନଃ ଏବଂ ଅନୋ ବହୁବ୍ରୀହେଃ* - ଏହି ଦୁଇଟି ସୂତ୍ରରେ ଯାହାକୁହାଯାଇଛି, ସେହି ଉଭୟ କ୍ଷେତ୍ରରେ ବିକଳ୍ପରେ ଡାପ୍ ପ୍ରତ୍ୟୟ ହେବ । ଯଥା - ସୀମା (ସୀମନ୍ ଶବ୍ଦରୁ : ମନ୍ ଭାଗାନ୍ତ) - ସୀମାନୌ, ସୀମାନଃ । ଅନ୍ୟ ପକ୍ଷରେ ସୀମା, ସୀମେ, ସୀମାଃ । ବହୁଯଜ୍ୱା (ଅନ୍‌ଭାଗାନ୍ତ ବହୁବ୍ରୀହି) । ଆଉମଧ୍ୟ - ଅତିମହିମା, ସୁପର୍ବା (ଅନ୍ୟପକ୍ଷରେ - ସୁପର୍ବନ୍), ମହାଧର୍ମା (ଅନ୍ୟପକ୍ଷରେ - ମହାଧର୍ମନ୍) ।

୮. ଅନ-ଉପଧାଲୋପିନୋଽନ୍ୟତରସ୍ୟାମ୍ (ପା. ୪.୧.୨୮) -

ବହୁବ୍ରୀହି ସମାସ ନିଷ୍ପନ୍ନ ଅନ୍‌ଭାଗାନ୍ତ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀପ୍ ହେବ । ପକ୍ଷେ କେବେ କେବେ ଡାପ୍ - ନିଷେଧ, କେବେ କେବେ ଙୀପ୍ - ନିଷେଧ । ଯଥା = ବହୁରାଜ୍ଞୀ, ବହୁରାଜା (ଙୀପ୍ ନିଷେଧ) । ବହୁରାଜ୍ଞ୍ୟୌ (ଙୀପ୍ ପକ୍ଷେ) ବହୁରାଜେ (ଡାପ୍ ପକ୍ଷେ), ବହୁରାଜାନୌ (ଙୀପ୍ ନିଷେଧ)

୯. ଯଞଶ୍ଚ (ପା. ୪.୧.୧୬) -

ଅପତ୍ୟ ଅର୍ଥରେ ଯଞ୍ ପ୍ରତ୍ୟୟଯୁକ୍ତ ଶବ୍ଦର ଉତ୍ତରରେ ସ୍ତ୍ରୀତ୍ୱ ବିବକ୍ଷା ହେଲେ ଙୀପ୍ ହୁଏ । ଯଥା = ଗାର୍ଗ୍ୟ - ଗାର୍ଗୀ, ବାତ୍ସ୍ୟ - ବାତ୍ସୀ ।

ଦ୍ରଷ୍ଟବ୍ୟ - *ହଲସ୍ତଦ୍ଧିତସ୍ୟ - ପା.୬.୪.୧୫୦* ସୂତ୍ରରେ ବ୍ୟଞ୍ଜନ ପରେ ଉପାଧାଭୂତ ତଦ୍ଧିତ ଯକାରର ଲୋପ ହୁଏ । ସେହି କାରଣରୁ ଗାର୍ଗୀ-ରେ ଯ-କାର ନାହିଁ । "*ଗୋତ୍ରଂ ଚ ଚରଣୈଃ ସହ ଇତି ଜାତିତ୍ୱେଽପି ଜାତେରସ୍ତ୍ରୀବିଷୟାଦଯୋପଧାତ୍ - ପା.୪.୧.୬୩ । ଇତି ନ ଙୀଷ୍ ଯୋପଧତ୍ୱାତ୍ ।" (ବାଳମନୋରମା)* । 'ଯ' ଉପଧାରେ ଥିବାରୁ ଙୀଷ୍ ଲାଗିବ ନାହିଁ ।

୧୦. ବୟସି ପ୍ରଥମେ (ପା.୪.୧.୨୦) -

ବୃଦ୍ଧତ୍ୱ ଭିନ୍ନ ବୟସବାଚକ ଅକାରାନ୍ତ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ । ଯଥା - କୁମାର - କୁମାରୀ, କିଶୋର - କିଶୋରୀ, ବଧୂଟ - ବଧୂଟୀ, ଚିରଣ୍ଟ - ଚିରଣ୍ଟୀ । *(ବଧୂଟୀଚିରଣ୍ଟୀଦ୍ୱେ ଯୌବନବାଚିନୌ)* ।

ଦ୍ରଷ୍ଟବ୍ୟ - *ବୟସ୍ୟଚରମ ଇତି ବାଚ୍ୟମ୍ (ବାର୍ତ୍ତିକ)* -

ବୟସର ଚରମାବସ୍ଥା ଅର୍ଥାତ୍ ବାର୍ଦ୍ଧକ୍ୟ । ଯଦ୍ୟପି କୌମାର ଯୌବନ ଏବଂ ଜରା ବୋଲି ତିନୋଟି ଅବସ୍ଥା ସ୍ୱୀକୃତ ତଥାପି -

*ଆଦ୍ୟେ ବୟସି ନାଧୀତଂ ଦ୍ୱିତୀୟେ ନାର୍ଜିତଂ ଧନମ୍ ।*

*ତୃତୀୟେ ନ ତପସ୍ତପ୍ତଂ ଚତୁର୍ଥେ କିଂ କରିଷ୍ୟତି ।।*

ଉକ୍ତ ଶ୍ଳୋକ ଅନୁସାରେ ଶେଷ ଅବସ୍ଥାକୁ ଚତୁର୍ଥ ଅବସ୍ଥା ବା ଚରମାବସ୍ଥା କୁହାଯାଏ । ଏହି ଅବସ୍ଥା ବ୍ୟତୀତ ଅନ୍ୟଠାରେ ଙୀପ୍ ହେବ ।

ପୁଣି 'ଅକାରାନ୍ତପରେ' ଏହିଭଳି କୁହାଯିବାର ଉଦ୍ଦେଶ୍ୟ ହେଲା ଏହି ନିୟମ ଶିଶୁ (ଉ-କାରାନ୍ତ), କନ୍ୟା (ଆ-କାରାନ୍ତ) ଇତ୍ୟାଦିରେ ପ୍ରଯୁକ୍ତ ହେବନାହିଁ ।

୧୧. ଦ୍ୱିଗୋଃ (ପା. ୪.୧.୨୧) -

ଏହି ସୂତ୍ରରେ ସ୍ତ୍ରିୟାମ୍ ଅତଃ ଏବଂ ଙୀପ୍ - ଏସବୁର ଅନୁବୃତ୍ତି ହୋଇଛି । ଅ-କାରାନ୍ତ ଦ୍ୱିଗୁ ସମାସର ପରେ ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ । ଯଥା

- ପଞ୍ଚବଟୀ, ତ୍ରିଲୋକୀ, ତ୍ରିପଦୀ, ଦଶକୁମାରୀ, ଶତମୂଳୀ, ପଞ୍ଚମୂଳୀ, ସପ୍ତଶତୀ, ଦ୍ୱିପୁରୁଷୀ ଇତ୍ୟାଦି ।

**ଦ୍ରଷ୍ଟବ୍ୟ** - ତ୍ରିଫଳା ଶବ୍ଦ ଅଜାଦିଗଣରେ ପଠିତ ହୋଇଥିବାରୁ ଦ୍ୱିଗୁରେ ତ୍ରିଫଳୀ ହେବନାହିଁ । ତ୍ରୟାଣାଂ ଫଳାନାଂ ସମାହାରଃ = ତ୍ରିଫଳା । ତେବେ ତ୍ରୀଣି ଫଳାନି ଯସ୍ୟାଃ ସା (ବହୁବ୍ରୀହି) ସ୍ଥଳରେ ତ୍ରିଫଳୀ ହୋଇପାରିବ । '**ପାପକର୍ଣ୍ଣ ...... (ପା.୪.୧.୬୪)** ଇତ୍ୟାଦି ସୂତ୍ରରେ ଙୀଷ୍ । ସେହିପରି ତ୍ର୍ୟନୀକା (ତ୍ରୟାଣାମ୍ ଅନୀକାନାଂ ସମାହାରଃ) - ଅଜାଦିଗଣରେ ପଠିତ ହୋଇଥିବାରୁ ଙୀପ୍ ହେବନି ।

କିନ୍ତୁ ଦ୍ୱିଗୁ ସମାସରେ ***ଦ୍ୱିଗୋଃ-ପା.୪.୧.୨୧*** ସୂତ୍ରାନୁସାରେ ଙୀପ୍ ହୁଏ । ଯଥା - ପଞ୍ଚାନାମ୍ ଅଜାନାଂ ସମାହାରଃ = ପଞ୍ଚାଜୀ । କିନ୍ତୁ ତ୍ରୟାଣାଂ ଫଳାନାଂ ସମାହାରଃ = ତ୍ରିଫଳା ମାତ୍ର 'ଫଳ' ଶବ୍ଦ ଯୋଗରେ ଦ୍ୱିଗୁରେ ଟାପ୍ ହୋଇ ତ୍ରିଫଳା ହୁଏ । ଏହା ଅଜାଦି ଗଣରେ ଥିବାରୁ 'ତ୍ରିଫଳୀ' ହେବ ନାହିଁ ।

**ଦ୍ରଷ୍ଟବ୍ୟ** - ତ୍ରିଫଳୀ ଶବ୍ଦ ତିନୋଟି ସନ୍ତାନ ଜନ୍ମ କରିଥିବା ସ୍ତ୍ରୀଲୋକକୁ ମଧ୍ୟ ବୁଝାଏ । କିନ୍ତୁ ଏଠାରେ 'ତ୍ରୀଣି ଫଳାନି ଯସ୍ୟାଃ ସା' ହୋଇ ବହୁବ୍ରୀହି ସମାସ ହେବ ।

**(କ) ପୁରୁଷାତ୍ ପ୍ରମାଣେଽନ୍ୟତରସ୍ୟାମ୍ (ପା. ୪.୧.୨୪) -**

ପରିମାଣାର୍ଥକ (ଏକ, ଦୁଇ, ତିନି ଇତ୍ୟାଦି) ପୁରୁଷ ଶବ୍ଦର ପରେ ତଦ୍ଧିତାର୍ଥ ଦ୍ୱିଗୁ ସମାସରେ ବିକଳ୍ପରେ ଟାପ୍ ଏବଂ ଙୀପ୍ ପ୍ରତ୍ୟୟ ହେବ । ଯଥା= ଦ୍ୱୌପୁରୁଷୌ ପ୍ରମାଣମ୍ ଅସ୍ୟାଃ = ଦ୍ୱିପୁରୁଷୀ / ଦ୍ୱିପୁରୁଷା ବା ପରିଖା ।

**୧୨.ଦାମହାୟନାନ୍ତାଚ୍ଚ (ପା. ୪.୧.୨୭) -**

ବହୁବ୍ରୀହି ସମାସରେ ସଂଖ୍ୟାବାଚକ ଶବ୍ଦ ପୂର୍ବରୁ ଆଉ ଦାମନ୍ ଓ ହାୟନ ଶବ୍ଦର ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ । ଯଥା - ଦ୍ୱିଦାମ୍ନୀ (ଦ୍ୱେ ଦାମନୀ ଅସ୍ୟାଃ ) ଦ୍ୱିହାୟନୀ (ଦ୍ୱୌ ହାୟନୌ ଅସ୍ୟାଃ) ।

ତୃଷ୍ଣବ୍ୟ - ବୟସ ନ ବୁଝାଇଲେ ଙୀପ୍ ହେବ ନାହିଁ । ଯଥା - ଦ୍ୱିହାୟନା ଶାଳା । ତ୍ରିହାୟନା ଶାଳା ।

୧୩. ଟିଡ୍-ଢାଣଞ୍-ଦ୍ୱୟସଚ୍-ଦଘ୍ନଞ୍-ମାତ୍ରଚ୍-ତୟପ୍-ଠକ୍-ଠଞ୍-କଞ୍-କ୍ୱରପଃ (ପା. ୪.୧.୧୫) -

ଟ୍ ଇତ୍ (ଲୋପହେଉଥିବା) ଶବ୍ଦ ବା ପ୍ରତ୍ୟୟ ବା ଧାତୁ, ଢ, ଅଣ୍, ଅଞ୍, ଦ୍ୱୟସଚ୍, ଦଘ୍ନଞ୍, ମାତ୍ରଚ୍, ତୟପ୍, ଠକ୍, ଠଞ୍, କଞ୍, ଏବଂ କ୍ୱରପ୍ ପ୍ରତ୍ୟୟାନ୍ତ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ଙୀପ୍ ହେବ ।

ଟ୍ ଇତ୍ ଶବ୍ଦ ; ଯଥା - ନଦ (ମୂଳଶବ୍ଦ ନଦଟ୍) ରୁ ନଦୀ, (ପଚାଦି ଗଣରେ ନଦଟ୍ ବୋଲି ପାଠ ଅଛି) । ସେହିଭଳି ଦେବଟ୍ = ଦେବ - ଦେବୀ ।

ଟ୍ ଇତ୍ ପ୍ରତ୍ୟୟ ; ଯଥା - ଭୟଙ୍କର - ଭୟଙ୍କରୀ, ନିଶାଚର - ନିଶାଚରୀ ।

ଟ୍ ଇତ୍ ଧାତୁ ; ଯଥା - ସ୍ତନନ୍ଧୟୀ ।

ଢ ପ୍ରତ୍ୟୟ; ଯଥା - ବୈନତେୟ - ବୈନତେୟୀ, ରାଧେୟ - ରାଧେୟୀ, ଗାଙ୍ଗେୟ - ଗାଙ୍ଗେୟୀ, ଆତିଥେୟ - ଆତିଥେୟୀ ।

ଅଣ୍ ପ୍ରତ୍ୟୟ ; ଯଥା - କୁମ୍ଭକାର - କୁମ୍ଭକାରୀ, ଉପଗବ - ଉପଗବୀ, ତାପସ - ତାପସୀ ।

ଅଞ୍ ପ୍ରତ୍ୟୟ ; ଯଥା - ଉତ୍ସ - ଉତ୍ସୀ (ଉତ୍ସ, ପ୍ରସ୍ରବଣ, ବାରି - ଅମରକୋଶ । ଜଣେ ଋଷିଙ୍କର ନାମ ମଧ୍ୟ । ଉତ୍ସସ୍ୟ ଇୟମ୍ - ଏହିଭଳି ବିଗ୍ରହ ବାକ୍ୟରେ ଉତ୍ସାଦିଭ୍ୟୋଽଞ୍) ।

ଦ୍ୱୟସଚ୍ ; ଊରୁ-ଦ୍ୱୟସୀ ବାପୀ । (ଜାନୁଏ ପାଣିଥିବା ବାପି) ।

ଦଘ୍ନଚ୍ - ଊରୁଦଘ୍ନୀ ।

ମାତ୍ରଚ୍ - ଊରୁମାତ୍ରୀ ।

ତୟପ୍ - ତ୍ରିତୟୀ, ଦ୍ୱିତୟୀ, ଚତୁଷ୍ଟୟୀ, ପଞ୍ଚତୟୀ, ଉଭୟୀ ।

ଠକ୍ - ଆକ୍ଷିକ - ଆକ୍ଷିକୀ ।

ଠଞ୍ - ଲାବଣିକ - ଲାବଣିକୀ, ବୈୟାସିକ - ବୈୟାସିକୀ ।

କଞ୍ - ଯାଦୃଶ - ଯାଦୃଶୀ, ତାଦୃଶ - ତାଦୃଶୀ ।

କ୍ୱରପ୍ - ନଶ୍ୱର - ନଶ୍ୱରୀ, ଛିତ୍ୱର - ଛିତ୍ୱରୀ ।

୧୪. ନଞ୍ସ୍ନଞୀ-କକ୍-ଖ୍ୟୁନ୍ତରୁଣ-ତଲୁନାନାମୁପସଂଖ୍ୟାନମ୍ (ବାର୍ତ୍ତିକ) -

ନଞ୍, ସ୍ନଞ, ଈକକ୍, ଖ୍ୟୁନ୍, ତରୁଣ, ତଲୁନ - ଏମାନଙ୍କର ପରେ ସ୍ତ୍ରୀଲିଙ୍ଗରେ ଙୀପ୍ ହେବ । ନଞାଦି ପ୍ରଥମ ଚାରୋଟି ପ୍ରତ୍ୟୟ । ଅତଏବ, ଏହିସବୁ ପ୍ରତ୍ୟୟଯୁକ୍ତ ଶବ୍ଦରେ ଙୀପ୍ ହେବ । ଅନ୍ୟ ଦୁଇଟି ଶବ୍ଦ; ଯଥା = ସ୍ତ୍ରୈଣୀ (ନଞ୍), ପୌଂସ୍ନୀ (ସ୍ନଞ୍), ଶାକ୍ତୀକୀ (ଈକକ୍), ଆଢ୍ୟଙ୍କରଣୀ (ଖ୍ୟୁନ୍), ତରୁଣୀ, ତଲୁନୀ ।

ଦ୍ରଷ୍ଟବ୍ୟ - ତରୁଣୀ ଏବଂ ତଲୁନୀ ଶବ୍ଦ ଦୁଇଟିରେ 'ବୟସି ପ୍ରଥମେ' ସୂତ୍ରଦ୍ୱାରା ଙୀପ୍ ସିଦ୍ଧ ହେବ ।

୧୫. ତାଚ୍ଛୀଲିକେ ଣେଽପି (ପରି) -

ଶୀଳ (ସ୍ୱଭାବ) ଅର୍ଥରେ ଣ-ପ୍ରତ୍ୟୟ ଯୁକ୍ତ ହେଲେ ତା'ପରେ ସ୍ତ୍ରୀଲିଙ୍ଗରେ ଙୀପ୍ ହେବ । ଯଥା = ଚୌର - ଚୌରୀ ।

୧୬. କିଂ ଯତ୍ତଦ୍ ବହୁଷୁ କୃଞୋଽଜ୍ବିଧାନମ୍ (ବାର୍ତ୍ତିକ) -

କିମ୍, ଯତ୍, ତତ୍ ଏବଂ ବହୁ ଶବ୍ଦର ପର କୃ-ଧାତୁଯୁକ୍ତ ହେଲେ ଅଚ୍ ହେବ । ଏଥିପାଇଁ ଏମାନଙ୍କ ପରେ ସ୍ତ୍ରୀଲିଙ୍ଗରେ ଙୀପ୍ ହୁଏ ନାହିଁ । ଏଠାରେ ଟାପ୍ ହୁଏ । ଯଥା - କିଙ୍କରା, ଯତ୍କରା, ତତ୍କରା, ବହୁକରା । ତେବେ 'କିଙ୍କର' ର ସ୍ତ୍ରୀ ଅର୍ଥରେ ଙୀପ୍ ହେବ । କିଙ୍କରସ୍ୟ ସ୍ତ୍ରୀ = କିଙ୍କରୀ ।

୧୭. ଅନ୍ତର୍ବତ୍ - ପତିବତୋର୍ନୁକ୍ (ପା. ୪.୧.୩୨) -

ଅନ୍ତର୍ବତ୍ ଏବଂ ପତିବତ୍ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ (ଋନ୍ନେଭ୍ୟୋ ଙୀପ୍ ସୂତ୍ରଦ୍ୱାରା) ଙୀପ୍ ପ୍ରତ୍ୟୟ ଯୁକ୍ତ ହେଲେ 'ନୁକ୍' ଆଗମ ହେବ । ଯଥା - ଅନ୍ତର୍ବତ୍ନୀ, ପତିବତ୍ନୀ ।

ଦ୍ରଷ୍ଟବ୍ୟ - ଗର୍ଭିଣୀ ଏବଂ ଜୀବଦ୍‌ଭର୍ତ୍ତୃକା (ଯାହାର ସ୍ୱାମୀ ଜୀବିତ) ଅର୍ଥରେ 'ନୁକ୍' ଆଗମ ହୋଇଥାଏ । ଅନ୍ତର୍ବତ୍ - ଶବ୍ଦରେ ଅନ୍ୟ ଅର୍ଥରେ 'ମତୁପ୍' ପ୍ରତ୍ୟୟ ହେଉ ନଥିବାରୁ ଅନ୍ତର୍ବତୀ ରୂପ ହୁଏନାହିଁ । ଅନ୍ୟ ଅର୍ଥରେ ଅର୍ଥାତ୍ 'ଅନ୍ତରସ୍ତି ଅସ୍ୟାଂ ଶାଳାୟାଂ ଘଟଃ' ଯଦି ଏହିଭଳି ବାକ୍ୟ ଥାଏ । କିନ୍ତୁ ପତିମତ୍ କ୍ଷେତ୍ରରେ ଜୀବଦ୍‌ଭର୍ତ୍ତୃକା ଭିନ୍ନ ଅନ୍ୟାର୍ଥରେ 'ପତିମତୀ ବସୁନ୍ଧରା' ଏହିଭଳି ବାକ୍ୟହେବ ।

**୧୮. ପତ୍ୟୁର୍ନୋ ଯଜ୍ଞସଂଯୋଗେ (ପା. ୪.୧.୩୩) -**

ଯଜ୍ଞଫଳଭାଗିନୀ ଅର୍ଥରେ (ଯଜ୍ଞର ପୁଣ୍ୟ ଫଳରେ ଯାହାର ଭାଗଥାଏ) ପତି ଶବ୍ଦର ସ୍ତ୍ରୀଲିଙ୍ଗରେ ଙୀପ୍ ହୋଇ ଇ-କାର ସ୍ଥାନରେ ନ୍ ହେବ; ଯଥା - ପତ୍ନୀ ।

ଦ୍ରଷ୍ଟବ୍ୟ - ଯଦି କେହି ବୃଷଳର ପତ୍ନୀ ବୋଲି କହେ ତେବେ ବୃଷଳର ଯଜ୍ଞକାର୍ଯ୍ୟ ନ ଥିବାରୁ ସେଠାରେ ବୃଷଳର ପତ୍ନୀ ବୋଲି କୁହାଯିବ କିପରି ? ଏହାର ଉତ୍ତରରେ କୁହାଯାଉଛି ଯେ, ପତ୍ନୀ ଇବ ପତ୍ନୀ = ପତ୍ନୀ, ଅଥବା, ପତ୍ନୀ ଇବ ଆଚରତି ଇତି ପତ୍ନୀ + (ଆଚାର କ୍ୱିବନ୍ତାତ୍) କ୍ୱିପ୍ = ପତ୍ନୀ । (ଏହିଭଳି ବ୍ୟବହାରରେ ଆସୁଥିବା ପତ୍ନୀ ଶବ୍ଦର ରୂପ - ପତ୍ନୀ- ପତ୍ନ୍ୟୌ - ପତ୍ନ୍ୟଃ ....... ଇତ୍ୟାଦି ହେବ ) ।

**୧୯. ବିଭାଷା ସପୂର୍ବସ୍ୟ (ପା. ୪.୧.୩୪) ।**

ସମାସରେ ପତିଶବ୍ଦ ଯଦି ଉତ୍ତର (ପରେ) ହୁଏ, ତେବେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ଙୀପ୍' ହୁଏ ଏବଂ ଇ-କାର ସ୍ଥାନରେ 'ନ୍' ହୁଏ ; ଯଥା - ବୃଦ୍ଧପତିଃ ଏବଂ ବୃଦ୍ଧପତ୍ନୀ (ଏ ଦୁଇଟିଯାକ ସ୍ତ୍ରୀଲିଙ୍ଗ ଶବ୍ଦ ଅଟେ), ସ୍ଥୂଳପତିଃ ଏବଂ ସ୍ଥୂଳପତ୍ନୀ (ଉଭୟ ସ୍ତ୍ରୀଲିଙ୍ଗ) ଓ ସେହିଭଳି ବୃଷଳପତ୍ନୀ ଏବଂ ବୃଷଳପତିଃ (ଉଭୟ ସ୍ତ୍ରୀଲିଙ୍ଗ) ।

**(କ) ନିତ୍ୟଂ ସପତ୍ନ୍ୟାଦିଷୁ (ପା. ୪.୧.୩୫) -**

ସପତ୍ନୀ ପ୍ରଭୃତି ଶବ୍ଦକ୍ଷେତ୍ରରେ ସବୁବେଳେ (ନିତ୍ୟ) ଙୀପ୍ ଏବଂ

'ନ୍' ହୁଏ । ସପତ୍ନୀ (ସମାନଃ ପତିଃ ଯସ୍ୟାଃ ସା), ଏକପତ୍ନୀ, ବୀରପତ୍ନୀ, ଭ୍ରାତୃପତ୍ନୀ (ଭ୍ରାତୁଃ ପତ୍ନୀ) ପୁତ୍ରପତ୍ନୀ (ପୁତ୍ରସ୍ୟ ପତ୍ନୀ) ଇତ୍ୟାଦି ।

୨୦. ପୂତକ୍ରତୋରୈ ଚ (ପା. ୪.୧.୩୬) -

ଭାର୍ଯ୍ୟା ଅର୍ଥରେ ପୂତକ୍ରତୁ ଶବ୍ଦର ସ୍ତ୍ରୀଲିଙ୍ଗରେ ଙୀପ୍ ହୋଇ ଉ-କାର ସ୍ଥାନରେ ଐ-କାର ହୁଏ । ପୂତକ୍ରତୋଃ (ଇନ୍ଦ୍ରସ୍ୟ) ଭାର୍ଯ୍ୟା = ପୂତକ୍ରତାୟୀ ।

ଦ୍ରଷ୍ଟବ୍ୟ - ଏହି ସୂତ୍ରଟି ଏବଂ ଅନ୍ୟ ଦୁଇଟି ସୂତ୍ରରେ (ଯଥା - ପା. ୪.୧.୩୭ ଏବଂ ୪.୧.୩୮) ପୁଂ ଯୋଗରେ ଅର୍ଥାତ୍ ପୁରୁଷର ସ୍ତ୍ରୀ = ଭାର୍ଯ୍ୟା ଅର୍ଥରେ ପ୍ରଯୁକ୍ତ ହେବ । ଅତଏବ, ପୂତାଃ କ୍ରତବଃ ଯସ୍ୟାଃ ସା = ପୂତକ୍ରତୁଃ (ସ୍ତ୍ରୀଲିଙ୍ଗ) - ଏହି ଭାବରେ ବ୍ୟାଖ୍ୟା କରାଗଲେ, ପୂତକ୍ରତାୟୀ ହେବନାହିଁ ।

ଇୟଂ ତ୍ରିସୂତ୍ରୀ ପୁଂଯୋଗ ଏବେଷ୍ୟତେ (ବାର୍ତ୍ତିକ) ।

୨୧. ବୃଷାକପ୍ୟଗ୍ନିକୁସିତକୁସିଦାନାମୁଦାତ୍ତଃ (ପା.୪.୧.୩୭) -

ବୃଷାକପି, ଅଗ୍ନି, କୁସିତ ଏବଂ କୁସିଦ ଶବ୍ଦର ଉତ୍ତର ଉଦାତ୍ତ ଐ ଆଦେଶ ହୋଇ 'ଙୀପ୍' ହେବ । ଯଥା - ବୃଷାକପେଃ ଭାର୍ଯ୍ୟା ବୃଷାକପାୟୀ, (ବୃଷାକପି ଅର୍ଥାତ୍ ବିଷ୍ଣୁ ବା ଶିବ) । ଅଗ୍ନେଃ ଭାର୍ଯ୍ୟା ଅଗ୍ନାୟୀ । କୁସିତସ୍ୟ ଭାର୍ଯ୍ୟା କୁସିତାୟୀ । କୁସିଦସ୍ୟ ଭାର୍ଯ୍ୟା କୁସିଦାୟୀ ।

୨୨. ମନୋରୌ ବା (ପା.୪.୧.୩୮) -

ଭାର୍ଯ୍ୟା ଅର୍ଥରେ ମନୁ ଶବ୍ଦର ଉତ୍ତର ବିକଳ୍ପରେ 'ଙୀପ୍' ହୋଇ ଉ ସ୍ଥାନରେ ଐ ଅଥବା ଔ ହୁଏ । ମନୋଃ ଭାର୍ଯ୍ୟା = ମନାୟୀ, ମନାବୀ । ବିକଳ୍ପରେ ଙୀପ୍ ନ ହୋଇ ହୁଏ ମନୁଃ (ସ୍ତ୍ରୀ) ।

୨୩. ବର୍ଣ୍ଣାଦନୁଦାତ୍ତାତ୍ତୋପଧାତ୍ତୋ ନଃ (ପା. ୪.୧.୩୯) -

ବର୍ଣ୍ଣବାଚକ ଅନୁଦାତ୍ତ ତକାରୋପଧ (ଯାହାର ଉପଧାରେ ତ-କାର

ଥାଏ) ଅନୁପସର୍ଜନ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀପ୍ ହୋଇ 'ତ୍' ସ୍ଥାନରେ 'ନ୍' ହୁଏ । ଯଥା = ହରିତ - ହରିତା ଏବଂ ହରିଣୀ ; ରୋହିତ / ଲୋହିତ - ରୋହିଣୀ ଏବଂ ରୋହିତା ତଥା ଲୋହିନୀ ଏବଂ ଲୋହିତା ।

ଦ୍ରଷ୍ଟବ୍ୟ - *'ବର୍ଣ୍ଣାନାଂ ତ-ନ-ତି-ଣି-ତାନ୍ତାନାମ୍'* ଏହି 'ଫିଟ୍' ସୂତ୍ରରେ ଉଲ୍ଲିଖିତ ଉଦାହରଣରେ ଆଦି-ଉଦାତ୍ତତ୍ୱ । ଅତଏବ ପରବର୍ତ୍ତୀ ବର୍ଣ୍ଣଗୁଡ଼ିକ ଅନୁଦାତ୍ତ ଅଟନ୍ତି । ସୂତ୍ରରେ କୁହାଯାଇଥିବା ଅନୁଦାତ୍ତ, ଯଥା - ଶ୍ୱେତା (ଏଠାରେ ଙୀପ୍ ନୁହେଁ) 'ତ' ସ୍ଥାନରେ ନ-କାର ମଧ୍ୟ ହୋଇନାହିଁ । କାରଣ, 'ଘୃତାଦୀନାଂ ଚ' ସୂତ୍ରରେ ଶ୍ୱେତ ଶବ୍ଦ ଅନ୍ତୋଦାତ୍ତ ।

(କ) ପିଶଙ୍ଗାଦୁପସଂଖ୍ୟାନମ୍ (ବାର୍ତ୍ତିକ) - 'ପିଶଙ୍ଗ' ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀପ୍ ହୁଏ । ଏହି ଶବ୍ଦଟି ବର୍ଣ୍ଣ ବାଚକ ହେଲେ ମଧ୍ୟ ଉପଧାରେ ତ ନାହିଁ ଅତଏବ 'ତୋପଧ' ନୁହେଁ, ଅନୁଦାତ୍ତାନ୍ତ ମଧ୍ୟ ନୁହେଁ । ସେଥିପାଇଁ ଏହି ବାର୍ତ୍ତିକ ବ୍ୟବସ୍ଥା ଅନୁସାରେ - ପିଶଙ୍ଗୀ ଏବଂ ପିଶଙ୍ଗା । ପରବର୍ତ୍ତୀ *ଅନ୍ୟତୋ ଙୀଷ୍ - ପା.୪.୧.୪୦* ସୂତ୍ର ବାଧାପାଇଲା ।

(ଖ) ଅସିତ-ପଲିତୟୋର୍ନ (ବାର୍ତ୍ତିକ) - ଅସିତ ଏବଂ ପଲିତ ଶବ୍ଦଦ୍ୱୟରେ "ବର୍ଣ୍ଣାଦନୁଦାତ୍ତାତ୍ ——" ଇତ୍ୟାଦି ସୂତ୍ର ପ୍ରଯୁକ୍ତ ହେବନାହିଁ । ଅତଏବ ସ୍ତ୍ରୀଲିଙ୍ଗରେ ଅସିତା, ପଲିତା ହେବ ।

(ଗ) ଛନ୍ଦସି କ୍ନମେକେ (ବାର୍ତ୍ତିକ) - ଛନ୍ଦସ୍ ଅର୍ଥାତ୍ ବେଦ । ବେଦରେ 'ଙୀପ୍' ଏବଂ 'କ୍ନ' - ଆଦେଶ ହୁଏ । ଅତଏବ, ଅସିତ ଏବଂ ପଲିତ ଶବ୍ଦଦ୍ୱୟର ବୈଦିକରୀତିରେ ସ୍ତ୍ରୀଲିଙ୍ଗରେ ଅସିକ୍ନୀ ଏବଂ ପଲିକ୍ନୀ ହୁଏ ।

(ଘ) ଅବଦାତ ଶବ୍ଦ ଶୁଦ୍ଧତାବାଚୀ ତଥା ବର୍ଣ୍ଣବାଚୀ ନୁହେଁ । ଏଣୁ 'ଙୀପ୍' ନ ହୋଇ ସ୍ତ୍ରୀଲିଙ୍ଗରେ ହେବ ଅବଦାତା ।

୨୪. କେବଳ-ମାମକ-ଭାଗଧେୟ-ପାପାପର-ସମାନାର୍ଯ୍ୟକୃତ - ସୁମଙ୍ଗଳ - ଭେଷଜାଚ୍ଚ (ପା. ୪.୧.୩୦) -

ସଂଜ୍ଞା ବୁଝାଇଲେ କ୍ରିୟା ବେଦରେ ପ୍ରଯୁକ୍ତ ହେଲେ କେବଳ - ମାମକ - ଭାଗଧେୟ - ପାପ - ଅପର - ସମାନ - ଆର୍ଯ୍ୟକୃତ - ସୁମଙ୍ଗଳ - ଭେଷଜ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ "ଙୀପ୍" ହେବ । ଯଥା - କେବଳୀ (ଅଥୋ ତ ଇନ୍ଦ୍ରଃ କେବଳୀର୍ବିଶଃ), ମାମକୀ (ମାମକୀ ତନୂଃ), ଭାଗଧେୟୀ, ପାପୀ, ଅପରୀ, ସମାନୀ, ଆର୍ଯ୍ୟକୃତୀ, ସୁମଙ୍ଗଳୀ, ଭେଷଜୀ । କିନ୍ତୁ ଅନ୍ୟତ୍ର - କେବଳା ଇତ୍ୟାଦି ହୁଏ ।

ନିୟମାର୍ଥ ହେତୁ ସୂତ୍ରରେ 'ମାମକ' ଗ୍ରହଣ କରାଯାଇଛି ।

*(ଅନୁଭବ୍ୟାଦେବ ଶିକ୍ଷ୍ୟ) ତେନ ଲୋକେ ସଂଜ୍ଞାୟା" ମାମିକା ।*

୨୫. ଦିକ୍ ପୂର୍ବପଦାନ୍ ଙୀପ୍ (ପା. ୪.୧.୬୦) -

ଦିକ୍‌ବାଚକ ପଦର ପରେ ପ୍ରାଣ୍ୟଙ୍ଗବାଚକ ଶବ୍ଦ (ଯଥା - ମୁଖ ଇତ୍ୟାଦି) ରୁ ଉତ୍ତର ସ୍ତ୍ରୀଲିଙ୍ଗରେ ଙୀପ୍ ହେବ । ଯଥା - ପ୍ରାଙ୍‌ମୁଖୀ, ଙୀଷ୍ ସ୍ଥାନରେ ଙୀପ୍ କରାହୋଇଛି । କାରଣ - ଆଦି ସ୍ୱରର ଉଦାତ୍ତତା ।

## ଙୀଷ୍ ପ୍ରତ୍ୟୟ

୧. ବହୁବ୍ରୀହେରୂଧସୋ ଙୀଷ୍ (ପା. ୪.୧.୨୫) -

ବହୁବ୍ରୀହି ସମାସରେ ଊଧସ୍ ଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ । ***ଊଧସୋଽନଙ୍ - ପା. ୫.୪.୧୩୧*** ସୂତ୍ରରେ ବହୁବ୍ରୀହି ସମାସରେ ଊଧସ୍ ଶବ୍ଦ ପରେ ଥିଲେ 'ଅନଙ୍ ଆଦେଶ' ହୁଏ (ସ୍ତ୍ରୀଲିଙ୍ଗରେ) । ଯଥା - କୁଣ୍ଡୋଧ୍ନୀ- କୁଣ୍ଡମିବ ଊଧଃ (ସ୍ତନଃ) ଯସ୍ୟାଃ ସା । ସେହିଭଳି = ଘଟୋଧ୍ନୀ, ପୀନୋଧ୍ନୀ ଇତ୍ୟାଦି ।

କିନ୍ତୁ ସ୍ତ୍ରୀଲିଙ୍ଗ ନ ହେଲେ ଅନଙ୍ ହେବ ନାହିଁ । ଯଥା - କୁଣ୍ଡୋଧୋ ଧୈନୁକମ୍ (ଧେନୂନାଂ ସମୂହଃ) । ଧୈନୁକମ୍ ଶବ୍ଦ ନପୁଂସକ ଶବ୍ଦ ଅଟେ ।

(ଖ) ଅମତ୍ର (ପାତ୍ର) ଅର୍ଥରେ କୁଣ୍ଡ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହୁଏ ; ଯଥା - କୁଣ୍ଡୀ । ଅନ୍ୟ ଅର୍ଥରେ କୁଣ୍ଡା ।

(ଗ) ଗୋଣଶବ୍ଦରେ ଆବପନ ଅର୍ଥରେ (ଉପ୍ୟତେ ନିକ୍ଷିପ୍ୟତେ ଅସ୍ମିନ୍) ସ୍ତ୍ରୀଲିଙ୍ଗରେ ଙୀଷ୍ ହେବ ; ଯଥା - ଗୋଣୀ । ଏତଦ୍ ଭିନ୍ନ ଅନ୍ୟାର୍ଥରେ ଗୋଣା (କୌଣସି ଏକ ସ୍ତ୍ରୀର ନାମ) ।

(ଘ) ସ୍ଥଳ (ପ୍ରାକୃତିକ ଭୂମି)ଠାରେ ଙୀଷ୍ ହୋଇ 'ସ୍ଥଳୀ' ହେବ । ଅନ୍ୟଠାରେ ସ୍ଥଳା ।

(ଙ) ଭାଜ ଶବ୍ଦରୁ ଶ୍ରାଣ (ପକ୍ୱ) ଅର୍ଥରେ ଭାଜୀ । ଅନ୍ୟ ଅର୍ଥରେ ଭାଜା ।

(ଚ) ନାଗ ଶବ୍ଦରୁ ସ୍ଥୂଳ (ମୋଟା ଯଥା ହାତୀ) ଅର୍ଥରେ ଙୀଷ୍ ହୋଇ ନାଗୀ ହେବ । କିନ୍ତୁ ଅନ୍ୟଅର୍ଥରେ (ଯଥା-ସାପ) ନାଗା ହେବ ।

(ଛ) କାଳ ଶବ୍ଦରୁ ବର୍ଣ୍ଣ (ରୂପ) ଅର୍ଥରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହୋଇ ହେବ କାଳୀ । ଅନ୍ୟତ୍ର କାଳା ।

(ଜ) ନୀଳ ଶବ୍ଦରୁ ଅନାଚ୍ଛାଦନ ଅର୍ଥରେ ନୀଳୀ ହେବ, ଅନ୍ୟତ୍ର ଶାଢ଼ୀ ଇତ୍ୟାଦି ଅର୍ଥରେ ନୀଳା ।

ଦ୍ରଷ୍ଟବ୍ୟ - କେବଳ ଅନାଚ୍ଛାଦନ (ବସ୍ତ୍ରଭିନ୍ନ) ଅର୍ଥରେ ଯେ ସବୁବେଳେ ଙୀଷ୍ ହୋଇ ନୀଳୀ ହେବ ତାହା ନୁହେଁ, ଔଷଧି ଏବଂ ପ୍ରାଣୀ ଅର୍ଥରେ ମଧ୍ୟ ହୁଏ । ( *'ନୀଳାଦୋଷଧୌ'* ଏବଂ *'ପ୍ରାଣିନି ଚ'* ଏହି ଦୁଇଟି ବାର୍ତ୍ତିକ ସୂତ୍ର ଏଠାରେ ଉଲ୍ଲେଖ ଯୋଗ୍ୟ ) ।

(ଝ) ଅୟୋବିକାର ଅର୍ଥରେ କୁଶ ଶବ୍ଦରୁ ଉତ୍ତର ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ ; ଯଥା - କୁଶୀ । ଅନ୍ୟ ସ୍ଥଳରେ କୁଶା ।

(ଞ) ସ୍ତ୍ରୀ ପୁରୁଷ ସଙ୍ଗଲାଭର ଇଚ୍ଛା ଯୋଗରେ କାମୁକ ରୁ କାମୁକୀ (ଙୀଷ୍ ହୋଇ) ହୁଏ ; କିନ୍ତୁ ଧନ ଇତ୍ୟାଦିର କାମନାରୁ କାମୁକ ସ୍ଥାନରେ ସ୍ତ୍ରୀଲିଙ୍ଗରେ କାମୁକା ହୁଏ ।

(ଟ) କବର (କେଶବିନ୍ୟାସ ଅର୍ଥରେ) ଶବ୍ଦରୁ ଉତ୍ତର ସ୍ତ୍ରୀଲିଙ୍ଗରେ ଙୀଷ୍ ହୋଇ କବରୀ ହୁଏ । ଅନ୍ୟଥାରେ କବରା (ଚିତ୍ରା) ।

୪. ଶୋଣାତ୍ ପ୍ରାଚାମ୍ (ପା. ୪.୧.୪୩) -

ଶୋଣ ଶବ୍ଦର ବିକଳ୍ପରେ ଙୀଷ୍ ହୁଏ । (ଏହା ପୂର୍ବଦେଶୀୟ ବୈୟାକରଣ ମାନଙ୍କ ମତ ।) ଯଥା - ଶୋଣୀ ଏବଂ ଶୋଣା । ଶୋଣ ଶବ୍ଦ ବର୍ଣ୍ଣବାଚୀ, ଆଦି - ଉଦାତ୍ତ ଏବଂ ଅନ୍ତ - ଅନୁଦାତ୍ତ ଅଟେ । *(ବର୍ଣାନାଂ ତଣେତିନି ------ଇତ୍ୟାଦି । 'ଅନ୍ୟତୋ ଙୀଷ୍' ଇତି ନିତ୍ୟଂ ଙୀଷି ପ୍ରାପ୍ତେ ବିକଳ୍ପାର୍ଥମିଦଂ ସୂତ୍ରମ୍ ।)*

୫. ବୋତୋ ଗୁଣବଚନାତ୍ (ପା. ୪.୧.୪୪) -

ଉ-କାରାନ୍ତ ଗୁଣବାଚକ ଶବ୍ଦର ପରେ ବିକଳ୍ପରେ ଙୀଷ୍ ହେବ । ଯଥା - ପଟୁ - ପଟ୍ୱୀ, ପଟୁଃ ; ମୃଦୁ - ମୃଦ୍ୱୀ, ମୃଦୁଃ ; ଲଘୁ - ଲଘ୍ୱୀ, ଲଘୁଃ; ତନୁ - ତନ୍ୱୀ, ତନୁଃ ; ସାଧୁ - ସାଧ୍ୱୀ, ସାଧୁଃ ।

ଦ୍ରଷ୍ଟବ୍ୟ - ସୂତ୍ରରେ 'ଉତଃ' କାହିଁକି ଲେଖାହୋଇଛି ? ଯେପରିକି ଶୁଚିଃ । ଏଠାରେ ଏହା ହ୍ରସ୍ୱ ଉକାରାନ୍ତ ହୋଇ ନଥିବାରୁ ଶୁଚ୍ୱୀ ହେଉନାହିଁ । ସେହିପରି, ଆଖୁଃ । ଏଠାରେ ହ୍ରସ୍ୱ ଉକାରାନ୍ତ ହୋଇଥିଲେ ମଧ୍ୟ ଗୁଣବାଚକ ନ ହୋଇଥିବାରୁ 'ଆଖ୍ୱୀ' ହେଲା ନାହିଁ ।

୬. ବହ୍ୱାଦିଭ୍ୟଶ୍ଚ (ପା. ୪.୧.୪୫) -

ବହୁ ପ୍ରଭୃତିଶବ୍ଦର ଉତ୍ତର ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀଷ୍ ହେବ ; ଯଥା - ବହୁ - ବହ୍ୱୀ, ବହୁଃ ; କପି - କପୀ, କପିଃ ; ଶକ୍ତି - ଶକ୍ତୀ, ଶକ୍ତିଃ ; ଗତି - ଗତୀ, ଗତିଃ ; ଅହି - ଅହୀ, ଅହିଃ ; ମୁନି - ମୁନୀ, ମୁନିଃ ; ପଦ୍ଧତି - ପଦ୍ଧତୀ, ପଦ୍ଧତିଃ ; ଯଷ୍ଟି - ଯଷ୍ଟୀ, ଯଷ୍ଟିଃ ; ଚଣ୍ଡ - ଚଣ୍ଡୀ, ଚଣ୍ଡା ; ଅରାଳ - ଅରାଳୀ, ଅରାଳା ; କୃପଣ - କୃପଣୀ, କୃପଣା ; ବିକଟ - ବିକଟୀ, ବିକଟା; କଲ୍ୟାଣ - କଲ୍ୟାଣୀ, କଲ୍ୟାଣା ; ପୁରାଣ - ପୁରାଣୀ, ପୁରାଣା ; ବିଶାଳ - ବିଶାଳୀ, ବିଶାଳା ; ଉଦାର - ଉଦାରୀ, ଉଦାରା ଇତ୍ୟାଦି ।

(କ) କୃଦିକାରାଦକ୍ତିନଃ (ବାର୍ତ୍ତିକ) -

କ୍ତିନ୍ ପ୍ରତ୍ୟୟଭିନ୍ନ ଅନ୍ୟ କୃତ୍ - ପ୍ରତ୍ୟୟର ଇ-କାରର ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ଙୀଷ୍' ହୁଏ । ଯଥା - ରାତ୍ରି = ରା (ଧାତୁ) + ତ୍ରିପ୍ = ରାତ୍ରୀ, ରାତ୍ରିଃ ; ଧରଣି - ଧରଣୀ, ଧରଣିଃ ; ଭୂମି - ଭୂମୀ, ଭୂମିଃ ; ଅଟବି - ଅଟବୀ, ଅଟବିଃ ; ମଣି - ମଣୀ, ମଣିଃ ; ସୂଚି - ସୂଚୀ, ସୂଚିଃ ; ରଜନି - ରଜନୀ, ରଜନିଃ ; ଶ୍ରେଣି - ଶ୍ରେଣୀ, ଶ୍ରେଣିଃ ଇତ୍ୟାଦି ।

(ଖ) ସର୍ବତୋଽକ୍ତିନ୍ନର୍ଥାଦିତ୍ୟେକେ (ଗଣସୂତ୍ର) -

ଅନେକଙ୍କ ମତରେ କ୍ତିନ୍ - ପ୍ରତ୍ୟୟର ଅର୍ଥ ବ୍ୟତୀତ ସମସ୍ତ ଇକାରାନ୍ତ ଶବ୍ଦରୁ ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀଷ୍ ହୁଏ । ଯଥା - ଶକଟି - ଶକଟୀ, ଶକଟିଃ ; କିନ୍ତୁ କ୍ତିନ୍ ପ୍ରତ୍ୟୟାନ୍ତ ଶବ୍ଦ ଯଥା - ମୁକ୍ତି, ଶକ୍ତି ଇତ୍ୟାଦିରେ 'ଙୀଷ୍' ହେବ ନାହିଁ । କାରଣ ଏ ଗୁଡ଼ିକ କ୍ତିନ୍ ପ୍ରତ୍ୟୟାନ୍ତ ଶବ୍ଦ ।

(ଗ) ନିତ୍ୟଂ ଛନ୍ଦସି (ପା. ୪.୧.୪୬) -

ଯଦି ବହ୍ୱ ଇତ୍ୟାଦି ଶବ୍ଦର ପ୍ରୟୋଗ ବେଦବିଷୟକ ହୋଇଥାଏ, ତେବେ ଏହା ନିତ୍ୟ (ସାର୍ବକାଳିକ) 'ଙୀଷ୍' ପ୍ରତ୍ୟୟ ଦ୍ୱାରା ସ୍ତ୍ରୀତ୍ୱ ପ୍ରାପ୍ତ ହୁଏ ।

୭. ଭୁବଶ୍ଚ (ପା. ୪.୧.୪୭) -

ବେଦ ବିଷୟକ ପ୍ରୟୋଗରେ ଭୂ ଶବ୍ଦରୁ ମଧ୍ୟ ସ୍ତ୍ରୀଲିଙ୍ଗରେ ନିତ୍ୟ 'ଙୀଷ୍' ପ୍ରତ୍ୟୟ ହୁଏ । ଯଥା = ବିଭ୍ୱୀ, ପ୍ରଭ୍ୱୀ, ସୁଭ୍ୱୀ ।

୮. ପୁଂଯୋଗାଦାଖ୍ୟାୟାମ୍ (ପା.୪.୧.୪୮) -

ପୁରୁଷ ସହ ସମ୍ବନ୍ଧ (ପୁଂଯୋଗ) ଥିବାରୁ ସ୍ତ୍ରୀଲିଙ୍ଗରେ ପ୍ରଯୁକ୍ତ ହେବାକୁ ଥିବା ପୁରୁଷ - ବିଶେଷ - ବାଚକ ପ୍ରାତିପଦିକରୁ ସ୍ତ୍ରୀ-ତ୍ୱ ବିବକ୍ଷା ହେଲେ 'ଙୀଷ୍' ପ୍ରତ୍ୟୟ ହୁଏ । ଯଥା - ଗୋପସ୍ୟ ସ୍ତ୍ରୀ - ଗୋପୀ । ସେହିଭଳି ବ୍ରାହ୍ମଣୀ, ଶୂଦ୍ରୀ, ଗଣକୀ, ନାପିତୀ, କ୍ଷତ୍ରିୟୀ, ରାଜ୍ଞୀ, ବୈଶ୍ୟୀ ଇତ୍ୟାଦି ।

ଦ୍ରଷ୍ଟବ୍ୟ - ସ୍ତ୍ରୀ (ଭାର୍ଯ୍ୟା) ଅର୍ଥରେ ନ ହେଲେ 'ଙୀଷ୍' ହେବନାହିଁ । ଯଥା - ଶୂଦ୍ରା (ଶୂଦ୍ରଜାତୀୟା ସ୍ତ୍ରୀ), ଗୋପା (ଯିଏ ନିଜେ ଗାଈ ପାଳେ ବା ରଖେ) ଯା ତୁ ସ୍ୱୟମେବ ଗାଃ ପାତି, ନ ତୁ ଗୋପସ୍ୟ ସ୍ତ୍ରୀ ।

*ସୂର୍ଯ୍ୟାଦ୍‌ଦେବତାୟାଂ ଚାପ୍ ବାଚ୍ୟ (ବାର୍ତ୍ତିକ)* - ସୂର୍ଯ୍ୟଙ୍କର ଦେବତା ସ୍ତ୍ରୀ ଅର୍ଥରେ 'ଚାପ୍' ହୁଏ ; ଯଥା - ସୂର୍ଯ୍ୟା = ଛାୟା । (ମାନବୀ ସ୍ତ୍ରୀ ଅର୍ଥରେ ସୂରୀ = କୁନ୍ତୀ) ।

ପାଳକାନ୍ତାନ୍ନ (ବାର୍ତ୍ତିକ) -

ଗୋପାଳକସ୍ୟ ସ୍ତ୍ରୀ - ଗୋପାଳିକା । ସେହିଭଳି ଅଶ୍ୱପାଳିକା ।

ଦ୍ରଷ୍ଟବ୍ୟ - 'ପୁଂଯୋଗାଦାଖ୍ୟାୟାମ୍' ସୂତ୍ରରେ 'ପୁଂ ଯୋଗ' ଶବ୍ଦଦ୍ୱାରା ସ୍ତ୍ରୀ (ଭାର୍ଯ୍ୟା) ବୁଝାଏ । ଅନ୍ୟତ୍ର ହୁଏନାହିଁ । ଯଥା - କେକୟସ୍ୟ ଦୁହିତା - କେକୟୀ । ସେହିଭଳି - ଦେବକୀ ।

କେହି କେହି ଦୁହିତା ଅର୍ଥରେ ଗୌରାଦିଗଣରେ ଏହାକୁ ଗ୍ରହଣ କରି ଙୀଷ୍ ପ୍ରତ୍ୟୟର ପ୍ରୟୋଗ କରନ୍ତି ।

୯. ଇନ୍ଦ୍ର-ବରୁଣ-ଭବ-ଶର୍ବ-ରୁଦ୍ର-ମୃଡ଼-ହିମାରଣ୍ୟ-ଯବ-ଯବନ-ମାତୁଳାଚାର୍ଯ୍ୟାଣାମାନୁକ୍ (ପା. ୪.୧.୪୯) -

ଇନ୍ଦ୍ର, ବରୁଣ, ଭବ, ଶର୍ବ, ରୁଦ୍ର, ମୃଡ଼, ହିମ, ଅରଣ୍ୟ, ଯବ, ଯବନ, ମାତୁଳ ଏବଂ ଆଚାର୍ଯ୍ୟ ଶବ୍ଦମାନଙ୍କର ଉତ୍ତର ସ୍ତ୍ରୀଲିଙ୍ଗରେ 'ଆନୁକ୍' ଆଗମ ହୋଇ 'ଙୀଷ୍' ହୁଏ । ଯଥା- ଇନ୍ଦ୍ରାଣୀ, ବରୁଣାନୀ, ଭବାନୀ, ମୃଡ଼ାନୀ ଏବଂ ରୁଦ୍ରାଣୀ ।

(କ) ହିମ ଏବଂ ଅରଣ୍ୟ ଶବ୍ଦରେ ମହତ୍ତ୍ୱ ଅର୍ଥରେ ଆନୁକ୍ ହୁଏ । ଯଥା - ମହତ୍ ହିମମ୍ = ହିମାନୀ ; ମହତ୍ ଅରଣ୍ୟମ୍ = ଅରଣ୍ୟାନୀ ।

**(ଖ) ଯବାଦ୍ଦୋଷେ (ବାର୍ତ୍ତିକ) -**

ଦୋଷ ଅର୍ଥରେ ଯବଶବ୍ଦରେ ଆନୁକ୍ ଆଗମ ହୁଏ ।

ଯଥା - ଦୁଷ୍ଟୋ ଯବଃ = ଯବାନୀ ।

**(ଗ) ଯବନାଲ୍ଲିପ୍ୟାମ୍ (ବାର୍ତ୍ତିକ) -**

ଲିପି ଅର୍ଥରେ ଯବନ ଶବ୍ଦରେ ଆନୁକ୍ ଏବଂ ଙୀଷ୍ ହୁଏ ।

ଯଥା - ଯବନାନୀ ।

**(ଘ) ଉପାଧ୍ୟାୟମାତୁଳାଭ୍ୟାଂ ବା (ବାର୍ତ୍ତିକ) -**

ଉପାଧ୍ୟାୟ ଏବଂ ମାତୁଳ ଶବ୍ଦରେ ସ୍ତ୍ରୀ ଅର୍ଥରେ ବିକଳ୍ପରେ ଆନୁକ୍ ହୁଏ । ଯଥା - ମାତୁଳୀ ଏବଂ ମାତୁଳାନୀ ; ଉପାଧ୍ୟାୟୀ ଏବଂ ଉପାଧ୍ୟାୟାନୀ ।

**(ଙ) ଆଚାର୍ଯ୍ୟାଦଣତ୍ୱଂ ଚ (ବାର୍ତ୍ତିକ) -**

ଆଚାର୍ଯ୍ୟ ଶବ୍ଦର ଉତ୍ତର 'ଆନୁକ୍' ଆଗମ ହେଲେ 'ଣତ୍ୱ' ହୁଏ ନାହିଁ, ତେଣୁ ଆଚାର୍ଯ୍ୟାଣୀ ନହୋଇ ହେବ ଆଚାର୍ଯ୍ୟାନୀ ।

**(ଚ) ଅର୍ଯ୍ୟକ୍ଷତ୍ରିୟାଭ୍ୟାଂ ବା ସ୍ୱାର୍ଥେ (ବାର୍ତ୍ତିକ) -**

ଅର୍ଯ୍ୟ (ବୈଶ୍ୟ) ଏବଂ କ୍ଷତ୍ରିୟ ଶବ୍ଦର ପରେ 'ଆନୁକ୍' ଏବଂ 'ଙୀଷ୍' ବିକଳ୍ପରେ ହୁଏ ଯଦି ସ୍ତ୍ରୀଲିଙ୍ଗ ପ୍ରୟୋଗ କେବଳ ଭାର୍ଯ୍ୟା ଅର୍ଥରେ ନ ହେଉଥାଏ ; ଯଥା - ଅର୍ଯ୍ୟାଣୀ, ଅର୍ଯ୍ୟା (ଟାପ୍)ସ୍ୱାମିନୀ ବୈଶ୍ୟା ; କ୍ଷତ୍ରିୟାଣୀ, କ୍ଷତ୍ରିୟା । କିନ୍ତୁ କେବଳ ଭାର୍ଯ୍ୟା ଅର୍ଥରେ ସବୁବେଳେ 'ଙୀଷ୍' ହୁଏ ; ଯଥା - ଅର୍ଯ୍ୟୀ, କ୍ଷତ୍ରିୟୀ ।

**(ଛ) ମୁଦ୍‌ଗଲାଚ୍ଛନ୍ଦସି ଲିଚ (ବାର୍ତ୍ତିକ) -**

ବେଦରେ ମୁଦ୍‌ଗଲ ଶବ୍ଦ ପରେ 'ଙୀଷ୍' ଏବଂ 'ଆନୁକ୍' ହେବ ଏବଂ ଏଠାରେ ତାହାକୁ 'ଲିତ୍' (ଲ୍ ଇତ୍ ଯାହାର) ବୋଲି ଧରାଯିବ ଯଥା - ମୁଦ୍‌ଗଲାନୀ ।

ଦ୍ରଷ୍ଟବ୍ୟ - ବ୍ରହ୍ମାଣୀ = ବ୍ରହ୍ମଣଃ ସ୍ତ୍ରୀ, ଏପରି ସିଦ୍ଧିପାଇଁ କୌଣସି ସୂତ୍ରର ପ୍ରୟୋଗ ନାହିଁ, ଅତଏବ ବ୍ରହ୍ମାଣମ୍ ଆନୟତି (ଜୀବୟତି) ଇତି ବ୍ରହ୍ମାଣଃ = ବ୍ରହ୍ମନ୍ + ଅନ୍ (ଣିଚ) + ଅଣ୍ (କର୍ମଣ୍ୟଣ୍) । ବ୍ରହ୍ମାଣ + ଙୀପ୍ = ବ୍ରହ୍ମାଣୀ । ଆଉ ମଧ୍ୟ ମହେନ୍ଦ୍ରାଣୀ ପଦଟି ମହତୀ ଇନ୍ଦ୍ରାଣୀ - ଏହିପରି ସିଦ୍ଧ ହେବ ।

**୧୦. କ୍ରୀତାତ୍ କରଣପୂର୍ବାତ୍ (ପା.୪.୧.୫୦) -**

କରଣକାରକ ପୂର୍ବରେ ଥିଲେ ଅ-କାରାନ୍ତ କ୍ରୀତ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହୁଏ । ଯଥା - ବସ୍ତ୍ରକ୍ରୀତଃ (ବସ୍ତ୍ରେଣ କ୍ରୀତଃ - ଲୁଗାଦେଇ ଯିଏ କିଣାଯାଇଥାଏ) - ବସ୍ତ୍ରକ୍ରୀତୀ । ସେହିଭଳି ଯବକ୍ରୀତ - ଯବକ୍ରୀତୀ ।

ଦ୍ରଷ୍ଟବ୍ୟ - ଧନକ୍ରୀତରୁ ଧନକ୍ରୀତା ହେବ । କାରଣ ବସ୍ତ୍ରକ୍ରୀତୀ ସ୍ଥାନରେ ବସ୍ତ୍ରକ୍ରୀତ + ଙୀଷ୍ ହେଉଛି ; କିନ୍ତୁ ଧନକ୍ରୀତା କ୍ଷେତ୍ରରେ ପ୍ରଥମେ ଟାବନ୍ତ ପ୍ରକୃତିକ ସୁବନ୍ତ ସହ ସମାସ ହୁଏ । ଧନେନ କ୍ରୀତା । ଅନ୍ୟପକ୍ଷରେ, ପୂର୍ବରୁ କରଣକାରକ ନଥିଲେ ମଧ୍ୟ 'ଙୀଷ୍' ହେବନାହିଁ ; ଯଥା - ସୁକ୍ରୀତା ।

**୧୧. କ୍ତାଦଳ୍ପାଖ୍ୟାୟାମ୍ (ପା. ୪.୧.୫୧) -**

ସ୍ତ୍ରୀ ପ୍ରତ୍ୟୟାନ୍ତ ଶବ୍ଦ ଯଦି ଅଳ୍ପତା ପ୍ରତିପାଦକ ହୁଏ, ପୂର୍ବରେ କରଣ କାରକ ଥାଇ କ୍ତ-ପ୍ରତ୍ୟୟାନ୍ତ ଶବ୍ଦାନ୍ତ ପ୍ରାତିପଦିକରୁ ସ୍ତ୍ରୀତ୍ୱ ବିବକ୍ଷା ହେଲେ 'ଙୀଷ୍' ପ୍ରତ୍ୟୟ ହୁଏ । ଯଥା - ଅଭ୍ରଲିପ୍ତୀ ଦ୍ୟୌଃ (ଅଳ୍ପେନ ଅଭ୍ରେଣ ଲିପ୍ତା = ଅଳ୍ପମେଘାଚ୍ଛନ୍ନ ଆକାଶ) ।

ଦ୍ରଷ୍ଟବ୍ୟ - ସୂତ୍ରରେ ଅଳ୍ପତ୍ୱ ଶବ୍ଦ ଲେଖିବାର ଉଦ୍ଦେଶ୍ୟ ହେଲା ଅଳ୍ପତ୍ୱ ନ ବୁଝାଇଲେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହେବନାହିଁ ; ଯଥା - ଚନ୍ଦନଲିପ୍ତା ଅଙ୍ଗନା, ଜଳପୂର୍ଣ୍ଣା ଘଟୀ ଇତ୍ୟାଦି *(ଅଳ୍ପତ୍ୱଂ କରଣତ୍ୱଂ କ୍ରିୟାତ୍ୱଂ ବା - ବାଳମନୋରମା ଟୀକା ।)*

**୧୨. ବହୁବ୍ରୀହେଶ୍ଚାନ୍ତୋଦାତ୍ତାତ୍ (ପା. ୪.୧.୫୨) -**

ବହୁବ୍ରୀହି ସମାସ ନିଷ୍ପନ୍ନ ପଦଟି ଅନ୍ତୋଦାତ୍ତ (ଅନ୍ତସ୍ୱର ଉଦାତ୍ତ

ଯାହାର) ହେଲେ, ଅ-କାରାନ୍ତ କ୍ରାନ୍ତ (କ୍ତ ପ୍ରତ୍ୟୟ ଶେଷରେ ବିଧାନ ହୋଇଛି ଯାହାର) ପ୍ରାତିପଦିକ ହେଲେ ସ୍ତ୍ରୀଲିଙ୍ଗରେ ଙୀଷ୍ ହେବ ।

(କ) ଜାତିପୂର୍ବାଦିତି ବକ୍ତବ୍ୟମ୍ (ବାର୍ତ୍ତିକ)-

ପୂର୍ବପଦଟି ଜାତି ବାଚକ ହେଲେ ହିଁ ଏହି ନିୟମଟି ଗ୍ରହଣ ଯୋଗ୍ୟ ଅଟେ । ଯଥା- ଊରୁଭିନ୍ନୀ = ଊରୂ ଭିନ୍ନୌ (ଅସଂଯୁକ୍ତୌ) ଯସ୍ୟା ଇତି ବିଗ୍ରହଃ । ଜାତିବାଚକ ନ ହେଲେ ଙୀଷ୍ ହେବନାହିଁ ଯେପରିକି - ବହୁକ୍ରୀତା ।

(ଖ) ଜାତାନ୍ତାନ୍ନ (ବାର୍ତ୍ତିକ) -

'ଜାତ' ଶବ୍ଦ ଶେଷରେ ଥିଲେ ଙୀଷ୍ ହୁଏ ନାହିଁ ; ଯଥା - ଦନ୍ତଜାତା ।

(ଗ) ପାଣିଗୃହୀତୀ ଭାର୍ଯ୍ୟାୟାମ୍ (ବାର୍ତ୍ତିକ) -

ଭାର୍ଯ୍ୟାକୁ ବୁଝାଇଲେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହୋଇ ପାଣିଗୃହୀତୀ ହେବ । ଯଦି ଅନ୍ୟ ଅର୍ଥ ବୁଝାଏ ପାଣିଗୃହୀତା (ଯେ କୌଣସି ସ୍ତ୍ରୀଲୋକକୁ ପୁରୁଷ ରକ୍ଷାଥାଏ ତେବେ ସିଏ ପାଣିଗୃହୀତା = ରକ୍ଷିତା ।)

୧୩. ଅସ୍ୱାଙ୍ଗପୂର୍ବପଦାଦ୍‌ବା (ପା. ୪.୧.୫୩) -

ବହୁବ୍ରୀହି ସମାସରେ ସ୍ୱାଙ୍ଗବାଚକ (ନିଜର ଅଙ୍ଗ, ଯଥା - ମୁଖ ଇତ୍ୟାଦି) ପୂର୍ବକୁ ନଥିଲେ ଅ-କାରାନ୍ତ କ୍ରାନ୍ତ ଅବୋଦାର ପଦର ପରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହେବ । (ପୂର୍ବ ସୂତ୍ରରେ 'ଙୀଷ୍' ନିତ୍ୟ ଥିଲା । କିନ୍ତୁ ଏଥିରେ ତାହାର ବିକଳ୍ପ ଦିଆଗଲା ।) ଯଥା - ସୁରାପୀତୀ, ସୁରାପୀତା ।

ଦ୍ରଷ୍ଟବ୍ୟ - ସୂତ୍ରରେ 'ଅସ୍ୱାଙ୍ଗ' ଲେଖାଅଛି । ସ୍ୱାଙ୍ଗ କ'ଣ ତାହା ଦେଖାଯାଉ । ଏହା ତିନି ପ୍ରକାରର -

(କ) ଅଦ୍ରବଂ ମୂର୍ତ୍ତିମତ୍ ସ୍ୱାଙ୍ଗଂ ପ୍ରାଣିସ୍ଥମବିକାରଜମ୍ - ଯାହା (ତରଳୀୟ) ଦ୍ରବ୍ୟ ନୁହେଁ, ମୂର୍ତ୍ତିଯୁକ୍ତ, ରୋଗାଦି ବିକାରଜାତ ନୁହେଁ ।

ପ୍ରାଣୀଠାରେ ଥାଏ । ଯେପରିକି ମୁଖ, ଚକ୍ଷୁ ଇତ୍ୟାଦି ।

ଯଥା - ଚନ୍ଦ୍ରମୁଖୀ, ଚନ୍ଦ୍ରମୁଖା ; ଅତିକେଶୀ, ଅତିକେଶା ଇତ୍ୟାଦି ।

ସୁସ୍ୱେଦା - ଦ୍ରବ ହୋଇଥିବାରୁ,

ସୁଜ୍ଞାନା - ଅମୂର୍ତ୍ତ ହୋଇଥିବାରୁ,

ସୁମୁଖଶାଳା - ଅପ୍ରାଣିସ୍ଥ ହୋଇଥିବାରୁ,

ସୁଶୋଫା - ବିକାରଜ ହୋଇଥିବାରୁ - ଦୀର୍ଘ ହୋଇନାହିଁ ।

(ଖ) ଅତତ୍‌ସ୍ଥଂ ତତ୍ର ଦୃଷ୍ଟଂ ଚ - ଯାହା ସାଧାରଣତଃ ପ୍ରାଣୀଠାରେ ଦେଖାଯାଏ ଯଦି ପ୍ରାଣିଭିନ୍ନ ପଦାର୍ଥଠାରେ ତା'ର ପ୍ରୟୋଗ ହୁଏ । *(ଅପ୍ରାଣିସ୍ଥମପି ପ୍ରାଣିନି ଦୃଷ୍ଟତ୍ୱାତ୍)* । ଯଥା - ବୟୋବୃଦ୍ଧି ସହ କୁଟ-କଟାଦି ।

ଉଦାହରଣ - ସୁକେଶୀ, ସୁକେଶା ବା ରଥ୍ୟା ।

(ଗ) ତେନ ଚେଉଥା ଯୁତମ୍ - ଅପ୍ରାଣିଠାରେ ହେଉ ବା ପ୍ରାଣୀଠାରେ ହେଉ, ଆକୃତି ବିଶିଷ୍ଟ ଅବୟବଦ୍ୱାରା ପ୍ରାଣୀଭଳି ସମ୍ବନ୍ଧ ରଖିଥିବା -

ଯଥା - ମୃତ୍ତିକା ନିର୍ମିତ ପ୍ରତିମାର କେଶ ସ୍ତନାଦି ।

ପ୍ରାଣିସଦୃଶଠାରେ ପ୍ରାଣିପରି ଅଙ୍ଗ ଥିବାରୁ ବିକଳ୍ପ ହେଲା ।

ଉଦାହରଣ - ସୁସ୍ତନୀ, ସୁସ୍ତନା ବା ପ୍ରତିମା ।

୧୪. ସ୍ୱାଙ୍ଗାଚ୍ଚୋପସର୍ଜନାଦସଂଯୋଗୋପଧାତ୍ (ପା.୪.୧.୫୪) -

ଉପଧା (ଶେଷର ପୂର୍ବବର୍ଣ୍ଣ) ରେ ଯୁକ୍ତାକ୍ଷର ନ ଥିଲେ ଉପସର୍ଜନ ପ୍ରାଣୀର ଅଙ୍ଗବାଚକ ଅକାରାନ୍ତ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଦୀର୍ଘ ହୁଏ । ଯଥା - ଚନ୍ଦ୍ରମୁଖୀ, ଚନ୍ଦ୍ରମୁଖା; ସୁକେଶୀ, ସୁକେଶା; ସୁସ୍ତନୀ, ସୁସ୍ତନା ।

**ଦ୍ରଷ୍ଟବ୍ୟ** - ସୂତ୍ରରେ ଅଧିକାର ଭାବରେ ବହୁବ୍ରୀହି ଆସିଲେ ମଧ୍ୟ ଉପସର୍ଜନ କହିବାର ଉଦ୍ଦେଶ୍ୟ, ବହୁବ୍ରୀହି ବ୍ୟତୀତ ଅନ୍ୟ ସମାସ ସ୍ଥଳରେ

ମଧ୍ୟ ଏହି ବିଧାନ ହୋଇପାରେ ; ଯଥା - ଅତିକେଶୀ ଶବ୍ଦଟି ତତ୍ପୁରୁଷ ସମାସରେ ହେଲେ ମଧ୍ୟ 'ଙୀଷ୍' ହେବ । (ଅତିକ୍ରାନ୍ତା କେଶମ୍ (ପ୍ରାଦିଗଣରେ ଆସୁଥିବାରୁ) *ଅତ୍ୟାଦୟଃ କ୍ରାନ୍ତାଦ୍ୟର୍ଥେ ଦ୍ୱିତୀୟୟା)*

**(କ) ନାସିକୋଦରୌଷ୍ଠ-ଜଙ୍ଘା - ଦନ୍ତ - କର୍ଣ୍ଣ - ଶୃଙ୍ଗାଚ୍ଚ (ପା. ୪.୧.୫୫)**

ଉପସର୍ଜନଭୂତ ନାସିକା ପ୍ରଭୃତି ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ଙୀଷ୍' ହୁଏ । ଯଥା - ତୁଙ୍ଗନାସିକୀ, ତୁଙ୍ଗନାସିକା ; କୃଶୋଦରୀ, କୃଶୋଦରା ; ସହୋଦରୀ, ସହୋଦରା ; ବିମ୍ବୋଷ୍ଠୀ, ବିମ୍ବୋଷ୍ଠା ; ସୁଜଙ୍ଘୀ, ସୁଜଙ୍ଘା ; ଶୁଭ୍ରଦନ୍ତୀ, ଶୁଭ୍ରଦନ୍ତା ; ସୁକର୍ଣ୍ଣୀ, ସୁକର୍ଣ୍ଣା ; ସୁଶୃଙ୍ଗୀ. ସୁଶୃଙ୍ଗା ଇତ୍ୟାଦି ।

**(ଖ) ଅଙ୍ଗଗାତ୍ରକଣ୍ଠେଭ୍ୟୋ ବକ୍ତବ୍ୟମ୍ (ବାର୍ତ୍ତିକ)-**

ଉପସର୍ଜନଭୂତ ଅଙ୍ଗ, ଗାତ୍ର ଏବଂ କଣ୍ଠ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ ଙୀଷ୍ ହୁଏ । ଯଥା - ତନ୍ୱଙ୍ଗୀ, ତନ୍ୱଙ୍ଗା ; ଚାର୍ବଙ୍ଗୀ, ଚାର୍ବଙ୍ଗା ; ସୁଗାତ୍ରୀ, ସୁଗାତ୍ରା ; ସୁକଣ୍ଠୀ, ସୁକଣ୍ଠା ଇତ୍ୟାଦି ।

**(ଗ) ପୁଚ୍ଛାଚ୍ଚ (ବାର୍ତ୍ତିକ) -**

ଉପସର୍ଜନଭୂତ ପୁଚ୍ଛ (ଲାଙ୍ଗୁଳ) ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ଙୀଷ୍' ହୁଏ । ଯଥା - ସୁପୁଚ୍ଛୀ, ସୁପୁଚ୍ଛା ।

**(ଘ) କବରମଣିବିଷଶରେଭ୍ୟୋ ନିତ୍ୟମ୍ (ବାର୍ତ୍ତିକ) -**

କବର (ଚିତ୍ରବିଚିତ୍ର), ମଣି, ବିଷ ଏବଂ ଶର ଶବ୍ଦର ପରେ ଆସୁଥିବା ପୁଚ୍ଛ ଶବ୍ଦରୁ ଉତ୍ତରରେ ସ୍ତ୍ରୀଲିଙ୍ଗରେ ଙୀଷ୍ ନିତ୍ୟ ଅଟେ ।

ଯଥା - କବରପୁଚ୍ଛୀ, ମଣିପୁଚ୍ଛୀ, ବିଷପୁଚ୍ଛୀ, ଶରପୁଚ୍ଛୀ ।

**(ଙ) ଉପମାନାତ୍ ପକ୍ଷାଚ୍ଚ ପୁଚ୍ଛାଚ୍ଚ (ବାର୍ତ୍ତିକ) -**

ଉପମାନ ଅର୍ଥାତ୍ ଯେଉଁ ପଦାର୍ଥକୁ ବାହାରୁ ଅଣାଯାଇ ନିକଟସ୍ଥ

ପଦାର୍ଥ ସହ ତୁଳନା କରାଯାଏ ଯଥା - ନିକଟରେ ଥିବା ମୁଖ ଉପମେୟ ସହ ଯାହାକୁ ଅଣାଯାଇଥିବା ଚନ୍ଦ୍ର (ଉପମାନ) ।

ଉପମାନ ପରେ ପକ୍ଷ ଏବଂ ପୁଚ୍ଛ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ଙୀଷ୍ ନିତ୍ୟ ଅଟେ । ଯଥା - ଉଲୂକପକ୍ଷୀ ଶାଳା, ଉଲୂକପୁଚ୍ଛୀ ସେନା ।

**(ଚ) ନ କ୍ରୋଡ଼ାଦିବହ୍ୱଚଃ (ପା. ୪.୧.୫୬) -**

ଉପସର୍ଜନଭୂତ କ୍ରୋଡ଼ ପ୍ରଭୃତି ଶବ୍ଦର ପରେ ଏବଂ ବହୁସ୍ୱର ବିଶିଷ୍ଟ ସ୍ୱାଙ୍ଗବାଚକ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହୁଏ ନାହିଁ ।

ଯଥା - କଲ୍ୟାଣକ୍ରୋଡ଼ା । କ୍ରୋଡ଼ା - ଅଶ୍ୱାନାମ୍ ଉରଃ । ସୁଜଘନା - ବହୁସ୍ୱର ବିଶିଷ୍ଟ ହୋଇଥିବାରୁ 'ଙୀଷ୍' ହୋଇନାହିଁ । ନାସିକା ଏବଂ ଉଦର ଶବ୍ଦକ୍ଷେତ୍ରରେ 'ନାସିକୋଦର -----' ଇତ୍ୟାଦି ସୂତ୍ରଦ୍ୱାରା 'ଙୀଷ୍' ପାଇଁ ବାଧା ନାହିଁ ।

**(ଛ) ସହ-ନଞ୍-ବିଦ୍ୟମାନପୂର୍ବାଚ୍ଚ (ପା. ୪.୧.୫୭) -**

ସହ, ନଞ୍ ଏବଂ ବିଦ୍ୟମାନ ଶବ୍ଦ ପୂର୍ବରେ ଥିଲେ ଙୀଷ୍ ହେବନାହିଁ । ଯଥା - ସହକେଶା, ଅନାସିକା, ବିଦ୍ୟମାନକେଶା ଇତ୍ୟାଦି ।

**(ଜ) ନଖମୁଖାତ୍ ସଂଜ୍ଞାୟାମ୍ (ପା.୪.୧.୫୮) -**

ସଂଜ୍ଞା ବୁଝାଇଲେ ନଖ ଓ ମୁଖ ଶବ୍ଦର ପରେ 'ଙୀଷ୍' ହେବନାହିଁ । ଯଥା - ଶୂର୍ପଣଖା, ଗୌରମୁଖା । କିନ୍ତୁ ସଂଜ୍ଞା ନ ବୁଝାଇଲେ 'ଙୀଷ୍' ହେବ । ଯଥା - ତାମ୍ରମୁଖୀ କନ୍ୟା ।

**୧୫. ବାହଃ (ପା. ୪.୧.୬୧) -**

ଶେଷରେ 'ବାହ୍' ଥିବା ପ୍ରାତିପଦିକର ପରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହେବ । ଯଥା - ଦିତ୍ୟୌହୀ । (ଗୋରୁ ମାନଙ୍କର ପ୍ରତି ଛଅମାସରେ ଗୋଟିଏ ବୟସ ବୋଲି ଧରାଯାଏ । ଏହିପରି ତୃତୀୟ ବୟସକୁ 'ଦିତ୍ୟ' ବୋଲି

କୁହାଯାଏ । ଦିତ୍ୟଂ ବହତୀତି । ଏହିଠାରୁ ଗୋରୁ ଭାର ବୋହିବାକୁ ସମର୍ଥ ହୋଇଥାଏ ।)

* ଦିତ୍ୟ + ବହ୍ + ଣ୍ୱି = ଦିତ୍ୟବାହ୍ + ଙୀଷ୍ (ସମ୍ପ୍ରସାରଣ ଏବଂ ବୃଦ୍ଧି) = ଦିତ୍ୟୌହୀ । ( ଏହି ପ୍ରକ୍ରିୟା ବୈଦିକ ଅଟେ ।) ଲୌକିକ ସଂସ୍କୃତରେ - ଦିତ୍ୟ + ବାହ୍ + କ୍ୱିପ୍ + ଙୀଷ୍ = ଦିତ୍ୟୌହୀ ।

୧୬. ସଖ୍ୟଶିଶ୍ୱୀତି ଭାଷାୟାମ୍ (ପା. ୪.୧.୬୨) -

ଲୌକିକ ସଂସ୍କୃତରେ ସଖି ଏବଂ ଅଶିଶୁ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଙୀଷ୍' ହେବ । ଯଥା - ସଖୀ (ସଖି + ଙୀଷ୍) । ଅଶିଶ୍ୱୀ (ଅବିଦ୍ୟମାନଃ ଶିଶୁଃ ଯସ୍ୟାଃ ସା, ପିଲା ନଥିବା ସ୍ତ୍ରୀଲୋକ) । ବେଦରେ ଯଥା - ସଖା ସପ୍ତପଦା ଭବ । ବୈଦିକ ସଂସ୍କୃତରେ କଦାଚିତ୍ ଙୀଷ୍ ହୁଏ । ଲୌକିକରେ କିନ୍ତୁ ସବୁବେଳେ । ଯଥା - (ବୈଦିକ) - ଆ ଧେନବୋ ଧନୁୟନ୍ତାମଶିଶ୍ୱୀଃ ।

୧୭. ଜାତେରସ୍ତ୍ରୀବିଷୟାଦୟୋପଧାତ୍ (ପା.୪.୧.୬୩) -

ଅକାରାନ୍ତ ଜାତିବାଚକ ଶବ୍ଦ ଯଦି ନିତ୍ୟ ସ୍ତ୍ରୀଲିଙ୍ଗ ନ ହୁଏ ଏବଂ ଯଦି ଉପଧାରେ ଯ୍ ନ ଥାଏ, ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ ।

**ଜାତି କ'ଣ ?**

ଆକୃତିଗ୍ରହଣାଜାତିଃ ଲିଙ୍ଗାନାଂ ଚ ନ ସର୍ବଭାକ୍ ।
ସକୃଦାଖ୍ୟାତନିର୍ଗ୍ରାହ୍ୟା ଗୋତ୍ରଞ୍ଚ ଚରଣୈଃ ସହ ।।

(କ) ଆକୃତି ଗ୍ରହଣାତ୍ ଜାତିଃ - ଅବୟବ ସଂସ୍ଥାନ ବିଶେଷ ବା ଏକ ପ୍ରକାରର ଆକାର ଦେଖି ଗୋତ୍ୱ, ମନୁଷ୍ୟତ୍ୱ ପ୍ରଭୃତି ଜାଣିବା । ଏହି ଜାତି ଅନୁଗତ ସଂସ୍ଥାନ ବ୍ୟଙ୍ଗ୍ୟା । ଜାତିରୁ ସ୍ତ୍ରୀ ଲିଙ୍ଗରେ ଙୀଷ୍ ଯଥା - ମୃଗ - ମୃଗୀ ।

**(ଖ) ଲିଙ୍ଗାନାଂ ଚ ନ ସର୍ବଭାକ୍, ସକୃଦାଖ୍ୟାତନିର୍ଗ୍ରାହ୍ୟା -**

ଏହିପରି କିଛି ଶବ୍ଦ ଅଛି ଯାହା ସବୁଲିଙ୍ଗରେ ବ୍ୟବହୃତ ହୋଇପାରେନା ଅଥଚ ସେହିଶବ୍ଦ ପ୍ରୟୋଗରେ ଗୋଟିଏ ବ୍ୟକ୍ତିକୁ ଜାଣିଲେ ତଦ୍ଜାତୀୟ ଅନ୍ୟ ବ୍ୟକ୍ତି ବିଷୟରେ ଜାଣିହୁଏ ତାହା 'ଜାତି' । *ଅସର୍ବଲିଙ୍ଗତ୍ୱେ ସତି ଏକସ୍ୟାଂ ବ୍ୟକ୍ତୌ କଥନାତ୍ ବ୍ୟକ୍ତ୍ୟନ୍ତରେ କଥନଂ ବିନାପି ସୁଗ୍ରହା ଜାତିଃ* । ଯଥା - ବୃଷଳ । ଏହି ଶବ୍ଦ ସବୁ ଲିଙ୍ଗରେ ବ୍ୟବହାର ନାହିଁ । ବିଶେଷତଃ ନପୁଂସକଲିଙ୍ଗରେ ନାହିଁ । ଏହି ଶବ୍ଦର ଉଚ୍ଚାରଣରେ ବୃଷଳ ଏବଂ ତା'ର ଭାଇ, ପୁଅ ଇତ୍ୟାଦିକୁ ବୁଝାଏ (ସକୃତ୍ ଆଖ୍ୟାତ - ନିର୍ଗ୍ରାହ୍ୟ) । ସୁତରାଂ ବୃଷଳକୁ ଉତ୍ତର ସ୍ତ୍ରୀଲିଙ୍ଗରେ ବୃଷଳୀ (ଙୀଷ୍ ହୋଇ) ହୁଏ । କିନ୍ତୁ ଦେବଦତ୍ତ ନାମଧାରୀ ବ୍ୟକ୍ତିଠାରେ ଏପରି ଅର୍ଥ କରାଯାଇପାରିବନି ; ଅତଏବ ସେଠାରେ ହେବନାହିଁ । ଦେବଦତ୍ତରୁ ହେବ ଦେବଦତ୍ତା । ସେହିପରି ଶୁକ୍ଳ ତିନୋଟି ଲିଙ୍ଗରେ ପ୍ରଯୁକ୍ତ ହେଉଥିବାରୁ ସେଥିରୁ ହେବ ଶୁକ୍ଳା ।

**(ଗ) ଗୋତ୍ରଂ ଚ ଚରଣୈଃ ସହ** - ଅପତ୍ୟପ୍ରତ୍ୟୟାନ୍ତ ଶବ୍ଦ ଏବଂ ବେଦର କୌଣସି ଏକ ନିର୍ଦ୍ଦିଷ୍ଟ ଶାଖାର ପାଠକ (ଗୋତ୍ର) - ଏହି ଅର୍ଥକୁ ପ୍ରକଟ କରୁଥିବା ଶବ୍ଦ ହିଁ ଜାତିଶବ୍ଦ । ଯଥା = କଠ - କଠୀ । (କଠ ଅର୍ଥ- ଯଜୁର୍ବେଦର କଠ ଶାଖାର ପୁରୁଷ) । କଠୀ ଅର୍ଥ -କଠମୁନିଙ୍କ ଦ୍ୱାରା ଯାହା ଅଧ୍ୟାପନ କରାଯାଇଛି ତାକୁ ଯେଉଁ ସ୍ତ୍ରୀଲୋକ ଅଧ୍ୟୟନ କରିଛି ।) ସେହିପରି, କଲାପ - କଲାପୀ, ବହ୍ୱୃଚ - ବହ୍ୱୃଚୀ (ଅନେକ ଋଚୀ ଯେଉଁ ସ୍ତ୍ରୀଲୋକ ଅଧ୍ୟୟନ କରିଛି-*ବହ୍ୱ୍ୟଃ ଋଚଃ ଅଧ୍ୟେୟା ଯସ୍ୟାଃ ସା*) । *ପୁରାକଳ୍ପେ ତୁ ନାରୀଣାଂ ମୌଞ୍ଜୀବନ୍ଧନମିଷ୍ୟତେ (ବାଳମନୋରମା)* ।

**ଦ୍ରଷ୍ଟବ୍ୟ** - ଏହି ନ୍ୟାୟରେ କିନ୍ତୁ ବ୍ରାହ୍ମଣୀ ଶବ୍ଦର ସିଦ୍ଧି ସ୍ୱତନ୍ତ୍ର । ଯଥା - ବ୍ରହ୍ମଣଃ ଅପତ୍ୟଂ (ପୁମାନ୍) ଇତି ଅଣ୍ ବ୍ରାହ୍ମଣଃ । ସ୍ତ୍ରିୟାଂ ଶାର୍ଙ୍ଗରବାଦି ପାଠାତ୍ ଙୀନ୍ । ବ୍ରାହ୍ମଣ + ଙୀନ୍ = ବ୍ରାହ୍ମଣୀ । ଜାତେରସ୍ତ୍ରୀତ୍ୟାଦି ସୂତ୍ରର

ଅନ୍ୟ ଉଦାହରଣ ଯଥା - କାକ - କାକୀ, ବିହଗ - ବିହଗୀ, ଅସୁର - ଅସୁରୀ, ଶୂକର - ଶୂକରୀ, ନଟ - ନଟୀ, ଅମର - ଅମରୀ ଏବଂ ଯକ୍ଷ - ଯକ୍ଷୀ ଇତ୍ୟାଦି ।

**ବିଶେଷ ନିୟମ**

ଯୋପଧପ୍ରତିଷେଧେ ହୟ - ଗବୟ - ମୁକୟ - ମନୁଷ୍ୟ - ମତ୍ସ୍ୟାନାମପ୍ରତିଷେଧଃ (ବାର୍ତ୍ତିକ) -

ଉପଧାରେ ଯ ଥିଲେ, ହୟ, ଗବୟ (ଗୟଳ), ମୁକୟ, ମନୁଷ୍ୟ ଏବଂ ମତ୍ସ୍ୟ ଶବ୍ଦରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ ; ଯଥା - ହୟୀ, ଗବୟୀ, ମୁକୟୀ (ଟାଙ୍ଗିଗୋଡ଼ିଆ ଜୀବ) ଏବଂ ମନୁଷୀ ( 'ହଲସ୍ତଦ୍ଧିତସ୍ୟ'- ସୂତ୍ର ଅନୁସାରେ ଯ-କାର ଲୋପ ଏବଂ 'ଯସ୍ୟେତି ଚ' - ସୂତ୍ର ଅନୁସାରେ ଅ-କାରଲୋପ । ସେହିଭଳି ମତ୍ସ୍ୟ କ୍ଷେତ୍ରରେ 'ମତ୍ସ୍ୟସ୍ୟ ଙ୍ୟାମ୍' ସୂତ୍ରାନୁସାରେ ଯକାର ଲୋପହୋଇ ଙୀଷ୍ ବଳରେ ସ୍ତ୍ରୀଲିଙ୍ଗରେ ହୁଏ ମତ୍ସୀ) ।

୧୮. ପାକ- କର୍ଣ୍ଣ-ପର୍ଣ୍ଣ - ପୁଷ୍ପ - ଫଳ - ମୂଳ - ବାଲୋତ୍ତରପଦାଚ୍ଚ (ପା. ୪.୧.୬୪) -

ପାକ, କର୍ଣ୍ଣ, ପର୍ଣ୍ଣ, ପୁଷ୍ପ, ଫଳ, ମୂଳ ଏବଂ ବାଳ ଶବ୍ଦ ଉତ୍ତରପଦରେ ଥିଲେ ମଧ୍ୟ ଜାତିବାଚକ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ । ଯଥା - ଓଦନପାକୀ, ଶଙ୍କୁକର୍ଣ୍ଣୀ, ଶାଳପର୍ଣ୍ଣୀ, ଶଙ୍ଖପୁଷ୍ପୀ, ଦାସୀଫଳୀ, ଦର୍ଭମୂଳୀ, ଗୋବାଳୀ । ଏ ସବୁ ଔଷଧି ବିଶେଷର ନାମ । ଜାତି ନ ବୁଝାଇଲେ ଏପରି ହେବ; ଯଥା - ଅପର୍ଣ୍ଣା (ଦୁର୍ଗା), ନିର୍ମୂଳା (ଜନଶ୍ରୁତି) ।

୧୯. ଇତୋ ମନୁଷ୍ୟଜାତେଃ - ପା. ୪.୧.୬୮) -

ଇ-କାରାନ୍ତ ମନୁଷ୍ୟଜାତୀ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ ଙୀଷ୍ ହୁଏ । ଯଥା - ଦାକ୍ଷି - ଦାକ୍ଷୀ ; କୁନ୍ତି - କୁନ୍ତୀ । ଏହି ଙୀଷ୍ ବିଧାନ ଯୋପଧଶବ୍ଦର କ୍ଷେତ୍ରରେ ପ୍ରଯୋଜ୍ୟ । ଉଦମେୟସ୍ୟ ଅପତ୍ୟଂ ସ୍ତ୍ରୀ = ଉଦମେୟୀ ।

ଦ୍ରଷ୍ଟବ୍ୟ - ସୂତ୍ରରେ 'ମନୁଷ୍ୟ' କହିବାର ତାତ୍ପର୍ଯ୍ୟ ହେଲା ଯେ ପକ୍ଷିଜାତି ଯଥା 'ତିତ୍ତିରିଃ' ପକ୍ଷୀ ହୋଇଥିବାରୁ ସେଠାରେ ଙୀଷ୍ ହେଲାନାହିଁ ।

## ଊଙ୍ ପ୍ରତ୍ୟୟ

୧. ଊଙୁତଃ (ପା. ୪.୧.୬୬) - ଊଙ୍ + ଉତଃ ।

ମନୁଷ୍ୟ ଜାତିବାଚକ ଯେଉଁ ଉ-କାରାନ୍ତ ପ୍ରାତିପଦିକ ଶବ୍ଦର ଉପଧା ଯ-କାର ନ ହୋଇଥିବ, ସେହି ଶବ୍ଦପରେ ସ୍ତ୍ରୀତ୍ୱ ବିବକ୍ଷାରେ ଊଙ୍ ପ୍ରତ୍ୟୟ ହୋଇଥାଏ । ଯଥା - କୁରୁ-କୁରୂଃ । (ଏଠାରେ କୁରୁକ୍ଷେତ୍ରସ୍ୟ ରାଜା କୁରୁଃ । ତସ୍ୟ ଅପତ୍ୟଂ ସ୍ତ୍ରୀ = କୁରୂଃ । ଗୋତ୍ରଂ ଚ ଚରଣୈଃ ସହ - ଏହି ସୂତ୍ରାନୁସାରେ ଜାତିତ୍ୱ ବୁଝାଉଛି ।) ଅନ୍ୟକେତୋଟି ଉଦାହରଣ ; ଯଥା = ଭୀରୁ -ଭୀରୂଃ, ସୁଭ୍ରୁ - ସୁଭ୍ରୂଃ, ବନ୍ଧୁ - ବନ୍ଧୂଃ ।

ଉପଧାରେ ଯ-କାର ଥିଲେ ଊଙ୍ ହେବନାହିଁ; ଯଥା - ଅଧ୍ୱର୍ଯ୍ୟୁଃ । ମନୁଷ୍ୟବାଚକ ଶବ୍ଦ ନହେଲେ ଊଙ୍ ହେବନାହିଁ । ଯଥା - ଆଖୁଃ (ମୂଷା), ଧେନୁଃ ଇତ୍ୟାଦି ।

ଦ୍ରଷ୍ଟବ୍ୟ - ଊ - କାର ସ୍ଥାନରେ ସୂତ୍ରରେ ଉ-କାର ଲେଖିଥିଲେ କ'ଣ ଅସୁବିଧା ହୋଇଥା'ନ୍ତା ? ଏ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ, ଶ୍ୱଶୁର ଶବ୍ଦରୁ ଶ୍ୱଶ୍ରୂ କଲାବେଳେ ଅସୁବିଧା ହୋଇଥା'ନ୍ତା ।

୨. ଅପ୍ରାଣିଜାତେଶ୍ଚାରଜ୍ଜ୍ୱାଦୀନାମୁପସଂଖ୍ୟାନମ୍ (ବାର୍ତ୍ତିକ) -

ଅଚେତନ ଜାତିବାଚକ ଶବ୍ଦର ପରେ ସ୍ତ୍ରୀ ଲିଙ୍ଗରେ 'ଊଙ୍' ହେବ ; କିନ୍ତୁ ରଜ୍ଜୁ ପ୍ରଭୃତି କ୍ଷେତ୍ରରେ ହେବନାହିଁ । ଯଥା - ଅଲାବୁ -ଅଲାବୂଃ । କର୍କନ୍ଧୁ - କର୍କନ୍ଧୂଃ । କିନ୍ତୁ ରଜ୍ଜୁ - ରଜ୍ଜୁଃ ; ହନୁ - ହନୂଃ ଇତ୍ୟାଦି ।

୩. ବାହ୍ୱନ୍ତାତ୍ ସଂଜ୍ଞାୟାମ୍ (ପା.୪.୧.୬୭) -

ବାହୁଶବ୍ଦ ଯଦି ସଂଜ୍ଞା ଅର୍ଥରେ ବ୍ୟବହୃତ ହୁଏ, ସେଥିରୁ ଉତ୍ତର ସ୍ତ୍ରୀଲିଙ୍ଗରେ 'ଊଙ୍' ପ୍ରତ୍ୟୟ ହୁଏ । ଯଥା - ଭଦ୍ରବାହୂଃ ।

ସଂଜ୍ଞା ନ ବୁଝାଇଲେ 'ଙ୍' ହୁଏ ନାହିଁ । ଯଥା - ବୃତ୍ତବାହୁଃ ।

୪. ପଙ୍ଗୋଶ୍ଚ (ପା. ୪.୧.୬୮) -

ପଙ୍ଗୁ ଶବ୍ଦରୁ ଉତ୍ତର ସ୍ତ୍ରୀଲିଙ୍ଗରେ 'ଊଙ୍' ହୁଏ ; ଯଥା - ପଙ୍ଗୁ - ପଙ୍ଗୂଃ ।

ଦ୍ରଷ୍ଟବ୍ୟ - "*ଜନ୍ମପାଦତ୍ୱଂ ପଙ୍ଗୁତ୍ୱଂ ନ ଜାତିଃ*------" । ଅତଏବ "*ଜାତେରସ୍ତ୍ରୀ*----" ଇତ୍ୟାଦି ସୂତ୍ରଦ୍ୱାରା ଏହା ସାଧିତ ହେଉନାହିଁ । ଏଥିପାଇଁ ଅନ୍ୟ ଏକ ସୂତ୍ରର ଆବଶ୍ୟକତା ଦେଖାଦେଲା ।

୫. ଶ୍ୱଶୁରସ୍ୟୋକାରାକାରଲୋପଶ୍ଚ (ବାର୍ତ୍ତିକ) -

ଶ୍ୱଶୁର ଶବ୍ଦରୁ ଉତ୍ତର ସ୍ତ୍ରୀଲିଙ୍ଗରେ 'ଊଙ୍' ହୁଏ ଏବଂ ଉ-କାର ତଥା ଅ-କାରର ଲୋପହୁଏ । ଶ୍ୱଶୁର - ଶ୍ୱଶ୍ରୂଃ ।

- ପୁଂଯୋଗଲକ୍ଷଣସ୍ୟ ଙୀଷୋଽପବାଦଃ (ସିଦ୍ଧାନ୍ତ କୌମୁଦୀ) -

ଶ୍ୱଶ୍ରୂଶବ୍ଦରେ ସୁପ୍ ବିଭକ୍ତି ଯୋଗହେବାପାଇଁ କେତେଗୋଟି ସର୍ତ୍ତ; ଯଥା - "*ଙ୍ୟାପ୍ ପ୍ରାତିପଦିକାତ୍*" - ସୂତ୍ରାନୁସାରେ ଙ୍ୟାବନ୍ତ ହେଲେ 'ସୁପ୍' ବିଭକ୍ତି ହୁଏ । କିନ୍ତୁ ଏଠାରେ 'ଊଙ' ଅତଏବ, ସିଦ୍ଧାନ୍ତ କୌମୁଦୀର ଭାଷ୍ୟାନୁସାରେ (*ଲିଙ୍ଗବିଶିଷ୍ଟପରିଭାଷୟା ଗ୍ରହଣମ୍*) ଏହା ହୋଇପାରେ । ଶବ୍ଦେନ୍ଦୁଶେଖରରେ ଶ୍ୱଶ୍ରୂ ଅବ୍ୟୁତ୍ପନ୍ନ ପ୍ରାତିପଦିକ ଭାବରେ ସ୍ୱୀକୃତ ।

୬. ଉରୂତ୍ତରପଦାଦୌପମ୍ୟେ (ପା. ୪-୧-୬୯) -

ପୂର୍ବପଦ ଉପମାନବାଚୀ ଏବଂ ଉତ୍ତର ପଦ 'ଉରୁ' ହେଲେ ସ୍ତ୍ରୀଲିଙ୍ଗରେ 'ଊଙ୍' ହୁଏ । ଯଥା - ରମ୍ଭେ (ଦୁଇଟି କଦଳୀଗଛ) ଇବ ଉରୂ ଯସ୍ୟାଃ ସା = ରମ୍ଭୋରୂଃ । କରଭୌ ଇବ ଉରୂ ଯସ୍ୟାଃ ସା = କରଭୋରୂଃ ଇତ୍ୟାଦି ।

୭. ସଂହିତଶଫଲକ୍ଷଣବାମାଦେଶ୍ଚ (ପା. ୪.୧.୭୦) -

ସଂହିତ, ଶଫ, ଲକ୍ଷଣ ଏବଂ ବାମ - ଏଇ କେତୋଟି ଶବ୍ଦ ପୂର୍ବପଦରେ ଥିଲେ ଏବଂ 'ଉରୁ' ଉତ୍ତରପଦରେ ଥିଲେ ଔପମ୍ୟ ନ

ବୁଝାଇଲେ ମଧ୍ୟ ସ୍ତ୍ରୀଲିଙ୍ଗରେ 'ଊଙ୍' ହୁଏ । ଯଥା - ସଂହିତୋରୂଃ, ଶଫୋରୂଃ, ଲକ୍ଷଣୋରୂଃ, ବାମୋରୂଃ ଇତ୍ୟାଦି ।

**(କ) ସହିତ ସହାଭ୍ୟାଂ ଚେତି ବକ୍ତବ୍ୟମ୍ (ବାର୍ତ୍ତିକ) -**

ସହିତ ଓ ସହ ଶବ୍ଦ ପୂର୍ବପଦ ହୋଇ ଉତ୍ତରପଦ 'ଊରୁ' ଥିଲେ ସ୍ତ୍ରୀଲିଙ୍ଗରେ 'ଊଙ୍' ହୁଏ ; ଯଥା - ସହିତୋରୂଃ, ସହୋରୂଃ ।

୮. **ସଂଜ୍ଞାୟାମ୍ (ପା. ୪.୧.୭୨) -**

ସଂଜ୍ଞା ବୁଝାଇଲେ କଦ୍ରୁ (ନାଗମାତା) ଏବଂ କମଣ୍ଡଲୁ (କୌଣସି ଏକ ପ୍ରାଣୀର ନାମ) ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଊଙ୍' ପ୍ରତ୍ୟୟ ହୁଏ । କଦ୍ରୂଃ, କମଣ୍ଡଲୂଃ ।

**ଦ୍ରଷ୍ଟବ୍ୟ** - ସଂଜ୍ଞା ଲେଖାଯିବାର ଉଦ୍ଦେଶ୍ୟ ହେଲା ଯେ ଅନ୍ୟାର୍ଥରେ 'ଊଙ୍' ହେବନାହିଁ । ଯଥା - କମଣ୍ଡଲୁ ଯଦି ଋଷିମାନେ ଧାରଣ କରୁଥିବା ପାତ୍ର ବିଶେଷକୁ ବୁଝାଏ । କିନ୍ତୁ ବେଦରେ ସଂଜ୍ଞା ନ ବୁଝାଇଲେ ମଧ୍ୟ 'ଊଙ୍' ହେବ ।

## ଙୀନ୍ ପ୍ରତ୍ୟୟ

୧. **ଶାର୍ଙ୍ଗରବାଦ୍ୟଞୋ ଙୀନ୍ (ପା. ୪.୧.୭୩) -**

ଜାତିବାଚକ ଶାର୍ଙ୍ଗରବାଦିଗଣପଠିତ ଶବ୍ଦମାନଙ୍କ ପରେ ଏବଂ ଅଞ୍ ପ୍ରତ୍ୟୟର ଅ-କାର ଯେଉଁ ଶବ୍ଦର ଶେଷରେ ଥିବ, ସେପରି ପ୍ରାତିପଦିକରୁ ଙୀନ୍ ପ୍ରତ୍ୟୟ ହୋଇଥାଏ । ଯଥା - ଶାର୍ଙ୍ଗରବୀ, ବୈଦୀ (ଅଞ୍ ପ୍ରତ୍ୟୟାନ୍ତ), ବ୍ରାହ୍ମଣ - ବ୍ରାହ୍ମଣୀ, ଗୌତମ - ଗୌତମୀ, ପୌତ୍ର - ପୌତ୍ରୀ ।

**ଦ୍ରଷ୍ଟବ୍ୟ** - ପୁଂଯୋଗେ ଅର୍ଥାତ୍ ଶାର୍ଙ୍ଗରବର ଭାର୍ଯ୍ୟା ଶାର୍ଙ୍ଗରବୀ (ଜାତିକୁ ନବୁଝାଇ ବ୍ୟକ୍ତିକୁ ବୁଝାଇଲେ) ସେଠାରେ 'ଙୀଷ୍' ହେବ । ଯଦ୍ୟପି ଶବ୍ଦ ରୂପରେ ଭେଦ ନାହିଁ କିନ୍ତୁ ସ୍ୱରରେ ଭେଦ ଅଛି ।

୨. ନୃନରୟୋର୍ବୃଦ୍ଧିଶ୍ଚ (ଗଣସୂତ୍ର) -

ନୃ ଏବଂ ନର ଶବ୍ଦର ପରେ ସ୍ତ୍ରୀ-ଲିଙ୍ଗରେ 'ଙୀନ୍' ହୁଏ ଏବଂ ଆଦିବୃଦ୍ଧି ହୁଏ । ଯଥା - ନୃ - ନାରୀ ; ନର - ନାରୀ ।

ଦ୍ରଷ୍ଟବ୍ୟ - *ଋନ୍ନେଭ୍ୟୋ ଙୀପ୍* - ସୂତ୍ରଦ୍ୱାରା ନୃ-ଶବ୍ଦର ସ୍ତ୍ରୀ-ଲିଙ୍ଗରେ ଙୀପ୍ ହେଉଥିଲା । "*ଜାତେରସ୍ତ୍ରୀ-----*" ଇତ୍ୟାଦି ସୂତ୍ରଦ୍ୱାରା ନର ଶବ୍ଦର (ଜାତିବାଚକ ବୁଝାଉଥିଲେ) 'ଙୀଷ୍' ହେଉଥିଲା । ତା' ନ ହୋଇ ଆଲୋଚ୍ୟ ସୂତ୍ରଦ୍ୱାରା 'ନୃ' ଓ 'ନର' କୁ 'ଙୀନ୍' ହେବ ।

## ଚାପ୍ ପ୍ରତ୍ୟୟ

୧. ଯଙଶ୍ଚାପ୍ (ପା. ୪.୧.୭୪) -

'ଯଙ୍' ପ୍ରତ୍ୟୟାନ୍ତ ଶବ୍ଦ ପରେ ସ୍ତ୍ରୀଲିଙ୍ଗରେ 'ଚାପ୍' ପ୍ରତ୍ୟୟ ହୋଇଥାଏ । (*ଯଙ୍ ଅର୍ଥାତ୍ 'ଞ୍ୟଙ୍ଷ୍ୟଙ୍ଭ୍ୟ'* ର ସାମାନ୍ୟ ଗ୍ରହଣ) । ଉଦାହରଣ, ଯଥା - ଆମ୍ବଷ୍ଠ୍ୟା, କାରୀଷଗନ୍ଧ୍ୟା ଇତ୍ୟାଦି ।

୨. ଷାଦ୍ୟଞଶ୍ଚାବ୍ବାଚ୍ୟଃ (ବାର୍ତ୍ତିକ) -

ଷ-କାର ପରେ ଥିବା ଯଞନ୍ତରୁ ଉତ୍ତର ସ୍ତ୍ରୀଲିଙ୍ଗରେ ଚାପ୍ ହେବ । ଯଥା - ଶାର୍କରାକ୍ଷ୍ୟା, ପୌତିମାଷ୍ୟା ।

୩. ଆବଟ୍ୟାଚ୍ଚ (ପା. ୪.୧.୭୫) -

ଆବଟ୍ୟ ଶବ୍ଦର ପରେ ସ୍ତ୍ରୀଲିଙ୍ଗରେ 'ଚାପ୍' ହୋଇଥାଏ । ଯଥା - ଆବଟ୍ୟା (ଅବଟବଂଶୀୟା ସ୍ତ୍ରୀ) ।

ଦ୍ରଷ୍ଟବ୍ୟ - *ପ୍ରାଚାଂ ଷ୍ଫ ତଦ୍ଧିତଃ - (ପା.୪.୧.୧୭)* ସୂତ୍ରାନୁସାରେ ପୂର୍ବଦେଶୀୟ ବୈୟାକରଣଙ୍କ ଅନୁଯାୟୀ ଆବଟ୍ୟାୟନୀ ହେବ ।

## ସ୍ତ୍ରୀ - ଲିଙ୍ଗରେ ଅର୍ଥଭେଦ

୧. ଅର୍ଯ୍ୟ(ବୈଶ୍ୟ)-ଅର୍ଯ୍ୟାଣୀ, ଅର୍ଯ୍ୟା (ବୈଶ୍ୟଜାତୀୟା ନାରୀ)

ଅର୍ଯ୍ୟୀ (ବୈଶ୍ୟ ସ୍ତ୍ରୀ)

୨. ଅରଣ୍ୟମ୍ - ଅରଣ୍ୟାନୀ (ମହତ୍ ଅରଣ୍ୟମ)

ଆରଣ୍ୟକା (ଅରଣ୍ୟରେ ରହୁଥିବା ସ୍ତ୍ରୀ, ଅରଣ୍ୟସମ୍ଭୂତା ।)

୩. ଅଷ୍ଟକ - ଅଷ୍ଟକା (ପିତୃ ଏବଂ ଦେବତା ନିମନ୍ତେ)

*(ଅଷ୍ଟମି ପିତୃଣାଂ ଅସ୍ୟାଂ ତିଥୌ ଇତି)* ।

ଅଷ୍ଟିକା (ତଦ୍‌ଭିନ୍ନ ଅର୍ଥରେ; ଯଥା - ଚଉଷଠି ଅକ୍ଷର ବିଶିଷ୍ଟ ଏକ ଛନ୍ଦ । ପଣାକାଠି) ।

୪. ଆଚାର୍ଯ୍ୟ - ଆଚାର୍ଯ୍ୟାନୀ (ଆଚାର୍ଯ୍ୟଙ୍କ ପତ୍ନୀ)

ଆଚାର୍ଯ୍ୟା (ଯେଉଁ ସ୍ତ୍ରୀ ସ୍ୱୟଂ ଆଚାର୍ଯ୍ୟ)

୫. ଉପାଧ୍ୟାୟ - ଉପାଧ୍ୟାୟାନୀ, ଉପାଧ୍ୟାୟୀ (ଉପାଧ୍ୟାୟଙ୍କ ସ୍ତ୍ରୀ)

ଉପାଧ୍ୟାୟା, ଉପାଧ୍ୟାୟୀ (ମହିଳା ଉପାଧ୍ୟାୟ)

୬. କବର - କବରୀ (କେଶର ଖୋସା)

କବରା (ବିଚିତ୍ର, ଚିତ୍ରିତ)

୭. କାମୁକ - କାମୁକୀ (କାମ-ବାସନାଯୁକ୍ତା ନାରୀ)

କାମୁକା (ଧନାଦି କାମନାଯୁକ୍ତା ନାରୀ)

୮. କାଳ - କାଳୀ (କଳାରଙ୍ଗର ନାରୀ, କାଳ ବା ଶିବଙ୍କର ପତ୍ନୀ)

କାଳା (ପ୍ରବଞ୍ଚିକା ନାରୀ)

୯. କିଙ୍କର - କିଙ୍କରୀ (ଚାକରର ସ୍ତ୍ରୀ)

କିଙ୍କରା (ସ୍ତ୍ରୀ-ଚାକର ବା ଚାକରାଣୀ)

୧୦. କୁଣ୍ଡ - କୁଣ୍ଡୀ - (ଅଗ୍ନିକୁଣ୍ଡ, ଛୋଟିଆ କୁଣ୍ଡ)

କୁଣ୍ଡା - (ଜାରଜ କନ୍ୟା)

୧୧. କୁଶ - କୁଶୀ - (ଲୁହାରୁ ତିଆରି)

କୁଶା - (ରଜ୍ଜୁ ବା ଦଉଡ଼ି)

୧୨. କ୍ଷତ୍ରିୟ - କ୍ଷତ୍ରିୟା, କ୍ଷତ୍ରିୟାଣୀ - (କ୍ଷତ୍ରିୟଜାତୀୟା ସ୍ତ୍ରୀ)

କ୍ଷତ୍ରିୟୀ,କ୍ଷତ୍ରିୟାଣୀ - (କ୍ଷତ୍ରିୟର ସ୍ତ୍ରୀ)

୧୩. ଗୋଣ - ଗୋଣୀ - (ମାପପାତ୍ର ଜାତୀୟ ଜିନିଷ ଯଥା ଗୌଣୀ)

ଗୋଣା - (ଗୋଟିଏ ଝିଅର ନାମ)

୧୪. ଗୋପ - ଗୋପୀ - (ଗୋପର ସ୍ତ୍ରୀ)

ଗୋପା - (ଗୋପକନ୍ୟା)

୧୫. ଜୀବକ - ଜୀବକା - (ଦୀର୍ଘାୟୁ ବିଶିଷ୍ଟା ନାରୀ)

ଜୀବିକା - (ଜୀବନ ଧାରଣର ଉପାୟ)

୧୬. ତାରକ - ତାରକା - (ଆକାଶର ତାରା)

ତାରିକା - (ରକ୍ଷାକାରିଣୀ)

୧୭. ତ୍ରିଫଳ - ତ୍ରିଫଳା - (ତିନିଗୋଟି ଫଳର ସମାହାର)

ତ୍ରିଫଳୀ - (ତିନୋଟି ସନ୍ତାନର ଜନନୀ)

୧୮. ତ୍ରିହାୟନ - ତ୍ରିହାୟନୀ - (ତିନି ବର୍ଷର ଝିଅ)

ତ୍ରିହାୟନା - (ଅପ୍ରାଣୀ ବାଚକ ତିନି ବର୍ଷିଆ ଯେ କୌଣସି ଜିନିଷ, ଯଥା - ଶାଳା)

୧୯. ଦ୍ୱିପଦ୍ - ଦ୍ୱିପଦୀ - (ଯାହାର ଦୁଇଟି ପାଦ)

ଦ୍ୱିପଦା - (ଦୁଇଟି ଚରଣ ବିଶିଷ୍ଟ ଋକ୍)

୨୦. ନାଗ - ନାଗୀ - (ସ୍ଥୂଳା, ମୋଟୀ, ହସ୍ତିନୀ)
ନାଗା - (ଦୀର୍ଘା)

୨୧. ନୀଳ - ନୀଳୀ - (ନୀଳରଙ୍ଗ, ଓଷଧି)
ନୀଳା - (ନୀଳରଙ୍ଗର ଶାଢ଼ୀ ଇତ୍ୟାଦି)

୨୨. ପତିମତ୍ - ପତିମତୀ - (ପ୍ରଭୁବିଶିଷ୍ଟା)
ପତିବତ୍ନୀ - (ଯେଉଁ ସ୍ତ୍ରୀର ପତି ଜୀବିତ)

୨୩. ପାଣିଗୃହୀତ - ପାଣିଗୃହୀତୀ - (ବିବାହିତା ସ୍ତ୍ରୀ)
ପାଣିଗୃହୀତା - (ଯେଉଁ ସ୍ତ୍ରୀର ହାତ ଧରାହୋଇଛି, ରକ୍ଷିତା)

୨୪. ପୂତକ୍ରତୁ - ପୂତକ୍ରତାୟୀ - (ଇନ୍ଦ୍ରର ସ୍ତ୍ରୀ)
ପୂତକ୍ରତୁଃ - (ଯଜ୍ଞକୁ ପବିତ୍ର କରିଥିବା ସ୍ତ୍ରୀ)

୨୫. ଭାଜ - ଭାଜୀ - (ଭକ୍ଷାଖାଦ୍ୟ ଯଥା - ଭଜା)
ଭାଜା - (ରନ୍ଧା ନ ଯାଇଥିବା ଦ୍ରବ୍ୟ)

୨୬. ମହାରାଜ - ମହାରାଜୀ - (ମହାରାଜାଙ୍କ ସ୍ତ୍ରୀ)
ମହାରାଜ୍ଞୀ - (ମହତୀ (ଶ୍ରେଷ୍ଠା) ରାଜ୍ଞୀ)

୨୭. ଯବନ - ଯବନୀ - (ଯବନର ସ୍ତ୍ରୀ)
ଯବନାନୀ - (ଯବନଙ୍କ ଲିପି)

୨୮. ଯୁବନ୍ - ଯୁବତିଃ - (ଯୁନୀ) - ଯୁବତୀ ମହିଳା
ଯୁବତ / ଯୁବତୀ - ପତିକୁ ଆନନ୍ଦିତ କରୁଥିବା ସ୍ତ୍ରୀ
(ପ୍ରିୟ ସହ ମିଶିପାରୁଥିବା ସ୍ତ୍ରୀ)

୨୯. ବର୍ଣ୍ଣକ - ବର୍ଣ୍ଣକା - (ପ୍ରାବରଣ)
ବର୍ଣ୍ଣିକା - (ନାଟବାଲାଙ୍କର ଅଙ୍ଗରାଗ, ରଙ୍ଗତୁଳି)

୩୦. ଶୂଦ୍ର - ଶୂଦ୍ରା - (ଶୂଦ୍ରଜାତୀୟା ସ୍ତ୍ରୀ)

ଶୂଦ୍ରୀ - (ଶୂଦ୍ରର ସ୍ତ୍ରୀ)

୩୧. ଶୂର୍ପନଖ - ଶୂର୍ପଣଖା - (ସଂଜ୍ଞା ବା ନାମ)

ଶୂର୍ପନଖୀ - (ଶୂର୍ପ (କୁଲା) ଭଳି ନଖ ଯେଉଁ ନାରୀର)

୩୨. ସମ୍ରାଜ୍ - ସମ୍ରାଜୀ - (ସମ୍ୟକ୍ ରାଜା = ସମ୍ରାଟ୍ ; ତସ୍ୟ ସ୍ତ୍ରୀ)

ସମ୍ରାଜ୍ଞୀ - (ରାଜ୍ଞଃ ସ୍ତ୍ରୀ = ରାଜ୍ଞୀ । ସମ୍ୟକ୍ ରାଜ୍ଞୀ)

୩୩. ସୁଦନ୍ତ - ସୁଦନ୍ତୀ, ସୁଦନ୍ତା - (ସୁନ୍ଦର ଦନ୍ତଯୁକ୍ତା ନାରୀ)

ସୁଦତୀ - ସୁନ୍ଦର ଦାନ୍ତଦ୍ୱାରା ଯେଉଁ ସ୍ତ୍ରୀର ବୟସ ଜଣାଯାଏ ।

୩୪. ସୂର୍ଯ୍ୟ - ସୂର୍ଯ୍ୟା - ସୂର୍ଯ୍ୟଙ୍କର ଦେବତା ସ୍ତ୍ରୀ = (ଛାୟା)

ସୂରୀ - ସୂର୍ଯ୍ୟଙ୍କର ମାନବୀ ସ୍ତ୍ରୀ = (କୁନ୍ତୀ)

୩୫. ସ୍ଥଳ - ସ୍ଥଳୀ - ପ୍ରାକୃତିକ ଭୂମି

ସ୍ଥଳା - କୃତ୍ରିମ ଭୂମି

***

## କେତେଗୋଟି ସ୍ତ୍ରୀ ପ୍ରତ୍ୟୟାନ୍ତ ଶବ୍ଦ

ଅଗ୍ନି - ଅଗ୍ନାୟୀ (ଅଗ୍ନିପତ୍ନୀ, ସ୍ୱାହା)

ଅତିକେଶ - ଅତିକେଶୀ, ଅତିକେଶା (କେଶାନ୍ ଅତିକ୍ରାନ୍ତା- ପ୍ରାଦି ସମାସ)

ଅନଡୁହ୍ (ବୃଷଭ) - ଅନଡ୍ୱାହୀ, ଅନଡୁହୀ (ଗାଈ)

ଅନ୍ତର୍ବତ୍ - ଅନ୍ତର୍ବତ୍ନୀ (ଗର୍ଭବତୀ)

ଅଜ (ପୁରୁଷ ଛାଗ) - ଅଜା (ମାଈ ଛେଳି)

ଅରଣ୍ୟ - ଅରଣ୍ୟାନୀ (ମହତ୍ ଅରଣ୍ୟମ୍)

ଅବନି - ଅବନିଃ,ଅବନୀ

ଅବାଚ୍ - ଅବାଚୀ

ଅଶିଶୁ - ଅଶିଶ୍ୱୀ (ଶିଶୁହୀନା)

ଅଶ୍ୱ - ଅଶ୍ୱା (ଘୋଟକୀ)

ଇନ୍ଦ୍ର - ଇନ୍ଦ୍ରାଣୀ

ଉଦଚ୍ - ଉଦଚୀ (ଉତ୍ତରାଭିମୁଖୀ, ଊର୍ଦ୍ଧ୍ୱମୁଖୀ)

ଉପକାରିନ୍ - ଉପକାରିଣୀ

ଉନ୍ନତଶୃଙ୍ଗ - ଉନ୍ନତଶୃଙ୍ଗୀ, ଉନ୍ନତଶୃଙ୍ଗା (ବଡ଼ଶିଙ୍ଗଥିବା ଗାଈ ଇତ୍ୟାଦି )

ଐତିହାସିକ - ଐତିହାସିକୀ

ଓଜସ୍ୱିନ୍ - ଓଜସ୍ୱିନୀ

କଥୟତ୍ - କଥୟନ୍ତୀ

କନିଷ୍ଠ - କନିଷ୍ଠା

କମ୍ବୁକଣ୍ଠ - କମ୍ବୁକଣ୍ଠା, କମ୍ବୁକଣ୍ଠୀ (ଶଙ୍ଖ ଭଳି କଣ୍ଠ ଯାହାର)

କର୍ତ୍ତୃ - କର୍ତ୍ତ୍ରୀ

କରିଷ୍ୟତ୍ - କରିଷ୍ୟତୀ, କରିଷ୍ୟନ୍ତୀ

କବି - କବିଃ, କବୀ

କୁକ୍କୁଟ - କୁକ୍କୁଟୀ

କୁଣ୍ଡ - କୁଣ୍ଡୀ ( ପାତ୍ର ବିଶେଷ )

କୁର୍ବତ୍ - କୁର୍ବତୀ

କୁମ୍ଭକାର - କୁମ୍ଭକାରୀ

କୃପଣ - କୃପଣା, କୃପଣୀ

କୃଶୋଦର - କୃଶୋଦରୀ, କୃଶୋଦରା

କୋକିଳ - କୋକିଳା

କ୍ରୂର - କ୍ରୂରା

ଖାଦୟତ୍ - ଖାଦୟନ୍ତୀ

ଗତ୍ୱର -ଗତ୍ୱରୀ (ଗତିଶୀଳା)

ଗାୟକ - ଗାୟିକା

ଗୁଣିନ୍ - ଗୁଣିନୀ

ଗୁରୁ - ଗୁରୁଃ, ଗୁର୍ବୀ

ଗୃହଣତ୍ - ଗୃହଣତୀ, ଗୃହଣନ୍ତୀ

ଗୃହପତି - ଗୃହପତ୍ନୀ, ଗୃହପତିଃ (ଯଦି ସ୍ତ୍ରୀଲୋକ ଘରର ମାଲିକାଣୀ ହୋଇଥାନ୍ତି )

ଗୌର - ଗୌରୀ

ଚତୁର - ଚତୁରା

ଚତୁଷ୍ଟୟ - ଚତୁଷ୍ଟୟୀ

ଚଣ୍ଡ - ଚଣ୍ଡୀ, ଚଣ୍ଡା

ଚନ୍ଦ୍ରମୁଖ - ଚନ୍ଦ୍ରମୁଖୀ, ଚନ୍ଦ୍ରମୁଖା

ଚନ୍ଦ୍ରାନନ - ଚନ୍ଦ୍ରାନନା

ଚାରୁଦନ୍ତ - ଚାରୁଦନ୍ତୀ, ଚାରୁଦନ୍ତା

ଚାରୁଦଶନ - ଚାରୁଦଶନା

ଚାରୁବକ୍ତ୍ର - ଚାରୁବକ୍ତ୍ରା

ଚିତ୍ରକର - ଚିତ୍ରକରୀ

ଚିନ୍ମୟ - ଚିନ୍ମୟୀ

ଚିନ୍ମତ୍ - ଚିନ୍ମତୀ

ଛାତ୍ର - ଛାତ୍ରୀ

ଜନୟିତୃ - ଜନୟିତ୍ରୀ

ଜିଗମିଷତ୍ - ଜିଗମିଷତୀ

ଜିତ୍ୱର - ଜିତ୍ୱରୀ

ଜ୍ୟେଷ୍ଠ - ଜ୍ୟେଷ୍ଠା

ତନ୍ତୁବାୟ - ତନ୍ତୁବାୟୀ

ତପସ୍ୱିନ୍ - ତପସ୍ୱିନୀ

ତାଦୃଶ - ତାଦୃଶୀ

ତୈଜକର - ତୈଜକରୀ

ତ୍ରିତୟ - ତ୍ରିତୟୀ

ଦଦତ୍ - ଦଦତୀ

ଦରିଦ୍ରତ୍ - ଦରିଦ୍ରତୀ

ଦର୍ଶକ - ଦର୍ଶିକା

ଦାତୃ - ଦାତ୍ରୀ

ଦାସ୍ୟତ୍ - ଦାସ୍ୟତୀ, ଦାସ୍ୟନ୍ତୀ

ଦୃଶ - ଦୃଶା

ଦେବ - ଦେବୀ

ଦୈନିକ - ଦୈନିକୀ

ଦ୍ୱିତୟ - ଦ୍ୱିତୟୀ

ଦ୍ୱିତୀୟ - ଦ୍ୱିତୀୟା

ଧନବତ୍ - ଧନବତୀ

ଧନିକ - ଧନିକା

ଧନିନ୍ - ଧନିନୀ

ଧରଣି - ଧରଣିଃ,ଧରଣୀ

ଧାର୍ମିକ - ଧାର୍ମିକୀ

ନଟ - ନଟୀ

ନଦ - ନଦୀ

ନନ୍ଦନ - ନନ୍ଦନା

ନର - ନରୀ (ଜାତି ଅର୍ଥରେ)

ନର/ନୃ - ନାରୀ

ନପ୍ତୃ - ନପ୍ତ୍ରୀ

ନର୍ତ୍ତକ - ନର୍ତ୍ତକୀ

ନଶ୍ୱର - ନଶ୍ୱରୀ

ନାୟକ - ନାୟିକା

ନିଶାଚର - ନିଶାଚରୀ

ନୃତ୍ୟତ୍ - ନୃତ୍ୟନ୍ତୀ

ପଞ୍ଚମ - ପଞ୍ଚମୀ

ପତି - ପତ୍ନୀ

ପତିବତ୍ - ପତିବତ୍ନୀ (ସଧବା)

ପଥିକ - ପଥିକୀ

ପଠତ୍ - ପଠନ୍ତୀ

ପାଚକ - ପାଚିକା

ପାଳକ - ପାଳିକା

ପାଣିଗୃହୀତ - ପାଣିଗୃହୀତୀ (ଭାର୍ଯ୍ୟା)
ପାଣିଗୃହୀତା (ରକ୍ଷିତା)

ପିତାମହ - ପିତାମହୀ

ପୁତ୍ରୀୟତ୍ - ପୁତ୍ରୀୟନ୍ତୀ

ପୃଥୁଜଙ୍ଘ - ପୃଥୁଜଙ୍ଘା, ପୃଥୁଜଙ୍ଘୀ

ପୌରାଣିକ - ପୌରାଣିକୀ

ପ୍ରତ୍ୟାଚ୍ - ପ୍ରତୀଚୀ

ପ୍ରାଚ୍ - ପ୍ରାଚୀ

ପ୍ରାଥମିକ - ପ୍ରାଥମିକୀ

ବନ୍ଧୁ -ବନ୍ଧ୍ୱୀ

ପୌତ୍ର - ପୌତ୍ରୀ
ପ୍ରତ୍ୟଚ୍ - ପ୍ରତୀଚୀ
ବାଳକ - ବାଳିକା
ବିମ୍ବୋଷ୍ଠ - ବିମ୍ବୋଷ୍ଠୀ,ବିମ୍ବୋଷ୍ଠା
ବୁଦ୍ଧିମତ୍ - ବୁଦ୍ଧିମତୀ
ଭୟଙ୍କର - ଭୟଙ୍କରୀ
ଭବ - ଭବାନୀ
ଭାତ୍ - ଭାତୀ, ଭାନ୍ତି
ଭାରବାହ - ଭାରବାହୀ
ମଘବତ୍ - ମଘବତୀ
ମଘବନ୍ - ମଘୋନୀ
ମତ୍ସ୍ୟ - ମତ୍ସୀ
ମଧ୍ୟମ - ମଧ୍ୟମା
ମନୁ - ମନୁଃ,ମନାୟୀ,ମନାବୀ
ମନୁଷ୍ୟ - ମନୁଷୀ
ମହୀପତି - ମହୀପତ୍ନୀ,ମହିପତିଃ (ଯଦି ସ୍ତ୍ରୀଲୋକ ରାଜା ହୋଇଥାଏ)
ମାତାମହ - ମାତାମହୀ
ମାତୁଳ - ମାତୁଳୀ, ମାତୁଳାନୀ
ମାତୃଣ - ମାତୃଣୀ
ମାସିକ - ମାସିକୀ
ମୁନି - ମୁନିଃ,ମୁନୀ
ମୃଗ - ମୃଗୀ
ମୃଗନୟନ - ମୃଗନୟନା
ମୃଗନେତ୍ର - ମୃଗନେତ୍ରା
ମୃଡ - ମୃଡାନୀ

ମୃଦୁ - ମୃଦୁଃ, ମୃଦ୍ୱୀ
ମୃଣ୍ମୟ - ମୃଣ୍ମୟୀ
ମେଧାବିନ୍ - ମେଧାବିନୀ
ଯବ - ଯବାନୀ (ଦୁଷ୍ଟଯବଃ)
ଯବନ - ଯବନୀ (ଯବନସ୍ୟ ଭାର୍ଯ୍ୟା)
ଯବନାନାଂ ଲିପିଃ - ଯବନାନୀ
ଯଶସ୍କର - ଯଶସ୍କରୀ
ଯଷ୍ଟି - ଯଷ୍ଟିଃ,ଯଷ୍ଟୀ
ଯାଦୃଶ - ଯାଦୃଶୀ
ରଜକ - ରଜକୀ
ରାଜନ୍ - ରାଜ୍ଞୀ
ରାତ୍ରି - ରାତ୍ରିଃ, ରାତ୍ରୀ
ରାଧେୟ - ରାଧେୟୀ
ରୁଦ୍ର - ରୁଦ୍ରାଣୀ
ରୁଦତ୍ - ରୁଦତୀ
ଲଘୁ - ଲଘୁଃ, ଲଘ୍ୱୀ
ବରୁଣ - ବରୁଣାନୀ
ବାର୍ଷିକ - ବାର୍ଷିକୀ
ବାସନ୍ତିକ - ବାସନ୍ତିକୀ
ବିଦ୍ୱସ୍ - ବିଦୁଷୀ
ବିଦ୍ୟାବତ୍ - ବିଦ୍ୟାବତୀ
ବୃଦ୍ଧ - ବୃଦ୍ଧା
ବୈନତେୟ - ବୈନତେୟୀ
ବ୍ୟାଘ୍ର - ବ୍ୟାଘ୍ରୀ
ଶର୍ବ - ଶର୍ବାଣୀ

ଶିକ୍ଷକ - ଶିକ୍ଷିକା

ଶିକ୍ଷୟିତୃ - ଶିକ୍ଷୟିତ୍ରୀ

ଶ୍ରୀମତ୍ - ଶ୍ରୀମତୀ

ଶ୍ରେଣି - ଶ୍ରେଣିଃ,ଶ୍ରେଣୀ

ଶ୍ୱନ୍ - ଶୁନୀ

ଶ୍ୱଶୁର - ଶ୍ୱଶ୍ରୂଃ

ସଖି - ସଖୀ

ସପତି - ସପତ୍ନୀ (ସଉତୁଣୀ)

ସପ୍ତଶତ - ସପ୍ତଶତୀ

ସଭାପତି - ସଭାପତିଃ, ସଭାପତ୍ନୀ

ସର୍ବ - ସର୍ବା

ସାଧୁ - ସାଧ୍ୱଃ,ସାଧ୍ୱୀ

ସୀମନ୍ - ସୀମା

ସୁକର୍ଣ୍ଣ - ସୁକର୍ଣ୍ଣୀ,ସୁକର୍ଣ୍ଣା

ସୁକେଶ - ସୁକେଶୀ, ସୁକେଶା

ସୁଗାତ୍ର - ସୁଗାତ୍ରୀ,ସୁଗାତ୍ରା

ସୁନାସିକ - ସୁନାସିକୀ, ସୁନାସିକା

ସୁପୁଚ୍ଛ - ସୁପୁଚ୍ଛା, ସୁପୁଚ୍ଛୀ (ମୟୂରୀ)

ସ୍ଥିର - ସ୍ଥିରା

ସ୍ଥୂଳଜିହ୍ୱ - ସ୍ଥୂଳଜିହ୍ୱା

ସ୍ଥୂଳାଙ୍ଗ - ସ୍ଥୂଳାଙ୍ଗୀ,ସ୍ଥୂଳାଙ୍ଗା

ସ୍ୱର୍ଣ୍ଣକାର - ସ୍ୱର୍ଣ୍ଣକାରୀ

ହୟ - ହୟୀ

ହର୍ତ୍ତୃ - ହର୍ତ୍ତ୍ରୀ

## ଅନୁଶୀଳନୀ

୧. ସ୍ତ୍ରୀ-ପ୍ରତ୍ୟୟେ ରୂପାଣି ଲିଖତ -

ଅଶ୍ୱ, ଘୋଟକ, ଚଟକ, ଅଗ୍ନି, ପଠତ, ପୂଜିତ, ଆୟାତ, ଦ୍ରୁତ, କରିଷ୍ୟତ, ସୁକଣ୍ଠ, ତ୍ରିନେତ୍ର, ମାତୁଳ, ଚତୁର, କ୍ଷତ୍ରିୟ, ମନୁଷ୍ୟ, ତିର୍ଯ୍ୟଚ୍, ଯୁବନ୍, ହୟ, ମୃଗଲୋଚନ, ବୃଦ୍ଧ, ମତ୍ସ୍ୟ, ମଘବନ୍, ଶୂଦ୍ର, ପାଚକ, ବିଦ୍ୱସ୍, ରାଜନ୍, ସାଧୁ, ପତି, ଉପାଧ୍ୟାୟ ।

୨. ନିମ୍ନୋକ୍ତାନାଂ ପଦାନାମର୍ଥଗତପାର୍ଥକ୍ୟଂ ନିର୍ଦ୍ଦିଶତ -

କ୍ଷତ୍ରିୟାଣୀ-କ୍ଷତ୍ରିୟା, ଶୂଦ୍ରା - ଶୂଦ୍ରୀ, ଉପାଧ୍ୟାୟା - ଉପାଧ୍ୟାୟାନୀ, ତାରକା - ତାରିକା, ଅଷ୍ଟକା - ଅଷ୍ଟିକା, ସୂରୀ - ସୂର୍ଯ୍ୟା, ପାଣିଗୃହୀତା - ପାଣିଗୃହୀତୀ ।

୩. ଏକପଦେନ ପ୍ରକାଶୟତ -

ଯବନସ୍ୟ ଜାୟା, ଯବନାନାଂ ଲିପିଃ, ମହତ୍ ଅରଣ୍ୟମ୍, ଭ୍ରାତୁଃସ୍ୟ ଜାୟା, ରମ୍ଭାବତ୍ ଉରୂ ଅସ୍ୟାଃ, ଖନତି ଯା, ଏକଃ ପତିରସ୍ୟାଃ, ପତିରସ୍ତି ଅସ୍ୟାଃ, ଦୁଷ୍ଟୋ ଯବଃ, ବ୍ରହ୍ମଣୋ ଜାୟା, ବରୁଣସ୍ୟ ପତ୍ନୀ ।

୪. ସଂଶୋଧନଂ କୁରୁତ-

ସୁବଦନୀ ରମଣୀ ଆଗଚ୍ଛତି । ଇୟଂ ନାରୀ ସୁକେଶିନୀ । ବିଦ୍ୱାନ୍ ବାଳିକା ପଠତି । ଗୃହସ୍ୟ ଶାଳା ସୁମୁଖୀ ଭବତି ।

***

# ୨୦ - ଲିଙ୍ଗାନୁଶାସନ ଓ ବଚନ ପ୍ରକରଣ

## ଲିଙ୍ଗ ପ୍ରକରଣ

ଶବ୍ଦ ପ୍ରୟୋଗରେ ଲିଙ୍ଗର ବ୍ୟବହାର କରାଯାଏ । ଏହା ଚିହ୍ନ ବିଶେଷ ରୂପେ ବ୍ୟବହୃତ ହୋଇଥାଏ । ଅତଏବ ଏହା ପ୍ରୟୋଗାଶ୍ରୟୀ । କେତେକ ଶବ୍ଦର ଲିଙ୍ଗ ନିୟତ ଅର୍ଥାତ୍ ସ୍ଥିରୀକୃତ । କେତେକ ଶବ୍ଦର ଲିଙ୍ଗ ପ୍ରୟୋଗାନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ଲିଙ୍ଗ ତିନି ପ୍ରକାରର ଯଥା -
**୧.** ପୁଂଲିଙ୍ଗ **୨.** ସ୍ତ୍ରୀଲିଙ୍ଗ **୩.** କ୍ଲୀବଲିଙ୍ଗ ବା ନପୁଂସକଲିଙ୍ଗ । ସାଧାରଣତଃ ପୁରୁଷବାଚକ ଶବ୍ଦ 'ପୁଂଲିଙ୍ଗ', ସ୍ତ୍ରୀବାଚକ ଶବ୍ଦ 'ସ୍ତ୍ରୀଲିଙ୍ଗ' ଏବଂ ଯେଉଁଶବ୍ଦ ପୁରୁଷ ବା ସ୍ତ୍ରୀ ଏପରି ବୁଝାଏ ନାହିଁ ତାହା ନପୁଂସକ ଲିଙ୍ଗ ବା କ୍ଲୀବଲିଙ୍ଗ (*ନପୁଂସକମ୍ - 'ନ ସ୍ତ୍ରୀ ପୁମାନ୍ ବା'*) ।

**ଲିଙ୍ଗର ସାମାନ୍ୟ ପରିଚୟ**

ସାଧାରଣତଃ ଯେଉଁ ଶବ୍ଦର ଶେଷରେ 'ଅ' ଆସେ ତାହା ପୁଂଲିଙ୍ଗ ହୋଇଥାଏ । ଯେପରି ରାମଃ, କୃଷ୍ଣଃ ।

ସେହିପରି (ଆକାରାନ୍ତ, ଇକାରାନ୍ତ, ଈକାରାନ୍ତ ଏବଂ ଊକାରାନ୍ତ) ଆ, ଇ, ଈ, ଊ ସ୍ୱର ଯାହାର ଅନ୍ତରେ ଆସେ ସେହି ଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥାଏ । ଯଥା - ରମା, ଲତା, ସୃଷ୍ଟି, ପ୍ରକୃତି, ଶ୍ରୀ, ଧୀ, ବଧୂ ପ୍ରଭୃତି । ସ୍ତ୍ରୀପ୍ରତ୍ୟୟାନ୍ତ ଇକାରାନ୍ତ ମଧ୍ୟ ସ୍ତ୍ରୀଲିଙ୍ଗ ହୁଏ । ଯଥା- ମତି,ଗତି ପ୍ରଭୃତି ।

ଯାହାର ଶେଷରେ ତ୍ୱ, ଲ୍ୟୁଟ୍, ଷ୍ୟଞ୍ ପ୍ରତ୍ୟୟ ଲାଗେ ସେହି ଶବ୍ଦ ନପୁଂସକଲିଙ୍ଗ ହୋଇଥାଏ । ଏହା ଛଡ଼ା କ୍ରିୟାବିଶେଷଣ ଶବ୍ଦ ବି ନପୁଂସକଲିଙ୍ଗ ହୋଇଥାଏ । ଯଥା - **ସଃ ମଧୁରଂ** ବଦତି ( ସେ ମଧୁର କହିଥାଏ) । ତ୍ୱଂ **ଯଥାଶକ୍ତି** ଧାବସି (ତୁମେ ନିଜଶକ୍ତି ଅନୁସାରେ ଦୌଡୁଛ) ।

ଲିଙ୍ଗ ସମ୍ବନ୍ଧୀୟ ଜ୍ଞାନ ନିମ୍ନଲିଖିତ ଶ୍ଲୋକରୁ ଜଣାପଡେ -

ରାମୋ ହରିଃ କରୀ ଭୂଭୃତ୍ ଭାନୁଃ କର୍ତ୍ତା ଚ ଚନ୍ଦ୍ରମାଃ
ଚକ୍ଷ୍ମୀବାନ୍ ଭଗବାନ୍ ଆତ୍ମା ଦର୍ଶିତେ ପୁଂସି ନାୟକାଃ ।।

ଅର୍ଥାତ୍ - ଏହି ଶବ୍ଦଗୁଡିକ ପୁଂଲିଙ୍ଗ ହୋଇଥାଏ ।

ରମା ଭୂଃ ନଦୀ ଧେନୁର୍ବାଗ୍ ଧୀଃ ସରିତନ୍ତରମ୍ ।
ସ୍ବର୍ ପ୍ରାବୃଟ୍ ଶରଶ୍ଚୈବ ଦର୍ଶିତା ସ୍ତ୍ରୀଷୁ ନାୟିକାଃ ।।

ଅର୍ଥାତ୍ - ଏହି ଶବ୍ଦଗୁଡିକ ସ୍ତ୍ରୀଲିଙ୍ଗ ହୋଇଥାଏ ।

ଜ୍ଞାନଂ ଦଧି ପୟୋ ଚର୍ମ ଧନୁର୍ବାରିଜଗତ୍ତଥା ।
ମଧୁ ନାମ ମନୋହାରି ଦର୍ଶିତାନି ନପୁଂସକେ ।।

ଅର୍ଥାତ୍ - ଏ ଶବ୍ଦଗୁଡିକ ନପୁଂସକଲିଙ୍ଗରେ ପ୍ରଯୁକ୍ତ ହୋଇଥାଏ ।

## ୧. ପୁଂଲିଙ୍ଗ

ନିମ୍ନଲିଖିତ ଶବ୍ଦ ପୁଂଲିଙ୍ଗରେ ହୋଇଥାଏ -

୧. ଯେଉଁ ଶବ୍ଦଗୁଡିକର ଅନ୍ତରେ ଘଞ୍, ଅପ୍, ଘ, ଅଚ୍ ପ୍ରତ୍ୟୟ ଥାଏ ଯଥା - ପାକଃ, ତ୍ୟାଗଃ, ରାମଃ (ଘଞ୍) କରଃ, ଗରଃ, (ଅପ୍), ବିସ୍ତାରଃ, ଗୋଚରଃ (ଘ) ଚୟଃ, ଜୟଃ (ଅଚ୍) ।

୨. ଯେଉଁ ଶବ୍ଦଗୁଡିକର ଅନ୍ତରେ ନଙ୍ ପ୍ରତ୍ୟୟ ଥାଏ - ଯଥା - ଯତ୍ନଃ, ପ୍ରଶ୍ନଃ, ଯଜ୍ଞଃ ।

୩. ଯେଉ ଶବ୍ଦ ଗୁଡିକର ଅନ୍ତରେ କି, ଇମନ୍ ପ୍ରତ୍ୟୟ ଥାଏ । ଯଥା - ବିଧିଃ, ନିଧିଃ, (କି), ମହିମା, ଗରିମା, ଅଣିମା ଆଦି ।

୪. ଦେବ, ଅସୁର, ଆତ୍ମା, ସ୍ୱର୍ଗ, ଗିରି, ସମୁଦ୍ର, ନଖ, କେଶ (ବାଳ) ଦନ୍ତ, ସ୍ତନ, ଭୁଜ, କଣ୍ଠ, ଖଡ୍ଗ, ଶର, ପଙ୍କ ଆଦି ଶବ୍ଦ ଏବଂ ଏହାର ପର୍ଯ୍ୟାୟ ବାଚୀ ଶବ୍ଦ ପୁଂଲିଙ୍ଗ ହୋଇଥାଏ ।

୫. ଯାହାର ଶେଷରେ ନ୍ ଥାଏ ଯେପରି - ରାଜା (ରାଜନ୍) ତକ୍ଷା (ତକ୍ଷନ୍) (ବଢେଇ), ଯୁବା (ଯୁବନ୍) ।

୬. ଯେଉଁ ଶବ୍ଦର ଅନ୍ତରେ କ, ଷ, ଣ, ଭ, ମ, ର ଆସିଥାଏ ଯଥା- ଲୋକଃ, ବୃଷଃ, ଗୁଣଃ, କୁମ୍ଭଃ, ଧୂମଃ, ଶଙ୍କରଃ ।

୭. ଯାହାର ଅନ୍ତରେ ପ, ଥ, ଯ, ସ, ଟ ଥାଏ । ଯଥା - କୂପଃ, ନିଶୀଥଃ, ମୃତ୍ୟୁଃ, ବାୟସଃ, ବସ୍ତୁଃ ।

୮. ଓଷ୍ଠ, ପୁରୁଷ, କପୋଳ, ଗୁଳ୍ଫ, ମେଘ - ଏହି ଶବ୍ଦ ତଥା ଏହାର ପର୍ଯ୍ୟାୟବାଚୀ ଶବ୍ଦ ପୁଂଲିଙ୍ଗରେ ହୋଇଥାଏ । ଯଥା - ଓଷ୍ଠଃ, ଅଧରଃ, ପୁରୁଷଃ, ନରଃ, କପୋଳଃ, ଗଣ୍ଡଃ, ଗୁଳ୍ଫଃ, ମେଘଃ, ନୀରଦଃ ।

୯. 'ତୁ' ଯେଉଁ ଶବ୍ଦର ଅନ୍ତରେ ଆସିଥାଏ । ଯଥା - ତନ୍ତୁଃ, ଜନ୍ତୁଃ ।

୧୦. ରୁ ଏବଂ ତୁ ଯେଉଁଶବ୍ଦର ଅନ୍ତରେ ଆସିଥାଏ ।
ଯଥା - ମେରୁଃ, ଗୁରୁଃ, କେତୁଃ, ସେତୁଃ ।

୧୧. ରଶ୍ମି, ଦିବସ ଶବ୍ଦ ଏବଂ ଏହାର ପର୍ଯ୍ୟାୟବାଚୀ ଶବ୍ଦ ପୁଂଲିଙ୍ଗରେ ହୋଇଥାଏ ଯେପରି ରଶ୍ମିଃ - ମୟୂଖଃ, ଦିବସଃ, ଘସ୍ରଃ ।

୧୨. ଦାର, ଅକ୍ଷତ, ଅସୁ, ଲାଜ, ପ୍ରାଣ - ଏହି ଶବ୍ଦ ସର୍ବଦା ପୁଂଲିଙ୍ଗ ବହୁବଚନରେ ପ୍ରଯୁକ୍ତ ହୋଇଥାଆନ୍ତି ।

## ୨. ସ୍ତ୍ରୀଲିଙ୍ଗ

ନିମ୍ନଲିଖିତ ଶବ୍ଦ ସ୍ତ୍ରୀଲିଙ୍ଗରେ ହୋଇଥାଏ -

୧. 'ଋ' କାରାନ୍ତ; ଯଥା - ମାତୃ, ଦୁହିତୃ, ସ୍ୱସୃ, ଯାତୃ, ନାନାନ୍ଦୃ ପ୍ରଭୃତି ସ୍ତ୍ରୀଲିଙ୍ଗ ।

୨. ଯାହାର ଅନ୍ତରେ କ୍ତିନ୍, ତଲ୍, ଙୀପ୍, ଊଙ୍, ଟାପ୍ ପ୍ରତ୍ୟୟ ରହିଥାଏ; ଯେପରି - କୃତିଃ, ଭୂତିଃ, (କ୍ତିନ୍), ଦେବତା, ମାନବତା, ସହାୟତା (ତଲ୍) କୁମାରୀ, ତରୁଣୀ, ନଦୀ, (ଙୀପ୍) ଦାକ୍ଷୀ, ତଟୀ, କୃଶଳୀ, (ଙୀପ୍) କୁରୂଃ, ଚମ୍ବୂଃ, ତନୂଃ, ବଧୂଃ (ଊଙ୍), ରମା (ଟାପ୍) ।

୩. ବିଦ୍ୟୁତ୍, ଭୂମି, ସରିତ୍, ଲତା, ବନିତା, ନିଶା, ବଲ୍ଲୀ, ବୀଣା, ଦିଶ୍, ହ୍ରୀ, ବାଣୀ ଆଦି ଶବ୍ଦ ତଥା ଏଗୁଡ଼ିକର ପର୍ଯ୍ୟାୟବାଚୀ ଶବ୍ଦ ଯେପରି - ତଡ଼ିତ୍, ସୌଦାମିନୀ, ଯାମିନୀ, (ରାତ୍ରି) କ୍ଷଣଦା, ବାସୁଧା, ଦିଶା, କକୁଭ୍, ଭୂମି, ଭୂ, ରସା, ଅଚଳା, ପୃଥ୍ୱୀ, ଗୋତ୍ରା, ଧରିତ୍ରୀ, ନଦୀ, ତଟିନୀ, ହ୍ଲାଦିନୀ, ହ୍ରୀ, ତ୍ରପା, ବ୍ରୀଡା ଇତ୍ୟାଦି ଶବ୍ଦ ।

୪. ଯାହାର ଅନ୍ତରେ ଇନୀ, କ୍ୟପ୍, ଟାପ୍, ଈ, ମି, ନି ଆଦି ପ୍ରତ୍ୟୟ ଥାଏ । ଯେପରି-

ଇନୀ - ପଦ୍ମିନୀ, ଫଳିନୀ । କ୍ୟପ୍ - ବିଦ୍ୟା, ଶଯ୍ୟା, ହତ୍ୟା ।

ଟାପ୍ - ଶିବା, ପରୀକ୍ଷା, ପ୍ରଶଂସା । ଈ - ଲକ୍ଷ୍ମୀଃ ।

ମି - ଭୂମିଃ । ନିଃ - ଗ୍ଲାନିଃ । ତନ୍ତ୍ରୀଃ, ତରୀଃ, ଅବୀଃ ।

୫. ବିଂଶତିଃ, ତ୍ରିଂଶତ୍, ଚତ୍ୱାରିଂଶତ୍, ପଞ୍ଚାଶତ୍, ଷଷ୍ଟିଃ, ସପ୍ତତିଃ, ଅଶୀତିଃ, ନବତିଃ ଇତ୍ୟାଦି ସଂଖ୍ୟାବାଚୀ ଶବ୍ଦ ସ୍ତ୍ରୀଲିଙ୍ଗରେ ହୋଇଥାଏ ।

୬. ସମ୍ପଦାଦି ଗଣରେ ଥିବା ଶବ୍ଦର ଅନ୍ତରେ 'କ୍ୱିପ୍' ପ୍ରତ୍ୟୟ ଆସିଥାଏ । ଯଥା - ସମ୍ପଦ୍, ଆପଦ୍, ଶରଦ୍ ।

୭. ଗ୍ରୀବା, ହନୂଃ, କରେଣୁଃ (ହାତୀ) ଧେନୁଃ, ରଜ୍ଜୁଃ, କୁହୂଃ, ତନୂଃ, ରେଣୁଃ, ପ୍ରିୟଙ୍ଗୁଃ, ଦୀଧିତିଃ ଆଦି ଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥାଏ ।

୮. ଅପ୍ସରସ୍, ବର୍ଷା, ସିକତା, ସମା, ସୁମନସ୍ ଆଦି ଶବ୍ଦ ଗୁଡିକର ରୂପ ସର୍ବଦା ସ୍ତ୍ରୀଲିଙ୍ଗ ବହୁବଚନାନ୍ତ ହୋଇଥାଏ ।

### ୩. ନପୁଂସକଲିଙ୍ଗ

୧. ଯେଉଁଶବ୍ଦଗୁଡିକର ଅନ୍ତରେ ଭାବବାଚୀ ଲ୍ୟୁଟ୍, ଭାବେ କ୍ତ ପ୍ରତ୍ୟୟ, ଣ୍ୟତ୍, ତଦ୍ଧିତର ତ୍ୱ, ଷ୍ୟଞ୍, ଅଣ୍ ପ୍ରତ୍ୟୟ ଆସିଥାଏ ସେଗୁଡ଼ିକର ନପୁଂସକଲିଙ୍ଗ ହୁଏ । ଯେପରି - ହସନମ୍, ଗମନମ୍ (ଲ୍ୟୁଟ୍), ଶୟିତମ୍, କୃତମ୍ (କ୍ତ), ଲଘୁତ୍ୱମ୍, ଗୁରୁତ୍ୱମ୍ (ତ୍ୱ), ସୌନ୍ଦର୍ଯ୍ୟମ୍ (ଷ୍ୟଞ୍), ଲାଘବମ୍, (ଅଣ୍) କାର୍ଯ୍ୟମ୍, ହାର୍ଯ୍ୟମ୍, ଭୋଜ୍ୟମ୍, ତ୍ୟାଜ୍ୟମ୍ (ଣ୍ୟତ୍) ।

୨. ଯେଉଁ ଶବ୍ଦଗୁଡିକର ଅନ୍ତରେ ଭାବ ଏବଂ କର୍ମବାଚ୍ୟରେ ଯତ୍, ୟ, ଢକ୍, ଯକ୍, ଉଞ୍, ଅଣ୍, ବୁଞ୍, ଛ ପ୍ରତ୍ୟୟ ରହିଥାଏ । ଯେପରି - ସ୍ତେୟମ୍, ଗେୟମ୍ (ଯତ୍), ସଂଖ୍ୟମ୍, କାପେୟମ୍, ବୈନତେୟମ୍ (ଢକ୍), ଆଧିପତ୍ୟମ୍ (ଯକ୍), ଔଷ୍ଟ୍ରମ୍ (ଅଣ୍), ପୁସ୍ତକୀୟମ୍, କିରାତାର୍ଜୁନୀୟମ୍, (ଛ), ପିତାପୁତ୍ରକମ୍, ରାଜକମ୍ (ବୁଞ୍) ।

୩. ଅବ୍ୟୟୀଭାବ ସମାସରେ ଶବ୍ଦ ନପୁଂସକଲିଙ୍ଗରେ ରହିଥାଏ । ଯେପରି - ଉପକୃଷ୍ଣମ୍, ଉପନଗରମ୍ ଆଦି ।

୪. ସେହିଭଳି ତତ୍ପୁରୁଷ ସମାସ, ଯାହାର ପ୍ରଥମ ପଦରେ ରାଜାର ପର୍ଯ୍ୟାୟବାଚୀ ଶବ୍ଦ, ରାକ୍ଷସର ପର୍ଯ୍ୟାୟବାଚୀ ଶବ୍ଦ ରହିଥାଏ ତଥା ଉତ୍ତର ପଦରେ 'ସଭା' ଶବ୍ଦ ରହିଥାଏ ତେବେ ନପୁଂସକଲିଙ୍ଗ ହୁଏ ଯଥା -

ଇନ୍ଦ୍ରସଭମ୍, ପିଶାଚସଭମ୍ । ରାଜା ଓ ମନୁଷ୍ୟ ପୂର୍ବପଦରେ ଥିଲେ ନପୁଂସକ ଲିଙ୍ଗ ହୁଏ ନାହିଁ; ଯଥା -

ରାଜ + ସଭା = ରାଜସଭା, ଚନ୍ଦ୍ରଗୁପ୍ତ + ସଭା = ଚନ୍ଦ୍ରଗୁପ୍ତସଭା ।

୫. ସଂଖ୍ୟାବାଚୀ ଶବ୍ଦ ଯାହାର ଅନ୍ତରେ ରାତ୍ର ଶବ୍ଦ ଆସେ; ଯଥା - ଦ୍ୱିରାତ୍ରମ୍, ପଞ୍ଚରାତ୍ରମ୍ ।

୬. ଯେଉଁ ଶବ୍ଦର ଅନ୍ତରେ ଅସ୍, ଇସ୍, ଉସ୍, ଅନ୍ ଆଦି ଆସିଥାଏ, ସେଗୁଡିକ ନପୁଂସକଲିଙ୍ଗରେ ରହିଥାନ୍ତି; ଯଥା -

ଯଶଃ, ପୟଃ, (ଅସ୍), ହବିଃ, (ଇସ୍), ବପୁଃ, ଧନୁଃ, (ଉସ୍), ଅହଃ, ବର୍ମ (ଅନ୍) ।

୭. ଯେଉଁ ଶବ୍ଦଗୁଡିକର ଅନ୍ତରେ 'ଳ' ଥାଏ; ଯଥା - କୂଳମ୍ (ତଟ), କୁଳମ୍, ସ୍ଥଳମ୍ ।

୮. ଶତ, ସହସ୍ର ଆଦି ଶବ୍ଦ ନପୁଂସକଲିଙ୍ଗରେ ହୋଇଥାଏ; ଯଥା - ଶତମ୍, ସହସ୍ରମ୍ ।

୯. ଯେଉଁ ଶବ୍ଦଗୁଡିକର ଅନ୍ତରେ 'ତ୍ର' ଅକ୍ଷର ଥାଏ; ଯଥା - ପତ୍ରମ୍, ଛତ୍ରମ୍ ।

୧୦. ଫଳ ଜାତିବାଚକ ଶବ୍ଦ ନପୁଂସକଲିଙ୍ଗରେ ହୋଇଥାଏ; ଯଥା - ଆମ୍ରମ୍, ଆମଳକମ୍ ।

୧୧. ମୁଖମ୍,ନୟନମ୍, ଲୋହମ୍, ବନମ୍, ରୁଧିରମ୍, ମାଂସମ୍, କାର୍ମୁକମ୍ (ଧନୁଷ), ବିବରମ୍, ଜଳମ୍, ହଳମ୍, ଧନମ୍, ଅନ୍ନମ୍ ଇତ୍ୟାଦି ଶବ୍ଦ ଏବଂ ଏହାର ପର୍ଯ୍ୟାୟବାଚୀ ଶବ୍ଦ ନପୁଂସକଲିଙ୍ଗ ହୁଏ; ଯଥା -

ମୁଖମ୍ - ଆନନମ୍, ନୟନମ୍ - ଲୋଚନମ୍, ଲୋହମ୍ - କାଳମ୍,

ବନମ୍ - ଗହନମ୍, ମାଂସମ୍ - ଆମିଷମ୍, ରୁଧିରମ୍ - ରକ୍ତମ୍,
କାର୍ମୁକମ୍ - ଶରାସନମ୍, ବିବରମ୍ - ବିଳମ୍, ଜଳମ୍ - ବାରି,
ହଳମ୍ - ଲାଙ୍ଗଳମ୍, ଧନମ୍ - ଦ୍ରବିଣମ୍, ଅନ୍ନମ୍ - ଅଶନମ୍ ।

୧୨. ବଳ, କୁସୁମ, ଶୁଳ୍ବ, (ମାପଫିତା), ପତ୍ତନ (ନଗର), ରଣ ଏବଂ ଏହାର ପର୍ଯ୍ୟାୟବାଚୀ ଶବ୍ଦ ନପୁଂସକଲିଙ୍ଗରେ ହୋଇଥାଏ ଯେପରି - ବଳମ୍, ବୀର୍ଯ୍ୟମ୍, କୁସୁମମ୍, ପୁଷ୍ପମ୍, ଶୁଳ୍ବମ୍, ତାମ୍ରମ୍, ପତ୍ତନମ୍, ନଗରମ୍, ରଣମ୍, ଯୁଦ୍ଧମ୍ ।

୧୩. ଏହା ବ୍ୟତୀତ ବାଣ, କାଣ୍ଡ, ଅମ୍ବୁ, ଶ୍ମଶ୍ରୁ, ଜାନୁ, ବସ୍ତୁ, ସ୍ୱାଦୁ, ଅଶ୍ରୁ, ଜତୁ (ଲାଖ), ତ୍ରପୁ, ତାଳୁ, ଚିବୁକ, ଶାଳୂକ, ଅଂଶୁକ, ଉଲୂକ, ଦାରୁ, କସେରୁ, ବସ୍ତୁ, ମସ୍ତୁ, କିରୀଟ, ମୁକୁଟ, ଲଲାଟ, ବଟ, ଶୃଙ୍ଗ, ଅଟକ, ଲୋଷ୍ଟ, ରଣ, ଲବଣ, ପର୍ଣ୍ଣ, ତୋରଣ, ଉଷ୍ଟ, କାଷ୍ଠ, ପୃଷ୍ଠ, ସିକ୍ଥ, ଉକ୍ଥ, ଜଘନ, ଅଜିନ, ତୁହିନ, କାନନ, ବନ, ବୃଜିନ, ବେତନ, ଶାସନ, ସୋପାନ, ମିଶ୍ର, ଶ୍ମଶାନ, ମିଥୁନ, ରତ୍ନ, ନିମ୍ନ, ଚିହ୍ନ, ପାପ, ରୂପ, ଉଡୁପ, ତଳ୍ପ, ଶିଳ୍ପ, ପୁଣ୍ୟ, ଶଷ୍ପ, ସମୀପ, ରୁକ୍ମ, ସିଧ୍ମ, ଯୁଧ୍ମ, ଇଧ୍ମ, ଗୁଲ୍ମ, ଅଧ୍ୟାତ୍ମ, କୁଙ୍କୁମ, କିସଳୟ, ଇନ୍ଦ୍ରିୟ, ହୃଦୟ, ଉତ୍ତରୀୟ, ଶିରୀଷ, ଅମ୍ବରୀଷ, ପୀୟୂଷ, ପୁରୀଷ, କିଲ୍ବିଷ, କଲ୍ମଷ, ବିସ, ବୁସ, ସାହସ, ଦିନ, ଅହନ୍, ତୀର, ଦୂର, କେୟୂର, କେଦାର, ଉଦର, ଅଜସ୍ର, ଶରୀର, କନ୍ଦର, ମନ୍ଦାର, ପଞ୍ଜର, ଅଜର, ଜଠର, ଅଜିର, ବୈର, ଚାମର, ପୁଷ୍କର, ଗହ୍ୱର, କୁହର, କୁଟୀର, କୁଲୀର, ଚତ୍ୱର, କଶ୍ମୀର, ନୀର, ଅମ୍ବର, ରଜତ, କୁଳିଶ, ଦୈବ, କୁଣ୍ଡ, ପୀଠ, ଅଙ୍କ, ଅଙ୍ଗ, ଦଧି, ସକ୍ଥି, ଅକ୍ଷି, ଆସ୍ପଦ, ବାଳ, ଦ୍ୱନ୍ଦ୍ୱ, ଦୁଃଖ, କୁଟୁମ୍ବ, କବଚ, ବର, ଶର, ବୃନ୍ଦାରକ, ଅକ୍ଷ, ଶ୍ରାଦ୍ଧ, ଜଗତ୍ ଇତ୍ୟାଦି ଶବ୍ଦ ନପୁଂସକଲିଙ୍ଗରେ ହୋଇଥାଏ ।

ସଂସ୍କୃତଭାଷାରେ କେତେକ ଶବ୍ଦ (୧) ତ୍ରିଲିଙ୍ଗ, କେତେକଶବ୍ଦ (୨) ଦ୍ୱିଲିଙ୍ଗ ଏବଂ କେତେକ ଶବ୍ଦ (୩) ନିର୍ଦ୍ଦିଷ୍ଟ ଲିଙ୍ଗ ହୋଇ ବ୍ୟବହୃତ ହୁଏ ।

**(୧) ତ୍ରିଲିଙ୍ଗରେ ବ୍ୟବହୃତ କେତେକ ଶବ୍ଦ ଯଥା –**

| ଶବ୍ଦ | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ |
|---|---|---|---|
| ବିଭୀତକ (ବାହାଡାଗଛ) | ବିଭୀତକଃ | ବିଭୀତକୀ | ବିଭୀତକମ୍ |
| କଳଶ | କଳଶଃ | କଳଶୀ | କଳଶମ୍ |
| ତଟ | ତଟଃ | ତଟୀ | ତଟମ୍ ଇତ୍ୟାଦି । |

**(୨) ଦ୍ୱିଲିଙ୍ଗରେ ବ୍ୟବହୃତ କେତେକ ଶବ୍ଦ ଯଥା –**

| ଶବ୍ଦ | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ |
|---|---|---|---|
| ଘଟ | ଘଟଃ | ଘଟୀ | – |
| ମଣି | ମଣିଃ | ମଣିଃ | – |
| କନ୍ଦର | କନ୍ଦରଃ | କନ୍ଦରା | – |
| ଅଙ୍କୁଶ | ଅଙ୍କୁଶଃ | – | ଅଙ୍କୁଶମ୍ |
| ଶକଟ | ଶକଟଃ | – | ଶକଟମ୍ |
| ବଲ୍କଳ | ବଲ୍କଳଃ | – | ବଲ୍କଳମ୍ |
| ପଲ୍ଲବ | ପଲ୍ଲବଃ | – | ପଲ୍ଲବମ୍ |
| ସୌଧ | ସୌଧଃ | – | ସୌଧମ୍ |
| ଦେହ | ଦେହଃ | – | ଦେହମ୍ |
| ଅର୍ଚ୍ଚିସ୍ (କିରଣ) | – | ଅର୍ଚ୍ଚିଃ | ଅର୍ଚ୍ଚିଃ |
| ଊର୍ଣ୍ଣା (ମେଷପ୍ରଭୃତିଙ୍କଲୋମ) | – | ଊର୍ଣ୍ଣା | ଊର୍ଣ୍ଣମ୍ |

୩. ନିର୍ଦ୍ଦିଷ୍ଟ ଲିଙ୍ଗରେ ବ୍ୟବହୃତ ହେଉଥିବା ଶବ୍ଦ -

ପୁଂଲିଙ୍ଗ - ଦେବ, ନର, ପଶୁ, ଗିରି, ସ୍ୱର୍ଗ, କେଶ, ଦନ୍ତ,ଭୁଜ, ରଥ, ସମୁଦ୍ର, ଅସୁର, ମୟୂର, ପାଷାଣ, ସମୟ ଇତ୍ୟାଦି ।

ସ୍ତ୍ରୀଲିଙ୍ଗ - ଲତା, ବିଦ୍ୟା, ଭୂମି, ଗ୍ଳାନି, ମତି, ଶ୍ରୀ, ଲକ୍ଷ୍ମୀ, ଧେନୁ, ଭ୍ରୂ, ମାତୃ, (ମାଆ) ସ୍ୱସୃ, ଦୁହିତୃ, ବିଦ୍ୟୁତ୍, ସରିତ୍, ସମ୍ପଦ୍, ବିପଦ୍ ଇତ୍ୟାଦି ।

କ୍ଳୀବଲିଙ୍ଗ -ଫଳ, ପତ୍ର, ପୁଷ୍ପ, ବନ, ଜ୍ଞାନ, ଜଳ, ଧନ, ଅନ୍ନ, ବାରି, ବସ୍ତୁ, ଯଶସ୍, ପୟସ୍, ଆୟୁସ୍, କର୍ମନ୍, ଚର୍ମନ୍ ଇତ୍ୟାଦି ।

ସଂସ୍କୃତରେ ଏହି ନିୟମର କେତେକ ବ୍ୟତିକ୍ରମ ମଧ୍ୟ ଦେଖାଯାଏ । କେତେକ ସ୍ଥଳରେ ଭିନ୍ନଭିନ୍ନ ଅର୍ଥରେ ପ୍ରଯୁକ୍ତ ଏକ ଶବ୍ଦର ଭିନ୍ନଭିନ୍ନ ଲିଙ୍ଗ ହୁଏ । ସେହିଭଳି ଭିନ୍ନଭିନ୍ନ ଶବ୍ଦର ଗୋଟିଏ ଅର୍ଥରେ ପ୍ରୟୋଗ ହେଉଥିବା ବେଳେ ଭିନ୍ନଭିନ୍ନ ଲିଙ୍ଗର ପ୍ରୟୋଗ ମଧ୍ୟ ଦେଖାଯାଏ ।

୪. ଭିନ୍ନଭିନ୍ନ ଲିଙ୍ଗରେ ପ୍ରଯୁକ୍ତ ଭିନ୍ନ ଅର୍ଥାତ୍ମକଶବ୍ଦ -

| ଶବ୍ଦ | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ |
|---|---|---|---|
| ମିତ୍ର - | ମିତ୍ରଃ (ସୂର୍ଯ୍ୟ) | - | ମିତ୍ରମ୍ (ବନ୍ଧୁ) |
| ଗୋ - | ଗୌଃ (ବଳଦ), କିରଣ, ଇନ୍ଦ୍ରିୟ) | ଗୌଃ(ଗାଈ) | - |
| ଲୋହିତ - | ଲୋହିତଃ (ମଙ୍ଗଳଗ୍ରହ) | - | ଲୋହିତମ୍ (କୁଙ୍କୁମ, ରକ୍ତଚନ୍ଦନ, ରୁଧିର) |
| ଚେତନା - | ଚେତନଃ (ପ୍ରାଣୀ) | ଚେତନା | - |

୫. ଭିନ୍ନଭିନ୍ନ ଲିଙ୍ଗରେ ପ୍ରଯୁକ୍ତ ଏକାର୍ଥାତ୍ମକ ଭିନ୍ନଭିନ୍ନ ଶବ୍ଦ

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ | ଏକ ଅର୍ଥ |
|---|---|---|---|
| କାୟଃ, ଦେହଃ | ତନୁଃ | ଶରୀରମ୍ | ଶରୀର |
| ସ୍ତବଃ | ସ୍ତୁତିଃ | ସ୍ତୋତ୍ରମ୍ | ସ୍ତୁତି |
| ଉଦ୍ଭବଃ | ଉତ୍ପତ୍ତିଃ | ଜନ୍ମ | ଜନ୍ମ |
| ବିଧିଃ | ନିୟତିଃ | ଭାଗ୍ୟମ୍ | ଭାଗ୍ୟ |
| ସ୍ୱାପଃ | ନିଦ୍ରା | ଶୟନମ୍ | ନିଦ୍ରା |
| ପାଂଶୁଃ | ଧୂଳିଃ | ରଜଃ | ଧୂଳି |
| ଦାରାଃ | ପତ୍ନୀ | କଳତ୍ରମ୍ | ପତ୍ନୀ |
| ମେଘଃ | - | ଅଭ୍ରମ୍ | ମେଘ |
| - | ବୃଷ୍ଟିଃ | ବର୍ଷଣମ୍ | ବୃଷ୍ଟି |
| - | ସୁଧା | ଅମୃତମ୍ | ଅମୃତ |
| ଦିବସଃ | - | ଦିନମ୍ | ଦିନ |
| ଦେବଃ | ଦେବତା | ଦୈବତମ୍ | ଦେବ |

ଦ୍ରଷ୍ଟବ୍ୟ - ଏହିପରି ଆହୁରି ଅନେକ ବ୍ୟତିକ୍ରମ ମଧ୍ୟ ଦେଖାଯାଏ ।

ଯଥା -

(କ) ବନ୍ଧୁବାଚକ 'ସଖି' ଶବ୍ଦ ପୁଂଲିଙ୍ଗ ଓ 'ମିତ୍ର' ଶବ୍ଦ ନପୁଂସକଲିଙ୍ଗ । କିନ୍ତୁ ଅମିତ୍ର, ସୁମିତ୍ର ପ୍ରଭୃତି ଶବ୍ଦ ପୁଂଲିଙ୍ଗ ।

(ଖ) ଗୋ, ସିନ୍ଧୁ, ପଦ୍ମ ପ୍ରଭୃତି ଶବ୍ଦ ଏକାଧିକ ଲିଙ୍ଗରେ ବ୍ୟବହୃତ ହୁଏ ।

(ଗ) କେତେକ ଶବ୍ଦ ଗୋଟିଏ ଅର୍ଥରେ ତିନିଲିଙ୍ଗରେ ବ୍ୟବହୃତ ହୁଏ,

ଯଥା - ତଟଃ, ତଟୀ, ତଟମ୍ । ଏଗୁଡିକୁ 'ଅନିୟତଲିଙ୍ଗ' କୁହାଯାଏ ।

(ଘ) ସ୍ତ୍ରୀ ବା ନାରୀ ଶବ୍ଦପରେ ଜନ ବା ଲୋକ ଶବ୍ଦ ରହିଲେ ତାହା ପୁଂଲିଙ୍ଗ ହୁଏ । ଯଥା - ଏତାଃ ସ୍ତ୍ରୀଜନାଃ ଗଚ୍ଛନ୍ତି ।

(ଙ) 'ସ୍'କାରାନ୍ତ ଶବ୍ଦ ଯଥା - ପୟସ୍, ଯଶସ୍, ତେଜସ୍, ମନସ୍ ଓ ଚେତସ୍ ପ୍ରଭୃତି ନପୁଂସକଲିଙ୍ଗ କିନ୍ତୁ ବେଧସ୍ ଶବ୍ଦ ପୁଂଲିଙ୍ଗ ।

(ଚ) 'ମନ୍' ଶେଷରେ ଥିବା ଶବ୍ଦ କର୍ମନ୍, ଚର୍ମନ୍, ବର୍ମନ୍, ବର୍ତ୍ମନ୍ ଓ ଜନ୍ମନ୍ ପ୍ରଭୃତି କ୍ଳୀବଲିଙ୍ଗ ମାତ୍ର 'ବ୍ରହ୍ମନ୍' ଶବ୍ଦ ପୁଂଲିଙ୍ଗ ଓ କ୍ଳୀବଲିଙ୍ଗ ଏବଂ ଆତ୍ମନ୍ ଶବ୍ଦ ପୁଂଲିଙ୍ଗ ।

(ଛ) ଅଜହଲ୍ଲିଙ୍ଗ - ପ୍ରମାଣ, ପଦ, ମୂଳ, ସ୍ଥାନ, ଭାଜନ, ପାତ୍ର, ଆସ୍ପଦ, ପ୍ରଭୃତିର ଲିଙ୍ଗ ପରିବର୍ତ୍ତନ ହୁଏ ନାହିଁ । ଯଥା - ବେଦାଃ ପ୍ରମାଣମ୍, କନ୍ୟା ସ୍ନେହାସ୍ପଦମ୍, ପିତା ଶ୍ରଦ୍ଧାସ୍ପଦମ୍ ଇତ୍ୟାଦି ।

**୬. ବିଭିନ୍ନ ଲିଙ୍ଗବୋଧକ ଏକାଧିକ ବିଶେଷ୍ୟର ବିଶେଷଣ ପାଇଁ ଲିଙ୍ଗ ନିର୍ଣ୍ଣୟ -**

(କ) ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଉଭୟ ବିଶେଷ୍ୟର ଏକ ବିଶେଷଣ ହେଲେ ବିଶେଷଣ ପୁଂଲିଙ୍ଗ ହୁଏ । ଯଥା - ପୁତ୍ରଃ କନ୍ୟା ଚ ସୁନ୍ଦରୌ (ପୁତ୍ର ଏବଂ କନ୍ୟା ଉଭୟ ସୁନ୍ଦର) ।

(ଖ) ପୁଂଲିଙ୍ଗ ଓ କ୍ଳୀବଲିଙ୍ଗ ଉଭୟ ବିଶେଷ୍ୟର ଏକ ବିଶେଷଣ ହେଲେ ବିଶେଷଣ କ୍ଳୀବଲିଙ୍ଗ ହୁଏ । ଯଥା - ପିତା ମିତ୍ରଂ ଚ ପୀଡ଼ିତେ (ପିତା ଏବଂ ମିତ୍ର ଉଭୟ ପୀଡ଼ିତ) ।

(ଗ) ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ ଉଭୟ ବିଶେଷ୍ୟ ର ଏକ ବିଶେଷଣ ହେଲେ ବିଶେଷଣ କ୍ଳୀବଲିଙ୍ଗ ହୁଏ । ଯଥା - ଲତାଃ ପତ୍ରାଣି ଚ କୋମଳାନି (ଲତା ଏବଂ ପତ୍ର ଉଭୟ କୋମଳ) ।

(ଘ) ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, ଓ କ୍ଲୀବଲିଙ୍ଗ ବିଶେଷ୍ୟର ଏକ ବିଶେଷଣ ହେଲେ ବିଶେଷଣ କ୍ଲୀବଲିଙ୍ଗ ହୁଏ । ଯଥା - ରାମଃ ସୀତା ମିତ୍ରଂ ଚ ପୂଜନୀୟାନି (ରାମ, ସୀତା ଏବଂ ମିତ୍ର ପୂଜନୀୟ ଅଟନ୍ତି) ।

୭. ସଂଖ୍ୟାବାଚକ ପଦର ଲିଙ୍ଗ - ଏକ, ଦ୍ୱି, ତ୍ରି, ଚତୁର୍ ବିଶେଷ୍ୟ ଅନୁସାରେ ତିନିଲିଙ୍ଗରେ । ପଞ୍ଚ ଠାରୁ ଅଷ୍ଟାଦଶ - ସବୁଲିଙ୍ଗରେ ସମାନ । ଊନବିଂଶତି ଠାରୁ ନବ ନବତି - ସ୍ତ୍ରୀଲିଙ୍ଗ । ଶତ ଠାରୁ ସହସ୍ର, ଅୟୁତ, ଲକ୍ଷ ନିୟୁତ, ନପୁଂସକଲିଙ୍ଗ । କୋଟି -ସ୍ତ୍ରୀଲିଙ୍ଗ ।

## ବଚନ ପ୍ରକରଣ

ମୃଗଃ ଧାବତି । ମୃଗୌ ଧାବତଃ । ମୃଗାଃ ଧାବନ୍ତି ।

ଉପର୍ଯ୍ୟୁକ୍ତ ପ୍ରତ୍ୟେକ ବାକ୍ୟରେ 'ମୃଗ' ଶବ୍ଦ ଯଥାକ୍ରମେ 'ମୃଗଃ' (ମୃଗ + ସୁ = ମୃଗଃ) ଗୋଟିଏ ମୃଗ, 'ମୃଗୌ' (ମୃଗ + ଔ = ମୃଗୌ) ଦୁଇଟି ମୃଗ ଓ 'ମୃଗାଃ' (ମୃଗ + ଜସ୍ = ମୃଗାଃ) ବହୁତ ସଂଖ୍ୟାକ ମୃଗ ବୁଝାଉଅଛି ।

ଅତଏବ ମୃଗ ଶବ୍ଦ ପରେ ଥିବା ସୁ, ଔ, ଜସ୍ ରୁ ଯଥାକ୍ରମେ ଏକତ୍ୱ, ଦ୍ୱିତ୍ୱ ଓ ବହୁତ୍ୱ ସଂଖ୍ୟା ବୁଝାଯାଉଛି । ସେହିପରି 'ଧାବ୍' ଧାତୁରୁ ହୋଇଥିବା 'ତି', 'ତସ୍' ଏବଂ 'ଅନ୍ତି' ର ପ୍ରୟୋଗରେ ଯେଉଁ ଧାବତି, ଧାବତଃ ଏବଂ ଧାବନ୍ତି ରୂପ ହୁଏ, ସେଥିରୁ ମଧ୍ୟ ଯଥାକ୍ରମେ ଏକତ୍ୱ, ଦ୍ୱିତ୍ୱ ଓ ବହୁତ୍ୱ ସଂଖ୍ୟା ବୁଝାଯାଉଅଛି ।

ତେବେ ସଂଖ୍ୟାବୋଧକ ବିଭକ୍ତି (ସୁପ୍ ଓ ତିଙ୍)କୁ ବଚନ (Number) କହନ୍ତି । ଏହି ବଚନ ତିନି ପ୍ରକାରର । ଯଥା - ଏକବଚନ, ଦ୍ୱିବଚନ ଏବଂ ବହୁବଚନ । କିନ୍ତୁ, ବେଳେ ବେଳେ ପ୍ରୟୋଗ କାଳରେ ଏହାର ବ୍ୟତିକ୍ରମ ଦେଖାଯାଏ ।

୧. ଏକ ବଚନ -।

(କ) ସମ୍ମାନ ପ୍ରଦର୍ଶନ ପାଇଁ ଏକବଚନ ସ୍ଥଳରେ ବହୁବଚନର ପ୍ରୟୋଗ ଦେଖାଯାଏ ।

ଯଥା - ଉତ୍କଳପ୍ରଦେଶସ୍ୟ ମୁଖ୍ୟମନ୍ତ୍ରିଣଃ ଅଦ୍ୟ ଦିଲ୍ଲୀଂ ଗମିଷ୍ୟନ୍ତି । (ଉତ୍କଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀ ଯିବେ) । ଏଠାରେ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରିଣଃ - ବହୁବଚନାନ୍ତ ହୋଇଛି । ମମ ପିତରଃ ଇମାଂ କଥାମ୍ ଅକଥୟନ୍ । (ମୋର ପିତା ଏହି କଥା କହିଥିଲେ) । ଏଠାରେ 'ପିତରଃ' ସମ୍ମାନ-ପ୍ରଦର୍ଶନାର୍ଥେ ବହୁବଚନାନ୍ତ ହୋଇଛି ।

(ଖ) ଜାତିବାଚକ ଅର୍ଥରେ ଏକବଚନର ପ୍ରୟୋଗ ହୋଇଥାଏ । (ଜାତ୍ୟାଖ୍ୟାୟାମେକସ୍ମିନ୍‌ବହୁବଚନମନ୍ୟତରସ୍ୟାମ୍-ପା.୧.୨.୫୮)ଯଥା ଅଶ୍ୱଃ ଏକଃ ପଶୁଃ । ପରନ୍ତୁ ବେଳେ ବେଳେ ବହୁବଚନ ଶବ୍ଦ ମାନଙ୍କର ମଧ୍ୟ ପ୍ରୟୋଗ ହୋଇଥାଏ । ଯେପରି - ଶିଷ୍ୟାଃ ବେଦାଧ୍ୟୟନଂ କୁର୍ଯ୍ୟୁଃ । ଏଠାରେ ଜାତିବାଚକ ଶବ୍ଦ 'ଶିଷ୍ୟ' ଠାରେ ବହୁବଚନ ହୋଇଛି ।

(ଗ) ଯଦ୍ୟପି ଦ୍ୱୟ, ଯୁଗ, ଯୁଗ୍ମ, ଯୁଗଳ, ଦ୍ୱିତୟ ଇତ୍ୟାଦି ଶବ୍ଦ ଦ୍ୱିବଚନର ବୋଧ କରାଇଥାଏ, ତଥାପି ସେଗୁଡିକର ପ୍ରୟୋଗ ଅଧିକାଂଶତଃ ଏକବଚନରେ ହିଁ ହୋଇଥାଏ । ଯେପରି - ନେତ୍ରଦ୍ୱୟମ୍, ଗୋଯୁଗମ୍, ପୁରୁଷଯୁଗଳମ୍, ଚରଣଯୁଗ୍ମମ୍, ଗ୍ରନ୍ଥଦ୍ୱିତୟମ୍ ।

(ଘ) ଯେଉଁ ଶବ୍ଦ ଏକଶେଷରେ ହୋଇଥାଏ, ଦୁଇଟି ପାଇଁ ହୋଇଥିଲେ ବି ଉଭୟ ପୁରୁଷ ବା ସ୍ତ୍ରୀ ର ବୋଧ କରାଇଥାଏ । ଯଥା - ପିତରୌ (ମାତା-ପିତା) ଶ୍ୱଶୁରୌ (ଶ୍ୱଶୁର - ଶ୍ୱଶ୍ରୂ) ।

(ଙ) ଯଦ୍ୟପି ବର୍ଗ,ସଂଘ, ଗଣ, ନିକର, ସମୂହ, ସମାଜ (ମନୁଷ୍ୟସଂଘ) ସମୁଦାୟ (ପଶୁସମୁଦାୟ), ତ୍ରୟ, ଚତୁଷ୍ଟୟ ଇତ୍ୟାଦି ଶବ୍ଦ ବହୁତ୍ୱର ବୋଧକ

ଅଟେ, ସେଗୁଡ଼ିକର ପ୍ରୟୋଗ ଏକବଚନରେହିଁ ହୋଇଥାଏ । ଯଥା - ଛାତ୍ରଗଣଃ, କୃଷକବର୍ଗଃ, ଶିକ୍ଷକସଂଘଃ, ଛାତ୍ରସମାଜଃ, ଖଗସମୂହଃ, ବାଳସମୁଦାୟଃ, ଗୁଣତ୍ରୟମ୍, ସାଧନ-ଚତୁଷ୍ଟୟମ୍ ।

କିନ୍ତୁ ଉପଯୁକ୍ତ ସମୂହବାଚକ ଶବ୍ଦଗୁଡ଼ିକ ଯେତେବେଳେ ଦୁଇ ବା ବହୁସମୂହର ବୋଧକ ହେବେ ସେତେବେଳେ ଯଥାକ୍ରମେ ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ହେବେ । ଯଥା - ବାଳକାନାଂ ବାଳିକାନାଞ୍ଚ ସମୂହୌ (ବାଳକମାନଙ୍କର ଏବଂ ବାଳିକାମାନଙ୍କର ସମୂହ । ସେହିଭଳି- କବୀନାମ୍, ଶିଳ୍ପିନାଂ, ସଙ୍ଗୀତଜ୍ଞାନାଞ୍ଚ ସମୂହାଃ । (କବିମାନଙ୍କର, ଶିଳ୍ପୀମାନଙ୍କର, ସଙ୍ଗୀତଜ୍ଞମାନଙ୍କର ସମୂହ) ।

(ଚ) ଭାବବାଚ୍ୟରେ କ୍ତ ଏବଂ କୃତ୍ୟପ୍ରତ୍ୟୟାନ୍ତ ପଦ କ୍ଲୀବଲିଙ୍ଗ ଓ ଏକବଚନାନ୍ତ । ଯଥା - କ୍ରୀଡ଼ିତମ୍, ହସିତମ୍, ଭବିତବ୍ୟମ୍, ସ୍ଥାନୀୟମ୍ ଓ ହାସ୍ୟମ୍ ପ୍ରଭୃତି ।

(ଛ) ଅବ୍ୟୟୀଭାବ ଓ ସମାହାର ଦ୍ୱନ୍ଦ୍ୱ ସମାସ ନିଷ୍ପନ୍ନପଦ କ୍ଲୀବଲିଙ୍ଗ ଓ ଏକବଚନାନ୍ତ । ଯଥା- ପ୍ରତିକ୍ଷଣମ୍, ଯଥାଶକ୍ତି, କରଚରଣମ୍ ଓ ଶଙ୍ଖଦୁନ୍ଦୁଭି ପ୍ରଭୃତି ।

(ଜ) ସମାହାର ଦ୍ୱିଗୁ ସମାସନିଷ୍ପନ୍ନ ପଦମଧ୍ୟରୁ କେତେକ ସ୍ତ୍ରୀଲିଙ୍ଗ ଓ ଏକବଚନାନ୍ତ ଏବଂ କେତେକ କ୍ଲୀବଲିଙ୍ଗ ଓ ଏକବଚନାନ୍ତ । ଯଥା - ଦଶଗ୍ରାମୀ, ପଞ୍ଚବଟୀ, ଚତୁର୍ଯୁଗମ୍ ଓ ପଞ୍ଚପାତ୍ରମ୍ ଇତ୍ୟାଦି ।

୨. ଦ୍ୱି ବଚନ -

(କ) ଶରୀରର ଅଙ୍ଗ-ହସ୍ତ, ପାଦ, ନେତ୍ର, ଅକ୍ଷି, ଶ୍ରୋତ୍ରବାଚକ ଶବ୍ଦମାନଙ୍କର ପ୍ରୟୋଗ ସର୍ବଦା ଦ୍ୱିବଚନରେ ହୋଇଥାଏ । ଯଥା - ସଃ ହସ୍ତୌ ପାଦୌ ଚ ପ୍ରକ୍ଷାଳୟତି । (ସେ ହାତ-ପାଦ ଧୋଉଅଛି) । ଶ୍ରୋତ୍ରାଭ୍ୟାଂ

ସତ୍ୟମେବ ଶ୍ରୋତବ୍ୟମ୍ । (କାନ ଦୁଇଟିରେ ସତ୍ୟ ହିଁ ଶୁଣ) । ମାନବାଃ ନେତ୍ରେ ଅକ୍ଷିଣୀ ବା ଉନ୍ମୀଲ୍ୟ ଚଳନ୍ତି । (ମନୁଷ୍ୟ ଆଖିକୁ ଖୋଲିକରି ହିଁ ଚାଲିଥାଏ) ।

(ଖ) ଦ୍ୱି ଏବଂ ଉଭ (ଉଭୟ) ଶବ୍ଦର ପ୍ରୟୋଗ ନିଜ ବିଶେଷ୍ୟର ଲିଙ୍ଗ ଏବଂ ବଚନ ଅନୁସାରେ ସର୍ବଦା ଦ୍ୱିବଚନରେ ହୋଇଥାଏ । ଯଥା - ଦ୍ୱୌ ମାନବୌ, ଉଭୌ ରାମକୃଷ୍ଣୌ । ଉଭୟ ଶବ୍ଦର ପୁଂଲିଙ୍ଗ ଓ ନପୁଂସକ ଲିଙ୍ଗରେ ଦ୍ୱିବଚନ ରୂପ ନାହିଁ । ପୁଂଲିଙ୍ଗ-ଉଭୟଃ,ଉଭୟାଃ । ନପୁଂସକଲିଙ୍ଗ - ଉଭୟମ୍,ଉଭୟାନି ।

(ଗ) ଦମ୍ପତୀ (ସ୍ତ୍ରୀ ଏବଂ ପତି) ଶବ୍ଦର ପ୍ରୟୋଗ ସର୍ବଦା ପୁଂଲିଙ୍ଗ ଦ୍ୱିବଚନ ଯେପରି - ଦମ୍ପତୀ ଗଚ୍ଛତଃ (ପତି - ପତ୍ନୀ ଯାଉଛନ୍ତି ।)

୩. ବହୁ ବଚନ -

(କ) କତି (କେତେ), ଯତି (ଯେତେ), ତତି (ସେତେ) ଶବ୍ଦମାନଙ୍କର ପ୍ରୟୋଗ ସର୍ବଦା ବହୁବଚନରେ ହୋଇଥାଏ । ଯେପରି - ଯୁଷ୍ମାକଂ ବିଦ୍ୟାଳୟେ ଯତି ଛାତ୍ରାଃ ତତି ଏବ ମମ ବିଦ୍ୟାଳୟେଽପି ସନ୍ତି । କତି ପୁରୁଷାଃ କ୍ଷେତ୍ରେ ସନ୍ତି ? ବିଶେଷଣ ରୂପେ କିୟତ୍ ଶବ୍ଦର ପ୍ରୟୋଗ ହୁଏ । କିୟନ୍ତଃ ବାଳକାଃ । କିୟତ୍ୟଃ ବାଳିକାଃ । କିୟତ୍ ଫଳମ୍ ।

(ଖ) ଆଦର ପ୍ରକଟ କରିବା ପାଇଁ ବହୁବଚନର ପ୍ରୟୋଗ ହୋଇଥାଏ । ଯେପରି - ଅସ୍ମଦ୍ ଗୁରୁଚରଣା ମହାନ୍ତୋ ବିଦ୍ୱାଂସଃ ସନ୍ତି । ଗୁରବଃ ପୂଜ୍ୟାଃ ।

(ଗ) କେତେକ ଶବ୍ଦର ପ୍ରୟୋଗ ସର୍ବଦା ପୁଂଲିଙ୍ଗ ବହୁବଚନରେ ହିଁ ହୋଇଥାଏ । ଯେପରି - ଦାରାଃ (ସ୍ତ୍ରୀ), ଅକ୍ଷତାଃ (ଚାଉଳ), ଲାଜାଃ (ଖଇ), ପ୍ରାଣାଃ, ଅସବଃ (ପ୍ରାଣ) ।

(ଘ) କେତେକ ଶବ୍ଦର ପ୍ରୟୋଗ ସର୍ବଦା (ସ୍ତ୍ରୀଲିଙ୍ଗ) ବହୁବଚନରେ ହିଁ ହୋଇଥାଏ; ଯଥା - ସିକତାଃ (ବାଲି), ସମାଃ (ବର୍ଷ), ବର୍ଷାଃ, ଦଶାଃ

(ବତୀ), ସୁମନସଃ, ଅପ୍‌ସରସଃ ।

(ଙ) ବକ୍ତା ନିଜ ସମ୍ବନ୍ଧରେ କହିବାବେଳେ ଅହଂ (ଏକବଚନ) ଶବ୍ଦର ପ୍ରୟୋଗ ନକରି ଅନେକ ସମୟରେ ବୟଂ (ବହୁବଚନ)ର ପ୍ରୟୋଗ କରିଥାନ୍ତି । ଯେପରି - ବୟମପି କକ୍ଷାୟାଂ ପ୍ରତିଦିନଂ ଗଚ୍ଛାମଃ । ବୟମିହ ପରିତୁଷ୍ଟା ବଲ୍କଲୈଃ ଦୁକୂଲୈଃ ।

(ଚ) ଦେଶବାଚକ ଶବ୍ଦର ପ୍ରୟୋଗରେ ପ୍ରାୟଃ ବହୁବଚନ ହୋଇଥାଏ, ଯେପରି - ଅହଂ କଳିଙ୍ଗାନ୍ ଅଗଚ୍ଛମ୍, ବଙ୍ଗେଷୁ କାଚିତ୍ ନଦୀ ବିଦ୍ୟତେ, ଉତ୍କଳେଷୁ ନୌବାଣିଜ୍ୟମ୍ ଆସୀତ୍ ।

କିନ୍ତୁ ଦେଶବାଚକ ପଦ ସହିତ ପ୍ରଦେଶ, ଦେଶ, ଜନପଦ ଓ ବିଷୟ ପ୍ରଭୃତି ଶବ୍ଦର ସମାସ ହୋଇଥିଲେ ବହୁବଚନ ହୁଏ ନାହିଁ । ଯଥା - ବଙ୍ଗପ୍ରଦେଶାତ୍ (ବଙ୍ଗପ୍ରଦେଶରୁ), ବିହାରଦେଶେ (ବିହାରଦେଶରେ), ଉତ୍କଳଜନପଦେ (ଉତ୍କଳଜନପଦରେ) ଇତ୍ୟାଦି ହୋଇଥାଏ ।

(ଛ) ଯେତେବେଳେ 'ଏକ' ଜଣକୁ ବା ଗୋଟିକୁ ନ ବୁଝାଇ କିଛି ଲୋକଙ୍କୁ ବୁଝାଏ ସେତେବେଳେ ତାର ପ୍ରୟୋଗ ବହୁବଚନରେ ହୋଇଥାଏ । ଯେପରି - ଏକେ ଏବଂ କଥୟନ୍ତି । ସବୁଠାରେ ଏକ- ଏକବଚନ, ଦ୍ୱି-ଦ୍ୱିବଚନ । ବିଶେଷ୍ୟ ଅନୁସାରେ ଲିଙ୍ଗ ହୁଏ ।

(ଜ) ତ୍ରି ଶବ୍ଦରୁ ନେଇ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ସବୁ ଶବ୍ଦ ବହୁବଚନରେ ହୋଇଥାଏ । ତ୍ରି ଓ ଚତୁର୍ ସଂଖ୍ୟାବାଚୀ ଶବ୍ଦମାନଙ୍କର ଲିଙ୍ଗ ବିଶେଷ୍ୟ ଅନୁସାରେ ହିଁ ହୋଇଥାଏ । ସେହିପରି ଏକୋନବିଂଶତିଃ (୧୯) ଶବ୍ଦରୁ ନବନବତିଃ (୯୯) ଶବ୍ଦ ପର୍ଯ୍ୟନ୍ତ ଏବଂ ଶତ, ସହସ୍ର ଆଦି ଶବ୍ଦ ଯେତେବେଳେ ବିଶେଷଣବାଚୀ ହୋଇଥାଏ ସେତେବେଳେ ସର୍ବଦା ଏକବଚନରେ ହିଁ ପ୍ରଯୁକ୍ତ ହୋଇଥାଏ ।

ପରନ୍ତୁ ଏମାନଙ୍କର ବିଶେଷ୍ୟର ସବୁ ଲିଙ୍ଗ ଓ ବହୁବଚନରେ

ପ୍ରୟୋଗ କରାଯାଇଥାଏ । (ବିଶେଷଣରୂପରେ) ବିଂଶତି ବାଳିକାଃ, ସପ୍ତତିଃ ବାଳକାଃ, ଅଶୀତିଃ ଫଳାନି, ଶତଂ ରୂପ୍ୟକାଣି । (ବିଶେଷ୍ୟ ରୂପରେ)- ବାଳିକାନାମ୍ ଅଶୀତିଃ, ସହସ୍ରାଣି ଫଳାନାମ୍ ।

୪. ଭିନ୍ନଭିନ୍ନ ବଚନରେ ଥିବା ଏକାଧିକ ବିଶେଷ୍ୟର ବିଶେଷଣ ନିର୍ଣ୍ଣୟରେ ବଚନ ସ୍ଥାନ -

(କ) ଦୁଇଟି ଏକବଚନାନ୍ତ ବିଶେଷ୍ୟର ବିଶେଷଣ ଦ୍ୱିବଚନ ହୁଏ । ଯଥା - ଗୋପାଳଃ ଶ୍ୟାମଃ ଚ ଆନନ୍ଦିତୌ (ଗୋପାଳ ଏବଂ ଶ୍ୟାମ ଆନନ୍ଦିତ) । ଏଠାରେ ବିଶେଷଣ ଦ୍ୱିବଚନ ହୋଇଛି ।

(ଖ) ଦୁଇରୁ ଅଧିକ ଏକବଚନାନ୍ତ ବିଶେଷ୍ୟର ବିଶେଷଣ ବହୁବଚନାନ୍ତ ହୁଏ । ଯଥା - ପତ୍ରଂ ପୁଷ୍ପଂ ଫଳଂ ଚ କୋମଳାନି (ପତ୍ର, ପୁଷ୍ପ ଓ ଫଳ କୋମଳ ଅଟେ) । ଏଠାରେ ବିଶେଷଣ ବହୁବଚନାନ୍ତ ହୋଇଛି ।

(ଗ) ଦୁଇଟି ଦ୍ୱିବଚନାନ୍ତ ବିଶେଷ୍ୟର ବିଶେଷଣ ବହୁବଚନାନ୍ତ ହୁଏ । ଯଥା :- ଛାତ୍ରୌ ପୁତ୍ରୌ ଚ କ୍ରୀଡନ୍ତି (ଛାତ୍ରଦୁହେଁ ଓ ପୁତ୍ରଦୁହେଁ ଖେଳୁଛନ୍ତି) । ଏଠାରେ ବିଶେଷଣ ବହୁବଚନାନ୍ତ ହୋଇଛି ।

(ଘ) ଦୁଇରୁ ଅଧିକ ଦ୍ୱିବଚନାନ୍ତ ବିଶେଷ୍ୟର ବିଶେଷଣ ବହୁବଚନାନ୍ତ ହୁଏ । ଯଥା - ମୃଗୌ ଅଶ୍ୱୌ ଗଜୌ ଚ ଆଗତାଃ (ମୃଗ ଦୁଇଟି,ଅଶ୍ୱ ଦୁଇଟି ଓ ଗଜ ଦୁଇଟି ଆସିଛନ୍ତି) । ଏଠାରେ ବିଶେଷଣର ବହୁବଚନ ହୋଇଛି ।

## ଲିଙ୍ଗାନୁଶାସନ ଓ ବଚନ ପ୍ରକରଣ

୧. ବିଶେଷ୍ୟ ଅନୁସାରେ ବିଶେଷଣର ଲିଙ୍ଗ ଓ ବଚନ ନିର୍ଦ୍ଧାରିତ ହୋଇଥାଏ । ଯଥା -

(କ) ସୁଶୀଳଃ ବାଳକଃ । (ଖ)ସୁଶୀଳା ବାଳିକା । (ଗ) ସୁଶୀଳଂ ମିତ୍ରମ୍ ।

(ଘ)କୋମଳୌ ପଦାର୍ଥୌ ।(ଙ)କୋମଳେ ଲତେ ।(ଚ)କୋମଳେ ଫଳେ ।

(ଚ) ଶୁକ୍ଳାଃ ହଂସାଃ । (ଛ) ସୁଶୀଳାଃ ବାଳିକାଃ । (ଜ)ପକ୍ୱାନି ଫଳାନି ।

୨. ବିଶେଷ୍ୟ ଅନୁସାରେ ସର୍ବନାମର ଲିଙ୍ଗ ଓ ବଚନ ନିର୍ଦ୍ଧାରିତ ହୋଇଥାଏ । ଯଥା -

(କ) ଏଷଃ ମାନବଃ । (ଖ) ଏଷା ରମଣୀ । (ଗ) ଏତତ୍ ପୁଷ୍ପମ୍ ।

(ଘ) ତୌ ଅଶ୍ୱୌ । (ଙ) ତେ ନଦ୍ୟୌ । (ଞ) ତେ ଫଳେ ।

(ଚ) ଇମେ ପଣ୍ଡିତାଃ । (ଛ) ଇମାଃ ମାତରଃ । (ଜ) ଇମାନି ଦ୍ରବ୍ୟାଣି ।

ସୂତ୍ର: ସାଧାରଣତଃ ବିଶେଷ୍ୟ ର ଯେଉଁ ଲିଙ୍ଗ ଓ ବଚନ ହୋଇଥାଏ, ବିଶେଷଣଏବଂ ସର୍ବନାମର ସେହି ଲିଙ୍ଗ ଓ ବଚନ ହୁଏ ।

୩. ଅବ୍ୟୟ ଓ କ୍ରିୟାବିଶେଷଣର ଲିଙ୍ଗ ଓ ବଚନ :

ଅବ୍ୟୟ ଓ କ୍ରିୟାର ବିଶେଷଣ କ୍ଳୀବଲିଙ୍ଗ ଏବଂ ଏକବଚନାନ୍ତ ହୁଏ । ଯଥା - ରମଣୀୟଂ ପ୍ରାତଃ (ସୁନ୍ଦର ପ୍ରଭାତ) । ସୁଦୀର୍ଘଂ ଦିବା (ଦୀର୍ଘ ଦିବସ) । ପକ୍ଷୀ ମଧୁରଂ କୂଜତି (ପକ୍ଷୀ ମଧୁର ସ୍ୱରରେ କୂଜନ କରୁଛି) । ସ ଧୀରଂ ବଦତି (ସେ ଧୀରେ କହୁଛି) ।

ଉପର୍ଯ୍ୟୁକ୍ତ ପ୍ରଥମ ଓ ଦ୍ୱିତୀୟ ଉଦାହରଣରେ 'ପ୍ରାତଃ' ଓ 'ଦିବା' ଅବ୍ୟୟ ପଦ ଯାହାର ବିଶେଷଣ ଗୁଡିକ କ୍ଳୀବଲିଙ୍ଗ ଏବଂ ଏକବଚନାନ୍ତ ହୋଇଛି । ପୁନଃ ତୃତୀୟ ଓ ଚତୁର୍ଥ ଉଦାହରଣରେ 'ମଧୁରଂ' ଏବଂ 'ଧୀରଂ' କ୍ରିୟାଗୁଡିକର ଯଥାକ୍ରମେ ବିଶେଷଣ ରୂପେ କ୍ଳୀବଲିଙ୍ଗ ଏବଂ ଏକବଚନାନ୍ତ ହୋଇଛି ।

***

# ୨୧. ବାଚ୍ୟ ପ୍ରକରଣ

ବଚ୍ ଧାତୁରୁ ଣ୍ୟତ୍ ପ୍ରତ୍ୟୟ ଯୋଗରେ ବାଚ୍ୟ ପଦ ନିଷ୍ପନ୍ନ ହୋଇଛି । ଏହା କଥନ ଭଙ୍ଗୀ ବା ପ୍ରକାଶ ରୀତିକୁ ବୁଝାଏ । ସଂସ୍କୃତ ଭାଷାରେ ବାଚ୍ୟ ପ୍ରାୟ ତିନି ପ୍ରକାରର । ଯଥା (କ) କର୍ତ୍ତୃବାଚ୍ୟ (ଖ) କର୍ମବାଚ୍ୟ ଏବଂ (ଗ) ଭାବବାଚ୍ୟ । ପ୍ରାୟ ବୋଲି କହିବାର ତାତ୍ପର୍ଯ୍ୟ ହେଲା କର୍ମକର୍ତ୍ତୃବାଚ୍ୟ ନାମରେ ଆଉ ଏକ ପ୍ରକାରର ବାଚ୍ୟ ମଧ୍ୟ ମିଳେ ।

(କ) କର୍ତ୍ତୃବାଚ୍ୟ -

*ଲକ୍ଷଣଂ କର୍ତ୍ତୃବାଚ୍ୟସ୍ୟ କର୍ତ୍ତରି ପ୍ରଥମା ଭବେତ୍ ।*
*ଦ୍ୱିତୀୟାନ୍ତଂ ଭବେତ୍ କର୍ମ କର୍ତ୍ତ୍ରଧୀନଂ କ୍ରିୟାପଦମ୍ ।।*

କର୍ତ୍ତୃବାଚ୍ୟରେ କର୍ତ୍ତାର ପ୍ରାଧାନ୍ୟ ରହେ । କ୍ରିୟାପଦ କର୍ତ୍ତା ଅନୁଯାୟୀ ନିୟନ୍ତ୍ରିତ ହୁଏ । ଯଥା - ଅହଂ ସାହିତ୍ୟଂ ପଠାମି, ଛାତ୍ରାଃ ବିଦ୍ୟାଳୟଂ ଗଚ୍ଛନ୍ତି । ତ୍ୱଂ କିଂ କରୋଷି ? ଏହି ଉଦାହରଣଗୁଡ଼ିକରେ କର୍ତ୍ତୃପଦ ଅହମ୍, ଛାତ୍ରାଃ ଏବଂ ତ୍ୱମ୍ - ଯଥାକ୍ରମେ ଉତ୍ତମ ପୁରୁଷ ଏକବଚନ, ପ୍ରଥମ ପୁରୁଷ ବହୁବଚନ ଏବଂ ମଧ୍ୟମ ପୁରୁଷ ଏକବଚନରେ ଥିବା ହେତୁ କ୍ରିୟାପଦ ଗୁଡ଼ିକ ତଦନୁଯାୟୀ ପ୍ରଯୁକ୍ତ ହୋଇଛନ୍ତି ।

କର୍ତ୍ତୃବାଚ୍ୟରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି, କର୍ମପଦରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ କ୍ରିୟାପଦ କର୍ତ୍ତୃପଦାନୁଯାୟୀ ହୋଇଥାଏ । ଫଳରେ କ୍ରିୟାପଦ ଆତ୍ମନେପଦୀ ଏବଂ ପରସ୍ମୈପଦୀ ତଥା ଉଭୟପଦୀ ହୋଇପାରେ ।

ଉଦାହରଣ - ହରିଃ ଗ୍ରାମଂ ଗତବାନ୍ । ଆବାଂ ଚନ୍ଦ୍ରଂ ପଶ୍ୟାବଃ । ଯୂୟଂ ଚନ୍ଦ୍ରଂ ପଶ୍ୟଥ । ଗୀତା ସୀତା ଚ ଗ୍ରାମଂ ଗତବତ୍ୟୌ ଇତ୍ୟାଦି । ଏହି ବାଚ୍ୟରେ ସକର୍ମକ ଓ ଅକର୍ମକ ଉଭୟଧାତୁ ବ୍ୟବହୃତ ହୁଏ ।

(ଖ) କର୍ମବାଚ୍ୟ -

*କର୍ମବାଚ୍ୟପ୍ରୟୋଗେ ସ୍ୟାତ୍ ତୃତୀୟା କର୍ତ୍ତୃକାରକେ ।*
*ପ୍ରଥମାନ୍ତଂ ଭବେତ୍ କର୍ମ କର୍ମାଧୀନଂ କ୍ରିୟାପଦମ୍ ।।*

କର୍ମବାଚ୍ୟରେ କର୍ମର ପ୍ରାଧାନ୍ୟ ରହୁଥିବା ହେତୁ କ୍ରିୟା କର୍ମପଦାନୁଯାୟିନୀ ହୁଏ । କ୍ରିୟାଦ୍ୱାରା କର୍ମ ଉକ୍ତ ହେଉଥିବା ହେତୁ କର୍ମଠାରେ ପ୍ରଥମା ବିଭକ୍ତି । କର୍ତ୍ତୃପଦ କ୍ରିୟାଦ୍ୱାରା ଅଭିହିତ ହେଉନଥିବା ହେତୁ ତୃତୀୟା ବିଭକ୍ତିରେ ପ୍ରଯୁକ୍ତ ହୁଏ ଏବଂ କର୍ମବାଚ୍ୟରେ କ୍ରିୟାପଦ ସର୍ବଦା ଆତ୍ମନେପଦୀ ରୂପେ ବ୍ୟବହୃତ ହୁଏ ।

ଉଦାହରଣ - ମୟା ଗୀତା ପଠ୍ୟତେ । ଗୋବିନ୍ଦେନ ରସଗୋଲକଂ ଖାଦ୍ୟତେ । ତ୍ୱୟା ପୁଷ୍ପାଣି ଗଣେଶାୟ ଅର୍ପ୍ୟନ୍ତେ । ମୟା ପିତରୌ ବନ୍ଦ୍ୟେତେ ।

(ଗ) ଭାବବାଚ୍ୟ -

ଭାବବାଚ୍ୟରେ କର୍ତ୍ତୃପଦ ଏବଂ କର୍ମପଦର ପ୍ରାଧାନ୍ୟ ନ ରହି ଭାବ ବା କ୍ରିୟାପଦର ପ୍ରାଧାନ୍ୟ ରହେ । ଅକର୍ମକ ଧାତୁମାନଙ୍କ କ୍ଷେତ୍ରରେ ଭାବବାଚ୍ୟର ପ୍ରୟୋଗ ହୁଏ ।

*ଭାବବାଚ୍ୟେ କର୍ମାଭାବେ ତୃତୀୟା କର୍ତ୍ତୃକାରକେ ।*
*ପ୍ରଥମପୁରୁଷୈକବଚନାନ୍ତଂ କ୍ରିୟାପଦମ୍ ।।*

କର୍ତ୍ତୃପଦଠାରେ ତୃତୀୟା ବିଭକ୍ତି ହୁଏ । କର୍ମପଦ ନଥିବା ହେତୁ କର୍ମର ବିଭକ୍ତି ପ୍ରୟୋଗର ପ୍ରସଙ୍ଗ ନ ଥାଏ । କ୍ରିୟାପଦ ସର୍ବଦା ପ୍ରଥମପୁରୁଷର ଏକବଚନରେ ପ୍ରଯୁକ୍ତ ହୁଏ । କର୍ତ୍ତୃପଦର ଲିଙ୍ଗ ବଚନକୁ କ୍ରିୟାପଦ ଅନୁସରଣ କରେନାହିଁ ଏବଂ ଭାବବାଚ୍ୟରେ ପ୍ରଥମା ବିଭକ୍ତ୍ୟନ୍ତପଦର ପ୍ରୟୋଗ ଦେଖିବାକୁ ମିଳେ ନାହିଁ । ଉଦାହରଣ ସ୍ୱରୂପ -

ତ୍ୱୟା ସୁପ୍ୟତେ, ତେନ ହସିତମ୍, ଶିଶୁନା ରୁଦିତମ୍, ତେନ ଅତ୍ର ସ୍ଥିତମ୍ ।

ଚକ୍ତାନ୍ତେ ଭାବବାଚ୍ୟେ କୃଦନ୍ତଂ ଯଦ୍ କ୍ରିୟାପଦମ୍ ।
କ୍ଲୀବଲିଙ୍ଗ-ପ୍ରଥମୈକବଚନାନ୍ତଂ ତଦ୍ ଭବେତ୍ ॥

(ଭାବବାଚ୍ୟରେ କ୍ତ, ତବ୍ୟ, ଅନୀୟ ଓ ଯତ୍ ପ୍ରଭୃତି କୃତ୍-ପ୍ରତ୍ୟୟ ନିଷ୍ପନ୍ନ କ୍ରିୟାପଦ ସର୍ବଦା କ୍ଲୀବଲିଙ୍ଗର ପ୍ରଥମା ଏକବଚନ ହୋଇ ବ୍ୟବହୃତ ହୋଇଥାଏ) । ଉଦାହରଣ - ମୟା ସ୍ଥିତମ୍ । ଯୁଷ୍ମାଭିଃ ହସିତମ୍ ଇତ୍ୟାଦି ।

ଏହି ବାଚ୍ୟରେ କେବଳ ଅକର୍ମକ ଧାତୁ ବ୍ୟବହୃତ ହୋଇଥାନ୍ତି ।

ଭାବେ କର୍ମଣି ବାଚ୍ୟେ ଚ ସଦା ସାଦାତ୍ମନେପଦମ୍ ।
ଲଡାଦିଷୁ ଚତୁର୍ଷ୍ୱେବ ଯକାରସ୍ୟାଗମୋ ଭବେତ୍ ॥

(କର୍ମବାଚ୍ୟ ଏବଂ ଭାବବାଚ୍ୟରେ କ୍ରିୟା - ସବୁ ଲକାରରେ ଆତ୍ମନେପଦୀ (ସେବ୍ ଧାତୁପରି) ହୁଏ ଏବଂ ଲଟ୍, ବିଧିଲିଙ୍, ଲୋଟ୍ ଓ ଲଙ୍ ଏହି ଚାରିପ୍ରକାରର ଲକାରରେ ଧାତୁ ପରେ 'ଯ'ର ଆଗମ ହୁଏ) ।

ଉଦାହରଣ -

କର୍ମବାଚ୍ୟ - ରାମେଣ ଚନ୍ଦ୍ରଃ ଦୃଶ୍ୟତେ । ଅସ୍ମାଭିଃ ତ୍ୱଂ ଦୃଶ୍ୟସେ ।

ଭାବବାଚ୍ୟ - ମୟା ରୁଦ୍ୟତେ । ହରିଣା ହସ୍ୟତେ ଇତ୍ୟାଦି ।

**ଦ୍ରଷ୍ଟବ୍ୟ - 'ଯ' ପରେ ଥିଲେ ଧାତୁମାନଙ୍କର ପରିବର୍ତ୍ତନ :**

୧. ଦା, ଧା, ସ୍ଥା, ମା, ଗୈ, (ଗା), ହା ଓ ପା (ପାନାର୍ଥ) ଧାତୁର 'ଆ' କାର ସ୍ଥାନରେ 'ଈ' କାର ହୁଏ; ଯଥା -

ଦୀୟତେ, ଧୀୟତେ, ସ୍ଥୀୟତେ, ମୀୟତେ, ଗୀୟତେ, ହୀୟତେ ଏବଂ ପୀୟତେ ।

୨. ଧାତୁର ଅନ୍ତସ୍ଥିତ ହ୍ରସ୍ୱସ୍ୱର ଦୀର୍ଘ ହୁଏ ; ଯଥା -

କ୍ଷି- କ୍ଷୀୟତେ, ଶ୍ରୁ - ଶ୍ରୂୟତେ, ଚି - ଚୀୟତେ, ସ୍ତୁ - ସ୍ତୂୟତେ ଇତ୍ୟାଦି ।

୩. ଧାତୁର ଅନ୍ତସ୍ଥିତ 'ଋ' ସ୍ଥାନରେ 'ରି' ହୁଏ; ଯଥା -

କୃ - କ୍ରିୟତେ, ହୃ - ହ୍ରିୟତେ, ମୃ - ମ୍ରିୟତେ, ସୃ - ସ୍ରିୟତେ ଇତ୍ୟାଦି । କିନ୍ତୁ କେତେକ ଧାତୁରେ ଋ ସ୍ଥାନରେ 'ଅର୍' ହୁଏ; ଯଥା - ସ୍ମୃ - ସ୍ମର୍ଯ୍ୟତେ, ଋ - ଅର୍ଯ୍ୟତେ, ସ୍ତୃ - ସ୍ତର୍ଯ୍ୟତେ ଏବଂ ଜାଗୃ-ଜାଗର୍ଯ୍ୟତେ ଇତ୍ୟାଦି ।

୪. ଧାତୁର ଅନ୍ତସ୍ଥିତ 'ୠ' ସ୍ଥାନରେ 'ଈର୍' ହୁଏ; ଯଥା -

ତୄ - ତୀର୍ଯ୍ୟତେ, କୄ - କୀର୍ଯ୍ୟତେ ଇତ୍ୟାଦି । କିନ୍ତୁ, ପୄ - ପୂର୍ଯ୍ୟତେ ହୋଇଥାଏ ।

୫. ଧାତୁର ଉପଧାସ୍ଥିତ 'ନ'କାରର ଲୋପ ହୁଏ; ଯଥା -

ବନ୍ଧ୍ - ବଧ୍ୟତେ, ମନ୍ଥ୍ - ମଥ୍ୟତେ, ଦନ୍ଶ୍ - ଦଶ୍ୟତେ, ଭନ୍ଜ୍ - ଭଜ୍ୟତେ, ଭ୍ରନ୍ଶ୍ - ଭ୍ରଶ୍ୟତେ ଇତ୍ୟାଦି ।

୬. ବଚ୍, ବଦ୍, ବହ୍, ବପ୍, ଓ ସ୍ୱପ୍ ଧାତୁର 'ଅ' କାର ସହିତ 'ବ' ସ୍ଥାନରେ 'ଉ' ହୁଏ; ଯଥା -

ବଚ୍ ଏବଂ ବ୍ରୂ - ଉଚ୍ୟତେ, ବଦ୍-ଉଦ୍ୟତେ, ବସ୍-ଉଷ୍ୟତେ, ବହ୍ - ଉହ୍ୟତେ, ସ୍ୱପ୍ - ସୁପ୍ୟତେ ଇତ୍ୟାଦି ।

୭. ଣିଜନ୍ତ ଧାତୁର ଅନ୍ତସ୍ଥିତ 'ଇ'କାରର ଲୋପ ହୁଏ; ଯଥା -

ସ୍ଥାପି - ସ୍ଥାପ୍ୟତେ, କାରି - କାର୍ଯ୍ୟତେ ଇତ୍ୟାଦି ।

୮. ଏହା ବ୍ୟତୀତ ଶୀ-ଶଯ୍ୟତେ, ଗ୍ରହ୍ - ଗୃହ୍ୟତେ, ପ୍ରଚ୍ଛ୍ - ପୃଚ୍ଛ୍ୟତେ, ବ୍ୟଧ୍ - ବିଧ୍ୟତେ, ଯଜ୍ - ଇଜ୍ୟତେ, ହ୍ୱେ - ହୂୟତେ, ଶାସ୍ - ଶିଷ୍ୟତେ, ଜନ୍ - ଜାୟତେ ଏବଂ ଜନ୍ୟତେ ତଥା ଖନ୍ - ଖାୟତେ ଏବଂ ଖନ୍ୟତେ ଇତ୍ୟାଦି ହୋଇଥାଏ ।

୯. କେତୋଟି ଧାତୁ ବ୍ୟତୀତ ଲଟ୍, ଲଙ୍, ବିଧିଲିଙ୍, ଲୁଟ୍ ଏବଂ ଲୁଙ୍ ଭିନ୍ନ ଅନ୍ୟ ଲକାର ମାନଙ୍କରେ ପ୍ରାୟ ସାଧାରଣ ଆତ୍ମନେପଦୀ ଧାତୁରୂପ ପରି ରୂପ ହୁଏ ।

୧୦. ଲୁଟ୍, ଲୃଟ୍, ଲୃଙ୍ ଓ ଆଶୀର୍ଲିଙ୍ ଏହି ଚାରିଗୋଟି ଲକାରରେ ସ୍ୱରାନ୍ତ, ହନ୍, ଗ୍ରହ୍ ଓ ଦୃଶ୍ ଧାତୁର ପରେ ବିକଳ୍ପରେ 'ଇ' ହୁଏ । ଏହି 'ଇ' ପରେ ଧାତୁର ଅନ୍ତ୍ୟସ୍ୱର ଓ ଉପଧା 'ଅ'କାରର ବୃଦ୍ଧିହୁଏ । ଯଥା -

ଶ୍ରୁ - (ଲିଟ୍) ଶୁଶ୍ରୁବେ, (ଲୁଟ୍) - ଶ୍ରୋତା ଏବଂ ଶ୍ରାବିତା, (ଲୃଟ୍) ଶ୍ରୋଷ୍ୟତେ ଏବଂ ଶ୍ରାବିଷ୍ୟତେ, (ଲୃଙ୍) - ଅଶ୍ରୋଷ୍ୟତ ଏବଂ ଅଶ୍ରାବିଷ୍ୟତ, (ଆଶୀର୍ଲିଙ୍) ଶ୍ରୋଷୀଷ୍ଟ ଏବଂ ଶ୍ରାବିଷୀଷ୍ଟ ।

୧୧. 'ଇଟ୍' ଆଗମ ହୋଇଥିଲେ ହନ୍ ଧାତୁର 'ହ' ସ୍ଥାନରେ ବିକଳ୍ପରେ 'ଘ' ହୁଏ । ଯଥା - ହନ୍ତା-ଘାନିତା, ହନିଷ୍ୟତେ - ଘାନିଷ୍ୟତେ, ଅହନିଷ୍ୟତ - ଅଘାନିଷ୍ୟତ, ବଧିଷୀଷ୍ଟ - ଘାନିଷୀଷ୍ଟ । ଜଘ୍ନେ - ଇଟ୍ ଆଗମ ହୋଇ ନ ଥିବାରୁ କେବଳ 'ଘ' ହେଲା ।

ଗ୍ରହ୍ - ଜଗୃହେ; ଗ୍ରହୀତା - ଗ୍ରାହିତା, ଗ୍ରହୀଷ୍ୟତେ - ଗ୍ରାହିଷ୍ୟତେ, ଅଗ୍ରହୀଷ୍ୟତ - ଅଗ୍ରାହିଷ୍ୟତ, ଗ୍ରହୀଷୀଷ୍ଟ - ଗ୍ରାହିଷୀଷ୍ଟ ।

୧୨. 'ଇ' ପରେ ଉପଧା ଲଘୁସ୍ୱରର ଗୁଣ ହୁଏ । ଯଥା - ଦୃଶ୍ - ଦଦୃଶେ, ଦ୍ରଷ୍ଟା - ଦର୍ଶିତା, ଦ୍ରକ୍ଷ୍ୟତେ - ଦର୍ଶିଷ୍ୟତେ, ଅଦ୍ରକ୍ଷ୍ୟତ - ଅଦର୍ଶିଷ୍ୟତ, ଦୃକ୍ଷୀଷ୍ଟ - ଦର୍ଶିଷୀଷ୍ଟ ।

୧୩. 'ଇ' ପରେ 'ଆ'କାରାନ୍ତ ଧାତୁର ପରେ 'ଯ' ହୁଏ । ଯଥା - ଦା (ଲିଟ୍) - ଦଦେ, (ଲୁଟ୍) - ଦାତା - ଦାୟିତା, ଲୃଟ୍ - ଦାସ୍ୟତେ - ଦାୟିଷ୍ୟତେ, ଲୃଙ୍ - ଅଦାସ୍ୟତ - ଅଦାୟିଷ୍ୟତ, (ଆଶୀର୍ଲିଙ୍) - ଦାସୀଷ୍ଟ - ଦାୟିଷୀଷ୍ଟ ।

୧୪. କର୍ମବାଚ୍ୟ ଓ ଭାବବାଚ୍ୟରେ ଲୁଙ୍‌ର 'ତ' ସ୍ଥାନରେ 'ଇ' ହୁଏ । ଏହି 'ଇ' ପରେ ଅନ୍ତସ୍ୱର ଓ ଉପଧା ଅକାରର ବୃଦ୍ଧି ହୁଏ ଏବଂ ଉପଧା

ଲଘୁସ୍ୱରର ଗୁଣ ହୁଏ । ଯଥା - ଭୂ - ଅଭାବି, ବଦ୍ - ଅବାଦି, ଶୁଚ୍ (ଶୋକ କରିବା) - ଅଶୋଚି ଇତ୍ୟାଦି ।

୧୫. ସ୍ୱରାନ୍ତ, ହନ୍, ଗ୍ରହ୍, ଓ ଦୃଶ୍ ଧାତୁର ଲୁଙ୍ର 'ତ' ଭିନ୍ନ ବିଭକ୍ତିରେ ଲୁଟ୍ ପ୍ରକୃତି ପରି କାର୍ଯ୍ୟ ହୁଏ । ଯଥା - ଶ୍ରୁ - ଅଶ୍ରାବି, ଅଶ୍ରାବିଷାତାମ୍, ଅଶ୍ରୋଷାତାମ୍, ଅଶ୍ରାବିଷତ, ଅଶ୍ରୋଷତ ଇତ୍ୟାଦି ।

*ଲଜ୍ଜାସତ୍ତାସ୍ଥିତିଜାଗରଣଂ ବୃଦ୍ଧିକ୍ଷୟଭୟଜୀବିତ ମରଣମ୍ ।*
*କୌଟିଲ୍ୟୌତ୍ସୁକ୍ୟଭ୍ରମଯତ୍ନଗ୍ଲାନିଜରାସାମର୍ଥ୍ୟକ୍ଷରଣମ୍ ।।*
*ଶାନ୍ତି ଧ୍ୱନି ମଜ୍ଜନବୈକ୍ଲବ୍ୟଂ ଭ୍ରମଣଗମନରୋଦନହସନମ୍ ।*
*ଶୟନକ୍ରୀଡ଼ାରୁଚିଦୀପ୍ତ୍ୟର୍ଥଂ ଧାତୁଗଣଂ ତମକର୍ମକମାହୁଃ ।।*
(ଏହିସବୁ ଧାତୁ ଅକର୍ମକ) ।

ସାଧାରଣତଃ ଲଜ୍ଜା, ସତ୍ତା, ସ୍ଥିତି, ଜାଗରଣ, ବୃଦ୍ଧି, କ୍ଷୟ, ଭୟ, ଜୀବିତ, ମରଣ, କୌଟିଲ୍ୟ, ଔତ୍ସୁକ୍ୟ, ଭ୍ରମ, ଯତ୍ନ, ଗ୍ଲାନି, ଜରା, ସାମର୍ଥ୍ୟ, କ୍ଷରଣ, ଶାନ୍ତି, ଧ୍ୱନି, ମଜ୍ଜନ, ବୈକ୍ଲବ୍ୟ, ଭ୍ରମଣ, ଗମନ, ରୋଦନ, ହସନ, ଶୟନ, କ୍ରୀଡ଼ା, ରୁଚି, ଦୀପ୍ତ୍ୟର୍ଥକ ଅକର୍ମକ ଧାତୁମାନଙ୍କ କ୍ଷେତ୍ରରେ ଭାବବାଚ୍ୟର ପ୍ରୟୋଗ ହୋଇଥାଏ ।

(ଘ) କର୍ମକର୍ତ୍ତୃବାଚ୍ୟ -

ଏହି ତିନିପ୍ରକାରର ବାଚ୍ୟ ବ୍ୟତୀତ ଅନ୍ୟ ଏକପ୍ରକାରର ବାଚ୍ୟ କର୍ମକର୍ତ୍ତୃବାଚ୍ୟର ପ୍ରୟୋଗ ମଧ୍ୟ ପରିଦୃଷ୍ଟ ହୁଏ । କାର୍ଯ୍ୟ ହେଉଥିବା ସମୟରେ ଯଦି କର୍ମ କର୍ତ୍ତା ରୂପରେ ବ୍ୟବହୃତ ହୁଏ ତାହାକୁ କର୍ମକର୍ତ୍ତୃବାଚ୍ୟ କୁହାଯାଏ ।

*କ୍ରିୟମାଣନ୍ତୁ ଯତ୍ କର୍ମ ସ୍ୱୟମେବ ପ୍ରସିଧ୍ୟତି ।*
*ସୁକରୈଃ ସ୍ୱୈର୍ଗୁଣୈଃ କର୍ତ୍ତୁଃ କର୍ମକର୍ତ୍ତେତି ତଦ୍‌ବିଦୁଃ ।।*

ଯେଉଁଠାରେ କର୍ମ, କର୍ତ୍ତାର ଯତ୍ନ ବ୍ୟତିରେକ ନିଜେ ସିଦ୍ଧ ହୁଏ,

ସେହିଠାରେ କର୍ମକର୍ତ୍ତୃବାଚ୍ୟ ବ୍ୟବହୃତ ହୁଏ । ଏହି ବାଚ୍ୟରେ କର୍ତ୍ତୃବାଚ୍ୟର କର୍ତ୍ତା (ପ୍ରଥମା) ଓ କର୍ମବାଚ୍ୟରେ କ୍ରିୟା (କ୍ରିୟା, କର୍ମବାଚ୍ୟର କ୍ରିୟା - ଆକାରରେ ଥାଇ) କର୍ତ୍ତାର ଅନୁସାରିଣୀ ହୁଏ ଯଥା -

ବୃକ୍ଷଃ ଛିଦ୍ୟତେ । କର୍ତ୍ତୃବାଚ୍ୟରେ - ହରିଃ ବୃକ୍ଷଂ ଛିନତ୍ତି ।

କର୍ମକର୍ତ୍ତୃବାଚ୍ୟରେ 'ବୃକ୍ଷଂ' (କର୍ମ) 'ବୃକ୍ଷଃ' ହୋଇ ଛିଦ୍ୟତେ କ୍ରିୟାର କର୍ତ୍ତା ହେଲା ।

ଏଠାରେ ଛେଦନ କ୍ରିୟାର ଜଣେ ଛେଦକରୂପୀ କର୍ତ୍ତା ଥିଲେ ମଧ୍ୟ ତାହା ଅବିବକ୍ଷିତ ହୋଇ ରହିଗଲା, ତେଣୁ ଜଣାଗଲା ସତେ ଯେପରି ବୃକ୍ଷ ନିଜେ ଛିନ୍ନ ହେଉଅଛି । ତେଣୁ ଏଠାରେ କର୍ମ କର୍ତ୍ତା ଭଳି ପ୍ରତୀତ ହେଲା । ସେହିପରି ଅନ୍ନଂ ପଚ୍ୟତେ । କାଷ୍ଠଂ ଭିଦ୍ୟତେ । ଦୈବମ୍ ଅତ୍ର ଅତିରିଚ୍ୟତେ ଇତ୍ୟାଦି ।

ସାଧାରଣତଃ ସୌକର୍ଯ୍ୟାତିଶୟ ବୁଝାଇବା ପାଇଁ ଏପରି ପ୍ରୟୋଗ ହୁଏ । ଯଥା - କାଷ୍ଠଂ ଭିଦ୍ୟତେ ସ୍ୱୟମେବ- କାଠ ଛାଆଁକୁ ଛାଆଁ ଚିରାହୋଇ ଯାଉଛି, ଅର୍ଥାତ୍ ଅନାୟାସରେ କାଠଚିରା କାମ ହେଉଛି । କର୍ମକର୍ତ୍ତୃବାଚ୍ୟରେ କ୍ରିୟାପଦ ଭାବବାଚ୍ୟରେ ପ୍ରୟୋଗ ହୁଏ । କର୍ତ୍ତୃବାଚ୍ୟରେ ମଧ୍ୟ ସୌକର୍ଯ୍ୟାତିଶୟ ଅର୍ଥରେ ଏପରି ପ୍ରୟୋଗ ଦେଖାଯାଏ । ଯଥା - ସ୍ଥାଲୀ ପଚତି- ହାଣ୍ଡି ରାନ୍ଧୁଛି ।

## ବାଚ୍ୟାନ୍ତର

କର୍ତ୍ତୃକର୍ମକ୍ରିୟାଶ୍ଚୈବ କର୍ତ୍ତୃକର୍ମବିଶେଷଣମ୍ /
ବାଚ୍ୟାନ୍ତରଂ କର୍ତ୍ତୁମିଚ୍ଛୁରେତାନି ପରିବର୍ତ୍ତୟେତ୍ //

ବାଚ୍ୟାନ୍ତର ସମୟରେ କର୍ତ୍ତା, କର୍ମ, କ୍ରିୟା ଏବଂ କର୍ତ୍ତା ଓ କର୍ମର ବିଶେଷଣ - ଏହି ପାଞ୍ଚଟିର ପରିବର୍ତ୍ତନ ହୁଏ । ବାକ୍ୟସ୍ଥ କ୍ରିୟା ସକର୍ମକ ହୋଇଥିଲେ କର୍ତ୍ତୃବାଚ୍ୟକୁ କର୍ମବାଚ୍ୟରେ ଏବଂ ବାକ୍ୟସ୍ଥ କ୍ରିୟା ଅକର୍ମକ ହୋଇଥିଲେ ତାହା ଭାବବାଚ୍ୟରେ ପରିବର୍ତ୍ତନ କରାଯାଇପାରେ । କର୍ମବାଚ୍ୟ

ଓ ଭାବବାଚ୍ୟର ସମସ୍ତ ବାକ୍ୟ କର୍ତ୍ତୃବାଚ୍ୟରେ ପରିବର୍ତ୍ତିତ ହୋଇପାରନ୍ତି ।
ଯଥା : - ରାମଃ ଗ୍ରାମଂ ଗଚ୍ଛତି (ସକର୍ମକ କ୍ରିୟା) - କର୍ମବାଚ୍ୟ ।

ରାମେଣ ଗ୍ରାମଃ ଗମ୍ୟତେ (କର୍ମାନୁସାରିଣୀ କ୍ରିୟା) - କର୍ତ୍ତୃବାଚ୍ୟ ।

ହରିଃ ତିଷ୍ଠତି (ଅକର୍ମକ କ୍ରିୟା) - କର୍ତ୍ତୃବାଚ୍ୟ ।

ହରିଣା ସ୍ଥୀୟତେ (କର୍ମ ନାହିଁ ଏବଂ କର୍ତ୍ତା ଅନୁକ୍ତ) - ଭାବବାଚ୍ୟ ।

## ବାଚ୍ୟ ପରିବର୍ତ୍ତନ ପ୍ରକ୍ରିୟା

୧. କର୍ତ୍ତୃବାଚ୍ୟକୁ କର୍ମ ଓ ଭାବବାଚ୍ୟରେ ପରିବର୍ତ୍ତନ କରିବାପାଇଁ ନିମ୍ନୋକ୍ତ ପଦଗୁଡ଼ିକରେ ପରିବର୍ତ୍ତନ କରାଯାଇଥାଏ ଯଥା -

(କ) କ୍ତବତୁ-ପ୍ରତ୍ୟୟାନ୍ତ ବାକ୍ୟକୁ କ୍ତ-ପ୍ରତ୍ୟୟାନ୍ତ ପଦଦ୍ୱାରା -

ରାମଃ ରାବଣଂ ହତବାନ୍ (କର୍ତ୍ତୃବାଚ୍ୟ) = ରାମେଣ ରାବଣଃ ହତଃ (କର୍ମବାଚ୍ୟ) ।

(ଖ) କର୍ମ ଓ ଭାବବାଚ୍ୟ ବିହିତ କ୍ତ-ପ୍ରତ୍ୟୟାନ୍ତ ବାକ୍ୟକୁ କ୍ତବତୁ - ପ୍ରତ୍ୟୟାନ୍ତ ପଦଦ୍ୱାରା -

ମଧୁନା ଗ୍ରାମଃ ଗତଃ (କର୍ମବାଚ୍ୟ) = ମଧୁଃ ଗ୍ରାମଂ ଗତଃ / ଗତବାନ୍ (କର୍ତ୍ତୃବାଚ୍ୟ) ।

ଯଦୁନା ତତ୍ର ସ୍ଥିତମ୍ (ଭାବବାଚ୍ୟ) = ଯଦୁଃ ତତ୍ର ସ୍ଥିତଃ / ସ୍ଥିତବାନ୍ (କର୍ତ୍ତୃବାଚ୍ୟ) ।

(ଗ) କର୍ମ ଓ ଭାବବାଚ୍ୟରେ କ୍ତ-ପ୍ରତ୍ୟୟାନ୍ତ ବିହିତ ବାକ୍ୟକୁ କର୍ତ୍ତୃବାଚ୍ୟରେ ପରିବର୍ତ୍ତନ କରାଯାଇପାରେ -

ତେନ ଚନ୍ଦ୍ରଃ ଦୃଷ୍ଟଃ (କର୍ମବାଚ୍ୟ) = ସ ଚନ୍ଦ୍ରଂ ଦୃଷ୍ଟବାନ୍ (କର୍ତ୍ତୃବାଚ୍ୟ) ।

ବାଳକେନ ହସିତମ୍ (ଭାବବାଚ୍ୟ) = ବାଳକଃ ହସିତବାନ୍ (କର୍ତ୍ତୃବାଚ୍ୟ) ।

୨. ତବ୍ୟ, ଅନୀୟ ଓ ଯତ୍ ପ୍ରତ୍ୟୟାନ୍ତ ବାକ୍ୟକୁ ଅର୍ଥ ଅନୁସାରେ ବିଧିଲିଙ୍ ଓ ଲୃଟ୍ ଲକାରର କ୍ରିୟା ସାହାଯ୍ୟରେ କର୍ତ୍ତୃବାଚ୍ୟରେ ପରିବର୍ତ୍ତନ କରାଯାଏ । ଯଥା -

ତବ୍ୟ - ରାଜ୍ଞା ପ୍ରଜାଃ ପାଳୟିତବ୍ୟାଃ (କର୍ମବାଚ୍ୟ) = ରାଜା ପ୍ରଜାଃ ପାଳୟେତ୍ ପାଳୟିଷ୍ୟତି ବା (କର୍ତ୍ତୃବାଚ୍ୟ) ।

ଅନୀୟ - ବାଳକେନ ଗ୍ରାମଃ ଗମନୀୟଃ (କର୍ମବାଚ୍ୟ) = ବାଳକଃ ଗ୍ରାମଂ ଗଚ୍ଛେତ୍ ଗମିଷ୍ୟତି ବା (କର୍ତ୍ତୃବାଚ୍ୟ) ।

ଯତ୍ - ଶ୍ରୋତ୍ରିୟେଣ ବ୍ରାହ୍ମଣେନ ବେଦଃ ପାଠ୍ୟଃ (କର୍ମବାଚ୍ୟ)

= ଶ୍ରୋତ୍ରିୟଃ ବ୍ରାହ୍ମଣଃ ବେଦଂ ପଠେତ୍ ପଠିଷ୍ୟତି ବା (କର୍ତ୍ତୃବାଚ୍ୟ) ।

୩. ଦ୍ୱିକର୍ମକ ଧାତୁର ବାଚ୍ୟ ପରିବର୍ତ୍ତନ ପାଇଁ କେତୋଟି କଥା ପ୍ରତି ସାବଧାନ ହେବାକୁ ହେବ । ଯଥା -

(କ) ଦ୍ୱିକର୍ମକ ଧାତୁମାନେ କିଏ ?

*ଦୁହ୍-ଯାଚ୍-ପଚ୍-ଦଣ୍ଡ୍-ରୁଧ୍-ପ୍ରଚ୍ଛ୍-ଚି-ବ୍ରୂ-ଶାସ୍-ଜି-ମଥ୍-ମୁଷାମ୍ /*
*କର୍ମଯୁକ୍ ସ୍ୟାଦକଥିତଂ ତଥା ସ୍ୟାନ୍ନୀ-ହୃ-କୃଷ୍-ବହାମ୍ //*

(ଖ) ଦ୍ୱିକର୍ମକ ଧାତୁର ଦୁଇଟି କର୍ମ ମଧ୍ୟରୁ ମୁଖ୍ୟ କିଏ ଏବଂ ଗୌଣ କିଏ ? ଉଭୟ କର୍ମ ମଧ୍ୟରୁ ଯାହାଠାରେ ଅନ୍ୟକୌଣସି କାରକର ସମ୍ଭାବନା ଥିଲେ ମଧ୍ୟ ବକ୍ତା କର୍ମ କାରକ ପ୍ରୟୋଗ କରିଥାଏ ତାହା ଗୌଣକର୍ମ ବା ଅପ୍ରଧାନ କର୍ମ ଅଟେ ।

ଯଥା - ବୃକ୍ଷଂ ପୁଷ୍ପଂ ଚିନୋତି । ଏଠାରେ ବୃକ୍ଷାତ୍ ପୁଷ୍ପଂ ଚିନୋତି ମଧ୍ୟ କୁହାଯାଇପାରିଥା'ନ୍ତା । ଅତଏବ, ବୃକ୍ଷ ହିଁ ଗୌଣ ବା ଅପ୍ରଧାନ କର୍ମ ଏବଂ ପୁଷ୍ପ ମୁଖ୍ୟକର୍ମ ଅଟେ । ସେହିପରି, ଗାଂ ଦୁଗ୍ଧଂ ଦୋଗ୍ଧି ଏଠାରେ ଗାଂ ଗୌଣ ଏବଂ ଦୁଗ୍ଧଂ ମୁଖ୍ୟକର୍ମ ଅଟେ । ସଃ ମାମ୍ ଅର୍ଥଂ ଯାଚତେ; ଏଠାରେ ମାମ୍ ଗୌଣଏବଂ ଅର୍ଥମ୍ ମୁଖ୍ୟକର୍ମ ଅଟେ ।

ଏହି ଦ୍ୱିକର୍ମକ ଧାତୁ ବିଶିଷ୍ଟ ବାକ୍ୟର ବାଚ୍ୟ ପରିବର୍ତ୍ତନ ବେଳେ ନିମ୍ନୋକ୍ତ ଶ୍ଳୋକଟି ମନେରଖିବାକୁ ହେବ -

*ଗୌଣେ କର୍ମଣି ଦୁହ୍ୟାଦେଃ ପ୍ରଧାନେ ନୀହୃକୃଷ୍ବହାମ୍ /*
*ବିଭକ୍ତି ପ୍ରଥମା ଜ୍ଞେୟା ଦ୍ୱିତୀୟା ସ୍ୟାଦନ୍ୟତଃ //*

ଅର୍ଥାତ୍, କେବଳ ନୀ, ହୃ, କୃଷ୍ ଓ ବହ୍ - ଏହି ଚାରୋଟି ଧାତୁର କର୍ମବାଚ୍ୟରେ ପ୍ରଧାନ କର୍ମରେ ପ୍ରଥମା ବିଭକ୍ତି ହୁଏ । ଏତଦ୍‌ବ୍ୟତୀତ ଅନ୍ୟ ସମସ୍ତ ଦୁହାଦି ଦ୍ୱିକର୍ମକ ଧାତୁମାନଙ୍କର ଗୌଣ ବା ଅପ୍ରଧାନ କର୍ମରେ ପ୍ରଥମା ବିଭକ୍ତି ହୋଇ କ୍ରିୟା ତଦନୁସାରିଣୀ ହୁଏ । ଯଥା - :

ଶିକ୍ଷକଃ ଛାତ୍ରଂ ପ୍ରଶ୍ନଂ ପୃଚ୍ଛତି = ଶିକ୍ଷକେଣ ଛାତ୍ରଃ ପ୍ରଶ୍ନଂ ପୃଚ୍ଛ୍ୟତେ ।

ସଃ ଗାଂ ଦୁଗ୍ଧଂ ଦୋଗ୍ଧି = ତେନ ଗୌଃ ଦୁଗ୍ଧଂ ଦୁହ୍ୟତେ ।

ରାଜା ଶତ୍ରୁଂ ଶତଂ ଜୟତି - ରାଜ୍ଞା ଶତ୍ରୁଃ ଶତଂ ଜୀୟତେ ।

ବିପ୍ରଃ ଛାଗଂ ଗ୍ରାମଂ ନୟତି = ବିପ୍ରେଣ ଛାଗଃ ଗ୍ରାମଂ ନୀୟତେ ।

୪. ଣିଜନ୍ତ ଦ୍ୱିକର୍ମକ ଧାତୁ ମଧ୍ୟରୁ ଜ୍ଞାନାର୍ଥ, ଭୋଜନାର୍ଥ ଓ ଶବ୍ଦକର୍ମକ ଧାତୁମାନଙ୍କର ଯେକୌଣସି କର୍ମଠାରେ ପ୍ରଥମା ହୁଏ ଏବଂ ଅନ୍ୟ ଧାତୁମାନଙ୍କର କେବଳ ପ୍ରଯୋଜ୍ୟ କର୍ମଠାରେ ପ୍ରଥମା ହୁଏ ।

*ବୁଦ୍ଧି-ଭକ୍ଷାର୍ଥୟୋଃ ଶବ୍ଦକର୍ମକାଣାଂ ନିଜେଚ୍ଛୟା ।*
*ପ୍ରଯୋଜ୍ୟ-କର୍ମଣ୍ୟନ୍ୟେଷାଂ ଣ୍ୟନ୍ତାନାଂ ଲାଦୟୋ ମତାଃ ।।*

ଯଥା - ଗୁରୁଃ ଛାତ୍ରଂ ବେଦଂ ପାଠୟତି (କର୍ତ୍ତୃବାଚ୍ୟ) = ଗୁରୁଣା ଛାତ୍ରଃ ବେଦଂ ପାଠ୍ୟତେ (କର୍ମବାଚ୍ୟ) । ଅଥବା, ଗୁରୁଣା ଛାତ୍ରଂ ବେଦଃ ପାଠ୍ୟତେ ।

କିନ୍ତୁ ପିତା ପୁତ୍ରଂ ଗ୍ରାମଂ ଗମୟତି (କର୍ତ୍ତୃବାଚ୍ୟ) = ପିତ୍ରା ପୁତ୍ରଃ ଗ୍ରାମଂ ଗମ୍ୟତେ (କର୍ମବାଚ୍ୟ) ।

୫. କର୍ମକର୍ତ୍ତୃବାଚ୍ୟର ବାକ୍ୟ ଭାବବାଚ୍ୟର ବାକ୍ୟପରି ପରିବର୍ତ୍ତିତ ହୁଏ । ଯଥା - ବୃକ୍ଷଃ ଛିଦ୍ୟତେ = ବୃକ୍ଷେଣ ଛିଦ୍ୟତେ । ବୃକ୍ଷାଃ ଛିଦ୍ୟତେ = ବୃକ୍ଷୈଃ ଛିଦ୍ୟତେ ଇତ୍ୟାଦି ।

**ବାଚ୍ୟାନ୍ତରର କେତେଗୋଟି ଉଦାହରଣ : -**

| କର୍ତ୍ତୃବାଚ୍ୟ | କର୍ମବାଚ୍ୟ | ଭାବବାଚ୍ୟ |
| --- | --- | --- |
| ପୁରୋହିତଃ ରାମଃ ଗ୍ରାମଂ ଗଚ୍ଛତି | ପୁରୋହିତେନ ରାମେଣ ଗ୍ରାମଃ ଗମ୍ୟତେ | ---- |
| ଶିଶୁଃ ବାଦ୍ୟଂ ଶ୍ରୁତ୍ୱା ନୃତ୍ୟତି | ---- | ଶିଶୁନା ବାଦ୍ୟଂ ଶ୍ରୁତ୍ୱା ନୃତ୍ୟତେ |
| ତ୍ୱଂ ପୂର୍ଣ୍ଣଂ ଚନ୍ଦ୍ରଂ ପଶ୍ୟ | ତ୍ୱୟା ପୂର୍ଣ୍ଣଃ ଚନ୍ଦ୍ରଃ ଦୃଶ୍ୟତାମ୍ | ---- |
| ଅହଂ ଗୃହେ ସୁଖେନ ତିଷ୍ଠାମି | ---- | ମୟା ଗୃହେ ସୁଖେନ ସ୍ଥୀୟତେ |
| କମପ୍ୟୁପାୟଂ କୁରୁ | କୋଽପ୍ୟୁପାୟଃ କ୍ରିୟତାମ୍ | ---- |
| ପ୍ରଭୁଃ ଭୃତ୍ୟଂ ଗ୍ରାମଂ ପ୍ରେଷୟତି | ପ୍ରଭୁଣା ଭୃତ୍ୟଃ ଗ୍ରାମଂ ପ୍ରେଷ୍ୟତେ | ---- |
| ଦରିଦ୍ରଃ ଧନିକଂ ଧନଂ ଯାଚତେ | ଦରିଦ୍ରେଣ ଧନିକଃ ଧନଂ ଯାଚ୍ୟତେ | ---- |
| ଭୃତ୍ୟଃ ଭାରଂ ଗୃହଂ ନୟତି | ଭୃତ୍ୟେନ ଭାରୋ ଗୃହଂ ନୀୟତେ | ---- |
| ସର୍ବେ ବିଦ୍ୱାଂସଂ ପୂଜୟନ୍ତି | ବିଦ୍ୱାନ୍ ସର୍ବୈଃ ପୂଜ୍ୟତେ | ---- |

| କର୍ତ୍ତୃବାଚ୍ୟ | | କର୍ମବାଚ୍ୟ |
| --- | --- | --- |
| ରାମଃ ବିଦ୍ୟାଳୟଂ ଗଚ୍ଛତି | - | ରାମେଣ ବିଦ୍ୟାଳୟଃ ଗମ୍ୟତେ । |
| ତ୍ୱମତ୍ର ବିଶ୍ରାମଂ କୁରୁ | - | ତ୍ୱୟା ଅତ୍ର ବିଶ୍ରାମଃ କ୍ରିୟତାମ୍ । |
| ସଃ ଶ୍ୱଃ ବିଦ୍ୟାଳୟଂ ନ ଗମିଷ୍ୟତି | - | ତେନ ଶ୍ୱଃ ବିଦ୍ୟାଳୟୋ ନ ଗଂସ୍ୟତେ । |
| ଭବାନ୍ ଗଚ୍ଛେତ୍ କଟକଂ କିମ୍ ? | - | ଭବତା କଟକଂ ଗମ୍ୟତାଂ କିମ୍ ? |
| ସଃ ବ୍ୟାଘ୍ରମ୍ ଅପଶ୍ୟତ୍ | - | ତେନ ବ୍ୟାଘ୍ରଃ ଅଦୃଶ୍ୟତ । |
| ସୀତା ଅଯୋଧ୍ୟାଂ ଦୃଷ୍ଟବତୀ | - | ସୀତୟା ଅଯୋଧ୍ୟା ଦୃଷ୍ଟା । |
| ସଃ ଗ୍ରାମଂ ଗତବାନ୍ | - | ତେନ ଗ୍ରାମଃ ଗତଃ । |
| ଲତା ବୃକ୍ଷଂ ପୁଷ୍ପଂ ଚିନୋତି | - | ଲତୟା ବୃକ୍ଷଂ ପୁଷ୍ପଂ ଚୀୟତେ । |
| ଭୃତ୍ୟଃ ଛାଗଂ ଗ୍ରାମଂ ନୟତି | - | ଭୃତ୍ୟେନ ଗ୍ରାମଂ ଛାଗଃ ନୀୟତେ । |

| କର୍ତ୍ତୃବାଚ୍ୟ | | ଭାବବାଚ୍ୟ |
|---|---|---|
| ଶିଶୁଃ ଶଯ୍ୟାୟାଂ ଶେତେ | - | ଶିଶୁନା ଶଯ୍ୟାୟାଂ ଶଯ୍ୟତେ । |
| ମାର୍ଜାରଂ ଦୃଷ୍ଟ୍ୱା ବାଳକଃ ରୋଦିତି | - | ମାର୍ଜାରଂ ଦୃଷ୍ଟ୍ୱା ବାଳକେନ ରୁଦ୍ୟତେ । |
| ସଃ ହସିତବାନ୍ | - | ତେନ ହସିତମ୍ । |
| ତ୍ୱମ୍ ଆସନେ ତିଷ୍ଠସି | - | ତ୍ୱୟା ଆସନେ ସ୍ଥୀୟତେ । |

## ଅନୁଶୀଳନୀ

୧. ଅଧୋଦତ୍ତାନାଂ ବାଚ୍ୟପରିବର୍ତ୍ତନଂ କୁରୁ ।

ସର୍ପଃ ବିଳେ ତିଷ୍ଠତି । ଉଦ୍ୟମେନ ହି ସିଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥୈଃ । ଶିଶୁଃ ଶଯ୍ୟାୟାଂ ସୁଖଂ ଶେତେ । ବିଦ୍ୟା ଦଦାତି ବିନୟମ୍ । ଜନାଃ ପ୍ରଦର୍ଶନୀଂ ଦ୍ରଷ୍ଟୁଂ ଭୁବନେଶ୍ୱରଂ ଗଚ୍ଛନ୍ତି । ମିତ୍ରୈଃ ସହ ରାମଃ ଚଳଚ୍ଚିତ୍ରଂ ଦ୍ରଷ୍ଟୁଂ ଗତବାନ୍ । ଗଣରାଜ୍ୟଦିବସେ ରାଷ୍ଟ୍ରପତିଃ ରାଷ୍ଟ୍ରଂ ସମ୍ବୋଧୟତି । ଲୋଭଃ ପରିତ୍ୟାଜ୍ୟଃ । ସଃ ଶ୍ୱଃ ଗ୍ରାମଂ ଗମିଷ୍ୟତି । ଭବାନ୍ ରସଗୋଲକଂ ଖାଦତୁ । ରାଜା ମୃଗଂ ପଶ୍ୟତି । ରାମୋ ମାଂ ପଶ୍ୟତି । ରାମସ୍ତ୍ୱାଂ ପଶ୍ୟତି । ହରିର୍ମୃଗୌ ପଶ୍ୟତି । ମଧୁର୍ମୃଗାନ୍ ପଶ୍ୟତି । ତ୍ୱାମହଂ ପଶ୍ୟାମି । ଗୋବିନ୍ଦୋ ଯୁଷ୍ମାନ୍ ପଶ୍ୟତି । ପୁତ୍ରାଃ ପିତରଂ ନମେୟୁଃ । ତେ ଅସ୍ମାନ୍ ପଶ୍ୟନ୍ତି । ଗୋପୋ ଗାଂ ଦୁଗ୍ଧଂ ଦୋଗ୍ଧି । ଦରିଦ୍ରୋ ରାଜାନଂ ଧନଂ ଯାଚତେ । ବିପ୍ରଃ ଛାଗଂ ଗ୍ରାମଂ ନୟତି । ପିତା ପୁତ୍ରଂ ଗ୍ରାମଂ ଗମୟତି । ଗୁରୁଃ ଶିଷ୍ୟାନ୍ ବେଦଂ ପାଠୟତି । ମାତା କନ୍ୟାମନ୍ନଂ ଭୋଜୟତୁ । ତ୍ୱୟା ଗୁରୁଃ ପୂଜନୀୟଃ । ଅସ୍ମାଭିର୍ଜଳଂ ପେୟମ୍ ।

୨. ସଂଶୋଧନଂ କୁରୁତ -

(କ) ବାଳକେନ ପୁସ୍ତକଂ ପଠତି ।

(ଖ) ଭୃତ୍ୟଃ ଗ୍ରାମଂ ଭାରଃ ନୀୟତେ ।

(ଗ) ସଙ୍ଗୀତଂ ତ୍ୱୟା ଶୃଣୁ ।

(ଘ) ଶିଳ୍ପକ୍ଷେତ୍ରେ ଭାରତଂ ବିକସିତଂ ପଶ୍ୟତି ।

(ଙ) ଆକାଶମାର୍ଗେ ବ୍ୟୋମଯାନଂ ଗମ୍ୟତେ ।

(ଚ) ଅସ୍ମାଭିଃ ସତ୍ୟଂ ବଦିଷ୍ୟାମଃ ।

***

# ୨୨- ସରଳ ଅନୁବାଦ ପ୍ରକ୍ରିୟା

ଯେକୌଣସି ଭାଷାକୁ ସଂସ୍କୃତରେ ଅନୁବାଦ କଲାବେଳେ ନିମ୍ନଲିଖିତ କେତେଗୋଟି ବିଷୟ ପ୍ରତି ଦୃଷ୍ଟି ଦେଲେ ଅନୁବାଦ ନିର୍ଭୁଲ ଓ ସରଳ ହୋଇଥାଏ । ସେଗୁଡ଼ିକ ଯଥା -

୧. ପିତୃ, ଭ୍ରାତୃ ଏବଂ ମାତୃ ଶବ୍ଦର ରୂପ ଯଦି ସହଜରେ ମନେ ନପଡେ ସେହି ସ୍ଥାନରେ ଜନକ, ସହୋଦର, ଅଗ୍ରଜ, ଅନୁଜ, ଯମଜ (ଯାଆଁଳା ଭାଇ) ଇତ୍ୟାଦି ଅକାରାନ୍ତ ଶବ୍ଦ ଏବଂ ଜନନୀ (ଈକାରାନ୍ତ) ଇତ୍ୟାଦିର ପ୍ରୟୋଗ କରାଯାଇପାରେ ।

୨. ଦ୍ୱିବଚନ ସ୍ଥାନରେ ମୂଳଶବ୍ଦ ସହ 'ଦ୍ୱୟମ୍' ଲଗାଇ ତାହାକୁ ନପୁଂସକ ଏକବଚନ ଭାବରେ ବ୍ୟବହାର କରାଯାଇପାରେ । ଯଥା - ଦ୍ୱେ ବାଳିକେ ଗଚ୍ଛତଃ = ବାଳିକାଦ୍ୱୟଂ ଗଚ୍ଛତି । ବାଳକଦ୍ୱୟଂ କ୍ରୀଡତି । ଏହିପରି ତ୍ରୟଂ, ଚତୁଷ୍ଟୟଂ, ପଞ୍ଚକଂ, ଷଟ୍କଂ, ସପ୍ତକଂ, ଅଷ୍ଟକଂ ପର୍ଯ୍ୟନ୍ତ ପ୍ରୟୋଗ କରାଯାଇପାରେ । ଯଥା - ଫଳତ୍ରୟଂ ମୟା ପ୍ରାପ୍ତମ୍ । ମାସଚତୁଷ୍ଟୟଂ ସଃ ପଠତି । ବର୍ଷପଞ୍ଚକଂ ଯାବତ୍ ସଃ ଧ୍ୟାନସ୍ଥଃ । ନଦୀଷଟ୍କଂ ମାର୍ଗେ ମୟା ଅତିକ୍ରାନ୍ତମ୍ । ପଶୁସପ୍ତକଂ ପ୍ରାନ୍ତରେ ଚରତି । ଜଗନ୍ନାଥାଷ୍ଟକଂ ଶିଖରିଣୀତି ଛନ୍ଦସା ଲିଖିତମ୍ ।

୩. ଦ୍ୱିବଚନାନ୍ତ ଈ, ଊ, ଏ ଏବଂ ଅମୀ (ଅଦସ୍‌ର ବହୁବଚନ)ର ସନ୍ଧିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଯଥା - ଅମୀ ଅଶ୍ୱାଃ ।

୪. ହ୍ରସ୍ୱ 'ଇ'କାରାନ୍ତ (କବି) ଓ 'ଉ'କାରାନ୍ତ (ସାଧୁ) ଇତ୍ୟାଦି ଶବ୍ଦର ଶେଷସ୍ୱର ପ୍ରଥମା ଓ ଦ୍ୱିତୀୟା ଦ୍ୱିବଚନରେ ଦୀର୍ଘ ହୁଏ । ଯଥା - କବୀ, ମତୀ, ସାଧୂ, ଧେନୂ ଇତ୍ୟାଦି ।

୫. 'ଅ' ବ୍ୟତୀତ ଅନ୍ୟ ସ୍ୱରବର୍ଣ୍ଣ କିମ୍ବା ବ୍ୟଞ୍ଜନବର୍ଣ୍ଣ ପରେ ସଃ ଓ ଏଷଃ ପଦର ବିସର୍ଗର ଲୋପ ହୁଏ ଏବଂ ତାହାପରେ ସନ୍ଧି ହୁଏ ନାହିଁ । ଯଥା - ସ

ଆଗଚ୍ଛତି । କିନ୍ତୁ ଅ ପରେ ଥିଲେ ଓ ହୁଏ । ଯଥା - ସଃ + ଅହମ୍ = ସୋଽହମ୍ ।

ବ୍ୟତିକ୍ରମ - ଖ, ପ, ଫ, ଶ, ଷ ଓ ସ ପରେ ବିସର୍ଗରେ ଉକାର ବା ରେଫ ହୁଏ ନାହିଁ । ଯଥା - କଃ ପଠତି । ରାମଃ ଶେତେ..... ଇତ୍ୟାଦି ।

୬. ସ୍ତ୍ରୀଲିଙ୍ଗ ଈ ନଦୀ, ସ୍ତ୍ରୀ ପ୍ରଭୃତି ଈପ୍ ପ୍ରତ୍ୟୟାନ୍ତ ଏବଂ ଲତା ପ୍ରଭୃତି ଆପ୍ ପ୍ରତ୍ୟୟାନ୍ତ ପରେ ୧ମା ଏକବଚନରେ ଃ (ବିସର୍ଗ) ରହେ ନାହିଁ । ଯଥା - ନଦୀ, ସ୍ତ୍ରୀ, ଲତା, ଗଙ୍ଗା ଇତ୍ୟାଦି । କିନ୍ତୁ ଅନ୍ୟ କେତେକ ସ୍ତ୍ରୀଲିଙ୍ଗବାଚୀ ଶବ୍ଦର ପ୍ରଥମା ଏକବଚନରେ ବିସର୍ଗ ହୁଏ, ଯଥା - ଶ୍ରୀଃ, ତରୀଃ, ଲକ୍ଷ୍ମୀଃ, ଧୀଃ ଇତ୍ୟାଦି ।

୭. ଦୁଇଟି ଏକବଚନାନ୍ତ ବିଶେଷ୍ୟ ପଦର ବିଶେଷଣ ପଦ ଓ କ୍ରିୟାପଦ ଦ୍ୱିବଚନାନ୍ତ ହୁଏ । ଯଥା - ରାମଃ ହରିଃ ଚ ବୁଦ୍ଧିମନ୍ତୌ । ସୀତା ଗୀତା ଚ ଗଚ୍ଛତଃ ।

୮. ଏକବଚନାନ୍ତ ଅନେକ ବିଶେଷ୍ୟପଦ, ଦ୍ୱିବଚନାନ୍ତ ଏକାଧିକ ବିଶେଷ୍ୟ ପଦ ଏବଂ ବହୁବଚନାନ୍ତ ବିଶେଷ୍ୟ ପଦ ମାନଙ୍କର ବିଶେଷଣ ବହୁବଚନାନ୍ତ ହୋଇଥାଏ । ଯଥା - ଯୂୟଂ ବଳବନ୍ତଃ, ଯୁବାମ୍ ଆବାଂ ଚ ବଳବନ୍ତଃ, ଗୁପ୍ତଃ, ମିଶ୍ରଃ ବର୍ମା ଚ ବଳବନ୍ତଃ ।

୯. ବିଶେଷ୍ୟ ଶବ୍ଦ ଗୁଡ଼ିକ ଭିନ୍ନ ଭିନ୍ନ ଲିଙ୍ଗର ହୋଇଥିଲେ ବିଶେଷଣ ଶବ୍ଦ ନପୁଂସକ ହୁଏ; ନପୁଂସକବାଚୀ ବିଶେଷ୍ୟ ନଥିଲେ ବିଶେଷଣ ପୁଂଲିଙ୍ଗବାଚୀ ହୋଇଥାଏ । ଯଥା -

ବନେଷୁ ମୟା ବୃକ୍ଷାଃ, ଲତାଃ ଫଳାନି ଚ ପ୍ରାପ୍ତାନି । ସରୋବରେ ମୟା ମତ୍ସ୍ୟାଃ, ପଦ୍ମପୁଷ୍ପାଣି ଚ ଦୃଷ୍ଟାନି । ସରସ୍ୱାରେ ସ୍ନାତଃ ପୁରୁଷଃ, ସ୍ନାତା ସ୍ତ୍ରୀ ଚ ମୟା ଦୃଷ୍ଟୌ । ମାର୍ଗେଣ ରଥଃ, ବାଳିକା ଚ ଗତବନ୍ତୌ । ଉତ୍କଳାନାଂ ରାଜା ରାଜ୍ଞୀ ଚ ବଦାନ୍ୟୌ ଆସ୍ତାମ୍ । ସୁକୋମଳାନି ଲତାଃ, ପତ୍ରାଣି ଚ ଆନୟ ।

ଦ୍ରଷ୍ଟବ୍ୟ - ବେଳେବେଳେ ବିଶେଷଣଟି ସମୀପବର୍ତ୍ତୀ ବିଶେଷ୍ୟର ଲିଙ୍ଗକୁ ଅନୁକରଣ କରେ । ଯଥା - 'ଯସ୍ୟ ବୀର୍ଯ୍ୟେଣ କୃତିନୋ ବୟଂ ଚ ଭୁବନାନି ଚ ।

୧୦. ସ୍ତ୍ରୀଲିଙ୍ଗବାଚୀ ଶବ୍ଦକୁ ଏଡାଇ ଦେବାପାଇଁ ମୂଳଶବ୍ଦରେ ଜନଶବ୍ଦ ଲଗାଇଦେଲେ ତାହା ପୁଂଲିଙ୍ଗରେ ପରିବର୍ତ୍ତିତ ହୋଇଯାଏ । (ଓଡ଼ିଆରେ ଯେପରି ସ୍ତ୍ରୀଲୋକ) । ଯଥା - ଏକଃ ସ୍ତ୍ରୀଜନଃ ମୟା ଦୃଷ୍ଟଃ । ଏତେ ନାରୀଜନାଃ ସାଧବଃ ଭବନ୍ତି । ଅବଳାଜନସ୍ୟ ରୋଦନଂ ହି ବଳମ୍ । ମାର୍ଗେଣ ଏକଃ ସୁନ୍ଦରଃ କନ୍ୟାଜନଃ ଗଚ୍ଛତି ।

୧୧. ପତି ଶବ୍ଦର ଯଦି ଅନ୍ୟ ଶବ୍ଦ ସହ ସମାସ ହୁଏ, ତେବେ ତା'ର ରୂପ ମୁନି ଶବ୍ଦଭଳି ହେବ (ପତିଃ ସମାସେ ମୁନିବତ୍) । ଯଥା - ପତିର ଷଷ୍ଠୀ ଏକବଚନରେ ପତ୍ୟୁଃ କିନ୍ତୁ ସମାସ ହେଲେ - ନରପତେଃ (ମୁନେଃ ଭଳି), ଶ୍ରୀପତେଃ, ଭୂପତେଃ ଇତ୍ୟାଦି ହୁଏ ।

୧୨. ଦୀର୍ଘ 'ଈ'କାରାନ୍ତ ଶବ୍ଦର ରୂପ (ଯଥା - ଶ୍ରୀ, ଧୀ ଇତ୍ୟାଦି) କରିବାବେଳେ, ଯେଉଁ ସ୍ଥାନରେ 'ୟ' ଆସେ, ତା'ର ପୂର୍ବ ଦୀର୍ଘ 'ଈ' ହ୍ରସ୍ୱ ଇ ରେ ପରିବର୍ତ୍ତିତ ହୁଏ । ଯଥା - ଶ୍ରୀଃ, ଶ୍ରିୟୌ, ଶ୍ରିୟଃ, ଶ୍ରିୟା, ଧୀଭ୍ୟାମ୍ କିନ୍ତୁ ଧିୟାମ୍ ଇତ୍ୟାଦି ।

୧୩. ସେହିପରି ଭୂ ଏବଂ ଭ୍ରୂ ଶବ୍ଦର ରୂପବେଳେ ଯେଉଁଠାରେ 'ବ' ଆସେ, ତା' ପୂର୍ବସ୍ଥ ଦୀର୍ଘ 'ଊ'କାର, ହ୍ରସ୍ୱ 'ଉ'କାର ହୁଏ । ଯଥା - ଭ୍ରୂଃ, ଭ୍ରୁବୌ, ଭ୍ରୁବଃ, ଭ୍ରୁବା, ଭୁବନେଶ୍ୱର ଇତ୍ୟାଦି ।

୧୪. ଗୁଣିନ୍, ଧନିନ୍, ପକ୍ଷିନ୍ ଇତ୍ୟାଦି ଇନ୍ ଭାଗାନ୍ତଶବ୍ଦର ରୂପବେଳେ କେବଳ ପ୍ରଥମା ଏକବଚନରେ ଗୁଣୀ, ଧନୀ, ପକ୍ଷୀ ଇତ୍ୟାଦି ଦୀର୍ଘ 'ଈ'କାର ହୁଏ । ଅନ୍ୟତ୍ର ସବୁ ସ୍ଥାନରେ ହ୍ରସ୍ୱ 'ଇ'କାର ହୁଏ । ଯଥା - ଗୁଣିନୌ, ଗୁଣିନଃ, ଗୁଣିନାମ୍ ଇତ୍ୟାଦି ।

୧୫. ସ୍ତ୍ରୀଲିଙ୍ଗବାଚୀ ଶବ୍ଦର ରୂପରେ ଦ୍ୱିତୀୟା ବହୁବଚନରେ ସ୍ୱରଟି ଦୀର୍ଘ ଓ ବିସର୍ଗ ଯୁକ୍ତ ହୁଏ । ଯଥା - ମତୀଃ, ଧେନୂଃ, ଲତାଃ, ମାତୃଃ ଇତ୍ୟାଦି ।

୧୬. ଦ୍ୱିତୀୟା ବହୁବଚନ ଏବଂ ଷଷ୍ଠୀ ବହୁବଚନରେ ସମସ୍ତ ସ୍ୱରାନ୍ତ ଶବ୍ଦର ଶେଷସ୍ୱର ଦୀର୍ଘ ହୁଏ । ଯଥା - ବାଳକାନ୍, ବାଳକାନାମ୍, ମୁନୀନ୍, ମୁନୀନାମ୍, ସାଧୂନ୍, ସାଧୂନାମ୍, ପିତୄନ୍, ପିତୄଣାମ୍ ଇତ୍ୟାଦି ।

କିନ୍ତୁ ଏହି ନିୟମଟି ଏ, ଐ, ଓ ଏବଂ ଔ କାରାନ୍ତ ଶବ୍ଦର ଶେଷସ୍ୱର ପାଇଁ ଲାଗୁ ହୁଏନାହିଁ । ଯଥା - ଗାଃ, ଗବାମ୍, ନାବଃ, ନାବାମ୍ ।

୧୭. ଅବ୍ୟୟମାନଙ୍କର ବିଶେଷଣ ନପୁଂସକ ଏକବଚନ ହୁଏ । ଯଥା - ଶୋଭନଂ ପ୍ରାତଃ । ମିଥ୍ୟା ନ ବକ୍ତବ୍ୟମ୍ ଇତ୍ୟାଦି । *(ସାମାନ୍ୟେ ନପୁଂସକମ୍)* । ଅବ୍ୟୟ ପଦର ରୂପାନ୍ତର ହୁଏ ନାହିଁ ।

୧୮. ପଞ୍ଚନ୍ ଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦ ଏବଂ କତି, ଯତି, ତତି, ଯୁଷ୍ମଦ୍, ଅସ୍ମଦ୍ ଶବ୍ଦର ରୂପ ତିନିଲିଙ୍ଗରେ ସମାନ ହୋଇଥାଏ ।

୧୯. ନପୁଂସକଲିଙ୍ଗରେ ପ୍ରଥମା ଓ ଦ୍ୱିତୀୟା ଦ୍ୱିବଚନରେ ସ୍ୱରାନ୍ତ ଶବ୍ଦର ଶେଷସ୍ୱର ଦୀର୍ଘ ହୁଏ; ଯଥା - ବାରିଣୀ, ମଧୁନୀ, ଦାତୃଣୀ ଇତ୍ୟାଦି । କିନ୍ତୁ ବହୁବଚନରେ ପ୍ରଥମା ଓ ଦ୍ୱିତୀୟାର ପ୍ରଥମ 'ଇ' ବା 'ଉ' ସ୍ଥାନରେ ଦୀର୍ଘହେବ । ଯଥା - ବାରୀଣି, ମଧୂନି, ଦାତୄଣି ଇତ୍ୟାଦି ।

୨୦. ବାକ୍ୟର ଆରମ୍ଭରେ ଚ, ବା, ହି, ତୁ ପ୍ରଭୃତି ଅବ୍ୟୟ ଏବଂ ଅସ୍ମଦ୍ ଏବଂ ଯୁଷ୍ମଦ୍ ଶବ୍ଦର ଦ୍ୱିତୀୟ ରୂପ (ଯଥା - ତ୍ୱାଂ, ତ୍ୱା, ମଧ୍ୟରୁ ତ୍ୱା, ମାଂ, ମା ମଧ୍ୟରୁ ମା ଇତ୍ୟାଦି) ତ୍ୱା, ମା, ତେ (ତବ ର ଦ୍ୱିତୀୟ ରୂପ) ନୌ, ବଃ, ନଃ, ମେ ଇତ୍ୟାଦି ବ୍ୟବହାର କରାଯାଏନାହିଁ ।

୨୧. ଦିଗର ନାମଗୁଡ଼ିକ ମଧ୍ୟରୁ କେବଳ ପଶ୍ଚିମ ଶବ୍ଦଟି ବାଳକ (ଅକାରାନ୍ତ ପୁଂଲିଙ୍ଗ) ପରି ରୂପ ହେବ ଅଥବା ସ୍ତ୍ରୀ ଲିଙ୍ଗରେ ପଶ୍ଚିମା, ଲତାପରି ରୂପ ହେବ; ଯଥା - ପଶ୍ଚିମେ ଦିଗ୍‌ଭାଗେ, ପଶ୍ଚିମାୟାଂ ଦିଶି କିନ୍ତୁ ପୂର୍ବ ଦକ୍ଷିଣ ଏବଂ ଉତ୍ତର ଶବ୍ଦର ରୂପ ସର୍ବ ଶବ୍ଦପରି ରୂପ ହେବ; ଯଥା - ପୂର୍ବସ୍ମିନ୍, ପୂର୍ବସ୍ୟାମ୍, ଉତ୍ତରସ୍ୟାମ୍, ଦକ୍ଷିଣସ୍ମିନ୍ ।

୨୨. ସଂଖ୍ୟାବାଚକ, 'ଏକ' ର ଏକବଚନରେ ଓ ତିନିଲିଙ୍ଗରେ ଭିନ୍ନରୂପ ହୁଏ । 'ଦ୍ୱି' ର ଦ୍ୱିବଚନ ଓ ତିନିଲିଙ୍ଗରେ ଭିନ୍ନରୂପ ହୁଏ । ଏକ - ଏକଃ, ଏକା, ଏକମ୍ - ('ସର୍ବ' ଶବ୍ଦର ତିନିଲିଙ୍ଗରେ ରୂପପରି ହେବ ।) ଦ୍ୱି - ପୁଂଲିଙ୍ଗ - ଦ୍ୱୌ, ସ୍ତ୍ରୀଲିଙ୍ଗ ଓ ନପୁଂସକଲିଙ୍ଗ - ଦ୍ୱେ । ତ୍ରି - ବହୁବଚନ ତିନିଲିଙ୍ଗରେ ଭିନ୍ନରୂପ; ଯଥା - ପୁଂଲିଙ୍ଗ - ତ୍ରୟଃ (ମୁନିପରି), ସ୍ତ୍ରୀ ଲିଙ୍ଗ - ତିସ୍ରଃ, ନପୁଂସକଲିଙ୍ଗ - ତ୍ରୀଣି । ଚତୁର୍ ବହୁବଚନ ଓ ତିନିଲିଙ୍ଗରେ ଭିନ୍ନ ରୂପ ଯଥା - ପୁଂଲିଙ୍ଗ - ଚତ୍ୱାରଃ, ସ୍ତ୍ରୀଲିଙ୍ଗ - ଚତସ୍ରଃ, ନପୁଂସକଲିଙ୍ଗ - ଚତ୍ୱାରି । ପଞ୍ଚନ୍ ଠାରୁ ଅଷ୍ଟାଦଶନ୍ - ବହୁବଚନ ଓ ତିନିଲିଙ୍ଗରେ ସମାନ ରୂପ । ପଞ୍ଚ ବାଳକାଃ, ତ୍ରୟୋଦଶ ବାଳିକାଃ, ଅଷ୍ଟାଦଶ ପୁରାଣାନି । ଊନବିଂଶତିଃ ବା ଏକୋନବିଂଶତିଃ ବା ଏକାନ୍ନବିଂଶତିଃ ଓ ବିଂଶତିଃ - ସ୍ତ୍ରୀଲିଙ୍ଗ, ବହୁବଚନ ସବୁଲିଙ୍ଗରେ ସମାନରୂପ । ଏକୋନବିଂଶତିଠାରୁ ପରାର୍ଦ୍ଧ ପର୍ଯ୍ୟନ୍ତ-ପ୍ରୟୋଗ ଏକବଚନରେ ହୁଏ କିନ୍ତୁ ଅର୍ଥ ବହୁବଚନ ।

ବିଂଶତିଃ ବାଳକାଃ, ଶତଂ ବାଳିକାଃ, ସହସ୍ରଂ ଫଳାନି, କୋଟିଃ ଜନାଃ । ଦୁଇକୋଡ଼ି, ତିନିକୋଡ଼ି ଇତ୍ୟାଦି ବୁଝାଇଲେ 'ବିଂଶତି' ଆଦି ପୂର୍ବରୁ 'ଦ୍ୱି' 'ତ୍ରି' ଆଦି ବିଶେଷଣ ଲାଗିଲେ ସେହି ପଦମାନଙ୍କର ବଚନ ଲାଗିବ । ଯଥା- ଦ୍ୱେ ଶତେ, ତ୍ରୀଣି ଶତାନି । ଏକବିଂଶତିଃ, ବିଂଶତିଃ ସ୍ତ୍ରୀଲିଙ୍ଗ ମତି ପରି ରୂପ ହେବ । ତ୍ରିଂଶତ୍, ଚତ୍ୱାରିଂଶତ୍, ପଞ୍ଚାଶତ୍ ସ୍ତ୍ରୀଲିଙ୍ଗ - ଭୂଭୃତ୍ ପରି ଏକବଚନରେ କିନ୍ତୁ ଅର୍ଥ ବହୁବଚନ । ଷଷ୍ଟି ଠାରୁ ନବନବତି ପର୍ଯ୍ୟନ୍ତ ସ୍ତ୍ରୀଲିଙ୍ଗ ଏକବଚନ, ଅର୍ଥ ବହୁବଚନ । ଶତ, ସହସ୍ର, ଅଯୁତ, ଲକ୍ଷ- ନପୁଂସକ ଲିଙ୍ଗ ଏକବଚନ । କୋଟି - ସ୍ତ୍ରୀଲିଙ୍ଗ, (ମତି ପରି), ଅର୍ବୁଦ ଏବଂ ଅବ୍ଜ (ଫଳ ପରି) ଖର୍ବ ଓ ନିଖର୍ବ (ବାଳକ ଏବଂ ଫଳ ପରି), ଶଙ୍ଖ ଏବଂ ଜଳଧି (ପୁଂଲିଙ୍ଗ) ଅନ୍ତ୍ୟ, ମଧ୍ୟ ଏବଂ ପରାର୍ଦ୍ଧ (ଫଳ ପରି) ରୂପ ହେବ ।

୨୩. ତିନି ପୁରୁଷର କର୍ତ୍ତା ଥିଲେ କ୍ରିୟା ଉତ୍ତମପୁରୁଷ ଅନୁଯାୟୀ ହେବ । ଯଥା - ଅହଂ, ତ୍ୱଂ, ସଃ ଚ ଗଚ୍ଛାମଃ ।

୧୪. ପ୍ରଥମ ଏବଂ ମଧ୍ୟମପୁରୁଷ କର୍ତ୍ତା ଥିଲେ କ୍ରିୟା ମଧ୍ୟମପୁରୁଷ ଅନୁଯାୟୀ ହୁଏ । ଯଥା - ସଃ, ତ୍ୱଂ ଚ ଗଚ୍ଛଥଃ ଇତ୍ୟାଦି । ପ୍ରଥମ, ମଧ୍ୟମ, ଉତ୍ତମ ପୁରୁଷ ଥିଲେ କ୍ରିୟା ଉତ୍ତମ ପୁରୁଷ ହେବ ।

୧୫. 'ଇନ୍' ଭାଗାନ୍ତ ଶବ୍ଦ (ଯେଉଁ ଶବ୍ଦର ଉଚ୍ଚାରଣରେ ଶେଷ ଭାଗରେ 'ଇନ୍' ଆସେ; ଯଥା - ଗୁଣିନ୍, ହସ୍ତିନ୍, ଧନିନ୍) ମାନଙ୍କର ରୂପ 'ଗୁଣିନ୍' ଶବ୍ଦର ରୂପପରି ହୁଏ ।

୧୬. କର୍ମ, ଚର୍ମ, ବର୍ମ୍ମ, ଭସ୍ମ, ଜନ୍ମ ଇତ୍ୟାଦିର ରୂପ 'କର୍ମନ୍' (ଅନ୍ ଭାଗାନ୍ତ) ଶବ୍ଦର ରୂପପରି ହୁଏ ।

୧୭. ଆପଦ୍, ବିପଦ୍, ସମ୍ପଦ୍, ପରିଷଦ୍ ଇତ୍ୟାଦି ସ୍ତ୍ରୀ ଲିଙ୍ଗ ଶବ୍ଦଗୁଡ଼ିକର ରୂପ ପୁଂଲିଙ୍ଗ 'ସୁହୃଦ୍' ପରି ରୂପ ହୁଏ ।

୧୮. ଯଶଃ, ତେଜଃ, ବୟଃ, ବାସଃ, ରହଃ ଇତ୍ୟାଦି ଶବ୍ଦମାନଙ୍କର ରୂପ ନପୁଂସକ 'ମନସ୍' ପରି ରୂପ ହୁଏ ।

***

# ୨୩ - ବ୍ୟାବହାରିକ ସଂସ୍କୃତ ପ୍ରକରଣ

ଭାଷାକୁ ଶୁଦ୍ଧ ଓ ପରିମାର୍ଜିତ କରିବା ପାଇଁ ବ୍ୟାକରଣ ଜ୍ଞାନ ଆବଶ୍ୟକ । ତେଣୁ ପ୍ରଥମେ ଭାଷା ଶିକ୍ଷା ଓ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାକରଣ ଶିକ୍ଷା, ଶିକ୍ଷଣପଦ୍ଧତିର ସ୍ୱାଭାବିକ କ୍ରମ ଅଟେ । ମନୁଷ୍ୟ ଶିଶୁ ପ୍ରଥମେ ଏକାକ୍ଷର ଶବ୍ଦ, ପରେ ଦୁଇଟି ଅକ୍ଷର ଯୁକ୍ତ ଶବ୍ଦ ଓ ଏହି କ୍ରମରେ ଛୋଟ ଛୋଟ ବାକ୍ୟରୁ ଆରମ୍ଭ କରି ଦୀର୍ଘ ବାକ୍ୟ ମଧ୍ୟ କହିଥାଏ । ଏହାହିଁ ଭାଷା ଶିକ୍ଷାର ସ୍ୱାଭାବିକ ସୋପାନ । ତେଣୁ ଯେକୌଣସି ଭାଷାର ଶିକ୍ଷା ପାଇଁ ସମ୍ଭାଷଣାତ୍ମକ ପଦ୍ଧତି ହିଁ ପ୍ରକୃଷ୍ଟ ପଦ୍ଧତି । ଉଦାହରଣ ସ୍ୱରୂପ, ଶିଶୁ ସହ ଆମେ ଯେଉଁ ବାର୍ତ୍ତାଳାପ କରୁ ତାହାକୁ ସେ କାନରେ ଶୁଣିକରି ତଥା ଆମର ଅଙ୍ଗଭଙ୍ଗୀ ଓ ଉଚ୍ଚାରଣ ପ୍ରକ୍ରିୟାକୁ ଆଖିରେ ଦେଖିକରି କାଳକ୍ରମେ ସେ ଭାଷାଶିକ୍ଷା କରିଥାଏ । ତେଣୁ ଯେକୌଣସି ଭାଷାରେ ଶିକ୍ଷଣ ଦୃଷ୍ଟିରୁ ଏତାଦୃଶ ସମ୍ଭାଷଣ ପଦ୍ଧତିର ପ୍ରୟୋଗ ଏକାନ୍ତ ଆବଶ୍ୟକ । ସଂସ୍କୃତ ଭାଷାରେ ପ୍ରଶିକ୍ଷଣ ପାଇଁ ମଧ୍ୟ ଉକ୍ତ ପଦ୍ଧତି ଅବଲମ୍ବନୀୟ ।

ପ୍ରଶିକ୍ଷାର୍ଥୀ ପାଇଁ ସମ୍ଭାଷଣ ସୁବୋଧ ଓ ସହଜ ହେଲେ ହିଁ ତା ମନରେ ଭାଷା ଶିକ୍ଷାପାଇଁ ଆଗ୍ରହ ସୃଷ୍ଟି ହେବ । ସେଥିପାଇଁ ପରିଚିତ ଶବ୍ଦାବଳୀ ଓ ନିତ୍ୟ ଦିନଚର୍ଯ୍ୟାର ଆଧାରରେ ସମ୍ଭାଷଣକୁ ସହଜ କରାଇବାର ପ୍ରଚେଷ୍ଟା କରିବା ଆବଶ୍ୟକ । ଏହି ଦୃଷ୍ଟିରୁ କିଛି ବ୍ୟାବହାରିକ ଶବ୍ଦ ଓ ବାକ୍ୟ ନିମ୍ନରେ ଦିଆଯାଉଅଛି । ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ ।

**ଶିଷ୍ଟାଚାର ପ୍ରୟୋଗ**

ଗୁରୁ ଓ ଗୁରୁଜନମାନଙ୍କୁ ପ୍ରଣାମ କରିବା ସମୟରେ - ଗୁରୁବର୍ଯ୍ୟ / ଗୁରୁଦେବ ! ଅଭିବାଦୟେ / ଚରଣୟୋଃ ଅଭିବନ୍ଦେ / ସାଦରଂ ପ୍ରଣାମାଃ / ସାଦରଂ ନମୋନମଃ.

ପିତୃଚରଣୟୋଃ / ମାତୃଚରଣୟୋଃ ସାଦରମ୍ ଅଭିବନ୍ଦେ / ସାଦରଂ ନମୋନମଃ ।

ସାଧାରଣତଃ ବର୍ତ୍ତମାନ ଦୂରବାଣୀ (ଫୋନ)ର ବ୍ୟବହାର ସମୟରେ ବା ଅପରିଚିତ ବ୍ୟକ୍ତିଙ୍କୁ ସମ୍ବୋଧନ କରିବା ସମୟରେ 'ହ୍ୟାଲୋ', 'ଗୁଡ୍ ମର୍ଣ୍ଣିଂ' ଇତ୍ୟାଦି ଶବ୍ଦର ବ୍ୟବହାର କରାଯାଉଛି । ଏ ସମସ୍ତ ସ୍ଥଳରେ ସଂସ୍କୃତ ଭାଷାରେ ମଧ୍ୟ ପ୍ରୟୋଗ କରାଯାଇପାରିବ ।

ଓମ୍ / ହରିଃ ଓମ୍ - ହ୍ୟାଲୋ

ସୁ-ପ୍ରଭାତମ୍ - ସୁପ୍ରଭାତ (Good moring)

ନମସ୍ତେ / ନମସ୍କାରଃ / ନମୋନମଃ - ନମସ୍କାର

ଶୁଭରାତ୍ରିଃ - ଶୁଭରାତ୍ରି (Good night)

ଧନ୍ୟବାଦଃ - ଧନ୍ୟବାଦ

ସ୍ୱାଗତମ୍ - ସ୍ୱାଗତ

ଶ୍ରୀମାନ୍ - ଶ୍ରୀମାନ୍ (Sir)

ମାନ୍ୟେ / ଆର୍ଯ୍ୟେ - ଶ୍ରୀମତି (Madam)

ଆଗଚ୍ଛତୁ - ଆସନ୍ତୁ

ଉପବିଶତୁ - ବସନ୍ତୁ

କ୍ଷମ୍ୟତାମ୍ - କ୍ଷମାକରନ୍ତୁ

ଚିନ୍ତା ମାସ୍ତୁ - ଚିନ୍ତାକରିବା ଅନାବଶ୍ୟକ

କୃପୟା - କୃପାକରି / ଦୟାକରି

ପୁନଃ ମିଳାମଃ - ପୁଣିଥରେ ଦେଖାହେବ

ଅସ୍ତୁ - ହଉ / ଠିକ୍ ଅଛି

ବହୁ ସମୀଚୀନମ୍ - ବହୁତ ଭଲ / ଅତି ଉତ୍ତମ

## ନିତ୍ୟକର୍ମ

ସକାଳୁ ଉଠିବା ପରେ ମୁହଁଧୋଇବା ପୂର୍ବରୁ ପ୍ରଥମେ ନିମ୍ନୋକ୍ତ ମନ୍ତ୍ର ପଢ଼ି, ନିଜର ହାତରେ ଭଗବାନଙ୍କର ଦର୍ଶନ କରି ପ୍ରଣାମ କରିବା ଆବଶ୍ୟକ ।

*କରାଗ୍ରେ ବସତେ ଲକ୍ଷ୍ମୀ କରମଧ୍ୟେ ସରସ୍ୱତୀ ।*
*କରମୂଳେ ତୁ ଗୋବିନ୍ଦଃ ପ୍ରଭାତେ କରଦର୍ଶନମ୍ ।।*

ଏହାପରେ ଶଯ୍ୟାରୁ ଉଠି ଭୂମିରେ ପାଦଦେବା ପୂର୍ବରୁ ନିମ୍ନୋକ୍ତ ମନ୍ତ୍ର ପଢ଼ି ଭୂମି ବନ୍ଦନ କରିବା ଆବଶ୍ୟକ ।

*ସମୁଦ୍ରବସନେ ଦେବି ପର୍ବତସ୍ତନମଣ୍ଡଳେ ।*
*ବିଷ୍ଣୁପତ୍ନି ନମସ୍ତୁଭ୍ୟଂ ପାଦସ୍ପର୍ଶଂ କ୍ଷମସ୍ୱ ମେ ।।*

## ନିତ୍ୟକର୍ମ ନିମନ୍ତେ ଶବ୍ଦାବଳୀ -

୧. ମୁଖପ୍ରକ୍ଷାଳନମ୍ - ମୁହଁଧୋଇବା
୨. ଦନ୍ତଧାବନମ୍ - ଦାନ୍ତଘଷିବା
୩. ଶୌଚାଦିକ୍ରିୟା - ଶୌଚାଦିକାର୍ଯ୍ୟ
୪. ସ୍ନାନମ୍ - ଗାଧୋଇବା
୫. ଦେବପୂଜନମ୍ - ଠାକୁରପୂଜା
୬. ଉପାହାରଃ / ଅଳ୍ପାହାରଃ - ଜଳଖିଆ
୭. ଭୋଜନମ୍ - ଭୋଜନ
୮. ଶୟନମ୍ - ଶୟନ
୯. ପଠନମ୍ - ପଢ଼ିବା

## ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ

୧. ଦନ୍ତକୂର୍ଚ୍ଚଃ - ଦାନ୍ତଘଷାବ୍ରସ୍

୨. ଦନ୍ତଫେନମ୍ - ଦାନ୍ତଘଷାପେଷ୍ଟ

୩. ଦନ୍ତଚୂର୍ଣ୍ଣମ୍ - ଦାନ୍ତଘଷାପାଉଡର

୪. ଜିହ୍ୱାମାର୍ଜ୍ଜନୀ - ଜିଭଛେଲା

୫. ତୈଳମ୍ - ତେଲ

୬. ସୁବାସତୈଳମ୍ - ସୁବାସିତ ତେଲ

୭. ନାରିକେଳତୈଳମ୍ - ନଡ଼ିଆତେଲ

୮. ସର୍ଷପତୈଳମ୍ - ସୋରିଷ ତେଲ

୯. ତିଳତୈଳମ୍ - ରାଶିତେଲ

୧୦. ବସ୍ତ୍ରଫେନକମ୍ - ଲୁଗାଧୁଆ ସାବୁନ

୧୧. ସୁଫେନକମ୍ - ଦେହଲଗା ସାବୁନ

୧୨. ସୁଗନ୍ଧିଃ - ଅତର (Scent)

୧୩. ଦର୍ପଣଃ - ଦର୍ପଣ

୧୪. କଙ୍କତମ୍ - ପାନିଆଁ

୧୫. ନଖକୃନ୍ତନମ୍ - ନଖକଟାଯନ୍ତ୍ର (Nailcutter)

୧୬. କ୍ଷୁରଃ - ରେଜର୍ (Razor)

୧୭. ଫେନକପେଟିକା - ସାବୁନଖୋଳ

୧୮. ଅଞ୍ଜନମ୍ - କଜ୍ଜଳ

୧୯. ହୈମିକା - ସ୍ନୋ

୨୦. ଓଷ୍ଠରାଗଃ - ଲିପ୍‌ଷ୍ଟିକ୍

୨୧. ସୁବାସକମ୍ - ପାଉଡର

## ପୋଷାକ

୧. ଧୌତମ୍ - ଧୋତି    ୨. ଊରୁକମ୍ - ପ୍ୟାଣ୍ଟ

୩. ସ୍ୟୂତକମ୍ - ସାର୍ଟ    ୪. ଅନ୍ତର୍ୟୁତକମ୍ - ଗଞ୍ଜି

୫. ଅନ୍ତର୍ବସ୍ତ୍ରମ୍ - ଅଣ୍ଡରୱିୟର, ଚଡି

୬. ଶାଟୀ - ଶାଢ଼ୀ

୭. ଚୋଳଃ - ବ୍ଲାଉଜ୍ / ସେମିଜ୍

୮. କୁଡ୍ମଳଃ - ବୋତାମ

୯. ଚୀନାଂଶୁକମ୍ - ରେଶମୀବସ୍ତ୍ର

୧୦. ବସନମ୍ - ପରିଧାନ (Garment)

୧୧. ଅର୍ଦ୍ଧୋରୁକମ୍ - ଫ୍ରକ୍

୧୨. ବେଷ୍ଟିଃ - ଲୁଙ୍ଗି

୧୩. ଅନ୍ତର୍ନିଚୋଳଃ - ଘାଘରା

୧୪. କୋଶଃ - ପକେଟ୍

୧୫. ପ୍ରୋଞ୍ଛବସ୍ତ୍ରମ୍ - ତଉଲିଆ

୧୬. କରବସ୍ତ୍ରମ୍ - ରୁମାଲ

୧୭. ବସ୍ତ୍ରଖଣ୍ଡଃ - ଛୋଟ ତଉଲିଆ (Napkin)

୧୮. ପାଦାଂଶୁକମ୍ - ପାଇଜାମା

୧୯. ଉତ୍ତରୀୟମ୍ - ଓଢ଼ଣି

୨୦. ଅନ୍ତଃଶାଟୀକମ୍ - ପେଟିକୋଟ୍ (Petticoat)

୨୧. ସ୍ୱେଦକମ୍ - ସ୍ୱେଟର୍

୨୨. ଊର୍ଣ୍ଣିକା - ମଫଲର

୨୩. ଗଳପଟ୍ଟଃ - ଟାଇ (Necktie)

୨୪. ପରିଚ୍ଛଦଃ - ପୋଷାକ

୨୫. କଟିବସ୍ତ୍ରମ୍ - ଟ୍ରାଉଜର

୨୬. କଟିପଟ୍ଟମ୍ - ବେଲ୍ଟ

୨୭. ପାଦୁକା / ପାଦତ୍ରାଣମ୍ - ଜୋତା

୨୮. ପାଦସ୍ୟୁତକମ୍ - ମୋଜା

୨୯. ପ୍ରାବାରକଃ - ଶାଲ୍ (ଚାଦର)

୩୦. କରସ୍ୟୁତଃ - ହାତମୋଜା

୩୧. ପାଦରକ୍ଷାସୂତ୍ରମ୍ - ଜୋତାର ଫିତା

୩୨. ପାଦରକ୍ଷା - ଚପଲ

୩୩. ପରିଷ୍କାରକମ୍ - ଜୋତାର ପଲିସ୍

୩୪. ଗାତ୍ରପ୍ରୋଞ୍ଛମ୍ - ଗାମୁଛା

**ଅନ୍ୟାନ୍ୟ ଆଭୂଷଣ ଓ ଅଳଙ୍କାର**

୧. ଘଟୀଯନ୍ତ୍ରମ୍ - ହାତଘଣ୍ଟା ୨. ଉପନେତ୍ରମ୍ - ଚଷମା

୩. ହାରଃ - ଚେନ୍ ୪. ଶିରସ୍ତ୍ରମ୍ - ଟୋପି

୫. ମୁଦ୍ରିକା - ମୁଦି ୬. କଙ୍କଣମ୍ - କଙ୍କଣ

୭. କଟକମ୍ - ଚୁଡ଼ି ୮. କୁଣ୍ଡଳମ୍ - କାନଫୁଲ

୯. ମେଖଳା - ଅଣ୍ଟାସୂତା ୧୦. ନୂପୁରମ୍ - ପାଉଞ୍ଜି

୧୧. କାଚକଟମ୍ - କାଚଚୁଡ଼ି ୧୨. ସ୍ୱର୍ଣ୍ଣମ୍ - ସୁନା

୧୩. ରୌପ୍ୟମ୍ - ରୂପା

୧୪. ସଂଦଂଶିକା / କେଶସୂଚୀ - ମୁଣ୍ଡକଣ୍ଟା

୧୫. କଣ୍ଠହାରଃ - ନେକ୍‌ଲେସ୍ ୧୬. ତରଳଃ - ଲକେଟ

## ଖାଦ୍ୟ ପଦାର୍ଥ

୧. ଚାୟମ୍ - ଚା
୨. କଫି - କଫି
୩. ଇଡ୍‌ଲିଃ - ଇଡ଼ିଲି
୪. ଉପମା - ଉପମା
୫. କ୍ୱଥିତମ୍ - ସାମ୍ବର
୬. ସ୍ନିଗ୍ଧପିଷ୍ଟକମ୍ - ପକୁଡ଼ି
୭. ରସଃ - ସୁପ୍
୮. ପ୍ରପାଣକମ୍ - ସରବତ / ପଣା
୯. ଚିପିଟକମ୍ - ଚୁଡ଼ା
୧୦. ବିସ୍କିଟଃ - ବିସ୍କୁଟ
୧୧. ମଣ୍ଡପିଷ୍ଟକମ୍ - ସାଣ୍ଡୱିଚ୍
୧୨. ମିଷ୍ଟାନ୍ନମ୍ - ମିଠେଇ
୧୩. ରସଗୋଲକମ୍ - ରସଗୋଲା
୧୪. ଲଡ୍ଡୁକମ୍ - ଲଡୁ
୧୫. ମୋଦକମ୍ - ପେଡ଼ା
୧୬. ଲାଜାଃ - ଖଇ
୧୭. ଭର୍ଜିତତଣ୍ଡୁଳାଃ - ମୁଢ଼ି
୧୮. ପିଷ୍ଟକମ୍ - ପିଠା
୧୯. ଦୋଶା - ଦୋସା
୨୦. ଉପସେଚନମ୍ - ଚଟଣି
୨୧. ପୁରିକା - ପୁରି
୨୨. ବଡ଼ା - ବରା
୨୩. ପାନୀୟ ଜଳମ୍- ପିଇବା ପାଣି
୨୪. ଗୁଡ଼ଃ - ଗୁଡ଼
୨୫. ଖଣ୍ଡକମ୍ - ମିଶ୍ରି
୨୬. ଶର୍କରା - ଚିନି
୨୭. ଦୁଗ୍ଧମ୍ - କ୍ଷୀର
୨୮. ଦଧି - ଦହି
୨୯. ତକ୍ରମ୍ - ଘୋଳଦହି
୩୦. ଆମୀକ୍ଷା / ଛିନ୍ନକମ୍ - ଛେନା
୩୧. ଚାକଲେଟଃ - ଚକୋଲେଟ୍
୩୨. ଚର୍ବଣକମ୍ - ଚୁଇଙ୍ଗମ୍
୩୩. ପର୍ପଟମ୍ - ପାମ୍ପଡ
୩୪. ମଧୁ - ମହୁ
୩୫. ଉପଦଂଶଃ - ଆଚାର
୩୬. ଲବଣମ୍ - ଲୁଣ
୩୭. ଭକ୍ତମ୍ / ଓଦନମ୍ / ଅନ୍ନମ୍ - ଭାତ

୩୮. ପଳାନ୍ନମ୍-ପଲାଉ ୩୯. ଖେଚରୀ / ଚିତ୍ରାନ୍ନମ୍ - ଖେଚେଡ଼ି
୪୦. ପର୍ଯ୍ୟୁଷିତାନ୍ନମ୍ / କ୍ଷାଳିତାନ୍ନମ୍ - ପଖାଳଭାତ
୪୧. ଦ୍ୱିଦଳମ୍ / ସୂପଃ - ଡାଲି
୪୨. ବ୍ୟଞ୍ଜନମ୍ / ତେମନମ୍ - ତରକାରୀ / ତିଅଣ
୪୩. ଭର୍ଜମ୍ - ଭଜା ୪୪. ଅମ୍ଳମ୍ - ଖଟା
୪୫. ରୋଟିକା / ଚପାଟିଃ - ରୁଟି ୪୬. ପ୍ରରୋଟିକା - ପରଟା
୪୭. ଚର୍ବଃ - ମୁଢ଼ି ୪୮. ପାୟସମ୍ - ଖିରି
୪୯. ମତ୍ସ୍ୟଃ - ମାଛ ୫୦. ମାଂସମ୍ - ମାଂସ
୫୧. ଫଳରସଃ - ଫଳରସ ୫୨. ମିଶ୍ରକମ୍ - ମିକ୍ଚର
୫୩. ଲିମ୍ବୁକଂ - ଲେମ୍ବୁ ୫୪. ମରିଚମ୍ - ଲଙ୍କା
୫୫. ତାମ୍ବୂଳମ୍ - ପାନ

**ବିବିଧ ଶସ୍ୟ**

୧. ତଣ୍ଡୁଳଃ - ଚାଉଳ, ୨. ଗୋଧୂମଃ - ଗହମ, ୩. ଧାନ୍ୟମ୍ - ଧାନ,
୪. ମାଷଃ, ବ୍ରୀହିଃ - ବିରି, ୫. ରାଜମାଷଃ - ରାଜମା,
୬. ଭୂଚଣକମ୍ - ବାଦାମ, ୭. ମୁଦ୍‌ଗଃ - ମୁଗ, ୮. ତିଳମ୍ - ରାଶି,
୯. କୁଳତ୍ଥଃ - କୋଳଥ, ୧୦. ମସୂରଃ - ମସୁର,
୧୧. ସର୍ଷପଃ - ସୋରିଷ, ୧୨. ଦାଲଃ - ଡାଲି, ୧୩. ବର୍ଜରୀ - ବାଜରା,
୧୪. ଚଣକମ୍ - ଚଣା

**ବିବିଧ ପରିବା**

୧. ବାର୍ତ୍ତାକମ୍ / ବୃନ୍ତାକଃ - ବାଇଗଣ, ୨. କର୍କାରୁଃ - କଖାରୁ,
୩. ଘୋଷାଣୀ - ଜହ୍ନି, ୪. ବନ୍ଧକେମ୍ବୁକମ୍ - ବନ୍ଧାକୋବି,
୫. ପୁଷ୍ପକେମ୍ବୁକମ୍ - ଫୁଲକୋବି, ୬. ଧାନ୍ୟକପତ୍ରମ୍ - ଧନିଆଁପତ୍ର,
୭. ଗର୍ଜରଃ - ଗାଜର, ୮. ରସୁନଃ / ଲଶୁନଃ - ରସୁଣ,

୯. ପଲାଣ୍ଡୁଃ - ପିଆଜ, ୧୦. ଆଳୁଃ/ଆଳୁକମ୍ - ଆଳୁ,
୧୧. ପଟୋଳଃ - ପୋଟଳ, ୧୨. ଆଦ୍ରକମ୍ - ଅଦା,
୧୩. ଭେଣ୍ଡାକମ୍ / ଭେଣ୍ଡିକା - ଭେଣ୍ଡି, ୧୪. ମୂଳକମ୍ - ମୂଳା,
୧୫. ଘୋଷକମ୍ - ଜହ୍ନି, ୧୬. ରକ୍ତଫଳମ୍ / ସୁବାର୍ତ୍ତାକୀ - ବିଲାତିବାଇଗଣ,
୧୭. ରକ୍ତାଳୁକମ୍ - ଖମଆଳୁ, ୧୮. ପୂତିକା - ପୋଇ,
୧୯. କାରବେଲ୍ଲଃ - କଲରା, ୨୦. ଶାକଃ - ପରିବା,
୨୧. କନ୍ଦମୂଳମ୍ - କନ୍ଦମୂଳ, ୨୨. ଅଲାବୁଃ / ତୁମ୍ବଃ - ଲାଉ

**ଫଳ**

୧. ପାରାବତମ୍ - ସେଓ  ୨. ଜମ୍ବୁଫଳମ୍ - ଜାମୁକୋଳି
୩. ବଦରୀଫଳମ୍ - ବରକୋଳି  ୪. କଦଳୀ ଫଳମ୍ - କଦଳୀ
୫. ନାରିକେଳଫଳମ୍ - ନଡ଼ିଆ  ୬. କର୍କଟୀ - କାକୁଡ଼ି
୭. କାଜୁତକମ୍ - କାଜୁଫଳ  ୮. ପୟଃପେଟୀ - ପଇଡ଼
୯. ବୀଜପୂରମ୍ - ପିଜୁଳି  ୧୦. କାଜୁବାଳମ୍ - କାଜୁ
୧୧. ସୀତାଫଳମ୍ - ଆତ / ବଢିଆଳ
୧୨. ଦ୍ରାକ୍ଷା - ଅଙ୍ଗୁର  ୧୩. ପନସଫଳମ୍ - ପଣସ
୧୪. ଆମ୍ରଫଳମ୍ - ଆମ୍ବ  ୧୫. ନାରଙ୍ଗଫଳମ୍ - କମଳା
୧୬. ତରମ୍ବୁଜଫଳମ୍ - ତରଭୁଜ  ୧୭. ତାଳମ୍ - ତାଳ
୧୮. ଦାଡିମ ଫଳମ୍ - ଡାଳିମ୍ବ  ୧୯. ଶୁଷ୍କଦ୍ରାକ୍ଷା - କିଶମିଶ
୨୦. କପିତ୍ଥମ୍ - କଇଥ  ୨୧. ବିଲ୍ୱମ୍ - ବେଲ

**ଫୁଲ**

୧. ତଗରପୁଷ୍ପମ୍ - ଟଗରଫୁଲ  ୨. କର୍ଣ୍ଣିକାରଃ - କନିଅରଫୁଲ
୩. କମଳମ୍ - ପଦ୍ମଫୁଲ  ୪. କୁମୁଦମ୍ - କଇଁଫୁଲ

୫. ମନ୍ଦାରପୁଷ୍ପମ୍ - ମନ୍ଦାରଫୁଲ ୬. କେଶୁକମ୍ - କେଶୁଫୁଲ

୭. ସ୍ଥଳପଦ୍ମମ୍ - ଗୋଲାପଫୁଲ ୮. ସୂର୍ଯ୍ୟପୁଷ୍ପମ୍ - ସୂର୍ଯ୍ୟମୁଖୀଫୁଲ

୯. ଶେଫାଳିପୁଷ୍ପମ୍- ଗଙ୍ଗଶିଉଳିଫୁଲ

୧୦. ରଜନୀଗନ୍ଧା - ରଜନୀଗନ୍ଧା ୧୧. ଚମ୍ପକମ୍ - ଚମ୍ପାଫୁଲ

**ଗୃହୋପକରଣ**

୧. ପର୍ଯ୍ୟଙ୍କଃ - ପଲଙ୍କ ୨. ଶଯ୍ୟା - ଶେଜ

୩. ଆସ୍ତରଣମ୍ - ବିଛଣାଚାଦର ୪. ଖଟ୍ୱା / ଖଟ୍ଟଃ - ଖଟ

୫. ଉପଧାନମ୍ - ତକିଆ ୬. ମଶକାରିଃ / ମଶାରିଃ - ମଶାରି

୭. କମ୍ବଳମ୍ - କମ୍ବଳ ୮. ଆସନ୍ଦଃ - ଚଉକି

୯. ସୁଖାସନମ୍ - ସୋଫା ୧୦. ଆରାମାସନ୍ଦଃ - ଆରାମଚଉକି

୧୧. ସମ୍ପୁଟକମ୍ / ମଞ୍ଜୁଷା - ସିନ୍ଦୁକ ୧୨. ପେଟିକା - ବାକ୍ସ

୧୩. ସୂତ୍ରକଟମ୍ - ଶତରଞ୍ଜ ୧୪. ପାଠପଟଃ - ଦରି

୧୫. କାଷ୍ଠମଠୀ - ଆଲମାରୀ ୧୬. ଭିତ୍ତିପେଟିକା-କାନ୍ଥଆଲମାରୀ

୧୭. ପାଦଶୋଧକମ୍ - ପାପୋଛ ୧୮. ଭକ୍ଷପାଠିକା - ଟେବୁଲ

୧୯. ସମ୍ମାର୍ଜନୀ - ଝାଡୁ ୨୦. ସ୍ୟୂତମ୍ - ବ୍ୟାଗ୍

୨୧. ଚଷକଃ - ପାଣିପିଇବା ଗିଲାସ

୨୨. ଛୁରିକା - ଛୁରୀ ୨୩. ବ୍ୟଜନମ୍ - ପଙ୍ଖା

୨୪. ଅନିଲକୋଶଃ - ଗ୍ୟାସ୍‌ସିଲିଣ୍ଡର

୨୫. ଭୋଜନପୀଠମ୍ - (Dining table)

୨୬. ଉଦ୍‌ବନ୍ଧକମ୍ - (Hanger)

୨୭. ପେଷକମ୍ - (Grinder)

୨୮. କୁଞ୍ଚିକା - ଚାବି ୨୯. ତାଲଃ - ତାଲା

୩୦. ଅଗ୍ନିପେଟିକା - ଦିଆସିଲି ୩୧. ସ୍ଥାଲୀ / ସ୍ଥାଲଃ - ଥାଳି

୩୨. ଚମସଃ / ଚାମଚଃ - ଚାମଚ ୩୩. ଯବନିକା - ପରଦା

୩୪. ଆତପତ୍ରମ୍ - ଛତା ୩୫. ତ୍ରୟଫଳକମ୍ - ଟିପଏ

୩୬. କରଦୀପଃ - ଟର୍ଚ୍ଚଲାଇଟ୍ ୩୭. ଭିତ୍ତିଘଟୀଯନ୍ତ୍ରମ୍ - କାନ୍ଥଘଣ୍ଟା

୩୮. ଅନିଳଚୁଲ୍ଲୀ - ଗ୍ୟାସଚୁଲା ୩୯. ଦ୍ରୋଣୀ - ଡାଲା / ମଗ ।

**ବିଭିନ୍ନ ଅନୁଷ୍ଠାନ**

ବିଦ୍ୟାଳୟଃ - ବିଦ୍ୟାଳୟ ମହାବିଦ୍ୟାଳୟଃ - ମହାବିଦ୍ୟାଳୟ

କାର୍ଯ୍ୟାଳୟଃ - (Office) ଚିକିତ୍ସାଳୟଃ - ଡାକ୍ତରଖାନା

ବିତ୍ତକୋଷଃ - ବ୍ୟାଙ୍କ୍ ବିପଣିଃ - ବଜାର

ଆପଣଃ - ଦୋକାନ କୋଷାଗାରଃ - ଟ୍ରେଜେରୀ

**ଲିଖନ ଓ ପଠନ ସାମଗ୍ରୀ**

୧. ଲେଖନୀ - ପେନ୍ ୨. ଅଙ୍କନୀ - ପେନ୍‌ସିଲ

୩. ପୁସ୍ତକମ୍ - ବହି ୪. ଅଭ୍ୟାସପୁସ୍ତିକା - ଖାତା

୫. କୃଷ୍ଣପତ୍ରମ୍ - କାର୍ବନକାଗଜ ୬. କର୍ଗଜମ୍ - କାଗଜ

୭. ସଞ୍ଚିକା - ଫାଇଲ୍ ୮. ପତ୍ରଭାରଃ - ପେପରୱେଟ୍

୯. ଛିଦ୍ରିକା - ପଞ୍ଚ୍ (କଣାକରିବାଯନ୍ତ୍ର)

୧୦. ପୁନଃ ପୂରଣୀ - ରିଫିଲ୍ ୧୧. ଚଳତ୍‌କୋଷ୍ଠଃ - ଡ୍ରୟାର୍

୧୨. ନିର୍ଯ୍ୟାସଃ - ଅଠା ୧୩. ସୂଚିକା - ପିନ୍

୧୪. ଧାରଣୀ - ର୍‍ୟାକ୍ ୧୫. ଲେଖପୀଠମ୍ - ଡେସ୍କ

୧୬. ସମାଚାରପତ୍ରମ୍ / ବୃତ୍ତପତ୍ରମ୍ - ଖବରକାଗଜ

**ଶରୀରର ଅଙ୍ଗ**

| | | | |
|---|---|---|---|
| ୧. | ମୁଖମ୍ - ମୁହଁ | ୨. | ମସ୍ତକମ୍ - ମୁଣ୍ଡ |
| ୩. | ନାସିକା - ନାକ | ୪. | କର୍ଣ୍ଣଃ - କାନ |
| ୫. | ନେତ୍ରମ୍ - ଆଖି | ୬. | ଜିହ୍ୱା - ଜିଭ |
| ୭. | ଦନ୍ତଃ - ଦାନ୍ତ | ୮. | ହସ୍ତଃ - ହାତ |
| ୯. | ପାଦଃ - ଗୋଡ଼ | ୧୦. | ଉଦରମ୍ - ପେଟ |
| ୧୧. | ଅସ୍ଥି - ହାଡ଼ | ୧୨. | ରକ୍ତମ୍ - ରକ୍ତ |
| ୧୩. | ଗଲ୍ଲଃ - ଗାଲ | ୧୪. | ଭୁଜଃ - ବାହୁ |
| ୧୫. | ମଳଦ୍ୱାରମ୍ - ମଳଦ୍ୱାର | ୧୬. | ମୂତ୍ରାଶୟଃ - ମୂତ୍ରାଶୟ |
| ୧୭. | ବକ୍ଷଃ - ଛାତି | ୧୮. | ପୃଷ୍ଠଃ - ପିଠି |
| ୧୯. | କେଶଃ - ବାଳ | ୨୦. | ଓଷ୍ଠଃ - ଓଠ |
| ୨୧. | ଅଶ୍ରୁ - ଲୁହ | ୨୨. | ଶ୍ମଶ୍ରୁ - ଦାଢ଼ି / ନିଶ |
| ୨୩. | ଗ୍ରୀବା - ବେକ | | |
| ୨୪. | କଣ୍ଠଃ - ଗଳା | ୨୫. | ଅଙ୍ଗୁଳି - ଆଙ୍ଗୁଠି |
| ୨୬. | ନାଭିଃ - ନାଭି | ୨୭. | ହୃତପିଣ୍ଡମ୍ - ହୃଦୟ |
| ୨୮. | କଟିଃ - ଅଣ୍ଟା | ୨୯. | କଫୋଣିଃ - କହୁଣୀ |
| ୩୦. | ମଣିବନ୍ଧଃ - ମଣିବନ୍ଧ | ୩୧. | ଜାନୁ - ଆଣ୍ଠୁ |
| ୩୨. | ଚର୍ମ - ଚମ | ୩୩. | ସ୍ୱେଦଃ - ଝାଳ |

**ପଦବୀ ଓ ବ୍ୟବସାୟ**

୧. ଚିକିତ୍ସକଃ / ବୈଦ୍ୟଃ - ଡାକ୍ତର

୨. ଚିକିତ୍ସିକା / ବୈଦ୍ୟା - ମହିଳା ଡାକ୍ତର

୩. ସୂଚିକଃ - ଦର୍ଜି
୪. ବୈତନିକଃ - ମଜୁରିଆ
୫. ଲେପକଃ - ରାଜମିସ୍ତ୍ରୀ
୬. ତୈଳିକଃ - ତେଲି
୭. ଦ୍ୱାରରକ୍ଷକଃ - ଦରୱାନ / ଜଗୁଆଳି
୮. ଚର୍ମକାରଃ - ମୋଚି
୯. ଭିକ୍ଷୁକଃ - ଭିକାରୀ
୧୦. କର୍ମକାରଃ - କମାର
୧୧. ସାଧକଃ - ସାଧକ
୧୨. ଅତିଥିଃ - ଅତିଥି
୧୩. ଭେଷଜିକଃ -ଔଷଧବିକ୍ରେତା
୧୪. ଆପଣିକଃ - ଦୋକାନୀ
୧୫. କାଂସ୍ୟକାରଃ - କଂସାରି
୧୬. ତୁନ୍ନବାୟଃ - ଚିଣକାଭିଡର
୧୭. ଧୀବରଃ - କେଉଟ
୧୮. ବ୍ୟାଧଃ - ଶିକାରୀ
୧୯. ନାଗରିକଃ - ନାଗରିକ
୨୦. ଲେଖକଃ - ଲେଖକ
୨୧. ଗାୟକଃ - ଗାୟକ
୨୨. ବାଦକଃ - ବାଦକ
୨୩. ଉତ୍ତମର୍ଣ୍ଣଃ-ଋଣଦେବାବାଲା
୨୪. ସ୍ୱର୍ଣ୍ଣକାରଃ - ବଣିଆ
୨୫. ଲିପିକଃ - କ୍ଲର୍କ
୨୬. କୃଷକଃ - କୃଷକ
୨୭. ଶିକ୍ଷକଃ - ଶିକ୍ଷକ
୨୮. ବୈଜ୍ଞାନିକଃ - ବୈଜ୍ଞାନିକ
୨୯. ଚାଳକଃ - ଗାଡ଼ିଚାଳକ
୩୦. ସେନାଧ୍ୟକ୍ଷଃ - ସେନାପତି
୩୧. ନ୍ୟାୟବାଦୀ - ଓକିଲ
୩୨. ନ୍ୟାୟାଧୀଶଃ - ବିଚାରକ
୩୩. ରଜକଃ - ଧୋବା
୩୪. ବୈଦେଶିକଃ - ବିଦେଶୀ
୩୫. ସଂମାର୍ଜକଃ-ଝାଡୁକରିବାବାଲା
୩୬. ତକ୍ଷକଃ - ବଢ଼େଇ
୩୭. ଅଧମର୍ଣ୍ଣଃ -ଯିଏ ଋଣନେଇଥିବ
୩୮. ଭୃତ୍ୟଃ - ଚାକର
୩୯. କାଷ୍ଠଚ୍ଛେଦକଃ-କାଠହାଣିବାବାଲା
୪୦. କରଗ୍ରାହକଃ-(Collector)
୪୧. କୁମ୍ଭକାରଃ - କୁମ୍ଭାର

୪୨. ପ୍ରତିବେଶୀ - ପଡ଼ୋଶୀ    ୪୩. ମାଂସିକଃ - କଂସେଇ

୪୪. ସୁଲିପିକଃ - ପେଶକାର    ୪୫. ଅଧିକାରୀ - ଅଫିସର୍

୪୬. ଅଭିଯନ୍ତା - ଇଞ୍ଜିନିୟର    ୪୭. ଟଙ୍କକଃ - (Typist)

୪୮. ବିକ୍ରୟିକଃ - (Salesman)

ଯାନବାହନ

୧. ଦ୍ବିଚକ୍ରଯାନମ୍ - ସାଇକେଲ। ୨. ରିକ୍ସାଯାନମ୍ - ରିକ୍ସା।

୩. ତ୍ରିଚକ୍ରଯାନମ୍ - ଅଟୋରିକ୍ସା । ୪. ସ୍କୁଟର, କାର୍, ବସ୍ ଇତ୍ୟାଦି ପାଇଁ ଯାନମ୍ ବ୍ୟବହାର କରାଯାଇଥାଏ । ଯଥା - ସ୍କୁଟର ଯାନମ୍, ବସ୍ ଯାନମ୍, କାର୍ ଯାନମ୍, ମୋଟରଯାନମ୍, ଟ୍ରକ ଯାନମ୍, ୫. ଶକଟମ୍ - ଶଗଡ଼ଗାଡ଼ି, ୬. ବ୍ୟୋମଯାନମ୍ - ଉଡ଼ାଜାହାଜ, ୭. ଧୂମ୍ରଶକଟମ୍ / ରେଳଯାନମ୍ - ରେଳଗାଡ଼ି, ୮. ବିଦ୍ୟୁଚ୍ଛକଟମ୍ - ବିଦ୍ୟୁତଚାଳିତ ଟ୍ରେନ୍, ୯. ବସ୍ କୁ ଲୋକଯାନମ୍ ମଧ୍ୟ କୁହାଯାଏ ।

୧୦. ଅଗ୍ନିତୈଳମ୍ - ପେଟ୍ରୋଲ, ୧୧. ନେମି - (Ream tyre),
୧୨. ଅନ୍ତର୍ନେମି - (Tube), ୧୩. ସ୍ଥାନମ୍ - (Seat), ୧୪. ରୋଧନୀ - ବ୍ରେକ୍, ୧୫. ସମୀକରଣମ୍ - ମରାମତି ।

ପରିବାର

୧. ପିତା / ଜନକଃ - ବାପା

୨. ମାତା / ଜନନୀ - ମାଆ

୩. ପିତରୌ - ବାପା ଓ ମାଆ

୪. ଜ୍ୟେଷ୍ଠପିତା / ଜ୍ୟେଷ୍ଠପିତୃବ୍ୟଃ - ବଡ଼ବାପା / ଦଦେଇ

୫. ଜ୍ୟେଷ୍ଠମାତା / ଜ୍ୟେଷ୍ଠପିତୃବ୍ୟା - ବଡ଼ ମା / ବେଦେଇ

୬. ପିତୃବ୍ୟଃ - କକା / ସାନବାପା, ୭. ପିତୃବ୍ୟା - ଖୁଡ଼ି / ସାନ ମା

୮. ଭ୍ରାତା / ସହୋଦରଃ - ଭାଇ, ୯. ଭଗିନୀ / ସହୋଦରୀ - ଭଉଣୀ

୧୦. ପିତାମହଃ - ଜେଜେବାପା, ୧୧. ପିତାମହୀ - ଜେଜେମା

୧୨. ମାତାମହଃ - ଅଜା ୧୩. ମାତାମହୀ - ଆଈ

୧୪. ପ୍ରପିତାମହଃ - ଗୋସେଇଁ ଜେଜେବାପା

୧୫. ପ୍ରପିତାମହୀ - ଗୋସେଇଁ ଜେଜେମା

୧୬. ପ୍ରମାତାମହଃ - ଗୋସେଇଁ ଅଜା

୧୭. ପ୍ରମାତାମହୀ - ଗୋସେଇଁ ଆଈ

୧୮. ଅଗ୍ରଜଃ / ଜ୍ୟେଷ୍ଠଭ୍ରାତା - ବଡ଼ଭାଇ

୧୯. ଅଗ୍ରଜା / ଜ୍ୟେଷ୍ଠଭଗିନୀ - ବଡ଼ଭଉଣୀ

୨୦. ଅନୁଜଃ / କନିଷ୍ଠଭ୍ରାତା - ସାନଭାଇ

୨୧. ଅନୁଜା / କନିଷ୍ଠଭଗିନୀ - ସାନ ଭଉଣୀ

୨୨. ପୁତ୍ରଃ - ପୁଅ ୨୩. ପୁତ୍ରୀ / କନ୍ୟା - ଝିଅ

୨୪. ଭ୍ରାତ୍ରୀୟଃ / ଭ୍ରାତୃପୁତ୍ରଃ - ପୁତୁରା (ଭାଇର ପୁଅ)

୨୫. ଭ୍ରାତ୍ରୀୟା - ଝିଆରୀ (ଭାଇର ଝିଅ)

୨୬. ପୌତ୍ରଃ - ନାତି (ପୁଅର ନାତି)

୨୭. ପୌତ୍ରୀ - ନାତୁଣୀ (ପୁଅର ଝିଅ)

୨୮. ଦୌହିତ୍ରଃ - ନାତି (ଝିଅର ପୁଅ)

୨୯. ଦୌହିତ୍ରୀ - ନାତୁଣୀ (ଝିଅର ଝିଅ)

୩୦. ପ୍ରପୌତ୍ରଃ - ଅଣନାତି ୩୧. ପ୍ରପୌତ୍ରୀ - ଅଣନାତୁଣୀ

୩୨. ଯମଜଃ - ଯାଆଁଳା ଭାଇ ୩୩. ଯମଜା - ଯାଆଁଳାଭଉଣୀ

୩୪. ଜାମାତା - ଜ୍ୱାଇଁ ୩୫. ନନନ୍ଦା /ନନାନ୍ଦା - ନଣନ୍ଦ

୩୬. ନନାନ୍ଦୃପତିଃ - ନଣନ୍ଦେଇ
୩୭. ବଧୂଃ - ବୋହୂ
୩୮. ଯାତା / ଦେବୃଜାୟା - ଯାଆ
୩୯. ଭ୍ରାତୃଜାୟା - ଭାଉଜ
୪୦. ଦେବରଃ - ଦିଅର
୪୧.ଜ୍ୟେଷ୍ଠ ଦେବରଃ-ଦେଢଶୁର
୪୨. ଶ୍ୱଶୁରଃ - ଶ୍ୱଶୁର
୪୩. ଶ୍ୱଶ୍ରୂଃ - ଶାଶୁ
୪୪. ଆବୁତଃ /ଭଗିନୀପତିଃ-ଭିଣୋଇ
୪୫. ମାତୁଳଃ - ମାମୁଁ
୪୬. ମାତୁଳୀ - ମାଇଁ
୪୭. ମାତୁଳେୟଃ-ମାମୁଁ ପୁଅ ଭାଇ
୪୮. ମାତୁଳେୟୀ - ମାମୁଁଝିଅ ଭଉଣୀ
୪୯. ଭାଗିନେୟଃ - ଭଣଜା
୫୦. ଭାଗିନେୟୀ - ଭାଣଜୀ
୫୧. ପିତୃଷ୍ୱସା - ପିଉସୀ
୫୨. ମାତୃଷ୍ୱସା - ମାଉସୀ
୫୩. ପିତୃଷ୍ୱସୃପତିଃ - ପିଉସା
୫୪. ମାତୃଷ୍ୱସୃପତିଃ - ମଉସା
୫୫.ପିତୃଷ୍ୱସ୍ରୀୟଃ-ପିଉସୀପୁଅ ଭାଇ
୫୬. ପିତୃଷ୍ୱସ୍ରୀୟା - ପିଉସୀଝିଅ ଭଉଣୀ
୫୭. ମାତୃଷ୍ୱସ୍ରୀୟଃ - ମାଉସୀପୁଅ ଭାଇ
୫୮. ମାତୃଷ୍ୱସ୍ରୀୟା - ମାଉସୀଝିଅ ଭଉଣୀ
୫୯. ଶାଳକଃ - ଶଳା
୬୦. ଶାଳୀ / ଶାଳିକା - ଶାଳୀ
୬୧. ସୋଢୁ / ଶାଳୀପତିଃ - ସଢୁ

**ସମୟ**

୫.୦୦ - ପଞ୍ଚବାଦନମ୍
୫.୦୫ - ପଞ୍ଚାଧିକପଞ୍ଚବାଦନମ୍
୫.୧୦ - ଦଶାଧିକପଞ୍ଚବାଦନମ୍
୫.୧୫ - ସପାଦପଞ୍ଚବାଦନମ୍

| | | |
|---|---|---|
| ୫.୨୦ | - | ବିଂଶତ୍ୟଧିକପଞ୍ଚବାଦନମ୍ |
| ୫.୨୫ | - | ପଞ୍ଚବିଂଶତ୍ୟଧିକପଞ୍ଚବାଦନମ୍ |
| ୫.୩୦ | - | ସାର୍ଦ୍ଧପଞ୍ଚବାଦନମ୍ |
| ୫.୩୫ | - | ପଞ୍ଚତ୍ରିଂଶଦଧିକପଞ୍ଚବାଦନମ୍ |
| | | ପଞ୍ଚବିଂଶତିନ୍ୟୂନଷଡ୍‌ବାଦନମ୍ |
| ୫.୪୦ | - | ଚତ୍ୱାରିଂଶଦଧିକପଞ୍ଚବାଦନମ୍ |
| | | ବିଂଶତିନ୍ୟୂନଷଡ୍‌ବାଦନମ୍ |
| ୫.୪୫ | - | ପାଦୋନଷଡ୍‌ବାଦନମ୍ |
| ୫.୫୦ | - | ଦଶନ୍ୟୂନଷଡ୍‌ବାଦନମ୍ |
| ୫.୫୫. | - | ପଞ୍ଚନ୍ୟୂନଷଡ୍‌ବାଦନମ୍ |
| ୬.୦୦ | - | ଷଡ୍‌ବାଦନମ୍ |

**ସପ୍ତାହର ବାର ଗୁଡ଼ିକ**

୧. ରବି - ଅର୍କବାସରଃ
୨. ସୋମ - ଚନ୍ଦ୍ରବାସରଃ
୩. ମଙ୍ଗଳ - ଭୌମବାସରଃ
୪. ବୁଧ - ପଣ୍ଡିତବାସରଃ
୫. ଗୁରୁ - ବୃହସ୍ପତିବାସରଃ
୬. ଶୁକ୍ର - ଭୃଗୁବାସରଃ
୭. ଶନି - ସୌରିବାସରଃ ।

**ପରିଚୟ**

୧. ଭବତଃ ନାମ କିମ୍ ? (ପୁଂ) - ଆପଣଙ୍କ ନାମ କଣ ?
ମମ ନାମ ମହେଶଃ - ମୋର ନାମ ମହେଶ ।

୨. ଭବତ୍ୟାଃ ନାମ କିମ୍ ? (ସ୍ତ୍ରୀ) - ଆପଣଙ୍କ ନାମ କଣ ?
ମମ ନାମ ସୁରେଖା - ମୋର ନାମ ସୁରେଖା ।

୩. ଭବତଃ/ଭବତ୍ୟାଃ ପୁତ୍ରସ୍ୟ ନାମ କିମ୍ ?- ଆପଣଙ୍କ ପୁଅର ନାମ କଣ ?

ମମ ପୁତ୍ରସ୍ୟ ନାମ ପ୍ରିୟବ୍ରତଃ - ମୋର ପୁତ୍ରର ନାମ ପ୍ରିୟବ୍ରତ ।

୪. ଅସ୍ୟ ନାମ କିମ୍ ? (ପୁଂ) - ଏହାର ନାଁ କଣ ?

ଅସ୍ୟ ନାମ ସମୀରଃ - ଏହାର ନାମ ସମୀର ।

୫. ଅସ୍ୟାଃ ନାମ କିମ୍ ? (ସ୍ତ୍ରୀ) - ଏହାର ନାଁ କଣ ?

ଅସ୍ୟାଃ ନାମ ମନୋରମା - ଏହାର ନାମ ମନୋରମା ।

୬. ଭବାନ୍ କଃ ? (ପୁଂ) - ଆପଣ କିଏ ?

ଅହଂ ଛାତ୍ରଃ - ମୁଁ ଛାତ୍ର ।

୭. ଭବତୀ କା ? (ସ୍ତ୍ରୀ) - ଆପଣ କିଏ ?

ଅହଂ ଛାତ୍ରା - ମୁଁ ଛାତ୍ରୀ

୮. ଅହଂ କଃ ? (ସ୍ତ୍ରୀ) - ମୁଁ କିଏ ?

ଭବାନ୍ ଅଧ୍ୟାପକଃ - ଆପଣ ଅଧ୍ୟାପକ ।

୯. ଅହଂ କା ? (ସ୍ତ୍ରୀ) - ମୁଁ କିଏ ?

ଅହଂ ଗାୟିକା - ମୁଁ ଗାୟିକା ।

୧୦. ଏଷଃ କଃ ? (ପୁଂ) - ଏଏ କିଏ ?

ଏଷଃ ସରୋଜଃ - ଏଏ ସରୋଜ ।

୧୧. ଏଷା କା ? (ସ୍ତ୍ରୀ) - ଏଏ କିଏ ?

ଏଷା ସୁଖଲତା - ଏଏ ସୁଖଲତା ।

୧୨. ସଃ କଃ ? (ପୁଂ) - ସେ କିଏ ?

ସଃ ଶିକ୍ଷକଃ - ସେ ଶିକ୍ଷକ ।

୧୩. ସା କା ? (ସ୍ତ୍ରୀ) - ସେ କିଏ ?

ସା ମମ ଭଗିନୀ - ସେ ମୋର ଭଉଣୀ ।

୧୪. ତତ୍ କିମ୍ ? - ତାହା କଣ ? ତତ୍ ବସ୍ତ୍ରମ୍ - ତାହା ବସ୍ତ୍ର ଅଟେ ।

୧୫. ଏତତ୍ କିମ୍ ? - ଏହା କଣ ? ଏତତ୍ ଘଟୀଯନ୍ତ୍ରମ୍ - ଏହା ହାତଘଣ୍ଟା ।

## ପାରସ୍ପରିକ ମିଳନରେ ପରିଚୟାତ୍ମକ ବାର୍ତ୍ତାଳାପ

ଭବତଃ ନାମ କିମ୍ (ପୁଂ) ? - ଆପଣଙ୍କର ନାମ କଣ ? (ପୁରୁଷ)

ମମ ନାମ ରମେଶଃ - ମୋର ନାମ ରମେଶ ।

ଭବତ୍ୟାଃ ନାମ କିମ୍ (ସ୍ତ୍ରୀ) ? - ଆପଣଙ୍କର ନାମ କଣ ? (ସ୍ତ୍ରୀ)

ମମ ନାମ ରଶ୍ମିରେଖା - ମୋର ନାମ ରଶ୍ମିରେଖା ।

ଭବାନ୍ /ଭବତୀ କୁତ୍ର ତିଷ୍ଠତି ? ଆପଣ କେଉଁଠାରେ ରହୁଛନ୍ତି ?

ମହାବିଦ୍ୟାଳୟସ୍ୟ ଛାତ୍ରାବାସେ - ମହାବିଦ୍ୟାଳୟର ଛାତ୍ରାବାସରେ/ ଛାତ୍ରୀ ନିବାସରେ ।

ଭବାନ୍ /ଭବତୀ କିମ୍ ଉଦ୍ୟୋଗଂ କରୋତି ? - ଆପଣ କେଉଁକାର୍ଯ୍ୟ କରନ୍ତି ?

ଅହଂ ଅଧ୍ୟାପକଃ /ଅଧ୍ୟାପିକା ଅସ୍ମି - ମୁଁ ଅଧ୍ୟାପକ / ଅଧ୍ୟାପିକା ଅଛି ।

ସମ୍ପ୍ରତି ଭବାନ୍ /ଭବତୀ କୁତ୍ର ଗଚ୍ଛତି ? - ବର୍ତ୍ତମାନ ଆପଣ କେଉଁଆଡେ ଯାଉଛନ୍ତି ।

ସମ୍ପ୍ରତି ଅହଂ ମହାବିଦ୍ୟାଳୟଂ ଗଚ୍ଛାମି - ବର୍ତ୍ତମାନ ମୁଁ ମହାବିଦ୍ୟାଳୟକୁ ଯାଉଛି ।

ଅସ୍ତୁ ପୁନର୍ମିଳାମଃ - ହଉ ପୁଣି ଦେଖାହେବା ।

## ଦୁଇଜଣ ମିତ୍ରଙ୍କର ପାରସ୍ପରିକ ମିଳନ

ରମେଶଃ - ନମୋନମଃ - ନମସ୍କାର ।

ସୁରେଶଃ - ନମୋନମଃ, କିଂଭୋ ଦର୍ଶନମେବ ନାସ୍ତି - ନମସ୍କାର, କଣ ହେ ତୁମର ଦେଖା ନାହିଁ ।

ରମେଶଃ - ବହୁ କାର୍ଯ୍ୟାଣି ସନ୍ତି, ଅତଃ ସମୟଃ ନାସ୍ତି - ବହୁତ କାମଥିବାରୁ ସମୟ ମିଳୁନାହିଁ ।

ସୁରେଶଃ - ସ୍ୱାସ୍ଥ୍ୟଂ ସମୀଚୀନମ୍ ବା ? - ସ୍ୱାସ୍ଥ୍ୟ ଠିକ୍ ଅଛି ତ ?

ରମେଶଃ - କଦା ଗୃହମ୍ ଆଗଚ୍ଛତୁ - କେତେବେଳେ ଘରଆଡ଼େ ଆସ ।

ସୁରେଶଃ - ଅବସରେ ଆଗମିଷ୍ୟାମି, ସମ୍ପ୍ରତି ଗଚ୍ଛାମି - ଛୁଟିରେ ଆସିବି, ବର୍ତ୍ତମାନ ଯାଉଛି ।

ରମେଶଃ - ଗଚ୍ଛତୁ, ପୁନଃ ଦର୍ଶନଂ ଭବିଷ୍ୟତି-ହଉଯାଅ, ପୁଣି ଦେଖାହେବା ।

ଏହିଭଳି ଛୋଟ ଛୋଟ ବାକ୍ୟର ପ୍ରୟୋଗ କରି ସମ୍ଭାଷଣର ଅଭ୍ୟାସ କରିବା ଆବଶ୍ୟକ ।

**ସଭା ସମ୍ଭାଷଣ**

ସମ୍ବୋଧନ - ମାନ୍ୟାଃ ସଭାପତୟଃ, ମଞ୍ଚାସୀନାଃ ବରେଣ୍ୟାଃ ମୁଖ୍ୟାତିଥୟଃ ମାନ୍ୟାଃ ମୁଖ୍ୟବକ୍ତାରଃ, ମଞ୍ଚାସୀନାଃ ଅନୁଷ୍ଠାନସ୍ୟ କାର୍ଯ୍ୟକର୍ତ୍ତାରଃ ! ସମୁପସ୍ଥିତାଃ ବିଦ୍ୱାଂସଃ ବିଦୁଷ୍ୟଃ ଚ । ଭବନ୍ତଃ ଅତ୍ର ଅତିଥିରୂପେଣ ନିମନ୍ତ୍ରଣଂ କୃତ୍ୱା କିଞ୍ଚିତ୍ ବକ୍ତୁମ୍ ମହ୍ୟଂକୃତେ ଅବସରଂ / ସୁଯୋଗଂ ଦତ୍ତବନ୍ତଃ, ଇତି ହେତୋଃ ଅହଂ କୃତଜ୍ଞତାଂ ଜ୍ଞାପୟାମି ।

(ଏପରି ସମ୍ବୋଧନ କରିବାପରେ ବିଷୟ ବସ୍ତୁର ଉପସ୍ଥାପନା କରିବେ ଓ ଶେଷରେ ଉପସଂହାର କରିବେ ।

ଉପସଂହାର - ଅସ୍ୟ ପ୍ରତିଷ୍ଠାନସ୍ୟ / ମହାବିଦ୍ୟାଳୟସ୍ୟ / ସଂସ୍ଥାନସ୍ୟ / ଅସ୍ୟାଃ ସମିତେଃ ଉତ୍ତରୋତ୍ତରୋନ୍ନତିଃ ଭବତୁ ଇତି କାମନାଂ କୃତ୍ୱା ବିରମାମି ।

ଜୟତୁ ସଂସ୍କୃତମ୍

ଜୟତୁ ଭାରତମ୍

**ସାକ୍ଷାତ୍କାରଃ -**

ପ୍ରାର୍ଥୀ - କିଂ ପ୍ରବେଶାର୍ଥମ୍ ଅନୁମତୋଽସ୍ମି ।

ଚୟନସମିତିଃ - ଆମ୍ ଅନ୍ତଃ ପ୍ରବିଶତୁ ଭବାନ୍ ।

ପ୍ରାର୍ଥୀ - ଭୋ ଅଭିବାଦୟେ । ଏଷ ମେ ପ୍ରଣାମପର୍ଯ୍ୟାୟଃ ।

କାର୍ଯ୍ୟହେତୁ ପ୍ରଯୁକ୍ତ ହୁଏ ।

କ) ଦୁଇଟି ପୂର୍ଣ୍ଣବାକ୍ୟକୁ 'କାରଣ' 'ଯେହେତୁ' ଇତ୍ୟାଦି ଦ୍ୱାରା ଯେତେବେଳେ ଗୋଟିଏ ବାକ୍ୟରେ ପରିଣତ କରିବାର ଚେଷ୍ଟା କରାଯାଏ ସେତେବେଳେ ଏହି ଦ୍ୱିତୀୟଚ୍ଛେଦ ଚିହ୍ନ (;) ଦିଆଯାଇଥାଏ; ଯଥା:- ଯଦା ନରସିଂହରାଓମହୋଦୟଃ ପ୍ରଧାନମନ୍ତ୍ରିଣଃ ଆସନ୍ ଅସ୍ମାକଂ ଦେଶସ୍ୟ ହିତାର୍ଥମ୍ ଜାତିସଂଘଂ ପ୍ରତି ଅଟଳ-ବିହାରୀ-ବାଜପେୟି-ମହୋଦୟାନ୍ ପ୍ରେଷିତବନ୍ତଃ; ଯଦ୍ୟପି, ବାଜପେୟିମହୋଦୟଃ ବିରୋଧିଦଳସ୍ୟ ନେତାରଃ ଆସନ୍ ।

ଖ) ଯଦି ଗୋଟିଏ ପ୍ରସଙ୍ଗରେ ଶ୍ରୋତା ଓ ବକ୍ତା ଏକ ଏକ ସଂଖ୍ୟା ବିଶିଷ୍ଟ ହୋଇଥାନ୍ତି ଏବଂ ପ୍ରତ୍ୟେକ ଖଣ୍ଡବାକ୍ୟ ଯେ କୌଣସି ପୂର୍ଣ୍ଣବାକ୍ୟ ସଦୃଶ ନିଜସ୍ୱ ଗୁରୁତ୍ୱ ବହନ କରେ ଅଥଚ ବାକ୍ୟାନ୍ତରକୁ ସ୍ୱୀକାର କରେନାହିଁ ସେଠାରେ ଏହି ଦ୍ୱିତୀୟଚ୍ଛେଦ ପ୍ରୟୋଗର ଆବଶ୍ୟକତା ଦେଖାଦିଏ; ଯଥା:- କାମଂ ଭବାନ୍ ପ୍ରକୃତ୍ୟୈବ ଧୀରଃ, ପିତ୍ରା ଚ ସମାରୋପିତସଂସ୍କାରଃ, ତରଳହୃଦୟମପ୍ରତିବୁଦ୍ଧଂ ଚ ମଦୟନ୍ତି ଧନାନି; ତଥାପି, ଭବଦ୍‌ଗୁଣସନ୍ତୋଷ ମାମେବଂ ମୁଖରୀକୃତବାନ୍ ।

**୧.୪. ତୃତୀୟ ଚ୍ଛେଦ (Colon) =:**

ଉଦାହରଣ, ଯଥା, ଯେପରିକି ଏହିଭଳି ଶବ୍ଦ ପ୍ରୟୋଗ ପରେ ଏକ ସଂଯୋଜକ ଚିହ୍ନ (-) ସହ ଏହି ବିରାମ ଚିହ୍ନକୁ ବ୍ୟବହାର କରାଯାଏ । ଉଦାହରଣ:- ସାଂଖ୍ୟଦର୍ଶନରେ ପ୍ରମାଣ ତିନିପ୍ରକାରର; ଯଥା:- ପ୍ରତ୍ୟକ୍ଷ, ଅନୁମାନ ଓ ଆପ୍ତ (ଶାବ୍ଦ) ।

**୧.୫. ପୂର୍ଣ୍ଣଚ୍ଛେଦ (Full Stop) = ।**

ବକ୍ତାର ଇଚ୍ଛା ପୂରଣ କରୁଥିବା ଗୋଟିଏ ପୂର୍ଣ୍ଣବାକ୍ୟ ଶେଷରେ ହିଁ ପୂର୍ଣ୍ଣଚ୍ଛେଦ (।) ଦିଆଯାଇଥାଏ ।

ଚ.ସ. - ଉପବିଶତୁ / ଆସ୍ୟତାମ୍ ।

ପ୍ରାର୍ଥୀ - (ଉପବିଶ୍ୟ) ଧନ୍ୟବାଦାଃ ।

ଚ.ସ. - (ସାକ୍ଷାତ୍କାରାନ୍ତେ)

ଚ.ସ. - ଅସ୍ତୁ ଅଲମ୍ ।

ପ୍ରାର୍ଥୀ - ବିନୟେନ ଧନ୍ୟବାଦାନ୍ ନିବେଦ୍ୟ ବହିର୍ନିଃସରେତ୍ ।

**ସରଳ ସମ୍ଭାଷଣର କିଛି ନିୟମ**

* ପ୍ରୟୋଗ ସମୟରେ ସରଳତା ଦୃଷ୍ଟିରୁ ଯୁଷ୍ମଦ୍ ଶବ୍ଦର ପ୍ରୟୋଗ ନକରି ସେ ସ୍ଥଳରେ ଭବତ୍ ଶବ୍ଦର ପ୍ରୟୋଗ କରିବା ଉଚିତ୍ । ଯୁଷ୍ମଦ୍ ଶବ୍ଦର ପ୍ରୟୋଗ କଲେ ମଧ୍ୟମପୁରୁଷ କ୍ରିୟାର ପ୍ରୟୋଗ କରିବାକୁ ପଡ଼ିବ । କିନ୍ତୁ ଭବତ୍ ଶବ୍ଦର ପ୍ରୟୋଗ କଲେ ପ୍ରଥମପୁରୁଷରେ କ୍ରିୟାର ପ୍ରୟୋଗ କରିବା ସହ ସମ୍ମାନ ସୂଚକ ଶବ୍ଦର ପ୍ରୟୋଗ ମଧ୍ୟ ହୋଇପାରିବ ।

* ସେହିଭଳି ଦ୍ୱିବଚନରେ ପ୍ରୟୋଗ ଯଥା - (ବାଲକୌ ଗଚ୍ଛତଃ) ସ୍ଥାନରେ ସରଳ ପ୍ରୟୋଗ ଏକବଚନରେ କରାଯାଇପାରିବ । ଯଥା - ବାଲକଦ୍ୱୟଂ ଗଚ୍ଛତି ।

* ନିମିତ୍ତାର୍ଥେ ଚତୁର୍ଥୀ ପ୍ରୟୋଗ ସ୍ଥଳରେ ତୁମୁନ୍ ପ୍ରତ୍ୟୟାନ୍ତ ଶବ୍ଦର ପ୍ରୟୋଗ ମଧ୍ୟ କରାଯାଇପାରିବ । ଯଥା - ଗୋବିନ୍ଦଃ ଭୋଜନାୟ ଗଚ୍ଛତି, ଏହା ବଦଳରେ ଗୋବିନ୍ଦଃ ଭୋକ୍ତୁଂ ଗଚ୍ଛତି, 'ଅଥବା' ଗୋବିନ୍ଦଃ ଭୋଜନାର୍ଥଂ ଗଚ୍ଛତି, ଏପରି ମଧ୍ୟ ହୋଇପାରିବ ।

* କୌଣସି ଶବ୍ଦର ୫ମୀ ବିଭକ୍ତିର ପ୍ରୟୋଗ କରିବାବେଳେ ସେହି ଶବ୍ଦର ୫ମୀ ବିଭକ୍ତି ସ୍ଥାନରେ 'ତଃ' ର ପ୍ରୟୋଗ କରିଦେଲେ ତାହା ସରଳ ହୋଇଯାଏ । ଯଥା - 'ରାମାତ୍' ସ୍ଥାନରେ 'ରାମତଃ', 'ଗ୍ରାମାତ୍' ସ୍ଥାନରେ 'ଗ୍ରାମତଃ' 'ଲତାୟାଃ' ସ୍ଥାନରେ 'ଲତାତଃ' ଆଦି ପ୍ରୟୋଗ ମଧ୍ୟ କରାଯାଇପାରିବ ।

* ସରଳ ସଂସ୍କୃତରେ ବାର୍ତ୍ତାଳାପ କରିବା ଦୃଷ୍ଟିରୁ ଏଭଳି ପ୍ରୟୋଗ କରାଯାଇପାରିବ । ନିକଟରେ ଥିବା ବ୍ୟକ୍ତିଙ୍କ ପାଇଁ 'ଏଷଃ'/ 'ଏଷା' ଓ ଦୂରରେ ଥିବା ବ୍ୟକ୍ତିଙ୍କ ପାଇଁ 'ସଃ - ସା' ର ପ୍ରୟୋଗ କରାଯାଇଥାଏ । ଯଥା- ଏଷଃ ମମ ମିତ୍ରମ୍. ସଃ ରାଜେଶଃ ।
* ନିକଟରେ ଥିବା ବସ୍ତୁ ପାଇଁ 'ଏତଦ୍' ଓ ଦୂରରେ ଥିବା ବସ୍ତୁପାଇଁ 'ତଦ୍' ଶବ୍ଦର ବ୍ୟବହାର କରାଯାଇଥାଏ ।
* ଅତୀତ କାଳର ପ୍ରୟୋଗ ସମୟରେ କ୍ତବତ୍ ପ୍ରତ୍ୟୟାନ୍ତ ଶବ୍ଦର ପ୍ରୟୋଗ ସରଳ ଓ ସହଜ ହୋଇଥାଏ ।

ଯଥା - ମନୋଜଃ ଗୃହମ୍ ଅଗଚ୍ଛତ୍ - ମନୋଜ ଘରକୁ ଗଲା ।

ଏ ସ୍ଥଳରେ - "ମନୋଜଃ ଗୃହଂ ଗତବାନ୍" - ଏହି କ୍ତବତ୍ ପ୍ରତ୍ୟୟାନ୍ତ ଶବ୍ଦର ପ୍ରୟୋଗ ସବୁ ପୁରୁଷରେ କରାଯାଇ ପାରିବ । ଯଥା - ଅହଂ ଗତବାନ୍, ସଃ ଗତବାନ୍, ତ୍ୱଂ ଗତବାନ୍ - ଇତ୍ୟାଦି ପ୍ରୟୋଗ କରାଯାଇପାରିବ ।

# ସରଳସମ୍ଭାଷଣ କୋଷ୍ଠକ

## (୧) ପ୍ରଥମ ପୁରୁଷ ଏକବଚନ

| | |
|---|---|
| ପୁଂ | ବାଳକଃ / ସଃ / ଏଷଃ / କଃ / ଭବାନ୍ |
| ସ୍ତ୍ରୀ | ବାଳିକା / ସା / ଏଷା / କା / ଭବତୀ |
| ନପୁଂ | ବାହନମ୍ / ତତ୍ / ଏତତ୍ / କିମ୍ |

→ ଗଚ୍ଛତି - ବର୍ତ୍ତମାନ

↓

ଗମିଷ୍ୟତି - ଭବିଷ୍ୟତ

↓

ଗଚ୍ଛତୁ - ପ୍ରାର୍ଥନା

## (୨) ପ୍ରଥମ ପୁରୁଷ ବହୁବଚନ

| | |
|---|---|
| ପୁଂ | ବାଳକାଃ / ତେ / ଏତେ / କେ / ଭବନ୍ତଃ |
| ସ୍ତ୍ରୀ | ବାଳିକାଃ / ତାଃ / ଏତାଃ / କାଃ / ଭବତ୍ୟଃ |
| ନପୁଂ | ବାହନାନି / ତାନି / ଏତାନି / କାନି |

→ ଗଚ୍ଛନ୍ତି - ବର୍ତ୍ତମାନ

↓

ଗମିଷ୍ୟନ୍ତି - ଭବିଷ୍ୟତ

↓

ଗଚ୍ଛନ୍ତୁ - ପ୍ରାର୍ଥନା

ସୂଚନା - ଉକ୍ତ ଦୁଇଟିଯାକ ପ୍ରୟୋଗରେ କର୍ତ୍ତା ସ୍ଥିର ରଖି କ୍ରିୟା ପରିବର୍ତ୍ତନ କ୍ରିୟା ସ୍ଥିର ରଖି କର୍ତ୍ତାର ପରିବର୍ତ୍ତନ ଦ୍ୱାରା ଅସଂଖ୍ୟ ବାକ୍ୟ ରଚନା କରାଯାଇପାରିବ ।

## (୩) ଉତ୍ତମପୁରୁଷ ଏକବଚନ

ଅହଂ → ଗଚ୍ଛାମି - ବର୍ତ୍ତମାନ

↓

ଗମିଷ୍ୟାମି - ଭବିଷ୍ୟତ

## (୪) ଉତ୍ତମପୁରୁଷ ବହୁବଚନ

ବୟଂ → ଗଚ୍ଛାମଃ - ବର୍ତ୍ତମାନ

↓

ଗମିଷ୍ୟାମଃ - ଭବିଷ୍ୟତ ।

(୫)ମଧ୍ୟମପୁରୁଷ ଏକବଚନ

ତ୍ୱଂ → ଗଚ୍ଛସି - ବର୍ତ୍ତମାନ

↓

ଗମିଷ୍ୟସି - ଭବିଷ୍ୟତ

(୬) ମଧ୍ୟମପୁରୁଷ ବହୁବଚନ

ଯୂୟଂ → ଗଚ୍ଛଥ

↓

ଗମିଷ୍ୟଥ

ସୂଚନା -୧. ଉକ୍ତ ପ୍ରୟୋଗ ଦୁଇଟିରେ କର୍ତ୍ତା ସ୍ଥିର ରଖି କ୍ରିୟା ପରିବର୍ତ୍ତନ କରାଯାଇ ବହୁବାକ୍ୟ ରଚନା କରାଯାଇପାରିବ ।

ସୂଚନା -୨. ତ୍ୱମ୍ ଶବ୍ଦ ସ୍ଥାନରେ ଭବାନ୍ / ଭବତୀ ଓ ଯୂୟଂ ଶବ୍ଦ ସ୍ଥାନରେ ଭବନ୍ତଃ / ଭବତ୍ୟଃ ଶବ୍ଦର ପ୍ରୟୋଗ ସହଜ ତଥା ଉଚିତ ଅଟେ ।

ଅତୀତକାଳ ପାଇଁ ସରଳ ସମ୍ଭାଷଣର ମାର୍ଗ -

(୧) ପ୍ରଥମପୁରୁଷ ଏକବଚନ

| | | | |
|---|---|---|---|
| ପୁଂ | ବାଳକଃ /ସଃ /ଏଷଃ /କଃ /ଭବାନ୍ /ଅହଂ /ତ୍ୱଂ | → | ଗତବାନ୍ |
| ସ୍ତ୍ରୀ | ବାଳିକା /ସା /ଏଷା /କା /ଭବତୀ /ଅହଂ /ତ୍ୱଂ | → | ଗତବତୀ |
| ନପୁଂ | ବାହନମ୍ / ତତ୍ / ଏତତ୍ / କିଂ / | → | ଗତମ୍ |

(୨) ପ୍ରଥମ ପୁରୁଷ ବହୁବଚନ

| | | | |
|---|---|---|---|
| ପୁଂ | ବାଳକାଃ /ତେ /ଏତେ /କେ /ଭବନ୍ତଃ /ବୟଂ | → | ଗତବନ୍ତଃ |
| ସ୍ତ୍ରୀ | ବାଳିକାଃ /ତାଃ /ଏତାଃ /କାଃ /ଭବତ୍ୟଃ /ବୟଂ | → | ଗତବତ୍ୟଃ |
| ନପୁଂ | ବାହନାନି / ତାନି / ଏତାନି / କାନି | → | ଗତାନି |

ସୂଚନା - ଉକ୍ତ ଦୁଇଟିଯାକ ପ୍ରୟୋଗରେ ମଧ୍ୟ କର୍ତ୍ତା ସ୍ଥିର ରଖି କ୍ରିୟାର ପରିବର୍ତ୍ତନ କ୍ରିୟା ସ୍ଥିର ରଖି କର୍ତ୍ତାର ପରିବର୍ତ୍ତନ ଦ୍ୱାରା ବହୁବାକ୍ୟର ରଚନା ସହଜସାଧ୍ୟ ଅଟେ ।

ବିଃଦ୍ରଃ - ସରଳସମ୍ଭାଷଣର ଅଭ୍ୟାସ କରିବା ପାଇଁ କେତେଗୁଡ଼ିଏ କ୍ରିୟାର ରୂପ ନିମ୍ନରେ ପ୍ରଦାନ କରାଯାଉଛି । ଏଗୁଡ଼ିକର ସହାୟତାରେ ବାକ୍ୟରଚନାର ଅଭ୍ୟାସ କରିବା ଆବଶ୍ୟକ ।

| | ବର୍ତ୍ତମାନ | ଭବିଷ୍ୟତ | ପ୍ରାର୍ଥନା | ଅତୀତ |
|---|---|---|---|---|
| ୧. | ଗଚ୍ଛତି | ଗମିଷ୍ୟତି | ଗଚ୍ଛତୁ | ଗତବାନ୍ |
| ୨. | ପଠତି | ପଠିଷ୍ୟତି | ପଠତୁ | ପଠିତବାନ୍ |
| ୩. | ପତତି | ପତିଷ୍ୟତି | ପତତୁ | ପତିତବାନ୍ |
| ୪. | କ୍ରୀଡ଼ତି | କ୍ରୀଡ଼ିଷ୍ୟତି | କ୍ରୀଡ଼ତୁ | କ୍ରୀଡ଼ିତବାନ୍ |
| ୫. | ବଦତି | ବଦିଷ୍ୟତି | ବଦତୁ | ଉକ୍ତବାନ୍ |
| ୬. | ପିବତି | ପାସ୍ୟତି | ପିବତୁ | ପୀତବାନ୍ |
| ୭. | ଲିଖତି | ଲେଖିଷ୍ୟତି | ଲିଖତୁ | ଲିଖିତବାନ୍ |
| ୮. | ନୟତି | ନେଷ୍ୟତି | ନୟତୁ | ନୀତବାନ୍ |
| ୯. | ପଶ୍ୟତି | ଦ୍ରକ୍ଷ୍ୟତି | ପଶ୍ୟତୁ | ଦୃଷ୍ଟବାନ୍ |
| ୧୦. | ପୃଚ୍ଛତି | ପ୍ରକ୍ଷ୍ୟତି | ପୃଚ୍ଛତୁ | ପୃଷ୍ଟବାନ୍ |
| ୧୧. | ଭବତି | ଭବିଷ୍ୟତି | ଭବତୁ | ଅଭବତ୍ |
| ୧୨. | ମିଳତି | ମେଳିଷ୍ୟତି | ମିଳତୁ | ମିଳିତବାନ୍ |

| | | | |
|---|---|---|---|
| ୧୩. ତ୍ୟଜତି | ତ୍ୟକ୍ଷ୍ୟତି | ତ୍ୟଜତୁ | ତ୍ୟକ୍ତବାନ୍ |
| ୧୪. ଖାଦତି | ଖାଦିଷ୍ୟତି | ଖାଦତୁ | ଖାଦିତବାନ୍ |
| ୧୫. ଜାନାତି | ଜ୍ଞାସ୍ୟତି | ଜାନାତୁ | ଜ୍ଞାତବାନ୍ |
| ୧୬. କରୋତି | କରିଷ୍ୟତି | କରୋତୁ | କୃତବାନ୍ |
| ୧୭. ଶୃଣୋତି | ଶ୍ରୋଷ୍ୟତି | ଶୃଣୋତୁ | ଶ୍ରୁତବାନ୍ |
| ୧୮. ଦଦାତି | ଦାସ୍ୟତି | ଦଦାତୁ | ଦତ୍ତବାନ୍ |
| ୧୯. ପ୍ରେଷୟତି | ପ୍ରେଷୟିଷ୍ୟତି | ପ୍ରେଷୟତୁ | ପ୍ରେଷିତବାନ୍ |
| ୨୦. ପ୍ରକ୍ଷାଳୟତି | ପ୍ରକ୍ଷାଳୟିଷ୍ୟତି | ପ୍ରକ୍ଷାଳୟତୁ | ପ୍ରକ୍ଷାଳିତବାନ୍ |
| ୨୧. ସ୍ଥାପୟତି | ସ୍ଥାପୟିଷ୍ୟତି | ସ୍ଥାପୟତୁ | ସ୍ଥାପିତବାନ୍ |
| ୨୨. ସ୍ମରତି | ସ୍ମରିଷ୍ୟତି | ସ୍ମରତୁ | ସ୍ମୃତବାନ୍ |
| ୨୩. ତିଷ୍ଠତି | ସ୍ଥାସ୍ୟତି | ତିଷ୍ଠତୁ | ସ୍ଥିତବାନ୍ |
| ୨୪. ହସତି | ହସିଷ୍ୟତି | ହସତୁ | ହସିତବାନ୍ |
| ୨୫. ଗାୟତି | ଗାସ୍ୟତି | ଗାୟତୁ | ଗୀତବାନ୍ |
| ୨୬. କଥୟତି | କଥୟିଷ୍ୟତି | କଥୟତୁ | କଥିତବାନ୍ |
| ୨୭. ବାଦୟତି | ବାଦୟିଷ୍ୟତି | ବାଦୟତୁ | ବାଦିତବାନ୍ |
| ୨୮. କ୍ରୀଡତି | କ୍ରୀଡିଷ୍ୟତି | କ୍ରୀଡତୁ | କ୍ରୀଡିତବାନ୍ |
| ୨୯. ଉତ୍ତିଷ୍ଠତି | ଉତ୍ଥାସ୍ୟତି | ଉତ୍ତିଷ୍ଠତୁ | ଉତ୍ଥିତବାନ୍ |

୩୦. ଉପବିଶତି ଉପବେକ୍ଷ୍ୟତି ଉପବିଶତୁ ଉପବିଷ୍ଟବାନ୍

ସୂଚନା - କରୋତି ପଦର ଉପଯୋଗରେ ମଧ୍ୟ ବହୁବାକ୍ୟର ରଚନା କରାଯାଇପାରେ । ଯଥା - ପଠନଂ କରୋତି, ଶ୍ରବଣଂ କରୋତି, ଅଧ୍ୟୟନଂ କରୋତି, ଦର୍ଶନଂ କରୋତି .......... ଇତ୍ୟାଦି ।

## ପାରସ୍ପରିକ ସାକ୍ଷାତ ଓ ଦିନଚର୍ଯ୍ୟାସମ୍ପର୍କୀୟ ବାର୍ତ୍ତାଳାପର ନମୁନା

ଦୟାନନ୍ଦଃ - ମିତ୍ରବର ! ନମୋନମଃ ।

ତପନଃ - ନମୋ ନମଃ, ନମୋ ନମଃ, କ୍ଷମ୍ୟତାମ୍ । ଭବନ୍ତଂ ନ ସ୍ମରାମି ଭବତଃ ନାମ କିମ୍ ?

ଦୟାନନ୍ଦଃ - ମମ ନାମ ଦୟାନନ୍ଦଃ / ଅହଂ ଭବତଃ ମିତ୍ରମ୍ / ମାଂ ବିସ୍ମୃତବାନ୍ ?

ତପନଃ - ଦୟାନନ୍ଦ ! କ୍ଷମ୍ୟତାମ୍ / ବିସ୍ମୃତବାନ୍ ଅହମ୍ / ବହୁଦିନତଃ ଭବତଃ ଦର୍ଶନଂ ନାସ୍ତି ।

ଦୟାନନ୍ଦଃ - ବହୁକାର୍ଯ୍ୟ-ରତଃ ଅସ୍ମି / ଅତଃ ଦର୍ଶନଂ ନ ଭବତି ।

ତପନଃ - ଭବତଃ ସର୍ବଂ କୁଶଳମ୍ ?

ଦୟାନନ୍ଦଃ - ଆମ୍ ! ସର୍ବଂ କୁଶଳମ୍ ।

ତପନଃ - ଭବତଃ ଦିନଚର୍ଯ୍ୟା କା ?

ଦୟାନନ୍ଦଃ - ଅହଂ ପ୍ରାତଃ ପଞ୍ଚବାଦନେ ଶଯ୍ୟାତ୍ୟାଗଂ କରୋମି ।

ତପନଃ - ତତଃ ପରଂ କିଂ କରୋତି ?

ଦୟାନନ୍ଦଃ - ତତଃ ପରଂ ମୁଖଂ ପ୍ରକ୍ଷାଳୟାମି, ଶୌଚାଳୟଂ ଗଚ୍ଛାମି ।

ତପନଃ - ଭବାନ୍ ଦନ୍ତଧାବନଂ ନ କରୋତି ?

ଦୟାନନ୍ଦଃ - ଆମ୍, ଦନ୍ତଚୂର୍ଣ୍ଣେନ ଦନ୍ତଫେନକେନ ଚ ଦନ୍ତଧାବନଂ କରୋମି, କଦା କଦା ଦନ୍ତଚୂର୍ଣ୍ଣେନ ଦନ୍ତକାଷ୍ଠେନ ବା ଦନ୍ତମାର୍ଜ୍ଜନଂ କରୋମି, ତତଃ ପରଂ ଜିହ୍ୱାମାର୍ଜ୍ଜନଂ କରୋମି ।

ତପନଃ - ତତଃ ପରଂ ଭବାନ୍ କିଂ କରୋତି ?

ଦୟାନନ୍ଦଃ - ତତଃ ପରଂ ସ୍ନାନଂ କରୋମି ?

ତପନଃ - ଭବାନ୍ କୁତ୍ର ସ୍ନାନଂ କରୋତି ? ସ୍ନାନାଗାରେ କୂପସମୀପେ ନଦୀଜଳେ ବା ?

ଦୟାନନ୍ଦଃ - ଅହଂ ସ୍ନାନାଗାରେ ସ୍ନାନଂ କରୋମି, କଦା କଦା କୂପସମୀପେ, କଦା କଦା ନଦୀଜଳେ ଚ ସ୍ନାନଂ କରୋମି ।

ତପନଃ - ସ୍ନାନକାଳେ ଭବତଃ କିଂ କିମ୍ ଆବଶ୍ୟକଂ ଭବତି ।

ଦୟାନନ୍ଦଃ - ସ୍ନାନକାଳେ ମମ ତୈଳଂ, ସୁଫେନକଂ, ଦ୍ରୋଣୀ, ଗାତ୍ର - ମାର୍ଜ୍ଜନୀ ଚ ଆବଶ୍ୟକାଃ ଭବନ୍ତି ।

ତପନଃ - ତତଃ ପରଂ ଭବାନ୍ କିଂ କରୋତି ?

ଦୟାନନ୍ଦଃ - ତତଃ ପରମ୍ ଅହଂ ଦେବପୂଜନଂ କରୋମି, ପୂଜନାନନ୍ତରଂ ସ୍ୱଳ୍ପାହାରଂ ଚ କରୋମି ।

ତପନଃ - ଭବାନ୍ କିଂ କିଂ ସ୍ୱଳ୍ପାହାରଂ କରୋତି ?

ଦୟାନନ୍ଦଃ - ଅହଂ ରୋଟିକାଂ, ଭର୍ଜ୍ଜଂ, ଚିପିଟକଂ, ଶାଲିତାନ୍ନଂ, ସକ୍ତୁଂ ଚ ଘୃତ

କିମପି ସୁଲଭଂ ଭବତି ତଦେବ ସ୍ୱଳ୍ପାହାରଂ କରୋମି ତତଃ ପରମ୍ ଅଧ୍ୟୟନଂ କରୋମି ।

ତପନଃ - ଭବାନ୍ କିୟତ୍ କାଳଂ ଯାବତ୍ ଅଧ୍ୟୟନଂ କରୋତି ?

ଦୟାନନ୍ଦଃ - ଅହଂ ନବବାଦନଂ ଯାବତ୍ ଅଧ୍ୟୟନଂ କରୋମି । ସାର୍ଦ୍ଧନବବାଦନେ ମହାବିଦ୍ୟାଳୟଂ ଗଚ୍ଛାମି ।

ତପନଃ - ଭବାନ୍ କେନ ମହାବିଦ୍ୟାଳୟଂ ଗଚ୍ଛତି ?

ଦୟାନନ୍ଦଃ - ଅହଂ ଦ୍ୱିଚକ୍ରଯାନେନ କଦା ସ୍କୁଟରଯାନେନ ଚ ମହାବିଦ୍ୟାଳୟଂ ଗଚ୍ଛାମି ।

ତପନଃ - କିୟତ୍ କାଳଂ ଯାବତ୍ ମହାବିଦ୍ୟାଳୟେ ପଠତି ?

ଦୟାନନ୍ଦଃ - ଅହଂ ପ୍ରାୟତଃ ଦ୍ୱିବାଦନଂ ଯାବତ୍ ମହାବିଦ୍ୟାଳୟେ ତିଷ୍ଠାମି । ତତଃ ପରଂ ଗୃହମାଗଚ୍ଛାମି । ଭୋଜନଂ ଚ କରୋମି ।

ତପନଃ - ଭବାନ୍ କିଂ କିଂ ଭୋଜନଂ କରୋତି ?

ଦୟାନନ୍ଦଃ - ଅହମ୍ ଅନ୍ନଂ, ଦାଲଂ, ବ୍ୟଞ୍ଜନଂ, ଭର୍ଜ୍ଜମ୍, ଅମ୍ଳଂ, ଶାକଂ ଚ ଭୋଜନଂ କରୋମି । କଦା କଦା ଦଧି, ପର୍ପଟଂ, ଲିମ୍ବୁକଂ, ମରିଚଂ ଚ

ସ୍ୱୀକରୋମି, ତତଃ ପରଂ ବିଶ୍ରାମଂ କରୋମି ।

ତପନଃ - ଭବାନ୍ ଅପରାହ୍ନେ ଭ୍ରମଣାୟ ନ ଗଚ୍ଛତି କିମ୍ ?

ଦୟାନନ୍ଦଃ - ଆମ୍, ଅହମ୍ ଅପରାହ୍ନେ ଚତୁର୍ବାଦନେ ନଦୀତୀରେ ଭ୍ରମଣଂ କରୋମି, ସାୟଂ ଷଡ୍‌ବାଦନେ ଗୃହମାଗତ୍ୟ ସନ୍ଧ୍ୟାବନ୍ଦନଂ କରୋମି, ତତଃ

ପରମ୍ ଅଧ୍ୟୟନଂ କରୋମି ।

ତପନଃ - ଭବାନ୍ କିୟତ୍ ସମୟଂ ଯାବତ୍ ଅଧ୍ୟୟନଂ କରୋତି ?

ଦୟାନନ୍ଦଃ - ଅହଂ ସାର୍ଦ୍ଧଦଶବାଦନଂ ଯାବତ୍ ପଠାମି, ତତଃ ପରଂ ରାତ୍ରିଭୋଜନଂ କରୋମି ।

ତପନଃ - ଭବାନ୍ ରାତ୍ରିଭୋଜନେ କିଂ ଖାଦତି ?

ଦୟାନନ୍ଦଃ - ଅହଂ ରାତ୍ରିଭୋଜନେ ରୋଟିକାଂ, ବ୍ୟଞ୍ଜନଂ, ଦୁଗ୍ଧଂ ଚ ଖାଦାମି । ଏକାଦଶବାଦନେ ଶୟନଂ କରୋମି, ଏଷା ମମ ଦିନଚର୍ଯ୍ୟା ।

ତପନଃ - ଧନ୍ୟବାଦଃ, ବହୁଶୋଭନମ୍, ସମ୍ପ୍ରତି ଅହମାଗଚ୍ଛାମି । ପୁନର୍ମିଳାମଃ ।

ଦୟାନନ୍ଦଃ - ଶିବାସ୍ତେ ସନ୍ତୁ ପନ୍ଥାନଃ ।

**ଦୂର ସନ୍ଦେଶ (S M S, E-mail, Telegram) ପ୍ରୟୋଗ**

୧. ନବବର୍ଷସ୍ୟ ଶୁଭାଶୟାଃ ଶୁଭାଶଂସାଃ- ନବବର୍ଷର ଶୁଭକାମନା

୨. ନବବର୍ଷଂ ନବଚୈତନ୍ୟଂ ଦଦାତୁ - ନବବର୍ଷ ନୂତନ ଉତ୍ସାହ ପ୍ରଦାନ କରୁ ।

୩. ବିଷୁବସଂକ୍ରାନ୍ତେଃ / ମକରସଂକ୍ରମଣସ୍ୟ ହାର୍ଦ୍ଦିକଶୁଭାଶୟାଃ ଶୁଭାଶଂସାଃ - ବିଷୁବ ସଂକ୍ରାନ୍ତି / ମକର ସଂକ୍ରାନ୍ତି ର ହାର୍ଦ୍ଦିକ ଶୁଭକାମନା ।

୪. ଦୀପାବଳୀଶୁଭାଶୟାଃ - ଦୀପାବଳୀର ଶୁଭକାମନା ।

୫. ଦୁର୍ଗାପୂଜାଶୁଭାଶୟାଃ - ଦୁର୍ଗାପୂଜାର ଶୁଭକାମନା ।

୬. ରକ୍ଷାବନ୍ଧନଂ ହୃଦୟସ୍ୟ ବନ୍ଧନମ୍ - ରକ୍ଷାବନ୍ଧନ ହୃଦୟର ବନ୍ଧନ ।

୭. ସ୍ୱାଧୀନତାଦିବସସ୍ୟ / ସାଧାରଣତନ୍ତ୍ରଦିବସସ୍ୟ ଶୁଭାଭିନନ୍ଦନମ୍ - ସ୍ୱାଧୀନତାଦିବସ / ସାଧାରଣତନ୍ତ୍ର ଦିବସର ଶୁଭକାମନା ।

୮. ପରୀକ୍ଷାୟାଂ ସଫଳତାର୍ଥେ ଅଭିନନ୍ଦନମ୍ - ପରୀକ୍ଷାର ସଫଳତା ପାଇଁ ଅଭିନନ୍ଦନ ।

୯. ଜନ୍ମଦିନସ୍ୟ ଶୁଭାଶୟାଃ - ଜନ୍ମଦିନର ଶୁଭେଚ୍ଛା ।

୧୦. ଶତଂ ଜୀବ ଶରଦୋ ବର୍ଦ୍ଧମାନଃ - ଶତାୟୁ ହୁଅ ।

୧୧. ନବଦମ୍ପତ୍ୟୋଃ ବୈବାହିକ ଜୀବନଂ ସୁମଧୁରଂ ଭୂୟାତ୍ - ନବଦମ୍ପତିଙ୍କର ଜୀବନ ସୁଖୀ ତଥା ସୁମଧୁର ହେଉ ।

୧୨. ଶିବାସ୍ତେ ସନ୍ତୁ ପନ୍ଥାନଃ - ଆପଣଙ୍କର ଯାତ୍ରା ମଙ୍ଗଳମୟ ହେଉ ।

***

# ୨୪. ଚିହ୍ନ-ପ୍ରୟୋଗ-ପ୍ରକରଣ

ବିଶୁଦ୍ଧ ବାକ୍ୟଟିଏ ରଚନା କରିବାକୁ ହେଲେ ଏବଂ ତା'ର ବାସ୍ତବ ଅର୍ଥକୁ ପାଠକ ନିକଟରେ ପରିବେଷଣ କରିବାକୁ ହେଲେ, ଆବଶ୍ୟକ ସ୍ଥଳରେ କେତେଗୁଡ଼ିଏ ଚିହ୍ନର ପ୍ରୟୋଗ କରିବାକୁ ହୁଏ । ମୂଳ ପ୍ରକୃତିରେ (ଶବ୍ଦ ବା ଧାତୁରେ) ଯଥାକ୍ରମେ ସୁପ୍ (ସ୍ୱା) ଏବଂ ତିଙ୍ ଇତ୍ୟାଦି ପ୍ରତ୍ୟୟଗତ ଚିହ୍ନର ପ୍ରୟୋଗ କରି ପ୍ରଥମେ ପଦ ସାଧନ କରିବାକୁ ହୁଏ ବୋଲି ପୂର୍ବରୁ ଆଲୋଚନା ହୋଇସାରିଛି । ଯଥା:- ସୂତ୍ର- ସୁପ୍-ତିଙନ୍ତଂ ପଦମ୍ (ପା. ୧.୪.୧୪) । ସଂସ୍କୃତରେ ପ୍ରକୃତି ଓ ପ୍ରତ୍ୟୟ ଯୋଗରେ ନିଷ୍ପନ୍ନ ପଦ ବିଭକ୍ତ୍ୟନ୍ତ ହେଲେ ହିଁ ତାର ପ୍ରୟୋଗ ହୁଏ ବୋଲି ମହାଭାଷ୍ୟକାର କହିଛନ୍ତି । ଯଥା:- ନ କେବଲା ପ୍ରକୃତିଃ ପ୍ରୟୋକ୍ତବ୍ୟା ନାପି ପ୍ରତ୍ୟୟଃ । ...ଅପଦଂ ନ ପ୍ରଯୁଞ୍ଜୀତ ।

ପଦ ସମୂହ ଦ୍ୱାରା ବାକ୍ୟ ସୃଷ୍ଟି ହୁଏ; କିନ୍ତୁ, ସେ' ସବୁ ପଦାବଳୀର ଯୋଗ୍ୟତା, ଆକାଙ୍କ୍ଷା ଏବଂ ଆସକ୍ତି ଥିବା ଆବଶ୍ୟକ। ବାକ୍ୟଂ ସ୍ୟାଦ୍ୟୋଗ୍ୟତାକାଙ୍କ୍ଷାସକ୍ତିଯୁକ୍ତଃ ପଦୋଚ୍ଚୟଃ। ଅର୍ଥାତ୍ ପଦମାନଙ୍କର ପାରସ୍ପରିକ ସମ୍ବନ୍ଧରେ ଅନୁକୂଳତା, ପଦଗୁଡ଼ିକର ପ୍ରସଙ୍ଗାନୁସାରେ ପ୍ରୟୋଗ ଯୋଗ୍ୟତା ଏବଂ ପଦ ଗୁଡ଼ିକର ବିନ୍ୟାସ ତଥା ଉଚ୍ଚାରଣରେ କ୍ରମର ବିନ୍ୟସ୍ତତା ହିଁ ସେମାନଙ୍କୁ ଏକ ପୂର୍ଣ୍ଣ ବାକ୍ୟରେ ପରିଣତ କରାଏ। କିନ୍ତୁ ଏହା ସହିତ ଅବ୍ୟୟ ଏବଂ ସ୍ଥଳବିଶେଷରେ କେତେଗୁଡ଼ିଏ ସଂକେତର ପ୍ରୟୋଗ ଦ୍ୱାରା ଅର୍ଥ ପ୍ରତିପାଦନ ଅଧିକ ସୁନ୍ଦରିନିଷ୍ଠ ତଥା ଭାବବୋଧକ ହୋଇଥାଏ । ସଂସ୍କୃତ ପଠନ ନିମନ୍ତେ ଆବଶ୍ୟକ ହେଉଥିବା ଚିହ୍ନମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇପାରେ ଯଥା:-୧. ବିରାମାଦି ଚିହ୍ନ (Punctuations) ୨. ମୁଦ୍ରଣ ସଂଶୋଧନ ଚିହ୍ନ (Symbol for reading the proof) ଏବଂ

୩. ଲିପ୍ୟନ୍ତରୀକରଣ ଚିହ୍ନ (Symbols for Transliteration)। କ୍ରମାନ୍ୱୟରେ ସେ ସବୁର ଆଲୋଚନା ପ୍ରଦତ୍ତ ।

**(୧) ବିରାମାଦି ଚିହ୍ନ (Punctuations):-**

୧.୧. ଅବ୍ୟୟଦ୍ୱାରା - ବଦନ୍ତ୍ୟପର୍ଣ୍ଣେତି ଚ ତଂ ପୁରାବିଦଃ (ଏବଂ ପୁରାଣବିଦ୍‌ଗଣ ତାହାଙ୍କୁ ଅପର୍ଣ୍ଣା ବୋଲି କହିଲେ ।) 'ଏବଂ'(ଚ) ସଙ୍କେତରୁ ଦିଆଯାଇଥିବା ବାକ୍ୟଟି ଏକ ଖଣ୍ଡିତ ବାକ୍ୟ ବୋଲି ସୂଚନା ମିଳିଲା 'ତଥା' (ଇତି)ବୋଲି ପ୍ରୟୋଗରୁ ଅପର୍ଣ୍ଣା ପଦଟିରେ ଉଦ୍ଧୃତି ଚିହ୍ନ ( '–')ନ ରହିଲେ ମଧ୍ୟ ଅର୍ଥ ଠିକ୍ ଭାବରେ ବୁଝିହେଲା । ପୂର୍ବରୁ ସଂସ୍କୃତ ଭାଷା ଲିଖନ ପଦ୍ଧତିରେ କେବଳ ପୂର୍ଣ୍ଣଚ୍ଛେଦ ବ୍ୟତୀତ ପ୍ରାୟ ଅନ୍ୟ କୌଣସି ସଂକେତ ବାକ୍ୟର ଖଣ୍ଡିତ ଅଂଶକୁ ପୃଥକ୍ କରିବା ନିମନ୍ତେ ନଥିଲା; ଯେପରିକି :- ପ୍ରଥମ ଚ୍ଛେଦ( ,), ଦ୍ୱିତୀୟ ଚ୍ଛେଦ(;), ଇତ୍ୟାଦି । କିନ୍ତୁ ଏହାର ଆବଶ୍ୟକତା ପୂରଣପାଇଁ ଇତି, ଏବଂ, ଚ, ଅପି ଚ,ପୁନଶ୍ଚ,ହି,ବା,ଅଥବା, କିଂବା, ନାମ, ତଥା ହି, ତୁ, ନ, ନୋ, ନୂନମ୍, ପ୍ରତି, କ୍ୱଚିତ୍, କଥଂନୁ, ଅତଏବ, ଅସ୍ତୁ, ଅସ୍ତୁ ନାମ, ତତଃ, ଅତଃ, ଯଦା, କଦା ଇତ୍ୟାଦି ବାକ୍ୟରେ ବ୍ୟବହୃତ ହୁଏ । କେବଳ ବାକ୍ୟର ଆରମ୍ଭରେ - ଚ, ବା,ତୁ, ହି,ଏବ,ଇବ,ଖଳୁ,ନାମ,କିଲ, ନୁ ଇତ୍ୟାଦି ଅବ୍ୟୟ ଗୁଡ଼ିକ ବ୍ୟବହୃତ ହୋଇପାରନ୍ତି ନାହିଁ ।

*ଏହିପରି ବ୍ୟବହାରର ଏକ ଉଦାହରଣ ନିଆଯାଉ - ମହାପିତୃଯଜ୍ଞେ ବୋଦକପ୍ରାପ୍ତଂ ବରଣଂ ପ୍ରତି ଶ୍ରୂୟତେ / ନ ଆର୍ଷେୟଂ ବୃଣୀତେ ନ ହୋତାରମ୍ ଇତି / ତଥା ଅନାରଭ୍ୟବାଦଃ ଶ୍ରୂୟତେ / ଆ ଶ୍ରାବୟ ଇତି ଚତୁରକ୍ଷରମ୍ / ଅସ୍ତୁ ଶ୍ରୌଷଟ୍ ଇତି ଚତୁରକ୍ଷରମ୍ / ଯଜ ଇତି ଦ୍ୱ୍ୟକ୍ଷରମ୍ / ଯେ ଯଜାମହେ ଇତି ପଞ୍ଚାକ୍ଷରମ୍ / ଦ୍ୱ୍ୟକ୍ଷରୋ ବଷଟ୍କାରଃ / ଏଷ ବୈ ସପ୍ତଦଶଃ ପ୍ରଜାପତିର୍ଯଜ୍ଞମନ୍ୱାୟତ୍ତଃ ଇତି / ତତ୍ରୋତ୍ତମ୍ ନାନୁଯାଜେଷୁ ଯେଯଜାମହଂ ..... ଇତି / ... ଇତି ପ୍ରାପ୍ତେ ବ୍ରୂମଃ ଅସଂଦେହଜ୍ଞାନତ୍ୱାତ୍ ନ ନ୍ୟାୟଃ / ନନୁ ପରବଚଦିତ୍ରବଚୟୋ ...ଇତ୍ୟାଦି(ଜୈମିନୀୟନ୍ୟାୟମାଳାବିସ୍ତର, ପୃ-୬୦୦)*

ଉପର୍ଯ୍ୟୁକ୍ତ ଅନୁଚ୍ଛେଦରୁ ଜଣାଯାଏ ଯେ, ପୂର୍ଣ୍ଣଚ୍ଛେଦ ବ୍ୟତୀତ ଅନ୍ୟ କୌଣସି ପ୍ରକାର ବିରାମ ଚିହ୍ନ ସଂସ୍କୃତରେ ବ୍ୟବହୃତ ହୁଏନାହିଁ । ଏପରିକି ବହୁ ପ୍ରଚଳିତ ପ୍ରଶ୍ନବାଚକ ଚିହ୍ନ ( ? ) ମଧ୍ୟ ସଂସ୍କୃତରେ ନ ଥିଲା । 'ଅପି' ଅବ୍ୟୟଟି ଯଦି ବାକ୍ୟର ଆରମ୍ଭରେ ରହେ ତେବେ ତାହା ପ୍ରଶ୍ନବାଚକ ବୋଲି ଜଣାଯାଏ । ଯେପରିକି :-

କ) ଅପି ପ୍ରସନ୍ନଂ ହରିଣେଷୁ ତେ ମନଃ (ତୁମର ମନ ହରିଣମାନଙ୍କଠାରେ ପ୍ରସନ୍ନ ଅଛି ତ ?)

ଖ) ଅପି କୁଶଳୀ ସ ରାଜା(ସେହି ରାଜା କୁଶଳରେ ଅଛନ୍ତି ତ ?)...ଇତ୍ୟାଦି ।

ଏହା ବ୍ୟତୀତ କିମ୍ ( ଏତଦ୍ କିମ୍, ଭବାନ୍ କଃ ଇତ୍ୟାଦି), କୁତ୍ର ( କୁତ୍ର ଗଚ୍ଛତି ଭବାନ୍ ଇତ୍ୟାଦି), କଦା (କଦା ସଃ କଟକମ୍ ଆଗଚ୍ଛତ୍), କତି (ଭବତ୍ୟାଂ କତି ସଦସ୍ୟାଃ ସନ୍ତି),କଥଂ (କଥଂ ତ୍ୱଂ ଗନ୍ତୁମିଚ୍ଛସି । କଥମ୍ ଅସ୍ତି ଚିତ୍ରମ୍), କୁତଃ ( କୁତଃ ସମାୟାତଃ ଭବାନ୍), କିମର୍ଥମ୍ (ଅଧୁନା କିମର୍ଥମ୍ ଗଚ୍ଛତି) ଏହି ସବୁ ପଦଦ୍ୱାରା ମଧ୍ୟ ପ୍ରଶ୍ନବାଚକ ବାକ୍ୟ ହୋଇଥାନ୍ତି । ଏପରିକି ଓଡ଼ିଆ ଭାଷାରେ ମଧ୍ୟ ପୂର୍ଣ୍ଣଚ୍ଛେଦକୁ ବାଦ୍ ଦେଲେ ପୂର୍ବରୁ କୌଣସି ବିରାମ ଚିହ୍ନ ବା ପ୍ରଶ୍ନବାଚକ ଚିହ୍ନ ନଥିଲା । ପରବର୍ତ୍ତୀ ସମୟରେ ବୈଦେଶିକ ଭାଷାମାନଙ୍କର ଆଗମନ ସହ ବିଭିନ୍ନ ପ୍ରକାରର ବିରାମ ଚିହ୍ନମାନ ଆମ ଦେଶୀୟ ଭାଷା ଲିଖନ ପ୍ରକ୍ରିୟାରେ ଆରମ୍ଭ ହେଲା । ଆଧୁନିକ ଲେଖକମାନେ ବ୍ୟବହାର କରୁଥିବା ବିରାମ ଚିହ୍ନଗୁଡ଼ିକ ଯାହାକି ସଂସ୍କୃତର ଲେଖକମାନେ ମଧ୍ୟ ବ୍ୟବହାର କଲେଣି ସେ ସବୁ ଏହିପରି :-

**୧.୨. ପ୍ରଥମ ଚ୍ଛେଦ (Comma) =,**

କ) ବିନା କୌଣସି ସଂଯୋଜକ ଅବ୍ୟୟ ଯଥା:- 'ଓ' 'ଏବଂ' ଇତ୍ୟାଦିର ବାରମ୍ବାର ବ୍ୟବହାର ପରିବର୍ତ୍ତେ ବାକ୍ୟର ଅଂଶମଧ୍ୟରେ ସ୍ୱଳ୍ପବିରତି ସୂଚକ ବା କମା (,) ଚିହ୍ନଟି ବାକ୍ୟମଧ୍ୟରେ ଥିବା ଏକାଧିକ ବା ତତୋଧିକ ଏକ ଜାତୀୟ ପଦକୁ ପରସ୍ପରଠାରୁ ଭିନ୍ନଭାବରେ ଦେଖାଇ ପାରେ ।

ଉଦାହରଣ :- ରାମଃ, ଶ୍ୟାମଃ, ଗୋପାଳଶ୍ଚ ଅତ୍ରାଗଚ୍ଛନ୍ତୁ ।

ଖ) ଖଣ୍ଡବାକ୍ୟମାନଙ୍କ ମଧ୍ୟରେ ଭେଦ ଦର୍ଶାଇବାକୁ ମଧ୍ୟ ଏହି (,) ଚିହ୍ନଟି ବ୍ୟବହାର କରାଯାଇପାରେ । ଉଦାହରଣ :-ମିଥ୍ୟାମାହାତ୍ମ୍ୟଗର୍ବନିର୍ଭରାଶ୍ଚ ନ ପ୍ରଣମନ୍ତି ଦେବତାଭ୍ୟଃ, ନ ପୂଜୟନ୍ତି ଦ୍ୱିଜାତୀନ୍, ନ ମାନୟନ୍ତି ମାନ୍ୟାନ୍, ନ ଅର୍ଚ୍ଚୟନ୍ତ୍ୟର୍ଚ୍ଚନୀୟାନ୍, ନ ଅଭିବାଦୟନ୍ତ୍ୟଭିବାଦନାର୍ହାନ୍, ନ ଅଭ୍ୟୁତିଷ୍ଠନ୍ତି ଗୁରୂନ୍ ... ଇତ୍ୟାଦି ।

ଗ) ସମବିଭକ୍ତ୍ୟନ୍ତ ପଦମାନଙ୍କ ମଧ୍ୟରେ ଭେଦ ଦର୍ଶାଇବାକୁ ପ୍ରଥମଚ୍ଛେଦ (,) ବ୍ୟବହୃତ ହୋଇଥାଏ; ଯଥା:- ଆସୀତ୍ ସୀତା ଜନକସ୍ୟ ନନ୍ଦିନୀ, ଦଶରଥସ୍ୟ ପୁତ୍ରବଧୂଃ, ରାମଚନ୍ଦ୍ରସ୍ୟ ଚ ଧର୍ମପତ୍ନୀ ।

ଘ) ବିଭିନ୍ନ ସରଳ ବାକ୍ୟମାନଙ୍କର କର୍ତ୍ତା ଯଦି ଏକ ହୋଇ ଥା'ନ୍ତି, ତେବେ ସେମାନଙ୍କୁ ଗୋଟିଏ ଯୌଗିକ ବାକ୍ୟରେ ପରିବର୍ତ୍ତନ କରିବା ନିମନ୍ତେ ଏହି ପ୍ରଥମଚ୍ଛେଦ (,)ର ମଧ୍ୟ ବ୍ୟବହାର କରାଯାଇପାରେ ; ଯଥା:- ସଃ ସ୍ୱଗୃହଂ ପ୍ରତି ଅଗଚ୍ଛତ୍, ମାତରଂ ଦୃଷ୍ଟ୍ୱା ପ୍ରଣିପତିବାନ୍, ଯୁଦ୍ଧକ୍ଷେତ୍ରଂ ପ୍ରତି ମାତୁଃ ଆଶୀରାଶିଂ ଲବ୍ଧ୍ୱା ଗତବାନ୍ ଚ ।

ଙ) ଗୋଟିଏ ଜଟିଳ ବାକ୍ୟରେ ଦୁଇଟି ବାକ୍ୟ ଥାଏ ; ଯଥା ମୁଖ୍ୟ ଏବଂ ଗୌଣ । ଏ ଦୁଇଟିକୁ ଅଲଗା କରିବା ପାଇଁ ଏହି ପ୍ରଥମଚ୍ଛେଦକୁ ବ୍ୟବହାର କରାଯାଇପାରେ । ସଂସ୍କୃତରେ ଏହା ବିକଳ୍ପରେ ନ ଦେଲେ ମଧ୍ୟ ଚଳିବ, ଯଦି ଏହି ବାକ୍ୟଗୁଡ଼ିକ ଭାବେ ସପ୍ତମୀ ବା ସତି ସପ୍ତମୀରେ ଥାଏ । ଯଥା:- ସୂର୍ଯ୍ୟେ ଅସ୍ତଂ ଗତେ, ଶ୍ୱାପଦାଃ ଗୃହତଃ ନିଷ୍କ୍ରାନ୍ତାଃ । ଭାବେ ସପ୍ତମୀରେ ନଥିଲେ- ଏତାଦୃଶଃ ଭୟଙ୍କରଃ ଅସୌ, ନାହମଜାନମ୍ ।

ଚ) କୌଣସି ଅଂଶ ଯଦି ଉଦ୍ଧାର କରାଯାଏ, ତେବେ ଉଦ୍ଧୃତି ଚିହ୍ନମଧ୍ୟସ୍ଥ ପାଠର ଠିକ୍ ପୂର୍ବରୁ ଏହି ପ୍ରଥମଚ୍ଛେଦ ( , ) ଚିହ୍ନ ଦିଆଯାଇ ପାରେ । ଯଥା - ନ ଚ, 'ପଦେ ଜୁହୋତି' ଇତିବିଶେଷଣାତ୍ତେନ, 'ଆହବନୀୟେ ଜୁହୋତି'

ଇତି ଶାସ୍ତ୍ରସ୍ୟେବ, 'ନାନୁଯାଜେଷୁ' ଇତ୍ୟନେନ 'ଯଜତିଷୁ ଯେଯଜାମହଂ ....... ଇତ୍ୟସ୍ୟ ବାଧଃ ସ୍ୟାଦିତି ବାଚ୍ୟମ୍ ।

ଛ) ବାର୍ତ୍ତାଳାପ ଜନିତ ବାକ୍ୟରେ କଥନାଂଶ ଉଦ୍ଧୃତି ଚିହ୍ନ ମଧ୍ୟରେ ରହେ । ଏଣୁ ଠିକ୍ ତା' ପୂର୍ବରୁ ଏବଂ ଯଦି ଉଦ୍ଧୃତାଂଶ ପରେ ବାକ୍ୟ ଅଗ୍ରସର ହୁଏ, ତେବେ ଠିକ୍ ତା' ପରେ ମଧ୍ୟ ଏହି ପ୍ରଥମଚ୍ଛେଦ ଚିହ୍ନ(,) ଦିଆଯାଇପାରେ । ଯଥା- ସୋଽବଦତ୍, "ନାଽହଂ କରିଷ୍ୟେ", କିନ୍ତୁ କୃତବାନ୍ ଏବ ।

ଜ) ବାକ୍ୟରେ ଯଦି ଏକାଧିକ ବିପରୀତାର୍ଥବୋଧକ ଶବ୍ଦଯୁଗଳ ବ୍ୟବହୃତ ହୋଇଥାଏ, ତେବେ ଏହି ଯୁଗଳଶବ୍ଦ ମାନଙ୍କର ପରସ୍ପର ଠାରୁ ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ ପରି (,) ଚିହ୍ନର ବ୍ୟବହାର କରାଯାଇପାରେ । ଯଥା - ନିର୍ଦ୍ଧନାଃ-ଧନାଢ୍ୟାଃ, ସୁଖିନଃ-ଦୁଃଖିନଃ, ବୃଦ୍ଧାଃ-ଯୁବାନଃ ଇତି ସର୍ବେଽପି କାଳେ ପ୍ରାପ୍ତେ ମରଣଂ ଲଭନ୍ତେ ।

ଝ) ଶବ୍ଦ ଉପରେ ପ୍ରାଧାନ୍ୟ ଦେଇ ବାକ୍ୟର ମହତ୍ତ୍ୱ ପ୍ରତିପାଦନ କରିବାପାଇଁ ଯଦି 'ତର୍ହି' ଇତ୍ୟାଦି ଶବ୍ଦ ପୂର୍ବରୁ ତଥା 'ଅସ୍ତୁ', 'ଅସ୍ତୁନାମ' ଇତ୍ୟାଦି ଶବ୍ଦ ବାକ୍ୟାରମ୍ଭରେ ଥାଏ, ସେହି ସବୁ ଶବ୍ଦ ପରେ ଏହି ପ୍ରଥମଚ୍ଛେଦ (,) ର ପ୍ରୟୋଗ କରାଯାଇଥାଏ - ଯଥାଃ-ଅସ୍ତୁନାମ, ଯଦି ଭବତାମ୍ ଏତାଦୃଶୀ ଆକାଂକ୍ଷା, ତର୍ହି ବୟମପି ଅସ୍ମଦ୍‌ବଚନସ୍ୟ ସାଧୁତ୍ୱଂ ପ୍ରକଟୟାମଃ ।

ଞ) ଯଦି ଖଣ୍ଡ ବାକ୍ୟ ସମୁଦାୟ ଗୋଟିଏ ବିଶେଷ୍ୟ ପଦନିମନ୍ତେ ଉଦ୍ଦିଷ୍ଟ ଥାଏ ତେବେ ତା' ପୂର୍ବରୁ ଏବଂ ପରେ ଏହି ପ୍ରଥମ ଚ୍ଛେଦ ଦିଆଯାଇଥାଏ; ଯଥାଃ- ହିମାଳୟଃ, ଯଃ ଉତ୍ତରସ୍ୟାଂ ହି ଦିଶି ଅସ୍ମାକମ୍ ଦେଶସ୍ୟ ରକ୍ଷାପ୍ରାଚୀରସଦୃଶଃ ବିରାଜତେ, ଅଧୁନା ଅନୁଦିନଂ ଶ୍ରୀହୀନତାଂ ଭଜତେ ।

**୧.୩. ଦ୍ୱିତୀୟ ଚ୍ଛେଦ (Semicolon)=;**

ପ୍ରଥମ ଚ୍ଛେଦ ଅପେକ୍ଷା ଦ୍ୱିତୀୟ ଚ୍ଛେଦ (;) (ସେମିକଲୋନ୍ ଅର୍ଥାତ୍ ଅର୍ଦ୍ଧବିରାମ ଚିହ୍ନ) ଅଧିକ ଶକ୍ତିଶାଳୀ ଅଟେ । ଏହା ବାକ୍ୟମଧ୍ୟରେ ନିମ୍ନ ଲିଖିତ

କାର୍ଯ୍ୟହେତୁ ପ୍ରଯୁକ୍ତ ହୁଏ ।

କ) ଦୁଇଟି ପୂର୍ଣ୍ଣବାକ୍ୟକୁ 'କାରଣ' 'ଯେହେତୁ' ଇତ୍ୟାଦି ଦ୍ୱାରା ଯେତେବେଳେ ଗୋଟିଏ ବାକ୍ୟରେ ପରିଣତ କରିବାର ଚେଷ୍ଟା କରାଯାଏ ସେତେବେଳେ ଏହି ଦ୍ୱିତୀୟଚ୍ଛେଦ ଚିହ୍ନ (;) ଦିଆଯାଇଥାଏ; ଯଥା:- ଯଦା ନରସିଂହରାଓମହୋଦୟାଃ ପ୍ରଧାନମନ୍ତ୍ରିଣଃ ଆସନ୍ ଅସ୍ମାକଂ ଦେଶସ୍ୟ ହିତାର୍ଥମ୍ ଜାତିସଂଘଂ ପ୍ରତି ଅଟଳ-ବିହାରୀ-ବାଜପେୟି-ମହୋଦୟାନ୍ ପ୍ରେଷିତବନ୍ତଃ; ଯଦ୍ୟପି, ବାଜପେୟିମହୋଦୟାଃ ବିରୋଧିଦଳସ୍ୟ ନେତାରଃ ଆସନ୍ ।

ଖ) ଯଦି ଗୋଟିଏ ପ୍ରସଙ୍ଗରେ ଶ୍ରୋତା ଓ ବକ୍ତା ଏକ ଏକ ସଂଖ୍ୟା ବିଶିଷ୍ଟ ହୋଇଥାନ୍ତି ଏବଂ ପ୍ରତ୍ୟେକ ଖଣ୍ଡବାକ୍ୟ ଯେ କୌଣସି ପୂର୍ଣ୍ଣବାକ୍ୟ ସଦୃଶ ନିଜସ୍ୱ ସ୍ୱରୂପ ବହନ କରେ ଅଥଚ ବାକ୍ୟାନ୍ତରକୁ ସ୍ୱୀକାର କରେନାହିଁ ସେଠାରେ ଏହି ଦ୍ୱିତୀୟଚ୍ଛେଦ ପ୍ରୟୋଗର ଆବଶ୍ୟକତା ଦେଖାଦିଏ; ଯଥା:- ଜାନେ ଭବାନ୍ ପ୍ରକୃତ୍ୟୈବ ଧୀରଃ, ପିତ୍ରା ଚ ସମାରୋପିତସଂସ୍କାରଃ, ତରଳହୃଦୟମପ୍ରତିବୁଦ୍ଧଂ ଚ ମଦୟନ୍ତି ଧନାନି; ତଥାପି, ଭବଦ୍‌ଗୁଣସନ୍ତୋଷ ମାମେବଂ ମୁଖରୀକୃତବାନ୍ ।

**୧.୪. ତୃତୀୟ ଚ୍ଛେଦ (Colon) =:**

ଉଦାହରଣ, ଯଥା, ଯେପରିକି ଏହିଭଳି ଶବ୍ଦ ପ୍ରୟୋଗ ପରେ ଏକ ସଂଯୋଜକ ଚିହ୍ନ (-) ସହ ଏହି ବିରାମ ଚିହ୍ନକୁ ବ୍ୟବହାର କରାଯାଏ । ଉଦାହରଣ:- ସାଂଖ୍ୟଦର୍ଶନରେ ପ୍ରମାଣ ତିନିପ୍ରକାରର; ଯଥା:- ପ୍ରତ୍ୟକ୍ଷ, ଅନୁମାନ ଓ ଆପ୍ତ (ଶବ୍ଦ) ।

**୧.୫. ପୂର୍ଣ୍ଣଚ୍ଛେଦ (Full Stop) = ।**

ବକ୍ତାର ଇଚ୍ଛା ପୂରଣ କରୁଥିବା ଗୋଟିଏ ପୂର୍ଣ୍ଣବାକ୍ୟ ଶେଷରେ ହିଁ ପୂର୍ଣ୍ଣଚ୍ଛେଦ (।) ଦିଆଯାଇଥାଏ ।

**୧.୬. ବିସ୍ମୟସୂଚକ ସଙ୍କେତ (Exclamation) = !**

ସଂସ୍କୃତ ଭାଷାରେ ବିସ୍ମୟ ସୂଚକ ଅର୍ଥରେ କୁତ୍ରାପି ଏହାର ବ୍ୟବହାର ଦେଖାଯାଏ ନାହିଁ । କିନ୍ତୁ ସମ୍ବୋଧନ ଚିହ୍ନ ଭାବରେ ଏହି ସଙ୍କେତ ( ! )କୁ ବ୍ୟବହାର କରାଯାଇଥାଏ । ଯଥା:- (କ)-ତାତ,ଚନ୍ଦ୍ରାପୀଡ଼ ! ବିଦିତ ବେଦିତବ୍ୟସ୍ୟ ଅଧୀତସର୍ବଶାସ୍ତ୍ରସ୍ୟ ତେ ନାଳ୍ପମପ୍ୟୁପଦେଷ୍ଟବ୍ୟମସ୍ତି । (ଖ) - ପ୍ରିୟମିତ୍ର ! ଭବତଃ ପତ୍ରଂ ପ୍ରାପ୍ତମ୍ ।(ଗ) ଅୟି ମାନ୍ୟାଃ ! ସାଦରଂ ବନ୍ଦନାନି। ଇତ୍ୟାଦି ।

ଏହା ବ୍ୟତୀତ, ଖେଦୋକ୍ତିରେ ମଧ୍ୟ ଏହି ଚିହ୍ନ ବେଳେବେଳେ ଆଜିକାଲି ବ୍ୟବହୃତ ହେଉଛି; ଯଥା:- ଅହୋ ! ଅସ୍ମାକେ ବିଧିନା ରୂପସଂଯୋଗଃ ।

**୧.୭. ସଂଯୋଜକ ସଙ୍କେତ (Hyphen) = -**

କ) 'ସମାସ ଚିହ୍ନ' ଭାବରେ ମଧ୍ୟ ଏହା ଗୃହୀତ । ଦୀର୍ଘ ସମସ୍ତପଦର ସୁବୋଧନ ନିମନ୍ତେ ଏହାର ପ୍ରୟୋଗ କରାଯାଇପାରେ; ଯଥା:- ମଦ-କଳ-ଦୁର୍ଦ୍ଦିନାନ୍ଧକାର-ଗଜ-ଘଟିତ-ଘନ-ଘଟା-ପରିପାଳିତାପି ପ୍ରପଳାୟତେ ।

ଖ) ଏହାକୁ 'ଯୋଜକ-ଚିହ୍ନ' ଭାବରେ ଗ୍ରହଣ କରାଯାଇପାରେ । କାରଣ, ଏକ ଦୀର୍ଘଶବ୍ଦ ଲେଖିଲା ବେଳେ ଯଦି କିଛି ଅକ୍ଷର ଲେଖାଯାଉଥିବା ଧାଡ଼ିରୁ ବଳିପଡ଼େ ଏବଂ ଅନ୍ୟ ଧାଡ଼ିରେ ଲେଖିବା ଆବଶ୍ୟକ ହୁଏ ତେବେ ଶବ୍ଦର ସେହି ଖଣ୍ଡିତାଂଶକୁ ଚିହ୍ନାଇବା ପାଇଁ ଏହି (-) ଚିହ୍ନର ପ୍ରୟୋଗ କରାଯାଇଥାଏ। ଯଥା:- (କାଦମ୍ବରୀକାବ୍ୟର)ମଦକଳଦୁର୍ଦ୍ଦିନାନ୍ଧକାରଗଜଘଟିତଘନ-ଘଟାପରିପାଳିତାପି ପ୍ରପଳାୟତେ।

**୧.୮. ବ୍ୟବଚ୍ଛେଦକ ସଙ୍କେତ (Dash) = --**

କ) ସଂଯୋଜକ ଚିହ୍ନଠାରୁ ଏହା ଅପେକ୍ଷାକୃତ ଦୀର୍ଘ । ନାଟକକାବ୍ୟ ଲିଖନ କାଳରେ ପାତ୍ର ଏବଂ ସଂଳାପ ମଧ୍ୟରେ ଭେଦ ଦର୍ଶାଇବାକୁ ଏହି (–)ଚିହ୍ନ

ପ୍ରୟୋଗ କରାଯାଇଥାଏ । ଉଦାହରଣ:-

ରାମଃ- ଭବାନ୍ ଆଗମିଷ୍ୟତି କିମ୍ ?

ଦଶରଥଃ - ଅବଶ୍ୟମ୍ । ତ୍ୱୟା ସହ ଅହମପି ଗଚ୍ଛାମି ।

ଖ) ଯଦି କୌଣସି ସ୍ଥାନରେ ଶୂନ୍ୟସ୍ଥାନର ଆବଶ୍ୟକତା ଥାଏ, ଏହି ସଙ୍କେତ ଦିଆଯାଏ ।

ଉଦାହରଣ : ସଃ ହଂସ - ପ୍ରତି ଅଗଚ୍ଛତ୍ । (ବିଦ୍ୟାଳୟଂ, ନିଜାଳୟଂ)

**୧.୯. କାକପଦ / ହଂସପଦ = ‸**

ଏହି ସଙ୍କେତଟି ବହୁ ପୁରାତନ । କୁଆର ବା ହଂସର ପାଦରେ ଥିବା ଉପର ଆଙ୍ଗୁଳିଭଳି ଏହାର ଆକୃତି ହୋଇଥିବାରୁ ଏହାର ନାମ କାକପଦ ବା ହଂସପଦ ଏହା ସର୍ଗ ବା ଅଧ୍ୟାୟ ଶେଷରେ ଦିଆଯାଏ ।

**୧.୧୦. ଉଦ୍ଧୃତି ଚିହ୍ନ (Inverted Commas 'OR' Quatation Marks) = " "**

ପ୍ରତ୍ୟକ୍ଷ ଉକ୍ତିରେ 'ବାକ୍ୟାଂଶ'କୁ ଏହି (" ")ଚିହ୍ନ ମାଧ୍ୟମରେ ପ୍ରକାଶ କରାଯାଏ । ଯଥା:-

କ) ରାମଃ ଅବଦତ୍, "ଏକାଦଶ-ବାଦନ-ବେଳାୟାଂ ତ୍ୱମ୍ ଆଗଚ୍ଛ" ।

ଖ) ଯତ୍ର "ଇଦଂ ହବିଃ" ଇତ୍ୟାଦିକମବଶିଷ୍ଟଂ ପଦଜାତଂ ...।

ବ୍ୟତିକ୍ରମ - ବେଳେବେଳେ ଏହି ଚିହ୍ନ ( ' ) ଏହିଭଳି ମଧ୍ୟ ଦିଆଯାଇଥାଏ । ଇଂରାଜୀରେ ଏହାକୁ (Single Inverted Commas) ବୋଲି କୁହାଯାଏ । ଗୋଟିଏ ବକ୍ତବ୍ୟାଂଶ, ଯାହାକି ଉଦ୍ଧୃତି ଚିହ୍ନ ମଧ୍ୟରେ ରହିଥାଏ, ଯଦି ତା' ମଧ୍ୟରେ କୌଣସି ଉକ୍ତି ଇତ୍ୟାଦିର ପ୍ରୟୋଗ କରାଯାଇଥାଏ ତାହାକୁ ଏହି ଏକ-ପ୍ରଥମଚ୍ଛେଦୋଦ୍ଧୃତି (Single Inverted Commas) ମଧ୍ୟରେ ରଖିବାକୁ ହୁଏ; ଯଥା:-

ରାମକୃଷ୍ଣଃ ଅକଥୟତ୍, "ଅଦ୍ୟ ଗୁରବଃ ଜୟକୃଷ୍ଣଂ ପ୍ରତି 'ଅଙ୍କବିଦ୍ୟାଭୟଙ୍କରୀ' ଇତି ଆକ୍ଷେପଂ କୃତବନ୍ତଃ ।"

**୧.୧୧. ଯୋଗ କରିବା ଚିହ୍ନ (Insert)=/**

ପଦ ବା ବାକ୍ୟ ମଝିରେ କିଛି ଯୋଗ କରିବାକୁ ହେଲେ ଏହି ଚିହ୍ନ ଦିଆଯାଏ।

**୧.୧୨. ଗୁରୁ= S**

ସଂସ୍କୃତରେ ଯେଉଁ ଶ୍ଳୋକଗୁଡ଼ିକ ଥା'ନ୍ତି ସେମାନଙ୍କର ପ୍ରତ୍ୟେକ ବର୍ଣ୍ଣର ଗୁରୁ ଲଘୁ ବା ଦୀର୍ଘ ଓ ହ୍ରସ୍ୱ ଇତ୍ୟାଦିର ପ୍ରଦର୍ଶନ ନିମନ୍ତେ କିଛି ଚିହ୍ନର ପ୍ରୟୋଗ କରାଯାଏ। ସେମାନଙ୍କ ମଧ୍ୟରୁ ( S ) ଏହି ଚିହ୍ନଟିକୁ ଦ୍ୱି ମାତ୍ରା ବିଶିଷ୍ଟ ଗୁରୁ ବର୍ଣ୍ଣର ଚିହ୍ନ ଭାବରେ ଗ୍ରହଣ କରାଯାଏ।

**୧.୧୩. ଲଘୁ = |**

ଉପର୍ଯ୍ୟୁକ୍ତ ପଦ୍ଧତିରେ ଏକମାତ୍ରା ବିଶିଷ୍ଟ ଲଘୁ ବର୍ଣ୍ଣକୁ (।) ଏହି ଚିହ୍ନରେ ଚିହ୍ନିତ କରାଯାଇଥାଏ।

ଉପର୍ଯ୍ୟୁକ୍ତ ଚିହ୍ନଦ୍ୱୟର ପ୍ରୟୋଗ ନିମ୍ନରେ ଦର୍ଶନୀୟ ; ଯଥା:-

ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ।

ISSS SS |||||SS ||| S

**(୨) ମୁଦ୍ରଣ - ସଂଶୋଧନ - ଚିହ୍ନ (Proof Reading Symbols)**

ହସ୍ତଲିଖିତ ବିଷୟବସ୍ତୁ ଯେତେବେଳେ ମୁଦ୍ରଣ ନିମନ୍ତେ ଦିଆଯାଏ, ଅନେକ ସମୟରେ ଲିପିକର ବା ଟଙ୍କଣକାରୀ (Typist) ନିଜର ଅସାବଧାନତା କିମ୍ବା ହସ୍ତଲିଖିତ ଅଂଶର ବିକୃତି ହେତୁ ସୁପାଠ୍ୟ ନହେବା ଇତ୍ୟାଦି କାରଣ ପାଇଁ ସେଥିରେ କିଛି ପ୍ରମାଦ କରିଥା'ନ୍ତି। ଲେଖକ ନିକଟକୁ ତାହା ଆସିଲେ, ସେ ସେହି ଅଂଶକୁ ଦେଖି ଭୁଲଗୁଡ଼ିକ ସୁଧାରନ୍ତି। କିନ୍ତୁ କେବଳ ଲେଖାରେ ଥିବା ପ୍ରମାଦର ସଂଶୋଧନ କରିଦେଲେ ଏହା ଟଙ୍କଣକାରୀର ଦୃଷ୍ଟିକୁ ଆସିପାରେ ନାହିଁ ଏବଂ ଅନେକ ସ୍ଥାନରେ ସଂଶୋଧନ

କାର୍ଯ୍ୟ ହୋଇପାରେ ନାହିଁ । ସେଥିପାଇଁ ସଂଶୋଧନକର୍ତ୍ତା ଲେଖାର ଯେଉଁ ଅଂଶକୁ ତ୍ରୁଟିଶୂନ୍ୟ କରିବାକୁ ଚାହାନ୍ତି, ସେହି ଅଂଶରେ ଚିହ୍ନ ଦେଇ, ଅଥବା ସେହି ଅଂଶକୁ ବର୍ତ୍ତୁଳ ମଧ୍ୟରେ ଚିହ୍ନିତ କରି ପୃଷ୍ଠାର ବାମ ଏବଂ ଦକ୍ଷିଣ ପାର୍ଶ୍ୱରେ ଥିବା ଶୂନ୍ୟସ୍ଥାନରେ ଲେଖନ୍ତି ଅଥବା କିଛି ସଙ୍କେତ ପ୍ରୟୋଗ କରନ୍ତି। ସେହି ସବୁ ସଙ୍କେତମାନଙ୍କୁ ଦେଖି ଟଙ୍କଣକର୍ତ୍ତା ତଦନୁଯାୟୀ ମୁଦ୍ରିତ ଲେଖାର ସଂଶୋଧନ କରେ । ତେଣୁ ଏହାକୁ ମୁଦ୍ରଣ ସଂଶୋଧନ (Proof correction) ବୋଲି କୁହାଯାଏ । ଲେଖା ସଂଶୋଧନ-କାରୀଙ୍କୁ କୁହାଯାଏ ଲେଖ (ମୁଦ୍ରଣ) ସଂଶୋଧକ (Proof reader) । ମୁଦ୍ରଣ-ସଂଶୋଧକଙ୍କର ପାଠ୍ୟବିଷୟରେ ପ୍ରବେଶ ଯୋଗ୍ୟତା, ସାବଧାନତା ଓ ଧୈର୍ଯ୍ୟ ଗୁଣସବୁ ରହିଥିବା ଅତ୍ୟନ୍ତ ଆବଶ୍ୟକ । ସର୍ବୋପରି ସଂଶୋଧନ ନିମନ୍ତେ ଆବଶ୍ୟକୀୟ ଚିହ୍ନ ବା ସଙ୍କେତ ସମ୍ପର୍କରେ ସେ ପ୍ରାଞ୍ଜଳ ଭାବରେ ଅବଗାହୀ ହୋଇଥିବା ଆବଶ୍ୟକ । ପ୍ରାଚୀନ ଭାରତରେ କାକପଦ ବା ହଂସପଦ, ଅଥବା 'ବିନ୍ଦୁ' ସଙ୍କେତ, ଅଥବା ଦଣ୍ଡ(।)(।।)(।।।) ସଙ୍କେତ ଅଥବା ସ୍ୱସ୍ତିକ ଚିହ୍ନ (卐), ଅଥବା ଗୁଣନ ଚିହ୍ନ (x) ଦ୍ୱାରା ଲେଖ ସଂଶୋଧନ ଏବଂ ପରିତ୍ୟକ୍ତ କିମ୍ବା ପରେ ଚିନ୍ତା କରାଯାଇଥିବା ଲେଖର ପୁନଃ ସଂଯୋଜନ କରାଯାଉଥିଲା । ଏହିସବୁ ଚିହ୍ନ ବା ସଙ୍କେତକୁ କୁହାଯାଉଥିଲା ଅବଗ୍ରହ । (Katre,S.M; Introduction to Indian Textual Criticism, DCPRI, Poona, 1981, p.11 - The use of the so-called *avagraha* sign, indicating the elelision of the vowel 'a' (अ ) has been traced first on the Boroda copper-plate of the Rastrakuta king Dhruba dated A.D. 834-35. A *kundala* or ring and a *svastika* were utilised to mark illegible passages) । ଲିଖନକଳା, ଲିଖନ ସାମଗ୍ରୀ ଏବଂ ଲିଖନ ପ୍ରକାରରେ ପରିବର୍ତ୍ତନ ସହ ଏବେ ସଂଗଣକ (Computer) ମାଧ୍ୟମରେ ଲିଖନ ବା ମୁଦ୍ରଣ ବହୁଳ ଭାବରେ ପ୍ରଚଳିତ ।

ସଂସ୍କୃତଭାଷା ମଧ୍ୟ ଏହି ପ୍ରଣାଳୀରେ ଏବେ ମୁଦ୍ରିତ ହେଉଛି । ଏଣୁ ମୁଦ୍ରିତାଂଶରେ ରହିଯାଇଥିବା ତ୍ରୁଟିକୁ ପରିମାର୍ଜିତ କରିବାପାଇଁ 'ଲେଖା ( ମୁଦ୍ରଣ) ସଂଶୋଧନ ବିଦ୍ୟା' ଆବଶ୍ୟକ ଅଟେ । ନିମ୍ନରେ ଏହାର ବିଚାର କରାଯାଉଅଛି -

୨.୧- ସଂଶୋଧନକାର୍ଯ୍ୟ କେଉଁଠି ଓ କିପରି ?

ଏହା ଜାଣିବାପାଇଁ ନିମ୍ନ ଚିତ୍ରକୁ ଅନୁଧ୍ୟାନ କରିବା ଆବଶ୍ୟକ ।




ଉପରେ ଦର୍ଶାଯାଇଥିବା ଚିତ୍ରଟି ଏକ ମୁଦ୍ରିତ ପୁସ୍ତକର ଚତୁର୍ଥ ପୃଷ୍ଠା । ପୃଷ୍ଠାଟିର ଉପରେ, ତଳେ, ବାମପାଖରେ ଏବଂ ଦକ୍ଷିଣପାଖରେ ଖାଲିଯାଗା ଅଛି । ମଝି ଅଂଶଟିରେ ମୁଦ୍ରିତ ଅଂଶ ରହିଛି । ସଂଶୋଧନ କର୍ତ୍ତା ପୃଷ୍ଠାଟିର ବାମପାର୍ଶ୍ୱକୁ ପ୍ରଥମେ ବ୍ୟବହାର କରିବେ । ଗୋଟିଏ ତ୍ରୁଟି ପାଇଁ ମୁଦ୍ରିତ ଅଂଶର ତ୍ରୁଟିଯୁକ୍ତ ସ୍ଥାନରେ ତାହାକୁ ହାତି ଗୋଲ ବୁଲାଇବେ ଅଥବା ଖାଲି କାଟିଦେବେ । ଯେଉଁ ରଙ୍ଗର ସ୍ୟାହିରେ ମୁଦ୍ରଣ ହୋଇଥିବ ସେଥିରୁ ଭିନ୍ନ ଏକ ରଙ୍ଗର ସ୍ୟାହି ଥିବା ଲେଖନୀ ସଂଶୋଧନ କାର୍ଯ୍ୟରେ ବ୍ୟବହୃତ ହେଲେ ଭଲ ।

ଯଦି ତ୍ରୁଟି ଗୋଟିଏ ଥାଏ ତେବେ ତେରଛା ଗାରଟିଏ (ଏହା ମୁଦ୍ରିତ ଅଂଶରୁ ସଂଶୋଧିତ ଅଂଶକୁ ଏବଂ ସଂଶୋଧିତ ଅଂଶରୁ ଅନ୍ୟ ଏକ ସଂଶୋଧିତ ଅଂଶକୁ ପୃଥକ୍ କରିଥାଏ) ଦେଇ ପ୍ରଥମେ ସଂଶୋଧିତ ଅଂଶ ବା ସଂଶୋଧନ ପାଇଁ ଉଦ୍ଦିଷ୍ଟ ସଙ୍କେତକୁ 'କ' ସ୍ଥାନରେ ଦ୍ୱିତୀୟ ତ୍ରୁଟିପାଇଁ 'ଖ' ସ୍ଥାନ, ତୃତୀୟ ପାଇଁ 'ଗ'ସ୍ଥାନରେ ଏହିଭଳି ସେହି ଧାଡ଼ି ସରିଗଲେ ପୁଣି ଦକ୍ଷିଣ ପାଖରେ ଦର୍ଶାଯାଇଥିବା କ/ଖ/ଗ ଇତ୍ୟାଦି ସ୍ଥାନମାନଙ୍କରେ ଲେଖାଯିବ ବା ସଙ୍କେତ ଦିଆଯିବ । ଯଦି ଜାଗା ନ ହୁଏ, କାରଣ ତ୍ରୁଟି ସଂଖ୍ୟା ଅଧିକ ଅଥବା ଲେଖିବାକୁ ଥିବା ଅଂଶ ଅଧିକ ଅଟେ; ତେବେ ବାମପାଖ / ଦକ୍ଷିଣପାଖରେ ସଙ୍କେତ ସ୍ଥାନରେ କାକପଦ ସହ ତାରକା(*)ଚିହ୍ନଦେଇ ଆବଶ୍ୟକୀୟ ଅଂଶ ଲେଖାଯିବ । ଯଦି ଲେଖା ଅଧିକ ଥାଏ ତେବେ ସେହି ଚିହ୍ନ ଦେଇ ଅନ୍ୟ ଏକ ପୃଷ୍ଠା ସଂଯୋଗ କରାଯିବ । ଯଦି ଏହିଭଳି ଅନେକ ସଂଯୁକ୍ତାଂଶ ଥାଏ ତେବେ ପରସ୍କରଠାରୁ ସେ' ସବୁକୁ ଅଲଗା କରିବାପାଇଁ ଦୁଇଟି ବା ତିନୋଟି ବା ଅଧିକ ତାରକାଚିହ୍ନ ଦିଆଯାଇ ପାରେ ଅଥବା ଅଙ୍କୁଶ (f) ଚିହ୍ନ ମଧ ଦିଆଯାଇପାରେ ଏବଂ ମୁଦ୍ରିତ ଅଂଶର ଯେଉଁସ୍ଥାନରେ ତାହା ରହିବା କଥା ସେହି ସ୍ଥାନରେ ଏକ କାକପଦ / ହଂସପାଦ ( χ ) ଚିହ୍ନ ଦିଆଯିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

ଏଠାରେ ମନେ ରଖିବାକୁ ହେବ ଯେ, ଯଦି ଅଧିକ ଛାଡ଼ିହୋଇଯାଇଥିବା ଅଂଶ ମୂଳ ପାଣ୍ଡୁଲିପି ( ହସ୍ତଲିଖିତ ଲେଖା / ସ୍କ୍ରିପ୍ଟ)ରେ ଥାଏ ତେବେ ସେଠାରେ ଉପର୍ଯ୍ୟୁକ୍ତ ପ୍ରଣାଳୀରେ କାକପଦ ଦିଆଯାଇ Insert MSP-xx/ Insert MSP x x PG x ବୋଲି ଲେଖାଯିବ । (MS = Manuscript . P .xx= Page Mark.) ଯଦି ଲେଖାଥାଏ MSP-xx PG(paragraph)x ଅର୍ଥ ଅନୁଚ୍ଛେଦ ବା ପାରା ସଂଖ୍ୟା ପ୍ରଥମ / ଦ୍ୱିତୀୟ ଇତ୍ୟାଦି) ।

୨- ସଂଶୋଧନ ନିମନ୍ତେ ସଙ୍କେତ - ନିମ୍ନୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଭାବରେ ବୁଝାଯାଇ ପାରିବ ।

| କ୍ରମିକ ସଂଖ୍ୟା | ସଙ୍କେତ | ସଙ୍କେତାର୍ଥ | ଉଦାହରଣ: ସଂଶୋଧନ ପୂର୍ବରୁ | | ସଂଶୋଧନ ପରେ |
|---|---|---|---|---|---|
| 1. | / | ଅକ୍ଷରଟି ତ୍ରୁଟି ଯୁକ୍ତ । | ବି / | ସେ ଵିଦ୍ୟାଳୟଂ ଯାଉଛି । | ସେ ବିଦ୍ୟାଳୟଂ ଯାଉଛି । |
| 2 | ₰ | ଲୋପ କରିଦିଆଯାଉ | ₰ / | ରାମାଙ୍କ ଘରଂ ଯାତି । | ରାମ ଘରଂ ଯାତି । |
| 3 | ⁐ | ସଂଯୁକ୍ତ କରାଯାଉ | ⁐ | ଭୋଜନ ⁐ ନନ୍ତରମ୍ ଆଗମିଷ୍ୟତି | ଭୋଜନାନନ୍ତରମ୍ ଆଗମିଷ୍ୟତି । |
| 4 | ₰ | ଲୋପକରି ଯୋଡ଼ି ଦିଆଯାଉ | | ଭବାନ୍ କଦା କଟ୍ଟକଂ ଗଚ୍ଛତି । | ₰ ଭବାନ୍ କଦା କଟକଂ ଗଚ୍ଛତି ? |
| 5 | ⅄ | ନୂଆ ଅକ୍ଷର /ଶବ୍ଦ ବିଷୟକୁ ଅନ୍ତର୍ଭୁକ୍ତ କରାଯାଉ | ଂ ଗ / ଂ / ସ | ଅହ ⅄ ଶୋଭାନ ⅄ ରଂ ଗଚ୍ଛାମି । ତତ୍ର ଦିବ ⅄ ତ୍ରୟଂ ସ୍ଥି ⅄ ତ୍ୱା ପୁନଃ ମାଲିଗ୍ରାମ ରଚିତଙ୍କ ଭୁବନେଶ୍ୱରା ⅄ ମି । | ଅହଂ ଶୋଭାନଗରଂ ଗଚ୍ଛାମି । ତତ୍ର ଦିବସତ୍ରୟଂ ସ୍ଥିତ୍ୱା ପୁନଃଯାନେନ ଭୁବନେଶ୍ୱରମାଗମିଷ୍ୟାମି |
| 6 | # | ବ୍ୟବଧାନ ଦିଆଯାଉ । ବିନ୍ଦୁ :- ଏହି କ୍ଷେତ୍ରରେ ମୁଦ୍ରିତାଂଶର ଯେଉଁ ସ୍ଥାନରେ ବ୍ୟବଧାନ ଆବଶ୍ୟକ ସେହିଠାରେ ⌐ ଏହି ଚିହ୍ନ ଦିଆଯିବ । | # / | ସେ ପୁସ୍ତକ⌐ସହ ସବୁଙ୍କ ଯାଉଛି । | ସେ ପୁସ୍ତକ ସହ ସବୁଙ୍କ ଯାଉଛି । |

| | | | | |
|---|---|---|---|---|
| 7 | eq# | ବ୍ୟବଧାନ ସମାନ କର eq# – ଚିହ୍ନ:- ମୁଦ୍ରିତାଂଶରେ କାକପଦ ଚିହ୍ନ ରହିବ | ସର୍ବକାରାଃ ⁁ ବଳିହାରୀ କୁହେ ବିଭିନ୍ନାଃ ବ୍ୟବସ୍ଥାଃ ପ୍ରତିବର୍ଷଂ କରୋତି । | ସର୍ବକାରାଃ ବଳିହାରୀ କୁହେ ବିଭିନ୍ନାଃ ବ୍ୟବସ୍ଥାଃ ପ୍ରତିବର୍ଷଂ କରୋତି। |
| 8. | NP/ Para/ Par/ | ନୂଆ ଅନୁଚ୍ଛେଦ<br>ଚିହ୍ନ:- ମୁଦ୍ରିତାଂଶରେ NP/ ⌐ ଅଥବା ⌐ ଅଥବା ╥ .....╥ | ତତ୍ର ବ୍ୟବସ୍ଥା ଭବତି ଏତାଦୃଶୀ । ଗ୍ରୀଷ୍ମକାଳେ ତୁ ଅସ୍ୟ ରାଜଧାନୀ ଶ୍ରୀନଗରଂ ପରିତ୍ୟଜ୍ୟ ପୁନଃ କାଶ୍ମୀରଂ ପ୍ରତି ଗଚ୍ଛତି ⌐ ଭାରତସ୍ୟ କସ୍ମିନ୍ନପି ପ୍ରଦେଶେ ଏତାଦୃଶୀ ବ୍ୟବସ୍ଥା ନାସ୍ତି । କେବଳଂ ରାଜ୍ୟପାଳ ମହୋଦୟାନାଂ କୁତେ ◡/ ବାସ ପରିବର୍ତ୍ତନ ବ୍ୟବସ୍ଥା ତତ୍ର ଗ୍ରୀଷ୍ମେଷୁ, କେଷୁ କେଷୁ | ତତ୍ର ବ୍ୟବସ୍ଥା ଭବତି ଏତାଦୃଶୀ । ଗ୍ରୀଷ୍ମକାଳେ ତୁ ଅସ୍ୟ ରାଜଧାନୀ ଶ୍ରୀ ନଗରଂ ପରିତ୍ୟଜ୍ୟ କାଶ୍ମୀରଂ ପ୍ରତି ଗଚ୍ଛତି । ଭାରତସ୍ୟ କସ୍ମିନ୍ନପି ପ୍ରଦେଶେ. ............ ............ ବାସପରିବର୍ତ୍ତନବ୍ୟବସ୍ଥା ତତ୍ର ଗ୍ରୀଷ୍ମେଷୁ କେଷୁ କେଷୁ |
| 9. | No NP/ No Para/ No Par/ No π | ପାରା ବଦଳିବ ନାହିଁ । No NP/<br>ଚିହ୍ନ:- ମୁଦ୍ରିତାଂଶରେ ⮌ ଏହିଭଳି ଚିହ୍ନ ଦିଆଯିବ । | ରାଜ୍ୟେଷୁ ଭବତି । ⮌ ମନ୍ତ୍ରିମଣ୍ଡଳସ୍ୟ ଅନ୍ୟ ସଦସ୍ୟାଃ ମୁଖ୍ୟ ମନ୍ତ୍ରୀ ଚ ରାଜ୍ୟପାଳମହୋ-ଦୟେନ ସହ ନ ଗଚ୍ଛନ୍ତି ତତ୍ର । | ରାଜ୍ୟେଷୁ ଭବତି । ମନ୍ତ୍ରିମଣ୍ଡଳସ୍ୟ ଅନ୍ୟେ ସଦସ୍ୟାଃ ମୁଖ୍ୟମନ୍ତ୍ରୀ ଚ ରାଜ୍ୟପାଳମୋହଦୟେନ ସହ ନ ଗଚ୍ଛନ୍ତି ତତ୍ର । |

| | | | | |
|---|---|---|---|---|
| 10 | ←⊏ | ବାମପାଖକୁ ଘୁଞ୍ଚିବ ←⊏/ | ଚତୁରଙ୍ଗସେନାସମନ୍ୱିତଃ ରାଜା ଅପି ↤←⊏ଯୁଦ୍ଧାର୍ଥମ୍ ଆଗତବାନ୍ । | ଚତୁରଙ୍ଗସେନାସମନ୍ୱିତଃ ରାଜା ଅପି ଯୁଦ୍ଧାର୍ଥମ୍ ଆଗତବାନ୍ । ସମ୍ମୁଖେ ଯୁଦ୍ଧକ୍ଷେତ୍ରମ୍ । କ୍ଷେତ୍ରେ ତୁ |
| 11 | →⊏ | ଦକ୍ଷିଣପାଖକୁ ଘୁଞ୍ଚିବ →⊏/→⊏ ଚିହ୍ନ:- ଉପଯୁକ୍ତ ସଙ୍କେତ ଦ୍ୱୟର ବ୍ୟବହାର ଯଦି ମୁଦ୍ରିତାଂଶର ଦକ୍ଷିଣପାର୍ଶ୍ୱରେ ହୁଏ ତେବେ ସେଥିରେ ସାମାନ୍ୟ ପରିବର୍ତ୍ତନ ହୁଏ । ⊐←/⊐→ | ଅପରପକ୍ଷସ୍ୟ ସେନା ଯଥା ବିଶାଳତରା ଦୃଶ୍ୟତେ । ରାଜା ଭୟଭୀତଃ ଆସୀତ୍ । ଇଷ୍ଟଦେବସ୍ୟ ⦶/ ସ୍ମରଣଂ ଚ କୃତବାନ୍ ⁁ ସ୍ୱପ୍ନବତ୍ ତସ୍ମିନ୍ ମୁହୂର୍ତ୍ତେ ସଃ ଶୁଶ୍ରାବ ମା ↤⊏ ଭୈ ←⊏ଅସ୍ତ୍ରେ ସର । ବିଜୟୀ ଭବ ଏତତ୍ ଶ୍ରୁତ୍ୱା ←⊏ସଃ ଚମତ୍କୃତଃ ↤⊏ ଜାତଃ । ବିଜୟଃ ସୁନିଶ୍ଚିତଃ ଇତି ↤⊏ ଜ୍ଞାତ୍ୱା ←⊏ସଃ ଆଶ୍ୱସ୍ତଃ ଜାତଃ । ↤⊏ ଦ୍ୱିଗୁଣୋତ୍ସାହେନ ସଃ ସୈନ୍ୟ⁀ଚାଳନଂ । | ଅପରପକ୍ଷସ୍ୟ ସେନା ଯଥା ବିଶାଳତରା ଦୃଶ୍ୟତେ । ରାଜା ଭୟଭୀତଃ ଆସୀତ୍ । ଇଷ୍ଟଦେବସ୍ୟ ସ୍ମରଣଂ ଚ କୃତବାନ୍ । ସ୍ୱପ୍ନବତ୍ ତସ୍ମିନ୍ ମୁହୂର୍ତ୍ତେ ସଃ ଶୁଶ୍ରାବ ମା ଭୈ ଅସ୍ତ୍ରେ ସର । ବିଜୟୀ ଭବ । ଏତତ୍ ଶ୍ରୁତ୍ୱା ସଃ ଚମତ୍କୃତଃ ଜାତଃ । ବିଜୟଃ ସୁନିଶ୍ଚିତଃ ଇତି ଜ୍ଞାତ୍ୱା ସଃ ଆଶ୍ୱସ୍ତଃ ଜାତଃ । |
| 12 | ⊙ ⦶ | (ଇଂରାଜୀ ହୋଇଥିଲେ) ⦶/ Full stop ଦିଆଯିବ କିମ୍ବା ଭାରତୀୟ ଭାଷା ⦶/ ହୋଇଥିଲେ ପୂର୍ଣ୍ଣଚ୍ଛେଦ ଦିଆଯିବ । | କୃତବାନ୍ ⁁ ଏତଦ୍ଦୃଷ୍ଟ୍ୱା ସୈନିକାଃ ଅପି ତେଷାଂ ନୃପଃ ଯଥା ତଥୈବ ଆଚରିତବନ୍ତଃ ⁁ /⦶ | ଦ୍ୱିଗୁଣୋତ୍ସାହେନ ସଃ ସୈନ୍ୟଚାଳନଂ କୃତବାନ୍ । ଏତଦ୍ଦୃଷ୍ଟ୍ୱା ସୈନିକାଃ ଅପି ତେଷାଂ ନୃପଃ ଯଥା ତଥୈବ ଆଚରିତବନ୍ତଃ । |

| | | | | |
|---|---|---|---|---|
| 13 | ⁁ | ଚିହ୍ନିତ ସ୍ଥାନରେ ବର୍ଣ୍ଣର ନିମ୍ନଭାଗରେ ପ୍ରଥମଚ୍ଛେଦ ଚିହ୍ନଟି ଦିଆଯିବ । | ⁁/# ସୁରେନ୍ଦ୍ର⁁ କଟକଂ⁁ ମଧୁରଭାଷିତ୍ୱଂ ⁁ କାଳିପଦାନଳଗାଂ⁁ କେତୁଃଙ୍ଗ ପ୍ରତି ବ ଗତବାନ୍ । | ⁁ ସୁରେନ୍ଦ୍ରଃ କଟକଂ ମଧୁରଭାଷି- ⁁ ତ୍ୱିତ୍ୱଂ କାଳିପଦାନଳଗାଂ କେତୁଃଙ୍ଗ ପ୍ରତି ବ ଗତବାନ୍ । |
| 14 | ^ କିମ୍ବା ^ | ଚିହ୍ନିତ ସ୍ଥାନରେ ବର୍ଣ୍ଣର ଉପରି ଭାଗରେ ଏହି ପ୍ରଥମଚ୍ଛେଦ ଚିହ୍ନଟି ଦିଆଯିବ । | ^/ ⁁ଅଙ୍ଗାରଃ ଶତଧୌତେନ ^/ ମଳିନତ୍ୱଂ ନ ମୁଞ୍ଚତି⁁ ଇତି-ନ୍ୟାୟବତ୍ ///// ତସ୍ୟ ସ୍ଥିତିଃ⁁ 8/① | 'ଅଙ୍ଗାରଃ ଶତଧୌତେନ ମଳିନତ୍ୱଂ ନ ମୁଞ୍ଚତି' ଇତି ନ୍ୟାୟବତ୍ 'ତସ୍ୟ ସ୍ଥିତିଃ । |
| 15 | ^ ^ | ଚିହ୍ନିତ ସ୍ଥାନରେ ବର୍ଣ୍ଣର ଉପରି ଭାଗରେ ଏହି ଉଦ୍ଧୃତି ଚିହ୍ନ ରହିବ । | ^/ ସଃ ଅକଥୟତ,⁁ନାହଂ ଗମିଷ୍ୟାମି⁁ ^ | ସଃ ଅକଥୟତ, "ନାହଂ ଗମିଷ୍ୟାମି ।" |
| 16 | ; | ଦ୍ୱିତୀୟଚ୍ଛେଦ ଚିହ୍ନ ଚିହ୍ନିତ ସ୍ଥାନରେ ରହିବ । | ଇତ୍ୟୁକ୍ତ୍ୱା ସଃ ପଳାୟିତବାନ୍ । ତସ୍ୟ ସ୍ଥାନେ କଃ ଗମିଷ୍ୟତି, କେନ ପ୍ରକାରେଣ ସମାହିତା ଯାସ୍ୟତି⁁/; ଅତ୍ର ଅହମପି ଚିନ୍ତାବ୍ୟାକୁଳିତଃ ଆସମ୍। | ପ୍ରକାରେଣ ସମାହିତା ଯାସ୍ୟତି; ଅତ୍ର ଅହମପି ଚିନ୍ତାବ୍ୟାକୁଳିତଃ ଆସମ୍ । |
| 17 | ---- | ନିର୍ଦ୍ଦେଶ ଅନୁସାରେ ଚିହ୍ନିତ ସ୍ଥାନଠାରୁ ଆଗକୁ ରେଖା ......./ ଦିଆଯିବ । | .....⁁ଇତି ଶମ୍ ।⁁ /— | ......ଇତି ଶମ୍ । ____ |
| 18 | xxxx/ ....../ | ଚିହ୍ନିତ ସ୍ଥାନରେ ଡାଲକା ଚିହ୍ନ / ଅଥବା ବିନ୍ଦୁ ରାଜିକା ଦିଆଯିବ | xxxx/ ⁁ନାହଂ ଜାନେ । କିନ୍ତୁ ⁁ /.... | xxxନାହଂ ଜାନେ । କିନ୍ତୁ.. |

| | | | | |
|---|---|---|---|---|
| 19 | Itals/ Italic | ଚିହ୍ନିତ ସ୍ଥାନରେ ଥିବା ଅଂଶ ତେରଛା ଅକ୍ଷରରେ ପରିବର୍ତ୍ତିତ ହେବ। | ପରିତୋଷି କରିତ୍ୱ ଅସୀ ଦୁଃଖ ଅନାଗତ। ଯଥା କହାଣେ 'ରାଜିତ୍ୱ--/Itals ଦୁଃଖ ଅନାଗତ। ଯଥା ତୋଷେ ଗୁଣରାଶିନାଶା'। | ପରିତୋଷି କରିତ୍ୱ ଅସୀ ଦୁଃଖ ଅନାଗତ। ଯଥା କହାଣେ, '*ରାଜିତ୍ୱତୋଷେ ଗୁଣରାଶିନାଶା*'। |
| 20 | Caps | ଚିହ୍ନିତ ଅକ୍ଷରଟି ଇଂରାଜୀ ବଡ଼ ଅକ୍ଷର ହେବ। Caps/ temple KHICHING | I went to mónayurbhanja /cap yesterday, to visit a historical temple at Khiching | I went to Mayurbhanj yesterday to visit a historical at |
| 21 | trans. | ଶବ୍ଦ ଦୁଇଟିର ସ୍ଥାନ ବଦଳିବ | ରାମ ଟି ଆମ୍ବ ଗଢ଼ବଶେ। | ରମା ଆମ୍ବ ଟ ଗଢ଼ବଶେ। |
| 22 | LC.2pt/ LC.4pt/ | ରେଖାଙ୍କିତ ଅକ୍ଷରର ଆକାର ଦୁଇ ପଏଣ୍ଟ / ଚାରି ପଏଣ୍ଟ କମିବ। LC.=Lower case | LC.2pt/ <u>ତେ</u> ହି ନୋ ଦିବସାଃ ଗତାଃ | ତେ ହି ନୋ ଦିବସାଃ ଗତାଃ। |
| 23 | 2pt.H.C/ 4pt.H.C/ | ରେଖାଙ୍କିତ ଅଂଶର ଆକାର ଦୁଇ ପଏଣ୍ଟ ଚାରି ପଏଣ୍ଟ ବଢ଼ିବ H.C=Higher case | ତେ ହି ନୋ <u>ଦିବସାଃ ଗତାଃ</u> /2pt.H.C/ | ତେ ହି ନୋ ଦିବସାଃ ଗତାଃ। |

| | | | | | |
|---|---|---|---|---|---|
| 24 | ≡ bold&caps | ତିନି ରେଖାଙ୍କିତ ଅଂଶ ଗାଢ଼ 'ବଡ଼' ବଡ଼ (କ୍ୟାପ୍ସ) ଅକ୍ଷରରେ ଲେଖାଯିବ । | Man proposes god disposes. ≡ | / ≡ | Man proposes **GOD** disposes. |
| 25 | bold<br>bold— | ରେଖାଙ୍କିତ ଅଂଶଟି<br>ବର୍ଣ୍ଣାଂଶଟି ଗାଢ଼ ଅକ୍ଷରରେ ଲେ ାଯିବ । | ଅଢ଼ୁ ଭାଗ ଛଡି ବଢ଼ଭାଗ ।<br>ଚଢ଼ୁ ଭାଗ ପର୍ଣ୍ଣଭାଗ । | /bold<br>/bold | ଅଢ଼ୁ ଭାଗ ଛଡି ବଢ଼ଭାଗ ।<br>ଚଢ଼ୁ ଭାଗ ପର୍ଣ୍ଣଭାଗ । |
| 26 | boldface<br>bf. | ବର୍ଣ୍ଣାଂଶଟି ରେଖାଙ୍କିତ ହେବ । | ସର୍ବତ୍ର ଭାଗ ଛଡି ଶ୍ରୀଭାଗ । | / ① | ସର୍ବତ୍ର ଭାଗ ଛଡି ଶ୍ରୀଭାଗ । |
| 27 | St/stet | Let it stand<br>ଯେପରି ଅଛି ସେହିପରି ରହିବ । stet/ ଚିହ୍ନ:- ଯଦି ପରିବର୍ତ୍ତନ ପାଇଁ ଭୁଲରେ କଟିଯାଏ ବା ଯୋଡ଼ିଲେ ଭୁଲେଇ ଦିଆଯାଏ ତେବେ ଏହି ସଙ୍କେତ ଦିଆଗଲେ ତାହା ପୂର୍ବପରି ରହିବ । | ବଚୋଃ ଶ୍ଚଦଂଷାଣାମ୍<br>ପା.୭.୩.୬୭ | ① | ବଚୋଃଶ୍ଚଦଂଷାଣାମ୍ -<br>ପା.୭.୩.୬୭ । |

| | | | | | |
|---|---|---|---|---|---|
| 28 | Rom | କୌଣସି ଲିପିକୁ ଯଦି ରୋମାନ୍ ଲିପିରେ ପରିବର୍ତ୍ତନ କରିବାକୁ ଥାଏ ତେବେ ଏହି ସଂକେତ ଦିଆଯାଏ । | | ଆଙ୍ଗ୍ଲ-ଭାଷାୟାମ୍ ବିଶେଷ୍ୟଃ ଭବତି (ନାଉନ୍) ଇତି ବିଶେଷଣଂ ତୁ (ଆଡ୍‌ଜେକ୍‌ଟିଭ୍) | /Rom ଆଙ୍ଗ୍ଲ ଭାଷାୟାମ୍ /Rom ବିଶେଷ୍ୟଃ ଭବତି Noun ଇତି ବିଶେଷଣଂ ତୁ Adjective. |
| 29 | set the lines | ଧାଡ଼ିଗୁଡ଼ିକ ଯେପରି ରହିବାକଥା ରହିବ । | set the lines | ତଥା ସମକ୍ଷଂ ଦହତା ମନୋଭବଂ<br>ପିନାକିନା ଭଗ୍ନମନୋରଥା ସତୀ ।<br>ନିନିନ୍ଦ ରୂପଂ ହୃଦୟେନ ପାର୍ବତୀ<br>ପ୍ରିୟେଷୁ ସୌଭାଗ୍ୟଫଳା ହି ଚାରୁତା ॥ | ତଥା ସମକ୍ଷଂ ଦହତା ମନୋଭବଂ<br>ପିନାକିନା ଭଗ୍ନମନୋରଥା ସତୀ ।<br>ନିନିନ୍ଦ ରୂପଂ ହୃଦୟେନ ପାର୍ବତୀ<br>ପ୍ରିୟେଷୁ ସୌଭାଗ୍ୟଫଳା ହି ଚାରୁତା ॥ |
| 30 | ctr./cent. | ନିର୍ଦ୍ଦିଷ୍ଟ ଅଂଶଟିକୁ ପୃଷ୍ଠା ମଝିରେ ରଖାଯିବ । | bold/ Ctr. | ସାରଣୀ-୩<br>ପ୍ରମାଣ<br>ପ୍ରତ୍ୟକ୍ଷ ଅନୁମାନ ଶବ୍ଦ | ସାରଣୀ-୩<br>ପ୍ରମାଣ<br>ପ୍ରତ୍ୟକ୍ଷ ଅନୁମାନ ଶବ୍ଦ |

| | | | | | |
|---|---|---|---|---|---|
| 31 | Arr.fn. | Arrange foot Note<br>ଲେଖାଳିତ ଅଂଶଟିକୁ ପାଦଟିକାଭାବେ ବର୍ଣ୍ଣାଯିବ । | Arr.fn/ | ଶବ୍ଦର ସର୍ବଶେଷ ବର୍ଣ୍ଣର ପୂର୍ବବର୍ଣ୍ଣକୁ ଉପଧା କୁହାଯାଏ । ଯଥା:-ଅଲୋଃନ୍ତ୍ୟାତ୍ ପୂର୍ବ ଉପଧା ପା.୧.୧.୬୫ ଯଥା ରାଜନ୍ ର 'ନ୍' ପୂର୍ବର 'ଅ' ଉପଧା ଅଟେ । | ଶବ୍ଦର ସର୍ବଶେଷ ବର୍ଣ୍ଣର ପୂର୍ବବର୍ଣ୍ଣକୁ ଉପଧା କୁହାଯାଏ । ଯଥା:- ରାଜନ୍ ର ନ୍' ପୂର୍ବର 'ଅ' ଉପଧା ଅଟେ ।'<br>୧-ଅଲୋଃନ୍ତ୍ୟାତ୍ ପୂର୍ବ ଉପଧା - ପା.୧.୧.୬୫ । |
| 32 | Tab/Box | ଚିହ୍ନିତ ଅଂଶକୁ ଏକ ଟେବୁଲ୍/ କଠୋରୀ ମଧ୍ୟରେ ରଖାଯିବ । | Box | ଟିପ୍ ଟସ୍ ଝି<br>ସିପ୍ ଥସ୍ ଥ<br>ମିପ୍ ବସ୍ ମସ୍ | ଟିପ \| ଟସ୍ \| ଝି<br>ସିପ୍ \| ଥସ୍ \| ଥ<br>ମିପ୍ \| ବସ୍ \| ମସ୍ |
| 33 | Verse/ Poetry | ଧାଡ଼ିରେ ଲେଖାଯାଇଥିବା ବସ୍ତୁକୁ ଶ୍ଳୋକାକାରରେ ଲେଖାଯିବ / ଗୀତ ଆକାରରେ ଲେଖାଯିବ | Verse | ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ । ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ | ଯଦା ଯଦା ହି ଧର୍ମସ୍ୟ<br>ଗ୍ଲାନିର୍ଭବତି ଭାରତ ।<br>ଅଭ୍ୟୁତ୍ଥାନମଧର୍ମସ୍ୟ<br>ତଦାତ୍ମାନଂ ସୃଜାମ୍ୟହମ୍ ॥ |
| 34 | ▭ | ଚିହ୍ନିତ ଅଂଶଠାରୁ ଏକ ନୂତନ ଅନୁଚ୍ଛେଦର ଆରମ୍ଭହେବ । | Para // | ଦୁଇଟି ଏକବଚନାନ୍ତ ବିଶେଷ୍ୟ ପଦର ବିଶେଷଣ ପଦ ଦ୍ୱିବଚନାନ୍ତ ହୁଏ । | ଦୁଇଟି ଏକବଚନାନ୍ତ ବିଶେଷ୍ୟ ପଦର ବିଶେଷଣ ପଦ ଦ୍ୱିବଚନାନ୍ତ ହୁଏ । |

| | | | |
|---|---|---|---|
| 35 ।.।.।.।.। | ଅକ୍ଷରକୁ ଅକ୍ଷର ଛାଡ଼ି ଛାଡ଼ି.।.।.।.।/ ଏବଂ ଶବ୍ଦକୁ ଶବ୍ଦ ଛାଡ଼ି ଲେଖାଯିବ | ତଥା ସମସ୍ତଂ ବହତା ମନୋଭବଂ | ତ ଥା ସ ମ ସ୍ତଂ ବ ହ ତା ମ ନୋ ଭ ବଂ........। |
| 36 tr/∪/ | ଅକ୍ଷରସ୍ଥାନ ପରିବର୍ତ୍ତନ | /ବିରତିଦ୍ରା | ବିଦରତି |

ଏହିସବୁ ବ୍ୟତୀତ, ଯେତେବେଳେ ସିସା ତିଆରି ଅକ୍ଷରର ଛାପାଖାନା ଥିଲା, ସେତେବେଳେ ବଙ୍କା ଅକ୍ଷର ପାଇଁ, ଭଙ୍ଗା ଅକ୍ଷର ପାଇଁ ଧାଡ଼ି ଛାଡ଼ିଛାଡ଼ି ଲେଖିବା ପାଇଁ ଦୁଇଧାଡ଼ି ମଝିରେ କାର୍ଡ଼ପାତିଆ ଅଥବା ଲୁହାର ପାତିଆ ପାଇଁ, ଯଦି ଅକ୍ଷର ବସି ଯାଇଥାଏ କି ଉଠିଯାଇଥାଏ ଧାଡ଼ି ବଙ୍କିଯାଇଥାଏ ଇତ୍ୟାଦି ନିମନ୍ତେ ମଧ୍ୟ କିଛି ଚିହ୍ନର ପ୍ରୟୋଗ କରାଯାଉଥିଲା । ବର୍ତ୍ତମାନ ସଂଗଣକ ମାଧ୍ୟମରେ ଛପା ନିମନ୍ତେ ସେ ସବୁର ଆବଶ୍ୟକତା ନ ଥିବାରୁ ସେ ସମ୍ପର୍କରେ ଆଲୋଚନା କରାଯାଉ ନାହିଁ ।

## (ଗ) ଲିପ୍ୟନ୍ତରୀକରଣ-ଚିହ୍ନ – DIACRITICAL MARKS

### Symbols for TRANSLITERATION ( NĀGARĪ TO ROMAN)

ବ୍ରାହ୍ମୀ, ଖରୋଷ୍ଠୀ, ଶାରଦା, ନାଗରୀ ଏବଂ ଓଡ଼ିଆ, ବଙ୍ଗଳା ତଥା ତାମିଲ ଇତ୍ୟାଦି ଲିପି ମାଧ୍ୟମରେ ସଂସ୍କୃତ ବହୁ ଭାବରେ ଲେଖାଯାଇଛି । ଏ ସବୁ ଲେଖାର ଉପାଦେୟତା ନିମନ୍ତେ ବୈଦେଶିକମାନେ ଯେତେବେଳେ ଏଥି ମଧ୍ୟରେ ପ୍ରବେଶ କରି ଏହାର ଅଧ୍ୟୟନ କରିବାକୁ ଚାହିଁଲେ ସେମାନଙ୍କର ସୁବିଧା ଦୃଷ୍ଟିରୁ କିପରି ରୋମାନ ବର୍ଣ୍ଣମାଳା (ଯେଉଁଥିରେ ଇଂରାଜୀ ଭାଷା ଲେଖାଯାଏ)ଦ୍ୱାରା ଏହା ଲେଖାଯାଇ ପାରିବ ସେ କଥା ଚିନ୍ତାକଲେ । ସେମାନଙ୍କ ବର୍ଣ୍ଣମାଳାରେ ମାତ୍ର ଛବିଶଗୋଟି ବର୍ଣ୍ଣ ଥିବାବେଳେ ସଂସ୍କୃତରେ ତାହା ବହୁ ଅନେକ । ତେବେ ସର୍ବସମ୍ମତ ଭାବରେ ସ୍ୱୀକାର କରାଯାଇଥିବା ଉନପଞ୍ଚାଶତ୍ (ଅନଚାଶ) ବର୍ଣ୍ଣକୁ ରୋମାନ୍ ଲିପିରେ ଲେଖିବାପାଇଁ କେତେଗୁଡ଼ିଏ ଚିହ୍ନର ଆବଶ୍ୟକତା ଦେଖା ଦେଲା । କାରଣ ଗୋଟିଏ ମାତ୍ର ଶବ୍ଦର ବିଚାର କଲେ, ଜଣାପଡ଼ିଯିବ ଯେ ଭାଷାକୁ ବାନ୍ଧିଦେବାରେ ରୋମାନ୍ ଲିପି ଆମ ତୁଳନାରେ କେତେ ସୀମିତ । ବିଚାର୍ଯ୍ୟ ଶବ୍ଦଟି Rama ଏହାକୁ ଆମେ କ'ଣ ବୋଲି ପଢ଼ିବା ? ରାମ, ରମା, ରାମା ଅଥବା ରମ । ଏହିଭଳି ଚାରିଗୋଟି ପଦ ଆମେ ଯଦି ପାଉ ତେବେ ଅର୍ଥ ବୁଝିବାରେ କି ଅସୁବିଧା ତାହା ସହଜରେ ଅନୁମେୟ । କିନ୍ତୁ ଚିହ୍ନ ପ୍ରୟୋଗ କରି ଏହାକୁ କିପରି ସ୍ପଷ୍ଟ ଭାବରେ ପଢ଼ାଯାଇପାରିବ ତାହା ଦେଖାଯାଉ । **Rama** = ରମ, **Rāma** = ରାମ, **Ramā** = ରମା, ଏବଂ **Rāmā** = ରାମା । ଏହି ପରିପ୍ରେକ୍ଷୀରେ ନିର୍ଦ୍ଧାରିତ ସମସ୍ତ ଚିହ୍ନର ସୂଚନା ନିମ୍ନରେ ପ୍ରଦତ୍ତ ହୋଇଛି :-

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଓଡ଼ିଆ | ଅ | ଆ | ଇ | ଈ | ଉ | ଊ | ଋ | ୠ | ଌ | ଏ | ଐ | ଓ | ଔ |
| ନାଗରୀ | अ | आ | इ | ई | उ | ऊ | ऋ | ॠ | ऌ | ए | ऐ | ओ | औ |
| ରୋମାନ୍ | *a* | *ā* | *i* | *ī* | *u* | *ū* | *ṛ* | *ṝ* | *ḷ* | *e* | *ai* | *o* | *au* |

| | | | | | | | | | | | |
|---|---|---|---|---|---|---|---|---|---|---|---|
| ଓଡ଼ିଆ | କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ | ଜ୍ଞ |
| ନାଗରୀ | क | ख | ग | घ | ङ | च | छ | ज | झ | ञ | ज्ञ |
| ରୋମାନ୍ | *ka* | *kha* | *ga* | *gha* | *ṅ* | *ca* | *cha* | *ja* | *jha* | *ñ* | *jña* |

| | | | | | | | | | | |
|---|---|---|---|---|---|---|---|---|---|---|
| ଓଡ଼ିଆ | ଟ | [illegible] | ଡ | ଢ | ଣ | ତ | ଥ | ଦ | ଧ | ନ |
| ନାଗରୀ | ट | ठ | ड | ढ | ण | त | थ | द | ध | न |
| ରୋମାନ୍ | *ṭa* | *ṭha* | *ḍa* | *ḍha* | *ṇa* | *ta* | *tha* | *da* | *dha* | *na* |

| | | | | | | | | | |
|---|---|---|---|---|---|---|---|---|---|
| ଓଡ଼ିଆ | ପ | ଫ | ବ | ଭ | ମ | ଯ | ର | ଲ | ଵ |
| ନାଗରୀ | प | फ | ब | भ | म | य | र | ल | व |
| ରୋମାନ୍ | *pa* | *pha* | *ba* | *bha* | *ma* | *ya* | *ra* | *la* | *va* |

| ଓଡ଼ିଆ | ଶ | ଷ | ସ | ହ | କ୍ଷ | ଃ | ଂ | ଁ | । | ॥ |
|---|---|---|---|---|---|---|---|---|---|---|
| ନାଗରୀ | श | ष | स | ह | क्ष | ः | ं | ँ | । | ॥ |
| ରୋମାନ୍ | śa | ṣa | sa | ha | kṣa | ḥ | ṁ | n | / | // |

ମାତ୍ରା, ଫଳା ଇତ୍ୟାଦିର ସଂଯୁକ୍ତରୂପ - ('କ')

| ଓଡ଼ିଆ | କା | କି | କୀ | କୁ | କୂ | କେ | କୈ | କୋ | କୌ | କୃ | କ୍କ | କ୍ୱ | କ୍ତ | କ୍ରା | କ୍ରୂ |
|---|---|---|---|---|---|---|---|---|---|---|---|---|---|---|---|
| ନାଗରୀ | का | कि | की | कु | कू | के | कै | को | कौ | कृ | क्क | क्व | क्त | क्रा | क्रू |
| ରୋମାନ୍ | kā | ki | kī | ku | kū | ke | kai | ko | kau | kṛ | kka | kva | kta | krā | krū |

ଦ୍ରଷ୍ଟବ୍ୟ- ଏଠାରେ ସ୍ମରଣଯୋଗ୍ୟ ଯେ, ଲିପ୍ୟନ୍ତରୀକରଣ ସମୟରେ ରୋମାନ ଲିପିର ଦୁଇ ପ୍ରକାରର ଅକ୍ଷରରୁ କେବଳ (small letters) ବ୍ୟବହାର କରାଯାଏ। ପୂର୍ଣ୍ଣଚ୍ଛେଦ ପାଇଁ Full stop ନ ଦେଇ slash (ତେରଛାଗାର) ବ୍ୟବହାର କରାଯାଏ, ସନ୍ଧିଥିବା ସ୍ଥାନରେ ସନ୍ଧିବିଚ୍ଛେଦ ନ କରି କେବଳ ଶବ୍ଦ ଗୁଡ଼ିକୁ ଅଲଗା ଅଲଗା ଲେଖିବାର ପ୍ରୟାସ କରାଯାଏ। ଯାହାଫଳରେ କି ସେଠାରେ ସନ୍ଧିଥିବାର ଜଣାପଡେ ମାତ୍ର। ବିଶେଷତଃ ଶ୍ଳୋକର ଲିପ୍ୟନ୍ତରୀକରଣରେ ଏହା କରାଯାଇଥାଏ। ଲିପ୍ୟନ୍ତରୀକରଣର କେତେଗୋଟି ଦୃଷ୍ଟାନ୍ତ।

୧ - ଉତ୍ତର

मनुः मत्स्यस्य वचनम् अनुसृत्य तस्य पालनं कृतवान् ।

Manuḥ matsyasya vacanam anusṛtya tasya pālanam kṛtavān /

यथाकालं तं समुद्रं प्रावेशयत् । - yathākālam tam samudraṁ prāveśayat /

୨ - ଉତ୍ତର

(କ) चिन्तनीया हि विपदामादावेव प्रतिक्रिया

न कूपखननं युक्तं प्रदीप्ते वह्निना गृहे ।।

(ka) cintanīyā hi vipadāmādāveva pratikriyā /

na kūpakhananam yuktam pradīpte vahninā gṛhe //

(ଖ) नाभिषेको न संस्कारः सिंहस्य क्रियते वने ।

विक्रमार्जितसत्वस्य स्वयमेव मृगेन्द्रता ।।

(kha) nā bhiṣeko na saṁskāraḥ siṁhasya kriyate vane /

vikramārjitasattvasya svayam eva mṛgendratā //

(ଗ) मरणं प्रकृतिः शरीरिणां विकृतिर्जीवितमुच्यते बुधैः ।
क्षणमप्यवतिष्ठते श्वसन् यदि जन्तुर्ननु लाभवानसौ ॥

(ga) maraṇam prakṛtiḥ śarīriṇām vikṛtir jīvitam ucyate budhaiḥ /
kṣaṇam apya vatiṣṭhate śvasan yadi jantur nanu lābhavān asau //

(ଘ) ଯସ୍ୟ ନାସ୍ତି ସ୍ୱୟଂପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍ ।
ଲୋଚନାଭ୍ୟାଂ ବିହୀନସ୍ୟ ଦର୍ପଣୋ କିଂ କରିଷ୍ୟତି ॥

(gha) yasya nāsti svayam prajñā śāstraṁ tasya karoti kiṁ /
locanābhyāṁ vihīnasya darpaṇo kiṁ kariṣyati //

***

# ୨୫- ପତ୍ରଲିଖନ

ଆବଶ୍ୟକତାନୁସାରେ ବିବିଧ ପ୍ରକାରର ପତ୍ର ଲେଖାଯାଇଥାଏ । ଯଥା - ବାର୍ତ୍ତାପ୍ରେରଣ ପାଇଁ, ନିମନ୍ତ୍ରଣ ପତ୍ର, ଅଭିନନ୍ଦନ ପତ୍ର ତଥା ଆବେଦନ ପତ୍ର ଇତ୍ୟାଦି । ଏ ସମସ୍ତ ପ୍ରକାରର ପତ୍ରଲେଖନର ଏକ କ୍ରମ ରହିଛି, ସେଥିବୁର ଦୃଷ୍ଟାନ୍ତ ନିମ୍ନୋକ୍ତମତେ ଏଠାରେ ପ୍ରସ୍ତୁତ କରାଯାଉଅଛି ।

ପତ୍ରଲିଖନର କ୍ରମ -

୧. ଶୀର୍ଷିକା
୨. ସମ୍ବୋଧନଂ କୁଶଳପ୍ରଶ୍ନଃ ଚ
୩. ବିଷୟଃ
୪. ସମାପ୍ତିଃ
୫. ନାମସ୍ୱାକ୍ଷରମ୍
୬. ପତ୍ରସଙ୍କେତଃ (ପତ୍ରସ୍ୟ ପ୍ରାପକସ୍ୟ, ପ୍ରେଷକସ୍ୟ ଚ)

୧. ଶୀର୍ଷିକା

(କ) ପତ୍ରର ଆରମ୍ଭରେ କୌଣସି ମଙ୍ଗଳସୂଚକଶବ୍ଦ ଜଣେ ତା'ଇଚ୍ଛା ଅନୁସାରେ ଲେଖିପାରେ । କିନ୍ତୁ ବାମ ପାର୍ଶ୍ୱରୁ ପ୍ରଥମେ ଯାହାକୁ ପତ୍ର ଲେଖାଯାଏ, ମାନ୍ୟ ଅନୁସାରେ ତାଙ୍କୁ ସମ୍ବୋଧନ କରାଯାଇ ପତ୍ରଲେଖିବା ଆରମ୍ଭ କରାଯାଏ ।

(ଖ) ପତ୍ରର ଦକ୍ଷିଣ କୋଣରେ ଯେଉଁ ସ୍ଥାନରୁ ପତ୍ର ଲେଖାଯାଏ ସେହି ସ୍ଥାନର ନାମର ନିର୍ଦ୍ଦେଶ କରାଯାଇଥାଏ ।

(ଗ) ସ୍ଥାନ ଯେଉଁଠାରେ ଲେଖାଯାଇଥିବ ତାର ଠିକ୍ ତଳେ ଯେଉଁଦିନ ପତ୍ରଟି ଲେଖାଯାଉଥିବ ସେହି ଦିନାଙ୍କଟି ଲେଖାଯାଉଥାଏ । ଦିନାଙ୍କକୁ ତିଥି, ମାସ, ଯୁଗାବ୍ଦ ଇତ୍ୟାଦିର ଆଧାରରେ ଅଥବା ଆଧୁନିକ ତାରିଖ ପ୍ରଦାନ କରି ଲେଖାଯାଉଥାଏ ।

୨. ସମ୍ବୋଧନଂ କୁଶଳପ୍ରଶ୍ନଃ ଚ - ପତ୍ର ଯିଏ ଦେଉଥାଏ ଏବଂ ଯାହାଙ୍କ ପାଖକୁ ଦିଆଯାଉଥାଏ ଉଭୟଙ୍କର ବୟସ, ସମ୍ବନ୍ଧ ଓ ସମ୍ପର୍କର ଆଧାରରେ ସମ୍ବୋଧନ ବାକ୍ୟର ପ୍ରୟୋଗ କରାଯାଇଥାଏ । ସମ୍ବୋଧନ ପରେ ବ୍ୟକ୍ତିଗତ ପତ୍ରଗୁଡ଼ିକରେ କୁଶଳ ଜିଜ୍ଞାସା ସୂଚକ ବାକ୍ୟର ପ୍ରୟୋଗ କରାଯାଇଥାଏ ।

(କ) ସମ୍ବୋଧନମ୍

ମାନ୍ୟାଃ, ପୂଜ୍ୟାଃ, ମହୋଦୟାଃ, ଅୟି ଭୋ ମାନ୍ୟାଃ, ପ୍ରିୟବନ୍ଧୋ, ଆଦରଣୀୟବନ୍ଧୋ, ବନ୍ଧୁବର, ପ୍ରିୟସହୋଦର, ପ୍ରିୟଭ୍ରାତଃ, ପ୍ରିୟଭଗିନି, ପ୍ରିୟସହୋଦରି, ତୀର୍ଥରୂପାଣାଂ ଚରଣସନ୍ନିଧୌ, ପୂଜ୍ୟାନାଂ ପିତୃଚରଣାନାଂ ଚରଣସନ୍ନିଧୌ,ତୀର୍ଥରୂପସମାନାନାଂ ଚରଣସନ୍ନିଧୌ, ମାତୃଶ୍ରୀଚରଣସନ୍ନିଧୌ, ମାତୃଶ୍ରୀସମାନାନାଂ ଚରଣସନ୍ନିଧୌ, ପରମପୂଜ୍ୟାନାଂ ଶ୍ରୀଚରଣାନାଂ ଚରଣସନ୍ନିଧୌ, ପରମ ପ୍ରିୟ ପାତ୍ର ——, ପ୍ରିୟମିତ୍ର, ସୁହୃନ୍ମଣେ, ପ୍ରିୟସଖ୍, ପ୍ରିୟବୟସ୍ୟ, ବତ୍ସ ——, ପ୍ରିୟ ——, ଚିରଞ୍ଜୀବିନ୍, ଇତ୍ୟାଦି ।

(ଖ) ନମସ୍କାରଃ / ଆଶୀର୍ବାଦଃ

ସାଦରଂ ବନ୍ଦନାନି, ସବିନୟପ୍ରଣାମାଃ, ପ୍ରଣାମାଃ, ନମାଂସି, ନମାଂସି ଭୂୟାଂସି, ସ୍ୱସ୍ତି, ସଭକ୍ତିକଂ ପ୍ରଣାମାଃ, ନମସ୍ତେ, ଭକ୍ତିପୂର୍ବକଂ ପ୍ରଣାମାଃ, ଶୁଭାଶିଷଃ, ଆଶିଷଃ, ଆଶୀର୍ବାଦାଃ, ଦୀର୍ଘାୟୁଷ୍ୟଂ କାମୟେ ଇତ୍ୟାଦି ।

(ଗ) କୁଶଳପ୍ରଶ୍ନଃ

ଅହଂ କୁଶଳୀ (ପୁଂ), ଅହଂ କୁଶଳିନୀ (ସ୍ତ୍ରୀ), ସର୍ବଂ କୁଶଳମ୍, ଅତ୍ର ବୟଂ ସର୍ବେ କୁଶଳିନଃ, ଜଗନ୍ନାଥସ୍ୟ / ଭଗବତଃ / ଦେବସ୍ୟ ଦୟୟା, କୃପୟା / କରୁଣୟା ସର୍ବଂ କୁଶଳମ୍, କୁଳଦେବତାନୁଗ୍ରହେଣ ଅତ୍ର ବୟଂ ସର୍ବେ କୁଶଳିନଃ, ଭବତଃ ଆଶୀର୍ବାଦେନ ଅହଂ କୁଶଳୀ (ପୁଂ) / କୁଶଳିନୀ

(ସ୍ତ୍ରୀ) ଅସ୍ମି, ଭବାନ୍ କୁଶଳୀ (ପୁଂ), ଭବତୀ କୁଶଳିନୀ (ସ୍ତ୍ରୀ), ତତ୍ର ସର୍ବଂ କୁଶଳଂ ଖଲୁ ? ତତ୍ର ସର୍ବେ କୁଶଳିନଃ ଖଲୁ ? ଭବନ୍ତଃ ସର୍ବେ କୁଶଳିନଃ, ଇତି ଭାବୟାମି / ବିଶ୍ୱସିମି / ଚିନ୍ତୟାମି ଇତ୍ୟାଦି ।

(ଘ) ଆରମ୍ଭବାକ୍ୟାନି ଦ୍ୱିତ୍ରାଣି

ଭବତଃ ପତ୍ରଂ ପ୍ରାପ୍ତମ୍ / ନ ପ୍ରାପ୍ତମ୍ । ଭବତଃ ପତ୍ରଂ ହ୍ୟଃ / ପରହ୍ୟଃ / ପ୍ରପରହ୍ୟଃ / ତ୍ରିଚତୁରେଭ୍ୟଃ ଦିନେଭ୍ୟଃ ପୂର୍ବଂ / ଗତ ସପ୍ତାହେ / ଗତମାସେ / ସଦ୍ୟଃ ଏବ ପ୍ରାପ୍ତମ୍ । ପତ୍ରସ୍ୟ ଆଶୟଃ / ଅଭିପ୍ରାୟଃ ଜ୍ଞାତଃ / ଅବଗତଃ / ବିଦିତଃ / ଗୃହୀତଃ । ପତ୍ରଂ ପଠିତ୍ୱା ଅହଂ ସନ୍ତୁଷ୍ଟଃ / ବୟଂ ସର୍ବେ ସନ୍ତୁଷ୍ଟାଃ । ବହୁକାଳତଃ / ବହୋଃ କାଳତଃ ଭବତଃ ପତ୍ରମ୍ ଏବ ନାସ୍ତି । କାରଣଂ କିମିତି ନ ଜାନାମି । ଉତ୍ତରଲିଖନେ ବିଳମ୍ବଃ ଜାତଃ । କ୍ଷମ୍ୟତାମ୍ / କ୍ଷମାଂ ଯାଚେ / କ୍ଷମାଂ ପ୍ରାର୍ଥୟେ / କ୍ଷନ୍ତବ୍ୟଃ ଅହମ୍ / କ୍ଷନ୍ତବ୍ୟୋଽୟଂ ଜନଃ ଇତ୍ୟାଦି ।

୩. ବିଷୟଃ - ପତ୍ରମାଧ୍ୟମରେ ମୁଖ୍ୟତଃ ଯେଉଁ ବିଷୟ ଜଣାଇବା କଥା ସେହି ବିଷୟର ଉଲ୍ଲେଖ ଏହି ଅଂଶରେ କରାଯାଇଥାଏ । ପତ୍ରରେ ଛୋଟ ଓ ସରଳ ବାକ୍ୟର ପ୍ରୟୋଗ କରିବା ଶ୍ରେୟସ୍କର । ଲେଖିବା ସମୟରେ ଭାବସ୍ପଷ୍ଟତା ପ୍ରତି ବିଶେଷ ଧ୍ୟାନଦେବା ଉଚିତ । ଯେତେବେଳେ ପତ୍ରରେ ବିଷୟାନ୍ତର ବା ବିଷୟଭେଦର ଅବସର ଆସେ ସେତେବେଳେ ପୃଥକ୍ ଅନୁଚ୍ଛେଦ କରିବା ଆବଶ୍ୟକ ।

ପତ୍ରରେ ଯେପରି କୌଣସି ବି କଥାର ପୁନରାବୃତ୍ତି ନ ହେବ ଓ ପତ୍ର ଅଯଥାରେ ଲମ୍ବା ନ ହେବ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ ।

୪. ସମାପ୍ତିଃ - ପତ୍ରରେ ଲେଖନୀୟ ସମସ୍ତ ବିଷୟ ସମାପ୍ତ ହେବା ପରେ ବୈଷୟିକ ପତ୍ରରେ ନମସ୍କାର ନିବେଦନାଦିର ଉଲ୍ଲେଖ କରାଯାଇଥାଏ । ଶେଷରେ 'ଇତି' ଶବ୍ଦର ଲେଖାହୁଏ ଓ ଇତି ଶବ୍ଦପରେ ପତ୍ରଲେଖକ ଓ ପତ୍ରଗ୍ରାହକଙ୍କ ସମ୍ବନ୍ଧର ଆଧାରରେ ପଦେ ଦୁଇପଦ କଥା ଲେଖାଯାଇଥାଏ । ସମାପ୍ତିକୁ ନିମ୍ନୋକ୍ତ ମତେ ଦୁଇଭାଗରେ ବିଭକ୍ତ କରିପାରିବା ।

(କ) ଅଥେ ଦ୍ୱିତ୍ରାଣି ବାକ୍ୟାନି

ନାନ୍ୟଃ ବିଶେଷଃ । ଅନ୍ୟଃ କୋଽପି ବିଶେଷଃ ନାସ୍ତି । ମମ ନମସ୍କାରାନ୍ ମାତ୍ରେ / ପିତ୍ରେ / ଗୁରୁଭ୍ୟଂ ଚ / ସର୍ବେଭ୍ୟଃ ନିବେଦୟତୁ । ଜ୍ୟେଷ୍ଠେଭ୍ୟଃ ସର୍ବେଭ୍ୟଃ ପ୍ରଣାମାଃ / ନମସ୍କାରାଃ / କନିଷ୍ଠେଭ୍ୟଃ ଆଶୀର୍ବାଦଃ। ବାଳାୟ / ବାଳିକାୟୈ ଆଶିଷଃ / ଆଶୀର୍ବାଦଃ । ଶୀଘ୍ରମ୍ / ଅବିଳମ୍ବେନ /ପତ୍ର -ପ୍ରାପ୍ତେଃ ଅନନ୍ତରମ୍ ଏବ ଉତ୍ତରଂ ଲିଖତୁ । ତଦା ତଦା ପତ୍ରଂ ଲିଖତୁ । ଉତ୍ତରଲିଖନଂ ମା ବିସ୍ମରତୁ । ଶିଷ୍ଟଂ ପତ୍ରାନ୍ତରେ / ଅଗ୍ରେ । ଶିଷ୍ଟଂ ଭବଦୁତ୍ତରପ୍ରାପ୍ତ୍ୟନନ୍ତରମ୍ । ଭବତଃ ପ୍ରତ୍ୟୁତ୍ତରଂ ପ୍ରତୀକ୍ଷମାଣଃ / ପ୍ରତୀକ୍ଷମାଣା ବିରମାମି ଇତ୍ୟାଦି ।

(ଖ) ଇତି

ଇତି ଭବଦୀୟଃ / ତ୍ୱଦୀୟଃ ବିଶ୍ୱାସୀ (ପୁଂ) । ଇତି ଭବଦୀୟା / ତ୍ୱଦୀୟା ବିଶ୍ୱାସିନୀ(ସ୍ତ୍ରୀ) । ଇତି ଭବଦଭିନ୍ନଃ / ଭବଦଭିନ୍ନା । ଇତି ଭବଦାଶୀର୍ବାଦାଭିଳାଷୀ / ଭବଦାଶୀର୍ବାଦାଭିଳାଷିଣୀ । ଇତି ଭବଦୀୟଂ ବିଶ୍ୱାସପାତ୍ରମ୍ । ଇତି ଭବତାଂ ବିଧେୟଃ । ଇତି ପ୍ରିୟସୁହୃଦ୍ / ପ୍ରିୟସଖୀ । ଇତି ଭବତ୍ୟାଃ ପ୍ରାଣପ୍ରିୟଃ / ଭବତଃ ପ୍ରାଣପ୍ରିୟା । ଇତି ଭବନ୍ମଙ୍ଗଳାକାଂକ୍ଷୀ / ଇତି ଭବନ୍ମଙ୍ଗଳାକାଂକ୍ଷିଣୀ । ଇତି ପ୍ରିୟଶିଷ୍ୟଃ / ପ୍ରିୟଶିଷ୍ୟା ଇତ୍ୟାଦି ।

୫. ନାମ ସ୍ୱାକ୍ଷରମ୍ – 'ଇତି' ପଦ ପରେ ଲେଖକ ନିଜର ନାମ ସ୍ୱାକ୍ଷର କରିଥାନ୍ତି । କାର୍ଯ୍ୟାଳୟରେ ପତ୍ର ଇତ୍ୟାଦିରେ ନାମ ସ୍ୱାକ୍ଷର ସହିତ ସ୍ଥାନସଙ୍କେତ ମଧ୍ୟ ଦିଆଯାଇଥାଏ ।

୬. ସଂକେତଃ– ପୂର୍ବୋକ୍ତ ସମସ୍ତ କ୍ରମାନୁସାରେ ପତ୍ରଲେଖିସାରିବାପରେ ପତ୍ର ଯାହାଙ୍କ ପାଖକୁ ପଠାଯାଉଛି ତାଙ୍କର ନାମ ଓ ଠିକଣା (ଗ୍ରାମ, ସ୍ଥାନର ନାମ, ଡାକ ଘରର ନାମ, ଜିଲ୍ଲାର ନାମ) ଅବଶ୍ୟ ଲେଖିବା ଉଚିତ । ପିନ୍

କୋଡ୍ ମଧ୍ୟ ଉଲ୍ଲେଖ କରିବା ଆଜିର ପରିସ୍ଥିତିରେ ଏକାନ୍ତ ଆବଶ୍ୟକ । ଯଦି ରାଜ୍ୟ ବାହାରକୁ ପତ୍ର ଯାଉଥାଏ ତେବେ ରାଜ୍ୟର ନାମ ମଧ୍ୟ ଉଲ୍ଲେଖ କରିବା ଆବଶ୍ୟକ । ଲେଖକ ନିଜର ପତ୍ର ସଂକେତ ମଧ୍ୟ ଦେବା ଆବଶ୍ୟକ । କାରଣ କୌଣସି କାରଣ ବଶତଃ ପତ୍ର ଯଦି ଗ୍ରାହକ ପାଖରେ ନ ପହଞ୍ଚିପାରେ ତେବେ ତାହା ପତ୍ର ଲେଖକ ପାଖକୁ ଫେରି ଆସିବ । କିମ୍ବା ଅପରିଚିତ ବ୍ୟକ୍ତି ପାଖକୁ ପତ୍ର ଲେଖୁଥିଲେ ପ୍ରତ୍ୟୁତ୍ତର ମଧ୍ୟ ଆସିପାରିବ ।

ଏହିଭଳି ଉପର୍ଯ୍ୟୁକ୍ତ ରୀତିରେ ସଂସ୍କୃତରେ ମଧ୍ୟ ପତ୍ରାଦି ହୋଇପାରିବ । ଏହାର କିଛି ନମୁନା ପ୍ରଦାନ କରାଯାଉଅଛି । ତଦନୁସାରେ ସଂସ୍କୃତ ପତ୍ରଲିଖନର ଅଭ୍ୟାସ ମଧ୍ୟ ସମସ୍ତେ କରିପାରିବେ ।

### ପିତା ପୁତ୍ରଂ ପ୍ରତି

ଗୌତମନଗରମ୍
ଦିନାଙ୍କଃ ୧.୧୨.୧୨

ଚିରଞ୍ଜୀବିନେ ମହେନ୍ଦ୍ରାୟ ଶୁଭାଶିଷଃ,

ବୟଂ ସର୍ବେ ଅତ୍ର କୁଶଳିନଃ, ତ୍ୱଦୀୟଃ କ୍ଷେମସମାଚାରଃ ଅପି ପତ୍ରମୁଖେନ ଜ୍ଞାତଃ ।

ତବ ଅନୁଜଃ ଅରବିନ୍ଦଃ ସମ୍ୟକ୍ ପଠନ୍ ଅସ୍ତି । ଗତପରୀକ୍ଷାୟାଂ ସଃ ପ୍ରଥମ ଶ୍ରେଣ୍ୟାମ୍ ଉତ୍ତୀର୍ଣ୍ଣଃ । ଭବତଃ ବିଷୟେ ସଃ ତଦା ତଦା ପୃଚ୍ଛତି । ତବ ଅନୁଜା ଅପି ସମ୍ୟକ୍ ପଠନ୍ତୀ ଅସ୍ତି ।

ବତ୍ସ ! ପଠନୀୟବିଷୟଂ ଶ୍ରଦ୍ଧୟା ପଠତୁ । ଆହାରବିଷୟେ ଜାଗରୂକତା ଭବତୁ । ପ୍ରତିଦିନଂ ପ୍ରାତଃ / ସାୟଂ କଞ୍ଚିତ୍କାଳଂ ବ୍ୟାୟାମଂ କୁରୁ । ତବ କୁଶଳବାର୍ତ୍ତାଂ ପ୍ରତିସପ୍ତାହଂ ପତ୍ରଦ୍ୱାରା ସୂଚୟ ।

ତବ ମାତା ଅପି ସସ୍ନେହମ୍ ଆଶୀର୍ବାଦମ୍ ଉକ୍ତବତୀ । ଅନ୍ୟଃ ବିଶେଷଃ ନାସ୍ତି ।

ଇତି ତବ ଶୁଭାକାଙ୍କ୍ଷୀ
ପିତା

ପ୍ରେଷକଃ -
ରବୀନ୍ଦ୍ର କୁମାର ଦାସଃ
ଗୃହକ୍ରମାଙ୍କଃ - ୫୪୩୨
ଗୌତମନଗରମ୍
ଭୁବନେଶ୍ୱରମ୍

ପ୍ରାପକଃ -
ମହେନ୍ଦ୍ର କୁମାର ଦାସଃ
ଗୃହକ୍ରମାଙ୍କଃ - ୪୩୨
ରାଢିଆ
ଭଦ୍ରକମ୍

ପୁତ୍ରଃ ପିତରଂ ପ୍ରତି

॥ ଶ୍ରୀଃ ॥

ବ୍ରହ୍ମପୁରମ୍
୧୦.୩.୧୩ମିତେ ଦିନାଙ୍କେ

ପରମପୂଜ୍ୟାନାଂ ପିତୃଚରଣାନାଂ ପାଦୟୋଃ ସାଷ୍ଟାଙ୍ଗଂ ପ୍ରଣାମାଃ ।

ଅତ୍ର ଅହଂ କୁଶଲୀ । ତତ୍ର ଭବନ୍ତଃ ସର୍ବେ କୁଶଳିନଃ ଇତି ମନ୍ୟେ ।

ଅତ୍ର ମହାବିଦ୍ୟାଳୟେ ମମ ପଠନକାର୍ଯ୍ୟଂ ଉତ୍ତମରୀତ୍ୟା ପ୍ରଚଳତି । ଅସ୍ମାକଂ ପ୍ରଥମବର୍ଷସ୍ୟ ବାର୍ଷିକୀ ପରୀକ୍ଷା ସମାପ୍ତା । ଆଗାମିନି ଅପ୍ରେଲମାସେ କେଚନ ମମ ବନ୍ଧବଃ ଅଧ୍ୟାପକୈଃ ସହ ପରିଭ୍ରମଣାର୍ଥଂ ବାରାଣସୀନଗରୀଂ ପ୍ରତି ଗମିଷ୍ୟନ୍ତି । ଅହମପି ତୈଃ ସାକଂ ପରିଭ୍ରମଣାର୍ଥଂ ଗନ୍ତୁମିଚ୍ଛାମି । ଏତଦର୍ଥଂ ଭବନ୍ତଃ ଅନୁମତିପ୍ରଦାନଂ କୁର୍ବନ୍ତି ଚେତ୍ ଅହଂ ତତ୍ର ଗମିଷ୍ୟାମି । ତତ୍ର ମାର୍ଗବ୍ୟୟସ୍ୟ କୃତେ ଅନ୍ୟାନ୍ୟବ୍ୟୟନିମିତ୍ତଂ ଚ ଏକସହସ୍ରରୂପ୍ୟକାଣି

ଆବଶ୍ୟକାନି । ଭବତଃ ଅନୁମତ୍ୟା ସାକଂ ରୂପ୍ୟକାଣ୍ୟପି ପ୍ରେଷୟନ୍ତୁ ଇତି ସବିନୟଂ ପ୍ରାର୍ଥୟାମି ।

ମାତୃଚରଣୟୋଃ ଅପି ମମ ବନ୍ଦନାନି । ସର୍ବାନ୍ ମମ କୁଶଳସମାଚାରଂ ସୂଚୟନ୍ତୁ ।

ଇତି<br>ବିନୀତଃ ଭବଦୀୟଃ ପୁତ୍ରଃ (ରମେଶଃ)

ପ୍ରେଷକଃ -<br>__________<br>__________

ପ୍ରାପକଃ -<br>__________<br>__________

## ମାତା ପୁତ୍ରୀଂ ପ୍ରତି

ଆୟୁଷ୍ମତ୍ୟୈ ପୁତ୍ର୍ୟୈ ଶୁଭାଶିଷଃ,

ସମ୍ବଲପୁରମ୍<br>କାର୍ତ୍ତିକ ପୂର୍ଣ୍ଣିମା<br>ଯୁଗାବ୍ଦଃ-୫୧୧୪

ଅହମତ୍ର କୁଶଳିନୀ, ଭବତ୍ୟାଃ ପିତା ଅପି କୁଶଳୀ ଅସ୍ତି ।

ତ୍ୱୟା ଲିଖିତଂ ପତ୍ରଂ ମୟା ପ୍ରାପ୍ତମ୍ ।

+୨ ଶ୍ରେଣ୍ୟାଃ ପରୀକ୍ଷାୟାଂ ତ୍ୱଂ ପ୍ରଥମଶ୍ରେଣ୍ୟାମ୍ ଉତ୍ତୀର୍ଣ୍ଣା ଇତି ଜ୍ଞାତ୍ୱା ଅହଂ ସନ୍ତୋଷ ମନୁଭବାମି । ତ୍ୱମ୍ ଉଚ୍ଚଶିକ୍ଷାନିମିତ୍ତଂ ପ୍ରବେଶିକା ପରୀକ୍ଷାଂ ଦାତୁଂ ପ୍ରଚେଷ୍ଟାମପି କରୋଷି ଇତି ମହତଃ ସନ୍ତୋଷସ୍ୟ ବିଷୟଃ । ପ୍ରବେଶିକା ପରୀକ୍ଷା ଯଦା ସମାପ୍ତା ଭବିଷ୍ୟତି ତଦା ଗୃହମାଗଚ୍ଛ । ବୟଂ ସର୍ବେ ମିଳିତ୍ୱା ମୁମ୍ବଇ ମହାନଗରୀଂ ପ୍ରତି ଭ୍ରମଣାର୍ଥଂ ଗମିଷ୍ୟାମଃ । ଅନୁଜଃ ଦେବରାଜଃ

ତବ ପ୍ରତୀକ୍ଷାୟାମେବ ଅସ୍ତି । ଆହାରବିଷୟେ ସର୍ବଦା ସାବଧାନା ସଚେତନା ଚ ଭବ । ସର୍ବାଦୌ ସ୍ୱାସ୍ଥ୍ୟଂ ସଂରକ୍ଷଣୀୟମ୍ । ତତ୍ ପ୍ରତି ଯତ୍ନଂ କୃତ୍ୱା ପାଠବିଷୟେ ଅଗ୍ରେସର ।

ଅନ୍ୟତ୍ ସର୍ବମତ୍ର କୁଶଳମ୍ ଅସ୍ତି । ପତ୍ରଂ ଲିଖ ।

ଇତି

ଭବଦୀୟା ମାତା

ପ୍ରେଷିକା -

____________

____________

ପ୍ରାପିକା -

____________

____________

## ପୁତ୍ରୀ ମାତରଂ ପ୍ରତି

ରାଉରକେଲା

ଅକ୍ଷୟତୃତୀୟା

ଯୁଗାବ୍ଦଃ - ୫୧୦୯

ମାତୃଶ୍ରୀଚରଣସନ୍ନିଧୌ

ସାଦରଂ ବନ୍ଦନାନି,

ଭବତ୍ୟାଃ ଆଶୀର୍ବାଦପତ୍ରଂ ପ୍ରାପ୍ତମ୍ । ପତ୍ରଂ ଦୃଷ୍ଟ୍ୱା ଆନନ୍ଦଃ ଅଭବତ୍ । ଭବତ୍ୟାଃ ସୂଚନାନୁସାରଂ ମମ ସ୍ୱାସ୍ଥ୍ୟସ୍ୟ ଯଥାବିଧି ଯତ୍ନଂ କୁର୍ବତୀ ଅସ୍ମି ।

ଆଗାମିମାସସ୍ୟ ଦ୍ୱିତୀୟସପ୍ତାହେ ଅସ୍ମାକଂ ବାର୍ଷିକୀ ପରୀକ୍ଷା ଭବିଷ୍ୟତି । ପରୀକ୍ଷାସମନନ୍ତରମେବ ଦିନତ୍ରୟସ୍ୟ ଶୈକ୍ଷଣିକପ୍ରବାସଃ ଅସ୍ତି । ପ୍ରାଧ୍ୟାପକୈଃ ସହ ବୟଂ ସର୍ବେ ଗଚ୍ଛାମଃ । ପ୍ରବାସଂ ସମାପ୍ୟ ଯଦାହଂ ଗୃହଂ ପ୍ରତି ଆଗମିଷ୍ୟାମି ।

ଏତଂ ବିଷୟଂ ପୂଜ୍ୟଂ ପିତରଂ ସୂଚୟତୁ ମମ ନମସ୍କାରଂ ଚ ସୂଚୟତୁ । ପ୍ରିୟାୟ ଅନୁଜାୟ କେଶବାୟ ଆଶିଷଃ ।

ଇତି ପ୍ରିୟପୁତ୍ରୀ
ଶୁଭଦର୍ଶିନୀ

ପ୍ରେଷିକା - ପ୍ରାପିକା -

______________ ______________

______________ ______________

## ଗୁରୁଂ ପ୍ରତି ଶିଷ୍ୟଃ

॥ ଓଁ ॥

କଟକମ୍
୫.୪.୧୨

ପରମାଦରଣୀୟାନାଂ ପରମପୂଜ୍ୟାନାଂ ଗୁରୁଚରଣାନାଂ ଚରଣାରବିନ୍ଦୟୋଃ ନମାଂସି ଭୂୟାଂସି । ଭବତାମ୍ ଆଶୀର୍ବାଦେନ ଅହମତ୍ର କୁଶଳୀ ଅସ୍ମି, ପରୀକ୍ଷାୟାମପି ସମ୍ୟକ୍ ଲିଖିତବାନ୍ ଅସ୍ମି ।

ମମ ପ୍ରଥମ ବର୍ଷସ୍ୟ ବାର୍ଷିକୀ ପରୀକ୍ଷା ସମାପ୍ତା । ସମ୍ପ୍ରତି ମହାବିଦ୍ୟାଳୟସ୍ୟ ବାର୍ଷିକୋତ୍ସବନିମିତ୍ତଂ ପ୍ରସ୍ତୁତିଃ ପ୍ରଚଳତି । ବାର୍ଷିକୋତ୍ସବସ୍ୟ ସମାପ୍ତ୍ୟନନ୍ତରମ୍ ଅହଂ ଗୃହଂ ଗମିଷ୍ୟାମି । ଅସ୍ମାକଂ ଗ୍ରୀଷ୍ମାବକାଶଃ ପ୍ରାୟତଃ ଏକମାସଂ ଯାବତ୍ ଭବିଷ୍ୟତି । ତସ୍ମିନ୍ ସମୟେ ବ୍ୟାକରଣଂ ପଠିତୁମହଂ ଭବତାଂ ସକାଶଂ ଗମିଷ୍ୟାମି । କୃପୟା ଅବକାଶ ସମୟେ ମାଂ ବ୍ୟାକରଣଂ ପାଠୟନ୍ତୁ ଇତି ପ୍ରାର୍ଥୟାମି ।

ଭବତାଂ ପତ୍ରଂ ପ୍ରତୀକ୍ଷମାଣଃ ଅସ୍ମି ।

ଇତି

ଭବତାଂ ଶିଷ୍ୟଃ
ବିନୀତଃ (ଅବିନାଶଃ)

ପ୍ରେଷକଃ -
____________
____________

ପ୍ରାପକଃ -
____________
____________

**ଗୁରୁଃ ଶିଷ୍ୟଂ ପ୍ରତି**

॥ ଶ୍ରୀଃ ॥

ଜଗତସିଂହପୁରମ୍
୨୫.୪.୧୨

ପ୍ରିୟ ଶିଷ୍ୟାୟ ଶୁଭାଶିଷଃ,

ଭବତଃ ପତ୍ରଂ ମୟା ପ୍ରାପ୍ତମ୍ । ଭବତଃ ପତ୍ରଂ ପଠିତ୍ୱା ମହାନ୍ ପ୍ରମୋଦଃ ଜାତଃ, ଯତଃ ଭବାନ୍ ଅବକାଶସ୍ୟ ସଦୁପଯୋଗଂ କରିଷ୍ୟତି । ପରୀକ୍ଷାୟାଂ ଭବାନ୍ ସମ୍ୟକ୍ ଲିଖିତବାନସ୍ତି ଇତି ଜ୍ଞାତ୍ୱା ମନସି ଆନନ୍ଦୋଽପି ଭବତି । ଅନେନ ପ୍ରକାରେଣ ଭବାନ୍ ପ୍ରଚେଷ୍ଟାଂ କରୋତି ଚେତ୍ ଅବଶ୍ୟଂ ଭବତଃ ଉନ୍ନତିଃ ଭବିଷ୍ୟତି ଯତଃ, "ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀଃ" । ବାର୍ଷିକୋତ୍ସବବିଷୟେ ଭବାନ୍ ଅତ୍ର ଆଗତ୍ୟ ମାଂ ସୂଚୟତୁ । ଗ୍ରୀଷ୍ମାବକାଶେ ଅହମବଶ୍ୟମେବ ଭବନ୍ତଂ ବ୍ୟାକରଣଂ ପାଠୟିଷ୍ୟାମି ।

ଅନ୍ୟଶ୍ଚ ବିଷୟଃ ବାରାନ୍ତରେ । ଶୁଭଂ ଭବତୁ ।

ଇତି ଶୁଭାକାଙ୍କ୍ଷୀ
ଭବତଃ ଆଶୀର୍ବାଦକଃ ଗୁରୁଃ

ପ୍ରେଷକଃ -

__________

__________

ପ୍ରାପକଃ -

__________

__________

## ମିତ୍ରଂ ପ୍ରତି ପତ୍ରମ୍

କେନ୍ଦ୍ରାପଡ଼ା
୩୦.୦୯.୧୨

ପ୍ରିୟମିତ୍ର !

ବିଜୟାଦଶମୀପର୍ବଦିନସ୍ୟ ଶୁଭାଶୟାଃ ।

ଅତ୍ର ବୟଂ ସର୍ବେ କୁଶଳିନଃ । ଭବାନ୍ ଅପି କୁଶଳୀ ଇତି ମନ୍ୟେ । ଭବତଃ ପତ୍ରଂ ପ୍ରାପ୍ତମ୍ । ପତ୍ରଲିଖନେ ବିଳମ୍ବଃ ଅଭବତ୍ । କୃପୟା କ୍ଷମ୍ୟତାମ୍ ।

ଭବାନ୍ ସଂସ୍କୃତ - ପ୍ରବନ୍ଧ - ଲିଖନ - ପ୍ରତିଯୋଗିତାୟାଂ ପ୍ରଥମ-ପୁରସ୍କାରଂ ପ୍ରାପ୍ତବାନ୍ ଇତି ଜ୍ଞାତ୍ୱା ମମ ଅତୀବ ସନ୍ତୋଷଃ ଅଭବତ୍ । ସଫଳତାୟୈ ଅଭିନନ୍ଦନାନି । ଅହମପି ସଂସ୍କୃତକଥା - କଥନ ପ୍ରତିଯୋଗିତାୟାଂ ଦ୍ୱିତୀୟସ୍ଥାନଂ ପ୍ରାପ୍ତବାନ୍ ଅସ୍ମି ।

ମମ ଅଧ୍ୟୟନଂ ସମ୍ୟକ୍ ପ୍ରଚଳତି । ସମ୍ପ୍ରତି ପୂଜାବକାଶଃ ପ୍ରଚଳତି । ଆଗାମିନଭେମ୍ବରମାସେ ଅସ୍ମାକଂ ଷାଣ୍ମାସିକୀ ପରୀକ୍ଷା ଭବିଷ୍ୟତି । ପରୀକ୍ଷାୟାଃ ଅନନ୍ତରଂ ଡିସେମ୍ବରମାସେ ମହାବିଦ୍ୟାଳୟସ୍ୟ କ୍ରୀଡୋତ୍ସବଃ ତଥା ଜାନୁଆରୀମାସେ ବାର୍ଷିକୋତ୍ସବଃ ଚ ଅସ୍ତି । ବାର୍ଷିକୋତ୍ସବେ ଏକଂ ସଂସ୍କୃତନାଟକମପି ପ୍ରଦର୍ଶିତଂ ଭବିଷ୍ୟତି । ଦିନାଙ୍କଂ ସୂଚୟିଷ୍ୟାମି, ଅବଶ୍ୟମ୍ ଆଗଚ୍ଛତୁ । ବାର୍ଷିକୋତ୍ସବସ୍ୟ ଅନନ୍ତରଂ ମାର୍ଚ୍ଚମାସେ ବାର୍ଷିକପରୀକ୍ଷା ଭବିଷ୍ୟତି । ଅତଃ ମମ ଅଧ୍ୟୟନଂ ସମ୍ୟକ୍ ପ୍ରଚଳତି ।

ନାନ୍ୟଃ ବିଶେଷଃ । ପତ୍ରଂ ଲିଖତୁ । ଗୃହେ ସର୍ବାନ୍ ମମ ବନ୍ଦନାନି ସୂଚୟତୁ ।

ଇତି ଭବଦୀୟଂ ମିତ୍ରଂ
ମହେଶଃ

ପ୍ରେଷକଃ -

______________

______________

ପ୍ରାପକଃ -

______________

______________

## ସଖୀଂ ପ୍ରତି ସଖ୍ୟାଃ ପତ୍ରମ୍

ସମ୍ବଲପୁରମ୍
୧୫.୦୬.୧୨

ଅୟି ପ୍ରିୟସଖି !

ସଂକ୍ରାନ୍ତିପର୍ବଦିନସ୍ୟ ଶୁଭାଶୟାଃ ।

ଅତ୍ର ଅହଂ କୁଶଳିନୀ, ଭବତ୍ୟାଃ ବନ୍ଧୂନାଂ ଚ କୁଶଳଂ ସମାବୟାମି । ବହୁକାଳତଃ ଭବତ୍ୟାଃ ପତ୍ରମେବ ନାସ୍ତି । ଅତଃ ଅହମେବ ଲିଖନ୍ତୀ ଅସ୍ମି । ଇଦାନୀଂ ବା ଭବତୀ ଅବଶ୍ୟଂ ପତ୍ରଂ ଲିଖେତ୍ ଇତି ଚିନ୍ତୟାମି ।

ମହାବିଦ୍ୟାଳୟେ ମମ ବିଦ୍ୟାପ୍ରଗତିଃ ସାଧାରଣୀ ଅସ୍ତି । ଭବତ୍ୟାଃ ଅଭ୍ୟାସଃ ସମ୍ୟକ୍ ପ୍ରଚଳତି ଇତି ମନ୍ୟେ । ମମ ମହାବିଦ୍ୟାଳୟେ ଆଗାମି-ଜୁଲାଇମାସେ ବିବିଧାଃ ସଂସ୍କୃତସ୍ପର୍ଧାଃ ଭବିଷ୍ୟନ୍ତି । ତତ୍ର ଅହଂ ସଂସ୍କୃତ-ଭାଷଣସ୍ପର୍ଧାୟାଂ ଭାଗଂ ନେଷ୍ୟାମି । ସମ୍ପ୍ରତି ଗ୍ରୀଷ୍ମାବକାଶଃ ପ୍ରଚଳତି । ଆଗାମିନି ଏକବିଂଶତିତମେ ଦିନାଙ୍କେ ମହାବିଦ୍ୟାଳୟଃ ଉଦ୍ଘାଟିତଃ ଭବିଷ୍ୟତି । ଭବତୀ ଦିବସଦ୍ୱୟନିମିତ୍ତଂ ମମ ଗୃହମ୍ ଆଗଚ୍ଛତୁ । ଅସ୍ମାକଂ ଗୃହେ ସର୍ବେ ଆନନ୍ଦିତାଃ ଭବିଷ୍ୟନ୍ତି ।

ଭବତ୍ୟାଃ ପତ୍ରଂ ପ୍ରତୀକ୍ଷମାଣା ———

ଇତି ଭବଦୀୟା ସଖୀ

ସୁଲେଖା

ପ୍ରେଷିକା - ପ୍ରାପିକା -

________ ________

________ ________

## ମିତ୍ରଂ ପ୍ରତି ଅଭିନନ୍ଦନସୂଚକଂ ପତ୍ରମ୍

॥ ଓମ୍ ॥

ପ୍ରିୟମିତ୍ର !

ବାଲେଶ୍ୱରମ୍

୬.୭.୨୦୧୨

ଭବତଃ ପତ୍ରଂ ମୟା ପ୍ରାପ୍ତମ୍ ।

ଭବାନ୍ ପରୀକ୍ଷାୟାଂ ପ୍ରଥମଶ୍ରେଣୀମ୍ ଲବ୍ଧ୍ୱା ସଂସ୍କୃତ ବିଷୟେ ସର୍ବାଧିକାଙ୍କାନ୍ ପ୍ରାପ୍ୟ ସ୍ୱର୍ଣ୍ଣପଦକଂ ପ୍ରାପ୍ତୁଂ ଯୋଗ୍ୟଃ ବିବେଚିତଃ ଇତି ଶ୍ରୁତ୍ୱା ଅତ୍ୟଧିକମାନନ୍ଦମନୁଭବାମି । କ୍ୱଚିତ୍ ଜନାନାଂ କୃତେ ଏବଂ ସୌଭାଗ୍ୟସ୍ୟ ଅବସରଃ ଆଗଚ୍ଛତି । ଏତଦର୍ଥଂ ଭବତଃ ପ୍ରଚେଷ୍ଟା ଅଭିନନ୍ଦନୀୟା । ଭବତଃ ପିତରୌ ଏବ ଅତ୍ୟଧିକ ଆନନ୍ଦିତୌ ଭବିଷ୍ୟତଃ । ଭବତ୍ ସଦୃଶଂ ପୁତ୍ରଂ ପ୍ରାପ୍ୟ ତୌ ଧନ୍ୟୌ ଏବ । ତତ୍ର ଆଗତ୍ୟ ଅହମ୍ ଅଭିନନ୍ଦନଂ ଜ୍ଞାପୟାମି ଇତି ଇଚ୍ଛାସୀତ୍ । କିନ୍ତୁ ସମ୍ପ୍ରତି ଅହଂ ପ୍ରବେଶିକା ପରୀକ୍ଷାନିମିତ୍ତଂ ପ୍ରସ୍ତୁତିଂ କରୋମି । ଅତଃ ପତ୍ର ମାଧ୍ୟମେନ ଏବ ହାର୍ଦ୍ଦିମ୍ ଅଭିନନ୍ଦନଂ ଜ୍ଞାପୟାମି । ଭବତଃ ମଙ୍ଗଳକାମନାଂ କୃତ୍ୱା ବିରମାମି ।

ଅନ୍ୟଃ ନ କୋଽପି ବିଶେଷଃ ।

ଇତି

ଭବସୁହୃତ୍ (ଗୋବିନ୍ଦଃ)

ପ୍ରେଷକଃ -

______________

______________

ପ୍ରାପକଃ -

______________

______________

## ମିତ୍ରଂ ପ୍ରତି ସନ୍ତାପସୂଚକଂ ପତ୍ରମ୍ / ଶୋକପତ୍ରଂ

॥ ଶ୍ରୀଃ ॥

ପ୍ରିୟ ମିତ୍ର ସୁରେଶ !

ଭବତଃ ପତ୍ରଂ ମୟା ପ୍ରାପ୍ତମ୍ । ତତଃ ଭବତଃ ପିତା ଦିବଙ୍ଗତଃ ଇତି ଜ୍ଞାତବାନ୍ । ଏତତ୍ ଜ୍ଞାତ୍ୱା ମମାପି ବହୁଦୁଃଖଂ ଜାତମ୍ । ଭବତଃ ପିତା ସମାଜସେବୀ ଆସୀତ୍ । ସମାଜସେବାୟାଂ ସଃ ସର୍ବଦୈବ ସର୍ବେଷାଂ- କୃତେ ଦତ୍ତଚିତ୍ତଃ ଆସୀତ୍ । ସଃ କଦାପି ସ୍ୱସ୍ୟ ବିଷୟେ ନ ଚିନ୍ତିତବାନ୍ । "ଜୀବନେ ଯାବଦ୍ଦାନଂ ସ୍ୟାତ୍ ପ୍ରଦାନଂ ତତୋଽଧିକମ୍" ଇତି ନୀତିମ୍ ଅନୁସରନ୍ ସମଗ୍ରଂ ଜୀବନଂ ଯାପିତବାନ୍ । ଏତାଦୃଶସ୍ୟ ଭବତଃ ପିତୁଃ ବିୟୋଗ ସମାଚାରଃ ଯଦି ମହ୍ୟଂ ଏବଂ ଶୋକଂ ଜନୟତି, ଭବତଃ କା କଥା ? ତଥାପି "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ" ଇତି ବୟଂ ଜାନୀମଃ । ଭବତଃ ପିତା ଶରୀରେଣ ଅଦୃଶ୍ୟଃ ଅପି ଯଶଃକାୟେନ ଜୀବତି ଇତି ଅହଂ ମନ୍ୟେ । ତେନ ଯଃ ମାର୍ଗଃ ଆରବ୍ଧଃ ତମ୍ ଅନୁସରନ୍ତଃ ବୟଂ ତଦୀୟଂ ମନୋରଥଂ ସଫଳଂ କୁର୍ଯାମ ।

ଭଗବାନ୍ ଦିବଂଗତାୟ ଭବତଃ ପିତ୍ରେ ସଦ୍ଗତିଂ, ଭବଦ୍ଭ୍ୟଃ ସର୍ବେଭ୍ୟଃ ଦୁଃଖସହନଶକ୍ତିଂ ଚ ଦଦାତୁ ଇତି ପ୍ରାର୍ଥୟାମି ।

ଦ୍ୱାଦଶାହକାର୍ଯ୍ୟେ ଯୋଗଦାନଂ କର୍ତ୍ତୁମ୍ ଅହଂ ତତ୍ର ଆଗମିଷ୍ୟାମି ।

ଇତି

ଭବଦୀୟଃ ପ୍ରିୟମିତ୍ରମ୍

ବିବେକାନନ୍ଦଃ ।

ପ୍ରେଷକଃ -

ପ୍ରାପକଃ -

## ବିରାମଗ୍ରହଣାୟ ନିବେଦନପତ୍ରମ୍

ସବିଧେ -

ଅଧ୍ୟକ୍ଷ ମହୋଦୟାଃ / ପ୍ରାଚାର୍ଯ୍ୟାଃ
.......... ମହାବିଦ୍ୟାଳୟଃ, ........ ।

ମାନ୍ୟାଃ !

ଅହଂ ଶ୍ୱଃ ମମ ପରିବାରେଣ ସାକଂ ପୁଣ୍ୟକ୍ଷେତ୍ରଦର୍ଶନାୟ ଶ୍ରୀକ୍ଷେତ୍ରଂ ପୁରୀଂ ପ୍ରତି ଗମିଷ୍ୟାମି । ଅତଃ ପଞ୍ଚ ଦିନାନାଂ କୃତେ ( ୨୦.୨.୧୨ ତଃ ୨୪.୨.୧୨ ପର୍ଯ୍ୟନ୍ତମ୍ ) ବିରାମଂ ଯଚ୍ଛନ୍ତୁ ଇତି ସାଦରଂ ପ୍ରଣାମପୂର୍ବକଂ ବିଜ୍ଞାପୟାମି ।

ମମ ଅନୁପସ୍ଥିତି ସମୟେ ପାଠ୍ୟମାନାନ୍ ପାଠାନ୍ ମିତ୍ରସକାଶାତ୍ ଜ୍ଞାତ୍ୱା ଅହଂ ପାଠକ୍ଷତିଂ ସମ୍ପୂରୟିଷ୍ୟାମି ।

ଦିନାଙ୍କଃ - ଇତି ।
ସ୍ଥାନମ୍ - ଭବତାଂ ବିନୟାବନତଃ
ଦୀନେଶଃ
+୨ ପ୍ରଥମବର୍ଷ ବିଜ୍ଞାନସ୍ୟ ଛାତ୍ରଃ / ଅନ୍ତେବାସୀ

## ଦୂରବାଣୀକେନ୍ଦ୍ରଂ ପ୍ରତି ନିବେଦନପତ୍ରମ୍

॥ ଶ୍ରୀ ॥

ସକାଶାତ୍,

ଶ୍ରୀମଦ୍ ଭଗବଦ୍‌ଗୀତା ଶିକ୍ଷଣକେନ୍ଦ୍ରମ୍
ଖାରବେଳ ନଗରମ୍
ଭୁବନେଶ୍ୱରମ୍

ସବିଧେ,

ବ୍ୟବସ୍ଥାପକଃ
ଦୂରବାଣୀ କେନ୍ଦ୍ରମ୍
ଭୁବନେଶ୍ୱରମ୍ - ୬

ବିଷୟଃ - ଦୂରବାଣୀ ଦୋଷ ନିରାକରଣମ୍

ମାନ୍ୟାଃ,

ଅସ୍ମାକଂ କାର୍ଯ୍ୟାଳୟସ୍ୟ ଦୂରବାଣୀ ( ସଂଖ୍ୟା - ୨୩୯୦୪୧୨ ) ତ୍ରିନ୍ ଦିବସାନ୍ କାର୍ଯ୍ୟଂ ନ କରୋତି । ଅତଃ ଅସ୍ମାକଂ ସମ୍ବନ୍ଧଃ କେନାପି ସାକଂ ନ ଭବତି । ଆଗାମିମାସେ ଅତ୍ର ଭୁବନେଶ୍ୱରେ ଗୀତା ପ୍ରଶିକ୍ଷଣ ଦୃଷ୍ଟ୍ୟା ବିଶାଳ କାର୍ଯ୍ୟକ୍ରମଃ ଭବିଷ୍ୟତି । ଅସ୍ମିନ୍ ଏବାବସ୍ଥାୟାମ୍ ଅସ୍ମାକଂ କାର୍ଯ୍ୟାଳୟସ୍ୟ ଦୂରବାଣୀ କାର୍ଯ୍ୟଂ ନ କରୋତି । ଅତଃ ବୟଂ ବହୁ କଷ୍ଟମନୁଭବାମଃ ।

କୃପୟା ଶ୍ରୀଘ୍ରଂ କମପି ବିଶେଷଜ୍ଞଂ ସମ୍ପ୍ରେଷ୍ୟ ଦୂରବାଣୀସଞ୍ଚାଳନଂ ସୁବ୍ୟବସ୍ଥିତଂ କୁର୍ବନ୍ତୁ ଇତି ସବିନୟଂ ପ୍ରାର୍ଥୟାମହେ ।

ଇତି
ଧନ୍ୟବାଦେନ ସାକଂ
କାର୍ଯ୍ୟାଳୟ ପ୍ରମୁଖଃ
ଦିନାଙ୍କଃ - ୧୦.୧.୨୦୧୩

## ମହାବିଦ୍ୟାଳୟସ୍ୟ ମୁଖପତ୍ରନିମିତ୍ତଂ ବାର୍ତ୍ତାପ୍ରେଷଣାର୍ଥଂ ନିବେଦନପତ୍ରମ୍

॥ ଶ୍ରୀ ॥

ମାନ୍ୟାଃ ବିଦ୍ୱତ୍ପ୍ରବରାଃ,

ସାଦରଂ ବନ୍ଦନାନି,

ଭବତାଂ ସ୍ନେହେନ ଆଶୀର୍ବାଦେନ ଚ ଅସ୍ମାକଂ ମହାବିଦ୍ୟାଳୟସ୍ୟ

କାର୍ଯ୍ୟାଣି ସମ୍ୟକ୍ ପ୍ରଚଳନ୍ତି । ଭବାନ୍ ଗତେ ବର୍ଷେ (ପସ୍ତୁତ)ଅସ୍ମାକଂ ମହାବିଦ୍ୟାଳୟସ୍ୟ ବାର୍ଷିକୋତ୍ସବେ ସାଦରମ୍ ଉପସ୍ଥାୟ ଛାତ୍ରାଣାଂ କୃତେ ଆଶୀର୍ବଚନାନି ପ୍ରଦତ୍ତବନ୍ତଃ । ଭବତାଂ ସ୍ନେହଶୀଳବଚନାନି ସର୍ବେ ସ୍ମରନ୍ତ୍ୟେବ ।

ଅସ୍ମିନ୍ ବର୍ଷେ ଅସ୍ମାକଂ ମହାବିଦ୍ୟାଳୟସ୍ୟ ମୁଖପତ୍ରଂ ପଞ୍ଚବିଂଶତିତମେ ବର୍ଷେ ପ୍ରବେଶଂ କରିଷ୍ୟତି । ଅତଃ ତନ୍ନିମିତ୍ତଂ "ଶୁଭସନ୍ଦେଶଃ" କଶ୍ଚନ ଭବଦ୍ଭିଃ ପ୍ରେଷଣୀୟଃ ଇତି ପ୍ରାର୍ଥୟେ । ସମ୍ପ୍ରତି ମୁଦ୍ରଣକାର୍ଯ୍ୟଂ ପ୍ରଚଳତି । ଭବଦୀୟଃ ସନ୍ଦେଶଃ ମୁଖପତ୍ରଂ ମଣ୍ଡୟିଷ୍ୟତି ଇତି ହେତୋଃ ନିବେଦନମ୍ ।

ଇତି ।
ଭବଦାଶୀର୍ବାଦାଭିଳାଷୀ
ମୁଖପତ୍ରସ୍ୟ ସମ୍ପାଦକଃ,
ପୁରୀ

## ପୁସ୍ତକ ପ୍ରେଷଣବିଷୟେ ପତ୍ରମ୍

ସବିଧେ,

ମାନ୍ୟସଞ୍ଚାଳକଃ
ରାଜ୍ୟପାଠ୍ୟପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା,
ଭୁବନେଶ୍ୱରମ୍
ଓଡ଼ିଶା

ମାନ୍ୟାଃ,

ଗତ ପୁସ୍ତକମେଳାୟାଂ ଭବଦ୍ଭିଃ ପ୍ରକାଶିତାନି କାନିଚନ ପୁସ୍ତକାନି ମୟା ଦୃଷ୍ଟାନି । ତାନି ସର୍ବାଣି ଅସ୍ମାକଂ ମହାବିଦ୍ୟାଳୟସ୍ୟ ଗ୍ରନ୍ଥାଗାରସ୍ୟ କୃତେ ଅତ୍ୟନ୍ତମ୍ ଉପଯୋଗୀନି ସନ୍ତି । ପୁସ୍ତକ ପ୍ରେଷଣବିଷୟେ ଭବତାଂ

ତା ବ୍ୟବସ୍ଥା ଇତି ବୟଂ ନ ଜାନୀମଃ । ଅତଃ ଭବଦ୍ଭିଃ ପ୍ରକାଶିତାନାଂ ପୁସ୍ତକାନାମ୍ ଏକାଂ ପୁସ୍ତକସୂଚୀଂ ପ୍ରେଷୟନ୍ତୁ । ପୁସ୍ତକପ୍ରେଷଣବ୍ୟବସ୍ଥାଂ ଚ ଉଲ୍ଲିଖ୍ୟ ପତ୍ରମେକଂ ଶୀଘ୍ରଂ ପ୍ରେଷୟନ୍ତୁ ଯେନ ବୟଂ ଅସ୍ମାକଂ ଗ୍ରନ୍ଥାଗାରସ୍ୟ କୃତେ ପୁସ୍ତକକ୍ରୟନିମିତ୍ତମ୍ ଆଦେଶପତ୍ରଂ ପ୍ରେଷୟାମଃ ।

ଅବିଳମ୍ବେନ ଭବତାଂ ପତ୍ରୋତ୍ତରଂ ନିରୀକ୍ଷେ ।

ଇତି, ଭବଦୀୟଃ
ଗ୍ରନ୍ଥାଗାରଅଧିକାରୀ
......... ମହାବିଦ୍ୟାଳୟଃ ।

## ପତ୍ରିକାସମ୍ପାଦକଂ ପ୍ରତି - (ପ୍ରାର୍ଥନାପତ୍ରମ୍)

ସ୍ଥାନମ୍ - କଟକମ୍
ଦିନାଙ୍କଃ - ୩୦.୦୪.୧୨

ସନ୍ନିଧେ
ସମ୍ପାଦକ ମହୋଦୟେଷୁ,
ଦୈନିକ 'ସମାଜଃ',
କଟକମ୍ ।

ମାନ୍ୟାଃ ସମ୍ପାଦକାଃ

ସାଦରଂ ବନ୍ଦନାନି ।

ଭବତାଂ ପତ୍ରିକାୟାଂ ମମ କାନିଚନ ଲିଖନାନି ପୂର୍ବଂ ପ୍ରକାଶିତାନି ସନ୍ତି । ହାର୍ଦ୍ଦାନ୍ ଧନ୍ୟବାଦାନ୍ ସମର୍ପୟାମି । ଏତେନ ପତ୍ରେଣ ସହ "ଗୁଣାଃ ପୂଜାସ୍ଥାନମ୍" ଇତି ବିଷୟମଧିକୃତ୍ୟ ପୃଷ୍ଠଦ୍ୱୟାତ୍ମକମ୍ ଏକଂ ଲିଖନଂ ପ୍ରେଷିତମ୍ । ତତ୍ ସମ୍ୟକ୍ ଅବଲୋକ୍ୟ ପତ୍ରିକାୟାଂ ପ୍ରକାଶୟନ୍ତୁ ଇତି

ସବିନୟଂ ପ୍ରାର୍ଥୟାମି । ଲିଖନେ ଯଥୋଚିତଂ ପରିବର୍ତ୍ତନଂ କର୍ତ୍ତୁମର୍ହନ୍ତି ଭବନ୍ତଃ ।

ଧନ୍ୟବାଦଃ ।

ଇତି ବିଶ୍ୱସ୍ତଃ

ବିଶ୍ୱମ୍ଭର ଦାସଃ

## ନିଯୁକ୍ତିନିମିତ୍ତମ୍ ଆବେଦନପତ୍ରମ୍

ପ୍ରେଷିକାୟାଃ ସକାଶାତ୍ -

ସୁଶ୍ରୀ ଶୁଭଙ୍କରୀ

ତାରାଚାନ୍ଦ ପାଟଣା

ପିଠାପୁରମ୍, କଟକମ୍ ।

ପ୍ରାପକସ୍ୟ ସବିଧେ -

ମାନ୍ୟାଃ ଶାସନସଚିବାଃ

ଉଚ୍ଚଶିକ୍ଷାବିଭାଗଃ,

ଭୁବନେଶ୍ୱରମ୍ ।

ବିଷୟଃ - ସଂସ୍କୃତବିଭାଗେ ଅଧ୍ୟାପିକାରୂପେଣ ନିଯୁକ୍ତିନିମିତ୍ତମ୍ ଆବେଦନପତ୍ରମ୍ ।

ମାନ୍ୟାଃ !

ଭବଦ୍ଭିଃ ଗତ ସୋମବାସରସ୍ୟ (ଦିନାଙ୍କଃ ୪.୬.୧୨) 'ପ୍ରଜାତନ୍ତ୍ର' ପତ୍ରିକାୟାଂ ପ୍ରକାଶିତଂ ବିଜ୍ଞାପନଂ ଦୃଷ୍ଟ୍ୱା ଇଦମ୍ ଆବେଦନପତ୍ରଂ ପ୍ରେଷୟାମି । ମମ ପ୍ରାର୍ଥନାମ୍ ଅଙ୍ଗୀକୃତ୍ୟ ଯଦି ଭବନ୍ତଃ କସ୍ମିନ୍ ମହାବିଦ୍ୟାଳୟେ ମାଂ ନିୟୋଜୟିଷ୍ୟନ୍ତି ତର୍ହି ଅହଂ ଯାବଚ୍ଛକ୍ତି ସେବାଂ କର୍ତ୍ତୁଂ ପ୍ରଯତ୍ନଂ କରିଷ୍ୟାମି । ଅହଂ ସଂସ୍କୃତ - M.A - ପରୀକ୍ଷାୟାଂ ପ୍ରଥମଶ୍ରେଣ୍ୟାମ୍

ଭବାମି । ମମ ମାଧ୍ୟମିକପରୀକ୍ଷାତଃ ସ୍ନାତକୋତ୍ତର M.A - ପରୀକ୍ଷାଂ ଯାବତ୍ ପ୍ରମାଣପତ୍ରାଣାଂ ତଥା ଅଙ୍କପତ୍ରାଣାଂ ପ୍ରତିକୃତୟଃ ଏତେନ ସହ ସଂଲଗ୍ନାଃ ସନ୍ତି ।

ମମ ଇମାଂ ଯୋଗ୍ୟତାମ୍ ଅଙ୍ଗୀକୃତ୍ୟ ଯଦି ମହ୍ୟମ୍ ଅତ୍ର ଅବକାଶଃ ଦୀୟତେ ତର୍ହି ଅହଂ ଶ୍ରଦ୍ଧୟା କାର୍ଯ୍ୟଂ କରୋମି ଇତି ପ୍ରତିଜାନେ । ଭବତାଂ ପ୍ରତ୍ୟୁତ୍ତରଂ ପ୍ରତୀକ୍ଷମାଣା ଅହଂ ବିରମାମି ।

ସ୍ଥଳମ୍ - କଟକମ୍ ଇତି

ଦିନାଙ୍କଃ - ୮.୦୬.୧୨ ବିଶ୍ୱସନୀୟା

ସୁଶ୍ରୀ ଶୁଭଙ୍କରୀ

## ବିବାହନିମନ୍ତ୍ରଣପତ୍ରମ୍

### ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ

ଅୟି ମାନ୍ୟାଃ !

ସାଦରଂ ବନ୍ଦନାନି ।

ପ୍ରବଳତଃ ବୈଶାଖମାସସ୍ୟ ଶୁକ୍ଳପକ୍ଷସ୍ୟ ତୃତୀୟାୟାଂତିଥୌ ମଙ୍ଗଳବାସରେ ୨୪.୦୪.୧୨ ମିତେ ଦିନାଙ୍କେ ମମ ଦ୍ୱିତୀୟପୁତ୍ରସ୍ୟ ଆୟୁଷ୍ମତଃ ମନୋଜସ୍ୟ ଭୁବନେଶ୍ୱରନିବାସିନଃ ଶ୍ରୀମତଃ ତାରାକାନ୍ତ ମିଶ୍ରଶର୍ମଣଃ ତୃତୀୟପୁତ୍ର୍ୟା ଆୟୁଷ୍ମତ୍ୟା କନକଲତୟା ସହ ବୈଦିକବିଧ୍ୟନୁସାରଂ ଶୁଭପରିଣୟଃ ଜୟଦେବବିହାରସ୍ୟ କଲ୍ୟାଣମଣ୍ଡପେ ଅନୁଷ୍ଠୀୟତେ ।

ଅସ୍ମିନ୍ ଶୁଭବିବାହୋତ୍ସବେ ଭବନ୍ତଃ ସପରିବାରଂ ସମୁପସ୍ଥିତାଃ ସନ୍ତଃ ବଧୂବରୌ ଶୁଭାଶୀର୍ଭିଃ ଅନୁଗୃହ୍ଣନ୍ତୁ ଇତି ପ୍ରାର୍ଥ୍ୟତେ ।

ଇତି ଭବତାମାଗମନାଭିଳାଷୀ

ଶ୍ରୀମତୀ / ଶ୍ରୀ ---------------

ବାରାବାଟି
କଟକମ୍ - ୧୨
ଜଙ୍ଗମଦୂରଭାଷା -୯୪୩୭୩୧୪୩୮୩

କାର୍ଯ୍ୟସୂଚୀ

୨୩.୦୪.୧୨ - ମଙ୍ଗଳକୃତ୍ୟମ୍
୨୪.୦୪.୧୨ - ବରାନୁଗମନଂ ପାଣିଗ୍ରହଣଂ ଚ
୨୭.୦୪.୧୨ - ପ୍ରୀତିଭୋଜନମ୍ - ସାୟଂ ସପ୍ତବାଦନତଃ

ବାର୍ଷିକୋତ୍ସବସ୍ୟ ନିମନ୍ତ୍ରଣପତ୍ରମ୍

## ବିକ୍ରମଦେବ-ସ୍ୱୟଂଶାସିତ-ମହାବିଦ୍ୟାଳୟଃ, ଜୟପୁରମ୍

ମହାଶୟାଃ !

ସାଦରଂ ପ୍ରଣାମାଃ ।

ବିଷୟମିମଂ ହର୍ଷଂ ହର୍ଷଂ ନିବେଦୟାମଃ ଯଦସ୍ମାକଂ ମହାବିଦ୍ୟାଳୟସ୍ୟ ବାର୍ଷିକୋତ୍ସବଃ ଆଗାମିନି ଜାନୁଆରୀମାସସ୍ୟ ଷୋଡ଼ଶେ ଦିନାଙ୍କେ ସମ୍ପତ୍ସ୍ୟତେ । ଉତ୍ସବେଽସ୍ମିନ୍ ନିମ୍ନାଙ୍କିତାଃ ଅତିଥୟଃ ଯୋଗଦାନାୟ ସଦୟଂ ସ୍ୱୀକୃତିଂ ପ୍ରଦତ୍ତବନ୍ତଃ ।

ମୁଖ୍ୟାତିଥୟଃ - ଶ୍ରୀମନ୍ତଃ ---------------

ମୁଖ୍ୟବକ୍ତାରଃ - ଶ୍ରୀମନ୍ତଃ ---------------

ସଭାକାର୍ଯ୍ୟଂ ପାର୍ଶ୍ୱସ୍ଥସୂଚ୍ୟନୁସାରଂ ପ୍ରଚଳିଷ୍ୟତି । ଅତେ ଛାତ୍ରୈଃ

ମନୋରଞ୍ଜନକାର୍ଯ୍ୟକ୍ରମଃ ସମାୟୋଜିତାଃ ଭବିଷ୍ୟନ୍ତି ।

ଏବଦବସରେଽସ୍ମିନ୍ ଭବନ୍ତଃ ଉପସ୍ଥିତାଃ ସନ୍ତଃ ପ୍ରୋତ୍ସାହୟନ୍ତୁ ଇତି ସବିନୟଂ ନିବେଦ୍ୟତେ ।

ଇତି

ଛାତ୍ରସଂସଦଃ

ଅଧ୍ୟକ୍ଷଃ ସମ୍ପାଦକଃ ସଭାପତିଃ

<u>କାର୍ଯ୍ୟସୂଚୀ</u>

୧. ଅତିଥୀନାମ୍ ଆସନଗ୍ରହଣମ୍
୨. ଦୀପପ୍ରଜ୍ଜ୍ୱଳନମ୍
୩. ସ୍ୱାଗତଗୀତମ୍
୪. ପରିଚୟପ୍ରଦାନଂ ମାଲ୍ୟାର୍ପଣଂଚ
୫. ବିବରଣୀପାଠଃ
୬. ମୁଖ୍ୟାତିଥେଃ ଭାଷଣମ୍
୭. ମୁଖ୍ୟବକ୍ତୁଃ ଭାଷଣମ୍
୮. ସଭାପତେଃ ଅଭିଭାଷଣମ୍
୯. ପୁରସ୍କାରବିତରଣମ୍
୧୦. ଧନ୍ୟବାଦାର୍ପଣମ୍
୧୧. ମନୋରଞ୍ଜନକାର୍ଯ୍ୟକ୍ରମଃ ।

## ଗଣପତିପୂଜା-ନିମନ୍ତ୍ରଣ-ପତ୍ରମ୍

ଶ୍ରୀ ଶ୍ରୀ ଗଣେଶାୟ ନମଃ

ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟିସମପ୍ରଭ ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।।

ଅୟି ମହାନୁଭାବାଃ

ସାଦରଂ ବନ୍ଦନାନି,

ଆଗାମି ଭାଦ୍ରମାସସ୍ୟ ଶୁକ୍ଲପକ୍ଷେ ଚତୁର୍ଥ୍ୟାଂ ତିଥୌ ପଣ୍ଡିତ(ବୁଧ)ବାସରେ ତଦନୁସାରଂ ଆଂଗ୍ଲେ ୧୯.୯.୨୦୧୨ ମିତେ ଦିନାଙ୍କେ ଅସ୍ମାକଂ - ମହାବିଦ୍ୟାଳୟପରିସରେ ଶ୍ରୀଶ୍ରୀଗଣପତେଃ ପୂଜନୋତ୍ସବଃ ଯଥାବିଧି -ଅନୁଷ୍ଠିତଃ ଭବିଷ୍ୟତି । ଅସ୍ମିନ୍ନବସରେ ଭବତାଂ ସାଦରମ୍ ଉପସ୍ଥିତିଃ ପ୍ରାର୍ଥ୍ୟତେ । ଇତି ।

ଭବତାଂ ଦର୍ଶନାଭିଳାଷିଣଃ
ମହାବିଦ୍ୟାଳୟସ୍ୟ ଅନ୍ତେବାସିନଃ,
ଭବାନୀପାଟଣାସ୍ଥସ୍ୱୟଂଶାସିତମହାବିଦ୍ୟାଳୟଃ

<u>କାର୍ଯ୍ୟସୂଚୀ</u>

ଦିବା ୧୦ ଘଟିକାୟାଂ ପୂଜାରମ୍ଭଃ
ଦିବା ୧ ଘଟିକାୟାଂ ପୁଷ୍ପାଞ୍ଜଳିପ୍ରଦାନମ୍
ଦିବା ୨ ଘଟିକାୟାଂ ପ୍ରସାଦସେବନମ୍

## ବର୍ଦ୍ଧାପନପତ୍ରମ୍

ପ୍ରିୟମିତ୍ର,

+୨ କକ୍ଷାୟାଂ ଶୋଭନାଙ୍କୈଃ ସମ୍ପୂର୍ଣ୍ଣାୟ
ଭବତେ ହାର୍ଦ୍ଦିକାନି ବର୍ଦ୍ଧାପନାନି ।
ଗିରାଂ ଦେବୀଂ ସମାରାଧ୍ୟ ତସ୍ୟାଃ ପ୍ରାପ୍ତୋଽନୁଗ୍ରହମ୍
ଭବାପତ୍ୟାଂ ସରସ୍ୱତ୍ୟାଃ ପୂଜିତା ବରଦା ହି ସା ।।

ପ୍ରେଷକଃ :-

______________________

______________________

## ନବବର୍ଷାଭିନନ୍ଦନପତ୍ରମ୍

ସେବାୟାମ୍ / ପ୍ରତିଷ୍ଠାୟାମ୍

______________________

ନବବର୍ଷଂ ସୁଖଦଂ, ମଙ୍ଗଳମୟଂ, ସୌଭାଗ୍ୟକରଂ ଚ ଭୂୟାତ୍ ।

ପ୍ରେଷକଃ :-

______________________

ଶୁଭାଶଂସା / ଶୁଭକାମନା

ଶରୀରମାଦ୍ୟଂ ଖଲୁ ଧର୍ମସାଧନମ୍
ଶ୍ରୁତଂ ମୟା, ରୁଗ୍ଣୋ ଭବାନ୍ ।
ଭଗବତଃ ଅନୁଗ୍ରହେଣ ଶୀଘ୍ରଂ ସ୍ୱାସ୍ଥ୍ୟଲାଭଂ କରୋତୁ ଭବାନ୍ ।

ଶୁଭୈଷୀ :-

__________

ଶୁଭାଶଂସା

ଶୁଭାସ୍ତେ ସନ୍ତୁ ପନ୍ଥାନଃ
ଭବତାଂ ବିଦେଶଗମନଂ ବିଜ୍ଞାୟ ପ୍ରସନ୍ନତା ଜାତା ।
ଯାତ୍ରେୟଂ ନିର୍ବିଘ୍ନା ସୁଖଦା ଶୁଭଦା ଚ ଭୂୟାତ୍ ।।

ଶୁଭୈଷୀ :-

__________

## ୨୬- ଅନୁଚ୍ଛେଦ ସଂକ୍ଷିପ୍ତିକା (Precis)

'ଭାରତସ୍ୟ ପ୍ରତିଷ୍ଠେ ଦ୍ୱେ ସଂସ୍କୃତଂ ସଂସ୍କୃତି ସ୍ତଥା' । ଅର୍ଥାତ୍ ଭାରତବର୍ଷ ସଂସ୍କୃତଭାଷା ଓ ମହନୀୟ ସଂସ୍କୃତି କାରଣରୁ ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି । ଭାରତର ସଂସ୍କୃତିକୁ ଜାଣିବା ପାଇଁ ସଂସ୍କୃତଭାଷାର ଜ୍ଞାନ ଏକାନ୍ତ ଆବଶ୍ୟକ । ସଂସ୍କୃତ ଭାଷା ହେଉଛି ଭାରତର ସାଂସ୍କୃତିକ ଭାଷା । ଏହା ବିଶାଳ ବାଙ୍ମୟ ଯୋଗୁ ଅତ୍ୟନ୍ତ ସମୃଦ୍ଧ ହୋଇପାରିଛି । ସଂସ୍କୃତ ସାହିତ୍ୟର ଲିଖନ ପଦ୍ଧତି ମଧ୍ୟ ଅତ୍ୟନ୍ତ ସମୃଦ୍ଧ ଓ ବିଜ୍ଞାନ ସମ୍ମତ । ସାଧାରଣତଃ ତିନିପ୍ରକାରର ଲିଖନ ପଦ୍ଧତି ଦୃଷ୍ଟିଗୋଚର ହୋଇଥାଏ । ଯଥା :- ସୂତ୍ରାତ୍ମକ, ବିବରଣାତ୍ମକ ଓ ସାରାଂଶ ଲିଖନାତ୍ମକ ।

**ସୂତ୍ରାତ୍ମକ ପଦ୍ଧତି** - ପ୍ରାଥମିକ ପର୍ଯ୍ୟାୟରେ ବହୁତ ଗୁଡ଼ିଏ ବିଷୟକୁ ସୂତ୍ରାକାରରେ ମନେରଖିବା ପାଇଁ ଏହି ପଦ୍ଧତି ପ୍ରଚଳନ ହୋଇଥିଲା ।

**ସାରାଂଶ ଲିଖନ ପଦ୍ଧତି** - ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଥିବା ବିଷୟର ସାରାଂଶ ସଂଗ୍ରହ କରିବା ଏ ପଦ୍ଧତିର ବୈଶିଷ୍ଟ୍ୟ ଅଟେ । ଏ ପଦ୍ଧତି ସର୍ବଦା ଉପାଦେୟ । ବିଶେଷତଃ ବିଦ୍ୟାର୍ଥୀ ମାନଙ୍କ ପାଇଁ ଏହା ଏକାନ୍ତ ଆବଶ୍ୟକ । ପ୍ରାୟ ପ୍ରତ୍ୟେକ ବିଷୟକୁ ପଢ଼ି ତାର ସାରାଂଶକୁ ହିଁ ଲେଖିବାକୁ ପଡ଼ିଥାଏ । ଏ ପ୍ରକାର ସାରାଂଶ ଲେଖିବାର ଅଭ୍ୟାସ ଅନୁଚ୍ଛେଦର ସାରାଂଶ ଲେଖିବାରୁ ଆରମ୍ଭ ହୋଇଥାଏ । ସମ୍ପ୍ରତି +୨ ପାଠ୍ୟକ୍ରମରେ ସଂସ୍କୃତ ( ଆଧୁନିକ ଭାରତର ଭାଷା) ବିଷୟରେ ଏପରି ଅନୁଚ୍ଛେଦର ସାରାଂଶ ଲେଖିବା ବିଷୟ ଅନ୍ତର୍ଭୁକ୍ତ କରାଯାଇ ଅଛି । ଏହାର ନାମକରଣ କରାଯାଇଛି "ଅନୁଚ୍ଛେଦ ସଂକ୍ଷିପ୍ତିକା" । ଯେହେତୁ ଗୋଟିଏ ଅନୁଚ୍ଛେଦର ସଂକ୍ଷିପ୍ତ କରଣ କରାଯାଉଛି ତେଣୁ ତାର ନାମକରଣ ଅନୁଚ୍ଛେଦ ସଂକ୍ଷିପ୍ତିକା କରାଯାଇଛି ।

ସାଧାରଣତଃ ଅନୁଚ୍ଛେଦର ସାରାଂଶ ଲେଖିବା ସମୟରେ କେତେଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

ଯଥା - ୧- ଅନୁଚ୍ଛେଦରେ ଯେତେ ପଦ ଥାଏ, ତାର ଏକତୃତୀୟାଂଶ (୧/୩) ପଦ ମଧ୍ୟରେ ସାରାଂଶଟିକୁ ଲେଖିବାକୁ ପଡ଼ିଥାଏ ।

୨- ଅନୁଚ୍ଛେଦଟିରେ ବର୍ଣ୍ଣିତ ବିଷୟ ସାରାଂଶ ମଧ୍ୟରେ ରହିବା ଆବଶ୍ୟକ ।

୩- ଅନୁଚ୍ଛେଦଟିକୁ ପ୍ରଥମେ ଭଲଭାବରେ ପଢ଼ି ସେଥିରେ ଥିବା ପ୍ରମୁଖ ବିଷୟ ଗୁଡ଼ିକୁ ରେଖାଙ୍କିତ କରିବା ଦରକାର । ଫଳତଃ ସାରାଂଶ ଲେଖିବା ସମୟରେ ସେଗୁଡ଼ିକ ଉପଯୁକ୍ତ ଶୈଳୀରେ ଉପସ୍ଥାପିତ ହୋଇପାରିବ । ଏଥିରେ ନିଜସ୍ୱ ଭାଷାର ପ୍ରୟୋଗ ବାଞ୍ଛନୀୟ ।

ଏହାକୁ ଦୃଷ୍ଟିରେ ରଖି ନିମ୍ନରେ କିଛି ଉଦାହରଣ ପ୍ରସ୍ତୁତ କରାଯାଇଛି । ଆଶା କରାଯାଉଛି ଛାତ୍ର ଛାତ୍ରୀମାନେ ଏହା ପଢ଼ି ଏପରି ଅନୁଚ୍ଛେଦର ସାରାଂଶ ଲେଖିବାର ଅଭ୍ୟାସ ଉତ୍ତମ ଭାବରେ କରିପାରିବେ ।

## ଅନୁଚ୍ଛେଦଃ

କସ୍ମିଂଶ୍ଚିତ୍ ଗ୍ରାମେ ନାଟକପ୍ରଦର୍ଶନଂ ପ୍ରଚଳତି ସ୍ମ । ଦର୍ଶକାଃ ଉତ୍ସୁକେନ ତଲ୍ଲୀନାଃ ନାଟକଂ ପଶ୍ୟନ୍ତଃ ଆସନ୍ । ତନ୍ମଧ୍ୟେ କଶ୍ଚନ ଆରକ୍ଷାଧିକାରୀ ତତ୍ର ମଞ୍ଚମଧ୍ୟେ ସାକ୍ଷାତ୍ ପ୍ରବିଶ୍ୟ ନାଟକଦର୍ଶନେ ବିଘ୍ନମ୍ ଉତ୍ପାଦିତବାନ୍ । ଦର୍ଶକାଃ ନାଟକସ୍ୟ କୁତୂହଳକରସ୍ୟ ଭାଗସ୍ୟ ଦର୍ଶନେ ନିବିଷ୍ଟାଃ ଆସନ୍ । ତସ୍ମିନ୍ ସମୟେ ନାୟକରୂପେଣ ଅଭିନୟନ୍ତଂ ଜନମ୍ ଉଦ୍ଦିଶ୍ୟ ସଃ ଉଚ୍ଚୈଃ ଉକ୍ତବାନ୍, "ଭବତଃ କାରାବନ୍ଧନସ୍ୟ ଆଦେଶଃ ପ୍ରାପ୍ତଃ । ତ୍ୱରିତଂ ସର୍ବଂ ବିହାୟ ଆଗଚ୍ଛତୁ" । । ସଃ କମପି ଅପରାଧଂ କୃତବାନ୍ ଇତି ବିଚିନ୍ତ୍ୟ ସର୍ବେ ଦର୍ଶକାଃ ତୂଷ୍ଣୀଂ ସ୍ଥିତବନ୍ତଃ । ଇତ୍ୟବସରେ ଏକସ୍ୟ ବାଳସ୍ୟ ସିଂହଗର୍ଜନସ୍ୱରଃ ଶ୍ରୁତଃ - ଭୋଃ । ଯାବତ୍ ନାଟକଂ ନ ସମାପ୍ତଂ ତାବତ୍ ଅତ୍ର ଭବାନ୍ ପ୍ରତୀକ୍ଷାଂ କରୋତୁ ।

ମଧ୍ୟେ ଆଗତ୍ୟ ଏବଂ ବିଘ୍ନୋତ୍ପାଦନଂ କିଂ ନ୍ୟାଯ୍ୟମ୍ ? ସର୍ବେ ଦର୍ଶକାଃ ହଠାତ୍ ବଳଂ ପ୍ରାପ୍ୟ ସମସ୍ୱରେଣ ବାଳଂ ପ୍ରତି ସମର୍ଥନଂ ଜ୍ଞାପିତବନ୍ତଃ । ସ ଏବ ବାଳଃ ନରେନ୍ଦ୍ରଃ ଆସୀତ୍, ଯଃ ଅଗ୍ରେ ବିଶ୍ୱବିଖ୍ୟାତଃ ସ୍ୱାମୀ ବିବେକାନନ୍ଦଃ ଇତି ସର୍ବତ୍ର ପରିଚିତଃ ।

### ଅନୁଚ୍ଛେଦ ସଂକ୍ଷିପ୍ତିକା

କସ୍ମିଂଶ୍ଚିତ୍ ଗ୍ରାମେ ନାଟକ ପ୍ରଦର୍ଶନ ସମୟେ ଦର୍ଶକାନାମ୍ ଏକାଗ୍ରତାଭଙ୍ଗଂ କୃତ୍ୱା କଶ୍ଚନ ଆରକ୍ଷ୍ୟଧିକାରୀ ମଞ୍ଚମଧ୍ୟେ ପ୍ରବିଶ୍ୟ ନାଟକ ଦର୍ଶନେ ପ୍ରତିବନ୍ଧକଃ ଅଭବତ୍ । ସଃ ନାୟକଭୂମିକାୟାମ୍ ଅଭିନୟତଃ ଜନସ୍ୟ କାରାବନ୍ଧନାୟ ଉଚ୍ଚୈଃ ଉକ୍ତବାନ୍ । ଅସ୍ମିନ୍ ସମୟେ ଏକଃ ବାଳଃ ସିଂହଗର୍ଜନଂ କୃତ୍ୱା ଉକ୍ତବାନ୍ ,"ଭୋଃ ! ମଧ୍ୟେ ବିଘ୍ନଂ ମା କୁରୁ । ନାଟକସମାପ୍ତିଂ ଯାବତ୍ ପ୍ରତୀକ୍ଷା କରଣୀୟା" । ଦର୍ଶକାଃ ତସ୍ୟ ବାଳସ୍ୟ ଉକ୍ତିଂ ସମର୍ଥିତବନ୍ତଃ । ସଃ ଅଧିକାରୀ ନାଟକସମାପ୍ତିପର୍ଯ୍ୟନ୍ତମ୍ ଅପେକ୍ଷାଂ କୃତବାନ୍ । ଜନ ପ୍ରଶଂସିତଃ ସଃ ବାଳକଃ ନରେନ୍ଦ୍ରଃ ଆସୀତ୍ ଯଃ ଖଲୁ ବିବେକାନନ୍ଦ ନାମ୍ନା ବିଶ୍ୱବିଖ୍ୟାତଃ ଅଭବତ୍ ।

### ଅନୁଚ୍ଛେଦଃ

କସ୍ମିଂଶ୍ଚିତ୍ ଗ୍ରାମେ ଏକଃ କୃଷକଃ ବସତି ସ୍ମ । ତସ୍ୟ ଚତ୍ୱାରଃ ପୁତ୍ରାଃ । ତେ ପରସ୍ପରଂ କଳହଂ କୁର୍ବନ୍ତି ସ୍ମ । କଦାପି ତେ ଐକ୍ୟବଦ୍ଧାଃ ନ ଅଭବନ୍ । ପିତୁଃ ଆଦେଶଂ ପ୍ରତି ତେ କର୍ଣ୍ଣପାତଂ ନ ଅକୁର୍ବନ୍ । ଗୃହେ ସର୍ବଦା ଅଶାନ୍ତିଃ । କୃଷକଃ ଚ ଚିନ୍ତାଗ୍ରସ୍ତଃ ଆସୀତ୍ । କାଳକ୍ରମେଣ କୃଷକଃ ବୃଦ୍ଧଃ ଅସୁସ୍ଥଶ୍ଚ ସଞ୍ଜାତଃ । ପୁତ୍ରାଣାଂ ସଂହତି ନିମିତ୍ତଂ ସଃ ଚିନ୍ତିତବାନ୍ । ଏକଦା ସଃ କାଷ୍ଠାନି ଆନୀୟ ରଜ୍ଜ୍ୱା ବଦ୍ଧ୍ୱା ଗୁଚ୍ଛଂ କୃତବାନ୍ । ପ୍ରତ୍ୟେକଂ ପୁତ୍ରଂ କ୍ରମଶଃ ଆହୂୟ କାଷ୍ଠଗୁଚ୍ଛଂ ଭଙ୍କ୍ତୁଂ ଜ୍ଞାପିତବାନ୍ । ତେ ତଥା କର୍ତ୍ତୁଂ ପ୍ରୟାସଂ କୃତବନ୍ତଃ । ପରନ୍ତୁ ବିଫଳାଃ ସଞ୍ଜାତାଃ । କୃଷକଃ ଗୁଚ୍ଛତଃ କାଷ୍ଠଂ ପୃଥକ୍

କୃତବାନ୍ । ତତଃ ପ୍ରତିପୁତ୍ରମ୍ ଏକଂ କାଷ୍ଠଖଣ୍ଡଂ ଭଙ୍କ୍ତୁଂ ସୂଚିତବାନ୍ । ତେ
ଅନାୟାସେନ ପ୍ରତିକାଷ୍ଠଖଣ୍ଡଂ ଭଗ୍ନଂ କୃତବନ୍ତଃ । ପିତା ପୁତ୍ରାନ୍ ପ୍ରତି
କଥିତବାନ୍ - "ପୁତ୍ରାଃ ! ଯାବତ୍ ଯୂୟଂ ସଂଘବଦ୍ଧାଃ ତାବତ୍ କଃ ଅପି
ଯୁଷ୍ମାକଂ ହାନିଂ ନ ଘଟୟିଷ୍ୟତି । ଯଦି କଲହେନ ପରସ୍ପରଂ ବିଭେଦଗ୍ରସ୍ତାଃ
ଭବିଷ୍ୟଥ ତର୍ହି ଶତ୍ରୁଃ ଛିଦ୍ରଂ ବିଲୋକ୍ୟ ଅନର୍ଥଂ କରିଷ୍ୟତି" । ପୁତ୍ରାଃ ପିତୁଃ
ଆଶୟଂ ଜ୍ଞାତ୍ୱା କଦାପି କଲହଂ ନ କୃତବନ୍ତଃ । ସଂହତ୍ୟା ସୁଖେନ ଚ କାଳଂ
ଯାପିତବନ୍ତଃ । ଏତତ୍ ଅବଲୋକ୍ୟ ପିତା ଶାନ୍ତ୍ୟା ତୋଷଂ ପ୍ରାପ ।

## ଅନୁଚ୍ଛେଦ ସଂକ୍ଷିପ୍ତିକା

କସ୍ମିଂଶ୍ଚିଦ୍ଗ୍ରାମେ ଏକସ୍ୟ କୃଷକସ୍ୟ ଚତ୍ୱାରଃ ପୁତ୍ରାଃ ପିତୁଃ
ଆଦେଶମ୍ ଅମାନୟନ୍ତଃ କଲହରତାଃ ଆସନ୍ । ଏକଦା କୃଷକଃ ତେଷାଂ
ସଂହତି ନିମିତ୍ତଂ ଚିନ୍ତୟିତ୍ୱା ଏକଂ କାଷ୍ଠଗୁଚ୍ଛମାନୀୟ ତଦ୍ଭଙ୍ଗାୟ ପୁତ୍ରାନ୍
ଉକ୍ତବାନ୍ । ପୁତ୍ରାଃ ବିଫଳାଃ ଅଭବନ୍ । ତତଃ ଗୁଚ୍ଛକାଷ୍ଠାନି ପୃଥକ୍ କୃତ୍ୱା
ଏକୈକଂ କାଷ୍ଠଂ ପୁତ୍ରେଭ୍ୟଃ ଦତ୍ତ୍ୱା ଭଙ୍କ୍ତୁମୁକ୍ତବାନ୍ । ତେ ଅକ୍ଳେଶଂ
ତଦ୍ଭଙ୍ଗଂ କୃତବନ୍ତଃ । ଅନୈକ୍ୟସ୍ୟ କୁପରିଣାମଂ ଜ୍ଞାତ୍ୱା ପୁତ୍ରାଃ
ସଂହତାଃ ଜୀବନଂ ନୀତବନ୍ତଃ । ଏତେନ ପିତା ଶାନ୍ତିଂ ପ୍ରାପ୍ତବାନ୍ ।

## ଅନୁଚ୍ଛେଦଃ

କଶ୍ଚନ ଗ୍ରାମଃ । ତତ୍ର କଶ୍ଚନ ବଟବୃକ୍ଷଃ ଆସୀତ୍ ।ତସ୍ମିନ୍ ବୃକ୍ଷେ
କଶ୍ଚିତ୍ ସର୍ପଃ ବସତି ସ୍ମ । ସଃ ଅତୀବ ବିଷଧରଃ ଆସୀତ୍ । ବୃକ୍ଷସ୍ୟ ସମୀପେ
ମାର୍ଗେଣ ଆଗତାନ୍ ସର୍ବାନ୍ ଅପି ସଃ ଦଶତି ସ୍ମ । ତସ୍ମାତ୍ କାରଣାତ୍ ଗ୍ରାମଜନାଃ
ତେନ ମାର୍ଗେଣ ଗମନାଗମନଂ କର୍ତ୍ତୁଂ ଭୟମ୍ ଅନୁଭବନ୍ତି ସ୍ମ । ଏକଦା
କଶ୍ଚନ ମୁନିଃ ତେନ ଏବ ମାର୍ଗେଣ ଗଚ୍ଛନ୍ ଆସୀତ୍ । ତଂ ଦୃଷ୍ଟ୍ୱା ସର୍ପଃ 'ସଃ
ଦଂଶନୀୟଃ' ଇତି ବେଗେନ ତତ୍ର ଆଗତବାନ୍ । ପରନ୍ତୁ ମହାତ୍ମନଃ ତସ୍ୟ
ପ୍ରଭାବତଃ ସର୍ପଃ ତଂ ଦଷ୍ଟୁଂ ନ ଶକ୍ତଃ । ମୁନିଃ ଅପି ତଂ ସର୍ପମ୍ ଅହିଂସାୟାଃ

ମହତ୍ତ୍ୱଂ ବୋଧିତବାନ । ସର୍ପଃ ମୁନେଃ ବଚନେନ ପ୍ରଭାବିତଃ ଅଭବତ୍ । ତଦାରଭ୍ୟ ସଃ ଦଂଶନଂ ତ୍ୟକ୍ତବାନ୍ । ଯଦ୍ୟପି ସର୍ପଃ ବିଷଧରଃ ତଥାପି ଇଦାନୀଂ ସଃ ବିଷହୀନଃ ଇବ ବ୍ୟବହରତି ସ୍ମ । ଅତଃ ଜନାଃ ନିର୍ଭୟଂ ଗମନାଗମନଂ କୁର୍ବନ୍ତି ସ୍ମ । ଦୁଷ୍ଟାଃ ବାଳାଃ ତସ୍ୟ ଉପରି ଶିଳାଖଣ୍ଡଂ କ୍ଷିପନ୍ତି ପୀଡୟନ୍ତି ସ୍ମ । ପରନ୍ତୁ ସର୍ପଃ ଶାନ୍ତତୟା ତେଷାଂ ପୀଡାଂ ସହତେ ସ୍ମ । କାନିଚନ ଦିନାନି ଅତୀତାନି । ସଃ ମୁନିଃ ଯଦା ତତ୍ର ଆଗତବାନ୍, ତଦା ସର୍ପସ୍ୟ ଶରୀରଂ କ୍ଷତବିକ୍ଷତମ୍ ଆସୀତ୍ । ସଃ ମୁନିମ୍ ଉକ୍ତବାନ୍ - "ସ୍ୱାମିନ୍ ! ଭବତଃ ଉପଦେଶକାରଣତଃ ଅହଂ ହିଂସାଚରଣଂ ତ୍ୟକ୍ତବାନ୍ । ପରନ୍ତୁ ମମ ସ୍ଥିତିଃ ଶୋଚନୀୟା ଜାତା ଅସ୍ତି" । ତଦା ମୁନିଃ ଉକ୍ତବାନ୍ - "ଭୋଃ ମିତ୍ର ! ଅନ୍ୟାନ୍ ମା ଦଶତୁ, ପରନ୍ତୁ ଫୁତ୍କାରଂ ମା ତ୍ୟଜତୁ" । ସର୍ପଃ ତଥା କୃତବାନ୍ । ଫଳତଃ କୋଽପି ତସ୍ୟ ସମୀପଂ ନାଗତଃ । ସ ହିଂସାଂ ତ୍ୟକ୍ତ୍ୱାଽପି ଶାନ୍ତ୍ୟା ବସତି ସ୍ମ । ମୁନେଃ ଉପଦେଶାତ୍ ସର୍ପଃ ନୂତନଂ ଜୀବନଦର୍ଶନଂ ପ୍ରାପ୍ତବାନ୍ ।

### ଅନୁଚ୍ଛେଦ ସଂକ୍ଷିପ୍ତିକା

କସ୍ମିଂଶ୍ଚିତ୍ ବଟବୃକ୍ଷେ ଏକଃ ବିଷଧରଃ ସର୍ପଃ ଆସୀତ୍ ସଃ ତତ୍ରାଗତାନ୍ ସର୍ବାନ୍ ଦଶତି ସ୍ମ । ଏକଦା ତେନୈବ ମାର୍ଗେଣ ଏକଃ ମୁନିଃ ଆଗତବାନ୍ । ତମପି ଦଂଷ୍ଟୁଂ ଆଗତଃ ସର୍ପଃ ତସ୍ୟ ପ୍ରଭାବାତ୍ ତଂ ଦଂଷ୍ଟୁଂ ନ ଶକ୍ତଃ । ମୁନିରପି ତଂ ସର୍ପମ୍ ଅହିଂସାୟାଃ ତତ୍ତ୍ୱଂ ବୋଧିତବାନ୍ ଯେନ ସଃ ତଦାରଭ୍ୟ ଦଂଶନଂ ତ୍ୟକ୍ତବାନ୍ । ତତଃ ସର୍ବେ ନିର୍ଭୟଂ ଗମନାଗମନଂ କୃତବନ୍ତଃ । ଦୁଷ୍ଟାଃ ବାଳକାଃ ଶିଳାଖଣ୍ଡଂ କ୍ଷିପ୍ତ୍ୱା ସର୍ପସ୍ୟ ଶରୀରଂ କ୍ଷତବିକ୍ଷତଂ କୃତବନ୍ତଃ । କିୟତ୍ ଦିନାନନ୍ତରଂ ମୁନିଃ ତତ୍ର ଆଗତ୍ୟ ସର୍ପସ୍ୟ କ୍ଷତଂ ଶରୀରଂ ଦୃଷ୍ଟ୍ୱା ଫୁତ୍କାରବଚନେନ ଭୟଂ ଜନୟିତୁମ୍ ଉପଦିଷ୍ଟବାନ୍ । ଫଳତଃ ସ ସୁଖେନ କାଳଂ ଯାପୟାମାସ ।

## ଅନୁଚ୍ଛେଦଃ

ରାମାୟଣସ୍ୟ କାଳଃ । ରାମଃ ରାବଣଂ ହତବାନ୍ । ସୀତୟା ସହ ଅଯୋଧ୍ୟାମ୍ ଆଗତବାନ୍ ଚ । ରାମସ୍ୟ ରାଜ୍ୟାଭିଷେକସମୟଃ । ସର୍ବତ୍ର ଆନନ୍ଦୋଲ୍ଲାସଃ । ତଦାନୀଂ ସର୍ବେଭ୍ୟଃ ପାରିତୋଷିକାଣି ଦତ୍ତାନି । ଆଞ୍ଜନେୟସ୍ୟ ପର୍ଯ୍ୟାୟଃ ଅପି ଆଗତଃ । ଆଞ୍ଜନେୟଃ ରାମସମୀପମ୍ ଆଗତବାନ୍ । ରାମସ୍ୟ ପାର୍ଶ୍ୱେ ସୀତାମାତା ଆସୀତ୍ । ସା ସ୍ୱକୀୟଂ କଣ୍ଠହାରମ୍ ଆଞ୍ଜନେୟାୟ ଦତ୍ତବତୀ । ଆଞ୍ଜନେୟଃ ହାରଂ ସ୍ୱୀକୃତ୍ୟ ବହିଃ ଗତବାନ୍ । ଏକଂ ବୃକ୍ଷମ୍ ଆରୁହ୍ୟ ତତ୍ର ଉପବିଷ୍ଟବାନ୍ । କଣ୍ଠହାରସ୍ୟ ଏକଂ ମଣିଂ ସ୍ୱୀକୃତ୍ୟ ଦନ୍ତେନ ଦଷ୍ଟବାନ୍ । ତଂ ମଣିମ୍ ଅଧଃ କ୍ଷିପ୍ତବାନ୍ । ଅନ୍ୟମେକଂ ମଣିଂ ସ୍ୱୀକୃତ୍ୟ ଦନ୍ତେନ ଦଷ୍ଟବାନ୍ । ତଂ ମଣିମ୍ ଅପି ଅଧଃ କ୍ଷିପ୍ତବାନ୍ । ଏବମ୍ ଏକୈକଶଃ ମଣିମ୍ ଅଧଃ କ୍ଷିପ୍ତବାନ୍ । ତତ୍ର ଏକଃ ନାଗରିକଃ ଏତତ୍ ସର୍ବଂ ଦୃଷ୍ଟ୍ୱା ଆଞ୍ଜନେୟଂ "ଭବାନ୍ ଇଦଂ କିଂ କରୋତୀତି ପୃଷ୍ଟବାନ୍ ।" ମଣିଷୁ ଶ୍ରୀରାମଃ ଅସ୍ତି ବା ଇତି ପରୀକ୍ଷାଂ କରୋମୀତି ଉତ୍ତରଂ ଆଞ୍ଜନେୟଃ ଦତ୍ତବାନ୍ । ଏବଂ କିମର୍ଥମିତି ନାଗରିକଃ ପୃଷ୍ଟବାନ୍ । ଯତ୍ର ଶ୍ରୀରାମଃ ନାସ୍ତି ତେନ ମଣିନା ମମ କିଂ ପ୍ରୟୋଜନମ୍ ? ସର୍ବେ ମଣୟଃ ପରୀକ୍ଷିତାଃ । ଏକସ୍ମିନ୍ ମଣୌ ଅପି ଶ୍ରୀରାମ ନାସ୍ତି । ଅତଃ ମଣୀନ୍ କ୍ଷିପାମି" ଇତି ଉକ୍ତବାନ୍ ଆଞ୍ଜନେୟଃ ।

## ଅନୁଚ୍ଛେଦ ସଂକ୍ଷିପ୍ତିକା

ରାମଃ ରାବଣଂ ହତ୍ୱା ସୀତୟା ସହ ଅଯୋଧ୍ୟାମାଗତବାନ୍ । ତତ୍ର ତସ୍ୟ ରାଜ୍ୟାଭିଷେକେ ସର୍ବେଭ୍ୟଃ ପାରିତୋଷିକାଣି ଦତ୍ତାନି । ହନୁମତେ ସୀତାମାତା କଣ୍ଠହାରଂ ଦତ୍ତବତୀ । ହନୁମାନ୍ ବୃକ୍ଷୋପରି ଉପବିଶ୍ୟ ତସ୍ୟ ହାରସ୍ୟ ଏକୈକଂ ମଣିଂ ଦନ୍ତେନ ଦଷ୍ଟ୍ୱା ଅଧଃ କ୍ଷିପ୍ତବାନ୍ । ଏକଃ ନାଗରିକଃ ଏତତ୍ ଦୃଷ୍ଟ୍ୱା ଏତସ୍ୟ କାରଣଂ ପୃଷ୍ଟବାନ୍ । ଏକସ୍ମିନ୍ ମଣୌ ଅପି ଶ୍ରୀରାମଃ ନାସ୍ତି ଅତଃ ତାନ୍ କ୍ଷିପାମି ଇତି ହନୁମାନ୍ ଉକ୍ତବାନ୍ ।

## ଅନୁଚ୍ଛେଦଃ

ସାଗରେ ବହବଃ ଜଳଚରାଃ ନିବସନ୍ତି । ତେଷୁ କଶ୍ଚିଦେକଃ ମତ୍ସ୍ୟଃ ପୃଥୁଳଃ ବିଶାଳଶ୍ଚ ଅସ୍ତି । ତଦର୍ଥଂ ତସ୍ୟ ମନସି ଗର୍ବଃ ଆସୀତ୍ । ସଃ ଅନ୍ୟାନ୍ ଜଳଚରାନ୍ ଆହୂୟ ଉକ୍ତବାନ୍ - "ଅହଂ ବିଶାଳଃ ଶକ୍ତିଶାଳୀ ଚ । ଅତ୍ର ଶାସନଂ କର୍ତ୍ତୁମ୍ ଈଶ୍ୱରେଣ ଅହଂ ପ୍ରେରିତଃ ରାଜପଦେ ନିଯୁକ୍ତଶ୍ଚ । ଅଦ୍ୟପ୍ରଭୃତି ଅହଂ ଯୁଷ୍ମାକଂ ରାଜା । ଯଃ ମାଂ ନ ମାନୟିଷ୍ୟତି ତମ୍ ଅହମ୍ ଅବଶ୍ୟଂ ବହୁ ଦଣ୍ଡୟିଷ୍ୟାମି"। ଇମଂ ବୃତ୍ତାନ୍ତଂ ଶ୍ରୁତ୍ୱା କଶ୍ଚିତ୍ ମକର ଅସହିଷ୍ଣୁଃ ସଂଜାତଃ । ସଃ ଅନନ୍ୟୋପାୟଃ ତିମିଂ ନିକଷା ଗତ୍ୱା ଆହ - "ଭ୍ରାତଃ କଶ୍ଚିତ୍ ଅଜ୍ଞାତକୁଳଶୀଳଃ ଅପରିଚିତଃ ବିଶାଳଃ ମତ୍ସ୍ୟଃ ଆଗତ୍ୟ ଆତ୍ମାନଂ ରାଜାଇତି ସମୁଦ୍ରଘୋଷ୍ୟ ରାଜତ୍ୱଂ କରୋତି । ଅତ୍ର ଭବାନ୍ ଏବ ଶରଣଂ, କମପି ପ୍ରତିକାରଂ କରୋତୁ । ଏତତ୍ ଶ୍ରୁତ୍ୱା ତିମିଃ କ୍ରୁଦ୍ଧଃ ଆସୀତ୍। ରାଜପଦେ ସ୍ୱୟମ୍ ଅଭିଷିକ୍ତଂ ଗର୍ବିତଂ ମତ୍ସ୍ୟଂ ସମୟା ସମୁଚିତଶିକ୍ଷାପ୍ରଦାନାୟ ସ ସତ୍ୱରଂ ଚଳିତବାନ୍ । ସ୍ୱାପେକ୍ଷୟା ବିଶାଳତରଂ ଭୟଙ୍କରଂ ତିମିଂ ଦୃଷ୍ଟ୍ୱା ସଃ ମତ୍ସ୍ୟଃ ଭୀତଃ କମ୍ପମାନଶ୍ଚ । ବିପଦି ସର୍ବଥା ଆତ୍ମରକ୍ଷା କରଣୀୟା ଇତି ହେତୋଃ ଗୋପନେନ ଶନୈଃ ସମୁଦ୍ରଂ ପରିତ୍ୟଜ୍ୟ କାମପି ନଦୀଂ ପ୍ରବିଶ୍ୟ ଆତ୍ମାନଂ ସୁରକ୍ଷିତଂ ଚକାର ।

## ଅନୁଚ୍ଛେଦ ସଂକ୍ଷିପ୍ତିକା

ଜଳଚରେଷୁ ଏକଃ ପୃଥୁଳକାୟଃ ମତ୍ସ୍ୟଃ ଗର୍ବେଣ ଅହମ୍ ଈଶ୍ୱରେଣ ପ୍ରେରିତଃ ଭବତାମ୍ ରାଜା ଇତି ଉକ୍ତବାନ୍ । ପୁନଶ୍ଚ ଯଃ ମାଂ ନ ମାନୟିଷ୍ୟତି ତମହଂ ଦଣ୍ଡୟିଷ୍ୟାମି ଇତ୍ୟପି ଉକ୍ତବାନ୍ । ଏକଃ ଅସହିଷ୍ଣୁଃ ମକରଃ ତିମିଂ ନିକଷା ଗତ୍ୱା ଏତତ୍ ସର୍ବମୁକ୍ତବାନ୍ । ତିମିଃ କ୍ରୁଦ୍ଧଃ ଭୂତ୍ୱା ମତ୍ସ୍ୟଂ ସମୁଚିତଂ ଶିକ୍ଷୟିତୁଂ ସତ୍ୱରମେବ ଚଳିତବାନ୍। ସ୍ୱାପେକ୍ଷୟା ଭୟଙ୍କରଂ ତିମିଂ ଦୃଷ୍ଟ୍ୱା ସ ମତ୍ସ୍ୟଃ ଭୟେନ ଆତ୍ମରକ୍ଷଣାୟ ସମୁଦ୍ରଂ ତ୍ୟକ୍ତ୍ୱା ନଦୀଂ ପ୍ରତି ପଳାୟନଂ କୃତବାନ୍ ।

# ୨୭ - ରୂଢ଼ି ପ୍ରୟୋଗ ବା ଲୋକୋକ୍ତି

ପ୍ରତ୍ୟେକ ଭାଷାରେ ଏକ ବିଶିଷ୍ଟ ବ୍ୟବହାର ରୀତି ଅଛି; ଯାହା ଭାଷାକୁ ସୁନ୍ଦର, ସାବଲୀଳ ତଥା ଆକର୍ଷଣୀୟ କରିଥାଏ । ଏହି ରୀତି ପ୍ରୟୋଗର ଚାତୁର୍ଯ୍ୟ ଅନେକ ସମୟରେ ଆଭିଧାନିକ ବା ଆକ୍ଷରିକ ଅର୍ଥକୁ ବାଦ୍‌ଦେଇ ଏକ ବିଶିଷ୍ଟ ଅର୍ଥକୁ ଗ୍ରହଣ କରି ପ୍ରକଟିତ ହୁଏ ଏବଂ ଏହାର ଆକର୍ଷଣୀୟ ପ୍ରକାଶଭଙ୍ଗୀ ନିମନ୍ତେ ଏହା ଲୋକମୁଖରେ ପୁରୁଷାନୁକ୍ରମେ ବଞ୍ଚିରହି ଲୋକୋକ୍ତି ଭାବରେ ସ୍ୱୀକୃତ ହୁଏ । ଗୃହୀତ ହୋଇଥିବା ଏହି ବିଶିଷ୍ଟ ଅର୍ଥ ବାସ୍ତବ ଅର୍ଥକୁ ଗ୍ରହଣ କରି ଅଧିରୂଢ଼ ହୋଇଥିବାରୁ ଏହାହିଁ ରୂଢ଼ି ଭାବରେ ପରିଚିତ ଅଟେ । ନିମ୍ନରେ କେତେଗୋଟି ପ୍ରସିଦ୍ଧ ଲୋକୋକ୍ତିର ଅବତାରଣା କରାଯାଇଛି । ଯଥା ସମ୍ଭବ ଇଂରାଜୀ ଭାଷାରେ ତୁଲ୍ୟାର୍ଥକ ବାକ୍ୟମଧ୍ୟ ଦିଆଯାଇଛି ।

୧. ଅର୍ଦ୍ଧୋ ଘଟୋ ଘୋଷମୁପୈତି ନୂନମ୍ । ।

ଅଥବା

ସମ୍ପୂର୍ଣ୍ଣକୁମ୍ଭୋ ନ କରୋତି ଶବ୍ଦମ୍ । (ଫମ୍ପା ମାଠିଆର ଶବ୍ଦ ବେଶୀ)

An empty vessel sounds much.

୨. ଇତୋ ଭ୍ରଷ୍ଟସ୍ତତୋ ନଷ୍ଟଃ ।(ନା ଏ କୂଳର ନା ସେ କୂଳର)

A man Falls between two stools.

୩. ଅକର୍ମା ଭୂମିନିନ୍ଦକଃ ।

A bad workman quarrels with his tools.

(ଅକର୍ମା ଯେଣେ ଯାଏ ଅପାଳକ ତେଣେ ଧାଏଁ)

Fortune forsakes the idle.

୪. ଆମୁଖାପାତି କଲ୍ୟାଣଂ କାର୍ଯ୍ୟସିଦ୍ଧିଂ ହି ଶଂସତି ।

Coming events cast their shadows before

୫. ନିଃସାରସ୍ୟ ପଦାର୍ଥସ୍ୟ ପ୍ରାୟେଣାଡମ୍ବରୋ ମହାନ୍ ।

Great cry, little wool.

୬. ନବାଗମାନାଂ ନବ ଏବ ପନ୍ଥାଃ ।

New lords, new laws.

୭. ଗତସ୍ୟ ଶୋଚନା ନାସ୍ତି ।

ଅଥବା ନିର୍ବାଣଦୀପେ କିମୁ ତୈଳଦାନମ୍ ।

ଅଥବା କାଳେ ଦତ୍ତଂ ବରଂ ହ୍ୟଳ୍ପମକାଳେ ବହୁନାଽପି କିମ୍ ?

Crying over spilt milk is useless.

୮. ଛିଦ୍ରେଷ୍ୱନର୍ଥା ବହୁଳୀଭବନ୍ତି ।

ଅଥବା ବିପଦ୍ ବିପଦମନୁବଧ୍ନାତି ।

Misfortune never comes alone.

୯. ନ କୂପଖନନଂ ଯୁକ୍ତଂ ପ୍ରଦୀପ୍ତେ ବହ୍ନିନା ଗୃହେ ।

(ବାହାଘରବେଳେ ବାଉଁଶକଟା)

To saw seeds at the time of harvest.

୧୦. ହିମବତି ଦିବ୍ୟୌଷଧୟଃ ଶୀର୍ଷେ ସର୍ପଃ ସମାବିଷ୍ଟଃ ।

(ଆକାଶ କଇଆଁ ଚିଲିକା ମାଛ)

୧୧. ଅତିପରିଚୟାଦବଜ୍ଞା ସଂତତଗମନାଦନାଦରୋ ଭବତି ।

Familiarity breeds contempt.

୧୨. ଯାଚକୋ ଯାଚକଂ ଦୃଷ୍ଟ୍ୱା ଶ୍ୱାନବତ୍ ଗୁର୍ଗୁରାୟତେ ।

ଅଥବା ସ୍ୱଜନଃ ପରହିଂସ୍ରକଃ ।

Two of the traders seldom agree.

୧୩. ମହାଜନୋ ଯେନ ଗତଃ ସଃ ପନ୍ଥାଃ ।

Do what the great men do.

୧୪. ଶ୍ୱା ଯଦି କ୍ରିୟତେ ରାଜା ସ କିଂ ନାଶ୍ନାତ୍ୟୁପାନହମ୍ ।

(ରାଜା ହେଲେବି କୁକୁର ଜୋତା ଚାଟିବ)

ଅଥବା ସୁତପ୍ତମପି ପାନୀୟଂ ଶମୟତ୍ୟେବ ପାବକମ୍ ।

ପାଣି ନିଜେ ତାତିଥିଲେ ବି ନିଆଁକୁ ଲିଭାଇ ଦିଏ ।

Old habits die hard.

୧୫. ନିରସ୍ତପାଦପେ ଦେଶେ ଏରଣ୍ଡୋଽପି ଦ୍ରୁମାୟତେ ।

ଅଥବା ଯତ୍ର ବିଦ୍ୱଜ୍ଜନୋ ନାସ୍ତି ଶ୍ଳାଘ୍ୟସ୍ତତ୍ରାଳ୍ପଧୀରପି ।

(ଅନ୍ଧଙ୍କ ଭିତରେ କଣା ରାଜା)

Figure among cyphers.

୧୬. ମହାନ୍ ମହତ୍ୟେବ କରୋତି ବିକ୍ରମମ୍ । ଅଥବା ଅନୁହୁଂକୃତେ ଘନଧ୍ୱନିଂ ନହି ଗୋମାୟୁରୁତାନି କେଶରୀ । (କର୍ଣ୍ଣକୁ ଅର୍ଜୁନ ସାଜେ ।) The great display their power only before the great.

୧୭. ବଳୀ ବଳଂ ବେତ୍ତି ନ ବେତ୍ତି ନିର୍ବଳଃ । ଅଥବା ଗୁଣୀ ଗୁଣଂ ବେତ୍ତି ନ ବେତ୍ତି ନିର୍ଗୁଣଃ । (ଗୁଣ ଚିହ୍ନେ ଗୁଣିଆ ।)

The might knows what might is, not the weak.

୧୮. ଅପି ଧନ୍ୱନ୍ତରିର୍ବୈଦ୍ୟଃ କିଂ କରୋତି ଗତାୟୁଷି । ଅଥବା ନିର୍ବାଣଦୀପେ କିମୁ ତୈଳଦାନମ୍ ? ଲିଭିଲା ଦୀପରେ ତେଲ ଦେଇ କି ଲାଭ ? Death keeps no calender.

୧୯. ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ । Death forgives none.

୨୦. କଣ୍ଟକେନୈବ କଣ୍ଟକମ୍ । (ଯେଷାକୁ ଯେଷା) Tit for tat. 'Or' Set a thief to catch a thief. 'Or' Diamonds cut diamonds.

୨୧. ଇନ୍ଦ୍ରୋଽପି ଲଘୁତାଂ ଯାତି ସ୍ୱୟଂ ପ୍ରଖ୍ୟାପିତୈର୍ଗୁଣୈଃ । (ଆପଣା ତୁଣ୍ଡରେ ଆପଣା ଗୁଣ, ଲହୁଣୀ ହେଲେ ବି ଦିଶେ ଲବଣ ।)

Self praise is no recommendation.

୨୨. ବହ୍ୱାରମ୍ଭେ ଲଘୁକ୍ରିୟା । Much ado about nothing.

୨୩. ହିତାହିତଂ ବୀକ୍ଷ୍ୟ ନିକାମମାଚରେତ୍ । (ଖାତେ ମାପି ବାଖରେ ଚାଲିବା ।) Cut your coat according to your cloth.

୨୪. ଯୋ ଯଦ୍‌ବପତି ବୀଜଂ ହି ଲଭତେ ସୋଽପି ତତ୍‌ଫଳମ୍ । (ଯେମିତି କର୍ମକୁ ସେମିତି ଫଳ ।) As you sow so you reap.

୨୫. ସର୍ବଃ ସ୍ୱାର୍ଥଂ ସମୀହତେ । (ନିଜର ଅଣ୍ଡପୁଅକି ପଦ୍ମଲୋଚନ ।) Every potter praises his own pot. ଅଥବା ସର୍ବଃ କାନ୍ତମାତ୍ମୀୟଂ ପଶ୍ୟତି । Every one thinks his own geese swan.

୨୬. ନ ହି ସୁଖଂ ଦୁଃଖୈର୍ବିନା ଲଭ୍ୟତେ । No pains no gains.

୨୭. ଦୁଗ୍ଧଧୌତୋଽପି କିଂ ଯାତି ବାୟସଃ କଳହଂସତାମ୍ ?

ଅଥବା ଅଙ୍ଗାରଃ ଶତଧୌତେନ ମଳିନତ୍ୱଂ ନ ମୁଞ୍ଚତି ।

ଅଥବା ଭୂୟୋଽପି ସିକ୍ତଃ ପୟସା ଘୃତେନ ନ ନିମ୍ବବୃକ୍ଷୋ ମଧୁରତ୍ୱମେତି ।

ଅଥବା ଆକଣ୍ଠଜଳମଗ୍ନୋଽପି ଶ୍ୱା ଲିହତ୍ୟେବ ଜିହ୍ୱୟା ।

ଅଥବା ନ ହି କସ୍ତୁରିକାମୋଦଃ ଶପଥେନ ନିବାର୍ଯ୍ୟତେ ।

Black will take no other hue.

୨୮. କଷ୍ଟଂ ଖଳୁ ପରାଶ୍ରୟଃ । Dependence is indeed painful.

୨୯. କୁପୁତ୍ରେଣ କୁଳଂ ନଷ୍ଟମ୍ ।

A bad descendant destroys the line.

୩୦. ଜଳବିନ୍ଦୁନିପାତେନ କ୍ରମଶଃ ପୂର୍ଯ୍ୟତେ ଘଟଃ ।

Many a little makes a mickle.

୩୧. ପୟଃପାନଂ ଭୁଜଙ୍ଗାନାଂ କେବଳଂ ବିଷବର୍ଦ୍ଧନମ୍ ।

Snakes venom increases by drinking milk.

୩୨. ବୀରଭୋଗ୍ୟା ବସୁନ୍ଧରା । Fortune favours the brave.

୩୩. ବଳୀ ବଳୀୟାନ୍ ତୁ ଜାତିମାର୍ଗଃ । Might is right.

୩୪. ବାଳାନାଂ ରୋଦନଂ ବଳମ୍ । Cry is the only strength of a child.

୩୫. ପାଣୌ ପୟସା ଦଗ୍ଧେ ତକ୍ରଂ ଫୁତ୍କୃତ୍ୟ ପାମରଃ ପିବତି ।
(ଯାହାକୁ ସାପ କାମୁଡ଼େ ତା' ମା' ପାଳ ଦଉଡ଼ି ଦେଖିଲେ ଡରେ ।)

A burnt child dreads the fire.

୩୬. ନିଜସଦନନିବିଷ୍ଟଃ ଶ୍ୱା ନ ସିଂହାୟତେ କିମ୍ବୁ ?

(ନିଜ ଗଳିରେ କୁକୁର ସିଂହ) । Every cock fights best of its own dung hill.

୩୭. ଦୂରସ୍ଥାଃ ପର୍ବତାଃ ରମ୍ୟାଃ (ଦୂର ପରବତ ଦିଶେ ସୁନ୍ଦର) ।

Distance lends enchantment to the view.

'OR' Blue are the hills that are far from us.

୩୮. ଅର୍ଥମନର୍ଥଂ ଭାବୟ ନିତ୍ୟମ୍ (ଅର୍ଥ ହିଁ ଅନର୍ଥର ମୂଳ) ।

Wealth is the root of all calamities.

୩୯. ମହତଃ ପଦାହତିଃ ଶ୍ଳାଘା ନ ଶ୍ଳାଘ୍ୟଂ ଖରରୋହଣମ୍ ।
ଅଥବା ଯାଚ୍ଞା ମୋଘା ବରମଧିଗୁଣେ ନାଧମେ ଲବ୍ଧକାମା ।

It is wise to take refuge under the great.

୪୦. ଆତୁରେ ନିୟମୋ ନାସ୍ତି । ଅଥବା ଅକାଳେ ନିୟମୋ ନାସ୍ତି ।

Necessity knows no law.

୪୧. ବିଷକୁମ୍ଭଂ ପୟୋମୁଖମ୍ । A serpent under the flower.

'OR' A wolf in lamb's clothing.

୪୨. ଶନୈଃ ପନ୍ଥାଃ ଶନୈଃ କନ୍ଥା ଶନୈଃ ପର୍ବତଲଙ୍ଘନମ୍ ।

(ଧାର ପାଣି ପଥର କାଟେ) ।

Slow and steady wins the race.

୪୩. ନ ମୂଳିଃ ପୂଜ୍ୟତେ ନ ଚାସୌ ବର୍ଦ୍ଧତେ ଗିରିଃ ।

(ଷାଠିଏ ମହଣ ଘିଅ ହେବ ନାଁ ରାଧା ନାଚିବେ ?)

If the sky falls we shall catch larks.

'OR' If desires were horses, fools will ride them.

୪୪. ଗତସ୍ୟ ଶୋଚନା ନାସ୍ତି । Let bygone be bygone.

୪୫. ସଂସର୍ଗଜା ଦୋଷଗୁଣା ଭବନ୍ତି । (ସଙ୍ଗଦୋଷରେ ନାଶଯାଇ) ।

A black sheep infects the whole flock.

'OR' A rotten apple injures its companions.

୪୬. ବର୍ତ୍ତମାନେନ କାଳେନ ବର୍ତ୍ତୟନ୍ତି ମନୀଷିଣଃ । (ଯେ ଦେଶେ ଯାଇ ସେ ଫଳ ଖାଇ) । When at Rome do as Romans do.

୪୭. ଯଥା ବୃକ୍ଷସ୍ତଥା ଫଳମ୍ । (ଯେମିତି ଠାକୁର ସେମିତି ପୂଜା) ।

Thank a man according to his rank.

୪୮. ଯେ ଗର୍ଜନ୍ତି ମୁହୁର୍ମୁହୁର୍ଜଳଧରା ବର୍ଷନ୍ତି ନୈତାଦୃଶାଃ ।

(ଗରଜିଲା ମେଘ ବରଷେ ନାହିଁ ଅଥବା ଭୁକିଲା କୁକୁର କାମୁଡ଼େ ନାହିଁ )।

A barking dog seldom bites.

୪୯. ଏକା କ୍ରିୟା ଦ୍ୱ୍ୟର୍ଥକରୀ ପ୍ରସିଦ୍ଧା (ରଥ ଦେଖା କଦଳୀ ବିକା) ।

To kill two birds with one stone.

୫୦. ନବା ବାଣୀ ମୁଖେ ମୁଖେ । (ଏକୁ ଆରେକ ଆଗ) ।

The doctors differ.

୫୧. ସମୟ କାଳେ ନ ବାଧତି । (ଗଡ଼ୁଣା ରଥ ଅଣଲେଉଟା) ।

Time and tide wait for none.

୫୨. ଅଳ୍ପବିଦ୍ୟା ଭୟଙ୍କରୀ ।

Little knowledge is a dangerous thing.

୫୩. ପଣ୍ଡିତୋଽପି ବରଂ ଶତ୍ରୁର୍ନ ମୂର୍ଖୋ ହିତକାରକଃ ।
(ମୂର୍ଖମିତ୍ର ଅପେକ୍ଷା ବରଂ ପଣ୍ଡିତ ଶତ୍ରୁ ଭଲ) ।

A courageous foe is better than a cowardly friend.

୫୪. ଅଧ୍ରୁବାତ୍ ଧ୍ରୁବଂ ବରମ୍ । ଅଥବା ବରମଦ୍ୟ କପୋତୋ ନ ଶ୍ୱୋ ମୟୂରଃ । A bird in hand is better than two in the bush.

୫୫. ଅତିଦର୍ପେ ହତା ଲଙ୍କା । (ଅତି ଗର୍ବରୁ ଲଙ୍କାଧ୍ୱଂସ) ।

Pride goeth before a fail.

୫୬. ଏକସ୍ୟ ହି ବିବାଦୋଽସ୍ତୁ ଦେଶ୍ୟତେ ନ ତୁ ପ୍ରାଣିନଃ ।
(ଗୋଟେ ହାତରେ ତାଳି ବାଜେନି) । It takes two to make a row.

'OR' It needs two to make a quarrel.

'OR' One swallow does not make a summer.

୫୭. ଖଳଃ କରୋତି ଦୁର୍ବୃତ୍ତଂ ନୂନଂ ଫଳତି ସାଧୁଷୁ ।
ଦଶାନନୋଽହରତ୍ ସୀତାଂ ବନ୍ଧନଂ ଚ ମହୋଦଧେଃ ।।
(ଦୁଷ୍ଟ ନଷ୍ଟକରେ, ସାଧୁ ଭୋଗେ) । A good man suffers due to the fault committed by a wicked.

୫୮. ପରୋପଦେଶେ ପାଣ୍ଡିତ୍ୟଂ ସର୍ବେଷାଂ ସୁକରଂ ନୃଣାମ୍ ।
ଧର୍ମେ ସ୍ୱୀୟମନୁଷ୍ଠାନଂ କସ୍ୟଚିତ୍ତୁ ମହାତ୍ମନଃ ।।

(ଉପଦେଶ ଠାରୁ ଉଦାହରଣ ଶତଗୁଣେ ଉତ୍ତମ) ।

Example is better than precept.

୫୯. ସ ସୁହୃଦ୍ ବ୍ୟସନେ ଯଃ ସ୍ୟାତ୍ । (ଅସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ)

A friend in need is a friend indeed.

୬୦. କସ୍ୟାତ୍ୟନ୍ତଂ ସୁଖମୁପନତଂ ଦୁଃଖମେକାନ୍ତତୋ ବା ।

ଅଥବା ? (କାହାର ପୌଷମାସ ତ' କାହାର ସର୍ବନାଶ) ।

Some have the hap, some stick in the gap.

୬୧. ଦାରିଦ୍ର୍ୟଦୋଷୋ ଗୁଣରାଶିନାଶୀ । (ଅଭାବେ ସ୍ୱଭାବ ନଷ୍ଟ) ।

A light purse is a heavy curse.

୬୨. ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।

(ଜନ୍ମକଲା ମା' ଓ ମାଟିଠାରୁ କେହି ବଡ଼ ନୁହେଁ) ।

East or west home is the best.

୬୩. ତେ ହି ନୋ ଦିବସାଃ ଗତାଃ । (ସେ ଦିନ ଆମର ଆଉ ନାହିଁ) ।

Those palmy days are gone.

୬୪. ବିଶ୍ୱସ୍ତେଷୁ ଚ ବଞ୍ଚନାପରିଭବଶ୍ଚୌର୍ଯ୍ୟଂ ନ ଶୌର୍ଯ୍ୟଂ ହି ତତ୍ ।

ଅଥବା ଅଙ୍କମାରୁହ୍ୟ ସୁପ୍ତଂ ହି ହତ୍ୱା କିଂ ନାମ ପୌରୁଷମ୍ ।

(ବିଶ୍ୱାସରେ ବିଷ ଦେବାରେ କି ପୌରୁଷ ?)

It is a great sin to harm a person who comes for shelter.

୬୫. ଅପନ୍ଥାନଂ ତୁ ଗଚ୍ଛନ୍ତଂ ସୋଦରୋଽପି ବିମୁଞ୍ଚତି ।

(ଅବାଟରେ ଯିବା ଲୋକକୁ ନିଜ ଭାଇ ମଧ୍ୟ ଛାଡ଼ିଦିଏ) ।

A detracted man draws sympathy from none.

୬୬. ସଂଘେ ଶକ୍ତିଃ କଳୌ ଯୁଗେ । (ଏକତାହିଁ ବଳ) ।

Union is strength.

୬୭. ଶୁଭସ୍ୟ ଶୀଘ୍ରମ୍ । (ତୁରନ୍ତ ଦାନ ମହାପୁଣ୍ୟ) ।

He gives thrice who gives trice.

୬୮. ପାବକୋ ଲୋହସଙ୍ଗେନ ମୁଦ୍‌ଗରୈରଭିହନ୍ୟତେ ।
ଖଳଃ କରୋତି ଦୁର୍ବୃତ୍ତଂ ତଞ୍ଚ ଫଳତି ସାଧୁଷୁ ।
(ସଙ୍ଗ ଗହଳେ ନାଶ ଯାଇ କୁମାରୀ ମାନେ ବିଚାରଇ)

Wicked persons commit fault and good men suffer.

୬୯. ବ୍ରୁବତେ ହି ଫଳେନ ସାଧବୋ ନ ତୁ କଣ୍ଠେନ
ନିଜୋପଯୋଗିତାମ୍ ।(ସଜ୍ଜନମାନେ କଥାରେ ନୁହେଁ କାମରେ ଦେଖାନ୍ତି) ।

Great men do not extend lip service.

୭୦. ବନ୍ଧନଭ୍ରଷ୍ଟୋ ଗୃହକପୋତଶ୍ଚିଲ୍ଲାୟା ମୁଖେ ପତିତଃ ।
(ମହଳରୁ ଯାଇ କାଣ୍ଡାରେ ପଡ଼ିବା) ।

Out of the frying pan into the fire.

୭୧. ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ ।
(ଘରପୋଡ଼ିରୁ କୁଟାଖିଏ ପାଇବା) ।

Something is better than nothing.

୭୨. ପଙ୍କୋ ହି ନଭସି କ୍ଷିପ୍ତଃ କ୍ଷେପ୍ତୁଃ ପତତି ମୂର୍ଦ୍ଧନି ।
(ଆକାଶକୁ ଛେପ ପକାଇଲେ ନିଜ ମୁହଁରେ ହିଁ ପଡ଼ିବା ସାର) ।

Slander hurts the slanderer.

୭୩. ନ ବିଡ଼ାଲୋ ଭବେଦ୍ୟତ୍ର ତତ୍ର କ୍ରୀଡ଼ନ୍ତି ମୂଷକାଃ ।
(ବାଘ ନାହିଁ ଘରେ ମିରିଗ ନାଚ) ।

The mice will play; for, cat is away.

୭୪. କୋ ନ ଯାତି ବଶଂ ଲୋକେ ମୁଖେ ପିଣ୍ଡେନ ପୂରିତଃ ।
(ଦେବା ନେବାରେ ଦୁନିଆଁ ବଶ) ।

Friends are plenty when the purse is full.

୭୫. ପ୍ରକ୍ଷାଳନାଦ୍ଧି ପଙ୍କସ୍ୟ ଦୂରାଦସ୍ପର୍ଶନଂ ବରମ୍ ।
(କାଦୁଅକୁ ଯିବ କାହିଁକି, ଗୋଡ଼ ଧୋଇବ କାହିଁକି ?)
ଉତ୍ପନ୍ନାନର୍ଥପ୍ରତିବନ୍ଧାତ୍ ଅନର୍ଥୋତ୍ପତ୍ତିପ୍ରତିବନ୍ଧ ଏବ ବରମ୍ ।
Prevention is better than cure.

୭୬. ଅଶ୍ନୁତେ ସ ହି କଲ୍ୟାଣଂ ବ୍ୟସନେ ଯୋ ନ ମୁହ୍ୟତି ।
(ନିଆଁରେ ପୋଡ଼ିଲେ ସୁନା ଉଜ୍ଜ୍ୱଳ) ।
Calamity is the touch stone of brave mind.

୭୭. ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀଃ ।
(ମୂଲିଆପରି ଖଟିଲେ, ସାଆନ୍ତ ପରି ଖାଇବ) ।
Diligence is the mother of good luck.

୭୮. ନ ସୁବର୍ଣ୍ଣେ ଧ୍ୱନିସ୍ତାଦୃକ୍ ଯାଦୃକ୍ କାଂସ୍ୟେ ପ୍ରଜାୟତେ ।
All that glitters is not gold.

୭୯. ରତ୍ନାକରୋ ଜଳନିଧିରିତ୍ୟସେବି ଧନାଶୟା ।
ଧନଂ ଦୂରସ୍ତୁ ବଦନଂ ପୂରିତଂ କ୍ଷାରବାରିଣା ।।
ଅଥବା ବିନାୟକଂ ପ୍ରକୁର୍ବାଣୋ ରଚୟାମାସ ବାନରମ୍ ।
One trying for better got worst. (ବିହିଁ ଗଢୁ ଗଢୁ ବାନ୍ଦର ।)

୮୦. ଅଜ୍ଞାତ-କୁଳଶୀଳସ୍ୟ ବାସୋ ଦେୟୋ ନ କସ୍ୟଚିତ୍ ।
Don't trust a stranger blindly.

୮୧. ଅଥବା ଭବିତବ୍ୟାନାଂ ଦ୍ୱାରାଣି ଭବନ୍ତି ସର୍ବତ୍ର ।
(କପାଳ ଲିଖନ କେ କରିବ ଆନ ?)
What is lotted cannot be blotted.

୮୨. ବ୍ରଣେ କ୍ଷାରଂ କ୍ଷିପେତ୍ କ୍ଷଣମ୍ । (କଟା ଘା'ରେ ଚୂନ ଦେବା) ।
To add fuel to the fire.

୮୩. ଅପାତ୍ରେ ପ୍ରତିପତ୍ତିଶ୍ଚ । (ଘୁଷୁରିକୁ ପାଚିଲା କଦଳୀ) ।
Cast pearls before a swine.

୮୪. ଅବଲୋକ୍ୟ ସ୍ୱକଂ ଦୋଷଂ ପରଦୋଷେ ପ୍ରମୋଦତେ ।
(ଚାଲୁଣୀ କହୁଛି ଛୁଞ୍ଚିକୁ) । The pot calls the kettle black.

୮୫. ଅତିଭକ୍ତିଶ୍ଚୋରଲକ୍ଷଣମ୍ । (ଅତି ଭକ୍ତି ଚୋରର ଲକ୍ଷଣ) ।
Too much courtesy, too much craft.

୮୬. ବୃଥା ବୃଷ୍ଟିଃ ସମୁଦ୍ରେଷୁ । (ତେଲିଆ ମୁଣ୍ଡରେ ତେଲ) ।
To carry coal to Newcastle.

୮୭. ତୁଳସୀପତ୍ରଯୁଗ୍ମେନ ସୁବାସୋ ହି ବିତନ୍ୟତେ । (ତୁଳସୀ ଦୁଇପତ୍ରରୁ ବାସେ) । Morning shows the day.

୮୮. ଦୀପତଳଂ ହି ତମସାବୃତଂ ନୈବ ଦୃଶ୍ୟତେ । (ଦୀପତଳ ଅନ୍ଧାର) ।
Nearest the church farthest from heaven.

୮୯. ସଲିଳେ ତୁ ଗୃହଂ କୃତ୍ୱା ନକ୍ରେଣ କଳହଃ କୃତଃ ।
(ପାଣିରେ ଘରକରି କୁମ୍ଭୀର ସଙ୍ଗେ କଳି) ।
To live in Rome and strife with Pope.

୯୦. ବହ୍ୱାରମ୍ଭେ ଲଘୁକ୍ରିୟା । (ବେଶୀ ଲୋକରେ ମୂଷା ମରେନି) ।
Too many cooks spoil the broth.

୯୧. ମୌନଂ ସମ୍ମତିଲକ୍ଷଣମ୍ । (ମୌନ ହିଁ ସମ୍ମତିର ଲକ୍ଷଣ) ।
Silence indicates consent.

୯୨. ଅଭ୍ୟାସଯୋଗଯୁକ୍ତେନ ସର୍ବଂ ଭବତି ସଂସିଦ୍ଧିଃ । (ଅଭ୍ୟାସ ବଳେ ସର୍ବ ସିଦ୍ଧି) । Practice makes a man perfect.

୯୩. ପତନ୍ ଶିକ୍ଷାଲଭେତ୍ ଧ୍ରୁବମ୍ । (ମଣିଷ ଠିକିଲେ ଶିଖେ) ।
Experience teaches better than wisdom.

୯୪. ସର୍ବବିଦ୍ୟାପ୍ରବିଷ୍ଟୋଽପି ପାରଦର୍ଶୀ ନ କୁତ୍ରଚିତ୍ (ସବଜାନ୍ତା ଲୋକ କେଉଁଥିରେ ଦକ୍ଷ ନୁହେଁ) ।

Jack of all trades master of none.

୯୫. ଅଳ୍ପସ୍ୟ ହେତୋର୍ବହୁହାତୁମିଚ୍ଛନ୍ ବିଚାରମୂଢ଼ଃ ପ୍ରତିଭାସି ମେ ତ୍ୱମ୍ ।

(ଛତା ଗଲିପାଉଲି ପିଣ୍ଡି ପାଛୁନି) । Penny wise, pound foolish.

୯୬. କଳ୍ପବୃକ୍ଷୋଽପ୍ୟଭବ୍ୟାନାଂ ପ୍ରାୟୋ ଯାତି ପଲାଶତାମ୍ ।

(ଅଭାଗା ହାତରେ ସୁବର୍ଣ୍ଣ ମାଟି) ।

Gold turns to clay in the hands of the unfortunate.

୯୭. ପଦଂ ହି ସର୍ବତ୍ର ଗୁଣୈର୍ନିଧୀୟତେ ।

(ବିଦ୍ୱା ବ୍ରାହ୍ମଣର ପଇତା ଦରକାର ନାହିଁ )।

A good wine needs no push.

୯୮. ଶୂର୍ପସ୍ୟ ସ୍ୱର୍ଗଲାଭେଽପି ସ୍ୱଭାବୋ ନାତିରିଚ୍ୟତେ ।

(ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ) ।

Habit is the second nature.

୯୯. ଅଣୁରପି ପର୍ବତତାମୁପୈତି ବାଚା ।

(ତିଳକୁ ତାଳ କରିବା) । To make a mountain of a mole-hill.

୧୦୦. ପରରହିତବିବିକ୍ତୋ ଧାବତେ ଲୋକବାଦଃ ।

(ଛଡ଼ା କଥାର ଗୋଡ଼ ନଥାଏ) । Rumour has no legs.

***

# ୨୮ - ଛନ୍ଦଃ ପ୍ରକରଣ

ଛନ୍ଦସ୍ (କ୍ଲୀବଲିଙ୍ଗ) - ଯାହା ଆନନ୍ଦପ୍ରଦାନ କରେ ତାହାକୁ ଛନ୍ଦ କୁହାଯାଏ । *'ଚଦି' - ଧାତୁଃ ଆହ୍ଲାଦେ / "ଚନ୍ଦେରାଦେଶ୍ଚ ଛଃ" - (ଉଣାଦି - ୪/୨୧୯) ଇତି ଅସୁନ୍, ଚସ୍ୟ ଛଶ୍ଚ ।*

*ଚନ୍ଦତି = ଆହ୍ଲାଦୟତି, ଚନ୍ଦ୍ୟତେ ଅନେନ ବା ଛନ୍ଦଃ ।*

ଛନ୍ଦଃ ର ଅର୍ଥ ପଦ୍ୟ ଏବଂ ଗାୟତ୍ରୀ ପ୍ରଭୃତି ଛନ୍ଦଃ ଅଟନ୍ତି ( *"ଛନ୍ଦଃ ପଦ୍ୟେଽଭିଳାଷେ ଚ" - ଇତ୍ୟମରଃ, ୩.୩.୨୩୨; "ଗାୟତ୍ରୀ ପ୍ରମୁଖଂ ଛନ୍ଦଃ" - ଇତ୍ୟମରଃ, ୨.୭.୨୨; " ଛନ୍ଦଃ ପଦ୍ୟେ ଚ ବେଦେ ଚ" - ଇତି ମେଦିନୀ, ୧୭୧.୨୨)* ।

ଇଂରାଜୀଭାଷାରେ ଛନ୍ଦଃ କୁ prosody ଏବଂ mètre ବୋଲି କହନ୍ତି ।

ପଦ୍ୟମ୍ - ସଂସ୍କୃତକାବ୍ୟ ଗଦ୍ୟ (prose) ଅଥବା ପଦ୍ୟ (verse) ରେ ରଚିତ ହୋଇଥାଏ । ପଦ୍ୟ ରଚନା ପାଇଁ ଛନ୍ଦଃ ଏକାନ୍ତ ଆବଶ୍ୟକ । କୁହାଯାଏ - *"ଛନ୍ଦୋବଦ୍ଧଂ ପଦଂ ପଦ୍ୟମ୍" / "ପଦ୍ୟଂ ଚତୁଷ୍ପଦୀ ତଚ୍ଚ ବୃତ୍ତଂ ଜାତିରିତି ଦ୍ୱିଧା"*।

ପାଦ - ପଦ୍ୟର ୪ଟି ପାଦ ଥାଏ ।"ଜ୍ଞେୟଃ ପାଦଃ ଚତୁର୍ଥୋଂଶଃ" *(ବୃତ୍ତରତ୍ନାକରଃ //)* ଏହି ପାଦ ଅକ୍ଷର ସଂଖ୍ୟା (number of syllables) ଦ୍ୱାରା ଅଥବା ମାତ୍ରା (syllabic instants) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

· ମାତ୍ରା - ମାତ୍ରା ସମୟପରିମାପକ । ସ୍ୱରବର୍ଣ୍ଣ - ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ଭେଦରେ ତିନିପ୍ରକାରର -

*ଏକମାତ୍ରୋ ଭବେଦ୍ ହ୍ରସ୍ୱୋ ଦ୍ୱିମାତ୍ରୋ ଦୀର୍ଘ ଉଚ୍ୟତେ ।*
*ତ୍ରିମାତ୍ରସ୍ତୁ ପ୍ଲୁତୋ ଜ୍ଞେୟୋ ବ୍ୟଞ୍ଜନଂ ଚାର୍ଦ୍ଧମାତ୍ରକମ୍ ।।*

ଅର୍ଥାତ୍ – ହ୍ରସ୍ୱବର୍ଣ୍ଣ ଏକମାତ୍ରା ବିଶିଷ୍ଟ, ଦୀର୍ଘବର୍ଣ୍ଣ ଦୁଇମାତ୍ରା ବିଶିଷ୍ଟ, ପ୍ଲୁତବର୍ଣ୍ଣ ତିନିମାତ୍ରା ବିଶିଷ୍ଟ ଏବଂ ବ୍ୟଞ୍ଜନବର୍ଣ୍ଣ ଅର୍ଦ୍ଧମାତ୍ରା ବିଶିଷ୍ଟ ଅଟନ୍ତି । ପ୍ଲୁତବର୍ଣ୍ଣର ବ୍ୟବହାର ବ୍ୟାକରଣଶାସ୍ତ୍ରରେ ଏବଂ ବେଦରେ ହୋଇଥାଏ ।

ହ୍ରସ୍ୱବର୍ଣ୍ଣ ଲଘୁ ଓ ଦୀର୍ଘବର୍ଣ୍ଣ ଗୁରୁ ଅଟନ୍ତି । ଅ, ଇ, ଉ, ଋ ପ୍ରଭୃତି ହ୍ରସ୍ୱବର୍ଣ୍ଣ ଲଘୁ ଏବଂ ଏକମାତ୍ରା ବିଶିଷ୍ଟ ଅଟନ୍ତି ।

ଗୁରୁବର୍ଣ୍ଣ –

*ସଂଯୁକ୍ତାଦ୍ୟଂ ଦୀର୍ଘଂ ସାନୁସ୍ୱାରଂ ବିସର୍ଗସମ୍ମିଶ୍ରମ୍ ।*

*ବିଜ୍ଞେୟମକ୍ଷରଂ ଗୁରୁ ପାଦାନ୍ତସ୍ଥଂ ବିକଳ୍ପେନ ।। (ଶ୍ରୁତବୋଧଃ ।)*

ଅର୍ଥାତ୍ ସଂଯୁକ୍ତବର୍ଣ୍ଣ (ଯୁକ୍ତାକ୍ଷର)ର ପୂର୍ବବର୍ଣ୍ଣ, ଅନୁସ୍ୱାର ଯୁକ୍ତ, ବିସର୍ଗଯୁକ୍ତ ତଥା ଦୀର୍ଘବର୍ଣ୍ଣ ଗୁରୁ ଅଟନ୍ତି । ପାଦର ଅନ୍ତିମ ବର୍ଣ୍ଣ ବିକଳ୍ପରେ ଗୁରୁ ହୁଏ । ହ୍ରସ୍ୱ ବା ଲଘୁ ବର୍ଣ୍ଣର ଚିହ୍ନ – । ଓ ଦୀର୍ଘ ବା ଗୁରୁବର୍ଣ୍ଣର ଚିହ୍ନ – S ଅଟେ ।

ଗଣଃ – ପ୍ରତିଛନ୍ଦଃ କେତେକ 'ଗଣ'ରେ ବିଭକ୍ତ ଅଟେ । ଏହି ଗଣକୁ syllabic feet କହନ୍ତି । ଗଣମାନଙ୍କର ସଂଖ୍ୟା – ଆଠ (୮), ଯଥା – ଭ ଜ ସ ଯ ର ତ ମ ନ । ପ୍ରତିଗଣ ତିନିବର୍ଣ୍ଣ ବିଶିଷ୍ଟ ଅଟେ ।

*ଆଦିମଧ୍ୟାବସାନେଷୁ ଭଜସା ଯାନ୍ତି ଗୌରବମ୍ ।*

*ଯରତା ଲାଘବଂ ଯାନ୍ତି ମନୌ ତୁ ଗୁରୁଲାଘବମ୍ ।।*

ଏହି ଶ୍ଳୋକରେ ଗଣମାନଙ୍କର ସ୍ୱରୂପ ବର୍ଣ୍ଣିତ ହୋଇଛି ।

ଭ ଗଣ = SII,  ଯ ଗଣ = ISS,  ମ ଗଣ = SSS,

ଜ ଗଣ = ISI,  ର ଗଣ = SIS,  ନ ଗଣ = III,

ସ ଗଣ = IIS,  ତ ଗଣ = SSI ।

ଅନ୍ୟତ୍ର ଗଣ ବୁଝିବାପାଇଁ ଏପରି ଦେଖାଯାଇଥାଏ ।

ଯଥା – I SS S I S I I S

*ଯ ମାତା ରାଜ ଭାନ ସଲଗାଃ*

ପ୍ରତିବର୍ଣ୍ଣକୁ ଗଣର ସଙ୍କେତ ରୂପେ ନିଆଯିବ । ତା ସହ ତା'ପର ବର୍ଣ୍ଣ ଦୁଇଟିକୁ ନେଇ ଗଣର ହ୍ରସ୍ୱଦୀର୍ଘ ଚିହ୍ନିବାକୁ ହେବ ।

ଯଥା - ଯ- I S S , ମ - S S S ତ - S S I ର - S I S

ଯମାତା ମାତାରା ତାରାଜ ରାଜଭା

ଜ - I S I, ଭ - S I I, ନ - I I I, ସ - I I S, ଲ - I, ଗ - S

ଜଭାନ ଭାନସ ନସଲ ସଲଗାଃ

**ବୃତ୍ତମ୍ ଏବଂ ଜାତିଃ -**

ପଦ୍ୟ 'ବୃତ୍ତମ୍' ଏବଂ 'ଜାତିଃ'ଭେଦରେ ଦ୍ୱିବିଧ ।

**ବୃତ୍ତମ୍** - ଏହା ଅକ୍ଷର ସଂଖ୍ୟା ଦ୍ୱାରା ନିୟନ୍ତ୍ରିତ । ଏହା ତ୍ରିବିଧ ; ଯଥା - (କ) ସମବୃତ୍ତମ୍, (ଖ) ଅର୍ଦ୍ଧସମବୃତ୍ତମ୍, (ଗ) ବିଷମବୃତ୍ତମ୍ । ଅକ୍ଷର ସଂଖ୍ୟାତମ୍ = ଅକ୍ଷରଗଣନୟା ପରିପ୍ରାପ୍ତଂ ବୃତ୍ତମ୍ ଉଚ୍ୟତେ ।

**ଜାତିଃ** - " *ବୃତ୍ତମ୍ ଅକ୍ଷରସଂଖ୍ୟାତଂ ଜାତିର୍ମାତ୍ରାକୃତା ଭବେତ୍*" ।

'ଜାତିଃ' ମାତ୍ରାସଂଖ୍ୟା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । *ମାତ୍ରାକୃତା = ମାତ୍ରାଗଣନୟା ନିର୍ଣ୍ଣୀତା ଜାତିଃ ଜାତିସଂଜ୍ଞକା ଭବତି* ।

**ଯତିଃ** - ପଦ୍ୟ ଗାନ ସମୟରେ ବିରତି ବା ବିଶ୍ରାମସ୍ଥଳକୁ ଯତିଃ (pause)କହନ୍ତି - "*ଯତି ର୍ବିଚ୍ଛେଦସଂଜ୍ଞିତା*"- ଛନ୍ଦୋମଞ୍ଜରୀ ତଥା ବୃତ୍ତରତ୍ନାକର ।

ପଦ୍ୟ ରଚନା ଏବଂ ଗାନରେ ଛନ୍ଦଃର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିବାହେତୁ ଏହାକୁ ବେଦର ପାଦ ବୋଲି କୁହାଯାଇଛି । - "ଛନ୍ଦଃ ପାଦୌ ତୁ ବେଦସ୍ୟ" । ବେଦର ୬ଟି ଅଙ୍ଗ, ଯଥା - ଶିକ୍ଷା, କଳ୍ପ, ଛନ୍ଦଃ, ଜ୍ୟୋତିଷ, ନିରୁକ୍ତ ଓ ବ୍ୟାକରଣ ମଧ୍ୟରୁ ଛନ୍ଦଃ ଏକ ପ୍ରମୁଖ ଅଙ୍ଗ ଅଟେ । ବସ୍ତୁତଃ ଛନ୍ଦଃ ହେଉଛି ପଦ୍ୟ ରଚନାର ନିୟମ ବା ନୀତି ।

ଏଠାରେ ପ୍ରଦତ୍ତ ଛନ୍ଦଗୁଡିକର ଲକ୍ଷଣ ଏବଂ ଉଦାହରଣଗୁଡ଼ିକ 'ଶ୍ରୁତବୋଧ', 'ଛନ୍ଦୋମଞ୍ଜରୀ' ତଥା 'ବୃତ୍ତରତ୍ନାକର' ଗ୍ରନ୍ଥରୁ ଗୃହୀତ । ଏହି ଗ୍ରନ୍ଥର ବୈଶିଷ୍ଟ୍ୟ ହେଉଛି ପ୍ରତ୍ୟେକ ଛନ୍ଦର ଲକ୍ଷଣ ସେହି ଛନ୍ଦର ଉଦାହରଣ ଅଟେ ଏବଂ ଉଦାହରଣରେ ପ୍ରାୟ ଛନ୍ଦର ନାମଟି ଦେଖିବାକୁ ମିଳେ ।

### ୧. ଆର୍ଯ୍ୟା

**ଲକ୍ଷଣ -** *ଯସ୍ୟାଃ ପ୍ରଥମେ ପାଦେ ଦ୍ୱାଦଶ ମାତ୍ରା ସ୍ତଥା ତୃତୀୟେଽପି ।*
*ଅଷ୍ଟାଦଶ ଦ୍ୱିତୀୟେ ଚତୁର୍ଥକେ ପଞ୍ଚଦଶ ସାର୍ଯ୍ୟା ।।*

**ଅର୍ଥ** - ଯେଉଁ ଛନ୍ଦରେ ପ୍ରଥମ ଏବଂ ତୃତୀୟପାଦରେ ବାରଗୋଟି ଲେଖାଏଁ ମାତ୍ରା, ଦ୍ୱିତୀୟ ପାଦରେ ଅଠରଗୋଟି ମାତ୍ରା ଏବଂ ଚତୁର୍ଥ ଚରଣରେ ପନ୍ଦରଗୋଟି ମାତ୍ରା ରହେ, ସେହି ଛନ୍ଦକୁ ଆର୍ଯ୍ୟାଛନ୍ଦ କୁହାଯାଏ ।

**ଉଦାହରଣ -**

S I I I I S S S    S S I I S I S I I I I I S
ସା ଜୟତି ଜଗଦାର୍ଯ୍ୟା    ଦେବୀ ଦିବମୁତ୍ପତିଷ୍ଣୁରତିରୁଚିରା ।
S S I S I I I S    S I I S S I S I I S
ଯା ଦୃଷ୍ଟାଦେୟମଉଜେ    କଂସବଧୋତ୍ପାତ ବିଦ୍ୟୁଦିବ ।
(ଅନ୍ତିମ ଅକ୍ଷର ବିକଳ୍ପରେ ଦୀର୍ଘ)

୧ମ ପାଦ - S I I I I S S S = ୧୨ ମାତ୍ରା,
୨ୟ ପାଦ - S S I I S I S I I I I I S = ୧୮ ମାତ୍ରା,
୩ୟ ପାଦ - S S I S I I I S = ୧୨ ମାତ୍ରା,
୪ର୍ଥ ପାଦ - S I I S S I S I I S = ୧୫ ମାତ୍ରା,
(ଏହି ଛନ୍ଦରେ ପ୍ରତିପାଦରେ ନିର୍ଦ୍ଦିଷ୍ଟ ସଂଖ୍ୟାକ ଅକ୍ଷର ନଥାଏ) ।

## ୨. ଅନୁଷ୍ଟୁପ୍

ଲକ୍ଷଣ - *ଶ୍ଳୋକେ ଷଷ୍ଠଂ ଗୁରୁ ଜ୍ଞେୟଂ ସର୍ବତ୍ର ଲଘୁ ପଞ୍ଚମମ୍ ।*

*ଦ୍ୱିଚତୁଷ୍ପାଦୟୋ ର୍ହ୍ରସ୍ୱଂ ସପ୍ତମଂ ଦୀର୍ଘମନ୍ୟୟୋଃ ॥*

ଅର୍ଥ - ଯେଉଁ ଛନ୍ଦର ପ୍ରତ୍ୟେକ ପାଦର ପଞ୍ଚମ ବର୍ଣ୍ଣଟି ଲଘୁ ଏବଂ ଷଷ୍ଠ ବର୍ଣ୍ଣଟି ଗୁରୁ ହୋଇଥାଏ; ଦ୍ୱିତୀୟ ଏବଂ ଚତୁର୍ଥ ପାଦର ସପ୍ତମ ବର୍ଣ୍ଣଟି ହ୍ରସ୍ୱ (ଲଘୁ) ଏବଂ ପ୍ରଥମ ତଥା ତୃତୀୟପାଦର ସପ୍ତମବର୍ଣ୍ଣଟି ଦୀର୍ଘ (ଗୁରୁ) ହୋଇଥାଏ; ତାହାକୁ ଅନୁଷ୍ଟୁପ୍‌ଛନ୍ଦ କୁହାଯାଏ ।

ଅନୁଷ୍ଟୁପ୍‌ଛନ୍ଦକୁ ଶ୍ଳୋକଛନ୍ଦ ବା ପଦ୍ୟଛନ୍ଦ ମଧ୍ୟ କୁହାଯାଏ । ଏହାର ପ୍ରତିପାଦରେ ୮ଟି ଲେଖାଏଁ ଅକ୍ଷରଥାଏ ।

I S S          I S I

ଉଦାହରଣ - *ରାମହ୍ରେଦୟାଦ୍ଦୃଷ୍ଟ୍ୱା ନିତ୍ୟଂ ବିଦ୍ୟାବିଳାସକୃତ୍ ।*

I S S          I S I

*ବ୍ରହ୍ମଶଙ୍କରତୋଂ ଯାତୁ ଭାରତେ ଶିକ୍ଷାମଣ୍ଡଳୀ ॥*

ସବୁପାଦରେ ପଞ୍ଚମ ବର୍ଣ୍ଣ ଲଘୁ, ଷଷ୍ଠ ବର୍ଣ୍ଣ ଗୁରୁ, ୧ମ ଓ ୩ୟରେ ୭ମ ବର୍ଣ୍ଣ ଗୁରୁ; ୨ୟ ଓ ୪ର୍ଥରେ ୭ମ ବର୍ଣ୍ଣ ଲଘୁ ।

## ୩. ଇନ୍ଦ୍ରବଜ୍ରା

ଲକ୍ଷଣ - *ଯତ୍ର ତ୍ରିକଂ ସପ୍ତମମାକ୍ଷରଂ ସ୍ୟାଦ୍*

*ହ୍ରସ୍ୱଂ ଚ ତୁର୍ଯେ ନବମଂ ଚ ତଦ୍ୱତ୍ ।*

*ମତ୍ୟା ବିଲଙ୍ଘିତବୃହସ୍ପତେ ହେ !*

*ତାମିନ୍ଦ୍ରବଜ୍ରାଂ ବ୍ରୁବତେ କବୀନ୍ଦ୍ରାଃ ॥*

ଅନ୍ୟଲକ୍ଷଣ - ସ୍ୟାଦିନ୍ଦ୍ରବଜ୍ରା ଯଦି ତୌ ଜଗୌ ଗଃ ।

ଅର୍ଥ - ନିଜ ବୁଦ୍ଧିଦ୍ୱାରା ବୃହସ୍ପତିଙ୍କୁ ମଧ୍ୟ ଲଙ୍ଘିତ କରିଥିବା ହେ ବୁଦ୍ଧିମାନ୍ !

ଯେଉଁଛନ୍ଦର ପ୍ରତିପାଦର ତୃତୀୟ, ଷଷ୍ଠ, ସପ୍ତମ ଏବଂ ନବମ ଅକ୍ଷର ଗୁଡ଼ିକ ଲଘୁ ଏବଂ ଅନ୍ୟ ଅକ୍ଷର ଗୁଡ଼ିକ ଗୁରୁ ହୋଇଥାନ୍ତି, ସେହି ଛନ୍ଦକୁ ଇନ୍ଦ୍ରବଜ୍ରା କୁହାଯାଏ ।

ଉଦାହରଣ - ଗୋଷ୍ଠେ ଗିରିଂ ସବ୍ୟକରେଣ ଧୃତ୍ୱା

ରୁଷ୍ଟେନ୍ଦ୍ରବଜ୍ରାହତି ମୁକ୍ତବୃଷ୍ଟୌ ।
ଯୋ ଗୋକୁଳଂ ଗୋପକୁଳଞ୍ଚ ସୁସ୍ଥଂ
ଚକ୍ରେ ସ ନୋ ରକ୍ଷତୁ ଚକ୍ରପାଣିଃ ।।

ପ୍ରତିପାଦ - ତ,ତ, ଜ, ଗ, ଗ, - SSI, SSI, ISI, S, S,

ପ୍ରତିପାଦରେ ୧୧ଟି ବର୍ଣ୍ଣଥାଏ ।

(ଗୋଷ୍ଠ - ଗୋଗୋଷ୍ଠ, ସବ୍ୟ, = ବାମ, ରୁଷ୍ଟ = କ୍ରୋଧାନ୍ୱିତ, ବଜ୍ର = ଇନ୍ଦ୍ରାୟୁଧ) ।

### ୪. ଉପେନ୍ଦ୍ରବଜ୍ରା

ଲକ୍ଷଣ - *ଯଦୀନ୍ଦ୍ରବଜ୍ରାଚରଣେଷୁ ପୂର୍ବେ*
*ଭବନ୍ତି ବର୍ଣ୍ଣାଃ ଲଘବଃ କଦାଚିତ୍ ।*
*କୃଶାଗ୍ରବୁଦ୍ଧେ ଚାନ୍ଦ୍ରମତେ ! ତଦୋକ୍ତା -*
*ମୁପେନ୍ଦ୍ରବଜ୍ରା କଥିତା କବୀନ୍ଦ୍ରୈଃ ।।*

ଅନ୍ୟଲକ୍ଷଣ - ଉପେନ୍ଦ୍ରବଜ୍ରା ଜତଜାସ୍ତତୋ ଗୌ ।

**ଅର୍ଥ** - ହେ କୃଶାଗ୍ରତୁଲ୍ୟ ତୀକ୍ଷ୍ଣବୁଦ୍ଧିଯୁକ୍ତ (ଛନ୍ଦୋଜ୍ଞାନାଭିଳାଷି) ! ଯଦି ଇନ୍ଦ୍ରବଜ୍ରା ଛନ୍ଦରେ ପ୍ରତିପାଦରେ ପ୍ରଥମ ଅକ୍ଷରଟି ହ୍ରସ୍ୱ ହୁଏ (ଅର୍ଥାତ୍ ଅନ୍ୟ ଅକ୍ଷର ଗୁଡ଼ିକ ଇନ୍ଦ୍ରବଜ୍ରାର ନିୟମାନୁସାରେ ରହେ) ତେବେ ତାହାକୁ ଉପେନ୍ଦ୍ରବଜ୍ରା ଛନ୍ଦ କୁହାଯାଏ ।

**ଉଦାହରଣ -** *ଉପେନ୍ଦ୍ର ! ବଜ୍ରାଦିମଣିଚ୍ଛଟାଭି-*
*ର୍ବିଭୂଷଣାନାଂ ଛୁରିତଂ ବପୁସ୍ତେ ।*
*ସ୍ମରାମି ଗୋପୀଭିରୁପାସ୍ୟମାନଂ*
*ସୁରଦ୍ରୁମୂଳେ ମଣିମଣ୍ଡପସ୍ଥମ୍ ।।*

ପ୍ରତିପାଦ - ଜ, ତ, ଜ, ଗ, ଗ = ISI, SSI, ISI, S, S
ପ୍ରତିପାଦରେ ୧୧ଟି ବର୍ଣ୍ଣରହେ ।
(ବଜ୍ର = ହୀରା, ସୁରଦ୍ରୁମ = କଦମ୍ବବୃକ୍ଷ, ଉପେନ୍ଦ୍ର = ଶ୍ରୀକୃଷ୍ଣ) ।

### ୪. ଉପଜାତିଃ

**ଲକ୍ଷଣ -** *ଯତ୍ର ଦ୍ୱୟୋରପ୍ୟନୟୋସ୍ତୁ ପାଦା -*
*ଭବନ୍ତି ସଦ୍‌ବୃତ୍ତଭୟୋଚିତାଙ୍ଗ !*
*ବିଦ୍ଭିରାଦୌ ପରିକୀର୍ତ୍ତିତା ସା*
*ପ୍ରଯୁଜ୍ୟତାମିତ୍ୟୁପଜାତିରେଷା ।।*

**ଅନ୍ୟଲକ୍ଷଣ -** *ଅନନ୍ତରୋଦୀରିତଲକ୍ଷ୍ମଭାଜୌ*
*ପାଦୌ ଯଦୀୟାବୁପଜାତୟସ୍ତାଃ ।*

**ଅର୍ଥ -** ହେ ଉରମଦ୍ୟବହାର ଯୁକ୍ତ ଅତିସୁନ୍ଦର ! ଯେଉଁ ଛନ୍ଦରେ ଇନ୍ଦ୍ରବଜ୍ରା ଏବଂ ଉପେନ୍ଦ୍ରବଜ୍ରା ଛନ୍ଦର ପାଦମାନଙ୍କର ମିଶ୍ରଣ ଘଟିଥାଏ ତାହାକୁ ଉପଜାତି କୁହାଯାଏ, ଅର୍ଥାତ୍ - ଉପଜାତିରେ ଇନ୍ଦ୍ରବଜ୍ରାର ଏକ ପାଦ ଏବଂ ଉପେନ୍ଦ୍ର ବଜ୍ରାର ଦୁଇ ପାଦ; ଅଥବା ଉପେନ୍ଦ୍ର ବଜ୍ରାର ଏକ ପାଦ ଏବଂ ଇନ୍ଦ୍ରବଜ୍ରାର ତିନି ପାଦ ରହିଲେ ମଧ୍ୟ ଉପଜାତି ଛନ୍ଦ କୁହାଯାଏ ।

**ଉଦାହରଣ -** *ଅସ୍ତାନ୍ତୁଭୋଟଂ ନୃରଯାନିବୃନ୍ଦ -*
*ଉରଙ୍ଗଦାବେନ ଚିନାତକୋତଃ ।*
*ରହସ୍ୟବୃତ୍ତବଙ୍ଗନିଶମ୍ଭୂର୍ବି*

*ସ୍ମରାମି ବାନୀରଗୃହେଷୁ ସୁପ୍ତଃ // (ରଘୁବଂଶ ୧୩ଶ ସର୍ଗ)*

ଉପଜାତିରେ ପ୍ରତି ପାଦରେ ୧୧ଟି ବର୍ଣ୍ଣ ଥାଏ । ଏହି ପଦ୍ୟରେ - ୧ମ ପାଦ - SS I SS I I S I SS = ଇନ୍ଦ୍ରବଜ୍ରା, ୩ୟ ପାଦ - ଇନ୍ଦ୍ରବଜ୍ରା ୨ୟ ଏବଂ ୪ର୍ଥ ପାଦ - IS I SS I I S I SS = ଉପେନ୍ଦ୍ରବଜ୍ରା ।

## ୬ .ବଂଶସ୍ଥମ୍

ଲକ୍ଷଣ - *ଉପେନ୍ଦ୍ରବଜ୍ରାଚରଣେଷୁ ସନ୍ତି ଚେ-*
*ଦୁପାନ୍ତ୍ୟବର୍ଣ୍ଣା ଲଘବଃ କୃତା ଯଦା ।*
*ସଦାନତିଭ୍ରାଜିତଭାଲତାରତେ !*
*ବଦନ୍ତି ବଂଶସ୍ଥମିଦଂ ବୁଧାସ୍ତଦା //*

**ଅନ୍ୟଲକ୍ଷଣ** - *ବଦନ୍ତି ବଂଶସ୍ଥବିଲଂ ଜତୌ ଜରୌ ।* (୫, ୭)

**ଅର୍ଥ** - ହେ ପ୍ରଣତିବିକସିତସରସ୍ୱତୀରତେ ! ଯଦି ଉପେନ୍ଦ୍ରବଜ୍ରାଛନ୍ଦର ପ୍ରତିପାଦର ଅନ୍ତିମବର୍ଣ୍ଣ (ବଂଶସ୍ଥଛନ୍ଦର ପ୍ରତିପାଦର ଉପାନ୍ତ୍ୟବର୍ଣ୍ଣଟି) ଲଘୁ ହୁଏ ତେବେ ତାହା ବଂଶସ୍ଥଛନ୍ଦ ହୋଇଥାଏ । (ଉପେନ୍ଦ୍ରବଜ୍ରାର ପ୍ରତିପାଦରେ ୧୧ଟି ଏବଂ ବଂଶସ୍ଥର ପ୍ରତିପାଦରେ ୧୨ଟି ବର୍ଣ୍ଣ ଥାଏ । ଏଣୁ ଉପେନ୍ଦ୍ରବଜ୍ରାଛନ୍ଦର ପ୍ରତିପାଦର ୧୧ଶ ଅକ୍ଷର ଗୁରୁ ହୋଇଥାଏ, ମାତ୍ର ବଂଶସ୍ଥ ଛନ୍ଦର ପ୍ରତିପାଦର ୧୧ଶ ବର୍ଣ୍ଣ ଲଘୁ ଏବଂ ଦ୍ୱାଦଶ ବର୍ଣ୍ଣ ଗୁରୁ ହୁଏ)

ଉଦାହରଣ - *ବିଧାୟ ବଂଶସ୍ଥବିଲଂ ମୁଖାନିଲୈ*
*ପ୍ରପୂର୍ଯ୍ୟ ଯା ପଞ୍ଚମରାଗମୁଦ୍ଗିରନ୍ ।*
*ବ୍ରଜାଙ୍ଗନାନାମପି ସଜ୍ଜତେତରାଂ*
*ଜହାର ମାନଂ ସ ହରିଃ ପୁନାତୁ ନଃ //*

ଏହି ପଦ୍ୟର ପ୍ରତିପାଦରେ ୧୨ଟି ଲେଖାଏଁ ବର୍ଣ୍ଣ ରହିଛି । ଉପେନ୍ଦ୍ର ବଜ୍ରାର ଲକ୍ଷଣ ୧୦ମ ବର୍ଣ୍ଣଯାଏ ଅବିକଳ ରହିଛି । ୧୧ଶ ବର୍ଣ୍ଣଟି ଲଘୁ ଏବଂ ଦ୍ୱାଦଶ ଅକ୍ଷରଟି ଗୁରୁ ହୋଇଛି ।

ପ୍ରତିପାଦ - ଜ, ତ, ଜ, ର - ISI, SSI, ISI, SIS

## ୭. ବସନ୍ତତିଳକ

ଲକ୍ଷଣ - *ଆଦ୍ୟଂ ଦ୍ୱିତୀୟମପି ଚେଦ୍ ଗୁରୁ ତଚ୍ଚତୁର୍ଥମ୍*
*ଯତ୍ରାଷ୍ଟମଞ୍ଚ ଦଶମାନ୍ତ୍ୟମୁପାନ୍ତ୍ୟମନ୍ତ୍ୟମ୍ ।*
*ଅଷ୍ଟାଭିରୁଜ୍ଜ୍ୱଳମତେ ! ବିରତିଶ୍ଚ ଷଡ୍ଭି-*
*ର୍ଦିଷ୍ଟା ବସନ୍ତତିଳକାଂ କିଲ ତାଂ ବଦନ୍ତି ।।*

ଅନ୍ୟଲକ୍ଷଣ - *ଉକ୍ତା ବସନ୍ତ ତିଳକା ତଭଜା ଜଗୌଗଃ* । (୮, ୬)

**ଅର୍ଥ** - ହେ ଉଜ୍ଜ୍ୱଳବୁଦ୍ଧିବିଶିଷ୍ଟ ! ଯେଉଁ ଛନ୍ଦର ପ୍ରତିପାଦର ପ୍ରଥମ, ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ, ଏକାଦଶ, ତ୍ରୟୋଦଶ, ଏବଂ ଚତୁର୍ଦ୍ଦଶ ଅକ୍ଷର ଗୁରୁ (ଏବଂ ଅନ୍ୟବର୍ଣ୍ଣଗୁଡ଼ିକ ଲଘୁ) ଏବଂ ଅଷ୍ଟମ ତଥା ଷଷ୍ଠ ବର୍ଣ୍ଣରେ ବିରତି/ ବିଶ୍ରାମ / ଯତିପାତ ହୁଏ; ତାହାକୁ ବସନ୍ତତିଳକା କୁହାଯାଏ ।

ଉଦାହରଣ - *ନିନ୍ଦନ୍ତୁ ନୀତିନିପୁଣାଃ ଯଦି ବା ସ୍ତୁବନ୍ତୁ*
*ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ ।*
*ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା*
*ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।।*

ଏହି ଛନ୍ଦରେ ପ୍ରତିପାଦରେ ୧୪ଟି ଅକ୍ଷର ଥାଏ (୮+୬) ।

ଏହାର ପ୍ରତିପାଦ -ତ, ଭ, ଜ, ଜ, ଗ, ଗ -SSI, SII, ISI, ISI, S, S

## ୮. ମାଳିନୀ

ଲକ୍ଷଣ - *ପ୍ରଥମମଲଘୁ ଷଟ୍କଂ ଚିତ୍ୟତେ ଯତ୍ର ବୃତ୍ତେ*
*ତଦନୁ ଚ ଦଶମଂ ଚେଦକ୍ଷରଂ ଦ୍ୱାଦଶାନ୍ତ୍ୟମ୍ ।*
*ଗିରିଭିରଥ ତୁରଙ୍ଗୈ ର୍ଯସ୍ୟ ନୂନଂ ବିରାମଃ*
*ସୁକବିଜନମନୋଜ୍ଞା ମାଳିନୀ ସା ପ୍ରସିଦ୍ଧା ।।*

**ଅନ୍ୟଲକ୍ଷଣ** - *ନନମୟୟଯୁତେୟଂ ମାଳିନୀ ଭୋଗିଲୋକୈଃ* । (୮, ୭)

**ଅର୍ଥ** - ଯେଉଁ ଛନ୍ଦର ପ୍ରତିପାଦରେ ପ୍ରଥମରୁ ଷଷ୍ଠ (୬ଟି), ଦଶମ ଏବଂ ତ୍ରୟୋଦଶ ବର୍ଣ୍ଣ ଲଘୁଥାଇ ଅନ୍ୟବର୍ଣ୍ଣ ଗୁଡ଼ିକ ଗୁରୁହୋଇଥାନ୍ତି ; ଅଷ୍ଟମ ଏବଂ ସପ୍ତମ ବର୍ଣ୍ଣରେ ବିରତି ବା ଯତିପାତ ହୁଏ; ତାହାକୁ ମାଳିନୀ କୁହାଯାଏ ।

**ଉଦାହରଣ** - *ଅସିତଗିରିସମଂ ସ୍ୟାତ୍ କଜ୍ଜଳଂ ସିନ୍ଧୁପାତ୍ରେ*
*ସୁରତରୁବରଶାଖା ଲେଖନୀ ପତ୍ରମୁର୍ବୀ ।*
*ଲିଖତି ଯଦି ଗୃହୀତ୍ୱା ଶାରଦା ସର୍ବକାଳମ୍*
*ତଦପି ତବ ଗୁଣାନାମୀଶ ! ପାରଂ ନ ଯାତି ॥*

ଏହାର ପ୍ରତିପାଦରେ ୧୫ଟି ବର୍ଣ୍ଣ ରହେ ।

ପ୍ରତିପାଦ ର ସ୍ୱରୂପ ଯଥା - ନ, ନ, ମ, ଯ, ଯ - III, III, SSS, ISS, ISS

(ଗିରି = ୮, ତୁରଙ୍ଗ = ୭, ଅସିତ = କୃଷ୍ଣ, ଉର୍ବୀ = ପୃଥିବୀ, ଶାରଦା = ସରସ୍ୱତୀ, ଈଶ = ଭଗବାନ୍) ।

## ୯. ଶିଖରିଣୀ

**ଲକ୍ଷଣ** - *ଯଦା ପୂର୍ବୋ ହ୍ରସ୍ୱୋ ଭବତି ମତିମାନ୍ ! ଷଷ୍ଠକପରା-*
*ସ୍ତତୋ ବର୍ଣ୍ଣାଃ ପଞ୍ଚ ପ୍ରକୃତିସରଳ ! ହ୍ରସ୍ୱ ଲଘବଃ ।*
*ତ୍ରୟୋଽନ୍ୟେ ତୋପାନ୍ତ୍ୟାଃ ସୁକବିଜନଚାଟୋକ୍ତିକରଣୀ*
*ରସୈଃ ରୁଦ୍ରୈର୍ଯସ୍ୟାଂ ଭବତି ବିରତିଃ ସା ଶିଖରିଣୀ ॥*

**ଅନ୍ୟଲକ୍ଷଣ** - *ରସୈଃ ରୁଦ୍ରୈଶ୍ଛିନ୍ନା ଯମନସଭଲାଗଃ ଶିଖରିଣୀ* (୬, ୧୧)

**ଅର୍ଥ** - ହେ ବୁଦ୍ଧିମାନ୍ ! ଯେଉଁ ଛନ୍ଦର ପ୍ରତିପାଦର ପ୍ରଥମ, ସପ୍ତମ, ଅଷ୍ଟମ, ନବମ, ଦଶମ, ଏକାଦଶ, ଚତୁର୍ଦ୍ଦଶ, ପଞ୍ଚଦଶ ତଥା ଷୋଡଶ ଅକ୍ଷର ଲଘୁ ଥାଇ ଅନ୍ୟବର୍ଣ୍ଣଗୁଡ଼ିକ ଗୁରୁ ହୋଇଥାନ୍ତି; ତଥା ଷଷ୍ଠଏବଂ ଏକାଦଶ ବର୍ଣ୍ଣରେ ଯତିପାତ ହୁଏ; ତାହାକୁ ଶିଖରିଣୀ କୁହାଯାଏ ।

ଉଦାହରଣ - *କଦାଚିତ୍ କାଳିନ୍ଦୀତଟବିପିନସଙ୍ଗୀତକବରୋ*

*ମୁଦାଭୀରୀନାରୀବଦନକମଲାସ୍ୱାଦମଧୁପଃ ।*

*ରମାଶମ୍ଭୁବ୍ରହ୍ମାମରପତିଗଣେଶାର୍ଚ୍ଚିତପଦୋ*

*ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।।*

ଏହି ଛନ୍ଦର ପ୍ରତିପାଦରେ ୧୭ଟି ଅକ୍ଷର ଥାଏ । ଏହାର ପ୍ରତିପାଦର ସ୍ୱରୂପ ଯଥା, -ଯ, ମ, ନ, ସ, ଭ, ଲ, ଗ - ISS, SSS, III, IIS, SII, IS

(ଲଘୁ = ୬, ଗୁରୁ =୧୧ । ଉଦାହରଣ ଶ୍ଳୋକଟି ଜଗନ୍ନାଥାଷ୍ଟକରୁ ଗୃହୀତ) ।

## ୧୦. ମନ୍ଦାକ୍ରାନ୍ତା

ଲକ୍ଷଣ - *ଚତ୍ୱାରଃ ପ୍ରାକ୍ ଯଦି ହି ଗୁରବୋ ଦ୍ୱୌ ଦଶୈକାଦଶୌ ଚେ-*

*ଚ୍ଛନ୍ଦୋଜ୍ଞାନପ୍ରସିତଧିଷଣେ ! ନୋଭଟଂ ଦ୍ୱାଦଶୌ ଚୌ ।*

*ତଦ୍ୱଚ୍ଚାନ୍ତ୍ୟୌ ଯୁଗ-ରସ-ହୟୈର୍ଯତ୍ର କାନ୍ତେ ବିରାମଃ*

*ମନ୍ଦାକ୍ରାନ୍ତାଂ ପ୍ରବରକବୟଃ ସାଧୁ ତାଂ ସଙ୍ଗିରନ୍ତେ ।।*

ଅନ୍ୟଲକ୍ଷଣ - *ମନ୍ଦାକ୍ରାନ୍ତା ଜଳଧି ଷଡ଼ଗୈର୍ମ୍ଭୌ ନତୌ ତାଦ୍ ଗୁରୁଚେତ୍*

(୪, ୧୦, ୧୭)

**ଅର୍ଥ** - ହେ ଛନ୍ଦୋଜ୍ଞାନରେ ତୀକ୍ଷ୍ଣବୁଦ୍ଧିବିଶିଷ୍ଟ ! ଯେଉଁ ଛନ୍ଦର ପ୍ରତିପାଦରେ ପ୍ରଥମ ଚାରିଗୋଟି, ଦଶମ, ଏକାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ, ଷୋଡ଼ଶ ଏବଂ ସପ୍ତଦଶ ଅକ୍ଷର ଗୁରୁ ହୋଇ ଅନ୍ୟବର୍ଣ୍ଣଗୁଡ଼ିକ ଲଘୁ ହୋଇଥାନ୍ତି; ତଥା ଚତୁର୍ଥ, ଦଶମ ଏବଂ ସପ୍ତଦଶ ବର୍ଣ୍ଣରେ ଯତିପାତ ହୁଏ; ତାହାକୁ ମନ୍ଦାକ୍ରାନ୍ତା କୁହାଯାଏ ।

ଉଦାହରଣ - *ଶାନ୍ତାକାରଂ ଭୁଜଗଶୟନଂ ପଦ୍ମନାଭଂ ସୁରେଶମ୍*
*ବିଶ୍ୱାଧାରଂ ଗଗନସଦୃଶଂ ମେଘବର୍ଣ୍ଣଂ ଶୁଭାଙ୍ଗମ୍ ।*
*ଲକ୍ଷ୍ମୀକାନ୍ତଂ କମଳନୟନଂ ଯୋଗିଭିର୍ଧ୍ୟାନଗମ୍ୟମ୍*
*ବନ୍ଦେ ବିଷ୍ଣୁଂ ଭବଭୟହରଂ ସର୍ବଲୋକୈକନାଥମ୍ ।।*

ଏହାର ପ୍ରତିପାଦରେ ୧୭ଟି ଅକ୍ଷର ରହେ ।

ପ୍ରତିପାଦର ସ୍ୱରୂପ, ଯଥା -ମ, ଭ, ନ, ତ, ତ, ଗ, ଗ - SSS, S||, |||, SS|, SS|, SS

(ଯୁଗ = ୪, ରସ = ୬, ହୟ = ୭, ଚତୁର୍ଥପରେ (୪+୬) ୧୦ମ, ତାପରେ (୧୦+୭) ୧୭ଶରେ ବିଶ୍ରାମ) ।

## ୧୧. ଶାର୍ଦ୍ଦୂଳବିକ୍ରୀଡିତମ୍

ଲକ୍ଷଣ - *ଆଦ୍ୟାଶ୍ଚେଦ୍ ଗୁରବସ୍ତ୍ରୟୋ ଯଦି ତତୋ ଷଷ୍ଠସ୍ତଥା ଚାଷ୍ଟମୋ*
*ତ୍ୟାଦେକାଦଶତସ୍ତ୍ରୟସ୍ତଦନୁ ନନ୍ୱଷ୍ଟାଦଶାଦ୍ୟୋନ୍ତିମୋ ।*
*ମାର୍ତ୍ତଣ୍ଡୈର୍ମୁନିଭିଶ୍ଚ ଯତ୍ର ବିରତିଶ୍ଛନ୍ଦୋଃନୁସନ୍ଧାନକୃତ୍ !*
*ତଦ୍‌ବୃତ୍ତଂ ପ୍ରବଦନ୍ତି କାବ୍ୟରସିକାଃ ଶାର୍ଦ୍ଦୂଳବିକ୍ରୀଡିତମ୍ ।।*

ଅନ୍ୟଲକ୍ଷଣ - *ସୂର୍ଯ୍ୟାଶ୍ୱୈର୍ଯଦିମଃ ସଜୌ ସତତଗାଃ ଶାର୍ଦ୍ଦୂଳବିକ୍ରୀଡିତମ୍*
(୧୨, ୧୯)

**ଅର୍ଥ** - ହେ ଛନ୍ଦଶାସ୍ତ୍ରାନୁସନ୍ଧାନକାରି ! ଯେଉଁ ଛନ୍ଦର ପ୍ରତିପାଦର ପ୍ରଥମ, ଦ୍ୱିତୀୟ, ତୃତୀୟ, ଷଷ୍ଠ, ଅଷ୍ଟମ, ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ, ଷୋଡଶ, ସପ୍ତଦଶ ଏବଂ ଅନ୍ତିମବର୍ଣ୍ଣ ଗୁରୁ ହୋଇ, ଅନ୍ୟବର୍ଣ୍ଣଗୁଡ଼ିକ ଲଘୁ ହୋଇଥାନ୍ତି; ଏବଂ ପ୍ରତିପାଦର ଦ୍ୱାଦଶ ଏବଂଅନ୍ତିମ ଅକ୍ଷର ରେ ଯତିପାତ ହୁଏ; ତାହାକୁ ଶାର୍ଦ୍ଦୂଳବିକ୍ରୀଡିତ ଛନ୍ଦ ବୋଲି କାବ୍ୟରସିକମାନେ କହନ୍ତି ।

ଉଦାହରଣମ୍ -

*ଯା କୁନ୍ଦେନ୍ଦୁତୁଷାରହାରଧବଳା ଯା ଶ୍ୱେତପଦ୍ମାସନା*
*ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶୁଭ୍ରବସ୍ତ୍ରାବୃତା ।*
*ଯା ବ୍ରହ୍ମାଚ୍ୟୁତଶଙ୍କରପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା*
*ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ।।*

ଏହି ଛନ୍ଦରେ ପ୍ରତିପଦରେ ୧୯ଟି ଅକ୍ଷର ଥାଏ । ଏହାର ସ୍ୱରୂପ, ଯଥା -
ମ,ସ,ଜ,ସ,ତ,ତ,ଗ - SSS, IIS, ISI, IIS, SSI,SSI, S
(ମାର୍ତ୍ତଣ୍ଡ = ଆଦିତ୍ୟ (ଦ୍ୱାଦଶ) = ୧୨, ମୁନି = ସପ୍ତର୍ଷି = ୭) ।

## ୧୨. ସ୍ରଗ୍ଧରା

ଲକ୍ଷଣ -

*ଚତ୍ୱାରୋ ଯତ୍ର ବର୍ଣ୍ଣାଃ ପ୍ରଥମମଲଘବଃ ଷଷ୍ଠକଃ ସପ୍ତମୋଽପି*
*ଦ୍ୱୌ ତଦ୍ୱତ୍ ଷୋଡଶାଦ୍ୟୌ ଶ୍ରୁତିଧରପଦଭୃତ୍ ! ଷୋଡଶାନ୍ତ୍ୟୌ ତଥାନ୍ତ୍ୟୌ !*
*ଛନ୍ଦଃଶାସ୍ତ୍ରାଭିଳାଷିନ୍ ! ମୁନି-ମୁନି-ମୁନିଭିର୍ଦୃଶ୍ୟତେ ଚେଦ୍ ବିରାମଃ*
*ଶିଷ୍ୟ ! ଭୂତେଷ୍ଟି ଚଚାଣ୍ଡୈଃ ଚଚେନିଗଦିତା ସ୍ରଗ୍ଧରା ସା ପ୍ରସିଦ୍ଧା ।।*

ଅନ୍ୟଲକ୍ଷଣ - *ମ୍ରଭ୍ନୈର୍ଯାନାଂ ତ୍ରୟେଣ, ତ୍ରିମୁନିଯତିଯୁତା ସ୍ରଗ୍ଧରା କୀର୍ତ୍ତିତେୟମ୍* - (୭, ୧୪, ୨୧)

**ଅର୍ଥ** - ହେ ଶ୍ରୁତିଧରମାର୍ଗାନୁସାରି ! ହେ ଛନ୍ଦଶାସ୍ତ୍ରାଭିଳାଷି ! ହେ ଶିଷ୍ୟ ! ଯେଉଁ ଛନ୍ଦର ପ୍ରତିପଦରେ ପ୍ରଥମ ଚାରିଗୋଟି ବର୍ଣ୍ଣ, ଷଷ୍ଠ, ସପ୍ତମ, ଚତୁର୍ଦ୍ଦଶ, ପଞ୍ଚଦଶ, ସପ୍ତଦଶ, ଅଷ୍ଟାଦଶ, ବିଂଶତି ଏବଂ ଏକବିଂଶତି ଅକ୍ଷର ଗୁରୁ / ଦୀର୍ଘ ହୋଇ, ଅନ୍ୟ ବର୍ଣ୍ଣଗୁଡିକ ଲଘୁ /ହ୍ରସ୍ୱ ହୋଇଥାନ୍ତି; ପ୍ରତିପାଦର ସପ୍ତମ, ଚତୁର୍ଦ୍ଦଶ ଏବଂ ଏକବିଂଶତି ଅକ୍ଷର ରେ ଯତିପାତ ବିରତି / ବିଶ୍ରାମ ହୁଏ ; ତାହାକୁ ସ୍ରଗ୍ଧରାଛନ୍ଦ କୁହାଯାଏ ।

ଉଦାହରଣ -

*ଯା ସୃଷ୍ଟିଃ ସ୍ରଷ୍ଟୁରାଦ୍ୟା ବହତି ବିଧିହୁତଂ ଯା ହବିର୍ଯା ଚ ହୋତ୍ରୀ*
*ଯେ ଦ୍ୱେ କାଳଂ ବିଧତ୍ତଃ ଶ୍ରୁତିବିଷୟଗୁଣା ଯା ସ୍ଥିତା ବ୍ୟାପ୍ୟ ବିଶ୍ୱମ୍ ।*
*ଯାମାହୁଃ ସର୍ବବୀଜପ୍ରକୃତିରିତି ଯୟା ପ୍ରାଣିନଃ ପ୍ରାଣବନ୍ତଃ*
*ପ୍ରତ୍ୟକ୍ଷାଭିଃ ପ୍ରପନ୍ନସ୍ତନୁଭିରବତୁ ବ ସ୍ତାଭିରଷ୍ଟାଭିରୀଶଃ ।।*

(ଅଭିଜ୍ଞାନଶାକୁନ୍ତଳମ୍) ।

ଏହି ଛନ୍ଦର ପ୍ରତିପାଦରେ ୨୧ଟି ବର୍ଣ୍ଣଥାଏ । ଏହାର ସ୍ୱରୂପ ଏହିପରି ଯଥା - ମ, ର, ଭ, ନ, ଯ, ଯ, ଯ - SSS, SIS, SII, III, ISS, ISS, ISS

(ମୁନି = (ସପ୍ତର୍ଷି) ୭, ମୁନି-ମୁନି-ମୁନିଭିଃ = ସପ୍ତମ,ଏହାପରେ (୭+୭=୧୪) ଚତୁର୍ଦ୍ଦଶ, ତାହାପରେ (୧୪+୭=୨୧) ଏକବିଂଶତି ଅକ୍ଷର / ବର୍ଣ୍ଣରେ ଯତିପାତ ହୁଏ) ।

ଉପସଂହାର - ପିଙ୍ଗଳ ମୁନିଙ୍କ ଦ୍ୱାରା ପ୍ରଣୀତ ତଥା ପ୍ରସାରିତ ଏହି ଛନ୍ଦଶାସ୍ତ୍ରରେ ଅନେକ ଛନ୍ଦମାନଙ୍କର ଲକ୍ଷଣ, ଉଦାହରଣ ତଥା ବ୍ୟବହାର ରହିଛି । ଏଠାରେ ଶିକ୍ଷାର୍ଥୀମାନଙ୍କପାଇଁ ଦିଗ୍‌ଦର୍ଶନନ୍ୟାୟରେ କେତୋଟିମାତ୍ର ଛନ୍ଦ ବିଷୟରେ ସୂଚନାପ୍ରଦାନ କରାଯାଇଛି । ଉପର୍ଯ୍ୟୁକ୍ତ ଛନ୍ଦଗୁଡିକର ବହୁଳବ୍ୟବହାର ଦୃଷ୍ଟହୁଏ ।

ଶ୍ରୁତବୋଧ, ବୃତ୍ତରତ୍ନାକର, ଛନ୍ଦୋମଞ୍ଜରୀ ପ୍ରଭୃତି ଗ୍ରନ୍ଥରୁ ଛନ୍ଦ ବିଷୟକ ଅଧିକ ତଥ୍ୟ ଜ୍ଞାତବ୍ୟ ।

***

# ୨୯ - ଅଳଂକାର ପ୍ରକରଣ

୧. ଶବ୍ଦାର୍ଥ - ଅଳଂକାରଃ = ଅଳମ୍ + କୃ + କରଣେ ଘଞ୍ ।

(କ) ଅଳଂକାର ଶବ୍ଦର ଅର୍ଥ ଭୂଷଣ, ଏହାର ପର୍ଯ୍ୟାୟବାଚୀ ଶବ୍ଦ ହେଉଛି - ଆଭରଣ, ବିଭୂଷଣ, ମଣ୍ଡନ ଏବଂ ପରିଷ୍କାର ।

(ଖ) ଅଳଂକ୍ରିୟତେ ଅନେନ ଇତି ଅଳଂକାରଃ । ଏହାଦ୍ୱାରା କାବ୍ୟ ଅଳଂକୃତ ହୁଏ; ତେଣୁ କାବ୍ୟର ଏହା ଏକ ପ୍ରମୁଖତତ୍ତ୍ୱ । ସେଥିପାଇଁ ଉପମା ପ୍ରଭୃତିକୁ କାବ୍ୟର ଅଳଂକାର ବୋଲି କୁହାଯାଏ ।

ଇଂରାଜୀରେ ଏହାକୁ figures of speech ଏବଂ ଏହି ଶାସ୍ତ୍ରକୁ Rhetorics କହନ୍ତି ।

୨. ଲକ୍ଷଣ - ବୈଚିତ୍ର୍ୟମଳଂକାର ଇତି ଅଳଂକାରସାମାନ୍ୟଲକ୍ଷଣମ୍ ।

(କ) ଭରତଃ - *"ଅଳଂକାରୈର୍ଗୁଣୈଶ୍ଚୈବ ବହୁଭିଃ ସମଳଂକୃତମ୍ /*
*ଭୂଷଣୈରିବ ଚିତ୍ରାର୍ଥୈସ୍ତଦ୍ ଭୂଷଣମିତି ସ୍ମୃତମ୍" //*
*(ନାଟ୍ୟଶାସ୍ତ୍ରମ୍)*

*ଅଳଂକାରଃ ଦେହସ୍ୟ ଯଥା କୁଣ୍ଡଳାଦିଃ ତଦ୍ୱତ୍ ଶବ୍ଦାର୍ଥୟୋଃ (କାବ୍ୟସ୍ୟ) ଭୂଷଣଭୂତଃ ।*

(ଖ) ଦଣ୍ଡୀ - *"କାବ୍ୟଶୋଭାକରଧର୍ମଃ" / (କାବ୍ୟାଦର୍ଶଃ)*

(ଗ) ବିଶ୍ୱନାଥଃ - *"ଶବ୍ଦାର୍ଥୟୋରସ୍ଥିରା ଯେ ଧର୍ମାଃ ଶୋଭାତିଶାୟିନଃ /*
*ରସାଦୀନୁପକୁର୍ବନ୍ତୋଽଳଂକାରାସ୍ତେଽଙ୍ଗଦାଦିବତ୍" //*
*(ସାହିତ୍ୟଦର୍ପଣ)*

(ଘ) ଜଗନ୍ନାଥଃ - *"କାବ୍ୟାତ୍ମନୋ ବ୍ୟଙ୍ଗ୍ୟସ୍ୟ ରମଣୀୟତାପ୍ରୟୋଜକାଃ ଅଳଂକାରାଃ" // (ରସଗଙ୍ଗାଧରଃ) ।*

(ଡ) *"ଉତ୍କର୍ଷବଃ ଗୁଣାଃ ପ୍ରୋକ୍ତାଃ ଗୁଣାଲଂକାରରୀତୟଃ ।*

*ଅଳଂକାରାଃ କଟକକୁଣ୍ଡଳାଦିବତ୍" // (ଭଗମୃତନେଣଃ) ।*

ଅଳଂକାରର ଏହିପରି ବହୁଲକ୍ଷଣ ପରିଦୃଷ୍ଟ ହୁଏ । ଉପର୍ଯ୍ୟୁକ୍ତ ଲକ୍ଷଣ ଗୁଡ଼ିକରୁ ଏହା ସ୍ପଷ୍ଟ ଯେ - ଯେପରି ଅଳଙ୍କାର ଗୁଡ଼ିକ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି, ସେହିପରି ଭାବରେ ଅନୁପ୍ରାସ, ଯମକ, ଉପମା, ରୂପକାଦି ଅଳଙ୍କାରଗୁଡ଼ିକ କାବ୍ୟର ସୌନ୍ଦର୍ଯ୍ୟବର୍ଦ୍ଧନ କରିବାରେ ସହାୟକ ହୋଇଥାନ୍ତି ।

୩. ପ୍ରକାରଭେଦ

ସାଧାରଣତଃ କାବ୍ୟାଳଂକାର ଦ୍ୱିବିଧ - (କ) ଶବ୍ଦାଳଂକାର ଏବଂ (ଖ) ଅର୍ଥାଳଂକାର ।

**(କ) ଶବ୍ଦାଳଂକାର** - ଶବ୍ଦର ଆଧାରରେ ହୋଇଥିବା ଅଳଙ୍କାର Figure of Speech pertaining to words, ଶବ୍ଦପରିବୃତ୍ତ୍ୟସହ - ଅର୍ଥାତ୍ ଶବ୍ଦର ପରିବର୍ତ୍ତନକୁ ସହିପାରେ ନାହିଁ । ଯଥା - ଅନୁପ୍ରାସ (Aliteration) ପ୍ରଭୃତି ।

**(ଖ) ଅର୍ଥାଳଂକାର** - ଅର୍ଥର ଆଧାରରେ ହୋଇଥିବା ଅଳଙ୍କାର Figure of Speech pertaining to imports, ଶବ୍ଦପରିବୃତ୍ତିସହ - ଅର୍ଥାତ୍ କୌଣସି ବିଶେଷଶବ୍ଦକୁ ପରିବର୍ତ୍ତନ କରି ସେହି ସ୍ଥାନରେ ତତ୍ପର୍ଯ୍ୟାୟବାଚକ ଅନ୍ୟ ଶବ୍ଦର ବ୍ୟବହାର କଲେ ମଧ୍ୟ ଅଳଂକାରର ସ୍ଥିତି ଅକ୍ଷୁଣ୍ଣ ରହେ । ଯଥା - ଉପମା (Simile) ପ୍ରଭୃତି ।

ପୁନରୁକ୍ତବଦାଭାସ ପରି ଅଳଂକାର ଶବ୍ଦ ଓ ଅର୍ଥ ଉପରେ ଆଶ୍ରିତ; ଏଣୁ ତାହା "ଶବ୍ଦାର୍ଥାଳଂକାର ବା ଉଭୟାଳଂକାର" ଅଟେ ।

ଏଠାରେ ବିଶେଷଭାବରେ ଉତ୍କଳୀୟ ଆଳଂକାରିକ ବିଶ୍ୱନାଥ କବିରାଜପ୍ରଣୀତ ସାହିତ୍ୟଦର୍ପଣ ଗ୍ରନ୍ଥର ୧୦ମ ପରିଚ୍ଛେଦରୁ କେତେକ ପ୍ରମୁଖ ଅଳଂକାରର ଲକ୍ଷଣ-ଉଦାହରଣାଦି ଉପସ୍ଥାପିତ ହୋଇଅଛି । କିନ୍ତୁ ସେମାନଙ୍କର ଭେଦଗୁଡ଼ିକ ପ୍ରଦତ୍ତ ହୋଇନାହିଁ ।

## ଅନୁପ୍ରାସଃ

**ଲକ୍ଷଣ** - ଅନୁପ୍ରାସଃ ଶବ୍ଦସାମ୍ୟଂ ବୈଷମ୍ୟେଽପି ସ୍ୱରସ୍ୟ ଯତ୍ ।

**ଅର୍ଥ** - (କୌଣସି ପଦ୍ୟର ଶବ୍ଦରେ) ସ୍ୱରବର୍ଣ୍ଣର ସାଦୃଶ୍ୟ ନ ଥିଲେ ମଧ୍ୟ ଯଦି ବ୍ୟଞ୍ଜନବର୍ଣ୍ଣର ସମାନତା ରହିଥାଏ; ତେବେ ତାହାକୁ ଅନୁପ୍ରାସ ଅଳଂକାର ବୋଲି କୁହାଯାଏ । (ଶବ୍ଦସାମ୍ୟ = ବ୍ୟଞ୍ଜନସାମ୍ୟ) ।

**ଉଦାହରଣ** - *ଆଦାୟ ବକୁଳଗନ୍ଧାନନ୍ଧୀକୁର୍ବନ୍ ପଦେ ପଦେ ଭ୍ରମରାନ୍ /*
*ଅୟମେତି ମନ୍ଦମନ୍ଦଂ କାବେରୀବାରିପାବନଃ ପବନଃ //*

**ଅର୍ଥ** - ବକୁଳକୁସୁମର ସୌରଭକୁ ଗ୍ରହଣ କରି (ସୁବାସିତ), ପ୍ରତିସ୍ଥଳରେ ଭ୍ରମରମାନଙ୍କୁ ଉନ୍ମତ୍ତ କରି, କାବେରୀ ନଦୀର ଜଳସଂସ୍ପର୍ଶରେ ଆସିଥିବା ପବିତ୍ରକାରୀ (ସୁଶୀତଳ) ପବନ ମୃଦୁମନ୍ଦ ଗତିରେ ପ୍ରବାହିତ ହେଉଅଛି ।

**ସମନ୍ୱୟ** - ଏହି ପଦ୍ୟ ବିଶ୍ୱନାଥକବିରାଜଙ୍କ ପିତାଙ୍କର ଉକ୍ତି । ଏଥିରେ - ଗନ୍ଧାନ୍ - ଅନ୍ଧୀ ରେ 'ନ୍' ଓ 'ଧ୍', କାବେରୀ-ବାରି ରେ 'ବ' ଓ 'ର' ପାବନଃ-ପବନଃ ରେ 'ପ୍'-'ବ୍'-'ନ୍'- ଏହି ବ୍ୟଞ୍ଜନବର୍ଣ୍ଣଗୁଡିକର ସାଦୃଶ୍ୟ ରହିଛି ଏବଂ ସ୍ୱରବର୍ଣ୍ଣଗୁଡିକର ବିଷମତା ରହିଛି । ଏଣୁ ଏହା ଅନୁପ୍ରାସ ଅଳଂକାର ଅଟେ ।

## ଯମକମ୍

**ଲକ୍ଷଣ** - *ସତ୍ୟର୍ଥେ ପୃଥଗର୍ଥାୟାଃ ସ୍ୱର-ବ୍ୟଞ୍ଜନ-ସଂହତେଃ /*
*କ୍ରମେଣ ତେନୈବାବୃତ୍ତିର୍ଯମକଂ ବିନିଗଦ୍ୟତେ //*

**ଅର୍ଥ** - ଏକପ୍ରକାର ଅର୍ଥ (ସମାନଅର୍ଥ) ଅଥବା ବିଭିନ୍ନ ପ୍ରକାର ଅର୍ଥକୁ ପ୍ରକାଶ କରୁଥିବା ସ୍ୱର ତଥା ବ୍ୟଞ୍ଜନବର୍ଣ୍ଣସମୂହର (ସାର୍ଥକ ବା ନିରର୍ଥକ ଶବ୍ଦର) ଠିକ୍ ସେହିକ୍ରମରେ ଆବୃତ୍ତିକୁ ଯମକ ଅଳଂକାର କୁହାଯାଏ ।

ଉଦାହରଣ -

*ନବପଲାଶପଲାଶବନଂ ପୁରଃ ସ୍ଫୁଟପରାଗପରାଗତପଙ୍କଜମ୍ /*

*ମୃଦୁଲତାନ୍ତଲତାନ୍ତମଲୋକୟତ୍ ସ ସୁରଭିଂ ସୁରଭିଂ ସୁମନୋଭରୈଃ //*

ଅର୍ଥ - ଏହି ପଦ୍ୟ ମାଘକୃତଶିଶୁପାଳବଧ - ଷଷ୍ଠସର୍ଗ ଅନ୍ତର୍ଗତ ବସନ୍ତ ବର୍ଣ୍ଣନାରୁ ଉଦ୍ଧୃତ । ସେ (ଭଗବାନ ଶ୍ରୀକୃଷ୍ଣ) ନିଜସମ୍ମୁଖରେ ନବୀନପଲ୍ଲବଯୁକ୍ତ ପଲାଶ ବନ ଶୋଭିତ, ବିକଶିତ ପରାଗପରିବ୍ୟାପ୍ତ ପଦ୍ମ ବିମଣ୍ଡିତ, ମୃଦୁ ତଥା ଆତପ-ମ୍ଳାନ ଲତାଗ୍ରଭାଗସଂଯୁକ୍ତ, କୁସୁମଗୁଡ଼ିକର ପ୍ରଚୁରତା ହେତୁ ସୌରଭମୟ ବସନ୍ତକୁ ଦର୍ଶନ କଲେ ।

ସମନ୍ୱୟ - ଏଠାରେ 'ପଲାଶ', 'ପରାଗ', 'ଲତାନ୍ତ' ଏବଂ 'ସୁରଭି' ଶବ୍ଦର ସେହିକ୍ରମରେ (ଯଥା - ପ୍+ଅ+ଲ୍+ଆ+ଶ୍+ଅ) ପୁନରାବୃତ୍ତି ଘଟିଥିବାରୁ ଏହା ଯମକାଳଙ୍କାର ।

ପ୍ରଥମ ପଲାଶ ଶବ୍ଦର ଅର୍ଥ ପଲ୍ଲବ ଏବଂ ଦ୍ୱିତୀୟ ପଲାଶର ଅର୍ଥ ପଲାଶବୃକ୍ଷ । ସୁରଭିଂ ସୁରଭିମ୍ - ଏହା ମଧ୍ୟ ସେହି କ୍ରମରେ ଆବୃତ୍ତ । ଏଠାରେ 'ପଲାଶ ଓ ସୁରଭିମ୍' ର ଆବୃତ୍ତି ସାର୍ଥକ । 'ପରାଗ - ପରାଗତ' - ଏଠାରେ ପରାଗ ଅର୍ଥାତ୍ ରେଣୁ, ପରାଗତ ଅର୍ଥାତ୍ ବ୍ୟାପ୍ତ ଦ୍ୱିତୀୟ ପରାଗତରେ ଥିବା ପରାଗ ନିରର୍ଥକ । 'ଲତାନ୍ତ'ରେ ଗୋଟିଏ 'ଲତାନ୍ତ' ର ଅର୍ଥ ଲତାର ପ୍ରାନ୍ତଭାଗ, ଅନ୍ୟଟି ମୃଦୁଲ-ତାନ୍ତ ହେତୁ ନିରର୍ଥକ ।

### ଶ୍ଳେଷଃ

ଲକ୍ଷଣ - ଶ୍ଳିଷ୍ଟୈଃ ପଦୈରନେକାର୍ଥାଭିଧାନେ ଶ୍ଳେଷ ଇଷ୍ୟତେ ।

ଅର୍ଥ - ଯେଉଁଠାରେ ଶ୍ଳିଷ୍ଟପଦ (ଏକାଧିକ ଅର୍ଥଥିବା ପଦ) ର ବ୍ୟବହାର କରାଯାଇ ଅନେକ ଅର୍ଥ ଅଭିହିତ (କଥିତ) ହୁଏ; ସେଠାରେ ଶ୍ଳେଷ ଅଳଂକାର ହୋଇଥାଏ ।

ଉଦାହରଣ -

*ପ୍ରତିକୂଳତାମୁପଗତେ ହି ବିଧୌ ବିଫଳତ୍ୱମେତି ବହୁସାଧନତା ।*
*ଅବଲମ୍ବନାୟ ଦିନଭର୍ତ୍ତୁରଭୂନ୍ ନ ପତିଷ୍ୟତଃ କରସହସ୍ରମପି ॥*

**ଅର୍ଥ** - ବିଧୁ ଅର୍ଥାତ୍ ଚନ୍ଦ୍ର ଅଥବା ବିଧି ଅର୍ଥାତ୍ ଦୈବ ପ୍ରତିକୂଳ ହେଲେ ସମସ୍ତ ପ୍ରକାର ସାଧନ ବିଫଳ ହୋଇଥାଏ । ଅସ୍ତଗାମୀ ପତନଶୀଳ ସୂର୍ଯ୍ୟଙ୍କର ସହସ୍ର କିରଣ ଅଥବା ସହସ୍ର ହସ୍ତ ତାଙ୍କୁ (ଆକାଶରେ) ଧାରଣ କରି ରଖିବା ପାଇଁ ସମର୍ଥ ହେଲାନାହିଁ ।

**ସମନ୍ୱୟ** - ଏହି ପଦ୍ୟ ମାଘଙ୍କର ଶିଶୁପାଳବଧମ୍ ର ନବମସର୍ଗରୁ ଉଦ୍ଧୃତ । ଏଠାରେ 'ବିଧୌ' ଏକ ଶ୍ଳିଷ୍ଟପଦ । ବିଧି ଏବଂ ବିଧୁ - ଏହି ୨ଟି ଶବ୍ଦର ୭ମୀ ବିଭକ୍ତି ଏକବଚନରେ 'ବିଧୌ'ରୂପ ହୋଇଥାଏ । ବିଧିଃ = ଦୈବମ୍, ବିଧୁଃ = ଚନ୍ଦ୍ରଃ । ସେହିପରି, 'କର' ଏକ ଶ୍ଳିଷ୍ଟପଦ, 'କର'ର ଅର୍ଥ ହସ୍ତ ଏବଂ କିରଣ, ଏଣୁ ଏଠାରେ ଶ୍ଳେଷାଳଂକାର ହୋଇଅଛି ।

## ଉପମା

ଲକ୍ଷଣ - *ସାମ୍ୟଂ ବାଚ୍ୟମବୈଧର୍ମ୍ୟଂ ବାକ୍ୟୈକ୍ୟ ଉପମା ଦ୍ୱୟୋଃ ।*

**ଅର୍ଥ** - ଗୋଟିଏ ବାକ୍ୟରେ ଉପମେୟ ଏବଂ ଉପମାନ-ରୂପ ବସ୍ତୁଦ୍ୱୟଟିର ବୈଧର୍ମ୍ୟବିହୀନ ସାମ୍ୟ (ସାଦୃଶ୍ୟ) ବାଚ୍ୟ (ଅଭିହିତ) ହେଲେ ଉପମା ଅଳଂକାର ହୋଇଥାଏ ।

ଉଦାହରଣ -

*ଜଗଜ୍ଜୟଂ ତେନ ଚ କୋଶମକ୍ଷୟଂ ପ୍ରଣୀତବାନ୍ ଶୈଶବଶେଷବାନୟମ୍ ।*
*ସଖା ରତୀଶସ୍ୟ ଋତୁର୍ଯଥା ବନଂ ବପୁସ୍ତଥାଲିଙ୍ଗଦଥାସ୍ୟ ଯୌବନମ୍ ॥*

ରାଜା ନଳ ଶୈଶବକୁ ଶେଷକରି (ଅତିକ୍ରମକରି) ଯୌବନ ପୂର୍ବରୁ ଜଗତ ଜୟ କରି ନିଜ ଭଣ୍ଡାର ଧନପୂର୍ଣ୍ଣ କରିଦେଲେ । କନ୍ଦର୍ପର ମିତ୍ର ବସନ୍ତ ଋତୁ ବନକୁ ଆଲିଙ୍ଗନ କଲାପରି ଯୌବନ ନଳଙ୍କ ଶରୀରକୁ ଆଲିଙ୍ଗନ କଲା ।

**ସମନ୍ୱୟ** - ଏହି ପଦ୍ୟରେ ଯୌବନ = ଉପମେୟ । ବସନ୍ତଋତୁ = ଉପମାନ । ଉପମାବାଚକ ଶବ୍ଦ = ଯଥା । ବସନ୍ତ ସହ ଯୌବନର ସାଦୃଶ୍ୟ, ଆଲିଙ୍ଗନ କରିବା ସମାନ ଧର୍ମ ।

ଏଥିରେ ବୈଧର୍ମ୍ୟର ଉଲ୍ଲେଖ ନାହିଁ, ଅପର ପକ୍ଷେ ସାମ୍ୟ ବାଚ୍ୟ ହୋଇଥିବାରୁ ଓ ଉକ୍ତ ଧର୍ମସବୁ ଏକତ୍ର ଥିବାରୁ ଉପମାଳଂକାର ହୋଇଅଛି । ସବୁଧର୍ମ ଥିବାରୁ ଏହା ପୂର୍ଣ୍ଣୋପମା । ଉପମେୟ - ବର୍ଣ୍ଣନୀୟବସ୍ତୁ, ଉପମାନ - ପ୍ରସିଦ୍ଧ ବସ୍ତୁ, ଯଥା-ଇବ ଆଦି-ଉପମାବାଚକ ଶବ୍ଦ, ଉଭୟ ମଧ୍ୟରେ ସାଧାରଣଧର୍ମ, ଏସବୁ ଏକତ୍ର ଥିଲେ ପୂର୍ଣ୍ଣୋପମା ।

**ଦ୍ରଷ୍ଟବ୍ୟ** : ଯାହାର ତୁଳନା କରାଯାଏ ତାହା ଉପମେୟ; ଯଥା - ମୁଖ ଏବଂ ଯେଉଁ ପ୍ରସିଦ୍ଧ ବସ୍ତୁସହ ତୁଳନା କରାଯାଏ ତାହା ଉପମାନ; ଯଥା - ଚନ୍ଦ୍ର ।

## ରୂପକମ୍

**ଲକ୍ଷଣ** - *ରୂପକଂ ରୂପିତାରୋପାଦ୍‌ବିଷୟେ ନିରପହ୍ନବେ ।*

**ଅର୍ଥ** - ବିଷୟ ଅଥବା ଉପମେୟ ଅଗୋପିତ (ଅନାଚ୍ଛାଦିତ) ଥାଇ ତାହା ଉପରେ ଉପମାନ ର ଆରୋପ ହେଲେ ରୂପକ ଅଳଂକାର ହୁଏ ।

**ଉଦାହରଣ** - *ଆହବେ,ଜଗଦୁଦ୍ଦଣ୍ଡ! ରାଜମଣ୍ଡଳ-ରାହବେ ।*

*ଶ୍ରୀନୃସିଂହମହୀପାଳ! ସ୍ୱସ୍ତ୍ୟସ୍ତୁ ତବ ବାହବେ ।।*

**ଅର୍ଥ** - ହେ ପରାକ୍ରମୀ ନରସିଂହଦେବ ମହାରାଜ! ଯୁଦ୍ଧରେ ଶତ୍ରୁପକ୍ଷର ରାଜମଣ୍ଡଳରୂପୀ ରାଜମଣ୍ଡଳ (ଚନ୍ଦ୍ରମଣ୍ଡଳ) ପାଇଁ ଆପଣଙ୍କର ବାହୁରୂପକ ରାହୁର ମଙ୍ଗଳ ହେଉ ।

**ସମନ୍ୱୟ** - ଏଠାରେ 'ରାଜମଣ୍ଡଳ' = ଶ୍ଳିଷ୍ଟପଦ, ଏହାର ଦୁଇଅର୍ଥ ୧. ରାଜସମୂହ ୨. ଚନ୍ଦ୍ରମଣ୍ଡଳ, ଶତ୍ରୁ ରାଜସମୂହ = ଉପମେୟ, ଚନ୍ଦ୍ରମଣ୍ଡଳ = ଉପମାନ, ବାହୁ = ଉପମେୟ, ରାହୁ = ଉପମାନ, ଉପମେୟ ଠାରେ ଉପମାନର ଆରୋପ ବା ଅଭେଦକଳ୍ପନା ହେବ ରୂପକାଳଂକାର ।

## ଅପହ୍ନୁତିଃ

**ଲକ୍ଷଣ** - *ପ୍ରକୃତଂ ପ୍ରତିଷିଧ୍ୟାନ୍ୟସ୍ଥାପନଂ ସ୍ୟାଦପହ୍ନୁତିଃ ।*

**ଅର୍ଥ** - ପ୍ରକୃତ (ଉପମେୟ)କୁ ନିଷେଧ କରି ତାହା ଉପରେ ଯଦି ଅପ୍ରକୃତ (ଉପମାନ)କୁ ସ୍ଥାପନ କରାଯାଏ, ତାହାହେଲେ ଅପହ୍ନୁତି ଅଳଂକାର ହୁଏ ।

(ଉପମେୟକୁ ପ୍ରକୃତ, ପ୍ରାକରଣିକ, ବିଷୟ, ପ୍ରସ୍ତୁତ ପ୍ରଭୃତି ଶବ୍ଦରେ ଏବଂ ଉପମାନକୁ ଅପ୍ରକୃତ, ଅପ୍ରାକରଣିକ, ବିଷୟୀ, ଅପ୍ରସ୍ତୁତ ପ୍ରଭୃତି ଶବ୍ଦରେ ବ୍ୟବହାର କରାଯାଏ ।)

**ଉଦାହରଣ** -

*ନେଦଂ ନଭୋମଣ୍ଡଳମମ୍ବୁରାଶି -*
*ର୍ନୈତାଶ୍ଚ ତାରା ନବଫେନଭଙ୍ଗାଃ ।*
*ନାୟଂ ଶଶୀ କୁଣ୍ଡଳିତଃ ଫଣୀନ୍ଦ୍ରୋ*
*ନାସୌ କଳଙ୍କଃ ଶୟିତୋ ମୁରାରିଃ ॥*

**ଅର୍ଥ** - ଏହା ଆକାଶ ମଣ୍ଡଳ ନୁହେଁ, ସାଗର ଅଟେ । ଏଗୁଡିକ ତାରକା ନୁହନ୍ତି, ନୂତନଫେନଖଣ୍ଡ ଅଟନ୍ତି । ଏହା ଚନ୍ଦ୍ର ନୁହେଁ, କୁଣ୍ଡଳାକୃତି ଅନନ୍ତ ନାଗ । ଏହା (ଚନ୍ଦ୍ରର) କଳଙ୍କ ନୁହେଁ, ଶୟିତ ବିଷ୍ଣୁ ଅଟନ୍ତି ।

**ସମନ୍ୱୟ** - ଉପମେୟ - ଆକାଶ, ତାରକା, ଚନ୍ଦ୍ର ଏବଂ କଳଙ୍କ କୁ ନିଷେଧ କରି, ଉପମାନ - ସାଗର, ଫେନଖଣ୍ଡ, କୁଣ୍ଡଳିତ ଶେଷନାଗ ଏବଂ ଶୟନକରିଥିବା ବିଷ୍ଣୁଙ୍କର ଆରୋପ ବା ସ୍ଥାପନ କରାଯାଇଥିବାରୁ ଏଠାରେ ଅପହ୍ନୁତି ଅଳଂକାର ହୋଇଅଛି ।

## ଉତ୍ପ୍ରେକ୍ଷା

**ଲକ୍ଷଣ** - ଭବେତ୍ ସମ୍ଭାବନୋତ୍ପ୍ରେକ୍ଷା ପ୍ରକୃତସ୍ୟ ପରାତ୍ମନା ।

**ଅର୍ଥ** - ପ୍ରକୃତ (ଉପମେୟ)କୁ ପର (ଉପମାନ) ଭାବରେ ସମ୍ଭାବନା କରାଗଲେ ଉତ୍ପ୍ରେକ୍ଷା ଅଳଂକାର ହୁଏ ।

ଉଦାହରଣ - *ତନୁଦୀଧିତିଧାରୟା ରୟାଦ୍*

*ଗତୟା ଲୋକବିଲୋକନାମସୌ ।*

*ଉଦହେମକଷନ୍ନିବାଲସତ୍*

*କଷପାଷାଣନିଭେ ନଭସ୍ତଳେ ।।*

**ଅର୍ଥ** - ସେହି ହଂସ ଦ୍ରୁତ ଗତିରେ ଉଡ଼ିଯିବାରୁ କଷଟିପଥର ସଦୃଶ ଶ୍ୟାମବର୍ଣ୍ଣ ଆକାଶରେ ଭଲ ମନ୍ଦ ପରୀକ୍ଷା ସକାଶେ ନିଜର ତେଜଦ୍ୱାରା ପକ୍ଷ ଘଷିଲାପରି ଦେଖାଗଲା ।

**ସମନ୍ୱୟ** - ଏଠାରେ ପ୍ରକୃତ ତନୁଧାରାକୁ ବେଗବଶରୁ ଅପ୍ରକୃତ ସୁବର୍ଣ୍ଣକଷଣ ରେଖାତ୍ୱ ରୂପରେ ତର୍କଣା ବା ସମ୍ଭାବନା କରାଯିବାରୁ ଉତ୍ପ୍ରେକ୍ଷାଳଙ୍କାର ହେଲା ।

## ଦୃଷ୍ଟାନ୍ତଃ

ଲକ୍ଷଣ - *ଦୃଷ୍ଟାନ୍ତସ୍ତୁ ସଧର୍ମସ୍ୟ ବସ୍ତୁନଃ ପ୍ରତିବିମ୍ବନମ୍ ।*

**ଅର୍ଥ** - ସମାନଧର୍ମଯୁକ୍ତ ଉପମେୟ ଏବଂ ଉପମାନର ବିମ୍ବ - ପ୍ରତିବିମ୍ବଭାବ (ସାଦୃଶ୍ୟ) ପ୍ରତୀତ ହେଲେ ଦୃଷ୍ଟାନ୍ତ ଅଳଂକାର ହୋଇଥାଏ ।

ଉଦାହରଣ -

*ଅବିଦିତଗୁଣାପି ସତ୍କବିଭଣିତିଃ କର୍ଣ୍ଣେଷୁ ବମତି ମଧୁଧାରାମ୍ ।*

*ଅନଧିଗତପରିମଳାପି ହି ହରତି ଦୃଶଂ ମାଳତୀମାଳା ।।*

**ଅର୍ଥ** - ଉତ୍ତମ କବିଙ୍କର ରଚନା, ଯାହାର ଗୁଣ (କାବ୍ୟଗୁଣ) କୁ ପାଠକ / ଶ୍ରୋତା ଜାଣିନାହାନ୍ତି; ତଥାପି ତାହା କର୍ଣ୍ଣରେ ମଧୁଧାରା ବର୍ଷଣ କରେ । ମାଳତୀମାଳାର ସୁଗନ୍ଧକୁ (ଦୂରରୁ ଦେଖୁଥିବା) ଦର୍ଶକ ଆଘ୍ରାଣ କରି ନ ପାରିଲେ ମଧ୍ୟ ତାହା ନୟନ ଆକର୍ଷକ ହୋଇଥାଏ ।

**ସମନ୍ୱୟ** - ଏହି ପଦ୍ୟ ସୁବନ୍ଧୁଙ୍କର ବାସବଦତ୍ତାରୁ ଉଦ୍ଧୃତ । ଏଠାରେ ସତ୍କବିଭଣିତିଃ = ଉପମେୟ ଏବଂ ମାଳତୀମାଳା = ଉପମାନ ।

ଉପମେୟର ଧର୍ମ - ମଧୁଧାରା ବର୍ଷଣ ଏବଂ ଉପମାନର ଧର୍ମ - ନୟନହରଣ ମଧ୍ୟରେ ବିମ୍ବପ୍ରତିବିମ୍ବଭାବ ପ୍ରତୀତ ହେଉଥିବାରୁ ଦୃଷ୍ଟାନ୍ତ ଅଳଂକାର ହୋଇଅଛି ।

## ବ୍ୟତିରେକଃ

**ଲକ୍ଷଣ** - *ଆଧିକ୍ୟମୁପମେୟସ୍ୟୋପମାନାନ୍ନ୍ୟୂନତାଽଥବା, ବ୍ୟତିରେକଃ...* ।

**ଅର୍ଥ** - ଉପମାନ ଠାରୁ ଉପମେୟର ଆଧିକ୍ୟ ଅଥବା ନ୍ୟୂନତା ପ୍ରତିପାଦିତ ହେଲେ ବ୍ୟତିରେକ ଅଳଂକାର ହୁଏ ।

**ଉଦାହରଣ** -

*କ୍ଷୀଣଃ କ୍ଷୀଣୋଽପି ଶଶୀ ଭୂୟୋ ଭୂୟୋଽଭିବର୍ଦ୍ଧତେ ସତ୍ୟମ୍ ।*
*ବିରମ ପ୍ରସୀଦ ସୁନ୍ଦରି ! ଯୌବନମନିବର୍ତ୍ତି ଯାତଂ ତୁ ।।*

**ଅର୍ଥ** - ଚନ୍ଦ୍ର ବାରମ୍ବାର ତନୁତା (କ୍ଷୀଣତା / କୃଶତା)କୁ ପ୍ରାପ୍ତ ହେଲେ ମଧ୍ୟ ପୁନଶ୍ଚ ଅଭିବୃଦ୍ଧି ଲାଭକରେ; ଏହା ସତ୍ୟ, ମାତ୍ର ଯୌବନ ଥରେ ଗଲେ ଆଉ ଫେରିଆସେ ନାହିଁ । ଏଣୁ ହେ ସୁନ୍ଦରି ! ମାନ ତ୍ୟାଗକର ଏବଂ ପ୍ରସନ୍ନ ହୁଅ ।

ସମନ୍ୱୟ - ଏଠାରେ ଯୌବନ = ଉପମେୟ ଏବଂ ଚନ୍ଦ୍ର = ଉପମାନ । ଚନ୍ଦ୍ରର କ୍ଷୟ ପରେ ବୃଦ୍ଧି ହୁଏ, କିନ୍ତୁ ଯୌବନର କ୍ଷୟପରେ ବୃଦ୍ଧି ନାହିଁ । ଏଣୁ ଉପମାନ ଚନ୍ଦ୍ରଠାରୁ ଉପମେୟ ଯୌବନର ନ୍ୟୂନତା (ଅପକର୍ଷ) ପ୍ରତିପାଦିତ ହୋଇଥିବାରୁ ଏଠାରେ ବ୍ୟତିରେକ ଅଳଂକାର ହୋଇଅଛି ।

*ଅକଳଙ୍କଂ ମୁଖଂ ତସ୍ୟା ନ କଳଙ୍କୀ ବିଧୁର୍ଯଥା* - ରମଣୀର ମୁଖ କଳଙ୍କ ରହିତ । ଚନ୍ଦ୍ରରେ କଳଙ୍କ ଥିବାରୁ ସେ କଳଙ୍କୀ । ଉପମାନ କଳଙ୍କୀ ଚନ୍ଦ୍ରଠାରୁ ଉପମେୟ ନିଷ୍କଳଙ୍କ ରମଣୀ ମୁଖର ଆଧିକ୍ୟ ପ୍ରତିପାଦିତ ହେବାରୁ ବ୍ୟତିରେକ ଅଳଙ୍କାର ।

## ସମାସୋକ୍ତିଃ

**ଲକ୍ଷଣ -** *ସମାସୋକ୍ତିଃ ସମୈର୍ଯତ୍ର କାର୍ଯ୍ୟ-ଲିଙ୍ଗ-ବିଶେଷଣୈଃ ।*
*ବ୍ୟବହାର-ସମାରୋପଃ ପ୍ରସ୍ତୁତେଽନ୍ୟସ୍ୟ ବସ୍ତୁନଃ //*

**ଅର୍ଥ -** କାର୍ଯ୍ୟ, ଲିଙ୍ଗ ଏବଂ ବିଶେଷଣ ସମାନ ଥାଇ ପ୍ରସ୍ତୁତ (ଉପମେୟ) ରେ ଅପ୍ରସ୍ତୁତ (ଉପମାନ)ର ବ୍ୟବହାର ଆରୋପିତ ହେଲେ ସମାସୋକ୍ତି ଅଳଂକାର ହୁଏ ।

**ଉଦାହରଣ -** *ବ୍ୟାଧୂୟ ଯଦ୍ ବସନମମ୍ବୁଜଲୋଚନାୟାଃ*
*ବକ୍ଷୋଜୟୋଃ କନକକୁମ୍ଭବିଳାସଭାଜୋଃ /*
*ଆଲିଙ୍ଗସି ପ୍ରସଭମଙ୍ଗମଶେଷମସ୍ୟାଃ*
*ଧନ୍ୟସ୍ତ୍ୱମେବ ମଳୟାଚଳଗନ୍ଧବାହ ! //*

**ଅର୍ଥ -** ହେ ମଳୟ ପବନ ! ତୁମେ ବାସ୍ତବରେ ଧନ୍ୟ । କାରଣ ଏହି ପଦ୍ମନୟନା (ସୁନ୍ଦରୀନାୟିକା)ର ସୁବର୍ଣ୍ଣକଳଶ ସଦୃଶ କୁଚଯୁଗଳରୁ ବସନ ଅପସାରିତ କରି ତାହାର ସମ୍ପୂର୍ଣ୍ଣଅଙ୍ଗକୁ ତୁମେ ବଳପୂର୍ବକ ଆଲିଙ୍ଗନ କରୁଅଛ ।

**ସମନ୍ୱୟ -** ଏଠାରେ ମଳୟପବନ = ଉପମେୟ ଏବଂ ହଠକାମୁକ = ଉପମାନ । ସମାନକାର୍ଯ୍ୟ ମାଧ୍ୟମରେ ମଳୟପବନଠାରେ ହଠକାମୁକର ବ୍ୟବହାର ଆରୋପିତ ହୋଇଥିବାରୁ ସମାସୋକ୍ତି ଅଳଂକାର ହୋଇଅଛି ।

## ବ୍ୟାଜସ୍ତୁତିଃ

**ଲକ୍ଷଣ -** ................................ *ଉକ୍ତା ବ୍ୟାଜସ୍ତୁତିଃ ପୁନଃ /*
*ନିନ୍ଦା-ସ୍ତୁତିଭ୍ୟାଂ ବାଚ୍ୟାଭ୍ୟାଂ ଗମ୍ୟତ୍ୱେ ସ୍ତୁତି-ନିନ୍ଦୟୋଃ //*

**ଅର୍ଥ -** ବାଚ୍ୟ ନିନ୍ଦାରୁ ସ୍ତୁତି ବ୍ୟଙ୍ଗ୍ୟ ହେଲେ, ଅଥବା ବାଚ୍ୟ ସ୍ତୁତିରୁ ନିନ୍ଦା ବ୍ୟଙ୍ଗ୍ୟ ହେଲେ ବ୍ୟାଜସ୍ତୁତି ଅଳଂକାର ହୋଇଥାଏ ।

**ଉଦାହରଣ** - *ସ୍ତନଯୁଗମୁକ୍ତାଭରଣାଃ କଣ୍ଟକକଳିତାଙ୍ଗଯଷ୍ଟୟୋ ଦେବ ।*

*ତ୍ୱୟି କୁପିତେଽପି ପ୍ରାଗିବ ବିଶ୍ୱସ୍ତା ଦ୍ୱିଡ୍‌ସ୍ତ୍ରିୟୋ ଜାତାଃ ।।*

**ଅର୍ଥ** - ହେ ମହାରାଜ ! ଆପଣ କ୍ରୋଧିତ ହେଲେ ମଧ ଆପଣଙ୍କ ଶତ୍ରୁଙ୍କର ରମଣୀଗଣ ପୂର୍ବବତ୍ ସ୍ତନଯୁଗମୁକ୍ତାଭରଣା, କଣ୍ଟକକଳିତାଙ୍ଗଯଷ୍ଟି ତଥା ବିଶ୍ୱସ୍ତା ହୋଇ ରହିଛନ୍ତି ।

**ସମନ୍ୱୟ** - ଉକ୍ତପଦ୍ୟରେ ନିନ୍ଦାବାଚ୍ୟରୁ ସ୍ତୁତିବ୍ୟଙ୍ଗ୍ୟ ହେଉଅଛି । ବାଚ୍ୟାର୍ଥ ଯଥା - ଆପଣ କ୍ରୁଦ୍ଧହେଲେବି ଶତ୍ରୁନାରୀମାନେ ପୂର୍ବପରି ସ୍ତନଯୁଗଳରେ ମୁକ୍ତାହାରାଦି ଧାରଣ କରିଛନ୍ତି, ସେମାନଙ୍କ ଅଙ୍ଗଲତା ପ୍ରେମରେ ରୋମାଞ୍ଚିତ ହୋଇଛି ଏବଂ ସେମାନେ ନିଶ୍ଚିନ୍ତା ହୋଇଛନ୍ତି । ବ୍ୟଙ୍ଗ୍ୟାର୍ଥ ଯଥା - ଆପଣ କ୍ରୁଦ୍ଧ ହେବାରୁ - (ଆପଣଙ୍କ ଶତ୍ରୁମୃତହେବାରୁ) ଶତ୍ରୁନାରୀମାନେ ବକ୍ଷଃସ୍ଥଳରୁ ଆଭରଣତ୍ୟାଗ କରିଛନ୍ତି; ବନପ୍ରାନ୍ତରେ (ଭୟରେ) ବିଚରଣ ହେତୁ ଅଙ୍ଗ କଣ୍ଟକସଂଲଗ୍ନ ହୋଇଛି ଏବଂ ସେମାନେ ବିଧବା (ବିଶ୍ୱସ୍ତା) ହୋଇଛନ୍ତି । ଏଣୁ ବାଚ୍ୟାର୍ଥରେ ରାଜାଙ୍କର ନିନ୍ଦାରୁ ବ୍ୟଙ୍ଗ୍ୟାର୍ଥରେ ତାଙ୍କର ସ୍ତୁତି ପ୍ରଣୀତ ହେବା ହେତୁ ଏଠାରେ ବ୍ୟାଜସ୍ତୁତି ଅଳଂକାର ହୋଇଛି ।

## ଅର୍ଥାନ୍ତରନ୍ୟାସଃ

**ଲକ୍ଷଣ** - *ସାମାନ୍ୟଂ ବା ବିଶେଷେଣ ବିଶେଷସ୍ତେନ ବା ଯଦି ।*

*କାର୍ଯ୍ୟଂ ବା କାରଣେନେଦଂ କାର୍ଯ୍ୟେଣ ଚ ସମର୍ଥ୍ୟତେ ।।*

ସାଧର୍ମ୍ୟେଣେତରେଣାର୍ଥାନ୍ତରନ୍ୟାସୋଽଷ୍ଟଧା ତତଃ ।।

**ଅର୍ଥ** - ଯଦି ବିଶେଷଦ୍ୱାରା ସାମାନ୍ୟ, ସାମାନ୍ୟ ଦ୍ୱାରା ବିଶେଷ; କାରଣ ଦ୍ୱାରା କାର୍ଯ୍ୟ, ଅଥବା କାର୍ଯ୍ୟ ଦ୍ୱାରା କାରଣ ସମର୍ଥିତ ହୁଏ; ତେବେ ଅର୍ଥାନ୍ତରନ୍ୟାସ ଅଳଂକାର ହୋଇଥାଏ । ସାଧର୍ମ୍ୟ ଏବଂ ବୈଧର୍ମ୍ୟ ରେ ସାମାନ୍ୟ-ବିଶେଷ-କାର୍ଯ୍ୟ-କାରଣ ର ସମର୍ଥନ ହେତୁ ଏହା ଆଠ (୮) ପ୍ରକାର ହୁଏ ।

ଉଦାହରଣ - *ବୃହତ୍‌ସହାୟଃ କାର୍ଯ୍ୟାନ୍ତଂ କ୍ଷୋଦୀୟାନପି ଗଚ୍ଛତି ।*

*ସମ୍ଭୂୟାମ୍ଭୋଧିମଭ୍ୟେତି ମହାନଦ୍ୟା ନଗାପଗା ।।*

**ଅର୍ଥ** - ବୃହତ୍ ସହାୟତା ଲାଭ କଲେ କ୍ଷୁଦ୍ର ମଧ୍ୟ କାର୍ଯ୍ୟରେ ସାଫଲ୍ୟ ଅର୍ଜନ କରେ । (ଯେପରି) ବଡନଦୀ ସହ ସଂଯୁକ୍ତ ହୋଇ କ୍ଷୁଦ୍ର ପାର୍ବତ୍ୟ ନଦୀ ମଧ୍ୟ ସାଗର ଅଭିମୁଖେ ଗତି କରେ ।

**ସମନ୍ୱୟ** - ଏଠାରେ ବିଶେଷ ଦ୍ୱାରା ସାମାନ୍ୟ ସମର୍ଥିତ ହୋଇଅଛି । ଶ୍ଳୋକର ପ୍ରଥମାର୍ଦ୍ଧ ସାମାନ୍ୟ ବାକ୍ୟ, ଯଥା - ବଡ଼ର ସାହାଯ୍ୟ ପାଇ ଛୋଟ ମଧ୍ୟ ସଫଳତା ପାଏ । (ସାମାନ୍ୟ = ସାର୍ବଜନୀନ, ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ) । ଦ୍ୱିତୀୟାର୍ଦ୍ଧ ବିଶେଷବାକ୍ୟ, ଯଥା - ବଡନଦୀ ସହ ମିଶି ଛୋଟ ନଦୀ ସାଗର ସଙ୍ଗମ ଲାଭ କରିପାରେ । ଏଣୁ ଏଠାରେ ଅର୍ଥାନ୍ତର ନ୍ୟାସ ଅଳଙ୍କାର ହୋଇଅଛି ।

## ବିଭାବନା

ଲକ୍ଷଣ - *ବିଭାବନା ବିନା ହେତୁଂ କାର୍ଯ୍ୟୋତ୍ପତ୍ତିର୍ଯଦୁଚ୍ୟତେ ।*

**ଅର୍ଥ** - କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି ବର୍ଣ୍ଣିତ ହୋଇଥିଲେ ବିଭାବନା ଅଳଙ୍କାର ହୁଏ ।

ଉଦାହରଣ - *ଅନାୟାସକୃଶଂ ମଧ୍ୟମଶଙ୍କତରଳେ ଦୃଶୌ ।*

*ଅଭୂଷଣମନୋହାରି ବପୁର୍ବୟସି ସୁଭ୍ରୁବଃ ।।*

**ଅର୍ଥ** - ସୁନ୍ଦର ଭ୍ରୂଲତାଯୁକ୍ତା ତରୁଣୀର ଯୌବନକାଳରେ କଟିଦେଶ ବିନା ଶ୍ରମରେ କ୍ଷୀଣ, ନୟନଦ୍ୱୟ ବିନା ଶଙ୍କାରେ ଚଞ୍ଚଳ ଏବଂ ଶରୀର ବିନା ଅଳଙ୍କାରରେ ମଧ୍ୟ ମନୋହର ହୋଇଅଛି ।

**ସମନ୍ୱୟ** - କଟି କ୍ଷୀଣ ହେବାର ହେତୁ ଆୟାସ (ଶ୍ରମ), ନୟନଚଞ୍ଚଳତାର କାରଣ ଶଙ୍କା ଏବଂ ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନର କାରଣ ଭୂଷଣ । ମାତ୍ର ଏଠାରେ ବିନା ଶ୍ରମରେ କଟି କ୍ଷୀଣ, ବିନା ଶଙ୍କାରେ ନୟନ

ଚଞ୍ଚଳ ଏବଂ ବିନା ଭୂଷଣରେ ଶରୀର ମନୋହର ବୋଲି ବର୍ଣ୍ଣିତ ହୋଇଛି । କାରଣ ନ ଥାଇ କାର୍ଯ୍ୟ ଦେଖାଦେବାରୁ ବିଭାବନା ଅଳଂକାର ହେଲା । (ଅବଶ୍ୟ - ଏସବୁର କାରଣ ଭାବରେ ଯୌବନ (ବୟସ) ବୋଲି ଉଲ୍ଲେଖ ଥିବାରୁ ଏହା ଉକ୍ତ ନିମିତ୍ତା ବିଭାବନା ଅଟେ ।)

## ବିଶେଷୋକ୍ତି

**ଲକ୍ଷଣ** - *ସତି ହେତୌ ଫଳାଭାବେ ବିଶେଷୋକ୍ତିସ୍ତଥା ଦ୍ୱିଧା ।*

**ଅର୍ଥ** - କାରଣ ଥାଇ କାର୍ଯ୍ୟୋତ୍ପତ୍ତି ବର୍ଣ୍ଣିତ ନ ହେଲେ ବିଶେଷୋକ୍ତି ଅଳଂକାର ହୁଏ ।

**ଉଦାହରଣ** - *ଧନିନୋଽପି ନିରୁନ୍ମାଦା ଯୁବାନୋଽପି ନ ଚଞ୍ଚଳାଃ ।*
*ପ୍ରଭବୋଽପ୍ୟପ୍ରମତ୍ତାସ୍ତେ ମହାମହିମଶାଳିନଃ ।।*

**ଅର୍ଥ** - ମହାମହିମାନ୍ୱିତବ୍ୟକ୍ତିମାନେ ଧନବନ୍ତ ହେଲେବି ଉନ୍ମାଦଶୂନ୍ୟ, ଯୌବନସମ୍ପନ୍ନ ହେଲେ ବି ଅଚଞ୍ଚଳ, କ୍ଷମତାଶାଳୀ ହେଲେବି ଅପ୍ରମତ୍ତ (ଅସାବଧାନ ନୁହନ୍ତି) ହୋଇଥାନ୍ତି ।

**ସମନ୍ୱୟ** - ଧନ ହେଉଛି ଉନ୍ମତ୍ତତାର, ଯୌବନ ଚଞ୍ଚଳତାର ଏବଂ କ୍ଷମତା ପ୍ରମତ୍ତତାର କାରଣ । ଏ ସମସ୍ତ କାରଣ ଥାଇ ମଧ୍ୟ କାର୍ଯ୍ୟ-ଉତ୍ପତ୍ତି ହେଉ ନ ଥିବାରୁ ଏଠାରେ ବିଶେଷୋକ୍ତି ଅଳଂକାର ହେଲା । ଅବଶ୍ୟ ସମସ୍ତ କାରଣ ଥାଇ ମହାମହିମଶାଳିତ୍ୱ ହେତୁ କାର୍ଯ୍ୟୋତ୍ପତ୍ତି ନ ହେବା ବର୍ଣ୍ଣିତ ହୋଇଥିବାରୁ ଏଠାରେ ଉକ୍ତ-ନିମିତ୍ତା ବିଶେଷୋକ୍ତି ହୋଇଛି । ଯେଉଁଠି ହେତୁ ନ ଥିବ ସେଠାରେ ଅନୁକ୍ତନିମିତ୍ତା ବିଶେଷୋକ୍ତି ହେବ ।

## ସ୍ୱଭାବୋକ୍ତି

**ଲକ୍ଷଣ** - *ସ୍ୱଭାବୋକ୍ତିର୍ଦୁରୂହାର୍ଥ-ସ୍ୱକ୍ରିୟା-ରୂପ ବର୍ଣ୍ଣନମ୍ ।*

**ଅର୍ଥ** - ଯେଉଁଠାରେ କୌଣସି ବସ୍ତୁର ନିଜସ୍ୱ କାର୍ଯ୍ୟକଳାପ ଏବଂ ସ୍ୱରୂପ କେବଳ କବିଜନବୋଧଗମ୍ୟ ଭାବରେ ବର୍ଣ୍ଣିତ ହୁଏ, ସେଠାରେ ସ୍ୱଭାବୋକ୍ତି ଅଳଂକାର ହୋଇଥାଏ ।

ଉଦାହରଣ - *ଲାଙ୍ଗୁଲେନାଭିହତ୍ୟ କ୍ଷିତିତଳମସକୃଦ୍ ଦାରୟନ୍ନଗ୍ରପଦ୍ଭ୍ୟାମ୍*

*ଆତ୍ମନ୍ୟେବାବଲୀୟ ଦ୍ରୁତମଥ ଗଗନଂ ପ୍ରୋତ୍ପତନ୍ ବିକ୍ରମେଣ ।*

*ସ୍ଫୁର୍ଜଦ୍ ହୁଙ୍କାରଘୋଷଃ ପ୍ରତିଦିଶମଖିଳାନ୍ ଦ୍ରାବୟନ୍ନେଷ ଜନ୍ତୁନ୍*

*କୋପାବିଷ୍ଟଃ ପ୍ରବିଷ୍ଟଃ ପ୍ରତିବନମରୁଣୋଚ୍ଛୁନଚକ୍ଷୁସ୍ତରକ୍ଷୁଃ ।।*

ଅର୍ଥ - ଲାଙ୍ଗୁଳରେ ଭୂପୃଷ୍ଠକୁ ବାରମ୍ବାର ଆଘାତ କରି, ଅଗ୍ରପାଦଦୁଇଟି ଦ୍ୱାରା (ଭୂପୃଷ୍ଠକୁ ବାରମ୍ବାର) ବିଦୀର୍ଣ୍ଣ କରି, ଶରୀରକୁ ସଙ୍କୁଚିତ କରି, ଶୀଘ୍ର ପରାକ୍ରମ ସହିତ ଊର୍ଦ୍ଧ୍ୱକୁ ଲମ୍ଫପ୍ରଦାନ କରି, ହୁଙ୍କାର ଶବ୍ଦରେ ଚତୁଃପାର୍ଶ୍ୱର ସମସ୍ତ ଜୀବଜନ୍ତୁ ମାନଙ୍କୁ ବିତାଡିତ କରି, କ୍ରୋଧହେତୁ ଆରକ୍ତ ସ୍ଫୀତ ଚକ୍ଷୁ ଯୁକ୍ତ ଏହି ତରକ୍ଷୁ (ହେଟାବାଘ) ଅରଣ୍ୟରେ ପ୍ରବେଶ କଲା ।

ସମନ୍ୱୟ - ଉକ୍ତ ଶ୍ଳୋକରେ ଏକ କ୍ରୁଦ୍ଧ ତରକ୍ଷୁ (ହେଟାବାଘ)ର ସ୍ୱରୂପ ଏବଂ କାର୍ଯ୍ୟକଳାପ ବର୍ଣ୍ଣିତ ହୋଇଛି । ଏହି ସ୍ୱରୂପ ଏବଂ କ୍ରିୟାକଳାପ କବିଙ୍କର ଉହନୀୟ ଭାବରେ ସୁନ୍ଦର । ଏଥିରେ କବି କଳ୍ପନାର ସ୍ପର୍ଶରେ ତରକ୍ଷୁର କାନନପ୍ରବେଶ ବର୍ଣ୍ଣିତ ହୋଇ ଏକ ଚମତ୍କାରିତା ସୃଷ୍ଟି ହେଉଥିବାହେତୁ ସ୍ୱଭାବୋକ୍ତି ଅଳଂକାର ହେଲା । ବସ୍ତୁସ୍ୱଭାବ ବର୍ଣ୍ଣନରେ କାବ୍ୟିକ ଚମତ୍କାରିତା ରହିଲେ ସ୍ୱଭାବୋକ୍ତି ହୋଇଥାଏ । କେବଳ ବସ୍ତୁସ୍ୱଭାବର ବର୍ଣ୍ଣନାରେ ଏହି ଅଳଙ୍କାର ହୁଏନାହିଁ ।

ବି.ଦ୍ର. - ଅଳଙ୍କାରଶାସ୍ତ୍ରରେ ଶତାଧିକ ଅଳଂକାରର ଲକ୍ଷଣ ଉଦାହରଣାଦି ନିରୂପିତ ହୋଇଅଛି । ଏଠାରେ କେବଳ ଦିଗ୍‌ଦର୍ଶନ ନ୍ୟାୟରେ କେତୋଟି ଅଳଂକାରର ସୂଚନା ମାତ୍ର ପ୍ରଦାନ କରାଯାଇଅଛି ।

***

# ୩୦ - ଅର୍ଥଗତପାର୍ଥକ୍ୟ

**ସନ୍ଧିଗତପାର୍ଥକ୍ୟ**

ଅଦ୍ୟୈବ - ନିଶ୍ଚୟ ଆଜି । (ଅହମଦ୍ୟୈବ ଗୃହଂ ଗମିଷ୍ୟାମି ।)

ଅଦ୍ୟେବ - ଆଜିରେ ନୈଶ୍ଚିତ୍ୟ ନାହିଁ । (ରାମଃ ଅଦ୍ୟେବ ଗୃହଂ ଗମିଷ୍ୟତି)

ସୀମନ୍ତଃ - ସିନ୍ଥି । (ତସ୍ୟାଃ ସୀମନ୍ତଃ ମନୋରମଃ ।)

ସୀମାନ୍ତଃ - ସୀମାର ଶେଷ । (ରାଜ୍ୟସ୍ୟ ସୀମାନ୍ତଃ ଦୁର୍ଭିକ୍ଷଗ୍ରସ୍ତଃ ।)

ସାରଙ୍ଗଃ - ମୟୂର, ମୃଗ ଓ ହସ୍ତୀ ଇତ୍ୟାଦି । (ସାରଙ୍ଗଃ କୂଜତି / ଧାବତି ।)

ସାରାଙ୍ଗଃ - ବୀର । (ଭୀମଃ ସାରାଙ୍ଗଃ ଅଭବତ୍ ।)

ଗବ୍ୟୂତିଃ - ଦୁଇକୋଶ (ମୟା ଗବ୍ୟୂତିଃ ଅତିକ୍ରାନ୍ତା ।)

ଗୋଯୂତିଃ - ଗୋରୁପଲ (ଗୋଯୂତିଃ ଶୋଭତେ ।)

କ୍ରଯ୍ୟମ୍ - କ୍ରୟ ପାଇଁ ସୁସଜ୍ଜିତ ଜିନିଷ ।

କ୍ରେୟମ୍ - କିଣାଯୋଗ୍ୟ ।

**ଶବ୍ଦରୂପଗତ ପାର୍ଥକ୍ୟ**

ଅମୀ - ସେମାନେ । (ଅମୀ ବାଳକାଃ କ୍ରୀଡନ୍ତି ।)

ଅମୀ - ରୋଗୀ । (ଅମୀ ଔଷଧସ୍ୟ ସେବନଂ କରୋତି ।)

ମିତ୍ରମ୍ - ବନ୍ଧୁ । (ମିତ୍ରଂ କ୍ରୀଡ଼ତି ।)

ମିତ୍ରଃ - ସୂର୍ଯ୍ୟ । (ମିତ୍ରଃ ପ୍ରାତଃ ଉଦେତି ।)

ଏକଃ - ଜଣେ ବା ଗୋଟିଏ । (ଏକଃ ବୃଦ୍ଧଃ ଗଚ୍ଛତି ।)

ଏକେ - କେହି କେହି । (ଅଧୁନା ଏକେ ମିଥ୍ୟା ବଦନ୍ତି ।)

ତ୍ରିଂଶତ୍ - ତିରିଶ । (ତ୍ରିଂଶତ୍ ବାଳକାଃ କ୍ରୀଡନ୍ତି ।)

**ତ୍ରିଶତମଃ** - ତିରିଶ ସଂଖ୍ୟାର ପୂରକ । (ତ୍ରିଂଶତମଃ ବାଳକଃ ପଠତି ।)

**ଦ୍ୱାଦଶ** - ବାର । (ଦ୍ୱାଦଶ ଜନାଃ ପୁରୀଂ ଗଚ୍ଛନ୍ତି ।)

**ଦ୍ୱାଦଶଃ** - ବାର ସଂଖ୍ୟାର ପୂରକ ।(ଦ୍ୱାଦଶଃ ଛାତ୍ରଃ ସମ୍ୟକ୍ ବଦତି ।)

**ଅର୍ଥୀ** - ସେବକ (ସେବକାର୍ଥ୍ୟନୁଜୀବିନଃ ।)

**ଅର୍ଥୀ** - ଭିକାରୀ (ମାର୍ଗଣୋ ଯାଚକାର୍ଥିନୌ ।)

**ଅର୍ଥବାନ୍** - ଧନୀ ।

**ପ୍ରାର୍ଥୀ** - ପ୍ରାର୍ଥନାକାରୀ । (ସ ଜୀବିକାୟୈ ପ୍ରାର୍ଥୀ ଭବତି ।)

**ଶାକ୍ତଃ** - ଶକ୍ତିପୂଜକ । (ଶାକ୍ତଃ ଦୁର୍ଗାଂ ପୂଜୟତି ।)

**ଶକ୍ତଃ** - ସମର୍ଥ । (କଃ ଇଦଂ କର୍ତ୍ତୁଂ ଶକ୍ତଃ ଭବିଷ୍ୟତି ।)

**ସକ୍ତଃ** - ଲଗ୍ନ । (ମନୁଷ୍ୟଃ ବିଷୟଂ ପ୍ରତି ସକ୍ତଃ ।)

| | |
|---|---|
| ଦ୍ୱେ ଶତେ - ଦୁଇଶହ । | ସାଧୁ - ଭଲଭାବରେ । |
| ଦ୍ୱିଶତମ୍ - ଶହେଦୁଇ । | ସାଧୁଃ - ସଜ୍ଜନ । |
| ଦ୍ୱାବିଂଶତିଃ - ବାଇଶି । | ଦୀନଃ - ଦରିଦ୍ର । |
| ଦ୍ୱେ ବିଂଶତୀ - ଦୁଇକୋଡ଼ି । | ଦିନମ୍ - ଦିବସ । |
| ଅହନି, ଅହ୍ନି - ଦିନରେ । | ତରଣିଃ - ସୂର୍ଯ୍ୟ । |
| ଅହନୀ, ଅହ୍ନୀ - ଦୁଇଟି ଦିନ । | ତରଣୀ - ନୌକା । |
| ସ୍ୱେଷାମ୍ - ଆତ୍ମୀୟମାନଙ୍କର । | ସ୍ୱର୍ - ସ୍ୱର୍ଗ । |
| ସ୍ୱାନାମ୍ - ଜ୍ଞାତିମାନଙ୍କର । | ସ୍ୱରଃ - ସ୍ୱରବର୍ଣ୍ଣ । |
| ଜ୍ୱଳନମ୍ - ଜଳିବା କାର୍ଯ୍ୟ । | ଅନଳଃ - ଅଗ୍ନି । |
| ଜ୍ୱଳନଃ - ଅଗ୍ନି । | ଅନିଳଃ - ପବନ । |

ମଧୁ - ମହୁ ।

ମଧୁଃ - ବସନ୍ତକାଳ ।

ଶତମ୍ - ଶହେ ।

ଶତାନି - ଶହ ଶହ ।

ଶୁନି - କୁକୁରଠାରେ ।

ଶୁନୀ - କୁକୁରୀ ।

ଆମ୍ରମ୍ - ଆମ୍ବଫଳ ।

ଆମ୍ରଃ - ଆମ୍ବଗଛ ।

ଚିରମ୍ - ବହୁ ସମୟ ପର୍ଯ୍ୟନ୍ତ ।

ଚିରମ୍ - ଚିରାଲୁଗା ।

ବରଃ - ଶ୍ରେଷ୍ଠ ।

ବରମ୍ - ଭଲ ।

ସୁରଃ - ଦେବତା ।

ସୂରଃ - ସୂର୍ଯ୍ୟ

ଶୂରଃ - ବୀର ।

ରାଜ୍ଞୀ - ରାଣୀ ।

ରାଜ୍ଞି - ରାଜାଙ୍କଠାରେ ।

ନରଃ - ଜଣେ ମାନବ (ନର ଶବ୍ଦ)

ନରଃ - ମାନବମାନେ (ନୃ ଶବ୍ଦ)

ଚମ୍ପକମ୍ - ଚମ୍ପାଫୁଲ ।

ଚମ୍ପକଃ - ଚମ୍ପାଗଛ ।

ପାଟଳମ୍ - ଗୋଲାପ ଫୁଲ ।

ପାଟଳଃ - ଗୋଲାପ ଗଛ ।

କୂଳମ୍ - ନଦୀକୂଳ (ତଟ) ।

କୁଳମ୍ - ବଂଶ ।

ଉପାଦାନ - ଉପକରଣ ।

ଉପଧାନ - ତକିଆ ।

ନିର୍ଦ୍ଧନ - ଧନହୀନ ।

ନିଧନ - ବିନାଶ ।

ପ୍ରତୀପଃ - ବିପରୀତ ।

ପ୍ରଦୀପଃ - ଦୀପ ।

ଯବଃ - ଯବଧାନ ।

ଜବଃ - ଦ୍ରୁତ ।

ସିତମ୍ - ଶୁକ୍ଳବର୍ଣ୍ଣ ।

ଶୀତମ୍ - ଶୈତ୍ୟଯୁକ୍ତ ।

ପଟଃ - ବସ୍ତ୍ର ।

ପଟୁଃ - ଶ୍ରେଷ୍ଠ ।

ବିସମ୍ - ମୃଣାଳ ।

ବିଷମ୍ - ଗରଳ ।

ନିଦାନ - କାରଣ ।

ନିଧାନ - ଆଧାର ।

ଲାସ୍ୟ - ସ୍ତ୍ରୀମାନଙ୍କର ଲାଳିତ୍ୟପୂର୍ଣ୍ଣ ନୃତ୍ୟ ।

ଆସ୍ୟ - ମୁଖ ।

ଅଂସଃ - ସ୍କନ୍ଧ ।

ଅଂଶଃ - ଭାଗ ।

ଧନ୍ୟଃ - ପ୍ରଶଂସାର୍ହ ।

ଧାନ୍ୟଂ - ଧାନ ।

ଧ୍ୟାନଂ - ଏକାଗ୍ରତା (ମନର) ।

ସରଃ - ପୁଷ୍କରିଣୀ ।

ଶରଃ - ତୀର ।

ସ୍ୱରଃ - ଧ୍ୱନି ।

ଅବହିତମ୍ - ମନଯୋଗସହିତ ।

ଅବିହିତମ୍ - ଅନୁଚିତ ।

ଅଭିହିତମ୍ - କଥିତ ।

ଅସନଂ - କ୍ଷେପଣ ।

ଅଶନଂ - ଭୋଜନ ।

ସକଳଂ - ସବୁ ।

ଶକଳଂ - ଖଣ୍ଡ ।

ଅନେକଃ - ଏକରୁ ଅଧିକ ।

ଅନୈକ୍ୟଂ - ପ୍ରଭେଦ ।

ଗିରୀଶଃ - ପର୍ବତ / ହିମାଳୟ ।

ଗିରିଶଃ - ଶିବ ।

ଲକ୍ଷଂ - ଶତସହସ୍ର ସଂଖ୍ୟା ।

ଲକ୍ଷ୍ୟଂ - ଉଦ୍ଦେଶ୍ୟ ।

ଲେଖ୍ୟଂ - ଚିତ୍ର ।

ଲକ୍ଷ୍ମ - ଚିହ୍ନ ।

ବଧଃ - ବିନାଶ ।

ବଦ୍ଧଃ - ବନ୍ଧାହୋଇଥିବା ।

ଚ୍ୟୁତଃ - ସ୍ଖଳିତ ।

ଚୂତଃ - ଆମ୍ରମୁକୁଳ ।

ଶିଳଂ - ପ୍ରସ୍ତର ।

ଶୀଳଂ - ସ୍ୱଭାବ ।

କୃତିଃ - କାର୍ଯ୍ୟ ।

କୃତୀ - କୁଶଳ ।

କୃତ୍ତିଃ - ବ୍ୟାଘ୍ରଚର୍ମ ।

ଚରିତଂ - କାର୍ଯ୍ୟ, ଆଚରଣ ।

ଚରିତ୍ରଂ - ସ୍ୱଭାବ ।

ଇତି - ଶେଷ ।

ଏତି - ଯାଉଛି ।

ଦୀପଃ - ପ୍ରଦୀପ ।

ଦ୍ୱୀପଃ - ଚତୁର୍ଦ୍ଦିଗରେ ଜଳବେଷ୍ଟିତ ଜଳଭାଗ ।

ଦ୍ୱିପଃ - ହସ୍ତୀ ।

କେଶରଃ - ସିଂହର ଗ୍ରୀବା ଦେଶସ୍ଥ କେଶଗୁଚ୍ଛ ।

କେସରଃ - ପୁଷ୍ପର ସୂକ୍ଷ୍ମ ରଜ ।

ନଟଃ - ଅଭିନେତା ।

ନାଟ୍ୟଂ - ନାଟ୍ୟକଳା ।

ନୃତ୍ୟଂ - ଅଭିନୟଯୁକ୍ତ ନୃତ୍ୟ ।

ନୃତ୍ତଂ - ଅଭିନୟବିହୀନ ଅଙ୍ଗ ବିକ୍ଷେପ ।

ବଧ୍ୟଂ - ବଧଯୋଗ୍ୟ ।

ବାଧ୍ୟଂ - ନିଶ୍ଚିତ ।

ମଧ୍ୟଂ - ମଝିରେ ।

ମେଧ୍ୟଂ - ପବିତ୍ର ।

କମଳଂ - ପଦ୍ମ ।

କୋମଳଂ - ନରମ ।

ପ୍ରସାଦଃ - ଅନୁଗ୍ରହ ।

ପ୍ରାସାଦଃ - ଅଟ୍ଟାଳିକା ।

ଶ୍ରବଣଂ - ଶୁଣିବା ।

ସ୍ରବଣଂ - କ୍ଷରିବା ।

ବିଦୁରଃ-ମହାଭାରତୀୟ ଚରିତ୍ର ।

ବିଦୂରଃ - ଦୂରବର୍ତ୍ତୀ ।

ଆହୁତିଃ - ଯଜ୍ଞରେ ହବନ କରିବା ।

ଆହୂତିଃ - ଆହ୍ୱାନ ।

ଯାତଂ - ଗତ ।

ଜାତଂ - ଉତ୍ପନ୍ନ ।

ବଳିଃ - ପୂଜା ଉପକରଣ ।

ବଳୀ-ବଳବାନ୍ / ରାକ୍ଷସ ବିଶେଷ ।

ପକ୍ଷଃ-ପନ୍ଦରଦିନ ସମୟଅବଧି/ ପକ୍ଷୀର ଡେଣା।

ପକ୍ଷ୍ମ-ଭ୍ରୂଲତାର ରୋମରାଜି।

ନିଶିତଃ - ଶାଣିତ ।

ନିଶୀଥଃ - ଅର୍ଦ୍ଧରାତ୍ର ।

ସଙ୍କୀର୍ଣ୍ଣଃ- ପଣ୍ଡୁସମ୍ଭୂତର

ସଙ୍କୀର୍ତ୍ତନଃ-ବନ୍ଦୀନୃତ୍ୟ ଗୋଷ୍ଠୀ ।

ଦାରାଃ - ସ୍ତ୍ରୀ ।

ଦ୍ୱାରଂ - ପ୍ରବେଶପଥ ।

ପରିକ୍ଷା - ପରିଛା ।

ପରୀକ୍ଷା - ଭଲମରୂପେ ଦେଖିବା ।

ପରିଖା - ଗଡଖାଇ ।

ପଲ୍ଲବଃ - ପତ୍ର ।

ପେଲବଃ - କୋମଳ ।

ନିର୍ଜରଃ - ଦେବତା ।

ନିର୍ଝରଃ - ଝରଣା ।

ବନ୍ଦନଂ - ପ୍ରଶଂସାଯୁକ୍ତ ଗାନ ।

ବନ୍ଧନଂ - ବନ୍ଧାହେବା ।

ନାୟକଃ - ନେତା ।

ନୈୟାୟିକଃ - ଯେ ନ୍ୟାୟଜାଣେ ।

ବସନଂ - ବସ୍ତ୍ର ।

ବ୍ୟସନଂ-ମୃଗୟାଦି କାମଜଦୋଷ ବିଶେଷ ।

ପୃଷ୍ଟଃ - ପଚରାଯାଇଥିବା ।

ପୃଷ୍ଠଃ - ପିଠି ।

ଆୟତ୍ତଃ - ଅଧୀନ ।

ଆୟତମ୍ - ସମାନ୍ତରାଳ କ୍ଷେତ୍ର ।

କାକିଣଃ - ମୂର୍ଖ ।

ଜାକୀଣଃ - ନାରୀରନ୍ ।

ସନ୍ଦେହଃ - ଅବିଶ୍ୱାସ ।

ସନ୍ଦୋହଃ - ସମୂହଃ ।

ଅର୍ଘଃ - ମୂଲ୍ୟ ।

ଅର୍ଘ୍ୟଃ - ପୂଜାଦ୍ରବ୍ୟ ।

ମତମ୍ - ଇଚ୍ଛା ।

ମତ୍ତଃ - ପାଗଳ ।

ପୀତଃ - ହଳଦିଆ ।

ପିତ୍ତଂ - ଶରୀରସ୍ଥ ଧାତୁ ।

ଲକ୍ଷଣମ୍ - ଚିହ୍ନ ।

ଲକ୍ଷ୍ମଣଃ - ରାମଚନ୍ଦ୍ରଙ୍କ ଭ୍ରାତା ।

ଅକ୍ଷିତଃ - ଲକ୍ଷିତ ।

ଅଶୀତଃ - ଯାହା ଶୀତ ନୁହେଁ ।

ଅସିତଃ - କୃଷ୍ଣ ।

ପରସ୍ୱମ୍ - ପରଦ୍ରବ୍ୟ ।

ପରଶ୍ୱଃ - ଆସନ୍ତାକାଲି ।

ସଙ୍କରଃ - ମିଶ୍ର ।
ଶଙ୍କରଃ - ଶିବ ।
ସବଳ* - ବଳଶାଳୀ ।
ଶବଳ* - ଚିତ୍ରିତ ।
ମେଧଃ - ଯଜ୍ଞ ।
ମେଦଃ - ଚର୍ବି ।
ସ୍କନ୍ଦଃ - କାର୍ତ୍ତିକେୟ ।
ସ୍କନ୍ଧଃ - କାନ୍ଧ ।
ପୁଷ୍କର* - ପଦ୍ମ ।
ପୁଷ୍କଳ* - ବହୁଳ ।
ସୁତଃ - ପୁତ୍ର ।
ସୂତଃ - ସାରଥି ।
ଶପ୍ତଃ - ଶାପଗ୍ରସ୍ତ ।
ସପ୍ତ - ସାତ ।
ଜାଲ* - ମାଛଧରିବା ଉପକରଣ ।
ଜାଳ* - ସମୂହ ।
ଆର୍ତ୍ତଃ - ପୀଡ଼ିତ ।
ଆତ୍ତଃ - ଗୃହୀତ ।
ପୁର* - ନଗର ।
ପୂର* - ପ୍ରବାହ ।
ଶକ୍ୟ* - ସାଧ୍ୟ ।
ସଖ୍ୟ* - ବନ୍ଧୁତା ।
ପ୍ରତିକ୍ଷଣ* - ଅନୁକ୍ଷଣ, ସର୍ବଦା ।
ପ୍ରତୀକ୍ଷଣ - ସମ୍ୟକ୍ ଦେଖିବା ।
ଦୂତଃ - ଚର ।
ଦ୍ୟୂତ* - ପଶାଖେଳ ।
ଗୋଲକଃ - ଗୋଲାକାର ବସ୍ତୁ ।
ଗୋଲୋକଃ - ସ୍ୱର୍ଗପୁର ।
ଦ୍ରବଃ - ତରଳପଦାର୍ଥ ।
ଦ୍ରବ୍ୟମ୍ - ପଦାର୍ଥ ।
ସତ୍କାରଃ - ପରିଚର୍ଯ୍ୟା ।
ସୀତ୍କାରଃ - ଜମ ।
ଉପାସିତଃ - ଉପାସନାପ୍ରାପ୍ତ ।
ଉପୋଷିତଃ - ଉପବାସ ।
ସମ* - ସମାନ ।
ଶମ* - ଶାନ୍ତି ।
ସ୍ୱସ୍ର - ଭଉଣୀ ।
ଶ୍ୱଶ୍ରୂଃ - ଶାଶୂ ।
ପୂତଃ - ନରକବିଶେଷ ।
ପୂତଃ - ପବିତ୍ର ।

ଭୀତିଃ - ଭୟ । ଭୃତଃ - ଧୃତ ।

ଭିତ୍ତିଃ - ଭାନ୍ତୁ । ଭରଃ - ପାଡିତ ।

ଅନ୍ୟପୁଷ୍ଟଃ - କୋକିଳଃ । ଈଶଃ - ସ୍ୱାମୀ ।

ଅନ୍ନପୁଷ୍ଟଃ - ଅନ୍ନଦ୍ୱାରା ପାଳିତ । ଈଷଃ -ଲଙ୍ଗଳର ଦଣ୍ଡ ।

ବୃଷ୍ଟିଃ - ବର୍ଷା । ନିରାସଃ - ନିକ୍ଷେପ / ତ୍ୟାଗ ।

ବୃଷ୍ଣିଃ - ଯାଦବ । ନିରାଶଃ - ଆଶାଶୂନ୍ୟ ।

ବିସ୍ମୃତଃ - ଭୁଲିଯାଇଥିବା । ଅଳିକଃ - ଲଲାଟ ।

ବିଶ୍ରୁତଃ - ବିଖ୍ୟାତ । ଅଳୀକଃ - ମିଥ୍ୟା ।

ସୂଚୀ - ଛୁଞ୍ଚ । ସୁତା - କନ୍ୟା ।

ଶୁଚିଃ - ପବିତ୍ର । ସୂତା - ଜନ୍ମିତା ।

ବିଶଦଃ - ସ୍ପଷ୍ଟ ।

ବିଷଦଃ - ଯେ ବିଷଦିଏ ।

## ସ୍ତ୍ରୀ ପ୍ରତ୍ୟୟଗତ ପାର୍ଥକ୍ୟ

ପାଣିଗୃହୀତୀ - ବିବାହିତା ସ୍ତ୍ରୀ । ଉପାଧ୍ୟାୟା - ସ୍ୱୟଂ ଶିକ୍ଷୟିତ୍ରୀ ।

ପାଣିଗୃହୀତା - ରକ୍ଷିତା ସ୍ତ୍ରୀ । ଉ ପ । ଧ । ୟ । ନ ୀ - ଉପାଧ୍ୟାୟଙ୍କର ସ୍ତ୍ରୀ ।

ସୂର୍ଯ୍ୟା - ସୂର୍ଯ୍ୟଙ୍କର ଦେବୀ ସ୍ତ୍ରୀ (ଛାୟା) ।

ସୂରୀ - ସୂର୍ଯ୍ୟଙ୍କର ମାନବୀ ସ୍ତ୍ରୀ (କୁନ୍ତୀ) ।

କ୍ଷତ୍ରିୟା - କ୍ଷତ୍ରିୟଜାତୀୟା ସ୍ତ୍ରୀ । ଗୋପା - ଗଉଡ଼ ଜାତୀୟ ସ୍ତ୍ରୀ ।

କ୍ଷତ୍ରିୟୀ - କ୍ଷତ୍ରିୟର ସ୍ତ୍ରୀ । ଗୋପୀ- ଗଉଡ଼ର ସ୍ତ୍ରୀ ।

ବୈଶ୍ୟୀ - ବୈଶ୍ୟର ସ୍ତ୍ରୀ । ଶୂଦ୍ରୀ - ଶୂଦ୍ରର ସ୍ତ୍ରୀ ।

ବୈଶ୍ୟା - ବୈଶ୍ୟଜାତୀୟା ସ୍ତ୍ରୀ । ଶୂଦ୍ରା-ଶୂଦ୍ରଜାତୀୟା ସ୍ତ୍ରୀ ।

ପତିମତୀ - ପୁରୁଯୁକ୍ତା । ଯବାନୀ - ଖରାପ ଯବ ।

ପତିବତ୍ନୀ - ସଧବା । ଯବନୀ - ଯବନର ସ୍ତ୍ରୀ ।

ଯବନାନୀ-ଯବନମାନଙ୍କର ଅକ୍ଷର ।

ଆଚାର୍ଯ୍ୟା-ସ୍ୱୟଂ ଶିକ୍ଷୟିତ୍ରୀ । ତାରିକା - ଭଡାର କର୍ତ୍ତ୍ରୀ ।

ଆଚାର୍ଯ୍ୟାନୀ-ଆଚାର୍ଯ୍ୟଙ୍କର ସ୍ତ୍ରୀ । ତାରକା - ନକ୍ଷତ୍ର ।

ସ୍ଥଳା - କୃତ୍ରିମ ସ୍ଥାନ । ବ୍ରହ୍ମାଣୀ-ବ୍ରହ୍ମାଙ୍କର ପତ୍ନୀ ।

ସ୍ଥଳୀ - ଅକୃତ୍ରିମ ସ୍ଥାନ । ବ୍ରାହ୍ମଣୀ - ବ୍ରାହ୍ମଣପତ୍ନୀ ।

ଶୁନି - ଶ୍ୱନ୍ ଶବ୍ଦର ୭ମୀ ଏକବଚନ ।

ଶୁନୀ - କୁକୁରୀ ।

ଅରଣ୍ୟାନି - ଅରଣ୍ୟ ସମୂହ । ହିମାନି - ହିମ ସମୂହ ।

ଅରଣ୍ୟାନୀ - ମହତ ଅରଣ୍ୟ । ହିମାନୀ - ମହତ୍ ହିମ ।

ଭବତୀ - ଆପଣ (ସ୍ତ୍ରୀ) । ଦ୍ୱିଦନ୍ତଃ - ହାତୀ ।

ଭବନ୍ତୀ - ରହିଥିବା ସ୍ତ୍ରୀଲୋକ । ଦ୍ୱିଦନ୍-ଦୁଇଟି ଦାନ୍ତ ଉଠିଥିବା ଶିଶୁ ।

ହଂସୀ - ହଂସର ସ୍ତ୍ରୀ । ଗୌରମୁଖୀ-ଗୌରବର୍ଣ୍ଣ ମୁଖଯୁକ୍ତ ରମଣୀ ।

ହଂସି - ହତ୍ୟାକର । ଗୌରମୁଖା - ରାକ୍ଷସୀର ନାମ ।

ଅର୍ଯ୍ୟୀ - ବୈଶ୍ୟ ସ୍ତ୍ରୀ ।

ଅର୍ଯ୍ୟାଣୀ / ଅର୍ଯ୍ୟା - ବୈଶ୍ୟ ନାରୀ ।

## ବିଭକ୍ତିର ପାର୍ଥକ୍ୟ

ଗୁରୁଃ ଶିଷ୍ୟାୟ କ୍ରୁଧ୍ୟତି - ଗୁରୁ ଶିଷ୍ୟ ଉପରେ ରାଗୁଅଛନ୍ତି ।

(କ୍ରୁଧାଦି ଯୋଗେ ୪ର୍ଥୀ)

ଗୁରୁଃ ଶିଷ୍ୟମଭିକ୍ରୁଧ୍ୟତି - ଗୁରୁ ଶିଷ୍ୟ ଉପରେ ଅତ୍ୟନ୍ତ ରାଗୁଅଛନ୍ତି ।

(ଉପସର୍ଗ ଯୁକ୍ତ କ୍ରୁଧ୍‌ଯୋଗେ ୨ୟା)

ମାସେନ ଅଧୀତମ୍-ମାସକ ମଧ୍ୟରେ ପଢା ସରିଛି ।(ଅପବର୍ଗେ ୩ୟା)

ମାସମଧୀତମ୍ - ମାସେବ୍ୟାପି ପଢିଅଛି ମାତ୍ର ପଢା ସରିନାହିଁ ।

(ବ୍ୟାପ୍ତ୍ୟର୍ଥେ ଦ୍ୱିତୀୟା) ।

ବିବାଦେନ ଅଳମ୍-ବିବାଦ କରନାହିଁ। (ବାରଣାର୍ଥକ ଅଳଂଯୋଗେ ୩ୟା)

ବିବାଦାୟ ଅଳମ୍ - ବିବାଦ କରିବା ପାଇଁ ସମର୍ଥ ।

(ସମର୍ଥାର୍ଥକ ଅଳଂ ଯୋଗେ ଚତୁର୍ଥୀ ) ।

ଧନଂ ଦାତା - ଧନ ଦେବାରେ ଅଭ୍ୟସ୍ତ . (ଦା + ଶୀଳାର୍ଥେ ତୃନ)

ଧନସ୍ୟ ଦାତା - ଧନ ଦେବା ଲୋକ । (ଦା + ତୃଚ୍)

ପ୍ରତି - ଦୀନଂ ପ୍ରତି ଦୟାଂ କୁରୁ । (ପ୍ରତି)

ପ୍ରତି - ପ୍ରଦ୍ୟୁମ୍ନଃ ପିତୁଃ ପ୍ରତି । (ପ୍ରତିନିଧି)

ରାଜା ସର୍ବେଷାଂ ପୂଜିତଃ -ରାଜାଙ୍କୁ ସମସ୍ତେ ପୂଜା କରନ୍ତି ।

(ପୂଜ+ବର୍ତ୍ତମାନେ କ୍ତ)

ରାଜା ସର୍ବୈଃ ପୂଜିତଃ - ରାଜାଙ୍କୁ ସମସ୍ତେ ପୂଜା କରୁଥିଲେ ।

(ପୂଜ୍ + ଅତୀତେ କ୍ତ)

ଦରିଦ୍ରଃ ଗୃହମୁପବସତି - ଗରିବଟି ଘରେ ବାସ କରୁଅଛି ।

ଦରିଦ୍ରଃ ଗୃହେ ଉପବସତି - ଗରିବଟି ଘରେ ଉପବାସରେ ଅଛି ।

ରଜକସ୍ୟ ବସ୍ତ୍ରଂ ଦେହି - ଧୋବାକୁ ଲୁଗା ସଫାପାଇଁ ଦିଅ ।

(ସମ୍ବନ୍ଧସାମାନ୍ୟେ ଷଷ୍ଠୀ)

ରଜକାୟ ବସ୍ତ୍ରଂ ଦେହି - ଧୋବାକୁ ଲୁଗା ପ୍ରଦାନ କର ।

(ସମ୍ପ୍ରଦାନେ ଚତୁର୍ଥୀ)

ସାଧୁଃ ସନ୍ମାର୍ଗମ୍ ଅଭିନିବିଶତେ । (ଭଦ୍ରଲୋକ ଭଲବାଟକୁ ମନ ଦିଏ । (ଅଭିନିବିଶନ୍ତ)

ବାଳକାନାଂ ପାଠେ ଅଭିନିବେଶଃ ଅସ୍ତି । (ବାଳକମାନଙ୍କର ପାଠରେ ଆଗ୍ରହ ଅଛି ।) (କୃଦିତ)

ଗୁରବେ ନମଃ । (ଗୁରୁଙ୍କୁ ନମସ୍କାର) (ନମଃ ସ୍ୱସ୍ତି ......ଯୋଗାଚ)

ବାଳକଃ ଗଣେଶଂ ନମସ୍କରୋତି । (ବାଳକ ଗଣେଶଙ୍କୁ ନମସ୍କାର କରୁଛି)

(ଉପପଦ ବିଭକ୍ତିଃ.....)

## ଅବ୍ୟୟଗତ ପାର୍ଥକ୍ୟ (ଅର୍ଥଗତ)

ଆ - ପର୍ଯ୍ୟନ୍ତ, ଠାରୁ । ଆଃ - ଘୃଣା, ଆନନ୍ଦ ।

ହା - ଦୁଃଖସୂଚକ । ହି - ଯେଣୁ ।

ସ୍ୱୟଂ - ନିଜେ । ସାୟମ୍ - ସନ୍ଧ୍ୟା ।

ଅତଃ - ଏଣୁ । ଉତ - ଅଥବା ।

ନ - ନିଷେଧଅର୍ଥରେ । ନୁ - ପ୍ରଶ୍ନବାଚକ ।

## ସମାସଗତ ପାର୍ଥକ୍ୟ (ଅର୍ଥଗତ)

ମହାଧନମ୍ - ବହୁଧନ (କର୍ମଧାରୟ) ।

ମହଦ୍ଧନମ୍ - ମହଦ୍‌ଲୋକର ଧନ (ଷଷ୍ଠୀତତ୍)

ମହାଧନଃ - ପ୍ରଚୁରଧନ ଥିବାଲୋକ । (ବହୁ)

ସୁନ୍ଦରୀ ବୁଦ୍ଧି - ସୁନ୍ଦରୀର ବୁଦ୍ଧି (ଷଷ୍ଠୀତତ୍)

ସୁନ୍ଦରବୁଦ୍ଧିଃ - ଭଲବୁଦ୍ଧି (କର୍ମଧାରୟ)

ଇନ୍ଦ୍ରସଖା - ଇନ୍ଦ୍ର ବନ୍ଧୁ ଯାହାଙ୍କର ସେ (ବହୁବ୍ରୀହି)

ଇନ୍ଦ୍ରସଖଃ - ଇନ୍ଦ୍ରଙ୍କର ବନ୍ଧୁ (ଷଷ୍ଠୀତତ୍)

ନୀଳାମ୍ବରଃ - ନୀଳଲୁଗା ପିନ୍ଧିଥିବା ଲୋକ (ବହୁବ୍ରୀହି)

ନୀଳାମ୍ବରମ୍ - ନୀଳଲୁଗା (କର୍ମଧାରୟ)

ପ୍ରିୟସଖା - ପ୍ରିୟବନ୍ଧୁ ଯାହାର ସେ (ବହୁବ୍ରୀହି)

ପ୍ରିୟସଖଃ - ପ୍ରିୟବନ୍ଧୁ (କର୍ମଧାରୟ)

ପୂର୍ବରାତ୍ରଃ - ରାତ୍ରିର ପୂର୍ବଭାଗ (ଏକଦେଶୀ ତତ୍ପୁରୁଷ)

ପୂର୍ବରାତ୍ରିଃ - ପୂର୍ବଦିବସର ରାତ୍ରି (କର୍ମଧାରୟ)

ଦ୍ୟହଃ - ଦୁଇଦିନର ସମଷ୍ଟି (ସମାହାର ଦ୍ୱିଗୁ)

ଦ୍ୟହ୍ନଃ - ଦୁଇ ଦିନରେ ଜାତ (ତଦ୍ଧିତାର୍ଥ ଦ୍ୱିଗୁ)

(ଏହିପରି ସପ୍ତାହଃ, ସପ୍ତାହ୍ନଃ, ଦଶାହଃ, ଦଶାହ୍ନଃ, ପଞ୍ଚାହଃ, ପଞ୍ଚାହ୍ନଃ ଇତ୍ୟାଦି ।)

ପଞ୍ଚଗବମ୍ - ପାଞ୍ଚଟି ଗୋରୁର ସମଷ୍ଟି (ସମାହାର ଦ୍ୱିଗୁ)

ପଞ୍ଚଗୁଃ - ପାଞ୍ଚଟି ଗୋରୁ ଯାହାର (ତଦ୍ଧିତାର୍ଥ ଦ୍ୱିଗୁ)

(ସେହିପରି ଦଶଗୁଃ, ଦଶଗବମ୍, ନବଗୁଃ, ନମଗବମ୍, ସପ୍ତଗୁଃ, ସପ୍ତଗବମ୍, ଦ୍ୱିଗୁଃ, ଦ୍ୱିଗବମ୍ ଇତ୍ୟାଦି ।)

ଭଗ୍ନଧନ୍ୱା - ଭଙ୍ଗା ଧନୁ ଯାହାର ସେ (ବହୁବ୍ରୀହି)

ଭଗ୍ନଧନୁଃ - ଭଙ୍ଗାଧନୁ (କର୍ମଧାରୟ)

ଭଗ୍ନଶାଖଃ - ଭଙ୍ଗା ଡାଳ ବିଶିଷ୍ଟ ଗଛ (ବହୁ)

ଭଗ୍ନଶାଖା - ଭଙ୍ଗା ଡାଳ (କର୍ମଧାରୟ)

ସୁଗନ୍ଧିଃ - ସଂଶ୍ଳିଷ୍ଟ ଗନ୍ଧଯୁକ୍ତ (ସୁଗନ୍ଧିଃ ବାୟୁଃ ବହତି)

ସୁଗନ୍ଧଃ - ଅସଂଶ୍ଳିଷ୍ଟ ଗନ୍ଧଯୁକ୍ତ (ସୁଗନ୍ଧଃ ଆପଣିକଃ ଯାତି)

ସୁଜାକ୍ଷଃ - ବଡ଼ ବଡ଼ ଚକ୍ଷୁ ବିଶିଷ୍ଟ ଲୋକ ।

ସ୍ଥୂଳାକ୍ଷିଃ - ବଡ଼ ବଡ଼ ଗଣ୍ଠିଥିବା ଆଖୁ କିମ୍ବା ବାଉଁଶ ।

ଦାସ୍ୟାଃ ପୁତ୍ରଃ - ନିନ୍ଦିତ (ଅଲୁକ୍ ସମାସ) ।

ଦାସ୍ୟାଃ ପୁତ୍ରଃ ଚୌରଃ ପଳାୟତେ ।

ଦାସୀପୁତ୍ରଃ - ଦାସୀର ପୁଅ (ଷଷ୍ଠୀତତ୍‌ପୁରୁଷ) । ଦାସୀପୁତ୍ରଃ କ୍ରୀଡ଼ତି ।

ଦେବାନାଂ ପ୍ରିୟଃ - ମୂର୍ଖ (ଅଲୁକ୍ ସମାସ)

ଦେବପ୍ରିୟଃ - ଭକ୍ତ (ଷଷ୍ଠୀତତ୍‌ପୁରୁଷ)

ଦ୍ୱିଦନ୍ - ଦୁଇଟିଦାନ୍ତ ଉଠୁଥିବା ପିଲା ।

ଦ୍ୱିଦନ୍ତଃ - ହାତୀ ।

ପୂର୍ବାହ୍ଣଃ - ଦିନର ପୂର୍ବଭାଗ   ଅନୁଗୁ - ଗୋରୁ ପଛରେ ।

ପୂର୍ବାହ୍ନଃ - ପୂର୍ବଦିବସ ।   ଉପଗୁ - ଗୋରୁନିକଟରେ ।

ବସୁନ୍ଧରା - ବସବେ ଧରତି ଯା ।

ବସୁନ୍ଧରା - ବସୂନ୍ ଧରତି ଯା ।

ମହାରାଜୀ - ମହାରାଜାଙ୍କର ପତ୍ନୀ ।

ମହାରାଜ୍ଞୀ - ମହତୀ ରାଜ୍ଞୀ ।

## ତଦ୍ଧିତ

ବାଗ୍ମୀ - ସୁବକ୍ତା ।   ପିତୃବତ୍ - ପିତୃତୁଲ୍ୟ ।

ବାଚାଳଃ - କୁତ୍ସିତବକ୍ତା ।   ପିତୃମତ୍ - ପିତୃଯୁକ୍ତ ।

ପ୍ରେୟାନ୍ - ଦୁଇଟି ମଧ୍ୟରେ ଅଧିକ ପ୍ରିୟ । ଅନ୍ୟଦା - ଅନ୍ୟଦିନେ ।

ପ୍ରେଷ୍ଠଃ - ସମସ୍ତଙ୍କ ମଧ୍ୟରେ ଅଧିକ ପ୍ରିୟ । ଅନ୍ୟଥା - ଅନ୍ୟପ୍ରକାର ।

ସର୍ବଦା - ସବୁସମୟରେ । ଉଦନ୍ୱାନ୍ - ସମୁଦ୍ର ।
ସର୍ବଥା - ସବୁ ପ୍ରକାର । ଉଦବାନ୍ - ଜଳବିଶିଷ୍ଟ ।

## କ୍ରିୟା

ବୟତି - ଲୁଗା ବୁଣୁଅଛି । ଅସ୍ତି - ଅଛି ।
ବପତି - ବୀଜବପନ କରୁଛି । ଆସ୍ତେ - ବସିଅଛି ।
